ଉତ୍କଳୀୟ ପ୍ରାଚ୍ୟ ଗ୍ରନ୍ଥମାଳା (ଓଡ଼ିଆ) ୯୮

ଚଉତିଶା ସଞ୍ଚୟନ

(ପ୍ରଥମ ଭାଗ)

ସଂପାଦକ

ଅଧ୍ୟାପକ ଡକ୍ଟର କୁଞ୍ଜବିହାରୀ ଦାଶ, ଏମ୍.ଏ, ପିଏଚ୍.ଡି.

Source: KC Dash, Digitized by PPRACHIN, SOA

ପ୍ରକାଶକ

ପର୍ଯ୍ୟଟନ ଓ ସାଂସ୍କୃତିକ ବ୍ୟାପାର ବିଭାଗ ନିର୍ଦ୍ଦେଶାଳୟ

(ସାଂସ୍କୃତିକ ଶାଖା)

ଭୁବନେଶ୍ୱର-୭

ପ୍ରଥମ ସଂସ୍କରଣ

୧୦୦୦

ମୂଲ୍ୟ———

Source: KC Dash, Digitized by PPRACHIN, SOA

Orissan Oriental Text Series (Oriya) 18

CHAUTISA SANCHAYAN

(FIRST PART)

1976

EDITED BY

Prof. Dr. Kunjabehari Dash, M.A., Ph.D.

Source: KC Dash, Digitized by PPRACHIN, SOA

PUBLISHED BY

DIRECTORATE OF TOURISM & CULTURAL AFFAIRS

(Cultural Wing)

Orissa, Bhubaneswar 6

FIRST EDITION–1000

Source: KC Dash, Digitized by PPRACHIN, SOA

ମୁଖବନ୍ଧ

ଚଉତିଶା ଓଡ଼ିଆ ସାହିତ୍ୟର ମୂଳଭିତ୍ତି; ମଧ୍ୟଯୁଗ ଓ ଆଧୁନିକ ଯୁଗର ଚୌହଦିକୁ ଏହା ଆଚ୍ଛନ୍ନ କରିଅଛି, ଏକ ଦିଗରେ ପଲ୍ଲୀ ସାହିତ୍ୟ, ଅନ୍ୟ ଦିଗରେ ବିଦଗ୍ଧ ସାହିତ୍ୟକୁ ଏହା ଆବୋରି ରହିଅଛି । କାବ୍ୟରେ ହାତ ଦେବା ଆଗରୁ ଓଡ଼ିଆ କବିମାନେ ଚଉତିଶା ଲେଖି ପାଟବ ହାସଲ କରିଥାନ୍ତି; କାବ୍ୟ ପ୍ରତିଷ୍ଠା ଅପେକ୍ଷା କୌଣସି କୌଣସି କବିଙ୍କର ଚୌତିଶା ରଚୟିତା ହିସାବରେ ପ୍ରସିଦ୍ଧି ଅଧିକ ବ୍ୟାପକ । ବଡ଼ ବଡ଼ କାବ୍ୟ ଲୋପ ପାଇଯାଇଛି, କିନ୍ତୁ କ୍ଷୁଦ୍ର ଚଉତିଶା ବିପୁଳ ଗୌରବ ଘେନି ବଞ୍ଚିରହିଛି । ଚୌତିଶାରୁ ହିଁ ଆମେ ବିପୁଳ ଉତ୍କଳୀୟ କବିମଣ୍ଡଳୀର ପରିଚୟ ଲାଭ କରିଥାଉଁ । କିନ୍ତୁ ସେ ସବୁ କବି କେବଳ ଚୌତିଶା ଲେଖି ନ ଥିଲେ, ଏକାଧିକ କାବ୍ୟ ମଧ୍ୟ ରଚନା କରିଥିଲେ, ଯାହା କୀଟଭୁକ୍ତ ହୋଇଅଛି ।

ପ୍ରାୟ ହଜାରେ ବର୍ଷରୁ ଅଧିକ କାଳ ଚୌତିଶା ଲୋକସାହିତ୍ୟ ପରି ମୁଖେ ମୁଖେ ପ୍ରଚଳିତ ଥିଲା, ଗାଁଗହଳିରୁ ଚୌପାଢ଼ି ପର୍ଯ୍ୟନ୍ତ, ମନ୍ଦିରରୁ ରାଜଦରବାର ପର୍ଯ୍ୟନ୍ତ, ସାପୁଆକେଳାଙ୍କ ଡହୁଡୋଲାରୁ ଗଉଡ଼ଙ୍କ ଲଉଡ଼ିଖେଳ, ଦଣ୍ଡନାଟ, ବାଉଁଶରାଣୀ, ରସରକେଳି, ପାଲା, ପାଠୁଆ, ଦାସକାଠିଆ ପର୍ଯ୍ୟନ୍ତ, ରାଣୀହଂସପୁରରୁ ମହନ୍ତଙ୍କ ମଠ, ଗୁରୁଗୋସେଇଁଙ୍କ ଗାଦି, ଯୋଗୀଙ୍କ ଆଶ୍ରମ, ଯାତ୍ରାମେଳଣ, ହାଟବଜାରରେ ପ୍ରଚୁରିତ ନଈବଢ଼ି, ଭୂମିକମ୍ପ, ଝଞ୍ଜା, ଯୁଦ୍ଧଗୀତ ପର୍ଯ୍ୟନ୍ତ, କଲିକତା, କାଳମାଟିର ଝରିଆମାନଙ୍କ ଚଟାଉଗୀତରୁ ଭାଗବତଟୁଙ୍ଗିର ତତ୍ତ୍ୱାର୍ଥଚର୍ଚ୍ଚା ପର୍ଯ୍ୟନ୍ତ, ଜୀବନର ବିପୁଳ ବିଭବରେ ଏହା ଏକ ପ୍ରତିଷ୍ଠିତ ଆସନ ଅଧିକାର କରି ରହିଥିଲା । ଚୌତିଶା ମାଆ ମାରଳାଙ୍କ ଗଳାର ଏକ ଗଜମୋତି ମାଳା ।

କିନ୍ତୁ ଏହି ସାଧନା ଉତ୍କଳର ଏକକ ନୁହେଁ, ଯଦିବା ଭାରତବର୍ଷରେ ସବୁଠାରୁ ଏହିମାଧ୍ୟମର ଚରମତମ ବିକାଶ ଏଠି ହୋଇଅଛି, ଉତ୍କଳୀୟ ପ୍ରତିଭା ଏହାର ଉଦ୍ଭାବକ ନୁହେଁ, ଯଦିବା ବହୁଭାବରେ ଏହାର ବିକାଶକ । ସଂସ୍କୃତ ସାହିତ୍ୟର ବାକ୍‌ଦେବୀଙ୍କୁ ସକଳ ଲିପିମୟୀ, ବର୍ଣ୍ଣମୟୀ ବୋଲି ବର୍ଣ୍ଣନା କରାଯାଇଅଛି । ହିନ୍ଦୀରେ ଚୌତିଶାକୁ ଚୌତିଂଶା ବା କଖହରା କହନ୍ତି । ବଙ୍ଗଳା 'ମଙ୍ଗଳ' କାବ୍ୟରେ ଅକ୍ଷରକ୍ରମରେ ଚୌତିଶା ସ୍ତୁତିଗୀତିକାମାନ ରଚିତ ହୋଇଅଛି ।

"କାନ୍ଦେ କାଲକେତୁ ବୀରେ   କଷ୍ଟ ପାଇୟା କଲେବରେ
କର୍କଶ ବନ୍ଧନ କାରାଗାରେ,
କୃପା କର ରଙ୍ଗା ପଦେ   କଙ୍କନେର ଅପରାଧ
କଲିଙ୍ଗେ କାଟିବୋ ଭାଲି ମୋରେ ।
ଖଲେର ନାହିକ ଭ୍ରମ   କ୍ଷୁଦ୍ରରାପୁ ନରାଧମ
ଖିଞ୍ଚଟିଆ ବନ୍ଧ କୈଲ ମୋରେ,
ଖାଟେ ବସି ମହାରଙ୍ଗେ   ଖଲେର ପାଠିଲ କାନେ
ଖାଗଡ଼ିୟା ବନ୍ଧକୈଲ ମୋରେ" ★

★କାଲକେତୁ ଚଉତିଶା ବୃନ୍ଦାଦାସଙ୍କ ରଚନା; କାଲକେତୁ କଲିଙ୍ଗର କୌଣସି ରାଜା; କବିକଙ୍କଣ ଚଣ୍ଡୀ ଦ୍ରଷ୍ଟବ୍ୟ ।

Source: KC Dash, Digitized by PPRACHIN, SOA

ବିରିଞ୍ଚି କୁମାର ବରୁଆ ତାଙ୍କ ରଚିତ 'History of Assamese Literature'ରେ (ପୃ-୨୧-୨୨) ଲେଖିଛନ୍ତି "କାଶୀରେ କବୀରଙ୍କ ଶିଷ୍ୟମାନଙ୍କ ମୁଖରୁ ଚୌତିଶା ସ୍ତୁତିଗୀତ ଶୁଣି ମୁଁ ମୁଗ୍ଧ ହୋଇଛି । ଚୌତିଶା ବ୍ୟଞ୍ଜନ ଅକ୍ଷର ନିୟମରେ ରଚିତ ଧର୍ମାତ୍ମକ ଗୀତ । ଅସମୀୟା ସାହିତ୍ୟରେ ଏହି ଧରଣର ଗୀତ ଯଥେଷ୍ଟ ସଂଖ୍ୟାରେ ପ୍ରଚଳିତ"।

ସଂସ୍କୃତରେ ରଚିତ ତନ୍ତ୍ରମାନଙ୍କରେ 'ଅ' ଠାରୁ 'କ୍ଷ' ପର୍ଯ୍ୟନ୍ତ ପଚାଶଟି ବର୍ଣ୍ଣକୁ ଅବଲମ୍ବନ କରି ମନ୍ତ୍ରମାନ ରଚିତ ହୋଇଅଛି । ସଙ୍ଗୀତ ଶାସ୍ତ୍ରରେ ଅକ୍ଷରକ୍ରମରେ ରଚିତ ଗୀତକୁ ମାତୃକାବର୍ଣ୍ଣ କହନ୍ତି । ଚୌତିଶାର ଉତ୍ପତ୍ତି ସମ୍ପର୍କରେ ପ୍ରତ୍ନତତ୍ତ୍ୱ ବିଶାରଦ ପଣ୍ଡିତ ବିନାୟକ ମିଶ୍ର କହିଛନ୍ତି—

"ଭାରତୀୟ ଆର୍ଯ୍ୟମାନେ ବର୍ଣ୍ଣର ମାହାତ୍ମ୍ୟ ଉପଲବ୍ଧି କରିଥିଲେ । ସେଥିପାଇଁ ପୂଜା କାର୍ଯ୍ୟରେ ବର୍ଣ୍ଣ ଆରାଧନା କରି ତାହାର ଅବସ୍ଥିତି ଶରୀରର ବିଭିନ୍ନ ଅଂଶରେ ନିର୍ଦ୍ଦେଶ କରାଅଛନ୍ତି; ଓଁ ନମଃ ମୂର୍ଦ୍ଧ୍ନି, ଓଁ ନମଃ ମୁଖବୃତ୍ତେଷୁ, ଓଁ କଂ ନମଃ, ଖଂ ନମଃ, ଗଂ ନମଃ, ଘଂ ନମଃ, ବାହୁମୂଳ ଚତୁର୍ସନ୍ଧ୍ୟଗ୍ରେକେଷୁ", ଏହିପରି ଅକ୍ଷର ମାହାତ୍ମ୍ୟ ଉପଲବ୍ଧି କରାଯିବାରୁ କ୍ଲୀଂ ହ୍ଲୀଂ ଶ୍ଲୀଂ ପ୍ରଭୃତି ମନ୍ତ୍ର ସ୍ତୋତ୍ରମାନ ରଚିତ ହୋଇଥିଲା । ଏହାର ଅନୁକରଣରେ ଓଡ଼ିଆ ଚଉତିଶା ରଚିତ ହୋଇଥିବାର ଅନୁମାନ ।"

'କ' ଠାରୁ 'କ୍ଷ' କିମ୍ବା 'କ୍ଷ' ଠାରୁ 'କ' ଏହି ଚଉତିରିଶ ଅକ୍ଷରକୁ ଅବଲମ୍ବନ କରି ଓଡ଼ିଆ ଚଉତିଶା ରଚିତ । ପଦର ପ୍ରତ୍ୟେକ ପାଦ ଗୋଟିଏ ଗୋଟିଏ ଅକ୍ଷର ନିୟମରେ ରଚିତ । ଙ, ଞ, ଳ, ଣ, ପ୍ରଭୃତି ଅକ୍ଷର ମୂଳରେ ଥାଇ କୌଣସି ପଦ ଓଡ଼ିଆରେ ନାହିଁ । ତେଣୁ ସେଗୁଡ଼ିକ ବାଦ୍ ଦିଆଯାଏ ଓ ତତ୍ପରିବର୍ତ୍ତରେ କୌଣସି ଅକ୍ଷର (ବିଶେଷତଃ 'ଙ' 'ଞ' ଓ 'ନ' ପରିବର୍ତ୍ତେ ପ୍ରାୟ ସମସ୍ତେ ନେଇଛନ୍ତି ନ ଏବଂ 'ଳ' ପରିବର୍ତ୍ତରେ 'ଲ' ପ୍ରଯୁକ୍ତ ହୋଇଥାଏ । କିନ୍ତୁ ଅଭିମନ୍ୟୁ ସାମନ୍ତସିଂହାର ଅକ୍ଷର ନିୟମରେ ସଂସ୍କୃତ ରଚନା ଉପରେ ଦୃଷ୍ଟି ରଖି 'ଅ' ରୁ 'କ୍ଷ' ପର୍ଯ୍ୟନ୍ତ ପଚାଶ ଅକ୍ଷରରେ ବିଦଗ୍ଧ ଚିନ୍ତାମଣିର ପ୍ରଥମ ଛାନ୍ଦ ରଚନା କରିଛନ୍ତି । ଏହି ଚୌତିଶାରେ ହିଁ ଅକ୍ଷର ନିୟମ ଘଟିତ ରଚନାର ଆଦ୍ୟ ଓଁକାର—ଏହାର ଚରମ ବିକାଶ ଦେଖିବାକୁ ମିଳେ ଗୋଟିଏ ଅକ୍ଷର ନିୟମରେ ରଚିତ ମହାକାବ୍ୟ ବୈଦେହୀଶ ବିଳାସ, ରସକଲ୍ଲୋଳ, କଳାକଉତୁକ କିମ୍ବା ପଣ୍ଡିତ ଭୁବନେଶ୍ୱରଙ୍କ ରଚିତ ଆଧୁନିକ 'ପ୍ରତିଜ୍ଞା' କାବ୍ୟରେ । କବିସୂର୍ଯ୍ୟ ବଳଦେବ ରଥ ଗୋଟିଏ ଗୋଟିଏ ଅକ୍ଷର ନିୟମରେ ଗୋଟିଏ ଗୋଟିଏ ଗୀତ ରଚନା କରିଛନ୍ତି; ଏହି ପ୍ରକାରେ ଚଉତିରିଶଟି ଗୀତ ରଚନା କରି 'କିଶୋର ଚନ୍ଦ୍ରାନନ୍ଦଚମ୍ପୂ' ନାମରେ ଅଭିହିତ କରିଛନ୍ତି । ମଧ୍ୟଯୁଗର କବିମାନେ ସରଳ ଭାବ ପ୍ରକାଶ ଭଙ୍ଗୀ ଉପରେ ଅଧିକ ପ୍ରାଧାନ୍ୟ ନ ଦେଇ ଅକ୍ଷର ନିୟମ, ଅବନା ଓ ଅଳଙ୍କରଣ ଉପରେ ଅଧିକ ଜୋର ଦେବାରୁ ଭାଷା ଅତ୍ୟନ୍ତ କ୍ଲିଷ୍ଟ ଓ ଦୁର୍ବୋଧ ହୋଇ ପଡ଼ିଲା । ସାହିତ୍ୟର ଗତି ମନ୍ଦ ଓ ମନ୍ଥର ହୋଇଗଲା ।

ଓଡ଼ିଆ ସାହିତ୍ୟର ଆଦ୍ୟଯୁଗକୁ ଚଉତିଶା ଯୁଗ କୁହାଯାଇପାରେ । ବୌଦ୍ଧ ଦୋହା ଓ ଗାନ ଯୁଗରୁ ଅର୍ଥାତ୍ ନବମ ଦଶମ ଶତାବ୍ଦୀରୁ ପଞ୍ଚଦଶ ଶତାବ୍ଦୀ ବା ସାରଳାଯୁଗ ପର୍ଯ୍ୟନ୍ତ ବହୁ ଚଉତିଶା ରଚିତ ହୋଇଥିବ । ଅକ୍ଷର ଶୃଙ୍ଖଳା ଓ ସଂଯମ ମଧ୍ୟରେ ନିବଦ୍ଧ ଏହି ଖଣ୍ଡକାବ୍ୟ ରଚନାରେ ପାରଦର୍ଶିତା ଲାଭ କଲା ପରେ କବିମାନେ ବୃହତ୍ତର ବା ମହତ୍ତର ଚେଷ୍ଟା କରିଥିବେ ।

Source: KC Dash, Digitized by PPRACHIN, SOA

'କଳସା' ଚଉତିଶା ବା 'କେଶବ କୋଇଲି' ପ୍ରାଥମିକ ଓଡ଼ିଆ ରଚନାରୂପେ ଗୃହୀତ । କଳସା ଯୁବତୀ ସହିତ ବୃଦ୍ଧବିବାହ ଅସଙ୍ଗତିର ଇଙ୍ଗିତ ଦିଏ, ଏହା ବ୍ୟଙ୍ଗ ଓ ହାସ୍ୟରସରେ ଭରପୂର, ତତ୍କାଳୀନ ସମାଜର ଏକ ନିଖୁଣ ମୁକୁର ଓ ସେହି ଭାବରେ ଉପାଦେୟ ।

'କେଶବ କୋଇଲି'ର କୋଇଲି ଚଉତିଶାବାହକ ଦୂତ ନୁହେଁ; ସେ ବାତ୍ସଲ୍ୟଭରା ଯଶୋଦାଙ୍କ ହୃଦୟର ଏକ ମୂକ ସାକ୍ଷୀ । କୋଇଲିର ବର୍ଣ୍ଣ ଓ କଣ୍ଠସ୍ୱର ସହିତ କୃଷ୍ଣଙ୍କ ବର୍ଣ୍ଣ ଓ କଣ୍ଠସ୍ୱରର ଏକାନ୍ତ ସାମ୍ୟ ଅଛି । ସ୍ନେହବତ୍ସଳା ଯଶୋଦାଙ୍କ ଅନ୍ତର କୃଷ୍ଣ ବିଚ୍ଛେଦଜନିତ ଶୋକୋଚ୍ଛ୍ୱାସରେ ଏକାନ୍ତ ଆନ୍ଦୋଳିତ ହୋଇଅଛି । କେଶବ କୋଇଲି ବା ଯଶୋଦାଙ୍କ କୋଇଲି ସେହି ଆବେଗମୟ ଗଭୀର ଛନ୍ଦୋବଦ୍ଧ ରୂପ । କୋଇଲି ରଚୟିତା ମାର୍କଣ୍ଡ ଦାସ ଭାରତୀ ବୀଣା ତନ୍ତ୍ରରେ ଏଇ ଅଭିନବ ଛନ୍ଦର ରାଗିଣୀଟିଏ ବସାଇ ଦେଇ ନିଜକୁ ଅମର କରିଯାଇଛନ୍ତି । ଏହା ଏପରି ସରଳ, କୋମଳ ଓ କାରୁଣ୍ୟଭରା ଯେ ଶ୍ରବଣମାତ୍ରେ ଓଡ଼ିଆ-ମାଆମାନେ ଅଶ୍ରୁପାତ କରିଥାନ୍ତି । ଷୋଡ଼ଶ ଶତାବ୍ଦୀରେ ରଚିତ ଜଗନ୍ନାଥ ଦାସଙ୍କ 'ଅର୍ଥ କୋଇଲି' ଏହାର ଏକ ଦାର୍ଶନିକ ବ୍ୟାଖ୍ୟା, ସୁଧୀଜନଙ୍କ ଚିତ୍ତ ଏହା ପ୍ରତି ଆକୃଷ୍ଟ ହୋଇଅଛି ।

ବଳରାମ ଦାସଙ୍କ 'କାନ୍ତ କୋଇଲି' ଗୋଟିଏ ଚଉତିଶା । ଏଥିରେ କବି କେଶବକୋଇଲିର ଛନ୍ଦ ବ୍ୟବହାର କରିଛନ୍ତି । ରାମଚନ୍ଦ୍ର କପଟରୂପୀ ମାରିଚକୁ ମାରିବାକୁ ଯିବା, ମାୟାବୀ ଅସୁରର 'ଲକ୍ଷ୍ମଣ ଲକ୍ଷ୍ମଣ' ଡାକ ଶୁଣି ସୀତା ଆଶଙ୍କାରେ ଅଧୀର ହୋଇ ଲକ୍ଷ୍ମଣଙ୍କୁ ପ୍ରେରଣ କରିବା, ଛଦ୍ମବେଶୀ ରାବଣ ସୀତାଙ୍କୁ ହରଣ କରିନେବା, ଏହି ଚଉତିଶାର ପ୍ରତିପାଦ୍ୟ ବିଷୟ । ବିଷାଦ ଜର୍ଜରିତା ସୀତାଙ୍କ ମୁଖରେ ଏହି କୋଇଲିଟିକୁ କୁହାଇ କବି କବିତାଟିକୁ କରୁଣ ରସରେ ମୂର୍ଚ୍ଛିତ କରିଛନ୍ତି; ଦାରୁଣ ଦୁର୍ବିପାକରେ ସୀତାଙ୍କ ହୃଦୟକୁ ଆଶା ଓ ଆଶ୍ୱାସନାରେ ଭରିଦେଇ ଅଗଣିତ ଦୁଃଖଦଗ୍ଧ ନରନାରୀଙ୍କ ଅନ୍ତରରେ ଅମୃତ ସେଚନ କରିଛନ୍ତି; ଅନେକ ନାରୀ ନିଜ ନିଜ ହୃଦୟର ପ୍ରତିଛବି ଏହି କବିତାରେ ଦେଖି ଏହା କଣ୍ଠସ୍ଥ କରିଥାନ୍ତି—

"କୋଇଲି, ବାରତା ପାଇଲେ ପ୍ରାଣନାଥ,
ବାରିନିଧି ବାନ୍ଧିଣ ଆସିବେ ବେନିଭ୍ରାତ, ଲୋ କୋଇଲି ।
କୋଇଲି, ଶତ୍ରୁ ରାବଣକୁ ବିନାଶିବେ,
ଶାଢ଼ୀ ବାନ୍ଧି ବିଭୀଷଣ ରାଜା କରାଇବେ, ଲୋ କୋଇଲି ।
କୋଇଲି, ହେବେ ମୋତେ ଯେବେ ଅଭିଷେକ,
ହରଷେ ଖଟିବେ ତାଙ୍କୁ ପାଞ୍ଚ ମନ୍ତ୍ରୀଲୋକ, ଲୋ କୋଇଲି ।"

ଲୋକନାଥ ଦାସଙ୍କ 'ଜ୍ଞାନୋଦୟ କୋଇଲି' ମଧ୍ୟ ଏକ ଚଉତିଶା । କାୟସାଧନା ସମ୍ବନ୍ଧୀୟ ଉଚ୍ଚ ଦାର୍ଶନିକ ଭାବ କିପରି ଓଡ଼ିଆ ଭାଷାରେ ସରଳ ଭାବରେ ବ୍ୟକ୍ତ କରାଯାଇ ପାରୁଥିଲା, ତାହା ଲକ୍ଷ୍ୟଣୀୟ—

"କୋଇଲି, କାଳିନ୍ଦୀ ଶିଖରେ ଯାଇ, କମଳ ଫୁଟି ଅଛଇ ।
କମଳ ମଧ୍ୟେ ତ୍ରିବେଣୀ, କରୁଅଛି ହଂସଶୂନ୍ୟ ଭ୍ରମଣି ଲୋ ।
କେ କହୁଁ ହଂସ ମହିମା ମୁଖେ,
କ୍ରୀଡ଼ା କରେ ହଂସ ଅମନ ସୁଖେ ଲୋ ।"

Source: KC Dash, Digitized by PPRACHIN, SOA

କୋଇଲିର ସ୍ୱତନ୍ତ୍ର ସଂକଳନ ହେଉଥିବା ଦୃଷ୍ଟିରୁ ଏହା ସଞ୍ଚୟନର ଅନ୍ତର୍ଭୁକ୍ତ ହୋଇନାହିଁ । ୧୯୩୧ ରେ ଓ ପରେ ଶ୍ରୀ ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ସଂକଳିତ 'ଚଉତିଶା ମଧୁଚକ୍ର'ର ଗୁଡ଼ିଏ ଭାଗ ଏହାର ଅଙ୍ଗୀଭୂତ ହୋଇଅଛି । ତଥାପି ସଞ୍ଚୟନର ଦ୍ୱିତୀୟ ଭାଗ ଲାଗି ଅବକାଶ ରହିଅଛି । ଲିଖନକାରଙ୍କ ଅନବଧାନତା ଯୋଗୁଁ ଚଉତିଶାରେ ବହୁ ଭ୍ରମ ଭ୍ରାନ୍ତି ଘଟିଅଛି; ଏକାଧିକ ପୋଥିର ଦୁଷ୍ପ୍ରାପ୍ୟତା ହେତୁରୁ ସେ ସବୁ ସଂଶୋଧନ କରିବା ସମ୍ଭବ ହୋଇନାହିଁ । ପୋଥିର ଜୀର୍ଣ୍ଣତା ଯୋଗୁଁ ବହୁ ପଦ ପଢ଼ିହୋଇ ନାହିଁ, ବାଦ୍ ଦେବାକୁ ପଡ଼ିଅଛି । "ଘରପୋଡ଼ିରୁ କୁଟାଖିଏ ମିଳିଲେ ଲାଭ" ନ୍ୟାୟରେ ସେ ସବୁ ଜୀର୍ଣ୍ଣୋଦ୍ଧାର କରିବାକୁ ହୋଇଅଛି, ଭବିଷ୍ୟତରେ ସେ ସବୁର ଶୁଦ୍ଧ ସଂସ୍କରଣ ହେବ, ଏଇ ବିଶ୍ୱାସରେ ।

ସଂକଳିତ ଚଉତିଶାମାନ ନିମ୍ନ କେତୋଟି ଭାଗରେ ବିଭକ୍ତ କରା ହୋଇଛି । (କ) ବୈରାଗ୍ୟ ଓ ଭକ୍ତିମୂଳକ ଚଉତିଶା, (ଖ) ତତ୍ତ୍ୱାତ୍ମକ ଚଉତିଶା, (ଗ) କଥା ଚଉତିଶା, (ଘ) ଚଟାଳ ଚଉତିଶା, (ଙ) ଖେଦାତ୍ମକ ଚଉତିଶା, (ଚ) ଅଳଙ୍କାର ଚଉତିଶା, (ଛ ଶୃଙ୍ଗାର ରସାତ୍ମକ ଚଉତିଶା, (ଜ) ବିବିଧ ।

(କ) ବୈରାଗ୍ୟ ଓ ଭକ୍ତିମୂଳକ ଚଉତିଶା—

ଉତ୍କଳର ଗୃହେ ଗୃହେ ପ୍ରିୟ, ମୁଖେ ମୁଖେ ଏ ସବୁ ଗୀତ ହୁଏ, ଯେପରି ଦାର୍ଶନିକ ଭାବାପନ୍ନ, ସେହିପରି ଭକ୍ତିରସାତ୍ମକ ଓ ଶିକ୍ଷାପ୍ରଦ । କାଳ ମଳିନ କରି ପାରିନାହିଁ, ପାରିବ ନାହିଁ । ସେ ସବୁ ଯେପରି ସାର୍ବଜନୀନ, ସେହିପରି ଶାଶ୍ୱତ । ମୋଟରେ ଷୋଳଟି ଚଉତିଶା ଏହି ଭାଗର ଅନ୍ତର୍ଭୁକ୍ତ କରାଯାଇଅଛି । 'ମନବୋଧ ଚଉତିଶା' ସମଗ୍ର ଉତ୍କଳକୁ ବୈରାଗ୍ୟ ଭାବାପନ୍ନ କରି ରଖିଅଛି, ସାଂସାରିକ ନଶ୍ୱରତା, ଧନ ଓ ଯୌବନର ଚଞ୍ଚଳତା, ମୃତ୍ୟୁର ଅବଶ୍ୟମ୍ଭାବିତା ମଧ୍ୟରେ ଏହା ପ୍ରକୃତ ମୁକ୍ତିବୋଧର ଏକ ଧାରଣା ମର୍ମେ ମର୍ମେ ଜନ୍ମାଇଥାଏ —

"ଗଲେଣି ତୋ ସଙ୍ଗରୁ ଯେତେକ ଜନ,
ଗଣ୍ଠିରେ ବାନ୍ଧିନେଲେ କେ କେତେ ଧନ?
ଭେଳା ବୁଡ଼ିବ ହେଲା କଲେ କହୁଛି,
ଭଙ୍ଗା ନାବରେ କେବା ସିନ୍ଧୁ ତରିଛି" ?

ଗୀତିକବିତାହିସାବରେ ସମଗ୍ର ଉତ୍କଳସାହିତ୍ୟରେ "ଆର୍ତ୍ତତ୍ରାଣ ଚଉତିଶା"ର ସ୍ଥାନ ଉଚ୍ଚ; ଦୀନକୃଷ୍ଣ ଭକ୍ତପ୍ରାଣ, ତାଙ୍କ ଭାବାବେଶ ସ୍ୱତଃସ୍ଫୂର୍ତ୍ତ, ଭାଷା ସାବଲୀଳ । ଏହାର ପ୍ରତ୍ୟେକ ଅକ୍ଷର ଯେପରି କି ଅଶ୍ରୁଧାରରେ ଆପ୍ଳୁତ, ସ୍ନେହ ଓ କାରୁଣ୍ୟର ସାଗର ସତେ ଯେପରି ଉଚ୍ଛୁଳି ପଡ଼ୁଛି :—

"ଜଗନ୍ନାଥ ନାମ ବହିବ
ଜନ ଆରତ ନ ଶୁଣିବ ।
ଜଗତପତି ହୋଇ ଅମିତ କଳ୍ପଠାଇଁ
ଆଜ କେ କା ଆଗେ କହିବ ?"
"ଡରିଲ କି ମୋହର ବିପଦ ଦେଖି ଘୋର ?"
"ବିନାଶିବାରୁ ଗାଢ ସଙ୍କଟମାନ ଦାଢ଼
ଚକ୍ର କି ବନ୍ଦକୁ ଭଜିଲା ?"

Source: KC Dash, Digitized by PPRACHIN, SOA

"ଜାଇଁବା ସମ ନାହିଁ ଦୁଃଖ
ଯାହା ସାମନ୍ତ ଗୃହବର୍ଗର ଅଧିକାରୀ
ତାର ସେବକର ଏ ଦୁଃଖ ?"

ଉଦ୍ଧବ ଚଉତିଶାରେ ଉଦ୍ଧବ ଗୋପୀମାନଙ୍କୁ ବ୍ରହ୍ମଜ୍ଞାନ ବୁଝାଇଛନ୍ତି; କିନ୍ତୁ ସେମାନେ ପ୍ରେମଭକ୍ତିପରାୟଣା, ଉଦ୍ଧବଙ୍କ ଗୂଢ ଯୋଗତତ୍ତ୍ୱ ବୁଝି ନପାରି କହିଛନ୍ତି—

"ଘନଶ୍ୟାମ କୃଷ୍ଣରସ
ଘୋଟି ମନ ଘଟରେ ରହିଛି ଯୋଗକୁ
ନାହିଁ ନାହିଁ ଠାବ ଲେଶ ।"
"ଜଳେ ବାସ କରି ମୀନେ ମଣ୍ଡୁକେ ଯେ
ଥାଆନ୍ତି ଆନନ୍ଦ ହୋଇ
ଜୀବନ ବିନୁ ମୀନ ପ୍ରାଣ ତେଜଇ
ମଣ୍ଡୁକ ଆନେ ଜୀଅଇ ।"

ବୈରାଗ୍ୟ ଭାବାପନ୍ନ ଦନେଇ ଦାସ ସେହିପରି "ସାନକନଡ଼ା ଚଉତିଶା"ରେ ସଂସାର ମୋହ ମାୟାରେ ନିମଗ୍ନ ହୋଇ ଭକ୍ତିଭାବ ଅବଲମ୍ବନ କରି ନଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି—

"କାହିଁକି ଜନମ ହୋଇଲି ଗୋସାଇଁ
କିଛି କାର୍ଯ୍ୟ ତ ନୋହିଲା ।
କଷ୍ଟ ନିରନ୍ତରେ ଏକା ହୋଇଲା ।"
"ଖୋଜିଥାଇ କେଣେ ଧନ ଅରଜିବି
କ୍ଷୁଦ୍ର ପାପରେ ନାଶ ଗଲି ।"
ପତଙ୍ଗ ଯେସନେ ଅଜ୍ଞାନ ହୀନବସ୍ତୁ
ପଡ଼ୁଛି ଜଳନ୍ତା ଅନଳେ ।
ପଡ଼ୁଛି ଡେଇଁ ଦେଖୁଅଛି ଡୋଳେ
ପିଅଇ ନାହିଁ ପାଖେ ଅଛି ପିୟୂଷ
ପଙ୍କ ପାଣିକି ମନ ବଳେ ।"
"ଫୁଟିଛି ଶିମୁଳି ସୁରଙ୍ଗ ଦିଶୁଛି
ଯାଇ ଆଶା କରି ରହିଲି ।
ଫଳ ଖାଇବି ହୃଦରେ ଧଇଲି
ଫୁଟି ଉଡ଼ିଗଲେ ସେ ଯେସନେ ନିଷ୍ଫଳ
ସେହିମତ ପ୍ରାୟେ ହୋଇଲି ।"

ଭକ୍ତ, ବୈରାଗୀ ଓ ତତ୍ତ୍ୱଦର୍ଶୀଭାବରେ ଭକ୍ତଚରଣ ଦୀନକୃଷ୍ଣଙ୍କ ସମକକ୍ଷ କବି । ତାହାପରି ମନବୋଧ ଚଉତିଶା, ସେହିପରି ତାଙ୍କର "କଳାକଳେବର କହ୍ନାଇ" ଏକାନ୍ତ ଲୋକପ୍ରିୟ ।

"ଦୁଃଖୀ ଲୋକଙ୍କର ସଖାଳି ସେତ ଦରିଦ୍ର ଧନ ।
"ନାକଫୋଡ଼ା ଅପତିଆଣୀ ସେ ଯେ ଯଶୋଦା ସୁତ ।
ନ କଲି ଦଇବ ନରେନ୍ଦ୍ର ଘରେ ଏପୁଅ ଜାତ ।"

Source: KC Dash, Digitized by PPRACHIN, SOA

"ସ୍ଫୁରୁଛି ମୋ ବାମ ନୟନ ମୋତେ ଗୃହ୍ଣିବେ ପର ।"

ଭବାକର ଦାସଙ୍କ "ଗଣେଶ ସ୍ତୁତି"—କଗ୍ଧ ମସ୍ତକେ କପୋଳେ ଶୋଭେ ଶଶୀ, ସେକାଳେ ଚାଟଶାଳୀମାନଙ୍କରେ ହରତାଳକାରେ ବୋଲା ହେଉଥିଲା । 'କମଳ ଲୋଚନ ଚଉତିଶା' ମଧ୍ୟ ଚାଟଶାଳୀରେ ଆଦ୍ୟପାଠ୍ୟଭାବେ ଚାଟମାନେ ପଢୁଥିଲେ । ସେକାଳେ ଛାତ୍ରମାନଙ୍କ ଉପଯୋଗୀ ସ୍ୱତନ୍ତ୍ର ଭାବରେ ଲିଖିତ ପାଠ୍ୟ ବହି ନ ଥିଲା ।

"ହରି ବୋଇଲେ ହରେ ଦୁଃଖ । ହରି ମହିମା ମହା ସୁଖ ॥
ପରମାନନ୍ଦ ପଦ୍ମନାଭ । ପୂରି ରହିଛି ସର୍ବଜୀବ ॥
ଅନନ୍ତ ନାମେ ଅନ୍ତ ନାହିଁ । ଅଣ ଅକ୍ଷରେ ଯାଉ ଦେଖି ॥"

ପ୍ରଭୃତି ପଦମାନ ମୁଖେ ମୁଖେ ପ୍ରଚଳିତ ଥିଲା ।

(ଖ) ତତ୍ତ୍ୱାତ୍ମକ ଚଉତିଶା—

ମାତ୍ର ଛ' ଗୋଟି ଚଉତିଶା ଏହି ବିଭାଗର ଅନ୍ତର୍ଭୁକ୍ତ ହୋଇଅଛି । ନାମରୁ ଏହି ଜାତୀୟ ରଚନାର ଗୁରୁତ୍ୱ ଉପଲବ୍ଧି କରି ହୁଏ । ପିଣ୍ଡ ହିଁ ଗୋଟିଏ ବ୍ରହ୍ମାଣ୍ଡ । ମୂଳାଧାର ଚକ୍ରରୁ ସହସ୍ରାର କମଳ ପର୍ଯ୍ୟନ୍ତ ସେହି ବ୍ରହ୍ମାଣ୍ଡ ବ୍ୟାପ୍ତ, ଛତିଶା ପାଟଣା, ତ୍ରିବେଣୀ, ତ୍ରିକୂଟ, ଗୋଲହାଟ, ବଙ୍କନାଳ, ଅବନା, କାଉଁରି ମଣ୍ଡଳ, ଧ୍ରୁବମଣ୍ଡଳ, ନିର୍ବିକଳ୍ପ, ମଣିବେଦୀ, ଓଲଟ କଦମ୍ବ, କମଠ ଦୁର୍ଗ, ଉଜାଣି କମଳ, ଅନାହତ ଧ୍ୱନି, ଦୋମୁହାଁ ସର୍ପ, ଊର୍ଦ୍ଧ୍ୱଧୂମ୍ର ଜ୍ୟୋତିଜ୍ୱାଳା, ସଂଜ୍ଞାବମାପୁର, କାଳିନ୍ଦୀ ଉଜାଣି ବହିବା, ଫୁଲୁଣି ବନ୍ଧ, ଗୋଲକ, ବିଷମ ଫାଟ, ଓଲଟ ପଦ୍ମ, ଗହ୍ୱାସ ନୃତ୍ୟସ୍ଥଳୀ, ସହସ୍ରଦଳ କମଳ ପ୍ରଭୃତି ସେହି ବ୍ରହ୍ମାଣ୍ଡର ପ୍ରତୀକାତ୍ମକ ଶବ୍ଦ । ପିଣ୍ଡ ମଧ୍ୟରେ ସେହି ବ୍ରହ୍ମାଣ୍ଡର ଆବିଷ୍କାର, ମୂଳାଧାର ଚକ୍ରରୁ ଶିଖୁମୁନା ନାଡ଼ୀବାଟେ କୁଣ୍ଡଳିନୀକୁ ଯୋଗ ବଳରେ ନେଇ ଯାଇ ସହସ୍ରାର କମଳରେ ବ୍ରହ୍ମାଣ୍ଡ ଗୋସାଇଁଙ୍କ ପଦତଳେ ପହଞ୍ଚାଇବା କାୟସାଧକର କାର୍ଯ୍ୟ । ଦୃଷ୍ଟି ଚଉତିଶା, ନନ୍ଦାବାଣ ଚଉତିଶା, ଯୋଗୀନ୍ଦ୍ର ଗୀତିକା ପ୍ରଭୃତି ସେହି ତତ୍ତ୍ୱର ପ୍ରକାଶକ ।

'ପ୍ରେମ ପଞ୍ଚାମୃତ'ର କବି ଭୂପତି ପଣ୍ଡିତଙ୍କ 'ଦୃଷ୍ଟାନ୍ତର ଚଉତିଶା', ନାମ ଜଣା ନଥିବା କୌଣସି କବିଙ୍କର 'କୃଷ୍ଣ ନାମାମୃତ ଚଉତିଶା' ସଂସାରର ଅସ୍ଥିରତା ଦର୍ଶାଇ ନାନା ତତ୍ତ୍ୱ ଉପଦେଶ ଦେଇଅଛି । ତଳେ କେତେକ ଉପାଦେୟ ପଦ ଉଦ୍ଧୃତ ହେଲା—

"ଖଳ ହିଁ ଭଲେ ଭଲ ଲୋକ କହନ୍ତି
କ୍ଷିତିପତି ଆଶ ରହିଁ,
ଖାର ସମୁଦ୍ର ସଙ୍ଗମେ ଗଙ୍ଗା ଯେସନେ
ଲବଣ ଭାବକୁ ପାଇ ॥"
"ଘୃଣାକ୍ଷର ପ୍ରାୟେ ଦୋଷ ଯେବେ ହେଲା
ହେବ ଥିବ ନ କି ଥାଇ,
ଘଷି ଘଷି ହେମ ହେଲେ ହେଁ ତାକୁ
କମାରଶାଳେ ନ ଦାହି ॥"

Source: KC Dash, Digitized by PPRACHIN, SOA

"ଗାଳି ହିଁ ଦେଇ କଥାଏ ନ କହିଲୁ
ଗୋବିନ୍ଦ ଏହା ତୋ ଦୋଷେ,
ଗର୍ଜନ ବଜ୍ରପାତ ସୁଖ ଚାତକେ
ଯେବେ ତୋଷିଏ ବରଷେ ॥"
"ଜଳ ମୀନ ପ୍ରାୟେ ଏକାଗ୍ର ପୀରତି
ଯାହା ଦେଖୁଛୁ ସ୍ୱରୂପ,
ଜୀବନ ତ୍ୟାଗ ମୀନ ଜଳ ଅନ୍ତରେ
ଜଳର କି ଭ୍ରୂକ୍ଷେପ ॥"

"ନାଶି ନଖ ନାଗ ନରେନ୍ଦ୍ରକୁ ନିରନ୍ତରେ ଥିବ ଦୟା,
ନିମିଷ ଅନ୍ତରେ ଉପ୍ରୋଧ ଛାଡ଼ି ଏ ନିଷ୍ଠୁରେ କରନ୍ତି ଡଙ୍କା ।"
"ଜଳଜ ପଙ୍କ ଛାଡ଼ିଲେ ପ୍ରଫୁଲ୍ଲିତ ନୁହେ ପଦ୍ମବନ୍ଧୁ ଦେଖି,
ଜୀବନଦାତା ଜୀବନଗ୍ରାହୀ ହେଲେ ଜଗତେ କେ ପାରେ ରଖି ?"
ଜୂତକାର ଯେହ୍ନେ ପରଧନ ଲୋଭେ ଯତନେ ହାରଇ ମୂଳ,
ଯୁବତୀ ଷୋଳ ସହସ୍ର ମଧ୍ୟେ କୃଷ୍ଣ ତୋବନୁ ଅତି ଆକୁଳ ॥
ଜାହ୍ନବୀ ଆଦି ନାନାଦି ତୀର୍ଥଜଳ ନିକଟେ ଥାଉଁ ଚାତକ,
ଜଳଦ ଜଳ ଟୋପିକ ଆଶ୍ରେ କରି ଅମ୍ବରତରେ ତୃଷିତ ।"

—ଭୂପତି—

"ଖେଳଘର ପୋଏ ଯେସନ
ଖେଳ ଘର ଭାଙ୍ଗି ଯାନ୍ତି ଦେହ ତେସନ ।
ଘଟଗଲେ ଲଟ ସରଇ,
ଘର, ଦାସ, ସୁତ, ମିତ, କସ କରଇ ?"

(ଗ) କଥା ଚଉତିଶା—

ଏ ସବୁ ସଂକ୍ଷିପ୍ତ କଥାକାବ୍ୟ ବା ଗାଥାଗୀତିକା, କିନ୍ତୁ ଗାଥାର ବୈଚିତ୍ର୍ୟ ନାହିଁ, ଗୋଟିଏ କଥାର କ୍ରମ ମଧ୍ୟ ଅଧିକାଂଶରେ ସଂରକ୍ଷିତ ହୋଇପାରିନାହିଁ । ଏହା ହୁଏତ ଅନେକ କଥା ବା କାହାଣୀ ଗାଥାର ସମାହାର । କେଉଁ କଥାଟିର ପୁଙ୍ଖାନୁପୁଙ୍ଖ ସ୍ୱରୂପ ଫୁଟେନାହିଁ । ଭଗବାନ ଦାସଙ୍କ 'କୁନ୍ଦଫୁଲ ଚଉତିଶା'ରେ କୃଷ୍ଣଙ୍କ ଦଧିଦୁଗ୍ଧ ଚୋରି, ତୃଣ ଶକଟାଦି ନିଧନ, ଅନ୍ଧକୁ ଚକ୍ଷୁଦାନ, ଜରାସନ୍ଧ ଭୟରେ ସମୁଦ୍ରରେ ଦୁର୍ଗନିର୍ମାଣ, ନୀଳାଚଳରେ ଜଗନ୍ନାଥ ରୂପେ ସଂସ୍ଥିତି ଆଦି ବର୍ଣ୍ଣିତ । ବିଶି ବା ବିଶ୍ୱନାଥ ଖୁଣ୍ଟିଆଙ୍କ 'ରାମ ବୋଧ ଚଉତିଶା'ରେ ସୀତାଙ୍କ ବିଚ୍ଛେଦରେ ରାମଙ୍କ ଶୋକୋଚ୍ଛ୍ୱାସ, ସୁଗ୍ରୀବ ସହ ମିତ୍ରତା, ବାଳୀବଧ, ରାବଣ ବିନାଶ ପର୍ଯ୍ୟନ୍ତ ଘଟଣା ବର୍ଣ୍ଣନ ମଧ୍ୟରେ ଅପୂର୍ବ ଗାର୍ହସ୍ଥ୍ୟ ଭାବ କବିତ୍ୱରେ ପ୍ରକାଶ ପାଇଅଛି—

Source: KC Dash, Digitized by PPRACHIN, SOA

ପୁଚ୍ଛେ ରାମ ବୃକ୍ଷ ପଶୁଙ୍କୁ ଚୁମ୍ବି,
ପର୍ବତ ଲତାମାନ ଦଣ୍ଡକା ଭୂଇଁରେ ।
ପଚ୍ଛୁରୁଛନ୍ତି ପ୍ରିୟତମା ବାରତା,
ପଥରେ ଦେଖିଛକି କେ ନେଲା ସୀତାରେ ।
ମନ ଜାଣିଣ ମୋତେ ଖଟିଣ ଥାଉ,
ମୃଗ ମାଏଁସ ଫଳ ମୂଳ ଭୁଞ୍ଜାଉ ରେ ।
ମୁହିଁକ ପ୍ରିୟା ଆଜ ପାଇବ ତୋତେ,
ମଣୋହି ଆଜ କେ କରାଇବ ମୋତେ ରେ ।

‘ରଘୁବୀର ଚଉତିଶା’ରେ ବଷ୍ଟୁ ଦାସ ଓ ‘ମାଲ୍ୟବନ୍ତ ଚଉତିଶା’ରେ ନାରାୟଣଙ୍କ କବିତ୍ୱ ମଧ୍ୟ ଉଚ୍ଚକୋଟୀର ।

“‘ଛ’ ଋତୁ ଶ୍ରେଷ୍ଠ ବରଷା ବ୍ୟାଘ୍ରଦନ୍ତ
ବରଷୁଛି ଏହା ଆହାର ।”
“ଧନକର ମୋର ବଦନ ଚୁମ୍ବିବା
ଡରେଟି ଅଦୃଶ୍ୟ ହୋଇଲେ ।
ଦୟାଳୁ ସୁକେଶୀ ମୁଖମିନ୍ଦଶଶୀ
ଏ ଘେନ ସେ ଦେଖା ନଦେଲେ ॥

ଦୁଃଖ ଉପରେ ଏ କଥାମାନ ଦୁଃଖକର,
ଦେଖ ପର୍ବତେ ଜଳ ଅଧିକ କରେ
ଉଦୟ ହୋଇ ଜଳଧର ॥”

“ନୃପସୁତା ନୃପ ବଧୂ ହୋଇ ନାନା
ଦୁଃଖକୁ ଆସ୍ପଦ ହୋଇଲା ।
ନୟନ ନୀରର ନିବାସ ହୋଇଲା
ବନଦ୍ରୁ ନିଶାମାନ ନେଲା ।
ନଦୀ କୂଳରେ,
ପର୍ଣ୍ଣଶାଳ ଶିଳା ତଳରେ ।
ନାନା ନାଗଙ୍କ ଗର୍ଜନମାନ ଶୁଣି
ପାଶ ନ ଚେତଇ ଭୟରେ ।”
“ଜାଣୁ ଜାଣୁ ଏ ଧନୁକୁ ପିନାକ ବସ୍ତୁର
ଯତ୍ନକର ବୋଲି ବନ୍ଧନ ଭାଞ୍ଜିବା
ଆଣିବା ଜନକ କୁମାରୀ ॥”

— ବଷ୍ଟୁ ଦାସ —

Source: KC Dash, Digitized by PPRACHIN, SOA

"ଝିଙ୍କ ପକ୍ଷୀ ଝାଡ଼ି— ହେଲା ପ୍ରାପ୍ତ ଝର
ଝର ଆରମ୍ଭିଲା ବରଷା
ଝର ଫିଟାଇ ବିଷମ ସମ କରି
ସମ ବିଷମ ହେଲା ରସା ।
ଝସକେତନ
ଝିଝିରି ପରି ଝିଲ୍ଲୀ ରବ ।
ଝାଙ୍କି ଝାଙ୍କି ଝଞ୍ଜା ପବନ ମିଶାଇ
ଭାଙ୍ଗିଲା ବିରହୀ ଗରବ ।।"

—ନାରାୟଣ—

'ସାନ୍ଦିପନି' ଗୁରୁଙ୍କ ଗୃହରେ ଶ୍ରୀକୃଷ୍ଣଙ୍କ ପାଠପଢ଼ାରେ ଗୂଢ଼ଶାଳୀ ପଟାନ୍ତରର ଏକ ଚମତ୍କାର ପରିଚୟ ଦିଆଯାଇଥିଲା, ବିଦ୍ୟାର ମହତ୍ତ୍ୱ କୀର୍ତ୍ତନ କରାଯାଇଥିଲା—ସମସ୍ତଙ୍କର ଦୁଇ ଦୁଇଟି ଆଖି, ବିଦ୍ୟାବନ୍ତର ତିନୋଟି ଆଖି । ସେ ସ୍ୱଦେଶରେ ଓ ବିଦେଶରେ ପୂଜିତ ହୁଏ । ବିଷୟବସ୍ତୁ ଦିଗରୁ ଏହାର ଅଭିନବତ୍ୱ ଲକ୍ଷ୍ୟଣୀୟ । ପୌରାଣିକ ଭାବରେ ଲିଖିତ ହୋଇଥିଲେ ହେଁ ଏଥିରେ ସମାଜର ଚିତ୍ର ସୁନ୍ଦରଭାବେ ଚିତ୍ରିତ ହୋଇଥିଲା ।

(ଘ) ଚଟାଉ ଚଉତିଶା—

ସନ୍ଦେଶ ଦେବା, ଦୂତ ବା ଦୂତୀ ପଠାଇବା ଚଉତିଶା ସାହିତ୍ୟର ଏକ ମୁଖ୍ୟ ବିଭାବ । 'ମେଘଦୂତ' କାବ୍ୟ ଏ ଜାତୀୟ ରଚନାର ଏକ ମୂଳ ଉତ୍ସ । ମେଘଦୂତ କାବ୍ୟ ଅନୁକରଣରେ ସଂସ୍କୃତରେ 'ହଂସଦୂତ' ପରି ଓଡ଼ିଆରେ କୋକିଳ ଚଉତିଶା, କଳକଣ୍ଠ ଚଉତିଶା, ନୀଳକଣ୍ଠ ଚଉତିଶା, ଜଳଧର ଚଉତିଶା, ଜଳଦ ଚଉତିଶା, ପବନଦୂତ ଚଉତିଶା, ମଧୁପ ଚଉତିଶା, ପିକବର ଚଉତିଶା, ମେଘଦୂତ ଚଉତିଶା, ମରୁତ ଚଉତିଶା, ହଂସଦୂତ ଚଉତିଶା, ଘନମାଳା ଚଉତିଶା, ନବଘନ ଚଉତିଶା ଓ ଉଦ୍ଧବ ଚଉତିଶା, ଗୋପୀ ସନ୍ଦେଶ ଚଉତିଶା ପ୍ରଭୃତି ଦୂତ ଚଉତିଶାମାନ ରଚିତ ହୋଇଅଛି । ଚଟାଉ ବା ଦୂତ ଚଉତିଶା ଚଉତିଶା-ସାହିତ୍ୟରେ ଏକ ମୁଖ୍ୟସ୍ଥାନ ଅଧିକାର କରିଅଛି । ହନୁମାନ ଚଉତିଶାକୁ ବାଦ୍‌ଦେଲେ ପ୍ରାୟ ସମସ୍ତ ଚଟାଉ ଚଉତିଶା ଶୃଙ୍ଗାର ରସାତ୍ମକ; ଚଟାଉ ମୁଖ୍ୟ ବିଭାବ ହୋଇଥିବାରୁ ଏହାକୁ ଏକ ସ୍ୱତନ୍ତ୍ର ଶ୍ରେଣୀ କରାଯାଇଅଛି । ଧନଞ୍ଜୟ ଭଞ୍ଜ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ, ପୁରୁଷୋତ୍ତମ ଦାସ, ବିଷ୍ଣୁ ଦାସ ପ୍ରଭୃତି ବହୁ କବି ଚଟାଉ ରଚନାରେ ଅପୂର୍ବ କୃତିତ୍ୱର ପରିଚୟ ଦେଇଅଛନ୍ତି । ତଳେ କେତୋଟି ପଦ ଉଦ୍ଧୃତ ହେଲା—

"କନକ ଶମ୍ଭୁ କୁଚେ ଚଞ୍ଚୁ ଥାଉ ।
ଖଞ୍ଜନନେତ୍ରୀ ଶ୍ରୀମୁଖୁ ଚଟାଉ ।।"

Source: KC Dash, Digitized by PPRACHIN, SOA

“ଲାବଣ୍ୟବତୀ ଚନ୍ଦ୍ର, ମୁଁ ଚକୋର ।
ତାଲେ ମୁଁ ଚାତକ, ତୁ ଜଳଧର ।
ଅଙ୍ଗନା ମୁଁ ହଂସ, ତୁ ମାନସର ।
ତଥା ତୁ ମାଳତୀ, ମୁଁ ମଧୁକର ।
ଥରେ ଶୁଣୁ ଘେନ,
ଦରହାସୀ ମୁଁ ପିଣ୍ଡ, ତୁ ଜୀବନ ।”

—ଉପେନ୍ଦ୍ର ଭଞ୍ଜ—

“ଖାଣ୍ଡରେ ଯେ ଥାଇ ମାଳତୀ ॥
କିମନ୍ତେ କି ଭୃଙ୍ଗ ତାର ନ ଛୁଟେ କତି ।”
“ଅବନୀରେ ଯେତେକ ସୁଖ,
ଅଣୁ ପ୍ରାୟେ ନ ମଣଇ ଦେଖି ତୋ ମୁଖ ॥”
“ମତ୍ତରାଜହଂସୀ ମନ କମଳ ମୃଣାଳ ବିନୁ
ଆନରେ ରସଇ ନାହିଁ ମୃଗଲୋଚନା ।”

— ବିଷ୍ଣୁ ଦାସ—

“ନିକଟେ ଥିଲେ ଦୁଇମନ ଏକ ନୋହିଲେ
ଦୂରେ ଥିବାରୁ ସେ ବଳଇ ।
ନଥିଲେ ପାଶେ ଚିତ୍ତ ମିଶିଥିଲେ ସେନେହେ
ସବୁ ପ୍ରକାରେ ବଶୁଥାଇ ।
ହେ ନୀଳକଣ୍ଠ, ନଥିବ କେତେ ପ୍ରୀତି ତ୍ରୁଟି
ନ ଯାଇଥିବ ପ୍ରାଣ ଛୁଟି ।
ନାନା ଉପାୟେ କରି କେବେ ଜନ କାଳରେ
ଅବଶ୍ୟ ହୁଏ ଭେଟାଭେଟି ।
ମହତ ବୋଲି ସିନା ତା ପାଦ କମଳକୁ
ମୂଳ କରି ମୁଁ ଧରିଅଛି ।
ମହା ଭରସା ହୋଇ ସେ ପ୍ରଭୁ ଆଉଁ
କାମ ଆକୁଳ ସାଗରେ ବୁଡ଼ିଛି ।
ହେ ନୀଳକଣ୍ଠ, ମହିମା ମେରୁ ଆଶ୍ରା ପାଇ
ମୋ ଦଶା ଲେଉଟିଲା ନାହିଁ ।
ମହୀରେ ମୋତେ ରଖିବାକୁ ତା ବିନୁ ଅଛି
ଏତେ ଭଲ ତ ଦିଶୁ ନାହିଁ ॥”

—ହରିଶରଣ ଭଞ୍ଜ—

Source: KC Dash, Digitized by PPRACHIN, SOA

"ଜୀବର ଧନକୁ କହିବ ମୋହର
ସର୍ବେ ଥିଲେ ମୁଁ ତାହାର ।
ଯେସନେ ଆକାଶେ ମେଘୁ ଗରଜଇ
ଶୁଣି ଆନନ୍ଦ ମୟୂର
ଯେହ୍ନ ଯାହାର ଅଟଇ ଜାଣ
ଯେତେ ଦୂରେ ଥିଲେ ସେ ତା ପ୍ରାଣ ।"

"ଭବମାନ ତାର ସୁମର ସୁମର
ନ ରୁଚଇ ଅନ୍ନପାଣି ।
ଭରପ୍ରାୟେ ଦେହ ଗରୁ ହୋଇଲାଣି
କେ ଦେବ ତାହାକୁ ଆଣି ?"

—ମୁକୁନ୍ଦଦେବ—

"ଆପଣା ବାଳକ ନେଇ
କା କୋଳେ ଦେଲୁ ବଡାଇ
ପର ପ୍ରାଣେ ତୋର ଦୟା ନାହିଁରେ ।"

"ପରଭାଗ୍ୟେ ଯେ ବ୍ରତଇ
ତାହାର ଯେ ଥଏ ନାହିଁ
ପରମାନନ୍ଦ କଲେ ଯଦୁକୁଳରେ ।"

"ଫୁଲରେ ଥିଲେ ବାସନା
ଆଦର କରଇ ସିନା
ଫୁଲ ଫୁଟିଗଲେ କି ଆଦର ।

ଫୁଟି ପାଚ ଗଲା ସଡି
ପକ୍ଷୀ ବୃକ୍ଷୁଁ ଗଲା ଉଡି
ସେହ୍ନ ମତ କଲେ ବେଣୁଧର ।"

—ଗୋବର୍ଦ୍ଧନ—

'ମରୁତ ଉଳଥିବ ଅଂସେ କବସ୍ତ
ଭାଳେ ସେ ରସକୂପ ରୂପ ଦେଖିବୁ
ହେବୁ ସଫଳ ନେତ୍ରଧାସ୍ତ ।'

—ଧନଞ୍ଜୟ ଭଞ୍ଜ—

Source: KC Dash, Digitized by PPRACHIN, SOA

"କହଇ ମେଘ ଆରେ ଯୋଡ଼ଣ କର
କାନ୍ତ ସନ୍ଦେଶ କହ ପ୍ରିୟା ଗ୍ରାମୁଁ ର
କହିବୁ ତୋର ବନ୍ଧୁ ରଖନ୍ତା ନାହିଁ
କେବଳ ପିଣ୍ଡ ଏଠି ପ୍ରାଣ ସେଠାଇଁ ରେ ।"
"ବନସ୍ତେ ଯେନପାଅ ଦକ୍ଷିଣ ଦେଶ
ବିଳମ୍ବ କଲେ ଖାଇ ମରିବ ବିଷ ।"

—ଗୁଣସାଗର—

"ପକ୍ଷୀ ତ ଜନ୍ତୁ ସିନା   ପଥରେ ଯାଉଥିବୁ
ପ୍ରମାଦ ପଡ଼ିବଟି ତୋତେ ।
ପାଣି ଆଧାର ଫାଶ   ଯେବଣ ବ୍ୟାଧମାନେ
ଜାଗିଣ ଥିବେଟି ଗୁପତେ
ହେ ହଂସଦୂତ !
ପାନ୍ଥିକ ବିଶ୍ୱାସ ନଯାଇ ।
ପ୍ରେମାନନ୍ଦଙ୍କଠାରୁ   ଆମ୍ଭେମାନେ ଜାଣିଲୁ
ପରତେ ନମିବ କାହାକୁ ଇ ।"

—ଯଦୁ ଦାସ—

"ଛଇଳ ପୀରତି   ଭ୍ରମରଙ୍କ ରୀତି
ଉଭ ପଦ୍ମ ଲକ୍ଷ୍ୟ ଦେଇ
ଯଉବନ ଜନ୍ତୁ   ଅନ୍ତର ହୋଇଲେ
କେ କାହାକୁ ପଚ୍ଚରଇ ?"
"ତଇଳ ବିନ୍ଦୁ   ପାଣିରେ ପଡ଼ି ଯେହ୍ନେ
ବେଗେ ବିସ୍ତାର ଭଜଇ ।
ତାହାଙ୍କ ପଣ୍ଡିତ   ପ୍ରୀତି ସେହିମନ୍ତ
ପରକୁ ଶୁଝିଲ୍ଲ ନଣ୍ଡ ।"
"ଶୂନ୍ୟ ଦ୍ରବ୍ୟ ସେ ସବୁଠାରେ ସମାନ
ବନ ଫୁଲେ ବାସ ପ୍ରାପ୍ତେ ।
ସେହି ରୂପେ ଖୋଜ ଯେ ଯେନ ପାରଇ
ତାହାର ସିନା ସେ ହୋଏ ॥
ସାରୀ ଶୁକପକ୍ଷୀ କାହାର ନୁହନ୍ତି
ଯେ ଯେନ ପାଳେ ତାହାର ।
ଶ୍ୟାମ ସୁନ୍ଦର ଚରିତ ସେହିମନ୍ତ
ହୃଦରେ ଭାବନା କର ॥

Source: KC Dash, Digitized by PPRACHIN, SOA

ହଟ୍ଟକର ହଟ୍ଟ ହାଟକ ପ୍ରାପ୍ତେ ସେ
ହାଟରେ ଥେଲେ ନ ଥାଇ
ହୃଦେ ଭାବୁଥାଅ ଜଗତ ବନ୍ଧୁ ସେ
ଭାବଲେ ତାହାଙ୍କୁ ପାଇ ।”

—ଧ୍ୟାନକୃଷ୍ଣ—

“ଗଲା ମର୍କତ କଣ୍ଠିମାଳୀ ଆମ୍ଭର
ଗଣ୍ଠିଆ ହାତରେ ରହିଲା,
ଗୁଆଁରକୁ ଗୁଣବନ୍ତ ଆଗ୍ରେ କଲା
ପ୍ରାପ୍ତେ ସବୁ ସୁଖ ବୁଡ଼ିଲା ।

ଆହେ ଉଦ୍ଧବ,
ଗୁହାରି କରିବୁ କାହାକୁ,
ଗାଈ ବାରଣ ବାଡ଼ ଶସ୍ୟ ଭକ୍ଷିଲେ
ଆଉ କେ ରଖିବ ତାହାକୁ ।”

“ଘାତ କରଇ ଯେ ଯାହା ସୁଖ
ତାହା ସୁଖ ନାଶ ଯାଇ ସର୍ବଥା ।”

“ଛୁଇଲ ଭ୍ରମର ପୀରତି
ଛୁଇ ପରାପ୍ତେ କ୍ଷଣକୁ କ୍ଷଣ ଆନ
ଜୁଅ କଉଡ଼ି ପ୍ରାପ୍ତେ ମତ ।”

“ତାରିବା ଲୋକ ମାରିବାକୁ ବସିଲେ
ତହିଁକ ଅଛୁ କା ଉପାୟେ
ତଥାପି ତର୍କି ପାରିଲେ ତରି ପାରି
ଆମ୍ଭେତ ବଳ ପଶୁ ପ୍ରାପ୍ତେ ।”

“ନଅଇ ମଧୁ ପୁଷ୍ପକର,
ନିଷ୍ଫଳ ଭାଗ୍ୟ ବଶରୁ ଭୃଙ୍ଗ ଦେଖ
ନାମ ବୋଲାଇ ମଧୁକର ।”

“ପଦ୍ମରବଟି ବାରେ ଯାଇ
ପରମ ଅମୃତ କୁଣ୍ଡେ ବୁଡ଼ି ମଲେ
ରତ୍ନ କି ଲଭୁଥାଇ ପୁଣ ?”

Source: KC Dash, Digitized by PPRACHIN, SOA

"ବଡ଼ ଲୋକଙ୍କୁ ବୋଧ କରି ନୁହଇ
ବିବେକ ନ ଥିଲେ ପ୍ରମାଣ,
ସକୁ ସ୍ତ୍ରୀ ସୁନ୍ଦର ପ୍ରଭୁପଣ ଥିଲେ
ଜଗତେ ଯେତେ ଅସୁନ୍ଦର ।"

—ଦୀନକୃଷ୍ଣ—

(ଙ) ଖେଦାତ୍ମକ ଚଉତିଶା—

ଖେଦ, କ୍ଷୋଭ ବା ଦୁଃଖ, ପ୍ରଣୟସ୍ମୃତି, ବିରହଦଶା ବର୍ଣ୍ଣନ ଏ ଜାତୀୟ ଚଉତିଶାର ବୈଶିଷ୍ଟ୍ୟ; ପ୍ରେମାତ୍ମକ ହେଲେହେଁ ଅଶ୍ଳୀଳ ବର୍ଣ୍ଣନା ନାହିଁ, ପ୍ରୀତିର ଶୁଦ୍ଧ ସୁନ୍ଦର ସ୍ୱରୂପ ପ୍ରକାଶ ପାଇଅଛି । କୋଡ଼ିଏଟି ଚଉତିଶା ଏହି ବିଭାଗର ଅନ୍ତର୍ଭୁକ୍ତ ହୋଇଅଛି । ତଳ ଉଦ୍ଧୃତିମାନଙ୍କରେ ଏହି ପ୍ରେମର ସରସ ମାଧୁର୍ଯ୍ୟ, ବିଶ୍ୱଜନୀନ ଭାବ ଓ ସତ୍ୟ ପ୍ରକଟିତ ହୋଇଅଛି ।

"ଗୋପଥ ପାଡ଼ିଲି କି ଅବା ବ୍ରାହ୍ମଣମାନଙ୍କୁ ହୁଡ଼ିଲି ।
ଗୁରୁଗରବରେ କିବା ଗୁରୁଜନ ବଚନ ଏଡ଼ିଲି ।

× × ×

ବନ୍ଧ ହେଲେ ବନ୍ଧୁ ସମସ୍ତ ପ୍ରକାରେ ବିପତ୍ତି ପଡ଼ଇ ।
ବୁଦ୍ଧିମନ୍ତ ସ୍ତ୍ରୀ ବିବେକ ଥାଉଁ ଥାଉଁ ବିଗୁର ହୁଡ଼ଇ ।

ବୋଲି ନଘେନ ଯେତେବେଳେ ବାହାର ହେଲି ବିଦେଶକୁ
ବୋଲୁଥିଲି ବନ୍ଧୁ ନ ଯାଅ ନ ଯାଅ ବଇରି ବଶକୁ ।"

—ନାରାୟଣ—

"ଗଲା ମହୁମାଛି ପ୍ରାୟେ,
ଗିରି ଗହନ ବନଲତା ଖୋଜିଣ ନ ଭେଟି ମୋହନରାୟେ
ଚନ୍ଦ୍ରେ କଳଙ୍କ ପରାୟେ ଲଗିଅଛି ଜାଗ୍ରତ ନିଦ୍ରାସ୍ୱପନେ
ଚେତିଲି ସମ୍ପଦ ଭୋଗକୁ ନ ଆସେ ଚିନ୍ତ ଫଳପୁଷ୍ପ ଯେହ୍ନେ
କ୍ଷଣେ ହେଲେ ଦେଖାଦେଲି,
ସ୍ଥିର ପ୍ରାୟେ କରି ବ୍ରହ୍ମା ରୁଦ୍ର ଇନ୍ଦ୍ର ପଦ ସମ୍ପଦକୁ ଲେଖି ॥"

"ଯୋଗ ସାଧ ବୋଲି ବୋଲ ହେ ଉଦ୍ଧବ
ଯଦୁନାଥ ଆଜ୍ଞା ଦେଲେ ।
ଜାଣିଲୁ କୁବୁଜା ଯୋଗେଶ୍ୱରୀ ତାଙ୍କୁ
ଯୋଗମାର୍ଗ ଶିଖାଇଲେ ।"

Source: KC Dash, Digitized by PPRACHIN, SOA

"ପିତା ପୁରେ କନ୍ୟାଗଣ,
ପତି ସୁରତି ନ ପାଇଥିବା ଯାକେ
ପିତୁଳି ଧୂଳିରେ ମନ ।"

—ଭୂପତି—

"ଝାଡ଼େ ଫୁଟି ମାଳତୀ ଲଭିଲା ଯେତେ ଗତି
ଝାଡ଼ବାସୀ ଗୋପୀ ଆମ୍ଭ କର୍ମ ସେହିମତି ।"

—କୃଷ୍ଣ—

"ଭଜିଲି ବୋଇତ ପ୍ରାୟେ ମୋ ଭରସା
ବେଳୁ ବେଳ ଗଲା ଖସି ।

—ପୀତାମ୍ବର ଭଞ୍ଜ—

"ଲୋଡ଼ିଲେ କି ସୁଖ ପାଇ ଦୁଃଖ କି ହୁଏ ଏଡ଼ାଇ
ଲିହିଅଛି ବିଧାତା ଯେମନ୍ତ ।
"ସର୍ବେ ନୃପତି ଅବିବେକ
ଜାଣିଲୁ ସେ ନଗର ଲୋକ,
ଜୀବନ, ଧନ ଦୁଇ ଥିଲେହେଁ ସୁଖ ନାହିଁ
ମହା ଉପ୍ଲବରେ ଦକ ଦକ ॥"

"ମହା ଆହାର ଲୋଭେ ମତ୍ତ ହସ୍ତୀମାନେ
ମତ୍ତ ଖୋପରେ ପଡ଼ନ୍ତି,
ମହା ତୃଷା ଆରତେ ମୃଗମାନେ ହିଁ
ମୃଗତୃଷ୍ଣାରେ ଜୀବନ ଛାଡ଼ନ୍ତି ।
ମହା ପଣ୍ଡିତ ଗୁଣ ଥିଲେ,
ମାୟାରେ ଭ୍ରମ ହୋଇ ଭଲେ,
ମହା ଆଶାରେ ମହା ଦୁଃଖ ଭୋଗ କରନ୍ତି
ମହାମୂର୍ଖ କୃପଣ ବୋଲେ ॥"

"ସମସ୍ତ ହୋଇ ଜଡ଼ ଥିଲେ
ସବୁ ସହଇ ଜୀବ ଗଲେ
ସଂଶୟମନା ନୋହି ଆନନ୍ଦେ ଥିବ ରହି
ଅଧିକ କି ହେବ କହିଲେ ?"

ଦୀନକୃଷ୍ଣ

Source: KC Dash, Digitized by PPRACHIN, SOA

"ଯାଉ ନାହିଁ ଜୀବନ ରହୁଛି କାହିଁ ପାଇଁ
ଯାତନାବନ୍ତ ଜନକୁ ଯମା ନ ନିଅଇ ।"

—ଘନକୃଷ୍ଣ—

"ନିକଷରେ ଆଗେ ଘଷି ହୋଇ
ନିଆଁରେ ଝାସେ ସୁବର୍ଣ୍ଣ ଗୋଇ,
ନର ହାଥେ ପଡ଼ି ଦର୍ପଣ ହୋଇ ତ
ନିଜକୁ ତର୍ପଣ କଲା ନାହିଁ ।
ଉକାଇତ ପ୍ରାୟେ କର ସ୍ଥିତ
ହୋଲେ ଦେଖୁ ଦେଖୁ ନ ଚହ୍ଲାନ୍ତ
ଡାକୁଥାନ୍ତି ମୋର ହୋଲାପ୍ରତିମାକୁ
ଖଞ୍ଜନ ହରିଣ ମୀନ ନେତ୍ରୀ ।

—ଧନକୃଷ୍ଣ—

(ଚ) ଅଲଙ୍କାର ଚଉତିଶା—

ନ' ଗୋଟି ଚଉତିଶା ଏ ବିଭାଗର ଅନ୍ତର୍ଭୁକ୍ତ । ସେ ସବୁ ଶବ୍ଦାଳଙ୍କାରପ୍ରଧାନ । ଆଦ୍ୟ ପ୍ରାନ୍ତ ସମାନ ବର୍ଣ୍ଣନା ଚଉତିଶାରେ ପାଦର ମୂଳ ଅକ୍ଷର 'କ' ହେଲେ ସେ ପାଦର ଶେଷ ଅକ୍ଷର 'କ' ହୋଇଅଛି । ସମସ୍ତ ଚଉତିଶାରେ ଆଦ୍ୟ ପ୍ରାନ୍ତ ଅକ୍ଷର ସମାନ ରଖାଯାଇଛି । କିନ୍ତୁ ଆମୂଳଚୂଳ ଚଉତିଶା ଅକ୍ଷର ନିୟମ ସଂରକ୍ଷିତ ହୋଇପାରି ନାହିଁ । ଗୋଟିଏ ପଦ ଅକ୍ଷରନିୟମରେ ରଚିତ, କିନ୍ତୁ ପରବର୍ତ୍ତୀ ପଦରେ ପରବର୍ତ୍ତୀ ଅକ୍ଷର ଅବଲମ୍ବିତ ହୋଇନାହିଁ । ଆଦ୍ୟପ୍ରାନ୍ତ ଅକ୍ଷର ସମାନ ରଖାଯାଇଛି । ଏହି ସ୍ଥିତରେ ସମସ୍ତ ଚଉତିଶା ରଚିତ ।

କୋକିଳ ଚଉତିଶା ଏକ ଦ୍ରୁତ ଚଉତିଶା, କିନ୍ତୁ ଅତ୍ୟଧିକ ଅଳଙ୍କାର ପ୍ରୟୋଗ ଯୋଗୁଁ ଏହାକୁ ଅଳଙ୍କାର ଶ୍ରେଣୀର ଅନ୍ତର୍ଭୁକ୍ତ କରା ହୋଇଛି । ଏଥିରେ ଶିବ, ସୁମନା, ପୁଷ୍କର, ଗଜଶ୍ୱ, କାଞ୍ଚନ, କୁମୁଦ, କାଳିକା, ପତଙ୍ଗ, ପଦ୍ମମ, ସାରଙ୍ଗ, ଗହନ, ମାଳିକା, ମଲ୍ଲିକା, ଅମୃତ, କୋରକ, ପାବକ, ସୁପର୍ଣ୍ଣ, ବୋହିତ, ରମଣୀ, ସୁରଭି, ନାଗର, ନଳମା, ଚନ୍ଦ୍ରମା, ପୁନ୍ନାଗ, ପ୍ରିୟକ ଶବ୍ଦମାନଙ୍କର ଯମକ ବ୍ୟବହାର ହୋଇଅଛି ।

'କମଳାକାନ୍ତ ଚଉତିଶା'ରେ 'ଚନ୍ଦ୍ରମୁଖ ମଳିନ ହୋଇଛି' କହିବା ଲାଗି "କମଳାକାନ୍ତ ବାହନ ଭକ୍ଷ୍ୟଧାରୀ ନାରୀ ଯାନ ତା ସୁତ ତା ରିପୁ ପୂର୍ଣ୍ଣ ମୁଖ ମଳିନ"—ବୁଲେଇ ବୁଲେଇ ଏ ଦୀର୍ଘ ପାଦ ରଚନା କରାଯାଇଛି । ଆଳଙ୍କାରିକ ପ୍ରଣାଳୀର ଏହା ଏକ ଦୋଷ, ଶବ୍ଦ ସମ୍ଭାରର ବିପୁଳ ଆଡ଼ମ୍ବର, ଅର୍ଥ

Source: KC Dash, Digitized by PPRACHIN, SOA

ଲଘୁ, ରସ ନାସ୍ତି । ସେହିପରି ହାଣିଦାନ୍ତ ପଲଙ୍କରେ ଅର୍ଥ ଆଣିବା ପାଇଁ 'ଗଙ୍ଗାଧର ନାଗଯାନ କ୍ଷିପ୍ରଦନ୍ତ ପଲଙ୍କରେ' କୁହାଯାଇଅଛି । 'ଶୃଙ୍ଖଳାବଦ୍ଧ ଚଉତିଶା' ଶୃଙ୍ଖଳା ବନ୍ଧରେ ଆବଦ୍ଧ ।

"ଝଲଛି ତୋ ରୂପ ନୟନରେ ମୋର
ତେଣୁ ମୁଁ ହେଉଛି ଝାମ ।
ଝାମ ଗୃହିବ ତୋ ବିନୁ ଆନ ଥିଲେ
ହେଲା କାଳରୁ ଜନମ ।"

'ଯମକଚଉତିଶା'ରେ ସର୍ବଯମକ ବହୁଳ ଭାବେ ବ୍ୟବହୃତ ହୋଇଅଛି—

"ବନ୍ଧୁ ଏ ତୋର ପୟୋଧର ଶଙ୍କର ଅନନ୍ତ ଭରଣ ରୂପେ ।
ବନ୍ଧୁ ଏ ତୋର ପୟୋଧର ଶଙ୍କର ଅନନ୍ତାଭରଣ ରୂପେ ॥
ଅତନୁ ଉଡୁପ ସଦୟେ ମଧୁପ ବଗେ ଦୃଷ୍ଟି ସୁଖକର ।
ଅତନୁ ଉଡୁପ ସଦୟେ ମଧୁପ ବଗେ ଦୃଷ୍ଟି ସୁଖକର ॥
ପ୍ରଣୟୀ ନକରେ ରୁଚିର ସଦୟ ଘନ ଘନ ରସମୟ ।
ପ୍ରଣୟିନୀ କରେ ରୁଚିର ସଦୟ ଘନ ଘନ ରସମୟ ॥"

—ନାରାୟଣ ମଙ୍ଗରାଜ—

(ଛ) ଶୃଙ୍ଗାର ରସାତ୍ମକ ଚଉତିଶା—

"ଶୃଙ୍ଗାରୀ ଚେତ୍‌କବିଃ କାବ୍ୟେ ଜାତଂ ରସମୟଂ ଜଗତ୍" ମଧ୍ୟଯୁଗୀୟ ରସିକତା ଶୃଙ୍ଗାର ରସରେ ଅଧିକ ବ୍ୟକ୍ତ । ଓଡ଼ିଆ ଶୁଷ୍କ ରୁକ୍ଷ ନୁହେଁ, ଅନୁଭବୀ, ରସିକ; ତାର ପ୍ରମାଣ ଛାନ୍ଦ, ଚଉପଦୀ, ବାରମାସୀ, ଚଉତିଶା ସର୍ବାଦି । ଶୃଙ୍ଗାର ରସାତ୍ମକ ଚଉତିଶା ସଂଖ୍ୟାରେ ଅଧିକ ।

"ମଧ୍ୟଯୁଗୀୟ ପ୍ରେମ କାମୋନ୍ମତ୍ତ, ଅଶ୍ଳୀଳ"—ଏହି ଅଭିଯୋଗ କେତେଦୂର ଅସତ୍ୟ, ତାହା ଚଉତିଶାରେ ପ୍ରମାଣିତ ହୋଇଅଛି । ଏହି ଜାତୀୟ ରଚନା କାମମୂଳକ ହେଲେହେଁ ଅଶ୍ଳୀଳ ବା ଗାରିଷ୍ଠ ହୋଇନାହିଁ, କବିର ଅପରୂପ ସୌନ୍ଦର୍ଯ୍ୟବୋଧ, ରସିକତା ଓ ସୂକ୍ଷ୍ମଦୃଷ୍ଟିର ପରିଚୟ ଦେଇଅଛି । ଚିରନ୍ତନ ଓ ସାର୍ବଜନୀନ ପ୍ରେମପ୍ରୀତିର ଚିତ୍ର ଦୁର୍ଲଭ ନୁହେଁ । ଓଡ଼ିଆ ଭାସ୍କର୍ଯ୍ୟ କଳାରେ ଯେପରି, ସ୍ୱକୀୟ ଓ ଅନୁପମ କାବ୍ୟରେ ବିଶେଷତଃ ପ୍ରେମରସାତ୍ମକ କବିତାରେ ସେହିପରି ଅପୂର୍ବ ଓ ଅନବଦ୍ୟ । ସଂସାରରେ ଜୀବନ-ଯାତ୍ରାର ମହନୀୟ ଆନନ୍ଦ ଏଥିରେ ପରିସ୍ଫୁଟ । ପ୍ରେମରେହିଁ ସୁଖ, ପ୍ରୀତିରେହିଁ ସବୁ ଆନନ୍ଦ, ପ୍ରେମପ୍ରୀତି ବିନା ଜୀବନ ନିଷ୍ଫଳ, ଇହଲୋକ, ଦେହ ଓ ଦେହୀ ଭଗବାନଙ୍କ ସର୍ବୋତ୍କୃଷ୍ଟ ଦାନ; ଭୋଗ ପାପ ନୁହେଁ, ପ୍ରିୟା ସହିତ ଦୈହିକ ଓ ଆତ୍ମିକ ନିବିଡ଼ତା ସାଂସାରିକ ସୁଖର ମୂଳ ଉତ୍ସ । ତା ବିନା ଧନସମ୍ପଦ ବୃଥା, ଗୃହ ଅରଣ୍ୟ, ସଂସାର କ୍ଲେଦମୟ, କର୍ଦ୍ଦମାକ୍ତ । ନାରୀ ଇହଲୋକର ଧାତ୍ରୀ, ସର୍ବ ସୁଖର ମୂଳାଧାର ସ୍ୱରୂପା । ନାରୀର ଦାସତ୍ୱର ଚିତ୍ର ଦୁର୍ଲଭ, ବରଂ 'ଦେହି ପଦପଲ୍ଲବମୁଦାରଂ'ର ରୁଚିର ଆଲେଖ୍ୟ ସର୍ବତ୍ର ସୁସ୍ପଷ୍ଟ । ଜୀବନ ଯେ ଗୋଟାଏ ଜଞ୍ଜାଳ, ଗୋଟାଏ ହାହାମୟ ଦୀର୍ଘଶ୍ୱାସ, ତା'ର ସୂଚନା ଏଥିରେ ମିଳେନାହିଁ, ପ୍ରେମର ଆକଣ୍ଠ ଭୋଜନ, ଆକଣ୍ଠ ପାନ, ସମ୍ପୂର୍ଣ୍ଣ ନିମଜ୍ଜନ ମଧ୍ୟଯୁଗୀୟ କବିର କାମ୍ୟ ।

Source: KC Dash, Digitized by PPRACHIN, SOA

କବିର ସେହି ରୂପସୀ ଭ୍ରମରକେଶୀ, ମତ୍ତହଂସଗମନା, କାମକଳାକୁଶଳା; ତାର ନାସା ତିଳଫୁଲ ପରି, ମୁଖ ଚନ୍ଦ୍ର ପରି, ଅଧର ପଲ୍ଲବ ପରି, ଚକ୍ଷୁ ପଦ୍ମ ପରି, ବାହୁ ମୃଣାଳ ପରି, ଭ୍ରୂ କୁସୁମଚାପ ପରି, ଜାନୁ ଓଲଟା କଦଳୀ ବୃକ୍ଷ ପରି, ଅଙ୍ଗୁଳି ଚମ୍ପକକଳିକା ପରି, ସିଂହକଟି ପରି ତାର କଟି, ସେ ମଦାଳସୀ, କୁନ୍ଦରଦନା, ତ୍ରିବଳୀ ଶୋଭନା, ସେ କମ୍ବୁକଣ୍ଠୀ, ଖଞ୍ଜନନୟନା, ପୀନଜଘନା, ବକ୍ରୋକ୍ତିଭାଷିଣୀ; ଅନ୍ତର୍ଲିପି ବହିର୍ଲିପି ଭଳି କବିତାରେ ସୁନିପୁଣା, ତାର କପାଳ ଅର୍ଦ୍ଧଚନ୍ଦ୍ର ପରି, ସେ ସୁକୁମାରୀ, କ୍ଷୀଣୋଦରୀ, ଦୃଢସ୍ତନା, ଡମ୍ବରୁମଧ୍ୟା, ଫୁଲ୍ଲାରବିନ୍ଦନେତ୍ରା, ଗଜଗମନା, କାମକଳ୍ପତରୁ, ତାର ଲଲାଟରେ କସ୍ତୁରୀ ସିନ୍ଦୂର ଟୀକା, ତାର ଗଣ୍ଡଦେଶରେ ଓ ସ୍ତନ ତଟରେ କସ୍ତୁରୀ ପତ୍ରାବଳୀ, ଦେହରେ ନାନା ଅଳଙ୍କାର, ସେ ମାନିନୀ, ରସିକା, ନାନା ଚାଟୁରେ ତାର ମାନଭଞ୍ଜନ ହୁଏ । ନେତ୍ରାନ୍ତରେ ସେ କୁନ୍ତ ମାରେ, ବାହୁପାଶରେ ନିବିଡ଼ ଭାବରେ ସେ ବନ୍ଧନ କରେ, ନାସା ଫୁଲେଇ ଅଳ୍ପ ଗେଲେଇ ତୋଳା ତୋର କଥା କହିବାର ଠାଣି ତାର ଅପୂର୍ବ । ଦିବସ ଚନ୍ଦ୍ର ପରି ବିରହରେ ତାର ଶରୀର ପାଣ୍ଡୁ ହୁଏ । ସେ ପଦ୍ମପତ୍ରରେ ଶୟନ କରେ, ବେଣାଚେର ଓ ଚନ୍ଦନରେ ଶୀତଳ ହୁଏ । ବିରହ କାଳରେ କୋକିଳ ବାଣୀ ବଜ୍ରପାତ ପରି ଓ ଉପଭୋଗ୍ୟ ଯାବତୀୟ ଉପକରଣ ବିଷବତ୍ ବୋଧ ହୁଏ । ପ୍ରେମର ଶ୍ରୀ ମାଧୁର୍ଯ୍ୟସୂଚକ କେତେକ ଉଦ୍ଧୃତି ନିମ୍ନରେ ଦିଆଗଲା—

"ଚୂଡ଼ାର ଉପରେ ତାଙ୍କ ମୟୂର ଚନ୍ଦ୍ରିକା
ଚାନ୍ଦର ଉପରେ ଆସି ଚାନ୍ଦ ଦିଏ ଦେଖା ।
ଚମ୍ପା ବକୁଳ ମାଳୀ ବାନ୍ଧିଅଛି ବାଙ୍କେ
ଚାରିପାଶେ ଭ୍ରମର ଉଡ଼ଇ ଝାଙ୍କେ ଝାଙ୍କେ ।"

—ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା—

"ସହସ୍ରଭୁଜ ହୋଇ ଭେଟନ୍ତି
ସହସ୍ର ଲୋଚନ ଶକ୍ର ତ ହୁଅନ୍ତି
ତୋତେ ଚାହିଁ ଦୁଃଖ ଏଡ଼ନ୍ତି ।"

—ନାରାୟଣ—

"ଠାବେ ଠାବେ ଲେଖି ତୋ ମୁଖ
ଠାଠିକ ଦର୍ଶନ କରି ଲଭଇ ସୁଖ ।"
"ଛଟକେ ହସି ତୋ ଚାହିଁବା
ଛନ୍ତି ମଣ୍ଡଳେ କି ପାଇବା ।
ଛଡ଼ାଇ ମନବ୍ୟଥା କହୁ ଯେ ସ୍ନେହକଥା
ସୁମରି ସୁମରି ମରିବା ।"
"ନିବର୍ତ୍ତିଇ ପରି ମୋତେ
ମୁଁ ଏବେ କହୁଛି ତୋତେ

Source: KC Dash, Digitized by PPRACHIN, SOA

ନିଜ ମନକୁ ତୁ ଚୋହରି ପଚାର
ନ ହୁଅନ୍ତ ବଂଶୀ ଗୀତେ ।"
"ଟଳଇ ମେରୁ ମନ୍ଦର
ଟଳିବ କି ବାଣୀ ମୋର
ଟମକ ନିଶାଣ ବାଜେ ତ୍ରିଭୁବନ
ରାଧା ହେଲେଣି କୃଷ୍ଣର ।"

—ସାଧୁଚରଣ ଦାସ—

"ରଖୁନାହିଁ ରତିପତି ରତ୍ନର କେମନ୍ତେ ଷିତି
ରମଣୀ ମଣିକି ପାଇବା ଯାଏ ମୁଁ ଶାନ୍ତି ନ କରିବ ରାତି
କି ବନ୍ଧୁ ଆରେ,
ବଡ ବୋଲନ୍ତି ଯୁବତୀ ବଡ଼ କି ଇନ୍ଦ୍ର ସମ୍ପତ୍ତି
ବଡ଼ ଏ ଜଗତେ ନାମ ଶ୍ରୀମତୀ ସେ ରାଧିକା ଯୁବତୀ ରତି
କି ବନ୍ଧୁ ଆରେ ।"

—ଭ୍ରମରବର—

"ଧରି ନପାରିଲେ ଦେହ ଏ ଜୀବନ ଯାଉ ।
ଧାରା ଜଳ ଦିଅ ମୋ ଚାତକ ପକ୍ଷୀ ଜୀଉ ।"

"ଫାନ୍ଦରେ ପଡ଼ିଲି ପ୍ରାୟେ ହେଉଛୁ ବିକଳ
ଫୁଟଇ ଶରୀର ଯେହ୍ନେ ଜଉ ରସ ଜାଳ ।"

—ବଲ୍ଲଭ—

"ଚନ୍ଦ୍ର ଅଧିକ ବଦନ ତୋର ବୋଲୁ ସେ ଥାଇ ମୁହିଁ,
ଚନ୍ଦ୍ରର କଥା ମନରେ ବ୍ୟଥା ରଜନୀ ଦୁଃଖ ଦେଇ ।
ଚନ୍ଦନ ପଙ୍କ ଲଗନ୍ତେ ପ୍ରିୟେ ତମକ ଝଟେ ସ୍ୱେଥା,
ତହୁଁ ତହୁଁଣ ଏଡେ ନିର୍ଦ୍ଦୟା ହୋଇଲ ପ୍ରାଣପ୍ରିୟା ।"

—ନୃସିଂହ ରାୟ—

"ଥିର ଗରବ ତୋ କୁଚ ଭେଳା କରିଣ କର ପାରି ।
ଥିବ ଯାବତ ଶରୀରେ ଜୀବ ଖଟିଣ ଥିବ ତୋର ॥"

—ନୃସିଂହ ରାୟ—

"ତୋଳିବ ଯେବେ ତୋ ଅଧରୁ ସୁଧା
ଢଳି ନ ପଡ଼ିବ ଜୀଇବ ରାଧା ।"

—ଦାମୋଦର—

Source: KC Dash, Digitized by PPRACHIN, SOA

"ପ୍ରଭୁପଣ ଟେକ ରଖ
ପ୍ରୀତି ଲାଗି ବଡ଼ ସୁଖ ।
ପରରମ୍ଭ ଅବଲମ୍ବେ କର ଗୁଡ଼ ଦୁଃଖ ।"

—ଷଷିବର ଭଞ୍ଜ—

"ଠାକୁର ଶ୍ରୀଚରଣେ ଏହା ଜଣାଇ ଥାଇ
ଘନଶ୍ୟାମଙ୍କ ମୋତେ ଦେବ ।
ଠଣାଦଶମା ହନୁ ଏ ଦେହରେ ଜୀବନ
କେବେହେଁ ଦଣ୍ଡେ ନ ରହିବ ।"

"ଡାଳିମ୍ବବୀଜଦଶନା ପ୍ରିୟା ବାରେ ଦେଖାଅ ମୁଖ ।
ଭୃଙ୍ଗର କାମ ନାନାପ୍ରକାରେ କେତେ ଦେଉଛୁ ଦୁଃଖ ।
ତୋଳା ପ୍ରତିମା କୁଞ୍ଜରଗାମୀ ତୋ ବନୁ ଦହେ ଶଶୀ
ଡର ମାଡୁଛି ବୟସ ଗଲେ ପୁଣ ହୋଇବ ନଶି ।।"

—ଗୋପାଳ—

"ଜଗତପାଳ ତୋହ ମୋହ ପ୍ରୀରତି
ଜାଣନ୍ତି ସେ ଲେକ ଠେକ ସେ ।
ଜୀବନ ଥାଉଁ ବନ୍ଧ ଯାହା ବନ୍ଧିଲ
ହୋଉ ମୋ ଦର୍ପଣ ଧିକ ସେ ।
କୁଆରଙ୍କ ପଦ୍ମ କଣରେ
କହିଲେ ହାରିଲେ ତୋ ସଙ୍ଗ ବଛେଦୁଁ
ଆଜ୍ଞ ନବର୍ତ୍ତି ନ ପାରରେ ।"

—କବିସୂର୍ଯ୍ୟ ବ୍ରହ୍ମା—

'ତାଳକଳକୁ ହେଁ ପାଖକୁ ବୋଇଲୁ
ମାଗିବ ପଦ୍ମ ଚୁମ୍ବନ ।
ଡର ମାଡୁଅଛି ଦେଖାଅ କ ରୂପେ
କରିଛ କରଜ ମୂନ ।
ସଙ୍ଗିମା ତୋଳା କଲୁ ଯେତେ ପରରେ
ଭୃମ୍ବରୁଧର ମହାଯୋଗ ତେଜିବ
ଦେଖି ତୋ ଭ୍ରୂରୁ ବୃଭୁଷ୍ଣ ରେ ।।'

Source: KC Dash, Digitized by PPRACHIN, SOA

‘ତ୍ରମ କଣ୍ଠ ମୋହ ଚରିତକୁ ଗୀତ କରି ଗାଉଥିଲୁ ବସି
ତାଳେ ମୁଁ ଗୁପତ ସ୍ଥାନେ ଲୁଚିବସି ଆହା ବୋଲି ଦେଲି ହସି
ସଙ୍ଗିମା, ତଳ ପଡ଼ିଲୁ ପଲଙ୍କେ
ଢ଼ାଙ୍କି ବସନ ଯା ଶ୍ରୀମୁଖେ ଉଚ୍ଛିଲୁ ଅଧୋମୁଖେ ଛନ ବାଙ୍କେରେ’ ।

—କଣ୍ଠସୂର୍ଯ୍ୟ ବ୍ରହ୍ମା—

‘ଗୁତଣ ବିଧାତା ସୃଷ୍ଟି ସାର ଚନ୍ଦ୍ରା ତୋତେ ଗୋ ନିର୍ମାଣ କର ।
ଗ୍ରୁଇକ ତୋ ପରି ମେନକାଦି ନାଷ୍ଟ ନୋହି ହେଲେ ନୃତ୍ୟକାରୀ ।’
‘ନାନା ସୁମନାରେ ସୁମନାର ସୁତ ତୋତେ ଗୋ ନିର୍ମାଣ କଲା ।
ନ ଜାଣି ଦାରୁଣ ବିଧାତା ତୋ ହୃଦ ଉପାଣ ପାଷାଣ ଦେଲା ।’

—ଅଜ୍ଞାତ କବି—

“ଖୋଜ ଯେବେରେ ବୋଲିବ ସ୍ନେହେ
ତୁ ମୋର ଫୁଲ ଗନ୍ଧ,
ଖଞ୍ଜନଗଞ୍ଜନନେତ୍ରି ! ତେବେ ତ ଥୋକାଏ
କାଳ ଶୋଷ,
ଖରେ ଖସାଇ ପକାଇ ଦେଇ ଅଣ ଆଦର କରି
କ୍ଷୀଣଉଦରି ! କନକଗୋରି ! ଏଣ୍ଡ କଥାକୁ ଡରି ।”
“ଯେନାଯେନରେ ବୋଲିବ ଘନ-ସାର ଚନ୍ଦନ ମୋର ।
ସଢ଼କେ ଶୁଖି ଗୁଣ୍ଡି ପଢ଼ି ସେ ଅଙ୍ଗରୁ ହୋଏ ଦୂର ।।”
“ଗୁଣ୍ଡ଼ ତୋ ସଙ୍ଗ ଯେବେ ଏ ଅଙ୍ଗ ରହିଲ ହୋଇ ଭିନ୍ନ,
ଛନ୍ଦେ କେମନ୍ତେ ବୋଲିବ ପ୍ରିୟେ ମୁଁ ମୀନ ତୁ ଜୀବନ ।।”
“ଯେବେ ତଟିମା ତଷ ଚରଣୀଠାରେ ନୂହନ୍ତା ହେଲା,
ଜଗମୋହନ ! ତେବେ ବୋଲନ୍ତୁ ମଦନନଗ୍ର ଭେଲା ।
ଯତନ କରି ଯେବେ ବୋଲିବ ତୁ ମୋ ରତନ ଭୂଳୀ,
ଯୁବଶ୍ରୀ ରତ୍ନ ! ସେ କୋମଳକୁ ତୋହୋ ଶ୍ରୀଅଙ୍ଗ ବାଳୀ ।।”

“ଏବେ ବୋଇଲ ମୁଁ ମଉଫୁଲଲଟ ତୁ ଫୁଲ୍ଲଫୁଲ୍ଲ,
ଅରବିନ୍ଦରୁ କୂଟଜ ଯାଏ ଅଚିର ଚ ମ୍ନୁ ଗେଲ ।”
“ତପନ ପଦ୍ମ ପ୍ରୀତି ଛଦ୍ମମ
ପ୍ରାୟେ ଲଗିଲା ମୋତେ ।
ତୋଠାରୁ ଆଡ଼ ହେଲେ ଦହନ
କରଇ କର ଘାତେ ।।

Source: KC Dash, Digitized by PPRACHIN, SOA

ତାହାର ନାହାଠାରେ ହେ ଯାହା
　　ତାହା କହିବ କେତେ ।
ତୁଚ୍ଛା ବୁଦ୍ଧିରେ ଗ୍ରନ୍ଥ ହବାରେ
　　ମଧୁପ ଯେହ୍ନ ମାତେ ॥"

"ଥାଏ ନୋହଇ ଚନ୍ଦ୍ରମା ଜଇରବର ଯେନାଯେନ ।
ଥାଇ ଏ ଜଳେ ସେ ତା ମଣ୍ଡଳେ ବହନ୍ତେ ତାର ଯେନ ।
ଥାପନ୍ତି କବିମାନେ ଏଥିକି ଏ ପ୍ରୀତି ଏତେ କର ।
ଥଳ ନ ଥାଇ ଜଳେ କି ଜଳ ଫେନ ଧଇଲେ ତର ?"

"ଭ୍ରୂଭଙ୍ଗୀ ଲୀଳା କଟାକ୍ଷମାଳା ଚନ୍ଦ୍ରେ ନୋହେ ଦେଖି,
ସ୍ୱବରେ ଯେହ୍ନ ତାକନ୍ତି ଧନ୍ୟ ପୂର୍ଣ୍ଣ ଚନ୍ଦ୍ରମାମୁଖୀ ।
ଭଜଇ କ୍ଷୀଣ ମୃଗଲକ୍ଷଣ ହବସେ ପଣ୍ଡୁ ଭବ,
ସାମ୍ୟ କହିବା ମନ ମୋହିବା ସାମ୍ୟ କେ ତାଙ୍କୁ ଦେବ ?"

—ଘନକୃଷ୍ଣ—

ବଙ୍ଗଳା କବି ଚଣ୍ଡୀଦାସଙ୍କ ବର୍ଣ୍ଣନା ଘନକୃଷ୍ଣଙ୍କ ଅନୁରୂପ
'ତପନ ପଦ୍ମ ପ୍ରୀତି ଛଦ୍ମନ' ପର ଚଣ୍ଡୀଦାସ ଲେଖିଛନ୍ତି—

"ହେନୁର କମଳ ଜଳ ସ୍ନେହ ହେନ ନହେ,
ହିମେ କମଳ ମରେ ଭାନୁ ସୁଖେ ରହେ ।
କୁସୁମେ ମଧୁପେ କହି ସେଇ ନହେ ତୁଲ,
ନା ଆଇଲେ ଭ୍ରମର ଆପନ ନା ଯାଯ ଫୁଲ ।"

(ଜ) ବିବିଧ ଚଉତିଶା—

ଅଳ୍ପ କେତୋଟି ଚଉତିଶା 'ବିବିଧ' ଶ୍ରେଣୀର ଅନ୍ତର୍ଭୁକ୍ତ କରାଯାଇଅଛି । ରଥଯାତ୍ରା, ସ୍ନାନଯାତ୍ରା ପ୍ରଭୃତି ଯାନଯାତ୍ରା ସେଥି ମଧ୍ୟରେ ପ୍ରଧାନ । ରାଜକୀୟ ଆଭିଜାତ୍ୟ ଓ ଅହଙ୍କାର ତ୍ୟାଗ କରି ଲକ୍ଷେ ରାଜାର ମନ୍ତ୍ରମଣି ସ୍ୱୟଂ ଗଜପତି ମହାରାଜା ଛେରାପହଁରା କରିବା ବା ରଥ ଟାଣିବା ଗଣତାନ୍ତ୍ରିକ ଆଭିମୁଖ୍ୟର ସୂଚକ—

"ଟାଣୁଛନ୍ତି ଗଜପତି ଆପଣେ ରଥ ।
ଟଳ ଟଳ ହେଉଛନ୍ତି ଶ୍ରୀଜଗନ୍ନାଥ ॥"

'କଳସା ଚଉତିଶା' ସ୍ୱକୀୟ ବୈଶିଷ୍ଟ୍ୟରେ ମହନୀୟ । ଏଥିରେ ପଞ୍ଚୁରା, ଲବଣ ଚଉଁରା, ଚଉଠିଘର, ସାତମଙ୍ଗଳା, ବୃଦ୍ଧବିବାହ, ମଙ୍ଗଳଗୀତ ପ୍ରଭୃତିରେ ପ୍ରାଚୀନ ସମାଜର ଚିତ୍ର ଯେପରି ମନୋହର ହୋଇଅଛି, 'ଝିଅ କି ନାତୁଣୀ ପ୍ରାୟ ଦିଶିବୁ ଲୋ ତୁହି' ପ୍ରଭୃତିରେ ବ୍ୟଙ୍ଗ ଓ ହାସ୍ୟରସ ସେହିପରି ରମଣୀୟ ହୋଇଅଛି ।

Source: KC Dash, Digitized by PPRACHIN, SOA

'ବା' ଚଉତିଶା ଇତିହାସ ଦିଗରୁ ଉପାଦେୟ ।

"ମୋଗଲ ଖାଇବେ ଓଡ଼ିଶା ରାଇଜ
ଯୁଦ୍ଧେଷ୍ଟି ଅନ୍ତ ହେଉ ।"

"ଟଙ୍କାଟିକୁ ଧାନ ଭରଣେ ହୋଇବ
ନ ମିଳିବ ଅନ୍ନ ବସ୍ତ୍ର ।"

"ହେମ ସେତୁବନ୍ଧ ଗଜପତି କର୍ଣ୍ଣାଟ
ଓଡ଼ିଶା ରାଜାଙ୍କୁ ଦେଲେ ।"

"ଛପ୍ପାଣୋଇ ସସ୍ର ରାଜାଙ୍କ ଉପରେ
ଓଡ଼ିଆ ରାଜା କରତା ।"

'କଳିଯୁଗ ଚଉତିଶା'ଟି ମାଳିକାଜାତୀୟ ଏକ ଭବିଷ୍ୟତ ବାଣୀ, ଦୁର୍ଗତ ସମାଜର ଚିତ୍ର ଏଥିରେ ସ୍ପଷ୍ଟ—

"ଗୁରୁଗଉରବ କଳିଯୁଗେ ନ ମାନିବେ ।
ଗୁରୁସ୍ତ୍ରୀକୁ ନାରୀମାନେ ପାଦେ ଖଟାଇବେ ।"
"ରଷିବେ ନୃପତ ଦଣ୍ଡ ନ ମାନିବେ କେହି ।"
"ଛନ୍ଦ କପଟରେ ଲୋକେ କୁଟୁମ୍ବ ପୋଷିବେ ।"
"ବ୍ରାହ୍ମଣେ ଗାୟତ୍ରୀ ଛାଡ଼ି ଗାରଡ଼ି ଶିଖିବେ ।"
"ମଣିଷକୁ ମଣିଷ ଖାଇବ" ।

ଚଉତିଶା ଗୋଟିଏ ଖଣ୍ଡ କାବ୍ୟ; ଏଥିରେ ନାନା ବିଚିତ୍ର କାବ୍ୟରୂପର ପରୀକ୍ଷାନିରୀକ୍ଷା ହୋଇଅଛି । 'କମଳବଦନୀ ଚଉତିଶା'ର 'କ' ଠାରୁ 'ଥ' ଗୋଟିଏ ଛନ୍ଦରେ, 'ଦ' ଠାରୁ 'କ୍ଷ' ଅନ୍ୟ ଗୋଟିଏ ଛନ୍ଦରେ ରଚିତ । ରାଗ ଅନୁସାରେ 'ଗୌରୀ ଚଉତିଶା', ଲେଖକଙ୍କ ନାମାନୁସାରେ 'ଭ୍ରମରବର ଚଉତିଶା' ଦୂତର ନାମ ଅନୁସାରେ, 'ହଂସଦୂତ', 'କୋକିଳ ଚଉତିଶା', ଯାନଯାତ୍ରାର ନାମାନୁସାରେ 'ରଥଯାତ୍ରା' ଚଉତିଶା, ଦେବତାଙ୍କ ନାମାନୁସାରେ ବିଭିନ୍ନ ଜଣାଣ ଚଉତିଶା, ମୁଖ୍ୟ ଚରିତର ନାମାନୁସାରେ ମହାରାଜା ଚଉତିଶା, ବୈଦେହୀ ଚଉତିଶା, ବିଭିନ୍ନ ଆଳଙ୍କାରିକ ରୀତି ଦୃଷ୍ଟିରୁ ଯମକରାଜ ବା ଶୃଙ୍ଖଳା ଚଉତିଶା ପ୍ରଭୃତି ନାମିତ ହୋଇଅଛି । ସପ୍ତରାଗ ଚଉତିଶା ମୁଖାରୀ, ତୋଡ଼ି, ଆହାରୀ, କାମୋଦୀ ପ୍ରଭୃତି ସପ୍ତରାଗରେ ରଚିତ ।

'ଶଶିମୁଖୀ ଚଉତିଶା'ର 'କ' ରୁ 'ଠ' କାମୋଦୀ, 'ଡ଼' ରୁ 'ଭ' କାଳୀ, 'ମ'ରୁ 'କ୍ଷ'କଲ୍ୟାଣ—ଆହାରୀ ରାଗରେ ରଚିତ । କୌଣସି କୌଣସି ଚଉତିଶା 'କ୍ଷ' ଠାରୁ 'କ' ବିଲୋମରେ ରଚିତ ।

କୌଣସି କୌଣସି ଚଉତିଶାରେ ପ୍ରକୃତିବର୍ଣ୍ଣନା ପ୍ରାଚୀନ କବିଙ୍କର ଅପୂର୍ବ ସୌନ୍ଦର୍ଯ୍ୟଦୃଷ୍ଟିର ପରିଚୟ ପ୍ରଦାନ କରିଅଛି । ପ୍ରାଚୀନ ନାରୀର ମୁଖ ଚନ୍ଦ୍ର, ତାର କଳଙ୍କ ପ୍ରାଚୀର କସ୍ତୁରୀ ପତ୍ରପାଟୀ, ଅନ୍ଧକାରରେ ଚନ୍ଦ୍ରିକା ମିଶିବାରେ ସମୁଦ୍ରରେ ଗଙ୍ଗା ମିଶିଲା ପରି, ନୈଶନାରୀ କେଶରେ ଚନ୍ଦ୍ରିକା ମଲ୍ଲୀମାଳା ପରି, ଆକାଶରୂପ କାଳିନ୍ଦୀ ହ୍ରଦରେ କଳହଂସ ପରି ଚନ୍ଦ୍ର ଚିତ୍ତାକର୍ଷକ ହୋଇଅଛି । ସନ୍ଧ୍ୟାର ବର୍ଣ୍ଣନା ମଧ୍ୟ ଅତି ସୁନ୍ଦର—

Source: KC Dash, Digitized by PPRACHIN, SOA

"ବନମଣି ଅସ୍ତ ମଣି   ପଦ୍ମିନୀ କଞ୍ଜଲୋଚନା
କାନ୍ତ ଆଗତ ପଥକୁ ଧ୍ୟାନେ ରହିଲା ।
ଦ୍ୱିଜ ବଞ୍ଚିତ ମିହିର   ନ ପାଇ ବନ୍ଧୁ ନକର
ଲଭି ଚଣ୍ଡ ଅନୁସାର ପାର ନୋହିଲା ।
ଦେଖୁ ଦେଖୁ ସନ୍ଧ୍ୟା ପ୍ରବେଶ,
ହସିଲା ଶୋଣିତ ଘନ ନବ ଆକାଶ ।

ଧୀରେ ମଣଇ ସେ ମନ   ମୀନ କେତନ ସ୍ୱଜନ
ତ୍ରୈଲୋକ୍ୟ ଜିଣିବ ବୋଲି ହେଲା ବାହାର ।
ଧରିଛନ୍ତି ଦିଗନାରୀ   ଗୃହ ଦିଗକୁ ବିସ୍ତାର
କି ଶୋଣିତ-ତର ନବ ବିତାନବର ।
ଧୀରେ ସନ୍ଧ୍ୟା ଗଲାକ ନାଶ ।
ଧ୍ୱାନ୍ତବଂଶ ପ୍ରବେଶ ହୋଇଲା କ୍ରମଶ ।"

'ହନକର ମୋର ବଦନ ଗୁହିଁବା ଡରେଟି ଅଦୃଶ୍ୟ ହୋଇଲେ', 'ଦୟାକୁ ସୁକେଶୀ ମୁଖ ମିହଶଣୀ ଏ ଯେନ ସେ ଦେଖା ନ ଦେଲେ', 'ଛ' ଋତୁ ଶ୍ରେଷ୍ଠ ବରଷା ବ୍ୟାଘ୍ର ଦନ୍ତ ହରଣ୍ଟି ଏହା ଆହାର', (ରଘୁଙ୍କର ଚଉତିଶା-ବନ୍ଧୁ ଦାସ)

ଯଥା—

"ସୁନ୍ଦରୀ କେତକୀ   ପାଶରେ ମିଳିନ୍ଦ—
ବୃନ୍ଦ ଦେଖି ଏହା ମଣଇ ।
ସମସ୍ତ ମଧୁପ   ନାଦ ଶୁଣିବାରୁ
ବନ୍ଧୁ ସଜାତ କ୍ଷୋଭ ହୋଇ ।"

ଯଥା—

"ଲକ୍ଷଣ କରଣ   ମାଧବ ଧବକୁ
ମାଳତୀ ଅନୁରାଗ ଭରେ ।
ଲଳିତ ସ୍ତବକ   ସ୍ତନ ଦେଖାଉଛି
ରାଗ ପଲ୍ଲବ ଅଧରରେ ।
ଲମ୍ବ ଭ୍ରମର ରାଜ କୁନ୍ତଳକୁ ଫେଡ଼ୁଛି
ଲବଙ୍ଗ ପୁଂନାଗ   ସୁଯୋଗ୍ୟ କଳିକା
ମାଳିକା ବ୍ୟାଜେ ପୁଲକନ୍ତି ।"

ଖଗରେ ଅର୍ଥରେ ଖଗଙ୍କ, ଶ୍ରୀମନ୍ତ ଅର୍ଥରେ ଶ୍ରୀବନ୍ତ, ସ୍ୱଜଳ ଅର୍ଥରେ ଶ୍ରୀଜଳ, ଆମ୍ନନ୍ତି, ଭୁମନ୍ତ, ନୃତ୍ୟସ୍ପର୍ଶି, ଦଂଶସି, ଗୁଣସି, ଦଶନର ଜ୍ୟୋତି ଅର୍ଥରେ ଦଶନଦ୍ୱ ଜ୍ୟୋତି, ନର୍ମାଣିଛି ଅର୍ଥରେ ନବାଣିଛି, ଦେହ ଅର୍ଥରେ ଦେହୀ, କ୍ଷୀର ଅର୍ଥରେ ଛୀର, ଏକ ସ୍ଥାନରେ ଗରଳ ଓ ବିଷ ଦୁଇ ଶବ୍ଦର ବ୍ୟବହାର ଚଉତିଶାରେ ଲକ୍ଷ୍ୟଣୀୟ ।

Source: KC Dash, Digitized by PPRACHIN, SOA

ପରିଶେଷରେ ଚଉତିଶା ସାହିତ୍ୟର ପୁନରୁଦ୍ଧାର କାର୍ଯ୍ୟରେ ଯଥୋପଯୋଗୀ ବ୍ୟବସ୍ଥା କରିଥିବାରୁ ଓଡ଼ିଶା ସରକାରଙ୍କ ଶିକ୍ଷା ଓ ସାଂସ୍କୃତିକ ବ୍ୟାପାର ବିଭାଗର ତତ୍‌କାଳୀନ ସେକ୍ରେଟରି ଶ୍ରୀ ରମାକାନ୍ତ ରଥ, ଆଇ. ଏ. ଏସ୍, ସାଂସ୍କୃତିକ ବ୍ୟାପାର ବିଭାଗର ଆନୁକୂଲ୍ୟରେ ଏହି ଗ୍ରନ୍ଥ ସଂକଳିତ ଓ ପ୍ରକାଶିତ ହୋଇଥିବାରୁ ଏହାର ଡିରେକ୍ଟର ଶ୍ରୀ ଏ. ଏନ୍. ତେୱାରି, ଆଇ. ଏ. ଏସ୍. ଓ ଡେପୁଟି ଡିରେକ୍ଟର ଅଧ୍ୟାପକ ଶ୍ରୀ ଗୌରୀକୁମାର ବ୍ରହ୍ମାଙ୍କୁ କୃତଜ୍ଞତା ସହିତ ସ୍ମରଣ କରୁଅଛି । ଚଉତିଶା ସଂକଳନ କାର୍ଯ୍ୟରେ ପଥପ୍ରଦର୍ଶକ ଶ୍ରୀ ଚକ୍ରଧରଚରଣ ପଟ୍ଟନାୟକ ଓ ଏହି ସଂକଳନ କାର୍ଯ୍ୟରେ ମୋର ବିଶେଷ ସହାୟକ ଓଡ଼ିଶା ମ୍ୟୁଜିଅମ୍‌ର ପୋଥି ବିଭାଗର ଅଧ୍ୟକ୍ଷ ପଣ୍ଡିତ ନୀଳମଣି ମିଶ୍ର ଓ ଗବେଷକ ଶ୍ରୀ ଭଗବାନ୍ ପଣ୍ଡା ମଧ୍ୟ ମୋର କୃତଜ୍ଞତାର ପାତ୍ର ।

କୁଞ୍ଜବିହାରୀ ଦାଶ

ଭୁବନେଶ୍ୱର, ୨୧-୧୦-୭୧ ଇଉ. ଜି. ସି. ଅଧ୍ୟାପକ, ଉତ୍କଳ ବିଶ୍ୱବିଦ୍ୟାଳୟ

Source: KC Dash, Digitized by PPRACHIN, SOA

ସୂଚୀପତ୍ର

୧
ବୈରାଗ୍ୟ ଓ ଭକ୍ତିମୂଳକ ଚଉତିଶା

		ପୃଷ୍ଠାଙ୍କ	
(କ)	ଗଣେଶ ଅଗ୍ରେ ପୂଜା	୧	୨
(ଖ)	କମଳଲୋଚନ ଚଉତିଶା	୩	
(ଗ)	କଳା କଳେବର ଚଉତିଶା	୪	୬
(ଘ)	ମନବୋଧ ଚଉତିଶା	୭	୯
(ଙ)	ସଂସାର ମନବୋଧ ଚଉତିଶା	୧୦	୧୨
(ଚ)	ବା ଚଉତିଶା	୧୩	୧୭
(ଛ)	ଆର୍ତ୍ତିବାଣ ବା ଜଣାଣ ଚଉତିଶା	୧୮	୩୦
(ଜ)	ସାନ କନଡ଼ା ଚଉତିଶା	୩୧	୩୮
(ଝ)	ରାମଚନ୍ଦ୍ର ଜଣାଣ ଚଉତିଶା	୩୯	୪୮
(ଞ)	ଜଗବନ୍ଧୁ ଜଣାଣ ଚଉତିଶା	୪୯	୫୨
(ଟ)	ଝଡବ ଚଉତିଶା	୫୩	୫୭
(ଠ)	ଫୁଲ ବଉଳବେଣୀ ଚଉତିଶା	୫୮	୬୧
(ଡ)	ଜଣାଣ ଚଉତିଶା	୬୨	୬୭
(ଢ)	ମନବୋଧ ଚଉତିଶା	୬୮	୭୨

୨
ତତ୍ତ୍ୱାତ୍ମକ ଚଉତିଶା

(କ)	ଯୋଗୀନ୍ଦ୍ର ଗୀତିକା	୭୩	୮୧
(ଖ)	ଦୂଷ୍ଣ ଚଉତିଶା	୮୨	୮୭
(ଗ,	କୃଷ୍ଣନାମାମୃତ ଚଉତିଶା	୮୮	୮୯
(ଘ)	କେତକୀ ଫୁଲ ଚଉତିଶା	୯୦	୯୩
(ଙ)	ନନ୍ଦା ବାଣି ଚଉତିଶା	୯୪	୧୦୧
(ଚ)	ଭୂପତିଙ୍କ ଦୃଷ୍ଟାନ୍ତର ଚଉତିଶା	୧୦୨	୧୧୦

୩
କଥା ଚଉତିଶା

(କ)	ଧନୁଭଙ୍ଗ ଚଉତିଶା	୧୧୧	୧୧୫
(ଖ)	ମାଲ୍ୟବନ୍ତ ଚଉତିଶା	୧୧୬	୧୨୦
(ଗ)	ଜାମ୍ବୁ ଚଉତିଶା	୧୨୧	୧୨୫

Source: KC Dash, Digitized by PPRACHIN, SOA

ସୂଚି

ବିଷୟ	ପୃଷ୍ଠା	
(ଘ) ଶ୍ରୀକୃଷ୍ଣଙ୍କ ପାଠପଢ଼ା	୧୨୬	୧୨୭
(ଙ) ଲଘୁଖାଲ ଚଉତିଶା	୧୨୮	୧୩୨
(ଚ) ମଥୁରା ଗମନ ଚଉତିଶା	୧୩୩	୧୩୭
(ଛ) ମାଧବ ଚଉତିଶା	୧୩୮	୧୪୨
(ଜ) ସୀତା କାରୁଣ୍ୟ ଚଉତିଶା	୧୪୩	୧୪୭
(ଝ) କୁନ୍ଦଫୁଲ ଚଉତିଶା	୧୪୮	୧୫୨
(ଞ) ରାମ କାରୁଣ୍ୟ ଚଉତିଶା	୧୫୩	୧୫୭
(ଟ) କୋଳାହଳ ଚଉତିଶା	୧୫୮	୧୬୫
(ଠ) ସୀତା ଷଟ୍‌ପଦ ଚଉତିଶା	୧୬୬	୧୭୦
(ଡ) ମାୟା ମୃଗ ଚଉତିଶା	୧୭୧	୧୭୮
(ଢ) ସୀତାନୁଚନ୍ତା ଚଉତିଶା	୧୭୯	୧୮୩
(ଣ) ରାମକ୍ରୋଧ ଚଉତିଶା	୧୮୪	୧୮୮

୪

ଚିଠାଉ ଚଉତିଶା

(କ) ହଂସଦୂତ ଚଉତିଶା	୧୮୯	୧୯୫
(ଖ) ହଂସଦୂତ ଚଉତିଶା	୧୯୬	୨୦୪
(ଗ) ମେଘଦୂତ ଚଉତିଶା	୨୦୫	୨୦୯
(ଘ) ମରୁତ ଚଉତିଶା	୨୧୦	୨୧୪
(ଙ) ମେଘଦୂତ ଚଉତିଶା	୨୧୫	୨୧୯
(ଚ) ହନୁମାନ ଚଉତିଶା	୨୨୦	୨୨୮
(ଛ) ଚଟାଙ୍କ ଚଉତିଶା	୨୬୨	୨୬୮
(ଜ) ଚଟାଙ୍କ ଚଉତିଶା	୨୬୯	୨୭୦
(ଝ) ସାରଙ୍ଗଦୂତ ଚଉତିଶା	୨୭୧	୨୮୦
(ଞ) କୋକିଳ ଚଉତିଶା	୨୮୧	୨୮୫
(ଟ) କୋକିଳ ଚଉତିଶା	୨୮୬	୨୮୮
(ଠ) କୋକିଳ ଚଉତିଶା	୨୮୯	୨୯୨
(ଡ) କଳକଣ୍ଠ ଚଉତିଶା	୨୯୩	୩୦୨
(ଢ) ମାଳକଣ୍ଠ ଚଉତିଶା	୩୦୩	୩୦୯
(ଣ) ମାଳକଣ୍ଠ ଚଉତିଶା	୩୧୦	୩୧୮
(ତ) ଉଦ୍ଧବ ଚଉତିଶା	୩୧୯	୩୨୬
(ଥ) ଗୋପୀ ସନ୍ଦେଶ ଚଉତିଶା	୩୨୭	୩୩୨

Source: KC Dash, Digitized by PPRACHIN, SOA

ବିଷୟ		ପୃଷ୍ଠାଙ୍କ	
(ଦ)	ଜଳଧର ଚଉତିଶା	୩୩୩	୩୩୮
(ଧ)	ଜଳଦ ଚଉତିଶା	୩୩୯	୩୪୪
(ନ)	ପବନ-ଦୂତ ଚଉତିଶା	୩୪୫	୩୫୦
(ପ)	ପିକବର ଚଉତିଶା	୩୫୧	୩୫୬
(ଫ)	ମଧୁପ ଚଉତିଶା	୩୫୭	୩୬୧
(ବ)	ବଜଳ ଚଉତିଶା	୩୬୨	୩୬୮

୪

ଖେଦାତ୍ମକ ଚଉତିଶା

(କ)	ବର୍ଷା ଶ୍ରବଣା ଚଉତିଶା	୨୨୯	୨୩୮
(ଖ)	ଦୃଷ୍ଟାନ୍ତ ଚଉତିଶା	୨୩୯	୨୪୩
(ଗ)	ନବଘନ ଚଉତିଶା	୨୪୪	୨୫୫
(ଘ)	ଘନମାଳା ଚଉତିଶା	୨୫୬	୨୬୧
(ଙ)	ବଜଳ ଚଉତିଶା	୩୬୨	୩୬୮
(ଚ)	କୃଷ୍ଣବିଚ୍ଛେଦ ଚଉତିଶା	୩୬୯	୩୭୩
(ଛ)	ରାଧା ଦର୍ଶନ ଚଉତିଶା	୩୭୪	୩୭୮
(ଜ)	ରାଧିକା ସ୍ମରଣ ଚଉତିଶା	୩୭୯	୩୮୪
(ଝ)	ଅମୃତନିଧି ଚଉତିଶା	୩୮୫	୩୯୪
(ଞ)	ରାଧାପ୍ରସାଦନ ଚଉତିଶା	୩୯୫	୩୯୯
(ଟ)	କମଳଜଳ ଚଉତିଶା	୪୦୦	୪୦୪
(ଠ)	ରାଧାମାଧବ ଚଉତିଶା	୪୦୫	୪୦୯
(ଡ)	ବାଞ୍ଛା ଚଉତିଶା	୪୧୦	୪୧୩
(ଢ)	ଚନ୍ଦ୍ରାବଳୀ ଚଉତିଶା	୪୧୪	୪୧୮
(ଣ)	ଘନଶ୍ୟାମ ଚଉତିଶା	୪୧୯	୪୩୦
(ତ)	ଗୋପଜୀବନ ଚଉତିଶା	୪୩୧	୪୪୬
(ଥ)	ନବଘନ ଚଉତିଶା	୪୪୭	୪୫୨
(ଦ)	କିଶୋରୀ ଚଉତିଶା	୪୫୩	୪୫୭
(ଧ)	ଉଦ୍ଧବ ଚଉତିଶା	୪୫୮	୪୬୩
(ନ)	ଉଦ୍ଧବ ଚଉତିଶା	୪୬୪	୪୬୯
(ପ)	ଉଦ୍ଧବ ଚଉତିଶା	୪୭୦	୪୭୨
(ଫ)	ରାମକୋଇଲି ଚଉତିଶା	୪୭୩	୪୭୫
(ବ)	କୃଷ୍ଣ କାମୋଦୀ ଚଉତିଶା	୪୭୬	୪୮୦
(ଭ)	କୃଷ୍ଣବିରହ ଚଉତିଶା	୪୮୧	୪୮୨

Source: KC Dash, Digitized by PPRACHIN, SOA

ସୂଚୀ

ବିଷୟ ପୃଷ୍ଠାଙ୍କ

୭

ଅଳଙ୍କାର ଚଉତିଶା

(କ)	ଯମକରାଜ ଚଉତିଶା	୪୮୩	୪୮୭
(ଖ)	ଆଦ୍ୟପ୍ରାନ୍ତ ସମାନ ବର୍ଣ୍ଣିମା ଚଉତିଶା	୪୮୮	୪୯୪
(ଗ)	ଯମକ କଳ୍ପତରୁ ଚଉତିଶା	୪୯୫	୫୦୧
(ଘ)	ଯମକ ଶେଖର ଚଉତିଶା	୫୦୨	୫୦୮
(ଙ)	ଯମକ ରତ୍ନାକର ଚଉତିଶା	୫୦୯	୫୧୧
(ଚ)	ପାଦାନ୍ତ ଯମକ ଚଉତିଶା	୫୧୨	୫୧୮
(ଛ)	ଶୃଙ୍ଖଳା ଯମକ ଚଉତିଶା	୫୧୯	୫୨୩
(ଜ)	ଶୃଙ୍ଖଳାବନ୍ଧ ଚଉତିଶା	୫୨୪	୫୨୬
(ଝ)	କୋକିଳ ଚଉତିଶା	୫୨୭	୫୩୧
(ଞ)	କମଳାକାନ୍ତ ଚଉତିଶା	୫୩୨	୫୩୮

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

—ପ୍ରଥମ ଖଣ୍ଡ—

ଗଣେଶ ଅଗ୍ରେ ପୂଜା

କଣ୍ଠ ମସ୍ତକେ କପୋଳେ ଶୋଭେ ଛଟା,
ଖଡ଼ଗ ଡମ୍ବରୁ ଶୋଭେ ବ୍ରହ୍ମବେଷ୍ଟ ।
ଗ୍ୟାନ ଗୁରୁ ବୋଲି ଦେବେ ଦେଲେ ବର
ନମୋ ନମୋ ଗଣନାଥ ବିଦ୍ୟାବର ॥

ଘଣ୍ଟି ଘର୍ଘର ଶବଦ ରୁଣଝୁଣ
ନଟ ତ୍ରିଭଙ୍ଗୀ ଶୋଭିତ ଦେବଗଣ ।
ଚତୁରଙ୍ଗଣେ ଅମୃତ ଲଡ଼ୁ କର
ନମୋ ନମୋ ଗଣନାଥ ବିଦ୍ୟାବର ॥

ଛଣୀ ଖାଇପଣେ ବାନା ଉଡ଼େ ନେତ
ଜଟା କଉପୀନ ବେଶ ଚଣ୍ଡୀସୁତ ।
ଝଟକନ୍ତ ସେ କୁଣ୍ଡଳ ହାରସାର
ନମୋ ନମୋ ଗଣନାଥ ବିଦ୍ୟାବର ॥

ନୃତ୍ୟ ଦେଖିଣ ଦେବତା ଭୋଳ ଗଲେ
ଟଙ୍କଧର ତୋଷେ କରେ ଶୂଳ ଦେଲେ ।
ଠଣ ସୁନ୍ଦର ଆକୃତି ରୂପ ତୋର
ନମୋ ନମୋ ଗଣନାଥ ବିଦ୍ୟାବର ॥

ଡାକ ଡମ୍ବରୁ ବଜାନ୍ତ ଗଣେଶ୍ୱର
ଢଳ ଢଳ ନୃତ୍ୟ କର ବିଦ୍ୟାବର ।
ଅଣ ଅରୂପ ସ୍ୱରୂପ ଅଟେ ତୋର
ନମୋ ନମୋ ଗଣନାଥ ବିଦ୍ୟାବର ॥

ଟଙ୍କଧର—ଶିବ

Source: KC Dash, Digitized by PPRACHIN, SOA

ତିନ ଭୁବନେ ଗଣେଶ ଅଗ୍ରେ ପୂଜା
ଥୋର ହସ୍ତରେ ଭକ୍ଷିଲ ଦେବରାଜା ।
ଦନ୍ତ ଭଗ୍ନ ହସ୍ତୀ ଖଣ୍ଡ କରେ ଥୋର
ନମୋ ନମୋ ଗଣନାଥ ବିଦ୍ୟାବର ॥

ଧନ୍ୟ ଲିଖନ ପଠନ କେହୁ କହେ
ନୃତ୍ୟ ଗୀତରେ ନାରଦ ସମ ନୋହେ ।
ପାଠେ ସମ ତୋତେ ନୋହେ ବେଦବର
ନମୋ ନମୋ ଗଣନାଥ ବିଦ୍ୟାବର ॥

ଫାଶ ଅଙ୍କୁଶ ତ୍ରିଶୂଳ ଶୋହେ କର
ବାହେ ବାହୁଟି କଙ୍କଣ ହାରସାର ।
ଭିନ୍ନ ନାମ ଦେଲେ ମାଏ ଗଣେଶ୍ବର
ନମୋ ନମୋ ଗଣନାଥ ବିଦ୍ୟାବର ॥

ପନ୍ନଗ କୁଣ୍ଡଳ ମାଳଚୂଳଧାରୀ
ଜପ ତ୍ରିଭଙ୍ଗ ଏକାଙ୍ଗେ ଠୂଳ କରି ।
ରଙ୍ଗେ ଇନ୍ଦୁରର ପୃଷ୍ଠେ ବିଜେ କରି
ନମୋ ନମୋ ଗଣନାଥ ବିଦ୍ୟାବର ॥

ଲମ୍ବ କାଠିଏ ପଢ଼ିଲ ଗଣେଶ୍ବର
ବେଦ ବିଦ୍ୟାରେ ଜିଣିଲେ ତିନପୁର ।
ସୃଷ୍ଟି ପତନ ଖଣ୍ଡିଲ ଅନ୍ତକର
ନମୋ ନମୋ ଗଣନାଥ ବିଦ୍ୟାବର ॥

ଶିରେ ସପ୍ତଶାଖା ରୁଚିର ଯେ ଦିଶେ
ଶଶୀ ଉଇଁଲା ଜଳଦ ମେଘ କସେ ।
ହୃଦେ ପଦକ ରୁଦ୍ରାକ୍ଷ ମାଳା ଥୋର
ନମୋ ନମୋ ଗଣନାଥ ବିଦ୍ୟାବର ॥

କ୍ଷୁଲ କଉପୀନ ବ୍ୟାସ ବେଶ ହୋଇ
କ୍ଷୁର ତ୍ରିଦଶ ମୋହିଲୁ ଦେବ ତୁମ୍ଭି ।
କ୍ଷୁର ମତି ଦିବାକର ଦୁଃଖ ହର
ନମୋ ନମୋ ଗଣନାଥ ବିଦ୍ୟାବର ॥

ବେଦବର—ବ୍ରହ୍ମା, ପନ୍ନଗ—ସାପ,
ଇନ୍ଦୁର—ମୂଷା, ତ୍ରିଦଶ—ସ୍ୱର୍ଗ ।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

କମଳ ଲୋଚନ ଚଉତିଶା

କମଳ ଲୋଚନ ଶ୍ରୀହରି । କରେଣ ଶଙ୍ଖ ଚକ୍ରଧାରୀ ॥
ଖଗ ଆସନେ ଖଗପତି । ଖଟନ୍ତି ଲକ୍ଷ୍ମୀ ସରସ୍ୱତୀ ॥
ଗରୁଡ଼ ଆସନେ ମୁରାରି । ଗୋପରେ ରଖିଲେ ବାଛୁରୀ ॥
ଘନ କଠିନ କଳେବର । ଘଟଣ ଶ୍ରୀମୁଖ ସୁନ୍ଦର ॥
ନନ୍ଦ ନନ୍ଦନ ଗୋପୀନାଥ । ନିସ୍ତରି ଯିବ ନରେ ଶାନ୍ତ ॥
ଚନ୍ଦ୍ରମା ପ୍ରାୟେକ ବଦନ । ଚାହିଁଲେ ଖଣ୍ଡେ ଦୁଃଖମାନ ॥
ଛତ୍ରୀ ଉତ୍ତମ ଶିରୋମଣି । ଛଟକେ ଆଣିଲେ ରୁକ୍ମିଣୀ ॥
ଜଗଜ୍ଜୀବନ ଦାଶରଥି । ଜାନକୀ ଦେବୀ ପ୍ରାଣପତି ॥
ଝୀନ ପଟମ୍ବା ଅଙ୍ଗେ ଶୋଭା । ଝଟକ ବିଦ୍ୟୁ ପ୍ରାୟେ ଆଭା ॥
ଞାଳେନ୍ଦ୍ରୀ ଜଳେ ପଦ୍ମ ଆଖି । ନିସ୍ତରି ଯିବା ନରେ ଦେଖି ॥
ଟେକିଲେ ଦୂବ କରେ ଦାରୁ । ଟାଣପଣରେ ଭାଙ୍ଗେ ମେରୁ ॥
ଠଣ ସୁନ୍ଦର ଶିରୋମଣି । ଠିକେ କମଳା ଯାର ରାଣୀ ॥
ଡମ୍ବରୁଧର ଯାକୁ ସେବା । ଡରେ ଖଟନ୍ତି ସର୍ବ ଦେବା ॥
ଢମ ଯେ କଲା ରାୟେ କଂସ । ଢାଳେ ଅସୁର ଗଲା ନାଶ ॥
ଅନନ୍ତ ନାମେ ଅନ୍ତ ନାହିଁ । ଅଣ ଅକ୍ଷରେ ଯାର ଦେହୀ ॥
ତଣ ନକୁଳେ ଅବତରି । ତାରିଲେ ଗଉତମ ନାରୀ ॥
ଥବିରପଣେ ମାୟା ଗତି । ଥୟ ନ ଜାଣେ ବେଦପତି ॥
ଦରିଦ୍ର ଦାମୋଦର ମିତ୍ର । ଦଣ୍ଡେକ ଦେଲେ କୋଟି ଅର୍ଥ ॥
ଧରଣୀ ଧର ଶିରୋମଣି । ଧ୍ରୁବକୁ ନିସ୍ତାରିଲେ ପୁଣି ॥
ନୃସିଂହ ମାଧବ ମୁରାରି । ନଖେଣ ହିରଣ୍ୟ ବିଦାରି ॥
ପରମାନନ୍ଦ ଦୁର୍ଲ୍ଲଭ । ପୂରି ରହିଛି ସର୍ବ ଜୀବ ॥
ଫୁଲ୍ଲପଣକୁ ନୋହେ ସରି । ଫୁଲ ମାଳରେ ଦେହ ପୂରି ॥
ବାଳକ ବଧ କଲ ହେଳେ । ବନ୍ଧ ବାନ୍ଧିଲ ସିନ୍ଧୁ ଜଳେ ॥
ଭାଙ୍ଗିଲ ରତ୍ନମୟ ପୁର । ଭ୍ରାନ୍ତି ଛୁଡ଼ିଲା ଦେବଙ୍କର ॥
ମାରିଲ ଅକ୍ଷୟ ରାବଣ । ମହିମା କରେ କେ ବଖାଣ ॥
ଯାଦବ ବଂଶେ ଜାତ ହୋଇ । ଜଗତ ଉଦ୍ଧାରିବା ପାଇଁ ॥
ରଖିଲ ଜଳରେ ଗଜକୁ । ରାଗେଣ ଛେଦିଲ ଗ୍ରାହକୁ ॥
ଲାବଣ୍ୟ ମୂର୍ତ୍ତି ଲକ୍ଷ୍ମୀଧର । ଲୟ କରନ୍ତି ସୁର ନର ॥
ଶ୍ରୀପତି ଶ୍ରୀକର ଶ୍ରୀଧର । ଶ୍ରୀୟା ଦେବୀଙ୍କ ମନୋହର ॥
ସଂସାର ଭିତରେ ଉତ୍ତମ । ସାଧୁଙ୍କ ହିତରେ ଜନମ ॥
ଶ୍ୟାମ ସୁନ୍ଦର କଳେବର । ସକଳ ଦେବେ ପରାତ୍ପର ॥
ହରି ବୋଇଲେ ହରେ ଦୁଃଖ । ହରି ଆନନ୍ଦ ମହାସୁଖ ॥
କ୍ଷମା ସାଗର ପୀତବାସ । ଭଣିଲେ ବଳରାମ ଦାସ ॥

Source: KC Dash, Digitized by PPRACHIN, SOA

କଳା କଳେବର ଚଉତିଶା

କଳା କଳେବର କହ୍ନାଇ ସଙ୍ଗେ ରୋହିଣୀ ସୁତ ।
କରନ୍ତି ମଥୁରା ବିଜୟେ ଦାଣ୍ଡେ ଦେଖ ସଙ୍ଗାତ ॥
ଖସି ପଡ଼ୁଛି କି ଆକାଶୁ କି ଏ ଗଙ୍ଗା ଯମୁନା ?
କ୍ଷୀର ସଙ୍ଗେ ପ୍ରାଣ ଶୋଷିଲେ ନାଶଗଲା ପୁତନା ॥
ଗହନ କାନନ ବନରେ ଘୋର ବରଷା କାଳ ।
ଗିରି ବାମ କରେ ଧରିଲେ ନନ୍ଦ ଯଶୋଦା ବାଳ ॥
ଘରେ ନ ରହନ୍ତି ଗଉଡ଼େ ବଡ଼ ଅଧମ ଜାତି ।
ଘେନି ବତ୍ସାବୃନ୍ଦ ବାଳକେ ବନେ ବୁଲନ୍ତି ନିତି ॥
ଉଇଁ ଆସୁଛି କି ପୂର୍ଣ୍ଣିମା ଶଶୀ କ୍ଷୀର ସାଗରୁ ?
ଊଠ ମଧୁପୁର ଯୁବତୀ ଓଗାଳିବା ଆଗରୁ ॥
ଚନ୍ଦନ ବେଶ ମୁଁ କରନ୍ତି ମୋର ହେଉଛି ମନ ।
ଚିତ୍ତ କେ ଧରିବ ଯୁବତୀ ଚୁମ୍ବି ଚନ୍ଦ୍ର ବଦନ ॥
ଛନକା ପଶିଲା ଛୁତିରେ ଜାତି କୁଳ ଉପେକ୍ଷି ।
ଛୁଡ଼ିବେ ଜୀବନ ଯଶୋଦା ଗୋପେ କୃଷ୍ଣ ନ ଦେଖି ॥
ଜହର ସଙ୍ଗରେ ମହୁର ଆସି ହେଲା ନିଯୁତ ।
ଯୁବତୀ କୁଳକୁ ଦଇବ କଲା ଏ ଉତପାତ ॥
ଝଡ଼ ପଡ଼ୁଛି କି ଝୁଣ୍ଟିଆ ଝଷ-କେତନ ଘାତେ ।
ଝାଳ ବିନ୍ଦୁ ବିନ୍ଦୁ ଶ୍ରୀମୁଖୁ ବହୁଅଛି ନିରତେ ॥
ନୟନ ଉପରେ ଭ୍ରୂଲତା ଏ କି କାମ କମାଣ ?
ନୁହନ୍ତି ଏ ପୋଏ କାହାରି ସବୁ ଗୋପୀଙ୍କ ପ୍ରାଣ ॥
ଟୋପି ଟୋପି କରି ଚନ୍ଦନ ମଣ୍ଡିଛନ୍ତି କି ସଜେ ।
ଟେକି ବାଟେ ଗୁହାଁ ମଥୁରା ଦାଣ୍ଡେ ଗୋବିନ୍ଦ ବିଜେ ॥
ଠାବେ ଠାବେ ଗୋଳ ଚହଳ ଶିଙ୍ଘା ବେଣୁ ବଇଁଶୀ ।
ଠିଆ ହୋଇ ଭକ୍ତ ଦାସ ତା ଦାଣ୍ଡେ ଦେଖନ୍ତି ଆସି ॥
ଡାକନ୍ତି ଏକକୁ ଆରେକ ଆସ ଜୀବ ଜୀବନ ।
ଡୋଳାରେ ଏ ରୂପ ଦେଖିବା ବିଜେ ମଧୁସୂଦନ ॥

ଝଷକେତନ—କାମଦେବ,   ପୋଏ—ପୁଅସବୁ ।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଟଳ ଟଳ କୃଷ୍ଣ ନାଚନ୍ତି ଭଙ୍ଗୀ ଦେଖ ମିତଣୀ ।
ଟାଳନ୍ତି କି ଚୂପେ ଡୋଳାକୁ କେଉଁ ଛଟକେ ଆଣି ॥
ଅଳକାରେ ସରୁ କାଇଁଚ ମଣ୍ଡିଛନ୍ତି ରଙ୍ଗରେ ।
ଅଣ ହେଲା ପାଉଥିବେ ଗୋ ନନ୍ଦ ଗଉଡ଼ ଘରେ ॥
ତିଳକ ଉପରେ କସ୍ତୁରୀ ଗୋରଚନା ଖଞ୍ଜିଛି ।
ଟେରେଛେଇ ଚୁହାଁ ଦେବାକୁ ଟରଳାଇ ଦେଉଛି ॥
ଥକା ହୋଇ ଥୋକେ ରହିଲେ ଥୋକେ ଗଲେ ଗୋଡ଼ାଇ ।
ଥିର ମଦନ ସଂଘାତରେ କାମ ହେଲା ଭୁଲଇ ॥
ଦୁଃଖୀ ଲୋକଙ୍କର ସଙ୍ଗାଳି ସେ ତ ଦରିଦ୍ର ଧନ ।
ଦହି ଦୁଧ ସର ଖିଆ ଗୋ ତେଣୁ ବଢ଼ ଲାବଣ୍ୟ ॥
ଧରଣୀ ମଣ୍ଡିଳ ପରିଏ ହୋଇଛନ୍ତି କି ଉଭା ।
ଧଳା କଳା ବେନି ଭାଇ ଗୋ ଦୁହେଁ ଦୁହିଁଙ୍କ ଶୋଭା ॥
ନାସାବନ୍ଧା ଅପ୍ରତିଆଣୀ ସେ ଯେ ଯଶୋଦା ସୁତ ।
ନକଲ ଦଇବ ନରେନ୍ଦ୍ର ଘରେ ଏ ପୁଅ ଜାତ ॥
ପୁଅ ହୋଇ ଏଡ଼େ ସୁନ୍ଦର ନାହିଁ କାହାର ଘରେ ।
ପାହିଲା କି ଯୋଗେ ରଜନୀ ଆଜ ମଧୁନଗରେ ॥
ଫୁଲରେ ଏହାଙ୍କ ଶରଧା ଫୁଲେ ହସନ୍ତି ତୋରା ।
ଫୁରୁଛି ତ ବାମ ନୟନ ମୋତେ ଚାହିଁବେ ପରା ॥
ବୁଦ୍ଧି ବଣା ହେଲା ଶୁଣିଣ ଅମୃତ ଜଣା ବାଣୀ ।
ବସି କେତେକାଳ ଗଢ଼ିଲା ତାକୁ କେଉଁ ବିଧାଣି ॥
ଭଜିବାକୁ ହେଲା ଭଜନ ମାଳା କଲା ଏ ରୂପ ।
ଭଜିବ କି ଭକ୍ତ ଦାସ ତା କ୍ଷୟ କରିବ ପାପ ॥
ମନ୍ଦ ବୁଦ୍ଧି କଲେ ନନ୍ଦ ଗୋ ସେ ତ ଆମ୍ଭ କରମ
ମିଛେ ନନ୍ଦ ପୁଅ ବୋଲନ୍ତି ମଥୁରାରେ ଜନମ ॥
ଯଦୁକୁଳ ଚନ୍ଦ୍ର ବୋଲିବା ସେ ତ ଯଦୁ ବିହାରୀ ।
ଜାତି ଯଉବନ ଜୀବନ ସବୁ ନେଲା ଅମୃତ ॥
ରାମ କୃଷ୍ଣ ବେନି ଭାଇ ଗୋ ଦୁହେଁ ଦୁହିଁଙ୍କି ତୋରା ।
ରଙ୍ଗେ ନାଚି ଆସୁଥାନ୍ତି ଗୋ ଯେହ୍ନେ ଗଗନ ତାରା ॥
ଲାଜ ଭୟ ତେଜି କରିଲେ କୃଷ୍ଣ ସଙ୍ଗେ ପୀରତି ।
ଲାଭ ହେଉଥିବ ଆମ୍ଭର ହସୁଥିବା ଗୋ ନିତି ॥

ଚୂର୍ଣ୍ଣ ଅଳକା—ଚୂର୍ଣ୍ଣ କେଶ ।
ନରେନ୍ଦ୍ର—ରାଜା

Source: KC Dash, Digitized by PPRACHIN, SOA

ବକ୍ଷେ ଧଟେଙ୍କ ଟକୋନ ବାହୁ ଶ୍ରୀଭୁଜ ସ୍ଥଳ ।
ଷଣ୍ଠୁଷ୍ଟି କ ଝୁସଂକେତନ ମିଶି ହେଲ ତରଳ ॥
ଶ୍ରୀମନ୍ତ ବଡ଼ାଇ ଏ ପୁଅ ଲକ୍ଷ୍ମୀ ଏହାଙ୍କ ଦାସୀ ।
ଶ୍ରୀମୁଖ ଏ ଚବ ଦିଶୁ ଛି କବା ପୂର୍ଣ୍ଣିମା ଶଶୀ ॥
ସର ଲବଣୀ ନୋଟିକା ଯେ ଖାଇ ନନ୍ଦର ବଣ୍ଡି ।
ସବୁ ଗୋପୀଙ୍କର ମନକୁ ବଂଶୀସ୍ୱନେ ମୋହୁଛି ॥
ସଧୀରେ ଚବନ ବନ୍ଧଇ ସରୁ କଟି ମେଖଳା ।
ଶିବ ଡମ୍ବରୁ କ କୈଳାସୁ ଶ୍ୟାମ ବଦନ କଳା ॥
ହେଲେ ହେବୁ ପଛେ କୁଳଟା ହାର କରିବୁ ଗଲେ ।
ହସୁଥିବୁ ତାର ସଙ୍ଗତେ ବସିଥିବୁ ଗୋ କୋଳେ ॥
ଗୁଞ୍ଜି ଲଜ୍ଜା ଭୟ ତା ରୂପ ଦରପଣେ ମାଜିବା ।
ଗୁର ଭକ୍ତ ଦାସ କହେ ତା ଧ୍ୟାଣ୍ଡି ରଜନୀ ଦିବା ॥

ମନବୋଧ ଚଉତିଶା

କହଇ ମନ ଅରେ ମୋ ବୋଲ କର । କଳା ଶ୍ରୀମୁଖ ବାରେ ଦେଖିବା ଛଳ ରେ ॥
କେତେ ଧନକୁ ମନ ବାନ୍ଧୁଛୁ ଆଣ୍ଠି । କି ଘେନ ଯିବୁ ତୋର ଛୁଟିଲେ ଘଟ ରେ ?
ଖଣ୍ଡି ଯେ ଖଣ୍ଡି ତୋର ଚଞ୍ଚଳ କାଠି । ଖାଉଣ ଥିବେ ଶ୍ୱାନ ଶୃଗାଳ ବାଣ୍ଟି ରେ ॥
ଖଟ ପଲଙ୍କେ ଶେଯ ସଜାଇ ଶୋଉ । ଖଳ ଦୁର୍ଗନ୍ଧ ହେବ ଏ ତୋର ଦେହ ରେ ॥
ଗଲେଣି ତୋ ଆଗରୁ ଯେତେକ ଜନ । ଗଣ୍ଠିରେ ବାନ୍ଧି ନେଲେ କେ କେତେ ଧନ ?
ଗୁରୁ ଗୋବିନ୍ଦ ନାମ ତୁଣ୍ଡେ ନ ବୋଲୁ । ଗାଢ଼େ ମର୍କିଣ ନାଂତ୍ୟ ଧନ ଅର୍ଜିଲୁ ॥
ଘର ବୋଲି ଅର୍ଜିଛୁ ଯେତେ ପଦାର୍ଥ । ଘଟ ଛୁଟିଲେ ତୋତେ ବୋଲିବେ ଭୂତ ॥
ଘର ଘରଣୀ ଦେହ କଳାଉ ଥିବେ । ଘେନ ବନ୍ଧୁ କୁଟୁମ୍ବ ଶୁଦ୍ଧ ହୋଇବେ ॥
ଉଦ୍ଧାର ହେବୁ ଯେବେ ଭବ ସାଗରୁ । ଉପାୟ କର ଏବେ ଭଜ ଶ୍ରୀ ଗୁରୁ ।
ଉଣା ହେଉଛି ଦିନୁ ଦିନ ଆୟୁଷ । ଆଉ ଏଣିକି ଅଛୁ କେତେ ବୟସ ॥
ଚନ୍ଦ୍ର ପ୍ରତିମା ପ୍ରାୟ ଦିଶୁ ସୁନ୍ଦର । ଚିର ଭିତର ଦେଖ କି ନାଢଖାର ॥
ଚର୍ମ ବେଢ଼ିଛି ପିନା ଚଉରଟିକି । ଚିତ୍ତ ତୁ ଦିଅ ନୀଳଗିରିବାସୀଙ୍କି ॥
ଛାର ଦେହକୁ ମନ କରିଛୁ ସଜ । ଛନ୍ଦ କପଟ ତେଜ ଗୋବିନ୍ଦ ଭଜ ॥
ଛୁଇଁବେ ନାହିଁ ତୋତେ ବୋଲିବେ ମଡ଼ା । ଛ' ଖଣ୍ଡି କାଠ ହେବ ତୋ ପାଇଁ ଲୋଡ଼ା ॥
ଯମ ଯେ ନ ଜାଣଇ ବାଳୁତ ଯୁବା । ଝାଇଁବୁ ବୋଲି ମନେ କରିଛୁ ଅବା ॥
ଜଣେ ହେଁ ଏଥି କେହି ନାହିଁ ଅମର । ଜଗନ୍ନାଥଙ୍କୁ ଭଜ ହେବୁ ଉଦ୍ଧାର ॥
ଝୋଲି କନ୍ଥା ପାଗ୍ରେଡ଼ା ପିନ୍ଧାକୁ ରସୁ । ଝାଡ଼ି ସଂସାରେ ମନ ନ ବୁଡ଼ି ବସୁ ॥
ଝୁଣ୍ଟି ପଡ଼ିଲେ ଉଠି ପାରିବୁ ନାହିଁ । ଝଡ଼ିଲ ପତ୍ର ବୃକ୍ଷେ ଲଗିଛି କାହିଁ ?
ନିଶି ଦିବସ ଥାଉ ନୋହୁନା ମନ । ନିଦ୍ରାରେ ଦେଖୁଅଛୁ ଯଥା ସ୍ୱପନ ॥
ନ ଯିବେ ସଙ୍ଗେ କେହି ଯିବୁ ତୁ ଏକା । ନାମ ମାତ୍ର ଅଟଇ ପଥକୁ ସଖା ॥
ଟାଣ କରିଛୁ ମନ ସବୁ ମୋହର । ଟଳି ପଡ଼ିଲେ କେହି ନୁହେଁ କାହାର ॥
ଟେର ଭିତରେ ଯେହ୍ନେ ଅପୂର୍ବ ନାରୀ । ଟୋପ ଚଉଁର ଅଛୁ ତୋ ଦେହେ ପୂରି ॥
ଠିକେ ମୁଁ କହୁଅଛି କର ମୋ କଥା । ଠିକେ ତୋ ଦେହେ ଅଛି ଶୂନ୍ୟ ଦେବତା ॥
ଠିକ ଯିବୁଟି ଠିକ ମୁଣ୍ଡେ ପଡ଼ିଲେ । ଠିକେ ଗୁରୁଙ୍କୁ ସେବା କର ତୁ ଭଲେ ॥
ଡାକି କହୁଛି ମନ ଭଜ ଗୋବିନ୍ଦ । ଡରି ଜଞ୍ଜାଳ ଯାଉ ତୋହର ହୃଦ ॥
ଡେରି ଥାଆନ୍ତି ଶ୍ରବଣ ଭକ୍ତ ଡାକକୁ । ଡଙ୍ଗା ଯେହ୍ନେ ଜଳରେ ଗୃହାଁ ପଛକୁ ॥
ଢୋଲ ଯେସନେ ଢ ଉଁ ଢାଉଁ ବାଜଇ । ଢାଳେ ଚହିଁ ଭିତରେ କିଛୁହିଁ ନାହିଁ ॥
ଢାଙ୍କି ରଖିଛି ଦେହ ସବୁଟି ତୁଚ୍ଛ । ଢଳି ପଡ଼ିଲେ ସବୁ ହେବଟି ମିଛ ରେ ॥
ଏଣେ ତୁ ଦେଖିଥିଲେ ତେଣେ ପାଇବୁ । ଅଣ ଆୟତ ବେଳେ କି ଘେନ ଯିବୁ ?
ଅଣ ନିଶ୍ୱାସୀ ହୋଇ ରହିବୁ ଦିନେ । ଅନେକ ଦୁଃଖ ଦେବେ ଯମ ଭୁବନେ ॥

Source: KC Dash, Digitized by PPRACHIN, SOA

ତୁ ଯେବେ ବୋଲୁ ମୋର ଅର୍ଜିଲି ଧନ । ଦେହ ନୁହେଁ ତୋହର ଦେଖ ଏ ମାନ ॥
ତୋହର ସଙ୍ଗ ମନ ଗଲେଣି କେତେ । ତୁ ମିଥ୍ୟା କଥାକୁ ତ ଯାଉ ପରତେ ॥
ଥିଲେ ଏ ସଂସାରରେ ଯେତେ ନୃପତି । ଥୟ କରିକେ ଭୋଗ କଲ ଏ ପୃଥ୍ୱୀ ?
ଥୋଇଲ ଧନ ଚୋର ଖଣ୍ଡ ଖାଇବେ । ଥାନେ ତୋହର ଘର କରି ରହିବେ ॥
ଦେହେ ପୂରିଛି ତୋର ଅଶେଷ ରୋଗ । ଦିନ ଗୃରିକ ସିନା ଏ ସୁଖ ଭୋଗ ॥
ଦଣ୍ଡେ ହେଁ କେହି ତୋତେ ରଖିବେ ନାହିଁ । ଦଣ୍ଡ ଯେ ଥିବେ ଯମ ଡଗର ଯହିଁ ॥
ଧର୍ମ ଅଧର୍ମ କଥା ନ ଜାଣୁ ତୁହି । ଧନ୍ଦ ହେଉଛୁ ଧନ ଅର୍ଜିବା ପାଇଁ ॥
ଧୋକା ରଖିଲେ ଧନ୍ଦା ଫିଟିବ ନାହିଁ । ଧର୍ମରେ ଆତଯାତ ହେଉଛୁ ମହୀ ॥
ନିନ୍ଦିତ କର୍ମ କଲେ ନିନ୍ଦା ପାଇବୁ । ନରକେ ପଡ଼ି କେତେ ଦୁଃଖ ସହିବୁ ।
ନିମିଷ ମାତ୍ର ମୁଖେ ନ ବୋଲୁ ହରି । ନାଶ ହେଉଛୁ କମ୍ପା ଧରୁ ଆବୋର ?
ପାହିଲେ ନିଶି ଯେହ୍ନେ ରବି ଉଦୟ । ପଦ୍ମ ଲୋଚନ ସବୁ ଦେହେ ଉଦୟ ॥
ପ୍ରଭୁଙ୍କୁ ଆଶ୍ରେ କରି ତରିବୁ ଯେବେ । ପାଦ ପଦ୍ମରେ ଚିତ୍ତ ଦିଅ ତୁ ଲବେ ॥
ଫୁଲ ଯେସନେ ଫୁଲେ ଫୁଲେ ବିହରେ । ଫୁଲ ସମୀରେ ଆଉ ନ ବଶେ ତାରେ ॥
ଫଳ ସଂସାରେ ଲଭ ହରି ଭଜନ । ଫାଶ ଲଗାକୁ ଜମା କରୁଛୁ ଧନରେ ॥
ବେଳକୁ ବେଳ ତୋତେ କହୁଛି ମୁହିଁ । ବାନ୍ଧିଣ ନେବେ ଯମ କି ଦୁଃଖ ଦେଇ ॥
ବିକଳେ କାନ୍ଦୁଥିବୁ ଆକୁଳ ହୋଇ । ବେଳହୁଁ ଆଶ୍ରେ କରି ଭଜ ଗୋସାଇଁ ॥
ଭେଳା ବୁଡ଼ିବ ହେଲା କଲେ କହୁଛି । ଭଙ୍ଗା ନାବରେ କେବା ସିନ୍ଧୁ ତରିଛି ?
ଭବେ ନିକଟ ସେହି ଅଭବେ ଦୂର । ଭକତ ଦାସ ବୋଲେ ଜୀବନ ସ୍ଥିର ॥
ମିଥ୍ୟା ମାୟା ସଂସାର ନୋହେ କାହାର । ମଲ ବୋଲିଣ ଦିନେ ପଡ଼ିବ ହୁରି ॥
ମଞ୍ଚ ଭିତରେ କେହି ରହିବେ ନାହିଁ । ମଲ ବୋଲି କାନ୍ଦୁଛୁ ମରିବୁ ତୁହି ॥
ଜନମ ହେଲେ ପ୍ରାଣୀ ଅବଶ୍ୟ ମରି । ଯଶ ରଖିବୁ ଯେବେ ଭଜ ଶ୍ରୀହରି ॥
ଯମ ଯେ ବାନ୍ଧିନେବ ହେବୁ ମେଲାଣି । ଜଗନ୍ନାଥ ମହିମା ଏଣିକି ଆଣି ॥
ରଙ୍ଗ ପସରା ସିନା ଭବ ସାଗର । ରଙ୍ଗ ଭିତରେ ଅଛି କି ନାରଖାର ॥
ରୂପ ପ୍ରତିମାକୁ ତୁ ପରତେ ନ ଯା । ରହିବେ ନାହିଁ କେହି ରାଜା ପରଜା ॥
ଲୋଚନେ ଦେଖି କର୍ଣ୍ଣେ ଶୁଣୁଛୁ ନିତି । ଲୋଭ କରି ଅର୍ଜିଲୁ ଧନ ସମ୍ପତ୍ତି ॥
ଲୋଭଟି ସବୁ ନାଶ କରଇ ମନ । ଲୋଡ଼ିଲେ ନ ପାଇବୁ ଆଉ ଜୀବନରେ ॥
ବିଅର୍ଥେ ବହିଅଛୁ ଦୁର୍ଲ୍ଲଭ ଦେହ । ବିଷୟା ବିଷେ ଆଉ ନ ବଳା ସ୍ନେହ ॥
ବୁଡ଼ି ଯିବଟି ମୂଳ ଲଭ ସରିବ । ବେଳହୁଁ ଆଶ୍ରେ କରି ଭଜ ମାଧବ ॥
ଶ୍ରୀକୃଷ୍ଣ ପାଦପଦ୍ମେ ଦିଅ ତୁ ମନ । ସରିଲେ ନ ପାଇବୁ ଆଉ ଜୀବନ ॥
ଶ୍ରୀକୃଷ୍ଣ ନାମ ଗୋଟି କରି ଭଜନ । ଶ୍ରୀକୃଷ୍ଣ ପାଦପଦ୍ମେ ଦିଅ ତୁ ଧ୍ୟାନ ॥
ସନ୍ତୋଷ ଚିତ୍ତେ ତୁହି ହରିଙ୍କି ଭଜ । ସଂସାରେ ପଡ଼ି ଆଉ ନ ପାଅ ଲାଜ ॥
ସବୁଟି ମିଛ ହରି ନାମଟି ସତ । ଶ୍ରୀକୃଷ୍ଣ ପାଦପଦ୍ମେ ଦିଅ ତୁ ଚିତ୍ତ ॥

Source: KC Dash, Digitized by PPRACHIN, SOA

ସତ୍ୟ ମଣୁଛୁ ଭୁଲ୍ବ ଭବ ସାଗର । ସତ ଯାଉଛୁ ପରମାୟୁ ତୋହର ॥
ସନ୍ତୋଷ ହୋଇ ଦୃଢ଼େ ଭଜ ଶ୍ରୀହରି । ଶୋକ ସାଗରୁ ଯେବେ ହୋଇବୁ ପାର ॥
ହୁଡ଼ିଲେ ଯେତେ ଜନ ହରି ନାମକୁ । ହୀନ ଗଣ୍ଡକି ଗଲେ ବୁଡ଼ି ତଳକୁ ॥
ହଜିଲେ ଦେହ ଆଉ ପାଇବୁ ନାହିଁ । ହାଟ ବସାଇଥିବେ ତୋ ଦେହ ପାଇଁ ॥
କ୍ଷୟ ଦୁର୍ଲ୍ଲଭ ଦେହ ହୋଏ ଆୟୁଷ । କ୍ଷୟ ନ ଯିବ ନାମ ହୃଦୟେ ଘୋଷ ॥
ସ୍ଥିର ଦେହକୁ ମନ ନଯା ବିଶ୍ୱାସ । ସ୍ଥିର ଦୁର୍ବୁଦ୍ଧି କହେ ଭକତ ଦାସ ॥

Source: KC Dash, Digitized by PPRACHIN, SOA

ସଂସାର ମନବୋଧ ଚଉତିଶା

କର ରେ କୀର୍ତ୍ତନ କୃଷ୍ଣପାଦେ ଦିଅ ମନ ।
କୃଷ୍ଣ ବିନା ନାହିଁରେ ସମ୍ପଦ ଧନଜନ ॥
ବୋଲହରି ରେ, ଗୋପାଳ ମଦନ ରେ । ୧ ।
ଖଣେ ଚିନ୍ତା କର ରେ ଅଲେଖ ନିରଞ୍ଜନ,
ଖଣ୍ଡିବ ଅଶେଷ ଦୁଃଖ ଯମର ସଦନରେ । ୨ ।
ଗଣ୍ଡିଧନ କର ଜୀବ ଗୋବିନ୍ଦର ନାମ,
ଗହନ ମାୟାରୁ ରେ ତାରିବେ ରାଧାଶ୍ୟାମ । ୩ ।
ଘୋଷ ସଦା ଗୋବିନ୍ଦ ନାମ ଛେଦ କାଳଦଣ୍ଡ,
ଘର କର ଯିବୁଁ ତହିଁ ଅମର ଭୂମି ଖଣ୍ଡ ରେ । ୪ ।
ଙଶ୍ୱାସ ପାଇବୁ ଯେବେ ନାମ ଆଶ୍ରେ କର,
ଙଦ୍ଧରଣ ଯିବୁ ଯମ ଦଣ୍ଡକୁ ନ ଡର ରେ । ୫ ।
ଚେତ ରେ ପାମର ଜୀବ ନ ବୁଡ଼ ସଂସାରେ,
ଛିଉ ବୁଡ଼ାଇବୁ ନେଇ ଚିନ୍ତାମଣି ପୁରେ ରେ । ୬ ।
କ୍ଷଣେ ନିମିଷେ ଦଣ୍ଡେ ପ୍ରଭୁ ନାମ ଧର,
ଝୁର ଏ ନରକକୁଣ୍ଡ ଭବଦଣ୍ଡୁ ତର ରେ । ୭ ।
ଯମ ଦୂତମାନେ ବୁଲୁଛନ୍ତି ଥରେ ଥର,
ଜଗନ୍ନାଥ ନାମ ଗୋଟି ଆଶ୍ରେ କରି ଧର ରେ । ୮ ।
ଝଗଡ଼ରେ ଛଡ଼ ମନ କୃଷ୍ଣ କଲୁ ହେଲା,
ଝମଣ୍ଟକେ ନେବ ଯମ ବୁଡ଼ିଯିବ ଭେଳା ରେ । ୯ ।
ନେବା ଆଣିବାକୁ କଛୁ ନ ଦେଉଛି ପଥେ,
ନାମ ଆଶ୍ରେ କରି ହୋ ଯିବାକୁ ଶୂନ୍ୟ ପଥେ ରେ । ୧୦ ।
ଡାକଛି ଯମର ଦୂତ ତୋର ଶରୀରକୁ,
ଡାକ ବେଳ ଥାଉଁ ମନ ଶ୍ୟାମମୋହନକୁ ରେ । ୧୧ ।
ଠାକୁର ଚରଣ ଛାଡ଼ି ଆନକୁ ନ ଭାବ,
ଠାକୁରଙ୍କୁ ଭାବିଲେ ପାଇବୁ କୋଟି ଲଭ ରେ । ୧୨ ।
ଡେରିଥା ଶ୍ରବଣ ଦୁଇ ଗୋଲୋକ ଭୂମିକୁ,
ଡୋଳେ ଦେଖି ପ୍ରତେ ଯିବୁ ଶ୍ୟାମମୋହନକୁ ରେ । ୧୩ ।

Source: KC Dash, Digitized by PPRACHIN, SOA

ଡାଗ ମାର ଝେଳୁଛନ୍ତି ଯମଦୂତଗଣ,
ଡମାଳଆ କାହ୍ନୁ ନାମେ କର କୀର୍ତ୍ତନ ରେ । ୧୪ ।
ଅମୃତ ପ୍ରଭୁର ନାମ ଥାଉ ବା ନ ଥାଉ,
ଅଭସ୍ମ ବୈକୁଣ୍ଠ ଗୁଡ଼ି ମଞ୍ଜପୁରେ ଯାଉ ରେ । ୧୫ ।
ତରକ ସଂସାରେ ତର ଯାତନା ଯମ ଘର,
ତରିବାକୁ ପଥ ଅଛୁ ନାମେ ଆଶ୍ରେ କର ରେ । ୧୬ ।
ଥିବୁ କେତେଧନ ବୋଲି ଗର୍ବ ମତ୍ତ ଏତେ,
ଥାନ ଗୁଡ଼ିଗଲେ ପିଣ୍ଡ କେ ଛୁଇଁବ ତୋତେ ରେ । ୧୭
ଦପ୍ମା ବୋଲି ଯେଉଁ ପଦ ଶ୍ରୁତିବେଦ ସାର,
ଦପ୍ମାପଦ ଥିଲେ ଦେହ ଯାଇବୁ ତୁ ଅତି ରେ । ୧[illegible]
ଧ୍ରୁବପଦ କର ନାମ ମନ୍ତ୍ର କର ଗୁଣା,
ଧ୍ୟାନକର ପଦ୍ମପାଦେ ପାଅ ଉଦ୍ଧାରଣା ରେ । ୧୯ ।
ନାମ କୀର୍ତ୍ତନ କର ଯମଦଣ୍ଡ କାଟ,
ନାରାୟଣ ନାମ ଯେ ବୈକୁଣ୍ଠପୁରର ବାଟ ରେ । ୨୦ ।
ପାଇବୁ ପରମ ଗତି ସେବା ଗୁରୁ ସେବା କଲେ,
ପ୍ରତ୍ୟକ୍ଷେ ପାଇବୁ ତୁ ବୈକୁଣ୍ଠ ନିଜ ପୁରେ ରେ । ୨୧ ।
ଫିଟିଛି କବାଟ ତୁ ବୈକୁଣ୍ଠ ପୁରେ ଯା ଯା,
ଫୁରୁଣା ହୋଇଣ ମନଗୋବଦେ ପଣ ଯାଚରେ । ୨୨ ।
ବୈକୁଣ୍ଠ ବଜାରେ ମନ କର ବିକା କଣା,
ବେଳ ଜାଣି କର ହାଟ ପଛେ ହେବୁ ବଣା ରେ । ୨୩ ।
ଭାବିଲେ ନିକଟ ନ ଭାବିଲେ ବହୁ ଦୂର,
ଭୃତ୍ୟପଣେ ସେବା କର ପ୍ରଭୁଙ୍କ ପୟର ରେ । ୨୪ ।
ମୁକୁନ୍ଦ ମାଧବ କୃଷ୍ଣ ହୃଦପଦ୍ମେ ସ୍ମର,
ମରଣକାଳକୁ ଯିବ ପଥ ସଜ କର ରେ । ୨୫ ।
ଯମଦୂତମାନେ ବୁଲୁଛନ୍ତି ଘର ଘର,
ଜଗନ୍ନାଥ ନାମ ଗୋଟି ଆଣିକରି ଧର ରେ । ୨୬ ।
ରାଧାକୃଷ୍ଣ ଚରଣ ତୁଳସୀ କଣ୍ଠେ ଭର,
ରାଧାକୃଷ୍ଣ ବିନୁ ଜୀବ ନାହିଁ ପ୍ରତିକାର ରେ । ୨୭ ।
ଲଳିତା ସଖୀଙ୍କ ସଙ୍ଗେ କୃଷ୍ଣ ସେବା କର,
ଲଭ ତୁ ପାଇବୁ କୋଟି ଜନ୍ମରୁ ଅମର ରେ । ୨୮ ।
ବତିଶ ଅକ୍ଷର ନାମ ଦୃଢ଼ କରି ଥିବୁ,
ବୈକୁଣ୍ଠପୁରକୁ ତୁ ନିଶ୍ଚିନ୍ତେ ଚଳିଯିବୁ ରେ । ୨୯ ।

Source: KC Dash, Digitized by PPRACHIN, SOA

ଶ୍ରୀକୃଷ୍ଣ ନାମ ଗୋଟି ଜିହ୍ୱାକୁ ଦୁର୍ଲ୍ଲଭ,
ସଂସାର ତରିବାକୁ ଶ୍ରୀକୃଷ୍ଣ ନାମ ନାବ ରେ । ୩୦ ।
ଶରଣ ରଖିବେ ତୋତେ ତ୍ରୈଲୋକ୍ୟ ଠାକୁର,
ଶରଧା କରିଣ ନିତ୍ୟେ କୃଷ୍ଣ ନାମ ଧର ରେ । ୩୧ ।
ଶରଧା କର ରେ ମନ ଗୋବିନ୍ଦ ଭଜିଲେ,
ସଂସାରରୁ ତରିଯିବୁ ଶ୍ରୀଗୁରୁ କହିଲେ ରେ । ୩୨ ।
ଷର ଗୁରୁ ବଇଷ୍ଣବ ନିତ୍ୟେ ସେବା କର,
ଷରଣି ସଙ୍କଟୁ ପ୍ରଭୁ କରିବେ ଉଦ୍ଧାର ରେ । ୩୩ ।
ଛ’ ଛନ୍ଦେ ଗୋବିନ୍ଦ ନାମ କି ସନ୍ଧ୍ୟା ଭଜନ,
କ୍ଷଣେ ଜଗନ୍ନାଥ ଦାସ କରଇ ଗାୟନ ରେ । ୩୪ ।

Source: KC Dash, Digitized by PPRACHIN, SOA

ବା ଚଉତିଶା

କରୁଣା ସାଗର କମଳାଙ୍କ ବର କରେ ଶଙ୍ଖ ଚକ୍ର ଧର
କୋଟି କନ୍ଦର୍ପ ଲବଣ୍ୟ ସାର ରୂପେ ଦନୁଜକୁଳ ନିବାର ବା
(ଭୃମ୍ଭ) କଡ଼ି କୁସୁମର ଚୂଳ
କର୍ଣ୍ଣେ ଶୋଭୁଛି ରତ୍ନ କୁଣ୍ଡଳ ବା । ୧ ।
ଖେଡ଼ି ଘର କରି ଦେବ ଚକ୍ରଧାରୀ ବେଗେ ଲଗାଇଲ କେଳି
ଖ୍ୟମାଣ ପଣେ ଅଙ୍କ ଵସ୍ତ୍ରକୁମର ଶ୍ରୀଅଙ୍ଗେ ମାଇଲା ଧୂଳି ବା
(ଭୃମ୍ଭେ) କ୍ଷୀର ସିନ୍ଧୁ ମଧ୍ୟେ ଥାଅ
ଖେଳୁ ଅଙ୍କକୁ ଲୋଚନ ଦିଅ । ୨ ।
ଗହନବନେ ଭ୍ରମନ୍ତି ମୁନିମାନେ ଗତାଗତି ଥିବା ବନ୍ଧ
ଗୋବର୍ଦ୍ଧନ ଧରି ଗୋପକୁ ରଖିଲେ ଗୁଣମଣି ଭବଗ୍ରାହ୍ୟ ବା
(ଭୃମ୍ଭ) ଗିରିଧର ନାମ ଚେଣୁ
ଗ୍ୟାମ ନାମେ ଅଛନ୍ତି ବଖାଣୁ ବା । ୩ ।
ଘୋଟିଛି ବ୍ରହ୍ମାଣ୍ଡ ଘୋର ନବଖଣ୍ଡ ନାମର ଯେ ଫଳାଫଳ
ଘେନି ବଧିକାକୁ ଯେତେ ଭାବ କଲେ ନନ୍ଦନ ବାଳ ଗୋପାଳ ବା
(ଭୃମ୍ଭେ) ଘୋରବନେ ଥାଅ ରହି
ଘୃତ ଲବଣୀ ଖାଅ ଗ୍ରେସାଇ ବା । ୪ ।
ନାସିକା ବଧାନ ଢଳ-କୁସୁମେଣ ଘନମେଘ କାନ୍ତି ଶୋଭେ
ନେତର ଉପରେ ପତନ ଶୋହୁଛି ରୂପ ଯୋଗୀଜନ ମୋହେ ବା
(ଭୃମ୍ଭେ) ନାରଦ୍ପୃଣ ନିରାକାର
ନାମ ଜପନ୍ତି ବ୍ରହ୍ମାଶଙ୍କର ବା । ୫ ।
ଚମ୍ପା ନାଗେଶ୍ୱର ଚୂଳକୁ ସୁନ୍ଦର ଚଉ ହରିନେଲେ ମୋର
ଚନ୍ଦନ ପାଟି ଜଗତ ମୋହୁଅଛି ଚଞ୍ଚଳା ଦେବୀଙ୍କ କର ବା
(ଭୃମ୍ଭ) ଚଞ୍ଚଳ ବଦନ କଳା
ଚୂହିଁ ପଡ଼ଣ ମଲ୍ଲ ମଣ୍ଡଳା ବା । ୬ ।

ଢଳ-କୁସୁମେଣ — ସିରିଫୁଲ୍

Source: KC Dash, Digitized by PPRACHIN, SOA

ଛୁଞ୍ଚ ଖାରନେଇ ଛନୀ ପଡ଼ା ମତ ଛ' ଛନ୍ଦ ଗୃହିଁଣୀ ଦେଖ
କ୍ଷୀର ସଙ୍ଗତେ ଯେ ପୁତନା ଶୋଷିଲ ସଂସାର ଦୁଃଖ ବା
(ତୁମ୍ଭେ) ଛେଦିଲ ସ୍ତ୍ରି ଖର ନାସା
ଖର ତରୁ ତଳେ କଲ ବସା ବା । ୭ ।

ଜଗତଜୀବନ ଯଶୋଦା ନନ୍ଦନ ଯୁବତୀକୁଳ ଧାରଣ
ଜନ୍ତୁପତି ଯାର ନାମକୁ ଜଙ୍କର ଯୁଝେଷ୍ଟି ରାଜାଙ୍କ ପ୍ରାଣ ବା
(ତୁମ୍ଭେ) ଜୀବନ ଦେଲ ପାଷାଣ
ଯାନ୍ତେ ଜଗି ଅସୁରୀକ ହାଣ ବା । ୮ ।

ଝଟ ଝଟ ମୁଖ ନରେଖିଣ ଦୁଃଖ ଝମଣ୍ଡକେ ଯାଇ ମନୁ
ଝାଡ଼ର କୁସୁମମାଳ ଶୋଭବନ ଚକ୍ଷୁଃସମ ଲଗି ଚନୁ ବା
(ତୁମ୍ଭେ) ଝାମ୍ପ ମାଇଲ ଅସୁର
ଝିଅ ନେଲଟି ବଳେ ରାଜାର ବା । ୯ ।

ନବଘନ ଶ୍ୟାମ ନାହିଁ ଅନୁପମ ଶରଣ ରକ୍ଷଣ ବାନା
ନଷ୍ଟ ଦାରୁଣ ଦୁଃଶାସନ ଆଗେଣ ଦ୍ରୁପଦୀକ ବଜ୍ରସେହ୍ନା ବା
(ତୁମ୍ଭେ) ନନ୍ଦକୁ ଆଣିଲ ଜଳୁ
ନବ ଯୁବତୀ ରଖ ଅନନ୍ତ ବା । ୧୦ ।

ଟାକଛନ୍ତ୍ର ଯାକୁ ବ୍ରହ୍ମାଦି ଈଶ୍ୱର ପାଦପଦ୍ମ କରି ଲଏ
ଟେକ ଶ୍ରବଣ ଗଜକୁ ନିସ୍ତାରିଲ ଦେବତାଙ୍କୁ ଦେବରାଏ ବା
(ତୁମ୍ଭ) ଟାଣ ପଣ ସବୁଦିନେ
ଟାଙ୍କ ରସକ୍ରୀଡ଼ା ବୃନ୍ଦାବନେ ବା । ୧୧ ।

ଠାକୁର ନୋହଇ ଏତେ ମାୟା ହୃଦରେ ଠାବ କଲ ଏତେକାଳେ
ଠକ ଭଣ୍ଡପଣେ ନାଚିଲ ଆପଣେ ଗୋପୀ ବୋଲେ ଭୂତ ମେଳେ ବା
(ତୁମ୍ଭ) ଠାବ ନିଜ ନୀଳଗିରି ।
ଠିକେ ଦନୁଜ ବଳ ନିବାରି ବା । ୧୨ ।

ଡମ୍ବରୁଧର ଆଗେ ଧରି ରୂମର ଭାଙ୍ଗିଲ ତାଙ୍କର ଦର୍ପ
ଡେଇଁ କାଳନ୍ଦୀରେ ମନ୍ଥନା ରହିଲ ମର୍ଦ୍ଦିଲ କାଳିଆ ସର୍ପ ବା
(ତୁମ୍ଭେ) ଡାକ ମୁରଲୀ ବଜାଇ
ଡାକ ମୋହିଲ ଗୋପର ଗୋଷ୍ଠ ବା । ୧୩ ।

ସ୍ତ୍ରୀର ନାସା—ସୂର୍ପଣଖାର ନାସା
ସେହ୍ନା—କବଚ
କାଳନ୍ଦୀ—ଯମୁନା, ଏଠି କାଳନ୍ଦୀ ହ୍ରଦ ।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଢଳ ଢଳ ହସେ ଶ୍ରୀରଙ୍ଗା ଅଧର ଢୋକିଲା ଅମୃତ ଜାଣି
ଢମ କହୁନାହିଁ ପ୍ରାଣରୁ ଅଧିକ ନନ୍ଦ ସୁତ ଚକ୍ରପାଣି ବା
(ତୁମ୍ଭ) ଢାଳ ଗୃହଣୀଙ୍କ ଦେଖି
ଢଳ ଢଳ ହସେ ଚକା ଆଖି ବା । ୧୪ ।

ଅଣ ଆକୃତ ଯେବଣ ତନମୂର୍ତ୍ତି ଆନନ୍ଦେ ଦେଖନ୍ତି ନର
ଅନେକ ଭୋଗ ନାନାବର୍ଣ୍ଣେ ଭୁଞ୍ଜନ୍ତ କେ ତାହା କରିବ ପାର ବା
(ତୁମ୍ଭେ) ଆଣିଲ ଗୁପତେ ମଣି
ଅଣଦେଖା ଯେ କଲ ଘରଣୀ ବା । ୧୫ ।

ତୁଳସୀ ମାଳ ଯା କଣ୍ଠେ ଲମ୍ବିଅଛି ତିଳକରେ ମନଦେଇ
ତ୍ରୈଲୋକ୍ୟ ଠାକୁର ନାସ୍ତିକ ନ କର ତାଙ୍କବିନୁ ଠାବ ନାହିଁ ବା
(ତୁମ୍ଭେ) ତରକ ଚିରିଲ ବକା
ତାଳ ବନେ ମାରିଲ ଧେନୁକା ବା । ୧୬ ।

ଥାବର ଜଙ୍ଗମ ଏ କୀଟ ପତଙ୍ଗ ହୋଇଅଛି ଯାର ହୃଦ
ଥିରକରି ମାଏ ଗର୍ଭକୁ ଗୃହିଲେ ଦେଖିଣ ହେଲେ ବିଷାଦ ବା
(ତୁମ୍ଭେ) ଥିଲ ନନ୍ଦ ଘରେ ରହି
ଥିଲେ ଯେବେ ଯଶୋଦା ଖଟାଇ ବା । ୧୭ ।

ଦୀନଜନ ବନ୍ଧୁ ନାମ କୃପାସିନ୍ଧୁ ଦରିଦ୍ର ଲୋକଙ୍କ ଧନ
ଦାସ ସୁଦାମ ଯା ପ୍ରାଣରୁ ଅଧିକ ଫେଡ଼ିଲ ତାଙ୍କର ମାନ ବା
(ତୁମ୍ଭେ) ଦେଲ ଲଙ୍କା କରି ଦତ
ଦୁଃଖୀ ଦରିଦ୍ର ବ୍ରାହ୍ମଣ ମିତ ବା । ୧୮ ।

ଧନ୍ୟ ଶୋଭା ପାଇଁ ବିସ୍ତାର ବଇଠି ଧନ୍ୟ ଶୋଭା ତାଙ୍କ ବୁକୁ
ଧରିବ ବା କଉଁ ମୁନି ଧଇର୍ଯ୍ୟ ଧରଣୀଧର ରୂପକୁ ବା
(ତୁମ୍ଭ) ଧଇର୍ଯ୍ୟ ମହିମା ମେରୁ
ଧରି ଗଲଟି ଦୈତ୍ୟ ହସରୁ ବା । ୧୯ ।

ନାନା ରତ୍ନ ନେଇ ଶ୍ରୀଅଙ୍ଗେ ମନାଇ ନୀପ ମୂଳରେ ତ୍ରିଭଙ୍ଗୀ
ନାଗରୀ ଜୀବନ ଶ୍ରୀ ମଧୁସୂଦନ ଗୋପାଳ ପୁଅଙ୍କ ସଙ୍ଗୀ ବା
(ତୁମ୍ଭ) ନାମର ଅନ୍ତ ନ ପାଇ
ନିଆଁ ଗିଳିଲ ଗୋପାଳ ପାଇଁ ବା । ୨୦ ।

ପରମ ପୁରୁଷ ଦାସଙ୍କ ବିଶ୍ୱାସ ପଥକୁ ସମ୍ବଳ ନାମ
ପିଠାପଣା ନାମେ ଅମୃତ ପୂରିଛି ନାମକୁ ଶଙ୍କର ଯମ ବା
(ତୁମ୍ଭ) ପୀତ ବସନ କଟିରେ
ପକ୍ଷୀ ରଖିଲ ରଣ ଭୂମିରେ ବା । ୨୧ ।

Source: KC Dash, Digitized by PPRACHIN, SOA

ଯାଇ ମୋଟ ଦେହ ଫେଡନ୍ତି ସନ୍ଦେହ ଫୁଲେ ଅଙ୍ଗେ ଅଛୁ ଲୁଚି
ଫୁ ରୁଣା ହୋଇ ଅଯୋଧ୍ୟାରେ ପର୍ଶୁ ଧନୁ ଭାଙ୍ଗିଲ ଆମଞ୍ଚ ବା
(ତୁମ୍ଭେ) ଯାଇବଳେ ଅଟ ବଡ଼
ଯାଇ କପି ଘେନ ଲଙ୍କା ବେଢ଼ ବା ।୨୨।
ବୃନ୍ଦାବନେ ପଶି ମନ୍ଦ ମନ୍ଦ ହସି ବଂଶୀ ସ୍ୱର କରନ୍ତେ ବସି
ବୃନ୍ଦାବଣ ନଜ କନ୍ଧରେ ବସାଇ ବୁଲିଲ କରୁଣାରାଶି ବା
(ତୁମ୍ଭେ) ବେଭାରେ ରସିକମଣି
ବସି ଚରଣେ ଝଅ ଅଳତା ବା ।୨୩।
ଭଲ ବେନ ଭୁଜ ହୋଇଅଛୁ ଭଜ ଭକତଜନଙ୍କ ପାଇଁ
ଭବଗ୍ରାହୀ ନାଥ ଭୁଜ ଟେକିଛନ୍ତି ଶରଣ ପଶିବା ପାଇଁ ବା
(ତୁମ୍ଭଙ୍କୁ) ଭୋଳାନାଥ କରେ ପୂଜା,
ବିଭୀଷଣ ଲଙ୍କେ କଲ ରାଜା ବା ।୨୪।
ମହିମା ଅସୀମ ପ୍ରଭୁ ପୀତବାସ ମହାଘୋର ଦୁଃଖ ଫେଡ଼
ମତ୍ତ ଗଜଦନ୍ତ ଭୁଜରେ ଉପାଡ଼ି କନ୍ଧରେ କଲ ଲଉଡ଼ ବା
(ତୁମ୍ଭେ) ମାୟାଧର ଆନନ୍ଦକନ୍ଦ
ମାଲ ମାର ମଥୁରାରେ ଦ୍ୱନ୍ଦ୍ୱ ବା ।୨୫।
ଯେତେ ଜୀବଜନ୍ତୁ ଯେଣେ ଥିବେ ଥାନ୍ତୁ ଜଗନ୍ନାଥରେ ଶରଣ
ଯାଆଇ ଦେଲେ ଆପଣ ଗୁ ରୁପୁଣି ତିନି ଭୁବନେ ପୁରାଣ ବା
(ତୁମ୍ଭେ) ଜଗ ଗୋପପୁର ବାଟ •
ଯହିଁ ରସିକପଣକୁ ଘଟ ବା ।୨୬।
ରସିକ କାଳିଆ ଗୋପୀଙ୍କ ମେଳିଆ ରଙ୍ଗେ ବୃନ୍ଦାବନେ ବିଜେ
ରତ୍ନ କଟାଉ ଚରଣେ ଶୋଭାବନ ରୂପ କୋଟି କାମ ଗଞ୍ଜେ ବା
(ତୁମ୍ଭେ) ରଙ୍ଗ କୁସୁମକୁ ରସି
ରଖ ଜଳରେ ଗର୍ଭରୁ ଋଷି ବା ।୨୭।
ଲଙ୍ଗଳଧର ଠାକୁର ବଳୀବର ଲକ୍ଷ୍ମୀମାଳା ଶିରୋମଣି
ଲକ୍ଷଦେବାକୁ କେଉଁ ପ୍ରଭୁ ଅଛନ୍ତି ଶିରରେ ସପତ ଫେଣି ବା
(ତୁମ୍ଭେ) ଲଙ୍ଗଳେ ଚାଉ ହସ୍ତିନା
ଲୀଳା ଭାବକୁ ସଂସାରେ ସିନା ବା ।୨୮।
ବଶିଷ୍ଠ ନାରଦ ବେଦବ୍ୟାସ ଆଦି ସେବନ୍ତି ଯେଉଁ ଚରଣ
ବାଇ କରାଇଲ ବ୍ରାହ୍ମଣ ସୁବର୍ଣ୍ଣ ବନେ ଭୋକ ଭଆଇଣ ବା
(ତୁମ୍ଭ) ବଜ୍ରଧର ଭୁଲେ ବାଦ
ବାହୁବଳେ ଦଶଶିର ଛେଦ ବା ।୨୯।

ବଜ୍ରଧର—ଇନ୍ଦ୍ର

Source: KC Dash, Digitized by PPRACHIN, SOA

ସହସ୍ରେ ନାମ ଯେଉଁ ନାମେ ବିଶ୍ରାମ ଶୁଣିଲେ ତରନ୍ତି ନର
ସାମବେଦକୁ ସନ୍ତୋଷ ଭବଗ୍ରାହୀ ସୀତାପତି ରଘୁବୀର ବା
(ତୁମ୍ଭ) ସୁନ୍ଦରପଣକୁ ଭଜି
ସୁମରଣ କରିଲେ ସୁକେଶୀ ବା । ୩୦ ।

ସିଂହ ଗତି ଜାଣି ବିକ୍ରମର ଠାଣି ସମୁଦ୍ର ତଟେ ରହଣି
ସନକ ମୁନି ଯେଉଁନାମେ ଶରଣ ସେବନ୍ତି ସିନ୍ଧୁ ଦୁଲଣୀ ବା
(ତୁମ୍ଭେ) ଷଣ୍ଢୁକୁ ସଂହାରିଲେ ମାରି
ଶିଶୁପାଳର ସାରି ବେଭାର ବା । ୩୧ ।

ଶ୍ୟାମଳ ସୁନ୍ଦର ଦେବକୀ କୁମର ସୋଳ୍ପି ଚିତାକୁ ଶରଧା
ସହଜେ ଶ୍ୟାମଳ ଭ୍ରୂଲତା ଯୁଗଳ କଣ୍ଠୁଲେ ଗୁଞ୍ଜୁରିବନ୍ଧା ବା
(ତୁମ୍ଭେ) ସନ୍ଥ ଜନଙ୍କ ଗୋସାଇଁ
ସହ ହୃଦେ ଭୃତ୍ୟ ପାଦ ପାଇ ବା । ୩୨ ।

ହୀର ମାଳା ମୋତି ହୃଦେ ଝଟକନ୍ତି ହେମ ମର୍କତ ଗଢ଼ଣ
ହରିଲ ମନ ଭାଙ୍ଗିଲ ଯୋଗୀଧ୍ୟାନ ହୁଆ ପଦକ ବିଧାନ ବା
(ତୁମ୍ଭେ) ହରଧନୁ ଭାଙ୍ଗି ଜିତା
ହୃଦେ ମାଳ ଦେଲ ନେଇ ସୀତା ବା । ୩୩ ।

କ୍ଷୀର ପାନକଲ ମାଣିକ୍ୟ ଦେଇଣ କ୍ଷିତିପତି ରଘୁନାଥ
କ୍ଷମାସାଗର ଠାକୁରଙ୍କୁ ଭଜଣ ବିପ୍ର କପିଳା ମୁକତ ବା
(ତୁମ୍ଭେ) କ୍ଷ କ୍ଷଦେ ଫେଣ୍ଡି ସଙ୍କଟ
କ୍ଷେମେ ରଖିଲ ବଟ ନିକଟ ବା । ୩୪ ।

ମାଣିକ୍ୟ — କାଞ୍ଚୀ ଯାତ୍ରାବେଳେ ମାଣିକ ଗଉଡ଼ୁଣୀଠାରୁ ଦହି ଖାଇ ତାକୁ ମାଣିକ୍ୟ ମୁଦି ଦେଇଯାଇଥିଲ ।

Source: KC Dash, Digitized by PPRACHIN, SOA

ଆର୍ତ୍ତତ୍ରାଣ ବା ଜଣାଣ ଚଉତିଶା

(ରାଗ କାମୋଦୀ)

କୃପାସିନ୍ଧୁ ବଦନ   କର ଅବଲୋକନ
କଉଁ କରମହୀନ ଜନ,
କାକୁସ୍ଥଭର ହୋଇ   କର ଯୋଡ଼ି ଜଣାଉଁ
ଗରୁଡ଼-ସ୍ତମ୍ଭ ସନ୍ନିଧାନ ହେ
ମହାପ୍ରଭୁ !
କୃପା- ସରିତ-ପତି ହୋଇ
କର୍ମହୀନ ଜନର ତହିଁ
କରୁଣା କଲ ନାହିଁ   କିମ୍ପା ହେ ଭବଗ୍ରାହୀ
ଏହା ମୁଁ ବିଚିତ୍ର ମଣଉଁ ହେ । ୧ ।

ଖିଳ ବ୍ରହ୍ମାଣ୍ଡୋଦରେ   କର୍ମ ହୀନ ଜନରେ
ଯେଣୁ ମୋ ସମ ଆନ ନାହିଁ
ଖଗ ତିଳକ କାନ୍ତ   କି କାରଣୁ ଏମନ୍ତ
ଖେଦ ଆରତେ କହ୍ଲଉଁ ହେ
ମହାପ୍ରଭୁ !
ଖଣ୍ଡିଲ ନାହିଁ ଯେଣୁ ମୋର
ଖେଦ ଆରତ ରତ୍ନାକର
ଖିଳ ବ୍ରହ୍ମାଣ୍ଡୋଦରେ   ଖଣ୍ଡି ନାହିଁ କାହାରେ
କଉଁ ବିପଦ ବିଶ୍ୱମ୍ଭର ହେ । ୨ ।

୧-୩—କାକୁସ୍ଥତର ହୋଇ (ଗ) ।
୧-୭—କରମ ହୀନ ଜନ ମୁହିଁ (ଖ) ।
କୃପାସିନ୍ଧୁ—ଦୟାସାଗର
କୃପାସରିତ ପତି—ଦୟାସାଗର
ବିଚିତ୍ର—ଆଶ୍ଚର୍ଯ୍ୟ
୨-୭—ଦେଖ କରୁଣା କର (ଖ) ।

Source: KC Dash, Digitized by PPRACHIN, SOA

ଗଜରାଜଙ୍କୁ ଜଳେ — ଗ୍ରାହ ଗ୍ରାସିଲା କାଳେ
ଡାକିଲା ରଖ' ଆଦିମୂଳ
ଗରୁଡର ଆଡଙ୍ଗ — ଜାଣି ଛାଡ଼ ଶ୍ରୀରଙ୍ଗ
ରଥାଙ୍ଗ ପେଷିଲ ତତ୍କାଳ ହେ
ମହାପ୍ରଭୁ !
ଗ୍ରାହ ଜୀବନେ ନିବାରିଲ
ଗଜ ଦୁର୍ଗତିରୁ ତାରିଲ
ଗରୁତ୍ମାନ କେତନ — ମୋହ କର୍ମକୁ ହାନ
ନିରଖ ମାରନଧି ହେଲ ହେ । ୩ ।

ଘନଶ୍ୟାମ ହେ ଘନ- — ବିପଦ ବିନାଶନ
ବିସ୍ମରୁ ଥାଇ ମନେ ମୋର
ଘୋର ବିପତ୍ତି ସ୍ଥୁର — କେତେ ମାତ୍ର ଯାହାର
ପ୍ରଭୁ ·ମହିମା-ଅକୂପାର ହେ
ମହାପ୍ରଭୁ !
ଘନେ ଏ କଥା ମନେ ଥିଲା
ଘୃଣା କି କାରଣେ ହୋଇଲା
ଘୋର ସଙ୍କଟ ମୋର — ହୋଇ ଘଟକୁମର
ମହିମା ବାରିଧି ଶୋଷିଲା ହେ । ୪ ।

୩-୧— ଗ୍ରାହ ଗ୍ରାସିବା କାଳେ (ଖ)
୩-୩ — ଜାଣିଣ ତା ଶ୍ରୀରଙ୍ଗ
୩. ୭— ଗଜକୁ ବିପତ୍ତୁ ତାରିଲ (ଖ)
୩ ୭— ମୋହା · କର୍ମକୁ ଏବେ
ଖିଳ— ସମଗ୍ର, ଖଗ ତିଳକ କାନ୍ତ - ବିଷ୍ଣୁ
ଗ୍ରାହ—କୁମ୍ଭୀର, ଗରୁତ୍ମାନ —ଗରୁଡ଼
୪-୧ —ବିପତ୍ତି ବିନାଶକ (କ)
୪-୩—କେତେ ମାତ୍ରର ଯାହା (କ)
୪-୮— ଘୋର ବିପତ୍ତି ସ୍ଥୁର ହୋଇ ଘଟ କୁମ୍ଭର ମହିମା ବାରିଧି ଶୋଷିଲ (ଖ)
ଅକୂପାର—ସମୁଦ୍ର ।
ଘଟକୁମ୍ଭର— ଅଗସ୍ତି,

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ନିରେଖ ନିସ୍ତାରଣ କାରଣେ ପ୍ରହରଣ
କର କମଳରେ ବହୁଛ
ନିଧନ ସମୟରେ କ୍ଷମା ମୋ ବିଷୟରେ
ନିର୍ଦ୍ଦୟ ହୃଦୟ ହୋଇଛ ହେ
ମହାପ୍ରଭୁ !
ନୀଳାଚଳରେ ତୁମ୍ଭେ ଥିବ
ନିଷ୍ଠେ ନିରେଖ ନାଶ ଯିବ
ନିଖିଳ-ନିକେତନ ନବ-ପଞ୍ଚ-ଭୁବନ
ମଧ୍ୟେ ଏ କେମନ୍ତ ଦିଶିବ ହେ । ୫ ।
ଚତୁର୍ବର୍ଗ ଯାହାର ଚରଣେ ପରିସ୍ଥିର
ଚଞ୍ଚଳା ଯାର ଆଜ୍ଞାକାରୀ
ଚନ୍ଦ୍ରିଁ ଯାହା ଶ୍ରୀମୁଖ ଚ୍ୟୁତ ଦୁରିତ ଦୁଃଖ
ସେ ପ୍ରଭୁ-ଭୃତ୍ୟଙ୍କଁ ଡକାସ୍ତ ହେ
ମହାପ୍ରଭୁ !
ଚତୁର୍ଦ୍ଦିଗ ଭୁବନ ପ୍ରାଣୀ
ଚକିତ ହେବେ ଏହା ଶୁଣି
ଚିହ୍ନ ନୋହଇ ଏହୁ କଥା ହେ ମହାବାହୁ
ନୀଳ ଶଇଳ-ଚୂଡ଼ାମଣି ହେ । ୬ ।
ଛୁଡ଼ି ସକଳ ଆଶ ତୁମ୍ଭ ପାଦ-ସାରସ
ଭରସା କରିଛୁ ସନ୍ତତ
କ୍ଷୋଭ ସାଗରେ ପଡ଼ି ମରିବା କାଳେ ବୁଡ଼ି
ଛୁଡ଼ି ତ ଦେଇଅଛ ମୋତେ ହେ
ମହାପ୍ରଭୁ !

୫-୩—ସମୟରେ ନିରକ୍ଷ ଜନଠାରେ (ଖ)
୫-୫—ନିରକ୍ଷଜନ ନାଶଯିବ (ଖ)
୫-୯—ମଧ୍ୟରେ କେମନ୍ତ ଶୁଭିବ (ଖ)
୬-୨- କମଳା ଯାର (କ), ଆଜ୍ଞା କରି (ଖ)
୬ ୩- ଚନ୍ଦ୍ରିଁ ଯାହାର ମୁଖ...ସେ ପ୍ରଭୁ ଭୟ ଅବହାସ୍ତ (କ)
୬.୮-ଚିହ୍ନ ନୋହେ କି ଏହୁ କଥା ହେ (ଖ)
୬·୯ ନୀଳାଦ୍ରି ଚନ୍ଦ୍ର ଚୂଡ଼ାମଣି କ)
୭ ୭-କ୍ଷଣକେ ଅଛୁ ବଜ୍ର ସେହ୍ନା (ଖ)

Source: KC Dash, Digitized by PPRACHIN, SOA

ଛୁତିମଣ୍ଡଳେ ଲୁମ୍ବ ବନା

ଛଣେ କେ ଅଛୁ ଆନ ସେହ୍ନା
ଛନ୍ଦ ନୋହେ ଉଚିତ   କହୁଛୁ ପ୍ରଭୁ ସତ୍ୟ
ନଷ୍ଟେଁ ଏତେବେଳକୁ ସିନା ହେ । ୭ ।

ଜଗତ ଅନୁରାଗେ   ଜାତ ଅବମା ଭାଗେ
ଦାଇବେ ଜଗତର ନାଥ
ଜଗତ ଜନଙ୍କର   ଭିତରୁ କି ବାହାର ?
ମୁହିଁ କି କାରଣେ ଅନାଥ ? ହେ
ମହାପ୍ରଭୁ !
ଜଗନ୍ନାଥ ନାମ ବହିବ
ଜନ-ଆରତ ନ ଶୁଣିବ
ଜଗତ ପତି ହୋଇ   ଅମାତ କଲଠାଇଁ
ଆଉକେ କାଆଗେ କହିବ ହେ ? ୮ ।

ଝୁଲୁଛି ଏ ବଚନ   ନବ ପଞ୍ଚ ଭୁବନ
ଆରତ ଭଞ୍ଜନ ଶ୍ରୀଧର
ଝଞ୍ଜା ମଣୁଅଛ   କପାଁ ମୋ ବିଷୟରେ
ବିନାଶ କାଳେ ଦଇତାରି ହେ
ମହାପ୍ରଭୁ !
ଝାଡ଼େ ଡାକିଲା ଗର୍ଭୀ ଏଣୀ
ଝାଟିକାରେ ତା ବାଣୀ ଶୁଣି
ଝିମିଟେ ସେ ବିପତ୍ତି   ହରିଲ ହେ ଶ୍ରୀପତି
ମୋତେ ନିର୍ଦ୍ଦୟ କପାଁ ପୁଣି ହେ ? ୯ ।

୭-୮ ଛନ୍ଦ ନୋହେ ଉଚିତ (ଖ) ପ୍ରଭୁ ଭୃତ୍ୟ
(କ) ପଶଗୃର—ଗୃକର, ଛୁଟ—ଷିଢ ।
୮-୧— ଜନକ ଅନୁରାଗେ (କ)
୮-୩—ଭିତରୁ ହିଁ ବାହାର (ଖ)
୮-୪ ମମ କି କାରଣେ (କ)

୯-୭-ଝଟିକାରେ ତା ଡାକ ଶୁଣି (ଖ)
ଝଞ୍ଜା—ଛନକା ବା ଭୟ; ଝିମିଟେ—ମୁହୂର୍ତ୍ତେ

Source: KC Dash, Digitized by PPRACHIN, SOA

ନିରାଶ ଥିଲେ ଚିତ୍ତେ   କହ ହେ ପ୍ରଭୁ ମୋତେ
ମୋ ଜୀବ ପ୍ରତି ଆଶା ତୁଟି
ନିତ୍ୟେ କରୁଣା ନିଧି   ହେଲେ ନିର୍ଦ୍ଦୟ ବୁଦ୍ଧି
ବୋଲି ତ୍ରିଭୁବନେ ପ୍ରକଟି ହେ
ମହାପ୍ରଭୁ !
ନିତ୍ୟେଁ ନିର୍ଦ୍ଦୟ ହେବ ଯେବେ
ନିଖିଳ ଆଉ ନିକି ଥିବେ
ନାଗ-ନୃପତି, ସୁର,   ସମୀର, ନିଧିଧର
ଯେ ଯାହା ସତ୍ୟକୁ ଲଙ୍ଘିବେ ହେ । ୧୦ ।

ଟିକାଏ ବିଳମ୍ବିତ   ନ କରି ପଣ୍ଡୁସୁତ
ଯୋଷିତ ସଙ୍କଟ ତାରିଲ
ଟେକ ଦୁଃସହ ଘୋର   ଦାରିଦ୍ର୍ୟ ସୁଦାମାର
ଦର୍ଶନ ମାତ୍ରକେ ହରିଲ ହେ
ମହାପ୍ରଭୁ !
ଟେକ କରୁଣା କଟାକ୍ଷରେ
ଟିକାଏ ବିଲୋକିଲେ ମୋରେ
ଠିଳିବ କି ମହିମା   ସଂସାର ସୁଖ ସୀମା
ଏମନ୍ତ ବିଗୁର ମନରେ ହେ । ୧୧ ।

ଠାବ ନ କଲି ଚିତ୍ତେ   କଉଁ ଦୋଷକୁ ମୋତେ
ନିରାଶ କରୁଛ ଗୋସାଇଁ !
ଠାକୁର ହୋଇ ଭୃତ୍ୟ-   ଠାରେ କଲେ ଏମନ୍ତ
ଆଉ ତାହାର ଗତି କାହିଁ ହେ
ମହାପ୍ରଭୁ !

୧୦-୧—ନଥିଲେ ଦୟା ଚିତ୍ତେ (ଖ)
୧୦-୩-ହେଲ ନିର୍ଦ୍ଦୟ ନିଧି (ଖ) ।
୧୦-୬—ନିତେଁ ନିରାଶ ହେବ ଯେବେ (କ)
୧୦-୮—ସୁରପତି ନିଧି ଧର (କ) ।
୧୧-୭—ଟିକାଏ ବିଲମ୍ବ କି ମୋରେ (କ)
୧୧-୮—ଠିଳିବଙ୍କ ମହିମା ଶୁଣିହେ ସୁଖ ସୀମା (କ)
ନିଧିଧର—ସମୁଦ୍ର ।
୧୨-୪—ଆଉ କା ଆଗେ କହିବିଁ (ଖ)

Source: KC Dash, Digitized by PPRACHIN, SOA

ଠୁଳ ବିପତ୍ତି ଦେଖି ମୋର
ଠିକେ ବା କରୁଛ ଅନ୍ତର
ଠଣ ପଦ୍ମ ଚରଣ ବିନୁ ପ୍ରଭୁ କାରଣ
ଅଛୁ କେ ବ୍ରହ୍ମାଣ୍ଡ ଭିତର ହେ । ୧୨ ।
ଡେରିଥିଲ ଶ୍ରବଣ ଗଜ ଆଦି ବ୍ରାହ୍ମଣ
ଡାକିଲା ମାନଙ୍କ ଶୁଣିଲ
ଡୋଳା ଗୋଚରେ ଥାଇ ଡାକିଲେ ଶୁଣ ନାହିଁ
କର୍ଣ୍ଣ-କୁହର କି ମୁଦିଲ ହେ
ମହାପ୍ରଭୁ !
ଡାକ ବାଜୁଛି ଜଗତରେ
ଡାକିଲେ ନ ଶୁଣ କର୍ଣ୍ଣରେ
ଡରିଲ କି ମୋହର ବିପଦ ଦେଖି ଘୋର
ଢେଣୁ ବା ନ ଗୁଣ ବାହ୍ୟରେ ହେ । ୧୩ ।
ଢାଳେ ତୁମ୍ଭ ବାହାରେ ଅଛୁ କେ ବ୍ରହ୍ମାଣ୍ଡରେ
କା' ଆଗେ କହିବ ମୁଁ ଆଜ
ଢାଳେ ବିପଦାର୍ଣ୍ଣବେ ଭାସୁଛି ଭୃତ୍ୟ ଏବେ
ତୁମ୍ଭ ପଦ୍ୱୟେ ପ୍ରଭୁ ଥାଉଁ ହେ
ମହାପ୍ରଭୁ !
ଢମାଳୀ ପ୍ରାୟେ ମୋ ଉତ୍ତର
ଢାଳେ ନ ମଣ ଚକ୍ରଧର
ଢଳି ଯାଉଛି ଜୀବ ଦେଇ କରୁଣା-ନାବ
ଉଦ୍ଧରି ଧର ବଂଶୀମ୍ବର ହେ । ୧୪ ।
ଆହେ ହେ ମହାବାହୁ ବିପଦ-ଚନ୍ଦ୍ର-ରାହୁ
ଆଜ୍ଞା ଯେ ଦେଇଛ ଶ୍ରୀମୁଖେ
ଇତର ଜନ.ହେଲେ ଆରତରେ ଡାକିଲେ
ଆତଙ୍କ ନ ସହଇ ରେଖେ ହେ
ମହାପ୍ରଭୁ !

୧୨-୭—ଟିକେ ବା କରି ଅଛ ଦୂର (କ)
୧୨-୯—ଅଛୁ କେ ବ୍ରହ୍ମାଣ୍ଡ ଠାକୁର (କ)
୧୩-୩—ଡାକିଲେ ନ.ଶୁଭଇ (ଖ)
୧,, ୬—ଡାକ ପଡ଼ୁଛି (ଖ) ୧୩-୭—ଡାକିଲେ ନ ଶୁଣ କର୍ଣ୍ଣରେ (ଖ)
୧୪-୩—ଭାସି ମୁଁ ଯାଉଅଛି (କ)
୧୪-୮—ନ ଯାଇ ଜୀବନ (କ) ୧୫-୧—ବିପତ୍ତି ଚନ୍ଦ୍ରରାହୁ (ଖ)
୧୫-୩ ଆରତ ଜନ (ଖ)

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଜୀବନ

ଆଜ ଆରତ ମୋହ ପରେ
ଅଛି କେ ବ୍ରହ୍ମାଣ୍ଡ ଭିତରେ ?
ଆରତ ତ୍ରାଣ ତାହା   ଜାଣ ଏହ ଚଉଦାହା
ପ୍ରତେ ତ ନାହିଁ ମୋ ମନରେ ହେ । ୧୫ ।

ତୁମ୍ଭେ ତ୍ରିତାପ ହର   ତ୍ରିଭୁବନ-ଈଶ୍ୱର
ପତିତ ଜନ-ନିସ୍ତାରଣ
ତେଣୁ ମନେ ମୋହର   ଭରସା ନିରନ୍ତର
ଯେଣୁ ମୁଁ ପତିତ-ଭୂଷଣ ହେ
ମହାପ୍ରଭୁ !
ତଥାପି କରୁଣା ନିଧାନ
ତ୍ରାହି ନ କଲେ ଦୀନଜନ
ତେଣୁ ତୁମ୍ଭର ଦୀନ-   ବନ୍ଧୁ-ନାମ-କେତନ
ତେଜ ତ୍ରିଭୁବନ-ମୋହନ ହେ । ୧୬ ।

ଥୟେ ନୋହୁଛି ମନ   ଯେହ୍ନେ ବଜୁଳି ଘନ
କମଳ ଦଳ-ବନ ପ୍ରାୟେ
ଥିଲି ଯେଉଁ ପ୍ରଭୁଙ୍କୁ   ଆଶା ଉଦ୍ଧରିବାକୁ
ଦେଖି ସେ ପ୍ରଭୁର ନିର୍ଦ୍ଦୟେ ହେ
ମହାପ୍ରଭୁ !
ଥିଲେ କି ଅଛି ବ୍ରହ୍ମାଣ୍ଡରେ
ଅୟି ବା କେ କରିବ ମୋରେ
ସ୍ଥିତି ଆଦି ପ୍ରଳୟେ   ଯାହା ଆଜ୍ଞାରୁ ହୋଏ
ସେ ପ୍ରଭୁ ନ ରଖିଲ ଠାରେ ହେ । ୧୭ ।

ଦୟା ସାଗର ବୋଲି   ଦମ୍ଭ ତେଜି ଭଜିଲି
ଅମ୍ବୁଜ-ଚରଣେ ତୁମ୍ଭର

୧୫.୯ — ପ୍ରତ୍ୟୟ ନାହିଁ ମୋ ମନରେ (ଙ)
୧୬.୧ — ତୁମ୍ଭେ ତା' ପରି ଫେଡ଼ (କ). ୧୬-୨ — ଆରତଜନ ନିସ୍ତାରଣ (ଖ)
୧୬-୩ — ତେଣୁ କରିଭରସା ଥାଇ ମୋ ନିରନ୍ତରେ (କ)
୧୭-୧ — ଅନ୍ୟେ ନୋହଇ ମନ (କ)
୧୭-୨ — ନଳିନୀଦଳ ବନ (ଖ)
୧୭-୮-୯ — ସ୍ଥିତି ଆଦି ପ୍ରଳୟ ଯାହା ଆଜ୍ଞାରୁ ହୋଇ ସେ ପ୍ରଭୁ ନ ରଖିଲଠାରେ (କ) ।
ତ୍ରିତାପ — ଆଧିଭୌତିକ, ଆଧିଦୈବିକ, ଆଧ୍ୟାତ୍ମିକ ପୀଡ଼ା ।

Source: KC Dash, Digitized by PPRACHIN, SOA

ଦେଲେ ଯାର ବିବୁଧ- ଗଣ ପଦ ବିଶୁଦ୍ଧ
ମୋ କର୍ମେ ଦସ୍ୟୁ ହିଁ ଦୁସ୍ତର ହେ
ମହାପ୍ରଭୁ !
ଦୀନବନ୍ଧୁ ନାମ ତୁମ୍ଭର
ତ୍ରିସପ୍ତ ଲୋକରେ ଯେ ସାର
ଦେଖୁ ଦେଖୁ ଦୁର୍ଗତି ଦଣ୍ଡ ଦେଉଛୁ ଅନ୍ତ
ଏ କ୍ଷମା ହୋଇବ କାହାର ହେ । ୧୮ ।

ଧରିଛି ଏହୁ ଦୁଃଖ ମନେ ହେ ପଦ୍ମମୁଖ !
ଅଭୟ ପଞ୍ଜରେ ପଶିଲେ
ଧରି ଦାରୁଣ ମୂର୍ତ୍ତି ·ହୋଇ ସନ୍ତୋଧ ଅନ୍ତ
ବିଷମ ବିଷାଦ ଗ୍ରାସିଲେ ହେ
ମହାପ୍ରଭୁ !
ଧରି ଯା ନାମ ହୃଦୟରେ
ଧ୍ରୁବ ପ୍ରହଲଦ ନିସ୍ତରେ
ଧରି ଏହୁ ଭରସା ପତିତ ପ୍ରତି ଆଶା
କରିଛି ରଜନୀ ବାସରେ ହେ । ୧୯ ।

ନିଗୂଢ ସଙ୍କଟକୁ ପେଷ ସୁଦର୍ଶନକୁ
ଏବେ କି କାରଣେ ନ ପେଷ
ନଷ୍ଟେ ନରେଖ ନାଶ ଗଲେ ହେ ହୃଷୀକେଶ
ଏଥି କି ଅଛି ପଉରୁଷ ହେ
ମହାପ୍ରଭୁ !
ନ ସହି ଆଉ ତ ବିଳମ୍ବ
ନିସ୍ତାରିଲ ନୃପ କଦମ୍ବ
ନିଧନ ସମୟରେ ନରେଖ ଜନଠାରେ
ଏବେ କି କାରଣେ ବିଳମ୍ବ ହେ । ୨୦ ।

୧୮-୭—ତ୍ରିସପ୍ତ ଲୋକରେ ହେ ସାର (କ)
୧୯-୭—ଧରି ଯାହା ନାମ ମନରେ (ଖ)
୧୯— ଧ୍ରୁବ ପ୍ରହ୍ଲାଦ ନିସ୍ତରିଲେ (ଖ) ୧
୯·୮—ଧରିଛୁ ଏହୁ ଆଶା (କ)
୨୦-୩—ନଷ୍ଟେ ନରକ୍ଷ ନାଶ (ଖ) ।
୩୦-୭—ନିସ୍ତାରିଛ ନୃପ କଦମ୍ବ (ଖ)
୨୦-୮—ନରକ୍ଷଜନଠାରେ (ଖ) ।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ପରହର ସକଳ ଆଶା ହେ ଆଦମୂଳ !
ପଶିଛି ଶରଣ ତୁମ୍ଭରେ
ପ୍ରଭୁ ତ ଅବଗ୍ରହ କରି ଦେଇଛ ଘୋର
ପ୍ରଚୁର ସଙ୍କଟ ମୁଖରେ ହେ
ମହାପ୍ରଭୁ ।
ପରାପର ତୁମ୍ଭର ନାହିଁ
ପରମ ଦୟାଳୁ ଗୋସାଇଁ
ପତିତ ପତି ହୋଇ ପତିତ ଜନ ତହିଁ
ଏଡ଼େ ନିର୍ଦ୍ଦୟ କାହିଁପାଇଁ ହେ । ୨୧ ।

ଫେଡ଼ ବନ୍ଧନ କେତେ ଭରସା ଅଛି ଯେତେ
ତୁମ୍ଭ ଶ୍ରୀଚରଣେ ମୋହୋର
ଫୁଲ୍ଲେନ୍ଦୀବରେକ୍ଷଣ ! ତାହା ତ ତୁମ୍ଭେ ଜାଣ
ଜାଣି କରୁଛ କପାଁ ଦୂର ହେ
ମହାପ୍ରଭୁ !
ଫନ୍ଦା ମୁଁ କରିଛି ତୁମ୍ଭଙ୍କୁ
ଫାଇ ଦୁସ୍ତରୁ ତରିବାକୁ
ଫଣୀ-ଶୟନ ଧନ- ବାନ୍ଧବ ହୋଇ ଭିନ୍ନ
କରୁଛ ନିରେଖ ଜନକୁ ହେ । ୨୨ ।

ବଜନ-କରେ ଯାନ- ଚରଣ ବିଲୋକନ
କରି ପ୍ରମୋଦ ହୋଉଥାଇଁ
ବିଷମ ସମୟରେ ମୋହୋ ପକ୍ଷପାତରେ
ପ୍ରତିକାର କରିବା ପାଇଁ ହେ
ମହାପ୍ରଭୁ !
ବିଷମ ସଂକଟ ପଡ଼ିଲା
ବାରେ କି ଚକ୍ର ନ ଭେଦିଲା
ବିନାଶିବାରୁ ଗାତ୍ର ସଙ୍କଟମାନ ଦାତ
ଚକ୍ର କି ବକ୍ରକୁ ଭଜିଲରେ । ୨୩ ।

୨୧_୨—ପଶୁଛି ଶରଣ ତୁମ୍ଭରେ (ଖ) ।
୨୧ ୪—ବିପଦ ସଙ୍କଟ ମୁଖରେ (ଖ) ।
୨୨-୭ ପାଂଇ ସଂସାର (କ), ଫାଂନ୍ଦ ଦୁସ୍ତରୁ (ଖ)
୨୨-୯ ନକର ନିରକ୍ଷ ଜନଙ୍କୁ (ଖ) ।
୨୩-୨_ମମପକ୍ଷ ପାହରେ (କ) ୨୩_୫- ବେଳେ କି ଚକ୍ର (କ)

Source: KC Dash, Digitized by PPRACHIN, SOA

ଭୂବିଭର ହରଣେ   ପତିତ ନିସ୍ତାରଣେ
ଭୃତ୍ୟଜନ ତାରିବା ପାଇଁ
ଧିବେ ନୀଳ କନ୍ଦରେ   ବିଜେ କରିଛ କରେ
କମ୍ବୁଚକ୍ର-ଭୂଷିତ ହୋଇ ହେ
ମହାପ୍ରଭୁ !
ଭକ୍ତ-ବତ୍ସଳ ତୁମ୍ଭ ବାନା
ଭବ-ଭୟକୁ ବଜ୍ର ସେହ୍ନା
ଭବ-ସାଗରେ ଯେବେ   ଭୃତ୍ୟ ଭାସିବ, ଏବେ
ସେ ନିନ୍ଦା ତୁମ୍ଭଙ୍କୁ ହିଁ ସିନା ହେ । ୨୪ ।

ମହାପ୍ରଭୁ ଅନ୍ତର   କଲେ ହେଁ ତ ମୋହୋର
ତୁମ୍ଭ ବିନା ଦୋସର ନାହିଁ
ମୃଗ ଧୃତ ଚକୋର   ଗୃତକ ଜଳଧର,
ମୀନ ଜୀବନ ପ୍ରାୟେ ହୋଇ ହେ
ମହାପ୍ରଭୁ !
ମୋରେ ଯେବେ ଦୟା ନୋହିବ
ମୋ ଜୀବ ଛଣେ ନ ରହିବ
ମହତ କରି କହୁ—   ଅଛି ହେ ମହାବାହୁ !
ସବୁରି ସଂଶୟ ରହିବ ହେ । ୨୫ ।

ଯେ ନାମ ସୁମରଣେ   ମରଣ ଭୟ କ୍ଷଣେ
ନୋହେ ଦଣ୍ଡଧର ଦଣ୍ଡକୁ
ଜଗତ ନିସ୍ତାରଣ   ଥାଉ ଏତେ ଦାରୁଣ
ହୋଇଲ ବିପଦ-କାଣ୍ଡକୁ ହେ
ମହାପ୍ରଭୁ !
ଜୀବ ଯିବାର ବଡ଼ ସୁଖ
ଜୀଇବା ସମ ନାହିଁ ଦୁଖ
ଯାହା ସାମନ୍ତ ଗୃହ-   ବର୍ଗରେ ଅଧିକାଶ
ତାର ସେବକର ଏ ଦୁଃଖ ହେ । ୨୬ ।

୨୪-୧— ଭୂମିଭାର ହରଣେ···ଭୃତ୍ୟକୁ ଉଦ୍ଧାରିବା ପାଇଁ (ଖ)
୨୪-୩,୪ —·ହୃଦୟେ କରିଅଛ କରେ ଚକ୍ର ଭୂଷିତ (କ)
୨୬-୧— ଯେ ନାମ (କ) ଯାହା ନାମ ସ୍ମରଣେ ମରଣ ଭୟେ କ୍ଷଣେ (ଖ)
୨୬-୫— ଜୀଇବାଠାରୁ ନାହିଁ (ଖ) ।
୨୬-୮— ଯାହା ସାଆନ୍ତ (କ) ଗୃହବର୍ଗରେ ଅଧିକାଶ (ଖ) ।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ରାଜୀବ ପଦ ଯାର   କରେ ପାଷାଣ ନର
ଶୋକ କଳୁଷ ନିବାରଣ
ରଙ୍କ ପ୍ରତ୍ୟେକ ତାର   ପରଶୁର ହେବାର
ଏ ନିଜ ପ୍ରଭୁଙ୍କୁ ଭୂଷଣ ହେ
ମହାପ୍ରଭୁ ।
ରମା ଯାହାର ପ୍ରିୟବଣି
ରସାଦି ତ୍ରୈଲୋକ୍ୟର ପତି
ରତିଏ ତ ସୁନ୍ଦର   ନୋହିଲ ଏ ଉତ୍ତର
ଏ ନିଜ ପ୍ରଭୁଙ୍କର ଗୀତ ହେ । ୨୭ ।
ଲଲାଟର ଲେଖନ   କେ କରିପାରେ ଆନ
ଏମନ୍ତ ଆଜ୍ଞା ହେବ ଅବା
ଲଭି ତୁମ୍ଭଙ୍କୁ ପତି   କରି ହେ ରମାପତି ।
କର୍ମ ସ୍ୱୀଁ କର୍ମା ଆଦରିବା ହେ
ମହାପ୍ରଭୁ !
ଲୀଳା ମାତ୍ରକେ ଏ ସଂସାର
ଲୂତା ସୂତା ପ୍ରାୟେ ସଂହାର
ଲୋକ କର୍ମକୁ ଏହୁ   କଥା ହେ ମହାବାହୁ
ଏମନ୍ତ ବିଗୁର ମନର ହେ । ୨୮ ।
ବିଚାର କରି ଗୁରୁ-   ପୁତ୍ର ଶମନ ପୁରୁ
ଜୀବିତ ମାତ୍ରକେ ଆଣିଲ
ବଂଶକର ଅମର-   ବର କରି ବଧିର
ବନାଶି ବଧିକ ଜାଣିଲ ହେ
ମହାପ୍ରଭୁ !
ବିଷମ ସଙ୍କଟୁ ଉଦ୍ଧର
ବିଶ୍ୱ ସଂସାରୁ କର ପାର
ବିଶେଷେ ବାଞ୍ଛାନିଧି   ବାଞ୍ଛା କର ପ୍ରସିଦ୍ଧି
ବୋଲି ବହୁତ ବାଞ୍ଛା ମୋର ହେ । ୨୯ ।

୨୭-୧— ପାଷାଣ ହୋଏ ନର (କ) ।
୨୮-୨— ଅଜ୍ଞାଦେବ ଅବା (କ)
୨୮-୩— ତୁମ୍ଭଙ୍କ ଗତି (କ)
୨୮-୪— ଲୋକ କର୍ମେ କି ରହିଁ ଚରେ ହେ ମହାବାହୁ କର୍ମା ଏ କଥା
ନ ବିଗୁର (କ)
୨୯-୧— ଜୀବିତ ମାତ୍ରକେ ଆଣିଲ (ଖ)।
୨୯-୮— ବାଞ୍ଛାକର ପ୍ରସିଦ୍ଧି ବୋଲି (ଖ) ବଂଶକର—ସ୍ୱବଣ

Source: KC Dash, Digitized by PPRACHIN, SOA

ଶେଷ ବିରଞ୍ଚି ଶିବ   ସୁର ଆଦି ବାସବ
        ଶୁକ ଶନକ ସନାତନ
ସେବେ ଯେଉଁ ପଦ୍ମରେ   କୋଟି ଲକ୍ଷ ଅଂଶରେ
        ମୁଁ ଦାସପଣେ କି ଭଜନ ହେ
                ମହାପ୍ରଭୁ !
        ସବୁ ଭରସା ଅଛି ଏଣୁ
        ଶରଣ ନିସ୍ତାରଣ ଯେଣୁ
ଶୁଣିଅଛି ଆତୁର   କଥାଏ ଶବ୍ଦ କରି
        ସୁମେରୁ ସମ କର ରେଣୁ ହେ । ୩୦ ।

ଶୁଣି ତୁମ୍ଭ ଭରସା   ବିଶ୍ରାମ ନାମେ ଆଶା
        ସେବଇ ତୁମ୍ଭ ଶ୍ରୀଚରଣେ
ସୁଖ-ସାଗର ହୋଇ   ଦୁଃଖ-ସାଗରେ ନେଇ
        ମେଲି ଦେଉଛ କି କାରଣେ ହେ
                ମହାପ୍ରଭୁ !
        ସେବଇ ତୁମ୍ଭ ପାଦ ଦୁଇ
        ଶୋକ-ସିନ୍ଧୁ ତରିବା ପାଇଁ
ଶିରିବତ୍ସ ଲାଞ୍ଛନ   କର ପ୍ରତି କାରଣ
        କରୁଣା କଟାକ୍ଷେ ଅନାଇ ହେ । ୩୧ ।

ସେବକ ହୋଇ କରି   ପ୍ରଭୁ କୋପକୁ ଡରି
        ଯେବେ ଭରସି ନ କହିବ
ଶୁଣ ମହିମା ମେରୁ   ଏ ଦୁଖ-ଜଳଧିରୁ
        କେମନ୍ତ ପ୍ରକାରେ ତରିବ ହେ
                ମହାପ୍ରଭୁ !
        ସର୍ବଜ୍ଞ ପୁରୁଷ ଗୋସାଇଁ
        ସକଳ ଜୀବ ହୃଦେ ଥାଇ
ସେବକ ଦୁଃଖ ଜାଣି   ଦୟା ନ କଲେ ପୁଣି
        ଆଉ ଜାଣନ୍ତା ଅଛି କେହି ହେ । ୩୨ ।

୩୦-୩—ଯେଉଁ ପଦ୍ମରେ (ଖ)
୩୧_୮--ଶ୍ରୀବତ୍ସ ଲଇଷଣ (କ)
୩୨_୩—ସେ ଦୁଃଖ—ଜଳଧି (ଖ)
୩୨- ୬—ଅଛୁ କାହିଁ (କ)

Source: KC Dash, Digitized by PPRACHIN, SOA

ଚଉତିଶା ସଙ୍କୀର୍ତ୍ତନ

ହୃଦରେ ଅଛି ମୋର   ଏହି ଭବ ସାଗର
ତରିବ ତୁମ୍ଭ ମନ୍ତ୍ରମାରୁ
ହୋଉଅଛି ସଂଶୟେ   ଯେଣୁ ମୋର ବିଷୟେ
ଅକରୁଣା ମନ୍ତ୍ରମାନେରୁ ହେ
ମହାପ୍ରଭୁ !
ହୋଇଲା କର୍ମ ମୋ ବଇରି
ହୃଦୟେ ନୋହିଲା ମୋହୋରି
ହେତୁ କର୍ମର ତୁମ୍ଭେ   ତେଣୁ କରଣ ଦମ୍ଭେ
ଗୁହାରି କଲି ଦଇତାରି ହେ । ୩୩ ।

ଷମାସାଗର ଏହି   କଥାକୁ ସିନା ମୁହିଁ
ଶ୍ରୁମୁରେ ଜଣାଇଛି ବାରେ
ଛଣେ ହେଁ ଯହିଁ ମନ   ନୋହିଲା ତୁମ୍ଭ ଧ୍ୟାନ
ଗୁଣଗାୟନମାନଙ୍କରେ ହେ
ମହାପ୍ରଭୁ !
ଷୋଭ ଯେତେବ ମନେ ନୋହନ୍ତା
ଷଣେ କ ନାମକୁ ଶୁଣନ୍ତା
ଶୁର ଘାନ ପାମର   କୃଷ୍ଣ କମାଇ ଶୁର
ଭବ-ସାଗରକୁ ଉତ୍ରନ୍ତା ହେ । ୩୪ ।

୩୩-୧—ଏ ସଂସାର ସଂଗର (ଖ)

୩୪-୧—ଷମା ସାଗର ବୋଲି ଶ୍ରୁମୁରେ ସିନା ମୁହିଁ ଜଣାଇଅଛୁ ଏଣୁ ବାରେ (ଖ)
୩୪-୨—ଛଣେ ହେଁ ମୋହ ମନ (କ)
୩୪-୮—ଶୁର ଦୀନ ପାମର କୃଷ୍ଣ କମାଇ ଏହୁ (କ)

Source: KC Dash, Digitized by PPRACHIN, SOA

ସାନ କନଡ଼ା ଚଉତିଶା

କାହିଁକି ଜନମ ହୋଇଲି ଗୋସାଇଁ
କଷ୍ଟ ହିଁ କାର୍ଯ୍ୟ ତ ନୋହିଲା
କଷ୍ଟ ନିରନ୍ତରେ ଏକା ହୋଇଲା
କେତେଧନ ଥିବ କୃଷ୍ଣ ନ ଭଜିଲି
କୁଟୁମ୍ବକାଳ ତ ମୋହିଲା ।
ମନରେ ! । ୧ ।

ଖାଇବା ଖେଳିବା ହସିବା ଭୁଞ୍ଜିବା
ଏହି କଥାରେ ତ ରସିଲି
କ୍ଷଣେ ସାଧୁଗୋଷ୍ଠୀରେ ନ ବସିଲି
ଖୋଜୁଥାଇ କେଣେ ଧନ ଅରଜିବ
କ୍ଷୁଦ୍ର ପାପରେ ନାଶ ଗଲି ।
ମନରେ ! । ୨ ।

ଗୃହ ଆବୋରି ଗହ୍ବରରେ ରହିଛି
ଗ୍ରାସିଲାନି କାଳ ନିକଟ
ଗତି ଭକ୍ଷା ଯିବାକୁ ନାହିଁ ବାଟ
ଗୋବିନ୍ଦ ନାମ ଗାଯୁନ ଦୂର କରି
ଗଜ ମୂର୍ଖରୁ ହେଲି ଘାଟ ।
ମନରେ ! । ୩ ।

ଘୋଟିଛି ବିଷୟା- ବିଷ ନିରନ୍ତରେ
ଘାରି ମୁଁ ହୋଇଲି ଅଚେତ
ଘାଏ ଘଡ଼ି ହୋଇଲି ସ୍ତମ୍ଭୀଭୂତ
ଘଡ଼ିଏ ଜ୍ଞାନ ମୋ ଉଦୟେ ନୋହିଲା
ଘୋଷି ନ ପାରେ ମହାମନ୍ତ୍ର ।
ମନରେ ! । ୪ ।

ଗହ୍ବର—ଗହ୍ଳି ବା ଧନ୍ଦକ ।
ଘାଏ—ଘାତରେ

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ନ ଜାଣଇ ସୁଖ   ନିରନ୍ତରେ ଦୁଃଖ
ନୟନ ଥାଉଁ ନ ଦିଶିଲା
ନିଶି ତିମିର ପ୍ରାୟେ ଆଚ୍ଛାଦିଲା
ନଥାଁ ଅଛି ଜଡ   ନ ଜାଳଇ ଦୀପ
ନଷ୍ଟପ୍ରାୟେ ବୁଦ୍ଧି ମୋ ନାଶିଲା,
ମନରେ ! । ୫ ।

ଚୁହୁଁଛି ଚକ୍ଷୁରେ   ବାଟ ନ ଦିଶଇ
ଚରଣ କଣ୍ଟାରେ ପାଡ଼ିଲା
ଚଳ ପିଚ୍ଛୁଳି ପ୍ରାୟେକ ହୋଇଲା
ଚକ୍ରଧର ନାମ   ଚିତ୍ତରେ ନ ଧରି
ଛୁଚ୍ଛା କଥାରେ ତ ଭୁଲିଲି,
ମନରେ ! । ୬ ।

ଛଇଲ ବୁଦ୍ଧି ମୋ   କେବେ ହେଁ ନୋହିଲା
ଛୋଭ ପାଇଣ ମରୁଥାଇ
ଛାର କଥା ନିରନ୍ତରେ ଭଜଇ
ଛାର ଦେହ ମୋର   ବ୍ୟର୍ଥ ହୋଇଲା
ଛମାନିଧିଙ୍କି ନ ଭଜଇ,
ମନରେ ! । ୭ ।

ଜୀବ ବୋଲି ନାମ   ଆଗହୁଁ ବହୁଛି
ଯିବା ତ ନିକଟ ହୋଇଲା
ଯୋଗେ ଏତେ ଦିନଯାଏ ରହିଲା
ଜାଣଇ ନାହିଁ   ଜାଣୁ ଜାଣୁ ଭ୍ରମୁଛି
ଯତନେ ମନ ନ ଘେନିଲା,
ମନରେ ! । ୮ ।

ଝଗଡ଼େ ପଡ଼ି   ଝେଝଇ ହୋଇଅଛି
ଝାଡ଼ ଗହନେ ଅଛି ପଶି
ଝୁରୁ ଥାଇ ମୁଁ ରାଜ ହବା ନିଶି
ଝିଞ୍ଜାଶ ଖାଇବେ   ବୋଲି ସର୍ବ ଜନ୍ତୁ
ସନ୍ନିଧେ ମିଳିଛନ୍ତି ଆସି,
ମନରେ ! । ୯ ।

ଛୋଭ—କ୍ଷୋଭ

Source: KC Dash, Digitized by PPRACHIN, SOA

ନଢର୍ଯ୍ୟା ହୃଦୟେ   ନାହିଁ ମୋ ସଦୟେ
ନଇନ୍ତରେ ପାପ ଆଗୁର
ନଟଘଟ କଥାରେ ପରଗୁର
ନବୁର୍ଦ୍ଧି ଏଡ଼େ ନ   ଭାବଇ ହଟକି
ନବାଣ ମୁକ୍ତ କଲ ଦୁର,
ମନରେ ! । ୧୦ ।

ଟାଣ ପଣ ବୁଦ୍ଧି   କେବେ ହେଁ ନୋହିଲ
ଟିକାଏ ଭାବ ନ ଜାଣିଲ
ଟାହି ବଚନକୁ ଯୋଗ୍ୟ ନଧାଇଲ
ଟିକର ଥାଉ   ଟୋପରେ ପଡ଼ୁଅଛୁ
ଟେକ ଚ କୃଷ୍ଣ ନ ବୋଇଲ,
ମନରେ ! । ୧୧ ।

ଠାବ ଧଲ ପାଇ   କୁସଙ୍ଗେ ବସିଲ
ଠାଠିକ କଥା ନ ଜାଣିଲ
ଠଣ ଗଜ ଗୁଡ଼ ଗଧ କଣିଲ
ଠାକୁର କଥାକୁ   ଅଣ ଶ୍ରଦ୍ଧା କଲ
ଠକ ଭକ୍ତେଣ ନାଶ ଗଲ,
ମନରେ ! । ୧୨ ।

ଡରୁନାହୁଁ ଡାକ   ପାତକ କଣୁଛୁ
ଡେଉଁଅଛୁ ସବା ଦାଣ୍ଡରେ
ଡେଇଁ ପଡ଼ୁଛୁ ଅଗାଧ ଗଣ୍ଡରେ
ଡଗର ଦୁଲ ଖଟ   ଚୋଟେ କହିବେ
ମଣସିବୁ ଯମ ଦଣ୍ଡରେ,
ମନରେ ! । ୧୩ ।

ନଟଘଟ—ଖେଳ କୌତୁକ
ଟିକର—କ୍ଷୁଦ ।
ଟୋପର– ଖାଲ
ଠାଠିକ—ଉପଯୁକ୍ତ

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଢାଳେ ହେଁ ମନୁଷ ମାନଙ୍କ ଭିତରେ
ହୋଇଛ ଅସାରୁ ଅସାର
ଢାଳେ ଲେଖାରୁ ହୋଇଲି ବାହାର
ଢଗ ଢମାଳର କଥା ସରିଗଲା
ଢାଙ୍କିଲା ଅଜ୍ଞାନ ଅନ୍ଧାର
ମନରେ ! । ୧୪ ।

ଅଣଦେଖା କଲି ଅମୃତ ରସକୁ
ଆଣି ଭକ୍ଷୁଛି ବିଷ ଫଳ
ଅଣ ସୁଖକୁ ଲାଗିଗଲା ବେଳ
ଅଣିମାଦି ଅଇ- ଶ୍ୱର୍ଯ୍ୟ ଦୂର କରି
ଅଗୋଷ୍ଠୀ ଲୋକ ସଙ୍ଗେ ମେଳ,
ମନରେ ! ।୧୫ ।

ତାପ ତ ମନରୁ ଦଣ୍ଡେ ହେଁ ନ ଗଲା
ତୃପତି ତ ମନ ନୋହିଲା
ତିଳ କୁସୁମ ପ୍ରାୟେକ ହୋଇଲା
ତର ତର ତେଣେ ଲୋଡ଼ା ପଡ଼ିବନି
ତୁନି ହୋଇ ଏଣେ ରହିଲା,
ମନରେ ! । ୧୬ ।

ଥିବ କେତେ ଦିନ ଥୟ ନ ପାଇଲି
ଥେଣ୍ଟ ଲାଗି ଦୁଃଖ ପାଉଛି
ଥୋଇଲି ଧନ ଥୟେ କରି ନ ପାରି
ଏବେ ହନୁ ସନୁ ହେଉଛି
ମନରେ ! । ୧୭ ।

ଦୀନ ଦୁଃଖୀଜନ ଦୟାବନ୍ତ ହୀନ
ଦାରୁଣ ହୃଦୟ ମୋହର
ଦଣ୍ଡେ ନ ଭଜିଲି ମୁଁ ଦାମୋଦର
ଦେବତା ବ୍ରାହ୍ମଣେ ସେବା ତ ନ କଲି
ଦନା ଗୁରୁକୁ କାହିଁ ଗାର
ମନରେ ! ।୧୮ ।

Source: KC Dash, Digitized by PPRACHIN, SOA

ଧନ ସମ୍ପତ୍ତି ଲାଗି ଧଂସି ହୋଉ ଅଛୁ
ଧର୍ମ ଆଚରଣ ନ କଲ
ଧିକ ଜୀବନକୁ ଯୋଗ୍ୟ ନୋହିଲ
ଧରି ନ ପାରିଲ ମହାପ୍ରଭୁ ନାମ
ଜୀବନ ଥାଉ ଥାଉ ମଲ,
ମନରେ ! ।୧୯ ।

ନିଶି ଦିବସେ ତ ସଙ୍କଟ ଲଗିଲା
ଅଗ୍ୟାନ ମତ୍ତ ହେଲି ଭୋଳ
ନ ଦେଖିଲି ମୁଁ ଯେ ହୃଦୟ ଚଣ୍ଡୂଳ
ନବୁଝି ଏତେ ନ ଭଜଇ ହରିଙ୍କି
ନାମ ଧରିବା କଲି ହେଳ
ମନରେ ! ୨୯ ।

ପତଙ୍ଗ ଯେସନେ ଅଗ୍ୟାନ ହୀନ ଜନ୍ତୁ
ପଡ଼ୁଛି ଜଳନ୍ତା ଅନଳେ
ପଡ଼ୁଅଛି ତେଉଁ ଦେଖୁଛି ତୋଳେ
ପିଅଇ ନାହିଁ ପାଖେ ଅଛି ପୀୟୂଷ
ପଙ୍କ ପାଣିକି ମନ ବଳେ,
ମନରେ ! ।୨୧।

ଫୁଟିଛି ଶିମୁଳୀ ସୁରଙ୍ଗ ଦିଶୁଛି
ପାଂଇ ଆଶା କରି ରହିଲି
ଫଳ ଖାଇବି ହୃଦରେ ଧଇଲି
ଫୁଟି ଉଡ଼ିଗଲେ ସେ ଯେସନେ ନିଷ୍ଫଳ
ସେହିମତ ପ୍ରାୟେ ହୋଇଲି
ମନରେ ।। ୨୨ ।

ବୁଦ୍ଧି ଥାଉ ଥାଉ ନିର୍ବୁଦ୍ଧି ହୋଇଲି
ଭୁଞ୍ଜୁ ଅମୃତ କଲି ବିଷ
ବାଇ ପ୍ରାୟେ ମଣଇ ଦିସନ୍ତସ
ବିକଳେ ବୋଲି ନ ପାରିଲି ଗୋବିନ୍ଦ
ବୁଦ୍ଧି ବିବେକ ଗଲା ନାଶ
ମନରେ ।। ୨୩ ।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଭସି ଯାଉଅଛୁ ଅଗାଧ ଜଳରେ
ଭଲ ନ କରିଲି ଶୋଚନା
ଭଲେ ନ ଭଜିଲି ପଦ୍ମଲୋଚନା
ଭଲ ଭଲ ଲୋକେ ଭଲ ନ ବୋଇଲେ
ଭ୍ରାନ୍ତିରେ ପଡ଼ି ମଲି ଦନା
ମନରେ ! । ୨୪ ।

ମରିବି ବୋଲି ମୋ ମନେ ଗ୍ୟାନ ନାହିଁ
ମୂଷା ନ ଚିହ୍ନିଲି ମଞ୍ଜାର
ମୁଁ ତ ଚଳିଲି ମୋହ ଆଶ୍ରେ କରି
ମହାପ୍ରଭୁ କାମ ଅଣ ଶ୍ରଦ୍ଧା କଲି
ମହା ଅଭାଗୀ ଦୁରାଚାରୀ
ମନରେ ! । ୨୫ ।

ଜଳନ୍ତା ଅଗ୍ନିରେ ଡେଇଁ ପଡ଼ୁଅଛି
ଜାଣଇଁ ନାହିଁ ମୁଁ ମରିବି
ଯୋଗେ ଜାଇଥିଲେ ଘର କରିବି
ଜାଣିଲି ଜଗନ୍ନାଥ ମୋତେ ଗୁଡ଼ିଲେ
ଆଉ କାହିଁ ମୁହିଁ ତରିବି
ମନରେ ! । ୨୬ ।

ରାତ ଦିବସରେ ରମଣୀ ରସରେ
ରସି ତ ବଅର୍ଥ ହୋଇଲି
ରାମକୃଷ୍ଣ ତ ତୁଣ୍ଡେ ନ ବୋଇଲି
ରାଜାପଣ ଗୁଡ଼ି ରଜା ଅଖୁଆଲି
ରଙ୍କ ପଣେ ସୁଖ ମଣିଲି
ମନରେ ! । ୨୭ ।

ଲକ୍ଷ୍ମୀ କେଳି ସରସତିଆ ପକାଇ
ଲିଆ ଖାଇବାରେ ରସିଲି
ଲଘୁ ସାଙ୍ଗେ ପଡ଼ି ସାଧୁ ଲେଚ୍ଛୁଲି
ଲବଣ୍ୟନିଧି ଦୂର କରି ପକାଇ
ଲୁହା କଣିମାରେ ପଶିଲି
ମନରେ ! । ୨୮ ।

ମଞ୍ଜାର—ବିରାଡ଼ି

Source: KC Dash, Digitized by PPRACHIN, SOA

ବାଲି ଚଷି ଚଷି ଧାନ ବୁଣୁଅଛି
ବହୁତ କରଅଛି ଆଶ
ବାଡ଼ ବେଢ଼ାଇ ଅଛି ଚଉପାଶ
କାଠୁଆ ଲୋକ ସଙ୍ଗେ ବଡ଼ ପୀରତି
ବୁଦ୍ଧି ବିବେକ ଗଲା ନାଶ
ମନରେ ! । ୨୯ ।

ଶମ୍ଭୁ ଗୁଡ଼ ଶିଳ- ପୁତାକୁ ପୂଜୁଛି
ମିଛକୁ ମଣୁଅଛି ସତ
ସତ ଦିଶୁଅଛି ମିଛ ପ୍ରତ୍ୟକ୍ଷ
ସାଧୁ ସଙ୍ଗେ ସଙ୍ଗ ହୋଇ ନ ପାରିଲି
ଅଦକ୍ଷ ଲୋକ ସଙ୍ଗେ ଦକ୍ଷ
ମନରେ ! । ୩୦ ।

ସର ପକାଇ ଘୋଲ ଶାଗ ଖାଉଛି
ସୁଧା ତେଜି ସୁରା ଆପ୍ୟାନ
ସାଧୁ ସଙ୍ଗେ ନ ରସିଲା ମୋ ମନ
ସୁବର୍ଣ୍ଣନିଧି ମୋ ସନିଧରେ ଅଛି
ଶାମୁକ ମଣେ ଦିବ୍ୟ ଧନ
ମନରେ ! । ୩୧ ।

ସପନନିଧି ସତ ପ୍ରାୟେ ମଣିଲି
ସିଂହ ଗୁଡ଼ ଶ୍ୱାନ ପୋଷିଲି
ଶୁଷ୍କ ନଳ ପ୍ରାୟେ ବୋଲି ହୋଇଲି
ଷଟ ମୁକୁଳ ପଦ୍ମକୁ ଦୂର କରି
ସାହାଡ଼ା ଫୁଲକୁ ରସିଲି
ମନରେ ! । ୩୨ ।

ହୃଦୟ ଭିତରେ ଥୋଇଲି ଧନ ମୁଁ
ହଜାଇ ହେଉଅଛି ବଣା
ହେତୁ ନ ପାଇ ଅଦକ୍ଷରେ ଗଣା
ହୋଇଲି ହନୁ ସନ୍ଥକୁ ଯୋଗ୍ୟ, ମୁହିଁ
ହରି ଭକ୍ତକ ଦେହୁଁ ଉଣା
ମନରେ ! । ୩୩ ।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଷଦ୍ଧଣ ନିର୍ଗୁଣ ଭକ୍ତୁ ବାନ୍ଧଅଛୁ
ଛିଡ଼ିନାଇଁ ନ କଲ ଉପାୟେ
ଷଢ଼ ବାନ୍ଧିଲ ପାଦୁ ଶିର ଯାଏ
ଷୁର ହୀନ ଜନା ଲେଖାରୁ ବାହାର
ପାଦପଦ୍ମରେ ଥାଉ ଲୟେ
ମନରେ ! । ୩୪ ।

Source: KC Dash, Digitized by PPRACHIN, SOA

ରାମଚନ୍ଦ୍ର ଜଣାଣ ଚଉତିଶା

କରପଦ୍ମ ଯୋଡ଼ଣ କହଇ ଦୀନ ଜନ
ହେ ପ୍ରଭୁ କୌଶଲ୍ୟା ନନ୍ଦନ
କଷ୍ଟ ତ ଦେଖ ନେହେ କହ କମ୍ପାଇଁ ମୋତେ
ତୁରତେ ନୋହେ ଅବଧାନ ହେ
ରାମଚନ୍ଦ୍ର !
କୃପା କ ନାହିଁ ଏବେ ଆଉ
କଣା ଭୃତ୍ୟଂକୁ ଏତେ ଦାଉ
କା ଆଗେ ଆଉ ଦୁଃଖ କହିବ ମୁଁ ନରେଖ
ଭରସା ତୁମ୍ଭେ ଥାଉ ଥାଉ । ୧ ।

କ୍ଷିତି ମଣ୍ଡଳେ କେହି ମୋ ପରି ଜଣେ ନାହିଁ
ଏତେ କର୍ମହୀନ ପତିତ
କ୍ଷତ୍ରି ମୁକୁଟମଣି ଦାତାପଣ ମୁଁ ଜାଣି
ତୁମ୍ଭଙ୍କୁ କରଛୁ ମୁଁ ଆଶ୍ରିତ ହେ
ରାମଚନ୍ଦ୍ର !
ଖଣ୍ଡନ କର ମୋର କ୍ଲେଶ
କ୍ଷିତିରେ ଖ୍ୟାତ ହେଉ ଯଶ
କ୍ଷଣେ ଯେବେ ଅନ୍ତର କରିବ ଧନୁର୍ଦ୍ଧର
କ୍ଷିପୁରେ ନାହିଁ ମୋତେ ବାସ ହେ । ୨ ।

ଗରିଷ୍ଠ କଷ୍ଟମାନ ଘଟରେ ସାବଧାନ
ନଷ୍ଟ କରନ୍ତ ପଶି ବଳେ
ଗଣ୍ଡାକର ମହିମା ଥିଲପରି ମଣିମା
ଜଣା ନ ଯାଏ ଏତେବେଳେ ହେ
ରାମଚନ୍ଦ୍ର !
ଗୁହାରି ଯେବେ ନ ଶୁଣିବ
ଗୁପ୍ତ ମହିମା ନଷ୍ଟେ ହେବ
ଗରିବ ଢବା ନଶି ତୁମ୍ଭର ଗୁଣ ଘୋଷି
ଶନ୍ତାରେ ପ୍ରାଣ ହରିଇବ ହେ । ୩ ।

Source: KC Dash, Digitized by PPRACHIN, SOA

ଘଟଣ ଚନ୍ଦ୍ରମୁଖ   ଦର୍ଶନ ମାତ୍ର ଦୁଃଖ
ଦୂରତ ଦୂର ହେଉଅଛି
ଘୋର ଦୁଃଖ ବେଳକୁ   ମୋହ ତୃଷା କର୍ମକୁ
ସେ ଫଳ ନ ଘଟଇ କହ୍ନି ହେ
ରାମଚନ୍ଦ୍ର !
ଘୋଟିଲା ଦଶା ବେଳୁ ବେଳ
ଘୁଞ୍ଚି ନ ଯିବ ଆଉ କାଳ
ଘେନ ସେ ଯିବ କାୟା   ଜୀବ ସଙ୍କଟେ ଦୟା
ନକଲ ଦେଖି ମୋ ବିକଳ ହେ । ୪ ।

ଉତ୍ପତ୍ତି ଜଗତକୁ   ଜନ୍ତ ପ୍ରାଣୀମାନଙ୍କୁ
ଅକର୍ମେ କର୍ମ ଦେଇ ପାର
ଙ୍ଗା ନୋହେ ଯା ଦଶା   ତୁମ୍ଭେ ଥାଉ ଭରସା
ଏହା ମୁଁ ମଣେ ଚମତ୍କାର ହେ
ରାମଚନ୍ଦ୍ର !
ଙପାୟ ନାହିଁ କି ତୁମ୍ଭର
ଙ୍ଗା ବୁଦ୍ଧି ମୋ ଠାରେ କର
ଙଚିତ ନୋହେ ଆଉ   ଏ କଥା ମହାବାହୁ
ଦାସରେ ନିର୍ଦ୍ଦୟା ହେବାର ହେ । ୫ ।

ଚତୁର୍ଦ୍ଦଶ ପୁରରେ   ଶରଣ ଯେ ଯାହାରେ
ସେ ତାହା ବିପଦ ଖଣ୍ଡୁଛି
ଚିତ୍ରକୁଟବିହାରୀ   ଏମନ୍ତେ ତୁମ୍ଭ ପରି
କେ କାହା ଭୃତ୍ୟକୁ ଦଣ୍ଡୁଛି ହେ
ରାମଚନ୍ଦ୍ର !
ଚିତ୍ତେ ନ କଲ ଏ ଭାବନା
ଚକ୍ରଠାରେ କି ବିମନା
ଚତୁର୍ବର୍ଗ ଦାୟକ   ବୋଲି ଏ ସୃଷ୍ଟି ଯାକ
ଉଡ଼ୁଛି ଫର ତୁମ୍ଭ ବାନା ହେ । ୬ ।

ଛପନ କୋଟି ଜୀବ—   ଜନ୍ତୁ ଯେତେକ ସର୍ବ
ପାଳନ କରୁଛ ଏହାକୁ
ଶ୍ରେଷ୍ଠ କଥାରେ ଯାହା   ଆପଣ ନୋହି ସାହା
ଚିହ୍ନା ପଡୁଛ ମୋ ବେଳକୁ ହେ
ରାମଚନ୍ଦ୍ର !

Source: KC Dash, Digitized by PPRACHIN, SOA

ଛପିଯିବଟି ଯଶ-ବାନା
ତୁମ୍ଭରେ କରୁଛୁ ପ୍ରାର୍ଥନା
ଛଦ୍ମ ଗୂଢ଼ ଶତ୍ରୁ   ହେ ବାଞ୍ଛା-କଳ୍ପତରୁ
ମୋର ଜଣାଣ କର ଘେନା ହେ । ୭ ।

ଜୟ ଜୟ ନିଶାଣ   ବାଜୁଛି ଯା ନାମେଣ
ଅସୁର ବଳ ନାଶିବାରେ
ଯମ ରାଜନ କକ୍ଷା   ଦଣ୍ଡରୁ ମୋତେ ରକ୍ଷା
ତୁମ୍ଭ ବିନା କେ କରିପାରେ ହେ
ରାମଚନ୍ଦ୍ର !
ଜଳ ବିହୁନେ ଯେହ୍ନେ ମୀନ
ଯେସନେ ଗୃହଜର ଧନ
ଯଥାର୍ଥ ସେବ୍ୟପର   ତୁମ୍ଭଙ୍କୁ ଅନୁସର
ରହିଛି ମୋହର ଜୀବନ ହେ । ୮ ।

ଝଞ୍ଜିକାରେ ଆରତ   ହୋଇ ଗୃହୁଁ ଗୃହୁଁ ତ
ବୁଡ଼ୁଛି ଶୋକ-ଜଳେ ଭେଳା
ଝଟନ୍ତ ମୋ ଗୁହାରି   ଶୁଣ କୋଦଣ୍ଡଧାରୀ
ଦଣ୍ଡେ ନ କର ଆଉ ହେଳା ହେ
ରାମଚନ୍ଦ୍ର !
ଝଳ ଯାଉ ମୋ ବାଞ୍ଛା ଫଳ
ଝାଙ୍କି ନେବେଟି ଶତ୍ରୁଦଳ
ଝୀନ ପ୍ରମାଣେ ପୁଣ   ନରେଶଙ୍କୁ ଶରଣ
ରକ୍ଷଣେ ହେବ କାହିଁ ବଳ ହେ । ୯ ।

ନୟମ କରିଛ ପରା   ତୁମ୍ଭେ କୋଦଣ୍ଡଧରା
ହେବ ବୋଲି ଭୃତ୍ୟଙ୍କୁ ସାହା
ନୋହେ ତ ଏହା ମିଛ   ଶ୍ରୀ ମୁଖରେ କହିଛ
ଏବେ କମ୍ପା ଲଙ୍ଘୁଛ ତାହା ହେ
ରାମଚନ୍ଦ୍ର !
ନିଜେ ନୟମ ଲଙ୍ଘୁଛ ଯେବେ
ନିନ୍ଦା ନୋହିବ କହୁଛି ତେବେ

ଝଞ୍ଜିକା—କ୍ଲେଶ
ନୟମ—ନିୟମ

Source: KC Dash, Digitized by PPRACHIN, SOA

ଞଶାମଣି, ସାଗର ବାସୁକି, ଗ୍ରସ୍ଥାବର
ଏ କଥାଁ ସତ୍ୟ ନ ଲଙ୍ଘିବେ ହେ । ୧୦ ।

ଟଳେ ଯାହାଙ୍କ ଭାଷ ତାହାଙ୍କୁ କି ବିଶ୍ୱାସ
କରଣ ଭ୍ରମନ୍ତ ପଣ୍ଡିତେ
ଟିକିଏ ସାହାପକ୍ଷ ନୋହିବାରୁ ପ୍ରତ୍ୟକ୍ଷ
ଦେଖି ମୁଁ ବିସ୍ମରଇ ଚିତ୍ତେ ହେ
ରାମଚନ୍ଦ୍ର !
ଟେକ କହୁଛ ଶାସ୍ତ୍ରେ ଯେତେ
ଟାଣୁଆ ବୋଲି ଏ ଜଗତେ
ଟାଣ ମହିମା ଥରେ ସାକ୍ଷାତେ ନୟନରେ
ନ ଦେଖିଲେ କେ ଯିବ ପ୍ରତେ ହେ । ୧୧ ।

ଠକପଣ ନ କର ମୋଠାରେ ସୀତାବର
ନାହିଁଟି ମୋର ଅନ୍ୟ ଗତି
ଠାବ ଦେଇ ମୋ ଜୀବ ରଖ ଦୀନବାନ୍ଧବ
ଜଗତେ ରହୁ ଏ କୀରତି ହେ
ରାମଚନ୍ଦ୍ର !
ଠସ ନ ମଣ ଏହୁ ଅର୍ଥ
ଠୁଳେ ଏ ମୂଢ଼ଇ ବଅର୍ଥ
ଠିକେ ତ୍ରିଭୁବନ ଭଣେ ତୁମ୍ଭବିନା କେ ଜଣେ
ମୋ ଦୁଃଖ ନେବାକୁ ସାମର୍ଥ ହେ ।୧୨ ।

ଡରି ମୁଁ ପ୍ରମାଦକୁ ତୁମ୍ଭ ପଦ୍ମପାଦକୁ
ଆଗହୁଁ ଥିଲି ଅନୁସରି
ଡାକି ଡାକି ପଥର ହୋଇ ଏବେ ଏଥର
ତୁମ୍ଭ ବିହୁନେ ଗଲି ସରି ହେ
ରାମଚନ୍ଦ୍ର !
ଡେରି କର୍ଣ୍ଣ ନ ଶୁଣ ବାଢେ
ଡ କଲେ ଯେତେ ବାରୁବାରେ
ଡାଳ ପରେ ଚଢ଼ାଇ କୋପେ ଶସ୍ତ୍ର ଉଞ୍ଚାଇ
ଉହ୍ୱଲ ମୂଳ ଛେଦିବାରେ ହେ । ୧୩ ।

ଗ୍ରସ୍ଥାବର—ସୂର୍ଯ୍ୟ
ଠସ—ଥଟ୍ଟା

Source: KC Dash, Digitized by PPRACHIN, SOA

ଢ଼ମ କହେ ମୁଁ ଯେତେ   ଏକା ତୁମ୍ଭ ନିମନ୍ତେ
ସକଳ କଲ ଅକାରଣ
ଢ଼ୁକୁଛି ଆସି ମୋତେ   ଦୁଃଖ ସନ୍ତାପ ଯେତେ
ତାହା ନ କଲ ନିବାରଣ ହେ
ରାମଚନ୍ଦ୍ର !
ଢଳି ପଡ଼ୁଛି ଧନ୍ଦାନଳେ
ଢାଳେ ତହିଁ ସବାଙ୍ଗ ଜଳେ
ଢାଳ କରୁଣା ଜଳ   ଏ କଷଣରୁ କାଳି
ଜୀବକୁ ଦେନଯାଅ ତଳେ ହେ । ୧୪ ।

ଅଣଅପୂର୍ତ୍ତ ହୋଇ   ଅଛୁ ତୁମ୍ଭଙ୍କୁ ଧ୍ୟାୟି
ସଦୟେ ହର ମୋ ଦୁର୍ଦ୍ଦଶା
ଅଣାଶ୍ରୟ ପ୍ରାଣୀକି   ମନ୍ଦ ପାଞ୍ଚ ଏଣିକି
ନ କର ଆଉ ଲୋକହସା ହେ
ରାମଚନ୍ଦ୍ର !
ଅଣହେଳା ତୁମ୍ଭର ଦେଖି
ଏଣେ ମୋ ଆତ୍ମା ଯାଏ ଶୁଖି
ଅଣୁମାନେ ସୁଦୟା   ନ କର ଏତେ ମାୟା
କର କି କଷ୍ଟ ମନେ ରଖି ହେ । ୧୫ ।

ତକାଇ ରହିଅଛୁ   ତୁମ୍ଭଙ୍କୁ ଉଧୁବଛୁ
ସଙ୍କଟୁ ପାର ହେବାପାଇଁ
ତତ୍କାଳେ ଦୁଃଖୁ ମୋତେ   ଉଦ୍ଧରିବାରେ ଏତେ
ଉଚ୍ଛୁର କରୁଛ କିପାଇଁ ହେ
ରାମଚନ୍ଦ୍ର !
ତାରିଛ କେତେ ପତିତଙ୍କୁ
ତୁଟାଇ ଦିଅ ଏ ପାତକୁ
ତେଜଣ ମନୁରାଗ   ପ୍ରସନ୍ନ ହୋଇ ବେଗ
କି ରୂପେ ନାଶ ମୋ ଆର୍ତ୍ତିକୁ ହେ । ୧୬ ।

ଥାପୁ ଆଉ ଏ ଚିତ୍ତ   ନୁହଇ କଦାଚିତ
ଅଥୟ ହୋଏ ବିଷୟାରୁ
ଥଳକୂଳ ନ ମିଳେ   ଭାସୁଛି ଚିନ୍ତାଜଳେ
ଏକା ତୁମ୍ଭର ନିର୍ଦ୍ଦୟାରୁ ହେ
ରାମଚନ୍ଦ୍ର !

Source: KC Dash, Digitized by PPRACHIN, SOA

ଥଲ ମୋ ପାଇଁ ଯେବେ ଥାନ୍ତା
ଥରେ ସୁଦୟା ହୋଇଥାନ୍ତା
ଥାଇ ଏ ଦେହଗତେ   ଜୀବ ଏପରି ଏତେ
କଷ୍ଟ କମ୍ପାଇ ସହୁଥାନ୍ତା ହେ । ୧୭ ।

ଦୟା ନ ଗଲ ମନୁ   ଦଶା ଗ୍ରାସିବା ଦିନୁ
ବିନାଶ ନ କର ମୋ ବାଧା
ଦାସ ଜନର ଜୀବ   ଛୁଡ଼ିଗଲେ କି ହେବ
ପଶ୍ଚାତେ ଦେବେ ଯେତେ ସୁଧା ହେ
ରାମଚନ୍ଦ୍ର !
ଦାତାପଣ ତ ଜଣାଯିବ
ଖ୍ୟାତି କି ବ୍ୟର୍ଥେ ନାଶିବ
ଦାସରେ ହେଲେ ବାମ   ଦାସବତ୍ସଳ ନାମ
ବୋଲଣ କାହିଁ ପ୍ରକାଶିବ ହେ । ୧୮ ।

ଧରାଇ ଶତ୍ରୁ ହସ୍ତେ   କପଟ କରି ଏତେ
ଦେଉଛ ରାଗେ ଯେଉଁ ସଜା
ଧମକ ଦଣ୍ଡ ଯାହା   ସେ ଶତ୍ରୁ ଙ୍କର ତାହା
ବିଅଇ ଥାଇ ମୋ ମଜା ହେ
ରାମଚନ୍ଦ୍ର !
ଧର୍ମ କଥା ନୁହଇ ଏତ
ଧରିଛ ତୁମ୍ଭେ ଯେଉଁ ମତ
ଧରଣୀରେ ଏପରି   ଭୃତ୍ୟମାନଙ୍କୁ କରି
ଯଶ କି କରିଛ ବିଖ୍ୟାତ ହେ । ୧୯ ।

ନ ଘେନ ଚିତ୍ତେ ଛଳ   ଯେ ଯାହା ବାଞ୍ଛାଫଳ
ଦେଇ ତ ଉଡ଼ାଉଛ ତଗା
ନାଶ ଯାଉଛି ହୋଇ   କିଛି ଆଜ୍ଞା ନ ଦେଇ
ଦେଉଛ କିପାଁ ମୋତେ ଦଗା ହେ
ରାମଚନ୍ଦ୍ର !
ନରେଖ ଡାକିଲେ ନ ଶୁଣ
ନିଷ୍ଠୁର ହୃଦୟ କରଣ
ନ ଥିଲ ଜଣା ମୋତେ   ତୁମ୍ଭଠାରେ ଏମନ୍ତେ
ଅଛି ବୋଲି ତ ଏତେ ଗୁଣ ହେ । ୨୦ ।

Source: KC Dash, Digitized by PPRACHIN, SOA

ପକାଇ ବନ୍ଧନରେ ଏତେ ଶାସ୍ତି ଦେବାରେ
ତେବେ ତ ଦୟାଳୁ ନ ବହ
ପୀଡ଼ା ପ୍ରତାପ ଜାଣି ଘାତ ସହି ନ ପାରି
ହେଉଛି ବଡ଼ ଅନ୍ତର୍ଦାହ ହେ
ରାମଚନ୍ଦ୍ର !
ପାଉଛି ଯେତେ ପରାଭବ
ପ୍ରାଣ ଯିବାର ଭଲ ହେବ
ପାଞ୍ଚିକରି ଏମନ୍ତେ ପ୍ରଭୁ ! ସ୍ଥିର ପଣ୍ଡିତେ
ମୋରେ କି ପ୍ରଶଂସା ପାଇବ ହେ । ୨୧ ।
ଫନ୍ଦା ତୁମ୍ଭଙ୍କୁ କରି ହେ ଦେବ ରୂପଧାରୀ !
ମୋ ବାଞ୍ଛାଫଳ ନ ଫଳୁଛି
ଫାଟିଲା କି କପାଳ ନ ଫଳେ ବାଞ୍ଛା ଫଳ
ଏହା ମୁଁ ସର୍ବଦା ଭାଳୁଛି ହେ
ରାମଚନ୍ଦ୍ର !
ଫିକର କରୁଛି ଦିଶୁ ନାହିଁ
ଫେଡ଼ ସଂଶୟ ଭବତ୍ରାହୀ !
ଫିଙ୍ଗିଛ ଜାଣୁ ଜାଣୁ ଶ୍ରୀ ଚରଣ ଶରଣୁ
ଏବେ ମୁଁ ଯିବି ଆଉ କାହିଁ ହେ । ୨୨ ।

ବଳବନ୍ତ ଠାକୁର ବୋଲି ତୁମ୍ଭ ପୟର
ତଳେ ମୁଁ ପଶିଲି ଶରଣ
ବିପଦରୁ ନ କରି- ପାରିଲେ ମୋତେ ମାରି
ବୃଥା ହେବଟି ବୀରପଣ ହେ
ରାମଚନ୍ଦ୍ର !
ବହୁତ ବିଳମ୍ବ ନ କର
ବେଗେ ପ୍ରସନ୍ନେ ଦିଅ ବର
ବିନୟରେ କହୁଛି ଆପଣ ମୋତେ କାଟି
ନ କର ଆଉ ନାରଖାର ହେ । ୨୩ ।
ଭଣ୍ଡାରେ ଯାହାଙ୍କର ଋଦ୍ଧି ଭରାଭର
ସମ୍ପତ୍ତି ପୂର୍ଣ୍ଣ ହୋଇଥାଇ
ଭାବନା ଚିତ୍ତେ କର ସେ ମହା ପ୍ରଭୁଙ୍କର
ଭୃତ୍ୟ କି ଦରିଦ୍ର ହୁଅଇ ହେ
ରାମଚନ୍ଦ୍ର !

ଫିକର—ଉପାୟ

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଜୀବନ

ଭାବନା ଯହୁଁ ନ ଫଳୁଛି
ଭେବନ ଚନ୍ତାରେ ଝଳୁଛି
ଭାସ ଦୁଃଖ ଦେବାରୁ ଭଗାରିଙ୍କ ଭଙ୍ଗୀରୁ
ଲଜ୍ଜା ତ ମରଣୁ ବଳୁଛି ହେ । ୨୪ ।

ମଙ୍ଗଳଦାୟକ ତ ମୋ ମଙ୍ଗଳ ବାଞ୍ଛିତ
ବେଳକୁ ହୁଅ ଏତେ ବାମ
ମର୍ତ୍ତ୍ୟପୁରେ ଆପଣ କେମନ୍ତେ ପାନଜନ
ତାରଣ.ଖ୍ୟାତ କଲ ନାମ ହେ
ରାମଚନ୍ଦ୍ର !
ମହିମା ନ ଢଗଇ କଛି
ମୋର ଦୁର୍ଦ୍ଦଶା ଆହା ବଛି
ମହାପ୍ରଭୁ ବୋଲଣ ଦେହଂ ସହିତେ ପ୍ରାଣ
ତୁମ୍ଭଙ୍କୁ ପ୍ରଭୁ ମୁଁ ବିକଛି ହେ । ୨୫ ।

ଜଗତେ ଯେତେ ଯଶ କରିଅଛ ପ୍ରକାଶ
ସେ ଯେବେ ସତ୍ୟ ହୋଇଥାନ୍ତା
ଯେତେକ ଡାକଲିଣି ମୁଁ ନିବଶ୍ରୟ ପ୍ରାଣୀ
ମୋହର ଏ କ୍ଲେଶ କି ଥାନ୍ତା ହେ
ରାମଚନ୍ଦ୍ର !
ଜୀବ ଉଦ୍ଧାର ଲାଗି ଏକା
ଜାଣି ତ ନ ଶୁଣ ମୋ ଡାକ
ଜନକ ସୁତା-ସାଇଁ ମିଛେ ଉଡ଼ା କପାଇଁ
ପତିତପାବନ ପତାକା ହେ । ୨୬ ।

ରହିଲ ଅପସର ନ ଶୁଣିଣ ଗୁହାରି
ଦେଖିବାରୁ ମୋ କର୍ମ ଉଣା
ରଜ୍ୟେ ତୁମ୍ଭ ଗୃକର କଷଣ ପାଇବାର
ଏହା ତ ଶାସ୍ତ୍ରେ ନାହିଁ ଶୁଣା ହେ
ରାମଚନ୍ଦ୍ର !
ରାଜ୍ୟ କରଣ ବୁଝାମଣା
ରଖିଛ ଯଶ ଅକଳଣା
ରାବଣାର କପାଇଁ ଏତେ କଷଣ ଦେଇ
ନ କର ମୋରେ ଶୋକ ଉଣା ହେ । ୨୭ ।

Source: KC Dash, Digitized by PPRACHIN, SOA

ଲଲାଟ ଲେଖା ଯେତେ ଭଲ ମନ ସବୁତେ
ସକଳ ଜାଣି ଆପେ ଲେଖ
ଲଗାଇ ଏତେ ଲୀଳା ଯେ ଯାହା ଭୋଗ କଲା
ସାକ୍ଷୀଙ୍କ ପ୍ରାୟେ ସବୁ ଦେଖ ହେ
ରାମଚନ୍ଦ୍ର !
ଲେଖିଛ ଲଲାଟରେ ଯାହା
ଲିଭାଇ ପାର ତୁମ୍ଭେ ତାହା
ଲକ୍ଷ୍ୟ ତୁମ୍ଭଙ୍କୁ କେହୁ ଅଛି ସଂସାରେ ଆଜ
ବିପତ୍ତି ବେଳେ ହେବ ସାହା ରେ । ୨୮ ।

ବଢ଼େ ବିପତ୍ତି-ନଦୀ ବେଳକୁ ବେଳ ବୃଦ୍ଧି
କୃପା ନ କର କୃପାନିଧି
ବର ଯେମନ୍ତେ ପୂର୍ବେ ଦେଉଥିଲ ଯା ଏବେ
ବୁଡ଼ାଇଲଣି କି ସେ ସିଦ୍ଧି ହେ
ରାମଚନ୍ଦ୍ର !
ବାନା ତ ଅଛି କି ନ ଅଛି
ବାରଣ ଯାଉ ନାହିଁ କିଛି
ବାଞ୍ଛାନିଧି ଉଦ୍ଧାର କର ଅବା ନ କର
ତୁମ୍ଭଙ୍କୁ ଆଶା ତ କରିଛି ହେ । ୨୯ ।

ଶରମାନ ପ୍ରହାରି ଦୁଷ୍ଟଗଣ ସଂହାରି
ପାଳିଛ କେତେ ସନ୍ଥଜନ
ସର୍ବଦା ତେଣୁ କରି ସନ୍ଥଜନେ ତୁମ୍ଭରି
ନାମକୁ କରନ୍ତି ଭଜନ ହେ
ରାମଚନ୍ଦ୍ର !
ସେ ଯଉଁ ଦୁଷ୍ଟମାନେ ଥାନ୍ତି
ସେ ଯେ ତୁମ୍ଭଙ୍କୁ ନ ଭଜନ୍ତି
ଶାସ୍ତ୍ରେ ତ ଶୁଣାଅଛି ଦୋଷଗୁଣ ନ ବାଛି
ତାହାଙ୍କୁ ଦେଇଛ ମୁକତି ହେ । ୩୦ ।

ସଜା ନାନା ପ୍ରକାର ହୋଇବା ହେତୁ ମୋର
ଶତ୍ରୁବାଦକୁ ମହାଭୟ
ସାହା ତୁମ୍ଭେ କହିଁତେ ନୋହିବାରୁ ତ ମୋତେ
ନ ଦିଶେ ବଞ୍ଚିବା ଉପାୟ ହେ
ରାମଚନ୍ଦ୍ର !

Source: KC Dash, Digitized by PPRACHIN, SOA

ଶତ୍ରୁ ଏ ନେଲେଣି ମୋ ପ୍ରାଣ
ସର୍ବେ କରନ୍ତି ବଖାଣ
ସେ ହେବା ପାଇଁ ସାର ଭୃତ୍ୟଙ୍କ ଛଳେ ପର
ଧରଛ କରେ ଧନୁର୍ବାଣ ହେ । ୩୧ ।
ସ୍ୱୟଂ ପରମବ୍ରହ୍ମ କ୍ଷଣେ ସେ ହେଲେ ବାମ
ସୃଷ୍ଟିକି ସଂହାର ପାରନ୍ତି
ସେ ପ୍ରଭୁଙ୍କ ଦାସକୁ ବଳେ ଆସି ପାଶକୁ
ଗରିଷ୍ଠ ଲୋକେ କି ମାରନ୍ତି ହେ
ରାମଚନ୍ଦ୍ର !
ସ୍ୱହସ୍ତରେ ଥାଏ କୋଦଣ୍ଡ
ସୁଦାସ ପାଉଥାଏ ଦଣ୍ଡ
ସେହି କୋଦଣ୍ଡରେଣ ନାଶ ଖର ରାବଣ
ବଂଶାଦ୍ଧ ପାଇଁ ନାନା ଦଣ୍ଡ ହେ । ୩୨ ।
ହଜି ଗଲଣି ଜ୍ଞାନ ହେଲିଣି ମୁଁ ଅଜ୍ଞାନ
ତୁମ୍ଭେ ତ ହେବାରୁ ବିପକ୍ଷ
ହାର ରହିଲେ ହର ମୋ ଶତ୍ରୁଙ୍କୁ ନ ପାର
ଆଉ କେ ହେବ ମୋ ସୁପକ୍ଷ ହେ
ରାମଚନ୍ଦ୍ର !
ହାଣି ଏ ଶତ୍ରୁ ଗରିଷ୍ଠଙ୍କୁ
ହର ନ ନେଲେ ମୋ କଷ୍ଟକୁ
ହଟା ଯିବଟି ବସି ରାଜ୍ୟେ ଅଯୋଧ୍ୟାବାସୀ
ହାଣଲ ବୋଲିଣ ଦୁଷ୍ଟଙ୍କୁ ହେ । ୩୩ ।
କ୍ଷମାକର ମୋ ଦୋଷ ଗୁଡ଼ ସକଳ ଶ୍ରେଷ୍ଠ
ଦିଅ ସୁଜ୍ଞାନ ଉପଦେଶ
କ୍ଷୟେ ଯାଉ ମୋ ପାପ ସର୍ବ ଶୋକ ସନ୍ତାପ
ବଂଶାଦ୍ଧ ଯେତେ ନାନା କ୍ଳେଶ ହେ
ରାମଚନ୍ଦ୍ର !
କ୍ଷାତ ହୋଇଲେ ଏ ପ୍ରତିଜ୍ଞା
କ୍ଷମ କେ କରିବ ଅବଜ୍ଞା
କ୍ଷମାନିଧି ଏତିକ ଅଜ୍ଞାନ ସେବକଙ୍କ
ସୁପ୍ରସନ୍ନରେ ହଉ ଆଜ୍ଞା ହେ । ୩୪ !

Source: KC Dash, Digitized by PPRACHIN, SOA

ଜଗବନ୍ଧୁ ଜଣାଣ ଚଉତିଶା

କରମ ବାମ ମୋର   ଆହେ କରୁଣାକର
କହୁଛି ଅନେକ ପ୍ରକାର
କ୍ଷୀରାର୍ଣ୍ଣବରେ ଘର   କ୍ଷିତି ଭାର ଉଦ୍ଧାର
ଖଗେଶ୍ୱର ନାମ ତୁମ୍ଭର
ହେ ଜଗବନ୍ଧୁ ! ।୧।

ଗଜକୁ ଯେ ଉଦ୍ଧାର   ଗ୍ରାହକୁ କର ପାର
ଗରୁଡ଼ ପୃଷ୍ଠରେ ବିହାର
ଘୋର ବିପତ୍ତି ତାର   ଘେନ ମନ୍ଦରଧର
ଘଡ଼ିକେ ଇନ୍ଦ୍ରପଦ ଚୂର
ହେ ଜଗବନ୍ଧୁ ! ୧ ।

ଉଦ୍ଧାର ହେବାପାଇଁ   ଆଶା ତ୍ରୈଲୋକ୍ୟ ସାଇଁ
ଆଶା ମୋ ପୂର୍ଣ୍ଣ କଲ ନାହିଁ
ଚନ୍ଦ୍ର ଦ୍ରୌପଦୀ ସତୀ   ଚିନ୍ତାରୁ ହେଲେ ମୁକ୍ତି
ଚିହ୍ନିଁଥିଲେ ଲକ୍ଷେ ନୃପତି
ହେ ଜଗବନ୍ଧୁ ! ।୩।

ଛପନକୋଟି ଶାଢ଼ୀ   ଛଦ୍ମମାୟା ସଜାଡ଼
ଛାର ଦୁଃଶା କି ପାରେ କାଢ଼ି
ଯାଏ ଲଙ୍କାରେ ଫେରି   ଯଶ ରଖ ଶ୍ରୀହରି
ଜଗତେ କଲ କେତେ ପାରି
ହେ ଜଗବନ୍ଧୁ ! ।୪।

ଝୁରେ କପୋତି ପରି   ଝୁରି ଝୁରି ସୁମରି
ଝିମିଟେ ନ ଶୁଣ ଗୁହାରି
ନଦେଖ ପ୍ରାଣୀ ମୁହିଁ   ନାହିଁ ସାହା ମୋ କେହି
ନ କଲ ଭବୁ ମୋତେ ହାଇ
ହେ ଜଗବନ୍ଧୁ ! ।୫।

ଖଗେଶ୍ୱର—ଗରୁଡ଼, ବିଷ୍ଣୁ ।

Source: KC Dash, Digitized by PPRACHIN, SOA

ଚାଣ ଭଙ୍ଗ ଶ୍ରୀଧର ଚଳାଅ ମେରୁବର
ଚିକାଏ ନ ଦିଅ ଉତ୍ତର
ଠାବ ପାଇଲ ନାହିଁ ଠାକୁର ଲକ୍ଷ୍ମୀ ସାଇଁ
ଠିକେ ମୁଁ ଜଣାଣ କରଇ
ହେ ଜଗବନ୍ଧୁ ! । ୬ ।

ଡାକନ୍ତେ ବେଦବର ଡାକ ଶୁଣି କର୍ଣ୍ଣର
ଡେଇଁ ତ ପଡ଼ିଲ ଜଳର
ଢଳି ମଛ ଆକାର ଢାଳେ ଅସୁର ମାର
ଢାଳେ ତୋଷିଲ ବେଦବର
ହେ ଜଗବନ୍ଧୁ ! । ୭ ।

ଅନନ୍ତ ଯା ନାମନ୍ତ ବେଦେ ନ ପାନ୍ତି ଅନ୍ତ
ଅରକ୍ଷ ଜନକୁ ତାର ତ
ତେଣୁ ଭରସା ପାଇ ତରିବ ବୋଲି ମୁହିଁ
ତଳେ ହେଁ ଦୟା କଲ ନାହିଁ
ହେ ଜଗବନ୍ଧୁ । ୮ ।

ଥିର ଜଳରେ ମୁହିଁ ଥକିତେ ଅଛି ରହି
ଥଣ୍ଟ ମୋ ବୁଦ୍ଧି ହେଉ ନାହିଁ
ଦାତା କର୍ଣ୍ଣ ଦୁଆର ଦାନ ନେଲ ଶ୍ରୀଧର
ଦେଲ ପୁତ୍ରକୁ ମାରି ତାର
ହେ ଜଗବନ୍ଧୁ ! । ୯ ।

ଧରି ବାମନ ରୂପ ଧୀରେ ବଳିକ ଗୃପ
ଧାପି ରହିଲେ କଲ୍ପ କଲ୍ପ
ନୃସିଂହ ରୂପ ଧରି ନଖେ ହିରଣ୍ୟ ଚିରି
ନଦାନ ବିପତ୍ତିରୁ ତାରି
ହେ ଜଗବନ୍ଧୁ ! । ୧୦ ।

ପ୍ରହଲ୍ଲାଦ ରଖିଲ ପ୍ରଭୁ ସଦୟ ହେଲ
ପାପୀ ହିରଣ୍ୟ ସ୍ୱର୍ଗ ନେଲ

ବେଦବର—ବ୍ରହ୍ମା
ନାମନ୍ତ—ନାମକୁ

Source: KC Dash, Digitized by PPRACHIN, SOA

ଫାନ୍ଦୁ ଯେ ଅଛ ମୋତେ ଫନ୍ଦା ଚରଣାଗ୍ରତେ
ଫାନ୍ଦୁ ମୁଁ ତରିବି କେମନ୍ତେ
ହେ ଜଗବନ୍ଧୁ ! । ୧୧ ।

ବାମ କରମ ପୁଣ ବନ୍ଧୁ ଦେଲ କଷଣ
ବନ୍ଧି ତ କରିଛ ଘଟଣ
ଭଙ୍ଗିଲ ଲଙ୍କାପୁର ଭ୍ରାନ୍ତି ଯେ ଦେବଙ୍କର
ଭୟରୁ କରିଲ ନିବାର
ହେ ଜଗବନ୍ଧୁ ! । ୧୨ ।

ମଲେ ରାବଣ ବଂଶ ମହୀରୁ ଗଲା ନାସ
ମୋତେ ତ କରିଲ ନିରାଶ
ଜାତ ତ ମଥୁରା ଅର୍ଥ ଯା ନାମ ଲକ୍ଷ୍ମୀକାନ୍ତ
ଯଶୋଦାଙ୍କର ହେଲ ସୁତ
ହେ ଜଗବନ୍ଧୁ ! । ୧୩ ।

ରହିଲ ଗୋପପୁର ରସିକ ଦାମୋଦର
ରସେ ମୋହିଲ ନାରୀ ନର
ଲବଲାବଣ୍ୟ ମୂର୍ତ୍ତି ଲକ୍ଷ ଲକ୍ଷ ଯୁବତୀ
ଲୋଭେ କରିଲେ ପ୍ରାଣପତି
ହେ ଜଗବନ୍ଧୁ ! । ୧୪ ।

ବୃନ୍ଦାବନରେ ବାସ ବାମାକୁ ଦେଲ ବଶ
ବାଲ୍ୟକାଳରେ କଲ ରାସ
ସାରଙ୍ଗଧାରୀ ହରି ସଂସାରୁ କର ପାରି
ଶୋକେ ମୁଁ ଯାଉଅଛି ସରି
ହେ ଜଗବନ୍ଧୁ ! । ୧୫ ।

ଶୋକ ମୋହେ ପଡ଼ିଣ ସରିଯାଉଛି ପୁଣ
ଶ୍ରୀହରି ତୁମ୍ଭେ ନ ଭଜିଣ
ଶିବ ବ୍ରହ୍ମା ଆଦିତ୍ୟ ସେବା କରନ୍ତି ନିତ୍ୟ
ସିଦ୍ଧ ସେ ହୋଇବା ନିମନ୍ତ
ହେ ଜଗବନ୍ଧୁ ! । ୧୬ ।

କଲ୍ପ କଳ୍ପ—ଯୁଗ ଯୁଗ
ସାରଙ୍ଗ—ବଂଶୀ

Source: KC Dash, Digitized by PPRACHIN, SOA

ହୃଦୟେ ମୋ ସ୍ଫୁର   ହୃଷୀକେଶ ତ ପାଉ
ହୀନ ମୋ କରମକୁ ଦୂର
କ୍ଷେମ ସାଧୁ ଭଣଇ   କ୍ଷମାନିଧି କି ଧାୟି
କ୍ଷମା କରିବେ ଭାବଗ୍ରାହୀ,
ହେ ଜଗବନ୍ଧୁ ! । ୧୭ ।

Source: KC Dash, Digitized by PPRACHIN, SOA

ଉଦ୍ଧବ ଚଉତିଶା

କମଳବଦନୀ କୋକିଳବଚନୀ ବରଜପୁର କାମିନୀ
କୃଷ୍ଣ ଦୂତ ଉଦ୍ଧବଙ୍କଠାରୁ ବ୍ରହ୍ମଜ୍ଞାନ ଭେଦମାନ ଶୁଣି
କହନ୍ତି ସେ, କୋମଳ କଣ୍ଠ ବଚନ
କଂସ କଟକରୁ ଯେହ୍ନ ଆସ ତୁମ୍ଭ ଭାଷା କଟୁରି ସମାନ । ୧ ।

କ୍ଷଣେ ନ ଗ୍ଭଡ଼ୁ କୃପଣ ଧନ ପ୍ରାୟେ ଘନଶ୍ୟାମ ସୁନ୍ଦରଙ୍କୁ
ଖାଇବା ଖେଳିବା ସବୁଠାରେ ଗ୍ଭହିଁ ପ୍ରାୟେ ଖଟିଥାଉଁ ତାଙ୍କୁ
ଉଦ୍ଧବ ହେ ! ଖଳ ଗାନ୍ଧିନୀ କୁମର
ଖୋଳି ଆମ୍ଭ ନେତ୍ରପିତୁଳ ନେଇଛି ପାରିଲେ ତୁମ୍ଭେ ଉଦ୍ଧର । ୨ ।

ଗୋବିନ୍ଦ ଯାଇ ମଧୁପୁରେ କୁବୁଜୀ କୁବୁଜାକୁ ସୁଆଗିଲେ
ଗୋପୀଙ୍କି ଯୋଗମାର୍ଗ ଶିକ୍ଷା ଦେବାକୁ ତୁମ୍ଭଙ୍କୁ ଏବେ ପେଷିଲେ
ଉଦ୍ଧବ ହେ ! ଜ୍ଞାନବନ୍ତ ବଡ଼ ହରି
ଗୋକୁଳ ମଣ୍ଡଳେ ରାସ ଆରମ୍ଭ ଲେ ଯେବେ ଶୋଳସହସ୍ର ନାରୀ । ୩ ।

ଘୋଷି ଘୋଷି ଯୋଗମାର୍ଗ ହେ ଉଦ୍ଧବ ଆସିଛ ଅତି ସ୍ନେହରେ
ଘେନିବାକୁ କେହ୍ନ ଗ୍ରାହକ ନାହାନ୍ତି ମଧୁନଗର ବାହାରେ
ଉଦ୍ଧବ ହେ ! ଘନଶ୍ୟାମ କୃଷ୍ଣରସ
ଘୋଟି ମନଘଟେ ରହିଛି ଯୋଗକୁ ନାହିଁ ନାହିଁ ଠାବ କେଶ । ୪ ।

ନନ୍ଦ ନନ୍ଦନ ବ୍ରହ୍ମ ଅବା ହେଉ ସେ ବ୍ରହ୍ମରୁ ବା ହେଉ ଭିନ୍ନ
ନରେନ୍ଦ୍ର ପଦବୀ ବନ୍ଧୁ ଅବା ପତି ହେଉ ଅବା ପରିଜନ
ଉଦ୍ଧବ ହେ ! ନାହିଁ ଏଥି ଆମ୍ଭ ଚିନ୍ତା
ନାରୀ ପାତିବ୍ରତ୍ୟ ଧର୍ମକୁ ଘେନିଛୁ କୃଷ୍ଣ ଆମ୍ଭ ଜୀବଦାତା । ୫ ।

ଚତୁରବର କୃଷ୍ଣ ଗୋପୀ ଗୋପାଳ ଗୋବତ୍ସ ସଙ୍ଗତେ ଘେନି
ଚରୁ ବୃନ୍ଦାବନେ ଲୀଳା କରୁ କରୁ ହରିନେଲା ପଦ୍ମଯୋନି
ଉଦ୍ଧବ ହେ ! ଚିତ୍ତେ ଜାଣି ଗର୍ବ ତାର
ଚହିଁ ସେହ୍ନ ସୃଷ୍ଟି ଭିଆଇଲେ ଜ୍ଞାନ ହତ ହେଲା କୁଶଧର । ୬ ।

ଛଇଳ ଶ୍ୟାମସୁନ୍ଦର ସଙ୍ଗେ ଥାଇ ଗ୍ଭର ମଣୁଥାଉଁ ଯୋଗ
ଛନ୍ଦ ଘଟଲେ ଗଳା ଆଲିଙ୍ଗନ କରି ଲଭୁଥାଉଁ ସୁଖଭୋଗ
ଉଦ୍ଧବ ହେ ! ଗ୍ଭଡ଼ିବୁ କପଟ ତାହା
ଛଡ଼ି ଚକ୍ରଭେଦ ଶୂଳପ୍ରାୟେ ହୃଦେ ଘେନୁଛୁ ନ କୁହ ଏହା । ୭ ।

Source: KC Dash, Digitized by PPRACHIN, SOA

ଜଳେ ବାସକରି ମୀନ ମଣ୍ଡୂକେ ଯେ ଥାଆନ୍ତି ଆନନ୍ଦ ହୋଇ
ଜୀବନବନ୍ଧୁ ମୀନ ପ୍ରାଣ ତେଜଇ ମଣ୍ଡୂକ ଆନେ ଜୀଅଇ
ଉଦ୍ଧବ ହେ ! ଯଦୁପୁର ବ୍ରଜପୁର
ଯତନ କରି ବୁଝାଅ କେନ ଲୋକର ଅଛଇ କେତେ ଅନ୍ତର । ୮ ।

ଝାଳ ଅଙ୍ଗେ ଅଙ୍ଗ ଯେତେ ଯେତେ ଭଙ୍ଗୀ କରୁଥାଉଁ ପ୍ରେମଭରେ
ଝଟ ଝଟ ସେସବୁ ପ୍ରକାର ଦିଶୁଛି ସାକ୍ଷାତ ସେହୁ ଆଗରେ
ଉଦ୍ଧବ ହେ ! ଝୁରୁଛୁ ତା ଚିନ୍ତା ଆମ୍ଭେ
ଝଗଡ଼ ହେଉଛ ଯୋଗମାର୍ଗ ଘେନ ଏତେ ଅବିବେକ ତୁମ୍ଭେ । ୯ ।

ନବଘନ ଭରେ ବିଦ୍ୟୁତପ୍ରାପ୍ତ କୃଷ୍ଣ ସଙ୍ଗେ ଲୀଳା କରୁଥାଉଁ
ନ ଚାହିଁ ଆମ୍ଭେ ଆମ୍ଭଙ୍କୁ ପ୍ରେମରସେ ପଡ଼ି ଏତେ ମଗ ହେଉଁ
ଉଦ୍ଧବ ହେ ! ନାହିଁ ନୋହିବ ନ ଥିବ
ନିଷ୍ଟେ କହୁଛୁଁ ତାହାଙ୍କ ଆମ୍ଭ ପ୍ରୀତି ନ ପାଇବେ ବ୍ରହ୍ମା ଶିବ । ୧୦ ।

ଟେକ ଯେ କହୁଛ ନିରାକାର ବ୍ରହ୍ମ ଭଜ ବୋଲି ହେ ଉଦ୍ଧବ
ଟାଳିବୁ କି କରି ଇଷ୍ଟବ୍ରତ ଆମ୍ଭେ କରିଛୁଁ ଗୋବିନ୍ଦ ଭାବ
ଉଦ୍ଧବ ହେ ! ଟଙ୍କଧର-ମନ୍ତ୍ରୀ-ଯାନ
ଟଳି ଉପବାସେ ପଡ଼ିଲେ କେବେ ହେଁ ନ କରେ ତୃଣ ଅଶନ । ୧୧ ।

ଠାକୁରଙ୍କଠାରୁ ଆସିଛ ଉଦ୍ଧବ ପ୍ରିୟସଖା ଭାବ ବହି
ଠିକ ବିଷୟ ତୁମ୍ଭଠାରୁ ଆଜ ତ କିଛି ହିଁ ଶୁଣିଲୁ ନାହିଁ
ଉଦ୍ଧବ ହେ ! ଠାବ କଲୁ ସବ ସହି
ଠଣି ଗୋପମାୟୁ ହୃଦୟୁ ବାରତା ତୁମ୍ଭଙ୍କୁ ନାହାନ୍ତି କହି । ୧୨ ।

ଡାକୁ ଯେ ଥାନ୍ତି ମୋହନ ମୁରଲୀରେ ଜଣେ ଜଣେ ନାମ ଧରି
ଡକା ଡକି ହୋଇ ଏକ ଆରକରେ ଯାଉଥାଉ ଗୋପ ନାରୀ
ଉଦ୍ଧବ ହେ ! ଡୋଳା ଭେଟ ହୋଇବାରୁ
ଡିଙ୍ଗର ମଦନ ରସ ଆବେଶରେ ବିଷୟ ବୁଦ୍ଧି ପାସୋରୁ । ୧୩ ।

ଢଳ ଢଳ ଶ୍ୟାମ ଅଙ୍ଗ ଆମ୍ଭ ଅଙ୍ଗେ ଲାଗିଛି ନିବିଡ଼ ହୋଇ
ଢଳାଢଳି ଯେତେ ପ୍ରକାରେ ବ୍ରହ୍ମ ରଙ୍ଗ ଆଉ ଯେ ଜାଣିବ ନାହିଁ
ଉଦ୍ଧବ ହେ ! ଢମ ନ ମଣ ଏ ଲସ
ଢୋକଥାଇ ଯେହ୍ନୁ ପୀୟୂଷ ସେ ବେଳେ ନୁହଇ ଚିନ୍ତରେ ବଶ । ୧୪ ।

ଟଙ୍କଧର-ପତ୍ନୀ-ଯାନ—ସିଂହ

Source: KC Dash, Digitized by PPRACHIN, SOA

ଏ ଯେବେ ଏ ରସ କି କରି ଛୁଡ଼ିବା ହୃଦରେ ତୁମ୍ଭେ ବିଚାର
ଆକାଶ ଜଳ ବିହୀନେ କି ଚାତକ ପାନ କରେ ଗଙ୍ଗାନୀର
ଉଦ୍ଧବ ହେ ! ଏହା ନ ଆଣ ମନକୁ
ଆଚାର ନ କହି ନିରାକାର ମାର୍ଗ କହ କେଉଁ କାରଣକୁ । ୧୫ ।

ତେଜ ତେତେ ପ୍ରୀତି ଗଲି ଶିଖିପିଚ୍ଛ ଚଞ୍ଚଳ ହୀନ ଜୀବନ
ତୁମ୍ଭେ ଆସି ଜ୍ଞାନ କହୁଛ ଶୁଣୁଛୁ ଏତେ ଆମ କର୍ମ ହୀନ
ଉଦ୍ଧବ ହେ ! ତା ଭାବ ଭାବନା କରି
ତନୁ ଅତନୁ ହେଲେ ଧନ୍ୟ ଜଗତେ ବୋଲାଇବୁ ଗୋପନାରୀ । ୧୬ ।

ଥିଲୁ କୃଷ୍ଣ ମାଟି ଖାଉଥିଲେ ଆସି ଧଇଲେ ଜନନୀ କର
ଥରୁଥାନ୍ତି ମାଟି ଖାଉ ନାହିଁ ବୋଲି ବୋଲୁଥାନ୍ତି ମାୟାଧର
ଉଦ୍ଧବ ହେ ! ଥିରେ ବସ୍ତାରିଲେ ପାଟି
ଥପି କରି ଯାଏ ଚାହିଁଲେ ଗର୍ଭରେ ପୂରିଛି ବ୍ରହ୍ମାଣ୍ଡ କୋଟି । ୧୭ ।

ଦିନେ ଯଶୋଦା ରୋଷ କରି କୃଷ୍ଣଙ୍କୁ ବନ୍ଧନ କଲେ ରଜ୍ଜୁରେ
ଦେଖିଅଛୁ ଗୋପପୁର ରଜ୍ଜୁ ଯାକ ନ ଅଣ୍ଟିଲା ବନ୍ଧନରେ
ଉଦ୍ଧବ ହେ ! ଦୁଃଖ ତେଜି ନନ୍ଦରାଣୀ
ଦୀନବନ୍ଧୁ ମୁଖ ଚାହିଁ ଲଜପାଇ ରହିଲେ ଆଶ୍ଚର୍ଯ୍ୟ ମଣି । ୧୮ ।

ଧରାଧର ସଙ୍ଗେ ଚନ୍ଦ୍ରମା ରାତିରେ ମାଣ୍ଡିଥିଲୁ ବୃନ୍ଦାବନେ
ଧୀରେ ଚାହିଁ ଦେବ ନାରୀମାନେ ରହି ବୋଇଲେ ଯାଉଁ ଭବନେ
ଉଦ୍ଧବ ହେ ! ଧନ୍ୟ ଏ ଗୋପିକାଗଣ
ଧରଣ ଅଙ୍କରେ ପରମବ୍ରହ୍ମଙ୍କୁ ସୁଖେ ବଞ୍ଚୁଛନ୍ତି ଜନ । ୧୯ ।

ନିର୍ମଳ ହୃଦରେ ଯେନଥାଏ ଯେହ୍ନ ନାରୀ ପତିବ୍ରତା ଧର୍ମ
ନୃପତି ମଣିଙ୍କ ଭଜିଲେ ଏକ ସେ ବହେ ବୃନ୍ଦନାରୀ ନାମ
ଉଦ୍ଧବ ହେ ! ମରାଳ ଯୋନ ବାହାନ
ନ କରଇ କେବେ ମ ନସରୋବର ତେଜିଲେ କୀଟ ଭୋଜନ । ୨୦ ।

ମଥୁର ଯେବେ ଆସିଥାନ୍ତି ହୃଦୟୁ ବାରତା ଥାଆନ୍ତି ଆଣି
ପଠାଇ ଦେଲେ ସେତେ ବିଶ୍ୱାସରେ ତାହା ସିନା ଅଛୁ ଶୁଣି
ଉଦ୍ଧବ ହେ ! ପାପୀ ଭଣ୍ଡୀ ଆମ୍ଭେ ନୋହୁଁ
ପରମାନନ୍ଦ ପରମାନନ୍ଦ ସୁଖ ତୁମ୍ଭେ ତା ପାଇବ କାହୁଁ ? ୨୧ ।

ଫେଡ଼ ସବୁ ଅବା କହନ୍ତୁ ଉଦ୍ଧବ ହୃଦୟୁ ନିର୍ମଳ ନାହିଁ
ଫିଙ୍ଗି ନେଇ ତୁମ୍ଭେ ଭାଗବତ ଧର୍ମ ବଢ଼ିକଲ ଯୋଗ ସହିଁ

Source: KC Dash, Digitized by PPRACHIN, SOA

ଉଦ୍ଧବ ହେ ! ଫାଇ ବିରହାନଳରେ
ସ୍ଫୁଟେ ଜଳୁଛି ତନୁ ତୁମ୍ଭେ ଲବଣ ନ ଘଷ ଆଉ ଏଥିରେ । ୨୨ ।

ବନମାଳୀ ବନମାଳାରେ ମଣ୍ଡିତ କରିଥିବେ ଉରଦେଶ
ବିବିଧ ରତ୍ନ ଭୂଷଣଗଣେ ଶୋଭା ବଢ଼ାଉଥିବ ବିଶେଷ
ଉଦ୍ଧବ ହେ ! ବନେ ବନେ ଧେନୁମାନ
ବେଣୁ ବଜାଇ ଚରାଉଥିବେ କେବେ କରିବୁ ନେତ୍ରେ ଲୋକନ । ୨୩ ।

ଭାବଗ୍ରାହୀ ଏବେ ମଥୁରା କଟକେ ମହାରାଜାପଣ କଲେ
ଭୂପତି ନନ୍ଦମୀମାନେ ଆସି ପାଦେ ଆଶ୍ରୟ କରି ରହିଲେ
ଉଦ୍ଧବ ହେ ! ଭିତ୍ତିରେ ଚିତ୍ର ପନ୍ତିରେ
ଭଗବାନ ଧେନୁ ବତ୍ସାମାନ ବୃନ୍ଦଁ ନ ଥିବେ ସଙ୍କୋଚଭରେ । ୨୪ ।

ମଦନ ମଦରେ ମତ୍ତ ହୋଇ କୃଷ୍ଣ ସଙ୍ଗତେ ବିଳାସ କରି
ମହା ଆନନ୍ଦ ସମୁଦ୍ରେ ବୁଡ଼ିଥିଲୁ ସକଳ ଚେଷ୍ଟା ପାସୋରି
ଉଦ୍ଧବ ହେ ! ମଧୁହାସ୍ୟ ମନ୍ତ୍ରମାରେ
ମହତ ସମ୍ପଦ ଆଣିମାଦି ସୁଖ ଇତର ମଣୁ ମନରେ । ୨୫ ।

ଜଳଜ ବନଜ ବାମନ ଶ୍ରୀରାମ ପରଶୁରାମ ହଳଧର
ଜାଣ ଏ ଉଦ୍ଧବ ମ୍ଳେଚ୍ଛହାରୀ କୃଷ୍ଣ ଅଂଶ କଳା ଅବତାର
ଉଦ୍ଧବ ହେ ! ଜାଣି ଆମ୍ଭଠାରୁ ଯାଅ
ଯଶୋଦା ନନ୍ଦନ ସ୍ୱୟଂ ଭଗବାନ ହୃଦୟରେ ଘେନିଥାଅ । ୨୬ ।

ରାଜୀବ ନୟନ ଛାମୁରେ ଉଦ୍ଧବ ଜଣାଇବ ତୁମ୍ଭେ ଯାଇ
ରହିଛୁ ବିପଦ ନଦୀତଟରୁ ପରାୟେ ଅରକ୍ଷ ହୋଇ
ଉଦ୍ଧବ ହେ ! ରଖିବା ବିଚାର ଥିଲେ
ରଖନ୍ତୁ ପ୍ରହଲ୍ଲାଦଙ୍କୁ ନରସିଂହ ଯେଉଁ ରୂପେ ରକ୍ଷା କଲେ । ୨୭ ।

ଲାବଣ୍ୟନିଧି ଯେତେ ଅନୁରାଗରେ ପୀରତି ଆରମ୍ଭ କଲେ
ଲୋଷ୍ଟ ନୋହିବ କେଉଁ ରାମା ଶରୀର ଧରି ଏ ମେଦିନୀ ତଳେ
ଉଦ୍ଧବ ହେ ! ଲୋଚନ ଆନନ୍ଦ ସ୍ଥାନ
ଲୋଭ ବଢ଼ୁଥାଇ ଅଙ୍ଗକୁ ଅଙ୍ଗ ତା କରୁଥିଲେ ବିଲୋକନ । ୨୮ ।

ବସିଥିଲୁ ବାଳକୁନ୍ଦରେ ଶରଦ ନିଶିରେ ଚନ୍ଦ୍ରିକା ଝରେ
ବେଣୁଧର ଆମ୍ଭ ଚିବୁକରେ କର ଧରସିଁଜ ଦେଲେ ଧୀରେ
ଉଦ୍ଧବ ହେ ! ବୋଇଲେ ଯାହା ଶ୍ରୀହରି
ବ୍ରଜବାସୀମାନେ ସେହି ଭାବ ଭାବି ମରୁଅଛୁ ଝୁରି ଝୁରି । ୨୯ ।

Source: KC Dash, Digitized by PPRACHIN, SOA

ଶ୍ରୀଧର ମଧୁପୁରକୁ ଗଲାବେଳ ଗୋପ ହେଲ ହତଶିଶ୍ର
ଶୀର୍ଣ୍ଣ ହୋଇଛୁ ପ୍ରତାପ-ଶଶୀପ୍ରାୟ ସକଳ ଆଶ୍ରିର ନାଶ
ଉଦ୍ଧବ ହେ ! ଶୁଦ୍ଧେ ଚଳ କୃଷ୍ଣପୁରେ
ସମସ୍ତ ଜଗି ଜଣାଇବ ହୃଦସ୍ଥ ଦ୍ରବବ ଯେଉଁ ପ୍ରକାରେ । ୩୦ ।

ଶୁଣି ଗୋପୀଙ୍କ ବଚନ ସାଧୁବର ରଥ ଆରୋହଣ କଲେ
ସୁମନ୍ତ ଗୋବିନ୍ଦ ପଥ ଅରବିନ୍ଦ ମଥୁରାପୁରେ ମିଳିଲେ
ଉଦ୍ଧବ ହେ ! ସତ୍ୱରେ ହରି ଗ୍ରୁମୁରେ
ଶିରେ କରଯୋଡ଼ି ଅପସରି ଯାଇ ଉଭାହେଲେ ଖଣ୍ଡେଦୂରେ । ୩୧ ।

ଶ୍ରୀପତି ସନ୍ନିଧେ ଡାକି ଉଦ୍ଧବକୁ ପୁଚ୍ଛନ୍ତି କୋମଳ କରି
ସନ୍ତୋଷ ହେଲେଟିକି ଭୃତ୍ୟ ବଚନେ ସମସ୍ତ ଗୋପ ସୁନ୍ଦରୀ
ଉଦ୍ଧବ ହେ ! ଶୁଦ୍ଧେ ଛନ୍ତିଟିକି ବର୍ତ୍ତି
ସତ୍ୟକରି ମୋତେ ବୋଲ ସାଧୁବର ବରଜାବାସୀଙ୍କ ପ୍ରୀତି । ୩୨ ।

ହେ ପ୍ରଭୁ ଗୋପୀମାନଙ୍କ ପ୍ରେମଭକ୍ତି କହିବାକୁ ଅଲୋକତ
ହତାଦର କଲେ ଯୋଗମିଥ୍ୟା ମଣି ରୂପ ଭଜନା ନିରତ
ସମସ୍ତେ ଯେ ! ହୋଇଛନ୍ତି ଜ୍ଞାନପୂର୍ଣ୍ଣ
ହରେକୃଷ୍ଣ ବିନା ମୁଖରୁ ତାଙ୍କର କ୍ଷଣେ ନ ଶୁଣିଲୁ ଆନ । ୩୩ ।

କ୍ଷମାସିନ୍ଧୁ ସାଧୁ ଉଦ୍ଧବଙ୍କଠାରୁ ଶୁଣି ଗୋପୀଙ୍କର ଗତି
ଛଳଛନ୍ଦେ କହନ୍ତି ନ ଚେତାଇ ବ୍ରହ୍ମ ରମଣୀଙ୍କ ସଙ୍ଗ ପ୍ରୀତି
ଉଦ୍ଧବ ହେ ! ଗୁଡ଼ଇ ନାହିଁ ମୁଁ ଗୋପ
ଛଳଛନ୍ଦରେ କୃପାସିନ୍ଧୁ ସୁମନ୍ତ ଏ ରସେ ଚନ୍ତେ ଶ୍ୟାମରୂପ । ୩୪ ।

Source: KC Dash, Digitized by PPRACHIN, SOA

ଫୁଲ ବଉଳବେଣୀ ଚଉତିଶା

କନକାଂଗୀ ଧନୀ ରାଇ ଗୋ, ଫୁଲବଉଳବେଣୀ
କଦମ୍ବ ମୂଳଆ ଚନ୍ଦ୍ରିକା ଚୂଳଆ
କହ୍ନାଇ ତୋ ଲଗି ବାଇ ଗୋ, ଫୁଲ ବଉଳ ବେଣୀ । ୧ ।

ଖଣ୍ଡ କ୍ଷୀର ଖିଆ ରସି ଗୋ ! ଫୁ, ବ,
ଖେଳ ଖିଆଲଆ ରାଧେ ବୋଲି କଥାଁ
ଖରାବେଳେ ବାଏ ବଂଶୀ ଗୋ ! ଫୁ, ବ, । ୨ ।

ଗଣ୍ଡି ଧନ ଜାଣୁକନା ଗୋ ! ଫୁ, ବ,
ଗୋକୁଳ ସୁନ୍ଦର ଗୋପ ରାଣୀଙ୍କର
ଗଲା ମରକତ ମୀନା ଗୋ ! ଫୁ, ବ, । ୩ ।

ଘଟଣ ଶ୍ରୀମୁଖ ତୋର ଗୋ ! ଫୁ, ବ,
ଘନ ବରନଆଁ ଶ୍ରୀ ବୃନ୍ଦାବନଆଁ
ସବୁର ଦୁଃଖ ପାସୋର ଗୋ ! ଫୁ, ବ, । ୪ ।

ଉପମା ଅଛୁ କ କାହିଁ ଗୋ ! ଫୁ, ବ,
ଉଭା ହେବା ଶୋଭା ଅଭ ମନ ଲୋଭା
ଚଉଦ ଭୁବନେ ନାହିଁ ଗୋ ! ଫୁ, ବ, । ୫ ।

ଚତୁର ନାଗର ବର ଗୋ ! ଫୁ, ବ
ଚନ୍ଦନ ପାଟିଆ ଧଇର୍ଯ୍ୟ ଲୁଟିଆ
ଚମତ୍କାର ବେଶ ତାର ଗୋ ! ଫୁ, ବ, । ୬ ।

ଛଇଳୀ ଚନ୍ଦ୍ରମା ମୁଖୀ ଗୋ ! ଫୁ, ବ,
ଛୁଡ଼ଦେବେ ସଖୀ ପଡି ବରଜକୁ
ଛଇଛଟା ଭଙ୍ଗୀ ଦେଖି ଗୋ ! ଫୁ, ବ, । ୭ ।

ଜଗତ ମୋହନ ଠାଣି ଗୋ ! ଫୁ, ବ,
ଜନମି ଅଛନ୍ତ ଏ ବ୍ରଜ ମଣ୍ଡଳେ
ଶିଳା କରବାକୁ ପାଣି ଗୋ ! ଫୁ, ବ । ୮ ।

ଘଟଣ—ସୁନ୍ଦର

Source: KC Dash, Digitized by PPRACHIN, SOA

ଝଳ ନୀଳମଣି-କାନ୍ତ ଗୋ ! ଫୁ, ବ,
ଝୁମୁ ଝୁମୁ ପାଦ   ନୂପୁର ନାଦରେ
ନାଗ୍ରି ଚିତ୍ତ ଚମକାନ୍ତ ଗୋ ! ଫୁ, ବ, । ୯ ।

ନିକୁଞ୍ଜ କାନନ ବୁଲ ଗୋ ! ଫୁ, ବ,
ନିତି ନୂଆ ନୂଆ   ଭାବ ବିନୋଦିଆ
ନାଗରୀ ମାନସ ଭୁଲ ଗୋ ! ଫୁ, ବ, । ୧୦ ।

ଟହଳ ମୁରୁକିହସା ଗୋ ! ଫୁ,ବ,
ଟଳାଇ ଦିଅନ୍ତି   ତମ୍ଭ ଅଭିମାନ
ଟିକେ ଉଚ୍ଛାରିଲେ ଭାଷା ଗୋ ! ଫୁ, ବ, । ୧୧ ।

ଠଣ ସୁନ୍ଦର ମୂରତି ଗୋ ! ଫୁ, ବ,
ଠାକୁର ପଣକୁ   ଯୋଗ୍ୟ ଏକା ସେହି
ଠଉରାଇଛନ୍ତି ମୋ ମତି ଗୋ ! ଫୁ, ବ, । ୧୨ ।

ଡମ୍ବରୁ ସରୁ କଟିଆ ଗୋ ! ଫୁ, ବ,
ଡୋଳା ଢାଳି ବାଙ୍କେ   ଚାହିଁବା ମାତ୍ରକେ
ଢଳାଇ ଦିଅନ୍ତି ହିଆ ଗୋ ! ଫୁ, ବ, । ୧୩ ।

ଢମାଳ ସଙ୍ଗୀତ ଗାଇ ଗୋ ! ଫୁ, ବ,
ଢଙ୍ଗେ ରଙ୍ଗେ ବନ   ନାଚ ଆସୁଥାନ୍ତି
ମୋହନ ବେଣୁ ବଜାଇ ଗୋ ! ଫୁ, ବ, । ୧୪ ।

ଅଣିମାଦି ଅଷ୍ଟନିଧି ଗୋ ! ଫୁ, ବ,
ଅଛି ସବୁଯାକ   କୃଷ୍ଣ ପାଦ ତଳେ
ଅମର ଭୁବନ ସିଧି ଗୋ ! ଫୁ, ବ, । ୧୫ ।

ତପତ ହାଟକ ଗୋଷ୍ଠ ଗୋ ! ଫୁ, ବ,
ତମାଳ ଶ୍ୟାମଟି   ତାରି ପତି ହେବେ
ତପସ୍ୟା ଯେ ଥିବ କରି ଗୋ ! ଫୁ, ବ, । ୧୬ ।

ଥରେ ଯେ ଦେଖିବ ତାଙ୍କୁ ଗୋ ! ଫୁ, ବ,
ଥୋଇଦେବ ନିଷ୍ଠେ   କୁଳ ଲାଜ ଭୟ
ଆବର ଯେ ଗାରିମାକୁ ଗୋ ! ଫୁ, ବ, । ୧୭ ।

ଦରିଦ୍ର ସଙ୍ଗାଳି ସେତ ଗୋ ! ଫୁ, ବ,
ଦରଫୁଟା କଳା-   କଞ୍ଜି ଗନ୍ଧ ଦଳା—
ଦେହ ମୃଦୁ ସହଳେତ ଗୋ ! ଫୁ, ବ, । ୧୮ ।

Source: KC Dash, Digitized by PPRACHIN, SOA

ଧଇର୍ଯ୍ୟ ଧରିବା କେତେ ଗୋ ! ଘୁ, ବ,
ଧରମନ୍ତ୍ରନା କେ ଶଙ୍କା ନ ହୋଇବ
ଧୀର ଲଳିତ ସୁଗାନ୍ତେ ଗୋ ! ଘୁ, ବ, । ୧୯ ।

ନବ କିଶୋର ବୟସ ଗୋ ! ଘୁ, ବ,
ନର୍ତ୍ତନ ମାଧୁର୍ଯ୍ୟ ନବୀନ ବିଭୂଷା
ନବ ନଟବର ବେଶ ଗୋ ! ଘୁ, ବ, । ୨୦ ।

ପରମାନନ୍ଦଙ୍କ ଭବେ ଗୋ ! ଘୁ, ବ,
ପଦତଳ ଦାସୀ ହେବାକୁ ମନାସି
ପାବଙ୍ଗ ରମା ଝୁରବେ ଗୋ ! ଘୁ, ବ, । ୨୧ ।

ଫଗୁ ଅଧର ରାଧିକେ ଗୋ ! ଘୁଂ, ବ,
ଫଣୀ ମର୍ଦ୍ଦନସ୍ୱା ପ୍ରୀତି ବର୍ଦ୍ଧନବଁ
ଫାନ୍ଦରେ ନ ଝୁଲିବ କେ ଗୋ ! ଘୁଂ, ବ, । ୨୨ ।

ବଙ୍କିମ ତା ଅନାଇଣି ଗୋ ! ଘୁଂ, ବ,
ବଳେ ଝିଙ୍କିନଏ ଚୁମ୍ବକ ପଗସ୍ପେ
ବରବଧୂ ବାଇଆଣୀ ଗୋ ! ଘୁଂ, ବ, । ୨୩ ।

ଭଙ୍ଗିଆ ବନ୍ଧୁ ସଙ୍ଗିଆ ଗୋ ! ଘୁଂ, ବ,
ଭଲ କମିଆଁ ସେ କାହୁଁ ଶିଖି ଅଚ୍ଛି
ଭେଳିକି ଲଗା ରଙ୍ଗିଆ ଗୋ ! ଘୁଂ, ବ, । ୨୪ ।

ମୟୂର ଚନ୍ଦ୍ରିକା ଜନ୍ତ ଗୋ ! ଘୁଂ, ବ,
ମଥାରେ ସେ ଜନ୍ତ ବାମେ ଖୋସିଥାଏ
ମଞ୍ଜୁ ଗୁଞ୍ଜମାଳ ଘିନ୍ତ ଗୋ ! ଘୁଂ, ବ, । ୨୫ ।

ଯନ୍ତ ମନ୍ତ ଭୁଲି ଶ୍ୟାମ ଗୋ ! ଘୁଂ, ବ,
ଯନ୍ତ୍ର ମୂରଲୀଟି ଫୁଙ୍କି ସେ ଜାଣଇଁ
ଯତନେ ଲବାର ନାମ ଗୋ ! ଘୁଂ, ବ, । ୨୬ ।

ରସରାଜ ଚକ୍ରବର୍ତ୍ତୀ ଗୋ ! ଘୁଂ, ବ,
ରଙ୍ଗିମାଧରେ ତା ମନ୍ଦ ମନ୍ଦ ହାସ
ରଖି ନ ହୁଅଇ ଧୃତି ଗୋ ! ଘୁଂ, ବ, । ୨୭ ।

ଗୁଞ୍ଜମାଳ—କାଇଞ୍ଚମାଳ

Source: KC Dash, Digitized by PPRACHIN, SOA

ଲପନ ଚନ୍ଦ୍ରମା ଶିଶୁ ଗୋ ! ପୁ, ବ,
ଲକ୍ଷ୍ୟ ନାହିଁ ତାକୁ କୋଟିଏ ବ୍ରହ୍ମାଣ୍ଡେ
ଲାବଣ୍ୟାମୃତ ମାଧୁରୀ ଗୋ ! ପୁଂ, ବ, । ୨୮ ।

ବନମାଳୀ ବକ୍ଷତଟ ଗୋ ! ପୁଂ, ବ,
ବରହାବ ଢବା ମଳେନ୍ଦ୍ରମଣିର
ବେନ ଫାଳିଆ କବାଟ ଗୋ ! ପୁଂ,ବ, । ୨୯ ।

ଶରଣ ବତ୍ସଳ ସେ ତ ଗୋ ! ପୁଂ, ବ,
ଶୁଣିଥିବୁ କାନେ ଶିଶୁବନ୍ଧୁ ପଦ
ଶଙ୍କଟା କଲେ ନପାତ ଗୋ ! ପୁଂ, ବ, । ୩୦ ।

ଷଣ୍ଢ ବକା ଅଘା ଦୈତ୍ୟ ଗୋ ! ପୁଂ, ବ,
ଷଟ୍‌ପଦ ମିତ୍ରଙ୍କ ହସ୍ତେ ନାଶଗଲେ
ଷଡ଼ଯନ୍ତ୍ର କରି ସେ ତ ଗୋ ! ପୁଂ, ବ, । ୩୧ ।

ସଂସାର ସାର ମୋହନ ଗୋ ! ପୁଂ, ବ,
ସକଳ ଗୁଣରେ ଶ୍ରେଷ୍ଠ ସେ ଅଟନ୍ତି
ସମ ନାହିଁ ତାଙ୍କୁ ଆନ ଗୋ ! ପୁଂ, ବ, । ୩୨ ।

ହଟ ଚମଟିଆ ହରି ଗୋ ! ପୁଂ, ବ,
ହେ ସଖିକେ ଚୋର ହେବେ ନଷ୍ଟେଁ ବର
ହୃଦରେ ଥାଅ ଧରୁଣ ଗୋ ! ପୁଂ, ବ, । ୩୩ ।

କ୍ଷଣକାନ୍ତି-କାନ୍ତ ଧର୍ମ ଗୋ ! ପୁଂ, ବ,
କ୍ଷୀଣମଧ୍ୟା ! ତୋର ପଦାବ୍ଜ କଙ୍କଣ
କ୍ଷେମେ ବୈଷ୍ଣବ ଅଙ୍ଗନା ଗୋ ! ପୁଂ, ବ, । ୩୪ ।

Source: KC Dash, Digitized by PPRACHIN, SOA

କଲ୍ୟାଣ ଚଉତିଶା

(ରାଗ-କାମୋଦୀ)

କରୁଣାନିଧାନ ରାଧାଜୀବ ବାନ୍ଧବ ଜାଣି ସେବନ୍ତି ପ୍ରାଣୀ ତାର,
କଳ୍ପଦ୍ରୁମର ସମ ମନ୍ଦିର କାମ ଧାମ ଗୋପୀଙ୍କ କାମ ବୃଦ୍ଧି କର
ହେ କୃପାନିଧି, କମଳାକାନ୍ତ ବିଶ୍ୱ ଈଶ,
କଉଭୁଜେ ଅଧର୍ମ ନାଶ,
କଂସ ନୃଶଂସ ବଂଶ ତମ ଧ୍ୱଂସ ନ ହଂସ ବିଶେଷ ତେଜ ପରକାଶ ହେ । ୧ ।

ଖଳ ନାଶନ ସନକାଦି ସେବନ ବନଜାସନ ଯାହା ଆଜ୍ଞାକାରୀ,
ଖଚର କର ଯହିଁ ଶୀତ ଆକର ପରିକର ତାପ ବାରି
ହେ କୃପାନିଧି, ଖରେ ନାଶ କର ଦୂଷଣ,
ଖଟିଲା ପାଦେ ଆସି ପ୍ରିୟ ଅପ୍ରିୟ ଭାସିବାରୁ ରଖିଲ ବିଭୀଷଣ । ୨ ।

ଗୋଲୋକ ପତି ଅତି ପତିତପାବନ ଗତି ବତିଶ·········
ଗଣେଶ ଶେଷ ଭୂତ ଈଶ ଶ୍ରୀ ଗୋଲୋକେଶ ସୁରେଶ ଯା ସେବା ଆଚରି
ହେ କୃପାନିଧି, ଗଜରାଜ ଆଉତି ହର,
ଗ୍ରାହା ପ୍ରହରଣେ ପ୍ରହାର,
ଗାଢ଼ ଅକର୍ମ ଘାନତାକୁ ଧର ସମାନ ନାଶନେ ତୁମ୍ଭେ ବଜ୍ରସାର । ୩ ।

ଘଟଣ ଅରୁଣାରବିନ୍ଦ·········
ଘୋର ଅସାର ସଂସାର ଅକୂପାର ପାରକୁ ଯେ ଯାତ ପରମ ପଦ,
ହେ କୃପାନିଧି, ଘୋଟୁଅଛି ଘୋର ବିପଦ,
ଘନ ଘନ ହୁଏ ବିଷାଦ,
ଘେନ ଘାନ ବିନୟ ହୃଦୟରେ ସଦୟ ବନ୍ଧୁ ହୋଇବ ସଦୟଦ । ୪ ।

ନଟବର ବରଜରାଜ କୁମର ପ୍ରଭୁ କୃଷ୍ଣ ହେ ଗୁରୁପୁଅ ଆଣ
ନବ ପଞ୍ଚମ ଲୋକେ ଆଲୋକେ ଏଡ଼େ ଟେକ ଅଛୁ କେସେ ପ୍ରଭୁଭୂଷଣ,
ହେ କୃପାନିଧି, ନଷ୍ଟେ ମହିମା ଅଗଣିତ
ନ କଲେ ତ ଅନ୍ତ ଅନ୍ତ,
ନଭ ତାର ନୀରଦ ନୀର ବରଷାଧାର ମେରୁ ଉପମାରେ ଉନ୍ନତ । ୫ ।

ହଂସ—ସୂର୍ଯ୍ୟ, ବନଜାସନ – ବ୍ରହ୍ମା ।

Source: KC Dash, Digitized by PPRACHIN, SOA

ଚର ଅଚର ସର୍ବ ଶରୀର ରୂପ ଯା'ର ଅଂଶର ଅଂଶ ଅବତାର,
ଚତୁର ବର ବରନନ୍ଦ ନବ ନୀରଧର ଧରଣୀ ଭାର ହର,
ହେ କୃପାନିଧି, ଚଞ୍ଚଳାପତି ପରିତୁଷ୍ଟ
ଚତୁରାନନ ଜନ୍ମକାରୀ
ଚଣ୍ଡି··· ··· ଗୋପୀ ମନୋହାରୀ ।୬।

ସଦ୍ମକର କଂସାସ ଉଦ୍ୟମେ ହେଲା ଛପସ୍ତନା,
ଛଟକେ ଛନ୍ଦ ଶିରୋମଣି ତା ଜାଣି ଛିଞ୍ଜି ଆଣି ହତକଲ ପୂତନା,
ହେ କୃପାନିଧି, ଛୁଆସ୍ୱରୂପକୁ ପାଇଲ
···
ଯଶୋଦାଙ୍କୁ··· ।୭।

ଜନକାତ୍ମଜା ଛଳେ ବନ୍ଧ ଉଦଧି ଜଳେ ବାନ୍ଧିଲ ବଧିଲ ରାବଣ,
ଜରାସନ୍ଧ ବନ୍ଧନ ସଦନ କଦନରୁ ଉଦ୍ଧରିଲ ରାଜନଗଣ,
ହେ କୃପାନିଧି, ଜଳ ନିବାସ ତେଜ ଧାମ,
ଜନରଞ୍ଜନ ଅଭିରାମ,
ଜଗତୋତ୍ପତ୍ତିସ୍ଥିତି ପ୍ରଳୟ ଗତାଗତ ଏ ତବ କଳାରୁ ଜନମ ।୮।

ସଚେତନ ନନ୍ଦ ନନ୍ଦନ ବନ୍ଦନକୁ ଶୁଣିଣ ଦ୍ୱାରକାରୁ ଆସି,
ଝମଣ୍ଟ କରେ ବାଣ ପୁଣ୍ୟଜନର କର ନିକର ହେଳରେ ହାଣି,
ହେ କୃପାନିଧି, ଝଲକୁ ଦୀନବନ୍ଧୁ ବାନା,
ଝଗଡ଼ ଏଡ଼ି ଦୁଃଖ ସେନା
ଝାଡ଼ୁ କୁରଙ୍ଗୀ ପ୍ରସୂତିକା ଝାଟିକାରରେ ତାକଲ ଫେଡ଼ିଲ ଯାତନା ।୯।

ନାରକଦେବ ଅରି ପୁରକୁ ଧ୍ୱଂସ କରି ଛଡ଼ୁ ଦଶ ସହସ୍ରନାରୀ,
ନିମିଷମାତ୍ରେ ଆଣି ମୁହୂର୍ତ୍ତେ ମାତ୍ରେ ପୁଣି ସର୍ବ ପାଣି ଗ୍ରହଣ କରି,
ହେ କୃପାନିଧି, ନୀଳ ଗୋହ କ୍ଷେତ୍ରର ନାଥ,
ନିତ୍ୟ ନିଗମା ଗମ ପଥ,
ନିଜ ଜନାର୍ତ୍ତି ଦୀନ ଦୁର୍ଦ୍ଦଶାକୁ ଦହନ ବହନ ନାଶ ହୋଇ ପାଥ ।୧୦।

ଟେକ ମନ୍ଦର ପୁରନ୍ଦର ମନ୍ଦର ସର୍ବ ଗର୍ବ ଖର୍ବକୁ ବିସ୍ତାରିଲ,
ଟେକ ପ୍ରସ୍ତର ନୀରବୃଷ୍ଟି ଅଶନିକର ଘାତରୁ ବ୍ରଜ ନିସ୍ତାରିଲ,
ହେ କୃପାନିଧି, ଟାକ ଶକଟ ଆଣ୍ଠେ ଥିଲ,
ଟାଣ ଶ୍ରୀ ଚରଣ ବାଜିଲ,
ଟିକାକେଣ ଅଶେଷ ପ୍ରାକ୍ରମ ହେଲା ଶେଷ ଅବନାଶ ଗତି ଲଭିଲ ।୧୧।

ପୁଣ୍ୟଜନ—ଅସୁର
ପାଥ—ଜଳ, ପ୍ରାକ୍ରମ—ପରାକ୍ରମ

Source: KC Dash, Digitized by PPRACHIN, SOA

ଠାକୁର ବର ଚତୁର୍ଦ୍ଦଶ ପୁର ଉପର ପରାପର ବ୍ରହ୍ମ ଈଶ୍ୱର,
ଠୁଳ ଗୋପୀକାଗଣ ଶ୍ରୀରାଧା ସହିତେଣ ଯେଉଁଣେ ନିତ୍ୟ ଲୀଳାକର,
ହେ କୃପାନିଧି, ଠାଠିକ ଲୀଳାରସ ଭାବ,
ଠଣ ଶ୍ରୀ ବିଗ୍ରହ ଅପୂର୍ବ
ଠିକେ ଅଂଶା ଅଂଶରେ ଭକ୍ତଭାବ·····ପ୍ରାଦୁର୍ଭାବ । ୧୨ ।

ଡହକ ଚଟାସମ ଚନ୍ଦ୍ରାବଳୀ ଅହନ୍ତା ଚନ୍ଦ୍ରାମଣି ଅଚନ୍ଦ୍ରାକରୁ,
ଡେଇଁ କାଳନ୍ଦୀ ମଝରେ କାଳୀ ଫଣୀର ଶିରେ ନୃତ୍ୟରେ ଦର୍ପ ଚାର ଚୂର
ହେ କୃପାନିଧି, ଡର ଡରଜଚ୍ଛି ପ୍ରଙ୍କାରେ
ଡରଣ ଭାଞ୍ଜି ଦରଙ୍କାରେ,
ଡରନ୍ତ କଳୁପତି ଭଟେ ଖାତରେ ପାପୀ ତଙ୍କି ଯା ନାମ ଟଙ୍କାରେ । ୧୩ ।

ଢାଳେ ତୁମ୍ଭ ଆଶ୍ରୟ ବଞ୍ଚାନେ ମୋ! ଆଶ୍ରୟ ନ ଜନ୍ମେ ଅନ୍ୟସହାୟରେ
ଢଳ ଜୀବ ଜୀବନ ରଖ ସ୍ତୋକ ଶକୁନ ଯେସନ ଘନର ପୟରେ
ହେ କୃପାନିଧି, ଢମ ଶମନ ମଣ ଦୁଃଖ
ଢ଼ାଳ ଆଣି ବାନ୍ଧାଣି ସୁଖ
ଢକା ବାଣୀ ପର ଏ ଯାଉ ଏ ଜଣାହେଉ ଊଣା କଷ୍ଟ ନରେଖ ରଖ । ୧୪ ।

ଆହେ ଅର କସାନ୍ଦ୍ର ମତ୍ତ ପାଷାନ୍ଦ୍ର ଭକ୍ତ ଚକୋର ଚନ୍ଦ୍ର ନାରାୟଣ ।
ଅହଲ୍ୟାର ପାଷାଣ ଶରୀର ନିସ୍ତାରଣ ସମସ୍ତ···
ହେ କୃପାନିଧି,···ଚରିତ ତୁମ୍ଭର

ଅଜ ବୋଲାଅ ସହଜତ ସ୍ୱୟଂ ବିରାଜ ଏକରୁ ଅନେକ ବିସ୍ତାର । ୧୫ ।

ତରୁଣ କାଳ ସ୍କନ୍ଧ ଶ୍ୟାମଳ ସୁନ୍ଦର ହେ ଅନ୍ଧାର ଦୃଶକୁ ବିହ୍ୱଳ
ତପନ ପୁଅ ମିତ୍ର ହୋଇ ବଶନ୍ଧ···।
ହେ କୃପାନିଧି, ନିଦଶେ···
ନିତାପ ତାପ ତୁମ୍ଭେ ହର ।
ତପ ସାଧନ ଦଣ୍ଡକାରଣ୍ୟ ମୁନିମାନଙ୍କ ମନୋରଥ ପୂର୍ଣ୍ଣକର । ୧୬ ।

ଥିଲେ ଆମ୍ଭ ସେବାରେ ସଙ୍କଟ୍ଟ ବାରେ ବାରେ ରଖିବୋଲି ଏ ଆଜ୍ଞାଅଛି
ଥିବାରୁ ଏ ଅଭାଗ୍ୟ ତବାନୁଗ୍ରହଯୋଗ୍ୟ ହୀନ ଏ ଭୋଗ୍ୟ କା ହେଉଛି,
ହେ କୃପାନିଧି, ଥୟେ ନୋହେ ଏ ମାନସର
ସ୍ଥୂଳ ସଂଜ୍ୱର ନିରନ୍ତର
ସ୍ଥାୟୀ ଈଶ୍ୱର ଗୀର ନିଷ୍ଠେ ଏ ଶତପର କାରଣରୁ ଭରସା ମୋର । ୧୭ ।

ପାଷାନ୍ଦ —ସିଂହ

Source: KC Dash, Digitized by PPRACHIN, SOA

ଦାସ ବତ୍ସଳ ନାମ ତ୍ରିଲୋକେ ଅନୁପାମ ପାମରାଧମ ହେଲେ ତାର,
ଦାବ ପାବକେ ଦହ ଦହୁଁ ବ୍ରଜ ବାଳକଙ୍କର ମରଣ ନିବାରି
ହେ କୃପାନିଧି, ଦଶ ଶତାନନାଦି ଦେବ ।
ଦଣ୍ଡେ ନୁହେଁ ସେବା ଅଭାବ ।
ଦୁର୍ଯ୍ୟୋଧନ ନିଧନ କଲ ଧର୍ମନନ୍ଦନ ଆରାଧନାରୁ ଧରାଧବ । ୧୮ ।

ଧ୍ରୁବ ସର୍ବ ଦେବତା ତେଜିକରି ସ୍ୱ ମାତା ବଚନେ କଲେ ଚିନ୍ତା ଦୃଢ଼େ
ଧିକ୍କାର ବାଣୀ ମାତା ସପତ୍ନୀ ଥିଲା ଭଣି ନାଶ ତା କଲ ଆଣି ଗାଢ଼େ ।
ହେ କୃପାନିଧି, ଧ୍ରୁବ ଧ୍ରୁବଲୋକେ ସ୍ଥାପିଲ
ଧରଣୀରେ ଯଶ ବ୍ୟେପିଲ
ଧରନ୍ତି ସୁପର୍ବାଣ ଶ୍ରୀବତ୍ସର ଚରଣ ଲକ୍ଷ୍ମଣ ଭାବରେ ବକ୍ଷଲ । ୧୯ ।

ନନ୍ଦ କଳନ୍ଦ ସୁତା ହ୍ରଦରେ ସ୍ନାନ କରିବାରେ ବାରୁଣ ନେଲା ହରି
ନଷ୍ଟେ ତାହା ଜାଣିଲ ପିତା ଶୀଘ୍ରେ ଆଣିଲ ତା ମନୋରଥ ପୂର୍ଣ୍ଣ କରି,
ହେ କୃପାନିଧି,···ଦେଖିଲ ଶ୍ରୀମୁଖ
ନାଶିଲ କୋଟି ଜନ୍ମ ଦୁଃଖ
ନାକ ନାଗନଗର ମଧ୍ୟରେ ଚମତ୍କାର ହୋଇଲେ ଧାତା ଆଦିଲେଖ । ୨୦ ।

ପରମ ଶସ୍ତ୍ର ଦ୍ରୋଣ ପୁତ୍ର କରିବା ମାତ୍ର କରେ ଉତ୍ତରା ଗର୍ଭାନ୍ତରେ ।
ପରିତ୍ରାଣ ହେ କୃଷ୍ଣ ବୋଲି···ସତ୍ୱରେ ।
ହେ କୃପାନିଧି, ପାରିଜାତ କଲ ହରଣ,
ପାଇଲ ଲଜ୍ଜା ସୁରଗଣ
ପାନେ ପ୍ରହାର ଶର କଲ ଜାରାଶବର ଅମରପୁରେ ଦେଲ ସ୍ଥାନ । ୨୧ ।

ଫୁଲ କମଳ ମନ୍ଥି ଗମେ ଯେସନ ହାଥୀ ଦୁଃଶାସନ ନେଇ ଦ୍ରୌପଦୀ
ପଠାଇ ଲଜ୍ଜା ବସ୍ତ୍ର ଗୋବିନ୍ଦ ରଖି ଭସୁ ଅଙ୍ଗ ତା ବସନେ ଆଚ୍ଛାଦି,
ହେ କୃପାନିଧି, ଫେଡ଼ିଲ ତେତେକ କଷଣ
ଫିଟା କେଶ କଲ ବନ୍ଧନ
ଫଳାଇ ଲତା କାଳେ ଦୁଷ୍ଟର ଭୁଜବଳେ କଲ ଖେମ ହେଲେ ଛେଦନ ।୨୨।

ବରଜ ସୁତ ସଙ୍ଗେ ବନ ଭୋଜନ ରଙ୍ଗେ ଦେଖି ବିଧାତା ଗର୍ବ କରି,
ବତ୍ସ ବାଳକ ବୃନ୍ଦା କାନନୁ ଅନେକ ଯତ୍ନ ଉପାୟ କରି ହରି,
ହେ କୃପାନିଧି, ବ୍ରହ୍ମ ବିବର୍ଦ୍ଧକ ଜାଣିଲ,
ବପୁର ସର୍ବ ଜନ୍ମ କଲ
ବଡ଼ିମା ମହାତମରୁ ଖ୍ୟାତ ହେବା ହେତୁରୁ ଗୁରୁତର ମାନ ମର୍ଦ୍ଦିଲ ।୨୩ ।

Source: KC Dash, Digitized by PPRACHIN, SOA

·········ଅବତୀ ହୋଇଣ ବିଶ୍ୱରକ୍ଷାର୍ଥେ ବିଜେ କରି,
ଛଳି ରାଜନ ହେଲ ନେଇ ତ୍ରିଭୁବନ ପାଦେ ତା’ ମସ୍ତକ ଚାପିଲ,
ହେ କୃପାନିଧି, ଭାବେ ବଶ ଅଭାବେ ଦୂର,
ଭାବିଲି ଲୋକେ ଦୟା କର
ଭବଗ୍ରାହୀ ଅନାଥ ନାଥ··············· ।୨୪।

ମଦନ·········ଧରି ରାସ ଉତ୍ସବ ଲୀଳା ବିରଚିଲ,
ମଣ୍ଡଳ କେତନର ଜନ କରି ସମସ୍ତ ଆଭୀରୀ ନାରୀଙ୍କ ମୋହିଲ,
ହେ କୃପାନିଧି, ମହିମା କେ କହିପାରିବ,
ମନ୍ଦ ନିଗମେ ଲେଖା ହେବ,
ମଣ୍ଡଳୀ ଯେତେ ପ୍ରତ୍ୟେକରେ ମୂରତି ତେତେ କେଶାଦି ଶେଷେ ଅସମ୍ଭବ ।୨୫

ଯାମଳାର୍ଜ୍ଜୁନ ହୋଇ ଧନେଶ ପୁତ୍ର ଦୁଇ ନାରଦ ଶାପେ ଗୋପେ ଥିଲେ,
ଯଶୋଦା ମାତା ଗୃହ କାରଣିକ ବିରହ କରନ୍ତେ ଉଖଳରେ ବାନ୍ଧିଲେ,
ହେ କୃପାନିଧି, ଯାତନାତନୁ କଲେ ଲୋପ,
ଯଥା ପୂର୍ବେ ତଥା ସ୍ୱରୂପ,
ଯଶ ଅଶେଷ ଶେଷ ବିଶେଷ କରି ଜଳ୍ପି ନିଃଶେଷ ନ କରିବେ ଅଳ୍ପ । ୨୬ ।

ରଜନୀ କରି ମିଷ ପରି ପରମ ଯୋଗୀ ତମଜ ସୃଷ୍ଟି ଅନ୍ତକାରୀ
ରହସ୍ୟେ ବିନେ କି କି ବିଚାର ମନେ ତୁମ୍ଭ ମାୟା ଦେଖିବା ଶ୍ରଦ୍ଧାକରି,
ହେ କୃପାନିଧି, ରତି ମୃତିରେ ତାହା ଧେନ,
ରଙ୍ଗେ ବୁଝାଇଲେ ନୟନ
ରତି ରମା ଶଚୀ ପାର୍ବତୀଜିତ ମୂର୍ତ୍ତି ଦେଖି ସର୍ବ ଗର୍ବ ନିଭନ । ୨୭ ।

ଲୀଳା ବେହାର ଘର କୋଟି ବ୍ରହ୍ମାଣ୍ଡ ବର କଳା ରୋମରାଜିରେ ଧୃତ
ଲକ୍ଷ ଲକ୍ଷିତ ବାତାୟନ ପଥରେ ମିଷ କରେ ରେଣୁ ଉଡ଼ିବା ମତି,
ହେ କୃପାନିଧି, ଲୟ ହୁଅନ୍ତେ ଯା ନିଃଶ୍ୱାସ
ଲୋକେଶ ଆୟୁଷ ବିନାଶ
ଲକ୍ଷ କୋଟି ବ୍ରହ୍ମାଣ୍ଡ ନିଃଶ୍ୱାସ ସଞ୍ଚରନ୍ତେ ଏ ରୂପେ ହୋଇଲ ପ୍ରକାଶ । ୨୮ ।

ବକା ବତ୍ସ ଅସୁର ପରାକ୍ରମ ମୁକ୍ତିଦାତାର ତୁମ୍ଭେ ଅଟ,
ବିକ୍ରମବରରେ କେଶରୀ ହୋଇ ବିଦାର ହିରଣ୍ୟକଶିପୁ ଦୁଷ୍ଟ, -
ହେ କୃପାନିଧି, ବାଳକ ପ୍ରହ୍ଲାଦ ଦାସ
ବାସବ ପଦେ କଲ ବରଶ,
ବିଶ୍ୱ ମୂରତି ଅତି ବଳବନ୍ତ··· ତୋଷ ହେ । ୨୯ ।

Source: KC Dash, Digitized by PPRACHIN, SOA

ସ୍ୱୟମ୍ଭୁ ପ୍ରଳୟରେ ମୃକଣ୍ଡୁ ସୁତ ହେଲେ ଜଳରେ ଯାଉଥିଲେ ଭାସି
ସଭିଟର ଆରତରେ ଡାକିବା ମାତ୍ରକରେ ଜଠରେ ରଖିଲ ଆଶ୍ୱାସି
ହେ କୃପାନିଧି, ସିଂହ ଦ୍ରବ୍ୟକ ଫେର ବର,
ସହଜେ ଅନୁଚିତ ପାର,
ସତ୍ୟ ଅର୍ଜୁନ ଆଗେ କହିଛ ଅନୁରାଗେ ଛୀତ ମୁଁ ସେବକ ଲୋକର । ୩୦ ।

ସାର ସେ କ୍ଷଣ ଅରକ୍ଷର କ୍ଷଣଭାବ ଉଦ୍‌ଭବ ଭୟ ବିମୋକ୍ଷଣ,
ଶୂନ୍ୟରେ ତୃଣାବର୍ତ୍ତ ନିଅନ୍ତେ କର ଦୃଢ଼ ଚୋଟି ଚପି ଘେନିଲେ ପ୍ରାଣ
ହେ କୃପାନିଧି, ଷଣ୍ଢାସୁରକୁ କଣ୍ଟିଲ
ସୁଦାମା ଦାରିଦ୍ର୍ୟ ଫେଡ଼ିଲ,
ସମସ୍ତ ଗୋପ ସୁତ ପ୍ରାଣ ଅନ୍ତକ ଅଘାସୁରର ମସ୍ତକ ଫୋଡ଼ିଲ । ୩୧ ।

ଶରାସନ୍ ଉତ୍ସବ କରି କଂସ ଦାନବ ଅକ୍ରୂର ଦୂତ ଘେନିଗଲା,
ସ୍ୟନ୍ଦନରେ ଚଢ଼ାଇ ନେଲ ସେ ବେନି ଭାଇ ମଧୁପୁରେ ପ୍ରବେଶ କଲା,
ହେ କୃପାନିଧି··· କରିଛ ନାଇ
···
ଶୂରବନ୍ତ କୋଦଣ୍ଡ ଉପାଡ଼ିଲ ଦ୍ୱିରଦକୁବଳୟ ରଦନ ଦୁଇ । ୩୨ ।

ହରିଲ କଇଟଭ ମଧୁଦୈତ୍ୟ ଅସୁର ସର୍ବ ଶୁଭ ନାମ ହ୍ରୀଁ ଏଣୁ,
ହୁଅ ଯେ ପୂର୍ଣ୍ଣତର ପୂର୍ଣ୍ଣତମ ପୂର୍ଣ୍ଣାନ୍ତ ପୂର୍ଣ୍ଣ ମହାପୂର୍ଣ୍ଣ ଯେଣୁ
ହେ କୃପାନିଧି, ହେବାରୁ ସ୍ୱେଚ୍ଛାରେ ବିରାଜ
ବ୍ରହ୍ମାଣ୍ଡ···ଦାତା ଅଜ,
ହିରଣ୍ୟରେ ତା କୁଠ ଯଥା ପାପ ପ୍ରକଟ ଅବତାରାବଳୀଙ୍କ ରାଜ । ୩୩ ।

କ୍ଷମାମଣ୍ଡନ ଦୁଃଖ ଖଣ୍ଡନ ଦଣ୍ଡଧର ଦଣ୍ଡ ଦଣ୍ଡନ ନାମ ଯାର
କ୍ଷମା ବାରିଧି ଅପରାଧୀ ହେଲେ ଅବଧି ସେବକ ଲୋକଙ୍କୁ ଉଦ୍ଧର
ହେ କୃପାନିଧି, କ୍ଷୀଣ ଦୀନ ଗୋବିନ୍ଦ କହେ,
ତୁମ୍ଭରେ ଜଣାଅ ଏତେ ହେ,
କ୍ଷେମଧାମ ହେ ମମ ଭକ୍ତି ବିରୋଧ କର୍ମ ଗ୍ରାମକୁ କ୍ଷିପ୍ରେ କର କ୍ଷୟେ । ୩୪ ।

Source: KC Dash, Digitized by PPRACHIN, SOA

ମନବୋଧ ଚଉତିଶା

କହଇ ଚଇତନ ଶୁଣରେ ମନ
କୃଷ୍ଣ ନ ଭଜ୍ ଥିଲେ ବ୍ୟର୍ଥ ଜୀବନ ରେ
କହଇ ହୋଛେ,
କାହିଁ ପଡ଼ିଛୁ ତରିଯିବୁ କେମନ୍ତେ ରେ । ୧ ।

ଖେଉଡ଼ ଘରକୁ କେତେ କରୁ ଗୁହର
କ୍ଷଣକେ ଝିଙ୍କି ନେବେ ଯମ ଡଗର ରେ
ଖୋଜ ହରିଙ୍କେ
ଖଟିଣ ଥିବ ଏକା ନୀଳଗିରିଙ୍କି ରେ । । ୨ ।

ଗହନ ବନ ଲତା ଭ୍ରମିଣ ଗାତ
ଗ୍ରାସିବ ବୋଲି ରହୁ ବର୍ଷିଛୁ କଣ୍ଠ ରେ
ଗୋବିନ୍ଦ ଶୁଣ,
ଗେଲ ଗରବ ଛାଡ଼ ପଶ ଶରଣ ରେ । ୩ ।

ଘାଣ୍ଟି ହେଉଛୁ ଘର ବୋଲି ମୋହୋର
ଘଣ୍ଟା ବଜାଇ ନେବେ ଯମ ଡଗର ରେ
ଘଡ଼ିକେ ଯିବୁ
ଘୋଷ ଗୋବିନ୍ଦ ନାମ ସିନ୍ଧୁ ତରିବୁ ରେ । ୪ ।

ନାଶ ନ ଯିବ ଦେହ ବୋଲୁ ମୋହୋର
ନଆଁ ଯେନ ଦହିବେ ବନ୍ଧୁ ସୋଦର ରେ
ନିର୍ମାକ୍ଷି ପିଣ୍ଡ
ନାରାୟଣ ନ ଭଜୁ ମୂରୁଖ ଗଣ୍ଡ ରେ । ୫ ।

ଚେତନା ଥାଉ ଚିତ୍ତ ବୁଡ଼ାଇ ଦେଲୁ
ଚୁଗ୍ଲି କଥାକୁ ଯିନା ଗଞ୍ଜି ହୋଇଲୁ ରେ
ଗୃହୁଁ ଜାହାକୁ,
ଚିନ୍ତା ନ କରୁ ଥିଲେ ମହାବାହୁଙ୍କୁ ରେ । ୬ ।

ଛିଦ୍ର ବୁଦ୍ଧି ରେ ନାଶ ହୋଇବ ଦେହ
କ୍ଷଣେକେ ଭଜିଯିବ ଏ ମାୟାମୋହ ରେ
ଛନ୍ଦେ ପଡ଼ିଲୁ
କ୍ଷମା ଜଳଧି ପାଦେ ଚିତ୍ତ ନ ଦେଲୁ ରେ । ୭ ।

Source: KC Dash, Digitized by PPRACHIN, SOA

ଜଡ଼ରେ ଫଡ଼ ବଣା ହେଉଛୁ କେତେ
ଯମ ଉଗର ଆସି ବାନ୍ଧିବେ ତୋତେ ରେ
ଜଡ଼ ପରାଣୀ
ଜଗନ୍ନାଥଙ୍କୁ ଚିନ୍ତ ନ ପାରୁ ପ୍ରାଣି ରେ । ୮ ।

ଝାଣ ଯିବଟି ପିଣ୍ଡ ବୋଲୁ ମୋହୋର
ଝଞ୍ଜଟେ ମରିଯିବୁ ସମସ୍ତେ ଯତ ରେ
ଝରନ୍ତୁ ଝର,
ଝାବୟୁଣ ଶ୍ରୀଧର କୃଷ୍ଣ ସୁମର ରେ । ୯ ।

ଞାଣପଣ ଆଟବାଶ ପାପ ଆଚରୁ
ଞାଣ୍ଡ ଞମାଳ ଗେଲ ଗରବ କରୁ ରେ
ଞସକରିଆ,
ଞୋପରେ ପଡ଼ଅଛୁ ଞେକଣ ଗୃହାଁ ରେ । ୧୦ ।

ଠାବ ନ କଲୁ ପିଣ୍ଡ ଭାସିବ ତୋର
ଠିକେ ଜଳଧି ଭୁଞ୍ଜି ହୋଇବୁ ପାର ରେ
ଠାବ ନ କଲୁ
ଠାକୁରଙ୍କର କଥା ମନେ ନ କଲୁ ରେ । ୧୧ ।

ଡଙ୍କ ଲଗିଲ ଏବେ ଛରିବୁ ଟିକ
ଡଙ୍କ ଗାରୁଡ଼ ମନ୍ତ୍ର ଶିଖିଛୁ ନକରେ
ଡାପ୍ସେଣା ଗ୍ରୁର,
ଡାକ ଗୋବନ୍ଦ ପାଦ ହୃଦେ ସୁମର ରେ । ୧୨ ।

ଢମ କରିଛୁ କେଡ଼େ ଫୁଲ ଦେହକୁ
ଢୋକୁ ଗରଳ ବିଷ ମରିଯିବାକୁ ରେ
ଢାଳେ ହେଁ ଅନ୍ଧ,
ଢାଙ୍କୁଣୀ ଫେଣ ଦେଖ ପରମାନନ୍ଦ ରେ । ୧୩ ।

ଅଣ ଆୟୁରେ ପଡ଼ ଭ୍ରମିଲୁ ଯେତେ
ଅସି ବାନ୍ଧିବେ ଯମ ଉଗର ତୋତେ ରେ
ଅନ୍ଧ ଜଳକା
ଆପଣେ ମରିଯିବୁ କେ ତୋ ଶାଖାରେ । ୧୪ ।

ଚ୍ଛୁ—ଚୁଛା

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ତୁ ଅବା ବୋଲୁ ବନ୍ଧୁ କୁଟୁମ୍ବ ମୋର
ତୁଟିବେ ମଟି ଯିବୁ ସମସ୍ତେ ଘର ରେ
ଛଡ଼ିବୁ ଯେବେ,
ତ୍ରୈଲୋକ୍ୟନାଥଙ୍କୁ ତୁ ସୁମର ଏବେ ରେ । ୧୫ ।

ଥେଣ୍ଟ ଯାଚନା ଘର-ବୋଲୁ ମୋହୋଇ
ଥେଣ୍ଟାମାନେ ଯେ ପଶି କରିବେ ଜୁର ରେ
ଥୟେ ନ କଲୁ
ଥିବୁ ଯେ ସବୁଦିନେ ସ୍ଥୟେ ମଣିଲୁ ରେ । ୧୬ ।

ଦଗଧପଟଳ ପ୍ରାପ୍ତେ ହୋଇଣ ମଲୁ
ଦର୍ପ ଆଗରେ ଅଛୁ ଥୟେ ନ କଲୁ ରେ
ଦଗ୍ଧ ହୋଇଲୁ,
ଦେବାଧିରାଜ ପାଦେ ଲୟ ନ କଲୁ ରେ । ୧୭ ।

ଧଇର୍ଯ୍ୟ ବୁଦ୍ଧି ତୋର ନୋହିଲା ଦଣ୍ଡେ
ଧାଇଁ ମରୁଛୁ ବନ୍ଧ ପଥର ମୁଣ୍ଡେ ରେ
ଧନ ଅରଜୁ,
ଧରଣୀଧର ପାଦେ ଦଣ୍ଡେ ନ ଭଜୁ ରେ । ୧୮ ।

ନ ଥିବ ବଡ଼ପଣ ସକଳ ଦିନେ
ନିଶ୍ଚଳ ହୋଇ ଛତେ ବସ ଧିଆନେ ରେ
ନୟନ ନାହିଁ,
ନ ଜାଣୁ ଏଡ଼େ ଅନ୍ଧ ଗୁମୁରେ ଭୁଇ ରେ । ୧୯ ।

ପାଇଲୁ ଦେହ ଏବେ ପଡ଼ିଲୁ କାହିଁ
ପାସୋରି ପକାଇଲୁ ପରତେ ନାହିଁ ରେ
ପାତକ କଣ୍ଠୁ,
ପରମାନନ୍ଦକୁ ନ ଭଜିଲୁ ଯେଣୁ ରେ । ୨୦ ।

ଫୁଲ ଦେହକୁ ଫୁଲ ଚନ୍ଦନ ଲେପୁ
ଫାଳି କାମିନୀ ତୋର ଭାଞ୍ଜିବେ ବୁକୁ ରେ
ଫୁଲି ନ ମର,
ଫରୁଣା ଭଜିଯିବ ଦଣ୍ଡକେ ତୋର ରେ । ୨୧ ।

Source: KC Dash, Digitized by PPRACHIN, SOA

ବସିଛୁ ନଦୀକୂଳେ କାହାକୁ ଘେନ
ବଗୃର ଅଛୁଟିକ ମନରେ ପୁଣି ରେ,
କାଳ ନ ହର,
ବାଜୁଛି ନଟନ୍ତରେ କେତେ ଲହର ରେ । ୨୨ ।

ଭୁଲି ନ ମର ଭବ ସମୁଦ୍ର ଜଳେ,
ଭାସିବ କଳେବର ଟଢ଼ବ କଳେ ରେ,
ଭୁଲି ନ ମର,
ଭରସା ଭାଙ୍ଗିବେ ତୋ ଯମ ଡଗର ରେ । ୨୩ ।

ମଳ ଦେହକୁ କେତେ ମୂହାଁସ କରୁ,
ମହାବାହୁକୁ କା କେ ଚିତ୍ତେ ନ ଧରୁ ରେ,
ମଣଣସିବୁ,
ମାୟାଧରଙ୍କୁ ତେବେ କାହିଁ ପାଇବୁ ରେ । ୨୪ ।

ଯୁବା ବୟସ ଦେହ ନ ଥିବ ତୋର,
ଯିବ ନିକଟେ ଘର ସମସ୍ତେ ପର ରେ,
ଜଟୟୁ ନୋହିବ,
ଯାଇ ତୋ ଆତ୍ମା ଗୋଟି କାହିଁ ରହିବ ରେ । ୨୫ ।

ରଙ୍ଗ ଦେଖି ରଖିଲୁ ଶିମ୍ଳି ଫୁଲ,
ରହିବ ସଙ୍ଗଦନେ ଏଡ଼େ ସେ ଗେଲ ରେ,
ରସରେ ମାତୁ,
ରାମ ନାମ ପଦରେ ନ କରୁ ହେତୁ ରେ । ୨୬ ।

ଲୋଭ ଆବୋରି ଲୋଭ କଣିଲୁ ନାହିଁ,
ଲୋହା ବଣିଜ ଗଲୁ ବହୁବା ପାଇଁ ରେ,
ଲବଣ ସିନ୍ଧୁ,
ଲଘେ ନ କରୁ କା କେ ଏ ଜଗବନ୍ଧୁ ରେ । ୨୭ ।

ବେଳ ଉଛୁର ପଥ ବହୁତ ଦୂର,
ବେଳବୁଡ଼େ କଠକେ ପଶିବ ଗ୍ରେରରେ,
ବୟସ ଯିବ,
ବାନ୍ଧଣ ନେଇଯିବେ ଏ ତୋର ଜୀବ ରେ । ୨୮ ।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଶିଶ୍ୱଷାସ୍ପଦ ଦେହ ବୋଲୁ ମୋହେଲ,
ଶ୍ରୀଜଗନ୍ନାଥଙ୍କର କୋଠ ଭଣ୍ଡାର ରେ,
ଶ୍ରୀପାଦ ଚିହ୍ନ,
ଶ୍ରୀ ଭୁଜ ଟେକିଛନ୍ତି ପଶ ଶରଣରେ । ୨୯ ।

ସପନ କଥା ସତ କରିଛୁ ଭୁଞ୍ଜି,
ସଞ୍ଚିଲୁ ଧନ ଏବେ ଚିହ୍ନିଲୁ ନାହିଁ ରେ,
ସନ୍ଥ ନୋହିଲୁ,
ସଅଳ ପଥ ଥାଉ ମୁଣ୍ଡା ମାଡ଼ିଲୁ ରେ । ୩୦ ।

ସଂସାର ସିନ୍ଧୁ ଯେବେ ତରିବୁ ଭୁଞ୍ଜି,
ସାଧୁଙ୍କ ସଙ୍ଗମେଳେ ଭଜ ତୃ ରହି ରେ,
ଶୁଣ ଅଧମ,
ଶୂନ୍ୟରେ ରହିଅଛୁ ହୋଇଣ ଭ୍ରମ ରେ । ୩୧ ।

ହରେ ଗୋବିନ୍ଦ ନାମ ହୃଦରେ ଗୁଣ,
ହରିବ ସଂସାର ଖେଦ ଶ୍ରବଣେ ଶୁଣ ରେ,
ହତ ଅଜ୍ଞାନ,
ହରିଙ୍କ ପଦ୍ମପାଦେ କର ତୁ ଧ୍ୟାନ ରେ । ୩୨ ।

ଛନ୍ଦ କପଟମାୟା ବୁଦ୍ଧି ଚେଣିକ,
ଛାଡ଼ି ଶରଣ ପଶ ମଳଗିରିକ ରେ,
ଛଛନ୍ଦେ ଦେଖ,
ଛଛନ୍ଦେ କୃଷ୍ଣ ଦାସ ଲଭିଲେ ସୁଖ । ୩୩ ।

Source: KC Dash, Digitized by PPRACHIN, SOA

ଯୋଗୀନ୍ଦ୍ର ଗୀତିକା

କହାଇ ସୁନ୍ଦରୀ ଶ୍ରେଷ୍ଠ ଭାବ ବନ୍ଧ
ଓଲଟା ଚକ୍ରମୂଳେ ସଦାନନ୍ଦ ରନ୍ଧ୍ର
ଓଲଟା ଚକ୍ରମୂଳେ ତ୍ରିବେଣୀର ଧାର
ସତ୍ତ୍ୱ ରଜ ତମ ଏହି ତିନ ଯେ ପ୍ରକାର
ଉଜାଣି କମଳ ଯେ ଉପରକୁ କର
ହୋଇଅଛି କମଳେ ମୂର୍ଚ୍ଛିତ ଭ୍ରମର
ମୂର୍ଚ୍ଛିତ କମଳେ ହୋଇଲକ ଯେବେ
ମୃତ୍ୟୁ ଦେବତା ଦ୍ୱାର ରେ ଯୋଗୀନ୍ଦ୍ର କ କରିବ ତେବେ ରେ ।

ଖଣ୍ଡ ଖଣ୍ଡ କରିଣ ଯେ ପକାଇବେ ବାରି
କୀଟରୁ ବ୍ରହ୍ମପାଏ ସବୁ ଦେହେ ହରି
ନ ଜାଣନ୍ତି ନବଧା ଭକତି ଯେ କେହି
ଲହରୀ ଜଳେ ଗୋ ଜ୍ୟୋତିସ୍ୱନନ୍ଦ ରହି
ଥିଲକୁ ବାସନା ଡାକୁଣି ପଡ଼ିଅଛି
ହରି ନାମ ଧରି ଯେ ବାସନା ରହିଛି
ବାସନା ହଜିଲା ନାଶିଲକ କାୟେ
ଦେଖ ଚତୁର୍ଦ୍ଧା ମୂର୍ତ୍ତି ରେ ଯୋଗୀନ୍ଦ୍ର ସେଠାରେ ଉଦୟେ ।

ଗଗନ ଶିଖରେ ଯେ ଗୋଲହାଟ ପରେ
ଗହ ଗହ ଶବଦ ଶୁଭଇ ତହିଁରେ
ଧ୍ୟାନକ ଧ୍ୟାୟି ଯୋଗୀ ମୂର୍ଦ୍ଧନାରେ ଦେଖ
ଚଞ୍ଚଳ ମନକୁ ଗୋ ବ୍ରହ୍ମରନ୍ଧ୍ରେ ରଖ
ମନ ମତ୍ତହସ୍ତୀ ଅଙ୍କୁଶ ଜ୍ଞାନ କରି
କାଉଁରିମଣ୍ଡଳକୁ ଅଛଇ ଆବୋରି
ଚୈତନ୍ୟ ଦ୍ୱାରୀକ ପହରୀ କରିଛି
ପିଣ୍ଡକୁ ଆବୋରିଣ ରେ ଯୋଗୀନ୍ଦ୍ର ବ୍ରହ୍ମାଣ୍ଡ ଆବୋରିଛି ଯେ ।

ଘନ ଘନ ବେଣୁ ବଜାଇ ନରହରି
ଅଶେଷ ବ୍ରହ୍ମାଣ୍ଡ ଗର୍ଭରେ ଛନ୍ତି ଧରି
ସେ ବଂଶୀ ଧ୍ୱନି ଶୁଣିଣ ରାଧିକା
ଚନ୍ଦ୍ରଶାଳାପୁରରେ ଶୋଇଥିଲେ ଏକା

Source: KC Dash, Digitized by PPRACHIN, SOA

ଚନ୍ଦ୍ରଶାଳା ବୋଲଣ ଯେ ରତ୍ନବେଦୀ କହି
ଚଉପାଶରେ ହୀର ପ୍ରାଙ୍ଗଣ ଅଛଇ
ମଦନ ଆଉଛେ ଗୋପୀଏ କାତର
ବୁଝାଇ ଶବଦକୁ ରେ ଯୋଗୀନ୍ଦ୍ର ଆପଣା ମନ୍ଦରର ।

ଉଆଁସ ଦିନେ ଉଦେ ସଂପୂର୍ଣ୍ଣ ଚନ୍ଦ୍ରମା
ଉଇଁଛି ଦିବାନିଶି ଅପୂ କରି ଅନା
ଉଆଁସ ଦିନ ପାଇବୁ ତୁ କାହିଁ
ଉଇଁଛି ଦିବାନିଶି ନେତ୍ରେ ଦେଖୁନାହିଁ
ଚଉବ ପାଖୁଡ଼ାକୁ ଯେ ଗଗନେ ଜଗାଇ
କାମେଶ୍ବର ଚନ୍ଦ୍ର ନିର୍ଭୟ ହୋଇ ରହି
ଫିଟିଲା ତିମିର ଉଦହେଲେ ଭାନୁ
ଚଳିତ ନ ପାରିବୁ ରେ ଯୋଗୀନ୍ଦ୍ର କୋଟିଏ କୋଟି ମନୁ ।

ଚଞ୍ଚଳ ଚିତ୍ତକୁ ନିଶ୍ଚଳ କରି ରଖ
ଚାରିବେଦ ମଧ୍ୟେ ବିଜୟେ ଛଦ୍ମମୁଖ
କମଠ ଦୁଗ୍ଧ ଯୋଗୀ ଚୁଲୁଣିକି ଦୁହେଁ
ସେ ଦୁଗ୍ଧ ଖାଇ ଯୋଗୀ ଅମର ଯେ ହୁଏ
ଚୂଟଢରେ ଯୋଗୀ ହୋଇଥିଲେ ଧନ୍ଧ
ଦେଖ ଉଦୟରେ ରାହୁ କଲା ଯେ ବନ୍ଦୀ
ବିଶ୍ୱକର୍ମାର ଶସ୍ତ୍ର ଲାଗେ ନାହିଁ
କାହୁଁ ତୁ ଜନମିଲୁ ରେ ଯୋଗୀନ୍ଦ୍ର, କହିବୁ ମୋ ବୁଝାଇ ।

କ୍ଷୀର ସିନ୍ଧୁ ମଧ୍ୟେ ସ୍ୱାଦୁ ଜଳକୁ ଦେଖ
ଛଡ଼ ଅଭିରି ମଧ୍ୟେ ଛକେ ପଦ୍ମମୁଖ
ଛଡ଼ ବୁଦ୍ଧି ଛଇଲ ଛନ୍ଦ ବୁଦ୍ଧି କଥା
ଛୁଡ଼ ଚକ୍ର ଭେଦ ରହିଛି ପଞ୍ଚ ମଥା
ନବ ଦ୍ୱାର ଭେଟି ଯେ ଓଲଟ ପ୍ରକାର
ଛନ୍ଦଅଛି ଚଉତିଶ ଅକ୍ଷର
ଛଛନ୍ଦେ ଦେଖିବୁ ଜ୍ଞାନ ଚକ୍ଷୁଦ୍ୱାରେ
ଛଛନ୍ଦେ ଦେଖିବୁ ରେ ଯୋଗୀନ୍ଦ୍ର, ବକୁଳର ଉରରେ ।

ଯେତେବେଳେ ଜୀବକୁ ପରମ ଭେଟିବ
ବିଷାଶହେ ଅଙ୍ଗୁଳ ବାୟୁ ଉଡ଼ାଇବ

Source: KC Dash, Digitized by PPRACHIN, SOA

ବଦନ୍ତ ଭାନ୍ଧ ମଧ୍ୟେ ଭ୍ରୂଲତା ମଧ୍ୟରେ
ବସ୍ତୁ କୁଟ ମାୟା ରଚନା ସେଠାରେ
ଜୀବ ପରମ ତହିଁ ଦେଖ ଯାଗ ଭୂଇଁ
ସମୟେ ଦେଖି ଦ୍ୱାର କବାଟ ଫିଟାଇ
ଯୋଗବେଳେ ଯୋଗୀ ବସିଥିଲ ଜାଗି
ହଜାଇଣ ରେ ଯୋଗୀନ୍ଦ୍ର ହଂସ ଚରଣେ ଲାଗି ଯେ ।

ଝର ଝର ହୋଇ ବହୁଛି ଯମୁନା
ଝିମୁଟେ ଝର ମୁଣ୍ଡେ ଟେକ ରଖ କନା
ଗଙ୍ଗା ଯମୁନା ଆଉ ସରସ୍ୱତୀ ନଈ
ଏ ତିନ ଧାର ହଂସ ଚରଣୁ ଝରଇ
କାଳନ୍ଦୀ ଯମୁନାର ସଙ୍ଗତେ ପୂରଣ
ଶୁଷ୍କତରୁ ପଲ୍ଲବେ ବୃନ୍ଦାବନ
ଝୋଞ୍ଜିକା ଛୁଣ୍ଡାଇ ଯୋଗୀ ରହିଥିଲ
ଝଟକ ବିଦ୍ୟୁତ ପ୍ରାୟେ ରେ ଯୋଗୀନ୍ଦ୍ର, ଝିମିଟେ ପାଶ ଦେଲ ।

ଞାମଗ୍ନ ଭୂମିକ ଯେବେ ତୁ ଯାଇପାରୁ
ଞଂଷ୍ଟ ହଂସ ଜଗି ଖାଇବୁ ସରୋବରୁ
ଞଗମ ବନେ ହଂସ କରିଛି ବାସ
ପାନ୍ଦୁଁ ଝରୁଅଛି ଅମୃତ ସୁଧାରସ
ଏ ରସ କମ୍ପାଇ ଉପେକ୍ଷୁ ମୂଢ଼ପଣେ
ଏ ଜନମ ତୋହର ଗଲ ଅକାରଣେ
ରଜନୀ ହୋଇଲେ ରେ ଯୋଗୀନ୍ଦ୍ର ରହିବୁ ତୁ ତ କାହିଁ ?

ଟଲମଲ ବନ୍ଧ ଟିକାଏ ନ ରହିବ
ଟମାଲେ ଟାଳଦେବ ଶ୍ରେର ଯେଞପିବ
ଟିକକ କଥାକୁ ତୁ ଟାକ ରହୁକନା
ଉଡ଼ାଇବୁ ବଙ୍କୁଆଲେ ଅବଧୂତ ବାନା
ଟେକ ବ୍ରହ୍ମରନ୍ଧ୍ରେ କବାଟ ଦେଲ ଫେଡ଼ି
ଭ୍ରମର ଗୁମ୍ଫାରେ କପାଳ ଆସନ ମାଡ଼ି
ଟାକ ଟେକ ଯୋଗୀ ଟିକର ଗୁଣିଥିଲ
ଟିକକ କଥାକୁ ରେ ଯୋଗୀନ୍ଦ୍ର, ପାଶକ ନାହିଁ ହେଲ ଯେ !

ଠୂଳ ଶୂନ୍ୟ ବୋଲିଣ ଜଗତେ ଅଛି କହି
ଠୂଳ ଶୂନ୍ୟ ବୋଲି ଯେ ଅଖଣ୍ଡ ନାମ ବହି

Source: KC Dash, Digitized by PPRACHIN, SOA

ଠୂଳ ଶୂନ୍ୟ ଉପରେ ଯେ ଶିଶୁବେଦ ଅଛି
ଅନାହତ ଧ୍ୱନି ସେଠାବରେ ହେଉଅଛି
ସେ ଶବଦ ଯାଇ ନାଦ ଗୋଟିକେ ପୂରାଇ
ଯୋଗୀନ୍ଦ୍ର ଅଙ୍ଗରେ ସେହି ନାଦ ଖୋଜେ ଯାଇ
ସେହି ନାଦ ଲଗିଣ ଈଶ୍ୱର ହେଲେ ଯୋଗୀ
ବୋଲେ ଭଗବାନ ରେ ଯୋଗୀନ୍ଦ୍ର, ସେ ସ୍ଥାନରେ ଜାଗି ରେ ।

ଢେଙ୍ଗା ଜଗତ୍ତରେ ଡଙ୍ଗର ବେନଜନ
ଡାକ ହାକୁଛନ୍ତି ଦୋମୁହାଁ ସର୍ପେଣ
ସେହି ଡାକ ଯେବେ ଅନାହତ ଧ୍ୱନି
ଡରିଲେ ଯୋଗୀନ୍ଦ୍ର ଡଙ୍ଗରକୁ ଘେନି
ଡକାଇତ ଗତ ଅଇରି ସଙ୍ଗର
ଡରାଇ ଖାଉଛି ଢେଙ୍ଗା ଜଗତର
ଡାକ ନ ଶୁଣି ସର୍ପଙ୍କୁ ଜିଣିକନା ମୂର୍ଖ
ଡରି ଗ୍ଡୁତ ରେ ଯୋଗୀନ୍ଦ୍ର, ଦେଖ କନା ରକ୍ଷ ଯେ ।

ଛଳ ଛଳ ପଥ ଗ୍ଡ଼ୁ ହେଲୁ ବଣା
ଛାଙ୍କୁଣି ପଡ଼ୁଛି ଛଳ କରି ଅନା
ଛୋଳାଇ ଚଳକୁ ଅଛି ମାୟାମୋହ ଛଳେ
ଛାଳେ ପଡ଼ିବୁ ଭୁଲ୍ଲ ଜଳନ୍ତା ଅନଳେ
ଛୋ'କବୁ ବିଷ ତୁ ଛାଳେ ହେଲୁ ବାଇ
ବିଷମ ଅର୍ଗଳ କବାଟ ଫେଡ଼ି ଯାଇ
ଛଳହଳ ପଥ ଛା'ଳେ ହେଲୁ ବଣା
ଛଳ ଦେଖ କନା ରେ ଯୋଗୀନ୍ଦ୍ର, ଜପଇ ଅବନା ।

ଅଣ ଅକ୍ଷର ସରଳ ଯେ ଆଡ଼ିବାକୁ ନାହିଁ
ଅଣିମାଦି ଅଷ୍ଟନିଧି ପାଇବୁ ତୁ କାହିଁ
ଓମ୍ ଧ୍ରୁମ୍ ଜ୍ୟୋତି ଜ୍ୱାଳା କର ତୁ ଏ ତତ୍ତ୍ୱ
ଦେଖନ୍ତା ପୁରୁଷ ଦେଖି ହୋଇବେ ଚକିତ
ଚମକ ପଡ଼ିଲ ଜୀନ ସଞ୍ଜିବନୀ ପୁର
ଛୋଲବ ଉପରେ ଯେ ବାଜଇ କ୍ଷୀର ତୂର
ଶଶାଙ୍କର ମୁଣ୍ଡେ ଶୃଙ୍ଗ ଛଳହଳ ହୋଇ
ବନ୍ଧ୍ୟାସୁତ ପ୍ରସବଇ ରେ ଯୋଗୀନ୍ଦ୍ର, ନୟନେ ଦେଖିନାହିଁ ।

Source: KC Dash, Digitized by PPRACHIN, SOA

ତ୍ରିବେଣୀ ସ୍ଥାନକୁ ଧୀରେ ଚଳକର ଅନା
ତିନ ଚଉହଦର ତଳେ ଅଛି ଚୋର ଠଣା
ତୃଣିବା ପର୍ବତବୁ ସେ ସ୍ଥାନରେ ଯେ ଯାଇ
ଠାଠିକେ ଦେଖିବୁ ତୁ ଯେ ତ୍ରୈଲୋକ୍ୟ ଗୋସାଇଁ
ସୃହାପଣ୍ଡ ଲଗି ଯୋଗୀ ଏକ ଅତ ମତ
ପାତ୍ତ ଧର ତମ୍ବୁଁ ପଟରେ ଜାଲ ଯନ୍ତ୍ର କର
ତତ୍ତ୍ୱପର କର ଯନ୍ତ୍ର ନେଇଅଛି ଜାଲ
ଦେଖୁ ଦେଖୁ କନା ରେ ଯୋଗୀନ୍ଦ୍ର ବଙ୍କୁଆଳ ଘର ଯେ । ୧୭ ।

ଥାନ ଜଗି ଯୋଗୀ ତୁ ଥବର କରୁ ସିନା
ଥାନ ଦେଖି ରକ୍ଷ ଜାଗେ ରାମନାମ ସିନା
ମ ଅକ୍ଷର କୋଠ ଭଣ୍ଡାରେ ପୂରାଇ
ରା ବୋଲି ଭୁଷଣ୍ଡ ଅମର ଅଛି ହୋଇ
ଥବର ହୋଇ ଥୋକାଏ ହନ ସ୍ଥାନ ରହ
ଥାନ ମଣି ରକ୍ଷ କାଳ କାଟି ତୁ ପକାଅ
କମଳା ନିରଞ୍ଜନଟି ହୋଇବାକୁ ମେଳେ
ବାସନା ଫୁଟି ରକ୍ଷବ ରେ ଯୋଗୀନ୍ଦ୍ର କୋଟି କଳ୍ପାନ୍ତରେ । ୧୮ ।

ଦମକଇ କାଳନ୍ଦୀ ଉଜାଣି ବହୁଛି
ବାଇଶି ପାବଚ୍ଛୁ ଯେ ନିର୍ମାଣ ହୋଇଅଛି
ଅନ୍ନ ପ୍ରସାଦ ସେଥିରେ ବଡ଼ାକୁଡ଼ା ହୋଇ
ତ୍ରିପୁର ଜଗିଅଛି ପରଶି ଦେବା ପାଇଁ
ପାଇବୁ ପ୍ରସାଦ ତୁ ପରମ ହଂସପୁରେ
ଚନ୍ଦ୍ର ବଇଣ୍ଠପୁର ଯେ ଉଲଣ୍ଠ ପ୍ରକାରେ
ଏଘର ଯୋଗୀକୁ ଯୋଗୀ ଯତନେ ସାଧଇ
ବହୁଛି ଯମୁନା ଯୋଗୀନ୍ଦ୍ର ରେ ପଶ୍ଚିମକୁ ବନ୍ଧ । ୧୯ ।

ଧ୍ୟାନକ ଯେ ଜାଗି ଯୋଗୀ ବସିଅଛି ଧ୍ୟାପି
ଧ୍ୟାନବଳେ ସେ ଧବଳପୁରକୁ ଦେଖାଇ
ଧରଣୀ ମଣ୍ଡଳେ ଆସି ହୋଇଲୁ ତ ଯାତ
ଧର୍ମକୁ ଅନାଇ ଏବେ କହୁକନା ସତ
ସତ୍ୟ ଧର୍ମ କଲେ ତୁ ଯିବୁ ସିନା ତର
ଗୋବିନ୍ଦ ଦୈତ୍ୟକୁ ଯେ ଅର୍ଜ୍ଜୁନ ବୀର ମାର
ବଳରାମ ପ୍ରଭୁ ତାଙ୍କୁ ସଂଗ୍ରାମେ ହାରିଲେ
ସୁଭଦ୍ରା ଦେବୀଙ୍କୁ ରେ ଯୋଗୀନ୍ଦ୍ର ଅର୍ଜ୍ଜୁନଙ୍କୁ ଦେଲେ । ୨୦ ।

Source: KC Dash, Digitized by PPRACHIN, SOA

ନିଗମ ବନେ ପଶି ନିରଖ କର୍ମା ହେଉ
ନିର୍ଝର ଝରକୁ ଦେଖ ଗ୍ରାସୁଅଛି ରାହୁ,
ନିଗମୁଁ ଝରୁଅଛି ନିରାଟ କର ଅନା
ନିରଞ୍ଜନ ଘରେ ଯୋଗୀ ଜପଇ ଅବନା
ନିରକାର ଘରେ ଦେଖ ରକ୍ତ ଚିହ୍ନ ନାହିଁ,
ଅଜାବ ମାଁ ଏସ ବଶ ଯୋଗୀନ୍ଦ୍ର ଭଷ୍ଟଇ
ଭସିଲ ପିଣ୍ଡ ଯୋଗୀ ଭୂଷଣ୍ଡ ହୋଇଲ
ଟେକ ଭଦ୍ରାକ୍ଷର୍ଥ ରେ ଯୋଗୀନ୍ଦ୍ର ଭ୍ରାନ୍ତ ଫିଟିଲ ଯେ । ୨୧ ।

ପରମ ଗୁରୁ ପାଦେ ପରଚେ କରଯାଇ
ପୁଣ୍ୟ କର ପୂଜଲେ ଯେ କପିଳାସେ ରହି
ଜାଗିରହି ଯୋଗୀ ଯାଇ କପିଳାସ ଘାଟେ
ପବନକୁ ଧର ଯୋଗୀ ଓଟାରବୁ ଆଣ୍ଟେ
ଫିଟିଯିବ ଦେଖ ଚିହ୍ନି ସ୍ୱଷମ କଳେଣି
ପର୍ଶ୍ଚିମ ଦ୍ୱାରକୁ ଦେଖ ବହଇ ଉଜାଣି
ନାମ ଅନଳରେ କାୟା ନିର୍ମଳ ହୋଇବ
ମାୟା ବନରେ ସୁନା ରେ ଯୋଗୀନ୍ଦ୍ର ଅନଳେ ପୋଡ଼ିଯିବ । ୨୨ ।

ଫୁଲପଣ କର ଭୃଙ୍ଗ ବଞ୍ଚାଉଛୁ କାଳ
ଫୁଲ ଚୁମ୍ବିଣ ଭ୍ରମର ରହିଲ କେଶର
ଭ୍ରମରକୁ ଧାୟିଣ ଯୋଗେନ୍ଦ୍ର ରହିଥିଲ
ରଜମାରେ ପୃଷ୍ଟ ଯେ ମୁଦ୍ରିତ ହୋଇଲ
ରଜମା କାଳେ ପୃଷ୍ଟ ଯେ ମୁଦ୍ରିତ ରହି
ତେବେ ସିନା ଯିବ ରେ ଯୋଗୀନ୍ଦ୍ର ପାରୁଆ ଘୂମୁରଇ । ୨୩ ।

ବହୁଛି ତ୍ରିବେଣୀ ଯେ ମେରୁରେ ଊର୍ଦ୍ଧ୍ୱ କର
ମଧ୍ୟରେ ଅଛଇ କପିଳାସ ଗିର
ବଡ ଦୁର୍ଗମ ବାଟରେ ପଶିବୁ ତୁ ଯାଇ
ତ୍ରିବେଣୀ ମେରୁ ଗିର ପବନ ଅଛି ରହି
ଫୁଙ୍କୁଣି ବନ୍ଧପରେ ଯେଉଁ ଜୀବ ଜପଇ
ମୋହମାୟା ଛଳେ କୂଟେ ଯୋଗୀ ରୂପ ହୋଇ
ଫୁଙ୍କା ବଙ୍କବାଟେ ସେ ଯେ ଉଜାଣି ବହଇ
ଗୋଲକ ଯୋଗେଶ୍ୱର ଅଛନ୍ତି ତ ରହି

Source: KC Dash, Digitized by PPRACHIN, SOA

ମାୟାକୁ ସେ କାଟି ତହିଁ ଯୋଗୀରୂପ ହୋଇ
ଜଗାଇ ଚରଣ ରେ ଯୋଗୀନ୍ଦ୍ର, ବାହୁଛୁ ସେଠାଇଁ ।

ଭଲ ଭଳି ଭିଆଇଛୁ ପ୍ରଭୁ ନରହରି
ଭବନଘା ଜଣିଣ କାଳନ୍ଦୀ ରୂପ ଧରି
ମୋହୁଅଛୁ କାଳରୂପେ କାଳ ମାୟା ହୋଇ
ରୁମୁଣ୍ଡା ଖପର ତୁ ପଡ଼ିବୁ ବେଗେ ଯାଇ
ରୁହୁଁ ରୁହୁ ତୁମ୍ଭ ଯେ ଉପୁଡ଼ି ହୋଇଯିବୁ
ଚେତାନନ୍ଦ ରୂପକୁ କାହୁଁ ତୁ ପାଇବୁ ?
ଚୈତନ୍ୟ ଦୁଆରେ ତହିଁ ବସିଅଛୁ ଦେଖ
ବୋଇଲ ଭଗବାନ ରେ ଯୋଗୀନ୍ଦ୍ର, ନିରେଖ ପଦ୍ମମୁଖ ।

ମହାମନ୍ତ୍ରମା ଯେ ମହାମନ ତୁମ୍ଭ ଦେଖ
ଷୋଡ଼ଶ ଅକ୍ଷରେ ତହିଁ ଛନ୍ଦଛୁ ପ୍ରତ୍ୟକ୍ଷ
ଏକାବନ ଅକ୍ଷରରେ ଶ୍ରୀ ରାଧାକୃଷ୍ଣ ବେନି
ରାମ ନାମ ଶବଦ ଯେ ଘୋଷଇ ମୂର୍ଦ୍ଧନି
ରହିଥିଲ ଯୋଗୀ ସେହି ଶବଦକୁ ଧାୟି
ବଙ୍କନାଳ ବାଟେ ଯାଇ ନିତ୍ୟ ସ୍ଥଳ ସେହି
ଅକାର ଉକାର ମକାରକୁ ସଙ୍ଗେ ଘେନି
ସଇଲ ସକାର ରେ ଯୋଗୀନ୍ଦ୍ର, ଓଁକାରକୁ ଘେନି ଯେ ।

ଯେତେବେଳେ ଏ ଦେହ ବିଦେହ ଥିଲ ହୋଇ
ଜନନୀର ଜଠରେ ରହିଥିଲ ଯାଇ
ମାନକ ହେତୁ ତୋହର ରାମନାମ ଘେନି
କହନ୍ତା ବହନ୍ତା ଯେ ଶୁଣନ୍ତା ଶ୍ରୁତି ତିନି
ଭବଦ୍ୱାରେ ଯହୁଁ ତୁମ୍ଭ ହୋଇଲୁ ଜନମ
ହଜିଗଲ ପୁଣି ରେ ଯୋଗୀନ୍ଦ୍ର, ଆପଣାର ନାମ ।

ରହାସ ନିତ୍ୟ ସ୍ଥଳୀ ତୁ ଦେଖୁ କିନା ଯାଇ
ନିଜ ନାମ ଗୋଟି ତୋର ସେଠାରେ ଅଛଇ
ବିଷମ କୋଠ ଏହାକୁ ଫେଡ଼ିକରି ଅନା
ବିଷୟା ବିଷଲଡ଼ୁ ବିଷମ ଭୂମି ପ୍ରିନା
ଅମୃତ ଲଡ଼ୁ ଅଛଇ ଗଳକରି ରୁହିଁ
ଅନନ୍ତ ଫଣା ଉପରେ ବିଜେ ଚଉବାହା
ଶେଷଦେବ ଶିରରେ ଅନନ୍ତ ଫଣା ମେଳ
ନିଜ ରମ ରାମ ରେ ଯୋଗୀନ୍ଦ୍ର, ସେ ସ୍ଥାନରେ ମୂଳ ଯେ ।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଲୋଭରେ ନ ପଡ଼ ମନ ନ କର ତୁ ଭସ୍ମ
ଲକ୍ଷଣ ଆଣ୍ଡେ ଆଣି ବେଗେ କରୁ ଥସ୍ମ
ଆଣ୍ଠୁ ଆଣି ଜଳେ ତୁ କମ୍ପା ବୁଡ଼ମରୁ
ଆଣ୍ଠେ କର ଜଛେ ଡାକେ କନା ମହାମେରୁ
ଆଣ୍ଠେ ଧନୁକୁ ଯୋଗୀନ୍ଦ୍ର ହରଇଲୁ ତୁହି
ଅଣିମାଦ୍ୟ ଅଷ୍ଟନିଧି ପାଇବୁ ତୁ କାହିଁ ?
ଅଣିମାଦ୍ୟ ଅଷ୍ଟନିଧି ମୁକତିର ଦ୍ୱାର·
ଅଣାକ୍ଷରେ ଦେଖ ରେ ଯୋଗୀନ୍ଦ୍ର, ଧର୍ମ ମ ତା ହର ଯେ ।

ବଣା ହୋଇଲୁ ଯାଇ ବ୍ରହ୍ମରନ୍ଧ୍ର ବାଟ
ଷଷମ କଞ୍ଚଦେଲେ ରେ ଫିଟିବ କବାଟ
ଊଲଟ ପଦ୍ମ ପ୍ରାୟେ ଜଘନ ବେନି ପାଣି
ହେମ ଚାପ ଯୋଗାଇ ବେଳକାଳ ଜାଣି
. ଏକତ୍ର କରିବ ଯେବେ ବଙ୍କୁନାଳ ବାଟ
ଦଶ ଦଶ ନିରୋଧ ପଡ଼ିବ ସବ ଘଟ
ରହନ୍ତୁ ସେ ସେଠାବରେ ନ ପାରିବ ଚଳି
କଞ୍ଚ ଫେଡ଼ ଗୃହିଁ ରେ ଯୋଗୀନ୍ଦ୍ର, ସେତ ବନମାଳୀ ଯେ ।

ଶ୍ରୀମନ୍ତ ପୁ ରୁଷ ପ୍ରଭୁ ନିତ୍ୟାନନ୍ଦ ହରି
ଶ୍ରୀନୀଳକନ୍ଦରେ ଯେ ଅଛନ୍ତି ବିଜେକରି
ରତ୍ନ ସିଂହାସନେ ଦେଖ ଚତୁର୍ଦ୍ଧା ମୂରତି
ପ୍ରକାଶଇ ବଇଡ଼ୁର୍ଯ୍ୟ ମଣିପ୍ରାୟ ଜ୍ୟୋତି
ସେ ଜ୍ୟୋତି ପାରୁଶେ ନେବ ଯାଇପାରୁ ତୁହି
ଶିଶୁମୁନି ରନ୍ଧ୍ରବାଟେ ଗଳିଯିବୁ ତୁହି
ବ୍ରହ୍ମ ଗାୟତ୍ରୀ ପାବଚ୍ଛ ଅଟଇ ସେଠାରେ
ନୟନେ ଦେଖିବୁ ରେ ଯୋଗୀନ୍ଦ୍ର, ସଂଜ୍ଞାବନ୍ତ ପୁରେ ।

ସଜୀବ ଦେବତାଙ୍କୁ ତୁ ଆଗେ ଅନଜାଣୁ
କାଷ୍ଠ ପାଷାଣକୁ ଦେବତା ପ୍ରାୟେ ମଣୁ ।
ସରସ ବସନ୍ତ ସମୟେ ବନ ପାଶ
ସହସ୍ର ଦଳ ଉପରେ ବିହରୁଛି ହଂସ
ପିତୁଳାକୁ ଖଞ୍ଜି ଦେଖି ସେଠାରେ ନିକୂଟ
ସୂଚି ମୁନ ପ୍ରମାଣରେ ସେହିଠାରେ ବାଟ
ପିମ୍ପୁଡ଼ି ବାଟରେ ଯେବେ ମତ୍ତଗଜ ଯାଇ
ସେଠାରେ ସେନାପତି ରେ ଯୋଗୀନ୍ଦ୍ର, ହୋଇ ମାଧୋଇ ଯେ ।

Source: KC Dash, Digitized by PPRACHIN, SOA

ସରସ୍ୱତୀ ବୋଲଣ ଯେବଣ ନଦୀ କହି
ଈଅଁଳା ଗଙ୍ଗା ଯମୁନା ପିଅଁଳା ବହଇ
ସରସ୍ୱତୀ ଧାରରେ ମଥାରେ ବନ୍ଦେ ଶିବ ।
ଜୀବ ପରମ ଆତ୍ମାଟି ସେ ପରମ ଜୀବ
ପଞ୍ଚମ ଅକ୍ଷରେ ଜପ ସେଠାରେ କରିବ
ଡମ୍ବରୁ ଧ୍ୱନି ନାଦ ରେ ଯୋଗୀନ୍ଦ୍ର, ନୟନେ ଦେଖିବ ।

ହାଟ ବସିଅଛି ସେ ପୁରରେ ଦେଖ
ହାଲହୋଳ ପଡ଼ିଅଛି ଦେଖ ତିନଲୋକ
ହାଟ ଭଙ୍ଗି ଦେଖ ବସି ହୋଇ ଉଜାଗର
ଜୀବ ଅଜୀବ ହୋଇଣ ତହିଁ ଏକାକାର
ଅଜୀବ ଜୀବକୁ ଯେବେ ପାରୁ ଏକ କରି
ଯମ କି କରିବ ରେ ଯୋଗୀନ୍ଦ୍ର, ବାନ୍ଧି ଦୃଢ଼ କରି ରେ ।

କ୍ଷୀରସିନ୍ଧୁ ମଧ୍ୟେ ଦେହ ଅଛି ରହି
କ୍ଷୁଦ୍ର ଦେଖ ନୁହେ ସବୁ ଅଛି ବହି
ମୂର୍ଦ୍ଧିରେ ଉଭା ହୋଇଛି ବିନତା ନନ୍ଦନ
ରମ୍ୟକ ଦ୍ୱୀପ ଅଟଇ ସେ ସ୍ଥାନର ନାମ
ସିଧା କୁଣ୍ଡ ଅଛି ଦକ୍ଷିଣ ପାରୁଶେ
ସ୍ନାହାନ ନ କଲେ ତହିଁ ଶ୍ରୀଅଙ୍ଗଟି ବିଦଶେ
ସେ କୁଣ୍ଡେ ସ୍ନାନ କରି ଭୁଷଣ୍ଡି ଯେ ରହି
ବୋଲେ ଭଗବାନ ରେ ଯୋଗୀନ୍ଦ୍ର, ପାରିଲେ ରହ ତୁହି ।

Source: KC Dash, Digitized by PPRACHIN, SOA

ଦୂତୀ ଚଉତିଶା

କହେ ରାଇଦୂତୀ ! ଶୁଣ ମିତଣୀ
କଦମ୍ବ ମୂଳରେ ମୁରଲୀପାଣି
ଦୂତୀ ଗୋ !
କାହ୍ନୁ କେଡ଼େ ସୁନ୍ଦର
କୃଷ୍ଣ କଳ୍ପତରୁ ନବ ଅଙ୍କୁର । ୧ ।
ଖୀନ ନାଳ ପରେ ତ୍ରିଭଙ୍ଗୀ ଠାଣି
ଖଞ୍ଜନ ନେତ୍ର ଚା ବାଙ୍କ ଚାହାଣି
ଦୂତୀ ଗୋ !
ଖେଦ ବଳିଲା ମୋର
ଖରେ ବିନ୍ଧୁଅଛି ମଦନ ଶର । ୨ ।
ଗୋପୀ ଗୋପାଳ ଗୋବତ୍ସ ସଙ୍ଗତେ
ଗୋଷ୍ଠହାଟ ପରି ଲାଗୁଛି ମୋତେ
ଦୂତୀ ଗୋ !
ଜ୍ଞାନ ହାରିଲି ମୋର
ଗୋବିନ୍ଦଙ୍କୁ ଦେଖି ଚିତ୍ତ ଅସ୍ଥିର । ୩ ।
ଘନ ଶ୍ୟାମଳିଆ ନନ୍ଦର କାହ୍ନୁ
ଘନ ଘନ କରି ବଜାନ୍ତି ବେଣୁ
ଦୂତୀ ଗୋ !
ଘରେ ନ ରହେ ଚିତ୍ତ
ଘନ ଶ୍ୟାମଳିଆ ବାଇ କଲେ ତ । ୪ ।
ଓଲଟ କଦମ୍ବ ମୂଳେ ବସନ୍ତେ
ଓଙ୍କାର ମୁରଲୀ କି ରଙ୍ଗେ ବାଏନ୍ତେ
ଦୂତୀ ଗୋ !
ଅତି ଲାବଣ୍ୟ ବାଣୀ
ଅବଳା ଗଲି ସ୍ନେହ ପାଶେ ଜଡ଼ି । ୫ ।

କଳ୍ପତରୁ ନବ ଅଙ୍କୁର—ଅଭୀଷ୍ଟ ଫଳଦାତା।
ଖୀନ ନାଳ—ସହସ୍ର ଦଳ ପଦ୍ମର ସୂକ୍ଷ୍ମନାଡ଼ୀ ପରେ ଭଗବାନଙ୍କ ସ୍ଥାନ ।
ଓଲଟ କଦମ୍ବ—ଶରୀର ମୂଳ ହେଉଛି ମୁଣ୍ଡ, ଶାଖା ହସ୍ତପଦ, ମନୁଷ୍ୟର ଶରୀର ଓଲଟ କଦମ୍ବ, ତା'ର ମୂଳରୁ ଶରୀର ଉଦ୍‌ଗତ ।

Source: KC Dash, Digitized by PPRACHIN, SOA

ଚିତାକୁ ଦେଖିଣ ଚିତ୍ତ ଅସ୍ଥିର
ଚେତନା ହଜିଲା ସହଜ ଘର
ଦୂତୀ ଗୋ !
ଚିହ୍ନ ନେହ୍ନ ପ୍ରତିମା
ଚତୁର୍ଥୀ-ଚିତ୍ତ-କୁମୁଦ-ଚନ୍ଦ୍ରମା । ୬ ।

ଛଡ଼ି ଚନ୍ଦ ପରେ ଛଇଲ ବର
ଛଇଛନ୍ଦେ ହୋଇଛୁ ଗୁଇ ଆକାର
ଦୂତୀ ଗୋ !
ଛଡ ମୂରଲୀ ସିନା
ଛନ୍ଦ ଭିତରେ ଅବାଡ଼ି ପ୍ରତିମା । ୭ ।

ଜଗତ ଜୀବନ ଯଶୋଦାନନ୍ଦ
ଯୁବା ଯୁବତୀଙ୍କ ମୋହନ ଫାନ୍ଦ
ଦୂତୀ ଗୋ !
ଯିବା ଆସିବା ହେଜ
ଜଗୁଜୀବନ ମୋ ପରାଣ ନଜ । ୮ ।

ଝରଣିଖେ ହର ହେଲେ ପ୍ରସନ୍ନ
ଝାସି ସୁଧାସିନ୍ଧୁ କର ଦର୍ଶନ
ଦୂତୀ ଗୋ !
ଝଟ ଝଟ ଶ୍ରୀମୁଖ
ଝାସି ସୁଧାସିନ୍ଧୁ ଲଭିବା ସୁଖ । ୯ ।

ନବଘନ ତନୁ ଶ୍ୟାମଳ ସାଜେ
ମାପ ବଟମୂଳେ କରନ୍ତି ବଜେ
ଦୂତୀ ଗୋ !
ନବ ନବ ମୂରତି
ନବ ଅନୁରାଗେ ବଳାଅ ମତି । ୧୦ ।

ଟେକ ବାନ୍ଧିଥା'ନ୍ତି ମୋହନ ଚୂଳ
ଟାକ ପତିବ୍ରତା ହୋଇବେ ଭୋଳ
ଦୂତୀ ଗୋ !
ଟାଣ ରହିବ ନାହିଁ
ଟେକ ଟାଣି ବାନ୍ଧ ତ୍ରିବେଣୀ ନଈ । ୧୧ ।

ଛଡ଼ି ଚନ୍ଦ—ଛିଟିଚନ୍ଦ

Source: KC Dash, Digitized by PPRACHIN, SOA

ଠୂଳ ଶୂନ୍ୟ ପରେ ନିତ୍ୟ ରାହାସ
ଠିକେ ରାଧା ଦୂତୀ ଟସ ପାଦେ ରସ
ଦୂତୀ ଗୋ !
ଠିକେ ଗୃହୁ ରାଧିକା
ଠିକେ ବଳରାମ ଭାବେ ଦୂତିକା । ୧୨ ।

ତାଙ୍କ ପ୍ରାଣଧନ କହୁଛି ତୋତେ
ତୋଳାଲୁ ତୋଳା ମଜ୍ଜାଅ ତୁରତେ
ଦୂତୀ ଗୋ !
ତାକେ ମୁରଲୀ ତୋର
ତେଜ ଶ୍ରୁତିପଥେ ଶବଦ ବାର । ୧୩ ।

ତେଜକୁ ନିଶ୍ଚଳ କର ତୁ ମନ
ତଳଦଳ ଦିଶେ ବଂଶୀବଦନ
ଦୂତୀ ଗୋ !
ତାଳେ ମୁ ରୁଛି ନୋହି
ତି କରଅଛି କଳା କହ୍ନାଇ । ୧୪ ।

ଅଣସର ଘଟର ଗଙ୍ଗା ଯମୁନା
ଅନୁପାମ ଜଳ ତଳେ ମିଶାନା
ଦୂତୀ ଗୋ !
ଅନୁସର ଭାବନା
ଅପୂର୍ବ ସୁନ୍ଦର ନନ୍ଦର କହ୍ନା । ୧୫ ।

ତାକୁପରେ ଦେଖ ତ୍ରିଭଙ୍ଗୀ ଠୂଳ
ତରୁଣ ଅରୁଣ ଚରଣ ତଳ
ଦୂତୀ ଗୋ !
ତ୍ରିଭଙ୍ଗିମା ତା ଠାଣି
ତରଳ ଦେଖି ସେ ନବ କାମିନୀ । ୧୬ ।

ଥିରେ ବଂଶୀ ଧ୍ୱନି ପାଇଲେ ଭେଟ
ଥମ୍ଭନ ମୋହନ ବଶ ଉଚ ଟ
ଦୂତୀ ଗୋ !
ଥପ୍ପ ନୋହିଲ ଚିତ୍ତ
ଥୋଇଲି ଧନ ପାସୋରିଛି ମୁଁ ତ । ୧୭ ।

ଠୂଳ ଶୂନ୍ୟ ପରେ—ଅର୍ଦ୍ଧମାତ୍ରା ଉପରେ, ଭ୍ରୂଲତାର ମଧ୍ୟ ସ୍ଥାନର ଉପର ଭାଗରେ ।
ଅଣସର ଘରେ—ସୁଷୁମ୍ନା ଘରରେ

Source: KC Dash, Digitized by PPRACHIN, SOA

ଦୟାଧର୍ମ ସତ ଶାନ୍ତ କ ଯେନ
ଦୟାନିଧି ପାଶେ ମଜ୍ଜାଅ ମନ
ଦୂତି ଗୋ !
ଦେଖ ଦିବ୍ୟ ମୂରତି
ଦେବା ଦେବୀ ଦର ଶ୍ରୀ କୃଷ୍ଣମୂର୍ତ୍ତି । ୧୮ ।

ଧନ ଯଉବନ ନୋହଇ ଥିର
ଧରଣୀ ମଧ୍ୟେ କୃଷ୍ଣଭକ୍ତି ସାର
ଦୂତି ଗୋ !
ଧ୍ରୁବ ଏ ବାକ୍ୟ ସିନା
ଧନ୍ୟ ବ୍ରଜଭୂମି ପୂର୍ବ ବାସନା । ୧୯ ।

ନବଘନ ନୂଆ ପୀରତି ଭାବ
ନବ ପଞ୍ଜପୁଟରେ ଅତି ଦୁର୍ଲଭ
ଦୂତି ଗୋ
ନବନବ ମୂରତି
ନବ ଅନୁରାଗେ ବଳାଅ ମତି । ୨୦

ପରମ ପୀୟୂଷ ଖାଇଣ ଭୋଳା
ପର ପୀରତି ରେ ପରମ ମିଳା
ଦୂତି ଗୋ !
ପଦରଜ ଝରୁର
ପୀରତି କୀରତି ସଂସାରେ ସାର । ୨୧

ଫୁଲ ଚାହିଁ ପ୍ରୀତି କର ଗୋ ସଖି !
ଫୁଲ ମକରନ୍ଦେ ଭ୍ରମର ବାଇ
ଦୂତି ଗୋ !
ଫୁଲ ମଧ୍ୟରେ ବାସ
ଫୁଲମାଳିଆ ପାଦେକର ଆଶ । ୨୨

ପର ପୀରତିରେ ପରମ ମିଳା—ପରକୀୟା ରସରେ କୃଷ୍ଣଙ୍କ ସହିତ ଜୀବକୁ ଭେଟାଅ
ଫୁଲ ମକରନ୍ଦ—ସହସ୍ରଦଳ ପଦ୍ମରେ,
ଭ୍ରମର—ଶୁଦ୍ଧ ଜୀବ ।

Source: KC Dash, Digitized by PPRACHIN, SOA

ବାରବାର ତତେ କହୁଛି ସଖି !
ବାର ବାର ବାରେ ରଖ ଭୁ ନେଇ
ଦୂତୀ ଗୋ !
ବାର ସଙ୍ଗତେ ଗୃର
ବଂଶୀଧରଙ୍କୁ ଭାବେ ବଶ କର । ୨୩

ଭାବରେ ବଶ ସେ ଭାବତେ ବାଇ
ଭୃଙ୍ଗ ଯେସନ୍ତେ ମଧୁପାନ ଚୁମ୍ବଇ
ଦୂତୀ ଗୋ !
ଭାବ ନେତ୍ର ପଥକୁ
ଭାବେ ବଳରାମ ଜାଣ ତାହାଙ୍କୁ । ୨୪

ମନେ ମନ କର ମଜ୍ଜାଅ ମନ
ମନ ପୀରତିରେ ମନମୋହନ
ଦୂତୀ ଗୋ !
ମନେ ମନ ମଜ୍ଜାଅ
ମନ ମାନସିକେ ସେବା ଲଗାଅ । ୨୫

ଯମୁନା କୂଳେ ବଂଶୀ ବଟ ମୂଳେ
ଜାତି କୁସୁମ ନିକୁଞ୍ଜ ବନରେ
ଦୂତୀ ଗୋ !
ଜପ ଲକ୍ଷ୍ୟ ସତ୍ତ୍ୱରେ
ଜାଗି ଭେଟ ତାଙ୍କୁ ଜ୍ୟୋତି ଭିତରେ । ୨୬

ରସେ ରସିକ ରସଖାଇ ଖେଳ
ରସ ଅଟେ ଯୋଗ ମୃଦଙ୍ଗ ତାଳ
ଦୂତୀ ଗୋ !
ରସ କଉତୁକରେ
ରସବନ୍ତ ବେଢ଼ି ଗୃର ପାଶରେ । ୨୭

ଲଳିତା ବିଶାଖା ରସି ଆବେଶେ
ଲକ୍ଷ୍ୟାଙ୍ଗ ଲୀଳାଙ୍ଗ ଭୋଗାଙ୍ଗରେ ସେ
ଦୂତୀ ଗୋ !
ଲୀଳା ଲାବଣ୍ୟ ନିଧି
ଲକ୍ଷ୍ୟାଙ୍ଗେ ସାଧିଲେ ଲୀଳାଙ୍ଗେ ସିଦ୍ଧି । ୨୮

Source: KC Dash, Digitized by PPRACHIN, SOA

ବ୍ରଜ ରାଜସୁତ ସଙ୍ଗେ ଵିଳସି
କାମକୁ ତ ବାମା କ ଶୋଭା ଦଷ୍ଟି
ଦୂଷ୍ଟ ଗୋ !
ବାଙ୍କ ବଂଶୀ ନାଦରେ
ବାଜୁଛି ଶବଦ ଶିଷୁବେଦରେ । ୨୯

ଷୋଳ ସହସ୍ର ଚତୁର୍ବିଧି ହୋଇ
ସାର ଗୁଣଭଗେ ଚୌଷଠୀ ହୋଇ
ଦୂଷ୍ଟ ଗୋ !
ସବୁ ବଂଶୀ ନାଦରେ
ଶବଦ ଶୁଭଇ ଶିଷୁବେଦରେ । ୩୦

ଶ୍ୟାମ ସୁନ୍ଦର ଅଭେଦ ପୀରତି
ସାତ୍ତ୍ୱିକ ସେବା ସେ ପ୍ରେମ ପୀରତି
ଦୂଷ୍ଟ ଗୋ !
ସଙ୍ଗ ନବ ଅବଳା
ସମ ସାଧନାରେ ଷଷ୍ଠା ଖେଳା । ୩୧

Source: KC Dash, Digitized by PPRACHIN, SOA

କୃଷ୍ଣନାମାମୃତ ଚଉତିଶା

(ରାଗ-ଗୌରୀ)

କୃଷ୍ଣ କମଳ ଲୋଚନ କୁବୁଜା ଶାପ ମୋଚନ
ପାପତମ ବିରୋଚନ ମୁଖ ସଦନେ,
କର ତଳରେ ପତନ ହୋଇଛି ନାମ ରତନ
କହ ହେ ଜନେ ଯତନ ବଦ ବଦନେ
....
.... । ୧ ।

ଖଳ ବୁଦ୍ଧି ଛାଡ଼ ସଦା ଶଙ୍ଖଚକ୍ର ପଦ୍ମ ଗଦା—
ଧରଙ୍କୁ ମନରୁ କଦା ଶୂନ୍ୟ ନ କର,
ଖିଳ ମଧ୍ୟେ ଯେତେ ଦେବା ଦୂରେ ପରିହର ସେବା
ନାମାମୃତେ ପ୍ରୀତି ହେବା ବିଚାର କର,
ଖେଡ଼ଘର ପୋଏ ଯେସନ
ଖେଡ଼ ଅନ୍ତେ ଭାଙ୍ଗି ଯାନ୍ତି ଦେହ ତେସନ । ୨ ।

ଗଙ୍ଗା ଆଦି ପୁଣ୍ୟନଦୀ ସ୍ନାନେ ଫଳ ଶାସ୍ତ୍ରେ ବଦି
ଥିବାରୁ ସମସ୍ତେ ଯଦି ଗମି ଦୁଃଖରେ,
ଗତଗତ ପାପରାଶି ବସିଲ ଠାବରେ ନାଶି
ଏମନ୍ତ ନାମ ନ ଭାଷି କମ୍ପା ମୁଖରେ
ଗରୁମଣ ଏଡ଼େ ଉଶ୍ୱାସ,
ଗୀତା ଭାଗବତ ବୋଲେ ଦୃଢ଼ ବିଶ୍ୱାସ । ୩ ।

ଘେନାଲ୍ଲର ଦେହଗୋଠା ଯେତେହେଁ ଘନରସ ଫେଠା
ଦିନୁ ଦିନୁ ଯମ ଚୋଟା ନିକଟେ ପେଖ,
ଘନ ରସାବଳୀ ଧାମ ପୂରିଅଛି ସର୍ବକାମ
ହରେ ରାମ କୃଷ୍ଣ ନାମ କମ୍ପାଉପେଖ,
ଘଟିଗଲେ ଲଟସରଳ
ଘର ଦାରସୁତ ମିତ କପ କରଇ । ୪ ।

ଖେଡ଼—ଖେଳ

Source: KC Dash, Digitized by PPRACHIN, SOA

ନଳିଣୀ ଦଳରେ ଜଳ ପଡ଼ିଲେ ଯେସ୍ନେ ଚଳଳ
ତଦ୍ଧିଁରୁ ଅନ୍ତରଳ ଧ୍ରାଣ ନକର,
ମିଶେ ସସଙ୍ଗ ମେଳାଏ ଭବ ସିନ୍ଧୁକୁ ଡେଳାଏ
ଥରେ ନ କର ହେ ହେଳା ମୋ ବୋଲକରି,
ନିରନ୍ତରେ ନାମ ରତନ
ନେଇ କର୍ଣ୍ଣେ ଖଞ୍ଜି ଝଞ୍ଜି କର ଜଳ୍ପନ । ୫ ।

ଗୃହି ବେଦେ ସ୍ତୂମୀକୃତ କୃଷ୍ଣର ଏ ନାମାମୃତ
ଯେଉଁ ଲୋକ କରେ ଧୃତ ହୃଦପଦ୍ମରେ,
ଶଠ ମୂରଖ କାର୍ଯ୍ୟକରୁ ସବୁଠାରୁ ନାମ ବରୁ
ସଂସାର ଦୁଃଖରୁ ତରୁ ଥାଇ ସଦ୍ଗରେ
ଟାଳୁଛନ୍ତି ମୁନି ନାରଦ
ଚକ୍ରଧର ଭୂଧର ଶ୍ରୀଧର ବରଦ । ୬ ।

ଛାଡ଼ି ଦେହୁ ସର୍ବଦୋଷ କୃଷ୍ଣ କୃଷ୍ଣ କୃଷ୍ଣ ଘୋଷ
ମାନସରେ ହୋଇ ତୋଷ ଆନ ନ ରସ,
ଛାଡ଼ି ଏ ଶୁଦ୍ଧ ସୁବର୍ଣ୍ଣ ପିତ୍ତଳ ଭରିଲେ କର୍ଣ୍ଣ
କି ବୋଲିବେ ଲବ୍ଧ ବର୍ଣ୍ଣ ପଗୃର ରସ ।

ନଳିଣୀ—ପଦ୍ମ

Source: KC Dash, Digitized by PPRACHIN, SOA

କେତକୀ ଫୁଲ ଚଉତିଶା

କହନ୍ତି ପରମାନନ୍ଦ
କାଉଁଶମଣ୍ଡଳ ଉପରେ ଶୁଦ୍ଧ ଲୋ କେତକୀ ଫୁଲ,
କର ପାନ ମକରନ୍ଦ । ୧ ।

ଖୀନନାଦେ ସୁଧାଧାର
ଖସିପଡ଼ୁଛି କ ଈଶ୍ୱର ଶିର ଲୋ କେତକୀ ଫୁଲ
ଖାଇଲେ ହେବୁ ଅମର । ୨ ।

ଗୋଲହାଟେ ଗଳ ପଶ
ଗହଳ ଲାଗିଛି ବ୍ରହ୍ମଦେବସ ଲୋ କେତକୀ ଫୁଲ
ଚର୍ଜ୍ଜନ ହେଉଛି କସ । ୩ ।

ଘର ବାହାରଲୁ ମିଶା
ଘନଶ୍ୟାମଠାରେ ରଖ ଭରସା ଲୋ କେତକୀ ଫୁଲ
ଘରେ ରହିଥିବ ହଂସା । ୪ ।

ଊଆଁସ ନଶିରେ ଜହ୍ନ
ଊତ୍ତରପୂର୍ଣରେ କର ଦର୍ଶନ ଲୋ କେତକୀ ଫୁଲ
ଊଦପୂର୍ତି ନରଞ୍ଜନ । ୫ ।

ଚେତାଉଛି ନରନ୍ତରେ
ଚୋର ବନ୍ଦୀ କର ଗୃହ ଦୁଆର ଲୋ କେତକୀ ଫୁଲ
ଚମକ ପଡ଼ୁ ନଗ୍ରରେ । ୬ ।

ଛନକା ନୋହିବୁ ଭୁଦ୍ଧି
ଛଛନ୍ଦେ କହୁଛି ଗୁଡ଼ିବୁ ନାହିଁ ଲୋ କେତକୀ ଫୁଲ,
ଛନ୍ଦ ଅବନାକୁ ଧାପ୍ସି । ୭ ।

ଜାଗ ଜାଗ୍ରତ ମନ୍ଦର
ଜାଗିଲା ଘରେ ନ ପଶିବ ଚୋର ଲୋ କେତକୀ ଫୁଲ
ଜଗିଲେ ହେବୁ ଅମର । ୮ ।

ଗୋଲହାଟ । ମେରୁ ଶିଖରରେ ଅବସ୍ଥିତ-ଚକ୍ଷୁ ଉପରେ ତ୍ରିକୂଟ ଉପରେ
ଗୋଲହାଟ ।

Source: KC Dash, Digitized by PPRACHIN, SOA

ଝାଡ଼ବନେ ଫୁଲ ଫୁଟି
ଝୁରୁଅଛୁ ବାସ ତହୁଁ ପ୍ରକଟି ଲୋ କେତକୀ ଫୁଲ
ଫୁଲତଳେ ଫଳ ଗୋଟି ।୯।

ନୟନ ଛନ୍ଦଣି କାଟି
ଲୟ ଥୟ କରି ଗୁହାଁ ଲଲଟି ଲୋ କେତକୀ ଫୁଲ
ଢଶନ୍ତି କଳାସୁଏଟି ।୧୦।

ଠାଣପଣ ନ କରିବୁ
ଠେକ ନେହପଥ ଠାଳି ନ ଦେବୁ ଲୋ କେତକୀ ଫୁଲ
ଠିକଏ ରତ୍ନ ଦେଖିବୁ ।୧୧।

ଠାକୁର ସେ ନିରଞ୍ଜନ
ଠକ ଦାଢ଼ କଢେ କର ଦର୍ଶନ ଲୋ କେତକୀ ଫୁଲ
ଠାବ କରି ତାଙ୍କୁ ଚିହ୍ନ ।୧୨।

ଡିଙ୍ଗର ଭାବ ନ ଧର
ଡଙ୍କା ତରଇକ ଏକତ୍ର କର ଲୋ କେତକୀ ଫୁଲ
ଡାକ ଶୁଣି ହେବୁ ପାର ।୧୩।

ଢମପଣ ନ କରିବୁ
ଢଳ ଢଳ ରୂପ ନେତ୍ରେ ଦେଖିବୁ ଲୋ କେତକୀ ଫୁଲ
ଢାଙ୍କୁଣି ଫିଟାଇଥିବୁ ।୧୪।

ଅଣାକାର ଜ୍ୟୋତିବ୍ରହ୍ମ
ଅଣସ୍ତୁନେ ରତ୍ନ କର ଦର୍ଶନ ଲୋ କେତକୀ ଫୁଲ
ଅଖିଳ ସେ ନିରଞ୍ଜନ ।୧୫।

ତଳେ ନ କରିବୁ ହେଳା
ତପ ଜପ-ଗୁଡ଼ି ନ ଭଜ ମାଳା ଲୋ କେତକୀ ଫୁଲ
ତୋ ପାଶେ ତ୍ରିବେଣୀ ମେଳା ।୧୬।

ସ୍ଥିର କର ପାଞ୍ଚମନ
ସ୍ଥୂଳେ ଗୁଡ଼ ସୂକ୍ଷ୍ମ କର ଦର୍ଶନ ଲୋ କେତକୀ ଫୁଲ
ସ୍ଥକତ ହେଉ ପବନ ।୧୭।

କଳାସୁଏ—କୃଷ୍ଣ ।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଦିବ୍ୟଗନ୍ଧ ସମ କର
ଦାଉ ଦାଉ ଜଳେ ଦେହୁଡ଼ି ଘର ଲୋ କେତକୀ ଫୁଲ
ଦେଉଳେ ଦେବତା ବର । ୧୮ ।

ଧ୍ରୁବମଣ୍ଡଳ ତା ପୁର
ଧ୍ୟାନ କରୁଛନ୍ତି ସନ୍ଥଙ୍କ ଦ୍ୱାର ଲୋ କେତକୀ ଫୁଲ
ଧୂନି ଜାଗିଲେ ଅମର । ୧୯ ।

ମାଳା ଲଗିଅଛି ସନ୍ଧିଁ
ନରସୁରଙ୍କର ଅଗମ୍ୟ ଭୂଇଁ ଲୋ କେତକୀ ଫୁଲ
ନିର୍ବିକଳ୍ପ ନିର୍ଗମଇ । ୨୦ ।

ପଶି ନିଶିପାରୁ ଯେବେ
ପୁନର୍ପି ଜନମ ଲଭିବୁ ତେବେ ଲୋ କେତକୀ ଫୁଲ
ପରମାନନ୍ଦଙ୍କ ଭାବେ । ୨୧ ।

ଫୁଲପଣ କଲେ ତୁଚ୍ଛ
ଫୁକାବନ୍ଧଠାରୁ ନ ଯିବୁ ଡେଇଁ ଲୋ କେତକୀ ଫୁଲ
ଫେର ଆସିବୁ ଏ ମଞ୍ଚ । ୨୨ ।

ବଡ଼ ବଡ଼ ଯୋଦ୍ଧା ଗଲେ
ବଙ୍କନାଳଠାରେ ବଣା ହୋଇଲେ ଲୋ କେତକୀ ଫୁଲ
ବିରକତ ହୋଇ ମଲେ । ୨୩ ।

ଭକତଙ୍କୁ ମେଳ ବାଟ
ଭବେ ଭବ ହାଡ଼ ପାଇଲ ଭେଟ ଲୋ କେତକୀ ଫୁଲ
ଭକ୍ତଭବକୁ ନିକଟ । ୨୪ ।

ମରଣ ପଥକୁ ଆସ
ମଲା ଖାଇଲାକୁ ନ କର ଆଶ ଲୋ କେତକୀ ଫୁଲ
ମୂଳଟି ଅଟେ ବିଶ୍ୱାସ । ୨୫ ।

ଯମ ଅର୍ଗଳ ଜିଣିଲେ
ଯାଉଁଳ ବନ୍ଧ ତ୍ରିବେଣୀ ମଧ୍ୟରେ ଲୋ କେତକୀ ଫୁଲ
ଯୋଗମାୟା ଘାଟଠାରେ । ୨୬ ।

ପୁନର୍ପି—ପୁନରପି—ପୁଣି

Source: KC Dash, Digitized by PPRACHIN, SOA

ଳଙ୍କେଶ୍ୱରୀ ଯୋଗମାୟା
ଳମା ପ୍ରେମ କାମ ଯାହାର କାୟା ଲୋ କେତକୀ ଫୁଲ
ଭକତେ କରନ୍ତି ଦୟା । ୨୭ ।

ଲକ୍ଷ୍ୟ ଦେବାକୁ ଯେ ନାହିଁ
ଲକ୍ଷ ଲକ୍ଷ ଯୋଗୀ ଯାହାଙ୍କୁ ଧ୍ୟାୟି ଲୋ କେତକୀ ଫୁଲ
ଲେଉଟି ଆସନ୍ତି ଯାଇ । ୨୮ ।

ବ୍ରହ୍ମଶର ହସ୍ତେ ଧରି
ବସିଚ୍ଛି ତ୍ରିବେଣୀ ପଥ ଆବୋରି ଲୋ କେତକୀ ଫୁଲ
ବାଟ ନ ଛାଡ଼େ କାହାରି । ୨୯ ।

ଶ୍ରଦ୍ଧା ଭକ୍ତି ଯାର ଥାଇ
ସେ ଭକ୍ତମାନଙ୍କୁ ପଥ ଛାଡ଼ଇ ଲୋ କେତକୀ ଫୁଲ
ସେ ନିତ୍ୟେ ଦେଖନ୍ତି ଯାଇ । ୩୦ ।

ଷାମ ଋକ୍ ଯଜୁ ଆଦି
ଅଷ୍ଟବେଦ ପରେ ଯାହାର ଗାଦି ଲୋ କେତକୀ ଫୁଲ
ସେହି ସେ ଶୂନ୍ୟ ସମାଧି । ୩୧ ।

ସବେ ନ ଯାନ୍ତି ତହିଁକି
ସୁରମୁନେ ରନ୍ଧ୍ର ପଥ ପହିଁକି ଲୋ କେତକୀ ଫୁଲ
ଗୁରୁ ସେବିଲେ ପାଇକି । ୩୨ ।

ହଜ ସହଜ ସମାଧି
ହରି ବ୍ରହ୍ମା ଯାହା ନ ପାରେ ସାଧି ଲୋ କେତକୀ ଫୁଲ
ହୀରାମୟ ମଣିବେଦୀ । ୩୩ ।

କ୍ଷଣେ ହାଡ଼ କଲ ଠଣା
ମାତୃଗର୍ଭେ କରିଥିଲା କଲ୍ପଣା ଲୋ କେତକୀ ଫୁଲ
ରକ୍ତ ଛଡ଼ଆପାଟଣା । ୩୪ ।

ତ୍ରିବେଣୀ—ଗଙ୍ଗା, ଯମୁନା, ସରସ୍ୱତୀ—ଇଡ଼ା ପିଅଁଳା ସୁଷୁମ୍ନାର ମିଳନ ସ୍ଥାନ ।

Source: KC Dash, Digitized by PPRACHIN, SOA

ନନ୍ଦାବାଈ ଚଉତିଶା

କହେ ରାଧା ଶୁଣ ଦୂତୀ ! ମିତଣୀ !
କୃପା ଜଳଧି କୃଷ୍ଣ ଗୁଣ ଗୁଣି ।
କରିଛନ୍ତି ବିଜେ ଗୋପରେ ଆସି,
କମଳ ଭେଦ ମଞ୍ଜେ ଶୂନ୍ୟବାସୀ ।
କହିବି ତାହାଙ୍କ ଗୁଣ,
ବିଶ୍ୱରୂପ ଦେଖି ଭୁଲି ଯିବ ଆଖି
ଧନ୍ୟ ସେ ମମ ଜୀବନ ।୧।

ଖୋଜି ମୁନି ଯାକୁ ନ ପା'ନ୍ତି ଅନ୍ତ !
କ୍ଷଣିକ ଭାବକୁ ପାଇକି ମିତ ।
ଖଟିଲି ମୋ ମନ କଳା ରୂପକୁ,
ଖଞ୍ଜାଇ ରଖିଲି ବଙ୍କୁନାଳକୁ ।
ଖେଦେ ହେଲି ଅଚେତନ,
ଖୋଜଣ ତ୍ରିବେଣୀ- ମଧ୍ୟେ ଠାବକଲି
ଦେଖିଲି ମନ ପବନ ।୨।

ଗୁପତ କଥାଏ କହୁଛି ସଖୀ !
ଗୁରୁଗଉରବ କାହିଁ ନ କହି ।
ଗତ ଜନ୍ମେ ଯେଣୁ ମୋର ବିଶ୍ୱାସ,
ତେଣୁ କହିଲି ଜ୍ଞାନ ଉପଦେଶ ।
ଗଳିଲି ସୁଷୁମୁନାରେ,
ଗିର ଫୋଟେ ଗଜ ଗୁପତେ ରହିଛି
ସ୍ୱରୂପ କହିଲି ତୋରେ ।୩।

ଘୋଟିଛି ଅଛିଦ୍ର ରୂପେ ଅଶେଷ !
ଘେନ ବିସ୍ମର ମୁଁ ହୋଇଲି ତୋଷ ।
ଘଟଣ ରୂପ ଅଘଟଣୁ ଜାତ,
ଘେନ ଚଉଷଠି କଳା ସହିତ ।
ଘେନ ଅଣଗୃହ ବାଇ,
ଘେନବାର ମାନା ଉଦେ ହୋଇଅଛି
ଗୃହବେଦ ମଧ୍ୟେ ରହି ।୪।

Source: KC Dash, Digitized by PPRACHIN, SOA

ଓଁକାର ଭେଦ ହୋଇଛି ପ୍ରକାଶ !
ଊର୍ମଧୂର୍ମ ଜ୍ୟୋତ ଜାଳ ଭା ପାଶ ।
ଉଦେ ହୋଇଅଛି ଦେଖିଲ ସେହୁ,
ଓଁକାର ମିଶାଇ ଛୋଳଲ ବାୟୁ ।
ଓଳଟ ତରଙ୍ଗ ଧାର,
ଉଜାଣି ଟେଳ ପଶ୍ଚିମରେ ଥୋଇଲ
ଦେଖ ସଖି ଅଣାକାର । ୫ ।

ଗୃହଦ୍ୱାରେ ଛନ୍ତି ଗୁରୁ ପ୍ରହସ୍ତ !
ଗୁରୁ ବଚକୁ ସେ ଛନ୍ତି ଆବୋରି ।
ଚଉଦ୍ଦବନ ଧରେ ଗୁରୁ ପ୍ରହରେ,
ଗୃପି ପଶିଲ ପଶ୍ଚିମ କନ୍ଦରେ ।
ଗୃହଦ୍ୱାରେ ଅଷ୍ଟସଖୀ,
ଚେକା ତ ଦେଖିଲ ମୀଳ ବଦନରେ
ହୋଇଲ ବହୁତ ସୁଖୀ । ୯ ।

ଛଉ ଚକ୍ରେ ପରୁଶ ଅକ୍ଷର,
ଛନ୍ଦିଲ ମନ ବଙ୍କୁନାଳ ଦ୍ୱାର ।
ଛନ୍ଦ ବାରମାସା ବାୟୁ ରଖିଲ,
କ୍ଷମାନଧି ପାଦେ ଦର୍ଶନ କଲ ।
ଛନ୍ଦଣ ମୁଁ ସୂର୍ଯ୍ୟ ଦୁଇ,
ଛିଦ୍ର ନୁହଇ ଅଛିଦ୍ରେ ତରିଛନ୍ତି
କହିଲ ସଂଶୟ ନାହିଁ । ୭ ।

ଜାଗ୍ରତ ଭୁବନେ ପଣ ଝସାଇ,
ଯୋଗୀ ବସିଛନ୍ତି ଯାକୁ ଅନାଇ ।
ଜ୍ୟୋତସ୍ୱନନ୍ଦ ସହଜ ମୂରତ,
ଜାଗି ପାରଲେ ହୋଇବୁ ମୁକତ ।
ଯାହା ତ୍ରିଭୁବନେ ଧାଇ,
ଜାଗି ହେଉ କଲେ ଦର୍ଶନ ପାଇବୁ
କହିଲ ସଂଶୟ ନାହିଁ । ୮ ।

ଊର୍ମଧୂର୍ମ ଜ୍ୟୋତ ଜ୍ୱାଳା—ଏ ଗୁରୁ କଳା ମିଶାଇଲେ ବ୍ରହ୍ମଜ୍ଞାନ ହୁଏ ।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଜୀବନ

ଝରୁଛି ଅମୃତ ସୁଷୁମ୍ନାରେ,
ଝାପି ପଶିଲା ଚନ୍ଦ୍ରିମ କନ୍ଦରେ ।
ଝରମୂର୍ତ୍ତେ ହର ଅନ୍ତର୍ ବସି,
ଝରମାନ ଶିରେ ଚନ୍ଦ୍ରୁ ଖସି ।
ଝିନନାଳ ଛିନ ଧାର,
ଝର ତୋଳି ନେଇ ଚନ୍ଦ୍ରିମେ ଥୋଇଲେ
ଦେଖ ସଖି ! ଅଣାକାର । ୯ ।

ଞବ୍ରଣ ହୋଇ ନଗମରେ ପଶ,
ଞଶି ଦ୍ୱଦସେ ହୋଇଛି ପ୍ରକାଶ ।
ଞଷ୍ଟଳ ଆସନେ ବସି ଉହସି,
ଞସ୍ତଭି ଦୁଆରେ ଥିବୁ ତୁ ବସି ।
ଞର୍ମଳ ରୂପ ଦର୍ଶନ,
ଞର୍ମଳେ ପଶିଲେ ଦର୍ଶନ ପାଇବୁ
କ୍ଷୀଣ ମାର କ୍ଷୀର ବର୍ଣ୍ଣ । ୧୦ ।

ଟଳ ଟଳ କମ୍ପା ହେଉ ଲେ ସହ୍ମା,
ଟେକ ଟାଣେ ବାନ୍ଧ ତ୍ରିବେଣୀ ନଈ ।
ଟେକାଏ ନୋହିବୁ ଚଞ୍ଚଳ ମନ,
ଟେକଥିବୁ ଏକା ମନପବନ ।
ଟାଣି ଦଅ ହେବୁ ଗଣ୍ଠି,
ଟେକଥିବୁ ମନ ତ୍ରିବେଣୀ ଘାଟରେ
ହୁଡ଼ିଲେ ପଡ଼ିବୁ ଝୁଣ୍ଟି । ୧୧ ।

ଠୁଳ ହୋଇଅଛି ସଚରାଚର,
ଠୁଳ ଶୂନ୍ୟ ଦେଖ ତୋହ ଆଗର ।
ଠୁଳ ସମାଧିରେ ଗୃହୀଁ ମିଳଣୀ,
ଠିକେ ବ୍ରହ୍ମରୂପ ଦେଖିବୁ ପୁଣି ।
ଠାକୁର ଶ୍ରୀ ଦାମୋଦର,
ଠିକେ ଶରଣ ମେ ଦେବଙ୍କ ଚରଣେ
ନନ୍ଦାର ଏ ସତ୍ୟ ଗିର । ୧୨ ।

ଡମ୍ବରୁ ଭଡରେ ଛୁଆକୁ ଧର,
ଡେଇଁ ନ ଯାଉ ଡେଣା ଛେଦ ତାର ।

ସୁଷୁମ୍ନା—(ଯୋଗବୃଷସ୍ଥକ) ତନ୍ନାମକ ନାଡ଼ୀ ।

Source: KC Dash, Digitized by PPRACHIN, SOA

ଡଗର ଅଛି ଖର ସନ୍ଧିତରେ,
ଡବାଉଅଛି କାଳ ସ୍ୱରୂପ ରେ ।
ଡୋଳାକୁ ଡୋଳା ମଜ୍ଜାଅ,
ଡଙ୍ଗରସ ହେଲେ କ୍ଷୟ ନ ଯିବୁ ତୁ
ପଶ୍ଚିମେ ମନ ଗଞ୍ଜାଅ । ୧୩ ।

ଢଳୁଛି ଅମୃତ ସୁଷୁମ୍ନାରେ,
ଢେଉମାରୁଛି ପଶ୍ଚିମ କନ୍ଦରେ ।
ଢାଙ୍କୁଣି ଫେଡ଼ ତେଜ ସ୍ଥିର କର,
ଢଳୁଛି ହଂସ ରହୁ ସରୋବର ।
ଢୋଲ ଶବଦେ ବିନାଶ,
ଢାଙ୍କୁଣି ଫେଡ଼ ତୁ ଭିତରେ ପଶିଲେ
ପାଇବୁ ପରମ ହଂସ । ୧୪ ।

ଣ ଅଇଶ୍ୱର୍ଯ୍ୟ ରୂପ ମିଛଣୀ,
ଣ ଅକ୍ଷର ଏହୁ ଗଣ୍ଠି ଜାଣି ।
ଅଛି ଦ୍ୱାରେ ଜୟ ବିଜୟ ବେନି,
ଅଲେଖ ବିଦ୍ୟାରେ ଭଜ ମିଛଣୀ ।
ଅନୁକ୍ଷଣେ ଭାବେ ବାଇ
ଅଣେ ଅଇଶ୍ୱର୍ଯ୍ୟ ରୂପରେ ମିଛଣୀ
ତାର ବାସନା ତ ନାହିଁ । ୧୫ ।

ତ୍ରିବେଣୀ କୂଳେ ବ୍ରହ୍ମା ହରିହର,
ତନହେଁ ଲେଶ ନ ପାବନ୍ତି ଯାଇ ।
ତରିବୁ ଯେବେ ନ ଭବ ସଂସାର,
ତୋତେ ଲମ୍ଫକର ଅଛି ଶରୀର ।
ତ୍ରିବେଣୀର କଣ୍ଡିଆର,
ତରଳ ତେଜିଲେ ଭକ୍ତଙ୍କୁ ତାରନ୍ତି
ହେଲେ କରନ୍ତି ସେ ପାର । ୧୬ ।

ଥୟ କରି ତୋତେ କହୁଛି ସହି !
ଥକା ଘର ଏଟି ଫେରତେ ନାହିଁ ।
ଥାନ ଚିହ୍ନି ରହ ପଦ୍ମକେଶର,
ଥୟ ବୁଦ୍ଧିରେ ତୁ କଳ୍ପନା କର ।
ଥିବୁ କାଳେ କାଳେ ରହି,
ଥୋଇ ନିଭ ଧନ ଥୟ କର ମନ
ଚିହ୍ନି ନ ପାରୁ କମ୍ପାଇ । ୧୭ ।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଦେଉଳ ଭିତରେ ଦେବତା ଦେଖ,
ଦେଉଳ ବାହାରେ ଅଲେଖ ରେଖ ।
ଦେଖିବୁ ଯେବେ ତୁ ତୁଟାଅ ଆଶା,
ଦେଖ ତୁ କ୍ଷୁଦ୍ର-ଅକ୍ଷୁଦ୍ର ସରଶା ।
ଦୁଇ ମନ ନ ଧରିବୁ,
ଦୟାନିଧି ଭାବେ ତୋ ମନ ମଜ୍ଜିଲେ
ନିଶ୍ଚୟ ଭବୁ ତରିବୁ ।୧୮।

ଧ୍ୱନିର ଭିତରେ ଲଗାଅ ଲୟେ !
ଧବଳ ଜ୍ୟୋତି ସିଂହାସନ ଯାଏ ।
ଧବଳ କମଳ କୁଙ୍କୁମ କଳା,
ଧ୍ୟାନରେ ଦେଖ ଚଉଷଠି କଳା ।
ଧ୍ରୁବ ନକ୍ଷତ୍ରଲେ ଯହିଁ,
ଧ୍ୟାୟି ଯା ଈଶ୍ୱର ଅମର ହୋଇଲେ
ସେହି କଳାରୂପ ଚିହ୍ନି ।୧୯।

ନୟନେ ଦେଖି ନ ଚିହ୍ନୁଁ କେଣିକି,
ନୋହିବ ଲକ୍ଷେ ଚନ୍ଦ୍ର ସମ ଯହିଁକି ।
ନୀଳ ଶେଯ ପ୍ରାୟ ବଦନ କଳା,
ନୀଳେନ୍ଦୀବର ଶ୍ୱେତ ପଦ୍ମଡ଼ୋଳା ।
ନବ ମୁକୁତା ନାସାରେ,
ନବୀନ ମୂରତି ଦର୍ଶନ ପାଇବୁ
ବାଳମୁକୁନ୍ଦ ରୂପରେ ।୨୦।

ପରମାନନ୍ଦ ଗୋ ପଦ୍ମ କେଶରେ,
ପ୍ରକୃତି ତିନି ବାର ଯେ ଶୂନ୍ୟରେ ।
ପଦ୍ମ ବିକାଶୁଛି ସରବ ପରେ,
ପୂର୍ବୁ ଲେଉଟି ପଶ ପଶ୍ଚିମରେ ।
ପାଇବୁ ପରମ ଗତି,
ପୁଷ୍ପ ବେଢ଼ି ମଧୁ- କର କରେ ଲୀଳା
ଯହିଁ ନାହିଁ ଦିବା ରାତି ।୨୧।

ଫୁରୁଣା ନୋହି ବଙ୍କୁନାଳେ ପଶ,
ଫୁଟି କମଳ ହୋଇଛି ପ୍ରକାଶ ।
ଫୁଲ ଲାଗିନାହିଁ ଫଳ ଦେହରେ,
ଫଳ ପାଚିଲେ ଫୁଲଗୋଟି ଝଟରେ ।

Source: KC Dash, Digitized by PPRACHIN, SOA

ଫଳ ଫୁଲ ଏକ ଦେହୀ,
ଫୁଲକୁ ଚିହ୍ନିଲେ ଫଳ ତୁ ପାଇବୁ
କହିଲ ସଂଶୟ ନାହିଁ । ୨୨ ।

ବଟମୂଳେ ଲୀଳା କରେ ଶ୍ରୀବତ୍ସ !
ବଟ ଭେଦନ୍ତୁ ପୃଥ୍ୱୀ ନବ ଲକ୍ଷ ।
ବାର ମାସା ଭେଦ ବଟର ଠଣା,
ବ୍ରହ୍ମାଦି ଶିବ ଯହିଁ ହୋନ୍ତି ବଣା ।
ବଟ ବନୋଦିଆ ହରି,
ବାସନା ଲୋକର ବୋଲକୁ ଶୁଣନ୍ତି
ଲକ୍ଷ ମାୟା ଦୂର କରି । ୨୩ ।

ଭବ ବନୋଦିଆ ଭବରେ ବାନ୍ଧ !
ଭୃଙ୍ଗ ଯେହ୍ନେ ସବୁ ମଧୁ ଦେନଇ ।
ଭକ୍ତଜନଙ୍କୁ ସମତୁଲ କରି,
ଭବେ ଅଶେଷ ଭକ୍ତଙ୍କୁ ନିସ୍ତାରି ।
ଭକତ ବାନ୍ଧବ ହରି,
ଭଜଇ ଶ୍ରୀଗୁରୁ ଚରଣ-କମଳ
ନନ୍ଦା ଅରକ୍ଷିତ ଧରି । ୨୪ ।

ମନ ମତ୍ତଗଜ ଜ୍ଞାନ ଆଙ୍କୁଶ
ମଣି ଦେଇଥିବୁ ଏହି ସନ୍ଦେଶ ।
ମଞ୍ଜନ ହୋଇ ବଙ୍କୁନାଳେ ପଶି,
ମାୟା ନ କରି ହେଳାକର ନାଶ ।
ମୁକତି ମଣ୍ଡପେ ରହି,
ମଣିମୟ ରତ୍ନ ସିଂହାସନ ପରେ
ବିଜେ ତ୍ରୈଲୋକ୍ୟ ଗୋସାଇଁ । ୨୫ ।

ଯେବେ ଦର୍ଶନ ପାଇବୁ ମିତଣୀ !
ଜଞ୍ଜାଳ ତେଜି ଧରି ଗୁରୁ ବଣୀ ।
ଜନମ ଜଠରେ ଯେଉଁ ହେତୁରେ,
ଜାଗି ରହିଥିଲୁ ତୋହର ମୁଖରେ ।
ଜାଗ୍ରତ ଭୁବନେ ଧାୟି
ଜାଣି ହେତୁ କଲେ ଦର୍ଶନ ପାଇବୁ
କହିଲି ସଂଶୟ ଫେଇ । ୨୬ ।

Source: KC Dash, Digitized by PPRACHIN, SOA

ରଉଛି ଶୂନ୍ୟ ନ ଦିଶଇ ପଥ,
ରହସ୍ୟ ଜ୍ଞାନୀଙ୍କ ସୁଧୀ ସ୍ୱରୂପ ।
ରେଖ ରୂପ ଦୁଇ ଯାହାର ନାହିଁ,
ରହିଛନ୍ତି ଶୂନ୍ୟେ ଚାହିଁ ତୁ ଧାୟି ।
ରହସ୍ୟେ କହିଲି ତୋତେ,
ରଙ୍ଗିମା ଅଧରେ ଭକତ ଭାବକୁ
ଯାହା କହିଲେ ସେ ମୋତେ । ୨୭ ।

ଲକ୍ଷ୍ୟ କରିଥିବୁ ତୁ ପୁଣ୍ୟଗିରି,
ଲହରୀ ଧାର ରଖ ସ୍ଥିର କରି ।
ଲେଉଟି ଚାହିଁ ପଶ୍ଚିମରେ ପଶି,
ଲିଙ୍ଗ ରୂପି ପଦ୍ମ ଆସନେ ବସି ।
ନଷ୍ଟଳରେ ଧ୍ୟାନ କରି,
ନଷ୍ଟସ୍ପ ଜୀବନ ସର୍ବଘଟେ ରହି
ଭେଦଣ ବ୍ରହ୍ମ ଗଣ୍ଠିର । ୨୮ ।

ବହୁଅଛି ଯହିଁ ମନପବନ,
ବହ୍ନିନରୁଦ୍ଧା ଅଗ୍ନି କୁଣ୍ଠ ସ୍ଥାନ ।
ବାସୁକି ଶିରରେ ନାଡ଼ି କର୍ଣ୍ଣିଚ,
ବାସନା ପୁଷ୍ପରେ ଚାହିଁ ରହିଛି ।
ବିଶ୍ରାମ ଗିରି ଶିଖରେ,
ବାହୁଅଛି ନାବ ମଙ୍ଗରେ ବସିଣ
ତ୍ରିବେଣୀ ନଦୀର ତୀରେ । ୨୯ ।

ସୁଷୁମ୍ନା ଦ୍ୱାରେ ପଶ୍ଚିମ ବାଟ,
ସହଜେ ଜଗିଛନ୍ତି ବେନି ଖଣ୍ଡ ।
ଶ୍ୱେତ ପୀତରଙ୍ଗ କଳା କୁସୁମ,
ସବୁ ଯେଉଁଠାରେ ହୋଇଛି ସମ ।
ଶିଶୁବେଦ ନାମ ଚାର,
ଶ୍ରୀଗୁରୁ ଆଜ୍ଞାରେ ଅଜପା ଜପ ତୁ
କର୍ଣ୍ଣିକା ତଳ ଉପର । ୩୦ ।

ସହସ୍ରଦଳ କମଳ ଉପରେ,
ସକାର ନାମ କାରଣ କର ରେ ।
ସାମ ଋକ୍ ଯଜୁ ଅଥର୍ବ ଚାରି,
ସଙ୍ଗତେ ଅଛନ୍ତି ଅଷ୍ଟପ୍ରହରୀ ।

Source: KC Dash, Digitized by PPRACHIN, SOA

ସତ କହୁଅଛୁ ତୋତେ,
ସ୍ୱରୂପ ଭୁଞ୍ଜ ତୋତେ ନଜ ମିତଣୀ
କୃଷ୍ଣ ସଙ୍ଗେ ଦେଖ ମୋତେ । ୩୧ ।

ଶୁଣି ତ ସନ୍ତୋଷ ହେଲେ ଦୂତିକା,
ଶତ ପ୍ରଣାମ ରାଧା ପାଦେ ଏକା ।
ସନ୍ତୋଷେ ଶୁଣିଲେ ଜ୍ଞାନର ବାଣୀ,
ସ୍ନବୁଦ୍ଧି ଚଢ଼େ ହେଲେ ଠାକୁରାଣୀ ।
ତରକ ନ କର ମନ,
ସତେ କଳାକୃଷ୍ଣ ଅଙ୍ଗ ପ୍ରକାଶିଲେ
ଦେଖିଲେ ଦୂତିକା ପୁଣ । ୩୨ ।

ହରଷ ହୋଇଲେ ଦୂତି ମିତଣୀ,
ହୃଦୟ କମଳେ ହରିଙ୍କି ଗୁଣି ।
ହରିବ୍ରହ୍ମା ଲୟ କରନ୍ତି ଯାକୁ,
ହେତୁ ଭିତରେ ଲୁଚାଇଲେ ତାକୁ ।
ହରଷ ଶୁଣି ଦୂତିକା,
ହରଷ ହୋଇଲେ ବ୍ରହ୍ମଜ୍ଞାନ ଶୁଣି
ଗୁଚିଲେ ମନରୁ ଶଙ୍କା । ୩୩ ।

ସ୍ୱଛନ୍ଦେ ନମି ଶ୍ୟାମନିଧି ପାଦେ,
ଘୁର ରଙ୍ଗରେ ଭରିବୁ ଆନନ୍ଦେ ।
ସ୍ୱଛନ୍ଦେ ଜ୍ୟୋତିବ୍ରହ୍ମ ପ୍ରକାଶ,
କ୍ଷଣେ ଚଳିଗଲେ ଆପଣା ଦେଶ ।
କ୍ଷମାଚରଣ କମଳେ,
ଘୁର ନନ୍ଦାବାଣ ସୁଧାରେ ବୁଡ଼ିଲା
ମଧୁମକରନ୍ଦ ଭୋଳେ । ୩୪ ।

Source: KC Dash, Digitized by PPRACHIN, SOA

ଭୂପତିଙ୍କ ଦୃଷ୍ଟାନ୍ତର ଚଉତିଶା

(ରାଗ—ବଙ୍ଗଳାଶ୍ରୀ)

କହରେ ଦୂତି ରାଧିକା କର ଧରି କୃଷ୍ଣର ବିରହ ଦୁଃଖ,
କେଉଁ ଦୋଷକୁ ରୋଷ କରି କାନ୍ତକୁ କଲୁ ତୁ ଏଡ଼େ ବିମୁଖ ।
କେସେ କାହାକୁ କେତେଦୂର ଅନ୍ତର ଏହା ନ ବିଚାରୁ ମନେ,
କଞ୍ଜ କୁମୁଦକାନ୍ତ ରବି ଚନ୍ଦ୍ରମା କହନ୍ତି ଜଗତ ଜନେ ।
କାନକଠା କାଠ କା କାନ କାଟିଛି କେହି ନ କରେ ବିବେକ,
କଳଙ୍କ ଦିଅନ୍ତି ଅକଳଙ୍କ ଜନେ ଏହି ରୂପେ ଅବିବେକ ।
କଲେ ହେଁ ଦୋଷ ନିଜ ଦାସେ କରିବା ଭୟ ଦେଖାଇ ସଦୟେ,
କଠିଣ କୋମଳ ବାହ୍ୟଜ ଅନ୍ତରେ ଉଦଗ୍ର ଫଳ ପରାୟେ । ୧ ।

ଖେଚରୀ ଭଲେ ଭଲଲୋକ କହନ୍ତି ଷେତ୍ରପତି ଆଶ ଗୃହୀଁ,
ଖାର ସମୁଦ୍ର ସଙ୍ଗମେ ଗଙ୍ଗା ଯେହ୍ନେ ଲବଣଭାବକୁ ବହି ।
ଖଣ୍ଡ୍ରୀଁ ଖଣ୍ଡନ କରେ ପ୍ରାଣୀ ପ୍ରାଣ କୋଚିଲା ସଙ୍ଗତେ ଜଡ଼,
ଖାଉଥାଇ ଯେହ୍ନେ କୋକିଳକୁ ଭକ୍ଷ ବାୟସ ବିବଶେ ପଡ଼ ।
କ୍ଷୀର ନୀର ଯେହ୍ନେ ଅଭେଦ ପୀରତି ଖଳ ମିଶିଗଲା ଛଡ଼,
ଖଚ ଗୋବିନ୍ଦ ବିଷୟରେ ପଡ଼ିଲେ ଗୁରୁ ପ୍ରଭୁଙ୍କୁ ହିଁ ଛୁଡ଼ି ।
ଖଣ୍ଡିଏ ଲେମ୍ବୁଜ ମିଶିଲେ କର୍ପୂର ପଡ଼ି ଗରଳ ସରି,
ଖଳବୁଦ୍ଧି ବଳେ କ୍ଷଣକେ ନାଶିଲା ମାନଗୋବିନ୍ଦର ଶିରୀ । ୨ ।

ଗୁପତ ମୃଡ଼ ପୀରତି ଦୂର କର କଟାକ୍ଷ ଥାଉ ତୋ ଦୂରେ,
ଗ୍ରୀଷମ ଋତୁ ରବି ପ୍ରାୟେ ପଦ୍ମକୁ ରାଗେ ନ ଗୃହ୍ନିଲୁ ବାରେ ।
ଗାଳି ହିଁ ଦେଇ କଥାଏ ନ କହିଲୁ ଗୋବିନ୍ଦ ଏହା ତୋ ଦୋଷେ,
ଗର୍ଜନ ବଜ୍ରପାତ ମୁଖ ଗୃତକେ ଯେବେ ତୋପିଏ ବରଷେ ।
ଗୁଣଗ୍ରାହୀ ହୋଇ ଦୋଷଗ୍ରହ କଲୁ ଭୃଙ୍ଗରୁ ହେଲୁ ଜଳୁକ,
ଗାଢ଼ ସମ୍ପଦ ବୁଡ଼ ପୋଡ଼ିଗଲେ ହେଁ ଗୁଡ଼କ ପାଣି ପାବକ ।
ଗଣ୍ଡି କଲେ ହରି ପୀରତି ହୀର ତୋ ଅଙ୍ଗଭଙ୍ଗ ପୁରାତନ,
ଗଳାରେ ରଖୁ ରଖୁ ହେଲା ମଳିନ ସ୍ଫଟିକ ମାଳ ଏଧନ । ୩ ।

କଞ୍ଜ—ପଦ୍ମ

Source: KC Dash, Digitized by PPRACHIN, SOA

ଘୁଣାକ୍ଷର ପ୍ରାୟେ ଦୋଷ ଯେବେ ହେଲା ଘେନ ଥିବୁ ନକ ଚାହିଁ,
ଘଷିକଷି ହେମ ଘେନଲେ ହେଁ ତାକୁ କମାରଶାଳେ ନ ଦାହି ।
ଘୋଷୁଥାଇ ତୁମ୍ଭ ଦୁହିଁଙ୍କ ପୀରତି ସୁଧାସିନ୍ଧୁ ଅପ୍ରମିତ,
ଘଡ଼ିକେ କୁମ୍ଭଜ ପ୍ରାୟେ ଚଳୁ କରି ଆଚମନ କଲୁ ତୁ ତ ।
ଘେନଥିଲୁ ଶଠା ଶଠାଇଲ ଶଠ କରି ହୃଦରେ ଯାହାକୁ,
ଘେନଲ ଫୁଲ ପ୍ରାୟେ କଲୁ ଘଡ଼ିକେ ଏତେ ଅନ୍ତର ତାହାକୁ ।
ଘଟ ଜଳରେ ଚନ୍ଦ୍ର ପ୍ରାୟେ ତୋହର ଘେନାଘେନ ଅନୁଭବ,
ଘଡ଼ି ଅର୍ଦ୍ଧେ କେତେ ଡେରିଗ ବୃତ୍ତାନ୍ତ ଯେସନେ ପଶ୍ଚିମ ରବି । ୪ ।

ଉର୍ଦ୍ଧ୍ୱ ନିଃଶ୍ୱାସ ଗୁଡ଼ି କୃଷ୍ଣ କହିଲେ କଲା ବୋଲି ଅବା ମୋତେ,
ଅନ୍ତର କଲ ଏତେ ଦୂରେ ଗଉରୀ ଅଣହେଲା କରି ଶତ୍ରେ ।
ଅମିୟକର ହ୍ରଦପୁରେ କେଉଁ ତା ଉମାପତି କଣ୍ଠେ ବସ,
ଅଙ୍ଗୀକାର କରି ମହତ୍ତ୍ୱ ନ ଗୁଡ଼େ ହେଲେ ହେଁ କଳଙ୍କ ବିଷ ।
ଏହାକଥା ତାଙ୍କ ଗୁମୁରେ ଦୂଷି ତୁ କହିବୁ ବିନୟ କରି,
ଅଙ୍ଗୁଳି ଅଧିକ ହେଲେ ହେଁ ଅଶୋଭା ଭ୍ରମରେ କି ପରିହରି ।
ଉରଗ ଶାବକ ପୋଷେ ନ ବିନାଶି ଅନୁଗତ ଜନେ ବଧ,
ଆଖି ପ୍ରାୟେ ହୋଇ କମାଇ କରିଛୁ କଳଙ୍କ ଭୁର୍ଗଣେ ସଧ । ୫

ଚତୁରବର ଶତ୍ରୁଘ୍ନର ତୁରିତ ତୋ ଆଗେ ଚତୁର କଥା,
ଚଣ୍ଡକର ଆଗେ ଖଦ୍ୟୋତ କିରଣ ପ୍ରକାଶ କରିବା ଯଥା ।
ଚମିକର ରେଖ ଚହଳ ଚକ୍‌କଣ ରସ ଆଗେ କହିବ କବା,
ଚିନ୍ତାମଣି ଆଗେ ପରଶ ପ୍ରତାପ ଏସନ ନ ପାଇ ଶୋଭା ।
ଚନ୍ଦ୍ରକୁ ଯେସନ ଜଳଚର ମୀନ କ୍ଷୀରସିନ୍ଧୁ ସଙ୍ଗେ ଗଣି,
ଚେତନାସ୍ଥାନେ ଆମ୍ଭେ ତୁମ୍ଭ ଦୁହିଁଙ୍କି ଗୋପସୁତ ସୁତା ମଣି ।
ଚତୁର୍ଦ୍ଦଶ ଲୋକେ ଯେଉଁ ଦୁହିଁଙ୍କର········ବାକୁ ନାହିଁ,
ଚହଲାବିକାଳ ଗଉଡ଼ୁଣୀ ଗୁଆଳୀ ଆମ୍ଭେ ତା ଜାଣିବୁ କାହିଁ ? । ୬ ।

ଛଇଳ ପ୍ରାଣ ପବନ ପନ୍ନଗ ଏ ମାନମଣି କଲୁ ଯହିଁ,
ଛେଳି ପୋଷିଲଠାରୁ ଜାଣି ମାଳୀର ଫୁଲରେ ଶରଧା ନାହିଁ ।
ଛପନ କୋଟି ଜୀବଙ୍କର ଜୀବନ ପାଣି ପବନ ତ··· ··· ···,
··· ··· ··· ··· ···ପ୍ରତାପ ନାଶ ଦୋଷ ନକ ଘେନ ।
ଛଦଶ କଲ ସମ୍ପୂର୍ଣ୍ଣ ଚନ୍ଦ୍ର ଉଦେ ଜଗତ ନେବ ସମ୍ପତ୍ତି,
କ୍ଷୀଣ ନଳିନ କଲ ଦୋଷେ ନନ୍ଦିବା ସଜନୀ ରଜନୀପତି ।
କ୍ଷଣେ କ୍ଷଣେ ସବୁ ସୁମନମାନଙ୍କୁ ମନୋହର ମଧୁହର,
ଗୁଡ଼ିଲ ଚମ୍ପା ଏ ଦୋଷେ ପଦ୍ମମାଳ ଗୁଡ଼ଇ ଭ୍ରମରବର । ୭ ।

କୁମ୍ଭଜ—ଅଗସ୍ତି ଋଷି; ଉରଗ—ସାପ; ଚହଲା—ଘୋଳଦହି ।

Source: KC Dash, Digitized by PPRACHIN, SOA

ଜଳମୀନ ପ୍ରାୟେ ଏକାତ୍ର ପୀରତି ଯାହା ଦେଖୁଛୁ ସ୍ୱରୂପ,
ଜୀବନ ତ୍ୟାଗ ମୀନ ଜଳ ଅନ୍ତରେ ଜଳର କି ଭ୍ରୂକ୍ଷେପ ?
ଜଳଜପଙ୍କ ଶୁଖିଲେ ପ୍ରଫୁଲ୍ଲିତ ନୁହେଁ ପଦ୍ମବନ୍ଧୁ ଦେଖି,
ଜୀବନଦାତା ଜୀବନଗ୍ରାହୀ ହେଲେ ଜଗତେ କେ ପାରେ ରଖି ?
ଜୂଆକାର ଯେହ୍ନେ ପରଧନ ଲୋଭେ ଯତନେ ହାରଇ ମୂଳ,
ଯୁବତୀ ଷୋଳସହସ୍ର ମଧ୍ୟେ କୃଷ୍ଣ ତୋ ବିନୁ ଅଛି ଆକୁଳ ।
ଜାହ୍ନବୀ ଅବା ନାନାବ୍ଧି ତୀର୍ଥଜଳ ନିକଟେ ଥାଉଁ ଚାତକ,
ଜଳଦଜଳ ଟୋପି କି ଆଶ୍ରେକରି ଅନ୍ତରତରେ ତୃଷିତ । ୮ ।

ଝାସର ଯେସନେ ପତଙ୍ଗ ପ୍ରଦୀପ ସ୍ୱରୂପଲୋଭୀ ଲୋଚନ,
ଝଲାଇ ଚିତ୍ତ ପରବନ୍ଧୁ ଧଙ୍ଗେ ମହତ ହତ ତେସନେ ।
ଝାସି କୂପଜଳେ ମିଥ୍ୟା ଆରରସେ ମୃଗରାଜ ମଲା ବୁଡ଼ି,
ଝାଡ଼ି ମୃଗ ଯେହ୍ନେ ଶର ନ ହଜିଲା ଶ୍ରବଣ ଲାଳସେ ପଡ଼ି ।
ଝସ କୃଷ୍ଣକୁ ତୋ ଅଧର ଆହାରେ କଟାକ୍ଷ ବଣ୍ଣୀ ପୂରେଇ,
ଝସକେତନ ହାତେ ଦେଲୁ ବରହ ବଡ଼ିସିଝା ଠୀକା ନେଇ ।
ଝଡ଼ଇ ନେହ ସୁରସ ଦାରୁ ଯେହ୍ନେ ଆଉକ ପଡ଼ି ପାବକେ,
ଝମଣେ କୃପା ନ କରି ବଧିକଲୁ ଚିହ୍ନାଟଣେ ପ୍ରାୟେ କି କେ । ୯ ।

ନାଗରନଗୀ ନଆଁ ନାଗ ନରେନ୍ଦ୍ରକୁ ନିରନ୍ତରେ ଥିବ ଦୟା,
ନିମିଷ ଅନ୍ତରେ ଓପ୍ରୋଧ ଶୁଢ଼ି ଏ ନିଷ୍ଠୁରେ କରନ୍ତୁ ଊକା ।
ନୟନ ପିତୁଳୀ ନୁହେଁ ଦୃଷ୍ଟିଙ୍କର କରି ନିମେଷ ଦର୍ଶନେ,
ନିଷ୍ଟେ ଜାଣିଲି ତୁମ୍ଭ ତାଙ୍କ ପୀରତି ଚନ୍ଦ୍ର ଚକୋର ଯେସନେ ।
ନିଗଣ ନିର୍ଦ୍ଧସ୍ତ ନାରୀଙ୍କ ପୁରୁଷ ବିନାଶ ସୀମା,
ନଳ ରାବଣ ବାଳି ବାଣା ରୁକ୍ମଣ ଇନ୍ଦ୍ର ଚନ୍ଦ୍ର ବିଷ୍ଣୁ ବ୍ରହ୍ମା ।
ନାରୀମାନେ କାହାକୁ କି·········ରୂନ୍ଧିଲେ ବାନ୍ଧିଲେ ଜୂଡ଼ା,
ନାଗ ନାଗଜ ନାରୀ ଯେତେ ସୁନ୍ଦର ସେତେ ତହିଁ ଧରବୁଡ଼ା । ୧୦ ।

ଟାଣ କହୁଥାଅ ଅଟଳ ପଗଏ ନ ଟଳିବ ଆମ୍ଭ ଚିତ୍ତ,
ଟିକାକେ ମାନ ମହତ୍ତ୍ୱ ପତିବ୍ରତ ଟାଳିବ ମୁରଲୀ ଗୀତ ।
ଟାଣ······କେବା ତୋ ନାମ ଧରିବ ରକାର ଉଚ୍ଚାର ମଣି,
ଟଙ୍କଧର ପର ଆବେଶେ ପଡ଼ନ୍ତୁ ଟୋପଟିକର ନ ମଣି ।
ଟଳ ଟଳ ହୋଇ ଟଳି ପଡ଼ୁଛନ୍ତି ଦେହରେ ଚେତନା ନାହିଁ,
ଟିକାଏ ଚେତି ମୁରଲୀ ମୁଖ ହେଲେ ଦୂତୀ ଯାଏ କଥା କାହିଁ ।
ଟଙ୍କି··· ରାଜ ଦେବାଯାଏ ହେମ କମ ଏକ ଲୀନା,
ଟେକି କହୁଥାଇ ନାଉଡ଼ି କି ଖଇ ପାରି ହେବାଯାଏ ସିନା । ୧୧ ।

Source: KC Dash, Digitized by PPRACHIN, SOA

ଠକ ଶିରୋମଣି ରମଣୀମଣି ତୁ ଠାବ କଲୁ ସେଦ୍ୱାଦନ୍ନୁ,
ଠାର କୃଷ୍ଣକୁ କୁଞ୍ଜବନେ ରମିଲୁ ରତ୍ତ ଚିହ୍ନ ଚନ୍ଦ ତନୁ ।
ଠେ·················ଠି କନକରେଖ କୁଚେ,
ଠୂଳ ନଜନର ଲୁଗୃଇଲେ ନକ ଧାଇଁ କ ନତମ୍ବ.ଲୁଚେ ।
ଠାକୁରାଣୀ ସାନ ହେଲେ ହେଁ ବଡ଼ ତୁ ମୋ କୋଳେ ହେଲେ ନାଉଳ
ଠକ କଥା ଏତେ କାହୁଁ ଶିଖିଅଛୁ କାଲ···ଖଡ଼ାଉଳ ।
ଠାବେ ଠାବେ ତୋର ପାଦମଦ୍ମ ଚିହ୍ନ ବାଳକୁଦରେ ଅନାଇ
ଠୂଳ ପ୍ରେମଭରେ ଅନଙ୍ଗ ଆତୁରେ ଚୁମ୍ବନ କରେ କହ୍ନାଇ । ୧୨ ।

ଡହକ ହେମାଙ୍ଗୀ କୃଷ୍ଣଚନ୍ଦ୍ର ପାଖେ ଡେଉର କୁଚ କୁମ୍ଭ ଡମ୍ଭ,
ଡମ୍ବରୁ ସରୁ ମଝାଗୁରୁ ସୁନ୍ଦର ବସନ ଭୂଷଣ ଶୋଭା ।
ଡୋଳେ ମୃଗ ମୀନ ଖଞ୍ଜନ ଗଞ୍ଜନ ରଞ୍ଜନ କରନ୍ତି ଚିତ୍ତ,
ଡେଉଲ ରନ୍ଧ୍ର ଚଞ୍ଚୁଘ ମଧେ ଯେହ୍ନେ ପଡ଼ିଲା କୋକିଳ ମତ୍ତ ।
ଡୋଳେ ଶୁଖିଲା ପଲ୍ଲବ ପ୍ରାୟେ ତନୁ ବିଗ୍ରହ ଭଗ୍ନ ଅନଳ,
ଡମ୍ବରୁଧର ମଦନ ସମ କରି ଦେଉନାହିଁ ନେନ୍ଦ ଜଳ ।
ଡେଉରି ଶ୍ରୁତି ଯାର ମୂରଲୀ ସ୍ୱନକୁ ଡର ଗୁଡ଼ ପଶୁ ବନେ,
ଡଶି ଅନଙ୍ଗ ଡର ଜରଗ ଭସୁ ଡାକ ନ ଶୁଣୁ ଶ୍ରବଣେ । ୧୩ ।

ଢଗଡ଼ମାଳ·········ବାଳ
ଢାଳେ ଜଗ ନାହିଁ ସ୍ଥଳ ମୀନ ପରେ ମଧୁରସ ଯେହ୍ନେ ଢାଳ ।
ଢୋକଇ ନାହିଁ ତୃଷିତ ଶାମୁକ ସେ ପୟୋଧି ପୃଷ୍ଠିତ ଜଳ,
ଢାଳେ ସ୍ୱାତି ଜଳ ଆଶାରେ ଆଶ୍ରିତ ମନୋରଥ ମୁକ୍ତାଫଳ ।
ଢଳ ଢଳ ହୋଇ ଢଳନ୍ତେ ଢାଙ୍କୁଣୀ ପଡ଼ିଲା ପଦ୍ମଲୋଚନେ,
ଢାଳେ ବୋଝ କଥା ମୁଣ୍ଡକୁ ଲଗଇ ଢିଗବାଡ଼ ଆମ୍ଭେମାନେ ।
ଢମ ପ୍ରାୟେ ମଣି ଏତେ ସବୁ ଶୁଣି ଢଳଇ ନାହିଁ ତୋ ମନ,
ଢୋଲ ବଜାଇ କହୁଛୁ ମୋର ଦୋଷ ନାହିଁ ତୁ ଘେନ ନ ଘେନ । ୧୪ ।

ଅ.ଣୁ ତୁଲା ଅଂଶୁ ନାସାପୁଟେ ଦ୍ୟନ୍ତେ ଚଳାଚଳ ସନ୍ଧି ଦେଖି,
ଅଣ ସୁଖ ହୋଇ ଧାଇଁ ମୁଁ ଅଇଲି ମନ ତାଙ୍କ ପାଖେ ରଖି ।
ଅଣହେଲା କଲେ ଆଜ୍ଞ ନ ପାଇଟି ଏବେ ହେ ଗୃଲ ବଦନ,
ଅନଙ୍ଗବ୍ୟାଜ କ ଅମୋଘ ଔଷଧି ଅଧର ପାନାଳିଙ୍ଗନ ।
ଅନୁପାନ ଗୃରୁ ଚୁମ୍ବନ ତହିଁକି ଆନ ଉପାୟ ନ ଦେଖି ।
ଆଣି ଲଗାଅନା ଟିକାର ଷଡ଼ରସ ବଟିକା ଦେଇ ରେ ସଖୀ ।
ଅନେକ ବାଳା ବଇଦ ବସିଛନ୍ତି······ଲେ ଶାନ୍ତ କର,
ଏଡ଼ଶଶାଙ୍କ ଏ···ଉଡ଼ୁଗଣେ କ କେବେ ପାରନ୍ତି ତମିର ହର । । ୧୫ ।

Source: KC Dash, Digitized by PPRACHIN, SOA

ତୃଷା ତନୁ ତାପ ପାପ ହରଣୀ କା ତନଧାର ତନପୁରେ,
ତହିଁ ରାଜହଂସମାନଙ୍କର ଯେସନ୍ତେ ମାନସରୋବର ଜଳେ ।
ତରଳ···ବୁ ଫୁଲ···ଷଣେ···ଧେ,
ତୀକ୍ଷ୍ଣ ଦାଢ଼ ଥାଉ ବଢ଼ୀ ଟେଣ୍ଡଇ ସେ ପଦ୍ମ ହେମ ଜପବୋଧ ।
ତିଳ ଫୁଲ ପ୍ରାପ୍ତ ସ୍ନେହ ଜାଣିଥିଲି ତନୁ ଅନ୍ତରେ ହୋଇ ଥିବ,
ତୃଣ ତୃଷାର ସଙ୍ଗ ପ୍ରାପ୍ତେ କେ ଜାଣେ···ଜୀବ ।
ତେତେଣ୍ଡ଼ି ମହାରାଜା ସମ୍ପତ୍ତିରେ ରାମ ଦ୍ୱିକ୍ଷୟେ ଗମନ କଲେ,
ତହୁଁ ଅଧିକ ତୋର ବନ୍ଧେ ବନ୍ଦିକ ତୋବଦ ଗୋପୀମଣ୍ଡଳେ । ୧୬ ।
ଥରେ ଚନ୍ଦ ଫୁଲେ ଭ୍ରମିଲେ ଭ୍ରମର ଥଏ କଣ ତା ନ ଘେନି,
···ହେମ ପ୍ରତିମା ରାମପାଶେ ଶେଷେ କି ସୀତା ସପତଣୀ ।
ସ୍ଥାଣୁର ଉମା ବାଞ୍ଛିତ ଅର୍ଦ୍ଧ ଅଙ୍ଗ ଥାଇ ବ୍ରହ୍ମଜ୍ଞାନେ ମନ,
ସ୍ଥଏ କଲ କୃଷ୍ଣ ବାଞ୍ଛିତ ଅଙ୍ଗରେ ତୋର ରୂପେ ଲୟେ ଲୀନ ।
ଥୂଥା ସୁତ ସଙ୍ଗେ କ୍ଷୀର ଥାଇ ଯେସନ୍ତେ ତମ ପ୍ରଦୀପ ପଛରେ,
ଥାଉ କଜ୍ଜ୍ୱଳ ସବୁ ବାମା ଲୋଚନେ ସ୍ଥିତ ସଖୀ ଶିଖା ପରେ ।
ଥିବ କି ନାହିଁ ମନେ ବା ପାସୋରୁଛୁ ଥିଲୁ ଭଣ୍ଡ ଚପରାତେ,
ସ୍ଥଳିତ ହେଲୁ ଗବାକ୍ଷମାର୍ଗେ ଗୃହିଁ କୃଷ୍ଣ ସୁବଳ ହଙ୍ଗତେ । ୧୭ ।
ଦାଣ୍ଡରେ ଦେଖୁ ଦେଖୁ ପୁଣି ପଲକେ ଦୁଇ ରୂପ ଏକ ଦେହ,
ଦର୍ପନ କଣ ପଚାରିଲୁ କୃଷ୍ଣଙ୍କୁ ଏକ ଅଲୌକିକ କହ ।
ଦ୍ରୁହାସେ କୃଷ୍ଣ କହିଲେ ସୁବଳ ଯେ ଇଚ୍ଛା କଲ ମୋର ଭେଟ,
ଦ୍ରଶନ ଦେଲୁ ତା ଇଚ୍ଛାରୁ ପ୍ରକାଶି ଦାଣ୍ଡେ ଦେଖିଲୁ ପ୍ରକଟ ।
ଦଇବ ଦିଗମ୍ବରଙ୍କୁ ଅଗୋଚର ମୁଁ ଥାଇ ତୋ ସ୍ନେହ ଜଡ଼େ,
ଦୁଗ୍ଧ ଦେବାକୁ ଯଶୋଦା ଇଚ୍ଛାକଲେ ଅଛି ମୁଁ ତାହାଙ୍କ କୋଡ଼େ ।
ଦଧି ସର କୃଷ୍ଣେ ଚୋରାଇ ଖାଇବ ଦକ କଲ ବୃନ୍ଦାବନେ,
ବଦନୁ ପ୍ରକାଶି ଦଧି ଖାଉଅଛି ଦେଖ ଯା ତାର ଭୁବନେ । ୧୮ ।
ଧରି ନ ପାରନ୍ତି ଦସ୍ୟୁଙ୍କୁ ଧାତା ଧର୍ମୀ କର୍ମୀମାନେ,
ଧାଇଁ ମନୋରଥ ଦେଇ ମୁଁ ଆସଇ ଧରା ନ ପଡ଼ଇ ତେଣେ ।
ଧାଡିକାରେ ଯାଇ ଆଶ୍ରୟଇ ଯେସନ୍ତେ ସ୍ୱରୂପ ରୂପମୂର୍ତ୍ତିରେ,
ଧ୍ରୁବ ଜାଣ ତୋରବନ୍ଧୁ ମୋର ଆନ ସଙ୍ଗ ଦେଖି ପରକାରେ ।
ଧଇର୍ଯ୍ୟ ଧରି ସଂଶୟୁ ଦୂର କରି ଯେଉଁ ସୁଖ ଜାତ କଲୁ,
ଧୋଇଲ ମାହନ୍ତଙ୍କ ଦନ୍ତୀପ୍ରାପ୍ୟେକ ପୁଣି ଧୂଳି ବୋଲି ହେଲୁ ।
ଧନ୍ୟରେ ଧନ୍ୟ ତ୍ରିଭୁବନେ ଅଟୁ ତୁ ଧିକ କହିବା ଆମ୍ଭର,
ଧାତା ଧୂର୍ଜଟି ଧ୍ୟାନକୁ ଅଗୋଚର ସେ ଧ୍ୟାନ କରୁଛି ତୋର । ୧୯ ।

ଦ୍ରଶନ—ଦର୍ଶନ

Source: KC Dash, Digitized by PPRACHIN, SOA

ନାଗର ପ୍ରାୟେ ଯେତେହେଁ ଓଟାରଇ ତେତେହେଁ ଯାଉଛ ଦୂର,
ନଅଇ ପ୍ରାଣଧନୁ ଶିର ନୁଆଇଁ ନାଶଏ ଯେସ୍ବ ପ୍ରକାର ।
··· ··· ··· ··· ··· ··· ··· ··· ···,
ନୟୂନ ଶୋଭା ହେମ ଚମ୍ପ ଲୋହରେ ନୋହିଲ ବିପଦ ତର ।
ନିଦାନ ଜନ ନାଡ଼ ନାଶି ନୋହୁ ତୁ ଗୁଡ଼ ଛଡ଼ାଇବୁ ପ୍ରାଣ,
ନିଜ ଶାଖା ଗୁଡ଼ି ଅବନି ଶୟନେ ଗଙ୍ଗସିମୁଳ ଯେସନ ।
ନ କରେ··· ··· ··· ···କରେ ଶୁଖିଲେ କି କରିବା ଘନରସ,
ନଦୀ ସ୍ରୋତରେ ଭସିଗଲ୍ ଅନ୍ତରେ ନାବେ ପ୍ରୟୋଜନ କିସ ? । ୨୦ ।

ପୀରତି ପଥେ ପାଦଦେଲେ ପ୍ରମାଦ ପରମାନନ୍ଦ ସମାନ,
ପ୍ରଥମ ପାବଚ୍ଛେ ରେଣୁ କର ରଖି ପ୍ରତିଷ୍ଠା ପ୍ରଭୁ··· ··· ··· ।
ପିତୃପିତାକୁଳ ଲଜ ଲଙ୍ଘି ଯାଇ ଗତର ଉଚ୍ଛିଷ୍ଟ ମତ,
ପାଣ୍ଡବ ପଶାଖେଳ ପ୍ରାୟେ ଆଡ଼ିଟି ସମ୍ପଦ ନିଜ ସହିତ ।
ପର ପୁନ ଶବ ସଙ୍ଗେ ଗର ପୃଥୀ ପାଉଁଶ କରଇ ଦେହ,
ପିଣ୍ଡ ପ୍ରାଣ ପୃଥ୍ୱୀ ପ୍ରତିଷ୍ଠା ଲେଖି ଯେ ସେ··· ···କରେ ସେନେହ ।
ପୀରତି ପ୍ରତି ପାଳକର କାମିନୀ ପ୍ରତି କାନ୍ତ ହୋଡ଼େ କାନ୍ଦି,
ପ୍ରଥମା ଦ୍ୱିତୀୟା ଶଶୀ ସଞ୍ଚରତା ତୃତୀୟା ଦିନକୁ କାନ୍ଦି । ୨୧ ।

ଫଣୀ ମଣିଧର ପରଶ ପଥର ଶଙ୍ଖ ଦକ୍ଷିଣୀ ବ୍ରତକ,
ଫାଇ ରୂପବନ୍ତୀ ଗୁଣକ ଯୁବତୀ ଅନେକେ ଦୁର୍ଲ୍ଲଭ ଏକ ।
ଫଳ ମହାକାଳ ସୁରଙ୍ଗ ଖାଇକ କଲେହେଁ ଉପବାସ ତିନ, .
ଫୁଲ ସିମୁଳ ପଦ୍ମାକାର ସୁନ୍ଦର ତା ନିକ ମଥାରେ ଘେନ ।
ଫଳ ପୂର୍ଣ୍ଣ କରି ଟାଣ ଗୁଣେ ଧରି ନାୟକ ସାୟକ ବେନ,
ଫିଟି ଫୁଟିଆ ପୁଣି ଗ··· ··· ···ସେ ଧମକ ଧନ୍ୱୀ ।
ଫୁଙ୍କିଲେ ମଳ ତା ମୁକୁର ଯେସନ ଫୁଲ ନାଗରଙ୍କ ଚିତ୍ତ,
ଫେରାଇଲେ ପତି ପ୍ରୀତି ପ୍ରତିବମ୍ବ କୋଡ଼କରେ ଉପଗତ । ୨୨ ।

ବୀଜରୁ ବୃକ୍ଷ ବୃକ୍ଷରୁ ବୀଜ ଜନ୍ମେ ବେଦୁଁ ବ୍ରହ୍ମ ବ୍ରହ୍ମ ବେଦ,
··· ··· ··· ··· ···ନିରେପି ନ ଭେଦ ।
ବନ୍ଧୁବଲ୍ଲଭବଶ ବଲ୍ଲଭବଶ ବଧୂ ବେନ ସଂଯୋଗରେ ଶୋଭେ,
ବାହାର କଲକେ ଅଧମ ସୁବର୍ଣ୍ଣସାଳ··· ··· ··· ।
··· ··· ··· ···ପ୍ରିୟେ ବନମାଳୀ ଅଗ୍ଗୁଡ଼ କରନ୍ତୁ ତୋତେ,
ବିଶ୍ୱନାଥ ଅର୍ଦ୍ଧ ଅଙ୍ଗରୁ ଅମ୍ବିକା ଅନ୍ତର କଲେ ତ୍ରସ୍ତେ ।
ବଜ୍ର ଖଣ୍ଡାରୁ ପ୍ରଖର ଖଳବାଣୀ ବୁଝିଲ ମୁଁ ବର୍ତ୍ତମାନେ,
ବାଇ ବେନ ଖଣ୍ଡେ ଗୁଇକ ଛ ଖଣ୍ଡ କରନ୍ତୁ ବଚନ ବାଣେ । ୨୩ ।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଭଲ ମନ୍ଦ ଭାଷା ବୁଝି ନ କହ୍ନ ସେ ଭଲ ଲୋକ ବୋଲାଇଛି,
ଭବ ନିନ୍ଦା କରି ଭବାନୀ ଅଗ୍ରତେ ବ୍ରହ୍ମହିଁ ନାଶ ଯାଉଛି ।
ଭବ ଅଭାବ କଲ ଲୋକ ଲୋଭେ ଗୋ ବୁଝାଉ ତୋହର ମୁଖେ,
ଭାବ ଆଗେ ପଛେ ଅଭାବ କଲକୁ ଭସ୍ମଟି ମୁକୁର ମୁଖେ ।
ଭଲ କଲ ସେ ପ୍ରମଦା ଜପୁକଲ ମାନ ଅନଳେ ସଂଯୋଗ,
···ଭୂପତି ଓ ମତା··· ···ସୁଖ ସ୍ୱାଦ ଭୋଗ ।
ଭଲ ବୋଲି ଚନ୍ଦ୍ର କରଣେ କମଳା ନାରାୟଣ ସଙ୍ଗେ ଗୁଡ଼େ,
ଭାଗେ ପଡ଼ୁଛି ତୋହର ସୁଧାକର ଭୋଗ ଭଗବାନ କୋଡ଼େ । ୨୪ ।
··· ··· ···କହିଲ,
ମୂରଲୀଧର ଆରତ ଏତେ ମତେ ତୁମ୍ଭ ପାକ ଛୁଆଁ ଇଲ ।
ମୂର୍ଚ୍ଛିତ ମଦନ ଦଶା ନ ସରଇ ଟକ୍ରେର କୃଷ୍ଣ ଲକ୍ଷଣ,
ମାନିନୀ ରମଣୀ ମୂଳ ସଂଜୀବନୀ ଅବଧି ମିଳାଲେ··· ···ନ ।
ମୋର ଯିବାଯାଏ ଜୀବନ ଅବଧି ମିଛ ନୋହେ··· ···,
ମାନ ଗୁଡ଼ ମଣିଚୂଡ଼ ମୋ କ୍ଷଣକୁ ମାର ମୁଖ ମୋକ୍ଷ କର ।
ମଇନ ଦ୍ରୋହ ଦୁରତ ଦାରୁଦାହ ମହା ପୁଣ୍ୟାନଳେ ନୋହେ,
ମ······ ···ଶୁଣିମା ବୃଷଭାନୁ ଜେମା କ ପଡ଼ଇ ମଇନ ଦ୍ରୋହେ । ୨୫ ।
ଯଶୋଦା ନନ୍ଦ ଅଗ୍ରଜ ସଖାବୃନ୍ଦ ଯାର ପ୍ରିୟବର୍ଗ ଗୃଟ,
ଜଗଜ୍ଜୀବନ ଜୀବନ ସଙ୍ଗେ ଏତେ ଯିବ ଜୀବନ ନ ଯେନ ।
ଜାଣ ଶିରୋମଣି ରମଣୀମଣିକୁ ଜାଣୁ ସବୁ ରସ କଳ,
ଯୋଗ୍ୟ ଲୋକକୁ ଚଲଣା ରୋହ ବାଦ ମରଣହିଁ ବଳିଗଲ ।
ଜପୁ ସଂକେତ ଦୁର୍ଜୟମାନେ ଦୂତୀ ଦ୍ରହାସ୍ୟ ଦର୍ଶନ କଲ,
ଜଡ଼ ବକ୍ରୁମ ସଂପୁଟୁ ବନ୍ଧୁ ଜାତି କଜ୍ରକ ଝଟକ ଦେଲ ।
ଯନ୍ତ୍ର ମନ୍ତ୍ର ମଣି ମୂଳିକା··· ··· ··· ····ଜଙ୍ଗିମା ବିଷ,
ଯତନେ ଯତନେ ସିଞ୍ଚି ଶାନ୍ତ କଲ ଦୂତୀ ବଚନ ପୀୟୂଷ । ୨୬ ।
ରୋଷଭରେ ଊର୍ଦ୍ଧ୍ୱ ନିଃଶ୍ୱାସ ଗୁଡ଼ିଲ ରାଧା ଶୋକ··· ····,
···· ···· ···· ··· ··· ।
···· ···· ···· ····କି ଦେଇ କରିବୁ ତୋଷ,
ରାଜୀବବନ ଦାହନେ କି ସିଞ୍ଚିବୁ ସୁଧାକର ଯହିଁ ବିଷ ।
··· ··· ···· ···· ··· ··· ····,
··· ···· ···· ···ପାଟଳା ଯେନି ସେ ଯେସନେ ରତନ କଣେ ।
ରତିପତି ତାପ ପାପ କଳଙ୍କେ ତା ସର୍ବାଙ୍ଗ କଳା ହୋଇଲ,
ରାଗ ହୃଦରୁ ବାହାର ନେହାଧର କର ଚରଣେ ରହିଲ । ୨୭ ।

ଦ୍ରହାସ—ଦରହାସ ।

Source: KC Dash, Digitized by PPRACHIN, SOA

ଲକ୍ଷେ କହିଲେ ଏକ ସତ୍ୟ ନୁହଇ ସରଗା ଗୈର ବଚନ,
ଲଜ ଥିଲ ଲୋକ ସାଧକ ହେବକ ଏହା ନ ବଗୃରୁ ମନ ।
ଲଙ୍ଘଇ ସବୁ ନିୟମ ମିଥ୍ୟା ଛାର ଡାହାଣ ହାତର୍ଣ୍ଣ ମିଛ,
ଲଠ କପଠ ଗୁଡ଼ ସବୁ କହଇ ଛୁଇଁଲେଟି କାମ ବଛ ।
ଲତା ସଦନ ସଙ୍କେତେ ରଖି ମୋତେ ଆସୁଛୁ ବୋଲି ନଇଲ,
... ...ଲଗେ ପାଞ୍ଚଶର ପାଞ୍ଚଶରେ ପାଞ୍ଚ ଏକ ମୂନ ଦେଲ ।
ଲଘୁ ଶିରୋମଣି ଉଭ ଆଭ୍ରସଇ ଲଗି ଉଡ଼ିଲେ ତମାଳ,
ଲଏ ସ୍ଥାନ୍ୟୁ କଲେ ଘନ.... ....ନୁହେ ବଟପ.... ... । ୨୮ ।

ବଧୂମୁଖ କୃଷ୍ଣ ବ୍ରୀଡ଼ାଭର ହୋଇ ବୃଷଚଳେ ମୁଁ ଅବଶ,
ବଧ କୋଟିବାର କଲ ପ୍ରାପ୍ତେ କଲ ବଧୂବଦନୀ ତାଙ୍କ ହସ ।
ବସନ ପାଲଟ ଯମଭଗ୍ନି ଭେଟ ବାଞ୍ଛା ଲତା ସକାଶରୁ,
ବ.... ...ପଲ୍ଲବ ବଲ୍ଲଭ.... ...ପଥ ଅନୁସର ।
ବରହ ତ ମୁଁ ଅନଳେ ପଡ଼ିଲି ମୁଁ କାହାକୁ କହିବି କସ,
ବଟପ ପୁରୁଷ ଉତ୍ତରେ ଯା ଆସ ପୋଡ଼ୁ ତା ବୟସ ବେଶ ।
ବୃନ୍ଦାବନେ ଆଜ କ୍ଷଣ ହେ ନ ଥିବା ବ୍ରଜ ଗୁଡ଼ିପିବା ତେଣେ,
....ନାମ ଗୁଣ ନାମ ପ୍ରୀତି ପ୍ରସଙ୍ଗ ନ ଶୁଣି ଯେଣେ । ୨୯ ।

ଶୋକମୁଖ ହୋଇ ରାଧା ଏହା କହି ସ୍ୱର ଉଚକଲ କୋହେ,
ସେନେହ ସିନ୍ଧୁ ତରଙ୍ଗମାନ ବାଳିବନ୍ଧରେ ସମ୍ଭାଳି ନୋହେ ।
ସହି ନ ପାରି କୁସୁମ... ....ଶୋକାକୁଳେ ମୋହଗଲ,
ସହଚରୀ ଅଙ୍ଗ ଦୂତିକା ଅନେକ ଯତନେ ସଚେତ କଲ ।
ସଜ ସୁବାସିତ କୁବଳୟା ମାଳ କଣ୍ଠେ ଆଣି ଲମ୍ବାଇଲେ,
ଶଙ୍ଖଗୃପ ନବଘନ ବିଦ୍ୟୁଲ୍ଲତା କି ଶୋଭା ଦେଖ ବୋଇଲେ ।
ସଘନ ତମାଳ ସୂର୍ଯ୍ୟସୁତା ଜଳ ଭୃଙ୍ଗ ଇନ୍ଦ୍ରନୀଳ ମାଳା,
ଶିଖିମୁଠା ଘେନ ପିନ୍ଧି ସୁପଟମା ସୁମୁଖେ ସଖୀ ଶ୍ୟାମଳା । ୩୦ ।

ଶ୍ୟାମଳାକୁ କୃଷ୍ଣ ସ୍ନେହଭର ହୋଇ ଅଙ୍ଗ ପୁଲକେ ପୂରିଲ,
ଶୂନ୍ୟ ଆଲିଙ୍ଗନ ସମୁଦ୍ର... ... .କଲ ।
ଶରଦ ରାକା ରଜନୀ କର ଗୃହଁ ଦେହ ଦୂତୀକି ଗୃହିଁଲେ,
ଶୁକ୍ଳ ଅଭିସାର ସଜ ମୋତେ କର ନେହାଞ୍ଚଲେ... ।
,
.... ସର୍ବାଙ୍ଗେ କଲେ ଲେପନ ।
ଶ୍ରୀ ଗଜପତି ଭୂପତି କୀର୍ତ୍ତି ସମସେଧ ଦଶନ୍ଧର ଗମେ,
ସାନନ୍ଦ ଦୂତୀ ଘେନ ପ୍ରିୟ ଯୁବତୀ କୃଷ୍ଣକୁ... ... ... । ୩୧ ।

Source: KC Dash, Digitized by PPRACHIN, SOA

....ଭେଟ ସୁଖ ସଂସାରେ ଉପମା ନାହିଁ,
ଶତେତ ଲକ୍ଷ୍ମଲକ୍ଷ୍ମୀ ନାରାୟଣ ଲଭି ସେ ଲଭ ଲଭିବେ କାହିଁ ।
ଶିବ ଶିବା ବ୍ରହ୍ମା ବ୍ରାହ୍ମଣୀ ଅନେକ ଶଚୀ ଇନ୍ଦ୍ର ରତି କାମ,
ଶ୍ୟାମା ଶ୍ୟାମବନ୍ଧୁ ସ୍ନେହ ସୁଖସିନ୍ଧୁ ବନ୍ଧୁଙ୍କୁ ନୁହନ୍ତି ସମ ।
ସୁରନଦୀ ସିନ୍ଧୁ ସଙ୍ଗମେ ଅଭେଦ ସମାନ ହେଲରେ ମନ,
ସେ ତ କଳ୍ପତରୁ ଏ ତ କଳ୍ପଲତା ଦୁହେଁ ଦୁହିଁଙ୍କି ସମାନ ।
ସମ୍ପୂର୍ଣ୍ଣ କୃଷ୍ଣ କାମନା ରାଧାଙ୍କରେ ଶ୍ରୀକୃଷ୍ଣହିଁ ରାଧାଙ୍କର,
ଶୁଦ୍ଧ ଚେତନା ରୂପେ ଦୃଷ୍ଟି ରାଧାଙ୍ଗେ ଶୂନ୍ୟଦେହ ଲତାନ୍ତର । ୩୨ ।

ହେମାଙ୍ଗୀ ଚତୁର୍ଥ ଚେତନାକୁ କରି ହରି ସଙ୍ଗତେ ବିହର,
ହଜିଲେ ଦେହ ହୋଇବ ସେହିରୂପେ ହୃଦହାର ଗୋବନ୍ଧର ।
ହତ ପ୍ରାୟେ ହରି.... ... .ତୁ ଭାବ ଇନ୍ଧନୁ ଉଦିତ,
ହିରଣ୍ୟ ସୁତ ଆଶ୍ରିତ ସୁତାଙ୍କର ସ୍ତମ୍ଭ ମନରୁ ସମ୍ଭୂତ ।
ହେଜଲୁ ଆଣି ଭୂମି ଖୋଜ ଖୋଜ ତୁ ନିକଟେ ପଡ଼ିବ ଝର,
ହୋଇ ତୃଷାକୁଳ ଗିରିଶିଖେ ଖୋଳ କେ ଅବା ପାଇଛି ମର ।
ହେଲେ ନମ୍ରତା ନନସ୍ତୁ ଭାବଭକ୍ତି ହତରଙ୍କ ସର୍ବ ହିତ,
ହର ହୃଦ ହରି ପରିହରି ଆସି ହୋଇବେ ତାହାର ମିତ । ୩୩ ।

ଛୁଡ଼ଇ ଗୁଣ ଟାଣି ଧନୁ ମଧ୍ୟରୁ ଛାଡ଼ିବା ଓଟାରି ବଳେ,
ଛୁର ଶାମୁକ ପଙ୍କ ପାନ ସ.... ....ନ୍ଦ୍ର ମୁଖ କମଳେ ।
ଛୁଡ଼ କର୍କଶ ହୃଦୟର କୋମଳ ପ୍ରେମ ଅଙ୍କୁର ପ୍ରକାଶ,
ଛଛନ୍ଦ ମନ ମୁକୁରକୁ ମାଜ ତୁ ହରି ପ୍ରତିବିମ୍ବ ପଶ ।
ଛୁଡ଼ଧର ହୁଅ ଅସାଧୁ ସାଧୁଙ୍କ ଗରଳ ଅମୃତ ଯୋଗ,
ଛୁ··· ···ତଇ ଶ୍ୱେତ ପକ୍ଷରେ ହେଲେ ସଂଯୋଗ !
ଛୁଇ ଯେସନେ ଯେମନ୍ତକୁ ତେମନ୍ତ କ୍ଷମାନିଧି ସେହି ରୂପ,
କ୍ଷଣକେ ଉଗତି ଭୂମିଦାନ ଦୟନ୍ତି କୃପା କଲେ ଭକ୍ତ ଭୂପ । ୩୪ ।

Source: KC Dash, Digitized by PPRACHIN, SOA

ଧନୁଭଙ୍ଗ ଚଉତିଶା

(ରାଗ—କଉଶିକ)

କଉଶିକ ସଙ୍ଗେ ଯାଗ ରଖି ରଙ୍ଗେ ମିଥିଳା ପ୍ରବେଶ ଶ୍ରୀରାମ
କାନନେ ବନ୍ଧୁର ଭ୍ରମି କାଳ ଜାଣି ପିକ ପ୍ରବେଶ କି ଆରାମ
କର୍ଣ୍ଣେ ଶୁଣିଣ, ନାଗର ନାଗରୀ ଧାଇଁଲେ
କାକୁସ୍ଥବର ଦରଶନ ଉତ୍କଣ୍ଠେ ଧୈର୍ଯ୍ୟ ଧନ ହରାଇଲେ । ୧ ।

ଖଞ୍ଜନ ନୟନେ ଅଞ୍ଜନ ରଞ୍ଜିଣ ଥିଲି କେବଣ କୃଶୋଦରୀ
ଖଟରେ ଯିବ ବୋଲି ଏକ ଲୋଚନରେ ଦେଇ ଆର ଚକ୍ଷୁ ବିସୋରି
ଖାଉଅଛି ଯେ, ବଳି ବାନ୍ଧିବାର ପଟର
ଖେଳରେ ହାରି କେ ହରଷ ସତ୍ୱରେ ହୋଡ଼କୁ ପ୍ରସାରଇ କର ।୨।

ଗଳାର ଗଜମୁକୁତା ମାଳି କେ ଗୁଡ଼ାଇଅଛି ଗୋଡ଼ରେ
ଗ୍ୟାନହୀନ ହୋଇ ଚରଣ ବଳୟ ଖଞ୍ଜୁ କେ ଅଛି ନିଜ କରେ
ଗୀତ ଗାଉକେ, ବୀଣା ଗୁଡ଼ିଗଲା ସଙ୍ଗରେ
ଗୁରୁ କଣ୍ୟ କୁଚ କୁମ୍ଭ ଆଉଁସି ତୁମ୍ବି ବୋଲିଣ ମନେ ଧରେ ।୩।

ଘନ ସୁସମ କବରୀଭାରୁ ଖସି ପଡ଼ୁଛି ମଲ୍ଲିକା କୁସୁମ
ଘେନିଲି ମୋ ମନେ ଏହା ଅଦଭୁତ ଘନ ବରଷେ କି ମୋଢମ
ଘୋଷୁଅଛି କେ, କାହିଁ ରାମ ରାମ ମନ୍ତ୍ର
ଘୋର କଣ୍ଡୂକ କା ପଟେ ଲାଗିଅଛି ନ କରଇ ଗତି ମନ୍ଥର ।୪।

ନବଦୂର୍ବାଦଳ ଶ୍ୟାମ ରାମ ଧାମ ନାରୀମାନେ ଯହୁଁ ଦେଖିଲେ
ନିର୍ମାଣ ନିର୍ମାଣ ନିକଟେ ପ୍ରାପତ ମନକୁ ଏମନ୍ତ ଯୋଖିଲେ
ନିଶ୍ଚେ ନୟନ, ବହୁକାଳ ଫଳ ଲଭିଲା
ନୋହିଛି ଯୁବା ଏ ଅଳପ ବୟସ ଆକୃତ ଅଖିଳ ମୋହିଲା ।୫।

ଚୂହାଁ ଚୂହାଁ ଶର ଚାତକକୁ ଘନ ଚକ୍ଷୁ ଚକୋରକୁ ଚନ୍ଦ୍ର ଏ
ଚୂପ ମାର୍ଗଣ ଧନିକ ଏ ଧରଣ୍ୟେ ଚୂଲଇ ମନସିଜବ୍ୟେ
ଚଉଲପନ, ସଜନାରୁ ଯେହ୍ନ ବାହାର
ଶେରୁ ବିଷାଣ ଧରରେ ରୁଚ୍ୟେ ହୋଇଛି ପର ଅବତାର ।୬।

ମୋଢମ—ମୋଢ ।
କଣ୍ଡୂକ—କଣ୍ଡୂ, କାମୋନ୍ମାଦ ।
ଧରଣ୍ୟେ—ଧରା ବା ପୃଥ୍ୱୀରେ ।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଛୁଡ଼ୁ ନ ଥିଲା ପର ଛାତ ଏହାଙ୍କୁ ଋଷି କୋପେ କଷ୍ଟେ ପେଷିଲେ
ଛୁଣ୍ଡାଇ ତାଡ଼କା ତଣ୍ଟି ପର ଏହୁ କଉଶିକ ମନ ତୋଷିଲେ
ଛେଦି ଅସୁର, ଛନ୍ଦେ ରକ୍ଷା କଲେ ଯାଗ
ଛୁଡ଼ିଲା ଅହଲ ପାଷାଣ ଶରୀର ଲଗି ଏହା ପାଦ ପରାଗ ।୭।

ଜାଣି ମନେ ଏହା ଜଳଜ ଚରଣ କର୍ଣ୍ଣଧାରଠି ଧୂଆଇଲା
ଜାଣ ଜଳଜଲୋଚନା ଜାନକୀ କି ବିଧାତା ବର ଭିଆଇଲା
ଯେବେ ଧୂର୍ଜଟୀ, ଧନୁ ଧର କରିବ ନାଶ
ଜଗନ୍ନାଥ ପ୍ରଭୁ ଏମନ୍ତ କରନ୍ତୁ ସୀତା ଶୁଭ ହେଉ ପ୍ରକାଶ ।୮।

ଝଳିଲା ନାରୀ ମାନସ ମୃଗ ରାମ ଧାନ୍ତି ଧାପକୁ ଟଗାଡ଼ାଇଲେ
ଝସକେତନ କରାତ ଶରଘାତେ ପୂରନ୍ତେ ପାଦ ବଢ଼ାଇଲେ
ଝାସୁଅଛୁ କେ, ଆନନ୍ଦ ଉଦଧି ଭିତରେ
ଝଗଡ଼ା କଲା ନିମିଷ ବିଧି ବୋଲି ମନେ କେ କୃଶୋଦରୀ ଝୁରେ ।୯।

ନାରାୟଣ ଅନୁରାଗୀ କଉଶିକ ସାନୁଜ ବୀର ସଙ୍ଗେ ଘେନ
ନରମତ୍ତ ସଭା ମଧ୍ୟରେ ମିଳିଲେ ଶୋଭା ପାଉଅଛି ମେଦିନୀ
ନଭ କ୍ଷେତ୍ରର, ମଧ୍ୟେ କି ରାକା ନିଶାକର
ନର୍ଟର ନିଶାଚର ଗୁରୁ ବେନି କି ସଙ୍ଗେ ତା ଦିଶନ୍ତି ସୁନ୍ଦର ।୧୦।

ଟିକାଏ ସଭାରେ ବସି ବିଶ୍ୱାମିତ୍ର ବୋଲନ୍ତି ଶୁଣ ହେ ଜନକ
ଟଙ୍କଧର ନୃପ ଦଶରଥ ସୁତ ବୋଲନ୍ତି ଦେଖିବା ବାରେକ
ଟାଣ୍ଡ ଫରାଏ, ନ ମଣି ଅଣାଅ ବହନ
ଟଳିବ ଅବା ତୋ ହୃଦୟୁ ସଂଶୟୁ ଶଶିମୁଖୀ ସୀତା ବିମନ ।୧୧।

ଠୁଳ କରାଇଣ ବହୁତ ଗରିଷ୍ଠ ନୀଳକଣ୍ଠ ଧନୁ ଆଣିଲେ
ଠିଆହୋଇ ଠାରି ଧଂସଦକୁ ଗୃହିଁ ଜନକ ଏମନ୍ତ ବୋଇଲେ
ଠିକେ ନୃପତି, ଯେତେକ ବସିଅଛି ଯୂଥ
ଠାଠିକେ କହେ ଶ୍ରୀଧର ଧନୁ ଧରିପାରିଲେ ଧରସି ତାହାଥ ।୧୨।

ଡେରି ସଭାରୁ ବଳିଷ୍ଠ ଏକରାଜ୍ୟୁ ଧନୁ ଧରିବାକୁ ଉଠିଲା
ଡୋଲେ ମଞ୍ଜୁଷା ମଧ୍ୟକୁ ଅନାଇଣ ସଭୟୁ ହୋଇ ଲେଉଟିଲା
ଡରେ ଦଶରେ, ଯେହ୍ନେ କେଶରୀ ଦେଖି କରି
ଡମ୍ବରୁଧର ଦ୍ୱାର ଘଣ୍ଟ କଲେକ ଅପରାଧୀ ଯେହ୍ନେ ଉହରି ।୧୩।

ଅହଲ—ଅହଲ୍ୟା, ଧରସି—ଧର, ତାହାଥ—ତାହାକୁ ।

Source: KC Dash, Digitized by PPRACHIN, SOA

ତାଳ ଅନାଇ ଜନକରାଜ ଋଷି ବୋଲନ୍ତି ଶୁଣ ଗାଧିସୁତ
ତମାଳ ପରାୟେ କର କଜ୍ଜଳ ତ ନୀଳକଣ୍ଠ ଧନୁ ଆଣତ ।
ତୋଳ ବଜାଅ, କର୍ଣ୍ଣ ବୁଜିବା କେଉଁ ଭଲ,
ତମପଣ ଗୁଡ଼ ଧନୁ କେ ଧରିବ ତାହାର ନାମ ଧରି ବୋଲ । ୧୪ ।

ଅଣଆୟତ୍ତ ନୁହଇ ରାମଧନୁ ଭାଙ୍ଗିବା ଜାଣି କଉଶିକ
ଅଣିମାଦ ଦାତା ମୁଖକୁ ଅନାଇ ଅଳପ ଲେକ କଲେ ଦୂତ ।
ଆଣିବନ୍ତ ସେ, ଉଠିଲେ ଅଳପ ହସିଣ,
ଏଣୀନୟନା ଏଣୀକ ଲଭିବାକୁ କେଶରୀ କରେ କି ପ୍ରୟାଣ । ୧୫ ।

ତଳେ କରି ନୃପମଣ୍ଡଳୀ କି ରାମ ବୋଲନ୍ତି ତୁମ୍ଭର ହୋଇଲେ
ତ୍ରିଲୋଚନ ଚାପ ଧରିବ ମୁଁ କାରେ ସମସ୍ତେ ପିଉକାର କଲେ
ତହିଁ ବିଜୟେ, ଦୁଷ୍ଟ ବଳିଷ୍ଠ ରାଜାମାନେ
ତପନ ବଂଶ ଏ ସ୍ୱୟଂ ବିଷ୍ଣୁ ବୋଲି ଘେନିଲେ ଭୂପ ମୋଦମନେ । ୧୬ ।

ସ୍ଥୂଳମୀନ ସୀତା ନୟନ ଲଭିଲା ରାମ ଶ୍ୟାମ ଅଙ୍ଗ ଜୀବନ
ସ୍ଥିରେ ବିଲୋକି ବୋଲଇ ସଖୀ ! କାହିଁ ଥିଲେ ଏ ନବୀନ ମଦନ ।
ସ୍ଥାଣୁ କୋଦଣ୍ଡ, କମଠ ପୃଷ୍ଠରୁ କଠିନ
ଥୋଇ ସବୁ ସୁକୁମାର ସାର ଧାତା ଏ ରୂପ କରିଛି ନିର୍ମାଣ । ୧୭ ।

ଦାରୁ ଦୃଷଦ ଦୃଢ଼ ତାତ ହୃଦୟ ଦେଖି କାହାକୁ ନ ବଳିଲା
ଦାରୁଣ ଦଇବ ଦୟା ମୋତେ ନାହିଁ ଏଣୁ ଏପ୍ରକଟ ହୋଇଲା
ଦେଖି କେବଳ, ମନ ମୋ ହେଉଛି ଆନନ୍ଦ
ଦୃଢ଼େ ସବୁ ସଖୀ ବୋଲନ୍ତି ଏ ବର ନିଶ୍ଚେ ଦେବେ ତୋତେ ଗୋବିନ୍ଦ ୧୮

ଧରଣୀମଣ୍ଡନ ଧୀର ବୀର ରାମ ଧନୁର ନିକଟେ ମିଳିଲେ
ଧଇର୍ଯ୍ୟ ଧୃତରେ ହେଲେ ବାମକରେ ମଞ୍ଜୁଷା ମଧ୍ୟରୁ କାଢ଼ିଲେ ।
ଧରିଆଣେ କି, ଗର୍ଭୁ ଗୋକର୍ଣ୍ଣ ଗରୁତ୍ମାନ
ଧାର୍ମିକ କଉଶିକ ଚାହିଁ ଆନନ୍ଦ ପୁଲକେ ହୋଇଲେ ନିମଗ୍ନ । ୧୯ ।

ନିରୁପମ ବଳବନ୍ତ ରାମଚନ୍ଦ୍ର ମଧ୍ୟରେ ଦେଇ ବାମ ପାଦ
ନିଃଶଙ୍କେ ନୁଆଇଁ ଧନୁର ଉପରେ ଖଞ୍ଜିଲେ ମୌର୍ବୀର ଫାଳ ।
ନମ୍ର ଆନନ, କଲେ ନିରେଖି ନୃପକୁଳ
ନାନା ଚିନ୍ତାମୟ ମୁକୁଟନିଚୟ ଲୋଟୁଣ ଅଛି ମହୀତଳେ । ୨୦ ।

ପରମାନନ୍ଦ ସବଳ ଧନୁ ଧରି ଟାଣି ଆଣିଲେ କର୍ଣ୍ଣପାଏ
ପଳାଇଲା ଦେଖି ଜନକ ରାଜନ ମନେଥିଲା ଯେତେ ସଂଶୟେ
ପୁରୁଷୋତ୍ତମ, ପ୍ରମାଣ ବୋଲି ପ୍ରତେ କଲା
ପୁଣ୍ୟର ଫଳ ମୋ ଉଦିତ ହୋଇଲା ଜାଣିଣ ମନରେ ଧରିଲା । ୨୧ ।

Source: KC Dash, Digitized by PPRACHIN, SOA

ଫାଟିଲା ବେନିଖଣ୍ଡ ହୋଇ କୋଦଣ୍ଡ ଘୋର ତା ଶବଦ ଶୁଭିଲା
ଫାଟି ବ୍ରହ୍ମାଣ୍ଡଭାଣ୍ଡ ସୀତା ବିମନ ଯେନ କାହାର ହୋଇଗଲା
ଫଣାରେ ଶେଷ, ଧରି ନ ପାରିଲା ଧରଣୀ
ଫୁଟିଲେ ଭାରି ଧରଣି ନାଗକୁଳ କମଠ ଭ୍ରମ ରବ ଶୁଣି । ୨୨ ।

ବିଶ୍ୱାମିତ୍ର ମୁନି ବୋଲନ୍ତି ବେଗେଣ ବିଧୁବଦନୀ ସୀତା ଆସୁ
ବରଣମାଳା ଲମ୍ବାଇ ରାମକଣ୍ଠେ ବାଞ୍ଛୁଅ ଦୁଃଖ ତା ବିନାଶୁ
ବୋଲେ ଜନକ, ବେଶ କରି ସୀତା ବହନ
ବର କନ୍ୟା ବେନି ସଫଳ କରନ୍ତୁ ଅଖିଳ ଜନଙ୍କ ନୟନ । ୨୩ ।

ଭରସା ପାଇ ମନରେ ଭୂପ ନାହିଁ ଜନକ ହିଁ ଯହୁଁ ବୋଇଲେ
ଭୃତ୍ୟମାନେ ତହୁଁ ଭିତରେ ଜଣାଇ କନ୍ୟା ଆଣ ବୋଲି ବୋଇଲେ ।
ଭୂପ ତେଜିଲେ, ଶୁଣି ଅନ୍ତଃପୁର ଅଙ୍ଗନା
ଭଣଇ ଶ୍ରୀଧର ଭୂବିମଣ୍ଡନୀକି ବେଶ କରନ୍ତି ମୋଦମନା । ୨୪ ।

ମୃଦୁସ୍ମୃତି ଧାତ୍ରୀ କୋମଳ ଶ୍ରୀଅଙ୍ଗେ କୁଙ୍କୁମ ବୋଳି ସେ ମାଜିଲେ
ମୃଦୁଳ ସୁନ୍ଦର ପଟ୍ଟ ପାଟ ପଟ ପିନ୍ଧାଇ କରିଣ ବୋଇଲେ
ମନକାମନା, ଫଳ ଲଭିଲୁ ଗୋ ମୃଗାକ୍ଷି
ମହା ଅନୁରାଗ ସର୍ବାଙ୍ଗେ ପ୍ରକଟ ପରାୟେ ଏ ଶୋଭା ଦିଶୁଛି । ୨୫ ।

ଯାବତ ଯୁବତି ମଣିର କୁଟିଳ ଚଞ୍ଚଳ କେଶ ଭାର ଦେଖି
ଯତ୍ନ କରି ତଥି ମୋତିଜାଲ ରଚି ବୋଲଇ ଏକ ପ୍ରିୟସଖୀ ।
ଯେଣୁ ଜିଣିଛୁ, ଜଗତ ସମସ୍ତ ଶୋଭାକୁ
ଯଶଲତା ଶିରେ ପ୍ରକଟ ହେଲକି ଆସୁଛି ମୋହର ମନକୁ । ୨୬ ।

ରୁଚିର ଭାଲେ ଚନ୍ଦନ ଟୋପି ଦେଇ ବୋଲଇ ଏକ ସହଚରୀ
ରସ ପୂର୍ଣ୍ଣଚନ୍ଦ୍ର ମୁଖେ ଆଜ ଚନ୍ଦ୍ର ଉଦେ ପ୍ରାୟେ ଦିଶେ ଚତୁରୀ
ରାମ ଭେଟକୁ, ବହୁତ ହେଉଛି ସଂଯୋଗ
ରଚିଲ ତଥି ପ ଶରେ ଯତ୍ନ କରି ସୁନ୍ଦର ସିନ୍ଦୂର ସୁରଙ୍ଗ ।୨୭।

ଲୋଚନ ଲକ୍ଷ୍ମୀ ଭ୍ରୂଲତା ଉଲ୍ଲସିତ ଦେଖିଣ ଏକ ବାଳୀ ତହିଁ
ଲାବଣ୍ୟଭାବେ ସେ ଅଞ୍ଜନ ରଞ୍ଜିଣ ସହରଷ ହୋଇ ବୋଲଇ
ଲାସ୍ୟରେ ତୋର, ଭ୍ରୂରୁ ଦେଖି କରି ଅତନୁ
ଲୀଳାରେ ଗରବେ ଦେଖାଇ କି ଅବା ଯଞ୍ଚୁଛି ନିଜ କର ଧନୁ ।୨୮।

ବିବିଧମଣି ତାଟଙ୍କ କର୍ଣ୍ଣେ ଖଞ୍ଜି ବୋଲୁଅଛି ଏକ ମିତଣୀ
ବିମଳ ବିଧୁବଦନେ ବନ୍ଧୁ ମଣେ ରହିଲେ କି ବେନି ତରଣୀ
ବରି କରଣ, କାହାରି ନୋହିଲା ବିନାଶ
ବେଳ ଜାଣି ଶତ୍ରୁମାନେ ମିତ୍ର ହୋଇ ଖଟିଣଛନ୍ତି ନିଜ ପାଶ ।୨୯।

Source: KC Dash, Digitized by PPRACHIN, SOA

ସୁନାସା କଣ୍ଠବାହୁ ଅଙ୍ଗୁଳି କଟିପାଦାଦି ଅବୟବମାନ
ସୁନ୍ଦର ସୁଚିହ୍ନ ଅଳଙ୍କାରଗଣ ମଣ୍ଡି କଲେ ଦିବ୍ୟ ବସନ
ସୁଗନ୍ଧମାନ, ଶ୍ରୀଅଙ୍ଗେ ଲଗାଇଲେ ଆଣି
ସର୍ବେ ଜାନକୀର ମଙ୍ଗଳ କର୍ମକୁ ଆନନ୍ଦ ସକଳ ତରୁଣୀ ।୩୦।

ସରୁ ବସନ ପଟନ ଉପରେ ଦେଇ ଏକ ସଖୀ ବୋଇଲା
ସୁବର୍ଣ୍ଣ ଲତା ଶେଖର କୁସୁମ କି କୁଙ୍କୁମ ରେଣୁ ଘୋଡ଼ିହେଲା ।
ସଜ କରଣ, କରେ ଦେଲେ ବରଣମାଳ
ଶଙ୍ଖ ମହୁରୀ ଶୁଭିଲା ହୁଳହୁଳି ଦେଇ କଲେ ଶୁଭେ ମଙ୍ଗଳ ।୩୧।

ସମସ୍ତେ ମଙ୍ଗଳ ଉଚ୍ଚାରି ଆନନ୍ଦେ ବିଜେକର ବୋଲି ବୋଇଲେ
ସହଚରୀମାନେ ବେଢ଼ି ରଙ୍ଗକରି ଆଗେ ପହଣ୍ଡ ମଣାଇଲେ
ଶ୍ୟାମସୁନ୍ଦର, ସମୀପକୁ ସୀତା ଗମଇ
ସୁର ସରିତ କି ସାଗରକୁ ଯାଇ ନିରୁପମ ଶୋଭା ଧରଇ ।୩୨।

ହରିଣ ନୟନୀ ହରିଙ୍କ କଣ୍ଠରେ ବରଣମାଳା ଲମ୍ବାଇଲେ
ହିରଣ୍ୟ-ଗର୍ଭ ହରଷରେ ମଙ୍ଗଳ ଶ୍ୟାମ ନିଗମକୁ ଗାଇଲେ ।
ହଂସ ବଂଶର, ଅବତଂଶ ଦୁଃଖନାଶନ
ହେମବଲ୍ଲୀର ବିବାହର କୃତ ହୋଇଲା ଯେ ବିଧିବିଧାନ ।୩୩।

କ୍ଷମାସାଗର ବୀର ଶୂର ସୁନ୍ଦରବର ରଘୁପତି ସୁଗୁଣ
କ୍ଷୌଣୀରେ ଅମୃତ ଅଟଇ ଏ ଶିବ ଧନୁଭଗ୍ନ ସୀତା ବରଣ
କ୍ଷଣେ ଯା ମନ, ଏ ରସେ ହୁଅଇ ରସିକ
କ୍ଷୀଣ ବୁଦ୍ଧି ଦୀନ ଶ୍ରୀଧର କହଇ ସୁଭାଗ୍ୟବନ୍ତଟି ସେ ଲୋକ ।୩୪।

Source: KC Dash, Digitized by PPRACHIN, SOA

ମାଲ୍ୟବନ୍ତ ଚଉତିଶା

(ରାଗ—ବସନ୍ତ ଆହାରୀ)

...ଅଳଙ୍କାର...   ...,
...ମାଲ୍ୟବନ୍ତେ ସ୍ଥିତି କଲେ ଲୋକନ ଘନୋଦୟ ।
କାନ୍ତା ବିରହ, କୃଶାନୁକୁ ସେ ଘୃତଧାର,
କେବଳ କଲ୍ଲ କଳାବର୍ଣ୍ଣ ଦେଖାଇ ଅନ୍ତ ଆନନ୍ଦ... । ୧ ।

ଖଣ୍ଡ ପରଶୁ ପରଜିତ ସମ୍ମତ ସରଏ ....
...   .କକୁଭ ସନ୍ତତ ସନ୍ନତେ କଲ୍ଲ ଏକବର୍ଣ୍ଣ ।
ଖଣ୍ଡି ସନ୍ତାପ, ଖେଦ ସକଳ ଛଡ଼ାଇଲ,
କ୍ଷପାକର ଖର କରଙ୍କୁ ଲୁଚାଇ ଚକୋର ଚିନ୍ତା ବଢ଼ାଇଲ ।୨।

ଗରଗର ହୋଇ ନତ ହୋଇଲ୍ଲ କରିଗରିଷ୍ଠ ଦେଶ ଆଗ,
ଗଣି କାହାରେ ହେବ କଲ୍ଲ ଗଣିକା କେତକେ ଯେତେ ଅନୁରାଗ ।
ଗଡ଼ ପଡ଼ିଲ, ଗଣ୍ଡ ଶଇଳ ପ୍ରାୟେ ଯହିଁ,
ଗିରିଜଳ ଗୁରୁ ଗମ୍ଭୀର ଗର୍ଜନେ ତର୍ଜନ ଆରମ୍ଭିଲ ତହିଁ । ୩ ।

ଘର୍ମ ନର୍ମ ନାଶ ଶର୍ମ ଗ୍ରାସିଥିଲ୍ଲ ତାକୁ ଦେଲ୍ଲ କ୍ଷଣେ ହଟାଇ,
ଘଡ଼କ ଘଡ଼ ଘଡ଼ଘଡ଼ ରଡ଼ରେ ବ୍ରହ୍ମାଣ୍ଡ ଦେଲ୍ଲ କି ଫଟାଇ ।
ଘେନ ସଧୀରେ, ଘନ ଆସନ ଶରାସନ,
ଘନବଲ୍ଲୀରି ବହ୍ନି ବାଷ୍ପାବଳୀରେ କରାଇଲ୍ଲ ସେ ଉଲ୍ଲାସନ । ୪ ।

ନାଗର ସମ ମାରଧାର ସଞ୍ଚାରେ ଶୁଚିଦ୍ୱିଜ ଦେଲ୍ଲ ଉଡ଼ାଇ,
ନଗନଦୀ କୂଳବତ୍ତୀମାନଙ୍କର କୂଳକୁ ହିଁ ଦେଲ୍ଲ ବୁଡ଼ାଇ ।
ମାଳକଣ୍ଠଙ୍କୁ, ନାଟ ଆରମ୍ଭ କରାଇଲ,
ଘନ ଛନ୍ନ...   ...   ... ହଞ୍ଚିରାଇଲ । ୫ ।

ଚଣ୍ଡ ହୋଇ ଚଣ୍ଡେ ଅଚଳ ଚଳରେ ଚଡ଼କ ଆଣି କରୁଡ଼ିଲ,
ଚୂର୍ଣ୍ଣ କରି ପାନ୍ଥ ବନ୍ଧୁର ଆଶା...   ।
....
ଚନ୍ଦ୍ର ହରଷ..................ନିମିଷକ କଲ୍ଲ ବରନା । ୬ ।

କାଷ୍ଠାବଳୀ—ହରସରୁ

Source: KC Dash, Digitized by PPRACHIN, SOA

ଛଡ଼ାଇଦେଲ ଧବଳ ଗରୁଡଙ୍କ ଷମାମଣ୍ଡଳ ଅଭିଳାଷ,
ଗ୍ରୁଡ଼ଲେ ନମ କ୍ଷିତ ଆବକ ବଳରୁଁ.... .... ।
....ମାନଙ୍କଠାରୁ ଖେଦ,
ଛିଣ୍ଡା'ଇ ପକାଇଲ କେଉଁ କାରଣୁ ରବ ଚରଣ ପରଛଦ । ୭ ।

ଜଳନଧି ସଙ୍ଗେ ନଦୀ କ ମିଶାଇ ତଟସ୍ଥ ଶାଖୀ ଭସାଇଲ,
ଯାମିନୀ କଷ୍ଟାଲେ ଜବନ ଗମନେ ଅଭିସାରୀଙ୍କି ରସାଇଲ ।
ଯୁବା ଯୁବତୀ, ଯା... ...ମର୍ଯ୍ୟାଦାରକ୍ଷକ,
ଜାଣିପାରିଲେ ଏ ଜଳଦ ଯାବନ୍ତ ପ୍ରକାରେ ପ୍ରେମ ପରୀକ୍ଷକ । ୮ ।

ଝିଙ୍କପକ୍ଷୀ ଝାଡ଼ଦେଲ ପ୍ରାୟେ ଝର ଝର ଆରମ୍ଭିଲ ବରଷା,
ଝର ଫିଟାଇ ବିଷମ ସମକରି ସମ ବିଷମ କଲ ରସା ।
ଝଷକେତନ, ଝିଝିବ ପରି ଝିଲ୍ଲୀରବ,
ଝାଙ୍କି ଝାଙ୍କି ଝଞ୍ଜା ପବନ ମିଶାଇ ଭାଙ୍ଗିଲ ବିରହୀ ଗରବ । ୯ ।

ନିଶିବାସରେ ଚହଟିଲେ ସକଳ ବଗେ ଗିରିମଲ୍ଲୀ,
ନଭ.... ...ବିରହୀ... ... ... ।
.... ଫୁଲମାଳତୀ,
ନତନୁ ପ୍ରକାଶ ପାଦ୍ବ ନ ପାଦ ଦ୍ରୁମୀପ ନିଦ୍ବ ଯେବନଲ ମାଳତୀ । ୧୦ ।

ଟାକରି ଟଙ୍କଧର ପର ଟମକ ବଜାଇ ବିଜେ···ଯେ ।
ଟପ ଟପ ଟୋପା ଭରେ ସବଦ୍ଧରି ତୁଣ୍ଡ··· ।
....ଦେଲଏ ଟେକ ବିରହୀଙ୍କ ବିବେକ,
ଟେକଲେ ବାଧା ଖାଜାଙ୍କର ସମାନେ ନ ବକ ବକମାନେ ବେକ । ୧୧ ।

ଠକ ହୋଇ ଯେତେ ଜଳଦୀପନମାନେ ଭୁମୁକନାଦେ କଲେ ବାଦ ।
ଠୁକମୁଖୀ ସଙ୍ଗ ବିଘ୍ନନେ ବିଚ୍ଛେଦ ବଢ଼ିଲ ପଡ଼ିଲ ପ୍ରମାଦ ।
ଠାକୁରାଣୀଙ୍କି ଠାକୁରବର ମନେ ଚିନ୍ତ,
ଠିକେ କୁସୁମ ସରସ ରତି ପରେ ଶଣ୍ଢଯାକେ ହେଲେ ଯନ୍ତ୍ର । ୧୨ ।

ଡାକଲେ ଜଗେ ଆରେ ଡାକ ମଧ୍ୟମା ଡାକ ତ ଶୁଣୁନାହୁଁ ମୋର,
ଡେଇଁଗଲୁ ନଦନଦୀ କେତେ ମୋତେ ସପନ ହେଲ ମୁଖ ତୋର ।
ଡରମାରୁଛି, ଡରୁ ଯେ ଥିବୁ ଧନ ଏକା,
ଡକା ଉପରେ ଡକା ଯେ କରୁଥିବେ ମତ୍ତଡାହୁକ କେକା କେକା । ୧୩ ।

ଢଳ ହରଷ ଢାଳଥିବୁ ନୟନ ମୋର ଦରଶନ ଅୟନେ,
ଢଙ୍କୁ ନ ଥିବୁ ପଲକ ପୁଲକରେ ପୃଥିବୀ ପଲଙ୍କ ଶୟନେ ।
ଢାଳେ ରସନା, ଢଳ ଯେ ଥିବେ ମୋର ବର୍ଣ୍ଣେ,
ଢୋକିବାକୁ··· ···ଥିବେ କର୍ଣ୍ଣେ । ୧୪ ।

Source: KC Dash, Digitized by PPRACHIN, SOA

ଆଜ ମିବାର ମୋ ଅଙ୍ଗରେ ଜୀବକା ଯାହାର ବାମେ ମୃଦୁ ଅଙ୍ଗ,
ଆକାର ଶୂନ୍ୟ ଅତ ଆକୁଳେ ଲେ... ...
... ...
...କେତେ ରୂପେ ଆକାଙ୍କ୍ଷା କରୁଥିବ ପ୍ରାଣେ । ୧୫ ।

ତପୀ ତରଣୀ ତନୟା ତୁଶତରେ ତଲେ କରଥିବୁ ମୋ ଭାବ,
ତନୁଜ ତାପ ତୋୟ ନଧିତର......... ।
... ...ତୁ ଅନମିଷ ଜଳ ମୁହିଁ ।
ତ୍ରୈଲୋକ୍ୟପାଳର ତୁଲ କରିବାକୁ ତୋପର ଅଚ୍ଛିନା ତୁନ୍ନି । ୧୬ ।

ଥରୁ ଯେ ଥିବୁ ସ୍ଥାନଭ୍ରଷ୍ଟ ହେବାରୁ ପ୍ରସ୍ଥାନ କରଥିବ ଜୀବ,
ଥାଇ ଜୀବେ ମୁଁ ଥୋଇଲ ତୋତେ ଦୁଃଖ ଆହା ତୁ ମୋ ଜୀବ ଆଜୀବ ।
ଥଏ କର ତ, ଥୋଇଲି କଳଙ୍କ କୂଳରେ,
ଥୟେ ନ କର ରଖିଲ ମୋତେ ଧାତା ସ୍ଥିତିସ୍ଥାନତୟ ତୂଳରେ । ୧୭ ।

ଦେଖ ଦୂରକର ଦଇବ ମୋ ଭାଲେ ଲେଖିବା ଲିପି ଦେଲ ଢାଳ,
ଦେଖ ଦନ୍ତିଁ ଏଡ଼େ ଦନ୍ତ ତାର କେତେ ଜଳଦ ମୁନ ଦେଲ ଗିଳ ।
ଦରଆଦରେ, ଦୟିତାକୁ ନେଲ ଦୂରକୁ,
ଦୁରନ୍ତପଣରେ ଦର ଦୂର କର ଶିର ପାଡ଼ିଲ ଭଦୁଲକୁ । ୧୮ ।

ଧର୍ମ ଗୁଡ଼ିଲ ସେ ତାକୁ ଧର୍ମସୁତ ସଙ୍ଗତେ ଭେଟ କରାଇବ,
ଧ୍ୱାନ୍ତମୟ ଘୋର କାନ ଅକୂ ପାର....... ।
... ...ଧର୍ମ ସଂସ୍ଥାପନ ଜନୁ
ଧର ମୁଖ କେଶ ହସ୍ତ ଧର ସ୍ତୁତି ବୋଲି ଧୂନନ କଲେ ଧନୁ । ୧୯ ।

ନବନାଗସ୍ତ ନୟନପ୍ରତିମା ତୁ କାହୁଁ ନୋହୁଛୁ.... ।
... ...ନଜାଙ୍ଗ ନଖ.......,
...କର ଯେ ଦେଉ କାହିଁ ସୁଖ,
ନଭେ କୁଳଗୁରୁ ତଳ ତୋ ପ୍ରସରୁ ଅପସ୍ୱପ୍ନ ଦେଉଛୁ ଦୁଃଖ । ୨୦ ।

ପାପରେ ଅନା ପରେ ବସିମା ରୂପେ କେମନ୍ତେ ସରବ,
ପକ୍ଷତି ଷଢ......ପରିଚ୍ଛନ୍ନ ହେବୁ ଅଖଣ୍ଡା ଆଢ ନବେ ।
ପରମାଦରେ, ପ୍ରାଣପ୍ରତିମା ମୋର ଭିନ୍ନ
ପର ପୁରେ ତୋତେ ପରବେଶ କର ପଢ଼ିଛୁ ପିଣ୍ଡପର ମୁହିଁ । ୨୧ ।

Source: KC Dash, Digitized by PPRACHIN, SOA

ଫନ୍ଦାନଧି ମୋର ନୟନ୍ତର ଦୂରୁ ବଧିବକୁ ଗଳୁ ଛୁଟିଲ,
ଫାଟିଲ କପାଳ ଫଳ ଦେଖି ପୁଣି ବାନ୍ଧବା ଗଣ୍ଡିରୁ ଫିଟିଲ
ସ୍ଫୁଟ ନୋହୁଛି, ଫିଙ୍ଗିଦେଲ ପର ଜଳକୁ,
ଫେଡିବା ବୋଇଲେ ପ୍ରଷାକ୍ଷାମ ହୁଏ ଗଲା ସେ ଏଡ଼େ ଅକଳକୁ । ୨୨ ।

ବନବାନର ବଳ ଜଳକା ପଥ କଥନ ହେବା ନୁହେଁ ମୁଖେ,
ବଧି ତହିଁ ବନ୍ଧ ବାନ୍ଧିବା ବଇର ବଳ ବଧିବା କେତେ ଦୁଃଖେ ।
ବୁଦ୍ଧି ହଜିଲ, ବିବେକ ବିଗୁର ବରଗି,
ବେଳବାହୁରେ ବିଶ୍ୱାସ ଏକା ପାଶ ରୁହିଁଲେ ରହିଛି ଅବଜ । ୨୩ ।

ଭଇ ଭରଯା ଭୃତ୍ୟ କର ଭବନ ବିହ୍ୱଲ ତ ଆଣି ଗହନେ,
ଭରଯାକୁ ଭିନ୍ନ କରି ପୁଣି ତହିଁ ଦହିଲ ବିରହ ଦହନେ ।
ଭର ଭସୂରେ, ଭଆଇଲ·········
··· ···ଙ୍ଗ ଛି ମୋହର ଭରସା.......। ୨୪ ।

ମହାପ୍ରଭୁ ଶୋକ ଜାଣି ଜଳମୁକ ଅମୁକ ତାକୁ କଲ ଉଣା
ମହଲା ମଞ୍ଜୀର ସମାନେ ମାନସ ମନ୍ଦର ଭବ ଗଲ ଶୁଣା ।
ମହୀମଣ୍ଡଳେ, ମହ.......
··· ···ହେଲେ ଅଶୋଭ ବିଶରନ୍ଧ । ୨୫ ।

ଯମ ଜନକ ସନ୍ତତ ଶିରୋମଣି ସ୍ଥିତି ପଥେ ରଖି ଚିତ୍ତକୁ,
ଯାତନା ନାଶ ଅର୍ଥେ ଅନୁଜ ପେଶି ଡକାଇ ଆଣିଲେ ମିତକୁ ।
ଯୋଗ ବହିଲେ, ଜାନକୀ ଖୋଜିବା ବିଗୁରେ,
ଯୋଡ଼ କର ଯୂଗ ଅଙ୍ଗଦ ସଙ୍ଗତେ ଚଳିଲେ ସାତ ଥାର ଗୁରେ । ୨୬ ।

ରାବଣ ନେଲ ତଥ୍ୟ କରି କହିଲ ସମ୍ପାତି ଯେ ଥିଲ ସମ୍ପାନ୍ତ,
ଉସୂରେ ବଯୁସମେ ବ୍ୟୋମ ଅୟନେ ବାରିଧି ତରିଲେ ମାରୁତ ।
ରୁନ୍ଧି ନୋହି ସେ, ରାହୁଦେବ ମାତା କବଳେ,
ରାହୁ ତରଯାଇ ରମ୍ୟସ୍ଥାନ ପାଇ ସୁବେଳେ ରହିଲେ ସୁବେଳେ । ୨୭ ।

ଲଳିତ ଅଙ୍ଗୀଅଛି... ....,
... ...ନୟନୁ ।
....କଲେ,
ବେନ ମାସ କଷ୍ଟେ ମୁଦ୍ଦଦେଇ ମଣି ଘେନ ରାଘବ ପାଶେ ଗଲେ । ୨୮ ।

ଜଳସବୁ—ମେଘ

Source: KC Dash, Digitized by PPRACHIN, SOA

ଶର ଗଣ୍ଡରେ ସାଗର ତରି ଶରେ ସର୍ବରେ କରି ବନ ଜୁର,
ଶତବାର କରି ଶିର ସତକରି ମିଳିଲେ ତ୍ରିଶିରାରିପୁର ।
ଶୁଭ ବୃତ୍ତାନ୍ତ, ଶ୍ରବଣ କରାଇଲେ ପୁଣି,
ଶଙ୍କର ଧର ଧରଣୀ ସୁତା ଅଛୁ ଦେଖିଲି ବୋଲି ଦେଲେ ମଣି । ୨୯ ।

ଷଡ଼୍‌ଗୁଣା ସାଜନନଙ୍କୁ ପଙ୍କମଣି ଶ୍ରବଣ କଲେ ତ ଭୁ,
ଷଡ଼୍‌ବଗାଧ ବଗପତି ବସ୍ତୁରେ ନିର୍ବାନ୍ଧ କଲେ ମହାସେତୁ ।
ସାନ ଛହାରି, ସହାୟେ ସିନ୍ଧୁ ପାରି ହେଲେ,
ଟିଳାଗାର ସନ ଲଙ୍କ ଭୂପ କରି ବିଭୀଷଣଙ୍କୁ ଆଜ୍ଞା ଦେଲେ । ୩୦ ।

ସଞ୍ଚାରି ରଣକୁ ଶତ୍ରୁ ରାବଣକୁ ହତ ଚୋହ ସଙ୍ଗେ ମାଇଲେ,
ସହସ୍ରେ ରାକ୍ଷସୀ ମଧ୍ୟଗତ ଶଶୀବଦନା ସୀତାଙ୍କୁ ପାଇଲେ ।
ସୁର ସମାଜ, ସେଠାରେ ହୋଇଲେ ସନ୍ତୋଷ,
ସୁନା ଶୁଦ୍ଧ ପରି ଶିଶୁ ସାକ୍ଷୀକରି ଛଡ଼ାଇଲେ ମଳିନ ଦୋଷ । ୩୧ ।

ହରଷେ ମନ୍ଦୋଦରୀ ବିଭୀଷଣଙ୍କୁ ଲଙ୍କାରେ ଅଭିଷେକ କଲେ,
ହରି ଋକ୍ଷପତି ସଙ୍ଗେ ଘେନି ଆସି ଅଯୋଧ୍ୟା ଅଭିଷେକ ହେଲେ ।
ହୃଷ୍ଟ କଲେକ, ହରି ଋକ୍ଷ ରକ୍ଷ ମେଲଣି,
ହନୁମନ୍ତଙ୍କୁ ଏକା ପାଖେ ରଖିଲେ ନିଜ ସେବକ ସଙ୍ଗେ ଗଣି । ୩୨ ।

....କଂସାରି,
... ...ବାରେ ଗୀତ ଚଉତିଶା ହେ ଗଲା ସରି ।
କ୍ଷମେ କହଇ, କ୍ଷୌଣୀ ଗୀର୍ବାଣ ନାରାୟଣ,
କ୍ଷମାସୁତା ରାମ ଲକ୍ଷ୍ମଣ ଚରଣ ଶରଣେ ଲଭିବ ନିର୍ବାଣ । ୩୩ ।

କ୍ଷୌଣୀ—ପୃଥିବୀ, ଗୀର୍ବାଣ—ଦେବତା

Source: KC Dash, Digitized by PPRACHIN, SOA

ଜାନୁ ଚଉତିଶା

କୁରୁକୁଳ ମହନ୍ତ ସେ ଜାନୁଭଗ୍ନ ହୋଇ,
କରଇ ରୋଦନ ରାଜା ଶିରେ କର ଦେଇ
କାଲି କି ଦୋଷ ହରିର,
କେଣେ ଗଲେ ଅନେଶତ ଭାଇ ମୋ ସୋଦର । ୧ ।

ଖଟିଥିଲେ ନବନିଧି ଲକ୍ଷ୍ମୀ ମୋ କନ୍ଧର,
ଖଣ୍ଡିଲ ବିଧାତା ଗଲା ସମ୍ପଦ ମୋହୋର
ଖେଡ଼ଘର ପ୍ରାୟେ ଗଲା,
ଖଳ ବୁଦ୍ଧି ଫାନ୍ଦ ହରି ଏହା ଆରମ୍ଭିଲା । ୨ ।

ଗଜରଥ ଅଶ୍ୱଥାଟ ଅଠର କ୍ଷଉଣୀ,
ଗତ ଭୀଷ୍ମ ଦ୍ରୋଣ କର୍ଣ୍ଣ ଶଇଲ୍ୟ ଶକୁନି
ଗଜ ଅଶ୍ୱତ୍ଥାମା ହତ,
ଗଲେ ମୋ ଜଇଦ୍ରଥ ଭୂରି ଭଗଦତ୍ତ । ୩ ।

ଘୋର ଏ ସଂଗ୍ରାମେ ସୁତ ଅନେକ ଯୁଝିଲ,
ଘଡ଼ିକ ଭିତରେ ଭୀମ ଗଦାଗୋଳ କଲା
ଘେନି କି ଅବା ରହିବି,
ଘେନଗଲେ ଅଷ୍ଟନିଧି ବର୍ତ୍ତି କି କରିବି ? । ୪ ।

ନ ଉଚିତ କଲେ ହରି ସଂଗ୍ରାମ ଭିଆଇ,
ନାଶ ଗଲେ ବେନିବଳ ନ ବର୍ତ୍ତିଲେ କେହି
ନିଜ କରମ ମୋହୋର,
ନଷ୍ଟପ୍ରାୟେ ସମ୍ପଦ ଗଲା ଶକୁନି ବୁଦ୍ଧିର । ୫ ।

ଚତ୍ର ଛନଛନ ରାଜା ଚଞ୍ଚଳ ସେ ମତି,
ଚକ୍ରବର୍ତ୍ତି ହୋଇଥିଲି ବହନ୍ତା ବହନ୍ତି
ଚୂର ହୋଇଲା ସକଳ,
ଗୁରସୁଟେ କର୍ମ ମୋର ହୋଇଲା ନିଷ୍ଫଳ । ୬ ।

ଛତ୍ରିଙ୍କର ଚୂଡ଼ାମଣି ରାଜାଙ୍କ ଉପାମ,
ଛତ୍ରିବର ନାମ ମୋର ବିଧି କଲା ବାମ
ଛନ୍ଦ ଶିରୋମଣି ହରି,
ଛନ୍ଦ କୂଟ କପଟରେ ସବୁ ତ ସଂହାରି । ୭ ।

Source: KC Dash, Digitized by PPRACHIN, SOA

ଯେଉଁ ଦ୍ରୋଣ ଭୀଷ୍ମ କର୍ଣ୍ଣ ଶଲ୍ୟ ମହାରଥା,
ଯୁଦ୍ଧେ କେ ଜଅନ୍ତା· ତାଙ୍କୁ ଅଛି ସାମରଥା
ଜଗନ୍ନାଥଙ୍କ କପଟ,
ଜ୍ୟୋତିବ୍ରହ୍ମ ଦେଖାଇଣ ମୋତେ କଲ ହଟ । ୮ ।

ଝରଇ ମାନଗୋବନ୍ଦର ନୟନରୁ ନୀର,
ଝଟକାରେ ଅଶ୍ୱତ୍ଥାମା ମିଳିଲେ ଗ୍ଭମୁର
ଝିନବସ୍ତ୍ର ଘେନ କର,
ଝଟକାରେ ଲୁହ ସେ ପୋଛନ୍ତି ଛନିକର । ୯ ।

ନ କର ବେଦନ ରଯ୍ୟେ ମୋ ବୋଲ କରିବା,
ନିଜ କରେ ମୁକୁଟ ମୋ ଶିରରେ ବାନ୍ଧିବା
ନିଜ କରମ ତୋହୋର,
ନଷ୍ଟଯ୍ୟେ ସମ୍ପଦ ଗଲା ଶକୁନି ବୁଦ୍ଧିର । ୧୦ ।

ଟଙ୍କାର ଶବଦେ ଧନୁରେ ଦେଇ ଗୁଣ,
ଟାକି ଭୀଷ୍ମ ବନ୍ଧିଲେ ସେ ବ୍ରହ୍ମଶସ୍ତ୍ରମାନ
ଟେକି ବନ୍ଧିବ ନାରାଜ,
ଟେକ ଶିର ମହାରାଜା ଛଡ଼ାଇବ ଲାଜ । ୧୧ ।

ଠିକେ ମୁଁ ବୋଇଲି ରାଜା ସେନାପତି କର,
ଠାକୁର ମୁଁ କରାଇବ ପଞ୍ଚୁ କଟକର
ଠିକ ବଚନ ନ ଶୁଣି,
ଠକହୋଇ ରହିଲ ରାଜାଙ୍କ ଶିରୋମଣି । ୧୨ ।

ଡାହାଣ ହସ୍ତରେ ଦ୍ରବ୍ୟ ଅକ୍ଷତ ସେ ଦେଲ,
ଡଙ୍ଗର ଭୀମାକୁ ବେଗେ ସଂହାର ବୋଇଲା
ଡୋଳେ ଦେଖିବ କି ନାହିଁ,
ଡାକି ଡାକି ଭୀମା ମୋତେ ବୋଲାଅଛି ଯାହି । ୧୩ ।

ଢଳ ହଳ ବରଜଇ ଦ୍ରୋଣଙ୍କର ସୁତ,
ଢମକରି କହୁଅଛି ମାରିବ ସମସ୍ତ ।
ଢମ ନୁହଇ ସେ କଥା,
ଢାମ ସେନାପତି ଅଶ୍ୱତ୍ଥାମା ମହାରଥା । ୧୪ ।

ଆପଣେ ଶ୍ରୀହରି ପାଣ୍ଡବଙ୍କୁ ଶାଖାବ୍ରତ,
ଅବନୀମଣ୍ଡଳେ ତାଙ୍କୁ କେ ଅଛି ସମର୍ଥ ?

Source: KC Dash, Digitized by PPRACHIN, SOA

ଅଛ ମାୟାଧର ଢଗ,
ଅନ୍ତ ନ ପାଇଲେ ବ୍ରହ୍ମା ଦେବଶୂଳଧାରୀ । ୧୫ ।

ଛୁରତେ ବନ୍ଧଲେ ଦ୍ରୋଣୀ ବ୍ରହ୍ମଶସ୍ତ୍ର ବାଣ,
ଛାଷ୍ଣ ସୁନା ନାରଜ ନ ବାହୁଡ଼ବୁ ପୁଣ
ଛୁମ୍ଭେ ଶୁଣ ହୋ ନାରଜ,
ଛନପୁରେ ପାଣ୍ଡବଙ୍କୁ ପଶିଁଥିବେ ଖୋଜ । ୧୬ ।

ଥିଲେ. ଯେବଣ ଠାବରେ ଯେନଗଲେ ଢଗ,
ଥାନ ଛୁଡ଼ଗଲେ ସେହୁ ସମରେ ନ ପାର ।
ଥିଛ ବ୍ରହ୍ମାଣ୍ଡ ଉଦର,
ଖୋଇଗଲେ ପଞ୍ଚାଳ କୁମରଙ୍କୁ ଦୁଆର । ୧୭ ।

ଦୁଆରେ ଶୁଆଇ ଗଲେ ପଞ୍ଚାଳ କୁମର,
ଦେଖିଲେକ ଗଦା କରେ କୁନ୍ତ ଧନୁଶର
ଦେଖି ନୟନେ ପାଲଟି,
ଦେବ ଶସ୍ତ୍ର ଅନେକ ଆଣିଲେ ମୁଣ୍ଡକାଟି । ୧୮ ।

ଧନୁ ହୁଲେ ଲମ୍ବାଇ ପଞ୍ଚାଳ ପଞ୍ଚ ଶିର,
ଧୂରେ ଥାଇ ଦେଖିଲେ ତା ଭାନୁବଷ୍ଟ ବର
ଧନ୍ୟ ଧନ୍ୟ ଅଶ୍ୱତ୍ଥାମା,
ଧନ୍ୟ ଧନ୍ୟ ଛନିବର ରଖିଲୁ ଗାରମା । ୧୯ ।

ନକଟେ ଦେଖିଣ ରଜା ହୋଇଲା କାତର,
ନୋହନ୍ତି ପାଣ୍ଡବେ ଏତ ପାଞ୍ଚାଳୀ କୁମର
ନୟନ ନଦେଖି ରହିଲା,
ନିଷ୍ଟୟେ ବାଳକ ହତ୍ୟା ଲଭିଲି ବୋଇଲା । ୨୦ ।

ପରଣା ଆନନ୍ଦ ଛୁଡ଼ି ବିସ୍ମୟେ ହୋଇଲା,
ପିତୃ କାର୍ଯ୍ୟ ଆଜଠାରୁ ସମସ୍ତ ରହିଲା ।
ପାଣି ଦ୍ୟନ୍ତା ଥିଲେ ଏବେ,
ପିତୃ କାର୍ଯ୍ୟ କରବାକୁ ନ ରହିଲେ କେହି । ୨୧ ।

ଫେଡ଼ ମୁଁ ରାଜ୍ୟ ରଜନ୍ତି କରବେ ପାଣ୍ଡବ,
ଫଳିଲା କରମ ଦୋଷ ଲଭିଣ ଦଇବ ।
ଫେବ ପୁରେ କ ପଶିବ,
ଫୁଟିପାଉ ମୁଧୂର୍ନ ବ୍ରତ କ କରବ । ୨୨ ।

ମୁଧୂର୍ନ—ମୂର୍ଚ୍ଛନା; ବ୍ରତବା—ବଞ୍ଚି ରହିବା ।

Source: KC Dash, Digitized by PPRACHIN, SOA

ବେଦବ୍ୟାସ ଭୀଷ୍ମ ଦ୍ରୋଣ କହିଲେ ସବ୍ବହେଁ,
ବୋଲେ ଯେ ନ କଲ ମୁହିଁ ବଦୂର ସଙ୍ଗହେଁ ।
ବାସୁଦେବ ଗଲେ ଫେରି,
ବାହୁଡ଼ିଲେ ମାୟାଧର ଘେନଗଲେ ଶିରୀ । ୨୩ ।

ଭୃତ୍ୟେ ଅଭିମାନ ପାଇ ବ୍ରହ୍ମାଣ୍ଡ ଠାକୁର,
ଖିର ନବାର ମିଳିଲେ ନୃପତି ଗୃମୁର ।
ଭଲା ଭଲା ଦୁର୍ଯ୍ୟୋଧନ,
ଭୂମି ସୂଚୀଅଗ୍ରେ ନ ଦେଲୁ ମୋତେ ଦାନ । ୨୪ ।

ମୁହାଁମ ନ ପାଇ ମନ୍ତ୍ରୀ ରଖିଲୁ ଆବୋରି,
ମତ୍ତଗର୍ବେ ନ ଚହ୍ନିଲୁ ମୋତେ ଦେଲୁ ଫେରି ।
ମନ୍ତ୍ରୀ ମାତୁଳ ବଚନ,
ମରାଇଲୁ ମହା କ୍ଷେତ୍ରି ଭୀଷ୍ମ ଦ୍ରୋଣ କର୍ଣ୍ଣ । ୨୫ ।

ଜଗତ ଠାକୁର ହରି ଖେଳଘର ସିନା,
ଯେତେ ଯେତେ ବୋଲ ସବୁ ତୁମ୍ଭର ରଚନା
ଯନ୍ତ୍ର ଗୁଣ ତୁମ୍ଭେ ହରି,
ଯେତେ କର୍ମ ଧର୍ମ ପାପ ପୁଣ୍ୟ ସ୍ୱାଁ ତୁମ୍ଭର । ୨୬ ।

ରେମକେ ବ୍ରହ୍ମାଣ୍ଡ ନାଥ କେ କରୁ କଳନା,
ରୂପ ଗୁଣ ଦେଖାଇଣ ମୋତେ କଲ ବଣା
ରାମ ନାମ ବ୍ରହ୍ମତତ୍ତ୍ୱ,
ରମନ୍ତ୍ର ପରମ ଯୋଗୀଜନେ ଯତ ସତ । ୨୭ ।

ଲାବଣ୍ୟ ମୂରତି ଦେଖି ସନକାଦ୍ୟ ଗଲେ,
ଲୋଡ଼ି ଭେଟ ନ ପାଇଣ ବାହୁଡ଼ି ଅଇଲେ
ଲାଜ କରାଇଲୁ ମୋତେ,
ଲଙ୍କାର ରାବଣ ବଡ଼ ହୋଇବ କି ତୋତେ । ୨୮ ।

ବହୁତ ଗର୍ବଗଞ୍ଜନ ବାନା ଭବଗ୍ରାହୀ,
ବାସବଙ୍କୁ ଗଞ୍ଜିଲୁ ସେ ଗୋପପୁରେ ଥାଇ
ବଡ଼ କେଡ଼େ ଅବା ମୁହିଁ,
ବଳ ବେଣୁ ମାନଧାତା ଅଛନ୍ତି ସେ କାହିଁ । ୨୯ ।

ସବ୍ବହେଁ—ସମସ୍ତେ

Source: KC Dash, Digitized by PPRACHIN, SOA

ଶ୍ରୀହରି ଶୁଣି ସନ୍ତୋଷ ହରଷ ବଦନ,
ଟଙ୍ଖ ଧ୍ୱନି ଦେବଦତ୍ତ କଲେ ଘନ ଘନ
ଶଙ୍ଖ ତ୍ରିଲୋକେ ଶବଦ,
ଶୁଣିଲ କୃପନ୍ତ ସେ ଯେ ଗୃହଭାଗ ବେଦ । ୩୦ ।

ଶୁଣାଇଲେ ଗତ ଗତାନ୍ତର ମୃତ୍ୟୁ ଭେଦ,
ସକଳ ଚେତିଲ ରାଜା ମାୟା ପର ଦ୍ୱନ୍ଦ୍ୱ
ସତ ଧର୍ମେ ପ୍ରାଣ ଦେଲ,
ସଙ୍ଗ ତେଜ ମହାରାଜା ବୈକୁଣ୍ଠେ ବସିଲ । ୩୧ ।

ଶରଣ ପଞ୍ଜର ନାଥ ପ୍ରେତ କାର୍ଯ୍ୟ କରି,
ଶ୍ରାଦ୍ଧ କର୍ମ ପ୍ରେତ କାର୍ଯ୍ୟ ତୀର୍ଥ ଯାତ୍ରା ସାରି
ସଙ୍ଗ ପ୍ରବୋଧନା ହରି,
ସଞ୍ଜଏ ଗାନ୍ଧାରୀ ଧୃତରାଷ୍ଟ୍ର ଆଦ୍ଧ କରି । ୩୨ ।

ହରଷ ଦ୍ରୌପଦୀ ଭୀମ ପାଣ୍ଡବ ସବୁରି,
ହୋଇଲେ ଯୁଧିଷ୍ଠିର ରାଜା ଦଣ୍ଡ ଅଧିକାରୀ
ହରି ଦ୍ୱାରକାକୁ ଗଲେ,
ହରିବଂଶ ଯାଦବଙ୍କୁ ସଙ୍ଗତେଣ ନେଲେ । ୩୩ ।

ଛପନ କୋଟି ଯାଦବ କୁଟୁମ୍ବ ସକଳ,
ଛକ ଭିତରେଣ ଚହ୍ନିଁ କଲେ ଆମ୍ଭାଗୋଳ
ଗୁଡ଼ ସକଳ ମୂହାଂସ,
ଷଣ୍ଡରେ ରହିଲ କଥା କଲେ ଶିଶୁ ଦାସ । ୩୪ ।

Source: KC Dash, Digitized by PPRACHIN, SOA

ଶ୍ରୀକୃଷ୍ଣଙ୍କ ପାଠ ପଢ଼ା

କହନ୍ତି ମାଏ ଯେ କୃଷ୍ଣଙ୍କ ଅଗେ । କଥା ଶୁଣ ବାବୁ ଅତି ସରାଗେ ॥
ଖେଳୁଥାଉ ବୁଦ୍ଧି ଗୁଡ଼ରେ ବାବୁ । ଖଡ଼ି ଛୁଇଁଲେ ତୁ ପାଠ ପଢ଼ିବୁ ॥
ଗୁରୁଙ୍କ ଆଗେ ଓଳଗିବୁ ଯାଇଁ । ଗୋବିନ୍ଦ ସୁମରି ଲେଖିବୁ ଭୂଇଁ ॥
ଘେନ ଖଡ଼ି ହସ୍ତେ ଶ୍ରୀଯୁ ଲେଖିବୁ । ଘଟଣା ନେଇ କପାଳେ ବୋଳିବୁ ॥
ଙସ୍ତା କରି କାହ୍ନୁ କହୁଛୁ ଥୋଟେ । ପ୍ରତିନିତି ଭୋଗ ଭୁଞ୍ଜିବୁ ଯେତେ ॥
ଚନ୍ଦନ ଫଳ ପାନ ଦୁଧ ସର । ଚଉ ଜାଣି ଖଟିଥିବ ତୋହର ॥
ଛାଟକୁ ରେ ବାବୁ ଭୟ ନ କର । ଛଟଚ ହୋଇ ବିଦ୍ୟା ପଢ଼ିବାର ॥
ଯାହା ଖାଇବୁ ତୁ ଦ୍ୱିଭଗ କର । ଯତନେ ଦେଇ ଗୁରୁଙ୍କ ଛାମୁର ॥
ଝଟ ଝଟ ଗନ୍ଥ ପଢ଼ିଣ ଯିବୁ । ଝିନ ପୀତବାସ ପିନ୍ଧଣ ଥିବୁ ॥
ମାଳାମ୍ବର ଘଞ ଥିବେ ସଙ୍ଗର । ନେଇ ଆଣୁଥିବେ ଭ୍ରାନ୍ତି ନକର ॥
ଟଙ୍କା ସୁନା ଲୁଗା ଧାନ କଉଡ଼ି । ଟେକ ଗୁରୁଙ୍କୁ ଦେବ କରଯୋଡ଼ି ॥
ଠିକ ସ୍ୱରଗୋଟି ଆଗ ପଢ଼ିବୁ । ଠିଆ ହୋଇଲେ ଗୁରୁଙ୍କୁ କହିବୁ ॥
ଡାକହାକ କରି ପଢ଼ିବୁ ପାଠ । ଡଙ୍ଗର ଭୁଲି ନ ଗୁଳିବୁ ବାଟ ॥
ଢାଳେହେଁ ବାବୁରେ ମୃରୁଖ ନୋହି । ଢମପଣ କଲେ ବିଦ୍ୟା ନ ପାଇ ॥
ଅଣ ମଣିଷରେ ନ ପଢ଼େ ଯେହୁ । ଅଣପଶୁ ହୁଅଇ ରେ ସେହୁ ॥
ତିନ ତ୍ରୈଲୋକ୍ୟ ଯେଉଁ ପ୍ରଭୁ ଥାଇ । ତୁଣ୍ଡେ ସୁମରିଲେ ବିଦ୍ୟା ଆସଇ ॥
ଥିବର ବୁଦ୍ଧି ସନ୍ଥଜନ ସଙ୍ଗେ । ଥିଲେ ଜ୍ଞାନ ପାଇ ଗୁରୁଙ୍କ ଆଗେ ॥
ଦୁଇ ଦୁଇ ନେତ୍ରେ ସକଳ ଜନ । ଦେଖ ବିଦ୍ୟାବନ୍ତ ନୟୁଲୋଚନ ॥
ଧର୍ମ ଥିଲା ଲୋକର ସ୍ୱର ଆଖି । ଧର୍ମକୁ ଅଧିକ ଜ୍ଞାନକୁ ଲେଖି ॥ ୧୦୦
ନାନାଦେଶେ ଗଲେ ବିଦ୍ୟାର ପୂଜା । ନଜାଣିବା ଲୋକେ ବିଦେଶେ ଲଜ୍ୟା ॥
ପୁଣ୍ୟଲୋକେ ପୃଥ୍ୱୀ ଦାନ ଦିଅଇ । ପୃଥ୍ୱୀ ଦାନ ଦେଲେ ଅକ୍ଷୟ ହୋଇ ॥
ଫେଡ଼ଇ ପାପଭାର ହୃଦୟର । ଫଳ ଫଳଇ ଅନେକ ପ୍ରକାର ॥
ବହନ୍ତେ ବିଦ୍ୟାନୋହେ ବୋଝଭାର । ବନ୍ଧୁ ନ ନିଅନ୍ତି ଖଣ୍ଡ ତସ୍କର ॥
ଭଲ ଭଲ ଲୋକେ ଭଲ ବୋଲନ୍ତି । ଭାଇ ଭଗାରି ବାଣ୍ଟି ନ ନିଅନ୍ତି ॥
ମଜନେ ଥିଲେ ପରୃଶଲେ କହି । ମନୁଷ୍ୟ ହୋଇ ନ ପଢ଼ଇ ସେହି ॥
ଯେହୁ ସେ ନ ପଢ଼େ ପଶୁରେ ଲେଖ । ଜାଣି ହେଉଛୁକର ତୁ ଚନ୍ଦ୍ରମୁଖ ॥
ସଜାସଜୋଡ଼ା ସବୁଠାରେ ପୁଚ୍ଛା । ରଣେ ବଣେ ଯାଉ ଯେଣେ ତା ଇଚ୍ଛା ॥

Source: KC Dash, Digitized by PPRACHIN, SOA

ଲକ୍ଷ ଲକ୍ଷ ଲୋକ ଦୁର୍ଭିକ୍ଷେ ମଲେ । ଲକ୍ଷେ ମାନଙ୍କ ଗୃହେ ଭିକ୍ଷା କଲେ ॥
ବଡ଼ ସମର୍ଥ ଯେବଣ ଲୋକ । ବୋଝିଂଗର ବୋଝ ଲୋଟ୍ଟି ଥା ବେକ ॥
ଶ୍ରୀମନ୍ତ ଲୋକ ଯେ ବିଦ୍ୟା ପଢ଼ଇ । ଶୁଣି ହସ ହସ ଦେବ କହ୍ନାଇ ॥
ସୁବର୍ଣ୍ଣ ଥାଳୀରେ ଅକ୍ଷତ ଦୁବ । ସରୁ ଚଣ୍ଡୁଳ ଗୁଡ଼ ନଇବେଦ୍ୟ ॥
ସଙ୍ଗାଦେଇ ମାଏ ସମର୍ପି ଗଲେ । ସାନ୍ଦୀପନି ମୁନି ବିଦ୍ୟା କହିଲେ ॥
ଦ୍ରୋଣ କୁଶଳ ବିଦ୍ୟା ଶିଖିଲେ । ହରିଷେ ଗୁରୁ ବିଦ୍ୟା ଦାନ କଲେ ॥
ଛଚନ୍ଦ କଥାଏ ଶ୍ରୀ ଭାଗବତ । ଷମେ ହରିଦାସ ଗାଇଲେ ଗୀତ ॥

Source: KC Dash, Digitized by PPRACHIN, SOA

ରଘୁବୀର ଚଉତିଶା

[ରାଗ କୌଶିକ]

କଉଶଲ୍ୟା ତନୁ କର୍ପୂର ଚନ୍ଦନ କମଳ ନୟନ ଶ୍ରୀରାମ,
କରୁଣା ଜଳଧି ଦୂର୍ବାଦଳ ଶ୍ୟାମ ସମସ୍ତ ଲୋକ ଅଭିରାମ
କାଳ ବଶରେ, ବନବାସେ ସୀତା ହରାଇ,
କଲ ମାଲ୍ୟବନ୍ତ ଗିରିରେ ଆଶ୍ରମ କିଷ୍କିନ୍ଧ୍ୟା ସୁଗ୍ରୀବକୁ ଦେଇ ।୧।

ଖମଣ୍ଡଳେ ଆସି ପ୍ରବେଶ ହୋଇଲା ନୂତନ ହୋଇ ବାରିଧର,
ଖଣ୍ଡିଲା ଗଗନ ଜନାବଲୋକନ ମଣ୍ଡିଲା ଗିରିବର ଶିର
ଖେଦ ଲଭିଲେ, ଅନାଇ ରଘୁକୁଳମଣି,
ଖଣ୍ଡେ ଦୂରୁ ଦେଖି ପ୍ରବଳ ଜଳଦ ଆଗତ ଆଶୀବିଷ ଜାଣି ।୨।

ଗିଳି ଯେ ଦେଉଛି ଗିରିବର ଶିର ଏ ଆମ୍ଭର ବଡ଼ ଉଛବ,
ଗିରିବର ଶିର ଗିଳିବାକାଳେ ଏ ଆମ୍ଭଙ୍କୁ କିଁ ତ ଗିଳିଦେବ
ଗାଢ଼ ବେଦନାମାନରୁ ତ ପାର ହୋଇବା,
ଗମ୍ଭୀର ଗୁରୁଗର୍ଜନମାନ ଆଜ କେମନ୍ତ ପ୍ରକାରେ ସହିବା । ୩ ।

ଘନଘନ କରି ଘୋର ଘନଘଟା ବିପୁଳରେ ବରି ଗୁଡ଼ିବ,
ଘଟଣ ଆନମା ପାଶେ ନଥିବାରୁ କେ ଅବା ତାହା ସୁହାଇବ
ଘୋର ଦୁଃଖରେ, ପଡ଼ିଲା ଏ ଘୋର ସମୟ,
ଘମ୍ମ ଘଟଣା ନାଶି ପ୍ରାୟ ହୋଇଛି ଏଥି ତ ଅତି ମହାଭୟ । ୪ ।

ନବ ଜୀମୂତ ଏ ନୟନ ଗୋଚର ଜୀମୂତ ଆରୋହିଲା ଆସି,
ନିମିଷ ପକାଇବା ମାତ୍ରେ ସମସ୍ତ ହରିତଗଣ ଗଲା ଗ୍ରାସି
ନଷ୍ଟ ହୋଇବ, ହରିତମାନଙ୍କର ଗ୍ରାସ,
ନୀରଜନୟନୀ ଜନକ ନନ୍ଦିନୀ ବିଜନେ ଆମ୍ଭର ବିନାଶ । ୫ ।

ଚଞ୍ଚଳାବଳି ଆବେଷ୍ଟନ ହୋଇଛି କଜ୍ଜ୍ୱଳ ବର୍ଣ୍ଣ ଏ ଜଳଦ,
ଚଟୁଳ ପଠନ ଘୋଷ ଘୋଷୁଅଛି ସାଧୁଛି ବରଷା ଶବଦ
ଚହୁନଗ୍ରେଳ, ଗ୍ରେଳ ଆରୋହି କେକୀ ପଣ୍ଡା,
ଚଣ୍ଡେ କି କହେ କାହିଁ ରକ୍ଷା କରନ୍ତା ହରଣ ବଧେ ମାରଖଣ୍ଡା ।୬।

Source: KC Dash, Digitized by PPRACHIN, SOA

ଛୁଡ଼ୁଛି ମନ ଆମ୍ଭ ଜୀବନ ଆଶାଜନକ ଜୀବ ସୁତା ଆଶା,
ଛଡ଼ାଛଡ଼ି କାଳ ଦେଖିକରି ଭୁଛ ମଣ୍ଡୁକ କହେ ଏତେ ଭାଷା
ଛୁଡ଼ି ପଳାଶ, ଖଦିର କେତକ ବାହାର,
ଛ'ଋତୁ ଶ୍ରେଷ୍ଠ ବରଷା ବ୍ୟାଘ୍ରଦନ୍ତ ବରହିଁଟି ଏହା ଆହାର । ୭ ।

ଜଳଯୋନି ଅବା ନୋହିବ ବୋଲି ଯେ ସଂଶୟ ଥିଲା ଅନଳରେ,
ଯେବେ ଶୀତଳ ହୋଇ ଦେହ ଦହୁଛି ତେବେ ନିର୍ଦ୍ଦୋଷକୁ ସରିରେ.
ଜଳଧରେ... ....,
... ...ଧର ସମପୃ ମହାଦାବାନଳ ଆଧାରେ । ୮ ।

ଝଟତି ଆସି ଜାଣି ଯୂଥୀ କଳିକା ଗର୍ଭରୁ ହୋଇଲେ ବାହାର,
ଝଞ୍ଜାନିଲମାନେ ବନରୁ ସମସ୍ତ ଦିଗକୁ କରନ୍ତି ପ୍ରଚୁର
ଝସ ନିବାସ, ଝଣ ପ୍ରାନ୍ତେ ନିବାସ ଆସି,
....କ ରୂପେ ଥିବ ଚୁରୁକେଶୀ । ୯ ।

ନାନା ପ୍ରକାରେ କଳ୍ପନା ମାରଧକୁ କରୁଅଛନ୍ତି ରଘୁବୀର,
ନବ ମେଘ ଆସି ପ୍ରବେଶ ହୋଇଲା କି ମହାଭାରତ ସଙ୍ଗର·?
ନାନା ପ୍ରକାର, ଖଣ୍ଡ ଅର୍ଜ୍ଜୁନ କାଣ୍ଡେ ଶୋଭା,
ନିବିଡ଼ ଆକଳନା କରି ନୁହଇ ସୁଦରଶନ କୃଷ୍ଣ ପ୍ରଭା । ୧୦ ।

ଟୋପା ଟୋପା ମାରବିନ୍ଦୁ ଯେହ୍ନ ବେଗେ ଜଳଦ ପ୍ରବେଶ ହୋଇଲେ,
ଟେକ ମାଲ୍ୟବନ୍ତ ନାମ ଜୀମୂତକୁ ମିତ୍ରଭେ ଆଲିଙ୍ଗନ କଲେ
ଟାଣ ଘୋଷେ କି, କୁଶଳ ପ୍ରଶ୍ନମାନ କଲେ,
ଟିକାଏ ଆଉ ଅନ୍ତର ନ ରଖିଲେ ଏମନ୍ତ ସ୍ନେହ ଦେଖାଇଲେ ।୧୧।

ଠିକ ମାନ୍ୟବନ୍ତେ ପାଦଶିଁ ଛୁଇଁଲା ବାବୁ ପ୍ରୀତିଆ ନବଘନ,
ଠଣ ଗର୍ଜ୍ଜନ ତଡ଼ିତ ଆଲିଙ୍ଗନ କରି ମୁଞ୍ଚିଲା ଜଳମାନ
ଠା ଠା ହୋଇ ସେ, କାଳ କଣ୍ଠମାଳ କଣ୍ଠାଢ଼,
ଠୁଳ ଶବଦମାନ କରି ରଜନୀବାସରେ ହୋଇଲେ ପ୍ରମାଦୀ । ୧୨ ।

ଡମ୍ବରୁଧର ଭୂଷଣମାନେ ମହାଭୟଦ ଧ୍ୱନି ଆରମ୍ଭିଲେ,
ଢେଇଁ ତଟମାନ ନଗଜାତ ନଦୀ ଧ୍ୱନିକରି ଜଳ ପୂରିଲେ
ଢର କରାଇ, ମହାସ୍ରୋତବତୀ ହୋଇଲେ,
ଡାଳମାନରୁ ବେତସ ପୁଷ୍ପମାନ ଆପଣା ଇଚ୍ଛାଏ ତୋଳିଲେ । ୧୩ ।

Source: KC Dash, Digitized by PPRACHIN, SOA

ତାଳେ ଦେଁ ସମସ୍ତ ପ୍ରକାରେ ଲଭିଲ ସୋମ ସବିତା ଦରଶନ,
ତାଳିଲେ କୁସୁମ ଭରେ ପ୍ରଫୁଲ୍ଲିତ ନୀପ ସୁମନ ତାଳମାନ
ତାଉ ବର୍ଣ୍ଣିକୁ, ଭଜିଲେ ଅବନୀ କୁପୀଠ,
ତଳଇ ପିଚ୍ଛଳେ ପଥୁକାର ପଦ ପଡେ ନ ଦିଶେ ଜଳବାଟ । ୧୪ ।

ଅଣ ରଜନୀରେ ଫଣି ମଣି ଜ୍ୟୋତିରିଙ୍ଗଣ ଗଣ ଦୀପମାନେ,
ଅନୁକ୍ଷଣ ନୋହି ଅନ୍ଧକାର ସଙ୍ଗ ପାଇ ଗହଳ ମହାବନେ
ଅଣଭୟରେ, ଦିବସେ ଚରେ ନିଶାଚର,
ଅଣୁ ଏ ଦୁଃଖ ନ ଭଜିଲେ କୁମୁଦ ସୁଖ ନୋହିଲ ସାରସର । ୧୫ ।

ତପନ ବଂଶ ଉତ୍ତଂଶ ରାଘବେଶ ସମ୍ପୂର୍ଣ୍ଣ କରଷା ଅନାଇ,
ତରୁଣୀରତ୍ନ ଜନକ ସୁତା ବୋଲି ନୟନୁ ଲୋତକ ପକାଇ
ତୋଟେ ଯେନ ଯେ, ତରୁତଳ ଭୃଙ୍ଗଶିଳାରେ,
ତାର ତରଘନବଲ୍ଲିଶ ତୋୟଦ ଅନାଇଥାଉ ଶରଧାରେ । ୧୬ ।

ଥିବ ଏବେ କାହିଁ ଶରଦିନ୍ଦୁମୁହୀ କେମନ୍ତେ ସରୁଥିବ ଦିନ,
ଥାଉ ତାର ଦିନ ସରିବାର ଆମ୍ଭେ ସୁଖେ ରଖିଅଛୁ ଜୀବନ
ଥିର କରିଲେ, ଲକ୍ଷ୍ମଣଙ୍କୁ ପ୍ରତି ପାଳିବ,
ଥୂଳ କନ୍ଦମୂଳ ନାନା ସ୍ୱାଦୁଫଳ କାହାଆଗେ ଆଣି ଥୋଇବ । ୧୭ ।

ଦିନକର ମୋର ଆନନ ଗ୍ରସିଁବା ଉରେଟି ଅଦୃଶ ହୋଇଲେ,
ଦୟାଳୁ ସୁକେଶୀ ମୁଖ ମିହଶଶୀ ଏ ଯେନ ସେ ଦେଖା ନ ଦେଲେ
ଦୁଃଖ ଉପରେ, ଏ କଥାମାନ ଦୁଃଖକର,
ଦେଖ ପର୍ବତେ ଜଳ ଅଧିକ କରେ ଉଦୟ ହୋଇ ଜଳଧର । ୧୮ ।

ଧନୁ ଭଙ୍ଗିଲ ଦିନରୁ ଜାଣିଅଛୁ ମଇଥିଳୀ ଭୋଗ ନୋହିବ,
ଧରଣୀଧର ଧରବର୍ଗ ନାଶିଲ ଏଥୁ କାହିଁ ଭଲ ହୋଇବ
ଧାତା ସେ କଥା ନ ସହି ଆଣି ଏହା କଲା,
... ...ଏତେ କାଳ ଆସି ପଡ଼ିଲା । ୧୯ ।

ନୃପସୁତା ନୃପବଧୂ ହୋଇ ନାନା ଦୁଃଖକୁ ଆସ୍ପଦ ହୋଇଲା,
ନୟନ ନୀରର ନିବାସ ହୋଇଲା ବନଦ୍ରେ ନିଶାମାନ ନେଲା
ନଦୀ କୂଳରେ, ପର୍ଣ୍ଣଶାଳା ଶିଳା ତଳରେ,
ନାନା ନାଗଙ୍କ ଗର୍ଜ୍ଜନମାନ ଶୁଣି ପାଶ ନ ତେଜଇ ଭୟରେ । ୨୦ ।

ଜ୍ୟୋତିରିଙ୍ଗଣ—ଜୁଳୁଜୁଳିଆ ପୋକ, ନୀଳକଣ୍ଠ—ମୟୂର

ଘନବଲ୍ଲୀ—ବିଦ୍ୟୁଲ୍ଲତା

Source: KC Dash, Digitized by PPRACHIN, SOA

ପ୍ରାଣୀଙ୍କ ବିପତ୍ତି ନାନା ପ୍ରକାରରେ ପଡ଼ିବାର ଅଛି ପ୍ରମାଦ,
ପ୍ରମାଦ ଶିରେ ପ୍ରମାଦ ପଡୁଥିଲେ କମ୍ପାଇ ନୋହିବ ଭୟଦ
ପଦ୍ମପଲାଶ, ଉଲଟ ନୟନ ଶୋଷିଲା,
ପ୍ରଣୟ କେଳିକଣ୍ଠ ପାଶ ବାସ ମୋ କଣ୍ଠକୁ ବାସ କରିଦେଲା ।୨୧ ।

ଫୁଲ୍ଲାର ବିନ୍ଦବଦନୀ ଏ ଘନକୁ କାହିଁକି ଗୃହ୍ଣିବ ଜାଣିବ,
ଫୁଟ ବହଳ ଶ୍ରବଣ ଅନୁକ୍ଷଣେ କେମନ୍ତ କରି ନ ଶୁଣିବ ।
ଫାଟି ହୃଦୟ, ଯାଉଥିବ ଯେ ଦଣ୍ଡେ ଦଣ୍ଡେ,
ଫାଇ କାଳଚିନ୍ତା ନ କରୁ କୁଳିଶ ବହନ ହୋଇପଡ଼ୁ ମୁଣ୍ଡେ ।୨୨ ।

ବିଷମ ସ୍ଥୂଳ ବିପୁଳ ଘଡ଼ଘଡ଼ି ବହନ ହୋଇ ଯେ ପଡ଼ଇ,
ବଡ଼ ମ୍ଳାନ ହୋଇ ଅଙ୍ଗ ଆସ୍ପଦରୁ କ୍ଷଣମାତ୍ର ସ୍ଥାନ ଛୁଡ଼ଇ
ବହୁ ପ୍ରକାରେ, ଭୟ କରଇ ଜଳଦକୁ,
ବାଳା କୋମଳା ଆଜନ୍ମ ସୁଖୀ କରି ଯେବେ ଧାତା କଲା ଖେଦକୁ ।୨୩।

ଭୟ ନ କରିବା ଲୋକକୁ ହିଁ ଭୟ କରାଇ କନ୍ଦର ସ୍ତନିତ,
ଭୀରୁ ଉଶତ ରଜନୀ ମଧ୍ୟବାସୀ ଏ କାପ୍ୟେ ସ୍ଥିର ହୁଏ ଚିତ୍ତ
ଭିନ୍ନ ବିଭିନ୍ନ ହୋଇ ରହିବା ରଜନୀରେ,
ଭୟ ଉପସ୍ଥିତ ହୋଇ ସେ ରଜନୀଯାକ ବଞ୍ଚଇ ଉଜାଗରେ ।୨୪।

ମାଳତୀ ଜାତୀ କେତକୀ ଗନ୍ଧ ବହି ଗନ୍ଧବହ ଅତି ପ୍ରବଳ,
ମନୋଜ ଦୁଃଖରୁ କିକ କରୁଥିବ ହା ହା ହୋଇ ଅତି ବ୍ୟାକୁଳ
ମୋତେ ନୟନେ, ଲେଖିଥିବ ମନ୍ଦରେକ୍ଷଣା,
ମହାବଳବନ୍ତ ବିଧାତା ଏତେକ କ୍ଷଣକେ କଲା ବଣା ବଣା । ୨୫ ।

ଯଳଜଗର୍ଭେ ଗଜସ୍ତ ମାତା ବୋଲି ଧରଣୀକି ଗୃହ୍ଣି ନପାରି,
ଜନକରାଜ ଋଷି ଭ୍ରମେ ସମସ୍ତ ଋଷିଙ୍କି ଗୃହ୍ଣିବାରୁ ଉରି
ଜାଣ ଜାଣୁ ଏ, ଧନୁକୁ ପିନାକ ବିଚାରି,
ଯନ୍ତ୍ରକରି ବୋଲି ବନ୍ଧନ ଭଞ୍ଜିବ ଆଣିବ ଜନକକୁମାରୀ । ୨୬ ।

ରଘୁବଂଶରେ କଳଙ୍କ ଲାଗିବାରୁ ଧାତା ତାକୁ ମୋତେ ଗଢ଼ିଲା,
ରହିଲା ଚିରକାଳକୁ ଏହି କଥା ଏହି ବାଟ ମାତ୍ର ପଡ଼ିଲା
ରଜା ହୋଇବା, ଛଡ଼ାଇ ଆଣିଛୁ ବନକୁ,
ରଙ୍କରତନ ବଣିକ ପ୍ରାପ୍ୟେ କରି କମ୍ପା ବିଚାରିବ ମନକୁ । ୨୭ ।

ଗନ୍ଧବହ—ପବନ

Source: KC Dash, Digitized by PPRACHIN, SOA

ଲଜ୍ଜାଳିବୟସୀ କଣି ଅବଶେଷେ ରହିବାକୁ ମୋହେ ବଦନ,
ଲାବଣ୍ୟ ଲପମା କେଣେହେଁ ନ ଗୃହିଁ ବୁଜଥାଇ ବେନନୟନ
ଲୋଖିହୋଇ ଯେ, ଥାଇ ସେ ନେଣ ଗୃହିଁବାକୁ,
ଲଗି ସେ ସ୍ନେହ ରହିଅଛି ନୟନେ ଯେବେ ଗୃହିଁଅଛି କାହାକୁ ।୨୮।

ବଳନ ବିମ୍ବାଧର ଙ୍କ ବନପୁଷ୍ପ ଯେନ କରଥିଲେ ସୁବେଶ,
ବହୁମୂଲ୍ୟ ରତ୍ନମାନେ ଗ୍ରର କଥା ପାଇବେ ସେ ଶୋଭାର ଲେଶ
ବହି ବପାକ, ବଷ ଦୃଷ୍ଟି କଲ ବନାଶ,
ବଜ୍ରର ହେଉଛି ସମସ୍ତ ପ୍ରକାରେ ବଡ଼ ବଳବନ୍ତ ଆୟୁଷ । ୨୯ ।

ସବୁପ୍ରକାର ସେନେହ ଲୁଟାଇଲେ ମନରୁ ଗ୍ରୁଡ଼ ଯାଉନାହିଁ,
ସତେ ହେଁ ଶତ୍ରୁଙ୍କୁ ନୟନେ ଦେଖିବା ଶମନ ସଦନକୁ ଦେଇ
ଶରଦସମ, ଶଶୀ ଆନନାଙ୍କ ଦେଖିବା,
ସୂର୍ଯ୍ୟବଂଶେ ସନ୍ତବବାର ବେଭାର ସମସ୍ତ ପ୍ରକାରେ ରଖିବା । ୩୦ ।

ସତେ ହେଁ ଶଶୀ ଙ୍କ ଭୂମିରେ ପଡ଼ିବ ସମୁଦ୍ର ଶମ୍ବର ଶୁଖିବ,
ଶ୍ୟାମା ସୁକେଶୀ ସେହିଭାବେ ଦେଖିବା ବିଧାତା ଏମାନ ରଖିବ
ଶିଶୁ ଲୁଟି କି, ଏ ମେଘଜାଳ ବେଗେ ଯିବ,
ଶରଦ ହୋଇ ରହୁ ଅଛି ବୋଲନ୍ତି ସତେହେ ନିକଟ ହୋଇବ ।୩୧।

ସବୁରୂପେ ସ୍ୱାର ଏ ବରଷା ଋତୁ ଧାତା ନଗୁଡ଼ିଲ ଲୋକକୁ,
ସୁନ୍ଦରାରତ୍ନ ଯାହା ପାଶେ ନଥିବ ଅବଶ୍ୟ କାଳ ଏ ତାହାକୁ
ସମାନୁରାଗୀ, ହାହାରେ ରାଜର୍ଷି ଜେମା,
ସତେ ହେ ଜୀବନେ ଥିବୁ ଙ୍କ ଦେଖିବା କରିବୁ ସବୁ ଦୋଷ କ୍ଷମା ।୩୨।

ହରିଦ୍ରା ହରିଦ୍ରା ବନୁ ତନୁକାନ୍ତି ତେଜେ ତାର ଯେଣୁ ହୋଇଲା,
ହୋଇଲା ସେ କଥା ଉତପାତ ବୋଲି ଯେବେ ସେ ମନକୁ ଅଇଲା
ହଂସଗମନା, କାହିଁ ଅଛୁ ଦେଖା ଆନନ,
ହୋଇ ଆନନ୍ଦ ସେହିକ୍ଷଣି ହିଁ ଆଉ· ଜଳ ନ ଛୁଇଁବ ନୟନ । ୩୩ ।

କ୍ଷୌଣୀଭରଭର ଉଶ୍ୱାସ ନିମନ୍ତେ ଅକ୍ଷର ମନୋଜ ଜନମ,
କ୍ଷଣକେ ସଂସାର ବୃଜନ ସାଗରୁଁ ପାରକରଇ ଯାହା ନାମ
କ୍ଷୋଭ ତାଙ୍କର, ଇତର ବେଭାରକୁ ଦେଖ,
କ୍ଷମେ କହଇ ବସ୍ତୁଦାସ ଗୋସାଇଁ ଏ ଘୋର ବିପତ୍ତିରୁ ରଖ ।୩୪।

ବୃଜନ—ପାପ

Source: KC Dash, Digitized by PPRACHIN, SOA

ମଥୁରା ବିଜେ ଚଉତିଶା

କହନ୍ତି କୃଷ୍ଣଚନ୍ଦ୍ର, ରାଧିକା ପ୍ରାଣ,
କଂସ ନଗର ଆସି ଗୋପେ ପ୍ରବେଶ ଗୋ ।
କାଲି ମଥୁରା ଯିବୁ ଶୁଣ ସୁମୁଖୀ,
କରିବ ନାହିଁ ଚିନ୍ତା ଆମ୍ଭ ନ ଦେଖି ଗୋ । ୧ ।

ଖର ନିଃଶ୍ୱାସ କ୍ରୋଧେ କହଇ ରାଧା,
ଖଣ୍ଡିବ କେହ୍ନୁ ଆମ୍ଭ କନ୍ଦର୍ପ ବାଧା ହେ ।
ଖିଳ ବ୍ରହ୍ମାଣ୍ଡନାଥ ମଥୁରା ଯିବ,
ଖଟାଇ ଥିଲେ ପଦ୍ମପାଣି ସେବକ ହେ । ୨ ।

ଗୋପାଳ ହୋଏ ଥିବେ ଆମ୍ଭ ନଗର,
ଗଜଗମନୀ ! ମନେ ଅନ୍ୟ ନ ଧର ଗୋ ।
ଗରବ କରି କଂସ ଦୂତ ପେଷିଛି,
ଗୋପରୁ ରାମକୃଷ୍ଣ ଆଣ ବୋଲୁଛି ଗୋ । ୩ ।

ଘୋରତର ତପେ ତୁମ୍ଭଙ୍କୁ ପାଇଲୁ,
ଘେନଣ ରଙ୍କ ଢବା ବଞ୍ଚୁଣ ଥିଲୁ ହେ ।
ଘେନି ଯାଉଛି ଗୋପ ନବରୁ ଶିଶୁ,
ଘୋର ସଙ୍କଟୁ କେହ୍ନୁ କରିବ ପାରି ହେ । ୪ ।

ନନ୍ଦ ନନ୍ଦନ କହେ ଶୁଣ ଗୋ ସଖୀ,
ନଗ୍ର ମଥୁରାପୁର ଆସିବୁ ଦେଖି ଯେ ।
ନାହିଁ ନ କର ତୁମ୍ଭେ ଯୁବତୀବର,
ନଷ୍ଟେ ଯାଇ ଆସିବୁ ସତ୍ୟ ଆମ୍ଭର ଗୋ । ୫ ।

ଚତୁରୀବର କହେ ଅକ୍ରୂର ଯାଉ,
ଚକ୍ରଧର ନଇଲେ ରାଜାକୁ କହୁ ହେ ।
ଚ୍ଛର ବଚନେ ଯେବେ କରିବ କୋପ,
ଚ୍ଛଳ ସମସ୍ତେ ଛୁଡ଼ି ଯିବା ଏ ଗୋପ ହେ । ୬ ।

ଛଳେ ଦୁର୍ମିଳ ସୁତ ଆସୁଛି ବାନ୍ଧି,
ଛଦ୍ମ କଥା ସଖୀ ! କହ କମ୍ପାଇ ହେ ।
ଛୁଡ଼ ବିମନ ସଖୀ ଅନ୍ୟ ନ ଧର,
ଛୁଡ଼ନ୍ତି ସର ଯାକୁ ସଂଗ୍ରାମେ ସୁର ଗୋ । ୭ ।

Source: KC Dash, Digitized by PPRACHIN, SOA

ଜଗତ ବନ୍ଧୁ ତୁମ୍ଭେ ଯଶୋଦା ସୁତ,
ଯାମଳା ବକା ଅଘା କଲ ନିପାତ ହେ ।
ଜାଣି ଅର୍ଜିଲୁ ଫଳ ଅନ୍ୟ ନେଉଛି,
ଜୀବନ ତୃଣେ ବାଣ ଅଗ୍ନି ଦହୁଛି ହେ । ୮ ।

ଝଗଡ଼ା କରି କଂସ ଦୂତ ପେଷିଛି,
ଝିମିଣ୍ଟେ କୃଷ୍ଣଚନ୍ଦ୍ର ଆଣ ବୋଲୁଛି ହେ ।
ଝର ଝର ନୟନୁ ବହଇ ନୀର,
ଝୁରୁଛନ୍ତି ପିତା ମାତା ଆମ୍ଭର ଗୋ । ୯ ।

ନାଗରବର ଶିରୋମଣି ମୁରାରି,
ନଷ୍ଟେ ପଡ଼ିଲେ ମନେ ମଥୁରା ନାରୀ ହେ ।
ନାଗରୀ ସଙ୍ଗେ ଥିବା ଆମ୍ଭଙ୍କୁ ମୂର୍ଚ୍ଛି,
ନିମିଷ କୋଟିଯୁଗ ପ୍ରାୟେ ମଣୁଛି ହେ । ୧୦ ।

ଟଙ୍କଧର ଜାଣନ୍ତି ଆମ୍ଭର ଗୁଣ,
ଟାକି ବିଧାତା ଆଣି ଦେଲା କଷଣ ହେ ।
ଟାଣ ଯେ କଷ୍ଟ ନୋହେ ରାଜା ଦୂତଙ୍କୁ,
ଟିକାଏ ମୂର୍ଚ୍ଛି ନୋହେ ତୁମ୍ଭମାନଙ୍କୁ ହେ । ୧୧ ।

ଠାକୁର ନନ୍ଦସୁତ ଗୋପେ ବୋଲାଅ,
ଠାରି ଗୋପୀଙ୍କି କୁଞ୍ଜବନକୁ ନିଅ ହେ ।
ଠାବ କେ କରିପାରେ ତୁମ୍ଭର ଗୁଣ,
ଠିକେ ଶୋଷିଲ ତୁମ୍ଭେ ପୂତନା ପ୍ରାଣ ହେ । ୧୨ ।

ଡମ୍ବରୁଧର ଶପ୍ତ ତାତ ଜନନୀ,
ଡର ହୃଦରୁ ଗୁଜ ପ୍ରାଣ ମିତଣୀ ଗୋ ।
ଡରଉଥିଲ ଇନ୍ଦ୍ର ହେଲେ ଜିଣିଲ,
ଡେଇଁ କାଳିନ୍ଦୀ ଜଳେ କାଳୀ ମର୍ଦ୍ଦିଲୁ । ୧୩ ।

ଢୋକବୁ ବିଷ ଆମ୍ଭେ ତୁମ୍ଭ ବିହୁନେ,
ଢାଳେ ନିର୍ଦ୍ଦୟୀ କରି ପିବ କେସନେ ହେ ।
ଢଳି ଯେ ନାଚୁଥାଅ ଗୋପୀଙ୍କ ମେଳେ,
ଢାଳେ ହେଁ ମୂର୍ଚ୍ଛି ନୋହେ ଏ ଜୀବ ଥିଲେ ହେ ।୧୪।

ମୂର୍ଚ୍ଛି—ମୂର୍ଚ୍ଛି

Source: KC Dash, Digitized by PPRACHIN, SOA

ଆଣି ବିଧାତା ଗୋପନବରେ ଜାତ,
ଆଣି ତୁମ୍ଭ ଆମ୍ଭଙ୍କୁ କଲା ଏକତ୍ର ଯେ ।
ଏଣୀନୟନା ମନେ ଅନ୍ୟ ନ ଧର,
ଅଣ ଆୟତ୍ତ ସଖୀ ହେଲା ଆମ୍ଭର ଯେ । ୧୫ ।

ତୁମ୍ଭର ପାଇଁ ଆମ୍ଭେ ତପ ସାଧିଲୁ,
ତ୍ରିରତେ ହର ପୂଜ ବର ମାଗିଲୁ ହେ ।
ତକ୍ଷଣେ ଉମାକାନ୍ତ ପ୍ରସନ୍ନ ହୋଇ,
ତ୍ରୈଲୋକ୍ୟନାଥ ଗଲେ ଏ ବର ଦେଇ ହେ । ୧୬

ଥାନ ଗୁଡ଼ଣ ଯିବୁ ମଥୁରାପୁର,
ଥିବଟି ତୁମ୍ଭ କଥା ମନେ ଆମ୍ଭର ଗୋ ।
ଥଳରେ ମୀନ ଯେହ୍ନେ ଦଣ୍ଡେ ନ ରହି,
ଥିଲୁର ପ୍ରାୟେ ସଙ୍ଗ ଥିବଟି ସହି ଗୋ । ୧୭ ।

ଦୀନ ଜନଙ୍କ ବନ୍ଧୁ ଦୁଃଖୀ ସୋଦର,
ଦରିଦ୍ର ନିଧି ତୁମ୍ଭେ ସୁବର୍ଣ୍ଣବର ହେ ।
ଦୟା ଗୁଡ଼ିଲ ନାଥ ଗୋପ ଗୋପୀଙ୍କି,
ଦିନ ବଞ୍ଚିବୁ ଏବେ କାହା ଘେନକ ହେ । ୧୮ ।

ଧରଣୀଧର କହେ ଶୁଣ ଗୋ ସଖୀ,
ଧନୁ ଉତ୍ସବ ଯାହା ଆସିବୁ ଦେଖି ଗୋ ।
ଧରିବ ନାହିଁ ଆଜ ଦମନ ତୁମ୍ଭେ,
ଧାତକାରେଣ ଯାଇ ଆସିବୁଁ ଆମ୍ଭେ ଗୋ । ୧୯ ।

ନାଗରଧର ରିପୁ ନାରୀଙ୍କ ପ୍ରାଣ,
ନଟଷ୍ଟ ଯାଇଁ ଆସିବ କୁହ ଶ୍ରୀକୃଷ୍ଣ ହେ ।
ନୂଆ ବୟସୀ ଆମ୍ଭେ ଗୋପୀ କ ଜନ,
ନିର୍ମାଖୀ କରିଯିବ ମଧୁସୂଦନ ହେ । ୨୦ ।

ପରମାନନ୍ଦ କହେ ଶୁଣ ଗୋ ସଖୀ,
ପଦ୍ମ ଚେଳଇ କାହିଁ ମଧୁପ ପକ୍ଷୀ ଗୋ ।
ପାଇବୁ ପୁଣ୍ୟଠାବ ରହିବୁ ଆମ୍ଭେ,
ପ୍ରତେ ଯେମନ୍ତ ପ୍ରାୟେ ମଣକ ତୁମ୍ଭେ ଗୋ । ୨୧ ।

ମଧୁପ ପକ୍ଷୀ—ମଧୁପ ଗୋଟିଏ ପତଙ୍ଗ, ପକ୍ଷୀ ନୁହେଁ, ଦୁଇ ପ୍ରାଣୀ ମଧ୍ୟରେ ତାରତମ୍ୟର ସ୍ପଷ୍ଟ ଧାରଣା ବହୁ ପ୍ରାଚୀନ କବିମାନଙ୍କର ନ ଥିଲା ।

Source: KC Dash, Digitized by PPRACHIN, SOA

ଫାଇ ଦୁଃଖ ସାଗରେ ଆମ୍ଭଙ୍କୁ ଦେବ,
ଫୁରୁଣା ହୋଇ ମଧୁପୁର ରହିବ ହେ ।
ଫଳିଲା ହୀନ କର୍ମ ଏବେ ଆମ୍ଭର
ଫାଲେ ପକାଇଯିବ ମଥୁରାପୁର ହେ । ୨୨ ।

ବଧୂବଦନୀମାନେ ମାନ୍ନ ବସ୍ତ୍ର,
ବ୍ରଜ ସୁନ୍ଦରୀଗଣ ମିଳି ସେଠାର ହେ ।
ବୋଲନ୍ତି କୃଷ୍ଣଚନ୍ଦ୍ର ଗୋପୀଙ୍କି ଚାହିଁ,
ବୋଧ ଅକ୍ରୂର ତୁମ୍ଭେ ଗୋପର ଗୋଷ୍ଠି ହେ । ୨୩ ।

ଭାବନ୍ତି ନଚେତ୍ୟ ଯାକୁ ନିଦଶ ପାଇଁ,
ଭାବକୁ ବଶ ହେଲେ ସେ ଗୋପ ଗୋଷ୍ଠି ଯେ ।
ଭବସାଗର ପାର ପ୍ରେମ ମୂଳରେ,
ଭାବରେ ଧନ ନେଲେ ନନ୍ଦ ମନ୍ଦିରେ ସେ । ୨୪ ।

ମାୟାଧରଙ୍କ ଠାରୁ ଏସନ ଶୁଣି,
ମୋହ ଚେତ ଉଠିଲେ ସର୍ବ ତରୁଣୀ ସେ ।
ମୋହନମ ରାଧା ତୁମ୍ଭେ ଆନ ନ ଧର,
ମିଳିଲେ ସର୍ବ ଗୋପୀ ନନ୍ଦ ମନ୍ଦିର ଯେ । ୨୫ ।

ଯଶୋଦା ଆଗେ ଗୋପୀ କ୍ରୋଧରେ କହ,
ଯାହା ଦେଖି ଯିବେ ତୁମ୍ଭ ନନ୍ଦନ ଦୁଇ ଯେ ।
ଯାଉ ଜୀବନ ପୃଥ୍ୱୀ ଲୋଷ୍ଟ୍ରୁ ଏ ପିଣ୍ଡ,
ଯାନ ଭାଙ୍ଗି ଛେଚିବୁ ଅକ୍ରୂର ମୁଣ୍ଡ ଯେ । ୨୬ ।

ରାଜୀବନେତ୍ରୀ ହସି ଗୋପୀଙ୍କି ଚାହିଁ,
ରାଜା ଦୋରେହା ହେବେ ରାଜ୍ୟ ନ ରହି ଗୋ ।
ରାଜା ଦୂତକୁ ମୋତେ ସମର୍ପି ଦେବ,
ରହି ନଷ୍ଟିନ୍ତେ ଗୋପପୁରରେ ଥିବ ଗୋ । ୨୭ ।

ଲାଗିଲା ମହା ଶୋକ ଗୋପୀଜନଙ୍କୁ,
ଲୋଚନ ନିରୂପିଣ ଚାହିଁ ଗୋପୀଙ୍କୁ ହେ ।
ଲୋକ ମହା ଗହଳ ନନ୍ଦ ଦୁଆର,
ଲାବଣ୍ୟନିଧି ଯିବେ ମଥୁରାପୁର ଗୋ । ୨୮ ।

Source: KC Dash, Digitized by PPRACHIN, SOA

ବ୍ରଜ ସୁନ୍ଦରୀ ମନ ନିର୍ମଳ କରି,
ବନ୍ଦାନ୍ତ ଅର୍ଘ୍ୟ ଘେନି ଶ୍ରୀବନମାଳୀ ସେ ।
ବେଣୁ ବଇଁଶୀ ଘେନି ଗୋପ କୁମରେ,
ବସିଲେ କୃଷ୍ଣ ସଙ୍ଗେ ରଥ ଉପରେ ସେ । ୨୯ ।

ଶ୍ରୀକୃଷ୍ଣ ଆଗେ ହେଲେ ଅକ୍ରୂର ଗୃହୀଁ,
ଶୀଘ୍ରେଣ ରଥ ବାହା ବୋଲିଣ କହି ସେ ।
ଶିରରେ ଆଜ୍ଞା ଘେନି ବାହିଲା ରଥ,
ସଧୀରେ କଲା ନେଇ ଯମୁନା ପଥ ସେ । ୩୦ ।

ସ୍ନାହାନ ଯମୁନାରେ ଅକ୍ରୂର କଲା,
ଶ୍ରୀକୃଷ୍ଣ ଦେଖି କୋଟି ଦୁରିତ ଗଲା ସେ ।
ସଧୀରେ ବାହିନେଲା ମଥୁରାପୁର,
ସ୍ୱର୍ଗରେ ଦେଖୁଛନ୍ତି ଦେବାଧି ସୁର ସେ । ୩୧ ।

ସାଜିଲେ ନାନା ପୁଷ୍ପମାଳ ଦୁଆରେ,
ସାଙ୍ଗୋଇ ମାଳା ଦେଲା କୃଷ୍ଣ ଶରୀରେ ସେ ।
ସଂଯୋଗେ ଦିବ୍ୟଗନ୍ଧ କୁବୁଜା ଦେଲା,
ଶ୍ରୀକୃଷ୍ଣ କର ଲାଗି ସୁନ୍ଦର ହେଲା ସେ । ୩୨ ।

ହରି କରି ବାରଣ ଧନୁ ଭାଙ୍ଗିଲେ,
ହରଷେ ସଭାତଳେ ଯାଇ ମିଳିଲେ ସେ ।
ହରିଙ୍କି ଦେଖି ମାଲେ ହେଲେ ନିଧନ,
ହରିଲେ କଂସ ଦର୍ପ ଶ୍ରୀ ଭଗବାନ ସେ । ୩୩ ।

କ୍ଷିତି ଉଶ୍ୱାସ ହେଲା ମହା ଆନନ୍ଦ,
ଛୁଡ଼ିଲେ ବିଷାଦ ମନୁ ସଜ୍ଜନବୃନ୍ଦ ସେ ।
କ୍ଷମେଣ ହରି ଦାସ ପାଦେ ଶରଣ,
ଛୁଡ଼ିବ ମୋହ ଫାଶ ଶୁଣିଣ ଜନ ସେ । ୩୪ ।

Source: KC Dash, Digitized by PPRACHIN, SOA

ମାଧବ ଚଉତିଶା

କୃଷ୍ଣଙ୍କୁ ନ ଦେଖି   କ୍ରୋଧଭରେ ଦୁଃଖୀ
କମଳ-ବଦନୀ ରାଧା,
କେଉଁ ଅପରାଧେ   ମଥୁରାକୁ ଗଲେ
ତେଜିଲେ ଏଡ଼େ ଶରଧା । ମାଧବ ହେ । ୧ ।

ଖଟିଥାଉ ଦାସୀ—   ପଣେଣ ନବେଶି
ଚିତ୍ତ ଥାଇ ତୁମ୍ଭ ତହିଁ,
ଖଣ୍ଡି କରି ଆସ   ଆମ୍ଭର ମୁହାଁସ
ମଥୁରା ଗଲ କାମ୍ପାଇଁ । ମାଧବ ହେ । ୨ ।

ଗୋବିନ୍ଦ ଗୁଣ ଗୁଣି   ବରଜ ତରୁଣୀ
ଲବଣୀ ପ୍ରାୟେ ତନୁ ଖିନ୍ନ,
ଗେଲ ଗରବ   ସକଳ ତେଜ୍ୟା କରି
ମଥୁରା କଲ ଗମନ । ମାଧବ ହେ । ୩ ।

ଘୋର ଅନ୍ଧକାର   ଏସନ ପ୍ରକାର
ନ ଦିଶଇ ଦଶ ଦିଶ,
ଘାଉ ଲଗି ଯେହ୍ନେ   ଚିତ୍ତ ଛିନ୍ନ ଛିନ୍ନ
ନ ଛିଁଡ଼ିବାପାଏ ବିଷ । ମାଧବ ହେ । ୪ ।

ଙଆଁସ ନିଶିରେ   ଚନ୍ଦ୍ରମା ନ ଥିଲେ
ଶୋଭା କି ପାଏ ରଜନୀ,
ଆତ୍ମା ହିଁ ନ ଥିଲେ   ପିଣ୍ଡ କାହିଁ ଶୋଭା
ତେସନ ଗୋପକାମିନୀ । ମାଧବ ହେ । ୫ ।

ଚାତକ ଯେସନେ   ଚାହାଁଇ ଗଗନେ
ପିଆସେଣ ବଡ଼ ଦୁଃଖୀ,
ଚାହୁଁ ଚାହୁଁ ପଥ   ମରଣ ନିଯୁତ
ତାଙ୍କର ମୁଖ ନ ଦେଖି । ମାଧବ ହେ । ୬ ।

ଛନ ଛନ ମନ   ନ ସରଇ ଦିନ
ନିମିଷ ଯୁଗ ଯାମିନୀ,
ଛଣେ ଛଣେ ରଘୁ   ଅଂରକ୍ଷିତ ଭାବେ
ହସି ଖେଳୁଥିଲୁ ଯେଣ । ମାଧବ ହେ । ୭ ।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଯେତେ ସତବ୍ରତ   ସବୁ ହିଁ ନସ୍ତତ
ତୁମ୍ଭ ବିନୁ ଅନ୍ୟ ନାହିଁ,
ଯାବତ କାଳକୁ   କଥା ରହୁଥାଇ
ମରବୁ ଗରଳ ଖାଇ । ମାଧବ ହେ । ୮ ।

ଝାଡ଼ ମହୌଷଧି   ହରେ ନାଲ ବ୍ୟାଧି
ହ୍ବତ ଅଣବ୍ରତ ଅଛୁ,
ଝର ଅମ୍ବୁଧିରେ   ଗଙ୍ଗାଜଳ ପିଇଲୁ
ପିଆସ ନ ଗଲ କଛୁ । ମାଧବ ହେ । ୯ ।

ଞାଗ୍ର ଆଣି ଯାଉ   ଯମୁନା ନଦୀକ
ନଗମେ ବସିଣ ଥାଅ,
ଅତି ବଡ଼ ଶ୍ରଦ୍ଧା   କଥା ଦୁଇ ଗୃର
ଶୁଣାଇ ଆମ୍ଭଙ୍କୁ କହ । ମାଧବ ହେ ।। ୧୦ ।

ଟାକିଥାଇ ମନ   ଚଉର୍ଯ୍ୟ ଯେସନ
ପରଦ୍ରବ୍ୟେ ତାର ଆଶ,
ଟାକ ଟାକ ତାହା   ଆନ ଯେନ ଗଲ
ତେସନେ ଆମ୍ଭେ ନିରାଶ । ମାଧବ ହେ । ୧୧ ।

ଠିକ କଥାମାନ   ଏହି ବୃନ୍ଦାବନ
ଠାବେ ଠାବେ ଅଛି ରହି
ଠାକୁର ହୋଇ ଯେ   ଆପଣେ ଭଣ୍ଡିଲ
ଭଲ ନ ବୋଲିବେ କେହି ।ମାଧବ ହେ । ୧୨ ।

ଡରୁ ନାହିଁ ଆମ୍ଭେ   କୃଷ୍ଣ ବୋଲି ତୁମ୍ଭେ
ହେବେ କରାଉଛୁ ବଶ,
ଡୋଲାଉଛି ମନ   ଅସ୍ଥିର ଜୀବନ
ଆମ୍ଭଙ୍କୁ ଦେବାକ ଦୋଷ । ମାଧବ ହେ । ୧୩ ।

ଢମ ବୋଲି ତୁମ୍ଭେ   ନ ଜାଣୁ କି ଆମ୍ଭେ
ଢାଳେ ହେ ତୁମ୍ଭେ ଆମ୍ଭର,
ଢମ କରି କହେ   ଅରକ୍ଷିତ ରଘୁ
ବୁଡ଼ିଲ ଗୋପନଗର । ମାଧବ ହେ । ୧୪ ।

Source: KC Dash, Digitized by PPRACHIN, SOA

ଆସିରେ ଇନ୍ଦ୍ର   ମେଘମାଳ ପେଷିଣ
ବରଷିଲେ ବଜ୍ର ବାତ୍ର,
ଅଣୁମାନେ କୃଷ୍ଣ   ମନ୍ଦର ଧଇଲେ
ନ ଗଲା ଗୋପର ଶିରୀ । ମାଧବ ହେ । ୧୫ ।

ତାତ ମାତ ନନ୍ଦ   ଯଶୋଦା ଅଛନ୍ତି
ତାହାଙ୍କୁ ଶ୍ବିଁ ଦୟା ନାହିଁ,
ତୁମ୍ଭ ବହୁନେ   ରୋଦନ କରୁଛନ୍ତି
ବସିଛନ୍ତି ଅନ୍ଧ ହୋଇ । ମାଧବ ହେ । ୧୬ ।

ଥାଇ କଂସରାୟେ   କଲ ମହାଭୟେ
ପୂତନାକୁ ପେଷି ଦେଲ,
ଥନେ ବିଷ ଦେଇ   କପଟେ ପିଆଇ
ଅଧର୍ମେଣ ନାଶ ଗଲା । ମାଧବ ହେ । ୧୭ ।

ଦଇତ ହୋଇଣ   ଯାମଳା ଅର୍ଜୁନ
ଗୋପପୁରେ ଥିଲା ରହି,
ହୋଳର ପୁଅ ସେ   କେମନ୍ତେ ଜାଣିଲେ
ଉପାଡ଼ିଲେ ବେନି ଭାଇ । ମାଧବ ହେ । ୧୮ ।

ଧନ ଯଉବନ   ଜୀବନ ଉପରେ
କରତା କଲୁ ତୁମ୍ଭଙ୍କୁ,
ଧରିଅଛୁ ଦେହ   ତୁମ୍ଭରି ନିମନ୍ତେ
ଅନାସ୍ଥ କଲ ଆମ୍ଭଙ୍କୁ । ମାଧବ ହେ । ୧୯ ।

ନାନା ପକ୍ଷୀମାନେ   ବିହରନ୍ତି ବନେ
ନ ଉଡ଼ନ୍ତି ନ କ୍ରୀଡ଼ନ୍ତି,
ନୟନେ ନ ଚାହିଁ   ଆହାର ନ ଖାଇ
ବସିଛନ୍ତି ପନ୍ତି ପନ୍ତି । ମାଧବ ହେ । ୨୦ ।

ପୀତଳ ଶୀତଳ   ଯମୁନାର ଜଳ
ସେ କମ୍ପା ହୋଏ ଥକତ,
ପୂର୍ବର ବାସନା   ଅରକ୍ଷିତ ରଘୁ
କୃଷ୍ଣ ପାଦରେ ଭଗତ । ମାଧବ ହେ । ୨୧ ।

Source: KC Dash, Digitized by PPRACHIN, SOA

ଫାଳ ତରୁବର   ବନସ୍ତ ଭିତର
ଲତାମାନ ଛନ୍ତି ଜଡ଼ି,
ଫୁଲ ନାହିଁ ଫଳ   କେମନ୍ତେ ଧରିବ
ପତ୍ରମାନେ ଗଲେ ଝଡ଼ି । ୨୨ ।

ବନେ ବନଚର   ଧେନୁକା ଅସୁର
ଛଦ୍ମବେଶ ଥିଲା ରହି,
ବନଭାଞ୍ଜି ତାକୁ   ବଳରାମ ମାଇଲେ
ଛେଦି ପକାଇଲେ ନେଇ । ମାଧବ ହେ । ୨୩ ।

ଭଲ ଧେନୁମାନେ   ତୃଣ ନ ଚରନ୍ତି
ବତ୍ସ ନ ପିଅନ୍ତି ସ୍ତନ,
ଭଲ ପକ୍ଷୀମାନେ   ମଉନ ହୋଇଲେ
ନ ଉଡ଼ନ୍ତି ଦୁଃଖ ମନ । ମାଧବ ହେ । ୨୪ ।

ମଲ୍ଲୀ ଜାଈ ଯୂଈ   ଚମ୍ପକ ସେବତୀ
ନାନା ପୁଷ୍ପ ଫୁଟିଅନା,
ମଧୁ ନ ପାଇ   ମଧୁକର ବସିଲେ
ତେଜିଣ ମାଳତୀ ଦମନା । ମାଧବ ହେ । ୨୫ ।

ଯେଣେ ଥିବୁ ଆମ୍ଭେ   ଭ୍ରମର ବୋଲଇ
ସମସ୍ତେ ଜାଣନ୍ତି ତାହା,
ଯୁବା ଯେ ଚତୁରୀ   ମଥୁରା ନାରୀଙ୍କି
ଛାଡ଼ି ନ ପାରନ୍ତି ନାହା । ମାଧବହେ । ୨୬ ।

ରଜନୀ ପ୍ରଭାତେ   ଗୋପେ ଗୋପସୁତେ
ନନ୍ଦ ମନ୍ଦିରକୁ ଯାନ୍ତି,
ରଙ୍ଗ ନାହିଁ ରସ   ମନକୁ ବିରସ
ଅନ୍ନପାଣି ନ ଭୁଞ୍ଜନ୍ତି । ମାଧବ ହେ । ୨୭ ।

ଲକ୍ଷ୍ମୀ ବୟସ   କରାଇଲେ ତୋଷ
ମଥୁରାପୁର ଅଙ୍ଗନା
ଲାଜ ଛାଡ଼ି କହି   ଅରକ୍ଷିତ ରଖୁ
ଗୋପପୁର ଆସ କନା । ମାଧବ ହେ । ୨୮ ।

Source: KC Dash, Digitized by PPRACHIN, SOA

ବହିଲ ମରୁତ ରହିଲ ଥକିତ
କାଳିଆ ରହିଲ ନାହିଁ,
ବନଜନ୍ତୁ ଯେତେ ଆକୁଳିତ ଚିତ୍ତେ
ତୁମ୍ଭଙ୍କୁ ଅଛନ୍ତି ଧ୍ୟାୟି । ମାଧବ ହେ । ୨୯ ।

ସରିଲ ସମ୍ପତ୍ତି ପଡ଼ିଲ ବିପତ୍ତି
ରଖିବେ ପାରିବ ଆନ,
ଶିଶୁକାନ୍ତ ତାଙ୍କ ମାୟା ଅଗୋଚର
ଜାଣିଥିଲୁ ସର୍ବଜନ । ମାଧବ ହେ । ୩୦ ।

ସତେ ହେଁ ଶ୍ରୀକୃଷ୍ଣ ଗୋପକୁ ଆସିବେ
ସଙ୍ଗେ ଥିବ ବଳରାମ,
ସତ ସୁକୃତ ଯେବେ ବ୍ରଜ ତରୁଣୀ
ଜପିଥିବୁ ତାଙ୍କ ନାମ । ମାଧବ ହେ । ୩୧ ।

ଷଣ୍ଢା ଶକଟା ଅଘା ବକା ମାଇଲେ
ଉବୁରି ନ ଗଲେ ହେଲେ,
ଶେଷ ଯୁଗରେ ମାର୍କଣ୍ଡ ଭାସୁଥିଲେ
ରଖିଲ ତାହାଙ୍କୁ ବେଳେ । ମାଧବ ହେ । ୩୨ ।

ହାର କଙ୍କଣ ବିବିଧ ମଣିଗଣ
ଶୋଭା ନ ପାଇଲେ କେହି,
ହିତ ଅଣହିତ ଦୁଇ ନ ଜାଣିଲୁ
ମରୁଅଛୁ ଘାରି ହୋଇ । ମାଧବ ହେ । ୩୩ ।

ଷୟେ ଯାଉ କଂସ ଆମ୍ଭର ନିଃଶ୍ୱାସ
ବଜ୍ର ପଡ଼ୁ ତାର ମୁଣ୍ଡେ,
ଷଣେ ଷଣେ ଭାବେ ଅରକ୍ଷିତ ରହୁ
ରାମ ନାମ ଜପି ତୁଣ୍ଡେ । ମାଧବ ହେ । ୩୪ ।

Source: KC Dash, Digitized by PPRACHIN, SOA

ସୀତା କାରୁଣ୍ୟ ଚଉତିଶା

କମଳମୁଖୀ ସୀତା ରାମ ବିହୁନେ,
        କହୁ ଯେ ଛନ୍ତ ଚିନ୍ତା ଅଶୋକ ବନେ ଯେ ।
କାହିଁପାଇଁ ବା ଦଶରଥଙ୍କ ସୁତ,
        କର୍ମେ ବିଧାତା ଲିହି କଲା ଏମନ୍ତ ଯେ । ୧ ।

ଖେଦ ନ ଯାଇ ସିନ୍ଧୁ ତରି କେମନ୍ତେ,
        ଖଳ ଦଇତ ହରି ଆଣିଲା ମୋତେ ଯେ ।
ଖାଇବ ବିଷ ନାହିଁ ଜୀବନେ ଆଶ,
        ଖଣ୍ଡିଲି ବଜ୍ର ନେଇ ଭକ୍ଷିବା ଗ୍ରାସ ଯେ । ୨ ।

ଶୁଣ ଗମ୍ଭୀର ନାଥ ଗଜ ଅଇର,
        ଗରୁ କଠିଣ ରାମ କୋଦଣ୍ଡଧାରୀ ଯେ,
ଗନ୍ଧନବନେ ସଙ୍ଗେ ଶାଖା ଲକ୍ଷ୍ମଣ,
        ଗଳାର ଗଣ୍ଡି ରାମ ହୃଦେ ଭୂଷଣ ଯେ । ୩ ।

ଘଟଣ ଗୁଣନିଧି ହୃଦେ ବିହାରୀ
        ଘେନ ଅଇଲେ ରାମ ମୂର୍ଚ୍ଛି ନପାରି ଯେ ।
ଘରକୁ ଗଲେ କିସ ବୋଲିବେ ମାତା,
        ଘେନ ଗଲ ସଙ୍ଗତେ ନାହିଁ ତ ସୀତା ଯେ । ୪ ।

ଙଷ୍ଟୁର ଙରାଧାର ବଚନ ସତ,
        ଙଷ୍ଟେ ପାଳିବ ରାମ ପିତାମାତାଙ୍କୁ ଯେ ।
ନେବେ ଅଯୋଧ୍ୟାକୁ ମେ ନୋହିବେ ଭଙ୍ଗ,
        ଙୟୂମ କରଛନ୍ତି କାମୋଡ଼ି ଜିହ୍ୱା ଯେ । ୫ ।

ଚନ୍ଦ୍ରବଦନ ଦିଶେ ମୁଖମଣ୍ଡଳ,
        ଚନ୍ଦ୍ର ନ ଥିଲେ ଯେହ୍ନେ ତାରା ନିର୍ମଳ ଯେ ।
ଚତୁର ଶିରୋମଣି ସେ ରଘୁମଣି,
        ଚୋରାଇ ସଂଘୁ ମୋତେ ଦଇତ ଆଣି ଯେ । ୬ ।

ଛଟକ ଗିରିବର ଛୁଆ ହରିଣୀ,
        ଛଛନ୍ଦେ ରାମଚନ୍ଦ୍ର ସିନ୍ଧେ ଉରଣୀ ଯେ ।
ଛଳିଲ ଦ୍ୱିଜରାଜ ବୀରକୁ ମଣି
        ଛଡ଼ାଇ ସଙ୍ଗୁ ମୋତେ ଦଇବ ଆଣି ଯେ । ୭ ।

Source: KC Dash, Digitized by PPRACHIN, SOA

ଯେବେ ଜୀବନେ ରାମ ଥିବେ ମୋ ଜୀଇଁ,
ଜଣେ ହେଁ ଖୋଜ ମୋତେ ନଇଲେ କେହି ଯେ ।
ଯାଅ ନ ଥାଅ କେହି ମୋହୋ ଆଗର,
ଜଣେ ହେଁ ଏଥି କେହି ନୋହିଲେ ମୋର ଯେ । ୮ ।

ଝୁରୁ ଯେ ଥିବେ ରାମ ସଙ୍ଗେ ଲକ୍ଷ୍ମଣ,
ଝୁର ଝୁରଣ ତନୁ କରିବେ କ୍ଷୀଣ ଯେ,
ଝିମିଣ୍ଟେ ମନ ମୋତେ ନ ପାରେ ମୁଞ୍ଚି ।
ଝାଡ଼େ ବିଧାତା ବଜ୍ର ବାଦେ ଲଗିଛି ଯେ । ୯ ।

ଞାଳେନ୍ଦ୍ର ମେଘ ପ୍ରାୟେ ଶ୍ରୀରାମ ତନୁ,
ଞାଳ କୋକିଳ ଦାଢ଼ି କସ୍ତୁରି ଧନୁ ଯେ ।
ନୟନ ବେନି ରାମ ସୂର୍ଯ୍ୟ ଯେସନ,
ନାହିଁ ଲକ୍ଷ୍ୟ ଦେବାକୁ ତିନି ଭୁବନ ଯେ । ୧୦ ।

ଟାହି ଟମାଳ ମତ୍ତ ଗରବ ତେତେ,
ଟଙ୍କଧର ଅଇରି ଜାଣଇ ଯେତେ ଯେ ।
ଟିକାଏ ମନୁ ମୋତେ ନ ପାରେ ମୁଞ୍ଚି,
ଟାକ ବିଧାତା ମୋତେ ଦୁଃଖ ଦେଉଛି ଯେ । ୧୧ ।

ଠାଠିକ କଳାରାମ ବଦନ ମୁଖ,
ଠିକେ ଦେଖିଲେ ଯିବ ଅଶେଷ ଦୁଃଖ ଯେ ।
ଠୁଲନଧିକ ସତେ ଆମ୍ଭେ ପାଇବୁ,
ଠିକେ ବେଦନା କଥା ସବୁ କହିବୁ ଯେ । ୧୨ ।

ଡାକ ଅସୁର ଜଗି ଅଛନ୍ତି ମୋତେ,
ଡାକୁଣୀ ପ୍ରାୟେ ସବେ ଡରନ୍ତି ନତ୍ୟେ ଯେ ।
ଡଙ୍ଗର ଦୈତ୍ୟ ମୋତେ ଛଟକେ ଆଣି,
ଡରାଇ ବୋଲେ ମୋତେ ହୁଅ ଘରଣୀ ଯେ । ୧୩ ।

ଢୋକ ଗରଳ ବିଷ ମରିବୁ ଏବେ,
ଢଳପଡ଼ିବୁ ସୁତ ବାନ୍ଧବ ଥିବେ ଯେ ।
ଢମ ପସରା ତୋର କ୍ଷଣକେ ଯିବ,
ଢମ ପସରା ତୋର କାଳେ ନ ଥିବ ଯେ । ୧୪ ।

Source: KC Dash, Digitized by PPRACHIN, SOA

ଅରୁଣ ରାମଚନ୍ଦ୍ର ଅରୁଣ ମୂର୍ତ୍ତି
ଅଇର ବିନାଶନେ ବିକ୍ରମ ଗତି ଯେ ।
ଆଣି ଯେତେ ବେଳେ ନଇଲେ ଶ୍ରୀରାମ
ଆଣିଲ ବଧି ମୋତେ ଏ ଲଙ୍କା ଗ୍ରାମ ଯେ । ୧୫ ।

ଛାତୁର ଚୂଳ ରାମ ଦ୍ୱିଜ ବଦନ,
ତୁଳ୍ୟ ଦେବାକୁ ନାହିଁ ତିନି ଭୁବନ ଯେ ।
ତୁଳକ ପାଇଁ ରାମ କଲେ ଏମନ୍ତ,
ତିରଣ ପ୍ରାପ୍ତେ ରାମ ମଣନ୍ତି ଦୈତ୍ୟ ଯେ । ୧୬ ।

ଥିବେ ଯେମନ୍ତେ ରାମ ଜୀବନେ ଜୀଇ,
ଥୟ କରାଇ ନେବେ ବନ୍ଧ ବନ୍ଧାଇ ଯେ ।
ଥିବ ଜୀବନେ ଯେବେ ସେ ହନୁ ବୀର,
ଆଇଣ ଦେଖୁଥିବ ଏ ତିନିପୁର ଯେ । ୧୭ ।

ଦଇବ ନଷ୍ଟେ ଯେବେ ହୋଇବ ସତ,
ଦେଖୁ ଯେ ଥିବ ଯେନ ଜୀବେ ପ୍ରତ୍ୟକ୍ଷ ଯେ ।
ଦାଶରଥିଙ୍କ ବାଣ ଖାଇବ ତୋତେ,
ଦଗ୍ଧ ହୋଇବ ପିଣ୍ଡ ଅନ୍ତ ଯୁଗତେ ଯେ । ୧୮ ।

ଧିକ ତୋ ବଳ ବୁଦ୍ଧି ଧିକ ତୋହୋର,
ଧରଣୀଧର ପ୍ରଭୁ ନ ଚହ୍ନୁ ପହିଁର । ୧୯ ।

ନଷ୍ଟେ ଆସିବେ ରାମ ଲଙ୍କା ଭୁବନ,
ନକଟେ ମଣବୁ ତୁ ସତ୍ୟ ବଚନ ରେ ।
ନାଶିବୁ ପୁନ ଭ୍ରାଥ ବନ୍ଧୁ ସୋଦର,
ନମିଷେ କ୍ଷୟ ଯିବ ବଭୂତି ତୋର ରେ । ୨୦ ।

ପାଇବନ କ ଆଉ ପଦ୍ମ ଚରଣ,
ପ୍ରତେ ଏମନ୍ତ ହେବ ନ ମଣେ ମନ ଯେ ।
ପଡ଼ିଲ ଆସି ବନ୍ଦୀ ଅସୁର ଘରେ,
ପାରି କଷଣ ଏଥୁ କେ ନେବ ମୋରେ ରେ । ୨୧ ।

ଫେଡ଼ି କାହାକୁ ହସି କହିବ କଥା,
ଫିଟାଇ କେଶ ମୋର ବାନ୍ଧିବ ମଥା ଯେ ।
ଫାଟି ନ ଯାଇ ଜୀବ ଅଛି ଶରୀର,
ଫୁଟୁ ଯେ ଅଛି ପ୍ରାଣ ଦେହ ଭିତର ଯେ । ୨୨ ।

Source: KC Dash, Digitized by PPRACHIN, SOA

ବାବୁ ବିଧାତା ମୋତେ ଏମନ୍ତ କଲୁ,
ବାଟେ ବସାଇ ମୋତେ ଗୁଣ୍ଡୁଣ ଦେଲୁ ଯେ ।
ବାବୁ ତୋ ବୁଦ୍ଧି ଆଉ ବିଶଇ ନାହିଁ,
ବନରେ ବୁଲୁଥିବେ ବି'ଗୋଟି ଭାଇ ଯେ । ୨୩ ।

ଭଲ ଦଇବ ମୋତେ ଏମନ୍ତ କଲୁ,
ଭଗାରି ବୁଦ୍ଧି ଦେଲ ବନେ ଆଣିଲୁ ଯେ ।
ଭାଇ ଭାରିଯା ରାମ ଘେନି ଅଇଲେ,
ଭସ୍ମ ପାଇଣ ଗିରିବନେ ରହିଲେ ଯେ । ୨୪ ।

ମରେ ମନ ମୋହର ଜୀବର ଧନ,
ମାଲ୍ୟବନ୍ତ ପର୍ବତେ ସାଜଇ ସୈନ୍ୟ ଯେ ।
ମିତ୍ରକୁ ଚାହିଁ ରାମ ବୋଲନ୍ତି ବାଣୀ,
ମନେ ହେଜିଲ ପ୍ରାୟେ ଏଠାର ବାଣୀ ଯେ । ୨୫ ।

ଯିବାର ଜୀବ ମୋର ପ୍ରାଣର ଧନ,
ଯାଉ ପବନ ସୁତ ଆସୁ ବହନ ଯେ ।
ଯାଇ ପବନ ସୁତ ଆଣୁ ବାରତା,
ଯାହା କହିଲେ ମୋତେ ଜନକ ସୁତା ଯେ । ୨୬ ।

ରାଜୀବନେତ୍ର ରାମ ସନ୍ଦେଶ ଘେନି,
ରବି ଉଦୟେ ଯେହ୍ନେ ଗଲ ପାବନି ଯେ ।
ରାବଣ ଲଙ୍କାପୁରେ ଖୋଜି ବୁଲିଲ,
ରାଜୀବନେତ୍ରୀ ସୀତା ବନେ ଭେଟିଲ ଯେ । ୨୭ ।

ଲୁଳିତ ହୋଇ ହନୁ ଚରଣେ ପଡ଼ି,
ଲୟେ ରାମର କରପଦ୍ମକୁ ଯୋଡ଼ି ଯେ ।
ଲୟେ ଯେ କରିଛନ୍ତି ବାରତା ଦିଅ,
ଲେଉଟି ଯାଉଅଛି ସନ୍ଦେଶ କହ ଗୋ । ୨୮ ।

ବାରତା କହି ହନୁ ଚଞ୍ଚଳ ବାଣୀ,
ବେଗେ ସନ୍ଦେଶ କହ ରାମ ଘରଣୀ ଗୋ ।
ବେକରୁ କାଢ଼ି ମାଳା ଦେଲେକ ସୀତା,
ବୋଇଲେ ହନୁ ମୋର ଦେଖ ଅବସ୍ଥା ଯେ । ୨୯ ।

Source: KC Dash, Digitized by PPRACHIN, SOA

ଶ୍ରୀବନ୍ତ ମାଳା ଯେନ ବେଗେ ଚଳିଲା,
ଶରଦ ଲଙ୍କାପୁର ବନେ ପଶିଲା ଯେ ।
ସୁସ୍ୱାଦୁ ଫଳ ହନୁ କରଇ ଭକ୍ଷ,
ଶୀଘ୍ରେ ମାରିଲା ହନୁ ଅସୁର ଲକ୍ଷ ଯେ । ୩୦ ।

ସୁର ଅସୁର ଆସି କଲେ ଅମାନ୍ତ,
ଶୂନ୍ୟରେ ବାନ୍ଧି ଯେନଗଲେ ମାରୁତି ଯେ ।
ଶ୍ରୀରାମ ସୁମରି ହନୁ ବନ୍ଧନୁ ଫିଟି,
ସାନନ୍ଦେ ଲଙ୍କା କଲା ଅଗ୍ନିରେ ବୃଷ୍ଟି ଯେ । ୩୧ ।

ସୁବଳଗିରି ହନୁ ରହିଲା ରାତି,
ସାରିଲା ନିତ୍ୟକର୍ମ ବୀର ମାରୁତି ଯେ ।
ସାତ ଘଡ଼ିରେ ହନୁ ସେଠାରୁ ଗଲା,
ସାତ ଘଡ଼ିରେ ଯାଇ ବାରତା କଲା ଯେ । ୩୨ ।

ହୋଇଲେ ସାତ ବୀର ଏକାଠି ମେଳ,
ହରଷେ ମଧୁବନୁ ଖାଇଲେ ଫଳ ଯେ ।
ହରି ସୁମରି ହନୁ ତହିଁରୁ ଯାଇ,
ହରଷେ ରାମ ପାଦେ ଓଳଗି ହୋଇ ଯେ । ୩୩ ।

କ୍ଷିତିମଣ୍ଡଳେ ଲଙ୍କା ଭୁବନେ ସାର,
କ୍ଷେମେ ଛନ୍ତି ସୀତା ଅଶୋକବନର ଯେ ।
ଗ୍ଳୁଡ଼ିଲେ ଶନ୍ତା ରାମ ହନୁ ବଚନ,
ଛଇଳ ରାମାନନ୍ଦ ମାଗେ ଶରଣ ଯେ । ୩୪ ।

Source: KC Dash, Digitized by PPRACHIN, SOA

କୁନ୍ଦଫୁଲ ଚଉତିଶା

କରୁଣା କରନ୍ତୁ ନରହରି,
କରିଛନ୍ତି ବଳେ ମାଳଗିରି;
କରୁଣା କରନ୍ତୁ ଜଗତ ଜନଙ୍କୁ,
କମ୍ବୁ ସୁଗ୍ରୀବର ଚକ୍ରଧାରୀଙ୍କୁ;
  ଗୋ କୁନ୍ଦ ଫୁଲ,
ତାଙ୍କୁ ଚୌଦ ଭୁବନେ ନାହିଁ ତୁଲ ଗୋ । ୧ ।

ଖେଳୁଆଳପଣେ ଭଗବାନ,
ଖେଳି କରୁଥାନ୍ତି ବୃନ୍ଦାବନ;
ଖୋସିଥାନ୍ତି ଶିରେ ମୟୂରଚନ୍ଦ୍ରିକା,
ମୋହିଥାନ୍ତି କୃଷ୍ଣ ଗୋପୀମନ । ଗୋ କୁନ୍ଦଫୁଲ । ୨ ।

ଗିରିବର ଛନ୍ଦ ବାମେ ଧରି,
ଗୋପ ସମ୍ପଦ ରଖିଲେ ହରି;
ଗୋବତ୍ସମାନଙ୍କୁ ପ୍ରତିପାଳୁଥିଲେ,
ଇନ୍ଦ୍ର ପଳାଇଲେ ଡରିକରି । ଗୋ କୁନ୍ଦଫୁଲ । ୩ ।

ଘାଟିଆଣପଣେ ଦଧି ଚୋରି,
ଘୃତ କାଞ୍ଜିଲୀରେ ହସ୍ତ ଭରି;
ଘେନିଥାନ୍ତି କରେ ମୋହନ ମୁରଲୀ,
ଗୋପୀଙ୍କି ଡାକନ୍ତି ନାମ ଧରି । ଗୋ କୁନ୍ଦଫୁଲ । ୪ ।

ନାଟୁଆପଣକୁ ଭଗବାନ,
ନାଚି ଆସୁଥାନ୍ତି ବୃନ୍ଦାବନ;
ଲମ୍ବିଥାଇ (ଗଳେ) ବନମାଳ ତାଙ୍କର,
ମୋହୁଥାନ୍ତି କୃଷ୍ଣ ଗୋପୀମନ । ଗୋ କୁନ୍ଦଫୁଲ । ୫ ।

ଚଉଦ ଭୁବନେ ନାହିଁ ତୁଲ,
ଚିତା ସଳଖରେ ଗୁଞ୍ଜାମାଳ;
... ...
ଡାଳ ପଡୁଥାଇ ଝୁଲେ ଚୂଡ଼ୀଚୂଳ । ଗୋ କୁନ୍ଦଫୁଲ । ୯ ।

Source: KC Dash, Digitized by PPRACHIN, SOA

ଛଇଳପଣକୁ ଭଲ ଟାଣ,
କ୍ଷେମା ମୋକ୍ଷ ହରି ଭଗବାନ;
ଛ ଛନ୍ଦେ ଅନ୍ଧକୁ ଚକ୍ଷୁଦାନ ଦେଇ,
ହୃଦେ ବହିଛନ୍ତି ପଦ୍ମ ଚିହ୍ନ । ଗୋ କୁନ୍ଦଫୁଲ । ୭ ।

ଜନମ କାଳେ ସେ ପଳାଇଲେ,
ଯାଇ ଶକଟାକୁ ବଧ କଲେ;
ଯତନେ ମାମୁଙ୍କୁ ମାରି ପକାଇଣ,
ମାଇଁ ଗଳାଧରି କାନ୍ଦୁଥିଲେ । ଗୋ କୁନ୍ଦଫୁଲ । ୮ ।

ଝାଡ଼ିବନୋଦିଆ ନାମ ଯା'ର,
ଝାଡ଼େ କରିଥିଲେ ଖେଡ଼ିଘର;
ଝୁଲି ଦେଉଥିଲେ ଶିଆଳି ଲତାରେ,
ଶବର ମାଇଲା ତାଙ୍କୁ ଶର । ଗୋ କୁନ୍ଦଫୁଲ । ୯ ।

ଞୀଳମେଘ ପ୍ରାୟେ ଶ୍ୟାମବର୍ଣ୍ଣ,
ଞଅାଁ ଗିଳିବାକୁ ନୋହେ ସାନ;
ଞୀଳା କରିଥିଲେ ଗହନ କାନନେ,
ବ୍ରହ୍ମା ହରିଲେ ଗୋବତ୍ସମାନ । ଗୋ କୁନ୍ଦଫୁଲ । ୧୦ ।

ଟାଣ ବଡ଼ ପ୍ରଭୁ ମାୟାଧର,
ଟେକ କରୁଥିଲେ ଷଣ୍ଢାସୁର;
ଟାକିଥିଲା ବକା ଗିଳିବା ନିମନ୍ତେ,
ଚିରିପକାଇଲେ ଥଣ୍ଟ ତାର । ଗୋ କୁନ୍ଦଫୁଲ । ୧୧ ।

ଠାକୁରପଣକୁ ନରହରି,
ଠିକେ ଅସୁରଙ୍କୁ ପ୍ରାଣେ ମାରି;
ଠାବ କରି ମୁନି ଜଗିଥିଲେ ଯା'କୁ,
ଯୋଗୀଜନମାନେ ଜଟାଧାରୀ । ଗୋ କୁନ୍ଦଫୁଲ । ୧୨ ।

ଡରେ ସେ ଜରାସନ୍ଧକୁ ଡରି,
ଡରେ ସମୁଦ୍ରରେ ଗଡ଼କରି;
ଭୀମ ହସ୍ତେ ଜରାସନ୍ଧ ବଧକରି,
ଗଧ ମୁଖେ ଦେଲା ଶଙ୍ଖଭରି । ଗୋ କୁନ୍ଦଫୁଲ । ୧୩ ।

Source: KC Dash, Digitized by PPRACHIN, SOA

ତାମୁ ଆପଣେ ସେ ଯାଇଥିଲେ,
ତମ ଆଦରରେ ବୁଲୁଥିଲେ;
ଡୋଲ ବଜାଇ ଶିଶୁପାଳ ରଜାଙ୍କୁ,
ସଭାରୁ ତଡ଼େ ଘଉଡ଼ ଦେଲେ । ଗୋ କୁନ୍ଦଫୁଲ । ୧୪ ।

ଅନନ୍ତ ନାମ ଅଟଇ ଯାର,
ଅନ୍ତ ନ ପାଇଲେ ସୁରନର;
ଅସୁରମାନଙ୍କୁ ନପାତ କରଣ,
ଦୁଃଖୀମାନଙ୍କର ବନ୍ଧୁବର । ଗୋ କୁନ୍ଦଫୁଲ । ୧୫ ।

ତରୁଣ ବୟସ ସବୁଦନେ,
ତୁଳସୀ ଭୂଷଣ ଅନୁକ୍ଷଣେ;
ତାଡ଼କାସୁରକୁ ପାଦେ ବଧକର,
ମୀନ ହୋଇଥିଲେ ସିନ୍ଧୁଜଳେ । ଗୋ କୁନ୍ଦଫୁଲ । ୧୬ ।

ଥଘେ ନ ପାଇଲେ ବ୍ରହ୍ମା ଯାର,
ଥାଇ ନଟ୍ଟେ କଣ୍ଠେ ବନମାଳ;
ଥିରକର ତାଙ୍କୁ ଗୁହ୍ମିବା ମସ୍ତକେ,
ଦୟା କରଥାନ୍ତି ଆଦ୍ୟମୂଳ । ଗୋ କୁନ୍ଦଫୁଲ । ୧୭ ।

ଦେବକୀ ଗର୍ଭରେ ଜାତ ହୋଇ,
ଦଇବେ ଗୋପେ ବଢ଼ିଲେ ଯାଇ;
ଦାମୋଦର ପଣ୍ଡା ଭିକ୍ଷା ମାଗୁଥିଲେ,
କୋଟିନିଧି ରତ୍ନ ତାଙ୍କୁ ଦେଇ । ଗୋ କୁନ୍ଦଫୁଲ । ୧୮ ।

ଧୈର୍ଯ୍ୟନିଧି ବଳଷ୍ଟ ଷଣ୍ଡ,
ଧରନ୍ତି ପୃଥିବୀ ନବଖଣ୍ଡ;
ଧ୍ୟାନ କର ମୁନି ଜପୁଥାନ୍ତି ଯାକୁ,
ଲୋଚନରୁ ଜାତ ପରଚଣ୍ଡ । ଗୋ କୁନ୍ଦଫୁଲ । ୧୯ ।

ନର୍ମଳ ହୋଇ ସଂସାରେ ଜାତ,
ନାମ ଧରେ ମୁନି ତପୋବନ୍ତ;
ନୌକା ହୋଇଅଛି ଭବସାଗରକୁ,
ନାମ ନେଲେ ହୁଦେ ନାହିଁ ପାପ । ଗୋ କୁନ୍ଦଫୁଲ । ୨୦ ।

Source: KC Dash, Digitized by PPRACHIN, SOA

ପତିତପାବନ ନାମ ଯାର,
ପାତାଳେ ବଳିକି ଦେଲେ ପୁର,
ପୌଲସ୍ତି ନାତି ଧରଣୀ ହରନ୍ତେଣ,
ତାଙ୍କୁ ଯେ ବଧିଲେ ବ୍ରହ୍ମଶର । ଗୋ କୁନ୍ଦଫୁଲ । ୨୧ ।

ଫୁଟିଛି ପଦ୍ମଲୋଚନ ଯା'ର,
ପାଇଁ କାମିନୀଙ୍କ ବଡ଼ ଚୋର;
ଫୁଟି ରହିଅଛି ଯମୁନା ଜଳରେ,
ପଣ୍ଡା ଖାଇ ହୋଇ ବଳିଆର । ଗୋ କୁନ୍ଦଫୁଲ । ୨୨ ।

ବପୁଜ ଭୁବନ ସ୍ନିଗ୍ଧ ବେଶ,
ବଇଲୋଚନକୁ କଲ ନାଶ;
ବଜଢ ରୂପେଣ ବୈକୁଣ୍ଠେ ବିଜୟେ,
ପୁଣ୍ୟଜନଙ୍କର ତହିଁ ବାସ । ଗୋ କୁନ୍ଦଫୁଲ । ୨୩ ।

ଭଗତି ଭାବରେ ବଶ୍ୟ ହୋଇ,
ଭାବେ ବିଦୁର ଘରେ ଭୁଞ୍ଜିଲେ ଯାଇ;
ଭଲ ଭୁଞ୍ଜାଇଲ ବିଦୁର ତାହାକୁ,
ବଥୁଆ ଘିତରେ ତୋଷ ହୋଇ । ଗୋ କୁନ୍ଦଫୁଲ । ୨୪ ।

ମାଲ ମାହୁନ୍ତଙ୍କୁ ମାରିଥିଲେ,
ମତ୍ତଗଜଦନ୍ତ ଉପାଡ଼ିଲେ;
ମାତା ପିତାଙ୍କର ବନ୍ଧନ ଫେଇଣ,
ଉଗ୍ରସେନ ଶିରେ ଶାଢ଼ୀ ଦେଲେ । ଗୋ କୁନ୍ଦଫୁଲ । ୨୫ ।

ଯଜ୍ଞ ଆରମ୍ଭ କରିବା ବେଳେ,
ଯତନେ କୁଣ୍ଡେ ଆହୁତି ଦେଲେ;
ଯୁଧେଷ୍ଠି ଦେବଙ୍କୁ ମାନ୍ୟ କଲାବେଳେ,
ବିଭୀଷଣ ଥିଲ ପଦତଳେ । ଗୋ କୁନ୍ଦଫୁଲ । ୨୯ ।

ରଙ୍ଗିଆ ଠାକୁର ବନମାଳୀ,
ରଙ୍ଗେ କରୁଥିଲେ ରସକେଳି;
ରହିଅଛି ବୀର ବନିତା ନନ୍ଦନ,
କରପଦ୍ମ ଦୁଇ ଯୋଡ଼ି କରି । ଗୋ କୁନ୍ଦଫୁଲ । ୨୭ ।

ଯୁଧେଷ୍ଠି—ଯୁଧିଷ୍ଠିର

Source: KC Dash, Digitized by PPRACHIN, SOA

ଲାବଣ୍ୟନିଧି ଶାରଙ୍ଗଧର,
ଲକ୍ଷ୍ମୀ ଦେବୀଙ୍କର ମନୋହର;
ଲବଣ ଜଳଧି ତଟେ ରହିକରି,
ରହିଁ କରିଛୁ ପଥର ଘର । ଗୋ କୁନ୍ଦଫୁଲ । ୨୮ ।

ବଡ଼ ଉମାଳିଆ ବନମାଳୀ,
ବଂଶୀ ବଜାଇଲେ ନାମଧରି;
ବୃନ୍ଦାବଣୀ ଯେନ ହୋଇଲେ ଅନ୍ତର,
ବୃନ୍ଦାବନେ ପଶି କଲେ କେଳି । ଗୋ କୁନ୍ଦଫୁଲ । ୨୯ ।

ଶ୍ରୀବନ୍ତ ଶଯ୍ୟାରେ ହଜେ କରି,
ଶ୍ରିୟାଦେବୀ ତାଙ୍କ ପାଦଧରି;
ସତ୍ୟଭାମାଙ୍କୁ ସେ ସତ୍ୟ କରାଇଣ,
ସ୍ୱର୍ଗରୁ ଆଣିଲେ ଦେବନାରୀ । ଗୋ କୁନ୍ଦଫୁଲ । ୩୦ ।

ଶ୍ୟାମସୁନ୍ଦରଙ୍କୁ ଯେତେବେଳେ,
ସମସ୍ତେ ଧରି ଆଣିବାବେଳେ;
ସମସ୍ତ ନଗର ନାରୀ ଦେଖୁଥିବେ;
କଥା ରହିଥିବ କାଳେ କାଳେ । ଗୋ କୁନ୍ଦଫୁଲ । ୩୧ ।

ଶରଦଚନ୍ଦ୍ର ବଦନୀ ରୁହିଁ,
ସଖୀ କର ଧରି ଧୀରେ କହି;
ସତେ କି ଶ୍ରୀକୃଷ୍ଣ ଗୋପକୁ ଆସିବେ,
ନିରାଶ କରିଛୁ କାହିଁ ପାଇଁ । ଗୋ କୁନ୍ଦଫୁଲ । ୩୨ ।

ହରିନାମ ନିତ୍ୟେ ମନେ ଧର,
ହରିଙ୍କି ଭାବିଲା ହନୁବୀର:
ହଂସର ପ୍ରାୟେ ସାଗର ଡେଇଁଗଲା,
କୃପାରୁ ଯେହ୍ନେ ସେ ପଦ୍ମଫୁଲ । ଗୋ କୁନ୍ଦଫୁଲ । ୩୩ ।

କ୍ଷଣେ ଦଣ୍ଡେ କରି ନାମ ଧର,
କ୍ଷ ଛନ୍ଦେ ସଂସାରୁ ହୁଅପାର;
କ୍ଷୁର ଭଗବାନ ଦାଶ ଯେ କହଇ
କ୍ଷଣେ ଶରଣ କୃଷ୍ଣ ପାଦର । ଗୋ କୁନ୍ଦଫୁଲ । ୩୪ ।

Source: KC Dash, Digitized by PPRACHIN, SOA

ରାମ କାରୁଣ୍ୟ ଚଉତିଶା

କାରୁଣ୍ୟ କରଣ ରାମ ଲକ୍ଷ୍ମଣ ମୁଖ ଚାହିଁ,
କୋମଳ ବଦନ ଭାଇର ପଡ଼ମୂର୍ଚ୍ଛା ଯାଇ,
          କଷ୍ଟ ଦେଲୁ ଭାଇ ମୋତେ,
କେସନେ କେ ଗର୍ଭଧାରୀ ମୁରୁଛିବ ତୋତେ । ୧ ।

ଛାଡ଼ିଲୁ ତୁ ମାୟାମୋହ ଅଇଲୁ ଗୋଡ଼ାଇ,
ଛାଡ଼ିଲୁ ସଂଗ୍ରାମେ ପ୍ରାଣ ତୋର ପ୍ରାୟେ ଭାଇ,
          ଛନ୍ଦି ରବତଲେ ନାହିଁ,
କ୍ଷଣେ ନ ରହିଲୁ ଭାଇ ଧନୁରେ ଗୁଣ ଦେଇ । ୨ ।

ଖେଳୁ ହସୁ ଜାନକୀ ଦେଖିଲେ ମାୟାମୃଗ,
ଖଣ୍ଡିଲା ବିଧାତା ମୋତେ କଲା ଏତେ ଯୋଗ,
          ଖଟିଥିଲୁ ଭାଇ ଏକା,
ଖୋଇଦେଉ କନ୍ଦମୂଳ କେ ହୋଇବ ଶାଖା । ୩ ।

ହରିନେଲା ରାବଣ ସୀତାୟା ମହାସତୀ,
ହୃଦୟେ ପଡ଼ିଲା ଭାଇର ଅକ୍ଷୟେ ଶକତି,
          ହରର ବଚନ ହୋଇଲା,
ହରାଇ ସମ୍ପଦ ଲଙ୍କା ଜିଣି ନ ପାରିଲା । ୪ ।

ଗଳଇ ରୁଧିର ଅଙ୍ଗୁ ପଡ଼ଇ ମେଦିନୀ,
ଗହଳେ ନ ଦିଶେ ଥାଟ କପିବଳ ସେନା,
          ଗଳାଏ ବାନ୍ଧିଥିଲି ତୋତେ,
ଗଲେଣ ଅଯୋଧ୍ୟା ଲୋକେ କି ବୋଲିବେ ମୋତେ । ୫ ।

ସଂଗ୍ରାମ ଭୂମିକି ରାମ କରନ୍ତି ତ ଲୟେ,
ଶତେ ଦଣ୍ଡ ପ୍ରଣମିତ ସୁଗ୍ରୀବର ରାୟେ,
          ସ୍ୱାମୀ ନ କର କାରୁଣ,
ଶକତି ଶରେଣ ଭାଇର ନାହିଁଟି ମରଣ । ୬ ।

ଘେନଅଛି ଜମ୍ବେବ ମୁଁ ଜାଣ ପାଞ୍ଚଗୋଟି,
ଘେନଅଛି ବୁଦ୍ଧି ମନ୍ତ୍ରୀ ନ କହଇ ଫୁଟି,
          ଘାଏ ପଡ଼ିଛି ଲକ୍ଷ୍ମଣ,
ଘାଉଡ଼ ନବାର ପଛେ ମାରିବା ରାବଣ । ୭ ।

Source: KC Dash, Digitized by PPRACHIN, SOA

ସନ୍ଦେଶ ପାଇଣ ରାମ ଜାମ୍ବବ ହକାରି,
ସାନ୍ନିଧକୁ ନେଇଣ ସେ ବାରତା ପଚାରି,
ଶାସ୍ତ୍ର କହ ମୋ ଆଗର,
ଶକତି ଶରେ ପଡ଼ିଅଛି ଭାଇ ମୋ ସୋଦର । ୮ ।

ନଳ ନୀଳ ସୁଷେଣ ଅଙ୍ଗଦ ହନୁମନ୍ତ,
ନକ୍ଷତ୍ର ପ୍ରାୟେକ ବେଢ଼ିଛନ୍ତି ରଘୁନାଥ,
ନିଜ ଶିରେ ଦେଇ ହସ୍ତ,
ନୟନ ନିରେଖିଣ ରୁଦନ୍ତି ରଘୁନାଥ । ୯ ।

ଶ୍ରୀରାମ ଚରଣ ତଳେ ଜାମ୍ବବ ପଡ଼ିଲା,
ସଞ୍ଜିବନୀ ପାଞ୍ଚ ଗୋଟି ନିରେଖି ଗୁହିଁଲା,
ଶାସ୍ତ୍ର ଶୁଣ ଗୁଣନିଧି,
ଶୀଘ୍ରେ ଚଳିଯାଉ ହନୁ ଆଣୁ ଔଷଧି । ୧୦ ।

ଚନ୍ଦ୍ରମା ପ୍ରାୟେକ ଦିଶେ ତାର ଅପସରା,
ଚଞ୍ଚଳ ପ୍ରକୃତି ସଖୀର ନାହିଁ ପରଦାର,
ଚିତ୍ର ପ୍ରତିମା ଯେସନ,
ଗୃହ ଗୁଣେ ସମ୍ପୂର୍ଣ୍ଣ ଅଟଇ ଏକ ସ୍ତନ । ୧୧ ।

ବାରତା ପାଇଣ ରାମ ସୁଗ୍ରୀବରେ ରାଇ,
ବିଳମ୍ବ ନ କର ହନୁ ଚଳିଯାଉ ସେଠି,
ବେଗେ ଯାଉ ସେ ବହନ,
ବେଳେ ବେଳେ ମୂର୍ଚ୍ଛାଗତ ସୁମିତ୍ରା ନନ୍ଦନ । ୧୨ ।

ଟୁଣ୍ଡଲେ ଛଷାଦ ରାମ ହକାରିଲେ ହନୁ,
କ୍ଷଣକେ ଔଷଧ ଆଣ ଉଦେ ନୋହୁ ଭାନୁ,
କ୍ଷେମେ ଯା ଆସି ବହନ,
କ୍ଷଣେ କ୍ଷଣେ ମୂର୍ଚ୍ଛାଗତ ସୁମିତ୍ରା ନନ୍ଦନ । ୧୩ ।
ଲଗାଇଲା ଶିର ହନୁ ନଳ ଉଦବେଗେ,
ଲଙ୍କାର ଅସୁର ତାକୁ ଉଗାଳିଲା ବେଗେ,
ଲଙ୍ଘିଲା ହନୁମନ୍ତ,
ଲିଖ ପ୍ରାୟେ କରି ହନୁ ମାଇଲା ସମସ୍ତ । ୧୪ ।

ଲିଖ—ଉକୁଣିର ଡିମ୍ବ, ଅପସରା—ଅପ୍‌ସରା

Source: KC Dash, Digitized by PPRACHIN, SOA

ଜୀବନକୁ ଶେଷ କଲା ପବନ କୁମର,
ଯାନ୍ତେଣ ଭେଟିଲା ବାଟେ ଗଙ୍ଗା ସରୋବର,
ଯତି ଛଦ୍ମେ ଅସୁର,
ଜପତପ କରୁଅଛି ଯୋଗୀଶ୍ୱ ଘାଟର ।୧୫ ।

ରବଇ ଅନ୍ତ ସ୍ୱସ୍ୱରେ ରାମ ନାମ ଗୋଟି,
ରହସ୍ୟେ ମିଳିଲା ହନୁ ବସିଲା ପାଲଟି,
ରୁଷ ଦନୁଜ ଗିଳିଲା,
ରାମ ନାମ ଧରନ୍ତେ ହୃଦୟ ଫାଟିଗଲା ।୧୬ ।

ଝାମ୍ପଦେଇ ବାହାର ହୋଇଲା ହନୁବର,
ଝାଁମ୍ପଦେଇ ଛଦାଶଲ ଅସୁର ଶରୀର,
ଝଲକଣ ଚହୁଁ ଗଲା,
ଝାଡ଼ର ଭିତରେ ହନୁ ପ୍ରବେଶ ହୋଇଲା ।୧୭ ।

ଯୋଜନ ଅପୂତେ ଗନ୍ଧମାର୍ଦ୍ଦନ ପର୍ବତ,
ଯେଉଁ କାର୍ଯ୍ୟେ ଯାଇଅଛି ଅଞ୍ଜନାର ସୁତ,
ଯାନ୍ତେ ଗନ୍ଧର୍ବ ଭେଟିଲ,
ଜରକୁଚ କରି ହନୁ ସମସ୍ତ ମାରିଲା ।୧୮ ।

ନ ଜାଣଇ ମହୌଷଧି ନ ଚିହ୍ନିଲା ଯହୁଁ,
ନର୍ଭରେ ପର୍ବତ ଗୋଟି ଉପାଡ଼ିଲା ତହୁଁ,
ନିଜ ଶିରେ ବସାଇଲା,
ନିଅନ୍ତେ ଭରତ ତାକୁ ବାଠ୍ରେ ମାରିଲା ।୧୯ ।

ମୂକୁଟ ଶରୀରେ ଯେ ବାଜିଲା ବଜ୍ରଶର,
ମୁଖେ ରାମନାମ ଧରି ପଡ଼ିଲା ଭୂମିର,
ମାରି ଭ୍ରଥ ଉଗାଳିଲା,
ମୁଣ୍ଡର ପର୍ବତ ଧନୁ ହୁଟେ ଟାଳିଦେଲା ।୨୦ ।

ଟସ୍କର ବାନର ତୁ ରେ କାହାର ନନ୍ଦନ ?
ଟେକିଥିଲି ଶ୍ରବଣେ ଧଇଲୁ ରାମ ନାମ,
ଟାକ ଯୋଗେ ଥିଲି ବାଟେ,
ଟାକଅଛି କହ ହନୁ ନ କର କପଟେ ।୨୧ ।

ଭ୍ରଥ—ଭରତ

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଜୀବନ

ଞାଇଙ୍କର ନାମ ଶୁଣି ହୋଇଲି ଆରତି,
ଭୟେ ତୁ ନ କର ହନୁ କହ ତୁ ତଡ଼ିତି,
ଞାଇଙ୍କର ଜାଣୁ କି ବାରତା,
ଞଲେ କି ଅଛନ୍ତି ରାମ ଲଇକ୍ଷଣ ସୀତା । ୨୨ ।

ଠାକୁର ଶ୍ରୀରାମଙ୍କର ଅଟଇ ମୁଁ ଦୂତ,
ଠାକୁରଙ୍କ କାର୍ଯ୍ୟେ ମୁହିଁ ଲଙ୍ଘିଛି ପର୍ବତ,
ଠିକେ ଠୋକେ କହିଲି ବାରତା,
ଠାକୁରଙ୍କ ଘରଣୀ ରାବଣ ନେଲା ସୀତା । ୨୩ ।

ବନସ୍ତେ ବୁଲନ୍ତେ ରାମ ସୁଗ୍ରୀବ ଭେଟିଲେ,
ବାଳିକି ମାରିଣ ରାଜ୍ୟ ସୁଗ୍ରୀବଇ ଦେଲେ,
ବଳ ହୋଇଲା ସପକ୍ଷେ,
ବାରତା ପାଇଣ ଲଙ୍କା ପୋଡ଼ିଲୁ ପ୍ରତକ୍ଷେ । ୨୪ ।

ଡାକହାକ କରିଣ ବାନ୍ଧିଲୁ ସେତୁବନ୍ଧ,
ଡଗର ରାବଣ ତୁଲେ ଲଗାଇଲୁ ଦ୍ଵନ୍ଦ,
ଡାକ ଲକ୍ଷ୍ମଣ ଯୁଝିଲା,
ଡାହାଣ କରରେ ଶର ଶକତି ଭେଦିଲା । ୨୫ ।

ଫଳାଗୋଟି କାଢ଼ି ନ ପାରିଲେ ଦାଶରଥି,
ଫୁଟିଲା ହୃଦରେ ଶର ଭେଦିଲା ଶକତି,
ଫାଳେ ପାରିଲୁ ତୁ ମୋତେ,
ଫଳିଲା କରମ ଦୋଷ କି ବୋଲିବି ତୋତେ । ୨୬ ।

ତଳଣ ପଡ଼ିଲେ ଭ୍ରଥ ହନୁ ବୋଲ ଶୁଣି,
ଢାଳେ ପାପ ଅରଜିଲେ କୈକେୟୀ ସେ ରାଣୀ,
ତଳ ଭ୍ରଥ କରଇ କାରୁଣ,
ଢାଳେ ଦୋଷ ନ ଦେନ ମୋ ପବନ ନନ୍ଦନ । ୨୭ ।

ପରମାନନ୍ଦ ଅଗ୍ରେ ନ କହିବୁ ଏହୁ କଥା,
ପର ଉପକାରୀ ରାମ ପାଇବେ ମନେ ବ୍ୟଥା,
ପୃଥ୍ଵୀ ଥିବ ଯେତେଦିନ,
ପର ଉପକାରୀ ହନୁ ଦୋଷ ମୋ ନ ଦେନ । ୨୮ ।

Source: KC Dash, Digitized by PPRACHIN, SOA

ଆଣ ଗୋ ପର୍ବତ ଗୋଟି ଶୀଘ୍ରେ ଘେନଯିବ,
ଆଜ ଡେରି କଲେ ଠାକୁରଙ୍କୁ ନ ପାଇବ,
ଅଷ୍ଟଷାଠିଏ ନିଃଶ୍ୱାସେ,
ଅଣି ହୋଇଛନ୍ତି କୁରେ ଗୃହାନ୍ତ ଚଉପାଶେ । ୨୯ ।

ନୟନ ନରେଖିଣ ଗୃହାନ୍ତ ରଘୁନାଥ,
ନିମିଷକେ ଗମନ କଲା ପବନର ସୁତ,
ନାମଧର ରାଇ ତାରା,
ନିମିଷକେ ପ୍ରବେଶ ହେଲା ସ୍ୱର୍ଗ ଅପସରା । ୩୦ ।

ତଲୟେ କରନ୍ତ ରାମ ଗୃହାନ୍ତ ନରୋଧି,
ତଡ଼ବେଗେ ଜମ୍ବେବ ଆଣିଲେ ଅଉଷଧି,
ତତପରେଣ ବାଟିଲେ,
ତଡ଼ିତ କରିଣ ସେ ଲକ୍ଷ୍ମଣ ଅଙ୍ଗେ ଦେଲେ । ୩୧ ।

ଧରିକରି ଅଉଷଧି ଢଅନ୍ତେ ଅଙ୍ଗର,
ଧନୁ ଧରି ଉଠିଲା ଲକ୍ଷ୍ମଣ ମହାବୀର,
ଧରେ ଶ୍ରୀରାମ ଚରଣ,
ଧନ୍ୟ ଧନ୍ୟ କଲେ ତାଙ୍କୁ ଋଷି ଦେବଗଣ । ୩୨ ।

ଥୋଇବା ପର୍ବତ ଗୋଟି ଏତେବଡ଼ କାର୍ଯ୍ୟ,
ଥୋଇତେ ଗମନ କଲା ପବନ ଆତ୍ମଜ,
ଥୋଇ ବେଗେଣ ଅଇଲା,
ଥାଟର ଭିତରେ ହନୁ ପ୍ରବେଶ ହୋଇଲା । ୩୩ ।

ଦେଖିକରି ଦୟା ତାଙ୍କୁ କଲେ ରଘୁଶିଷ,
ଜନାର୍ଦ୍ଦନ ପାଦେ ଭଣେ ବିପ୍ର ହରିଦାସ,
ଦୟା କଲେ ରଘୁମଣି,
ଜନାର୍ଦ୍ଦନ ପାଦେ ଭଣେ ବିପ୍ରଦାସ ପୁଣି । ୩୪ ।

Source: KC Dash, Digitized by PPRACHIN, SOA

କୋଳାହଳ ଚଉତିଶା

କରୁଣାସାଗର କମ୍ବୁ ଚକ୍ରଧର
କର ଧରି ରାଧା କହେ ବାଣୀ
କରୁଣାନିଧନ ମୋହର ପ୍ରାଣ ଧନ
କମ୍ପାଇ ଯାଉଛ ଛାଡ଼ି ପୁଣି
କଞ୍ଜନୟନ ହେ !
କରିଥିଲି ମନେ ପ୍ରତି ଆଶ
ଆଶା ଭଙ୍ଗାଇ ନିରାଶ କରିଗଲ ଜଗତେ ଅର୍ଜିବ କେଉଁ ଯଶ । ୧

ଖେଦ ରାଧାବାଣୀ ଶୁଣି କମ୍ବୁପାଣି
ଖେଦଭର ହୋଇ କହେ ବାଣୀ
ଖଳ କଂସାସୁର ପେଷିଛି ଡଗର
ଆସିଛି ଆମ୍ଭଙ୍କୁ ନେବ ପୁଣି
ଖଳନାଶିନୀ ରେ !
କ୍ଷଣେ ହେଁ ଅନ୍ତର ନ କରିବୁ
ଖଣ୍ଡିଲା ଦଇବ ତୁମ୍ଭ ଆମ୍ଭ ଭାବ ଚନ୍ଦ୍ରବଦନକୁ ଲୋ ଚାହିଁଥିବୁ । ୨ ।

ଗୋକୁଳ ନନ୍ଦନ ଗିରିଧର ଘନ
ଶ୍ୟାମ ଜନାର୍ଦ୍ଦନ ଦଇତ୍ୟାରି,
ଗୋପୀଙ୍କ ଜୀବନ ମଦନ ମୋହନ
ଗଲେକି ଆସିବ ଗୋପପୁରୀ
ଗୋପୀବଲ୍ଲଭ ହେ !
ଗଲ ଜଣା ତୁମ୍ଭ ପ୍ରୀତିପଣ
ଗଳା କାଟିଦେଇ ଅକ୍ରୂର ଆମ୍ଭର ଘେନ ଯାଉଅଛି ଚଞ୍ଚପ୍ରାଣ । ୩ ।

ଘନଜଘନ, ମତ୍ତପିକବଚନୀ,
ଘେନ ମୋ ବିନତି ପ୍ରାଣସଖୀ !
ଘଡ଼ିଏ ଅନ୍ତର ହେଲେ ଯୁଗାନ୍ତର
ଘୋଷୁ ଘୋଷୁ ଦିନ ସରୁନାହିଁ
ଘନବସନୀ ରେ !
ଘଟେ ରହିଅଛି ତୋର ଚିହ୍ନି
ଘେନିବୁ ନାହିଁ ମନରେ ଗୁରୁଦୁଃଖ ସତ୍ଵରେ ଆସିବୁ ବେନି ଭାଇ । ୪ ।

Source: KC Dash, Digitized by PPRACHIN, SOA

ନନ୍ଦ ଏଡ଼େ ମନ୍ଦ ନ ଜାଣନ୍ତି ଛନ୍ଦ
ମନ୍ଦ ବୁଦ୍ଧି କି ଗୋ ପ୍ରଛ ଗଲେ
ନବୀନ ସୁନ୍ଦର ଶ୍ୟାମ କଳେବର
ଯଶୋଦା କେମିନ୍ତ ମୁରୁଛିଲେ
ନନ୍ଦନନ୍ଦନ ହେ !
ନିଷ୍ଠୁର ଯାଉଛ ଛାଡ଼ିକରି
ନିଲଜ ଆତ୍ମା ଏ ନ ଯାଇ ରହିଛି ପଶ୍ଚାତେ ମରିବୁ ଝୁରି ଝୁରି ।୫।

ଚତୁଷ ରତନ ମୋହ ପ୍ରାଣଧନ
ଚାନ୍ଦନକୁ ଗୋ ଥିବୁ ଚାହିଁ
ଚମ୍ପକ ସୁମନ କର ପ୍ରାଣଧନ,
ଚନ୍ଦ୍ର କୁମୁଦରେ ଭେଦ ନାହିଁ
ଚନ୍ଦ୍ରବଦନୀ ଗୋ,
ଚକ୍ଷୁର ପିତୁଳୀ ତୁହି ମୋର
ଚମ୍ପାବରଣୀ ! ରାଜହଂସଗମନୀ ! ମେଲାଣି ତୁ ମୋତେ ବେଗେ କର ।୬।

ଛାଡ଼ିଣ ପନ୍ତ ସହୋଦର ସମ୍ପତ୍ତି
ପ୍ରୀତି ଗୁଣନିଧି ଥିଲୁ ପାଇ
କ୍ଷଣକ ଭିତରେ ସକଳ ହରାଇ
କ୍ଷୋଭରେ ମରୁଛୁ ଗୋପ ଗୋଷ୍ଠି
କ୍ଷମାସାଗର ହେ !
ଛାର ଏ ଜୀବନେ କାର୍ଯ୍ୟ ନାହିଁ
ଛାଡ଼ିଯିବ ବୋଲି ଯେବେ ମନେ ଥିଲ ଛଡ଼ାଇଲ କୁଳ କାହିଁପାଇଁ ।୭।

ଜାଣୁନା ସୁନ୍ଦରୀ ଯେତେ ଦୈତ୍ୟ ମାରି
ଗୋପରେ ରଖିଲ ଗୋପକୁଳ
ଜଳନ୍ତା ଅନଳ ଗର୍ଭେ ଠାବ ଦେଲ
ଜିଣିଲ ସ୍ୱର୍ଗରେ ଆଖଣ୍ଡଳ
ଜଗମୋହିନୀ ଗୋ,
ଦନୁଜନ ହେଲ ପରମାଦ
ଜଗତ ମଧ୍ୟରେ ଯେତେକ ଦନୁଜ ସକଳ କରିବି ମୁହିଁ ବଧ ।୮।

ଝାଡ଼ବନେ ପଶି ଆହେ ବ୍ରହ୍ମରାଶି
ନଶିହବା ଯେନ ବୁଲୁଥିଲୁ

Source: KC Dash, Digitized by PPRACHIN, SOA

ଝାଡ଼ ଫୁଲମାଳ   ଗୁନ୍ଥି ବନମାଳ
ହାର କରି ଗଳେ ଲମ୍ବାଇଲୁ
ଝାଡ଼ ବିନୋଦ ହେ !
ଝୁରିବାକୁ କଷ୍ଟେ କରିଗଲ
ଝସକେତନ ଶରେ ଆମ୍ଭ ଜୀବନ ନେବାକୁ ହେଉଛ ତତପର । ୯ ।

ନବ ନିତମ୍ବିନୀ   ଯେନ ମୋର ବାଣୀ
ନ ଭୁଲରେ ସଖୀ ! ମନେ ଆଣ
ଞାଟ୍‌ଜନସ୍ୱମୀ   ନବ ଯଉବନୀ
ଞୀରକ୍ଷ ଜନ ଜଣାଣ ଯେନ
ଞୀଲବସନାରେ !
ଞବଶ ବଚନ ଛାଡ଼ ତୋର
ଞଷ୍ଟସ୍ଥ କରି କହୁଛି ପ୍ରାଣସଖୀ ! ତୁ ମୋତେ ମେଳଣି ବେଗେ କର । ୧୦ ।

ଟେକିଥିଲୁ ବଡ଼   କରି ଅନ୍ତର୍ଗତେ
ଟେକି ଟୋପରେ ପକାଇଦେଲ
ଟାଣପଣ ଯେତେ   ଥିଲା ଆମ୍ଭ ଚିତ୍ତେ
ମୁହୂର୍ତ୍ତ ମାତ୍ରକେ ଚୂର୍ଣ୍ଣିକଲ
ଟାଣ ଭାଙ୍ଗିଲ ହେ !
ଟଙ୍କଧର ରିପୁ ହସ୍ତେ ଦେଇ
ଟାଳିଦେଇ ଗୋପୀମାନଙ୍କୁ ଯାଉଛ ଆଜ କି ଆସିବ ବେହ୍ନା ଭାଇ । ୧୧ ।

ଠାକ କଲି କେତେ   କେତେ ଚନ୍ଦ୍ରାନନୀ
ରାଧାକୃଷ୍ଣ ଏହି ଦୁଇ ନାମ
ଠାବେ ଠାବେ ଶୁଭୁ   ଅଛି ଶବଦରେ
ଅଭେଦ ପୀରତି ଦୁଇଜଣ
ଠଣ ସୁନ୍ଦରୀ ଗୋ !
ଠାବ କଲେ ହରି ସବୁଠାରେ
ଠିକେ ମାରକଣ୍ଡ ହ୍ରଦରେ ଧାଇଲେ ଠାବ କଲେ ତାଙ୍କୁ ହୃଦପୁରେ । ୧୨ ।

ଡାକୁଥାଇ ବଂଶୀ   ସ୍ୱନ ନିରନ୍ତରେ
ଯେ ବେଳ ଶ୍ରବଣ ଡେରିଥାଇ
ଡରଭୟ ଲଜ୍ଜା   ସବୁ ଦୂର କରି
ବଶ ସର୍ବଦନ ହୋଇଥାଇ

ଟଙ୍କଧର ରିପୁ—କାମଦେବ ।

Source: KC Dash, Digitized by PPRACHIN, SOA

ଡଙ୍କ-ନାଶନ ହେ !
ଡକା ଆମ୍ଭଙ୍କୁ ତ କରୁଅଛ
ଡକା ବାଜୁଅଛି ଜଗତ ମଧ୍ୟରେ ରାଧାପ୍ରାଣ ବନ୍ଧୁ ଶିଖିବର୍ହ । ୧୩ ।

ଢମ କଲ କାଳୀ   ଦେଲ ପାଦେ ଦଳ
ଢାଳିଲ ବିଷ ପିୟୂଷ କଲ
ଢାଳେ ବେଦପତି   ବତ୍ସା ହରିନେଲ
ବତ୍ସା ବାଳକଙ୍କୁ ଜାତ କଲ
ଢମନାଶିନ ରେ !
ଢମ କହୁନାହିଁ ମୁହିଁ ତୋତେ
ଢଳଢଳ ପଦ୍ମ ନୟନରୁ ନୀର ଖସି ପଡ଼ୁଅଛି ହୃଦଗତେ । ୧୪ ।

ଆହେ ଦୀନବନ୍ଧୁ !   ଆହେ କୃପାସିନ୍ଧୁ !
ତପ କରିଥିଲୁ ତୁମ୍ଭ ପାଇଁ
ଅନେକ ଭରସା   ଥିଲ ପ୍ରତି ଆଶା
ନୀରସ ହୋଇଲୁ ଗୋପ ଗୋଷ୍ଠି
ଆହେ ପଦ୍ମମୁଖ !
ଆଉ କି ଆସିବ ଗୋପପୁର
ଅଭାଗ୍ୟ କର୍ମକୁ ଦଇବ ବଳକୁ ଆସି ଘୋଟିଲ ବିପଦ ଘୋର । ୧୫ ।

ତରୁଣୀ ରତନ   ମୋହ ପ୍ରାଣଧନ
କହିବାକୁ ମୋତେ ବନ ନାହିଁ
ତୁମ୍ଭେ ଯେ ସୁଜାଣ   ତରୁଣୀ ରତନ
ତିଳେ ହେଁ ବିଳମ୍ବ ନ ସହଇ
ତନୁଜଦଗ୍ଧ ଗୋ !
ତ୍ରିଭୁବନେ ଯାର ତେଜଗୁଣ
ତୁମ୍ଭ ଯେ ସୁଜାଣ ତରୁଣୀ ରତନ କୋପ କରିବଟି କଂସଗଣ । ୧୬ ।

ଥିଲ ଗୋପପୁରେ   ଗୋପାଳ ସଙ୍ଗରେ
ଗୋପୀଙ୍କ ଜୀବନ ହୋଇଥିଲ
ଥିଲୁ ସେବାକରି   ହେ ବନବିହାରୀ
ସ୍ଥିର ମନକୁ ଅସ୍ଥିର କଲ
ସ୍ଥାନ ଭାଙ୍ଗିଲ ହେ
ଥିଲ ଯେତେ ଆଶା ଆମ୍ଭ ମନ
ସ୍ଥଳନିଧି ଏବେ ଆମ୍ଭ ହସ୍ତୁ ଗଲ ଆଉ ଏ ଜୀବନେ କି କାରଣ । ୧୭ ।

Source: KC Dash, Digitized by PPRACHIN, SOA

ଦାରିଦ୍ର୍ୟଭଞ୍ଜନୀ ! ଦୁଃଖ ବିନାଶିନୀ !
କରିଅଛୁ ପ୍ରିୟଭାବ ଯେତେ
ଦଇବ ଅବଳ ହେବାରୁ ବିଫଳ
କର୍ମ ଅବଳ ସମ୍ଭବ କେତେ
ଦୁଃଖନାଶିନୀ ରେ !
ଦନୁଦନ ହେଲ ପରମାଦ
ଦଇତର ସଙ୍ଗେ ଦ୍ୱନ୍ଦ୍ୱ ଆରମ୍ଭିଛୁ ପାଡିଛୁ ସେଥୁ ଅନେକ ଫାନ୍ଦ । ୧୮ ।

ଧରଣୀମଣ୍ଡନା ଗଜେନ୍ଦ୍ର ଗମନା
ବୋଲନ୍ତି ଶୁଣ ହେ ଦଇତ୍ୟାରି !
ଧଟଣ ଅକ୍ରୂର ଜୀବନେ ମାରିବୁ
ନ ଭଣ୍ଡିବୁ ଆମ୍ଭେ ଗୋପପୁଷ୍ପ
ଧନ୍ଦା ସମ୍ଭବ ହେ !
ଧର୍ମ ହିଁ ଯେବେ ହୋଇବ ସତ
ଧନୁଯାତ୍ରା ସେହି କପଟେ କରିଛୁ ନଷ୍ଟେ ଯଶ ଯିବ ଭୋଜନାଥ । ୧୯ ।

ନବ ନିତମ୍ବିନୀ ନବ ଯଉବନୀ
ନବୀନ କିଶୋରୀ ! ବ୍ରଜବାଳୀ
ନୃପତି ବେଭାର ସଜାର ଓଗଳ
କପାଇଁ ତାହାକୁ ଦଅ ଗାଳି
ନୀଳବସନୀ ରେ !
ନଗଣ ବଚନ ଗୁଣ୍ଡ ଚୋର
ନିଷ୍ଠୁର କରଣ କହୁଛୁ ରେ ସଖୀ ! ମେଲାଣି ତୁ ମୋତେ ବେଗେ କର । ୨୦ ।

ପଦ୍ମଲୋଚନ ବଚନ ଶୁଣି ଗୋପୀ
ମଉନ ହୋଇ ସ୍ତବ୍ଧ ହେଲେ
ପରମ ସାଧବୀ ପଙ୍କଜ ଲୋଚନୁଁ
ବକଳରେ ଜଳ ବୃଷ୍ଟି କଲେ
ପ୍ରାଣବଲ୍ଲଭ ହେ !
ପୀଡିଲ ପେଟେକ ପଞ୍ଚବାଣ
ପୀରତି ଭୁଜଙ୍ଗ ହେବ ବୋଲି କରି ପରତେ ନ ଥିଲା ଆମ୍ଭ ମନ । ୨୧ ।

ଭୋଜନାଥ—କଂସାସୁର

Source: KC Dash, Digitized by PPRACHIN, SOA

ଫର୍ଦ୍ଦୋଳ ଅକ୍ରୂର   ବୋଇଲା ଉତ୍ତର
ବୋଲ ନ କର ହେ ଗୋପାଙ୍ଗୁଣୀ !
ଫେଡ ମନ ଦୁଃଖ   ନ ହୋଇ ବିମୁଖ
ଫଗେ ଦିଅ ରାମକୃଷ୍ଣ ଆଣି
ଫାନ୍ଦେ ପଡ଼ିବ ଗୋ
ଫେଡେକ ଗୋପାଳ ଗୋପାଙ୍ଗୁଣୀ
ଫେଡ଼ି କହୁଅଛୁ ଖେଳ ମହାବୀର ନ ଗଲେ ଆସିବ ଏହ୍ବକ୍ଷଣି । ୨୨ ।

ବ୍ରଜପୁର ବାଳୀ   ମନେ ମନେ ଭାଳି
ଅକ୍ରୂରଙ୍କୁ କରଯୋଡ଼ି ଭଣି
ବାଳୁତ କୁମର   ଶ୍ୟାମ କଳେବର
ନ ଜାଣନ୍ତି ଛନ୍ଦକୂଟ ବାଣୀ
ବଂଶୀବିନୋଦ ହେ !
ବୁଦ୍ଧି ତ ଆମ୍ଭଙ୍କୁ ଦିଶୁ ନାହିଁ
ବିନୟ କରଣ କହୁଅଛୁ ଆମ୍ଭେ ତିଳେ ଅନ୍ତର କରିବ ନାହିଁ । ୨୩ ।

ଭାଳି ଭାଳି ଗୋପୀ   କୃଷ୍ଣ କର ତୋଳି
ଅସୁରକୁ ନେଇ ସମର୍ପିଲେ,
ଭାବଗ୍ରାହୀ କର   ଧରି ପୀତାମ୍ବର
ରଥରେ ଯାଇଁ ବିଜୟ କଲେ
ଭାଇ ଦୁଇ ଘେନି
ଭାବରେ ଅକ୍ରୂର ଗଲା ପୁଣି
ଭାବଗ୍ରାହୀ ସହୁଁ ଅନ୍ତର ହୋଇଲେ ନିର୍ମାଷୀ ହୋଇଲେ ଗୋପାଙ୍ଗୁଣୀ ।୨୪।

ମେଲ ହୋଇ ସୂତ   ଗୋପାଳ ବହୁତ,
ଗୋରସ ଭାର ବାନ୍ଧରେ ଘେନି,
ମାଧବ ମୁରାରି   ବେଣୁ ଧ୍ୱନିକରି
ଗଲେ ଚାହିଁଥିଲେ ଗୋପାଙ୍ଗୁଣୀ
ମହାଶୋକ ଭରେ
ନ ଦେଖିଲେ ସହୁଁ ରଜନୀରେ
ମୂର୍ଚ୍ଛା ଯାଇଁ ତଳେ ପଡ଼ି ଶଶିମୁଖୀ ଆକୁଳେ ଡାକଲେ ଶ୍ରୀକୃଷ୍ଣ ରେ ।୨୫।

ଯଶୋଦା ନନ୍ଦନ   ଜଗତ ଜୀବନ
ଯମୁନାକୂଳରେ ହେଲେ ଯାଇଁ,
ଯୋଡ଼ି ବେନିକର   ବୋଲଇ ଅକ୍ରୂର
ଏଥିରେ ସ୍ନାନ କରିବି ମୁହିଁ ।

Source: KC Dash, Digitized by PPRACHIN, SOA

ଜଗୁ ସୋଦର ଯେ
ଜାଣିପାରି ଅନ୍ତରର ମନ
ଜଳ ସ୍ଥଳରେ ଦର୍ଶନ ଦେଇ କରି ଚେତାଇଲେ ତାଙ୍କୁ ବ୍ରହ୍ମଜ୍ଞାନ । ୨୬ ।

ରଥପରେ ବିଜେ   କରି ଜଗନ୍ନାଥ
ମଥୁରାପୁରକୁ ଆବୋରିଲେ
ରଥବର ଶୂନ୍ୟ   ମାର୍ଗେ ଷେପିଗଲା
ମଧୁବନରେ ପ୍ରବେଶ ହେଲେ
ରାମକୃଷ୍ଣ ଦେଖି
ମଧୁପୁର ଜନେ ହେଲେ ସୁଖୀ
ରହିଲେ ଗୋପାଳ ଗୋରସ ସହିତେ ରାଜା ମଧୁପୁର ସ୍ଥାନ ଦେଖି ।୨୭।

ଲାବଣ୍ୟ କୁମର   ବୋଲନ୍ତି ଉତ୍ତର
ରଥ ଘେନି ତୁମ୍ଭେ ବେଗେ ଯାଅ
ରାମକୃଷ୍ଣ ବେନି   ଭାଇ ଆସୁଛନ୍ତି
ଏମନ୍ତ ରାଜାଙ୍କ ଆଗେ କହ
ଆଜ୍ଞା ପାଇକରି
ରଥବର ନେଲା ଆଗକରି
ରନ୍ଧନ ଭୋଜନ ମାର୍ଜଣା ସାରଣ ନିଷ୍ଠିନ୍ତେ ରହିଲେ ମଧୁପୁରୀ । ୨୮ ।

ବଳରାମ କର   ଧରି ପୀତାମ୍ବର
ଗୋପାଳମାନଙ୍କୁ ସଙ୍ଗେ ଘେନି
ବୋଲନ୍ତି କଟକ   ଦେଖିବା ଛଟକ
କି ଆଗେ ବରିଚ୍ଛୁ ନୃପମଣି
ବାଇ ବଂଶୀ ହରି
ବିଜୟେ ଆନନ୍ଦେ ମଧୁପୁରୀ
ବିଚିତ୍ର ସେ ପୁର ଅତି ମନୋହର ତା ସମାନ କେହି ନୋହେ ସରି ।୨୯।

ଶ୍ରୀହରି ବିଜୟ   ଶୁଣି ଲୋକଚୟ
ଦ୍ୱାରେ ପୂର୍ଣ୍ଣକୁମ୍ଭ ବସାଇଲେ,
ଶ୍ରୀରାମ କୃଷ୍ଣଙ୍କ   ଦର୍ଶନ ନିମନ୍ତେ
ବାଳ ବୃଦ୍ଧ ଯୁବା ଆସି ହେଲେ
ଶୁଭେ ହରି ଧ୍ୱନି
ଶ୍ୟାମ ଜଳଧର ତନୁ ଚାହିଁ
ସ୍ୱର୍ଗେ ଜୟ ଜୟ ଦୁନ୍ଦୁଭି ଶବଦ ମଙ୍ଗଳ ପଢନ୍ତି ସୁରମୁନି । ୩୦ ।

Source: KC Dash, Digitized by PPRACHIN, SOA

ଶୁଭିଲା ଶବଦ ହରି ଗୋଳ ନାଦ
ରଜକ ମାରିଣ ବସ୍ତ୍ର ହରି
ସୁଦାମା ମାଳୀକି ମୋକ୍ଷ କରି ହରି
କୁବୁଜା ରୂପକୁ ଉଚ୍ଚ କରି
ଶୁଭେ ଧନୁ ଘରେ
ତୋଳିଲେ ସେ ଧନୁ ବାମ କରେ ।
ସେ ଧନୁ ଭାଙ୍ଗିଣ ପ୍ରଭୁ ଆନନ୍ଦ ପ୍ରବେଶ ହୋଇଲେ ସିଂହଦ୍ୱାରେ ।୩୧।

ଶୁଭେ ଗଲା ନିଶି ଅରୁଣ ପ୍ରକାଶି
ନିତ୍ୟ କର୍ମମାନ ବଢ଼ାଇଲେ,
ଶୁଭରେ ଶ୍ରୀହରି ଗୋପବୃନ୍ଦ ହେନି
ମଥୁରା ପଥରେ ବିଜେ କଲେ,
ଶୁଭେ ହରି ଧ୍ୱନି
ଶ୍ୟାମଳ ଜଳଦ ତନୁ ଚହ୍ନି
ସଚରାଚରରେ ଜନମ ହୋଇଣ ନିର୍ମାକ୍ଷୀ ହୋଇଲେ ଗୋପାଙ୍ଗୁଣୀ ।୩୨।

ହୋଇ ବୀରବେଶ ରାମ ପୀତବାସ
ହରିଲେ ଗଜ ମାହୁନ୍ତ ପ୍ରାଣ,
ହୋଇଣ ଆନନ୍ଦ ମାରି ମଲ୍ଲବୃନ୍ଦ
ଦେଖୁଛନ୍ତି ତହିଁ ସର୍ବଜନ,
ହରିହର ଦୁଇ
କାଳବିକାଳର ରୂପ ହୋଇ
ହରିଲେ ପରାଣ ଭୋଜ ନୃପରାଣ ପଡ଼ିଲା ଜଗତି ତଳେ ଯାଇ ।୩୩।

ଷପ୍ତ ଦୈତ୍ୟ ମାରି ମହୀ ଯେ ଉଦ୍ଧାରି
ଅମରବୃନ୍ଦ ଉଷତ ହେଲେ,
ଷୋଭରୁ ମାତା ପିତାଙ୍କୁ ଉଦ୍ଧାରିଣ
ଉଗ୍ରସେନେ ତହିଁ ରାଜା କଲେ,
କ୍ଷମାଶୀଳ ହରି
ଛଳେ ଜରାସନ୍ଧ ଦର୍ପହାରୀ
ସ୍ଥିର ଦଇବଞ୍ଚ ବଳରାମ ବୋଲେ ଷୋଭରୁ ଉଦ୍ଧର ଦଇତ୍ୟାରି ।୩୪।

Source: KC Dash, Digitized by PPRACHIN, SOA

ସୀତା ବିଚ୍ଛେଦ ଚଉତିଶା

(ପରମାନନ୍ଦ)

କରୁଣାସିନ୍ଧୁ ରାମଚନ୍ଦ୍ର ବିକଳେ
କରନ୍ତି ଚିନ୍ତା ମାଲ୍ୟବନ୍ତ କନ୍ଦରେ ରେ
କହନ୍ତି ଗୃହୁ ନବଘନକୁ ଦେଖି
କେଣେ ଗଲା ମୋର ପଙ୍କଜମୁଖୀ ରେ ।୧।

କ୍ଷୀଣଉଦରୀ ! ଆଗୋ କମଳମୁଖୀ
ଖେଳୁ ଯେ ହସୁଥାଉ ଚଞ୍ଚଳ ଆକ୍ଷି ରେ
ଖେଦ ମୋ ମନେ ସଖୀ ହେଉଛି ଯାହା
ଖଣ୍ଡିଲା ଧାତା କେଉଁ କାରଣେ ଏହା ରେ ।୨।

ଗୁରୁ ଯୌବନୀ ! ଆରେ ମୃଦୁହାସିନୀ
ଗଜରାଜଗମନୀ ! ମୁନି ମୋହନୀ ରେ
ଗହନବନେ ଏକା କରି ତୁ ଗଲୁ
ଗୁଣର ମଣି ମୋତେ ଏ ଦୁଃଖ ଦେଲୁ ରେ ।୩।

ଘଞ୍ଚ ସଞ୍ଜଉରଜା ! ହରିଣଦୃଶା !
ଘନକାଳେ ଗୁଡ଼ିଲୁ ମୋ ପ୍ରତି ଆଶାରେ
ଘୋର ବିପତ୍ତି ଦୁଃଖ ଦେଲୁ ସୁକେଶୀ !
ଘୋର କୁଳିଶ ଶିରେ ପଡ଼ୁଛି ଆସି ରେ ।୪।

ନୟନ ପ୍ରତିମା ! ରେ ସୁକୁନ୍ଦଦନ୍ତୀ !
ନେଲା କେ ତତେ ମତେ ଦେଇ ବିପତ୍ତି ରେ
ନାହିଁ ତାହାର ଆଉ ଜୀବନେ ଆଶ
ନୀଳକଣ୍ଠ ରଖିଲେ କରିବ ନାଶ ରେ ।୫।

ଚନ୍ଦ୍ରବଦନୀ ! ଆରେ କୁଟିଳକେଶୀ
ଚିନ୍ତାସାଗରେ ପ୍ରିୟା ଥିବ ମୋ ବସିରେ
ଚିନ୍ତଉଥିବ ମୋର ଗୁଣ-ଅଗୁଣ
ଚନ୍ଦ୍ରବଦନୀ ଏକା ହୋଇବ କ୍ଷୀଣ ରେ ।୬।

Source: KC Dash, Digitized by PPRACHIN, SOA

ଛଇଳମଣି ! ଆରେ ଜାତିମଣ୍ଡନା
ଛୁକାଇ ଧାଛା ମୋତେ ଦେଲ ବେଦନା ରେ
ଛୁଡ଼ବ ନଷ୍ଟେ ସଖୀ ଜୀବନ ଆଶ
ଛିନ୍ନଉଦରୀ ! ଯେବେ ନଇଲୁ ପାଶ ରେ । ୭ ।

ଯେଉଁ ବନରେ ଧନୁ ଭାଙ୍ଗିଲ ଜାଣ
ଯାଇ ଯେ ଥିଲେ ସବୁ ନୃପତିଗଣ ରେ
ଜଇତମାଳା ମୋର ଗଳାରେ ଦେଲୁ
ଜାତି ପଦ୍ମିନୀ ! ମୋର ହୃଦ ମଣ୍ଡିଲୁ ରେ । ୮ ।

ଝଳ ଗଉରୀ ! ସୁକୁମାରୀ ! ସୁତନୁ
ଝିମଣ୍ଟେ ପ୍ରିୟା ମୋର ନ ଯାଇ ମନୁ ରେ
ଝୁରୁ ଯେ ଥିବ ଏକା ହୋଇ ଅବଳା
ଝୁରୁଥିବ ନୟନୁ ଲୋତକଧାର ରେ । ୯ ।

ନୟନେ ନତି ଆଜ ଭେଟିବ ତୋତେ
ନାହିଁ ବା ମନେ ମୋର ଏବ୍ବ ପରତେ ରେ
ନୟମ କରିଥିଲ ନୋହିବ ବନ୍ଧ
ନବକିଶୋରୀ ତନୁ ଆଜି କେ ଶୋଭା ରେ । ୧୦ ।

ଟୋପ ମଧ୍ୟରେ ସଖୀ ! ପଡ଼ିଲ ଏକା
ଟେକିଦେବାକୁ ମୋତେ ଅଛି କେ ସଖାରେ
ଟିକାକ ଲକ୍ଷଯୁଗ ପ୍ରାୟେ ଲାଗୁଛି
ଟଳ ନ ଯାଇ ଜୀବ କମ୍ପା ଉଛୁଛି ରେ । ୧୧ ।

ଠୁଳ ହୋଇଣ ଯେତେ ସମ୍ପତ୍ତି ମୋର
ଠେଲି ଭାଙ୍ଗିଲୁ ପ୍ରିୟା ! ହୋଇଲୁ ଦୂରରେ
ଠଣ ସୁନ୍ଦରୀର ମୁଁ ନ ଦେଖି ମୁଖ
ଠିକେଁଲଭିବ କାହିଁ ପରମ ସୁଖରେ । ୧୨ ।

ଡମ୍ବରୁ ମଧ୍ୟା ! ଆରେ ପରାଣ ବନ୍ଧୁ !
ଡେଇଁ ଯେ ଗଲୁ ନଦୀ ପର୍ବତ ସିନ୍ଧୁରେ
ଡୋଳାରେ ନତି ଆଜ ଭେଟ ହୋଇବ
ଡକାତ କଲ ମୋତେ କେଉଁ ଦଇବ ରେ । ୧୩ ।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଢାଳେ ହେଁ ପ୍ରିୟା ତୋର ମୋର ଅଭେଟ
ଢାଳେ ହୋଇଲା କଥା ମରମ କଷ୍ଟ ରେ
ଢୋକବ ଝଷ ସଖୀ ! ତୋହର ପାଇଁ
ଢମ ନ ହୋଇ ଧନ ! କହୁଛି ମୁହିଁ ରେ । ୧୪ ।

ଅତ୍ୟନ୍ତ ସୁକୁମାରୀ ଋଷି ନନ୍ଦନା
ଅର୍ଜିଲୁ କର୍ମେ ପ୍ରିୟା ! ଏଡ଼େ ବେଦନା ରେ
ଅସୁର ଦୈତ୍ୟ ଘରେ ବନ୍ଦ ପଡ଼ିଲୁ
ଅଗାଧ ଜଳେ ଭେଳା ବୁଡ଼ାଇ ଗଲୁ ରେ । ୧୫ ।

ତରକ କରି ଘେନ ଗଲା ଅସୁର
ତୁ ଟିକେ ଥିଲେ ଯାନ୍ତା ଯମର ଅ.ଳ ରେ
ତା ସ୍ୱିତ ବେନ ନେତ୍ରେ ଦେଖନ୍ତୁ ସଖୀ !
ତହିଁକି ଚନ୍ଦ୍ର ସୂର୍ଯ୍ୟେ ହୁଅନ୍ତେ ସାକ୍ଷୀ ରେ । ୧୬ ।

ଥିଲା କି ପ୍ରିୟା ମୋର ଆସିବା ଯାଏ
ଥାନ୍ତାକି ପିଣ୍ଡେ ପ୍ରାଣ କହିବାଯାଏ ରେ
ଥପ୍ପେ ବୁଦ୍ଧି ନ କରି ଆଗେ ହୁଡ଼ିଲି
ଥୋଇଲା ଧନ ପର ହସ୍ତକୁ ଦେଲି ରେ । ୧୭ ।

ଦଇବ ସତେ ଯେବେ ହୋଇବ ସହା
ଦାମ୍ଭିକ ପଣେ କେଣେ ଯିବ ପଳାଇ ରେ
ଦାଶରଥିଇ ପ୍ରାଣେ ମାରେ ତାହାକୁ
ବହ୍ନିଣ ଲଙ୍କାରୁ ଆଣିବ ତୁମ୍ଭଙ୍କୁ ରେ । ୧୮ ।

ଧରଣୀ ଦଶ ଦିଶ ଅନ୍ଧାର କଲୁ
ଧବଳମୁଖୀ ! କେଣେ ଅନ୍ତର ହେଲୁ ରେ
ଧରଣୀମଣ୍ଡନକ କାହିଁ ପାଇବ
ଧରି କୋଳରେ ଏତେ ଦୁଃଖ ସହିବ ରେ । ୧୯ ।

ନାରୀରତନ । ଆରେ ଜନକ ସୁତା ।
ନ କଲି ତୋର ସଙ୍ଗ ମତେ ବିଧାତାରେ
ନିର୍ମଳ କୁଳେ ମୋର କଳଙ୍କ ହେଲା
ନଷ୍ଟପ୍ରେ ସୂର୍ଯ୍ୟବଂଶ ଆଜି ବୁଡ଼ିଲା ରେ । ୨୦ ।

Source: KC Dash, Digitized by PPRACHIN, SOA

ପୀନ ବର୍ତ୍ତୁଳସ୍ତନୀ, ମୁନ ମୋହିନୀ,
ପ୍ରବାଳ ଓଷ୍ଠ ମିଶି ମୃଦୁଭାଷିନୀ ।
ପାପିଷ୍ଠ ଦୈତ୍ୟ ଘରେ ପଡ଼ିଲୁ ସଖୀ,
ପରତେ ଯାଉନାହିଁ ପାରିବ ଦେଖି ରେ । ୨୧ ।

ଫୁଟୁଣାପାକ ସବୁ ଭୁଞ୍ଜିଲୁ ସଖୀ,
ଫାନ୍ଦେ ପକାଇ ଗଲ୍ଲଦନୁ ମୃଗାକ୍ଷୀ ରେ
ଫଳିଲା କର୍ମ କର୍ମେ ଏତେ ଦୁଃସହ
ଫିଟୁ କଷଣ ମୋର ପାଇଁ ସନ୍ଦେହ ରେ । ୨୨ ।

ବରଗମନୀ ଆଗୋ ! ବୃଷାଳନେତ୍ରୀ !
ବର ଯେ କରିଥିଲୁ ସୁବର୍ଣ୍ଣଗାତ୍ରୀ ରେ
ବେଦନା ଅନୁକ୍ରମେ ପାଇବୁ ବୋଲି
ବୋଧ ନ ଘେନ ପ୍ରିୟୁ ଅଇଲୁ ପେଲି ରେ । ୨୩ ।

ଭରଥ ମାତା ଘେନ ହେଲା ଅକାର୍ଯ୍ୟ
ଭାଷିଲା କୁଳସୁଖ ରହିଲା ଲଜ ରେ
ଭରଥ ନୃପ ନ ହୋଇ ହେଲେ ତାପସ
ଭଙ୍ଗିଣ ପ୍ରିୟା ଚଲୁ ! ଏ ବନବାସ ରେ । ୨୪ ।

ମୃଗାକ୍ଷୀ ସୁମୁଖୀକ ସତେ ମୂର୍ଚ୍ଛିଲା
ମୋହ କର୍ମରେ କପାଁ ଏହା ଅର୍ଜିଲି ରେ
ମୋତେ ଧାର୍ମିକ କର ପ୍ରୀତି ସମ୍ବାଦ
ମୋ କର୍ମେ କପାଁ ବନ୍ଧି କଲୁ ପ୍ରମାଦ ରେ । ୨୫ ।

ଜୀବର ଜୀବ ! ଆରେ ଏ କଷ୍ଟ ଦେଲୁ
ଯୁବାକାଳେଣ ମୋତେ ଛାଡ଼ିଣ ଗଲୁ ରେ
ଜଳଜନେତ୍ରୀ ! ଆରେ ତୋ ଗୁଣ ଶୁଣି
ଯାଉଛି ଜୀବ ମୋର ତୋହର ଘେନ । ୨୬ ।

ରସ ଉତ୍ସବ ମୋର ନାହିଁ ମନକୁ
ରାଜ୍ୟ ଛାଡ଼ି ଅଇଲା ପିତା ସତ୍ୟକୁ ରେ
ରାଜୀବନେତ୍ରା ଆଗୋ ତୋ ଗୁଣ ଗୁଣି
ରହ ଦିବସ ମୁଁ ନ ପାରଇ ଜାଣି ରେ । ୨୭ ।

Source: KC Dash, Digitized by PPRACHIN, SOA

ଲକ୍ଷଣ ରଘୁମଣି ଆଜ୍ଞା ଶୁଣି
ଲଳଟ କର କହେ ବୀରଙ୍କ ମଣି ଯେ
ଲୋକକ ମୁଖ ପ୍ରଭୁ କେଉଁ କଥାକୁ
ଲୋକେ ନିନ୍ଦା କରିବେ ପ୍ରଭୁପଣକୁ ଯେ । ୨୮ ।

ଜନେ ଯେମଣ ଗୃଲ ଯିବା ଲଙ୍କାକୁ
ବଧିବା ରାବଣକୁ ଶଙ୍କା କାହାକୁ ହେ
ବଳ କରଣ ଦଶନ୍ଧରକୁ ମୁଣ୍ଡ
ବସୁମାତା ଖାଇବ ତା ପିଣ୍ଡ ଖଣ୍ଡ ଯେ । ୨୯ ।

ସାନୁଜ ବୋଇଲେ ଦୁଃଖ ଗଲା ଦୂରକୁ
ଶାନ୍ତ ହୋଇଣ ବୋଧ କଲେ ଦେହକୁ ଯେ
ସଞ୍ଜମିନୀ ବଚନ ଶୁଣି ସାନନ୍ଦ
ଶ୍ରୀରାମ ମୁଖ ଶୋଭା ପୂର୍ଣ୍ଣମୀ ଚନ୍ଦ ଯେ । ୩୦ ।

ଶେଷ ହୋଇଲା ଆସି ବରଷାକାଳ
ସନ୍ଦେଶ ପାଇଲେ ସକଳ ବଳ ଯେ
ସୁଗ୍ରୀବର ସାହାରେ ସିନ୍ଧୁ ତରିଲେ
ସିଂହ ଦଇତ ସଙ୍ଗେ ସଂଗ୍ରାମ କଲେ ଯେ । ୩୧ ।

ସଂଗ୍ରାମେ ମାରି ଭସ୍ମ କଲେ ରାବଣ
ସଙ୍ଗେ ବିଭୀଷଣକୁ ନୃପତିକରଣ ଯେ
ସୀତା ଲକ୍ଷଣ ଘେନି ପୁଷ୍ପକେ ବସି
ସୂର୍ଯ୍ୟବଂଶ ନାୟକ ଅଯୋଧ୍ୟା ଆସି ଯେ । ୩୨ ।

ହୋଇଲେ ଅଭିଷେକ ସୀତାକୁ ଘେନି
ହରଷେ ଦେଖୁଛନ୍ତି ସ୍ୱର୍ଗରେ ମୁନି ଯେ
ହତ ଦେହର ଦୁଃଖ ହୋଇଲା ଦୁର
ହରଷେ ଥାଇ ଦେଖୁଛନ୍ତି ଅମର ଯେ । ୩୩ ।

କ୍ଷୀଣଜଦଶ୍ୱ ଯେବନ ଭୋଗ ବିଳାସ
ଗୁଡ଼ିଣ ନମିଷେକ ଶତେ ବରଷ ଯେ
କ୍ଷମାସାଗର ରାମ ପଦାରବିନ୍ଦ
କ୍ଷେମେ ପାଇ ଆନନ୍ଦ ପରମାନନ୍ଦ ଯେ । ୩୪ ।

Source: KC Dash, Digitized by PPRACHIN, SOA

ମାୟାମୃଗ ଚଉତିଶା

(ରସକୁଲ୍ୟା)

କରେ କୋଦଣ୍ଡ ଧରି ରାମ ଶର
କୁରଙ୍ଗ ମାରିଲେ ବନ ଭିତର
କଲ୍ଲ ନାଦ ରଖ ଲକ୍ଷ୍ମଣ ବାଣୀ
କି କି ଉପୁଜିଲା ନାଦେ ନ ଜାଣି ସେ
କରମ ମୋ ବଡ଼ ମନ୍ଦ ହେ
କି ଦୋଷ କଲି ମୁଁ ପିତାମାତାଙ୍କର
ମୋତେ ପେଷିଦେଲେ ବନ ହେ । ୧ ।

ଖେଦମନ ରାମ ସୀତାସ୍ଥା ତହିଁ
ଖଣ୍ଡେ ଦୂରେ ଯେହ୍ନ ରହିଲେ ଯାଇ
କ୍ଷୀଣବାଣୀ କହେ ନିଶ୍ୱାସ ଖର
କ୍ଷୁଧା ତୃଷାରେ ନଉଛଇ ଶିର
ଖଟି ନ ଥିଲୁ କି ଭାଇ ରେ
ଖଞ୍ଜନଲୋଚନା ଜନକର ଝିଅ
ଆଜ ମୁଁ ପାଇବ କାହିଁ ରେ । ୨ ।

ଗରୁବାର ସୀତା କହିଲେ ମୋରେ
ଗିରିପର୍ବତ କି ପଡ଼ିଲା ଶିରେ
ଗଗନ ମେଘକୁ ସାକ୍ଷୀ କରାଇ
ଗମି ଅଇଲି ଶଙ୍କା ମନେ ପାଇ
ଗରୁ ଲାଗୁଅଛି ମନେ ଯେ
ଗୋବିନ୍ଦ ସୁମରି ଗଲେ ବେନି ଭାଇ
ସୀତା ଛନ୍ତି ଯେଉଁ ସ୍ଥାନେ ଯେ । ୩ ।

ଘରେ ପଶି ରାମ ନ ଦେଖି ସୀତା
ଘରୁ ବାହାରି ପଡ଼ିଗଲେ ମୂର୍ଚ୍ଛା
ଘଡ଼କେ ଲକ୍ଷ୍ମଣ ଧଇଲେ ଟେକି
ଘନବାତେ ଯେହ୍ନେ ଲୋଟେ କଦଳୀ ସେ
ଘରଣୀ ସୁମରି ମନେ ଯେ
ଘରୁ ବାହାର ହୋଇଣ ସୀତା ବେଣି
ଭୁ କଂପା ଲୁଟନ୍ତି ବନେ ଯେ । ୪ ।

Source: KC Dash, Digitized by PPRACHIN, SOA

ନବ ପଲ୍ଲବ ତରୁଲତାମାନ
ନମ୍ର ଗୋଦାବରୀ ଗିରି କାନନ
ନାନା କୁସୁମେ ତରୁ ବନଲତା
ନଶ୍ଚେ ଜାଣିଛ କି ସୀତା-ବାରତା ସେ
ନରେଖ ହେଲ ମୁଁ ଦେଖ ହେ
ନମ୍ରମ ହୋଇ ଜଣେ ଜଣେ ପୁଚ୍ଛନ୍ତି
ନାଶ୍ବଦାନ ହୋଇ ରଖ ହେ । ୫ ।

ଚନ୍ଦ୍ରଶୋଭା ଜିଣି ଚନ୍ଦ୍ରବଦନୀ
ଚଞ୍ଚଳ ଚକିତ ମୃଗ-ଲୋଚନୀ
ଚୁରୁବିମ୍ବାଧରୀ କନକକାନ୍ତି
ଚରଣଯୁଗ ଅରବିନ୍ଦ ଜ୍ୟୋତି ସେ
ଚିନ୍ତା କରୁଥିବ ମନ ହେ
ଚରଣେଧର ଲକ୍ଷ୍ମଣ କହୁଛନ୍ତି
ଚୂଲ ନ ଥିବା ଏ ବନ ହେ । ୬ ।

ଛାଡ଼ିଯାଉ ଜୀବ ରହିଛି ପିଣ୍ଡ
ଛୁଡ଼ିପଡ଼ୁ ମୁଣ୍ଡେ ଆକାଶ ଖଣ୍ଡ
ଛନିପୁକୁଳେ ଛିତିପତି ସୁତେ
ଛୁଦ୍ରକର କଥା କହିବେ ମୋତେ ସେ
ଛଣ୍ଡାଇ କେ ନେଲା ସଖୀ ହେ !
ଛାଡ଼ି ଯାଉଅଛି ପଲ୍ଲବ-କୁଡ଼ିଆ
ତୋତେ ଆଶ୍ରେକର ଦୁଖୀ ମୁଁ । ୭ ।

ଜୀବଜନ୍ତୁମାନେ ଦେଖିଲେ କହି
ଯାଉଅଛି ମୁଁ ଯେ ଅନାସ୍ତ ହୋଇ
ଜାନକୀ ନାମ ଜନକର ଝିଅ
ଜାଣିଥିଲେ ସୀତା ବାରତା କହ
ଯାନ୍ତେ କତୁଦୂର ପଥ ଯେ
ଜୀବନେ ଥାଇ ପକ୍ଷୀଚଠା କହଇ
କୋଦଣ୍ଡ ଦେଖିଣ ହସ୍ତ ହେ । ୯ ।

ଝାଡ଼ବାସୀ ଆମ୍ଭେ ଢଗୋଟି ଭାଇ
ଝାଡ଼େ ବୁଲୁଛୁ ଘରଣୀ ହରାଇ

Source: KC Dash, Digitized by PPRACHIN, SOA

ଝିମନ୍ତେ ନ ରଖି କ ଦୋଷ ଯେନ
ଝାଡ଼େ ମେଷିଦେଲେ ପିତା ଜନନୀ ସେ
ଝାଡ଼େଗଲ୍ ଚଡ଼ପଣ ସେ
ଝାଡ଼ରେ ଥାଇ ପକ୍ଷୀଚଟା କହଇ
ସୀତାକୁ ନେଲ୍ ରାବଣ ଯେ । ୯ ।

ନେଉଥିଲ୍‌ବେଳେ ଚୋର ସୀତାକୁ
ନଖ ଯେନଣ ବଦାରଲ ବୁକୁ
ନୁହାଖଣ୍ଡରେ ମୋ କାଟିଲ୍ ଡେଣା
ନେଲ୍ ଲଙ୍କାଗଡ଼ ମୂଢ଼ ରାବଣା
ନକଲଙ୍କ ରଘୁକୁଳ ହେ
ନେଞ୍ଚ ରାବଣ ମାର ସୀତା ଘେନଣ
ଅଯୋଧ୍ୟା ଭୂବନେ ଚଳ ହେ । ୧୦ ।

ଟଳପଡ଼ ପଛୀ ଗଲ୍ ପରାଣ
ଟେକ ଧଇଲେ ରଘୁକୁଳଗଣ
ଟାକଥିଲ୍ ବସି ବନେ ଦଇତ
ଟେକ ଧଇଲ୍ ରାମ ବେଣ୍ଟହସ୍ତ ସେ
ଟେକ ପକାବନ୍ତି ଭୁଣ୍ଡେ ହେ
ଟାଣପଣ ଗୁଡ଼ ଶ୍ରୀରାମ କହନ୍ତି
ନେଉଛୁ ଅନାସ୍ତ ପିଣ୍ଡେ ହେ । ୧୧ ।

ଠିକ ବାଣୀ କହେ ଲକ୍ଷ୍ମଣ ବୀର
ଠାକୁର ହୋଇଣ ଏଡ଼େ ଅଥିର
ଠାବ କଣ ଖାପୁ ଖଡ଼ଗ ଯେନ
ଠିକେ ପ୍ରହାର କଲେ ବୀରମଣି ସେ
ଠିକେ ଗଲ୍ ତାର ପ୍ରାଣ ଯେ
ଠିକେ ଅସୁର ସୁରପୁରେ ପ୍ରବେଶ
ଠିକ ବଚନ ସିଦ୍ଧାଣ ଯେ । ୧୨ ।

ଡାକ ଗନ୍ଧର୍ବେ ଯେ ବୋଲନ୍ତି ବାଣୀ
ଡରଉଥିଲ୍ ସେ ଇନ୍ଦ୍ରର ରାଣୀ
ଡେଇଁ ବାସବେ ବଧାଏ ମାଇଲ୍
ଡରଇ ଶଚୀପତି ଶାପ ଦେଲ୍ ସେ
ଡାକ କହୁଅଛୁ ଶୁଣ ହେ

Source: KC Dash, Digitized by PPRACHIN, SOA

ତରେ ସୁଗ୍ରୀବ ଋଷିମୁଖ ପର୍ବତେ
ଚଳଚଳ ରଘୁଗଣ ହେ । ୧୩ ।

ତଳ ବଚନ କହେ ରଘୁନାଥ
ତାଳେ ଚଳିଲେ କଚ୍ଛୁଦୂର ପଥ
ତଳଇ ପଙ୍କଜ ନୟନୁ ନୀର
ତଳ ମିଳିଲେ ଶବର ମନ୍ଦିର ସେ
ତଳ କହୁଛନ୍ତି ବାଣୀ ଯେ
ତାଉ ବର୍ଣ୍ଣ ତୃତ ଫଳ ଥୋଇଥିଲା
ଦେଲା ଶବରଣୀ ଆଣି ଯେ । ୧୪ ।

ଆସନ ଦେଇଣ ପୁଚ୍ଛେ ବଚନ
ଅଇଲ କି କେ ମୋର ସନ୍ନିଧାନ
ଅତି ଅଶକତ ତରୁଣୀ ଦେହ
ଉଚ୍ଛେ ବେଦନ କରି କି କେ କହ ସେ
ଅତି ଅଶକତ ବାଣୀ ଯେ
ଅତି ସଂକଟ ବଧାତା ଭିଆଇଛୁ
କାହିଁ କହ ରଘୁମଣି ହେ । ୧୫ ।

ତ୍ରୈଲୋକ୍ୟ ଜାଣି ଦଶରଥ ରାୟେ
ତାହାଙ୍କର ଆମ୍ଭେ ଜ୍ୟେଷ୍ଠ ତନୟେ
ତାନ ଆଜ୍ଞାରେ ବନବାସ କଲୁ
ତେଣୁ ଏ ବନେ ସୀତା ହରାଇଲୁ ଯେ
ତେଣୁ ବୁଲୁଅଛୁ ବନ ଯେ
ତୁମ୍ଭେ ଜାଣିବକି ଜନକ ଝିଅକୁ
ତାର ବିନୁ ନାହିଁ ଆନ ଯେ । ୧୬ ।

ଥୟେ ବଚନ କହେ ଶବରଣୀ
ଥିରେ ଶୁଣିମା ରଘୁ କୁଳମଣି
ଥିଲା ସୀତା କୋଳେ ଏ ବଂଶବାନ୍ଧୁ
ଥିରେ ଚନ୍ଦ୍ରମାକୁ ଗ୍ରାସିଲା ରାହୁ ସେ
ଥୟେ କହିଲି ବାରତା ଯେ
ଥିବ ସୁଗ୍ରୀବ ଋଷି ମୁଖ ପର୍ବତେ
ବଳେ ସେ ଆଣିବ ସୀତା ଯେ । ୧୭ ।

Source: KC Dash, Digitized by PPRACHIN, SOA

ଦଣ୍ଡେ ରହି ରାମ କଲେ ଗମନ
ଦେଖିଲେ ଜମ୍ବୁବନେ ହନୁମାନ
ଦାଶରଥି ହନୁ, ଲକ୍ଷ୍ମଣ ତୁଲେ
ଦଇବ ଯୋଗେ ସୁଗ୍ରୀ କ ଭେଟିଲେ
ଦୁହେଁ ଦୁହିଁ କ ଅବସ୍ଥା ଯେ
ଦୁଖ ଦେଖାଇ   କୁହାକୁହି ହୁଅନ୍ତି
ଏକକୁ ଆରେକ କଥା ସେ । ୧୮ ।

ଧୀରେ ବଚନ ସୁଗ୍ରୀବର କହେ
ଧନ୍ୟ ଅଯୋଧ୍ୟା ରଘୁକୁଳ ସ୍ୱେ
ଧନ୍ୟ ଦଶରଥ ପିତା ଜନନୀ
ଧନ୍ୟ ରାଜପତି ତୁମ୍ଭଙ୍କୁ ରାଣୀ ସେ
ଧନ୍ୟ ଯୁବା ବେନଜନ ହେ
ଧରିଅଛ ଧନୁ   ଶିରେ ଜଟାଧାରୀ
କି ଅର୍ଥେ ବନେ ଭ୍ରମଣ ଯେ । ୧୯ ।

ନିଜ ମାତା ବୋଲେ ପିତା ଆମ୍ଭଙ୍କୁ
ନିରାଶ କରି ପେଷିଲେ ବନକୁ
ନଦୀ ଗୋଦାବରୀ କୂଳରେ ଆସି
ନଷ୍ଟେ ହରାଇଲି ସୀତା ସୁକେଶୀ ସେ
ନଦନଦୀ ବନ ଘୋର ଯେ
ନ ପାଇଲି ଖୋଜି   ଜନକ ଝିଅକୁ
ପଗୁଡ଼ଲ ଧନୁଧର ମୁଁ । ୨୦ ।

ପ୍ରଭୁ ବଚନେ ସୁଗ୍ରୀବର ତର୍ଜ୍ଜି
ପାଇଲା ବସ୍ତ୍ର ଅଳଙ୍କାର ଦେଇ
ପଦ୍ମଲୋଚନୀର କହେ ବଚନ
ପ୍ରତକ୍ଷେ ନେଇଛି ଲଙ୍କା ରାଜନ ସେ
ପ୍ରମ ବ୍ରହ୍ମରାମ ଦେଖି ହେ
ପ୍ରଭୁଙ୍କ ସମ୍ମୁଖେ   ବାରତା କହିବ
ପାଇଲି ବହୁତ ଦୁଃଖ ମୁଁ । ୨୧ ।

ପ୍ରମ—ପରମ

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଫେଡ଼ି ବସନ ଦେଲେ ଆମ୍ଭେମାନ
ଫୁରୁଣା ହୋଇ ବୋଲନ୍ତି ବଚନ
ଫାନ୍ଦ ପ୍ରାପ୍ତେ ଥାଉ ସଖୀ-ସର୍ବାଙ୍ଗେ
ଫାଟି ପଡ଼ୁଅଛୁ ଯେଉଁ ସଙ୍ଗେ
ଫେଡ଼ି କହ ମୋ ଆଗରେ ରେ
ଫାଟି ହୃଦୟ ଯାଉ ମୋର ଜୀବନ
ଜନକ ଝିଅ ଆଗରେ ରେ । ୨୨ ।

ବାବୁ ବିଧାତା ଏହା କି କି କଲୁ
ବନବାସରେ ସୀତା ହରାଇଲୁ
ବଞ୍ଚୁର ଥିଲି ମଲି ଗଲି କେଣେ
ବାରତା ପ୍ରତକ୍ଷେ ନେଲା ରାବଣେ ସେ
ବଇଦେହୀ ଚିନ୍ତା ଶୋକେ ଯେ
ବାହୁଡ଼ାବେଳେ ଅଯୋଧ୍ୟାକୁ ଗଲେ ମୁଁ
କି ବୋଲି ବୋଲିବେ ଲୋକେ ସେ । ୨୩ ।

ଭୟେ ନ କର ସୁଗ୍ରୀବର କନ୍ତ
ଭଲ ସହୁଅଛୁ ମୋହୋର ଦେହ
ଭରସା ଦୁଃଖ ସହସ୍ରେ ବରଷ
ଭକ୍ଷେ କନ୍ଦମୂଳ ଝର୍ଝର ବାସ ତୁ
ଭ୍ରମ ଗୁଡ଼ି ରଘୁମଣି ହେ
ଭରସା ତୁମ୍ଭର ଅଳପ ଦିନେଣ
ଦେବୁ ଆମ୍ଭେ ନଷ୍ଟେ ଆଣି ହେ । ୨୪ ।

ମୈନ୍ଦ କଥା ଶୁଣି କହେ ବଚନ
ମଇନ୍ଦ ରିପୁଙ୍କୁ ଯମ ଭୁବନ
ମନେ ଚିନ୍ତା କରି ଉଠିଲେ ବେଗେ
ମଇନ୍ଦ ସହିତେ ଲକ୍ଷ୍ମଣ ସଙ୍ଗେ ସେ
ମାଇଲେ ଅସ୍ଥିରେ ଗୋଡ଼ ଯେ
ମେରୁ ସମ ଅସ୍ଥି ଗଗନ ଶିଖରେ
ଉଡ଼ିଲା ଦୁନ୍ଦୁଭି ହାଡ଼ ଯେ । ୨୫ ।

ଯାନ୍ତେଣ ପଥେ ଦଶରଥ ବଳା
ଜୟ କରିଗଲେ ସପତ ଶାଳା

Source: KC Dash, Digitized by PPRACHIN, SOA

ଯାଇ କିଷ୍କିନ୍ଧା ନଗରେ ପ୍ରବେଶ
ଜାଣିଲା ବାଳୀ କାହାର ସାହସ ସେ
ଯାଇ ଡାକେ ରିପୁଦ୍ୱାରେ ଯେ
ଯତନେ ନେଇ ବାଧା ଏକ ମାଇଲା
ବାଜିଲା ସୁଗ୍ରୀ ଉପରେ । ୨୬ ।

ରାଗ ପାଇ ବାଳୀ ବସିଲା ମାଡ଼
ରାମ ଲୁଚିଥିଲେ ଲତା ଓହାଡ଼
ରାଜୀବଲୋଚନ ପୂରାଇ ଶର
ରୋଷେ ଯୁଦ୍ଧ ଦେଲେ ବାଳୀ ଉପର ଯେ
ରାବ ଦେଇ ମଲା ବାଳୀ ସେ
ରୋଦନ କରନ୍ତି ଉଚ୍ଚସ୍ୱରେ ଲୋକେ
ସୁଗ୍ରୀକ ହେଇଣ ଗାଳି ଯେ । ୨୭ ।

ଲକ୍ଷ୍ମଣ ରାମ ସୁଗ୍ରୀକ ବଚନ
ଲେଉଟା ପାଟରେ ହୋଅ ରାଜନ
ଲଙ୍କା ଗଡ଼ ବିଜେ ରାବଣ ମାରି
ଲୋଡ଼ ଆଣି ମୁଁ ଜନମ କୁମାରୀ ତୁ
ଲୋକ ଲଜ ବଡ଼ ଭୟେ ହେ
ଲାବଣ୍ୟ ହୋଇ ସୁଗ୍ରୀବର କହଇ
ବରଷା ସରିବା ଯାଏ ହେ । ୨୮ ।

ବାନ୍ଧିଲେ ସୁଗ୍ରୀବର ମୁଣ୍ଡେ ପାଟ
ବରଷା ଆଗମେ ରାମ ଉଚାଟ
ବିଜେକଲେ ମାଲ୍ୟବନ୍ତ ପର୍ବତ
ବସାକରି ରହେ ଦଶଆ ଛଟସେ
ବନ ଜୀବଜନ୍ତୁ ଦେଖି ହେ
ବଇଦେହୀ ନାମେ ଜନକ ଝିଅକୁ
ହରାଇ ହେଲି ମୁଁ ଦୁଃଖୀ ଯେ । ୨୯ ।

ସୌମିତ୍ରୀ ସଙ୍ଗେ ବରଷା ବଞ୍ଚିଲେ
ଶରଦ ସମୟେ ମୈତ୍ର ଅଇଲେ
ସମୁଦ୍ର ଡେଇଁ ଗଲେ ହନୁମାନ
ସୀତା ଠାବ କଲେ ଅଶୋକ ବନସେ
ଶ୍ରୀ ରାମ ବାରତା କହି ଯେ

Source: KC Dash, Digitized by PPRACHIN, SOA

ସୁବର୍ଣ୍ଣ ମୁଦ୍ର ଦେଇ   ମଣି ଘେନିଣ
ଲଙ୍କାପୁର ଗଲା ଦହି ଯେ । ୩୦ ।

ସୀତା ବାରତା କହିଲା ପାବନି
ସନ୍ତୋଷ ହୋଇଲେ କୋଦଣ୍ଡପାଣି
ସିନ୍ଧୁତଟରେ ଭେଟି ବିଭୀଷଣ
ଶରଣ ପଶିଲା ରାମ ଚରଣ ସେ
ଶାଢ଼ୀ ତାକୁ ରାମ ଦେଇ ଯେ
ସିନ୍ଧୁ ବାନ୍ଧି ରାମ   ପାରଯେ ହୋଇଲେ
ଶୁଭେ ସୁବଳଯ୍ୟା ଯାଇ ଯେ । ୩୧ ।

ସଦଳ ହୋଇ ଯୁଝିଲା ରାବଣ
ସମରେ ରାମମାରି କୁମ୍ଭକର୍ଣ୍ଣ
ସୌମିତ୍ରି ବଧକଲେ ଇନ୍ଦ୍ରଜିତ
ସକୁଟୁମ୍ବ ଭୁଲେ ହୋଇଲେ ହତ ସେ
ସ୍ୱର୍ଗେ କଲେ ଜୟ ଜୟ ହେ
ସୁବର୍ଣ୍ଣପୁରେ   ନୃପତିପଣେ ଶାଢ଼ୀ
ପାଏ ବିଭୀଷଣ ରାଏ ହେ । ୩୨ ।

ହରିରାଜ ଋକ୍ଷ ବଳର ମଧ
ହୁତାଶନେ ସାଧୁ ସୀତାବିଶୁଧ
ହାଟକ ଘଟିତ ପୁଷ୍ପକମାନେ
ହେଲେ ପ୍ରବେଶ ଅଯୋଧ୍ୟା ଭୁବନେ ଯେ
ହା ହା କଲେ ସର୍ବ ଲୋକ ଯେ
ହରଷେ ଭରତ ରାମ   ପାଦେ ପଡ଼ିଣ
ଛାଡ଼ିଲେ ସକଳ ଶୋକ ଯେ । ୩୩ ।

କ୍ଷମାଶୀଳ ପ୍ରଭୁ ରଘୁନାୟକ
କ୍ଷିତିଜା କୋଳେ ଘେନି ଅଭିଷେକ
ଛତ୍ର ଅର୍ଘ୍ୟ ଘେନି ଋଷି ବନ୍ଦାନ୍ତି
କ୍ଷଣହେ ମାତାଗଣେ ଦେଖୁଛନ୍ତି ସେ
କ୍ଷତ୍ରିବର ରାମଚନ୍ଦ୍ର ହେ !
ଛାଡ଼ିବି ନାହିଁ   ଜୀବନ ଥିବାଯାଏ
ଏହି ଆଜ୍ଞା ମୋତେ ହେଉ ହେ । ୩୪ ।

Source: KC Dash, Digitized by PPRACHIN, SOA

ସୀତାନୁଚିନ୍ତା ଚଉତିଶା

କମଳମୁଖୀ ସୀତା ରାମ ବିହୁନେ
କରନ୍ତି ବସି ଚିନ୍ତା ଅଶୋକବନେ ଯେ
କାହୁଁ ପାଇବି ଆଉ ପ୍ରଭୁର ମୁଖ
କର୍ମେ ବିଧାତା ବିହିଥିଲା ଏ ଦୁଃଖ ଯେ । ୧ ।

ଖେଦରେ ସିନ୍ଧୁ ତରିବେ ସେ କେମନ୍ତେ
ଖଳ ଦଇତ ହରି ଆଣିଲା ମୋତେ ଯେ
ଖାଇବି ବିଷ ନାହିଁ ଜୀବନେ ଆଶ
ଖଣ୍ଡିଲା ବିଧି ମୋତେ ଖାଇବା ଗ୍ରାସ ଯେ । ୨ ।

ଗୁଣନିଧିଙ୍କି ହେଲା ମନୁଷ୍ୟ ଅରି
ଗୃହ ଅଇଲେ ତେଜି କୋଦଣ୍ଡଧାରୀ ଯେ
ଗହନ ବନେ ସଖା ଭାଇ ଲକ୍ଷ୍ମଣ
ଗଳାର କଣ୍ଠି ରାମ ହୃଦ ଭୂଷଣ ଯେ । ୩ ।

ଘଟଣ ଗୁଣମଣି ହୃଦବିହାରୀ
ଘେନ ଅଇଲେ ଘରୁ ମୂର୍ଚ୍ଛି ନପାରି ଯେ
ଘରକୁ ଗଲେ କିସ ବୋଲିବେ ମାତା
ଘେନିଗଲ ସଙ୍ଗରେ କହିଛି ସୀତା ହେ । ୪ ।

ନିଷ୍ଠୁର ବାଣୀ ରାମ ବଚନ ସତ୍ୟ
ନିଶ୍ଚେ ପାଳିବେ ସ୍ୱାମୀ ପିତାଙ୍କ ବ୍ରତ ଯେ
ନ ଯିବେ ଅଯୋଧ୍ୟାକୁ ନୋହିବେ ରାଜା
ନିୟମ କରିଛନ୍ତି ଛୁଇଁଣ ଦେବା ଯେ । ୫ ।

ଚନ୍ଦ୍ର ବଦନ ନବଦଳ କମଳ
ଚନ୍ଦ୍ରକୁ ଜିଣି ଶୋଭା ମୁଖମଣ୍ଡଳ ଯେ
ଚାହିଁବି ନକି ଆଉ ପ୍ରଭୁଙ୍କ ମୁଖ
ଚନ୍ଦ୍ର ବିହୁନେ ଯେହ୍ନେ କୁମୁଦ ମୁଖ ହେ । ୬ ।

ଛଇଳ ବୀରବର ଛୁଆ ହରିଣ
ଛଟକ ଭୁଲି ରାମ ସିଂହର ଠାଣି ଯେ
ଛଇଳ ଗୁଣନିଧି ଗୁଣର ମଣି
ଛଡ଼ାଏ ସଙ୍ଗ ମୋତେ ଦଇବ ଆଣି ଯେ । ୭ ।

Source: KC Dash, Digitized by PPRACHIN, SOA

ଯେବେ ଜୀବନେ ଥିବେ ରାମ ମୋ ଜୀଇ
ଜଣେ ସନ୍ଦେଶ କେହି କହିଲେ ନାହିଁ ଯେ
ଯେଣେ ଗୃହିଁବ ତେଣେ ସମସ୍ତେ ପର
ଜଣେ ଏଥିରେ କେହି ନାହାନ୍ତି ମୋର ଯେ । ୮ ।

ଝୁରୁ ଯେ ଥିବେ ରାମ ଘେନ ଲକ୍ଷ୍ମଣ
ଝୁରି ଝୁରୁ ଯେ କାନ୍ତ ହୋଇବେ କ୍ଷୀଣ ଯେ
ଝିମିଣ୍ଣେ ରାମ ମୋତେ ନ ପାରେ ମୂର୍ଚ୍ଛି
ଝାଡ଼କୁ ଆଣି ବନ୍ଧ ବାଦେ ଲଗିଛି ହେ । ୯ ।

ନିର୍ମଳ ଶ୍ୟାମ ମେଘ ପ୍ରାୟେକ ତନୁ
ନୀଳ କୁନ୍ତଳ ତାଙ୍କ ବାସବଧନୁ ଯେ
ନୟନ ବେନ ଚନ୍ଦ୍ର ସୂର୍ଯ୍ୟ ଯେସନ
ନାହିଁ ଭୁଲ ଦେବାକୁ ତିନ ଭୁବନ ଯେ । ୧୦ ।

ଟାହି-ଟମାଳ-ବଣ୍ୟ ବିନୋଦ ଯେତେ
ଟଙ୍କଧର-ଅଇର ଜାଣନ୍ତି ଚିତ୍ତେ ଯେ
ଟେକ କାହାକୁ ହସି କହିବେ କଥା
ଟାକ ବିଧାତା ମୋତେ ଦେଲା ଅବସ୍ଥା ଯେ । ୧୧ ।

ଠିକ ଲାବଣ୍ୟ ତନୁ ଠଣ ଶ୍ରୀମୁଖ
ଠିକେ ଦେଖିଲେ ଯିବ ଅଶେଷ ଦୁଃଖ ଯେ
ଠୂଳନଧି କି ଆଜ ସତେ ପାଇବ
ଠିକ ବେଦନା ଯେତେ ସବୁ କହିବ ଯେ । ୧୨ ।

ଡିଙ୍ଗର ଦୈତ୍ୟ ମୋତେ ଗ୍ରେଷଇ ଆଣି
ଡରାଇ ବୋଲେ ମୋର ହୁଅ ଘରଣୀ ଯେ
ଡାକ ଅସୁର ମୋତେ ଜଗାଇ ବାଟ
ଡାକେଂଣୀ ପ୍ରାୟେ ଜଗିଛନ୍ତି ସମସ୍ତ ଯେ । ୧୩ ।

ଢୋକଇ ବିଷ ମୁଁ ଯେ ମରିବ ବୋଲି
ଢଳି ପଡ଼ିବେ ରାମ ଖେଦେଣ ଢାଳି ଯେ
ଢମ ପସରି ଯିନା କ୍ଷଣକେ ଯିବ
ଢମ ଗରବ କାଳେ କାଳେକ ଥିବ ଯେ । ୧୪ ।

Source: KC Dash, Digitized by PPRACHIN, SOA

ଅରୁଣା ତେଜ ରାମ ଅନନ୍ତ ମୂର୍ତ୍ତି
ଅଇରି ବଳସିଂହ ବିକ୍ରମ ଗତି ଯେ
ଆଣିଲୁ ଭଲ ମୋତେ ନ ଥିଲେ ରାମ
ଆସି ଦେଖନ୍ତୁ ନିଜ ଏ ଲଙ୍କାଗ୍ରାମ ଯେ । ୧୫ ।

ତାଳୁରେ ଚୂଳ ରାମ ଛନ୍ଦେ ବାନ୍ଧେଣି
ତୁଳ ଦେବାକୁ ନାହିଁ ଭୁବନ ତିନ ଯେ
ତୁଳେ ନ ପାରି ମାୟା କଲୁ ଦଇତ
ତିରଣ ପ୍ରାୟେ ରାମ ମଣେ ଜଗତ ଯେ । ୧୬ ।

ଥିବେ ଯେବେ ଶ୍ରୀରାମ ଜୀବନେ ରକ୍ଷ
ଥଳ କରିବେ ସିନ୍ଧୁ ବନ୍ଧ ବନ୍ଧାଇ ଯେ
ଥିବେ ଯେମନ୍ତେ ଭଲେ ଲକ୍ଷ୍ମଣ ବୀର
ଥାଳ ମରମ ଖୋଜ ବିନ୍ଧିବେ ଶର ଯେ । ୧୭ ।

ଦଇବ ସତେ ଯେବେ ହୋଇବ ସାହ୍ୱ
ଦେଖୁ ଦେଖୁ ତୁ କେଣେ ଯିବୁ ପଳାଇ ଯେ
ଦକ୍ଷିଣ ଲଙ୍କାଗଡ଼ ନେବେଟି ମୋତେ
ଦାଶରଥିର ବାଣ ଖାଇବ ତୋତେ ଯେ । ୧୮ ।

ଧିକ ତୋ ବୁଦ୍ଧି, ବଳ ଧିକ ତୋହର
ଧଇର୍ଯ୍ୟନିଧି ଭୁଲେ ହେଲୁ ବଇରି ଯେ
ଧରମ ତୋତେ ଆଜ ସମ୍ଭବ ନାହିଁ
ଧରଣୀଧରକୁ ତୁ ଚହ୍ନିଲୁ ନାହିଁ ଯେ । ୧୯ ।

ନିର୍ମଳ ନିରାକାର ପ୍ରଭୁ ଶ୍ରୀରାମ
ନାମ ଧଇଲେ ଯାର ନ ଦଣ୍ଡେ ଯମ ଯେ
ନ ଜାଣି ରାମଚନ୍ଦ୍ରେ ଯେମନ୍ତେ କଲେ
ନାରାଚ ଘାତେ ଖରଦୂଷଣ ମଲେ । ୨୦ ।

ପାଇବେ ନିଜ ଭେଟ ପ୍ରଭୁ ଶ୍ରୀରାମ
ପ୍ରତେ ଏମନ୍ତେ ପ୍ରିୟେ ନାହିଁ ମୋ ମନ ଯେ
ପଡ଼ିଲୁ ବନ୍ଦୀ ଆସି ଅସୁର ଘରେ
ପାରି କରିଣ ଏଥୁ ନେବେଟି ବାରେ । ୨୧ ।

Source: KC Dash, Digitized by PPRACHIN, SOA

ଫେଡ଼ି କାହାକୁ କହି କଷ୍ଟର କଥା
ଫିଟାଇ କେହୁ ମୋର ବାନ୍ଧବ ମଥା ଯେ
ଫାଟି ନ ଯାଇ ଜୀବ ଅଛୁ ଶରୀରେ
ଫଟୁ ଯେ ଥାଇ ମୋର ହୃଦ ଭିତରେ । ୨୨ ।

ବାବୁ ବିଧାତା ମୋତେ ଏହା ସେ କଲା
ବାଟେ ବସାଇ ମୋର ଚୋଟି କାଟିଲା
ବୁଦ୍ଧି ତ ଆଜ ମୋତେ ଦିଶଇ ନାହିଁ
ବନରେ ବୁଲୁଥିବେ ଦ୍ୱି' ଗୋଟି ଭାଇ । ୨୩ ।

ଭଲ ବିଧାତା ମୋତେ ଏହା ସେ କଲା
ଭଗାରି ପ୍ରାୟେ ହୋଇ ବାଦେ ଲଗିଲା ଯେ
ଭାଇ ଭରଜା ଯେନ ରାମ ଅଇଲେ
ଭଣେ ନରେନ୍ଦ୍ର ଘୋରବନେ ଇଚ୍ଛିଲେ ଯେ । ୨୪ ।

ମନର ମନ ଜାଣି ହୃଦ ଭୂଷଣ
ମାଲ୍ୟବନ୍ତ ପର୍ବତେ ସାଜିଲେ ସୈନ୍ୟ ଯେ
ମିତ୍ରଙ୍କୁ ଚାହିଁ ରାମ ବୋଲନ୍ତି ବାଣୀ
ମନ ନ ରହେ ଯିବା ସାହେର ଜାଣି ଯେ । ୨୫ ।

ଯାଅ ପବନ-ସୁତ ଆଣୁ ବାରତା
ଯାହା କହିବ ଆମ୍ଭ ଜନକ-ସୁତା ଯେ
ଜୀବର ଜୀବ ମୋର ପ୍ରାଣର ଧନ
ଯାଅ ପବନ-ସୁତ ଆଣୁ ବହନ ଯେ । ୨୬ ।

ରାଘବ ତେଜେ ରାମ ସନ୍ଦେଶ ଘେନ
ରବି ଉଦୟେ ଗଲେ ସାହେର ଜାଣି ଯେ
ରାବଣ ଲଙ୍କାଗଡ଼ ସବୁ ଖୋଜିଲା
ରାମରାଣୀ ଅଶୋକବନେ ଭେଟିଲା । ୨୭ ।

ଲୁଳିତ ହୋଇ ହନୁ ଚରଣେ ପଡ଼ି
ଲଳିତେ କହେ ବେନି କରକୁ ଯୋଡ଼ି ଯେ
ଲକ୍ଷ୍ମଣ ରାମ ଦେଇଛନ୍ତି ବାରତା
ଲେଉଟି ଯିବି ସନ୍ଦେଶ ଦିଅ ସୀତା ଯେ । ୨୮ ।

Source: KC Dash, Digitized by PPRACHIN, SOA

ଝନତ ହୋଇ ହନୁ ସମୁଦ୍ରେ ଭଣି
ବେଗେ ମେଲ୍ଲଣି ଝଅ ଶ୍ରୀରାମ-ବାଣୀ ଯେ
ଝେଗି ଆଇଣ ମଣି ଦେଲେକ ସୀତା
ବୋଇଲେ ହନୁ ମୋର ଦେଖ ଅବସ୍ଥାଁ ଯେ । ୨୯ ।

ଶ୍ରୀରାମ ମଣି ଘେନ ହନୁ ନମିଲ
ସରଣୀ ଲଙ୍କା ମଧ୍ୟେ ବନେ ମିଳିଲ ଯେ
ସୁସ୍ୱାଦୁ ଫଳମୂଳ ତୋଳି ଭକ୍ଷଇ
ଶୀଘ୍ରେ ମାଇଲ ଲକ୍ଷେ ଅସୁର ଯାଇ ଯେ । ୩୦ ।

ସୁର ଅସୁରେ ଯାଇ କଲେ ଅମାତ
ଶାଙ୍କୋଳି ପଦେ ଘେନଗଲେ ମାରୁତି ଯେ
ଶ୍ରୀରାମ ସୁମରନ୍ତେ ବନ୍ଧନ ଫିଟି
ସୁବଳ ପରବତେ ରହିଲେ ରାତି ଯେ । ୩୧ ।

ସାତଘଣ୍ଡ ଭିତରେ ସାହେର ଗଲ
ସାତ ବୀରଙ୍କୁ ଯାଇ ଦର୍ଶନ କଲ ଯେ
ଶୁଟିଇଣ ଆଠ ବୀର ହୋଇଲେ ମେଳ
ସନ୍ତୋଷେ ମଧୁବନୁ ଖାଇଲେ ଫଳ ଯେ । ୩୨ ।

ହରି ଶବଦ କରି ଚଳଣି ଗଲେ
ହରଷେ ରାମପାଦ ଦର୍ଶନ କଲେ ଯେ
ହରଷ ହେଲେ ଦେଖି ସୁଗ୍ରୀ ରାଜନ
ହରଷେ ରାମପାଦେ କଲେ ଦର୍ଶନ ଯେ । ୩୩ ।

ଛଚ୍ଛନ୍ଦେ ହନୁମନ୍ତ କହେ ବାରତା
କ୍ଷେମେଣ ବର୍ତ୍ତିଛନ୍ତି ଜନକସୁତା ଯେ
କ୍ଷିତି ଭିନ୍ତ୍ରାନ୍ତ ନେସୁ ବୁହାଇ ମାର
କ୍ଷେମେଣ ମଙ୍ଗରାଜ ସେବେ ପସୁର ଯେ । ୩୪ ।

Source: KC Dash, Digitized by PPRACHIN, SOA

ରାମ କ୍ରୋଧ ଚଉତିଶା

କରନ୍ତି କ୍ରୋଧ ରାମ କାନ୍ତା ବିଚ୍ଛେଦେ,
କଷ୍ଟ ଦେଇଣ ଗଲୁ ଏ ବନମଧ୍ୟେ ଗୋ ।
କମଳମୁଖୀ କରେ ଗଜଗମନୀ,
କେସନେ ମୂର୍ଚ୍ଛି ଗଲୁ ମୃଗଲୋଚନୀ ଗୋ । ୧ ।

ଖଞ୍ଜନନେତ୍ରୀ କ୍ଷୀଣ ଉଦର ତୋର,
କ୍ଷୀଣ କରିଣ ଗଲୁ ମୋର ଶରୀର ଗୋ ।
ଖେଦ ସମୁଦ୍ରେ ସଖୀ ବୁଡ଼ିଲ କଲେ,
କ୍ଷୀଣେ ବଞ୍ଚିବ କାହିଁ ଏ ସୁଖକାଳେ ରେ । ୨ ।

ଗିରିଚନ୍ଦନ ଲତା ଘୋର ଗହନ,
ଗଲୁ କେଣିକି ସୀତା ମୋର ଜୀବନ ଗୋ ?
ଗୁରୁଜଘନୀ ଗାଢ଼େ ସ୍ନେହ ତେଜିଲୁ,
ଗିରିଜାପତି ରିପୁ ବାଣେ ଦହିଲୁ ରେ । ୩ ।

ଘରୁ ଅଇଲ ସୀତା ଘେନିଣ ତୋତେ,
ଘେନି କେ ଗଲା ଦୁଃଖ ଦେଇଣ ମୋତେ ?
ଘନଜଘନୀ ! ମୋର ଘୋର ନାଶିନୀ,
ଘଟଣ ରୂପ ତୋର ମୃଗଲୋଚନୀ ରେ । ୪ ।

ଙବଢ଼େ ଆଲିଙ୍ଗନ କରୁ ଯେ ମୋତେ,
ଙମିଷେ ନ ମୂର୍ଚ୍ଛୁ ତୁ ଗଲୁ କେମନ୍ତେ ଗୋ ?
ଙେଲା ବିଧାତା ମୋର ନେହ ପିତୁଳି,
ଙଷ୍ଟପ୍ରେ ପ୍ରାଣପ୍ରିୟା ଗଲୁ ତୁ ଛଳି ଗୋ । ୫ ।

ଚନ୍ଦ୍ରକିରଣେ ମୋର ଚମକେ ଅଙ୍ଗ,
ଚାରୁବଦନୀ ମୋର ନାହିଁ ନା ସଙ୍ଗ ରେ ।
ଚନ୍ଦ୍ର ମଣ୍ଡଳ ରିପୁ ଧନୁ କମାଣ,
ଚତୁରୀ କି ନ ଦେଖି ବନ୍ଧୁଛି ବାଣ ଗୋ । ୬ ।

ଗିରିଜାପତିରିପୁ – କାମଦେବ
ଚନ୍ଦ୍ର ମଣ୍ଡଳ ରିପୁ—କାମଦେବ

Source: KC Dash, Digitized by PPRACHIN, SOA

ଛନ୍ଦଣ ଭୂଜ ଭୂଜେ ଭଙ୍ଗୁରେ ସଖୀ,
ଛୁଡ଼ି ଅଯୋଧ୍ୟାପୁର ହୋଇଲ ଦୁଃଖୀ ଗୋ,
ଛୁର ମୃଗକୁ ମାରି ଗଲ କମ୍ପାଇଁ,
ଛନ୍ଦିବର ଲକ୍ଷ୍ମଣଙ୍କୁ ଗଲ ଜଗାଇ ଗୋ ।୭ ।

ଜନକ ଝିଅ ତୁ ଅଯୋନିସମ୍ଭୂତ,
ଯୋଗେ ବିଧାତା ତୋତେ ଦେଉଛି ଦୁଃଖ ଗୋ,
ଜଳଜନେତ୍ରୁ ଲୁହ ଗଳୁଣ ଥିବ,
ଯୁବା ଅବସ୍ଥା ସଖୀ କେହ୍ନେ ଫେଡ଼ିବ ଗୋ । ୮ ।

ଝାଡ଼ ଭିତରେ ବନେ ଲୁଚିଲୁ ସଖୀ,
ଝିମିକ୍ଷେ ନ ଦେଖି ମୁଁ ହୋଇଲି ଦୁଃଖୀ ଗୋ,
ଝାଉଁ ବାହାର ହୋଇ ତୋଷିଲୁ ମନ,
ଝୁରୁ ଯେ ଥିବ ସୀତା କାହା ଭୁବନ ଗୋ । ୯ ।

ନୃପନନ୍ଦିନୀ କି ମୋ ନିକ ହରି ନେଲ ?
ନିଷ୍ଠୁରେ ପ୍ରାଣ ତାର ନିଅଂଶ କଲ ଗୋ,
ନ କରିଥିଲି ତାର ମଙ୍ଗଳେ ବାଦ,
ନିୟମ କରୁଅଛି କରିବ ବଧ ଗୋ । ୧୦ ।

ଟାଣ୍ଡ କରଣ କଥା କହୁ ଯେ ଥାଉ,
ଟେକିଣ ମୁଖେ ମୋର ଚୁମ୍ବନ ଦେଉ ଗୋ,
ଟାଣ ଚରଣ ମନେ ତାହା ସୁମରି,
ଟାଣେ ବିନ୍ଧୁଛି ବାଣ ହରି ଅରି ଗୋ । ୧୧ ।

ଠିକ କରିଣ ରାମ ବଣକୁ ଗଲ,
ଠାଠିକମୁଖୀ ସୀତା ଦେଖିଲୁ ତୁମ୍ଭେ ରେ,
ଠଣସୁନ୍ଦରୀ ନାହିଁ ତିନି ଭୁବନ,
ଠିକେ ଯୁବତୀ ନାହିଁ ତାହା ସମାନ ରେ । ୧୨ ।

ଡାଳମ୍ବ ବୀଜଦନ୍ତ ନ ଦେଖି ତୋର,
ଡଙ୍କ ଲଗିଲ ସଖୀ ମୋର ଶରୀର ଗୋ,
ଡୋଳାପୁତୁଳି କେଣେ ଗଲୁ ରେ ସଖୀ,
ଡୋଳା ହିଁ ନ ରହିବ ତୋତେ ନ ଦେଖି । ୧୩ ।

ଛନ୍ଦିବର—ଷନ୍ଦିବର

Source: KC Dash, Digitized by PPRACHIN, SOA

ଢାଳ ଘୋଟ ଢଳକ ଦେବାର ବେଳେ,
ଢଳ ଗୁହିଁଲୁ ସଖୀ ପ୍ରେମର ଭରେ ଗୋ,
ଢଳଇ ମନ ମୋର ଚାହା ସୁମର,
ଢାଳେ ମୋ ପ୍ରାଣପ୍ରିୟା କେ ନେଲା ହର ଗୋ । ୧୪ ।

ଏଣୀ ବନ୍ଧିବାକୁ ମୁଁ କଲି ଗମନ,
ଅଣହେଳା କଲି ମୋ ଭାଇ ଲକ୍ଷ୍ମଣ ଗୋ,
ଅଣ ଉପକାରୀ ତୁ ମୋତେ ହୋଇଲୁ,
ଅମ୍ବୁଜନୟନାକୁ କାହାକୁ ଦେଲୁ ରେ । ୧୫ ।

ତ୍ରିପୁର ହର ଧନୁ ଜନକ ଘରେ,
ତୋଳି ଭାଙ୍ଗିଲି ରାଜସଭା ମଧ୍ୟରେ,
ତପ କରଣ ପୂର୍ବେ ପାଇଲି ତୋତେ,
ତାପ ସମୁଦ୍ରେ ସଖୀ ମେଲିଲୁ ମୋତେ ରେ । ୧୬ ।

ଥିବ କି ମନେ ଚିତ୍ରକୂଟର କଥା,
ସ୍ତନ ଚିରିଲା କାକ ପାଇଲୁ ବ୍ୟଥା ରେ,
ସ୍ତମ୍ଭୀଭୂତ ହୋଇଣ ଥିରେ ରହିଲୁ,
ଥୋଟେ ଚିରିଲା କାକ ବୋଲି କହିଲୁ ରେ । ୧୭ ।

ଦାରୁଣ ବନ୍ଧ ଦୁଃଖ ଦେଉଛୁ କେତେ,
ଦେଖିବ ପ୍ରିୟସଖୀ ! ଜୀବନ୍ତ ତୋତେ ରେ,
ଦୁଃଖ ମୋ କେତେ ପଦ୍ମମୁଖୀ ବନ୍ଧୁନେ,
ଦେହ ଧରିବ ସଖୀ ! କେଉଁ କାରଣେ ରେ । ୧୮ ।

ଧରଣୀ ଦଶଦଶ ଅନ୍ଧାର କଲୁ,
ଧବଳମୁଖୀ ଯେଣୁ ଦୂର ହୋଇଲୁ ରେ,
ଧନୁ ଧରିଣ କମ୍ପା କ୍ଷତ୍ରି ହୋଇଲି ?
ଧରଣୀ ମଧ୍ୟେ ଅପକୀର୍ତ୍ତି ପାଇଲି ରେ । ୧୯ ।

ନଦୀ ଗୋଦାବରୀ କି ପୁଛନ୍ତି ରାମ,
ନିକଟେ ଚୋର ଆସି କଲା ବିଶ୍ରାମ ଯେ,
ନାରୀ ଶିରୋମଣି ମୋ କେ ହରେ ଗଲା,
ନୟନ ପ୍ରତିମାକୁ ମୋ କେ ହରିନେଲା ଗୋ । ୨୦ ।

Source: KC Dash, Digitized by PPRACHIN, SOA

ପୃଚ୍ଛନ୍ତି ରାମ ବୃକ୍ଷ ପକ୍ଷଙ୍କୁ ଚାହିଁ,
ପର୍ବତ ଲତାମାନ ଦଣ୍ଡକା ଭୂଇଁ ରେ,
ପଚ୍ଛୁରୁଛନ୍ତି ପ୍ରିୟସ୍ତମା ବାରତା,
ପଥରେ ଦେଖିଲ କି କେ ନେଲା ସୀତା ରେ । ୨୧ ।

ଫୁଲ ତୋଳିଣ ଅବା ଯାଇଛି ଢାଳେ,
ଫେରି ଆସିବାରେ ମୁଁ ଦେଖିବି ଡୋଳେ ରେ,
ଫାନ୍ଦହରିଣୀ ପ୍ରାୟେ ହେଲୁ ରେ ସଖୀ,
ଫେଡ଼ି କେ ଦେବ କାରେ ଚନ୍ଦ୍ରମାମୁଖୀ ରେ । ୨୨ ।

ବିଧୁବଦନୀ ବିଭା ସମର କାଳେ,
ବୋଲୁ ଯେ ଥିଲେ ମଧୁଶଯ୍ୟାର ବେଳେ ଗୋ,
ବଞ୍ଚିବି ନାହିଁ ଦେହ ତୁମ୍ଭ ବିହୁନେ,
ବନସ୍ତେ ଛାଡ଼ି ସୀତା ଗଲୁ କେସନେ ଗୋ । ୨୩ ।

ଭେଟେ ପଡ଼ିବ ଯେବେ ଜାନକୀ ଚୋର,
ଭଲେ ଜାଣିବି ବଳବପୁ ତାହାର,
ଭବାନୀପତି ବ୍ରହ୍ମା ନ ପାରେ ରଖି,
ଭେଟେ ପଡ଼ିଲେ ପ୍ରାଣ ପାଇବ ନକି ଗୋ । ୨୪ ।

ମନ ଜାଣିଣ ମୋତେ ଖଟିଣ ଥାଉ,
ମୃଗ ମାଂସ ଫଳମୂଳ ଭୁଞ୍ଜାଉ ଗୋ !
ମୁହିଁ କି ପ୍ରିୟା ଆଉ ପାଇବି ତୋତେ,
ମଣୋହି ଆଉ କେ କରାଇବ ମୋତେ ଗୋ । ୨୫ ।

ଯଦ୍ୟପି ଅଯୋଧ୍ୟାକୁ ଯିବି ବାହୁଡ଼ି,
ଜନନୀମାନେ ଆସି ପୁଚ୍ଛିବେ ବେଢ଼ି ଗୋ,
ଜନକ ଝିଅ ତୁମ୍ଭ ସଙ୍ଗତେ ନାହିଁ,
ଜୀବ ଧରିବି ସଖୀ କା ମୁଖ ଚାହିଁ ଗୋ । ୨୬ ।

ଋଷ୍ୟମୂକ ପର୍ବତେ ରାମ ବିଜୟେ,
ବସିଛି ଥାଟ ଘେନ କପିଳ ରାୟେ ଯେ,
ରାମ ଛାମୁରେ ହନୁମନ୍ତ କହିଲା,
ରାବଣ ହରି ତୁମ୍ଭ ସୀତାଙ୍କୁ ନେଲା ଯେ । ୨୭ ।

Source: KC Dash, Digitized by PPRACHIN, SOA

ଲୀଳାରେ ସୁଗ୍ରୀ ସଙ୍ଗେ ମଇତ୍ର କଲେ,
ଲଖ କରଣ ସପ୍ତଶାଳ ଛେଦିଲେ ସେ,
ଲମ୍ବାଇ ସୁଗ୍ରୀକଣ୍ଠୁ କୁସୁମ ମାଳ,
ଲୁଚିଣ ମୈତ୍ର ଛଳେ ବଧିଲେ ବାଳୀ ସେ । ୨୮ ।

ବାନ୍ଧିଲେ ସୁଗ୍ରୀ ଶିରେ କିଷ୍କିନ୍ଧ୍ୟା ପାଟ,
ବାହାର ହେଲେ ସବୁ ବାନର ଥାଟ ଯେ,
ବଞ୍ଚିଲେ ମାଲ୍ୟବନ୍ତେ ବରଷାକାଳ,
ବିଜୟ କଲେ ଶୃଙ୍ଗେ ଋଷଙ୍କ ବଳ ଯେ । ୨୯ ।

ସୁଗ୍ରୀ ସଙ୍ଗତେ ରାମ ଲକ୍ଷ୍ମଣ ବେନି,
ସଙ୍ଗତେ ଛନ୍ତି ସବୁ କପିସଇନ ଯେ,
ସମୁଦ୍ରେ ବନ୍ଧ କଲେ ପର୍ବତ ବନ୍ଧି,
ସୁବଳୟା ଗିରିରେ ସୀତାଙ୍କ ସାଇଁ ଯେ । ୩୦ ।

ସୁଗ୍ରୀକି ଋହ୍ନିଁ ରାମ ଏ ଆଜ୍ଞା ଦେଲେ,
ଶୀଘ୍ରେଣ ଲଙ୍କା ଜୁର କର ବୋଇଲେ ଯେ,
ଶୁଣିଣ ଲଙ୍କପତି ପାଡ଼ିଲା ଦ୍ୱାର,
ଶୀଘ୍ରେ ଡେଇଁ ପଡ଼ିଲେ ବାନରବଳ ଯେ । ୩୧ ।

ସମର ମହା ଘୋର ହେଲା ବହୁତ,
ସର୍ପଶରେ ବାନ୍ଧିଲା ରାବଣ ସୁତ ଯେ,
ଶ୍ରୀରାମ ବାଣେ କୁମ୍ଭକର୍ଣ୍ଣ ପଡ଼ିଲା,
ଶରେ ଲକ୍ଷ୍ମଣ ମେଘନାଦ ମାଇଲା ଯେ । ୩୨ ।

ହୋଇଲା ଯୁଦ୍ଧ ରାମ ରାବଣ ବେନି,
ହତ ହୋଇଲା ଯୁଦ୍ଧେ ଦଶ ମୂର୍ଦ୍ଧ୍ନ ଯେ,
ହରିଣନେତ୍ରୀ ଅଗ୍ନି ସ୍ନାହାନ କଲେ,
ହସ୍ତରେ ଶାଢ଼ୀ ବିଭୀଷଣକୁ ଦେଲେ ଯେ । ୩୩ ।

କ୍ଷାଡ଼ିଣ ଲଙ୍କାଦେଶ ଯାନରେ ବସି,
କ୍ଷଣେ ଅଯୋଧ୍ୟାପୁର ହୋଇଲେ ଆସି ଯେ,
କ୍ଷୁଡ଼ିଣ ଶୋକ ଅଭିଷେକ ହୋଇଲେ,
କ୍ଷୁର ବଶି କ ରଥ ଚରଣ ତଳେ ହେ । ୩୪ ।

Source: KC Dash, Digitized by PPRACHIN, SOA

ହଂସଦୂତ ଚଉତିଶା

(ରାଗ—କାମୋଦୀ)

କ୍ଷୀରଧି ସୁଧାପତି ପତିତ ଜନଗତି ରତିପତିରେ ମତି ଭଜି,
କ୍ଷପାକରବଦନୀ କୁନ୍ଦରଦନୀ ବୃଷଭାନୁ ନନ୍ଦନୀ ଶୁଣ ସଜନି ।
ସେ ବନମାଳୀ,
କ୍ଷକ୍ଷଣେ ମଧୁପୁରେ,
କ୍ଷୀରେନ୍ଦୁ ସମ ମନ୍ଦିରରେ,
କ୍ଷପାକର କରରେ କୁସୁମ ବନକାରେ ଏମନ୍ତ ଭାବୁଛେ ମନରେ ।୧।

ହରିଣବିଲୋଚନା ମତ୍ତପିକବଚନା ହୁମୁଛି ଏ ମୋର ବେଦନା,
ହୋଇ ଏକାନ୍ତେ କାନ୍ତ ବଚନ କାନ୍ତା ଆଗେ କେହୁ କରିବ ନିବେଦନା ।
ସେ ବନମାଳୀ,
ହୃଦରେ ବିଚାରି ଏମନ୍ତ,
ହଂସକୁ ଦେଖିଣ ଅଗ୍ରତ,
ହୋଇ ହରଷ ହଂସୀଗମନୀଙ୍କ ଉଦ୍ଦେଶି କହିଲେ ଏମନ୍ତ ଉଦନ୍ତ ।୨।

ସାତକୁମ୍ଭବରଣୀ ବରଷ ଘନସ୍ତନୀ ତ୍ରିପୁର ପର ଯୋଗଭଙ୍ଗୀ,
ଶଶଙ୍କହୀନ ଶଶିବଦନୀ ସୁରଦନୀ ସୁରଙ୍ଗ ତରଙ୍ଗ ଅପାଙ୍ଗୀ ।
ହେ ହଂସଦୂତ !
ସାହିତ୍ୟ ସଙ୍ଗୀତ ପଠନୀ,
ସୁରେନ୍ଦ୍ର କରୀନ୍ଦ୍ର ଗମନୀ,
ସାର ସାରସଚକ୍ଷୁ ସାରସଦଳ ନେତ୍ରୀ ରୁଚିର ସୁଚୀନ ବସନୀ ।୩।

ଶୁଣ ସାରସରସ-ବକ୍ଷର ଆଗେ ବେଗେ କହିବୁ ଏ ବଚନ,
ଶିଶୁକାଳରୁ ପ୍ରାଣବାନ୍ଧବୀ ଶଙ୍ଗବନୁ ବିନେ ମୁଁ ନ ଜାଣଇ ଆନ ।
ହେ ହଂସଦୂତ !
ସଜନୀ ଜୀବନ ମୋହର,
ସେ ଯେବେ ହୋଇଲା ଅନ୍ତର,
ସୁମନ ଶରଣେ ଶଶୀରେ ନିରନ୍ତର ବିଷାଇ କରୁଛି ପ୍ରହାର ।୪।

ତ୍ରିପୁର ପର—ଶିବ

Source: KC Dash, Digitized by PPRACHIN, SOA

ଶିବ ଶିବର ନାମ ଦାରୁଣ କାମ ବାମ ଭୟରୁ ନରତେ ଜପୁଛି,
ସୁମତ ଗଜଗତି ଗତ ସୁରତି ଶୁଣି ଜୀବନ ମୋର ଅଙ୍ଗେ ଅଛି ।
ହେ ହଂସଦୂତ !
ସକଳ ଶରଦ ଚନ୍ଦ୍ରମା,
ସୁମୁଖୀ ମୁଖର ଉପମା,
ସେକାଳେ ହେବ ଯେବେ ତେଜ କୁରଙ୍ଗନେତ୍ରୀ ବେନ ଧରବ ଅଙ୍ଗ ସୀମା ୫

ବିକଶିତ ନଳିନ ନୟନା ମୋ ବିରହେ ରହେ ବସିଣ ଝୁରୁଥିବ,
ବିଶ୍ୱ କେତନ ପାଶ ସମର ମଣି ମଣି ମଣିମାଳାକୁ ମଣିଥିବ ।
ହେ ହଂସଦୂତ !
ବଧୂମୁଖ ନ ଦେଖି ତାର,
ବିକଳ ହେଉଛି ଶରୀର,
ବଗଙ୍ଗୀ ରସରଙ୍ଗୀ ନୟନ ଭଙ୍ଗୀମାତରେ କିଣିଛି ଜୀବନ ମୋହର । ୬ ।

ଲକ୍ଷ୍ୟ କରଣ ଲକ୍ଷ ଲକ୍ଷ ବାଣକୁ ପଞ୍ଚବାଣ ତା ଅଙ୍ଗ କରୁଥିବ,
ଲଳନା ଲଲାମ ଯେ ଗୁଣି ଗତ ସୁରତ ରତି ସକଳ ତେଜୁଥିବ ।
ହେ ହଂସଦୂତ !
ନଉଲି ବୟସୀ ସେ ବାଳା,
ଲୀଳା ଗମନା ପ୍ରେମ ଶୀଳା,
ଲବଣୀ ପିତୁଳା ସେ ଗନ୍ଧମାଳା ଅବଳା କାମସିନ୍ଧୁ ତରଣଭେଳା । ୭ ।

ରଣ ରଣ କରଣ ରଙ୍ଗେ ଅଙ୍ଗନା ଅଙ୍ଗ କରଇ ଯେତେ ଯେତେ ଭଙ୍ଗୀ;
ରହୁଛି ଜୀବ କମ୍ପା ସେ ଗୁଣ ଶୁଣି ତାର ହାହାରେ ହରଯୋଗଭଙ୍ଗୀ ।
ହେ ହଂସଦୂତ !
ରହସ ଯେ ତାଳଇ ନୟନ,
ରଖଇ ନାହିଁ ସ୍ଥିରେ ମନ,
ରହୁ ସଂସାରେ ଖ୍ୟାତି ରାମାରତନ ଲାଗି ତେଜିବ ଏ ମୋର ଜୀବନ । ୮ ।

ଯାମିନୀ ଯାମଯୁଗ ସମାନ ମଣୁଥିବ ଜଗତରମଣୀର ମଣି,
ଜୀବନ ଜୀବନଜୟକୁ ତେଜୁଥିବ ନଦେଖି ନରେଖି ନଶାମଣି ।
ହେ ହଂସଦୂତ !
ଯୋଗୀନ୍ଦ୍ର ନାମ ଜପୁଥିବ,
ଜୀବନ ତେଣୁ ଅବା ଥିବ,
ଜମ୍ବୁନଦବରଣୀ ବର ନୀରଜମୁଖୀ ସଖୀ ଦୁଃଖିତ ହୋଇଥିବ । ୯ ।

ଜମ୍ବୁନଦ—ସୁବର୍ଣ୍ଣ,

Source: KC Dash, Digitized by PPRACHIN, SOA

ମଣି ଖଣ୍ଡମଣ୍ଡଳୀ ମଣ୍ଡମାଙ୍କ ଅଙ୍ଗରେ ଥିବ ମଣ୍ଡନମାନ ଚାରୁ,
ମନ୍ଦଗମନା ମନ ମନ୍ଦ ମନ୍ଦ ଚଳନରୁ ନାଦେ କରୁଥିବ ଝଙ୍କାର ।
ହେ ହଂସଦୂତ !
ମୀନ ଲାଞ୍ଛନେ ଛନ୍ନ ଛନ୍ନ,
ମୀନନେତ୍ରୀର ହେବ ମନ,
ମରୁତ ମରୁତର ମରୁ ତରଳ ନେହାର ଝାସୁଥିବ ଯେଣୁ ଜୀବନ । ୧୦ ।

ଭାବବଶୀ ରତିରେ ପତି ରତିର ବଶେ ଅବଶେ ବସି ଝୁରୁଥିବ,
ଭାବନା ଭାବ ନିରନ୍ତରେ ଅନ୍ତରେ ମୋତେ ନେନୁ ଲୋତକ ତେଜୁଥିବ ।
ହେ ହଂସଦୂତ !
ଭିନ୍ନ ହେଲ ସେ ଚନ୍ଦ୍ରମୁହିଁ,
ଭିନ୍ନ ନୋହୁଛୁ କମ୍ପା ଦେହି,
ଭଲ ବିଧାତା ତେଡ଼େ ଭାବ ଭାଙ୍ଗିବ ବୋଲି ବିଚାର କରିଥିଲ କାହିଁ ।୧୧।

ବିଧିବିଧାନ କେନ ଏକ ଅହନ ଧନୀ ବିଯୋଗ ନ ସାରଇ ସହି,
ବନ ବନ ଆଧାର ଧରାଧର ମଧ୍ୟର ଦେଖ ତ ଏବେ ଛନ୍ତି ରହି ।
ହେ ହଂସଦୂତ !
ବିଚ୍ଛେଦ ହେଲ ସେ ସୁକେଶୀ,
ବଞ୍ଚୁଥିବ କେମନ୍ତେ ନିଶି,
ବିଷଦ ବିଷ ବିଷଧର ସମାନ ମଣୁଥିବ ସେ ବନପ୍ରିୟ ଭାଷୀ । ୧୨ ।

ଫୁଲ ବାସନ୍ତୀ ଚିତ୍ତ ସ୍ଫୁଟେ ବାସନ୍ତ ଅନ୍ତ ଦେଖିଲେ ମତ୍ତ କରେ ଧ୍ୱଂସ,
ଫାଇ ଶୋକ ଅଶୋକ ସୁବନବରନା ବିହ୍ୱାନେ କରଇ ମାନସ,
ହେ ହଂସଦୂତ !
ଫାଟି ଯାଉଛି ମୋହର ଅଙ୍ଗ,
ଫୁରୁଣା ହରୁଛି ଅନଙ୍ଗ,
ସ୍ଫୀତ ନିତମ୍ବ ବିମ୍ବ ଦେଖି ତାହାର ହର ତପସ୍ୱୀ ହେଲେ ହେବ ଭଙ୍ଗ ।୧୩।

ପ୍ରସୂନ ଶର ଶର ଶ୍ରେଣୀରେ ସରଣୀରେ ସରସିଜନୟନା ସଖୀ,
ପଡ଼ିଥିବ କି ଶଯ୍ୟାରେ ମ୍ଳାନତାର ତାର ତାରକାପତି ମୁଖୀ ।
ହେ ହଂସଦୂତ !
ପୀନ ପିନାକୀ ଯୋଗଭଙ୍ଗୀ,
ପେଶଳ ତରଳ ଅପାଙ୍ଗୀ,
ପ୍ରସୂନ ଧନୁ ଧନୁ ନିନ୍ଦଇ ଯାରୁ ଭ୍ରୂରୁ ଭ୍ରୂରିଶୋଭନା ରସରଙ୍ଗୀ । ୧୪ ।

ମୀନଲାଞ୍ଛନ—କନ୍ଦର୍ପ
ଅହନ—ଦିନ

Source: KC Dash, Digitized by PPRACHIN, SOA

ନବ ନିଆଳି ଆଳି ଦେଖିଲେ ବାଳି ଆଳି ଅଙ୍କରେ ତଳି ପଡ଼ୁଥିବ,
ନବ ସୁରତି ରତି ଖଳି ଖଳି ସଜନୀ ରଜନୀକି କେମନ୍ତେ ନେବ ।
ହେ ହଂସଦୂତ !
ନିଶାରେ ନିଶାକର କଠରେ,
ନିର୍ମଳ ଚଉରେ ସଉରେ,
ନିଧାନ କର ଯେଉଁ ବିଧାନ କଲି ରତି ନାହିଁକି ଏବେ ତା ମନରେ । ୧୫ ।

ଧରି ଜୀବନ କଷ୍ଟେ କଷ୍ଟେ ଅଦୃଷ୍ଟେ ବେଶଭ୍ରଷ୍ଟେ ନିଚେଷ୍ଟେ ଭୂମିପୃଷ୍ଠେ,
ଧୈର୍ଯ୍ୟନାଶନୀ ପଡ଼ି ମଦନେ ଜଡ଼ି ଗୁଡ଼ି ଉଙ୍ଗବନ୍ଧ ବଡ଼ନ୍ଧ ଓଷ୍ଠେ ।
ହେ ହଂସଦୂତ !
ଧୂର୍ଜଟି ଧୃତ ବର ଧ୍ୱଂସି,
ଧିକ୍କାର କରେ ଗତି ହଂସୀ,
ଧବଳ କରଧର ସକଳ ଆନନୀର ଶରୀର ମାରଥିବ ନାଶି । ୧୬ ।

ଦଗଧ ସାତକୁମ୍ଭ କୁମ୍ଭ ଦମ୍ଭ ନାଶନ ଯାହାର କୁଚ କୁମ୍ଭ ବିମ୍ବ,
ଦର୍ପକର ଦର୍ପଣ ଦର୍ପ ହରଣ ଗଣ୍ଡେ ମଣ୍ଡିବ ପୁଲକ କଦମ୍ବ ।
ହେ ହଂସଦୂତ !
ଦେହ ଅଦେହ ମୋହେ ତାରି,
ଦିଶୁ ଯେ ଥିବ ଅସୁନ୍ଦର,
ଦିବସ ଶେଷ ଶଶୀ ସମାନ ମାନକଲେ ଦିଶଇ ବଦନ ତାହାର । ୧୭ ।

ସ୍ଥୂଳକୁଚ ଶମ୍ଭୁକୁ ନେତ୍ର ଅମ୍ବୁରେ କରି କରୁ ଯେ ଥିବ ଅଭିଷେକ ।
ସ୍ଥିର ମଦନ ଜଳେ ବୁଡ଼ଣ ଥର ଥର ହୋଇ ହାରିଥିବ ବିବେକ ।
ହେ ହଂସଦୂତ !
ଥିବକି ଜୀବନ ତାହାର,
ଥିବକି କଣ୍ଠତଟେ ହାର,
ଥିବକି ମୁଖେ ହାସ ଥିବକି ଅଙ୍ଗେ ବାସ ଥିବକି କାନନ ବିହାର । ୧୮ ।

ତପସ୍ୟା ବଶୁଁ ବଶୁଁ ପଣ୍ଡ ଆଦ୍ୟ ସୁମନ ମନମୋହିନୀମାନଙ୍କ ଭଜିଲି,
ତପ କ୍ଷୀଣ ଫଳରୁ ଚିତ୍ରୁଷା ବକାକ୍ଷୀକି ଆକ୍ଷିରେ ଦେଖି ନ ପାରିଲି ।
ହେ ହଂସଦୂତ !
ଭୃଙ୍ଗ ନିବିଡ଼ ସ୍ତନ ତାର,
ତରଳ ହେବେ ଦେଖି ହର,
ତାକୁ ତେଜିଲିଦନୁ ଦିନୁ ଦିନୁ ନତନୁ ତନୁ କରୁଛି ମୋ ଶରୀର । ୧୯ ।

ଚିତ୍ରୁଷା ବକାକ୍ଷୀ—ହରିଣଛୁଆର ଆକ୍ଷିପରି ଆକ୍ଷି ଯାହାର

Source: KC Dash, Digitized by PPRACHIN, SOA

ଏ ମୋର ତନୁ ଘନୁ ଘନରସ ନ ପାଇ ସୂତନୁ ସୂତନୁ ବନରେ,
ଅତନୁ କୃଶାନୁ ଲଗିଣ ତା ପ୍ରାଣ ଏଣ ଗଣତା ପୃଥିବ ନିର୍ଭରେ ।
ହେ ହଂସଦୂତ !
ଅମଳ ତାର ନାଭି ସାର,
ଏଣୁ ସେ ହେବ ଜଷ୍ଟଭର,
ଅବଶ୍ୟ କୁଚକୋକ ତେଜୁଥିବ ଶିଆଳଲତିକା ଶେମାଳ ବ୍ୟାଜର । ୨୦ ।

ଢାଳି ସୁଗନ୍ଧ ଗନ୍ଧ ଗୋଳି ଚନ୍ଦନ ଚନ୍ଦ୍ର ମନ୍ଦଗମନା ସଖୀମାନେ,
ଢାଳି ଅଙ୍ଗରେ ତାର ଲେପନ୍ତ ମାରଜ୍ୱରେ ଶୁଖି ସେ ଉଡ଼ିବ ପବନେ,
ହେ ହଂସଦୂତ !
ଢାଳି ସେ ନୟନେ ଗୃହିଁଲେ,
ଢଳିବ ମୂନ ମନ ହେଲେ,
ଢଳି କମଳମୁଖୀ ସଖୀ ଅଙ୍ଗରେ ପଡ଼ିଥିବ ସେ ମାନସ ଆକୁଳେ । ୨୧ ।

ଡୋଳା ପିତୁଳା ଭୁଲାଗଣ୍ଠିରେ ଆସି ମନସିଜ ହୁତାଶ ଲଗିଥିବ,
ଡମ୍ବରୁମଧ୍ୟା ସଖୀ ଶାନ୍ତବଚନାମୃତେ କେତେ ବା ଶିଥିଳ ହୋଇବ ,
ହେ ହଂସଦୂତ !
ଡହକ ହାଟକ କଟକ,
ଡଗଡୁଥିବ ଯେହ୍ନେ ଟଙ୍କ,
ଡାଳିମ୍ବଦନ୍ତୀ ଦନ୍ତୀପତିଗତି ମୋ ଅନ୍ତଗତ ହୋଇଥିବ ସଶୋକ । ୨୨ ।

ଠିକେ ଶରଦକାଳ ସମାନ ମାନମାକ ଦେଖିବୁ ମାନସ ସଦନ,
ଠାଠିକ ଘନରସ ବିହୀନ ଶୁଭ୍ର ପୟୋଧରେ ଦିଶୁଥିବ ଶୋଭନ ।
ହେ ହଂସଦୂତ !
ଠଣ କଳହଂସ ବାଦନୀ,
ଠୁଳ ଦ୍ୱିଜ ମନ ମୋହନୀ,
ଠଣ ନିର୍ମଳତର ନିଶାକର ମଣ୍ଡଳେ ହୋଇ ଯେ ଥିବ ବିରାଜନ । ୨୩ ।

ଟେକ ବଦନେନ୍ଦୁ ସଞ୍ଚିତ କୁଚ ଶମ୍ଭୁରେ ତା ନେତ୍ରନୀର ଗଙ୍ଗାଧର,
ଟହକ ମଳୟଜ ରଜଭସ୍ମ ମୃଣାଳ ବ୍ୟାଳେ ଦିଶୁଥିବ ରୁଚିର ।
ହେ ହଂସଦୂତ !
ଟାକଣ ରୁଦ୍ର ତାର ମାର ,
ଟାଣେ କରୁଥିବ ପ୍ରହାର,
ଟେକ ମଧୁ ବହୁଳ ବସନ୍ତ ସଖା ପାଇ ପୁଣ ହୋଇବ ହର୍ଷଭର । ୨୪ ।

Source: KC Dash, Digitized by PPRACHIN, SOA

ନବ କଣୋଗ୍ଧକ ରୁ ସନ୍ଧ୍ୟାକାଳ ହୋଇ ମନୋଜ ରବଶର କରେ,
ଝଟକ ହୃଦୟ ସରସୀଜ ଶୁଷ୍କ କରୁଥିବ ସେ ଶୀଘ୍ର ନିରନ୍ତରେ ।
ହେ ହଂସଦୂତ !
ଝଞ୍ଜା ମରୁତ ଶ୍ୱାସ ବାତ,
ଝଳ ନ ଥିବ ପିକ ରୁତ;
ଝଳକ ତନୁବନ ଦହନ କରୁଥିବ ବିରହ କୃଶାନୁ ନିଅତ । ୨୬ ।

ଜାମ୍ବୁନଦ କଦଳୀ ସମଜାନୁ ଯୁଗଳ ମାରସମ୍ଭବ ଭଜିଥିବ,
ଯନ୍ତୁ କୋମଳତର ଯାର ବାହୁବଲ୍ଲୀସ ଲୁଳିତତମ ହୋଇଥିବ.
ହେ ହଂସଦୂତ !
ଯାବତ ଜୀବନ ତାପିତ,
ଜାଣ ହୋଇଥିବେ ନିୟତ,
ଜଗତସ୍ୱ ନାଗର ମୋହନୀ ନଷ୍ଟ ଦିଶୁଥିବ ସେ ଯେସନ ପ୍ରଭାତ । ୨୭ ।

କ୍ଷପାକର ମଣ୍ଡଳ ସମ ମୁଖମଣ୍ଡଳ ପାଣ୍ଡୁରତର ହୋଇଥିବ,
ଛଇଳ ସ୍ରସ୍ତକେଶ ଅନ୍ଧକାର ନିକର ଲୁଳିତ ତାର ହୋଇଥିବ,
ହେ ହଂସଦୂତ !
ଛଟକ ନୟନେ ଚୁମ୍ବିଁଲେ,
ଗୁଣ୍ଡିବ ଯୋଗୀ ଯୋଗ ହେଲେ,
ଛଇଳ ଗୋଷ୍ଠ ଲାଗି ଯିବ ଜୀବନ ମୋର କହିବ ତାହା ଆଗେ ଭଲେ ।୨୮।

ଚୂତ ମୁକୁଳ କୂଳ ଦେଖିଲେ କୁଳବଧୂ ଅତି ଆକୁଳ ହେଉଥିବ,
ସ୍ଫୁରୁଚନ୍ଦ୍ର କରଣ ଗତରେ ରତି ଉତ୍ତ ରତରେ ରତି ତ ଲଭିବ,
ହେ ହଂସଦୂତ !
ନିଧି ପ୍ରତିମା ମୋର ସେହି,
ନବ ପଞ୍ଚ ଭୁବନ ମୋହି,
ନିର୍ମଳ ପୂର୍ଣ୍ଣଶଶୀ ମନକୁ ନ ଆସଇ ଯା'ର ମୁଖ ମଣ୍ଡଳ ଚୁମ୍ବିଁ । ୨୯ ।

ଘନ ଉଦୟ ଦେଖି ଦିନେ ମୋ ପ୍ରାଣ ସଖୀ ମଦନମଦେ ମତ୍ତ ହୋଇ,
ଘୂର୍ଣ୍ଣିତ ନେତ୍ର ଅନ୍ତେ ଠାରଣ ମୋତେ ମତ୍ତ ଗତି ଗଲା ଅନ୍ତର ହୋଇ,
ହେ ହଂସଦୂତ !
ଘୋଷିଲେ ସେ ଦିନର ଭାବ,
ଘେନ ନୋହିଲେ ଅଙ୍ଗେ ଯିବ,
ଘନ ଜଘନୀ ଗୁଣ ପାସୋରି ହେବ ଅବା ଜୀବନ ନେଲେ କାମଦେବ ।୩୧।

କ୍ଷପାକର ମଣ୍ଡଳ—ଚନ୍ଦ୍ର ମଣ୍ଡଳ

Source: KC Dash, Digitized by PPRACHIN, SOA

ଗଜଗମନୀ ସଖୀମାନେ ମାନବଣ୍ଟଙ୍କ ବେଢ଼ି ଲୋଚକ ମୁଞ୍ଜୁଥିବେ,
ଗଦ୍ଗଳ ସଜଳ ଜଳଜ ଦଳ ଜାଳରେ ଅନଳ୍ପଚଳ୍ପ ଉଚୁଥିବେ ।
ହେ ହଂସଦୂତ !
ଗୁଣମଣିଙ୍କ ବେଗେ ଚଳିଁ,
ଗାଢେ ଶୁଆଇ ଥିବେ ସଖୀ,
ଗୋଖୀ ଅଙ୍ଗ ସଙ୍ଗରୁ ତେଜ ଛଦ ଛବକ ପିବେ ସେ ଚୂର୍ଣ୍ଣି ବର୍ଣ୍ଣି ହୋଇ ।୩୨।

ଖସିଁଣ କେଶପାଶ କୁସୁମ ବାସ ନାଶ ହୋଇ ଚରମେ ପଡ଼ୁଥିବ,
ଖସିଙ୍କ ନଶି ଅଭିସାରୀ ମୁଖ ଚନ୍ଦ୍ରମା କାନ୍ତ ସମୀପୁ ଯାଉଥିବ.
ହେ ହଂସଦୂତ !
ଖଳ ବରଙ୍କରେ ସେ ଶଶୀ,
ଖରେ ପାଣ୍ଡୁର ବର୍ଣ୍ଣ ଦଶି,
କ୍ଷୀଣ ଉଦରୀ ସଖୀମାନଙ୍କର ହୃଦୟୁ କୁମୁଦ ବନ ଥିବେ ହାସି । ୦୩୩ ।

କମଳ ନେତ୍ରବାଣୀ ଶୁଣି କାଦମ୍ବ ମଣି ଗମନ କଲ ଖରେ ଖରେ,
କୁରଙ୍ଗୀ ନୟନଙ୍କ ଆଶ୍ୱାସ କଲ କହି ହର ବଚନ ଧୀରେ ଧୀରେ.
ହେ ହଂସଦୂତ !
କଲକ ଯେଣୁ ହର କାର୍ଯ୍ୟ,
କାଦମ୍ବ ତେଣୁ ବଢ଼ ଆର୍ଯ୍ୟ,
କୃଷ୍ଣ ପଦକମଳେ ଭ୍ରସଳ ଶ୍ୟାମଘନ ମନପାଇ ମଧୁ ମାଧୁର୍ଯ୍ୟ । ୩୪ ।

ଭ୍ରସଳ—ଭ୍ରମର

Source: KC Dash, Digitized by PPRACHIN, SOA

ହଂସଦୂତ ଚଉତିଶା

କୁମୁଦ ବଧୂମୁଖୀ ହଂସଦୂତଙ୍କୁ ଦେଖି
କହନ୍ତି ଅତିପ୍ରିୟ କରି,
କୃପାସିନ୍ଧୁଙ୍କ ପାଶେ କହିବ ଆମ୍ଭ ଆଶେ
ନିର୍ଦ୍ଦୟ ହୋଇଲେ କି ହରି ?
ହେ ହଂସଦୂତ !
କାମ କମାଣ ଫୁଲ ଶରେ
କୃଷ୍ଣ ଆଶାରେ ଆମ୍ଭେ ଯେତେକ ବ୍ରଜବଧୂ
କେହ୍ନେ ନ ବର୍ତ୍ତିବୁ ଗୋପରେ । ୧ ।

ଖଣ୍ଡିଣ ନନ୍ଦକାନ୍ତ ବୃଦ୍ଧମାତା ପିତାନ୍ତ
ଖଗେଶ ପନ୍ଥଙ୍କର ପାଇଁ,
କ୍ଷଣକେ ଏତେ ମୁଖ ତେଜିଲେ ପଦ୍ମମୁଖ
ରହିଲେ ମଧୁପୁରେ ଯାଇ,
ହେ ହଂସଦୂତ !
ଖସୟେ କୁମୁଦ ନୟନୁ
ଖେଦେ ସକଳ ଗୋଷ୍ଠ ତେସନ ଅଛୁ ହୋଇ
ଚନ୍ଦ୍ର କି ଉଦେ ହେବେ କାହ୍ନୁ ? ୨ ।

ଗ୍ରୀଷମ ଋତୁକାଳେ ସ୍ୱମସାନୁଜମେଳେ
ଗହନ ପୁଳିନ ବନରେ
ଗରୁ କଠିଣ କୂଟେ କୁରଙ୍ଗୀ ମଦ ନେନ
ଲିହନ୍ତି ପତ୍ରାବଳୀ କରେ,
ହେ ହଂସଦୂତ !
ଗାଢ କପଟ ସ୍ନେହେ ମଜ୍ଜି
ଗିରିଜା ପତିରିପୁ ତୀକ୍ଷ୍ଣ ବଶିଖ ଶରେ
ମାରିଣ କି କେ ଗଲେ ତେଜି ହେ । ୩ ।

ଘଟଣ ହରେ ବପୁ ତମାଳ ଶ୍ୟାମ ଅଙ୍ଗ
ମଳୟ ଲଗିଣ ସୁନ୍ଦର,

ବର୍ତ୍ତିବୁ—ବଞ୍ଚିବୁ, ଖଗେଶ ପନ୍ଥ—ବସ୍ତ୍ର, ବା କୃଷ୍ଣ

Source: KC Dash, Digitized by PPRACHIN, SOA

ଘନ ବପିନେ କାୟେ ଅଙ୍ଗିର ପ୍ରଭା ଶୋଭା
କୌସ୍ତୁଭ ମଣି ତା ହୃଦର ,
ହେ ହଂସଦୂତ !
ଘଠେଣ ମୋତି ନାସା ତଟେ
ଘଠେଣ ସୁକପୋଳେ କସ୍ତୁରୀ ଚିତା ଶୋଭେ
ମୁରଲୀ ବିମ୍ବାଧର ପୁଟେ ହେ । ୪ ।

ନିତ୍ୟ ଏ ହେମଧାମ କଳେବର ଉପାମ
ପିଣ୍ଡୁଡ଼ି ନ ଗୃହୁଁ ଯେ ଚକ୍ଷୁ ,
ନିଧି ବନ୍ଧକ ଗୋଣ୍ଡି ଚକ୍ଷୁରେ କମ୍ପା ସେହି
ପିଣ୍ଡୁଡ଼ି କଳ୍ପବୋଲି ବାଞ୍ଛୁ,
ହେ ହଂସଦୂତ !
ନିମିଷେ ନ ସହେ ଯେ ତାହି
ନିର୍ଦ୍ଦୟା ପଣ କରି କମ୍ପାଇ ଗଲେ ହରି
ବଜ୍ର ପଡ଼ିଲା ତାଙ୍କ ଦେହୀ ହେ । ୫ ।

ଚନ୍ଦ୍ର କଟଣୀ କାନ୍ତି ଯମୁନାଜଳ ଜ୍ୟୋତି
ଅଙ୍ଗ ନାସନ୍ତି ତଟେ ବସି,
ଚତୁର ଶିରୋମଣି ଚନ୍ଦ୍ର ବଦନେ ମୋର
ଚୁମ୍ବନ ଦେଇ କହେ ହସି,
ହେ ହଂସଦୂତ !
ଚିତ୍ତରେ ଚେତାଇଲୁ ତାହି,
ଚନ୍ଦନ ଚିତା ତାଙ୍କ ଚନ୍ଦ୍ର କିରଣ ଜ୍ୟୋତି
ଚୈତନ୍ୟ ହରାଇଲୁ ଗୃହୀ ହେ । ୬ ।

ଗ୍ରୀଷ୍ମାର ପ୍ରାଣନାଥ ଅସ୍ତାଚଳେ ତୁରିତ
ହେମନ୍ତ ବେଳେ କୃଷ୍ଣ ଆସେ
କ୍ଷିତି ଧୂଳି ପଡ଼ଣ ମୁଖ ସୁନ୍ଦର ଶୋଭା
ସ୍ୱେଦ କଣିକା ପ୍ରାୟେ ଦିଶେ ।
ହେ ହଂସଦୂତ !
କ୍ଷିତି ଦିଶଇ ରେଣୁ ମୟେ
ଛୁଆ ସୁରଭି ବୃନ୍ଦ ଆଗେ ଚଳାଇ କୃଷ୍ଣ
ପଶନ୍ତି ବ୍ରଜଯେ ଦେବବ୍ରଜେ ହେ । ୭ ।

ଉପାମ — ଉପମା
ଛୁଆ ସୁରଭି—ବାଛୁରି

Source: KC Dash, Digitized by PPRACHIN, SOA

ଜନ୍ମ ଯା ପତି ଭଗ୍ନୀ ଝରେଣ ପିଙ୍ଗସେନ
ପ୍ରତିମା ଥାପି ପୂଜୁଥିଲୁ,
ଜାଗ୍ର ପତି କରଣ ଯଶୋଦା ନନ୍ଦନକୁ
ଯାଇବୁ ବର ଯେ ମାଗିଲୁ
ହେ ହଂସଦୂତ !
ଜଗତ ନାଥ ତାହା ଶୁଣି
ଜଳ ଛୁଇଁଣ କୃଷ୍ଣ ନିୟମ କରିଥିଲେ
ନଇଲେ କି ବର୍ଗୁର ପୁଣି ହେ । ୮ ।

ଝଷକେତନ ସଖା ଋତୁ ସମସ୍ତ କାଳେ
ବୁଲୁ ଯେ ଥିଲୁ ବୃନ୍ଦାବନେ,
ଝମର ଶରଣ କୁସୁମ ପ୍ରହାରନ୍ତେ
ପରାଗ ପଡ଼ିଲ ନୟନେ,
ହେ ହଂସଦୂତ !
ଝରଇ ନୟନରୁ ନୀର,
ଝୀନ ପତମା ଯେନ ଲୁହ ପୋଛନ୍ତି କରେ
ସେ କଥା ନାହିଁକି ମନର ହେ ? ୯ ।

ଞବଢ଼ ଞଶାକାଳେ ଚନ୍ଦ୍ରଶାଳା ବପିନେ
ଞଳିଣିଦଳେ ଶଯ୍ୟା କରି
ଞର୍ମ୍ମଳ ଞଶାପତି ମୁଖ ଏକନ୍ତ ହୋନ୍ତି
ଞର୍ବାଣ ମୁକୁଳିତ କରି ।
ହେ ହଂସଦୂତ !
ଞକୁଞ୍ଜ କୁଞ୍ଜ ତ ଶବଦ
ଞଷ୍ଟେ ସକଳ ପକ୍ଷୀ କଲ୍ଲୋଳ କରନ୍ତେଣ
ଭୟେ ମୁଁ ହୋଇଲି ତବଦ ହେ । ୧୦ ।

ଟାଙ୍କି କର୍ଣ୍ଣ ଢନେ ଟେକି ଚନ୍ଦ୍ର ବଦନେ
ନୟନ ପାତିଣ ଗଇଲେ ,
ଟଳ କବରୀ ମୋର ପିଠିରେ ପଡନ୍ତେଣ
ଟେକି ତା ଶ୍ରୀକରେ ଧଇଲେ ,
ହେ ହଂସଦୂତ !
ଟେକି କରଣ ପୁଷ୍ପ ଖୋସି

ନଳିଣି—ନଳିନୀ—ପଦ୍ମ, ଝଷକେତନ ସଖାଋତୁ—ବସନ୍ତ

Source: KC Dash, Digitized by PPRACHIN, SOA

ଚୈଇକ କବେଷ୍ଣ ମୋର ସୁସଙ୍ଗେ ବାନ୍ଧି ଦେଇ
ଚୁମ୍ବନ ମୁଖେ ଦେଇ ହସି ହେ । ୧୧ ।

ଠାବ ସଙ୍କେତ ସ୍ଥାନେ ହସନେ ଋଷିଣ ମୋତେ
ସେହିନ ନଇଲେ ମୋ ପାଶ ,
ଠାକୁର ପଣ ତେଜ ଯିସ ବୋଇଲ ତାଙ୍କୁ
ଶୁଣି ହୋଇଲେ ହସ ହସ ,
ହେ ହଂସଦୂତ !
ଠିକ ଭଜିଲେ ଯିସିସୁତା,
ଠାକୁର ହୋଇ କମ୍ପା ଗୋପସ୍ତ୍ରୀମାନଙ୍କୁ
କହିଲେ ହୃଦଭେଦ କଥା ହେ । ୧୨ ।

ଡକାଇ ନେବେ ବୋଲି ବୋଲୁ ଯେ ଥିଲା କଂସ
ଡଗର ପେଷେ ପୁଣପୁଣି ,
ଡହକ ସ୍ତନ ପାନେ ଶୋଷି ମାଇଲେ କୃଷ୍ଣ
ଅଘାସୁରର ଯେ ବହ୍ନିଣୀ
ହେ ହଂସଦୂତ !
ଡରଣ ଭାଞ୍ଜିଲେ ଶକଟ,
ଡଗର ତୃଣାବର୍ତ୍ତ ଧେନୁକା ଅଘା ବକା
କେଶୀ ଯାମଳା କଲେ ହତ ହେ । ୧୩ ।

ଢାଳେ କୃଷ୍ଣଙ୍କୁ ଆମ୍ଭେ ନପାଇ ଖୋଜି ଗଲୁ
ଗହନ ଘୋର ବନସ୍ତରେ
ପାଦ ସଞ୍ଚା ପଡ଼ିଛି ....
ରେଣୁ ଧେନଲୁ ଦେଖି ଶିରେ ।
ହେ ହଂସଦୂତ !
ଧ୍ୱଜ ଅଙ୍କୁଶ ପଦ୍ମ ଚକ୍ର
ଊର୍ଦ୍ଧ୍ୱ କସ୍ତୁରିରେଖା ଶାଖା ପଦ୍ମ ସହିତେ
ଚର୍ହିକ ପ୍ରକାଶିଛି ମୀନ ହେ । ୧୪ ।

ଅନାଇ ସେହି ପାଦ ଗୋଡ଼ାଇ ଖୋଜିଗଲୁ
ଯମୁନା ପୁଳିନେ ଭେଟିଲୁ,
ଉପବନ ଭିତରେ ବସ୍ତ୍ର ଆସନ ଦେଇ
ଆଣି ମଧ୍ୟରେ ବସାଇଲୁ,

କବେଷ୍ଣ—କବରୀ
ଯିସ—ଯାହା ;

Source: KC Dash, Digitized by PPRACHIN, SOA

ହେ ହଂସଦୂତ !
ଅନ୍ତର୍ଦ୍ଧ୍ୟାନ ସେ ହୋଇଗଲେ,
ଅବଳାଗଣ ସହୁଁ   ଝନତ କଲୁ ଆମ୍ଭେ
ପୁଣି ସେ ଆସି ଦେଖା ଦେଲେ ହେ । ୧୫ ।

ତୋଳି ସେ ଚକ୍ରଧର   ଧଇଲେ ଗିରିବର
ଧରି ମନ୍ଦର ସ୍ତନ ତଟେ
ତାଙ୍କ ସୁଧା ଅଧରୁ   ଅମୃତ ପାନ ରସ
ଦେଇ ଆମ୍ଭର ବମ୍ବପୁଟେ
ହେ ହଂସଦୂତ !
ତରକ ନ ଜାଣିଲୁ ଆମ୍ଭେ,
ତାଙ୍କ ଅଧରୁ ରସ   ଅମୃତ ବୋଲି ଦେଲେ
ଏମନ୍ତ କଷ୍ଟବତି ତୁମ୍ଭେ ହେ । ୧୬ ।

ଥିଲୁ କୃଷ୍ଣ ସଂଗରେ   ବୃନ୍ଦାବନ ଭିତରେ
ଚୁମ୍ବିକ ଚୁମ୍ବିଲ ଭ୍ରମର,
ସ୍ତୁକତ ସେ ଯେ ହୋଇ   ଲତାଭିତରେ ଶୋଇ
ସଧୀରେ ବହଇ ସମୀର
ହେ ହଂସଦୂତ !
ଥିଲୁ ବପଘାତ ରତ୍ତରେ
ସ୍ତନ ସୁବର୍ଣ୍ଣ ଗିରି   ଉପରେ ପଡ଼େ ବୋଲି
ଧଇଲେ କର କମଳରେ ହେ । ୧୭ ।

ଯବେ ଦେବତାମାନେ   ଦେବସ୍ତ୍ରୀଙ୍କି ଘେନ
ବିମାନେ ବସି ଯାଉଥିଲେ,
ଦେଖିତାରି ଆମ୍ଭ ତୁଲେ   ଏକନ୍ତ ହୃଅନ୍ତେଣ
ଗୃହିଁଣ ଅଳପ ହସିଲେ,
ହେ ହଂସଦୂତ !
ଦବ ଭୁବନେ କାର୍ଯ୍ୟ ନାହିଁ
ଦସ୍ୟା ହେଲେ ତାହାଙ୍କ   ସଙ୍ଗତେ ବୁଲୁଥିବୁ
ଏହୁ ଗୋପୀଙ୍କ ପ୍ରାୟେ ହୋଇ ହେ । ୧୮ ।

Source: KC Dash, Digitized by PPRACHIN, SOA

ଧଷଣ କୃଷ୍ଣ ଅଙ୍ଗ ସୁନ୍ଦର ଶ୍ୱେତ ଗନ୍ଧ
ସୁସଞ୍ଜ କରଣ ଲେପନ ।
ଧଇର୍ଯ୍ୟ ଅହଂଭାବ ଗୁଡ଼ିବା ନମନ୍ତ୍ରେଣ
ମିଶାଇ ଶ୍ରୀଖଣ୍ଡି ଚନ୍ଦନ,
ହେ ହଂସଦୂତ !
ଧନ୍ୟ ସେ ସାତ ବଂଶ ଜନ,
ଧିକ ସକଳ ଲୋକେ ଗୋପୀ ଗୋପାଳମାନ
ଧରଇ ନେଲ କଂସଗଣ ହେ । ୧୯ ।

ନିର୍ଗୁଣ ପ୍ରେମଧାମ କଳେବର ଉପାମ
ନନ୍ଦ ସଦନେ ରହିଥିଲେ,
ନିର୍ଦ୍ଦୟା ସଫଳାସୁତ ଅକ୍ରୂର ଆସିକର
ରଥେ ବସାଇ ଘେନି ଗଲେ,
ହେ ହଂସଦୂତ !
ନୟନେ ଠାର କୃଷ୍ଣ ଗଇ,
ନିୟମ କରିଛନ୍ତି ନିଶ୍ଚେ ଆସିବେ ବୋଲି
ପଥ-ରୁଦ୍ଧ ତ ପଠି ଆଇ ହେ । ୨୦ ।

ପକ୍ଷୀ ତ ଜନ୍ତୁ ସିନା ପଥରେ ଯାଉଥିବୁ
ପ୍ରମାଦ ପଡ଼ିବଟି ତୋତେ,
ପାଣି ଅଧାର ଫାଶ ଘେନିଣ ବ୍ୟାଧମାନେ
ଜଗିଣ ଥିବେଟି ଗୁପତେ ।
ହେ ହଂସଦୂତ !
ପାଣିକି ବିଶ୍ୱାସ ନ ଯାଇ
ପ୍ରେମାନନ୍ଦଙ୍କଠାରୁ ଆମ୍ଭେମାନେ ଜାଣିଛୁ
ହୁତେ ନ ଯିବ କାହାକୁଇ ହେ । ୨୧ ।

ପୁରୁଣା ବିଧୁମୁଖୀ ମଥୁରାପୁର ସଖୀ
ଧ୍ୟାୟି ସେ ତପ କରିଥିଲେ ।
ଫଣୀ କମଳ ନାଥ ପ୍ରସନ୍ନ କରାଇଣ
ପୁରୁଷ ରତନ ପାଇଲେ ।
ହେ ହଂସଦୂତ !

ପଥରୁଦ୍ଧ—ରଥ;

Source: KC Dash, Digitized by PPRACHIN, SOA

ଫଳ ଶବର ଜଗିଥିଲା,
ଫଳ ପାଚଲେ ଯେହ୍ନେ   ଦେବଭୁବନେ ନ'ନ୍ତି
କୃଷ୍ଣ ସ୍ୱେଁ ସେହ୍ୱମତ କଲେ ହେ । ୨୨ ।

ସ୍ୱଧୁବ୍ରବଧୂମାନେ   ନ ଥିବେ ଯେତେବେଳେ
ତେମନ୍ତ ବେଳ ଜାଣିଥିବୁ ।
ବ୍ରଜପୁରର କଥା   ଯେତେବେଳେ ପଡ଼ିବ
ତେମନ୍ତ ବେଳେ ଜଣାଇବୁ ।
ହେ ହଂସଦୂତ !
ବହୁତ ଅମୃତ ଖୁଆଇ,
ବୋଲିବୁ ପଛେ ପୁଣ   ତନ୍ଦ ଭକ୍ଷ ବୋଲିଣ
ଆମ୍ଭମାନଙ୍କ କଥା ସେହ୍ନ ହେ । ୨୩ ।

ଭୂମଣ୍ଡମାନଙ୍କରେ   ନନ୍ଦମାମାନେ ସେହ୍ନ
ଆମ୍ଭେ ସ୍ୱଭାବେ ଗୋପନାରୀ,
ଭ୍ରୂଲତା ନାସା ତାଙ୍କ   ଫୁଲ୍ଲଇ ଗୃହାନ୍ତେଣ
କେ ତହିଁ ଯିବନ୍ତି ଉବୁର !
ହେ ହଂସଦୂତ !
ଭାଗ୍ୟ ସେ ସାତବଂଶ ଲୋକ
ଭଗବାନ ସଙ୍ଗତେ   ଯେତେ ପୀରତି କଲୁ
ଏବେ ଯେ ହୋଇଲୁ ନିରେଖ । ୨୪ ।

ମନ ବୁଦ୍ଧିରେ ଯେହ୍ନୁ   ଗୋଚର ନୋହେ ସେହ୍ନୁ
ବଚନେ କେ ପାରିବ କହି ।
ମୃଗତୃଷ୍ଣା ଜଳକୁ   ସଲିଳ ମଣିଥିଲୁ
ତା ବିନୁ ଏ ଦେହ ନ ରହି,
ହେ ହଂସଦୂତ !
ମୁକୁନ୍ଦ ଆଗେ କହ ଯାଇ
ମୀନ ଜଳ ବିହୁନେ   ଯେସନେ ନ ବଞ୍ଚଇ
ତେସନେ ହେଲୁ ସବ ଗୋଈ ହେ । ୨୫ ।

ତନ୍ଦ—ଘୋଳଦହି;

Source: KC Dash, Digitized by PPRACHIN, SOA

ଜଳଜମୁଖୀଙ୍କର   ସନ୍ଦେଶ ଘେନି କରି
ଚଳି ଯେ ଗଲା ହଂସଦୂତ ।
ଯାଦବ ଯଦୁ ଭୋଜ-   ବଂଶ ସ୍ତ୍ରିୟଙ୍କ ଦେଖି
ପ୍ରଶଂସା କରଇ ବହୁତ,
ସେ ହଂସଦୂତ !
ଜଳ ନିଧିର ସେ କି ସୁତା
ଜଗ ମୋହନ କି ସେ   ଆସିବେ ଆମ୍ଭ ପୁରୀ
ସତୀ ସାବିତ୍ରୀ ପତିବ୍ରତା ସେ । ୨୬ ।
ରାଜୀବ ସରୋବରେ   ରହିଲେକ ରହି ହଂସ
ରବି ଉଦୟେ ଚଳିଗଲା ।
ରାଜୀବଲୋଚନଙ୍କ   ଚରଣ ତଳେ ପଡ଼ି
ରମଣୀ ସନ୍ଦେଶ କହିଲା,
ସେ ହଂସଦୂତ !
ରାମ ସାନୁଜ ତାଙ୍କୁ ପୁଚ୍ଛି,
ରାଧା ସହିତେ ଆମ୍ଭ   ଯେତେକ ବ୍ରଜବଧୂ
ଭଲେ କି ଅଛନ୍ତି ମୃଗାକ୍ଷୀ ହେ ? । ୨୭ ।
ଲଳିତ ବଚନରେ   କହଇ ହଂସଦୂତ
ଶୁଣ ହେ ଲକ୍ଷ୍ମୀଙ୍କ ରମଣ,
ଲବଙ୍ଗଲତା ତଳେ   ଏକଲୟେ କରଣ
ଯେସନେ ମୁନିବର ଧ୍ୟାନ
ହେ ଘନଶ୍ୟାମ !
ଲୁହା ହି ସହି ଦେହମାନ,
ଲୟେ ସମାଧି ବସି   କିଛି ହିଁ ନ ଜାଣନ୍ତି
ତୁମ୍ଭ ପାଦରେ ଦେଇ ମନ ହେ । ୨୮ ।
ଶରଦ ଚନ୍ଦ୍ର ଜିଣି   ଯେଉଁ ଗୋପୀଙ୍କ ମୁଖ
ସିଂହିକାସୁତ ଭେଟ ପ୍ରାୟେ ।
ସନ୍ଦେଶ ପାଇବାକୁ   ପ୍ରତି ଆଶା କରଣ
ଧ୍ୟାନ ସମାଧି ପ୍ରାୟେ ହୋୟେ,
ହେ ଘନଶ୍ୟାମ !
ଶୁଣି ବୋଲନ୍ତି ମଧୁହାସୀ
ସୁମୁଖୀମାନଙ୍କର   ଆଗରେ କହ ଯାଇ
ନିକଟେ ଯିବୁ ଗୋପପୁରୀ ହେ । ୩୦ ।

ସିଂହିକାସୁତ—ରାହୁ ;

Source: KC Dash, Digitized by PPRACHIN, SOA

ଶ୍ୟାମସୁନ୍ଦର ବର ଅମ୍ବୁଜ କର ଲଗି
ସୁବର୍ଣ୍ଣ ପ୍ରାପ୍ତେ ପକ୍ଷୀ ଚାର ।
ସଞ୍ଚିତା ସୁଚା ଜଳେ ମଙ୍ଗଳ ଭୂମି ଭ୍ରମି
ମିଳିଲ୍ଲ ଯାଇ ଗୋପପୁରେ,
ସେ ହଂସଦୂତ !
ସଂଧ୍ୟା ସମୟେ ଗୋପେ ପଶି
ଶର୍ବରୀ ଆଦ୍ୟକାଳେ ବୃନ୍ଦାବନ ଭିତରେ
ଉଠି ବଟପୀ ଶିଖେ ବସି । ୩୧ ।

ସାରଙ୍ଗ ଶେଷକାଳେ ସାରଙ୍ଗ ଧ୍ୱନ ଶୁଣି
ନିଦ୍ରା ତେଜିଲେ ସର୍ବ ଗୋଈ ।
ସାରଙ୍ଗ ଧର ନାମ ସୁସ୍ୱରେ ସୁମରନ୍ତେ
ସାରଙ୍ଗ ମିଳଗଲେ ଯାଇ,
ସେ ହଂସଦୂତ !
ସାରଙ୍ଗମୁଖୀ ବୃନ୍ଦ ହୋଇ
ସାରଙ୍ଗଧର କ ପ୍ତେ ଆସିବେ ଆମ୍ଭପୁର
ସାରଙ୍ଗ ତାପନାଶ ଯାଇ ହେ । ୩୨ ।
ହରିଣୀ ନୟନୀକ ହଂସ ବାରତା କହେ
ହରି ଆସିବେ ତୁମ୍ଭପୁର,
ହିରଣ୍ୟ ବପୁ ମୋର ତୁମ୍ଭ ପ୍ରସାଦୁ ହେଲା
ହୋଇଲି ପକ୍ଷୀଜନ୍ମ ପାଇ,
ହେ ଗୋପୀମାନେ ,
ହୋଇଲେ ତୋଷ ବ୍ରଜନାରୀ
ହରି ସନ୍ଦେଶ ପାଇ ମନ ବୁଦ୍ଧି ହଜାଇ
ଅବୁଦ୍ଧି ବୁଦ୍ଧି ଯେ ପାସୋରି ସେ । ୩୩ ।
ପକ୍ଷୀପତି ପକ୍ଷ କ୍ଷମା ସାଗର ମୁଖୁ
ଶୁଣି ହୋଇଲେ ହସ ହସ ।
କ୍ଷୀରେନ୍ଦ୍ରକାନ୍ତ ଚରିତ ଶୁଣିଣ ତୋଷ ଚିତ୍ତ
ଗୁଡ଼ ଏ କ୍ଷିତିଭ୍ରମ ଆଶ ।
ଗୋ ଗୋପୀମାନେ
ଘୁମୁରୁ ହୋଇ ସହରଷ
କ୍ଷେମାସାଗର କୃଷ୍ଣ ପଦୁ ପାଦରେ ଆଶ
ଶରଣ ଶିଶୁ ଯଦୁଦାସ ଗୋ ଗୋପୀମାନେ । ୩୪ ।

ଶର୍ବରୀ ଆଦ୍ୟକାଳେ—ସକାଳେ

Source: KC Dash, Digitized by PPRACHIN, SOA

ମେଘଦୂତ ଚଉତିଶା

(ମଥୁରା ବଜେ ବାଣୀରେ ଗାଇବ)

କହଇ ମେଘ ଆରେ ଯୋଡ଼ଣ କର,
କାନ୍ତ ସନ୍ଦେଶ କହ ପ୍ରିୟା ଗୁମୁର ହେ ।
କହିବୁ ତୋର ବନ୍ଧୁ ଉଦାନ୍ତ ନାହିଁ,
କେବଳ ପିଣ୍ଡ ଏଠି ପ୍ରାଣ ସେଠାଇଁ ଯେ । ୧ ।

ଖଣ୍ଡିଲା ବନ୍ଧ ଯେବେ ଏଡ଼େ ସେନେହ;
କ୍ଷଣେ ନ ରହି ମେଘ ଗୁମୁରେ କହରେ ।
ଖଞ୍ଜନନେତ୍ରୀ କ୍ଷଣେ ଛାଡ଼ଇ ନାହିଁ,
ଖେଦ ତା ଚକ୍ରବାକୀ ପ୍ରାୟେକ ହୋଇ ଯେ । ୨ ।

ଗୁପତ କଥାମାନ କହିଛୁ ଯେତେ,
ଗଲାଟି ସବୁ ସୁଖ ତୋର ସଙ୍ଗତେ ଗୋ ।
ଗଜେନ୍ଦ୍ରଗତି ସୁଖ କାହିଁ ପାଇବ,
ଗରୁ ଯଉବନା ଲାଗି ନଷ୍ଟେ ମରିବ ଯେ । ୩ ।

ଘୋର ଅନ୍ଧାର ମୋତେ··· ···ସେ ବଧି,
ଘଟଣ ମୁଖୀ ବିନୁ ଚକ୍ଷୁ ନେଇଛୁ ଯେ ।
ଘଡ଼ିକେ କୋଟି ଯୁଗ ପଡ଼ୁଛି ମାଡ଼ି,
ଘର ମଣ୍ଡନୀ ଜୀବ ନେବନ କାଢ଼ି ଯେ । ୪ ।

ଙଆଁସ ଶଶୀ ପ୍ରାୟେ ହୋଇଛି ଖୀନ,
ଙଇଁବ କେଉଁ ଦିନ ପୁଣି ମୋ ଧନ ?
ଙଛେ ଗୃହିଁଲେ ଅନ୍ଧକାର ତୁଟିବ,
ଙମା ପ୍ରତିମା ନାଥ ଏଯେ କରିବ ଯେ । ୫ ।

ଚନ୍ଦ୍ରବଦନା ଉରୁ ସସଞ୍ଚ ପ୍ରିୟା,
ଚନ୍ଦ୍ରଧର ଗୈଳଲେ ଗୈର ସେନେହା ଯେ ।
ଚୂତର ବାଳବାନ୍ଧି ଅଛଇ ସହି,
ଚତୁରୁ ମୋରେ କ୍ଷଣେ ଛୁଡ଼ଇ ନାହିଁ ଯେ । ୬ ।

× × ×

Source: KC Dash, Digitized by PPRACHIN, SOA

ଛଡ଼ାଇ ନେଲ ଧାଡ଼ା ଏଡ଼େ ସେନେହ,
ଛଣେ ନ ରହ୍ବ ମେଘ ଗ୍ରୁମ୍ମୁରେ କହରେ । ୭ ।

ଯିବା ଆସିବା କାଳେ ସମସ୍ୟା ଦେଇ,
ଯାଚି ଚୁମ୍ବନ ଦେଇ ଭୁରିତେ ଯାଇ ଗୋ ।
× × × । ୮ ।

ଝଗଡ଼ ବେଳା ଜାଣି ଭୁରିତେ ଗଲ,
ଝାଳ ମୁଖରୁ ପୋଛି ଚୁମ୍ବନ ଦେଲ ଯେ ।
ଝଟକହାସୀ ମୋତେ ଗ୍ରୁଡ଼ି ନ ଦେଉ,
ଝମଣ୍ଟେ ରହ ବୋଲି ପରାଣେ କହୁ ଯେ । ୯ ।

ନଯୂମ କରଅଛି ତୋର ସହିତ,
ନଳମ୍ନ ନେହୀ ପାଶେ ଯାଅ ଭୁରିତ ଯେ ।
ନାସା ଫୁଲଇଣ ଯେ ଅଳପ ହସି,
ନୋହିବ କାହିଁ ପାଇଁ ବୋଇଲେ ହସି ଯେ । ୧୦ ।

ଟିକାଏ ସୁସ୍ଥ ହୋଇ ନ ରହେ ମନ,
ଟଳୁଛି ଜୀବ ମୋର ଯିବ ଜୀବନ ଗୋ ।
ଟାଣ ଉତ୍ତର କହୁ ସଖୀକୁ ଚୁହିଁ,
ଟହ ଟହ ହସିବା ଅନାଇ ଦେଇ ଗୋ । ୧୧ ।

ଠାବ ଛଡ଼ାଇ ଧାଡ଼ା ଏବେ ସେ ନେଲ,
ଠାକୁରାଣୀ ମୋଠାରେ ଝଛେଦ କଲ ଯେ ।
ଠାବ କରଣ ମେଘ ଆସ ତୁ ଯାଇ,
ଠିଆ ହୋଇବାଠାରେ ଭେଟିବୁ ଯାଇ ରେ । ୧୨ ।

ଡାଳମ୍ବଦଶନୀକୁ ଡୋଳେ ଦେଖିବୁ,
ଡେଉ ଶ୍ରବଣ ତା ସମସ୍ୟା ଶୁଣିବୁ ଯେ ।
ଡହକ ହେମଗାମୀ ଯାହା କରିବ,
ଡୋଳା ପ୍ରତିମା ମୋତେ ସନ୍ଦେଶ ଦେବ ଯେ ।୧୩।

\+ + + +

ଢଳଲ ହନକର କରଣ ଶଶୀ,
ଢୋକଲ ଲୁହ ଚକ୍ଷୁ ଜଳୁଛି ହିଁ ନ ହଶି ଯେ ।୧୪।

Source: KC Dash, Digitized by PPRACHIN, SOA

ଅନାଇଣ ଶମ୍ବର ଆଶ୍ବାସ ଧର,
ଏଣୀ ନୟୂମାକ ଯେ ଆଣି ନ ପାର ଯେ ।
ଆଣି ଯେ ଦେଖାଇବ ମୋହର ଦୁଃଖ,
ଅନ୍ତର୍ଦ୍ଧାନ ଦେଖାଇ ଜୀବନ ରଖ ହେ । ୧୫ ।

ସୁତ୍ତ ବଚନ ତାକୁ କହିବୁ ମୋର,
... ...କରୁଣା ବାରରେ ।
ନୈଲେକେ ଏତେ କେତୁ ଦୁଃଖ ସହିବ,
ତାପ କରୁଣା କ ଏତେ କହିବ ଯେ । ୧୬ ।

ଥୋକାଏ ଦିନ ଦେହ ଧରଣ ଥିବ,
ସ୍ଥୂଳସ୍ତମ୍ଭ ନଇଲେ ନଷ୍ଟେ ମରିବ ଯେ ।
ଥାଇ କିସ କରିବ ଶୁଭ ଜୀବନ,
ଥେଣ୍ଟୁଆ ଯେନଗଲା ଥୋଇବା ଧନ ଯେ । ୧୭ ।

X X X
X X X ।୧୮।

X X X
X X X ।୧୯।

X X X
X X X ।୨୦।

ପ୍ରାଙ୍ଗଣେ ସେହ୍ବି ଥାଇ ପ୍ରଶାନ୍ତି ପାଡ଼,
ପ୍ରତେ ନ କରୁ ପାଶୁ ନ ଦେଉ ଗୁଡ଼ରେ ।
ପାଇବ କାହୁଁ ଆଉ ପଦ୍ମଲୋଚନା,
ପଡ଼ିଛୁ ବ୍ୟାଧ ମୂର୍ଖ ବାଳ ହରିଣୀରେ । ୨୧ ।

ଫୁରୁଣା ହୋଇ ଦିନେ କଣ୍ଠରେ ମୋର,
ଫିଟାଇ କେଶଫୁଲ ଖୋସିଛୁ ମୋର ଯେ,
ଫୁରୁଣା ହୋଇଥାଇ ଦେଖାଇ ମୁଖ,
ଫୁଲ ଆନନ ମୋତେ ଦେଇଛୁ ଦୁଃଖ ଯେ ।୨୨।

ଥେଣ୍ଟୁଆ— ଗ୍ରେର

Source: KC Dash, Digitized by PPRACHIN, SOA

ବିକଳେ ତନୁ ମୋର ଅଥିର ହୋଇ,
ବିଧୁ ବଦନୀ ଗଲା ଏ ଦୁଃଖ ଦେଇରେ ।
ବିନୟେ ଘେନଯାଅ ଦକ୍ଷିଣ ଦେଶ,
ବିଳମ୍ବ କଲେ ଖାଇ ମରିବି ବିଷ ଯେ । ୨୩ ।

ଭବ ବିଧିରେ ଭବମାରେ ପାଇବି,
ଭବେ ସେବକପଣେ ଖଟି ତା ଥିବି ଯେ ।
ଭବ ସରଇ ନାହିଁ ତା ପାଶେ ଥିଲେ,
ଭେଳ ହୋଇଲା ଦିନେ ଭବ ମନରେ ଯେ । ୨୪ ।

ମାନ କରଣ ଥାଇ ମଣ୍ଡନେ ବସି,
ମୁଖ ଗୃହିଁଲେ ସେଯେ କହଇ ହସି ।
ମାଳତୀ ସଉରଭ ତା ଅଙ୍ଗ ଦେଶ,
ମୋତେ ତେଜଣ ଗଲା ତେଜ ମୁହାଁସ ଯେ । ୨୫ ।

ଜଗତେ ଯୁବା ନାରୀ ବୋଲନ୍ତି ବାଛି,
ଜଳଜନେତ୍ରୀ ବିନୁ ଜୀବ ରହୁଛି ଯେ ।
ଜଳୁଛି ଦେହ ମୋର ଯତନ ନାହିଁ,
ଯହୁଁ ପୁରାଇ ନେଲା ଜୀବନ ଦୁଇ ରେ । ୨୬ ।

ରୂପକୁ ଗର୍ବ ଦିବା ଚନ୍ଦ୍ରଇ ବସି,
ରମଣୀ ଗତ କଥା ପାସୋରି ନକ ଯେ ।
ରଞ୍ଜନ ମୋର ମନେ ଅଙ୍ଗ ଲାବଣ୍ୟ,
ରସିକ ବନ୍ଧୁ ଲାଗି ବଞ୍ଚଇ ଦିନ ଯେ । ୨୭ ।

ଲଳିତେ ଏକଦିନେ କଣ୍ଠର ମୋର,
ଲୋଭ ଲଗାଇ ଗଲା ଲଳନା ବର ଯେ ।
ନେଲା ବିଧାତା ମୋର ଲାବଣ୍ୟ ନିଧି,
ଲଗାଇ ଅନ୍ତର୍ଗତେ ବିଷମ ବ୍ୟାଧି ଯେ ।୨୮ ।

ବନସ୍ତୁ ଭାଷାମାନ କହୁଛି ତୋତେ,
କଳହ ଭବେ କର ଚିନ୍ତା ତୁ ଯେତେ ଯେ ।
ବିଗତ କଥାମାନ ପଡ଼ିଲେ ମନେ,
ବିଧାତା ହରିନେଲା ଗଣ୍ଠିରୁ ଧନେ ଯେ । ୨୯ ।

Source: KC Dash, Digitized by PPRACHIN, SOA

ଶ୍ରୀଦନ୍ତ ସାଖ ମୁଖ ସଂପୂର୍ଣ୍ଣ ଶଶୀ,
ସାରଲ୍ଲ ସର୍ବ ଦୁଃଖ ଗଲ୍ଲ ନବେଣି ମୋ ।
ସେବ ଅନାଇ ମୁହିଁ କୃଷ୍ଣ ଅଇର,
ସେ ଆଶୁ ଚଗ୍ରଇଲ ସୁଖସାଗଗ୍ର ସେ । ୩୦ ।

\+ \+ \+

ଶୟନେ ସପନରେ ଦେଖିଲ୍ଲ ନଶି,
ଶାଢ଼ୀ ପ୍ରସାର ମାଗେ ଚଞ୍ଚଳାଦୃଶୀ ଗୋ । ୩୧ ।

ସତ ପର୍ଯ୍ୟେ ମନେ ଉଠି ବସିଲ,
ଶୋକ ସମ୍ଭାଳ ମନେ ବେଦନ କଲ ଯେ ।
\+ \+ \+ । ୩୨ ।

ହୋଇବ ମୋର ଯେବେ ତାହାର ଭେଟ,
ଯଦ୍ଧ ସନ୍ଧ୍ୱ ମନ କାମ ଉଛାଟ ଯେ ।
କହଇ ଅନ୍ତର୍ଦ୍ଧାନ ବଦନ ଯାଅ,
ହେମବରମା ଗୋସ୍ତ ଆଗରେ କହ ଯେ ।୩୩।

କ୍ଷେତ୍ର ଉତ୍ତମ ନୀଳଗିରି ଶିଖରେ,
କ୍ଷୀରୋଦ କଳ୍ପବଟ ତଟ ଉତ୍ତରେ ଯେ ।
କ୍ଷମା ପଯୋଧିନାଥ କେନ ପଯୃର,
କହଇ ଭୁକ୍ତିମନ୍ତ ଗୁଣସାଗର ଯେ ।୩୪।

ବଲହ୍ବ - ବଲ୍ଲଭ ;

Source: KC Dash, Digitized by PPRACHIN, SOA

ମରୁତ ଚଉତିଶା

(ରାଗ – ଆହାରୀ)

କୁସୁମ ସମୟେ କୁସୁମ ସାୟକ ଘାତେ କେଉଁ ବର ତରୁଣ,
କୃଶ ହୋଇଲା ଦନୁ ଦନୁ କାନ୍ତସେ ବୋଲେ କୃଶୋଦରୀ ଚନ୍ତ୍ରଣ ।।
ମରୁତ, କହ ମୋ ତନୟ ଯେଜଣ,
କୃଷ୍ଣଚନ୍ଦ୍ର ଚନ୍ଦ୍ରହାସୀ ପିକଭାଷୀ ମୃଗଲୋଚନା ଅଗ୍ରତେଣ ।୧।

ଖଞ୍ଜରୀଟବର ନୟନା ଲାବଣୀ ଖଣ୍ଡିଥିବ ବେଶ ନଧାନ,
ଖଣ୍ଡ ଖଣ୍ଡ ତନୁ ଅତନୁ ଅତନୁ ବଷ ବଶିଖେ ହୋଇ ଲୀନ ।
ମରୁତ, କ୍ଷେତ ତଳରେ ଥିବ ଶୋଇ,
ଖରାଂଶୁ-କୁମଣି ନଶାମଣି ସେ ଯେ ଜୀବନ ନକ ତେଜଥାଇ ।୨

ଗାଢ଼ ସୁରତ ରଙ୍ଗେ ଅଙ୍ଗେ ମିଶାଇ ମୋ ଉରେ ଉରଜ ଲଗାଇ,
ଗୁରୁ ଆଲିଙ୍ଗନ ଦାନ ଭୁଜବେନ ଏକ ଅଗ୍ରସର ହୁଅଇ ।
ମରୁତ, ଗୁଣମଣିର ଗୁଣଗଣ,
ଗୁପତ ଲୀଳାମାନ ତାର ଚିନ୍ତିଲେ ଫୁଲକାମୁ'କ ଦହେ ପ୍ରାଣ ।୩।

ଘଟଣ ଶଯ୍ୟାରେ ନ ଶୋଭୁ ଥିବ ତା ଘନସାର ସାର ଚନ୍ଦନ,
ଘନ ଜଘନ ଘନ ସ୍ତନେ ନ ଥିବ ମୋତିବର ହାର ମଣ୍ଡନ ।
ମରୁତ, ଘୋଷୁଥିବ ନାମ ମୋହର,
ଘଡ଼ି ଘଡ଼ିକେ ମୂର୍ଚ୍ଛାଗତ ହୋଇ ସେ ପଡ଼ୁଥିବ ମହୀ ଉପର ।୪।

ନୟନ କମଳ କମଳ ପ୍ରବାହ ଧରିଥିବ ତାର ସନ୍ତତ,
ନାସା ଭୂଷା ରୁଚ ବଜୁରାଜ ସାଜ ନବଘନ ସମ ଲକ୍ଷିତ ।
ମରୁତ, ନୁହେ ସେ ଚିତ୍ତରୁ ଅନ୍ତର,
ନବଡ଼ କୁଚ ନଗବର ଉପରେ କରୁଥିବ ଧାର ପ୍ରସର ।୫।

ଚଞ୍ଚଳ ନେତ୍ର ନିଶ୍ଚଳ ହୋଇଥିବ ମଦନ ଦହନ ଜ୍ୱରରେ,
ଚମକୁଥିବ ଅଙ୍ଗଭୂମି ସଙ୍ଗରେ ଲଭି ପିକରବ ଶ୍ରୁତିରେ ।
ମରୁତ, ଚନ୍ଦ୍ରବଦନ ବଷ ବଷ,
ଚମରଚକୁଶ ମଣ୍ଡିଥିବ ଚନ୍ଦ୍ରେ ଚନ୍ଦ୍ର ନିମିଷକ ବରଷା । ୬ ।

ଫୁଲକାମୁ'କ— କାମଦେବ ;

Source: KC Dash, Digitized by PPRACHIN, SOA

ଛାଡ଼ ରମଣୀ ମଣି ପୂର ଫଳଙ୍କ ଶୟନେ ଭୋଜନେ ବିମୁଖୀ,
ଛିନ୍ନ ମୁଖ, ଅଙ୍ଗ ଅଙ୍ଗନା ଅନଙ୍ଗ ଭୁଜଙ୍ଗ ଗରଳରେ ଦୁଃଖୀ ।
ମରୁତ, ଛେଦ ତା ହୃଦୟ ସନ୍ତାପ,
ଛଇଳ ଗମା ଛତନ ଧରିଥିବ ପ୍ରତପ ଶଶୀ ସମ ରୂପ । ୭ ।

ଜଳଜ ଜଳ ସଜଳ ବିଷଲତା ବନିତା ଅଙ୍ଗସଙ୍ଗ ପାଇ,
ଯେତେ ମଳୟଜ ଆଦି ଉପଚାର ମାର ଅନଳେ ହେବ ଦଗ୍ଧ ।
ମରୁତ, ଜାଣିତ ସେ ମୋର ଅବଳା,
ଜାଣିଥାଉ ତା ଦୟାବିନୁ ଏ ଜୀବ କରିବ ଗମନର ଲୀଳା । ୮ ।

ଝାମ ଯାଇଥିବ କଶଳସ୍ଥ ତଳେ ଝରୁଥିବ ନେତ୍ର ଲୋତକ,
ଝଟକଦନ୍ତୀ ଉଚକୁଚ ଶମ୍ଭୁକୁ କରୁଥିବ ସେ ଅଭିଷେକ ।
ମରୁତ, ଝୀନ ବସନେ ଶୋହେ ଦେହ
ଝଳ ଗଳଗ୍ର ଜଘନ ଚନ୍ଦ୍ର ମୋର କ୍ଷଣ କ୍ଷଣକେ ମୋହେ ଦେହ । ୯ ।

ନିତରୁ ଶ୍ୱମ ସୁଷମ ଇନ୍ଦୀବର ସମ ନୟନ ବିଶୁଥିବ,
ନିଶ୍ଚଳ କମଳେ କି ସେ ବେନି ଭୃଙ୍ଗ ପାଇ ମଧୁରୁ ମଧୁଭୁବ ।
ମରୁତ, ନିଃଶ୍ୱାସ ହୋଇଥିବ ଧୀର,
ନିମିଷ ଏକ ଯୁଗ ମଣୁଥିବ ସେ ଲଭି ବିଯୋଗ ବାଧାଭର । ୧୦ ।

ଟାଣ କଟାକ୍ଷ ସାୟକ ନାୟିକାର ତନୁ ଅତନୁ ରସନପା,
ଟେକ ତା ବେନି କୁଚ କୋକ ଆଲୋକ ଲୋଭେ ମୋ ମନ ଉନୁମାପା ।
ମରୁତ, ଟୋପନାଭି ମୋହ ଆବର୍ତ୍ତି,
ଟେକ ରୋମାବଳୀ ଶଇବାଳେ ମିଳି ଧୈର୍ଯ୍ୟ ହୁଅଇ ଅଚ୍ଛାଦିତ । ୧୧ ।

… … …ନଳିନରେ ରୁଚିର କେଶର ତଥି ଦନ୍ତ ପନ୍ତି,
ଠାଠିକ ତାର ବାହୁଯୁଗ ମୃଣାଳ କର କୋକନଦେ ଶୋଭନ୍ତି ।
ମରୁତ, ଠିକ ଏ ସନ୍ଦେହ କହିବ,
ଠଣ ଭୃକେ ଭଡ଼ ଯାହା ସେ କହିଛି ମନୁ କେବେ ହେଁ ନ ଟେକିବ ।୧୨।

ଡୋଳୁ ଅନେକ ଲୋତକ ବାରବାର ମିଳି ତାର ଗଣ୍ଡମଣ୍ଡଳେ,
ଡିଙ୍ଗର ମାର ହାସେ କି ସେ ଅବଶେ ପଡ଼ିଥିବ ତା ସଖୀ କୋଳେ ।
ମରୁତ, ଡମ୍ବରୁ ଗୁରୁ ମଧ୍ୟ କ୍ଷୀଣ,
ଡାଳିମ୍ବ ବୀଜଦଶନୀ କୁଚ ବେନି ଭରେ ନକ ହୁଏ ବିହୀନ । ୧୩ ।

Source: KC Dash, Digitized by PPRACHIN, SOA

ଢାଳ ଅମଳ କମଳମୁଖୀ ସଖୀ କଟାକ୍ଷ ବିଶିଖ କ୍ଷିପିଲେ,
ଢାଳେ ହେଁ ମୋ ମନ ଉଚ୍ଛନ୍ନ କରଇ ମଧୁରୁ ମଧୁର ହସିଲେ ।
ମରୁତ, ଢଳଥିବ ଅଂଶେ କବରୀ,
ଢାଳେ ସେ ରସ କୂପ ରୂପ ଦେଖିବୁ ହେବୁ ସଫଳନେତ୍ରଧାରୀ ।୧୪।

ଣିଖିଳ ଲୋକ ଲୋକଚକ୍ଷୁ ଚକୋର ଚନ୍ଦ୍ରମା ରମାବର ମୋର,
ଣେତ୍ରର ଅନ୍ତେ ଣେତ୍ର ଅନ୍ତ ଣିବେଶି ହୋଇ ଯେ ଥାଇ ମାନଘର ।
ମରୁତ, ଣବଚନ୍ଦ୍ରରୁଚି ଶରୀର,
ଣୟନ ମୀନ ଣୀରେ ବୁଡ଼ି ଥାଇ ତା ସିନ୍ଦୂର ଭୂଷଣ ରୁଚିର ।୧୫।

ତଳକୁ ନୟନ କରି ସୁନୟନା ମୁଖ ପଙ୍କଜ ସଖା ହେବ,
ଭୃଙ୍ଗ ବ୍ରତୁଳ ପୀନ ସ୍ତନ କୋକର ଶୋକ ରସେ ହୃଦ ବୁଡ଼ିବ ।
ମରୁତ, ତେଜଥିବ ବିଷ ବିଷୟ,
ତରୁଣୀ ତରଣୀ କାମ ସିନ୍ଧୂର ମୋ ହୋଇଥିବ ଦୀନ ହୃଦୟ ।୧୬।

ଥକିତ ଦାମିନୀ ସମ ସେ କାମିନୀ ଉରଘନେ ମୋ ଲୀନ ହୋଇ,
ଥରୁଥାଇ କାମ ପ୍ରକାମ ବାଧାରୁ କଣ୍ଠତଟେ କଣ୍ଠ ଲଗାଇ ।
ମରୁତ, ଥରହର ତା ବେନିଜାନୁ,
ଥିର ନୁହଇ ତା ତନ୍ତ୍ର ମୋ ଧୃତି ଯେ ଦଣ୍ଡେ ବିଚ୍ଛେଦ ନୁହେ ମନୁ ।୧୭

ଦଗ୍ଧ କନକ ଚମ୍ପକ ଗୌରୁ ଗାତ୍ରୀ ସେ ମୋ ବିପୁଳ ପ୍ରେମପାତ୍ରୀ,
ଦିନେ ଦିନେ ଯେତେ ମୋରେ ରତି ଶାନ୍ତି କରିଛି କୁବଳୟନେତ୍ରୀ ।
ମରୁତ, ଦଣ୍ଡେ ହେଁ ସେ ମନୁ ନ ଯାଇ,
ଦୁର୍ଲ୍ଲଭଜନ ସୁଲଭ ସଙ୍ଗ ବିଧି କରି ହରି ଏବେ ଛଳଇ ।୧୮।

ଧନ୍ୟ ସେ ଧରଣୀ ମଣ୍ଡଳ ମଣ୍ଡିନୀ ଧୀରଗାମିନୀ ପୀନସ୍ତନୀ,
ଧୂର୍ଜଟୀ ଧୃତି ଧ୍ୱଂସିନୀ ସୁହାସିନୀ ଧୀର ମୁନିମନ ମୋହିନୀ ।
ମରୁତ, ଧବଳକର ଗୌରମୁଖୀ,
ଧାତା ରଚନା ବିଶେଷ ମୋ ଭାବିନୀ ଭାବେ ବିଲୀନ ହୁଏ ସଖୀ ।୧୯।

ନିଦାଘ ଅନ୍ତ ବନରାଜ ରାଜିତ ଲାବଣ୍ୟଶେଷ ତନୁତନୁ,
ନବ ଯଉବନ ତାର ଦହୁଥିବ ନିର୍ଦ୍ଦୟ ଅତନୁ କୃଶାନୁ ।
ମରୁତ, ନିରନ୍ତରେ ଉଷ୍ଣ ନିଃଶ୍ୱାସ;
ନବମତ ପିକ ବଚନ ରଚନ ନୋହିଥିବ ମୁଖେ ପ୍ରକାଶ ।୨୦।

ବ୍ରତୁଳ—ବର୍ତ୍ତୁଳ ; ଦାମିନୀ—ବିଦ୍ୟୁତ ;

Source: KC Dash, Digitized by PPRACHIN, SOA

ପ୍ରବାଳ ଅଧର ଶୁଖିଥିବ ତାର ପକ୍ୱ ବିମ୍ବଫଳ ରୁଚିର,
ପିଶୁନ ମଦନ ମଦ ନ ରଖି ତା ଢୋଇଥିବ କ୍ଷୀବ ବୟସର ।
ମରୁତ, ପ୍ରିୟସଖୀ ମୋ ପ୍ରାଣବନ୍ଧୁ,
ପ୍ରୀତିଭରେ ମୋରେ ସଦୟ ହୃଦୟ ବଢ଼ାଇ ପ୍ରିୟାରସ ସିନ୍ଧୁ ।୨୧।

ଫେଡ଼ ନୟନ ଇଷିତ ଶୀତ କର··· ······,
ସ୍ଫୁଟେ ଶ୍ରବଣ ପୁଟେ ଶୁଣି ଲଭିବ ଗଣ୍ଡରେ ରୋମ ଉଦ୍‌ଗମ ।
ମରୁତ, ଫୁଲ୍ଲ କମଳଦଳ ନେତ୍ରୀ,
ଫଣି ଭୂଷଣ ଅନ୍ୱିତରେ ରହିତ ସକଳ ସୁଖ କ୍ଷୀଣଗାତ୍ରୀ ।୨୨।

ବନବହ୍ନିନ ବନଜସମ ତାର ଦିଶୁଥିବ ମୁଖମଣ୍ଡଳ,
ବିରହଭରେ ପାଣ୍ଡୁର ଗଣ୍ଡଯୁଗ କେତକର ସମ ଉଜ୍ଜ୍ୱଳ ।
ମରୁତ, ବିଚ୍ଛେଦ ବିନୁ ମୋର ରମା,
ବନ୍ଧୁକ ବିଦ୍ରୁମ ରୁଚିର ଅଧର ଧରିଥିବ ମନ୍ଦ କାଳିମା । ୨୩ ।

ସ୍ମରୁଛି ତାର ଚାରୁଉର କଳସ କଳସ ସେ ମୋ ଅଙ୍ଗତରୁ,
ଭ୍ରମେ ହେ ସେ ବିନୁ ସେକ ନୂତନାକୁ ନ ଲଭଇ ସୁଖ ଆନରୁ ।
ମରୁତ, ଭଜିଥିଲି ସେ ଚାରୁଶୀଳା,
ଭାଗ୍ୟବଶୁଂ ବସୁମତୀ ମଣ୍ଡନା ମୋ କୋଳରେ କରୁଥିଲା ଲୀଳା ।୨୪।

ମନ ମନସିଜ ଶର ସରଣୀରେ ପଡ଼ି ଜଡ଼ିଥିବ ପ୍ରିୟାର,
ମାନସେ ମାନ ସେ ଧରି ହରିମୁଖୀ ସଖୀରେ ଉପେକ୍ଷି ଆଦର ।
ମରୁତ, ମିଳିଥିବ କରେ କପୋଳ,
ମନ୍ଦ ଲୋଚକ ମକରନ୍ଦ ବିନ୍ଦୁ ବୃନ୍ଦରେ ପଙ୍କିଳ ନୟନ କମଳ ।୨୫।

ଯତନେ ଯତନେ ମୋ ଆଶେ କବା ସେ ଯୋଗେନ୍ଦ୍ରର ଯୁବମୋହିନୀ,
ଯଦୁ ନନ୍ଦନ ନନ୍ଦନ ସାହା ପାଇ ଜାନ୍ତ ଜାତ ରୂପ ବରଣୀ ।
ମରୁତ, ଯେତେ ଧନ ଥିବ ଜଗତେ,
ଯୁବତୀ ରତନ ରତ ନବ ସୁଖ ଲାଗିଛୁ ଅବିରତେ ଚିତ୍ତେ ।୨୬।

ରସାଣ ଶାତକୁମ୍ଭ କୁମ୍ଭ ମୁଖେ କି ବିବୃତ ନୀଳ ଉତପଳ,
ରମଣୀ ମଣି ପୀନସ୍ତନ ଛଳେ ସେ ପୂରିତ ମାର ଶୀତ ଜଳ ।
ମରୁତ, ରମା ମୋର ରତ୍ନ ମଞ୍ଜୁଷା,
ରତି ନାଟକ ହାଟକ ରଙ୍ଗଭୂମି କେବଳ ସେ ଯେ ମନୋହାରୀ ।୨୭।

ଫଣିଭୂଷଣ ଅହୃତ—କାମଦେବ;

Source: KC Dash, Digitized by PPRACHIN, SOA

ଲୁଳିତ ଲଳିତ କମଳ ବଦନ ମଦନ ବାଧା ବିମଭରେ,
ଲଭି ନ ଥିବ ଚନ୍ଦନ ଘନ ଘନସାର ଚାରୁ ହାର କୁଚରେ ।
ମରୁତ, ଲୁଟିଥିବ ରୁଚି ସମ୍ପଦ,
ଲୋଟି ମେଦିନୀ ଆଳୟରେ ଲୟରେ ଥିବ ଧରି ମୋର ବିଷାଦ ।୨୮।

ବିରସ ରସବତୀ ହୋଇ ରମା ମୋ ବିରହରେ ରହି ମନ୍ଦିରେ,
ବିହାର ହୋଇ ବିହାର ସ୍ଥଳେ କିବା ଲୋଟୁଥିବ କାମ ତାପରେ ।
ମରୁତ, ବଲ୍ଲଭି ଲଭିଲ ସେ ଦୁଃଖ,
ବାହୁ ଉପାଧାନ ଦେଇ ମୋର ସଙ୍ଗୀ ଲଭଇ ଯେଉଁ ନିଦ୍ରା ସୁଖ ।୨୯।

ଶିରୀଷ ଶିରୀ ସମ ଅଙ୍ଗୀ କୁରଙ୍ଗୀ ନୟନୀ ମୋର ପ୍ରାଣ ସଖୀ,
ଶିଳୀମୁଖ ଗୁଣ ଶିଳୀମୁଖଗଣ ତାପ କେସନେ ଥିବ ସହି ।
ମରୁତ, ଶୀତକର ଗୁରୁ ବଦନୀ,
ସଧୀରେ ଅବଧି ସୁମରି ସୁଦତୀ ନଖେ ଚିରୁଥିବ ମେଦିନୀ ।୩୦।

ଷଟଚରଣ ରଣିତ ଶୁଣି ଯେହୁ ମୋହିତ ମୋହିତ ହୃଦୟା,
ସମ୍ଭୃତ ବାରିଦ ବାରି ଦରଶନେ କେସନେ ଯିବ ଯେ ସଦୟା ।
ମରୁତ, ସୁଧାହାସୀ ମୋ ଗୁରୁକେଶୀ,
ସହଜ ଲଳିତ ଈଷିତ ଇଙ୍ଗିତେ ହୃଦୟ ନେଇଛି ଆକର୍ଷି ।୩୧।

ସୁରତ କାଳେ ମୋର କୋଳେ................ହି କମ୍ପିତ,
ସେ ମୋ ସଜନୀ ରଜନୀ ଚଉଯାମେ କାମେ ହୋଇଥିବ ତାପିତ ।
ମରୁତ, ସ.........ଗ ବିଶେଷ କହିବ,
ସୁମନା ମାଳା ମୋରେ ଦେଇ ସେ ବାଳା ଯାହା କହିଛି ନତେଜିବ ।୩୨।

ହରିତଲୋଚନୀ ମୋ ଦୁଃଖମୋଚନୀ ଦେଖି ହରି ହରି ହରିତେ,
ହାରିବ ଚେତନା ଚେଷ୍ଟ ନାନାଭାବ ସୁମୁଖୀ ଦୁଃଖିତ ହୃଦୟେ ।
ମରୁତ, ହଂସ ଅବତଂସ ଗମନୀ,
ହରଷ ଦାତା ହୋଇ ହରଷ ଦାତା ହର ଶତ୍ରୁର ଦୁଃଖ ହେନ ।୩୩।

କ୍ଷିତି ମଣ୍ଡନା ମଣ୍ଡନା ମୋ ତନୁର ତନୁ ରତି ରସେ ପ୍ରସନ୍ନା,
କ୍ଷୀର ନୀର ମତ ଅଭେଦ ହୃଦୟେ ନପାଇ ହୋଇଥାଇ ଧାନା ।
ମରୁତ, କ୍ଷମ ନୁହେଁ ଏ ଦୁର୍ବାଧକୁ,
କ୍ଷମା କରିଅ ମୋ ଦୋଷ ନୃପ ଧନଞ୍ଜୟ ଗୀତ ହରୁ ମନକୁ ।୩୪।

Source: KC Dash, Digitized by PPRACHIN, SOA

ମେଘଦୂତ ଚଉତିଶା

ରାଗ—କେଦାର କାମୋଦୀ,

କହେ କେଉଁ ବିଦେଶୀ ଘନକୁ ଚାହିଁ
କନ୍ଦର୍ପ କେଳି ହସି ପ୍ରିୟାକୁ ଧ୍ୟାୟି ରେ ।
କିକରୁଥିବ ମୋର ଚନ୍ଦ୍ରବଦନୀ,
କନ୍ଦର୍ପ ଶରେ ଶୋଇଥିବ ଅବନୀରେ ।୧।

ଖଚର ଖରେ ଯାଇ କହିବୁ ହେଜ,
କ୍ଷିତି ତଳରେ ପ୍ରିୟା ଥିବଯେ ମନ୍ଦିରେ ।
ଖଞ୍ଜନନେତ୍ରୀ ପ୍ରିୟାବର ରମଣୀ,
ଖେଦ ମନରେ ଯେମ ନେବ ରଜନୀରେ ।୨।

ଗୀତ ମଦନଶରେ ହୋଇ କାତରଂ,
ଗାଙ୍ଗେୟଗୋଷ୍ଠ ବଞ୍ଚୁଥିବ ମୋହରରେ ।
ଗଜଦନ୍ତ ପଲଙ୍କେ ରତ୍ନ ଚଟାଇ,
ଗରଳ ଜ୍ୱାଳା ପ୍ରାୟେ ମଣିବ ଦେହାରେ ।୩।

ଘୋର ସଙ୍କଟ ହଶେ ନ ହଶି ବୁଦ୍ଧି,
ଘନଜଘନୀ ପାଶେ ମନ ଅବଧିରେ ।
ଘୋଟିଛୁ କାଲ ଜାଣି ଅନଙ୍ଗ ଅସ୍ତ୍ର,
ଘଟଣ ସ୍ତନ ବନ୍ଧୁ ଜପାଏ ନାହିଁ ରେ ।୪।

ଙାରଜ ମୁଖ ଚାର ନୟନେ ଚାହିଁ,
ଙନ୍ଦଇ ନେତ୍ର ପଦ ମନରେ ମୁହିଁ ରେ ।
ଙର୍ଦ୍ଧ୍ୟ ବସ୍ତ୍ର ଏବେ ଏହା ବସ୍ତ୍ରଲ,
ଙାଳେନ୍ଦ୍ର ନେତ୍ରୀ ପାଶୁ ଅନ୍ତର ହେଲି ରେ ।୫।

ଚନ୍ଦ୍ରବଦନୀ ଅଙ୍ଗେ ଗୃରୁ ଦୁକୂଳ,
ଚେଖ ହଶଇ ଫୁଟି କୁଚ ଯୁଗଳ ରେ ।
ଗୃହାଣୀ ଭଙ୍ଗୀ ଚାର ଚଞ୍ଚଣ ମନେ,
ଚମକୁ ଅଛୁ ଅଙ୍ଗେ ନଶି ସ୍ୱପନ ରେ ।୬।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଛଇଳୀ ଛୀଣୋଦରୀ ମୋ ପ୍ରାଣ ଧନ,
ଛଟକନେତ୍ରୀ ବନ୍ଧୁ ନ ଯାଇ ଆନ ରେ ।
ଛାଡ଼ିଲେ ଜୀବନଙ୍କ ମନୁ ସେ ଯିବ,
ଛଟକ ହାସ ତା ଗୃହାଣୀ ଭବରେ ।୭।

ଜଳଜମୁଖୀ ମୁଖେ ମୁଖ ଲଗାଇ,
ଜବା ଅଧର ତାର ମୁଖେ ଚୁମ୍ବଇ ରେ ।
ଜାଣଇ ରତିକଳା ମାଳବସମା,
ଜୀବର ଧନ ମୋର ଚନ୍ଦ୍ରବଦନା ରେ ।୮।

ଝୀନ ପଟନ ପିନ୍ଧି ମୋ ପାଶେ ଆସି,
ଝଳ ଦଶନା କହେ ବଚନ ହସି ରେ ।
ଝଲକୁ ଥାଇ ତାର ନାସା ଭୂଷଣ,
ଝମ ଝମ ହେଉଛି ଚଳନ୍ତ ମୋ ପ୍ରାଣ ରେ ।୯।

ନବୀନ ବୟସୀ ମୋ ସୁରତ ଖଣି,
ନିରସ୍ତ ହୋଇଥିବ ଅଶେଷ ବେଣୀ ରେ ।
ଅତନୁ ତାର ଘଟେ ହୋଇ କାତର,
ମାଳେନ୍ଦୀ ନେତ୍ରୀ ଜବେ ତେଜବ ମାର ରେ ।୧୦।

ଟାଣିଛି ଶରାସନ ଅନଙ୍ଗରାଣ,
ଟିକ ଟିକ କରିବ ସୁନ୍ଦରୀ ପ୍ରାଣ ରେ ।
ଟଳୁଥିବ ସୁତନୁ ଶଯ୍ୟା ଅଙ୍କରେ,
ଟାଣିଣ ଶତ୍ରୁ ମୋର ଗୋପ୍ତ ଘୁମୁଟରେ ।୧୧।

ଠୁଳ ସୁନ୍ଦର ମୁଖ ଲୋତକେ ପୂରି,
ଠୁଳେ ସୁରତେ ପ୍ରିୟା ନେବ ଶଙ୍କଷ ରେ ।
ଠୁଳ ମଞ୍ଜୁଳ କୁଚ ପାଣ୍ଡୁ ଦଶିବ,
ଠିକେ ରସ ଚେତାଇ ମୋର ଦନ୍ତାବ ରେ ।୧୨।

ଡାଳମ୍ବ ବୀଜ ଦନ୍ତୀ ଗୁରୁ ମଧ୍ୟମା,
ଡୋଳା ମୁଖ ସାରେଣୀ ଅନଙ୍ଗ ସୀମା ରେ ।
ଡୋଳେ ଯବ ତାହାକୁ ଦେଖିବ ନାହିଁ,
ଡହ ଅନଳେ ଝାସି ହୋଇବ ମୁହିଁ ରେ ।୧୩।

ଧୃତ—ଧୃତି ;

Source: KC Dash, Digitized by PPRACHIN, SOA

ଢାଳେ ଏ ଘନକାଳେ ନବ ନାଗସ୍ତ୍ରୀ,
ଢାଳେ କବରୀପରେ ମୁକୁତା ଜାଲ ରେ ।
ଢାଳି ଦୃଷ୍ଟି ଅପାଙ୍ଗେ ପାଶେ ମିଳନ୍ତି,
ଢଳଢଳ ଗଣ୍ଡରେ ମନ ମୋହନ୍ତି ରେ ।୧୪।

ନତନୁ ଶରେ ମାତି କୋଳେ ଧଇଲି,
ନିରତ ମୁଖେ ତାର ଚୁମ୍ବନ ଦେଲି ରେ ।
ନବନାଗସ୍ତ୍ରୀ ଭୁଜେ ଦୃଢ଼େ ଭିଡ଼ନ୍ତି,
ନାଗବନ୍ଧ ସୁରତେ ପ୍ରିୟା ମଜ୍ଜିଲାରେ ।୧୫।

ତରଳ ଚିତ୍ତ ହୁଏ ସେ ରସ ଚିନ୍ତି,
ତନୁମଧ୍ୟମା କଲା ଯେତେ ସୁରତିରେ ।
ତା’ ମୁଖ ବିନୁ ଚିତ୍ତ ଆନ ନ ଜାଣେ,
ତରୁଣୀମଣି ଗୁଣ ସନ୍ତତେ ଗୁଣେ ରେ ।୧୬।

ଥୂଳ ସୁନ୍ଦର ଗୁରୁ ନିତମ୍ବ ନତ,
ଥୂଳ କ୍ଷୁଦ୍ର ଘଣ୍ଟିରେ ବିଶେ ଶୋଭିତ ରେ ।
ଥରୁଛି ନିରନ୍ତରେ ହୃଦୟ ମୋର,
ଥିର ଗମନା ଭାବ ଚିନ୍ତି ମନର ରେ ।୧୭।

ଦଗ୍ଧ କନକ ଗାତ୍ରୀ ସୁରତ ଦିନେ,
ଦିନେ ଚୁମ୍ବିଲି ବନ୍ଧୁ ହରଷ ମନେ ରେ ।
ଦିନେ ଚନ୍ଦ୍ରାନନୀ କର ଧଇଲି,
ଦନ୍ତ ବନ୍ଧ କରନ୍ତେ ନା ନା ବୋଇଲି ରେ ।୧୮।

ଧରିଛି ଜୀବନ ମୁଁ ସେ ରସ ଗୁଣି,
ଧୂତ ମଦନଶର ବିନ୍ଧୁଛି ଟାଣି ରେ ।
ଧିକ ମୋହର ପ୍ରାଣ କମ୍ପା ରହୁଛି,
ଧଇର୍ଯ୍ୟ ସଙ୍ଗେ କମ୍ପା ନଯାଇ ଅଛି ରେ ।୧୯।

ନବବୟସୀ ମୋତେ ଏହା ସେ କଲା
ନିଷ୍ଠୁର ତନୁ ମୋର ଫାଟି ନ ଗଲାରେ,
ନାହିଁ ମୋହର ବୁଦ୍ଧି କହ କରିବ,
ନୀରଜମୁଖୀ ବିନୁ ତନୁ ଗୁଡ଼ିବରେ । ୨୦ ।

ଧୂତ—ଧୂର୍ତ୍ତ

Source: KC Dash, Digitized by PPRACHIN, SOA

ପରମାନନ୍ଦଦାୟୀ ସୁଖ ସାରେଣୀ
ପ୍ରାଣର ସଖା ମୋର ଯୁବକ୍ଷମଣିରେ,
ପାମର ମାରେ ଗାଢ଼େ ପୀଡ଼ୁ ଯେ ଥିବ,
ପ୍ରବାଳ ବିମ୍ବାଧରୀ ଭୂମି ଲେଖିବରେ । ୨୧ ।

ଫୁରୁଣା ହୋଇ ଗୋଷ୍ଠ ବନେ ସୁରତେ
ଫୁଟେ ମୋ ମୁଖ ଅଚ୍ଛାଦିଲ ତା ହସ୍ତେରେ,
ଫୁଲ୍ଲାରବିନ୍ଦ ମୁଖ ଚୁମ୍ବି ବୋଇଲି,
ସ୍ଫୁଟେ କୁନ୍ଦ ହାସିନୀ ତୋ ଦାସ ହେଲିରେ । ୨୨ ।

ବାମାମଣିକି ବନେ ବୋଇଲି ଧନ
ବିପରୀତ ସୁରତି କର ବହନରେ,
ବଲ୍ଲଭୀ ନାହିଁ ବୋଲି ଯାହା ବୋଇଲି
ବିଧାତା ଶୁଣିବାକୁ ସେଭାବ କଲିରେ । ୨୩ ।

ଭରସା ସଖା ମୋର କୁନ୍ଦଦଶନୀ
ଭୁବନେ ସମ ତାକୁ ନାହିଁ-କାମିନୀରେ
ଭସିଲି ଭେଳା ମୋର ଭାବନୀ ବନ୍ଧୁ,
ଭ୍ରମ କରୁଛି ତନୁ କୁସୁମ ଧନୁରେ । ୨୪ ।

ମଧୁର ମୃଦୁହାସୀ ମୀନ ନୟନା
ମଦନ ବାନା କଳକଣ୍ଠ ବଚନାରେ
ମରମ ପୀଡ଼ା ଥିବ ତାଙ୍କର ମାର
ମୋହେ ପଡ଼ିଣ ଥିବ ଯୁବକ୍ଷବର ରେ । ୨୫ ।

ଯାମିନୀ ଅର୍ଦ୍ଧେ ବନେ ସୁବେଶ ହୋଇ
ଯତନେ ପାଶେ ଆସେ ଜଳଜମୁହିଁ ରେ
ଜଳଜ କୁନ୍ଦ ଦେଖି ଚକିତ ହେଲି
ଜୀବନ ଧନ ଘନ ରୁହା ବୋଇଲିରେ । ୨୬ ।

ରସବନ୍ତର ରସ ଗର୍ଭ ବଚନ,
ରହ ଜାଣିଣ କୋଳ କଲି ବହନରେ
ରହସ୍ୟ ରସକେଳି ପ୍ରକାଶ କଲି
ରତିପତି ଖ୍ୟାତିକି ମନୁ ଠେଳିଲିରେ । ୨୭ ।

Source: KC Dash, Digitized by PPRACHIN, SOA

ଲଳନାମଣି ରତି ରସେ ମଜ୍ଜିଲ
        ଲାବଣ୍ୟନିଧି ମୁଖ ବୃତେ ଚୁମ୍ବିଲରେ
ଲକ୍ଷ୍ୟ ନୃହଇ ରତି ରତିଏ ତାକୁ
        ଲକ୍ଷ୍ୟ କରିବା କିସ ଗୁରୁ ଅଙ୍ଗକୁ ରେ । ୨୮ ।

ବିଧାତା ଗୁଣିବାକୁ କଲା ଏସନ
        ବାନ୍ଧବୀ ସଙ୍ଗ ଯେଣୁ ହୋଇଲା ଆନରେ,
ବନ୍ଦନ ଘନ ଧନ ଘ୍ରମୁକୁ ସିବୁ,
        ବିସ୍ତାର କରି ମୋ ସନ୍ଦେଶ କହିବୁ ରେ । ୨୯ ।

ଶାତକୁମ୍ଭବରଣୀ ଆତୁରି ବଦନେ
    ସାନ୍ଧ୍ୟକ୍ୟ (ସାତ୍ତ୍ୱିକ) ଭରେ ଯେ ଭିଡ଼ିଲା ସଘନେରେ,
ସୁଧାକରବଦନୀ ବର ତରୁଣୀ
        ସ୍ନେହେ ଚୁମ୍ବନ ଦେଲା ଅଧରେ ଆଣିରେ । ୩୦ ।

ସୁନ୍ଦରୀ ମଣିକୁ ମୁଁ ହୃଦେ ଲଗାଇ
        ସିତ୍କାର କଲା ତନୁ ସୁରତ ଦେଇରେ,
ସୁନ୍ଦର ନେତ୍ର ନେତ୍ର ମୁଦ୍ରିତ କରି
        ସୁନ୍ଦରୀ ହୃଦେ ଗଲା ରସରେ ଜଡରେ । ୩୧ ।

ସୁଧାକରରେ ଆଉ ବଦନେ ପଲଙ୍କେ
        ସୁରତ ଆଶେ ଧରି ବସାଇ ଅଙ୍କେରେ
ସୁଧାହାସୀ ଜାଣିଣ ମୁଖ ପୋଡିଲା
        ସଫରୀ ନେତ୍ର ତ୍ରିଜ ମନ୍ଦେ ହସିଲାରେ । ୩୨ ।

ହରଷ ହୋଇ ଗାଢ଼େ ଆଶ୍ଳେଷ କଲି
        ହରିଣୀଙ୍କୁ ଭୟେ ମନୁ ତେଜିଲି ରେ ,
ହରିଣ ନେତ୍ରୀ ରସ ସାଗରେ ବୁଡ଼ି,
        ହରାଇ ଜ୍ଞାନ ଅଙ୍ଗେ ଗଲା ମୋ ଜଡ଼ରେ । ୩୩ ।

କ୍ଷୀଣଉଦରୀ ରସେ ଲୀଳା ବିଳାସ
        କ୍ଷଣ୍ଡେ ନୋହିବ ଯୋଷା ଲକ୍ଷେ ବରଷ ରେ,
କ୍ଷତ୍ରିୟ ଗୋବର୍ଦ୍ଧନ ସିଂହ କହଇ
        କ୍ଷୀଣୋଦରୀଙ୍କୁ ମେଘ କହିବୁ ଯାଇରେ । ୩୪ ।

Source: KC Dash, Digitized by PPRACHIN, SOA

ହନୁମାନ ଚଉତିଶା

କହେ ହନୁମାନ ଶୁଣ ହୋ ରାବଣ
ରାମ ପେଷିଛନ୍ତି ମୋତେ,
କହିଛନ୍ତି ଯାହା ଶୁଣ ବିଂଶବାହା
ମୁଁ ତାହା କହଇ ତୋତେ, ହୋ ରାବଣ !
କଲୁ ଯେବେ ତୁହି ଦୋଷ
କଲେ ଦୋଷ କ୍ଷମା ଦିଅ ତାଙ୍କ ବାମା
ତୋ ବଂଶ କରନା ନାଶ ହୋ ।୧।

ଖଣ୍ଡାଧର ପୁତ୍ର ତୋର ଇନ୍ଦ୍ରଜିତ
ଭାଇ କୁମ୍ଭକର୍ଣ୍ଣ ଥିଲା,
ଖଡ଼ଗ ଧରନ୍ତେ ମେଦିନୀ କମ୍ପଇ
ସେହି ରାମ ବାଣେ ମଲା, ହୋ ରାବଣ !
ଖସିଲେ ପୁତ୍ର ପୃଥ୍ୱୀ
ଖଟିଛନ୍ତି ତୋତେ ଦେବତା ସମସ୍ତେ
ଏତେ ସମ୍ପଦ ନ ହର ହୋ ।୨।

ଗଡ଼ ଏକ ତୋର ସମୁଦ୍ର ମଧ୍ୟରେ
ଅଜୟେ ଭୁବନ ଲଙ୍କା,
ଗମିବାକୁ କେହି ସମର୍ଥ ନୁହନ୍ତି
ଯମ ଦେଖି କରେ ଶଙ୍କା, ହୋ ରାବଣ !
ଗଜପତି କଲ ଭୟେ,
ଗମ୍ଭୀର ସମୁଦ୍ରେ ସେତୁ ବନ୍ଧ ବାନ୍ଧି
ରାମ କରୁଛନ୍ତି ଜୟେ ହୋ ।୩।

ଘେନ ଏ ଶ୍ରୀମୁଖ ଶ୍ରୀରାମଙ୍କ ଲେଖ
ପାଏଡ଼ ପାଡ ବଦନ
ଘର ବାହାରେ ତୋ ଯେତେ ଜନ ଛନ୍ତି
ଶ୍ରୀମୁଖକୁ କର ମାନ, ହୋ ରାବଣ !
ଘେନ ସଙ୍ଗେ ରାଣୀଗଣ,
ଘେନାଇ ତାହାଙ୍କୁ ସମର୍ପି ରାମଙ୍କୁ
ସେ ପାଦେ ପଶ ଶରଣ ।୪।

Source: KC Dash, Digitized by PPRACHIN, SOA

ନପାଶ ନଶରେ   ପେଶିଅଛୁ ମୋତେ
ତୋତେ ବୋଧିବାର ପାଇଁ,
ନନ୍ଦା ବନ୍ଧା କର   କହିଲେ କି ଉର
ମୁଁ ବାଣ ବନ୍ଧବ ନାହିଁ, ରେ ବାନର !
ନଷ୍ଟଯୁ ଅଟଇ ମୁହିଁ
ନାହିଁ ମୋର ଚିନ୍ତା   ମଲେ ଇନ୍ଦ୍ରଜିତା
କେତେ ପୁଅ ନାତି ନାହିଁ ରେ ।୫।

ଚଉଦ ଭୁବନେ   ଯେତେ ଛନ୍ତି ଜନେ
ମୋର ଆଜ୍ଞାକାରୀ ହୋଇ,
ଚମକ ପଡ଼ଇ   ମୁଁ ଖଣ୍ଡା ଧଇଲେ
ଯନ୍ତର କହୁ ବଢ଼ାଇ, ରେ ବାନର !
ଚେତାଇ କହିବ କେତେ
ଚତୁର୍ମୁଖ ବ୍ରହ୍ମା   ବର ଦେଇଛନ୍ତି
ସହସ୍ର ନକାଟେ ମୋତେ ରେ ।୬।

ଛଣେ ହୋ ନରଣ   ଯାଅ ଯା ପଳାଇ
ଥିଲେ ମରିବୁ ମୋ ବାଣେ,
ଛନ୍ଦିବର ହୋଇ   ମୋତେ ସମ ନାହିଁ
କେ ବର୍ତ୍ତିବ ମୋର ରଣେ, ହୋ ବାନର !
ଛୟୀ ବୀରବର ମୁହିଁ,
ଛିତିରେ ଜନ୍ମିଛି   ଭୋଗ ବିଳାସକୁ
ଏହା ତୁ ବଗୁର ନାହିଁ ରେ ।୭।

ଜୀବନର ଯେବେ   ଆଶା ଅଛୁ ତୋର
ପଳାଇ ଯାଅ ଯା ବେଗେ,
ଜାନକୀର ଆଶ   ଗୁଡ଼ଯା ମୁହାଁସ
କହ ତୋର ରାମ ଆଗେ, ହୋ ବାନର !
ଯମପୁରକୁ ଆସିଛୁ,
ଜୀବନ ଥେନଣ   ପଳାଇଣ ଯାଅ
କେତେ ବଡ଼ାଇ କରୁଛୁ ହୋ ।୮।

ସହସ୍ର—ଶସ୍ତ୍ର ।

Source: KC Dash, Digitized by PPRACHIN, SOA

ଝଗଡ଼ ଲାବନ ତୋର ଦଶାନନ
ଆପେ ଆପେ କରୁ ଟାଣ,
ଝାଡ଼ର ମୁଁ କପି ନପାରିଲୁ ଠେକି
ରାମ ସଙ୍ଗେ ଇଚ୍ଛୁ ରଣ; ହେ ରାବଣ !
ଝଗଡ଼ା ଜାଣୁ ତୁ ମୋର
ଝିଙ୍କି କେତେ ସୈନ୍ୟ ଅକ୍ଷୟ ମାରିଲି
ପୋଡ଼ିଗଲି ଲଙ୍କାପୁର ହେ ।୯।

ନର ନାରାୟଣ ଏଥି ହେ ରାବଣ
ଦଶରଥ ଜ୍ୟେଷ୍ଠ ସୁତ,
ନୃପତିଙ୍କ ରାଣୀ ଅଭିଷେକ ଶୁଣି
କୂଟେ କରାଇଲେ ସତ୍ୟ, ହେ ରାବଣ !
ନଷ୍ଟେ ଚଉଦ ବରଷ
ନସୂମ କରଣ ରାମ ଲକ୍ଷ୍ମଣ
ସୀତା ଘେନ ବନବାସ ହେ ।୧୦।

ଟାକ ସୂର୍ପଣଖା ବନେ ପାଦ ଦେଖା
ପାଦ ଖୋଜ ଠାବ କଲା,
ଟଳିଲା ରାକ୍ଷସୀ ଦେଖି ରୂପରାଶି
ମୋହିନୀ ରୂପ ଧଇଲା, ହେ ରାବଣ !
ଟାଣି ମାଗନ୍ତେ ଶରଣ
ଟାଣ ପଣ ଦେଖି ଲକ୍ଷଣ ନସହି
ଛେଦିଲେ ନାସା ଶ୍ରବଣ ହେ ।୧୧।

ଠେକଲା କାରଣ ଖର ଏ ଦୂଷଣ
ତ୍ରିଶିର ସଙ୍ଗତେ ଯାଇ,
ଠରା ଠରି ହୋଇ ବେଗେ ଗଲେ ଧାଇଁ
ରାମ ବାଣେ ମଲେ ସେହି, ହେ ରାବଣ !
ଠିକ କହିଲି ମୁଁ ତୋତେ
ଠକପଣ କରି ଆଣିଛୁ ଜାନକୀ
ଠାବ ନାହିଁରେ ଜଗତେ ହେ ।୧୨।

Source: KC Dash, Digitized by PPRACHIN, SOA

ତରେ ଭସ୍ମେ ତୁଁ ଯେ   କଣ୍ଟକ ନ ଯାଇ
ମାରଚକୁ କଲୁ ମୃଗ
ତୋଳେ ଦେଖି ରାମ   ମୃଗ ମାରଗଲେ
ଛଳିର ନୋହେ ଏ ଯୋଗ୍ୟ ହୋ ରାବଣ !
ଡାକଲୁ ଭିଖାରୀ ହୋଇ
ତକାଇଛ ପଣ   ଚୋହର ରାବଣ
ଆଣିଲୁ ସୀତା ଗୃହଛ ହୋ । ୧୩ ।

ଥାଳେ ଯଦ୍ଧ ରାମ   ନୋହେଛନ୍ତି ସମ
ସଂଗ୍ରାମେ ଜଣିଛୁ ରାମ
ଥାଳଲ୍ କମ୍ପାଇ   ମୃଗ ବେଢ଼ା ନେଇ
ଷତ୍ରିର ନୋହେ ଏ ଧର୍ମ ହୋ ରାବଣ !
ଥାଇଥାନ୍ତେ ମୁଣ୍ଡ ତୋର
ଥମପଣ ଗ୍ରୀଡ   ରାମପାଦେ ପଡ଼
ରକ୍ଷାହେଉ ଲଙ୍କାପୁର ହେ । ୧୪ ।

ଆଣିଅଛୁ ସୀତା   ଜନକ ଦୁହିତା
ପରମ ଲକ୍ଷ୍ମୀରେ ବାଇ,
ଅଣ ହେତୁ ତୋର   ମରବୁ ଅସୁର
ବିଷ ଖାଇ କେ ବଞ୍ଚଇ ରେ ରାବଣ !
ଅନ୍ୟାୟୁ ନ ସହେ ଧର୍ମ
ଆପୁତ୍ର ନହଇ   ହେଜ ମୃତ୍ୟୁ ହୋଇ
ନନ୍ଦି ଲଭ୍ୟଅଛୁ କର୍ମ ହୋ । ୧୫ ।

ତୋର ଦଶ ମୌଳି   କାଟେ ଜାକ ବାଳି
ଗୃଦ୍ଧଦଳଗ ସନ୍ଧ୍ୟା କାଳ
ତେତେଡ଼େ ମହାବୀର   ଜାଣୁ ତୁ ଅସୁର
ଏକା ବାଣକରେ ମଲ୍ଲ ହୋ ରାବଣ !
ତୁ କେଉଁ ଛନି ବୋଲଉ
ତନନ୍ଦେଲେକେ   ଏକା ରାମ ଯେ ଛନି
କହିଲେ ତ୍ରୁଟେ ନ ଯାଉ । ୧୬ ।

ଥାଇଥାନ୍ତେ—ତୋ କର ଫଟାଇଥା'ନ୍ତେ

Source: KC Dash, Digitized by PPRACHIN, SOA

ଥିଲେ ପର୍ଶୁରାମ   ଛତ୍ରିଙ୍କର ଯମ
ତୁ ତାହା ତ ଭଲେ ଜାଣୁ
ଥଟାଲୁ ଯେ ରଣେ   ପର୍ଶୁରାମ ବାଣେ
ହସ୍ତରୁ ଥୋଇଲୁ ଧନୁ ହୋ ରାବଣ !
ଥିଲେ ଛତ୍ରିମାନେ ଏତେ
ଥିଲେ ଛତ୍ରି ଏତେ   ଭୁଞ୍ଜି ଅବା କେତେ
ରାମ ଜିଣିଲେ ତା ହେଳେ । ୧୭ ।

ଦୁନ୍ଦୁଭିର ହାଡ଼   ମେରୁଠାରୁ ବଡ଼
ରାମ ପାଦେ ଫିଙ୍ଗିଦେଲେ,
ଦୁର୍ଗ ମହାମେରୁ   ସପ୍ତଶାଳ ତରୁ
ଏକା ବାଣକେ ଛେଦିଲେ ହୋ ରାବଣ !
ଦୃଷ୍ଟିରେ ଦେଖିଛୁ ମୁହିଁ
ଦଇତ ଦଳନ   ମନଭେଦୀ ବାଣ
ପଞ୍ଚବାଣ ତୋର ନାହିଁ । ୧୮ ।

ଧରିଣ କୋଦଣ୍ଡ   କହଇ ରାବଣ
ସେ ଯେବେ ଏତେ ସମର୍ଥ
ଧରିଣ କମାଣ   ମନଭେଦୀ ବାଣ
କି କେ ନ ଛେଦେ ମୋ ମାଥରେ ବାନର !
ଧୂରକୁ କେ ଆସିଛି,
ଧିକ ଜୀବନ ତୋ   ନଭଣ୍ଡ ମୋ ଆଗ
ଯାଅ ଯା ଜାନକୀ ମୂର୍ଚ୍ଛି ହୋ । ୧୯ ।

ନଶେ ହାତ ଭର   କହଇ ରାବଣ
ତୁ ଘୁର କପି ବାନର
ନଲଜ୍ଜରେ ଭୁଞ୍ଜି   ମୁଖେ ଲଜ ନାହିଁ
ବଢ଼ାଇ କହୁ ରାମର ହୋ ବାନର !
ନଷ୍ଟେ ଯେବେ ଜଗଜିତା
ନୟୂମ ମୋହର   କରିବ ସମର
ମୋତେ ମାରି ନେଉ ସୀତା । ୨୦ ।

ମୌଳ—ମୁଣ୍ଡ ;

Source: KC Dash, Digitized by PPRACHIN, SOA

ପଶିଲି ଶରଣ   ଭାଇ ବିଭୀଷଣ
ମୋର ସଙ୍ଗ କଲି ତେଜ୍ୟା
ପରସାଦ ପାଇ   ଅଭିଷେକ ହୋଇ
ଲଙ୍କାରେ ହୋଇବ ରଜା ହେ ବାନର !
ପୁଣ ପୁତ୍ରର ମରଇ
ପାଞ୍ଚ ଅଣ୍ଟି ନଚେ୍ୟ   ରାମର ସଙ୍ଗତେ
ଛେଦ ଭେଦ କଥା କହୁରେ ।୨୧।

ଫଣା ଟେକି କରି   ଧଣ୍ଡି ରଣା ଅଛୁ
ଏହା କଲି ବିଭୀଷଣ,
ଫୁଲାଇ ରାମକୁ   ଆଣୁଛୁ ଲଙ୍କାକୁ
ବୁଦ୍ଧି ଭରସା ଦେଇଣ, ହେ ବାନର !
ଫୁଲାଇ କହୁଛୁ କେତେ,
ଫୁଲି ବୋଲି କରି   ଆସୁଛ ନଜାଣି
ଫେରିଯାଅ ଯା ତୁରିତେ ।୨୨।

ବୋଲେ ହନୁମନ୍ତ   ଏ ତୋର ନଯୁଚ
ସୀତା ହରଣେ ତୋ ମୃତ୍ୟୁ,
ବେଳେ ବେଳେ ରାମ   ଧର୍ମକୁ ଜଣିଲେ
ତେବେ ନପଶିଲି ହେତୁ, ହେ ରାବଣ !
ବୋଲି ହନୁମନ୍ତ ଉଠି,
ବଡ଼ କୋପଭରେ   ଶୂନ୍ୟକୁ ଉଠିଲା
ଶ୍ରୀରାମଙ୍କୁ ଯାଇ ଭେଟି ।୨୩।

ଭବାନୀ ବୋଲନ୍ତି   ଶୁଣ ହେ ମହେଶ
ଫେରିଗଲା ହନୁମନ୍ତ,
ଭେଟିଲାକ ଯାଇ   ଜନକର ଝିଅ
ବ୍ୟାକୁଳ ହେଉଛି ଚିତ୍ତ, ହେ ମହେଶ !
ଭ୍ରାତା ବିଚ୍ଛେଦେଣ ସୀତା
ଝଳ ଝଳ ନଚେ୍ୟ   ହୃଦୟୁ କାତର
ସ୍ୱାମୀ ପାଦେ ନଚେ୍ୟ ଚିନ୍ତା ।୨୪।

Source: KC Dash, Digitized by PPRACHIN, SOA

ମହେଶ ବୋଲନ୍ତି ଶୁଣ ଗୋ ପାର୍ବତି
ହନୁ କହିଲା ବାରତା,
ମେରୁ ଉହାଡେ଼ ରବି ଅସ୍ତ ଗଲେ
ପୁରେ ହଜେ ଦଶମଥା, ଗୋ ଭବାନି !
ମଣୋହ୍ବ ସାରଣ ବସି
ମନ୍ଦୋଦରୀ ଘେନ ଆସି ସର୍ବ ରାଣୀ
ଗୋଷ୍ଠୀ କଲେ ସର୍ବେ ବସି ।୨୫।

ଯେବେ ନୃପମଣି ଶୁଣ ଆମ୍ଭ ବାଣୀ
ପୁତ୍ର ମଲେ ନାହିଁ ଚିନ୍ତା,
ଯେବେ ତୁମ୍ଭେ ଥିବ କାଳି ପୁତ୍ର ହେବ
କାଳ ଆମ୍ଭର ଯେ ସୀତା, ହେ ନୃପତି !
ଜାନକୀକି ଫେରି ଦେବା
ଯାଉ ଜଟାଧାରୀ କଣ୍ଟକ ଆମ୍ଭରି
ନିଶ୍ଚିନ୍ତ ହୋଇ ରହିବା ।୨୬।

ରାଣୀ ବୋଲ ଶୁଣି ବୋଲେ ଲଙ୍କମଣି
କାଲି ମାରିବି ପତିକି,
ରଜନୀ ପାହିଲେ ସଂଗ୍ରାମ ଠା' ତୁଲେ
କମ୍ପାଇ ଦେବି ଜାନକୀ, ଗୋ ରାଣୀ
ଯମ ମାରି ମୋତେ ନେଉ
ରହିବ କୀରତି ଯୁଗେ ଯୁଗେ ଖ୍ୟାତି
ନୋହିଲେ ଅବା ପଳାଉ ।୨୭।

ଲଙ୍କାପୁରେ ଗୋଳ ଶୁଭିଲା ଚହଳ
ରଜନୀ ପାହିଣ ଗଲା
ଲଙ୍କପତି ସଜ ହୋଇଲା ଯେ ତେଜ
ପୁଷ୍ପକ ଯାନେ ବସିଲା, ହେ ନୃପତି !
ଲକ୍ଷପତି ସେନା ଘେନ
ଲଙ୍କାରୁ ଅସୁର ହୋଇଲେ ବାହାର
ରଥୀ ପଦାତି ସଇନ ହେ । ୨୮ ।

Source: KC Dash, Digitized by PPRACHIN, SOA

ବେଗେ ବେଗେ ଚଳ ଶ୍ରୀରାମଙ୍କ ବଳ
ଆଗେ ଉଗାଳିଲେ ତାଙ୍କୁ
ବେଗ ବେଗ ହୋଇ ଆଗେ ଗଲେ ଧାଇଁ
ବାରତା ଦେଲେ ରାମଙ୍କୁ ସେ ବୀର !
ବନ୍ଧନ ସାଜିଲେ ଆଠ,
ନଳ ନୀଳ ଆଦି ଜମ୍ବେବ ସହିତେ
ଚତୁର୍ଭାଗ କରି ବାଣ୍ଟି । ୨୯ ।

ଶ୍ରୀରାମ ସମ୍ମୁଖରେ ମାତଳି ମିଳିଲା
ଘେନି ନନ୍ଦିଘୋଷ ରଥ,
ଶ୍ରୀକରେ କୋଦଣ୍ଡ ଯେହ୍ନେ ମହାପ୍ରଭୁ
ବିଜେ କଲେ ଜଗନ୍ନାଥ, ହୋ ରଣରେ
ଶ୍ରୀରାମ ଚଳାଇ ଗଲେ,
ସୀତା ଛଳେ ରାମ ରାବଣେ ସଂଗ୍ରାମ
କରୁଛନ୍ତି କୁତୁହଳେ ସେ ।୩୦।

ସଙ୍ଗେ ସେନାପତି ରଥୀଏ ପଦାତି
ସମସ୍ତେ କରନ୍ତି ରଣ,
ସଂଗ୍ରାମେ ଛେଦିଲେ ଯେତେ ପୁତ୍ର ନାତି
ଏକା ବୀର ଲକ୍ଷ୍ମଣ, ସେ ରଥରେ !
ଶିର କାଟନ୍ତେ ନାଚଇ
ସବୁ ବ୍ରହ୍ମଶର ପେଷି କାଟି ଶିର
ଶୂନ୍ୟରେ ଦେଲା ଉଡ଼ାଇ ସେ ।୩୧।

ଶୁଭିଲା ଶବଦ ପୁତ୍ର ନାତି ବଧ
ରାବଣ ହୋଇଲା ହତ,
ଶୁଣି ରାଣୀମାନେ ଗୁଣ ବାହୁନିଲେ
ଶୋକ କଲେ ଅପ୍ରମିତ, ସେ ରାଣୀ !
ଶୋକ ସଂହାରିଲେ ଭସ୍ମେ,
ସୀତା କଷ୍ଟ ଦେଖି ସ୍ୱାମୀଙ୍କୁ ଉପେକ୍ଷି
ବିଭୀଷଣଙ୍କୁ ସଦୟେ ସେ ।୩୨।

Source: KC Dash, Digitized by PPRACHIN, SOA

ହରଷେ ଶ୍ରୀରାମ   ଗଡ଼େ ବିଭୀଷଣ
ଲୋକ ପେଷି ରାଜା କଲେ,
ହକରାଇ ଆଣି   ରାଣୀ ମନ୍ଦୋଦରୀ
ଅଭିଷେକ କରାଇଲେ, ରାଣୀ ହରଷ
ହାନ୍ଦୋଳା ଚଳାଇ ଗଲେ,
ହାନ୍ଦୋଳା ଚଳାଇ   ଯାଇ ରାଣୀମାନେ
ସୀତା ବରଜନ କଲେ ।୩୩।

ଝଲଝଲ ମୁଖ   ଦେଖି ସୀତା ଦୁଃଖ
ଶ୍ରୀରାମ ଧଇଲେ କୋଳେ,
ଝୁଡ଼ି ରୁ ବମନ   ଢିଅ ରୁ ଚୁମ୍ବନ
ଶ୍ରୀରାମ ବୋଲନ୍ତି ଡାକେ, ସେ ସୀତା !
ଷଣେ ଗୃହାନ୍ତୁ ଗୋ ଭୋଳେ,
କ୍ଷୁଦ୍ର ରସାନନ୍ଦ   ଶରଣ ମାଗନ୍ତି
ଶ୍ରୀପଦ୍ମଚରଣ ତଳେ । ୩୪ ।

Source: KC Dash, Digitized by PPRACHIN, SOA

ବର୍ଷାଭାବନା ଚଉତିଶା

(ରାଗ—ବଙ୍ଗଳାଶ୍ରୀ)

କଉଁ ପୁରୁଷ   କାର୍ଯ୍ୟ ଗଉରବରେ
କରି ବିଦେଶେ ନିବାସ,
କ୍ରମେ କାଟିଦିନ   ଅବଶେଷ ଅନ୍ତେ
ପ୍ରବେଶ ଆଷାଢ଼ ମାସ,
କାଳିକା କୁଶଳ—   କଳା ହୋଇ ଆସି
ଆକାଶେ ଉଦେ ହୋଇଲା,
କୋମଳ ରବେ   ଗୁରୁ ଗଭୀର ହୋଇ
ଘନ ଘୋଷ ହିଁ ଶୁଭିଲା ।୧।

ଖଣକେ ଖମଣ୍ଡଳ   ଯାକ ପୂରିଲା
ଅନ୍ଧାର ଦିଶିଲା ଦିଶ,
ଖମଣ୍ଡଳେ ଅଛି   ନିବିଡ଼ ହୋଇ ସେ,
ଗିଳିଲେ ଗିରି ଶିରୀଷ,
କ୍ଷଣ କ୍ଷଣକେ   ମହା ଘୋର ଗର୍ଜନ
କ୍ରମ କ୍ରମେ ବଢ଼ାଇଲେ,
କ୍ଷଣକାନ୍ତିମାନେ   ମେଘ ଆଲିଙ୍ଗନେ
ଆକାଶଯାକ ପୂରିଲେ ।୨।

ଗଭୀର ଗୁରୁ   ଗରଜନ ଶୁଣି ସେ
ଆକାଶ ଗୃହିଁ ପୁରୁଷ,
ଗନ୍ଧର୍ବସତ୍ତ୍ୱା   ଗଇରିକ ଗୋସ୍ୱାକ
ଶୁଣି ତେଜଇ ନିଶ୍ୱାସ,
ଗଜଗମନା !   ଆରେ ପୃଥୁଜଘନା
ଏତେ ବୋଲି ମୋହ ଗଲା,
ଗଙ୍ଗାଧର ରିପୁ   ଏହି ସମୟରେ
ପୁଣି ସଜାଡ଼ି ବନ୍ଧିଲା ।୩।

ଗଙ୍ଗାଧର ରିପୁ—କାମଦେବ

Source: KC Dash, Digitized by PPRACHIN, SOA

ଘଣ୍ଟ ଦୁଇ ଅନ୍ତେ ବିଧାତାବଶରେ
ଜ୍ଞାନ ହୋଇଲି ପ୍ରବେଶ,
ଘନଘଟା ବୃହ୍ନିଁ ଘନସ୍ତନ ! ବୋଲି
ପୁଣି ଛେଡ଼ିଲି ନିଶ୍ୱାସ,
ଘେନିମି ଯେବେ ସୁଧାଂଶୁମୁଖୀ ଗୁଣ
ପ୍ରାଣ ଏହିକ୍ଷଣି ଯିବ,
ଘନ ଜଘନୀକି ଏ ମୋର ବିନୟ
ବଚନ କେହୁ କହିବ ।୪।

ଙାଳକଣ୍ଠ ଶନ୍ତା କରି ନାଗସ୍ୱୀକ
ଲେଖିଲି ପ୍ରେମ ପତ୍ରିକା,
ଙାଳେନ୍ଦୀବର- ମୀନ-ମୃଗ-ଲୋଚନା
ମୋ ମନକୁଳ ପାଳିକା,
ନାହିଁ ମୁଁ ତୋ ପାଶେ କେମନ୍ତ କରିରେ
ନେଉଥିବୁ ଦିନମାନ,
ନିଶ୍ୱାସେ ତୋ ବିନୁ ଏ ପ୍ରାଣ ରହିଛି
ଏହି ମୋର ଜ୍ଞାନମାନ ।୫।

ଚନ୍ଦ୍ର ବଦନୀ ! ଆରେ ଭ୍ରମରକେଶୀ
ଚଞ୍ଚଳାୟତ ଲୋଚନା,
ଚରଣ ପଶଗୁର ପାଇଁ ଚତୁସ୍ତ
ସହିବୁ କାମ ବେଦନା,
କଟୁ ବଚନେ ଏମନ୍ତ କହୁଥାଉ
କାହୁଁ ଆଣିମି ଭିଆଇ,
ଚତୁରମଣି ଗୁଟୁ କରି କହଇ;
ତେମନ୍ତ ବଚନ ନାହିଁ ।୬।

କ୍ଷୀଣୋଦରୀ ପ୍ରିୟା ଚଞ୍ଚଳ ନୟନା
କୋଣେ ଯେ, ମୋତେ ଅନାଉ,
କ୍ଷଣକ ଭିତରେ ପ୍ରାଣକୁ ଅନେକ
ଅମୃତ ସ୍ନାନ କରାଉ

Source: KC Dash, Digitized by PPRACHIN, SOA

ଛୁଡ଼ ସେ କୁଞ୍ଚିତ   ମଧୁର ଅପାଙ୍ଗ
        ପ୍ରାଣ କେମନ୍ତେ ଧରିବା
ଛୁର ଜୀବନକୁ   ମୋହୋ ଦେହେ ଧାତା
        କମ୍ପା ରଖିଅଛୁ ଅବା । ୭ ।

ଜାଣିଟିକ ନୀଳ—   ମଣି ଜଳଜାକ୍ଷି
        ଯାମିନୀ ଶେଷରେ ଦିନେ
ଯତନେ ଆଣି ସେ   ଶତ୍ରୁଅଣ ଦନ୍ତ
        ଦେଲୁ ସେ ମୋର ବଦନେ
ଜାଣି ନ ପାରି ସେ   ଆଲିଙ୍ଗନ କରି
        ପଚ୍ଛିଲୁ ଚନ୍ଦ୍ରମୁହାଁ !
ଯାହା କହି ଅଛୁ   ମନରୁ ମୋହୋର
        ଷଣେ ଛୁଡ଼ ଯାଉନାହିଁ । ୮ ।

ଝୀନ ବସନେ ସେ   ଫୁଟି କରି ଦିଶେ
        ମହାଘନ ଉଚ୍ଚ ସ୍ତନ
ଝରୁ ସେ ଥାଇ   ମଧୁର ହାସ ସୁଧା
        ଦେଖିବ ପୁଣି ନୟନ
ଝଷକହାସୀ   ଶ୍ରୀ ମୁଖକୁ ଚାହିଁବା
        ଯାଏ ଥାଉ ପ୍ରାଣ ରହି
ଝଷକେତନ   ବିଧାତାକୁ ସୁଶ୍ରୋଣୀ
        ଏହି ବର ମୁଁ ମାଗଇ । ୯ ।

ନାହିଁ ମୋହୋର   ମନେ ଆନ ବିଚାର
        ଉଇଁମ ସେ ନବଘନ
ଞାରଜନୟନା   ଯୋଗେ ଅନାଇଲେ
        କଷ୍ଟେ ଧରିବୁ ଜୀବନ
ନୟନେ ଞାର—   ଧାର ଚାହିଁ ଚତୁସି
        ଆଲିଙ୍ଗନ ଚୁଣ୍ଡେ କରି
ଞାପ ପୁଷ୍ପପ୍ରାୟେ   ଶରୀର କରୁ ରେ
        ମୋ ନୟନ ମନୋହାରୀ ! । ୧୦ ।

Source: KC Dash, Digitized by PPRACHIN, SOA

ଟଳିଲ୍ ଏବେ ସେ କଥା କଉଁ ଆଡ଼େ
ଟଳିବାକୁ ଅଛୁ ପ୍ରାଣ
ଟାଣ କଟାକ୍ଷରେ ସେ ସ୍ନେହମାନ
ହୋଇଲ୍ ଏହି କାରଣ ।
ଟିକାଏ ଯେ ମୋର ଅନ୍ତର ନ ସହୁ
କି କରୁଥିବୁ ସୁକେଶୀ !
ଟେକ ପୁଣ୍ୟ ଥିଲେ ତୋର ପାଦ ତଳେ
ବସି ପୁହାଇବ ନିଶି ।୧୧।

ଠ ଠଣା କର ମୋତେ ମନ ଚରିତ
କେବା କହୁଛି ଏ କଥା,
ଠାକୁରାଣୀ ହୋଇ ଚିବୁକ ଧରି ଯେ
ଛଡ଼ାଉ ମନର ବ୍ୟଥା,
ଠିକେ କହୁଛି ମୋତେ ମନ ବ୍ୟଥାକୁ
ତୋହ ବଚନ କାରଣ
ଠଣ ଜଘନ ସ୍ଥିର ଚୁମ୍ବନ ଦାନେ
କିଣିଛୁ ମୋର ଜୀବନ ।୧୨।

ଡାଳିମ୍ବ ବୀଜ ଦଶନ ବସ୍ତରେଖା
ବିମ୍ବାଧଷ୍ଟ ସୁକୁନ୍ତଳା
ଡାକ ଏମନ୍ତ କହୁ ଅଛୁ ତୁ ମୋର
କଣ୍ଠର ମୁକୁତା ମାଳା,
ଡମ୍ବରୁ-କର କରିବେ କଉଁ ଦିନ
ଦେଖିବ ଯାଇ ବଦନ
ଡର ଗୁଡ଼ିକ ମନସିଜ-ଚାପକୁ
ପଡିବ ଦେବ ନୟନ ।୧୩।

ଢୋକଇ ପୁଣି ସେ ଅଧରୁ ଅନଙ୍ଗ
ଅଙ୍କ-ବିକ୍ଷତର ସୁଧା
ଢାଳେ ହେଁ ଏତେ ବେଦନା ନାଶିଯିବ
ଯାଇବୁ ମୋତେ ଶରଧା,
ଢାଳ ସ୍ୱଦାଣି ପୁଣି ପୁଣି ରହିଁବ
ଆନନ୍ଦ ସାଗରେ ବୁଡ଼ି
ଢଳିଲ ପ୍ରାଣକୁ ପୁଣି ଜୁହାଇବ
ସମସ୍ତ ସଂଶୟ ଛୁଡ଼ି ।୧୪।

Source: KC Dash, Digitized by PPRACHIN, SOA

ଅଣି ନର ଯେ ବନେହେଁ ନ ଶୁଆଇ
ହୃଦର ଉପର ଵନା
ଏଣୀ ନୟନା ଦଣ୍ଡକ କ୍ଷଣ ଅନ୍ତେ
ଘେନୁ ଯେ ମୋହୋ ବେଦନା,
ଏଣେ ଏଢେ ଏଢେ ବେଦନା ମୋହୋର
କେ ଦେଖୁ ଅଛୁ ଶୁଣୁଛୁ
ଅଣୁମଧ୍ୟା ଏହା ଲେଖି ଦେଇ କରି
ପ୍ରାଣ ରୁନ୍ଧାଅ ମୃଗାକ୍ଷି ।୧୫।

ତୋର ସେ ବପୁକୁ ସ୍ତନଗିରି ଶିରେ
ପୁଣି ମୋ କର ଲଗିବ
ତରଳ ନୟନା ଏମନ୍ତ ଉତ୍ସବ
ବିଧାତା କେବେ କରିବ,
ତୁ ପୁଣି ମୋତେ ପୁରୁବ ଘଷ କରି
ଦେଖି ଆସନୁ ଉଠିବୁ
ତାର ତନ୍ତ ଭଙ୍ଗ ତୋୟଜ ଚରଣେ
ମନ୍ଦ ଗାଗ୍ରେଟି ଆସିବୁ ।୧୬।

ଥାଅ ଥାଅ ବୋଲି ଥର ଥର ହୋଇ
ଆଲିଙ୍ଗନ ମୁଁ କରିବ
ଥିର କରି ନେଇ ପୃଥୁ ବେଣି ଶ୍ରୋଣୀ
ଏ ଜାନୁରେ ବସାଇବ ।
ଥୂଳ ବପୁକୁ— ପୟୋଧରୀ ମୋ ଓଷ୍ଠ
ଅଙ୍ଗୁଳି ଯେନ ଧରିବୁ
ସ୍ଥବର ଭାବେ ସ୍ଥିର କରି ଚୁମ୍ବନ
ମଧୁରେ ହସି କି ଦେବୁ,
ଦନ୍ତନାଶିନୀ ମୋ ନୟନେ ନୟନ
ମଧୁରେ ହସି କି ଦେବୁ ।୧୭।

ଦନ୍ତନାଶିନୀ ଗୋ ନୟନେ ନୟନ
ଦେଇ ସ୍ନେହେ ଗୃହୁଁଥିବୁ,
ଦୁଃଖନାଶିନୀ କାମେ ହୋଇ ଅଜ୍ଞାନ
ତନୁ କି ଚମକାଇବୁ,

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଦୁଃସହ ଏ ମୋର ବିଚ୍ଛେଦ ବେଦନା
ସାଗରୁ କି ଜଢରବୁ
ଦରହାସିନୀ ସେ ଜାନ୍ତି-କଳ-ନଖେ
ହୃଦୟରେ ଗାର ଦେବୁ ।୧୮।

ଧରି ମୁଁ ଅଛି ସେହି ଆଶେ ଜୀବନ
ପାଇବି ସେ ସୁଖମାନ
ଧୀରଗମନା ମୁଁ ଧଇଲେ କି ହେବ
ଯେବେ ରଖିବ ମଦନ ।
ଧରଣୀମଣ୍ଡନା ଧବଳ କିରଣ
ବଦନେ ହସି ଛୁଇଁବୁ
ଧାତା ଏମନ୍ତ କରିବ, ସ୍ନେହଗର୍ଭ
ବଚନ ହସି କହିବୁ ।୧୯।

ନଗୀନା ମୋହ ଗୁର ପାଇଁ ବେଦନା
ମାନ କେତେ ସହୁଥିବୁ
ନ ସହି କେତେ ବେଳେ ମୋହ ହୋଇବୁ
ଅବନୀ ତଳେ ଶୋଇବୁ
ନବ ଚନ୍ଦ୍ରମା ପ୍ରାୟେକ ଷୀଣ ହୋଇ
ଥିବୁରେ ହେମ ଗଉରୀ
ନିଃଶ୍ୱାସ ତେଜି ବୋଲିବୁ ଶିବ ତନୁ
ଜଳିବା ସହି ନପାରି ।୨୦।

ପ୍ରାଣପ୍ରିୟାର ଏ ଦୁଃଖ ସୁମରିବା—
ଠାରୁ ଭଲ ପ୍ରାଣ ଯିବା
ପାପୀ ଲୋକର କାମନା ସିଦ୍ଧ ନୋହେ
ଏହା ହିଁ କପାଁ ପାଇବା,
ପୁଣ୍ଡରୀକ ପତ୍ରାୟତ- ଲୋଚନା ରେ
ପୋଡ଼ି ଯେ ଅଛି ଏ ଦେହ
ପ୍ରଭାକର ଏହି କଥା ହୋଇଅଛି
ଷଣେ ଷଣେ ହୋଏ ମୋହ ।୨୧।

Source: KC Dash, Digitized by PPRACHIN, SOA

ଫୁଲ୍ଲାରବିନ୍ଦ— ବଦନୀ ଗୁରୁ ମୋର
ଫେଡ଼ୁଥିଲି ଏନ୍ତେ କର
ଫାଟି ଯା ବୋଲି ହୃଦରେ ମାରିବାର
ଫଳ ହୋଇଲି ଏହାର,
ଫିଟିବ ମୋର ପ୍ରାଣ ଥାଉ ଏ ଦୁଃଖ
ମନେ ଛ ଏ ଦୁଃଖ ନାହିଁ
ଫେଡ଼ି କହୁଛି ଏ ପ୍ରାଣ ପିଣ୍ଡୁ ଯିବ
ତୋର ଚନ୍ଦ୍ରମୁଖ ଚାହିଁ ।୨୨।

ବଧୂବଦନୀକି ବସାଇ କୋଳରେ
ପାନ ଭାଙ୍ଗି ଦେବା କଥା
ବେଳେ ବେଳେ ଆସି ମନରେ ପଡ଼ଇ
ଗୁଡ଼ଇ ମନର ବ୍ୟଥା ।
ବ୍ୟଥା ହିଁ ଗୁଣି କେତେବେଳେ କରଇ
ଏଣୁ ଏ ବଡ଼ ପ୍ରମାଦ
ବସନ୍ତ କୋକିଳ— ବଚନୀ ସତେ ହେ
ଛଡ଼ାଇବୁ ଏ ବିଷାଦ ।୨୩।

ଭବବନ୍ଧର ଭୂରି କାମ ମଦ୍ଧରେ
ଯେ କର ଲାଗିବା ମାତ୍ରେ
ଭାଜଇ ମନରୁ ସକଳ ବେଦନା
ଚେତନା ନଥାଇ ଗାତ୍ରେ
ଭାବିନୀ ତାହା ଜାଣି କରଜ ମୁନ
ଦେହେ ଦେଇ ଗ୍ୟାନ ଦେଉ
ଭାଜିଲି ପୁଣି ଚେତେ କ୍ରୀଡ଼ା ଆଉ ତା
ପାଇବି ଜୀବନ ଥାଉ ।୨୪।

ମନ୍ଦରନେତ୍ରୀକି ଆଗେ ଉଦ୍ଭାକର
ଚାହିଁବାକୁ ବଡ଼ ମନ
ମନ୍ଦ କଟାକ୍ଷୀ ତାହା ସହି ନପାରି
ମିଶି କରୁ ଆଲିଙ୍ଗନ ।

Source: KC Dash, Digitized by PPRACHIN, SOA

ମହା ଦୁଃଖ ନାଶ   ହୋଏ ଲୋଚନର
ଶୀତଳ ହୋଇଲ ତନୁ
ମନେ ହର୍ଷର ତ   ଏମନ୍ତ କାହିଁକି
କଣ୍ଠରେ ପ୍ରିୟା ସୁତନୁ ।୨୫।

ଯାମିନୀ ଯାକ   ଉଜାଗରେ ଥାଇ ସେ
ନିଶି ଶେଷେ ରଙ୍ଗ ଆକ୍ଷି
ଯିବକି ଜୀବନ   ଜନମ ବେଦନା
ଚନ୍ଦ୍ର ମୁଖ ତାହା ଦେଖି
ଯେବେ ଯିବ ଜନ—   ମାହର ବେଦନା
ନ ଗଲେ ଯାଉ ଏ ଜୀବ
କଳକାକ୍ଷୀର ତନ୍ତ୍ରା—   ରେ ଜୀବ ଗଲେ
ଏ ଯଶ ତ ରହିଥିବ ।୨୬।

ରହିଥିବ କଥା   ଗ୍ରନ୍ଥେ ଯିବ ବ୍ୟଥା
ଏହାଠୁଁ କି ଲାଭ ଅଛି
ରସବଣିକ   ବୁଝିଁବା ବଡ଼ ଲାଭ
ଏ କଥା ହୋଇଛି ବାଛି,
ଶ୍ୟାମା ରତନ ଅଙ୍ଗେ   ବାସ ନ ଥିବ
ଏହା କେ ଦେଖି ପାରିବ
ରତନ ଗିରି କୋଟିଏ   ଦାନ ଦେଲେ
ମରିବା ନ ହରୁରିବ ।୨୭।

ଲବଣୀ ପ୍ରତିମା   ଲଳିତ ତନୁ ତୋ
ଲାଗିବ ପୁଣି ଦେହରେ
ଲକ୍ଷେ ଲକ୍ଷେ ଯୁଗ   ତପ ଫଳ ଆସି
ହୋଇବ କି ଏକାଠାରେ,
ଲିଭାଏ ଏ ସୁଖ   କାହିଁ କିଁ ନଥିବ
ମୋହୋ ମନକୁ ଆସୁଛି
ଲାବଣ୍ୟ ଲପନା   ସେନେହ ବାହାରେ
ସ୍ୱର୍ଗରେ କି ଲାଭ ଅଛି ।୨୮।

Source: KC Dash, Digitized by PPRACHIN, SOA

ବଚନେ ଲୋଭୁଏ   କହିବାକୁ ନକ
ଆସଇ ତୋହୋ ପ୍ରସଙ୍ଗ
ବହୁତ କାଳ ବଡ଼   ପାପ କରି ମୁଁ
ଛଡ଼ା ହେଲି ତୋହୋ ସଙ୍ଗ
ବଧୂବଦନୀ ରେ   ଆପଣା ଇଚ୍ଛାଏ
ଉରଜୁ ତେଜୁ ବସନ,
ବଢ଼ି ଶରଧାରେ   ଆଲିଙ୍ଗନ କରୁ
କେଣିକି ଗଲୁ ସେମାନ ।୨୯।

ଧୀର ସୁରତ   ସୁପାନ୍ତ ଅନ୍ତେ ବସି
ଶାଢ଼ୀ ପଣନ୍ତେ ଯେ ଝଞ୍ଜୁ
ସେ ଶୀତଳକୁ   ସମାନ କାହିଁ ଅଛୁ
ନିସ୍ନେହ ଶତ ଗୁଣେ ସଞ୍ଜୁ
ସେ ସେନେହ ପାଇ   ଶୁଖିଗଲା ଦେହ
ପୋଡ଼ୁଛୁ କାମ ହୁତାଶେ
ସହସ୍ରେ ବାର   ଢିବସନ୍ତ ପୋଡ଼ିଲେ
ପ୍ରାଣ ଥିବ ତୋର ଆଶେ ।୩୦।

ଶତବାର-ମଲବଣ   ଦାହ-ହେମ
ଗଉଣି ଲେଖ ପଢ଼ିବୁ
ସୁସ୍ଥ ହୋଇ ପ୍ରାଣ   ଯେମନ୍ତେ ରହିବ
ତେମନ୍ତ ଉଦନ୍ତ ଦେବୁ ।
ଷାଠିଏ ଦଣ୍ଡ   ଦିବସ ଯାକ ପ୍ରିୟେ
ସେ ବାରତା ପଢ଼ୁଥିବି
ସୁମନଶର ଶରେ   ଗଲା ପ୍ରାଣକୁ
ପ୍ରବୋଧ କରି ରଖିବି ।୩୧।

ଶିଶୁ ସାରଙ୍ଗ ଆଯୁତ-   ଲୋଚନା ରେ
ଆଯୁକ୍ତ ଦାସ ମୁଁ ତୋର
ସୁଜାଣ ପ୍ରଭୁ   ଦାସ ଦୋଷ ନଧରେ
ଏଣୁ ଭରସା ଅପାର ।

Source: KC Dash, Digitized by PPRACHIN, SOA

ଚଉତିଶ ସଞ୍ଚୟନ

ସାନ ଧନୁ ସଉଁ   ସେବକ ସେବାରେ
ଆସିଅଛୁ ସେବା କରି
ସରୋଜଲୋଚନା   ଅବଶ୍ୟ ତାହାରି
ସ୍ୱନୟ ବଚନ କରି ।୩୨।

ହରଷ ହୋଇ   ଲେଖରେ ସବୁ ଲେଖି
ଦୂତ କରେ ଦେଲେ ଦେଲା
ହଂସଗାମୀ ଗତ   ବାରତା ଆବେଶି
ଖଣ୍ଡ ଦୂରହୁଁ ଉଠିଲା,
ହାଥ ପାତି ଘେନ   ଶିରେ ଲଗାଇଲା
ଅକ୍ଷର ଶ୍ରେଣୀକ ଚୁମ୍ବିଁ
ହରଷ ଶୋକ   ମିଶା ମିଶି ଲୋତକ
ଚନ୍ଦ୍ର ନୟନୁ ବହଇ ।୩୩।

କ୍ଷେମେ ଶୁଣ ଏଣ୍ଟି   ସମୟେ ନାୟକ
ଶୁଭେ ହୋଇଲା ପ୍ରବେଶ
କ୍ଷୀଣୋଦରୀ ଚୁମ୍ବିଁ   ଆନନ୍ଦ ସାଗରେ
ବୁଡ଼ି ଦୁଃଖ କଲା ନାଶ ।
କ୍ଷିତି ଶଯ୍ୟାରେ   ବିରବେଶ ହୋଇଲେ
ବିଷ୍ଣୁ ଦାସ ରସ କହେ
କ୍ଷଣକ ଭାବ   ଶତେକ ଯୁଗ କଳ୍ପିଲେ
ସମାପ୍ତ ନୋହେ କେବେ ହେ ।୩୪।

Source: KC Dash, Digitized by PPRACHIN, SOA

ଦୃଷ୍ଟାନ୍ତ ଚଉତିଶା

କମଳ ନୟନ ଦୃଷ୍ଟି କର ଧରି କହନ୍ତି ବିନୟ କରି
କଉଁ ଦୋଷକୁ ରୋଷ ଗୋ ବିଷୟରେ କରିଅଛୁ ଜୀବେଶ୍ୱରୀ,
କାରଣ ନ ଥାଇ ପ୍ରଭୁ କୋପ କଲେ ତହିଁକି ନାହିଁ ଉପାୟେ
କେବଳ ଜାଣିଲି କୁମତି ଗୁଆଁର କବଳୁ ବୁଝିଲି ପ୍ରାୟେ ।୧।

ଖୀନ ଉଦରୀ ଖଞ୍ଜରୀଟ ନୟନୀ ସେନେହ ବଜ୍ର ସମାନ
ଖଳ ପୀରତି ମେଘ ଛାଇ ପରାୟେ କ୍ଷଣକେ କରୁଛୁ ଆନ ।
କ୍ଷଣେ କ୍ଷଣକେ ତା' ସୁଖ ସୁମରି ତ ଲାଗୁଅଛୁ ମହା ଭୟେ
ଖୋଜିଲେ ତ ମୋତେ ବୁଦ୍ଧି ଦିଶୁନାହିଁ ପଢିପ ପାଠ ପରାୟେ ।୨।

ଗଜଗମନୀ ମୋହୋଠାରେ ଏ ମାନ ଦିନେହେଁ କରି ନଥିଲି
ଗୁଣୁଛୁ ମୋ ମନେ କେ ଅବା ତାହାକୁ କହିଁ ଉପଦେଶ ଦେଲା,
ଗୁପତ କରି ପ୍ରିୟ ସଖୀ ! ଏତେ ହେଁ କହିବୁ ପିକଭାଷୀକି
ଗୁଣ-ଗଉରୀ ହୋଇ ତାର ସେନେହ ଗିରନଦୀ ପରି ସଖୀ ।୩।

ଘନଜଘନୀ ଯେ ଘେନ କହୁଥାଏ ତୁମ୍ଭେ ମୋ ନୟନ ତାରା
ଘନସ୍ତନୀର ଘନସାର ଚନ୍ଦନ କଣ୍ଠ-ଗଜ ମୋତି ହାରା
ଘୁଣାକ୍ଷରେ ଅବା ଘଟଣଲପନା ଏମନ୍ତ ମନେ ଭାଷିଲି
ଘନ ବିଜୁଳି ସ୍ନେହ ଛାଇ ପରାୟେ ଏତିଠାରେ ସେ ଦିଶିଲି ।୪।

ନବ ରସରେ ଯେ ରସିକ ନୁହଇ ସେତିକ ନାଶ ଯାଇ ବେଳେ
ନବ ସୁଧାକର ଆବର ଯେମନ୍ତ ନଥାଇ ସର୍ବଦା କାଳେ,
ନାହିଁ ଇକ୍ଷୁ ରସ୍ ସଂସାରେ ମଧୁର ପାକେ ସେ ହୁଅଇ ପିତା
ନାଗରୀ ରତନ ନୟନ ପ୍ରତିମା ପ୍ରତ୍ୟକ୍ଷ ଏବେ କଲା ତା' ।୫।

ଙ୍କୁରୁ ଙ୍କୁମୀକର ଚମ୍ପକ ବରନା କାଲି ଏଣି ବାଟେ ଗଲା
ଚନ୍ଦ୍ର ଅବତଂଶ ନନ୍ଦନ ଜନମ ତିଥି ଚନ୍ଦ୍ର ମୋତେ କଲା,
ଙତ୍ତେ ଙତ୍ତାଇ ସେ ଚରିତ ମେ ହୋଇ ଅଙ୍ଗ ହୋଉଛୁ ଅବଶ
ଚକ୍ଷୁ ପଲକ ଯେ ସହି ନ ପାରଇ ସେ କଲା ଏଡ଼େ ନିରାଶ ।୬।

ଚନ୍ଦ୍ର ଅବତଂଶ ନନ୍ଦନ—ଗଣେଶ ।

Source: KC Dash, Digitized by PPRACHIN, SOA

ଛୁଡ ନ ପାଇ ରହିଛୁ ଛୁର ଜୀବ କହିବାକୁ ପୁଣି ଏହା
କ୍ଷଣେ ଦେଖି ଯାହା ଶୁଣି ହିଁ ନଥିଲା ଭୂଷଣ କଲାଣି ତାହା
ଛୁଇ ଅନୁରୂପେ ଭଜନେଲ ତାହାର ହୃଦୟ ନୋହିଲ ଜାଣି
ଛୁଡିଲ ବକା କୁସୁମ ପୁଷ୍ପ ପ୍ରାୟେ ହେଲ ସେ ରମଣୀ ମଣି ।୭।

ଯେତେ ଭରସା ଥିଲ ତାର ତହିଁକ ଦୟା-ଜଳନିଧି ବୋଲି
ଜାଣିଛ ହୋଇଲ ଏହିଠାରେ ସବୁ ପାହାନ୍ତ ଯେମନ୍ତ ଗୃଳ
ଜଳରେ କୁମୁଦ ଗଗନେ ଚନ୍ଦ୍ରମା ଦୂର୍ ଦେଖି ହୋଏ ସୁଖୀ
ଜୀବ ପରମ ପ୍ରାୟେ ପ୍ରାଣବନ୍ଧୁଙ୍କୁ ନିକଟେ ଥରେ ନ ଦେଖି ।୮।

ଝଳ ଗଉଣ ଶ୍ରୀମୁଖ ଚନ୍ଦ୍ରଠାରୁ ହସି ଅନାଇବା ଯାଏ
ଝିମିଟେ ମନ ନଷ୍ଟଇ ଛୁଡ଼ୁନାହିଁ ରତନ ଝଟକ ପ୍ରାୟେ,
ଝସକେତନ—କେଳ—ଚିନ୍ତାମଣି କ ଲଭ ହେଲ ଚିନ୍ତାମଣି
ଝଡ଼ଇ ନାହିଁ ଦରିଦ୍ରତା ଭଣ୍ଡାର ନିକଟେ ଥିଲେ ସେ ପୁଣି ।୯।

ଞାରଜ ନୟନା ଅନେକ ଯତନେ ଯୋଗ ହେଲେ କଲ ଦୂର
ନିଷ୍ଟେ ଜାଣି ହେଲ ଖାବବଣ୍ଡି ଭାବ କୁସୁମ ଗନ୍ଧ ପ୍ରକାର
ନ ଯିବ ମୋହୋର ମନରୁ ସେ କଥା ଯେତେ ସୁଦୟା ସେ କଲେ
ନାଶଇ କ ପୂର୍ବ ସନ୍ତାପ ବହୁତ ଧନ ଚିରକାଳ କଲେ ।୧୦।

ଟେକ ଯେ ଟେକସ୍ତନା କ ମୁଁ ଭଜଲି ଟାଣ ମନସିଜ ଭୟେ
ଟିକାଏ ସେ ମନୁ ନ ଟଳିଲ ମୋର ଫଳ ମାଳିକା ପର୍ଯ୍ୟେ,
ଟଙ୍କଧର-ରିପୁ ଟୋପେ ପଡ଼ି ଏବେ ହେଲେ ହୋଉଅଛୁ ହତ
ଟାଣ ମୃଗାରି ମୃଗ ମୁଖେ ପଡ଼ିଲେ ଯେମନ୍ତ ମହାଗର୍ବିତ ।୧୧।

ଠାକୁରାଣୀ ପଣ ଏହିଠାରୁ ତାର ଜାଣିମାକୁ ହେଲ ସଖୀ
ଠାଠିକ କରି ଯାହା ଦୋଷ ନ କହି ରୋଷ କଲ ଚନ୍ଦ୍ରମୁଖୀ,
ଠାକୁର ହୋଇ ଠାବ କଲ କହିଲେ ସବୁରି ସେ ସନମତ
ଠିକ ଲେକଙ୍କର କରେ ରଙ୍ଗ ଥିଲେ ଭ୍ରମେ ବୋଲଇ ରଜତ ।୧୨।

ଡରୁ ଥାଇ ତାର ମୁଖ ମଳିନକୁ ତାମ୍ବୁଳୀ ତାମ୍ବୁଳ ପ୍ରାୟେ
ଡରୁ ଡରୁ ଦେଖ ଦଇବ କଷଣ କଲ କାମଡ଼କା ଯାଏ,
ଡୋଳା ଡାଳିମ୍ବବୀଜଦନ୍ତୀ ପର୍ଯ୍ୟେ ଡମ୍ବରୁ—ମଧ୍ୟାକୁ କହ
ଡୋଳେ ଦେଖୁ ଦେଖୁ ଡକାଇତ ପ୍ରାୟେ ଅତି ହିଁ ଦାରୁଣ ନୁହ ।୧୩।

Source: KC Dash, Digitized by PPRACHIN, SOA

ଢଗ ମେଲବେ ଆଗ ଏହା ଶୁଣିଲେ ଏହି ଗୋପବଧୂମାନେ
ଢାଙ୍କୁଣି ଫିଟିଲେ ଫେର ଧରି କରି ଜଗରଇ ଫଣୀ ଯେହ୍ନେ,
ଢଳ ନୟନେ ଯେ କହୁଥାଇ ବନ୍ଧୁ ଏକ ଜୀବ ବେନି କାୟେ
ଢାଳେ ତା ଜାଣିଲ କୃପଣ ଲେଖିକି ଆଶା ଦେଖାଇଲ୍ ପ୍ରାୟେ ।୧୪।

ଆଉ ଅଧିକ କି କହିବ ସଜନି ! ଦିନେ ଚନ୍ଦ୍ରରଜନୀରେ
ଅଙ୍କେ ମୋର ଶୋଇ ଅନ୍ତର ମଣିଲୁ ପୁଲକ ଘେନାଘେନରେ,
ଏବେ ଉଦ୍ଧବ ବଳରେ ସେ ସେନେହ ନଉନ ଘଟିଲା ଏଡ଼େ
ଅବନୀବକ୍ଷର ମହା ସ୍ନେହ ଯେହ୍ନେ ପ୍ରକାଶିଲା କାଚ ବାଢ଼େ ।୧୫।

ତ୍ରିପୁର ସୁନ୍ଦରୀ ତପସ୍ୟା ଗୋରୀ ହୃଦର ପଦକ ମୋର
ତାହା ବିନୁ ତପସିଦ୍ଧଯୋଗୀ ପ୍ରାୟେ ବିଷୟୁ କଲି ଅନ୍ତର,
ତୁଙ୍ଗସ୍ତନୀ ସେ ଅଙ୍ଗହାର ପରାୟେ କଟନ୍ତି ମୋତେ ସଙ୍ଗରୁ
ତୁ ତାହାର ମନ ଘେନାଇ କହ ଯେ ହାର ପ୍ରାୟେ ମୋତେ କରୁ ।୧୬।

ଥିରଗମନୀ ବିମନ ହୋଇବାରୁ ଥୟ ନୋହେ ମୋର ମନ
ଥିର ନୋହେ ଯେହ୍ନେ ଘଟନ ଘନଲତା କନକ ପଲ୍ଲବେ ଜନ,
ଥିଗ ମଣ୍ଡନୀ ମଣ୍ଡନ ଥାଉଁ ଯେବେ ମୋହୋର ହେଲା ଏ ଦଶା
ଥିଲ—ନିତମ୍ବାକୁ କହିବ ଏବେ ହେଁ ହେଲାକ ନିଧନ ଦଶା ୧୭।

ଦ୍ୱିରଦ ଗମନୀ ଦ୍ୱିଜରାଜମୁଖୀ ଦୟା ଅଦୟା ଅଦୃଶେ
ଦଗ୍ଧ ହୋଉଛି ଦାରୁଣ ଅବିବେକ, ଦୁଆର ଭିକ୍ଷୁକ ଆଶେ,
ଦୂରୁ ଦେଖିଲେ ଦେବତାଙ୍କୁ ଗୁହାଁବା ଦିଅଇ ନରମାନଙ୍କୁ
ଦେବତାଙ୍କୁ ଚିହ୍ନ ପ୍ରତିମା କରଇ ଏ ନିକ ବଚନ ତାଙ୍କୁ ।୧୮।

ଧରଣୀରେ ମୀନ ଜୀବନ ପରାୟେ ଧାତା ତାକୁ ମୋତେ କଲା
ଧରିଛି କେବଳ ନାମକୁ ଶରୀର ନୁହଇ ଏ ଚିତ୍ତ ଭଲ,
ଧ୍ୱଂସି ଦେଲେ କାମ ଅନଳେ ମୋ ଦୁଃଖ ନ ଘେନିଲା ପ୍ରାଣମଣି
ଧ୍ରୁବ ଏ କଥା ବ୍ୟାଧିବନ୍ତ ଆରତ ବୈଦ୍ୟଠାରୁ ନାହିଁ ଶୁଣି ।୧୯।

ନାଗରୀ ରତନ ଅନ୍ତପଟ ଅନ୍ତ ନୃତ୍ୟକାରୀ ପ୍ରାୟେ ହୋଇ
ନୟନ ମନକୁ ଉଲ୍ଲାହା କରିଛି ଦର୍ଶନ ସୁଖ ନ ଦେଇ,
ନବଘନକୁ ଚାତକ ପକ୍ଷୀ ପ୍ରାୟେ ତାହାକୁ ମୋହୋର ଆଶା
ନିଷ୍ଠୁରେ ଯେବେ ସେ ନିରାଶ କରିବ ତେବେ ମୋ ନିଧନ ଦଶା ।୨୦।

Source: KC Dash, Digitized by PPRACHIN, SOA

ପ୍ରାଣପ୍ରିୟା ଦୟା-ଜଳନିଧି ହୋଇ ପ୍ରମାଦ ମୋ ଠାରେ କଲା
ପଶୁପତି-ରିପୁ ସନ୍ତାପ ଅନଳେ ପକାଇ ଅଲଗା ହେଲା,
ପ୍ରାଣ ବାନ୍ଧବୀ ପରିତ୍ରାଣ ନ କଲେ ନିଶ୍ଚେ ଜୀବ ଯିବ ଜଳି
ପଙ୍କଜକର ଦରଶନେ ଯେମନ୍ତେ ଫୁଟିଲା ଗଙ୍ଗଶିଉଳୀ ।୨୧।

ଫାଇ କାଳକୁ ମୁଁ ଫନ୍ଦା କରିଥିଲି ଫୁଲ୍ଲ-କମଳ ନେତ୍ରୀକି
ଫଳ ଥାଉଁ ମୂଳ ଭୋଗ ତ ହୋଉଛି ଫୁଲ ବଶିଖ-ପତ୍ରକ
ଫେରି କହିବି କାହାକୁ ଏ ବେଦନା ଫେଡ଼ିବ କେ ମୋର ଦୁଃଖ
ଫୁଲ ବାହାରେ ଆନନ୍ଦକ ପୁରୁଣା କରି ପାରେ ଶିଳୀମୁଖ ।୨୨।

ବଧୂବଦନୀ ବିନୁ ବୁଦ୍ଧି ଚନ୍ଦ୍ରମା ଚନ୍ଦନ ବିଧୁର କରେ
ବାଳକଣ ନଗର ପଣ୍ଡିତ ପରାଏ ବୁଲିଲେ ଦିନ ନ ସରେ,
ବିକ ହେଲି ଦାସ ଜନଠାରେ ଶେଷ ଯେବେ କଲା ରସବତୀ
ବାତ ରହିତ ବୋହିତ ପ୍ରାଏ ତେବେ ମୋହୋର ଆଉ କି ଗତି ।୨୩।

ଭରସା କେବଳ ତୋହୋଠାରେ ତାକୁ କହିବୁ ମୋ ଦୁଃଖ ଘେନି
ଭାଗ୍ୟଥିଲେ ସେ ଭବରିପୁ ତାପରୁ ତାରିବ ମନମୋହିନୀ,
ଭାବିନୀ ମୋତେ ସନ୍ତ ଭିନ୍ନ କରିବ ଭରାନ୍ତି ନକରି କିଛି
ଭାବନିଧି ଠାରେ କର ପ୍ରାଏ ହୋଇ ଦ୍ରବ୍ୟ କଠିନତା ଅଛି ।୨୪।

ମଦରନୟନୀ ଘେନାଘେନି ଭାବ ଅମୃତ କ୍ଷୀର ସମାନ
ମରାଳ କେତନ ମାନସ ମଦନ ପ୍ରାଏ କଲା ଭିନ୍ନାଭିନ୍ନ,
ମେଘଚନ୍ଦ୍ର ବିନୁ ଗୃତକ ଚକୋର ଜୀଅନ୍ତି ଆନ ଉପାଏ
ମହୀମଣ୍ଡନୀ ମୋର ପୁଣି ଏମନ୍ତ ମଧୁକର ମଧୁ ପ୍ରାଏ ।୨୫।

ଜାଣୁ ମଣି ମୋତେ ଗୁରୁ ବାମ ହେଲା କାମଦେବ ବାମ କରେ
ଯାହା ସେ ଲଘୁ କରାଇଲା ମୋତେଟି ଅଲୋକିତ ସେ ଲୋକରେ,
ଜାଣିଥିଲି ତାର ହୃଦ ଅନୁରାଗ ଶାଳିକା ଫୁଲ ପରାଏ
ଜାଣୁ ଜାଣୁ ଏବେ ଗଲା ସେ ସ୍ଫଟିକ ସଙ୍ଗତେ ଭୁଲିବା ଯାଏ ।୨୬

ରଙ୍ଗେ ତା ଘେନିଲେ ସେବଣି ଦୁର୍ଲ୍ଲଭ ସୁଲଭ ନୋହେ ବିଷାଦେ
ରମଣୀମଣି ସେହିମନ୍ତ ସରାଗ ରଖି ରାଗ କରେ ଖେଦେ,
ରଙ୍କରତନ ପାଇଲା ପ୍ରାଏ ହୋଇ ମୂର୍ଖଁ ନ ଆସଇ ଭାଷା
ରଖିଥିଲା ନିକ ମୋହ ପାଇଁ ବିହି ରଥାଙ୍ଗ ରଜନୀ ଦଶା ।୨୭।

Source: KC Dash, Digitized by PPRACHIN, SOA

ତିଳଣେ ତାର ମୋର ଅନ୍ତର ନଥିଲା ନେତ୍ର ପଲକ ଯେମନ୍ତ
ଲୋକନାଥ ବଶେ ଏ ଶେଷ ହୋଇଲା ଆକାଶ କୁସୁମବନ୍ତ
ଲୋଚନ—ଶ୍ରବଣ—ମଣ୍ଡନ ଖଣ୍ଡନ କରିବେ ସତେ ବିଷାଦ
ଲମ୍ବ ଉଦରକୁ ଲକ୍ଷେ ଲଡ଼ୁ ଦେବ ସେ ଯେବେ ହେବ ପ୍ରସାଦ ।୨୮।

ବାଇ ପ୍ରାୟେ ହୋଇଥିଲେ ପ୍ରୀତ ଚକ୍ଷୁ ଯେମନ୍ତ ବର୍ଣ୍ଣ ହରଇ
ବିଧୁବଦନୀ ସେହିମନ୍ତ ଅନ୍ତରେ ଥିଲେ ନେତ୍ର ବିକାଶଇ
ବହୁତ ସୁଖ ହୋଇ ଇନ୍ଦ୍ର ପଦବୀ ସ୍ୱପନେ ପାଇଲା ପ୍ରାୟେ
ବାଞ୍ଛା ଧନ ପ୍ରାୟେ ଭୋଗକୁ ନ ଆସେ ହୃଦକୁ କରଇ କ୍ଷୟେ ।୨୯।

ସବୁ ଅନୁଭବ ଏହିଠାରୁ ହେଲା ଶଶୀ-ମୁଖି-ମହିମାରୁ
ଶୁଭଦାୟିନୀ ସନ୍ତୋଷ ହୋଇ ଏବେ ପାଶେ ନେଇ ହାସ କରୁ,
ସରୂପ ସର୍ପକୁ ପଦ୍ମ ଦେଲା ପ୍ରାୟେ କନ୍ଦର୍ପକୁ ଦେବା ଜୟେ
ସରି ହୋଇ ଦୁଇ ଆଡ଼କୁ କଠାଇ ଶଙ୍ଖାର କରତ ପ୍ରାୟେ ।୩୦।

ଶମନ ଶମନ ସମ ଅହଙ୍କୃତା ତାହାଠାରେ କି ବିନୟେ
ଶମ୍ଭୁ ଜଳରେ ତାହାକୁ ନାଶଇଟି ଲୋହ ପାଷାଣ ପରାୟେ,
ସମଗ୍ର ତୋତେ କେତେ ପୁଣ କହିବି ତୁ ତ ସବୁ ଗୁଣ-ସୀମା
ସଭାସଦ ପ୍ରାୟେ ଉଚିତ କହି ତୁ ମୋ ଦୋଷ କରଅ କ୍ଷମା ।୩୧।

ସଜନୀ ! ତୋତେ ସେ ଦେଖିଲେ ପଥେ ଯେ ହୋଇବ ପୁଷ୍ଟ ସମାନ
ସବୁ ଅର୍ଥେ ଅନୁରାଗ ପୂର୍ଣ୍ଣ କର ମୁଖେ ପ୍ରକାଶିବ ଆନ,
ସେହି ସମୟରୁ ପଛ କରଣ ତୁ କହିବୁ ମୋର ସନ୍ଦେଶ
ସୁଜନ ସାଧୁ ଉପଦେଶ ପାଇଲା ପରାୟେ ହେବ ସନ୍ତୋଷ ।୩୨।

ହରିଣନୟନୀ ପଦ୍ମପେଟୀ ପ୍ରାୟେ ବାହାରକୁ ସେ କର୍କଶ
ହୃଦୟଯାକ ପରିପୂର୍ଣ୍ଣ ହୋଇଛି ସୁମଧୁର ଘନ ରସ,
ହଂସଗମନୀ ପାଶକୁ ତୋ ସଙ୍ଗତେ ମନକୁ ସମର୍ପି ଦେଇ
ହୃଦୟ ଶୂନ୍ୟ ହୋଇ ରହିଅଛିଟି ସଙ୍ଗ ସହର୍ଷକୁ ବହି ।୩୩।

କ୍ଷମେ ଚଳ ମୁଁ ଏହି କୁଞ୍ଜେ ରହିଲି ତୋହୋ ଆସିବାକୁ ଚାହିଁ
କ୍ଷୋଭରହିତ ପକ୍ଷୀ ପରାୟେ ଗୋଧ ଆକୁଞ୍ଚ ଦଶାକୁ ବହି ।
ଛ ଛନ୍ଦ ହୋଇ ଦୂତୀ ବେଗେ ଚଳିଲା କ୍ଷିତିମଣ୍ଡନକୁ ରଖି
କ୍ଷୀଣମତି ଧନକୃଷ୍ଣ କହେ ସେହ୍ନେ ଆନନ୍ଦ ବଶରେ ହୋଖୀ ।୩୪।

ପଦ୍ମପେଟୀ—ପଇଡ଼

Source: KC Dash, Digitized by PPRACHIN, SOA

ନବଘନ ଚଉତିଶା

କୃଷ୍ଣ କଂସନବରେ   ଜଳଦ ସମୟରେ
କଜ୍ଜ୍ୱଳ ମେଘବର୍ଣ୍ଣ ଦେଖି
କରନ୍ତ ଚିନ୍ତା ମନେ   କେମନ୍ତେ ମୋ ବନ୍ଧୁନେ
ବଞ୍ଚିବ କଳାକର-ମୁଖୀ ହେ
ନବଘନ !
କହନ୍ତୁ ନବଘନ ଗୁହିଁ
କପାଁ ଅଇଲ ମତେ ଦହି
କାମକେଳି କୁଶଳା   କଣ୍ଠରତନ ମାଳା
ଢୋଳା ପ୍ରତିମା ମୋର ନାହିଁରେ
ନବଘନ ।୧।

ଖଞ୍ଜନ-ସୁଲୋଚନା   ମତ୍ତ-ପିକ-ବଚନା
ଥାଆନ୍ତା ଯେବେ ମୋର କୋଳେ
କ୍ଷଣକାନ୍ତିକ ଘେନ   ଘନରସରେ ଦାମି
ହୋଇ ଆସନ୍ତୁ ତେତେବେଳେ ହେ
ନବଘନ !
ଖେଦ ମୋ ଉଦୟେ ନୁହନ୍ତା
କ୍ଷଣକ ସୁଖ କେ କହନ୍ତା
ଖରକାମ ବଇରି   ଶର ପ୍ରହାର କରି
କପାଁ ମୋ ଶରୀରେ ରହନ୍ତା ହେ
ନବଘନ ।୨।

ଗଜଗମନୀ ଗୋରୀ   ମୋ ପଞ୍ଚପ୍ରାଣେଶ୍ୱରୀ
ପାଶରେ ନାହିଁ ମୋର ଯେଣୁ
ଗଜରାଜ ପରାଏ   ଦେଖି ତୁମ୍ଭଙ୍କୁ ଭୟେ
ଜାତ ହେଉଛୁ ମୋର ତେଣୁ ହେ
ନବଘନ !
ଗର୍ଜ୍ଜନ ବୃଂହିତ ସମାନ
ଗଳୁଛି ଜଳଧାର ଦାନ

Source: KC Dash, Digitized by PPRACHIN, SOA

ଗୁଣୁଅଛୁ ମନରେ ବକପନ୍ତି ଛଳରେ
ପ୍ରକାଶ ହୋଇଛୁ ଦଶନ ହେ
ନବଘନ । ୩ ।

ଘେନମାକୁ ଜୀବନ ଅଇଲ ଘନାଘନ
କାଳ ସ୍ୱରୂପ ଧରି କରି
ଘନବଲ୍ଲୀରସନା କରୁଛୁ ଯେତେ ଅନା
ଏତେବେଳେ କହିଁ ଗଲା ମୁଁ ସରି ହେ,
ନବଘନ !
ଘଡ଼ଘଡ଼ ଗର୍ଜ୍ଜନ ଗୁଡ଼
ଯୋଡ଼ି ପଡ଼ୁଛୁ ମନେ ମାଡ଼
ଘେନୁଅଛୁ ମୋ ପ୍ରାଣ ପାପିଷ୍ଠ ପଞ୍ଚବାଣ
ଭ୍ରମର ସଙ୍କଟରେ ପଡ଼ି ହେ
ନବଘନ । ୪ ।

ଙାଗ ଙାଗ ଫଣାଏ ମନେ ତ ପ୍ରତେ ହୁଏ
ଙଷ ଙଷ ଗ୍ରାଡ଼ୁଛୁ ଯେଣୁ ହେ
ନବଘନ !
ଙାଶିବ ମୋ ପ୍ରାଣ ସମୀର
ଙର୍ତ୍ତିପ୍ରେ ହୋଇଛୁ ଭ୍ରମର
ଙଶ୍ଚେ ଭ୍ରମଙ୍କୁ ପାଇ ମହା ପ୍ରବଳ ହୋଇ
ଅଛୁ କାମ ଜାଙ୍ଗଳ କରି ହେ
ନବଘନ । ୫ ।

ଚେତଲ ଏବେ ରାହୁ ପରସ୍ପେ ଗ୍ରହୁଁ ଗ୍ରହୁଁ
ପୁଷ୍ପବନ୍ତକୁ ଗିଳିଦେଲ
ଚନ୍ଦ୍ରାଜଳରେ ସ୍ନାନ କରାଇ ପ୍ରାଣଦାନ
କାମ ବ୍ରହ୍ମ ଦେବାକୁ କଲ ହେ
ନବଘନ !
ଚଣ୍ଡ ଭ୍ରମର କି କୁଟିଳ,
ଚନ୍ଦ୍ର ତ ନାହିଁ ମିଳକୁଳ,
ଚଉକ ଘାତେ ଗିରି- ବରକୁ ଚୂର୍ଣ୍ଣିକରି
ଦେଖି ଦେଖି ମସ୍ତକ ଗିଳ ହେ
ନବଘନ । ୬ ।

Source: KC Dash, Digitized by PPRACHIN, SOA

ଛମା କରୁଣା ନାହିଁ   ଧର୍ମ ସ୍ୱରୂପ ବନ୍ଧୁ
ଜୀବନ ଯୌନବାର ମୂଳ
ଛାଡ଼ ପ୍ରାଣବନ୍ଧୁକୁ   କହୁଅଛୁ ତୁମ୍ଭଙ୍କୁ
ଏତେକେ ନ ପାଅ ସକଳ ହେ
ନବଘନ !
ଛଣକେ କର ଯେଉଁ ଘୋଷ
ଛଡ଼ାଅ ପ୍ରାଣ ପ୍ରତି ଆଶ
ଛଇଳ ଶିରୋମଣି   ଏହା କର୍ଣ୍ଣରେ ଶୁଣି
କେମନ୍ତେ ନୋହିବ ବିନାଶ ? ହେ
ନବଘନ ! । ୭ ।

ଯେବେ ତୁମ୍ଭ କୁଳରେ   ଥାଉ ଏକ ମେଳରେ
ହୋଇ ତୁମ୍ଭ ସମସ୍ତ ପ୍ରାପ୍ତେ
ଜୀମୂତ ମତେକର   ଜଳୁଳ ହୋଇ ଗୋଷ୍ଠ
ବରଷେ ଘନରସମୟେ ହେ
ନବଘନ !
ଯାବତ ତାପ ହୋଏ ଲୋପ
ଜାତ ହୋଏ ପୁଲକ ଆପ
ଯଉଁ ରୂପେ ବଢ଼ଇ   ପରମ ପ୍ରେମ ନଈ
କହି ନୁହଇ ସେ ଅମାପ ହେ
ନବଘନ । ୮ ।

ଝୀନବସନୀ ଶ୍ୱାସ   ଗନ୍ଧବହ ସଦୃଶ
ପ୍ରଖରେ ବହଇ ସେ କାଳେ
ଝଷକେତନ ଚଟ   ଚରୁ ହୋଇ ଉଚାଟ
କାହ୍ନିଁ ଭ୍ରମଇ ଅବହେଳେ ହେ
ନବଘନ !
ଝିଙ୍କାସ୍ୱ ଶବଦକୁ ଜାଣି
ଝିଲ୍ଲି ଗୋଷ୍ଠ ମନ୍ମଥ ବାଣୀ
ଝମଣେ ନ ରହଇ   ଦାଣ୍ଡୁକ ପ୍ରାପ୍ତେ ହୋଇ
ଡାକଇ କନକ କଙ୍କଣି ହେ
ନବଘନ । ୯ ।

Source: KC Dash, Digitized by PPRACHIN, SOA

ନଜାଣଇ ବରଷା ମନେ କରି ଭରସା
ମୁଁ ଚାହା ଯେନ ସେବ୍ରମନ୍ତ
ନିଶା ସମସ୍ତ ଚନ୍ଦ ଦଶା ଦେବାରୁ ଶଙ୍କ
ବାହନ ହୋଇଲା ବିପତ୍ତି ହେ
ନବଘନ !
ନାହିଁ ତୁମ୍ଭର କିଛି ଦୋଷ
ନାହିଁ ମୋ କର୍ମେ ଭଲ ଲେଶ
ନିଶାକର ଚନ୍ଦ୍ରମା ଚନ୍ଦନ ସୁଖ ସୀମା
ହେଲେ ବିରହେ ହୋଏ ବିଷ ହେ
ନବଘନ । ୧୦ ।

ଟେକ ସମ୍ପତ୍ତିକାଳେ ଯେଉଁ ଲୋକ ବିକଳେ
ଯେନଇ ଲୋକର ବେଦନା
ଟଙ୍କଧର ଆଦରୁ ବ୍ରହ୍ମାଣ୍ଡକର୍ତ୍ତାଠାରୁ
ବଡ଼ ତାହାକୁ ବୋଲି ସିନା ହେ
ନବଘନ !
ଟଳତ ଯିବ ତୁମ୍ଭ ପଣ
ଟିକାଏ ଯେନ ମୋ . କଷଣ
ଟେକ ଗର୍ଜନକରି ପ୍ରାଣ ମୋର ନ ହରି
ନୁହ ଅତିଶୟ ଦାରୁଣ ହେ
ନବଘନ । ୧୧ ।

ଠାଠିକ ତୁମ୍ଭେ ଚୋର ହରି ମୋହୋର ପର
ସହଜେ ଶ୍ୟାମ କଳେବର
ଠିକ କେଶ କଳାପ ପରସ୍ତେ ଇନ୍ଦ୍ରଚାପ
ସମ ବିଜୁଳି ପୀତାମ୍ବର ହେ
ନବଘନ !
ଠିକ ଗୁଣ ତୁମ୍ଭର ଯେତେ
ଠାବ ସେ ହୋଇଛି ଜଗତେ
ଠାକୁରାଣୀ ଗୁମୁକୁ ତୁମ୍ଭଙ୍କୁ ପେଷିବାକୁ
ବିଶ୍ୱାସ ହୋଉଅଛି ଚିତ୍ତେ ହେ
ନବଘନ । ୧୨ ।

Source: KC Dash, Digitized by PPRACHIN, SOA

ଡୋଳା ପ୍ରତିମା ଏକା ହେଲେ କରଇ ଧକା
ଦେଖି ତୁମ୍ଭଙ୍କୁ ନୟନରେ
ଡୋଳାରେ ଦେଖୁ ଦେଖୁ ବନ୍ଧୁ ମୋ ରଖୁ ରଖୁ
ଗୁଡ଼ି ଅଛଳି ନଧ୍ୟାରେ ହେ
ନବଘନ !
ଡକା ଉପରେ ହେଲି ଡକା
ଡକାଇତ କାମ କଡ଼କା
ଡରେ ପ୍ରାଣ ଗୁଡ଼ିବ କର୍ଣ୍ଣେ ଯେବେ ଶୁଣିବ
ଡାହୁକ ଡାକ କେକା କା କା ହେ
ନବଘନ ! ।୧୩।

ଢାଳେ ଭାଷିଲୁ ଦୁହେଁ କାମନଦୀ ପ୍ରବାହେ
ଦୁହେଁ ଦୁହିଁଙ୍କ ସିନା ଭେଳା,
ଢଳ ଯୌବନ ଯିବା ଏଥିରେ କେତେ ଅବା
ଯହିଁ ଦଇବ ଏତେ ହେଲ ହେ
ନବଘନ !
ଢାଳେ ମୋ ବୋଲ ଏବେ କର
ଢଂମ ପଣକୁ ପଶହର
ଢାଳନେତ୍ରୀ ଗୁମୁରେ ବାରତା କହ୍ନବାରେ
ବହୁତ ସୁଯଶ ବସ୍ତାର ହେ
ନବଘନ ।୧୪।

ଏବେ ଯେ ତ୍ୱମ୍ଭ ରତୁ ପ୍ରାପ୍ତେ ମକରକେତୁ
ହେତୁରୁ ହୋଇଥିବ ବାଳା
ଉଚ୍ଚ କୁଚ ଗିରିରେ ପୟୋଧର ରୂପରେ
ପଡ଼ିଥିବ ଶକ୍ରର ମାଳା ହେ
ନବଘନ !
ଅଶ୍ରୁ ଜଳ ବରଷୁଥିବ
ଅନଙ୍ଗ କୃଷିକ ଯାଇବ
ଅଙ୍ଗ ଭୂମିରେ ଶର ସୀରରେ ଦେଇ ଗାର
ଅନେକ କୃଷି ସେ କରିବ ହେ
ନବଘନ ।୧୫।

Source: KC Dash, Digitized by PPRACHIN, SOA

ତାପ ତଟିମା ବଢ଼ି   ଧଇର୍ଯ୍ୟ ତଟ ଏଡ଼ି
ବିବେକ ବିଟପୀ ତାଡ଼ିବ
ତରଳ ହୋଇ ଜ୍ଞାନ   ହଂସ ଉଡ଼ି ବହନ
ହୃଦୟ ସରସୀ ଛାଡ଼ିବ ହେ
ନବଘନ !
ତୁଷ୍ଣୀ ହେବ ବଚନ ପିକ
ତୋଗ୍ର ହେବ କାନ୍ତ କେତକ
ତାଣ୍ଡବ କରୁଥିବ   ବିରହ ବ୍ୟାଧି ଶିବ
ଭୂଷଣ ବଇଶ୍ୱ ଅନେକ ହେ
ନବଘନ ।୧୬।

ଥରେ ଥରେ ପ୍ରଖର   ବହେ ଶ୍ୱାସ ସମୀର
ଥରେ ଥରେ ହୁଅଇ ମ୍ଳାନ
ଥିଲି କର୍ମରେ ଏହା   ଏ କାଳେ ଯାଇଁ ସାହା
ବୋଇଲି ଧିକ ତା ଜୀବନ ହେ
ନବଘନ !
ଥିରମଣ୍ଡନା ହୀରଦନ୍ତୀ
ଥୂଳ ନିତମ୍ବା ଦନ୍ତୀ ଗତି
ଥାପିଲି ସୁଖ ପାଇ   ପ୍ରେମ ପ୍ରୀତି ମୋ ଠାଇଁ
ପାଇଲି ଅନେକ ବିପତ୍ତି ହେ
ନବଘନ ।୧୭।

ଦୟାଳୁ ଶିରୋମଣି   ଦୟାରେ ମୋତେ ଜାଣି
ଦେଇଛୁ ଯେତେ ଯେତେ ସୁଖ
ଦରହାସିନୀ ହେତୁ   ବସନ୍ତ ଆଦି ଋତୁ
ଯାକ ମୁଁ ପାଇ ନାହିଁ ଦୁଃଖ ହେ
ନବଘନ !
ଦଇବ ଏବେ ଏହା କଲା
ଦାସବତ୍ସଳା ଦୂର ହେଲା
ଦଗଧ ପଟ ପ୍ରାୟେ   ହୋଇ କେବଳ କାୟେ
ଆକାର ମାତ୍ରକ ରହିଲି ହେ
ନବଘନ ।୧୮।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଧ୍ୱାନ୍ତଧ୍ୱଂସିମା ଦ୍ରୁମ କାଳେ ଅରୁଣ ଧୂମ
ପୁରେ ଯେ ଘେନ ବସିଥାଇ
ଧାତା ରଚନା ଯେତେ ସୁଖୀ ସମସ୍ତମତେ
ଇନ୍ଦ୍ର ପଦରୁ ବଳଇ ହେ
ନବଘନ !
ଧନ୍ୟ ତା କୋମଳ ଶରୀର
ଧୀରେ ଲାଗନ୍ତେ ଅଙ୍ଗେ ମୋର
ଧିକ୍କାର କରୁଥାଇ ହଂସୁଲୀ ଭୁଲୀ ପାଇଁ
ଅଙ୍ଗକୁ ଲକ୍ଷ୍ୟ ଦ୍ୟନ୍ତ ନର ହେ
ନବଘନ ! । ୧୯ ।

ନାହିଁ ନୋହିବ ନବ ପଞ୍ଚ ଭୁବନେ ଭାବ-
ବନ୍ତି ସମାନେ ସୁଖକାରୀ
ନୋହିଲେ କାହିଁ ପାଇଁ ଝୁରୁଛି ତାହା ପାଇଁ
ନଟି ଦିବସ ବସିକରି ହେ
ନବଘନ !
ନିରୁପମ ନାଗରୀମଣି
ନାହିଁ ତା ପରି ଗୁଣମଣି
ନାକ ନାଗ ତରୁଣୀ ତାହାର କଥା ଶୁଣି
ଲାଜେ ନ ଦେଖନ୍ତି ଧରଣୀ ହେ
ନବଘନ । ୨୦ ।

ପୂର୍ଣ୍ଣଚନ୍ଦ୍ର ବଦନା ମତ୍ତପିକ ବଚନା
ପଲ୍ଲବ ଦଶନ ବସନା
ପୁଷ୍ପ କେଶ ହୋଇଯେ ଆସେ ମକର ଧ୍ୱଜେ
ପୀଡ଼ିତ ହୋଇ ପୀନସ୍ତନା ହେ
ନବଘନ !
ପଛ ହୋଏ ପଲ୍ଲବ ପନ୍ତ
ପୁଲକେ ଫୁଲଇ ମୋ ଗୁତି
ପୀତ ବସନା ସଙ୍ଗେ ରତିପତି ପ୍ରସଙ୍ଗେ
କାହିଁ ଯାଇ ବସନ୍ତ ରତି ହେ
ନବଘନ । ୨୧ ।

Source: KC Dash, Digitized by PPRACHIN, SOA

ଫାଟି ନ ଯାଇ ଗୁଡ଼ ରହିଛି ଯା ଚେତ
ଫୁଟେ ଜାଣିଲ ବଜ୍ର ଏହି
ଫୁଲ୍ଲାରବିନ୍ଦମୁଖୀ ମୁଖ ଯାହା ନ ଦେଖି
ଚଳିଲ ନ ଯାଉଛି ବହି ହେ
ନବଘନ !
ଫାନ୍ଦେ ପଡ଼ିଲା ମୃଗ ପ୍ରାୟେ
ଫାଉ ଝଳକ ହୋଏ କାୟେ
ଫଳା ହିଁ ଅଛି ଏତେ ହିବା କଦାଚିତେ
ନଅଇ ପ୍ରାଣ ବନ୍ଧୁ ଯାଏ ହେ
ନବଘନ । ୨୨ ।

ନଡ଼ କର ଅଙ୍ଗରେ ଘେନୁ ଯେ ଥାନ୍ତି ନରେ
ଗ୍ରୀଷ୍ମେ କର୍ପୂର ଚନ୍ଦନ
ବିଶାଳନେତ୍ରୀ ପର- ସାଦେ ଛହିଁ କ ମୋର
ଲେଶେହେଁ ନବଳଇ ମନହେ
ନବଘନ !
ବୃଡ଼ିଲା ସବୁ ସୁଖ ମୋର
ବିଧାତା କଲା ଅନ୍ତର
ବସନ୍ତ ଗ୍ରୀଷ୍ମମ ସମସ୍ତ ଋତୁ ସମ
ସମାନ ବଳିତ ମୋହର ହେ
ନବଘନ ।୨୩।

ଶୋଭନ ତନୁ ଦେଖୀ ମନେ ଯେମନ୍ତ ସୁଖୀ
ନୁହଇ ଭୂଷଣ ଭୂଷଣେ
ଶ୍ୟାମା ତନୁ ଭାବ ସେହି ମତ ଅଭାବ
ହୁଅଇ ଦଇବ କଷଣେ ହେ
ନବଘନ !
ଭୂପତି ବସ୍ତ୍ରେନ ସମ୍ପତ୍ତି
ଭଗାରି ପରାଏ ଦଶନ୍ତ
ଭୂରୁ ଶୋଭମା ଭାବ ବଣ୍ଣ ବସ୍ତ୍ରେନେ ଜୀବ
ଥିବା କଥାହିଁ ସେହି ମତ ହେ
ନବଘନ ।୨୪।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ମନ୍ଦ ମନ୍ଦ କମ୍ପିବା   ମନ୍ଦ ମନ୍ଦ ଗୁମ୍ଫିବା
ମନ୍ଦ କଳ କୋକିଳ ବାଣୀ
ମତେ ତ ଦିଶୁନାହିଁ   ଉପମା ଅଛୁ କାହିଁ
ଆହା ସେ ରସିକସିହାଣୀ ହେ
ନବଘନ !
ମକରଧ୍ୱଜ କଳ୍ପଲତା
ମହତ କାମ ଫଳଦାତା
ମହାମଣ୍ଡିମା ମନ   ମୋହିମା ଜୀବଧନ
ମୋ ସୁଖ ମନ୍ଦର ଦେବତା ହେ
ନବଘନ ।୨୫।

ଜମ୍ବୁନଦ ଗୋଷ୍ଠିକ   ନବୀନ କଶୋଷ୍ଠିକ
ଦେଖିବା ଯାଏଁ ପ୍ରତେ ନାହିଁ
ଜପୁଥିବ ତାହାର   ନାମ ତ ନିରନ୍ତର
ଯାବତ ଯାତନାକୁ ସହି ହେ
ନବଘନ !
ଜଳଜନେତ୍ରୀକି କହିବ
ଯେମନ୍ତେ ଜୀବନ ରହିବ
ଜୀବନ ମୁଞ୍ଚ ମମ   ଯଥାର୍ଥ କରି ବାମ—
ନେତ୍ରୀକି ବାମ ତା ନୋହିବ ଯେ
ନବଘନ ।୨୬।

ରଖଇ ନାହିଁ ଧାତା   ସବୁ କାଳେ ମମତା
ଭଙ୍ଗଇ କରଇ ତହିଁରେ,
ଘଡ଼ଏ ଯେ ଯାହାକୁ   ଛୁଡ଼ଇ ନାହିଁ ତାକୁ
ରଖଇ ଅନେକ ଦୂରରେ ହେ
ନବଘନ !
ରଜୀବ ସୁତର ଏ ଖ୍ୟାତି
ରତି ପତିର ଏ ଅମାତି
ରୋଲମ୍ବ ଗୁଣ ନେଇ   ଫୁଲ ଧନୁରେ ଦେଇ
ଫୁଲ କାଣ୍ଡେ ମନ୍ଥଇ ମତି ହେ
ନବଘନ ! ।୨୭।

Source: KC Dash, Digitized by PPRACHIN, SOA

ଲୋଚନ କର୍ଣ୍ଣଧର   ଲୋକନେ ଅଙ୍ଗ ଚାର
ଲିବନ୍ଧ ଅବଲେପ ଏତେ
ଲୋକ ଦୁଃଖ ନ ଜାଣି   ବର୍ଷଇ ପୁଣ ପୁଣି
ବାଳକଣ ଅବବେକ ଚତ୍ରେ ହେ
ନବଘନ !
ଲେଶେ ବସ୍ତ୍ର ନ ଚଳଇ
ଲଳନା ଅଙ୍ଗେ ପ୍ରହାରଇ
ଲଭ ହାନ ବଶେଷ   ନ ଜାଣି ଆଶନାଶ
ପରଏ ଆପଣେ ମାରଇ ହେ
ନବଘନ ।୨୮।

ବର୍ଷୁଅଛୁ ଏବେ   ତୁମ୍ଭ ସଙ୍ଗତେ ଯେବେ
ଯିବ ଏ ବଲ୍ଲଭୀ ପାଶକୁ
ବଧୂବଦମା ବାଳା   କୋମଳା ପ୍ରେମଶୀଳା
ଅବଶ୍ୟ ଭଜବ ନାଶକୁ ହେ
ନବଘନ !
ବଷଧର ପାଇଲେ ପୟ
ବୁଦ୍ଧି ଯେ କରଇ ବଷୟ
ବଶ୍ୱକେତୁ ଆଶ୍ରୟ   ପାଇଲେ କରେ ଜୟ
ଏଣୁ ଘେନ କରୁଛୁ ଭୟ ହେ
ନବଘନ ।୨୯।

ସହଜେ ହେଁ ଶୀତଳ   କର୍ପୂର ନାରିକେଳ
ଲେମ୍ବୁ ସଂଯୋଗୁ ହୋଏ ବଷ
ସୁଜନ ସଙ୍ଗେ ଯେବେ   ଦୁର୍ଜ୍ଜନ ହୋଏ ତେବେ
ଅବଶ୍ୟ ହୋଏ ଅପଯଶ ହେ
ନବଘନ !
ସଉଦାମିନୀ ସଙ୍ଗେ ଥିବ
ସହଜେ ତ ସମୀର ଯିବ
ଶିଖୀ ବକ ଡାହୁକ   ମଣ୍ଡୁକ ମହାଡାକ
କାହାକୁ କେତେ ନବାରବ ହେ
ନବଘନ ।୩୦।

Source: KC Dash, Digitized by PPRACHIN, SOA

ସେତ ତୁମ୍ଭ ଦମକ   ଶୁଣି ଲଭେ ଚମକ
ଝସକେତୁ ଦମକ ଛେଣେ
ଶିତି କଣ୍ଠ ଝକଟ   ଡାକବାର ଚହଟ
ବନ୍ଧୁକୁ ନରଖିବ ପ୍ରାଣେଶ ହେ
ନବଘନ !
ସବୁ ସମ୍ପଦ ସରିଯିବ
ସଂସାରେ ଲୋକ କି ବୋଲିବ
ଶୁଭେ ଜୀବନ ଥିଲେ   ଧାତା ସୁମୁଖ ହେଲେ
ସମସ୍ତ ସୁଖ ହିଁ ହୋଇବ ହେ
ନବଘନ ।୩୧।

ସଜଳଧର ଯାଅ   ଅପଯଶ ନ ପାଅ
ସବୁ ଦୁଷ୍ଟମାନଙ୍କୁ ଘେନ
ସମସ୍ତେ ଉପକାର   କଲେ ଯେଣୁ ମୋହର
ଜୀବଧନ ନକଲ ହାନି ହେ
ନବଘନ !
ସନ୍ତୋଷେ ବୋଲିବି ମୁଁ ଯାହା
ମନରେ ନ ଘେନିବ ତାହା
ସ୍ନେହ ଥାଇ ଯହିଁରେ   ମାନ କର ତହିଁରେ
ହୃଦରେ ବିଚାରିବ ଏହା ହେ
ନବଘନ ।୩୨।

ହଂସଗମନୀ ଧନୀ   ବିଚ୍ଛେଦ ଦୁଃଖ ଘେନି
ମୋ ମନ ମୋହର ନୁହଇ
ହୃଦସ୍ଥ ନୋହେ ଅସ୍ଥେ   କଥା ପ୍ରସଙ୍ଗ ପ୍ରାଏ
କେତେ ବେଳରେ କି କହଇ ହେ
ନବଘନ !
ହର ବଇରି ଶରେ କ୍ଷୀଣ
ହେଉଛି ଥରେ ଥରେ ଆନ
ହରଷ ହୋଇ ଘନ   କର ଏବେ ଗମନ
ନ ଘେନି କିଛି ଅଭିମାନ ହେ
ନବଘନ ! । ୩୩ ।

Source: KC Dash, Digitized by PPRACHIN, SOA

କ୍ଷମା ସାଗର ବର   ରସିକ ଗିରିଧର
ବୋଲେ ଜଳଦ ବାହୁଡ଼ିଲ
କ୍ଷପାକର ବଦନୀ   କ୍ଷୋଭ କରିଲ ଘେନ
ଗୋକୁଳ ମାର୍ଗ ନ ମାଡ଼ିଲ ହେ
ନବଘନ !
କ୍ଷମେ ଏ ଚଉତିଶା ଶୁଣ
ଛାଡ଼ି ମନରୁ ଅବଗୁଣ
କ୍ଷମା ସାଗର ଲୋକ—   ମାଥା ଚରଣେ ଲୋକ
ଦୀନକୃଷ୍ଣ ଦାସ ଶରଣ ହେ
ନବଘନ । ୩୪ ।

———o———

Source: KC Dash, Digitized by PPRACHIN, SOA

ଘନମାଳା ଚଉତିଶା

(ରାଗ – କାମୋଦୀ)

କମଳାନନମାନେ ମାନେ ସୁଘନେ ଘନେ ନନ୍ଦି କନ୍ଦର୍ପ ସୁବଦନ,
କଂସ ନାଶନ ସନକାଦି ସେବନ ନେମାଳୀ ନିଜନ୍ୟ ବିମୋଚନ,
ହେ ଘନମାଳା ! କରୁ କରୁଣା ପଥେ ଚିତ
କରଗମନ ମନ ପବନରୁ ବେଗ କରି କର ତାରଣ ଦେନ ଶିବ । ୧ ।

ଖଳ ଅକ୍ରୂର ସ୍ଥିର ନେଲକ ହୃଷିକେଶ କେଶଗଞ୍ଜନ କେଶୀ ହର
କ୍ଷଣେ ସୁମରି ମଥୁରୁ ଯେ ଗୋପ ରମଣୀ ମଣି ଯିବ ଜୀବନ ଧରି,
ହେ ଘନମାଳା ! ଖଳ ବିଷମ ଶର ଶର
ଖଣ୍ଡ୍ର ଅଛି ଅବଧି ବଧି ବଧାନ କର୍ମ ବିଧାତ ବିଧୂର, ବିଧୁର ।୨।

ଗତ ଗାରତମାନ ମାନସ ବଚନର ପରମ କାରଣେ ଭଜିଲୁ
ଗୋବର୍ଦ୍ଧନ ସୁଧର ଧରଣୀ ଚାମର ହରଷ ଉଦରେ ମଜ୍ଜିଲୁ,
ହେ ଘନମାଳା ! ଗରୁ କାମ ବାମ ନାଶିବୁ
ଗୋପ ନାୟକ ଏକ ତାରେକ ଅବଲୋକେ ଲୋକେଶ ଯଶ ଅରଜିବୁ ।୩।

ଘନ ତମାଳ ମାଳ ମଞ୍ଜୁଳ କଳେବର ବରହି ପୁଚ୍ଛଚୂଳ ସାଜେ
ଘଟି ଜଘନ ଘନ ମୃଗରାଜ ରଞ୍ଜନ କଟି ରୁଚିର ଚିର ରାଜେ,
ହେ ଘନମାଳା ! ଘନସାର ସାର ସୁଧାମ
ଘଟେଣ ପଦ ପଦ ବୃନ୍ଦାବନ ବରଦ ଦରଶନେ କଳୁଷ ନାଶ ।୪।

ନର୍ମିଳା ସୁକୁମୁଦ କୁମୁଦ ବନ୍ଧୁ ବନ୍ଧୁକ ବିମ୍ବ ଅଧର ସ୍ମିତନ୍ନୁ
ନୟନ ମୀନ ମୀନ କେତୁ ଶର ଶରଣ ଭ୍ରୂରୁକ ପୁଷ୍ପଧନୁ ଧନୁ,
ହେ ଘନମାଳା ! ନନ୍ଦ ନନ୍ଦନ ବିନୁ ବନ,
ନରେଷ୍ଟ ମଣ କମଳ କମଳ ବିନୁ ପିମୁ ଜାମୃତ ଆମ୍ଭେ ହେ ବେଦନ ।୫।

ବରହି— ମୟୂର ।
ମୃଗରାଜ—ସିଂହ ।

Source: KC Dash, Digitized by PPRACHIN, SOA

ଚନ୍ଦ୍ରକର କରଜ ରୁଚ ପାଣି ପାଣିଜ ପୁଟେ ମୋହନ ବେଣୁ ସାଜେ
ଚଟୁଳ ହେମ ପୁଷ୍ପମାଳ ମାଳଞ୍ଚ କେଶର ସରସିଜ ରାଜେ,
ହେ ଘନମାଳା ! ଚଞ୍ଚଳେଶ ଲେଶ ମହିମା
ଚଉ ଲପନ ପନ୍ନଗ ରାଜଭୂଷା ଭୂଷାସନ ଶେଷ ନ କରେ ସୀମା ।୬।

ଛୁଡ଼ି ମଧୁଭୁବନ ଭୁବନଜ ଲୋଚନ ଆସି ବସିବେ ଯେବେ ଗୋପ
ଛେଦ କନ୍ଦର୍ପ ଦର୍ପ ପରିମ ରମା ରମାପତି କୃଷ୍ଣ କୃଷ୍ଣ ସ୍ୱରୂପ,
ହେ ଘନମାଳା ! ଛନ୍ଦମଣି ମଣିବେ ମାୟା
କ୍ଷମା ସାଗର ଗରକଣ୍ଠ ସୁହୃଦ ହୃଦପଦ୍ମ ମଧ୍ୟେ କରିବେ ଦୟା ।୭।

ଯତନେ କାଳୀ କାଳିନ୍ଦୀରେ ନଙ୍କ ବିନାଶି ନାଶିବ ଖଣ୍ଡିଲେ ଜଗତ
ଜନ ଜନକ ମହ ମହତ ହରି ହରି ତାପରୁ ବନ୍ଧ କଲେ ଜାତ,
ହେ ଘନମାଳା ! ଯିବ ଜୀବନ ତାଙ୍କ ବିନୁ
ଯଦୁପତି ପତିତ-ପାବନ ବନଜାଂଘ୍ରି ଭଜିଥିଲୁ ଯିବକି ମନୁ ? ।୮।

ଝାଙ୍କିବ ହେ ପବନ ବନ ସହମା ଘନ ଘନ ଗର୍ଜନ ବିକରାଳ
ଝଁସକେତୁର ଭୁର ଭୁରମଣି ଆତୁର ତନୁବର ବରଷା କାଳ,
ହେ ଘନମାଳା ! ଝୁରି ତନୁ ତନୁ ନ ପାଇ
ଝାସିବୁ ବିବେଚନ ବିବେଚନ ଯା କୁଳେ କୁଳେଶ କଳଙ୍କ ଲଗାଇ ।୯।

ନ ଦନ୍ତ ହଂସ ହଂସଜାତଟେ ଶୋଭିବନ ବନଜ କୁମୁଦ ବିକାଶେ
ନାନା ସୁମନେ ସୁମନେ ତା ମିଳି ମିଳନ୍ଦ ମଧୁ ମଧୁର ରସେ ରସେ,
ହେ ଘନମାଳା ! ନବଢ଼ି ବଢ଼ିମତି ହୋଇ
ନ ଚନ୍ତ ନୀଳକଣ୍ଠ ନୀଳକଣ୍ଠର ପର ପରମ ଉଚାଟ କରାଇ ।୧୦।

ଟାକଥିଲା ଅସୁର ଶୃରବନ୍ତ ଦେଖାଇ ଖାଇବ ବୋଲି ନନ୍ଦ ସୁତ
ଟାଣ ଶାବକ ଶାବକକୁ ନିବାରି ବାରିଦ ଗୋପୀ ଗୋପଙ୍କୁ ରକ୍ଷିତ,
ହେ ଘନମାଳା ! ଟେକ ତାର ତାରକା ଦେଖି
ଟଳିବେ ସୁରସୁର କିନ୍ନର ନର ଯକ୍ଷ ସ୍ମରଣର କୁଟୀରେ ନାଖି ।୧୧।

ଠାକୁରଙ୍କ ସୁନ୍ଦର ଦରହାସ ଆନନ ଆନନ ଲକ୍ଷେ ଲକ୍ଷ୍ୟ ଦେଇ
ଠିକେଣ କବ କବ ଛବକ କଣ୍ଠିପାରୁ ପାରୁଷବକ୍ଷ ବକ୍ଷ ହୋଇ,
ହେ ଘନମାଳା ! ଠାଠିକ କମଳା ନଳାକ୍ଷ
ଠଣ ପାଦ ପାଦପ ଆଶ୍ରିତ ଗୋପୀ ଦ୍ୱିଜ ଦ୍ୱିଜରାଜ ସବିତା ସାକ୍ଷ ।୧୨।

ଗରକଣ୍ଠ—ଶିବ ।   ଦ୍ୱିଜରାଜ—ଚନ୍ଦ୍ର ।

Source: KC Dash, Digitized by PPRACHIN, SOA

ତୋଳେ ଦେଖି ଅରୁଣ ଅରୁଣ ତା ଅଧର ଧରଣୀ ତେଜ ଉର୍ଦ୍ଧ୍ୱେ ଗଲ,
ତଟରେ ପ୍ରବାଳ ପ୍ରବାଳ କୋକନଦ ନଦ ମଣ୍ଡି ମଣ୍ଡିରୁହେ ଲୁଚିଲ,
ହେ ଘନମାଳା, ତଗର ଗରବ ବଢ଼ାଇ
ତାଙ୍କ ବସାଇ ରଥ ରଥ ଚରଣ ଭୃତ ଭୃତଜନେ ସ୍ନେହ ଛଡ଼ାଇ ।୧୩।

ତାଙ୍କ ଚନ୍ଦ୍ରବଦନ ବିମ୍ବ ଅଧରେ ଧରେ ବଂଶୀ ବଂଶୀକ ଭୀରୁ ଧାତା
ତାଳେ ଦ୍ରବିତ ଗ୍ରାବ ଗାବନ୍ଧ ସ୍ତମ୍ଭିଭୂତ ଭୂତପତି ପ୍ରତି ବସତା,
ହେ ଘନମାଳା, ତମ ନ ମଣି ମଣି ହର
ତୋକଲେ ଶୁତ ଶୁତ ହନୁ ସେତ୍ୱ ଅମୃତ ଅମୃତ ଜୟ ଜୟକାର ।୧୪।

ନଗଜାଗଜାନନ ନ ନମିଲ ଚରଣ ଶିବାଗ୍ର ଅଗ୍ର ପୂଜା ପାଇ
ନ ମଣି କୂଳ କୁଳଟା ଭବେ ସେବ ସେ ବନୁ ପଶିହାଟ ଯେ ଆନ ନାହିଁ,
ହେ ନବଘନ ! ନବଶ ରସ ବନୋଦ୍ଧତା
ନିର୍ମଳ ମଳୟଜମାନ ଯେ କାଳକୂଟ କୂଟଗ୍ରାହୀ ଭବ ମୋଦିତା ।୧୫।

ତୁମ୍ଭେ ଭୁବନ ପ୍ରଦ ପ୍ରଦ ପ୍ରଦରଶନେ ଦୁଃଖୀ ଲୋକ ତାପ ଭଞ୍ଜିତ
ତ୍ରିଦଶ ଦଶ ଦଶଚର ଚରଣେ ନମସ୍କାର କାରଣ କୃଷ୍ଣଦୂତ,
ହେ ଘନମାଳା ! ତାବତ ବ୍ରତ ସର୍ବନାଶୀ
ତୃଣୋବ୍ରତ ବ୍ରତହା ଯାବତ ନୋହେ ପ୍ରୀତି ସନ୍ଦେହ ଦେହ ଥିବା ଧଶ ।୧୬।

ସ୍ଥାଣୁ ସେବାରେ ବାରେ ଗିରିଜା ସହ ହର ହରଷେ ଦେଲେ ଦକ୍ଷ କର
ଥିବାର ପୁଣ୍ୟ ପୁଣ୍ୟଜନ ନାଶନ ଭୋଗୀ ଭୋଗୀ ଶୟନବର ବର,
ହେ ଘନମାଳା ! ଥୟେ ଶତ ଶତ ସମ୍ପତ୍ତି
ଥିବ ଏମନ୍ତ ମତ ଗରବେ ମଣିଥିଲୁ ସଚଞ୍ଚଳା ଚଞ୍ଚଳାପତି ।୧୭।

ଦୟାକୂପାର ପାର ଅପାର ମହିମା ଯମଜ ଚରଣାମ୍ବୁଜ ସେବ
ଦୟାବ୍ଧି ଦୟବ୍ଧି ଲଘିମା ପର ପରମେଷ୍ଠୀର ବନ୍ଧ ବନ୍ଧ,
ହେ ଘନମାଳା ! ଦାମୋଦର ଦର୍ପ ଭଞ୍ଜନ
ଦୀନ ବାନ୍ଧବ ଧବଳ ଯଶ ଶତ ପୂରେ ଗୋପବନ୍ଧୁ ପ୍ରିୟ ଜୀବନ ।୧୮।

ଧନ୍ୟ ଧନ୍ୟ ଆମ୍ଭର ଭରସା ବିଶ୍ୱମ୍ଭର ଗୋପ ଇନ୍ଦ୍ର ଇନ୍ଦ୍ର ବାଦରେ
ଧରି ତା ମାର ନିରନ୍ତରେ ଯେ ବରଷିଲ ଶିଳା ସଙ୍ଗତେ ବାରେ ବାରେ,
ହେ ଘନମାଳା ! ଧ୍ରୁବ ଦେଖି ଦେଖିଲେ ନର,
ଧଇଲେ ଗିରିବର ବରଜ ସୁତ ପାଇଁ ପାଇଲ ଲାଜ ପୁରନ୍ଦର ।୧୯।

ସ୍ଥାଣୁ—ଶିବ । ଅକୂପାର—ସମୁଦ୍ର ।

Source: KC Dash, Digitized by PPRACHIN, SOA

ଝରକ ନିବାରଣ କୁବଳୟ ଦ୍ୱିରଦରଦ ଉପାଡ଼ିଲେ,
ଝର୍ଘାତ ଘାତ ମୁଷ୍ଟି ମୁଷ୍ଟିକ ପ୍ରାଣ ତ୍ରାଣ ଶମନ ଭୁବନ ପେଷିଲେ,
ହେ ଘନମାଳା ! ନିତ୍ୟାନନ୍ଦ ନନ୍ଦନ ଧାଇଁ
ଝାଶିଲେ କଂସାସୁର ସୁରଙ୍କ ପ୍ରପନ୍ନେର ନରେଶ ଉଗ୍ରସେନ କଲ ।୨୦।

ପବନ୍ ହେ ଆପଦ ଆପଦ ବିନାଶନ ପୁର ପୁରତେ ତୁମ୍ଭେ ଯିବ
ପ୍ରବନ୍ଧବର ବରଷ୍ମି ତା ଚନ୍ଦ୍ରିକ ଚନ୍ଦ୍ରିକ ମନ ମନସିଜ ଯିବ
ହେ ଘନମାଳା, ପଦ୍ମାବଳ୍ଲିତେ ଲବେ କହ
ମାପୀ ଗୋପ ଅଙ୍ଗନା ଅଙ୍ଗନାଶନ ଛାପି ଛାପିଞ୍ଛି କଳେବର ସ୍ନେହ ।୨୧।

ଫିଟି ସ୍ତମ୍ଭମ ଭ୍ରମ ସାର ଭାନୁ ଭାନୁଜାବର ଅଶ କମଳ କର
ଫୁଟି ବର୍ତ୍ତି ବର୍ତ୍ତିନ ବଦୀ ବନ୍ଦୀଶପନ୍ନ ବଂଶ ବଂଶ ସମୀର ବର,
ହେ ଘନମାଳା ! ଫୁଲ୍ଲେନ୍ଦୀବର ବର ନେତ୍ର
ଫୁରୁଣା ମନେ ମନେ ଭଗତ ଗତ କରହର କନ୍ଦ୍ୟାବଦୃପକୃତ ।୨୨।

ଝଣୁ ବନ୍ଦର ଦାର ଗନ୍ଧସାର ସାରସ ଚନ୍ଦ୍ରମା ଚନ୍ଦ୍ରମା ରୁଚିର
ଝକାଶ କାଶ କଇରବ ଭ୍ରାଜିତ ଜିତ ବଳକ୍ଷ ବଳ୍ଲ କ୍ଷମକର,
ହେ ଘନମାଳା ! ବିଷମ ସମରେ ପଣ୍ଡିତ
ବାହୁ ପ୍ରଳମ୍ବ ପ୍ରଳମ୍ବଘ୍ନ ବଳରାମ ରାମ ନାମେଣ ସଙ୍ଗେ ଜ୍ୟେଷ୍ଠ ଭ୍ରାତ ।୨୩।

ଭଜ ଭଜ ଆନକ ଆନକ ଦୁନ୍ଦୁଭିର ତନୟ ତନୟ ତୁମ୍ଭର
ଭ୍ରୂଲତା ଲତା ରୁଚି ରୁଚିର ମନୋରମ ହୋଇ କୁରଙ୍ଗ ରଙ୍ଗକର,
ହେ ଘନମାଳା ! ଭବ ଭବ ଭୟ ନାଶନ
ଭୁଲି ଲାବଣ୍ୟ ସର ଶିରସି ମନମୀନ ରମି ରମା ନାୟକ ଚିହ୍ନ ।୨୪।

ମଧୁରପୂର ପୁରସ୍କାର କାନକ ହୋଇ ଆନନ୍ଦେ ଦେବୁ ଛନ୍ନଛନ୍ନ
ମଧୁର ମଧୁତର ସ୍ୱଭାବ ଭାବନାକୁ ଭଜିବୁ ଗଦଗଦ ସ୍ୱନ,
ହେ ଘନମାଳା ! ମଣିଲେ ମଞ୍ଜିବ ଜୀବନ
ମାର୍ଗକୁ ଅନୁସରି ଯାଅ ଘନ ତୁରିତ ମରୁତ ମରୁତ ଯେସନ ।୨୫।

ଜୀବନ ବିଷ୍ଣୁପଦେ ବିଷ୍ଣୁପଦେ ତଳପୁ ତଳପୁ ହୃଦନ୍ତ ବସ୍ତିର
ଜଗତେ ବାର ବାର ଅଗମ୍ୟ ଚର ଚର ଚର ଚରନ୍ତୁ ଏ ତୁମ୍ଭର,
ହେ ଘନମାଳା ! ଜଣାଇ ଆସ ନରହରି
ଜମ୍ବୁନଦ ବରଣ ବରନତମ୍ବିନୀଙ୍କ ନିକର ଅନ୍ତର ପସୁରି ।୨୬।

Source: KC Dash, Digitized by PPRACHIN, SOA

ରାଜୀବନେତ୍ରୀ ରାମା ରାମାନୁଜଙ୍କ ଗୁଣ ଗୁଣନ୍ତି ଭଜନ୍ତି ନିରତ
ରମନ୍ତି ମନ୍ତ୍ରଧ୍ରୁବ ଧ୍ରୁବ ବରଦ ବଭ୍ରୁ ବଦ୍ରୁତି ଏ ତାଙ୍କ ସମସ୍ତ,
ହେ ଘନମାଳା ! ରସିତା ସିତାମ୍ବୁଜ କାନ୍ତି
ରତିବିହ୍ୱଳା ବଳାରତି ପ୍ରାପ୍ତେ ଆଦେଶ କେବଳା ବଳାହକଚନ୍ତ୍ରେ ।୨୭।

ଲଳନା ବୃନ୍ଦା ବୃନ୍ଦାରକ କସ୍ତୁରୀ ପନ୍ତି ଘନ ଘନ ଗୃହ୍ଣିବାରେ
ଲଙ୍କାଞ୍ଜୀ ଜନକ ଶ୍ରବଳ ବଳ ସ୍ମରଭାନୁ ଭାନୁକ ଗ୍ରାସ କରେ,
ହେ ଘନମାଳା ! ଲକ୍ଷ ନଭେ ନଭୋଦ୍ଭବ
ଲକ୍ଷ ନିଃସ୍ୱନ ସ୍ୱନ ଘଟ ଘଟ ଉଦ୍ଘଟ ଘଟଣ ମଧୁର ସୁ ଛବି ।୨୮।

ବିକଶିଲେ କଦମ୍ବ କଦମ୍ବ ବିରାଜନ୍ତି କାନ୍ତି ବଳାକା ବଳାକାଶେ,
ବରଷା ରସାପର ପରିମଳ ସାରସେ ସାରସେ ଗମିଲେ ମାନସେ ।
ହେ ଘନମାଳା ! ବିଶେଷ କଳଳ ଲଳସା,
ବିନାଦ ନାଦ କି ହରି ହରି ମନମଥ ପଥ ପଙ୍କିଳ କଲ ଝସା ।୨୯।

ସର୍ଜନା ଜନାଶ୍ରୟ ପରଦେଶ ତ ବନା ଘାନା ଗୃହକା ହରେ ତୃଷା,
ସଜଳ ଧାରାଧର ଧରାଧର ଶିଖରେ ଖରେ ମୁଞ୍ଚିଲେ ତୋଷ ଝସା ।
ହେ ଘନମାଳା ! ଶୋଭା ଶିକର କରାପ୍ରସା,
ଶଇବଳମାବଳ ନର୍ତ୍ତିତ ତଟହଦରେ ଆଡମ୍ବର ଡମ୍ବର ଘୋଷା ।୩୦।

ଷେଯେ କାଳ କାଳକାଗ୍ରସ କ୍ଷଣଦ୍ୟୁତିକା ରତିନାୟିକା ସୁପଣ୍ଡିତା,
ସସମ୍ଭ୍ରମ ସସମ୍ଭ୍ରମର ରତି ରତି ହରି ହରି ବାହନାସନ୍ତ ଗତା ।
ହେ ଘନମାଳା ! ସୁଧାକର କର ସାଜିତା,
ସେବିତା କି ସାରଙ୍ଗ ସାରଙ୍ଗ ଗତି ହରି ହରିତ ଚମ୍ପ ବିରାଜିତା ।୩୧।

ସାଜିଲେ ରଣରଣ କୁସୁମ ସୁକାର୍ମୁକ ଶର ସଉପିଜ ଭୂଷିତା,
ସୁମାନନୀମାନନୀ କାମିନୀ କାମିନୀଜ କାନ୍ତ କାନ୍ତା ମୁଖ ଚୁମ୍ବିତା ।
ହେ ଘନମାଳା ! ସନମାନ ମାନ ସର୍ଜନା,
ଶୃଙ୍ଗାର ଭାବ ଭାବନୀ କାନ୍ତ କଳାକର କାଳକ କରନ୍ତି ଗଣନା ।୩୨।

ହୋଇ ଆନ ଆପ୍ତ ଆପୃତ କମଳାକ୍ଷୀ ସ୍ମରଣରେ କାତରରେ,
ହର ହର ହେ ଦରସ୍ତୁ ହର ସୁଦର ସୁଦରଶନ କର କର ।
ହେ ଘନମାଳା ! ହରି ହରି ହବ ବୋଇଲେ,
ହଂସଗମନା ଗୋପୀ ଗୋପୀଙ୍କ ଜଳମୁକ ମୂକଭାବ ହୋଇ ରହିଲେ ।୩୩।

Source: KC Dash, Digitized by PPRACHIN, SOA

କ୍ଷଣଦା କରଶିତ ଶିତିକଣ୍ଠ ଚନ୍ଦ୍ରକଧର ସୁଷମାମାନ ସମାନ,
କ୍ଷମା ଶ୍ରୀ ନିକେତନ କେତନ ଦ୍ୱଶ ଦ୍ୱଶତ ବାସ ବାସବ ବନ୍ଦନ ।
ହେ ଘନମାଳା ! କ୍ଷମା··· ··· ···ଚେଜନା,
କ୍ଷେମେଣ ବାମଦେବ ବାମଦେବ ଭଜଇ ଭଞ୍ଜଇଣ ମନ ବେଦନା ।୩୪।

ଚିଟାଉ ଚଉତିଶା

କମଳଦଳ ଲୋଚନା — କୁରଙ୍ଗ ଅଙ୍କ ବଦନା
କରିବରଗାମୀ ଧନା, ମୁନି ମୋହନା
କୃଶୋଦରୀ ରୂପ ରାଶି — କୁଟିଳ ଚିକ୍କଣ କେଶୀ
କନ୍ଦର୍ପ କେଳି ଲାଳସୀ ପିକ ବଚନା,
କାମିନୀରେ ଗୁଣି ତୋ ସୁଖ
କାମଦେବ କାଣ୍ଡ ନଚ୍ଛେ ଦେଉଛି ଦୁଃଖ ।୧।

ଖଞ୍ଜନା ନୟନା ସଖୀ, — ରସିକା ଆନନ୍ଦ ସୁଖୀ
କ୍ଷଣେ ହେଁ ନୟନୁ ତୋତେ ନୋହେ ମୁରୁଛି
ଖଣ୍ଡି ସେ ସୁଖ ବିଧାତା — ଖଟାଇଲା ଘୋର ଚିନ୍ତା
କ୍ଷଣେ ଯେ ନ ଛାଡ଼ୁ ମୋତେ ଗୃହୁ ସୁକେଶୀ
ଖଟିଥିବ ସନ୍ତତେ ତୋତେ
ଖଣ୍ଡେନ୍ଦୁ ଶେଖର ଏହା କରିବେ ମୋତେ ।୨।

ଗୁପତ ବିନୟ ତୋର — ଗୁଣନ୍ତେ ଶରୀର ମୋର
ଘାରି ହୋଇଥାଇ ପ୍ରିୟେ ମଧୁରହାସୀ !
ଗେଲେ ଗୃହ୍ଣିବା ନୟନ — ବନ୍ଦୀ କରି ଅଛି ମନ
ଶୁଣରେ ଗୁଣରତନ ଯୁବତୀ ରାଶି
ଗରୁତର ଯେତେ ସେନେହ
ଗୁପତ କ୍ରୀଡ଼ାରେ କରି କଣିଛୁ ଦେହ ।୩।

ଘନସ୍ତନୀ ଘନ ନଶା— — ସମୟେ ଚିନ୍ତିଲେ ତୋତେ
ମଦନ କରଇ ମୋତେ ଅତି କାତର
ଘୋଷୁଥାଏ ହିବା ନିଶି — ଅନୁବରତରେ ବସି
ଅଧର ଉପରେ ଦେବ ଚୁମ୍ବନ ତୋର
ଘେନ ତୋର ବିନୟ ଗୁଣ
ଘାରି ହୋଇଥାଇ ନିରନ୍ତରେ ପରାଣ ।୪।

Source: KC Dash, Digitized by PPRACHIN, SOA

ନିରନ୍ତରେ ନୟନରେ   ତୋ ରୂପ ଥାଇ ନିର୍ଭରେ
    ନ ପିଛୁଡ଼ଇ ନୟନ ଅଦୃଶ ଡରେ
ନାଗରୀ ରତନ ଜନ୍ମେ   ଜନ୍ମେ ମୋତେ ମିଳିଥିବ
    ନିରନ୍ତରେ ଏ ବର ମାଗଇ ଶଙ୍କରେ
    ନୀରଜଲୋଚନୀ ତରୁଣୀ !
  ନିଶ୍ଚେ ମୁଁ ତୋହୋର ଦାସ ଶୁଣ ସୁନ୍ଦରୀ ।୫।

ଚନ୍ଦ୍ରମା ବଦନ ତୋର   ଚକୋର ଲୋଚନ ମୋର
    ଚିନ୍ତା କରୁଥାଇ ନିତ୍ୟେ ତୋର ବଦନ
ଚନ୍ଦ୍ର ଏବେ ବିଷ ମୋତେ   ଜୀବନ ଥିବ କେମନ୍ତେ
    ତୋହୋର ବିହୁନେ ଗଲେ ଯାଉ ଜୀବନ,
    ଚିକୁର କେଶୀ ! ମାଗଇ ତୋତେ
  ଚିତୋଇବୁ ଅନୁକ୍ଷଣେ ଚିତ୍ତରେ ମୋତେ ।୬।

କ୍ଷଣୋଦରୀ ! କ୍ଷିତିତଳ—   ମଣ୍ଡନୀ ନାଗରୀବର
    ଛାପ ନ କରିବୁ ମନେ ବୀନ୍ଧରୀ ମୋର
ଛୁଡ଼ ଯେତେଦୂରେ ଥିଲେ   ଅଛୁ ତୋହୋ ପାଶେ ଭଲେ
    ବିସ୍ମରିବୁ ଏମନ୍ତ ମୋ ଜୀବନ ତୋର
    ଛୁଡ଼ସି ତୋ ମନରୁ ଚିନ୍ତା
  ଛଇଳ ମୋହିନୀ ତୁ ମୋ ଜୀବନ ଦାତା ।୭।

ଜଗନ୍ନାଥେ ଯୋଡ଼ି କର   ମାଗୁଥାଇ ଏହି ବର
    ଯୁବତୀ ରତନ ବାରେ ଭେଟାଅ ମୋତେ
ଯାମିନୀ ସ୍ୱପନେ ଦେଖେ   ନିଦ୍ରା ନ ମାଡ଼ଇ ମୋତେ
    ପ୍ରାଣଧନ ସ୍ୱପ୍ନେ ଅବା ଦେଖନ୍ତି ତୋତେ
    ଜପୁଥାଇ ସନ୍ତତେ ଏହା
  ଯୁବତୀ ରତନ କରିଥିବୁ ସୁଦୟା ।୮।

ଝଲକ ନୟନୀ ତୋର   ସେନେହେ ବନ୍ଧେ ଗୁନ୍ଥିବା
    ନୟନେ ମୋ ଝରୁଥାଇ ନିଶି ଦିବସେ
ଝୁରି ଝୁରି ତନୁ ଖୀନ   ରୁଚଇ ନାହିଁ ଚନ୍ଦନ
    ଝମଟେ ହେଁ ମିଳିବା କି ତୋହୋର ପାଶେ
    ଝାଡ଼ରେ ଯେ ଥାଇ ମାଳତୀ
  ଝମଟେ ହେଁ ଭୃଙ୍ଗ ନ ଛୁଡ଼ଇତା କତି ।୯।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଞିର୍ମଳ-ନୀରଜ-ନେତ୍ରୀ ଞିର୍ମଳ କେତକୀ-ଗାତ୍ରୀ
କପାଁ ପ୍ରାଣ ରହିଅଛି ତୋତେ ନଦେଖି
ଞାହିଁ ମୋ ଦେହରେ ମନ ଅଛି ତୋର ସନ୍ନିଧାନ
ଞୟୁନ ପ୍ରତିମା ମୋର ଜୀବନ ସଖୀ
ଞଶି ହବା ଲକ୍ଷେ ବରଷ
ନ ଦେଖିବାରୁ ତୋହୋର ମଧୁର ହାସ ।୧୦।

ଟଳି ମୋ ଅଙ୍ଗରୁ ପ୍ରାଣ ଯିବାକୁ ବାହୁରୁଥାଇ
ତୋର ଆଲିଙ୍ଗନ ଭାବ ହୃଦରି କରି
ଟାକଥାଇ ଅନୁକ୍ଷଣେ ପ୍ରିୟା କି ଆସିବ ଏଣେ
ରହି ଅଛି ପ୍ରାଣ ତୋର ଗୁଣ ସୁମରି
ଟେକି ଅଛି ଆଶ ମୁଁ ତୋତେ
ଟଳି କି ଆକାଶ-ଶଶୀ ପଡ଼ିବ ହସ୍ତେ ।୧୧।

ଠଣ ତୋର ପୟୋଧର ଯେବେ ଧରିବ ମୋ କର
ସେ ଦିନ ଜନମ କାଳ ଫଳ ଫଳିବ
ଠାଠିକ ଶବୁକେ ତୋର ପୁଣି କି ଲାଗିବ କର
ବିଧାତା କି ଏ ନିକଟେ ଏ ବର ଦେବ ?
ଠାବେ ଠାବେ ଲେଖି ତୋ ମୁଖ
ଠାଠିକି ଦର୍ଶନେ ସଖି ! ଲଭଇ ସୁଖ ।୧୨।

ଡାକୁ ଯେ ଡୋଳାରେ ଠାରି ଡମ୍ବରୁ-ମଧ୍ୟା ସୁନ୍ଦରୀ !
ଡାଳିମ୍ବ ବୀଜ ଦଶନା ! ସ୍ନେହରେ ମୋତେ
ଡକା କରଇ ମଦନ ସେ କଥା ଚିନ୍ତିଲେ ମନ
ଦମକଇ ହିଆ ମୋର ଚିନ୍ତିଲେ ତୋତେ
ଡରୁଥାଇ ତୋର କୋପକୁ
ଡର ଏବେ ହୋଇଲା ମଦନ ବାଣକୁ । ୧୩ ।

ଢମ ପ୍ରାୟେ ନ ମଣିମୁ ଏମନ୍ତ ନଷ୍ଟେ ଜାଣିମୁଁ
ଜୀବନ ଶରୀର ମୋର ଆୟତ୍ତ ତୋର
ଢାଳ ତୋ ସୁଧା ଅଧରୁ ପାନ କରିବାର ଯାଏ
ମତେ କି ଜୀଆଇଥିବ ପଞ୍ଚମ ଶର
ଢାଳେ ହେଁ ତୁ ପ୍ରଭୁ ମୋହର
ଢମ ପ୍ରାୟେ ନ ବୁଝିବୁ ନଷ୍ଟେ ତୋହୋର ! ୧୪ ।

Source: KC Dash, Digitized by PPRACHIN, SOA

ଏଣାଙ୍କ ଉଦୟ କାଳେ   ଅମ୍ବୁଜଦଳ ଲୋଚନୀ
ଆତଙ୍କ ହୁଅଇ ସଖୀ ତୋ ମୁଖ ଚନ୍ଦ୍ର
ଆନରେ ନ ଥାଇ ମନ   ନିରନ୍ତରେ ତୋତେ ଧ୍ୟାନ
ରଜନୀ ପତି ପଦ୍ମ ତି କରନ୍ତି ନତି
ଅବନୀରେ ଯେତେକ ମୁଖ
ଅଣୁ ପ୍ରାୟେ ନମଣାଇ ଦେଖି ତୋ ମୁଖ । ୧୫ ।

ତରୁଣୀ କୁଳ ରତନ   ତୋତେ ଲଭିଥିଲେ ମନ
ଆନ ନାରୀ ନିକଟକୁ କେମନ୍ତେ ଯିବ
ତୋ ଭାବ ରସ ସମାନ   ନାହିଁ ନାହିଁ ତ୍ରିଭୁବନ
ରତିରସ ସରକର କେ ଜାଣିଥିବ ?
ତୁ ମୋହୋର ଜୀବଜୀବନ
ତୋର ବିନୁ କାହାଁ ରହିଅଛି ପରାଣ ? ୧୬ ।

ଥେଣ୍ଟ-ଶିରୋମଣି ପ୍ରିୟା   କରିଥିବୁ ମୋତେ ଦୟା
ଆପଣା ସେବକ ଦୋଷ କଲେ ନୋହେଁ ସହି !
ଥିବୁ ଏମନ୍ତ ବିଚାରି   ଆନ ମନରେ ନ ଧରି
ଦୋଷ ମୋର ଛାଡିଥିବୁ ପରାଣ ସଖୀ !
ଥିବି ଦାସ ହୋଇ ତୋହୋର
ଥୂଳ—ନିତମ୍ବିନୀ ! ମୋର ଏହି ବିଚାର । ୧୭ ।

ଦୟାଜଳନିଧିପ୍ରିୟା   ଦାସଜନେ କରୁ ଦୟା
ତେଣୁ ମୋହୋର ଭରସା ଅଛି ଅପାର
ଦେଖିଲେ ବଦନ ତୋର   ଛାଡ଼ିବ ଦୁଃଖ ମୋହର
ରସିକା ରମଣୀ ତୁ ମୋ ସୁଖ-ସାଗର
ଦୟା ଯେବେ କରିବେ ହର
ଦେବି ତୋହର ସେବାକୁ ଶରୀର ମୋର । ୧୮ ।

ଧୀରଗାମୀ ନିଶାକାଳେ   ଏକାନ୍ତ ଶୟନ ବେଳେ
ମାନସିକେ ତୋତେ ଆଣି ସଙ୍ଗ କରଇ
ଧୀରେ ହୃଦରେ ପକାଇ   ଅଧରେ ଚୁମ୍ବନ ଦେଇ
ନ ଦେଖି ନୟନୁ ବେଗେ ନୀର ଗଳଇ
ଧନ୍ୟ ଧନ୍ୟ ମହିମା ତୋର
ଧଇର୍ଯ୍ୟ ଭାଙ୍ଗଇ ଗୁଣ ଚିନ୍ତିଲେ ମୋର ।୧୯।

Source: KC Dash, Digitized by PPRACHIN, SOA

ନାହିଁ ନାହିଁ ନବ ପଞ୍ଚ— ଭୁବନେ ମନ୍ମମା ଚୋଳି
ନିଶ୍ଚେ ତୁ ନାଗରୀ-ଶିର ମୁକୁଟ-ମଣି
ନୟନେ ଯେହୁ ଦେଖିବ ସେ କି ତୋତେ ମୁରୁଛିବ
ମଦନ-ଜଳନିଧି କି ତୁ ହେ ତରଣୀ
ନୀରଧିରେ ଝାସିବ ଅଙ୍ଗ
ନାଗରୀ ରତନ ତୋର ଲଭିବ ସଙ୍ଗ ।୨୦।

ପଦ୍ମ ମୁଖ ପଙ୍କଜ ନ— ସ୍ବପ୍ନ ଘୋରେ ମୋତେ ଦେଖି
ସଂଭ୍ରମ ହୋଇ ଉଠିବା ଭାବ ଚିନ୍ତିଲେ
ପରାଣ ଲୋଡ଼ଇ ତୋର ନିକଟକୁ ଗମିବାର
ନ ଯାଇ ରହଇ ଶିବ ଶିବ ବୋଇଲେ
ପାସୋରିବୁ ନାହିଁଟି ମୋତେ
ପରାଣ ସ୍ବାଁ ଦେବ ଧନ ! ତୋର ନିମିତ୍ତେ ।୨୧।

ଫୁରୁଣା-ଆନନ ମୋତେ ମେଲାଣି ଦେବା ସମୟେ
ଲୁହେ ଯେ ଆସ୍ଥାନ (?) କଲୁ ଲୋଚନ ବେନି
ଫୁଟିଲା ପଲ୍ଲବ ହୋଇ ନିଶ୍ବାସ ଖରେ ପକାଇ
କାତର ହୋଇଲୁ ମଥାଠାରୁ ସଜନୀ !
ଫୁଲିଲା ଯେ ସୁନ୍ଦର ନାସା
ଫାଇ କ୍ରୋଧରୁ ନଇଲା ମୁଖକୁ ଭାଷା ।୨୨।

ବଚନର ସେ କଥାମାନ ବୁଜଇ ବେନି ନୟନ
ବୋଲଇ ସେ ବଧୂମୁଖୀ କି କରୁଥିବ
ବଚନର ମୋହର କଥା ପାଉଥିବ ବହୁ ବ୍ୟଥା
ନିରନ୍ତରେ ମୋର ମୁଖ ଧ୍ୟାନ କରିବ
ବାଳା ! ମୁଁ ବୋଲଇ ଏମନ୍ତ
ବେଭାରେ ତ ଜାଣି ଯେ ଯାହାର ଯେମନ୍ତ ।୨୩।

ଭିନ୍ନ ଭିନ୍ନ ଦେହ ଧାତା ଗଢ଼ିଲା ଏକ ଜୀବନ
ଭାବିନୀ ! ଭଦ୍ର ଲୋଚନୀ ! ଏମନ୍ତ ଜାଣ
ଭେଟାଇଲା ଧାତା ଭଲ ଯୋଗରେ ସଙ୍ଗତେ ତୋର
ନିଶ୍ବାସେ ମୁଁ ମୂର୍ଚ୍ଛିବି କି ସ୍ନେହା ନ ଜାଣ
ଭୋଗୀ ମନ ଭାବେ ଯେସନ
ଭ୍ରମର ମାଳତୀ ବିନୁ ଆନରେ ମନ ।୨୪।

Source: KC Dash, Digitized by PPRACHIN, SOA

ମତ୍ତଗଜହଂସୀ ମନ କମଳ ମୃଣାଳ ବନ୍ଧୁ
ଆନରେ ରସଇ ନାହିଁ ମୃଗଲୋଚନୀ !
ମନରେ ଏଣୁ ଭରସା ଶୁଣରେ ସରୋଜଦୃଶା
ମୋର ବନ୍ଧୁ କେହ୍ନେ ନେଉଥିବୁ ରଜନୀ,
ମତ୍ତ ପିକ ଚୂତ ବକୁଳେ
ମଣ୍ଡନ ହୁଅଇ ନ ପାଇଲେ ବକଳେ ।୨୫।

ଜାଣୁଟିକ ଯୁବକର— ତନ ଯୁବା ଶିରୋମଣି
ଯାହା ବୋଲଅଛୁ ନଶି ଶେଷ କାଳରେ
ଯେମନ୍ତ ସେ କଥା ଆନ ନୋହୋଇ ଜାଣୁ-ରତନ
ଯେମନ୍ତେ ଧନ୍ୟ ବୋଲନ୍ତ ଜନ ସଂସାରେ,
ଯେତେ ତୋ'ର ମୋର ବଚ୍ଛର
ଜପୁ ଜପୁ ସରଇ ରଜନୀ ବାସର ।୨୬।

ରମଣୀ ରତନ ବାମା ରସିକା-ପୂର୍ଣ୍ଣଚନ୍ଦ୍ରମା
ରସଇ ଯାହାର ମନ ଯା'ହାର ଲହିଁ
ରମଇ କି ତାର ମନ ଦେଖିଲେ ସ୍ବର୍ଗର ଜନ
ଏମନ୍ତ ବଚ୍ଛରଥିବୁ ଅମଳମୁଖୀ, .
ରନ୍ତନ ସେ ସୁନାରେ ସଙ୍ଗ
ଯୋଡ଼ାଇଲେ ଆନ ସଙ୍ଗେ ନଧରେ ରଙ୍ଗ ।୨୭।

ଲାବଣ୍ୟମଣି ସୁନ୍ଦରୀ ! ଲାଜ ଲାଜ ଭାବ କରି
ପ୍ରଥମ ସଂଭୋଗେ ମୋତେ କଥା ନ କହୁ
ଲୁଆଇଁ ବଦନ ଇନ୍ଦୁ ବରଷାଇ ସୁଖ-ସିନ୍ଧୁ
ଭଲକରି ମୋ ମୁଖକୁ ଟେକ ନ ଚାହୁଁ,
ଲାଜ ଯେବେ ଗୁଡିଲୁ ମୋତେ
ଲାବଣ୍ୟ ବଚନେ ତଣ କଲୁ କଣ୍ଠେ ।୨୮।

ବର୍ତ୍ତୁଳ ନିତମ୍ବ ଦେଶ ବଳନୀବ ବନ୍ଧନ
ଦେଖିଲେ ହୃଦୟ ମୋର ହୋଏ ଆତୁର
ବୋଲଇ ବଧୂବଦନୀ ! ତୁ ମୋ ହୃଦୟ ମଣ୍ଡନୀ
ଦେଖାଇବୁ ନାହିଁ ନୀବ ବନ୍ଧନ ଡୋର
ବାନ୍ଧିବାରେ ହସୁ ଯେ ଶୁଣି
ବୁଝି ଏବେ ଭ୍ରମ ମୋର ସେ ରସ ଗୁଣି ।୨୯।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଶରଦ ଶଶୀ କିରଣ   କାହାକୁ କରେ ଶୀତଳ
ମୋତେ ଶୀତଳ କରଇ ତୋ ମୁଖ-ଗନ୍ଧ
ସତେ ହେଁ ଶଶିଶେଖର   ଏହା କି କରିବେ ମୋତେ
ତୋହୋ ମୁଖ ଦେଖି ହୋଇଥିବ ଆନନ୍ଦ
ସିନ୍ଧୁ ତଟେ ଶିବ ସେବିତ
ସେ ଫଳ ପୁରୁଷୋତ୍ତମେ ତୋତେ ଲଭିବ । ୩୦ ।

ଶିରୀଷ କୁସୁମ ଅଙ୍ଗ   ସଘନ ଜଘନ ତୋର
ନୟନ କି ବନ୍ଦୀଘର କାମଦେବର
ସତେ ହେଁ କି ସହି ନଖ   କମ୍ବୁଦେବ ପ୍ରିୟେ ! ରେଖ
ଏତେ ବଡ଼ ଭାଗ୍ୟ କି ହେବ ମୋହୋର
ସ୍ନେହ ଥାଉ ଥାଉ ବିଚ୍ଛେଦ
ଶୂଳଧର ନିବାରି କି ପାରିବେ ଖେଦ ? ।୩୧।

ସ୍ନେହେ ତୋତେ ପଚାରଇ   ନଖ କ୍ଷତ ଦେବା ପାଇଁ
ଶ୍ରଦ୍ଧାରେ ହୋଇ ବୋଲୁ ବଦନ ଠାରି
ସେ କଥା ମନେ ବିଚାରି   ନ କରିବୁ ଦୁଃଖ ସଖୀ!
ଶୁଣିଥିବୁ ଦୁଃଖ ସଖୀ ! ଦୋଷ ବିଚାରି
ଶୟନରେ ହୋଇ ବିମନ
ସୁରତ ବିକାରେ ପୁଣି ହୋଇ ପ୍ରସନ୍ନ ।୩୨।

ହଂସଗମନା ! ସୁକେଶୀ !   ମୋତେ ଚାହିଁ ମନ୍ଦ ହସି
ଚୁମ୍ବନ ଦେବାକୁ ଓଷ୍ଠ ଯୋଗ ଯେ କରୁ
ହରଷରେ ହୋଇ କୋପୀ   ଦଶନେ ଅଧର ଚୁପି
କଥିତ କମ୍ପାଇ ଶିର ନୟନେ ଠାରୁ
ହୋଇ କାମବାଣେ ଆସ୍ଥିତ
ହରଷେ ଶରୀର ଯାକ କରି ବେପଥ ।୩୩।

କ୍ଷିତିତଳ-ମଣ୍ଡନକ   ବିଦେଶେ ରହି ନାୟକ
ଦୂତ ହାଥରେ ଏ ଗୀତ ବାରତା ଦେଲା
କ୍ଷୋଭ ପୁଣି ପ୍ରିୟା କରେ   ଶୁଣି ନିଜ ପ୍ରିୟା ମନେ
ମଲେ ମୁଁ ନିଜ ଖାଇବ ସ୍ନେହା ଲାଗିଲା
ଛଛନ୍ଦେ ଚଉତିଶା ଏ ଶେଷ
ଛଡ଼ାଅ ମନୁ ବିରସ ଜଗୁ ଯଶମଣି ।୩୪।

Source: KC Dash, Digitized by PPRACHIN, SOA

ଚିଟାଉ ଚଉତିଶା

ଆଷାଢ଼ଶୁକ୍ଳବାଣୀ

କନକ ଶମ୍ଭୁକୁରେ ଚନ୍ଦ୍ର ଥାଉ
ଖଞ୍ଜନନେତ୍ରୀ ତୁମ୍ଭକୁ ଚାହାଉ
ଗୋରୀ ! ତୋ ଶ୍ରୀମୁଖ ଦେଖିଲା ଦିନୁ
ଘଡ଼ିଏ ଅନ୍ତର ନୋହଇ ମନୁ
  ନଷ୍ଟେ ଏହୁ ଧ୍ୟାନ
ଚନ୍ଦ୍ରବଦନୀ ! ମୁଁ ତୋର ଅଧୀନ ।୧।

ଛଇଳ ରମଣୀ ! କଲେ ନଗଣ
ଜୀବ ଯିବ ନଷ୍ଟେ ଶମନ ପାଶ
ଝଟକହାସୀ ! ଦୟାକୁ ବୋଲଇ
ନିର୍ଦ୍ଦୟା ମୋଠାରେ ହେଲୁ କମ୍ପାଇଁ
ଟେକ ଭାଗ୍ୟ ଥିଲେ
ଠିକେ ହବା ନଶି ନେବ ତୋ ତୁଲେ ।୨।

ଡାଳିମ୍ବଦନ୍ତୀ ! ଚନ୍ଦ୍ର, ମୁଁ ଚକୋର
ଢାଳେ ମୁଁ ଚାତକ, ତୁ ଜଳଧର
ଅଙ୍ଗନା ମୁଁ ହଂସ, ତୁ ମାନସର
ତଥା ତୁ ମାଳତୀ, ମୁଁ ମଧୁକର
  ଥରେ ଦୃଷ୍ଟି ଦେନ
ଦରହାସୀ ! ମୁଁ ପିଣ୍ଡ, ତୁ ଜୀବନ ।୩।

ଧନ ତୁ ଧନ, ମୁଁ ନିଧନ ଅତି
ନ ଦେନଲେ କେହ୍ବ ହେଲ ତୃପତି
ପୂର୍ବେ ପ୍ରସନ୍ନ ହୋଇଥିଲେ ଶିବ
ଫୁଲ୍ଲସାରସାକ୍ଷି ! କରୁଣା ହେବ
  ବାଳା ! ଦେନ ଏତେ
ଭଲ ମନ୍ଦ ମୋର ଲାଗଇ ତୋତେ ।୩।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ମୋତେ ଏଣୁ ସେବା ଦେବୁରେ ସଖି !
ଯୁବକ୍ଷମଣି ! ମୋ' ମାଗୁଣି ଏଣୁ
ରମା ! ମୁଁ ପିନ୍ଧାଉଥିବି ବସନ
ଲଳନା ! ଭିଙ୍ଗି ଦେଉଥିବି ପାନ
  ବର୍ତ୍ତୁଳ ଉରଜେ
ଶ୍ରଦ୍ଧାରେ ଚନ୍ଦ ଲେଖୁଥିବି ମୁଁ ଯେ ।୫।

ଷୋଡ଼ଶୀ ! ମୋ ପରେ ପ୍ରଭୁ ହୋଇବୁ
ଶିରେ ଘେନିବି ଯାହା ଆଜ୍ଞା ଦେବୁ
ହରିଣ ନୟନା ! ଚକୋରୀ-ସାର
କ୍ଷେମେ ଦେବୁ ଏଥି ପ୍ରତି ଉତ୍ତର
  କ୍ଷିତି ଭୂଷା ! ଏଣୁ
କ୍ଷେମେ ଉପେନ୍ଦ୍ର ଖାଉବର କହୁ ।୬।

Source: KC Dash, Digitized by PPRACHIN, SOA

ସାରଙ୍ଗ ଦୂତ ଚଉତିଶା

କୃପାସିନ୍ଧୁ

ରାଗ—କାମୋଦୀ

କହିବ ସାରଙ୍ଗ ସା- ରଙ୍ଗ ସାରଙ୍ଗ ସାର-
ଙ୍ଗ ନୟନା ଗ୍ରାମୁରେ
କୁସୁମ କାଣ୍ଡ କାଣ୍ଡ କାଣ୍ଡ ଦାଣ୍ଡରେ ଗୋପୀ
ଙ୍କି ଦେଲେ କ ଦୋଷରେ
ହଂସ ହେ !
କହିଣ କରୁଣା ଆସ୍ୟରେ
କୋମଳ କର ହର ହର ହରଙ୍କି ଏ କ-
ଥା ପଗୃଶବ ଧୀରେ ।୧।

ଖେଦ ଅକ୍ରୂପାରେ ପାଶ୍ୱନ୍ଦ୍ର ମଧ୍ୟାଙ୍କୁ
ଭସାଇ ଯାଇଁ ଦେଇ ଗଲେ
ଖଳରେ ଅକ୍ରୂର କ୍ରୂର ବଚନକୁ
ନରେଶ କଂସ ପୁରେ ଗଲେ
ହଂସ ହେ !
ଖାଇ ମରନ୍ତୁ ସର୍ବେ ବିଷ
ଖୁଆଇ ଅଧରୁ ଅମୃତ ଅମୃତ
କଲେ ଯା ଏଣୁ ତାଙ୍କ ଦୋଷ ।୨।

ଗୋପ ରଜନୀ ର- ଜନୀ ଦବା ଢବା-
କର ବନ୍ଧୁ ପାଦେ ସେବିଲୁ
ଗୋକୁଳ ପାଳ ଗୋ- କୁଳ ପାଳ ପାଳ
ନରେନ୍ଦ୍ର ପଦ ତୁଷ କଲୁଁ
ହଂସ ହେ !

ସାରଙ୍ଗ—ହଂସ, ପୃଥ୍ୱୀ, ସିଂହ, ପଦ୍ମ ।
ହର—ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଗୋବିନ୍ଦ ବୋଲୁ ଥାନ୍ତି ଧୀରେ,
ଗୁଞ୍ଜରେ ସୁମନା ସୁମନା ସୁମନା
ସୁମନା ମନ୍ତ୍ରନା ସ୍ନେହରେ ।୩।

ଘନ ଘନ ଘନ ଘନଶ୍ୟାମ ବେଣୁ
ଧ୍ୱନି ଶୁଭଇ ଯେତେବେଳେ
ଘର ବର ବର ବରମା ସମସ୍ତ
ତେଜି ତା ଖଣ୍ଟି ପାଦତଳେ
ହଂସ ହେ !
ଘୋର ଦାରୁଣ ଉତ୍ପତ୍ତି
ଯେମନ ଜୀବନ ଜୀ— ଇବ ନନ୍ଦ ସୁତ—
ର ତ ଏଠି ଅପ କାରତ ।୪।

ଝରତେ ମଧୁର ମଧୁ ରଜନୀରେ
କାମ କାମନା ମନେ କରି
ନୟନନୟନ ନନ୍ଦନ ସଙ୍ଗେ
ମାତି ଥାଉ ବ୍ରଜ ସୁନ୍ଦରୀ
ହଂସ ହେ !
ଝରେଖ ହେଲୁ ଏବେ ସେହି
ଝୀରଜ ନୟନ ନୟନ ନୟନ
ନାଶନ୍ତୁ ପ୍ରଭୁ ପଣ ବହି । ୫ ।

ଝୁରୁ ଏ ନଗରେ ନଗରେ ନଗରେ
ଯେତେ ଯେତେ ଜୀବ ଦେଉଛି
ଚେତି ସେ ରତିର- ତିରତି ରଟି କ—
ଚେତାଇଣ ଦୁଃଖ ଦେଉଛି
ହଂସ ହେ !
ଝୁଣ୍ଟିଲେ ସେହି ସେ ଢଶୁଛି
ଟିକ ଚନ୍ଦ୍ର କାନ୍ତ କାନ୍ତ କାନ୍ତ ଚନ୍ଦ୍ର-
କାନ୍ତ ଦ୍ରୁଷାଭୂତ କରୁଛି । ୬ ।

ଝୁଷ—ଗୁଛ, ଘନଘନ—ଗୁହାକୁ ଗୁହା, ଘନ—ଜବାଢ଼
ନୟନ ନୟନ—ଆଖିପୂଅ

Source: KC Dash, Digitized by PPRACHIN, SOA

ଛଛନ୍ଦେ ଶ୍ରୀକର   ଶ୍ରୀକର କରରେ
ଦେଇ ବୋଲୁଥାନ୍ତି ଶ୍ରୀବାସ
ଛୁଡ଼ି ବନପ୍ରିୟ   ବନପ୍ରିୟ ପ୍ରିୟ
ବନପ୍ରିୟ ଭବ ଭୂବାସ
ହଂସ ହେ !
ଛଇଳ ଗୋପ ନାଗରୀ ବର
ଛେମା ସାଗର ଗ-   ରବ ଇନ୍ଦୁ ଇନ୍ଦୁ
ସୁଖକୁ ନକରୁ ଆବର । ୭ ।

ଯାଉ ଯାଉ ଦିନ   ଦୀନବନ୍ଧୁ ବନ୍ଧୁ
ଜୀବ ଅଧର ପାନକରି
ଜାତି ଜାତି ଦେଲେ   କରି ଶେଯ ଶେଯ
ସଜନୀ ଆଉ ପଟୋଆରି
ହଂସ ହେ !
ଜୀବ ନେଉଛି ଏବେ ମାର
ଯତନ କରି କ—   ରିବ ନିବେଦନା
ବେଦନା ଜଣାଇ ଆମ୍ଭର । ୮ ।

ଝସକେତୁ କେତୁ   ଉଦୟ ଉଦୟ
ନାଶ କରୁଅଛି ଆମ୍ଭର
ଝିଲ ଗଉରୀ ଗ—   ଉରୀ ସେବା ବିଧି
ବିଧାତା ଖଣ୍ଡିଲ ସଉର
ହଂସ ହେ !
ଝର ଝର ହୋଇ ନୟନୁ
ଝରୁଛି ମୋର ନ—   ରନ୍ତରେ ତା ଚିନ୍ତ
ନିମିଷ ମଣୁଅଛି ମନୁ । ୯ ।

ଞକର କଦମ୍ବ   କଦମ୍ବ କଂଦମ୍ବ
ହୋଇ ବୁଲୁଥାନ୍ତି ଶ୍ରୀକର
ନାଗରୀ ମଣିଏ   ମଣିଏ ପୁଷ୍ପକୁ
ଯେନ ଏ ମଦନ ମୁଦ୍‌ଗର
ହଂସ ହେ !
ନୟନର ସେ ସୁଖ ସ୍ଥାନ

Source: KC Dash, Digitized by PPRACHIN, SOA

ଝଳ ସଜଳ ଜ— ଳଦ ନନ୍ଦା କରେ
ଶ୍ୟାମ କଳେବର ବରଣ । ୧୦ ।

ଟାକ ନାଶୁଛି ଆ— ସ୍ତୁ ଦର୍ପ ଦର୍ପକ
ଦଣ୍ଡ ଦଣ୍ଡକେ ଦଣ୍ଡ ନେଇ
ଟାକୁଛି ଜୀବନ ମନ୍ଦ ମନ୍ଦ ନନ୍ଦ—
ସୁତ ସନ୍ତତେ ଡାକ ଦେଇ
ହଂସ ହେ !
ଟଳ ଟଳ ଅଙ୍ଗ ହେଉଛି
ଟେକ ମରୁତ ମରୁ— ମରୁ ଉମରୁ ତନୁ
ଉଦଗ୍ରୀକ ଯାହା ବହୁଛି । ୧୧ ।

ଠିକ ବନ୍ଧୁମ ତା ଅଧର ଅଧର
ଅଧରକୁ ତ ନୋହେ ସରି
ଠାଠିକେ ଦନ୍ତକୁ କୁନ୍ଦକୁ ଉଜଳ
ଉଜଳେ ନ ପାଇବ ଶିରି
ହଂସ ହେ !
ଠାକୁର ସଙ୍ଗେ ଥାଉ ରହୁ
ଠଣ ଉପବନ ପବନରେ ପୁଷ୍ପ
ପୁଷ୍ପ ଆମୋଦ ବହୁ ବହୁଥାଉ ।୧୨।

ଡାକ ଏକାନ୍ତେ ଏକାନ୍ତେ ଗୋପୀକାନ୍ତ
କାନ୍ତ ବାଣୀରେ ବଶ କଲେ
ଡକାଇତ ଫୁଲ ବଟିଖ ବଶିଖ
ବଶିଖରେ ଦେଇ ଚଳଲେ
ହଂସ ହେ !
ଡୋଳାଇବୁ ଜୀବ ଅବଶ୍ୟ
ଡ଼ଙ୍ଗର ବର ବ- ରହ-ଧଉ ଧଉ-
ଧର ପାଇବେ ହତ୍ୟା ଦୋଷ ।୧୩।

ଢଳୁଛି ଜୀବନ ଜୀବନ ଜୀବନ-
ରୁହ-ଦଳେ ଯଦ୍ଧ ଯେସନ
ଢଳ ଢଳ ବଧୂ ବଧୂ ବଧୂ ତାର
କରେ ଧଇର୍ଯ୍ୟ ଜସୁମାନ

ବନ୍ଧୁମ—ପୋହଳା

Source: KC Dash, Digitized by PPRACHIN, SOA

ହଂସ ହେ !
ତମିଆ କୃଷ୍ଣ ହେଲ ଭିନ୍ନ
ତଳେ ସେ ଚତୁର ଚତୁର ଚତୁର-
ଆନନ କର କପାଁ ପ୍ରାଣ ।୧୪।

ଅତନୁ ଅତନୁ ଅତନୁ ଅତନୁ
କଲ ପେଶି ପୁଷ୍ପଶାୟକ
ଆସି ହର ହର ହରଣଦୃଶୀଙ୍କୁ
ଏ ଦୁଃଖୁ ରଖନ୍ତୁ ବାରେକ
ହଂସ ହେ !
ଆଶ୍ରା ବିଶ୍ରାମ ତାଙ୍କ କାମ
ଏହୁ ବିପଦ ବି- ପଦ ପଦ କରି-
ଦେବାକୁ ଆମ୍ଭେ ନୋହୁ କ୍ଷମ ।୧୫।

ତରୁଣୀଙ୍କ ଯେମ ମାଧବ ମାଧବ
ମାସେ ବୁଲୁଥାନ୍ତି ଅନଶେ
ତାର ତାର ତାର ତାର ହାରେ ଶୋଷ
କହୁଣ ଆଜ ଯେ ଉରସେ ସେ
ହଂସ ହେ !
ତାଙ୍କ ବକେ କଲ ବିନରୁ
ତେଜ ଆହାର ହା- ରହା ରବ ଏବେ
ପ୍ରକାଶ ହୋଉଛି ମୁଖରୁ ।୧୬।

ଥିଲେ ଗୃହରେ ଗୃ- ହରେ ଗୃନ୍ଥ ନଶି
ଅତି ଉଜଳ ହୋଇଥିଲ
ଥିରେ ମୋହନ ମୋ- ହନ ବେଣୁ ବାଇ
ବାଇ କରଣ ଯେମ ଗଲ
ହଂସ ହେ !
ଥଏ ହୋଇ ସେହୁ ବସୁଛି
ଆଇ ସେ ବରଜ ବରଜ ଅନ୍ତରେ
ବରଜ ଆମ୍ଭର ରହୁଛି । ୧୭ ।

ଅତନୁ—ଅଶରୀରୀ, ଅତନୁ—ମଦନ, ଅତନୁ-- ତନୁ ପଦବାଚ୍ୟ ହେବାକୁ ଅଯୋଗ୍ୟ ।

Source: KC Dash, Digitized by PPRACHIN, SOA

ଦାମୋଦର ପର — ପରଦାସ ରସେ
ଦେଖିଲୁ ନାହିଁ ଗୋପନାରୀ
ପଦେ ଦ୍ଵିଜରାଜ — ଦ୍ଵିଜରାଜ ରାଜ
ଯେଉଁ ପନ୍ଥୁ ଗଲେ ବସ୍ତର
ହଂସ ହେ
ପର ହସିଣ ବୋଲୁ ଥାନ୍ତି
ଦେଖରେ ରମାର— — ମା ରମାବମାରେ
ମୃଗ ମୃଗ ଲୀଳା କରନ୍ତି ।୧୮।

ଧାମ୍ନି ରୁହିଁ ପ୍ରତି- — ଆଶା ପ୍ରତି ଆଶା
ଆଶା ବିଶ୍ରାମକୁ କହିଛୁଁ
ଧୀରେ ଏ ପ୍ରାଣ — ପ୍ରାଣ ପତି ପତିତ-
ଗତି ବିନା ଦେହେ ମରୁଛୁଁ
ହଂସ ହେ !
ଧନ୍ୟ ହୋଇଥିଲୁ ତାହାରେ
ଧର ନଥାଇ ନ- — ଆଳ ଆଳୀ ସ୍ନେହେ
ଖୋସିଥାନ୍ତି କୃଷ୍ଣ ଶିରରେ । ୧୯ ।

ନରାଶ ରସର- — ସିକ ରସି କଲ
ନ ଯାଇଁ ଜୀବନ ରହିଛି
ନାଗେଶ୍ୱର ପ୍ରାଏ — ମାନେ ମାନେଶ୍ୱର
ସୁହମନ୍ତି କି ହୋଇଅଛି
ହଂସ ହେ !
ପିଶୁନ ବିଷ ତା ଖଣ୍ଡିଲ
ପାଇଛୁ ବିପତ୍ତି- — ବିପତ୍ତି ବିପତ୍ତି
ଗୋପରୁ ଯେଉଁ ପନ୍ଥୁ ଗଲ ।୨୦। (୨୧)

ଫାଇ ବିରହେ ର- — ହେ ରହି ଅବଳା
ବଳାଇଛୁ ଚିତ୍ତ ତାହାରେ
ଫେଡ଼ ଏ ଦୁର୍ଗତି — ଗତି ହୋଇ ଗୋପୀ
ନଶ୍ୱାନା ବିନାଶ କାଳରେ
ହଂସ ହେ !
ଫାଟି ହୃଦୟ ଯାଉଅଛି

ରାଗେ—ଅନୁରାଗେ, ଦ୍ଵିଜରାଜ—ଚନ୍ଦ୍ର; ଦ୍ଵିଜରାଜ ପ୍ରଭୁ—ଗରୁଡ଼ର ପ୍ରଭୁ କୃଷ୍ଣ ।

Source: KC Dash, Digitized by PPRACHIN, SOA

ଫୁରୁଣା ସର୍ବ ଶ- ର୍ବଶ୍ୱ ପ୍ରବଷମ
ବିଷମସ୍ତୁ ଛମ ନାଶୁଛି ।୨୨।

ବିପିନ ବିପିନ ବିପିନ ଶବଦେ
ଅତ୍ୟନ୍ତ ପାଉଥାଇ ଶୋଭା
ବେନୁପାଣି ପାଣି— ପାଣିରେ ଆମ୍ଭର
ନବେଶି ହୋଉଥାଇଁ ଉଭା
ହଂସ ହେ !
ବୁଲୁ ଥାଉ ତାଙ୍କ ସଙ୍ଗରେ
ବନମାଳୀ ମାଳୀ— ମାଳ ମାଳକର
ପୁଷ୍ପ ଦେଉଥାନ୍ତି ଆମ୍ଭ ରେ । ୨୩ ।

ଭୁବନ ବନ ସ— ମାନ ମଣନ୍ତ ଏ
ମଣି ହୋଉଛୁଁ ହତଜ୍ଞାନ
ଭାବ ଭାବ ଭାବ ଭାବବତୀ ଗୋପୀ
ରଖିଅଛୁଁ ମାତ୍ର ଜୀବନ
ହଂସ ହେ
ଭାଗ୍ୟହୀନ ଆମ୍ଭେ ଗୋପିକା
ଭରସା ଭରସା ରଙ୍ଗଜିତ ସ୍ମର
ପଦକୁ କରିଅଛୁଁ ଏକା ।୨୪।

ମନ ବାରଣ ବା— ରଣ କରିଅଛି
ନିରତେ ବିରହ କେଶରୀ
ମହା ବେଦନା ବେ— ଦନା ଅହର୍ନିଶି
ମାର ମାରଣେ ହେଲୁ ଘାରି
ହଂସ ହେ !
ମହିମା କୃଷ୍ଣ ବିକାଶିଲା
ମଧୁହାସ୍ୟ ମଧୁ— ହାରି ଗୁଣ ଧରି
ଧରି ଶାରଦରେ ରଖିଲା । ୨୫ ।

ଜୀବ ଯଉବନ ଜୀବ ଯଉବନ
କରି ନାଶୁଛି କାମାନଳ
ଜଗତ ଜୀବନ ଜୀବନଦ ହୋଇ
ବୃଷ୍ଟି କରନ୍ତୁ ସ୍ନେହଜଳ

ରହେ—ନର୍ତ୍ତନରେ; ଫୁରୁଣା—ସୁଖ
ବିପିନ—ବିଶେଷଭାବେ ପୀନ, ବିପିନ—ବନ, ବିପିନ ଶବଦରେ—ବନଜାତ ଶବ୍ଦରେ

Source: KC Dash, Digitized by PPRACHIN, SOA

ହଂସ ହେ !
ଜଣାଇବ ତାଙ୍କୁ ଏତେକ
ଯୁବତୀ ଗଣ ର—   ଣ କାଶୀ ବାହାର
ହାରୁଛନ୍ତି ଗୋପୀ ବିବେକ । ୨୬ ।

ରାମ ଲକ୍ଷଣ ଲ—   କ୍ଷଣ ସୁଖ ନ ଦେଖିଣ
ଆଉଚେ ମରୁ ଗୋପ ସଖୀ
ଉଣ୍ଠା ଭିତ୍ତିରେ   ଭିତ୍ତିରେ ଚର୍ଚ୍ଚିତ
ନାରୀ ପମ୍ବାଏ ଅଛୁଁ ରହି
ହଂସ ହେ
ରାତ୍ର ଦିବସେ ନିଦ୍ରା ନାହିଁ
ରମଣୀ ରମଣୀ   ରମଣୀ ଏ ସୁଖ
ଘେନ ଯାଇଛି ଭବଗ୍ରାହୀ । ୨୭ ।

ଲଭୁଛୁଁ ଭ୍ରମର   ଭ୍ରମର ଭ୍ରମର
ବରଜ ପୁର ନାରୀଜନ
ଲକ୍ଷକର ଲକ୍ଷ   ଲକ୍ଷକର ଶର
ପେଷି ପକାଉଛି ମଦନ
ହଂସ ହେ !
ଲବେ ସୁଖନାହିଁ ମନରେ
ଲାବଣ୍ୟନିଧିକ   କର କର ଲୟ
ଲୟ ହେବୁଁ ଏ ଗୋପ ପୁରେ ।୨୮।

ବଳଭଦ୍ରବଳ   ଭଦ୍ର ଅନୁଜରେ
ଗୋଧନ ବାହୁଡ଼ା ସମୟେ
ବଉଳୀରେ ବସି   ବସି ବସି ବଂଶୀ
ଧ୍ୱନରେ କରଥାଉ ଲୟେ
ହଂସ ହେ !
ବନ କୁସୁମେ ବେଶ ହୋଇ
ବକୁଳ କୁଳ କୁ—   ଳଙ୍ଗନା ମୋହନେ
ଶିରେ ଖୋସିଥାଇ ମାଧୋଇ । ୨୯ ।

ବାରଣ—ହାତୀ, ବାରଣ—ମନା କରିବା, ମଧୁହାରୀ—ଭ୍ରମର, ଶ୍ରୀକୃଷ୍ଣ; ଯଉବନ—ଜଉରବନ
ଭ୍ରମର ଭ୍ରମର ଭ୍ରମର—ଭ୍ରମଣଶୀଳ ଭ୍ରମର,ରୂପ ନାଗର

Source: KC Dash, Digitized by PPRACHIN, SOA

ସୁଧାକର କର   କରଇ ଆକୁଳ
  ଅନଳ ପ୍ରାଏ ହୃଦଦେଶେ
ସୁବାସ ସୁବାସ   ବାସ ବାସନ୍ତୀରେ
  କାହାର ସୁଖ ନାହିଁ ଲେଶେ
   ହଂସ ହେ !
  ସବୁ ପ୍ରକାରେ ହେଲୁ କ୍ଷୀଣ
ଶଫଳା ଚନସ୍ତ   ନୟନ ପଙ୍କଜ
  ଦିନରୁ ନରୁଚେ ଅଶନ । ୩୦ ।

ସତତ ସୁମନ   ଶର ଶର ଧାର
  ଧାର ସମାନ ବରଷୁଛି
ଶଙ୍ଖର ସର ର—   ହୁଛି ସାହାମାନ
  ଅଶୋକ ଶୋକ କରାଉଛି
   ହଂସ ହେ !
  ଶୀର୍ଣ୍ଣ ହୋଇଛୁ ଗୋପୀ ବଂଶ
ଶରଣ ବତ୍ସଳ   ଛନ୍ଦ ନ ଘେନଲେ
  ଘେନଲେ କୁବୁଜା ସରସ । ୩୧ ।

ଶ୍ୟାମ ଶ୍ୟାମ ଅଙ୍ଗ   ଅଙ୍ଗନା ଆଶ୍ଳେଷ
  କରି ଲଭୁଥାଇଁ ହରଷ
ସରସ ରତରେ   ସରସ ରତରେ
  ବଞ୍ଚୁଥାଉଁ ନିଶି ଦିବସ
   ହଂସ ହେ !
  ସେ ସୁଖ ଗଲା ଏବେ ଜୀବ
ଶ୍ରୀଧର ତାପରେ   ପରତେ ସଜନ
  ପୁର ପୁରତକୁ ଚଳିବ ।୩୨।

ହରଷ ହର ସ—   ନ୍ତୋଷରୁ ଲଭିବ
  ଦୟା ଦୟାସିନ୍ଧୁ କରିବେ
ହରିବେ ଲମ୍ବୋଦ—   ର ନର ପଥରେ
  ମଙ୍ଗଳା ମଙ୍ଗଳା ରମ୍ଭିବେ
   ହଂସ ହେ !
  ହୃଦରେ ଘେନ ଆମ୍ଭ ଭାବ

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ହେଜ ଅପସର ଶରଣ ସୋଦର
ଦରଶନରେ ଜଣାଇବ ।୩୩।

ହ୍ଲଡ଼ିଲ ସାରସ ସାର ସରସିକ
ଶୁଣି ଗୋପୀଙ୍କ ସୁବଚନ
ଛଛନ୍ଦେ ଚଣ୍ଡ ବଳାଇ ବଷ୍ଟୁ ପଦେ
ବଷ୍ଟୁ ପଦେ କଲା ଗମନ
ହଂସ ହେ
କ୍ଷୀଣୋଦଶ୍ୱାଙ୍କ ଚନ୍ଦ୍ରାଲୀଳା
କ୍ଷେମେ ଚନ୍ତା କର କୃପାସିନ୍ଧୁ ପଦ
କୃପାସିନ୍ଧୁ ପଦ 'ବଣ୍ଡିଲ । ୩୪ ।

Source: KC Dash, Digitized by PPRACHIN, SOA

କୋକିଳ ଚଉତିଶା

(ରାଗ-ଆହାରୀ)

କେବଣ ନାୟକ କୁସୁମ ସାୟକେ ତାପୀ ହୋଇ ପୁଷ୍ପ କାଳରେ,
କୁନ୍ଦଦନ୍ତୀ ଦନ୍ତି ଗତି ଅତି କାନ୍ତା ଶଠ ଗୁଣଗଣି ମନରେ ।
କୋକିଳକୁ କେଳି ବନରେ,
କହେ ମୋ ପ୍ରିୟ ବଚନ ଶୁଣ ଚଳ ବନପ୍ରିୟ ପ୍ରିୟା ପାଶରେ ।୧।

ଖଞ୍ଜନଲୋଚନା ମଧୁରବଚନା ନ ଜାଣ ସେ ବେଶ ରଚନା,
କ୍ଷିତି ଶୟନେ ଶୟନ କରିଥିବ ମୋ ବିୟୋଗେ ହୋଇ ବିମନା ।
କୋକିଳ, ଖଟିଥିବ ପାଶେ ଅଙ୍ଗନା,
କ୍ଷୀଣୋଦରୀ ଅଙ୍ଗେ ଅନଙ୍ଗ ଅନଳ କରୁଥିବେ ସେହୁ ସାନ୍ତ୍ୱନା ।୨।

ଗଜରୀ ଗଜରୀପତି ଅରଣେରେ ସନ୍ତତ ତାପି ହୋଇଥିବ,
ଗୁଣ ରତନ ରତନ କାଞ୍ଚୀ ବର ସୁମଧ୍ୟାରେ ଝଞ୍ଜି ନଥିବ ।
କୋକିଳ, ଗୁଣି ଗତ କାଳ ସୁରତ
ଗଜେନ୍ଦ୍ରଗମନା ନରେନ୍ଦ୍ର ନନ୍ଦନୀ କଷ୍ଟେ ରଖିଥିବ ଜୀବତ ।୩।

ଘନ ଘନ ବାଣ ଦାରୁଣ ମଦନ ବିନ୍ଧୁଥିବ ତାକୁ ସନ୍ତତ,
ଘଟଣବଦନୀ ମୁକୁନ୍ଦ ରଜନୀ ତେଜୁଥିବ ଅଶ୍ରୁ ନିରତ ।
କୋକିଳ, ଘନସାର ସାର ପା... ... ...।
ଘଞ୍ଜ... ... ...ପ୍ରକାର ।୪।

ମାରକେନଶୀ ଭ୍ରମଗାମୀ ବିଷମ ପଞ୍ଚିଗଣ ଗୁରୁ ଘାତରେ,
ନଷ୍ଟପ୍ରେ ଦନୁଦନୁ ଧ୍ୟାନ ହୋଇ ସେ ଥିବ ମୋ ବିୟୋଗ ଯୋଗରେ ।
କୋକିଳ, ନିଶାରେ ନିଶାମଣି ଦେଖି,
ନିନ୍ଦୁଥିବ ବିଧି ନିରନ୍ତରେ ଦୁଃଖୀ ହୋଇ ମୋହର ପ୍ରାଣସଖୀ ।୫।

ଚଞ୍ଚଳ ବିମଳ ସଜଳ କମଳ ଦଳକୁ ଥିବ ତଲ୍ପ କରି,
ଚତୁରୀ ରୋଗୀ ସୁନ୍ଦରୀକୁ ନେଇଣ ଶୁଆଉଥିବେ ସହଚରୀ ।
କୋକିଳ, ଚମ୍ପକ ବାଳା ପଡୁଥିବ,
ଚାମୀକରାଙ୍ଗୀ ଅଙ୍ଗଲଗି ପଙ୍କଜ ପଣ୍ଡୁ ମର୍ମ ତାର ଭଜିବ ।୬।

Source: KC Dash, Digitized by PPRACHIN, SOA

କ୍ଷୋଭସାଗରେ ମଜ୍ଜି ଖଞ୍ଜି ନଥିବ ମଞ୍ଜୁଳ ମଞ୍ଜୀର ଯୁଗଳ,
କ୍ଷଣ କ୍ଷଣକେ କ୍ଷିତିଶୋଷୀ ଗ୍ରୀଷ୍ମକୁ ଲଭୁଥିବ ହୋଇ ଆକୁଳ ।
କୋକିଳ, କ୍ଷଣକେ ପାଇ ସେ ଚେତନା,
ଛନ ଛନ ହେଉଥିବ ମୋ ବସ୍ତନେ କାମ କାଣ୍ଡରେ ଘନସ୍ତନା ।୭।

ଜାଣମଣି ଜାଣି ଯ ମିଶି ଯତନେ ଜପିବ ଯୋଗେନ୍ଦ୍ର ନାମକୁ,
ଯକ୍ଷୀ ହୁଙ୍କାର ବକାର ସୂନୁ ଶର କରୁଥିବ ଗାଢ ହାସକୁ ।
କୋକିଳ, ଯୁବାମୋହିନୀ ସ୍ମିତବଦନୀ,
ଜାଣି ଏ ମଧୁକାଳ କାଳ ପରସ୍ପେ ମଣୁ ସେଥିବ ଥିରଗତି ।୮।

ଝିଲ୍ଲିବହନୀ ଅଶନ ବିଷ ସମ ମୋର ଶରୀରେ ହୋଇଥିବ,
ଝିଣ୍ଟିକ ହାଟକ କଣ୍ଟକ କଣ୍ଠକ ସମ ସଙ୍କଟ ମଣୁଥିବ ।
କୋକିଳ, ଝମଝମ ତନୁ ହୋଇ ସେ,
ଝାମ୍ପି ଥିବ ଯହୁଁ ସେ ଅତନୁ ପ୍ରେତ ତେଣୁ ପଡ଼ିଥିବ ଅବଶେ ।୯।

ନତନୁ ଶବର ପାଶସମ ମଣି ରମଣୀ ମଣି ମଣିମାଳା,
ନ ହେନ ଥିବ ଅଙ୍ଗେ ଅଙ୍ଗଲେପନା ମୋଚନ କରିଥିବ ଲୀଳା,
କୋକିଳ, ନବ କିଶୋରୀ ସୁକୁମାରୀ,
ନୀରଜ ପ୍ରମୋଦ କାଳ ଶଶୀଖଣ୍ଡ ସମ ଖଣ୍ଡିକୁ ଥିବ ଧରି ।୧୦।

... ...ତନୁ ତନୁ ସୁତନୁର ନିରତେ,
ଟାଣ ସୁମନ ବାଣଗଣ ବନ୍ଧଣ କରିବ ନିଚେଷ୍ଟ ନିଷ୍ଟିନ୍ତେ ।
କୋକିଳ, ଟହକହାସୀ ହାସ ଲେଶ,
ଟିକାଏ ହେନଥିବ କାହିଁ ଅବଳା ବଳାଇ ଥିବ ମୋତେ ଆଶ ।୧୧।

ଠିକେ ଘୋଟିଥିବ ବିରହ ଜଳଦ ସୁନୟନ ନୀର ଆଶାର,
ଠଣ ଅଧର ଅମ୍ବୁମନ ଚଞ୍ଚଳ ବିଦ୍ୟୁଦ୍ଘନଶ୍ୱାସ ସମୀର ।
କୋକିଳ, ଠଣ କୁଚ କମ୍ପ କଳାପୀ,
ଠିକେ ବଢିଥିବ ତା ତାପତଟିନୀ ଭଙ୍ଗି ତା ବିବେକବିଟପୀ ।୧୨।

ଡମ୍ବ ଦେହଲି ତେଣୁ ବିବର୍ଣ୍ଣ ସୁବର୍ଣ୍ଣ ଅବର୍ଣ୍ଣ ସମ ହୋଇବାକୁ,
ଡଙ୍ଗର ବିରହେ ଏବେ ଭଜିଥିବ ସୁନ୍ଦର କେତକ ସମକୁ ।
କୋକିଳ, ଡୋଳା ପିଚ୍ଛୁଳା ମେ ଅବଳା,
ଡମ୍ବରୁଧର ଅରି ତରଙ୍ଗିଣୀକି ସୁମୁଖୀ ସୁଖତର ଭେଳା ।୧୩।

ରୁକ୍ମୀକରଙ୍ଗୀ—ସୁବର୍ଣ୍ଣାଙ୍ଗୀ, ବକାର ସୂନୁଶର— କାମଦେବଙ୍କ ଶର

Source: KC Dash, Digitized by PPRACHIN, SOA

ତାଲେ ତା ଶରୀର ପୁଲକ କଦମ୍ବ, କଦମ୍ବ ଶୋଭା ଧରିଥିବ,
ତମ କଣ୍ଠ ନାହିଁ ବନପ୍ରିୟ ସ୍ୱର ତସ୍ୱର ନଷ୍ଟ ହୋଇଥିବ ।
କୋକିଳ, ତାଲେ ମଦନ ବାଣକୁଳ,
ତାଲ ନୟନ ବନ୍ଧୁଥିବ ମର୍ମକୁ ତେଣୁ ହେଉଥିବ ଆକୁଳ ।୧୪।

ଅଶେଷ ବରଷ ରଜନୀ ଦିବସ ହୋଇଯେ ଥିବ ସଜନୀକ,
ଅମଳ ଧବଳ କିରଣ କରଣ ଲାଗି ଜୀବନ ଚେତେକ ନିକ ।
କୋକିଳ, ଅବଳା କାମ କଳାନିଧି,
ଏ ମୋର ଦରଶନ ଯାଏ ଜୀବନ ରଖିଥିବ କରି ଅବଧି ।୧୫।

ତରୁଣ ତରୁଣ କେତକୀ ମଦନ ଦାରୁଣ ପ୍ରାୟେ ମଣୁଥିବ,
ତା ଗୁରୁ ବଦନ ମଦନ ମୁକୁର ତାପେ ବିରୂପ ଦିଶୁଥିବ ।
କୋକିଳ, ତରଳତର ତରଙ୍ଗାକ୍ଷୀ,
ତ୍ରିବଳୀ ଶୋଭିନୀ ଭବନୀ ଭାବ ନିଧିବନ୍ତ ଶୁଖିଣ ଥିବ କୁକ୍ଷି ।୧୬।

ଥିର ଗମନା ବିମନା ହୋଇଥିବ କୁସୁମଶର ଶର ଲାଗି,
ଥିବକ ଜୀବନ ଜୀବନବନ୍ଧୁର ସିନ୍ଧୁର କୁମ୍ଭସ୍ତନୀ ସଖୀ ।
କୋକିଳ, ଥପ୍ରେ ନୋହୁଥିବ ତା ଅଙ୍ଗ,
ଥୂଳ ନିତମ୍ବିନୀ ପୃଥ୍ୱୀମଣ୍ଡିନୀ ଯେଣୁ ଲଭି ନାହିଁ ମୋ ସଙ୍ଗ ।୧୭।

ଦେଖି ନବନବମାଳିକା ମାଳିକା କଳିକା ଆଳୀକ ବାଳିକା,
ଦୃଢ଼ ମୃଢ଼ ଗାଢ଼େ ବଢ଼ିଥିବ ତାର ହୋଇ ବିରହରେ ଅଧିକା ।
କୋକିଳ, ଦଶେ ଗୁରୁ ଚମ୍ପା ଲତିକା,
ଦର୍ପକ ଦୀପାଳି ଯେସ୍ନେ ଆଳି ପାଳି ସନ୍ଧ୍ୟାଁ କୋରକରେ ଶୋଭିତା ।୧୮।

ଧରି ନଜନ୍ତରେ ଶୋକରେ ସଜନୀ ନକରେ ଅଙ୍ଗରେ ପକାଇ,
ଧରା ମଣ୍ଡଳ ମଣ୍ଡନୀକ କମଳ ଦଳରେ ବାନ୍ଧି ଥିବେ ନେଇ ।
କୋକିଳ, ଧୃତି ଧ୍ୱଂସୀ ହଂସଗମନୀ,
ଧବଳ କିରଣ ଧରାକୁଳ ପୂର୍ଣ୍ଣ ଅବନୀ ନୀରଜନୟନୀ ।୧୯।

... ...,
ନଷ୍ଟେ ସଭୟ ହେଉଥିବ ସଚନ୍ଦ୍ର ମଧୁର ମଧୁରଜନୀକ ।
କୋକିଳ, ନବ ବିକଚ କଞ୍ଜମୁଖୀ,
ନେଇ ଦେଲେ ଅଙ୍ଗେ ବିସ ଆଶୀବିଷ ସମାନ ମଣୁଥିବ ସଖୀ ।୨୦।

ଆଶୀବିଷ—ସର୍ପ

Source: KC Dash, Digitized by PPRACHIN, SOA

ପମାର ମାର ନାରଚେ ··· ସିଞ୍ଚୁଥିବ ଅଙ୍ଗନା ।
ପ୍ରଶାନ୍ତ କଳାକର କଳାଭ୍ରବକୁ ଭଜଥିବ ବାମଲୋଚନା ।
କୋକିଳ, ପେଶଳ ବକୁଳ କୁଳକୁ ।
ପଙ୍କଜନୟନା ନୟନେ ଦେଖିଲେ ଭଜୁ ଯେ ଥିବ ଆକୁଳକୁ । ୨୧ ।

ଫୁଲ ଧନୁ ଧରି ଧରି ଧନୁଦ୍ଧର ବର ତରୁଣୀ ହରିଣୀକି,
ଫୁଲଶର ଫାନ୍ଦେ ଆନନ୍ଦେ ସେ ବ୍ୟାଧ ମନେ ବାନ୍ଧିଥିବ ନଶ୍ରୀକି,
କୋକିଳ, ଫଗୁଣ ହାସ୍ୟ ଜୀବବନ୍ଧୁ ।
ଫୁଟୁଣା ଥିବ ସେ ମଦନ ଅବନେ ସୁନ୍ଦର ସୀମା ରସ ସିନ୍ଧୁ । ୨୨ ।

ବିମ୍ବଅଧରୀ ଧରିଥିବ ବିରୂପ ବିରୁତ ବିରୁତେ ଯେସନ,
ବିଷମ ସାୟକ ସାୟକନିକର କରୁଥିବ ଅଙ୍ଗେ ମୋଚନ,
କୋକିଳ, ବିକଳ ବାଳା ହେଉଥିବ,
ବିମଳଗାତ୍ରୀ ବିଶଦ ଝୁନୁ ଝୁନୁ ଝୁନୁ ଝୁନୁ ସମ ମଣିବ । ୨୩ ।

ଭ୍ରମ ହେଉଥିବ ସେ ଭ୍ରମ ବରମା ବର ବର୍ତ୍ତିମା ସୁଖ ସୀମା,
ଭାଳୁଥିବ ସେ ନିରତେ ମାର ତେଜ ନୟନ ନୟନ ପ୍ରତିମା,
କୋକିଳ, ଭରସା କରିଣ ଏତେ ସେ,
ଭାବମା ଭାବ ନିରନ୍ତରେ ମୋ ନାମ ରଖିବ ଜୀବ କଣ୍ଠ ଦେଶେ । ୨୪ ।

ମାକନ୍ଦ ମଞ୍ଜରୀ ମଞ୍ଜୁଳ ମୁକୁଳ କୁଳକୁ କୁଳିଶ ସମାନ,
ମଣୁଥିବ ସେ ଦୁଃଖାଞ୍ଜନ ଖଞ୍ଜନନୟନା ତାପେ ହୋଇ ମ୍ଳାନ,
କୋକିଳ, ମାର ବନ୍ଦୀଘର ସମାନ,
ମୀନକେତନ ଜୟ କେତନ ବାଳାମଣି ବନଜ ନିକେତନ । ୨୫ ।

ଯାଉ ବାହୁଥିବ ବଦନ ଲୋଚନ ହୃଷ୍ଟିତ ହୋଇ ସୁକୁମାରୀ,
ଜୀବନ ଆଶା ତେଜି ପଡ଼ିଥିବ ସେ ସୁକେତକୀ ଗର୍ଭ ଗଉରୀ,
କୋକିଳ, ଜାଣଇ ମୋ ରତି ଅବଳା,
ଜଳଜକୁନ୍ତଳା ଜଘନ ବ୍ରତୁଳା ଗଳା ମାଳା ବାଳା ସୁଶୀଳା । ୨୬ ।

ରଣ ରଣକ ବାଣଗଣ ବାଜିବା ସୁନ୍ଦରୀ ଜ୍ଞାନ ହାରିଥିବ,
ରତି କଳାନିଧି ନିଧି ପ୍ରତିମା ମୋ ନାମ ଶୁଣି ଜ୍ଞାନ ଲଭିବ,
କୋକିଳ, ରତି ଲାଳସୀ ସ୍ମିତ ହାସୀ,
ରଙ୍ଗ ଲକ୍ଷା ପାଦେ ରଞ୍ଜୁ ନଥିବ ସେ ହରିଣଦୃଶୀ ମଦାଳସୀ । ୨୭ ।

Source: KC Dash, Digitized by PPRACHIN, SOA

ଲଳିତ ଘନରସ ବିନ୍ଦୁ ବିରସ ସାରସ ଲତିକା ଯେସନ,
ଲଳନା ଲଲାମ ମସ୍ତକ ମଣ୍ଡନ ଭୂଷଣେ ହୋଇଥିବ ତେସନ,
କୋକିଳ, ଲକ୍ଷ ଶରଘାତେ ତା ଅଙ୍ଗ,
ଲାବଣ୍ୟ କେବଳ ଶେଷରେ ରଖିଥିବ ସେ ଦାରୁଣ ଅନଙ୍ଗ । ୨୮ ।

ବାସନ୍ତୀ କୁସୁମ ସୁଷମ ନୟନେ ଦେଖିଲେ ନିଖିଳ ମୋହନା,
ବିରହ ବହ୍ନିକ ତୃଣ ପ୍ରାୟେ ହୋଇ କରୁଣ ଥିବ ସେ ବେଦନା,
କୋକିଳ, ବୋଲୁଥିବ ନାମ ମୋର ଯେ
ବିଷମ ବିଶିଖ ସବିଷ ବିଶିଖୁ ରଖିଥିବ ଜୀବ ତାର ଯେ । ୨୯ ।

ସୁମନ ସଧର — — ବଉଶୀଟିରେ,
ସୁମୁଖୀ ଜୀବନ ମାନ ମୀନଗଣ ଆକର୍ଷି ଥିବ ସେ ସତ୍ୱରେ,
କୋକିଳ, ଶରଦ ଶଶାଙ୍କବଦନୀ,
ସାରସଗମନୀ ସାରସନୟନୀ ସାରସ ବିଲେକେ ସଜନୀ । ୩୦ ।

ସୁନ୍ଦର ସୁନ୍ଦ — — — ଶୋଭା ତେଜିଥିବ ଶୋଚି,,
ସ୍ମରଶତ ଶର ନୟନ ସମାନ ମଣୁଥିବ ସେ ତାପି ହୋଇ,
କୋକିଳ, ଶୀତଳ ମନ୍ଦ ଗନ୍ଧବତ,
ଶଶଧରମୁଖୀ ମଣୁଥିବ କାମ ଘୋର ପବନାସ୍ତ୍ର ଯେମନ୍ତ । ୩୧ ।

ସତ୍ୱୋଜନୀ ଦୋଷାକାଳେ ପଣ୍ଡୁତନୁ ବିବର୍ଣ୍ଣ ଭାବ ଭଜିଥାଇ,
ଶୋଭନ ତେଜ ଜୀବ ଯିବେ ଆଗତ ତେଣୁ ସେ ମନ ଘେନୁଥାଇ,
କୋକିଳ, ସୁମୁଖୀ ତେହ୍ନେ ହୋଇଥିବ,
ସୁହାସୀ ସୁଭାଷୀ ସୁବେଶୀ ସୁକେଶୀ ସଚେତନଙ୍କ ମୋତେ ଦେଖିବ ।୩୨।

ହୋଇବ ଯାଇ ମୁଁ ହରଷେ ପ୍ରବେଶ ବନ୍ଧୁ ହିନ ସେ ବନ୍ଧୁ ପାଶ,
ହଂସ ଆବତଂଶ ଗମନୀ ଜୀବନ ନ ଯାଉ କହ ମୋ ସନ୍ଦେଶ,
କୋକିଳ, ହରିଣାଙ୍କ ମୁଖୀ ନିମେଷ,
ହର ବିପକ୍ଷ ତୀକ୍ଷ୍ଣ ଶରେ ମଣୁ ସେ ଥିବ ଶତ ଶତ ବରଷ । ୩୩ ।

କ୍ଷଣକେ କୋକିଳ କୋକିଳ ବଚନୀ ନିକଟେ ପ୍ରକଟେ ଚଳିଲା,
ଛ ଗୃହେ ଆନନ୍ଦ ସୁକାନ୍ତ ସୁକାନ୍ତ ସନ୍ଦେଶ ଉଦନ୍ତ କହିଲା,
ସୁଜନେ, କ୍ଷୀଣୋଦଶ୍ୱ ତାପ ତେଜିଲା,
କ୍ଷୀର ସିନ୍ଧୁ ସୁତା ପତି ପାଦ ପଦ୍ମେ ଶ୍ୟାମଘନ ମନ ମଜ୍ଜିଲା । ୩୪ ।

Source: KC Dash, Digitized by PPRACHIN, SOA

କୋକିଳ ଚଉତିଶା

କେବଣ ବିଦେଶୀ କୋକିଳ ଆଗରେ କହଇ ବସନ୍ତ କାଳରେ,
କୁନ୍ଦଦନ୍ତୀ ଆଗେ ଏ ମୋର ସନ୍ଦେଶ କହିବୁ ଯାଇ କୋକିଳରେ,
କୋକିଳ, ଖଞ୍ଜନଲୋଚନୀ ପାଶରେ
ଖେଳ ହସୁଥିଲି ବସି ତା'ର ପାଶେ ବିଧି କଲା ଏବେ ଦୂରରେ ।୧। ।୨।

ଗଜଗମନୀକୁ କହିବୁ କୋକିଳ ଗୁଣ ତୋହର ଘୋଷୁଅଛି,
ଗୁଣମଣି ପାଶୁ ବିଚ୍ଛେଦ ହେଲାରୁ ମଦନ କାଣ୍ଡ ଦହୁଅଛି,
କୋକିଳ, ଘନଜଘନୀକୁ କହିବୁ,
ଘଟଣ ପୂର୍ଣ୍ଣ ଶଶାଙ୍କ ମୁଖ ତୋର ବିରସ କେବେ ନ କରିବୁ ।୩। ।୪।

ନଶାନବପୁସୀ କହୁଥାଇ ହସି ନେତ୍ର କୋଣରେ ମୋତେ ଚୁହିଁ,
ନାରୀରତନ ପାଶରେ ବସିଥିଲେ ନୟନ ପିଞ୍ଚୁ ନ ପଡ଼ଇ,
କୋକିଳ, ଚତୁରୀ ମନରେ ଚଟଚାଇ,
ଚତ୍ତେ ଚତୋଇଲେ କନକଗୋରୀଙ୍କ ହୃଦୟ ଫାଟି ନ ଯାଇ ।୫। ।୬।

ଛୁତକ ଆଜକ କୋଳେ ବସିଥାଇ ଚତୁରୀ ଯୁବତୀ ଅବଳା,
କ୍ଷଣକେ ସେ ସୁଖ ଭାଙ୍ଗିଲା ବିଧାତା ଆହା ଜୀବଧନ ସୁଶୀଳା,
କୋକିଳ, ଯୁବତୀ ରତନ ପାଶରେ,
ଯାଇ ଜଣାଇବୁ ଚନ୍ଦ୍ରମାମୁଖୀଙ୍କ ଜୀବ ଅଛି ମୋର ଆଶରେ ।୭। ।୮।

ଝଟକହାସିନୀ ନାରୀ ରତନରେ ଝୀନ ପଟନୀ ପିନ୍ଧିଥାଉ,
ଝଟକ ବିଜୁଳି ପ୍ରାୟେ ଚହଟାଇକରି ଅନାଇ ପୁଣି ବୁଲି ଯାଉ,
କୋକିଳ, ଞସ୍ତେ ରମଣୀ ପାଶେ ଯିବ,
ନାରୀରତନକୁ ଗଳାହାର କରିବ ଦଣ୍ଡେହେଁ କେବେ ନଛୁଡ଼ିବ ।୯।୧୦।

ଟିକାଏ ନଥିଲେ ତାର ପାଶୁ ମୁଁ ଯେ କୋଟି ଯୁଗ ପ୍ରାୟେ ମଣଇ.
ଟଳୁଛି ତନୁ ବହୁତ ଦିନ ହେଲା ଜୀବଧନ କି ଥିବ ଜୀଇ,
କୋକିଳ, ସୁନ୍ଦରୀ ପାଶକୁ ତୁ ଯିବୁ,
ଠଣ ସୁକୁମାରୀ ଛାମୁରେ ଜଣାଇ ମୋହର ବିନୟ କହିବୁ ।୧୧। ।୧୨।

Source: KC Dash, Digitized by PPRACHIN, SOA

ଡୋଳା ପିତୁଳୀଯେ ଡୋଳେ ରଖିଥିଲି ପ୍ରାଣ ପିତୁଳାକୁ ମୋର,
ଡୋଳେ ରଖିଥିଲି ବିଧାତା ବଶରୁ ଏବେ ତଳ ପଡ଼ୁ ଅନ୍ତର,
କୋକିଳ, ତାଳେ ମୂର୍ଚ୍ଛିଲି ତାହାକୁ,
ଢ଼ଳୁଛି ଏବେ ତାର ଗୁଣ ସୁମରି ହୃଦ ହେଉଛି ଦୁକୁ ଦୁକୁ ।୧୩। ।୧୪।

ଅଣଦେଖା କରି ଗୁଡ଼ ଅଇଲି ମୁଁ ଆଶା କରିଥିବ ତରୁଣୀ;
ଆସିବି ନିକଟେ ବୋଲି ରହିଗଲି ବସନ୍ତ କାଳ ହେଲା ପୁଣି,
କୋକିଳ, ତରୁ ପତର ପଲ୍ଲବନ୍ତି,
ତରୁଣୀ ମଣି ସଙ୍ଗତେ ଥିଲେ ମୁହିଁ ବୃକ୍ଷ ପରାୟେ ପଲ୍ଲବନ୍ତି ।୧୫। ।୧୬।

ଥିର ଗମନାକୁ ନ ଦେଖିଣ ମୁହିଁ ଅଥୟ ଯେ ହେଉନାହିଁ ମନ,
ଅଥୟ କରି କେଉଁ କାରଣ କହିବ ସେ ମୋର ଗଳାହାର ଧନ,
କୋକିଳ, ଦରିଦ୍ର ନିଧି ସେ ମୋ ଜୀବ,
ଦାରୁଣ ହୋଇ ରହିଗଲି ମୁହିଁ ଯେ, ମୋହର ଦୋଷ ନ ଧରିବ ।୧୭।୧୮।

ଧରଣୀ ମଣ୍ଡନା ଆଗରେ କହିବୁ କାନ୍ତ ଦେଇଛନ୍ତି ସନ୍ଦେଶ,
ଧରାପକ୍ଷୀ ପ୍ରାୟେ ଯେତେବେଳେ ନୋହିବୁ ଖୋଜୁଥିବୁ ରାତ୍ର ଦିବସେ,
କୋକିଳ, ନିଦ୍ରା ଯେ ନ ମାଡ଼ଇ ମୋତେ,
ନିଶି ଦିବସ ତାର ଗୁଣ ଗୁଣୁଛି ତାକୁ ମୁଁ ଭେଟିବି କେମନ୍ତେ ।୧୯।୨୦।

ପ୍ରୀତି ନ ପାଇ ମୁଁ ବିଚ୍ଛେଦ ହୋଇଲି ପରି ଯୁବତୀ ପ୍ରାୟେ କରି,
ପାଇ ନଥିବ ସେ ମୋହର ସନ୍ଦେଶ ନବୀନ ଚମ୍ପକ ଗଉରୀ,
କୋକିଳ, ଫାଟି ଯେ ଯାଉଛି ହୃଦୟ,
ଫୁଲ୍ଲଶା ହୋଇ ନାରୀମଣି ଆଗରେ ମୋହ ବାରତା ତୁହି କହ ।୨୧।୨୨।

ବନଜମୁଖୀ କୋଳେ ଥିବା ବେଳରେ ମୋତେ ବିନୟ କହୁଥାଇ,
ବିନୟ ଲେଖୁଛି ମୋର ଚୁମ୍ବକୁରେ ମାନ ମୋହଠାରେ ନଥାଇ.
କୋକିଳ, ଭଜୁଅଛି ମୁଁ ଯେ ତାହାକୁ,
ଭଜିଲି ସେବକ ଦୋଷ କଲି ଥରେ ଦୋଷ ନ ଘେନିବା ମନକୁ ।୨୩। ୨୪।

ମଞ୍ଜୁ ମଣ୍ଡନାକୁ କହିବୁ କୋକିଳ ବସନ୍ତ କାଳ ହେଉଅଛି,
ମୟୂର କୋକିଳ ଡାହୁକ ଝିଙ୍କାରି ବୃକ୍ଷରେ ବସି ରାବୁଛନ୍ତି.
କୋକିଳ, ଯାବତ ଜନ୍ତୁ ହସୁଛନ୍ତି;
ଯବ ବାଳାମଣି ପାଶେ ମୁହିଁ ଥାନ୍ତି ତା ପରଶଂସା ଶୁଣୁଥାନ୍ତି ।୨୫। ।୨୬।

Source: KC Dash, Digitized by PPRACHIN, SOA

ରସାମଣ୍ଡନା ସେ ଏ ବସନ୍ତ ଦେଖି ହେଉଥିବ କାମେ ଆରତ,
ରସିକ ଯୁବତୀ ହସକୁ ଗୁଣି ଗୁଣି ପିଣ୍ଡରେ ପ୍ରାଣ ନ ଥିବ ତ,
କୋକିଳ, ଲଡୁଲି ବୟସୀ ମୋ ବାଳା,
ଲାବଣ୍ୟନିଧି ସେ ବିବେକ ଯୁବତୀ ଆଶ ସେ କରିଥିବ ପରା ।୨୭। ।୨୮।

ବାଳା ରତନ ଏକାନ୍ତେ ବସିକରି ମୁହ ତଳକୁ ପୋଛୁଥିବ,
ବଦନ ବିରସ କରି ଚନ୍ଦ୍ରମୁଖୀ ମୋଠାରେ ମନଧ୍ୟାନ ଥିବ,
କୋକିଳ, ଶଶୀ ବଦନା ପାଶେ ଥିବୁ,
ଶମ୍ଭୁଲିଙ୍ଗ ପ୍ରାୟେ ତାର କୁଚବେନି ତା ଆଗେ ଯାଇ ଜଣାଇବୁ ।୨୯।୩୦।

ସରୁ ମଝା ତାର ଖଞ୍ଜନ ଲୋଚନ କେଶ ତା ଅତିଅନ୍ତ କଳା,
ଶଶୀମୁଖ କନକ ପରି ତନୁ ତା ଆଗରେ ମୋ ଚିତ୍ତବଳା,
କୋକିଳ, ଶାତକୁମ୍ଭ ସ୍ତନ ଗୁମ୍ଫୁରେ,
ସହସ୍ରେ ବେଳ କୋଳାଗ୍ରତ କରିଛି ବିରସ ନଥିବ ମନରେ ।୩୧। ।୩୨।

ହରଷେ ବିଦେଶୀ କୋକିଳ ଆଗରେ ବୋଧିଣ ବିନୟ ଦେଖିଲ,
ହସ ବଦନା ପାଶେ ଯାଇ କୋକିଳ କାନ୍ତ ଚିଠାଉ ନେଇ ଦେଲ,
କୋକିଳ, ଛଛନ୍ଦେ ବଂଶୀଧର କହୁ,
ଚିତ୍ତ ମଣ୍ଡନାକୁ ମନରେ ଭାବଣ ରଖନ୍ତେ କମଳାର ସାଇଁ ।୩୩। ।୩୪।

—୦—

Source: KC Dash, Digitized by PPRACHIN, SOA

କୋକିଳ ଚଉତିଶା

କହଇ ଏକ ପ୍ରବାସୀ କୋକିଳକୁ ଯେନ କାନ୍ତର ସନ୍ଦେଶ,
କହିବୁ କମଳମୁଖୀ ଗୁମୁରେ ନାହିଁ ମୋର କିଛି ଦୋଷ ବା,
କାଳ କରଅଛି ଭିନ୍ନ ଭିନ୍ନ କିଛି ନଧରିବ ମନେ ଆନ ବା । ୧ ।

ଖେଳାଇ ଡୋଳା ଯେତେ ବଚନ ଗୁହାଁଇ ମନ୍ଦ ମନ୍ଦ ହସି ବାଣୀ,
ଖଣ୍ଡ ଖଣ୍ଡ କରି ହାଣୁଛି ମଦନ ସଖୀ କଥା ମନେ ଗୁଣି ବା,
ଖଳ ଧାତା କଲା ଏ ବିରହ କ୍ଷଣେ ନ ସହଇ ପ୍ରିୟା ଦେହ ବା । ୨ ।

ଗଜଗମନୀର ଗାଢ଼ ଆଲିଙ୍ଗନ ନାଗିଅଛି ମୋର ଦେହେ,
ଗନ୍ଧ ଚନ୍ଦନ ବିଷଜ୍ୱାଳା ସମାନ ମଳୟ ପବନ ବହେବା,
ଗୁଣ ଶୁଣି ମୋ ଚନ୍ଦ୍ରବଦନା, ଗାଢେ ଯେ ପାଉଥିବ ବେଦନା ବା । ୩ ।

ଘନଜଘନୀର ଘେନାଘେନ କଥା ପୋଡ଼ୁଅଛି ମୋର ପ୍ରାଣେ,
ଘୋଷିଥିବ ଯେନ ନାମେ ଜପାମାଳି ନ ପାସୋରିଣ କ୍ଷଣେ ବା,
ଘାଉ ହରିଣୀ ପ୍ରାୟେ ଏକ ହୋଇ ଘୋର ଦୁଃଖ ସହିଥିବ କେହି ବା ।୪।

ନୂଆ ନୂଆ କାଳେ ନୂଆଁଇଣ ମଥା ଯାହା ବୋଲିଅଛି ମୋତେ,
ନ ଯାଇ ମନରୁ ଦଣ୍ଡେହେଁ ସେ କଥା ନମେଷକୁ ଯୁଗ ସତେବା;
ସେ ଯେ ନଆମ କରାଇ ମୋତେ ନ ପାସୋରିବୁ ବୋଲିଛି ସତେ ବା ।୫।

ଚକୋର ନୟନୀ ଚନ୍ଦ୍ରମା ବଦନୀ ଚତୁର ମଣି ସିହାଣୀ,
ଚୁହୁଁଥିଲେ ମୁଖ ବଢ଼ୁଥାଇ ସୁଖ ସେହିକଥା ମନେ ଶୁଣିବା,
ଚୂଟେ ନ ଯାଉକି କେ ଜୀବନ ରେଖ ନୁହେଁ କାମ କାଣ୍ଡ ବାଣେ ବା ।୬।

ଛୁଡ଼ା ଛାଡ଼ି କାଳେ ଛୁଡ଼ି ପ୍ରାଣବନ୍ଧୁ ଛନ୍ଦିଲ ମୋ ଭୁଜେ ଗଳା,
ଛୁଡ଼ୁଛି ବୋଲି ଯାହା ମୋତେ ବୋଲିଛି ସେ ମୋର ମନକୁ ଗଲାବା,
କ୍ଷଣେ ନ ଛୁଡ଼ଇ ପ୍ରିୟା ଆଶ, ଛୁଇ ପ୍ରାୟେ ହୋଇଥାଇ ପାଶ ବା ।୭।

ଜୀବର ଧନକୁ କହିବ ମୋହର ଯହିଁ ଥିଲେ ମୁଁ ତାହାର,
ଯେସନେ ଆକାଶେ ମେହୁ ଗରଜଇ ଶୁଣି ଆନନ୍ଦ ମୟୂରବା,
ଯେହୁ ଯାହାର ଅଟଇ ଜାଣ, ଯେତେ ଦୂରେ ଥିଲେ ସେ ତାହା ପ୍ରାଣ ବା ।୮।

ମେହୁ—ମେଘ

Source: KC Dash, Digitized by PPRACHIN, SOA

ଝାଳ ବେଳେ ଝୋଲ ଶାଢ଼ୀ ଫୁଟିକରି ଦିଶୁଥାଇ କୁଚ ଦୁଇ,
ଝରୁ ଯେ ଅଛୁ ନେତ୍ର ବେନି ମୋର ଅଛନ୍ତି ଆତୁର ହୋଇବା,
ଝରୁ ଥିବ ଯେ ମୋହରେ ଯାଇ ଝିମଣ୍ଟି କେତକ ପାଇବା । ୯ ।

ଞବଣ ବଚନ କେବେହେଁ ନବହେ ନ କରଇ ସଖୀ ମାନ,
ନାନା ପ୍ରକାରେ ମୁଁ ହିନସ୍ତେ କହନ୍ତେ ସଖୀ କରେ ଆଲିଙ୍ଗନ ବା,
ନବ ନଳୀନ ନୟନ ତାର, ନୟନରେ ଦିଶୁଅଛି ମୋର ବା । ୧୦ ।

ଟେକ ଥାଇ ଗାତ୍ରେ ରତ୍ନକାଳେ ସୀତକାର କରି ସଖୀ.
ଟାଙ୍କୁରୁ ଥାଇ ଯେ ଦେହ ରୋମାଙ୍କ ତହିଁକ ଚାମନ ସାକ୍ଷୀ ବା,
ଟେକ ମଦନ ବନ୍ଧ ରୁ ଯୋଗେ; ଟାହୁ ନୁହଇ କହୁଛି ସତେବା । ୧୧ ।

ଠିଆ ଯେ ହୋଇଥାଉ ମୁଖ ଚଳକୁ କରି ମୋ ପ୍ରାଣ ମିତଣୀ,
ଠାବେ ସୁବର୍ଣ୍ଣକ ପର୍ବତେ ଉଦୟ ଚନ୍ଦ୍ରମା ମୁଖ ଝଳିବା,
ଠକ ମଦନ ଦଣ୍ଡ ରୁ ଯେତେ, ଠାବ ନାହିଁ କହିବତା କେତେ ବା ।୧୨।

ଡାଳିମ୍ବଦନ୍ତୀ ହିନେ ଚନ୍ଦ୍ର କରଣେ ବସିଥିଲି ମୋର କୋଳେ,
ଡରମା ହୋଇ ଭୁଜେ ଭୁଜ ଛଡ଼ାଇ ଚୁମ୍ବନହିଁ ଦେଲି ଖେଳେ ବା,
ଡକା କରିଅଛି ସେହି କଥା, ଡୋଳା ପ୍ରତିମା ପାଉଛି ବ୍ୟଥା ବା । ୧୩ ।

ଢେଳୁଥିଲି ତାର ଅଧରୁ ଅମିୟ ଯେଣୁ ରହିଥିଲି ପ୍ରାଣ,
ଢ଼ମ କାମଦେବ ନଜାଣି ହାଣୁଛି ତୋଷି ଲକ୍ଷ ଲକ୍ଷ କାଣ୍ଡ ବା,
ଢାଳେ ହରଇ ଚନ୍ଦ୍ରା ଭୋଜନ, ଢମ ନୁହେଁ କାମକାଣ୍ଡ ବାଣ ବା । ୧୪ ।

ଅପାର ଦନୁ ମୁଁ ତମ କରିଥିଲି ତେଣୁ ଥିଲି ପ୍ରିୟାପାଶ,
ଏବେ ଯେ ଆସି ଏତେ ଦୂର ରହିଲି ଏ ମୋର କ୍ଷମର ଦୋଷ ବା,
ଆଣି ବସାଇବି ଯେବେ କୋଳେ, ଅନଙ୍ଗକୁ ମୁଁ ଜିଣିବି ହେଲେବା ।୧୫।

ତାର ମୋର ଦୁହେଁ ଭିଡ଼ାଭିଡ଼ି ହୋଇ ପଲଙ୍କରେ ଥାଉ ଶୋଇ
ତନୁରେ ତାହାର କୁସୁମ ଦେଖିଣ ବେଗେ ପକାଉ ଛଡ଼ାଇବା,
ତାକୁ ବିଧାତା ଏମନ୍ତ କଲା, ତେତେ ଅନ୍ତରେ ନେଇ ରଖିଲିବା ।୧୬।

କ୍ଷମର—କର୍ମର

Source: KC Dash, Digitized by PPRACHIN, SOA

ଥିର ଥିର ହୋଇ ଗୃହ ଆସୁଥାଇ ଗଜହଂସ ପ୍ରାୟ ହୋଇ
ଥଣ୍ଟେ ମଦନ ନ ବଗ୍ଗୁର ଦଣ୍ଡ ଛୁଟି କେପାଶ ଛାପାଶୁ ଥାଇବା,
ଥିବ ସଂସାରେ ମୁଁ ଯେତେଦିନ, ଥିବ ସଖୀପାଶେ ମୋର ମନବା ।୧୭।

ଦିନେ ଦିବସ ଶେଷରେ ମୁଁ ନଗରେ ଅଧ୍ୱରେ ଦେଖିଲି ଯାଇ
ଦେଖିଲି ଚନ୍ଦ୍ରପଟରେ ତତେ ଦେଖି ଧ୍ୟାନ କରୁଥିଲି ରହି ବା,
ଦେଲି ଚୁମ୍ବନ ତାର ଗଣ୍ଡରେ, ଦସ୍ୟା ଯେତେ ନଉଡ଼ିଲି ମୋରେବା ।୧୮।

ଧିକ ମୋ ଜୀବନ ଧିକ ଯଉବନ ଧିକ ମୋହର ପୀରତି
ଧରଣୀ ମଣ୍ଡଳ ଅନ୍ତର ହୋଇଲି ମତେ ଦେଇ ତା ବିପତିବା,
... ... ଧନ୍ୟ ଧନ୍ୟ ଅଶେଷ ବା ।୧୯।

ନଜାଣି କରି ମୁଁ ସଖୀକି ଗୁଡ଼ିଲି ହେଉଛି ଅତି ଆକୁଳ;
ନବ ନାଗରୀକି ଯେବେ ମୁଁ ପାଇବି କରିବି ଗଳାର ହାରବା,
ନୂଆ ବେଦନା ହୋଇ ସହି, ନିଶ୍ଚେ ଜୀବ ଛୁଟେ କାର୍ଯ୍ୟ ନାହିଁ ବା ।୨୦।

ପାସୋରିବାକୁ ଯେ ପାସୁରି ନୋହଇ ପାସୋରି ନୁହଇ ତାକୁ
ପୀରତି ଧନ ଦେଇ ଜୀବନ ରଖିଛି କିଣିଅଛି ମୋର ତନୁବା,
ପ୍ରାଣବଲ୍ଲଭୀ ପ୍ରାଣର ସହି, ପଞ୍ଚଶରୁ କରୁ ହାନିବା ।୨୧।

ଫାଳେ ପଡ଼ି ବା ହରିଣୀ ପ୍ରାୟେ ହୋଇ ଫୁଟୁଥିବା ଘସ ଦେହ
ଫୁଲ ବିଞ୍ଚଣାରେ ବିଞ୍ଚି ହେଉଥିବ କ୍ଷଣେ କ୍ଷଣେ ହୋଇ ମୋହବା,
ଫାଟି ନଯାଏ କି କି ମୋହିଆ, ଫାଜ ଦୁଃଖ ସହୁଥିବ ପ୍ରିୟାବା ।୨୨।

ବିଦେଶ ଯାଇ ଯୋଉଦିନ ଦେଖଇ ଜଣାଇବି ସବୁ ଦୁଃଖ
ବାଧେ ବି ଗଳାରେ ମୋହ ହୋଇ ତାହାକୁ ବାଧେ କି ପାଇବ ସୁଖବା,
ବିଧାତାକୁ କହୁଅଛି ଏତେ, ବେଗେ ସଜନୀ ମିଳୁ ସଙ୍ଗତେବା ।୨୩।

ଭାବମାନ ତାର ସୁମରି ସୁମରି ନରୁଚଇ ଅନ୍ନ ପାଣି
ଭାର ପ୍ରାୟେ ଦେହ ଗରୁ ହୋଇଲଣି କେ ଦେବ ତାହାକୁ ଆଣିବା,
ଭଲେ କାମକୁ ତା ଯିବ ହେଲେ;ଭଜଥିଲେ ତାର ପାଦତଳେ ବା ।୨୪।

ମାଧବୀ କୁସୁମ ଗଭାଏ ଗୁନ୍ଥିଣ ବାନ୍ଧଥାଇ ସନ୍ନକର
ଅଳପ ମୁଖକୁ ଅନାଇ ମୋହର ମଥା ପୋତଇ ସୁନ୍ଦରୀବା,
ମାଗୁଅଛି କରଧରି ଏତେ, ମରିବି କି ମୁଁ ତାର ସଙ୍ଗତେବା ।୨୫।

Source: KC Dash, Digitized by PPRACHIN, SOA

ଯିବା ଜୀବନକୁ ପ୍ରବୋଧି ରଖିଛି ଅନେକ ଯତନ କରି
ଯୁବତୀ ରତନ ଦ୍ରୁଶନ ଉପରୁ ଯାଉ ଫଟୁଛି ଅପସରିବା,
ଯୁବାମଣି ଜାଣଇ ମୋ ଦୁଃଖ, ଯୋଗେ ହୋଇଅଛି ପ୍ରିୟା ବିମୁଖ
ବା । ୨୬ ।

ରହି ଥିବନକ ଜୀବନରେ ସଖୀ ସେ କାମଚାଣ୍ଡ ବ୍ୟାଧି ଘାତେ,
ରୋଷେ ବିରହ ଅଗ୍ନିରେ ଦହୁଥିବ ତା ତନୁ ତନୁ ସନ୍ତାପେ ବା,
ରଙ୍କ ପାଇବ କି ରତ୍ନହୀର, ରମା ଥିବକି ଜୀବନ ଧରିବା। ୨୭ ।

ଲବଙ୍ଗ ଲତାକୁ ଆଲିଙ୍ଗନ କରି ଲଗିଅଛି ମୋ'ର ଦେହେ,
ଲାବଣ୍ୟନିଧିର ଅଙ୍ଗରେ ଲଗିଲେ ନ ପଡ଼ିବ କେହୁ ମୋହେ ବା,
ଲୁହ ବହୁଥିବ ନିରନ୍ତର, ଲୋକ ଲାଜକୁ ନଥିବ ଡ଼ରିବା । ୨୮ ।

ବିପରୀତ ରତି କାଳେଣ ଯୁବତୀ ମାଗଇ ଅଧର ପାନ,
ସୀତ୍କାର ହୁଅନ୍ତେ ବିକାର ବଢଇ କେ ପାଇବ ନିଜ ଧନ ବା,
ବାଳା ତଳ ପଡ଼ିଥାଇ କୋଳେ; ବସି ଛୁଇଁ ନ ପାରଇ
ଢ଼ାଳେବା । ୨୯ ।

ସଜନୀମାନେ ଯେ ତମାଳ ପତରେ ଶୁଆଇ ଥିବେ ଯେ ତାକୁ,
ଶଶୀବଦନ ଦିବସ ଚନ୍ଦ୍ର ପ୍ରାୟେ ହୋଇଥିବ ଜୀବନକୁ ବା
ସରୁ ନଥିବ ଦିବସ ରାତି; ସନ୍ତତରେ ଲଭିଲେ ସନ୍ତତି ବା । ୩୦ ।

ସତେ କେହ ଦେଖିବ ନୟନେ ମୋହର ଶଶୀବଦନୀ ବଦନେ ।
ଶିବ କରୁଣା କଲେ ହେବ ଏମନ୍ତ ପ୍ରତେ ନ ଆସଇ ମନେବା,
ସେ ମୋ ଜୀବଦାୟିନୀ ବନିତା, ସୁଖ ଭାଙ୍ଗିଲା ପାପୀ ବିଧାତା ବା ।୩୧।

ସମସ୍ତ ପ୍ରକାରେ ମୁଁ ତାର କୋୟର ଜୀବଥିବ ଯେତେ ଦିନ,
ଶ୍ରୀମୁଖ ତାହାର ନ ଦେଖିଲି ଦିନୁ ହୋଇଲି ମୁଁ ଅତି ଖିନ୍ନ ବା ।
ସାହା କେବଳ ମୋହଅଛି, ସେ ମୋ ନୟନ ପଥେ ଦିଶୁଛିବା ।୩୨।

ହରିଣ ନୟନୀ ସୁକେଶ ବରନୀ ରସିକ ସୁଜାଣ ଧନୀ,
ହୃଦଭିତରେ ମୋତେ ଚନ୍ଦ୍ରାକରିଣ ହେଉଥିବ ଅତି କ୍ଷୀଣ ବା ।
ହରି କରିବେ ଯେବେ ଏମନ୍ତ,ହେବ କୃତାର୍ଥ ଏ ବେନି ନେତ୍ରବା—।୩୩।

କ୍ଷଣେ ବେନିଜନେ ଭେଟ ହୋଇଲେ ବଚନ ନୁହଇ କହି,
କ୍ଷୋଭମାନ ଯେତେ ହୃଦୟରେ ଥିଲା ସବୁ ଗଲା ଦୂର ହୋଇ ବା ।
ଟେକି ଛଡ଼ାଇବେ ନାରାୟଣ, କ୍ଷେମେ ମୁକୁନ୍ଦ ଦେବ ଶରଣ ବା ।୩୪।

Source: KC Dash, Digitized by PPRACHIN, SOA

କଳକଣ୍ଠ ଚଉତିଶା

(ରାଗ-କାମୋଦୀ)

କର ଯୁଗଳ ଯୋଡ଼ି   କହଇ କଳକଣ୍ଠ
କନକ ଗାତ୍ରୀ [illegible] ପିବୁ,
କୋମଳ କଳାବତୀ   କୁନ୍ଦ ସୁନ୍ଦର ଦନ୍ତୀ
ଚମକ ନେହାକୁ କହୁବୁରେ କଳକଣ୍ଠ ।
କାଳ କର ନାହିଁ କାହା,
କେଶିକ ଗଲା ସ୍ନେହ କାହା ।
କାଳକ ଦରଶନ   ନୋହିବ ବୋଲି କର
ବଞ୍ଚ ବସ୍ତୁ ଥିଲା ଏହାରେ । ୧ ।

ଖଞ୍ଜନନୟନୀର   ଖରେ ଖେଳନ୍ତ ଡୋଳା
ଯନ୍ଧ ନ ଦେଖଇ ସେ କ୍ଷଣେ ।
ଖରେ ମଦନଶର   ଶରେ ପୀଡ଼ିତ ହୋଇ
ଜୀବନ ନ ଥାଇ ଦେହରେ ରେ କଳକଣ୍ଠ,
ଖୀନ ଉଦସ୍ତ ତା ଜାଣଇ
ଖଣେ ହେଁ ପାଶ ନ ଛାଡ଼ଇ
ଖଣ୍ଡିତେ ତେଡ଼େ ସ୍ନେହ   କଗଇ କାମମୋର
ମନରେ ଏବେ ମୋ ଶନ୍ତଇ ରେ ।୨।

ଗଜଗମନୀକ ମୁଁ   ଗଳାରେ ବାନ୍ଧିଥାଇ
ଗୁପତ ମଣିମାଳା କରି
ଗୁଣମଣି ହୁଁ ମୋତେ   ଗୁପତ ପୀରତିରେ
କରୁଥାଇ ପରାଣ ସରିରେ କଳକଣ୍ଠ !
ଗଲା ତେତେ ସେନେହ କେଣେ ।
ଗୋଖ ସୁକେଶୀ ମଣୁ ପ୍ରଣେ,
ଗଙ୍ଗାଧର ଅଇରି   ପ୍ରେତକୁ ବଳ ହୋଇ
ମୁଁ ଏବେ ରହିଅଛି ପ୍ରାଣେ ରେ ।୩।

Source: KC Dash, Digitized by PPRACHIN, SOA

ଘନଜଘନୀ ବନ୍ଧୁ   ଯଉ଼ ଏ ପ୍ରାଣ ମୋର
    ଦେହେ ଥିବାର ଲୋଡ଼ା ନାହିଁ,
ଘେନ ମଣ୍ଟୁଛି ମନେ   ଘନ କର ଏକଥା
    ଯାଉ ସେ ଚନ୍ଦ୍ରମୁଖ ଗୃହିଁରେ କଳକଣ୍ଠ !
    ଘଞ୍ଚ ଘଟଣ କୁଚ ଭାର
    ଘେନ ଖନ୍ଦର ଗିରି ସାର
ଘେନ ସୁନ୍ଦରୀ ସୀମା   ଏମନ୍ତ ଦିଶୁଥାଇ
    ସଖୀ ଚନ୍ଦ୍ର[illegible]ନବ ମୋର ଯେ ।୪।

ନୀରଜ ନୟନୀର   ନୟନ ସମ ହୋଇ
    ନଥିବ ନବ ଖଣ୍ଡପୁରେ,
ନନ୍ଦବର ମୀନ   ଶିଶୁ ମୃଗ ଖଞ୍ଜନ
    ମନ୍ଦରେ ସମକ ଗୁଣରେ କଳକଣ୍ଠ,
    କାର୍ହିକ ଭୂ ବୁହ ବଳାସ,
    ବକ୍ଷୁ ଏ ମନ ସଗ ରସ,
ନ ଥିବାରୁ ଏ ମାନ   ଉପମା ମାନ କାହା
    ପାଇବେ ନେତ୍ର ଶୋଭା ଲେଶରେ ।୫।

ଚନ୍ଦ୍ର ଶିଖର ରିପୁ   ବହୁତ ସର୍ମ (ଶ୍ରମ) ପାଇ
    ଝଷ ଷୀପୂଷ ଏ କଲା
ଚତୁସ୍ଥ ମଣି   ଚନ୍ଦ୍ରମୁଖୀ ଚମ୍ପକ ଗେ ସ୍ଥ
    ନୟନ ଅନ୍ତରେ ଥୋଇଲାରେ ନୀଳକଣ୍ଠ,
    ଚତୁସ୍ଥ ପ୍ରତେ ସେ ସୁକେଶୀ

\+   +   +

ଗୃହୁଁ ଗୃହୁଁ ଚୁଟୁକ   ମୀନ ଗଲା ଲଗାଇ
    ଚଞ୍ଚଳ ନୟନ ବଡ଼ଶୀ ହେ ।୬।

ନବ ଖଣ୍ଡ ପୁରେ   ଚଉଦ ଭୁବନରେ,
ଛିନ୍ନ ଉଦର ଆଗେ   କହିବ କର ଯୋଡ଼ି
    କହୁଛି ବଲ୍ଲଭ ତୋହର,
ଛାଡ଼ି ମନରୁ ତାପ   କ୍ଷିତିମଣ୍ଡଳୀ ପ୍ରିୟା
    ବିନୟ ଘେନସି ମୋହରରେ କଳକଣ୍ଠ !

ସର୍ମ—ଶ୍ରମ

Source: KC Dash, Digitized by PPRACHIN, SOA

ଛିତି ମଣ୍ଡଳେ ତୋର ବିନା ।
ଛଣେ ହେଁ ନାହିଁ ଅନ୍ୟ ଚିନା,
ଛୁଡ଼ି ତୋହର ପାଶ ଛଣେ ଯାଇଛି ବୋଲି
ତାପ କରଇ ସୁନୟନାରେ ।୭।

ଜାଗଇ ଯୋଗ କରି ଯାମିନୀ ଯାକ ଜାଗି
ରଙ୍ଗେ ହୋଇଥାଇ ଆଖି,
ଯତନେ ନିଦ ଲଗି ଘୁମାଇଁ ଗୁହିଁବାର
ଯାସୋଇବ କେ ଚନ୍ଦ୍ରମୁଖୀରେ କଳକଣ୍ଠ !
ଜୀବନ ଥାଉ ଥାଉ ମୋର ।
ଯୁବତି ହୋଇଲି ଅନ୍ତର,
ଜାଣଛନ୍ତି କି ଯୋଡ଼ି ମୋ ଅଧରେ ଅଧର
ବୋଲି ଅଛି ଯେ ଭିତରେ ।୮।

ଝୁରୁ ଯେ ଥାଇ ମନ୍ଦ ବାସ ଭାବ ପୀୟୂଷ
ଅଧରେ ପିୟୂଷରେ ମିଶି,
ଝଳ ନୟନ ଅନ୍ତେ ହରଷେ ସୁଧା ଥାଇ
ଏଣୁ ଦୁର୍ଲଭ ଗୁରୁକେଶୀରେ କଳକଣ୍ଠ !
ଝସକେତନ ଥିବ ରଖି,
ଝଡ଼ିବ ସୁଖ ଦୁଃଖ ଦେଖି,
ଝୀନ ବସନ ଫୁଟି ଦିଶୁ ଯେ ଥାଇ ସ୍ତନ
ହା ହା ଝଲକ ଚନ୍ଦ୍ରମୁଖୀରେ ।୯।

ନଥିବ ପର ପ୍ରିୟା ମନେ ପୁ ରୁଷ ଭାବ
ମୋର ଅଧର ଦନ୍ତେ ଧରି
ନୟନ ବେନି ଖୋସି ବୋଇଲି ଇସି ଇସି
ସରି ନହରେ ତନୁ ତରରେ କଳକଣ୍ଠ !
ନଚଳୁ ମନ୍ଦେ ମତ୍ତ ହୋଇ,
ନଚେଷ୍ଟ ବଦନ ଶୁଖାଇ ।
ନିଶ୍ୱାସ ମନ୍ଦ ମନ୍ଦ କରି ଗୁଡ଼ି ସୁତନୁ
ମିଛେହେଁ କରେ ନାହିଁ ନାହିଁରେ ।୧୦।

ଯେନସି—ଯେନ, ଛୀନ—କ୍ଷୀଣ, ଛିତ—କ୍ଷିତ, ଛଣେ—କ୍ଷଣେ.

Source: KC Dash, Digitized by PPRACHIN, SOA

ଟଳଇ ନାହିଁ ମନ ଉପରେ ଟିକା ଏକ
କରିଥିଲେ ହେ ସ୍ୱମା କୋପ
ଟାଳି ସେ କୋପ କରି ଥାଇବ ନୟନ ମାନ
ବଚନୁ ଗୁଞ୍ଜୁଥାଇ ଛାପରେ କଳକଣ୍ଠ !
ଟେକ ସେ କଥା କେଣେ ଗଲା ।
ଟାଣ କଟାକ୍ଷୀ ଏଧା କଲା,
ଟଙ୍କଧର ଅଇର ଅଗ୍ନିକ ଋଣ କରି
ମୋ ଦୁଃଖ ମନେ ନ ଘେନଲାରେ ।୧୧।

ଠାଠିକ ଶ୍ରେଣୀ ମୁଖ ମଳନ ଭାବ ମୋର
କ୍ଷଣେ ହେଁ ନ ପାରଇ ସହି,
ଠିଆ ହୋଇ ଚୁମ୍ବନ ଛିଛିଳରେ ବନସ୍ତ
ପାଖେ କେବେହେଁ ନ ବସଇରେ କଳକଣ୍ଠ !
ଠିକ ଚତୁଷ୍ପ ବର ବାମା !
ଠାରି ମାଗଇ ଦୋଷ କ୍ଷମା ।
ଠାବ କେ କରିଅଛି ଏବେ ମୋହର ଦୁଃଖ
ଏହା ତୁ ଶୁଣିଥାଅ ସ୍ୱମାରେ ।୧୨।

ଡାଳିମ୍ବଦନ୍ତୀ ଅନ୍ତର ଆଣେ ଉଚ୍ଚ କୁଚ
(ବାସ) ଚନ୍ଦନକୁ ଲେପଇ ।
ଡମ୍ବରୁମଧ୍ୟା ନାନା ବନ୍ଧ କରିବା କାଳେ
ବାସ ରଖିବା କାହିଁ ପାଇଁରେ କଳକଣ୍ଠ !
ଡକା ସେ କଥା ଶନ୍ତବାକୁ ।
ଡରୁଛି ମଦନ ବାଣକୁ ।
ଡୋଳା ପିତୁଳୀ ମୋର ପାଶରୁ ଆଡ଼ ହୋଇ
ସଂଶୟେ କରୁଛି ପ୍ରାଣକୁ ହେ ।୧୩।

ଢାଳୁ ଯେ ଥାଇ ନେତ୍ର ଅଳପ ବୁଜି ବୁଜି
ଗାଢ଼ ସୁରତରସେ ମଜ୍ଜି
ଢୋକୁଥାଇ ଅଧରୁ ସୁରତ ସହ ରତି
ସେ ଅଗ୍ନିରେ ତା ମଜ୍ଜି ହେ କଳକଣ୍ଠ !

Source: KC Dash, Digitized by PPRACHIN, SOA

ତାଳେ ହେଁ ହେଉଥାଇ ମୋହ ।
ତାଳ ଚଞ୍ଚଳ କରେ ଦେହ ।
ତମ ନୁହଇ ସେହି   ସମସ୍ତ ଚିନ୍ତ କର
ଜୀବନ ହେଉଛି ଦୁଃସହ ହେ ।୧୪।

ଅଣ ଆୟୁତ ହୋଇ   ସୁରତ ସୁଖ ପିଇ
ଗଣ୍ଡେ ଦିଅଇ ଦନ୍ତଘାତ
ଆଣି ତଡ଼ିତ ପୁଣି   ଅଧରେ ଲଗାଇ ଯେ
ଦେହ କମ୍ପାଇ କର ଗାଢରେ କଳକଣ୍ଠ !
ଏଣୁ ସେ ଜାଣୁ ଚନ୍ଦ୍ରରେଖା ।
ଆନ ନ ଥିବ ଜଣେ ଲେଖା ।
ଏଣିକି ଜୀବନ ମୋ   ଯେତେ ଦିବସ ଥିବ
ସୁନ୍ଦରୀ ମୋର ପ୍ରାଣ ସଖାରେ ।୧୫।

ତରୁଣୀ ଚନ୍ଦ୍ର ମୋତେ   ପ୍ରମାଣ କରାଇଛି
ଏଣୁ ସେ ମୋର ପ୍ରାଣ ସଖ,
ତାହା ଶ୍ରୀମୁଖ ବିନୁ   ଆନ ମୁଁ ନ ଗ୍ରହିଁବି
ଏମନ୍ତ ପ୍ରମାଣ ମୋହରରେ କଳକଣ୍ଠ !
ତଥାପି ନ ଜାଣଇ ବାଳା
ତରଳ ନେତ୍ର ଗୁଣଶୀଳା
ତରୁଣୀ ଶିରୋମଣି   ଗନ୍ଧର୍ବ ସଖୀପ୍ରିୟା
କଣ୍ଠ ତଟରେ ମଣି ମାଳାରେ ।୧୬।

ଥିବ ଯେବେ ମୋହର   ଅନେକ କାଳ ତପ
ସୁନ୍ଦରୀ ନିକଟକୁ ଯିବ
ଥବର ହୃଦୟରୁ   ଥିଥି ଉରଜ ବେଶେ
ସେ ହୃଦୟ ତଟେ ଲଗାଇବିରେ କଳକଣ୍ଠ !
ଥିବ ଯେ ମୋର ଠାରେ ଦୟା ।
ଥେଣୋ ଶିରୋମଣି ସେ ପ୍ରିୟା,
ଥିବକ କାମ ଜଳେ   ପଡ଼ି ଅଛି ଯେ ମୂର୍ଚ୍ଛି
ରଖନ୍ତୁ ଧରି ସୁହୃଦୟାରେ ।୧୭।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଦୟାକୁ ଶିରୋମଣି ଦୟା କରିବ ମୋତେ
ତୁମ୍ଭେ କରିବ ଦୁଃଖ ଶୁଣି
ଦାରୁଣ ନୁହଇ ସେ ଦୁଃଖ ବେଗେ ଘେନଇ
କୋମଳ ହୃଦୟ ସିହାଣୀରେ କଳକଣ୍ଠ !
ଦୋଷ ଧରଇ ସେହୁ ଯେତେ,
ଦୟା କରଇ ପୁଣି ତେତେ,
ଦୟା ନ କଲେ ପୁଣି ମୋହର ବିଷୟରେ
ଦାରୁଣ ହୋଇଅଛୁ ପ୍ରତେ ।୧୮।

ଧୀର ମାର ମୁଁ ଧୀରେ ଧରି ଚିବୁକ
ଅଧରେ ଦିଅଇ ଚୁମ୍ବନ,
ଧଇର୍ଯ୍ୟ ନରଖି ସେ ପ୍ରେମ ପୁଲକ ହୋଇ
ନିବିଡେ କରେ ଆଲିଙ୍ଗନରେ କଳକଣ୍ଠ !
ଧରି ନଥିବ ପ୍ରିୟା ମନେ,
ଧରଣୀ ମଣ୍ଡନା ଅଜ୍ଞାନେ,
ଧବ ଧରି ସମ ଏ କୋପନେ ଆସି
ଯାହାବା କହିଲି ମୁଁ କର୍ଣ୍ଣରେ ।୧୯।

ନୀରଦ ଦୋଷକୁ ଅବା ବାସି ହୋଇଁ ରହିଛି
ଉପରାଗ ଅନ୍ତର ଗୃଦ
ନିଶି ଅବସାନରେ ନୀରସ ଦିଶୁଥାଇ
ସୁରତେ ମୁଖ ତାର ଦିବ୍ୟରେ କଳକଣ୍ଠ ।
ନଜେ ନୟନ ରଙ୍ଗ ଦିଶେ,
ନୀରଜ ନିବାରି ବା କି ସେ,
ନତ୍ରେ ମୋହର ଛପ ଫଳକ ଅଛି ରହି
ଦେଖିବିନି ଅଶ୍ଳେଷ ବଶରେ ।୨୦।

ପାନ ବୋଲରେ ବୁଡ଼ି ଗୃଠୁ ପଟଳ ଦିଶେ
ପ୍ରବାଳହାସ ବିମ୍ବାଧର,
ପରମେ ଶର୍ମ କରି ଶୁଖି ସେ ଦିଶୁଥାଇ
ଅଙ୍ଗେ ପୀୟୂଷ ଆକାରରେ କଳକଣ୍ଠ !

Source: KC Dash, Digitized by PPRACHIN, SOA

ପ୍ରାଣ ଥିଲେ କି ପାଟେ ସାରବ,
ପଦ୍ମମାରୁ ସେନେହ ଭାବ,
ପ୍ରସନ୍ନ ନ ଥିବାର   ପୁଣ୍ଡ୍ରଗ୍ଳାନ ବଦନ
ଦେଖି ଧଉର୍ଯ୍ୟ କେ ଧରିବ ରେ ।୨୧।

ଫୁଟିଲ ଅରବିନ୍ଦ   ପ୍ରାପ୍ତ ଦିଶଇ ଦେହ
ଏଥକୁ ବଳି ମୁଖ ବାସ
ଫୁଟି ଯେ ଥାଇ ରନ୍ତି   ଅନ୍ତେ କବରୀ ଭାର
କୁସୁମ ବାସକଟର ନାସରେ କଳକଣ୍ଠ !
ଫୁରୁଣା ହୁଏ ପ୍ରାଣୀ ମନ,
ଫୋଃଇ ଚୋଷଇ ଜୀବନ,
ଫାଟି ନଯାଇ ଦେହ   କମ୍ପା ଲକ୍ଷଣ ଅଛି
ଚନ୍ଦ୍ରିକା ସୁନ୍ଦର ବଦନରେ ।୨୨।

ବ୍ୟାକୁଳ ବନହର   ପ୍ରାପ୍ତେ ପ୍ରସନ୍ନ ମୁଖ
ପୃଥିବୀ ମଣ୍ଡଳେ ନଥିବ
ବାମା ପ୍ରସନ୍ନ ମୁଖ   ଅନାଇବା ମାନକେ
ଦମ୍ଭ ଗୁରୁ କମ୍ପାଇ ଥିବରେ କଳକଣ୍ଠ !
ବୁଦ୍ଧି ମୋତେ ଦିଶଇ ନାହିଁ,
ବଳିତ ହାସ ମୁଖ ଚୁହିଁ
ବାନ୍ଧବୀ ବଧୂ ମୁଖ   ନ ଚୁହିଁ ମୋର ଦେହ
ଜୀବ ଯେ ଅଛି କାହିଁ ପାଇଁରେ । ୨୩ ।

ଭାବମୀ ଭାବନଧି   ଭାଗ ଗୁଞ୍ଜରି ମୋତେ
ଜୀବନ ଥାଉ ଭିନ୍ନ କଲ, !
ଭଲ ବିଧାତା ଏତେ   ଭାବ ଭାଙ୍ଗିବ ବୋଲି
ଭଲ ବିଗୁର କରୁଥିଲରେ କଳକଣ୍ଠ !
ଭାବ ଚୁମ୍ବନ ଓଷ୍ଠେ ନେଇ ।
ଭିଡ଼ି ଉରଜରେ ପକାଇ ।
ଭାବମୀକ କହିବୁ   ଯାହା ବୋଇଲି ତାହା
ଜପ କରି ଜୀଇବି ମୁହିଁରେ ।' ୨୪ ।

ଧଉର୍ଯ୍ୟ—ଧୈର୍ଯ୍ୟ

Source: KC Dash, Digitized by PPRACHIN, SOA

ମନ୍ଦରନେତ୍ରୀ ମୋତେ   ଯେତେ ସେନେହ କଲ
ଯେତେ ହୋଇଣ ଥିଲି ବଶ
ମଣିଲି ସେ ସମସ୍ତ   ମଦନ ବଶ ହୋଇ
ଚେତେ କରି କଲିକ ନଗରରେ କଳକଣ୍ଠ !
ମନ୍ମଥ ସୁଖରେ ଅଚେତ ।
ମଦନ ମନ୍ଦିରରେ ମତ୍ତ ।
ମନ୍ଦେ ମନ୍ଦେ ମଧୁର   ମିଳି ବୁଝିବା ନେତ୍ର
ଝରଇ ଶ୍ରେଣୀରେ ଯେମନ୍ତରେ ।୨୫।

ଯେତେବେଳେ ସେ ନେତ୍ର   ମନେ ହୋଇଲି ଆସି
ସମସ୍ତ ଝରଇ ଅନ୍ଧାର
ଜୀବକୁ ଶ୍ରେଷ୍ଠ କରି   ନେବା ପାଇଁ ଶରୀର
ପଶଇ କାମଶର ଶ୍ରେଉରେ କଳକଣ୍ଠ !
ଯାମିନୀ ଉଜାଗର କରି ।
ଜୀବନ ନପାଇ ଅଧରି ।
ଜଳଜନେତ୍ରୀ ଗାଢ଼   ଆଶ୍ଲେଷ ଦଣ୍ଡ ଆସି
ଏ ନେତ୍ର ଥାଉ ରକ୍ଷାକରି ରେ ।୨୬।

ଲୁହାଇ ଗମାରନ୍ତ   ରସରେ ଏଡ଼େ ସଙ୍ଗ
ଶରଣ କାନ୍ତ ରତା କରି
ରମଣୀ ରତ୍ନ ବନ୍ଧୁ   ରଖନ୍ତା ନାହିଁ ଆଜ
ଏମନ୍ତ ଆଜ୍ଞା ହେଉ କରି ହେ କଳକଣ୍ଠ !
ରମଣ ରମଣୀ ନଖାଇ ।
ରସ ଯେ ବଢ଼ୁତ କରଇ ।
ରସିକ ନିଧି ଆଗେ   ଏମନ୍ତ ଶତ୍ରୋଇବୁ
ସେ କଥା ମନେ ନ ପଡ଼ଇ ରେ ।୨୭।

ଲଗିଲେ ଦେହେ ଦେହ   ପଡ଼େ ଅଦେହେ ମୋହ
ରମଣୀ ରତ୍ନ ତାହା ଜାଣି
ଲାବଣ୍ୟ ଭାବ କରି   ଦେହ ଲଖ ବସାଇ
ଓଷ୍ଠେ ଦନ୍ତ ବସାଇ ଆଣିରେ କଳକଣ୍ଠ !

Source: KC Dash, Digitized by PPRACHIN, SOA

ଲଗିଲେ ଦନ୍ତ ଲଖ ପାତ ।
ଲେଉଟି ବସେ ଦେହେ ତେତ ।
ଲଭ ପ୍ରମାଣେ ସେ ସମସ୍ତ ଚେଷ୍ଟକର
କରି ସେ ଉରଜ ବେଗତ ରେ । ୨୮ ।

ବୋଲବ ବଧୂ ମୁଖୀ ଲେଶ ନ ଦେଖିଲେ ଯେ
ଲକ୍ଷେ ବରଷ ନ ସରଇ ।
ବିଧାତା ଏହା କଲା ତାହାକୁ ଆଖି ଟେକ
ବାରତା ଲେଖି ପଠିଆଇ ରେ, କଳକଣ୍ଠ !
ବୁଦ୍ଧି ଦଶଇ ନାହିଁ ଆଜ ।
ବାନ୍ଧବୀ ମୁଖ ଧାଉଁ ଧାଉଁ ।
ବିଧାତା ବୁଡ଼ାଇଲା ବାନ୍ଧବୀ କୁହୁଳରେ
ଏହାଉଁ ଭଗ୍ୟ ଅଛୁ ଆଉତର । ୨୯ ।

ଶାଟୀଏ ଦଣ୍ଡପାକ ସନ୍ନିଧେ ବସିଥିବ
ତାର ଲୋଚନ ମୁଖ ଗୃହିଁ
ସକଳ ବର ହଅ ପ୍ରସନ୍ନ ହେଉ ମୋତେ
ଏକଥା ଆନ ହେଉ ନାହିଁରେ କଳକଣ୍ଠ !
ସତେ ହେଁ ପ୍ରାଣଥିବ ମୋର ।
ଶ୍ରୀମୁଖ ଦେଖିବ ପ୍ରିୟାର ।
ଶରଣ ହୋଇ ଖଣ୍ଡେ ଦୂରୁ ଚୁମ୍ବନ ଯାଚ
କୋଳ କରିବ ବିମ୍ବାଧରୀ ରେ । ୩୦ ।

ସେ କଥା ମନେ ନାହିଁ ସନ୍ତୋଷ ଚିତ୍ତେ ବନ୍ଧୁ
ମାରଇଁ ପଙ୍କଜ ନୟନେ
ଖିର ମନ୍ଦ କମ୍ପାଇ ଦୋଷ ମୋହର ଧରି
କୋପଯେ କରିଗଲା ବନେରେ କଳକଣ୍ଠ !
ସୁମରଇ କହିବ ଏହା,
ସେ କଥା ଶୁଣି ତୋର ବାହା
ଶରଣ ପଶିଅଛୁ ଏକା ତୁମ୍ଭ ଚରଣେ
ତୁମ୍ଭେ ଜାଣି କହିବ ଯାହାରେ । ୩୧ ।

Source: KC Dash, Digitized by PPRACHIN, SOA

ସାରି ସୁରତ ହିନେ   ଶର୍ବରୀ ଅବସାନେ
ଶାଟୀ ପଣନ୍ତେ ଘେନ ବିଞ୍ଚି
ଶର୍ମ (ଶ୍ରମ) ସାନ୍ତ୍ୱନା କରି   ଶୁଆଇ ସୁଶୀତଳ
କର୍ପୂର ଜଳପୁଣି ଛିଞ୍ଚିରେ କଳକଣ୍ଠ !
ସୁନ୍ଦର ସରସିଜ ନେତ୍ରୀ ।
ଶୀତଳ କୁମ୍ଭ ସ୍ତମ୍ଭ ଗାତ୍ରୀ
ସେତେ ସେନେହ କରି   ବସିଛୁ କାହିଁ ପାଇଁ
ଯହିଁ କହିଲ ରସଗାତ୍ରୀରେ ।୩୨।

ହସାଇ ହରଷ ସେ   ମୋହର ସଜ ଗୁଡ଼
ଚନ୍ଦ୍ରା ଜଳରେ ବୁଡ଼ିଥିବ,
ହରିଣନେତ୍ରୀ ଅତି   ସୁରତ ରସେ ମୋର
କ୍ଷଣେ ହେଁ ପାସୋରି ନ ଥିବରେ କଳକଣ୍ଠ !
ହୃଦୟ କମଳ ସୁକେଶୀ
ହେମବରଣୀ ମୃଦୁହାସୀ
ହରିଣ ରୁହ ମୁଖ   ମଳିନ କରିଥିବ
ମଦନ ଜଳଧିରେ ଭାସିରେ ।୩୩।

କ୍ଷାନ୍ତ ବସନ୍ତୁ ଚନ୍ଦ୍ରା   ତା ମୁଖ ବାଣୀ ଶୁଣି
ଯେଣୁ ସେ କୋକିଳବରଣୀ
ଛଇଳ ଶିରୋମଣି   ଜାଣିଛ ଅଛୁ ଏହା
ପ୍ରୀତି ଲେକ ବଚନ ତୋଳରେ କଳକଣ୍ଠ !
କ୍ଷୋଭ ଗୁଡ଼ିବାକୁ କହିବ ।
କ୍ଷୀଣୋଦରୀ କ୍ଷୀଣ ହୋଇବ,
କ୍ଷିତି ତଳ ଉତ୍ତମ   ବାଣପୁର ଅଧିପ
ହରି ଚନ୍ଦନ କହେ ଭାବରେ ।୩୪।

Source: KC Dash, Digitized by PPRACHIN, SOA

ନୀଳକଣ୍ଠ ଚଉତିଶା

(ରାଗ—କାମୋଦୀ)

କାଳିକା ଧ୍ୱନି ଶୁଣି କେଉଁ ବିଦେଶୀ ମଣି କହଇ କେକା ଦେଖି ବାଣୀ,
କହିବୁ ପରାଣକୁ··· ··· ···ଦାସକୁ ମଦନ ପକାଉଛି ହାଣି,
ରେ ନୀଳକଣ୍ଠ, କଲି ନିନ୍ଦପୁ ସୁଲୋଚନା,
କେ ମୋର ଯୌବନ ବିମନା,
ଖାଲେ ଚହାଇଲି ବେଳେ ସଙ୍ଗୋଳାଇଲି ନାହିଁ ମୋତେ ସେ
ଚନ୍ଦ୍ରମା ବଦନା ।୧।

କ୍ଷଣେ ଯେ ନ ମୁଞ୍ଚଇ ରସିକ ବାରାଧି.... ...ଧାତା କଲି
ଏତେ ଦୂରେ,
ଖଳ ଲୋକଙ୍କ ବାଣୀ ଶୁଣି ନକା ରମଣୀ ମୋଠାରେ କରଇ
ଅନ୍ତର,
ରେ ନୀଳକଣ୍ଠ, ଖେଳାଇ ଡୋଳାରେ ଚାହିଁବା,
କ୍ଷିତି ମଣ୍ଡଳେ କା ଦେଖିବା,
ଖୋଜିଲେ କାହିଁ ନ ପାଇବା ତା ସରି ଯେଉଁ ଭାବ ଜାଣଇ
ଚତୁରଭ୍ରୂବା ।୨।

ଗୁଣମଣିକି ଯେତେ ଭରସା ଅଛି ମୋ'ର ସେକି ବଚନେ କହିଦେବ,
ଗୋରି ସୁକୁମାରୀକି ଏତକ ଜଣାଇବ ବୋଇଲି ବୋଲ ରଖିଥିବ,
ହେ ନୀଳକଣ୍ଠ, ଗଣ୍ଠି ରତନ ସେ ମୋହର
ଗଜେନ୍ଦ୍ର ଚତୁରୀ ଗତିର
ଗୁଣଗଣ ଗୁଣିଣ ଜୀବନ ହୁଏ କ୍ଷୀଣ ଶରଣ ଯେନ ରମାବର ।୩।

ଯେନ ଯାହାକୁ ଥାଇ ପରାଣୁ ବଡ଼ କରି ତାକୁ କି ଜରି ଏତେ ସରି,
ଘଟଣ ଲପମାତ ଜାଣଇ ହୃଦ୍‌ଭାବ ଯାହାକୁ କରି ଯେତେ କରି,
ହେ ନୀଳକଣ୍ଠ, ଘାଣ୍ଟି ହେଉଛି ମୋ ଶରୀର,
ଯେନ ଭଗତି ରତ୍ନାକର ।
ଯେନାଇ ପାଉ ଏଥୁଁ ମୋତେ କରୁଣାସିନ୍ଧୁ ଦେଇଣ ଶ୍ରୀହସ୍ତ
ପଚର ।୪।

କାଳିକା—ମେଘ

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ନଳଚନ୍ଦେନୀ ପରା ସଂସାରେ ନାହିଁ ଗୋରା ତାକୁ ହିଁ ପଟାନ୍ତର ସେହି,
ମାଳା ନାୟକ ଶୁଣା ବନ୍ଧୁର ଶ୍ରୀମୁଖକୁ କେତେ ଉଦ୍ଧିର ଧରିଥାଇ,
ହେ ନୀଳକଣ୍ଠ, ନେନେ ସେ ନପଡ଼ିଲା ଏବେ,
ନଟରେଖ ହେଲ ତା ଅଗ୍ରେବ,
ନାଗ ହୋଇଲେ ଦାସ ଦାସବତ୍ସଳୀ ଆସି ରକ୍ଷା କରିବ
ଆଉକେବେ ।୫।

ଚନ୍ଦ୍ରମା ମୁଖୀ ସେବା ଦଣ୍ଡେ ଛାଡ଼ିବ ନାହିଁ ଏମନ୍ତେ ବାଞ୍ଛା କରିଥିଲି,
ଚୁମ୍ବିବା ଭଙ୍ଗୀ ତାର ଅତି ଚତୁରପଣର କାଳେ ହୋଇଲି ନ ଦେଖିଲି,
ହେ ନୀଳକଣ୍ଠ, ଚାତକ ମୁଁ ସେ ଜଳଧର,
ଚନ୍ଦ୍ରମା ରମା ମୁଁ ଚକୋର,
ଚକ୍ଷୁ ପ୍ରତୁଳା ବନ୍ଧୁ ଯେହ୍ନେ ଶୋଭା ନପାଇ ତେହ୍ନେ ହୋଇଛି
ନାରଖାର ।୬।

ଛାମୁରେ ଥିଲେ ତାର ସ୍ୱର୍ଗ ସମ୍ପତ୍ତି ଛାର ବୋଲି ମନକୁ ଅଣୁଥିଲି,
ଛାଡ଼ି ଆସିବା କାଳୁ ବନ୍ଧୁକୁ ବେଳୁ ବେଳୁ ବିପତ୍ତି ସାଗରେ ବୁଡ଼ିଲି,
ହେ ନୀଳକଣ୍ଠ, ଛଇଳା ମଣି ସୁଖ ଶିଖା,
ଛଣେ ହେଁ ନୁହଇଁ ପାସୋର,
ଛିତିରେ ଯେତେ ଅଛି ଉପମା ତାର ଅଙ୍ଗ କେଉଁ ଗୁଣକୁ କେବା
ସର ।୭।

ଯେତେକି ସେବାମାନ ଭେଟ ବନରୁ ମନ ସନ୍ତୋଷ କରୁଛି ତାହାକୁ,
ଯଦି ସେ କଥାମାନ ନଥିବ ପ୍ରିୟା ମନେ ବୋଲିବ ସିନା କରିବାକୁ
ହେ ନୀଳକଣ୍ଠ, ଯେଉଁ ଦେଶରେ ଥିଲି ମୁହିଁ
ଜୀବ ମୋ ଅଛି ତାହା ପାଇଁ
ଜାଣୁ ମଣି ବାହାରେ ଆନ କଏ ସଂସାରେ ପାରିବ ମୋର
କଷ୍ଟ ଫେଡ଼ି ।୮।

ଝଳ ଗୋରିବଦନ ଦେଖୁଥିବାକୁ ମନ ସତତେ ମୋର ହେଉଥାଇ,
ଝମଣ୍ଡେ ନ ଦେଖିଲେ ପ୍ରିୟତମାକୁ ଭଲେ ଜୀବନ ଯିବ ଧରା ନେଇ ।
ହେ ନୀଳକଣ୍ଠ, ଝୀନବାସୀ ଦୂରେ ରହିଲା,
ଝୁରି ମରିବା ଯୋଗ ହେଲା,
ଝଗଡ଼ ହେଲେ ଯେତେ ଏକଷ୍ଟ ପାର କେବେ ହେବା ତରିଏ ନନ୍ଦଶିଳା ।୯

Source: KC Dash, Digitized by PPRACHIN, SOA

ଞାଗରୀ ସ୍ୱୀୟ ପରି ସଂସାରେ ନାହିଁ କେହି ଠାକୁହିଁ ଘଟାନ୍ତର ସେହି,
ଞବାଡ଼ି ଥାଇ ଜୁଡ଼ା ଖୋସି କେତକୀ ଝିଅ ବଚନେ ହୁଏନକ କହି ।
ହେ ନୀଳକଣ୍ଠ, ନଡ଼କ ନତ ଏହି ଋତୁ,
ନାଶକୁ ହେଲା ମୋର ହେତୁ,
ଞବଣ ହେବ ଯେବେ ତେଡିକ ବଡ଼ ପ୍ରଭୁ ଲୋକର ଉଦ୍ଧେନକ ହେତୁ ।୧୦

ଟିକାଏ ମନୁ ମୋର ପାସୋର ନୁହେଁ ତୋର ତ୍ରୈଲୋକ୍ୟମୋହନ ତିଳକ
ଟଳି ପଡ଼ିବ ଯାହା ଦେଖି ପର୍ବତ କାହା ଲକ୍ଷଣେ ହରାଇ ବିବେକ ।
ହେ ନୀଳକଣ୍ଠ, ଟେକିଛି ଆଶା ବଡ଼ କରି,
ଟେକି ନାଗରୀ କରୁ ପାରି
ଟାଣ କଟାକ୍ଷୀ ସଙ୍ଗ ହେଲାନି ଯଦି ଭଙ୍ଗ ହେଲେ ହୋଇଛି ଏତେସରି ।୧୧

ଠଣ ଲାବଣ୍ୟ ଅଙ୍ଗୀ ମୋତେ କରିଛି ଅଙ୍ଗୀକାର ଅଭୟ ହସ୍ତ ଦେଇ,
ଠୁଳସୁମା ବିବେକ ଜୀବନ ଥିବା ଯାକ ତାହା ଆନ କରିବ ନାହିଁ ।
ହେ ନୀଳକଣ୍ଠ, ଠିକ ଭଷୀ କହିବା କଥା,
ଠା ଏତ ହୋଇଛି ଅନ୍ୟଥା,
ଠାବ ତ କରିପାରୁନାହିଁ କେଉଁ ପାପରୁ ହୋଇଲା ମୋର ଏ ଅବସ୍ଥା ।୧୨

ଡମ୍ବରୁମଧ୍ୟାର ତ ଏ ଦେହ ଅଧିକାର ବଳ ପାରଇ ଯହିଁ ଇଚ୍ଛା,
ଡକା ପାଡ଼ି କହୁଛି ଏଥକୁ ହର ସାକ୍ଷୀ ଯହିଁ ଥିଲେ ମୁଁ ଲାର ଲକ୍ଷା ।
ହେ ନୀଳକଣ୍ଠ, ଡୋଳା ପ୍ରତିମା ବନ୍ଧୁ ନତ,
ଡର କାମକୁ ହେଲା ଅନ୍ତ,
ଡେଳାଇ ବସିଅଛି ଅମୂଲ୍ୟ ରତ୍ନକୁ ମୋହୋ ଗ୍ରହର କେଉଁ ଗତି ।୧୩

ଢଳଣ ଅପସରେ ଦେଇ ଶିର ଶ୍ରୀକରେ ଢାଳ ଗୃହିବା ଭଙ୍ଗୀ ତାର
ଢାଳେ ନୁହେଁ ପାସୋର ଜୀବନକଣ୍ଠ ସହାୟ ଏ ହୋଇଲେ ସେ ମୋହର,
ହେ ନୀଳକଣ୍ଠ, ଢଳଣ ନେଶୀର ସେ ଭାବ,
ଢମେଆ କା ମନ ଜାଣିବ,
ଢୋକିବି ବିଷ ତାହା ନ ଲଭିଲେ କିଷ୍ଟସ୍ଥେ ଜୀବନ ଥାଇ କସ ହେବ ।୧୪

ଅଦୃଷ୍ଟ ଭଲ ଥିଲେ ପ୍ରଭୁମାନେ ହିଁ ଡାକେ ଗୃହିଁ ଆଆନ୍ତି ଭଲକରି,
ଅଭାଗ୍ୟ ବେଳେ ଆଉ କଥା କେଣିକି ଥାଉ ପିନ୍ଧିଲା ଲୁଗା ହର୍ଷ ସରି,
ହେ ନୀଳକଣ୍ଠ, ଅଳପକାଳେ କଷ୍ଟ ଗଲେ,
ଆପଣା ପର ଚିହ୍ନେ ଭଲେ,
ଏତେବେଳକୁ ତେବେଡ ଦୁର୍ଭିତି ସେବଆଳ ହଢର ନେଇ ଏଥି ବଳେ ।୧୫

ଲକ୍ଷା—ଅଳତା

Source: KC Dash, Digitized by PPRACHIN, SOA

ତରିବ ତରି ନଶ୍ଚେ ଏ କଷ୍ଟୁ ଦିଶୁନାହିଁ ତାରିବାକୁ ହିଁ ସେହି ସିନା,
ତା ଅବଧାନ ଯଦି ଏ ରୂପେ ଥାନ୍ତା ନାଶ ଯାନ୍ତାନି ମୋର ଏ ବେଦନା,
ହେ ନୀଳକଣ୍ଠ, ତେଡ଼େତ ମୋର ଭାଗ୍ୟ ନାହିଁ,
ତରୁଣୀକି ପାଇବି କାହିଁ ।
ତୃଷା ଆରତେ ଗଙ୍ଗାଜଳେ ପଶିଲେ ମୃଗତୃଷ୍ଣା ହେଲା ସେ ମୋହପାଇଁ ।୧୬

ସ୍ଥୂଳସ୍ତନୀଙ୍କ ଯୋଡ଼ ଦେଖି ମୁଁ ଭଜଥିଲି ଅନ୍ତର ହେଲା ତେଡ଼େ ହୋଇ,
ଥରେ ତା ମୁଖ ଯଦି ଦେଖିବି ଶିବ ଆଲେ ଲଗୁଇତି ମୁଁ ଲକ୍ଷେ ଗାଈ,
ହେ ନୀଳକଣ୍ଠ, ଥିବାକୁ ପୂର୍ବ ପୁଣ୍ୟ ଅବା,
ଥିଲି ମୁଁ ଅର୍ଜି ବଡ଼ ସେବା
ଥୋଇଛନ୍ତି ଧାତା ଯଦି ଏତେ ଫଳ ମୋ ପାଇଁ ଏ ଦୁଃଖ ଆଉକି ତରିବା ।୧୭

ଦାସ ପଣକୁ ତାର ନ ଯୋଗାଇଲି ଯେବେ ଦୟାଳୁ ନୋହିଲିତ ଧାହା
ଦୋଷ ମୁଁ କଲେ ଗୁଣ କରି ଘେନଇ ଏବେ ଦୋଷ ନବଛି କଲି ଏହା ।
ହେ ନୀଳକଣ୍ଠ, ଦଣ୍ଡେ ଏ ବେଦନା ନଗଲା,
ଦୁଃଖ ରଜନୀ ଦୂର କଲି,
ଦରହାସୀର ଏବେ କେଉଁ ଗୁରୁ କଥାକୁ କଥାଇ ମହାରଗ ହେଲା ।୧୮

ଧାଡ଼ ପଡ଼ୁଛି ଏବେ କ୍ଷଣକୁ କ୍ଷଣ ମାଡ଼ କେହ୍ନି ମୋ ଧଗଜୀବ ହିଆ,
ଧନ କରୁଛି ଦୋଷ ମୋହଗୁରୁକୁ ନିକ କାଟ ଘଡ଼କ ଶିଳପୁଅ ।
ହେ ନୀଳକଣ୍ଠ, ଧୀରଗମନୀ ସ୍ମିତହାସ
ଧଇର୍ଯ୍ୟ କରୁଛି ବିନାଶ
ଧୂଳି ପାଉଁଶ ହୋଇଗଲେ ଦେହ ଅପରୁ ନ ଯିବ ମୋର ପ୍ରତିଆଶ ୧୯

ନିକଟେ ଥିଲେ ଦୁଇ ମନ ଏକ ନୋହିଲେ ଦୂରେ ଥିବାର ଯେ ନକରି,
ନଥିଲେ ପାଶେ ତଉ ମିଶିଥିଲେ ସେନେହ ସବୁ ପ୍ରକାର ଦିଶୁଥାଇ ।
ହେ ନୀଳକଣ୍ଠ, ନଥିବ କେବେ ପ୍ରୀତି ତ୍ରୁଟି,
ନ ଯାଇଥିବ ପ୍ରାଣ ଛୁଟି
ନାନା ଉପାୟେ କରି ବେନଜନ କାଳରେ ଅବଶ୍ୟ ହୁଏ ଭେଟାଭେଟି ।୨୦

ପରମ ଦୟାଳୁଙ୍କୁ ଦୁଃଖ ଜାଣିବ ବୋଲି ମହା ଭରସା ମୋର ଥିଲି,
ପ୍ରୀତିଦାୟିନୀ ହୋଇ କୃପାଳୁଙ୍କ କଟାକ୍ଷେ ଦାସଙ୍କୁ ବାରେ ନ ଗୃହିଁଲି ।
ହେ ନୀଳକଣ୍ଠ, ପଦ୍ମବଦନା ପାଦତଳେ,
ପେଲି ପଶିବ ଭାଗ୍ୟ ଥିଲେ,
ପୋଷିବା ଉଠରେ ନିକ ଚୁଷିବାର ବେଶର ରସିକାମଣିର ଏ କାଳେ ।୨୧।

Source: KC Dash, Digitized by PPRACHIN, SOA

ଫଳା କରଣ ତାକୁ ଗଳାରେ ବାନ୍ଧିଥାଇ ଟିକାଏ ନ ଶୁଅଇ ତଳେ,
ଫିଟିତା ସଙ୍ଗ ଆସି ଦୂରେ ରହିବା ବେଳୁ ନାଶ ହେଲନ ଅବହେଳେ ।
ହେ ନୀଳକଣ୍ଠ, ସ୍ପୃହାସୀକ ଆଶା ଟେକ,
ଫଳ ଏ ଆଜ୍ଞା ହେଲନକ,
ଫାଟି ଯାଉଛି ଫୁଟି କାକୁଡ଼ି ପ୍ରାୟେ ତନୁ ନ ଦେଖି ପ୍ରସନ୍ନମୁଖୀ କ ।୨୨

ବୋଲୁ ଯେ ଥାନ୍ତି ବଡ଼ଲୋକଙ୍କୁ ପ୍ରାତଃକାଳେ ଚିନ୍ତିଲେ ହୁଅଇ ଉତ୍ତମ,
ବାଳାକୁ ଅହର୍ନିଶି ଭାବୁ ଭାବୁତ ଆସି ବିଫଳ ହେଲା ମୋ ଜନମ ।
ହେ ନୀଳକଣ୍ଠ, ବେଦନା ଯାର ଭୋଗ କଲି,
ବୃଥା ହୋଇ ସିନା ଗଲି
ବିନା ଅପରାଧରେ ଅରକ୍ଷିତ ଦୋଷୀର ମନରେ ଥରେ ନ ପଡ଼ିଲି । ୨୩

ଭିତରେ ଯାହା ତାହା ଥାଉ ମୋଠାରେ ଦାଣ୍ଡକୁ ଦିଶୁଛି ନୀରସ,
ଭଲ ସାମନ୍ତ ବୋଲି ଭଜୁଛି ତା ଭାଗ୍ୟକୁ ଶୁଣିଲି ନାହିଁ ତା ସନ୍ଦେଶ ।
ହେ ନୀଳକଣ୍ଠ, ଭାଲରେ ଯାହା ଲେଖାଥିବ,
ଭୋଗ ନ କଲେ ନକ ଯିବ,
ଭାବିଲେ ନକ ଭୋକା ଇଚ୍ଛାରେ ଦିବ୍ୟ ଶାଳିଅନ୍ନ ହାତଗତ ଆସିହେବ ।୨୪

ମହତ ବୋଲିସିନା ତା ପାଦ କମଳକୁ ମୂଳକରି ମୁଁ ଧରିଅଛି,
ମହା ଭରସା ହୋଇ ସେ ପ୍ରଭୁ ଥାଉ କାମ ଅକୂଳ ସମୁଦ୍ରେ ବୁଡ଼ୁଛି ।
ହେ ନୀଳକଣ୍ଠ, ମହିମା ମେରୁ ଆଶ୍ରେ ପାଇ,
ମୋ ଦଶା ଲେଉଟିଲା ନାହିଁ,
ମହୀରେ ମୋତେ ରଖିବାକୁ ଚାହାନ୍ତୁ ଅଛି ଏତେ ଭଳିତ ଦିଶୁନାହିଁ ।୨୫

ଯିବ ଜୀବନ ସ୍ୱପ୍ନଧ୍ୟାନ ଅବଲୋକନ ସବୁ ପ୍ରକାରେ ଦିଶୁଅଛି,
ଯୁବତୀମଣି ଏକା ସାକ୍ଷାତ ନୋହିବାରୁ ଏ ଜନ୍ମ ଅଶା ମୁଁ ଗୁଡ଼ୁଛି ।
ହେ ନୀଳକଣ୍ଠ, ଜଳଦ ନୟନୀକ ଗୃହିଁ,
ଯିବକେ ପହଣ୍ଡ ପକାଇ,
ଜାଣୁ ନାହିଁ ମୋ ହିଆ କାଠ କି ଶିଳା ବୋଲି ତା ବିନୁ ନଗଲା ମିଳାଇ ୨୬

ରଖିଥାଇ ବେଭାର ଲୋକ ମାଗିବା ଯାଏ ତେଣିକି ଅୟୁତ ଦାତାର,
ରବି ପଶ୍ଚିମେ ଉଦେ ହେଲେ ବଡ଼ଲୋକର ଆନ ନୁହଇ ସିଙ୍କାର ।
ହେ ନୀଳକଣ୍ଠ, ରସଇ ଯେବେ ଦୁଇମନ,
ରଜା ହୀନ କରଇ ଆନ,
ରସିକ ଜନ ପ୍ରୀତି ଦହି ହୋଇଲା ଚୁନା ପ୍ରାୟେକ ବଢୁଥାଇବାନ । ୨୭

Source: KC Dash, Digitized by PPRACHIN, SOA

ଲଳନା ପାଦତଳେ ଯଦି ଅପରାଧ କଲି ଏଥକୁ ଶାସ୍ତି ପଛେ ଦେଉ,
ଲଘୁ ହେଉଛି ଯେତେ ଏଥୁ ଉତ୍ତର ନେଇ ଯାହା ଇଚ୍ଛା ତା କରୁଥାଉ ।
ହେ ନୀଳକଣ୍ଠ, ଲେଶେ ତା ନୋହୁଛି ଶୋଚନା,
ଲୋଭର ଲଭ ସେହି ସିନା,
ଲୋକ ନାଶ କାଳକୁ ପ୍ରଭୁମାନେଟି ଆଦି ହୋନ୍ତି ବିପତ୍ତି ବ୍ରଜସେହ୍ନା ।୨୮

ବଚୁର ଥିଲି ମୋର ଯେତେଦୂର ସରକ ଦେଖି ଦେଖି ସେ କେଣେ ଟଳି
ବାନ୍ଧବୀ ଅଣ ଅବଧାନୁଟି ଏବେ ଦେହ ଏଡ଼େ ହନ୍ତସନ୍ତ ସହିଲି ।
ହେ ନୀଳକଣ୍ଠ, ବୋଲେ ଯେ ଥାଇ ତୁମ୍ଭ ମୋର,
ବାରେ ତା ନ କଲି ବଚୁର,
ବାହାରେ କହେ ଭିନ୍ନ ଭିତରେ ରଖି ଆନ ଏନକ ହୁଭୁର ବେଭାର ।୨୯

ଶାଖା ସୋଦର ମୋର ସବୁହିଁ ପ୍ରାଣମଣି ସମର୍ପି ହୋଇଛି ତାହାକୁ
ସରିଯାଉଛି ଏହିଠାରୁ ତା ଦାସକଥା ପ୍ରସନ୍ନ ହେଉ ନରେଖକୁ ।
ହେ ନୀଳକଣ୍ଠ, ସବୁ ପ୍ରକାରେ ବୁଝି ମୁହିଁ,
ସରି କରତ ଜାଣୁ ନାହିଁ,
ଶିଳା ଲେଖନ ବୋଲି ପାଣିଗାର ସମାନ କରୁଛି କି ଦୋଷ ଲାଗି ।୩୦

ସଂସାର ମଧ୍ୟେ ମୁହିଁ ମନଦେଇ ଆନ ହିଁ ଆନ ପଦାର୍ଥ ନାହିଁ ଦେଖି,
ସଖୀବଦନ ଶଶୀ କେବଳ ଅହର୍ନିଶି ମୋନେନେ ରହିଅଛି ଲଖି ।
ହେ ନୀଳକଣ୍ଠ, ସେହି ଭାବନା ବସୁକରି,
ଶରୀର ଅଛି ସିନା ଧରି,
ସହି ବୋଇଲେ ସୁଦ୍ଧା ଜୀବ ଏ ଦେହ କେତେ କାଳି ଥାଇବ ନଷ୍ଟ ମରି ।୩୧

ସବୁରି ସବୁଅଛି ମୋହର ପଙ୍କଜାକ୍ଷୀ ଚରଣ ବିନୁ ନାହିଁ ଆନ,
ଶିବ ଛୁଇଁ ବି ତାର ଅପ୍ରତେ କଲେ ଅକାରଣେ ନକରୁ ହୀନମାନ ।
ହେ ନୀଳକଣ୍ଠ, ସ୍ମର ସାଗର ମଧ୍ୟେ ପଡ଼ି
ସହଜେ ଯାଉଅଛି ବୁଡ଼ି,
ସତ୍ତ୍ୱରେ ଆସି ସାହା ହୋଇ ସୁମୁଖୀ ନେଉ ଏ ଘୋର ବିପତ୍ତିରୁ ଫେଡ଼ି ।୩୨

Source: KC Dash, Digitized by PPRACHIN, SOA

ହେଲନ ଯୋଗ ଯେତେ ବର୍ତ୍ତିମାନ ମୋତେ ସମ୍ଭବା କଥା ଏ ନୁହଇ,
ହଂସବଦନୀର ସେବା ପାଇବା ପ୍ରତି ଆଶୁଁ ଜୀବନ ଅଛି ସିନା ରହି ।
ହେ ନୀଳକଣ୍ଠ, ହୋଇଲି ତା ଆଉଁ ନଟରେଖ,
ହେଲେ ମରଣ ହୋନ୍ତା ସୁଖ,
ହୃଦ କଥା ଜାଣିବା ପ୍ରଭୁ ଆରତ କରି କହିଲେ ଯେନୁ ନାହିଁ ଦୁଃଖ ।୩୩

କ୍ଷୋଭନାଶିନୀ ଆଗେ କହିବୁ ତୋର ଦାସ ଜଣାଉଅଛି କରଯୋଡ଼ି,
କ୍ଷଟକବେଶୀ ତୋର ପାଦ ଧୂଳି ଲାଗିରେ ଦେଲେ ପାଇବ ଜରି ଶାଢ଼ୀ ।
ମୋ ଠାକୁରାଣୀ, କ୍ଷଛନ୍ଦେ ନେଉ ଭବରସ,
କ୍ଷିତିମଣ୍ଡଳେ ଯାଃଶେ ପେଷ,
କ୍ଷନ୍ଦେ ଗୋପୀଚରଣ ସେବ ହରିଶରଣ ଭଞ୍ଜ କହଇ ଏହୁ ରସ । ୩୪।

ନୀଳକଣ୍ଠ ଚଉତିଶା

(ରାଗ-କାମୋଦୀ)

କେବଣ ସୁରସିକ ସୁକୁମାର ସୁନ୍ଦର
କୁସୁମ ଶରେ ଛାପି ହୋଇ,
କୁନ୍ଦଦନ୍ତୀ ସୁନ୍ଦରୀ କଳାବତୀ ସୁମର
କହେ ନୀଳକଣ୍ଠଙ୍କୁ ଗୁହ୍ନିଁ, ହେ ନୀଳକଣ୍ଠ !
କାମକୁ କରିଥିବ ଶଙ୍କା
କାଳିକା କାଳ ଦେଖି ଶରଦ ଶଶୀମୁଖୀ
କି କରୁଥିବ ବସି ଏକା ।୧।

ଖଞ୍ଜନନୟନୀର ଫିଟା କବରୀ ଭାର
ପଡ଼ିଥିବ ଚରମ ଦେଶେ,
ଖରେ ଖସି ନେତ୍ରଜଳ ପଡ଼ୁଥିବ ନରନ୍ତ
ଚନ୍ଦ୍ର ବ ମନସିଜ ତ୍ରାସେ, ହେ ନୀଳକଣ୍ଠ,
ଝଙ୍କି ନଥିବ କଣ୍ଠେ ହାର,
କ୍ଷୀଣଉଦରୀ ନେତ୍ର ଅଞ୍ଜନ ବିହୀନରେ
ଦିଶୁ ଯେ ଥିବ ଅସୁନ୍ଦର ।୨।

ଗିରି ଶିଖରେ କେକୀ ନାଦ ଶୁଣିଣ ବଜ୍ର
ନିପାତ ପରି ମଣୁଥିବ,
ଗାଢ଼ ନୀରଧାର କୁସୁମ ଶର ଶର
ସମାନ ଛାମ କରାଇବ, ହେ ନୀଳକଣ୍ଠ !
ଗୋରୀ ମୋ ଜୀବନ ପୁରୁଷ
ଗଜଗମନୀ ମୋତେ ପ୍ରାଣୁ ଅଧିକ ମଣି
କହଇ ସନ୍ତୋଷେ ବିଶ୍ୱାସ ।୩।

ଘନମଣ୍ଡଳୀ ରୁଣ୍ଡିଁ ମୋର ଜୀବନ ସଖୀ
ନୟନ ମୁଦ୍ଦି ବସିଥିବ,
ଘନ ଘନ ବିଜୁଳି ମାରିବାରୁ ସୁକେଶୀ
ଚଳରୁ ଚମକ ପଡ଼ିବ, ହେ ନୀଳକଣ୍ଠ,

Source: KC Dash, Digitized by PPRACHIN, SOA

ଘନ ଘୋର ଗର୍ଜ୍ଜନ ଶୁଣି
ଘଡ଼ିକ ଲକ୍ଷଯୁଗ ସମାନ ମଣୁଥିବ
ସେ କମଳବଦନୀ ।୪।

ନିଶି ଦିବସେ ଏକ ପ୍ରକାରେ ନିରନ୍ତର
ପଡ଼ୁଣ ନବଜଳ ମାନ,
ନ ଗୃହ୍ନିଁ ନବଘନ ହୋଇ ମଦନୋନ୍ମନ
କରୁ ସେ ଥିବ ମୋତେ ଧ୍ୟାନ, ହେ ନୀଳକଣ୍ଠ !
ନ ଥିବ ସୁଖ ତା ମନରେ,
ନବ କଶୋଷ୍ମ ଝୁରୁ— ଥିବ ଗୁଣ ସୁମରି
ବିରହ ଭରେ ନିରନ୍ତରେ ।୫।

ଝୁରୁଚନ୍ଦ୍ର ମୁଖୀକି ଅଇଲି ମୁଁ ଉପେକ୍ଷି
ଅଣାୟତ୍ତ ବଶରୁ କରି
ଚମ୍ପକ ସୁବରଣୀ ଯୋଗୀ ଯୋଗଭଙ୍ଗିଣୀ
ଆଗେ କହିବ ନାମଧରି, ହେ ନୀଳକଣ୍ଠ
ଚଟୋଇ ତାର ରତିମାନ,
ଗୁଣ୍ଡ୍ରାଳ ପ୍ରସୁନ୍ତେ ସେ ପୁଷ୍ପ କାଣ୍ଡେ ନ ମାରି
କଷ୍ଟରେ ରଖିଛି ଜୀବନ । ୬ ।

ଛବି ମୋ କଣ୍ଠେଭୁଜ ଅଧର କରି ଗୋଚ
ଚୁମ୍ବନ ଦେଇ ଗଣ୍ଡସ୍ଥଳ,
ଛୁଡମଣ୍ଡନୀ ଦିନେ ସୁଖ କରୁଛି ଯେତେ
ମନୁକି ପିବ ଚିରକାଳ, ହେ ନୀଳକଣ୍ଠ !
ଛପାକରମୁଖୀକି କହ,
ଛଣକର ସୁଖରେ ଭାବନା କରି ଏବେ
ଜୀବନ ହେଉଛି ଦୁଃସହ ।୭।

ଯୁବାଜନମୋହିନୀ
କମ୍ପାଉ ଥାଇ ଶ୍ରୀଅଙ୍ଗ,
ଯୋଡ଼ି ମୋ ଅଧରରେ ଅଧରକୁ ସୁକେଶୀ
ରସନା କରେ ତଥି ସଙ୍ଗ ହେ ନୀଳକଣ୍ଠ !

ଛଣକ—କ୍ଷଣକ

Source: KC Dash, Digitized by PPRACHIN, SOA

ଜାଣୁ ରତନ ପ୍ରେମଶୀଳା,
ଜଗତ ପ୍ରମଣ୍ଡମା   ଯୋଗୀ ଯୋଗନାଶିମା
କାମସିନ୍ଧୁ ତରଣ ଭେଳା । ୮ ।

ଝଳା ନୟନାର   ଝୀନ ବସନ ଫୁଟି
ସ୍ତନ ଦିଶୁଥାଇ ଯେ ରୁଚିର,
ଝସକେତନେ ମତ୍ତ   ହୋଇ ମୁଁ ତଥି ହସ୍ତ
ସନ୍ତତ କରଇ ପ୍ରସର, ହେ ନୀଳକଣ୍ଠ !
ଝୁରୁଛି ତା ଏବେ ସୁମରି
ଝଲକେ ଶୁଖିଗୁଣ   ସୁମରି କଷ୍ଟେ ମଷ୍ଟେ
କେବଳ ରହୁଛି ନମରି । ୯ ।

ନୀରଜ ନୟନୀର   ନିଶା ଅବସାନରେ
ସୁଭତେ ଦିଶେ ଅରବିନ୍ଦ,
ନୀରସ ଦିଶୁଥାଇ   ଶ୍ରମ କରି କି ସେ
ପ୍ରଭାତ କାଳ ପୂର୍ଣ୍ଣଚନ୍ଦ୍ର, ହେ ନୀଳକଣ୍ଠ !
ନମିଷେ କେମନ୍ତେ ଏ ନଶି,
ନମେଷ କରି ଶତ   ଯୁଗ ସମାନ ମଣୁ
ଥିବ ସେ ଏକା ହୋଇ ବସି । ୧୦ ।

ଟେକଇ ନାହିଁ ଚନ୍ଦ୍ର   ବଦନୀ ମୁଖ ମୋତେ
କରି ସେ ଥାଇ ଯେବେ ରୋଷ
ଟାକ ମନକୁ ତାର   ସ୍ପୃଷ୍ଟ କରନ୍ତେ ପ୍ରିୟା
କ୍ଷମା କରନ୍ତେ ମୋର ଦୋଷ, ହେ ନୀଳକଣ୍ଠ !
ଟେକି ସେ ଥାଇ ଖଞ୍ଜି ମନେ,
ଟଳି ପାଦେ ପଡ଼ିଲେ   ସୁଜାଣ ଶିରୋମଣି
ପ୍ରସନ୍ନ ହୁଅଇ ବଦନେ । ୧୧ ।

ଠିଆ ହୋଇଣ ଖଣ୍ଡେ   ଦୂରନ୍ତୁଁ ଦେଖି ମୋତେ
ଠାରି ସେ ଯାଇ ନୟନରେ
ଠାଠିକେ ଭୁଜ ଟେକି   କରି କୁଚ ଦେଖାଇ
ବିକାର କରଇ ମନରେ, ହେ ନୀଳକଣ୍ଠ !
ଠିକେ ମିଶଇ ଆସି ଦେହେ,
ଠାଠିକ କରି ଅଙ୍ଗ   ଚମକାଇ ସୁକେଶୀ
ବିଷମ ମନସିଜ ମୋହେ । ୧୨ ।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ତାଳମ୍ବ ଗଜଦନ୍ତୀ ବୋଲୁ ସେ ଥାଇ ମୋତେ
ନିମେଷ ତୋ ମୁଖ ନ ଚାହିଁ,
ତୋଳାଇବ ଜୀବନ ମନକୁ ପ୍ରାଣଧନ
ରଖିବ ଆଉ କାହିଁ ପାଇଁ, ହେ ନୀଳକଣ୍ଠ !
ତଉଇ ସେ କଥା ସୁମରି
ତୋଳେ ଦେଖିବା ଯାଏ ଭୃଙ୍ଗ ନିବଡ଼ ସ୍ତନୀ
ଥିବକ ଜୀବନେ ନ ମରି ।୧୩।

ଥାଳେ ହେଁ ରତିକାଳେ ସ୍ମରଶର ବିଭୋଳେ
ଥାଳଇ ନାନାରୂପେ ଅଙ୍ଗ
ଥନ ପଡ଼ ଜଘରେ ନାନା ଭ୍ରାନ୍ତି ପ୍ରକାରେ
ଚତୁଷ୍ଠ ଚୁମ୍ବଇ ସରାଗ, ହେ ନୀଳକଣ୍ଠ !
ଥୋକଇ ଅମିୟ ଅଧରୁ,
ଥଳେ ନୟନ ବେଣୀ କପାଳ ପଟେ ଖୋସି
କାତରେ କମ୍ପଇ ରମ୍ଭୋରୁ ।୧୪।

ଅଣ ଆୟତ୍ତ ହୋଇ ଅନଙ୍ଗ ସୁରା ପିଇ
ଚୂଳେ ରସନା କର୍ଣ୍ଣ ମୂଳେ,
ଏଣୀ ନୟନ ନଖ ଦନ୍ତ ଘାତ କରଇ
ମୋ ଅଙ୍ଗେ ମଦନ ବହ୍ନିଲେ, ହେ ନୀଳକଣ୍ଠ !
ଅବଶ ମଣ୍ଡଶ ସେ କଥା;
ଏବେ ସ୍ମରଣା କଲେ ମନରେ ମୋର ଜାତ
ହେଉଛି କାମ ଗୁରୁ ବ୍ୟଥା ।୧୫।

ଥେଣେ ଏ ଘନ ଚୁମ୍ବି ଶରଦ ଶଶିମୁହିଁ
କ୍ଷୟମ ବଶିଖ ଉପୁରେ,
ଥେଜବନ ଭୂଷଣ ଗଣ ଅଶନ ପାନ
ନୀର ପୂରଇ ନୟନରେ, ହେ ନୀଳକଣ୍ଠ !
ଥେକୁ ଯେ ଥିବ ନିରନ୍ତରେ,
ଭୃଙ୍ଗ ନିବଡ଼ସ୍ତନୀ କଳକଣ୍ଠ ବଚନୀ
ଜାଗି ବସିଥିବ ନିଶାରେ ।୧୬।

Source: KC Dash, Digitized by PPRACHIN, SOA

ଥିରଗାମୀ ମାଳଞ୍ଚ ବନ ପବନ······
ଅଙ୍ଗରେ ଲଗିବା ମାତ୍ରକେ
ସ୍ଥବର ନୋହିବ ମନ କି କି ପ୍ରକାରେ ଲୀନ
ହୋଇବ···ଶୋକେ, ହେ ନୀଳକଣ୍ଠ !
ସ୍ଥୂଳସ୍ତମ୍ଭ ଗୃହ୍ଣି ଘନକୁ,
ଥକାଚ କରି ନେଇ ମୂଦ୍ଧ ବସିବ ଭୟେ ,
କେମନ୍ତେ ରଖିବ ଧୈର୍ଯ୍ୟକୁ ।୧୭।

ଦାରୁଣ ଘନ ଘନ ଘନ ଗର୍ଜ୍ଜନ ଶୁଣି
···ଶ୍ରବଣ ମୁଦ୍ଧ ବସିଥିବ,
ଦାମିନୀ ନାଟ କବା ଦେଖି ଗୁଣମଣିର
ଜୀବନ ସଂଶୟେ ପଡ଼ିବ, ହେ ନୀଳକଣ୍ଠ !
ଦମ୍ଭନାଶିନୀ ଦମ୍ଭ ତେଜ,
ଦୁସ୍ତର ମନସିଜ ପାରାବାର ମଧ୍ୟରେ
ଥିବ ସନ୍ତତେ ବାଳା ମଜ୍ଜି ।୧୮।

ଧରାଧର ସମ୍ପତ୍ତି ଦେଖି ଅନ୍ତ ସ୍ୱପତ୍ତି
ପାଇଣ କୁନ୍ଦଦନ୍ତୀ ପ୍ରିୟା,
ଧର୍ମ ନମଣି କାନ୍ତ ଗୁଡ଼ଗଲା ପରାୟେ
ହୋଇବ କୋମଳ ହୃଦୟା, ହେ ନୀଳକଣ୍ଠ !
ଧରିବ ଦେହ ସେ କେମନ୍ତେ,
ଧଇର୍ଯ୍ୟ କରାଇଣ କହୁଥିବୁ ଧନକୁ
ନିକଟେ ଲଭିବ ସେ ମୋତେ ।୧୯।

ନିଶିରେ ଢନେ ରତି କାଳେ ନାନା ପ୍ରକାରେ
କରି ସେ ଅଛି ଯାହା ଯାହା,
ନଷ୍ଟପ୍ରାୟେ ଘୋର କାଳେ ନମରି ଅଛି ଯେଣୁ
ଜପୁଅଛି ସନ୍ତତ ତାହା, ହେ ନୀଳକଣ୍ଠ !
ନବ କଣୋଷ୍ଠ ଆଗେ କହ
ନିୟମ କରି ଅଛି ନିକଟେ ବାନ୍ଧବଙ୍କ
ଭେଟିବି ନକରୁ ସନ୍ଦେହ ।୨୦।

Source: KC Dash, Digitized by PPRACHIN, SOA

ଗୃହୁଁଣ ଥିଲେ ମୋତେ
ବରଷ ନିମେଷ ସମାନ,
ପଟୁ ପଦ୍ମ ନୟନୀ ପ୍ରାଣ ବାନ୍ଧବୀ ବିନୁ
କୋଟି ଯୁଗ ସମାନ ଦିନ, ହେ ନୀଳକଣ୍ଠ !
ପୃଥୁଳ ନିତମ୍ବିନୀ ଦିନେ
ପାଖେ ବସିବ ହସି ଯାହା ସେ କହୁ ଅଛୁ
ଲଗି ସେ ରହୁଛୁ ଜୀବନେ ।୨୧।

ସ୍ଫୁଟନୀପ କୋରକ ଦେଖିଣ ତାର ତୋଷ
କଣ୍ଠୀବର କରିଗମନା,
ଫୁଟୁଣା ତେଜ ଘୋର ଶରଦେ ମଜ୍ଜ ଯାନ
ହୋଇ ସେ ଥିବ ପୀନସ୍ତନୀ, ହେ ନୀଳକଣ୍ଠ !
ସ୍ଫୁଟ ପଟୁ ପଙ୍କଜମୁଖୀ;
ଫୁଲଧନୁ ଭୟରୁ କକରୁ ଥିବଟି ସେ
ହାହା ହାହା ଜୀବନ ସଖୀ । ୨୨ ।

ବନଜନେତ୍ରୀ ନବ— ଜଳଦ କୋଳେ ଦେଖି
ଚଟୁ ଚପଳାର ବିକାଶ
ବିଚ୍ଛୁରୁ ମୋର ଅଙ୍କେ ବସି ହସିବା ତାର
ଲଭିବ ମନସିଜ ହାସ, ହେ ନୀଳକଣ୍ଠ !
ବନ ସୁପନ ଧନୁ ଦେଖି,
ବିଷାଦ ହୋଇ ବସି ଥିବ ଗୁଣ ଗଉଷୀ
ଶରଦ ସୁଧାକରମୁଖୀ । ୨୩ ।

ଭୁରୁଶୋଭିନୀ ମନେ ଅବଶ୍ୟ ମୋର କଥା
ପଡ଼ିବ ନିଶି ପ୍ରଭାତରେ
ଭେଣ କଠିନ ସ୍ତନେ ଯେବେ କରଜ କ୍ଷତ
ଦେଖିବ ସେ ସ୍ନାନ କାଳରେ, ହେ ନୀଳକଣ୍ଠ !
ଭୂତେଶରପୁ ଭସ୍ମ ନାଶିନୀ,
ଭରସା କରି ତୋତେ କହୁଛି ମୁହିଁ ଏତେ
ଭୂମିମଣ୍ଡଳୀ ଗୁଣମଣି ।୨୪।

Source: KC Dash, Digitized by PPRACHIN, SOA

ମଦ୍ଧର ନେତ୍ରୀ ହସି   ମଦନ ମନ୍ତ୍ରେ ନେତ୍ର
ବନ୍ଧ ବକାରେ ଅନାଇବା',
ମଲେ ସିନା ଭ୍ରବନୀ   ଜୀବନ ବାନ୍ଧବୀର
ସେ ସୁଖ ମନୁ ପାସୋରିବା, ହେ ନୀଳକଣ୍ଠ !
ମନ୍ଦଗାମନୀ ସମାନରେ,
ମତେ ନ ଦେଖି ନାଗ-   ପୁରେ ନଥିବ କାହିଁ
ନାହିଁ ତା ନାଗ ନଗରୀରେ ।୨୫।

ଜଳଜନେତ୍ରୀ ଗୀତ   ସ୍ମରତ ରସେ ମତ୍ତି
ଅଳପ ନେତ୍ର (ଭୃଙ୍ଗ) ଅନାଇବା;
ଜଘନ ସ୍ପର୍ଶ ସା'ଇ   ······ବନ୍ଧେ ଇମି ଇସି
ନାନାନା ହୁହୁହୁ ବୋଇଲା, ହେ ନୀଳକଣ୍ଠ !
ଜୀବନ ମନରୁ ସେ କ୍ଷଣେ,
ଜପୁଥିବ ମୁଁ ନିଶି   ଦିବସରେ ସେ କଥା
ଯେତେ କାଳକ ଥିବ ପ୍ରାଣେ ।୨୬।

ରଣରଣ କଙ୍କଣ   ରଙ୍ଗେ ରମଣୀ ମୋତେ
ଶ୍ରବରେ ଭିଡ଼ିଲା ଭୁଜରେ
ରସେ ଅବଶ ହୋଇ   ରସିକମଣି ମୋ ପାଦେ
ତା ପାଦେ ଛନ୍ଦିଲା ନର୍ଭରେ, ହେ ନୀଳକଣ୍ଠ !
ରତି ସେ ଯେତେ ରୂପେ କଲା,
ରହିଲା ମନେ ଲେଖା   ହେଲା ପ୍ରାପ୍ତ ସେ ଏବେ
ନାଶକୁ କାରଣ ହୋଇଲା । ୨୭ ।

ଲଭୁ ଯେ ଥିବ ତାପ   ଏହ୍ମମାନ ସୁମର
ତେଣେ ସେ ମୋ ଜୀବନ ସଖୀ
ଲିଡାଏ ସୁଖ ନାହିଁ   ଏଣେ କାମ ପ୍ରେତକୁ
ଅଛୁ କେବଳ ବଳହୋଇ, ହେ ନୀଳକଣ୍ଠ !
ଲାବଣ୍ୟ ପ୍ରତିମା ମୋହର ,
ଲାଗି ମଦନ ବାଣ   ହୋଇ ଯେ ଥିବ ଛନ୍ନ
ମୋତେ କି କରିବ ବଧୂର ।୨୮।

Source: KC Dash, Digitized by PPRACHIN, SOA

ଲନଜମୁଖୀ ଆଗେ   କଣ୍ଠ ଶୂନ୍ୟ ହୋଇ
କଣ୍ଠଅଛି ତୋହର କାନ୍ତ
ଲକ୍ଷା ନୋହୁ ଶେଷ   ହୋଇଣ ସେ ପ୍ରବେଶ
ଥିର ତୁ କରିଥିବୁ ଶଙ୍କରେ ନୀଳକଣ୍ଠ !
ଲମୁଖ ନୋହୁ ମୋ ମନରେ,
ଲେଖ ଚରଣ ତଳେ   ଧରି କହୁଛି ସ୍ନେହେ
ନ ଠେଲୁ ମୋହ ବିଷୟରେ ।୨୯।

ଶଶିମୁଖୀ ସୁନ୍ଦରୀ   ଗୁରୁ ଚମ୍ପକ ଗୋରୀ
ମୋ କଣ୍ଠ ତଟ ରତ୍ନମାଳୀ,
ଶରଣ ପଶିଛି ଏକା   ତା ଚରଣରେ... ... ...
ନ ଜାଣଇ କି ଗୁରୁ ଗୋରୀ, ହେ ନୀଳକଣ୍ଠ !
ସଚେତ କାମ ଥିବ ରଖି
ସରୋଜ ନୟନମାନ   ଅନିମିଷେ ଚାହିଁଣ
କୃତାର୍ଥ କରିବ ଏ ଆଖି । ୩୦ ।

ଶମ୍ଭୁ ଯୋଗଭଙ୍ଗିନୀ   କାମରସ ମଗନୀ
ସୁନ୍ଦର ରଙ୍ଗ ଅପାଙ୍ଗିନୀ
ସୁ ସଙ୍ଗୀତ ପଠନୀ   ମୁନି ମନମୋହିନୀ
ସ୍ୱର ଧଇର୍ଯ୍ୟ ବିନାଶିନୀ, ରେ ନୀଳକଣ୍ଠ !
ସୁସ୍ମେର କମଳ ବଦନୀ,
ସୁମନ ଶର ଶରେ   ତାପି ହୋଇଣ ଝୁରୁ—
ଥିବ ଯେ ସୁଗୁଣ ରତନୀ । ୩୧ ।

ସୁବିପୁଳ ଜଘନୀ   ମତ୍ତକରୀଗମନୀ
ଭୃଙ୍ଗଚର ନିବିଡ଼ସ୍ତନୀ,
ସୁକୋକିଳବଚନୀ   ପୃଥୁଳ ନିତମ୍ବିନୀ
ସୁରଙ୍ଗ ଶିଖରଦଶନୀ, ହେ ନୀଳକଣ୍ଠ !
ସେ ଚିର ପ୍ରଲମ୍ବକେଶିନୀ,
ଶାଢ଼ୀକରଣ ତାକୁ   କହିବୁ ଦେହ ରଖି—
ଥିବ ସୁରୁଚିରହାସିନୀ ।୩୨।

Source: KC Dash, Digitized by PPRACHIN, SOA

ହନ୍ସମୁଖୀ ସଙ୍ଗେ ଭେଟ ହୋଇବ ମୋର
ଶ୍ରାବଣ ପୂର୍ଣ୍ଣିମୀ ଦିନ,
ହରିଣାକ୍ଷୀ ଶ୍ରୀମୁରେ କହିବୁ ଏ ବାରତା
ସନ୍ଦେହ ନ ଘେନିବ ମନ, ହେ ନୀଳକଣ୍ଠ !
ହରିବ ଦୁଃଖ ମୁଖ ଦେଖି
ହସିଁ ଭୂଜେ ଭିଡ଼ିବ ମୋତେ ଦେଖି ଯେ ପ୍ରିୟା
ସମସ୍ତ ବେଦନା ଉପେକ୍ଷି । ୩୩ ।

ଛଛନ୍ଦେ ନୀଳକଣ୍ଠ କଳକଣ୍ଠ ବଚନୀ
ସମୀପେ ପ୍ରବେଶ ହୋଇବୁ,
କ୍ଷମା ମୋହର ଶିର— ମଣ୍ଡନୀ ଆଗେ ବନ୍ଧୁ
ବିନୟ କରି ଜଣାଇବୁ, ହେ ନୀଳକଣ୍ଠ
କ୍ଷମେ ଗୋକୁଳ କହେ ରସ,
କ୍ଷଣଦାକରମୁଖୀ ଏତେ ବାରତା ଶୁଣି
ମନରେ ହୋଇଲା ସନ୍ତୋଷ । ୩୪ ।

Source: KC Dash, Digitized by PPRACHIN, SOA

ଉଦ୍ଧବ ଚଉତିଶା

ରାଗ – କଉଶିକ

କହନ୍ତି ଗୋପୀ କୁସୁମ ଶରେ ତାପି ହୋଇ ଉଦ୍ଧବଙ୍କୁ ବଚନ,
କୃପାସିନ୍ଧୁ ହୋଇକରି ଆମ୍ଭଠାରେ କି କଲେ କମଳଲୋଚନ
ଆହେ ଉଦ୍ଧବ,
କି କହିବୁ ଆଉ ତାହାଙ୍କୁ
କରମ ଅବଳଙ୍କୁ ସଫଳ ଚନ୍ଦନ ବିଫଳକୁ ନେଲ ଆମ୍ଭଙ୍କୁ ।୧।

ଖଞ୍ଜା ଯେସନେ କ୍ଷୀର ମନ୍ଥି ଛଞ୍ଚିଁରୁ ସ୍ନିଗ୍ଧ ବାହାର କରଇ,
ଖାଇ ନପାରି ତାହା ହସ୍ତ ପରଶେ ପରବଶେ ଭ୍ରମି ମରଇ,
ଆହେ ଉଦ୍ଧବ,
ଖଳ ସ୍ୱଭାବ ସେହି ମତ
ଖାଇବା ପିଇବା ନଥିଲା ସର୍ପର ପରଶେ ପରକୁ ନାଶନ୍ତ ।୨।

ଗଲା ମର୍କତ କଣ୍ଠିମାଳୀ ଆମ୍ଭର ଗଣ୍ଠିଆ ହାତରେ ରହିଲା,
ଗୁଆଁରକୁ ଗୁଣବନ୍ତ ଆଶ୍ରେ କଲା ପ୍ରାୟେ ସବୁ ସୁଖ ବୁଡ଼ିଲା,
ଆହେ ଉଦ୍ଧବ
ଗୁହାରି କରିବୁ କାହାକୁ,
ଗାଈ ବାରଣ ବାଡ଼ ଶସ୍ୟ ଭକ୍ଷିଲେ ଆଉ କେ ରଖିବ ତାହାକୁ ।୩।

ଘେନାଇ ଗଲା କୃପ କଂସ ଆମ୍ଭର ଗୋପପୁର ଅବତଂସକୁ,
ଘଡ଼ିଏ ନୟନେ ଦେଖି ନ ପାରିଲେ ଅନ୍ଧାର ଯେମନ୍ତ ହଂସକୁ,
ଆହେ ଉଦ୍ଧବ
ଘେନଥିବ ମନେ ସେକଥା
ଘାତ କରଇ ଯେ ଯାହା ସୁଖ ତାହା ସୁଖ ନାଶ ଯାଇ ସର୍ବଥା ।୪।

Source: KC Dash, Digitized by PPRACHIN, SOA

ନୃପତି ହୋଇ ନୀତିବନ୍ତ ନୋହିଲେ ନିକଟେ ଭେଟଇ କାଳକୁ ,
ନାବ ନଥିଲେ କିଏ ପୋଡ଼େ ସେମନ୍ତ ଅଗାଧ ସମୁଦ୍ର ଜଳକୁ ,
ଆହେ ଉଦ୍ଧବ,
ଜନେଷ୍ଟ ଗୁଣି ମୂଳ ସ୍ୱଭାବ
ନବଘନ ଶ୍ୟାମ ନ ଜାଣନ୍ତି କାହା ଭାବ କି ନକଲେ ଅଭାବ ।୫।

ଶ୍ରୁତି ବଚନ ସେ ଯେତେକ କହନ୍ତି ଚନ୍ଦ୍ର ଚନ୍ଦନରୁ ଶୀତଳ,
ଚିତ୍ତଚୋର କେତେ ବଶ କରିବାକୁ ପାଷାଣ ହୋଇଯିବ ଜୀବ,
ଆହେ ଉଦ୍ଧବ,
ଚତୁରପଣ ମହିମାକୁ
ଚନ୍ଦ୍ରଚୂଡ଼ ଅନୁଭବ କରିଥିଲେ ଥିଲେ ପଚାରନ୍ତି ବ୍ରହ୍ମାଙ୍କୁ ।୬।

ଘୋର ପାମରୀ ଆଭୀରୀ ନାରୀ ଆମ୍ଭେ ବନଚରୀ ସିନା ଦୁର୍ବୁଦ୍ଧି ,
ଛନ୍ଦ ପ୍ରବନ୍ଧ କଥା ଆମ୍ଭଠାରେ ସେ କମ୍ପା ନ କରିବେ ପ୍ରସିଦ୍ଧି ।
ଆହେ ଉଦ୍ଧବ
ଛଇଳ ଭ୍ରମର ପୀରତି
ଘୋଇ ପରାୟେ କ୍ଷଣକୁ କ୍ଷଣ ଆନ ଜୁଅ କଉଡ଼ି ପ୍ରାୟେ ମତି ।୭।

ଯେତେ ରୂପେ ଆମ୍ଭେ ଭଜିଲୁଁ ତାହାଙ୍କୁ ଜଗତେ ଜାଣନ୍ତି ସେ କଥା,
ଯେବେ ପ୍ରଭୁ ହୋଇ ଅବେଭାର କଲେ କେ ତାହା କରିବ ଅନ୍ୟଥା ।
ଆହେ ଉଦ୍ଧବ,
ଯାହା କରଇ ପ୍ରଭୁପଣ,
ଜାଣିଥିବ ତାହା କେହି ନ କରଇ ମହାଦେବଙ୍କ ଠାରୁ ଜାଣ ।୮।

ଝସ କେତୁକୁ ନୟନେ ପୋଡ଼ି ଦେଇ ଅଙ୍ଗରେ ବହିଲେ ଯୁବତୀ,
ଝୀନବସ୍ତ୍ର ତେଜି ଦିଗମ୍ବର ହେଲେ ମହାଦେବ ସେ ମହାଯତି ।
ଆହେ ଉଦ୍ଧବ,
ଝାଡ଼ବାସୀଛ ଆମ୍ଭେ ଘୋର
ଝର ପାଣି ପ୍ରାୟେ ବେଭାର ଆମ୍ଭର ସାରନ୍ତେ ହୋଇଲା ଅସାର ।୯।

Source: KC Dash, Digitized by PPRACHIN, SOA

ନଢ଼ିବା ବଢ଼ିବା କଥାକୁ ଯାହାର ନଥାଇ ମନରେ ବିଚାର,
ନ ଘେନଇ ସେ ହାନିଲାଭ ଆମ୍ଭର ଦୂରୁ ତାହାକୁ ନମସ୍କାର
ଆହେ ଉଦ୍ଧବ,
ନ କଲେ ସେ କେଉଁ ନିରାଶ,
ନ କରିଥିଲୁ ଆମ୍ଭେ କେଉଁ ଭରସା ଏବେହେଁ ନାହିଁ କେଉଁ ଆଶ ॥

ଟଳିଲା ନାହିଁ ମନ ତାଙ୍କ ବାହାରେ ଆନଠାରେ ଆଜ ଆମ୍ଭର'
ଟେକେ ତୃଷାର୍ତ୍ତେ ଚାତକ ଯେସନେ ଗ୍ରହ ପାଇଁ ରସିଲା ଜଳଧର,
ଆହେ ଉଦ୍ଧବ
ଟିକିଏ ସେ ଦୟା ନକଲେ,
ଟେକରେ ଥୋଇ ଟୋପରେ ପକାଇଲେ ପ୍ରାୟେ ଆମ୍ଭଙ୍କୁ ନାଶକଲେ ॥

ଠାକୁରବର ବୋଲି ବଡ଼ ଭରସା କରିଥିଲୁ ଆମ୍ଭେ ତାହାଙ୍କୁ,
ଠକ ବେପାରି ଦେଖିଲୁ ଧନ ସିନା ଚମକ ଉଠୁଅଛି ବୁକୁ,
ଆହେ ଉଦ୍ଧବ
ଠାବ ନ କଲୁ ତାଙ୍କ ଚିତ୍ତ
ଠିକେ ସାତ ସ୍ୱର ରାଗ ଜନମିଲା ପ୍ରାୟେ ତା ମାୟା ଅପ୍ରମିତ ।୧୨।

ଡକା କରିବା ଡରିବାରୁ ରଖିବା ପଡ଼ିବା ଗଢ଼ିବା ଭାଙ୍ଗିବା,
ଡିମ୍ବ ପ୍ରତି ପାଳି ପରାଣେ ମାରିବା କଥା ତାରତମ କରିବା,
ଆହେ ଉଦ୍ଧବ,
ଡୋଳେ ତ ସବୁ ଦେଖୁଅଛ,
ଡାକ କହିବଟି କପଟ ନକର କେ ଆଗେ କେଉଁ କଥା ପଛ ।୧୩।

ଢାଳେ ନୋହିବା କଥା କେଉଁ ସୁଲଭ ହୋଇ ନୋହିବା ବଡ଼ ଦୁଃଖ,
ଢ଼ମ କହୁ କାହୁଁ ସମସ୍ତ କଥାକୁ କାରଣ ତାଙ୍କ ପଦ୍ମ ମୁଖ,
ଆହେ ଉଦ୍ଧବ,
ଢେଙ୍କ ଯେସନେ ମୃଗ ତୃଷ୍ଣାରେ
ଢଳୁ ଅଛି ମନ ହୋଇ ଛନ୍ନ ଛନ୍ନ ଏବେ ତାହାଙ୍କର ଆଶାରେ ।୧୪।

୧୧-୨—ଟେକ ତୃଷିତ ଚାତକ ଯେସନେ ଗ୍ରହକାଶ (ଖ)
୧୧-୨—ଟେକ ତୃଷିତ ଚାତକ ଆଶାକରି ରହିଲା ଯେସନେ ଜଳଧର (ଗ)
୧୧-୫—ପ୍ରାୟେକ କରି ନାଶ କଲେ (ଗ)
୧୨-୪—ଠାକୁର ବର ହୋଇ ହରି (ଖ)
୧୨-୫—ଠକ ଅନେଖର ଏଥିଠାରେ କଲେ କୁବୁଜା ସଙ୍ଗେ ପ୍ରୀତିକରି(ଖ)
୧୩-୫—ସେ ମାୟାଧରଙ୍କୁ କେ ଆଗ (ଖ)

Source: KC Dash, Digitized by PPRACHIN, SOA

ଆଶ୍ରେ କଣ୍ଡ ବଣ୍ଡ ଲୋକଙ୍କୁ ଅଦୃଷ୍ଟ ଆଦରେ ଯେବେ ଦୁଃଖ ପାଇ,
ଏମନ୍ତ ହେଲେ ଅଗମ୍ୟ ବନସ୍ତରେ ପଶି କମ୍ପା ବୁଲୁ ନଥାଇ,
ଆହେ ଉଦ୍ଧବ
ଆମ୍ଭର କର୍ମ ଥାନ୍ତା ଯଦ
ଏମନ୍ତ କମ୍ପା ହୁଅନ୍ତେ ସତ୍ୟେ ସତ୍ୟେ କମ୍ପା ନୁହନ୍ତେ ସତ୍ୟବାଦୀ ।୧୫।

ତାରବା ଲୋକ ମାରିବାକୁ ବସିଲେ ତର୍କିକ ଅଛୁ କ ଉପାୟ,
ତଥାପି ତର୍କି ପାରିଲେ ତରିପାରେ ଆମ୍ଭେ ତ ବନପଶୁ ପ୍ରାୟେ,
ଆହେ ଉଦ୍ଧବ,
ହିଂସ୍ର ମାରଣେ ସେ ଦାରୁଣ,
ଚୋଟି ଚପିବା ତାକୁ ଫୋଡ଼ି ମାରିବା ତାଙ୍କ ଠଣୁ ହେଲ ଭିଆଣ।୧୬।

ଥାନ ବିଶେଷ ସ୍ୱାତି ଜଳପଣ୍ୟେ ଗୁଣକ୍ଷି କରନ୍ତି ଅପାର,
ଥିଲ ନାହିଁ ମନେ କୁବୁଜାକୁ ଦେଖ କଲେ ସୁନ୍ଦରୀ ଅଳଙ୍କାର ।
ଆହେ ଉଦ୍ଧବ,
ଥାଇ ଯାହାକୁ ଯଉଁ ଯୋଗ,
ଥାଣୁ ଶିରକୁ ଚନ୍ଦ୍ରମା ଗଲ ପ୍ରାୟେ ତାହା ଇଚ୍ଛାୟେ ହୋଏ ଭୋଗ ।୧୭

ଦାହ ସମ୍ମୁଖ ଅମୃତ ଦେଲ ପ୍ରାୟେ ଉଠୁଅଛି ଯଉଁ ସନ୍ତାପ,
ଦୁଖକର ତାହା କହିଲେ କ ହେବ କରିଛୁ ଆମ୍ଭେ ମହାପାପ ।
ଆହେ ଉଦ୍ଧବ
ଦଇବର ସବୁ ଘଟନା
ଦୀନବନ୍ଧୁ ହୋଇ ଦୁଃଖକାଳେ ପ୍ରଭୁ ଧନେ ନୋହିଲେ ଅପି ସେହ୍ନା ।୧୮

ଧର୍ମ ପୁରୁଷ ସେ ଅଧର୍ମ କରିବା ନୁହଇ ତାହାଙ୍କ ବେହାର,
ଧାର୍ମିକ ବିବେକ ରସିକବର ସେ ସମସ୍ତ ଗୁଣର ଆଧାର ।
ଆହେ ଉଦ୍ଧବ
ଧଇର୍ଯ୍ୟ କିଧିକ କହିବ,
ଧ୍ରୁବ ବଚନ ଯେ ଅଧ୍ରୁବ ହେଉଛି ଧରଣୀ କେମନ୍ତେ ରହିବ ।୧୯।
ନୟନ ମନ ନ ଗୁଣିଲ ତାହାଙ୍କୁ ଏହି କଥା ହେଲ ପ୍ରମାଦ,
ନଗଲ ଅନାଥ କଲେହେଁ କେବେହେଁ ଶ୍ରୀ ଗୋପୀନାଥ ଅପବାଦ ।
ଆହେ ଉଦ୍ଧବ,
କିଅଇ ମଧୁ ପୁଷ୍ପକର
ନିଷ୍ଫଳ ଭାଗ୍ୟବଶରୁଁ ଭୃଙ୍ଗ ଦେଖ ନାମ ବୋଲାଇ ମଧୁକର । ୨୦ ।

Source: KC Dash, Digitized by PPRACHIN, SOA

ପରମ ଆନନ୍ଦ ହରଲେ ଆମ୍ଭର ପରମାନନ୍ଦ ନାମ ବନ୍ଧୁ,
ପ୍ରୀତିଠାରେ ନିଜ ଅବେଖାର କଲେ ପ୍ରଭୁମାନଙ୍କ ଶାନ୍ତ ଏନ୍ଧୁ ।
ଆହେ ଉଦ୍ଧବ,
ପଗୁରବଟି ବାଟରେ ଯାଇଁ
ପରମ ଅମୃତ କୁଣ୍ଡେ ବୁଡ଼ମଲେ ମରିବାର ସେ କ ନୁହଇ । ୨୧ ।

ଫୁଲ୍ଲାରବିନ୍ଦ ବଦନ ଫେଡ଼ିକରି କହିଗଲେ ଯାହା ଶ୍ରୀମୁଖେ,
ଫନ୍ଦାକରି ସେହି କଥାମାନ ଗୋପୀ ଦିନ ବଞ୍ଚୁଛୁ ନାନା ଦୁଃଖେ ।
ଆହେ ଉଦ୍ଧବ,
ଫୁଲଶର ନେଲା ଫୁରୁଣା
ଫୁଲ ଚୁମ୍ବିଗଲା ଭ୍ରମର ପରାପ୍ରେ ଦିନେହେଁ ନ କଲେ କରୁଣା ।୨୨।

ବୋଲନ୍ତି ଏ ବଡ଼ ବଡ଼ ମାନଙ୍କର ବଡ ବିଗୁର ବଡ଼ ବୁଦ୍ଧି,
ବୋଇଲା ବଚନ ବିଅର୍ଥ ନ କରି ବିଶେଷ କରନ୍ତି ପ୍ରସିଦ୍ଧି ।
ଆହେ ଉଦ୍ଧବ,
ବେଳେହେଁ ତାହା ନରଖିଲେ,
ବଶ ହୋଇ କୁବୁଜାଙ୍କ ରସ ପ୍ରେମ ଏଡ଼ିକଥା ନିଜ ଶିଖିଲେ ।୨୩।

ଭାବଗ୍ରାହୀ ଭାବ ଗ୍ରହଣ କରିବା ଭ୍ରମର କୁସୁମ ଚୁମ୍ବିବା,
ଭଲ ମନ୍ଦ ଗାହେ ବିଗୁରନ୍ତି ନାହିଁ ଦୋଷ କି ନକରଇ ଅବା,
ଆହେ ଉଦ୍ଧବ
ଭାବେ ମେ ଅଭାବ କରିବା
ଭଲ ନୁହଇ ମେ ଭଲ ଲୋକଙ୍କର ଭ୍ରମର ସ୍ୱଭାବ ଧରିବା ।୨୪।

୨୧-୨-ପ୍ରୀତିଠାରେ ଏତେ (ଖ) ଅବେଖର କର (କ)
୨୧-୩-ପ୍ରତିଠାରେଏତେ (ଖ) ଅବେଖର (କ)
୨୧-୩ ଅଉ ଯାଇଁ (ଖ)
୨୨-୧-ଫୁଲ୍ଲାରବିନ୍ଦ ନୟନ (କ) ୨୧ ୨-ଫଳକରି (ଖ) ସେହିକଥା ଗୋପୀ (କ)
୨୨-୪ ଫୁଲ ଚୁମ୍ବିଲା ଭ୍ରମର ପ୍ରାପ୍ତେ ଆଉ ଯେ ହେଲା ତାହାକୁ କରୁଣ (ଖ)
୨୩-୧-ବୋଲନ୍ତି ଯେ ବଡ଼ ଲୋକଙ୍କର ବଡ଼ ବିଗୁର (ଖ)
୨୩-୨-ବେଗେ ସେ କରନ୍ତି ପ୍ରସିଦ୍ଧି (କ)
୨୩ ୪- କୁବୁଜାଙ୍କ ପ୍ରେମ ବଶେ (କ)
୨୪-୨-ଭଲମନ୍ଦ ଆଉ (ଖ)
୨୪-୩-ଭାବରେ ଅଭାବ (ଖ)
୨୪-୪-ଭ୍ରମର ସ୍ୱରୂପ ଧରିବା (ଖ)

Source: KC Dash, Digitized by PPRACHIN, SOA

ମହତ ଲୋକଙ୍କୁ ଆଶ୍ରେ କରିବାର ପୋତ ବାଣିଜ୍ୟ ପ୍ରାୟେ ଜାଣ,
ମହା ସାହସ ମହା ଆଶ ସକାଶୁଁ ମୁହୂର୍ତ୍ତିକେ ଯାଇ ପରାଣ,
ଆହେ ଉଦ୍ଧବ
ମହତସ୍ଥାନ ଲୋକେ ପ୍ରୀତି
ମହାନଦୀ ପ୍ରାୟେ ବଢ଼ିବା ଅଧିକା ସେହିକ ନୋହଇ ଅମାତି ।୨୫।

ଯେମନ୍ତେ ପୂର୍ବେ କପିଳ କୋପାନଳେ ଦହିଲେ ସଗର-ତନୟେ,
ଜାଳୁଛି ନରତେ ସେହି ପରକାରେ କାମ ଅନଳେ ଆମ୍ଭ କାୟେ,
ଆହେ ଉଦ୍ଧବ
ଯଉଁ ପ୍ରତିକାର ତହିଁକି
ଜଗତ ଅଧୀନ ଆମ୍ଭ ପ୍ରାଣଧନ ଦେବ କୃଷ୍ଣ ଭଗୀରଥିକି ।୨୬।

ରହିଥିବ କାନ୍ତି କ୍ଷିତି ତଳେ ପ୍ରୀତି ବିରହ ହୋଇ ଗୋପୀ ମଲେ
ରାଜୀବଲୋଚନ ଘନଶ୍ୟାମ କାମ—ହାଥରେ ତାଙ୍କୁ ଅର୍ପି ଦେଲେ,
ଆହେ ଉଦ୍ଧବ
ରତିର ପ୍ରତିଫଳ ଏହି
ରସ ବିବସ ରସି ତାଙ୍କ ଉପରେ କାମ ଅନଳେ ହେଲୁ ଦହି ।୨୭।

ଲୋକ ମଧ୍ୟରେ ଦେଖିଲୁ କାହିଁ ନେହ ଶ୍ରାଣେ ମଣ୍ଡଳ ପୀରତିକି
ଲୋକେ ଅଙ୍ଗରୁ ଅନ୍ତର ନ କରନ୍ତି ସ୍ନେହ ହ୍ବବରୁ ପାବଂଶଙ୍କି,
ଆହେ ଉଦ୍ଧବ !
ଲଲାଟ ଲେଖନ ପ୍ରମାଣ
ଲୋଭକର ରତ୍ନାକରେ ବୁଡ଼ିଗଲେ ରତ୍ନକି ଲଭୁଥାଉଁ ପୁଣ ।୨୮।

୨୫-୨-ମୁହୂର୍ତ୍ତେ ଯେନଉ ପରାଣ (କ)
୨୫-୪- ସହଜାତ ନୋହେ ଅମାତ (ଖ)
୨୬-୧-ହୋଇଲେ ସଗର (ଖ)
୨୬-୨-ଜଳଛି ସେହି ପ୍ରକାରେ ନରନ୍ତରେ (ଖ)
୨୬-୩—ପ୍ରତିକାର ଏତିକ (ଖ)
୨୭-୧—ରହିଥାଉ କାନ୍ତି—ବିଚ୍ଛେଦ ହୋଇ (ଖ)
୨୭-୨—ଘନଶ୍ୟାମ କାମ ହାତରେ (କ)
୨୭-୪—ରସିକ ଭ୍ରମର ରସାନ୍ତର ହେଲେ ରସନ୍ତି କାହିଁ ସ୍ନେହ ବହି (କ)
୨୮-୧—ଦେଖିବା ନାହିଁ ନେହ (ଖ)
୨୮-୨—ରତ୍ନାକରରେ ବୁଡ଼ିଲେ ରତ୍ନ ନ ଲଭୁଥାଇ ଜାଣ (ଖ)

Source: KC Dash, Digitized by PPRACHIN, SOA

ବାଇ ପ୍ରାୟେ ହୋଇ ବହୁତ କହିଲେ ତହିଁରୁ କି ହେବ କାରଣ
ବଡ଼ ବଡ଼ଙ୍କୁ ବୋଧକର ନୁହଇ ବିବେକ ନଥିଲେ ପ୍ରମାଣ,
ଆହେ ଉଦ୍ଧବ !
ଛନ୍ଦକବର ହୋଇ ହରି
ବଡ଼ ଅବେଶ୍ୱର ଏଣୁଠାରେ କଲେ କୁବୁଜା ସଙ୍ଗେ ପ୍ରୀତି କରି ।୨୯।

ସବୁ ହିଁ ସୁନ୍ଦର ପ୍ରଭୁପଣ ଥିଲେ ଜଗତେ ଯେବେ ଅସୁନ୍ଦର
ସର୍ପ ଶୟନ ହରି ହରି ଉଲଗ୍ନ ହେଲେ କିଛି ନାହିଁ ବିଚାର,
ଆହେ ଉଦ୍ଧବ ।
ଶୁକଲେ କଲା ଥିଲ ପ୍ରାୟେ
ସାନ ହୋଇ ବଡ଼ ଲୋକେ ଅବେଶ୍ୱର ଦଶେ ବହୁତ ଦୂରଯାୟେ ।୩୦।

ସେମାନ କହିବାରୁ ମାନହାନି ସେ କେଉଁ ଲଭ ତହୁଁ ଆମ୍ଭର
ସହଜେ ଆରଦ୍ରୁ ବାଣିଜ ଲୋକର ବୋହିତ ଚଳନ୍ତା ଅବେଶ୍ୱର,
ଆହେ ଉଦ୍ଧବ
ସବୁରୂପେ ଆମ୍ଭେ ଅସାର
ସୁତ ପତି ଗୁଡ଼ି ଶରଣ ପଶିବା ଦୋଷ ନ ଧରିବେ ଶ୍ରୀଧର ।୩୧।

ଶେଷର ହିତେ ଦଣ୍ଡବତ ଆମ୍ଭର କହିବ ସେ ପ୍ରୀତି ହରିଙ୍କୁ
ସଙ୍ଗ ଲ୍ଲିଲେ ବୋଲି କହିବ ଆମ୍ଭର କୁବୁଜା-ନାଗରୀ ବରଙ୍କୁ,
ଆହେ ଉଦ୍ଧବ ।
ସେ ସିନା କରୁଛନ୍ତି ପର
ସହସ୍ରେ ଅଂଶରୁ ଅଂଶେ ତ ଆମ୍ଭର ତାଙ୍କଠାରେ ନାହିଁ ଅନ୍ତର ।୩୨।

୨୯-୧—ବହୁତ କହିବା ଏଥୁ ଅବା କେଉଁ କାରଣ (ଖ)
୨୯-୨—ବଡ଼ଙ୍କୁ ସେ ବୋଧ କରି ନୋହେ (ଖ)
୨୯-୩—ହୋଇ କରି (ଘ)
୩୦-୩—ସବୁ ରୂପେ ଆମ୍ଭେ ଅସାର (ଖ)
୩୦-୪—ସହଜେ ଆରଦ୍ରା ବାଣିଜ୍ୟ ଲୋକର ବୋଇତ ଚଳନ୍ତା ଅବେଶ୍ୱର (ଖ)
୩୧-୧—କହିବାର ମାନହାନି—ଏଥୁଁ ଆମ୍ଭର (ଖ)
୩୧-୩—ଶୁକଲେ କଣ ଥିଲ ପ୍ରାୟେ (କ)
୩୧-୪—ସାନ ହେଲେ ଲୋକ ବଡ଼ ଅବେଶ୍ୱର ଦଶେ ବହୁତ ଦୂରଯାଏ (ଖ)
୩୨-୧—ଶେଷର ହିତ (ଖ)
୩୨-୨—ସଙ୍ଗ ଲ୍ଲିଲ ବୋଲି (କ) କୁବୁଜା ନାଗରବରଙ୍କ (କ)
୩୨-୩—ସେ ଆନ କରୁଛନ୍ତି (ଖ)

Source: KC Dash, Digitized by PPRACHIN, SOA

ଛଇଳ ପିରତି   ଭ୍ରମରଙ୍କ ନୀତି
ଭୋଗହେବା ଯାଏ ଥାଇ
ଛୁଇ ପରସ୍ପେ   କ୍ଷଣକେ ଆନ ହୋଏ
ଆଉ ଲେଉଟିଲେ ନ ପାଇ ।୭।

ଯାହା କହୁଥାନ୍ତି   ଯୁବା ଯୁବତୀଙ୍କି
ରର୍ଦ୍ଧ୍ୱପଦ୍ମ ଲକ୍ଷ୍ୟ ହେଇ,
ଯଉବନ ଜନ୍ତୁ   ଅନ୍ତର ହୋଇଲେ
କେ କାହାକୁ ପଚାରଇ ।୮।

ଝିମିଟି ଆମ୍ଭ ଦୁଃଖ   ଦେଖୁ ନ ଥିଲେ
ନେହ କର୍ପ ଲ ପରସ୍ପେ,
ଝସକେତୁ ଶରେ   ଦଗ୍ଧହେଲୁ ଏବେ
ଦୟା ନ ବସିଲା ହେହେ ।୯।

ନଷ୍ଟଟ ଆଶ୍ରେ-   କଲ୍ପ ତରୁ ଯେହ୍ନେ
ଅଳପକେ ନାଶ ଯାଇ,
ନଳକ୍ଷ ଗୋପୀ   ସେହ୍ନମନ୍ତ ହୋଇଲୁ
ନନ୍ଦ ନନ୍ଦନ ନପାଇ ।୧୦।

ଠେକ ମାହ ଅଛୁ   ଗୋପୀନାଥ ବୋଲି
ଚନ୍ଦ୍ରକଇରବ ପ୍ରାୟେ
ଟିକାଏ ଅନ୍ତର   ହୋଇଲେ ଏକା ସେ
କୁବୁଜାକୁ ଭୋଗ ହୋଏ ।୧୧।

ଠାଠିକ ଜଣ   ଜଣକେ କହୁଥାନ୍ତି
ତୁମ୍ଭର ସିନା ଏ କାୟେ,
ଠାବକଲୁ ସବୁ   ପ୍ରକାରେ ମହେଶ
ମାଳୀ ଜଳଘଟ ପ୍ରାୟେ ।୧୨।

୮-୧—କ୍ଷଣେ କ୍ଷଣେ କହନ୍ତ (ଖ).

Source: KC Dash, Digitized by PPRACHIN, SOA

ଡମ୍ଭ ପ୍ରତିପାଳି   କାହିଁରେ ନୋହିଲୁ
କାକ ପ୍ରାୟେ ଶ୍ରମ ହେଲୁ
ଡାଳେ ବସିଲୁ   ଗହଳ ଶୁଆ ପ୍ରାୟେ
ଯେ ବଚନ କାହିଁଗଲୁ ।୧୩।

ଢମ କଷ୍ଟ କଷ୍ଟ   ସବୁ ନାଶ କଲେ
ଏବେହେଁ ସେହି ପ୍ରସଙ୍ଗ
ଢାଳେ ଜାଣିଲୁ   ଢମିଆମାନଙ୍କର
ବୋଲ ସମୁଦ୍ର ତରଙ୍ଗ

ଇନ୍ଦ୍ରଜାଳିକ ପ୍ରାୟେ   କେତେ ପ୍ରକାରେ
କେତେ କଥା ଦେଖାଇଲେ,
ଆନକର ସବୁ   ପ୍ରକାରେ ସେ ମାୟା
ମନରେ ତ ରଖାଇଲେ ।୧୫।

ତଇଲ ବନ୍ଧୁ   ପାଣିରେ ପଡ଼ି ଯେସନେ
ବେଗେ ବିସ୍ତାର ଭଜଇ,
ତାହାଙ୍କ ପକ୍ଷଲ   ପ୍ରୀତି ସେହିମତ
ପକ୍ଷକୁ ଶୁଖିଲ ନଈ ।୧୬।

ଥିଲକୁ କଷ୍ଟ   ବାସନା ଫୁଲ ପ୍ରାୟେ
ତାଙ୍କ ଶ୍ରୀଅଙ୍ଗ ଛୁଇଁଲୁ
ଥୋକାପ୍ରାୟେ କାଳ   ଭୋଗ ହୋଇ ଉଲଗି
ମାଳ ପଗ୍ରାୟେ ହୋଇଲୁ ।୧୭।

ଦଇବେ ପୁରୁଷଙ୍କ   ପ୍ରୀତି ଭ୍ରମର
ପ୍ରାୟେ ପକ୍ଷକୁ ପ୍ରମାଦ
ଦଶ ଚତୁର ଲୋକରେ   ଲୋକ ହେବ
ବୋଲିବ ତାଙ୍କ ପ୍ରମାଦ ।୧୮।

୧୩_୩—ପଢ଼ିଲ ଶୁଆ (ଖ)
୧୫_୧—ପରାଏ(ଖ)କର କାହ୍ନୁ (ଖ)

ଧବଧରକୁ ଅଗସ୍ତି ଭଣ୍ଡି ଯାଇ
ଦକ୍ଷିଣେ ରହିଲ ପ୍ରାୟେ,
ଧରଣୀର ଧର ସେହି ମତ ଆମ୍ଭଙ୍କୁ
ଜରୁଣ ଗଲେ ଥୋକାୟେ ।୧୯।

ନୂଆ ନୂଆ ଯାକ ନମ୍ରତା ହୋଅନ୍ତ
ଗୁଣ ଦେଲ ଧନୁ ପ୍ରାୟେ
ନତନୁ ସମ୍ପତ୍ତି ଭୋଗକୁ ପାଇଲେ
ନଜରନ୍ତିଁ ଆନ ହୋଏ ।୨୦।

ପୂରୁଥାଇ ପୁର ପାଦପଦ୍ମ ତଳେ
ଯେମନ୍ତେ ବୈଷ୍ଣବଙ୍କ କାୟେ
ପକାଇ ଦେଇ ପାଖକୁ ଆଣ୍ଡି ଥାଇ
ଖେଳାଇଲ ସାରଣୀ ପ୍ରାୟେ ।୨୧।

ଫାଟି ନଗଲା ହୃଦୟ ପୁଣି ଛନ୍ନ
ନହିବାକୁ ଏହା ନଲ,
ଫଳ ଯାଇ ସେବେ କୃଷିକ ପରାୟେ
ଶ୍ରମ ମାତ୍ରକ ରହିଲା ।୨୨।

ବହୁତ ସଙ୍କଟୁ ଉଷାକଣ ଶୋକ—
ସମୁଦ୍ରେ ମେଳିଲେ ଯହୁଁ
ଚାରଣ ସ୍ନାନ କଲା ପ୍ରାୟେ କଷ୍ଟୁ ହିଁ
କାରଣ ନୋହିଲା ତହୁଁ ।୨୩।

ହେଳନ ଛନ୍ନୁ ହେଖୀ ମନ ଯେମନ୍ତେ
ସୁବେଶେ ନୋହଇ ତୋଷ
ଭାବଗ୍ରାହୀ ଭଣ୍ଡି ଗଲାଦନୁ ସବୁ
ଭାବଯାକ ହେଲା ଦୋଷ ।୨୪।

୧୯-୪—କରୁଣ ଗଲେ (ଖ)
୨୦—ନୃପସୁତା ନବ ବନିତା ପାଇଲେ ଯାଇ ମଥୁରା ନଗରୀ ।
ନଥିବ ମନରେ ପୁରାତନୀ ପ୍ରୀତି ଆମ୍ଭେମାନେ ଗ୍ରାମ୍ୟ ନାରୀ (ଖ)

Source: KC Dash, Digitized by PPRACHIN, SOA

ମହାପ୍ରଭୁଙ୍କ ଶ୍ରୀମୁଖରୁ ଯା ଶୁଣିଛ
ବେଗେ କହ ଆମ୍ଭ ପାଶ
ମହେଶ ଅଙ୍ଗ ଗରଳ ଜ୍ୱାଳା ବସୁ—
ଛଗଜନେ ହୋଏ ନାଶ ।୨୫।

ଝାଳ ଥାଉଁ କାମ ଅନଳେ ଜଳୁଛୁଁ
ସଗର ପୁଅଙ୍କ ପ୍ରାଏ
ଜଗମୋହନ କୃଷ୍ଣ ଗଙ୍ଗା ବାହାରେ
ନାହିଁ ଶୀତଳ ଉପାଏ । ୨୬ ।

ଞଞାବଲୋଚନ ଶ୍ରୀମୁଖ ଚନ୍ଦ୍ରମା
ଦେଖିବା ଭରସା ଥିଲା,
ଟଙ୍କ ରଜା ହେବା କାମନା ପରାଏ
ବଚନରେ ଭୋଗ ହେଲା ।୨୭।

ଲାବଣ୍ୟନିଧି ବନ୍ଧୁ ମନ ଉଡ଼ୁଛି
ବାନଚନ୍ଦ୍ର ପ୍ରାଏ ହୋଇ,
ଲୋକ ଲାଜକୁ ଦେହ ମାତ୍ର ଧରୁଛୁ
ଅଦେହ ଦଣ୍ଡକୁ ସହି ।୨୮।

ଡରଜ ନାଥଙ୍କ ଢକଳ ଦେଖିଣ
ଉଛବ ପ୍ରବୋଧ କରି
ବୋଇଲେ ଭ୍ରମ ତାହାଙ୍କ ପ୍ରୀତି ଗାର
ଢୀନରୁ ଅଭେଦ ମରି ।୨୯।

ନେମକର ଭ୍ରମଙ୍କ ହୃଦେ ନଧନାନନ୍ଦ
ଭ୍ରମର ନେତ୍ର ପଦ୍ମଣି,
ସଜଳ ଘାଟ— ଘଟରେ ଅଳ୍ପ ପ୍ରାଏ
ହୋଇ ଯେ ଅଛୁ ପ୍ରକାଶ ।୩୦।

୨୮-୪ — ଦୁଃଖକୁ (କ)
୨୯-୪—କ୍ଷୀରରୁ (ଖ) ଅଧିକ (ଖ)
୩୦-୨—ସୁଦୃଶ୍ୟ (ଖ)

Source: KC Dash, Digitized by PPRACHIN, SOA

ଶୂନ୍ୟ ଦ୍ରବ୍ୟ ସେ ସବୁଠାରେ ସମାନ
ବନଫୂଲ ବାସ ପ୍ରାୟେ,
ସେହି ରୂପେ ଖୋଜ ଯେ ଯେବେ ପାରଇ
ତାହାର ସିନା ସେ ହୋୟେ ।୩୧।

ଶାସ୍ତ୍ର ଶୁକପକ୍ଷୀ କାହାର ନୋହନ୍ତି
ଯେ ଯେବେ ପାଳେ ତାହାର,
ଶ୍ୟାମ ସୁନ୍ଦର ଚରିତ ସେହିମତ
ହୃଦରେ ଭାବନା କର ।୩୨।

ହଟକର ହଟ ହାଟକ ପ୍ରାୟେ ସେ
ହାତରେ ଥିଲେ ନ ଥାଇ,
ହୃଦେ ଭାବୁଥାଅ ଭଗତ ବନ୍ଧୁ ସେ
ଭାବଲେ ତାହାଙ୍କ ପାଇ ।୩୩।

କ୍ଷୋଭ ଛଡ଼ାଇ ଗୋପୀଙ୍କି ବୋଧ କରି
ଉଦ୍ଧବ ମଥୁରା ଗଲେ,
କ୍ଷେମେ ଘନକୃଷ୍ଣ ଗେଲେ ସମ୍ବାଦ
ପ୍ରାୟେ କୃଷ୍ଣଙ୍କୁ କହିଲେ ।୩୪।

୩୧-୧— ସବୁଙ୍କର ଆଦର (ଖ)
୩୧-୨—ସୁବର୍ଣ୍ଣ ଫୁଲ (ଖ)
୩୧-୩—ସବୁରୂପେ (ଖ)
୩୧-୨—ପୀରତି (ଖ)
ପନ୍ନଗାରି - ଗରୁଡ଼, ଧାରାଧର—ମେଘ

Source: KC Dash, Digitized by PPRACHIN, SOA

ଜଳଧର ଚଉତିଶା

(ରାଗ-କାମୋଦୀ)

କଜଳ ଲପନ ପନ୍ନଗାରି ଆସନ ସନକାଦି ଭାବନା ଭାବନାରେ,
କୁସୁମ ଶର ଶରଭାବେ ଭାବିନୀମାନେ ମାନେ କହନ୍ତି ଧାରାଧରେ ।
ହେ ଜଳଧର ! କର ଗମନ ମନ ସର,
କରୁ କରୁଣା ହରି ହରିଛା ଦୁଃଖ ହର ହରଷ କରନ୍ତୁ ତୁମ୍ଭର ।୧।

ଖଞ୍ଜିବର ବରହି ଗୁଞ୍ଜାମାଳ ମାଳତୀ ସୁମନ ମନୋହର ଚୂଳ,
ଖଳୁ ଅଳକାକୁଳ କୁଳବଧୂ ନିକର କରଇ ନିରତେ ଆକୁଳ ।
ହେ ଜଳଧର, ଖଳ ଅକ୍ରୂର କ୍ରୂର ବୋଲି,
ଝଣ୍ଟି ପ୍ରୀତି ପରମାନନ୍ଦ ନନ୍ଦକୁମର ମଣ୍ଡଣ ଆମ୍ଭକେ ବଞ୍ଚିଲେ ।୨।

ଗୋପୀପତି ପତିତ ପାବନ ବନମାଳୀ ନାଗର ହରଙ୍କ ଗୁମ୍ଫରେ,
ଗୁପତ କରି କହିବଟି ଏ ନବବଧନା ବେଦନା ଆମ୍ଭର ପଞ୍ଜରେ ।
ହେ ଜଳଧର ! ଗୋପୀ ଉଦାସୀ ଦାସୀଗଣ,
ଗିରିଧର ଧରଣୀ ଭାପଙ୍କର ହରଷ ହରିଲେ କି ଦୋଷ ଧରଣ ।୩।

ଘଟେଣ କଳେବର ବଳ ବଉଦନର କଉମ ଅବଲେ ଆମ୍ଭଙ୍କୁ,
ଘୋର ମାର ମୁଖରେ ଖରେଣ ନେଇଗଲେ ଗଲେ ଲମ୍ଭାଇ ଥିଲୁ ତାଙ୍କୁ,
ହେ ଜଳଧର ! ଘନ ପୀରତି ରତି ତାର,
ଘେନ ସୁମରିବୁ ସେ ଗୋପ ସୁନ୍ଦରୀ ଦରିଦ୍ର ସୁଦାମ ସଖାଙ୍କୁ ।୪।

ମାଳ ନବ ସୁଘନ ଘନ ସୁକାନ୍ତି ଜାର ସାର ଭାବରେ ଭାବକରି,
ନବ ରମଣୀମଣି ମଣିଧର-ରମଣୀ ଧରଙ୍କୁ ଥିଲୁ ଆଶ୍ରେ କରି ।
ହେ ଜଳଧର ! ନିରତେ ରତେ ମଜ୍ଜି ଥିଲୁ,
ନିଗଣ ଗ୍ରାମବର ନାୟକ କଲେ ଏବେ ବିରତ ରତରୁ ହୋଇଲୁ ।୫।

ଚକୋର ନେହ ତାର ତାର ତାରକାଯୁଗ ଯୁଗତେ ତାର ସମ ନାହିଁ,
ଚତୁ ସାରଂ ସାରସେ ମଧୁ ମଧୁର ରସେ ମିଳି ମିଳନ... ... ।
ହେ ଜଳଧର... ...,
...ଶଠରେ ଶଠୋଇ । ୬ ।

ପନ୍ନଗାରି—ଗରୁଡ଼, ଧାରାଧର—ମେଘ

Source: KC Dash, Digitized by PPRACHIN, SOA

ଛୁରକଣ ସକଳେ ଜନଙ୍କ ମାନ ମାନ ନ ଘେନ ଭଜିଲୁ ତାହାଙ୍କୁ,
ଛୀଣ ଉଦର ଦର ଧର ଧରମ ଛୁଡ଼ ଛୁଡ଼ଣ ଗଲେଟି ଆମ୍ଭଙ୍କୁ
ହେ ଜଳଧର ! ଛୁର ଅବଧି ବଧି କଲେ,
ଛନ୍ଦରେ ଜନ କଲ ତାରଣ ସେ ଆମ୍ଭର ଉର ପୀରତି ଛଡ଼ାଇଲେ ।୭।

ଯାଦବଚନ୍ଦ୍ର, ଚନ୍ଦ୍ରମୁଖ ମୁଖକୁ ଯୁଞ୍ଜି ସକଳ ଦୁଃଖ କରୁ ନାଶ,
ହେ ଜଳଧର ! ଯିବ ଜୀବନ ତାଙ୍କ ବିନୁ,
ଜାଙ୍କ ଥିବାରେ ବାରେ ଦର୍ଶନ ହୋଇବଳ ବଳନାଶନ ଶ୍ୟାମତନୁ ।୮।

ଝୀନ ସ୍ୱନର ଚୀର ବାହ କନକ ରୂଚ ରୁଚର କଟିତଟେ ବାଜେ,
ଝସକେତୁର ତୂର ଜାଣି କିଙ୍କିଣି କଣି ରବ ତା ନିରବଧି ବାଜେ ।
ହେ ଜଳଧର ! ଝୁର ଝୁର ମରୁଁ ଆମ୍ଭେ
ଝାସିବୁ ନମ୍ଭାକୁଳେ କୂଳେ କଳଙ୍କ ରଖି ଉଣିନ କଟିବଟି ତୁମ୍ଭେ ।୯।

ନବୀନ ବେନୁ ବେନୁ ପାଣି ପାଣି ପାଣିପେ ହିଣ୍ଡୁପେ ଥାଇ ଶୋଭାବନ,
ନାଗରୀ କୁଳ କୁଳ ତେଜନେ ମିଳେ ଗୃହ ଗୁଡ଼ି ଶୁଣିଲେ ତାର ସ୍ୱନ ।
ହେ ଜଳଧର, ନାହିଁ ନାହିଁନା ସମତାର
ନନ୍ଦ ନନ୍ଦନ ବେଣୁ ବାଣୀ ବାଣୀରେ କହି ନୁହଇ ମହିମାଆରେ ।୧୦।

ଟାଣ ମୁରଲୀ ବାଣୀମାନ ସେ ଶୁଣି ଶୁଣି ବତୁର କର କରି ଆମ୍ଭେ,
ଟଳୁଅଛୁ ଜୀବନ ଜୀବନ ଜୀବନଦ ଜଳେ ଯେସନ ଜାଣ ତୁମ୍ଭେ ।
ହେ ଜଳଧର, ଟଳ ଟଳ ହେଉଛି ଦେହ,
ଟାଣେଯେ ଆଗମନ ମନ କହୁଛି ପ୍ରାଣ ପ୍ରାଣଧନଙ୍କ ଆଗେ କହ ।୧୧।

ଠଣର ପଦପଦ ହିବଷଦ ଷଷଦମାନ ମାନସେ ଗନା କରେ,
....ଯୁଗ ରାଜୀବ ଜୀବ ଷଟପଦ ପଦ ହରେ ।
ହେ ଜଳଧର, ଠାଠିକ ଠିକ ବୋଲି ଜାଣ,
ଠିକେଣ ଶ୍ୟାମଦାସ ଦାସଭାବେଣ ଆଶ କରଣ ଶନ୍ତାକରେ ରୁଣ ।୧୨।

ଡିଙ୍ଗର ଘନ ଘନବର ବରଷି ରୁଦ୍ଧପଥ ପଥର ବରଷିଲେ,
ଡୋଳେ...ବରଷା କାଳ କାଳ ସମାନ ମାନରେ ମନ୍ଦର ଧଇଲେ ।
ହେ ଜଳଧର, ଡୋଳାରେ ଦେଖୁ ଦେଖୁ ପୁଣି,
ଡରେ ତା ସୁନାସୀର ଶିର ମୁକୁଟ କଟ ଚରଣେ ଲଗାଇଲେ ଆଣି ।୧୩

ଜୀବନଦ—ପଦ୍ମ

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଢାଳେ ହେଁ କାଳକୂଟ କୂଟ ବୁଦ୍ଧିରେ ଧୀରେ ଅସୂୟା ପୂରଇ ସ୍ତନର,
ଢୋକନ୍ତ କ୍ଷୀର କ୍ଷୀର ସଙ୍ଗତେ ଜୀବନକୁ ହରି ହରଣ ନେଲେ ତାର ।
ହେ ଜଳଧର, ଢାଳେ ଜିଙ୍ଗର ଗଇ ଆମ୍ଭେ,
ଢୋକବୁ ତାଙ୍କ ପାଇଁ ପାଇବୁ ପଦ ନାହିଁ ନାହିଁ ନକର ଆଜ ତୁମ୍ଭେ ।୧୪

ଅନନ୍ତ ଅନ୍ତ କରି କରି ନାହାନ୍ତି ହରି ମହିମା ଅତି ଅଗୋଚର
ଅଶେଷ ଶେଷ ନାହିଁ ନାହିଁ ନାହିଁନା ଯହିଁ ଆଦି ଅନ୍ତ ମଧ୍ୟ ବର୍ତ୍ତୁଳ ।
ହେ ଜଳଧର, ଅସୁର ସୁର ନ ଜାଣନ୍ତି,
ଅଚଳ ଚଳମାନ ମାନବ ଆଦିପୂର୍ଣ ଜୀବମାନେ ଯେତେ ଅଛନ୍ତି ।୧୫।

ତେଜି ଗୋପ ଭୁବନ ଭୁବନଜ ଲକ୍ଷଣ କ୍ଷଣକେ ମଧୁପୁର ଗଲେ,
ତତପର ପରମ କାରଣ ରଣ ରଙ୍ଗ ରଙ୍ଗସ୍ଥଳୀ ତଳରେ କଲେ ।
ହେ ଜଳଧର, ତର ତରକବର ପୁଣି
ତୁଟାଇ କଂସ ଦମ୍ଭାସିନ୍ଧୁ ସିନ୍ଧୁଜାବର ଧରି ଧାଇଁଲେ ମାଳବେନ ।୧୬

ଥିଲେ ଯେତେକ ବଧୂ ଜନ ଜନକ ପିତାମହ ମହତ ଜନମାନ,
ଥିଲେ ସକଳ ଜନ ଜନନୀ ସନ୍ନତେ ତା ହୃତେ ତାକରି ଜନାର୍ଦ୍ଦନ ।
ହେ ଜଳଧର, ଥୋଣ୍ଟ ଦେଇତ ଉତରରେ,
ଥିଲେ ନାଶି ଥାନରେ ନରେଖ କଲେ ଉଗ୍ରସେନଙ୍କୁ ଧାତୃକାରେ ।୧୭

ଦୟାସାଗର ଗରଜଣ୍ଟ ନିଜ ସୁହୃଦ ହୃଦୟ ଅତି ମନୋହର,
ଦ୍ୱିଜ ପଦ ଲାଞ୍ଛନ ଛନ୍ନ କଷାଇ ମନ ମାନିନୀ ଗୋପୀମାନଙ୍କର ।
ହେ ଜଳଧର, ଦମ୍ଭେ ଧଇର୍ଯ୍ୟ ନୁହେଁ ରଖି,
ଦିବସକର ବର ଖର ସମାନ ମଣି ମଣି କରଣଗଣ ଦେଖି ।୧୮।

ଧନ୍ୟ ତାହାର ହାର ତାରକାମାନ ମରୁ ଉରରେ ଶୋଭିବନ,
ଧୀରେ ମାଳ ସୁଘନେ ଘନେ ବକ ଆବଳି ବଳକ ଦଶନ୍ତି ଶୋଭନ ।
ହେ ଜଳଧର, ଧ୍ରୁବର ବରଦ ଆମ୍ବର,
ଧୀରେ ଦେଖି ତା ମନୋହର ହରଇ ହର ପର ପରମସ୍ଥାନ ଆର ।୧୯।

ନାଗର ବରବର ଭୁଜଯୁଗ ତାଙ୍କର କର କୋକନଦକୁ ବଳି,
ନୁହେଁ ନବ ପଲ୍ଲବ ଲବ କୁସୁମ ଗନ୍ଧଫଳକ ଅଗୁଳି ଅଙ୍ଗୁଳି ।
ହେ ଜଳଧର, ନଖର ଖର ମାର ଶର,
ନାଗସ୍ୱବର ବରସ୍ତନ ମର୍ଦ୍ଦନେ କର କରଇ କଠୋର ଆକର ।୨୦

Source: KC Dash, Digitized by PPRACHIN, SOA

ପରମାନନ୍ଦ ଊରୁ ଊରୁ ଦେଖିବୁ ନାହିଁ ତାର ତାର ସମାନ କାନ୍ତି,
ପାଇବେ କଷ୍ଟବର କରଭ ଊର ଲଜ୍ଜବଦମ ଦଳ ହେବେ ନାହିଁ ।
ହେ ଜଳଧର, ପରମରମଣ ଆମ୍ଭର
ପଞ୍ଚସାୟକ ଏକବାରେ ଯେବେ ଗୃହ୍ଣିଁବ ହେବ ସେ ଶମ୍ବର ଆକର ।୨୧।

ଫାଇ କର୍ପୂର ପୂର ରଜନୀକର କର ନଚଳ ବଜୁର ସଦୃଶ,
ଫାଇ କୁସୁମ ନାଶବୃନ୍ଦ କୁସୁମ ସୁମନୋହରସମ ଯାହା ହାସ ।
ହେ ଜଳଧର, ହୃଦୟୁ ଜୀବ ଯିବ,
ଫାଇ ଦେଖି ଆଦର ଦରହାସ ଅଧର ଧରାରେ କାହାରେ ନୋହିବ ।୨୨

ବରଜକୁଳ ବଧୂ ବନ୍ଧୁ କୃପାସିନ୍ଧୁର ସିନ୍ଧୁର ଫଳନାସେ ଶୋହେ,
ବେନି କୁଣ୍ଡଳ ପ୍ରଭା ପ୍ରଭାକର ମଣ୍ଡଳ ସୁଷମା ସମାନ ହୁଁ ନୋହେ ।
ହେ ଜଳଧର, ବର ବରଜ ବଧୂ ଗୁଣି,
ବାସୁଦେବ.... ....ଖ ବନୁ ମଶବୁ ପୁଣି ହେ । ୨୩ ।

ଭୁବନଜ ଆନନ ଆନନ ବରୂଚଣ ଅପିବେ ଶିବେ ଏତେ,
ଭର ଭରସା ତେବେ ହୋଇବ ସବୂଙ୍କର କରଣ ଥିବ ଏଥୁ ଏତେ ।
ହେ ଜଳଧର, ଧାବ ଧାବନା କର ଗୁଣ,
ଖ୍ୟାମକଲେ ଭଗତ··· ···ଯଦୁପତି ପତି ପତିତ ଉଦ୍ଧାରଣ । ୨୪ ।

ମାର ପିଅର ଅରକ୍ଷିତ ସୋଦର ଦରଧରଙ୍କ ଗ୍ରମୁରେ କହିବ,
ମରଣ ରଣରଣ ନ ପାଇ କର ଆମ୍ଭର ଅବଶ୍ୟ ହୋଇବ ।
ହେ ଜଳଧର, ମାଧବ ଧବ କର ଆମ୍ଭେ,
ମାର ମାରଇ ବୋଲି ଦନେହେଁ ନ ଜାଣୁଛ ଜାଣି ନଥିବ ଭଲେ ତୁମ୍ଭେ
। ୨୫ ।

ଯାଦବ ଇନ୍ଦ୍ର ଇନ୍ଦ୍ର ଅନୁଜ ବନା ବନା ଦୋଷରେ ସତତ ସୁତନୁ,
ଯତନେ ତନୁ ତନୁ କରୁଛୁ ଦନୁ ଦନୁ ଧର କୁସୁମ ଧନୁ ଧନୁ ।
ହେ ଜଳଧର, ଯାତନୁ ତନୁରେ ଆମ୍ଭର
ଜନକଜଳଜଦଳ ଦଳନ୍ତ୍ରା ଧନସାର ସାର ନୁହେଁ ବା ଦେଲେ ଉର ହେ ।।

Source: KC Dash, Digitized by PPRACHIN, SOA

ରଜନୀକର କର କରଇ ସୂନାତର ତର ତରିବୁ ନାହିଁ କେହି,
ରଙ୍ଗହୀନ ସୁବାସ ସୁମନସ ସୁମୁଖ ନୁହେ ଦେହେ ବହି ।
ହେ ଜଳଧର, ରତି ରତିକ ସୁଖ ତାର
ରମଣୀମଣି ଥିଲେ ନ ହସରିବ ସଖୀ ପ୍ରାଣ ଆର । ୨୭ ।

ଲକ୍ଷ୍ମୀ ନାୟକ ଏକ ବାରେକ ଅବଲୋକ ଲୋକରେ ଯେ ଅବା କରିବ,
ଲାବଣ୍ୟ ସରୂପର ଉପମା ରମା ଦେଖି କେ ଅବା ଧଇର୍ଯ୍ୟ ଧରିବ ।
ହେ ଜଳଧର, ଲୀଳାକ ତା କଥା ଆମ୍ଭର,
ଲଳନା ଗଣ ଗଣନା କରି ତାଙ୍କ ଗୁଣ ଗୁଣନ୍ତେ ନୁହଇ ଅନ୍ତର ।୨୮।

ବାତୁଳ ହନ ଦୀନବନ୍ଧୁ ସଙ୍ଗତେ ଗତେ ନାନା ବିନୋଦେ ହନନେଲୁ,
ବାସୁଦେବର ବର କିଶୋର କାଳ କାଳ ବଶରେ ବିଚ୍ଛେଦ ହୋଇଲୁ ।
ହେ ଜଳଧର, ବହି ବହିଲୁ ଆଣି ଏହା
ବିରହ ସୁଖଦୁଃଖ ଯେ ହେଉଅଛି ଅଛି କରମେ ଆମ୍ଭ ନିକ ଯାହା ।୨୯।

ଶୁଭ ଆସନେ ମଧୁପୁରୁ ପୁରୁଷୋତ୍ତମ ତମଯେ ନାଶନ୍ତେ ଆମ୍ଭର,
ସୁନ୍ଦର ଦରହାସ ମୁଖ ଦେଖି ତାଙ୍କର କରନ୍ତୁ ସବୁଦୁଃଖ ଦୂରହେ ।
ହେ ଜଳଧର, ଶୁଣର ଜବ ଯଦି ଥାନ୍ତା
ଶ୍ୟାମଳ ମଳହୀନ ଅତନୁ ତନୁସମ ତା ତନୁ ଦରଶନ ହୋନ୍ତା ।୩୦।

ସର ଶଶରେ ଜୀବ ଜୀବନ କମ୍ପା ଥିବ ଆଜ ଆମ୍ଭର ଦେହେ ରହି,
ଶ୍ୟାମଳ ତନୁ ତନୁ ବନୁ କରି ଅତନୁ ଶରରେ ପରାଭବ ସହି ।
ହେ ଜଳଧର, ସୁଭଗ ମନମନ କର
ଶ୍ରୀକୃଷ୍ଣ କୃଷ୍ଣରୂପ ରୂପ କରି ତୁମ୍ଭର ଆମ୍ଭର ଜୀବନ ନହର । ୩୧ ।

ସ୍ୱରୂପ କହୁଅଛୁ ଅଛୁ ଧରିଜୀବନ ଜୀବନ ଧର ଥାଅ ଜାଣି,
ଶ୍ରୀକୃଷ୍ଣ ଆସିବାର ବାରତା ବେଗକରି କରିଯେ ଦେବ ତୁମ୍ଭେ ଆଣି ।
ହେ ଜଳଧର, ଶଙ୍କର କରନ୍ତୁ କୁଶଳ,
ଶୀଘ୍ରେ ଗମନକର କରନ୍ତୁ ଶୁଭ ଶୁଭଦାୟିନୀ ଅମ୍ବିକାର ବର । ୩୨ ।

ଜନସାର—କର୍ପୂର

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ହରଷ ରସରସେ ଗୋପୀନକର କର ଯୋଡ଼ି କହିଲେ ଘନେ ବାଣୀ,
ହରି ମହିମା ଶୁଣି ବାରେ ବାରେକ କର୍ଣ୍ଣେ ଶୁଣିବେ ଯେହୁ ଏହା ପୁଣି ।
ହେ ଜଳଧର, ହରି ହରିବେ ଦୁଃଖ ଛାର,
ହେବ ଭବକୁ ପାର ପାର ପରମା ରମାପତି ଚିନ୍ତାକୁ ଅନୁସର । ୩୩ ।

ଘୃର ସଂସାର ସାରଙ୍ଗ ପାଣିଙ୍କର କର କରଇ ଭକ୍ତି ଯେଉଁ ପ୍ରାଣୀ ।
ଷମେ ସେ ଦୁର୍ଜ୍ଜନର ନରକ ଦୁଃଖ ଛାର ହରନ୍ତି ନଶ୍ଚେ ଚକ୍ରପାଣି ।
ହେ ଜଳଧର, ଷିତିବର ବର ଚରଣ.
ଷମେ ଚିନ୍ତଇ ଭୀମଦାସ ଜାସଙ୍କ ଦାସ ଦାସ ଭାବନା କରିଗୁଣ । ୩୪ ।

Source: KC Dash, Digitized by PPRACHIN, SOA

ଜଳଦ ଚଉତିଶା

(ରାଗ – ଆହାରୀ)

କୁସୁମ ସାୟକ ସାୟକ ସଂଘାତ ସଂଘାତ କୃଶାନୁ ବାଧାରେ,
କୃଷ୍ଣ କୃଷ୍ଣ ଘନ ଘନକୁ ଉଦ୍ଦେଶି କହନ୍ତି ଅତି ଖେଦଭରେ ।
ଜଳଦ, କହ ମୋ ବଚନସୁ ଉତ୍ତର,
କୁନ୍ଦଦନ୍ତୀ ଦନ୍ତୀଗାମିନୀ ଗାମିନୀ ବୃଷଭାନୁ ସୁତା ଗୁମୁର ।୧।

ଖଞ୍ଜନନୟନା ରୁଚିରବଦନା ବର ନାଗରୀ ପ୍ରାଣସଖୀ,
କ୍ଷିତି ତଳରେ ଶୟନ କରିଥିବ ସର୍ବ ଜୀବନ କଷ୍ଟେ ରଖି ।
ଜଳଦ, କ୍ଷିତିଭୂଷଣା ମୋର ମିତ
ଖଳ କାମଶର ଶର କିରେ ପଡ଼ି ନକ୍ର ତେଜିଥାଇ ଜୀବିତ ।୨।

ଗୁରୁ ନିତମ୍ବିନୀ ନିତମ୍ବିନୀବୃନ୍ଦ ରଚନା ମୋ ତାପମୋଚନା,
ଗାଢ଼େ ଘଞ୍ଚକୁଚ ଉପରେ ନୟନ ନୀର କରୁଥିବ ସେଚନା
ଜଳଦ, ଗୁଣମଣି ପିକବଚନା,
ଗଜାସ୍ୟ ଗଜାସ୍ୟପତି ସେବାକରି ପାଇଥିଲ କଞ୍ଜଲୋଚନା ।୩।

ଘେନ ସଖୀକୁଳ ସଜଳ ଜଳଜ ଜାତ ପତ୍ରରଚି ପଲଙ୍କରେ,
ଘନ ଘନସାର ଲେପୁଥିବ ରାମା ଉତନ ତନୁ ତନୁ ପରେ,
ଜଳଦ, ଘନଜଘନୀ ଗୁରୁ ପ୍ରାଣ,
ଘଟେଣ ମୋହନବରକୁ ବର୍ଜିଥିବ ଘୃମିତନେହା ଅନୁକ୍ଷଣ ।୪।

ନତାଙ୍ଗୀ ହୃଦୟୁ ତଡ଼ାଗ ବିରହ ରବରେ ଶୁଖି ହୋନ୍ତେ ଲୀନ,
ନଷ୍ଟେ ଜାଣିଲି କଣ୍ଠତଟେ କଳିତ ହୋଇଥିବ ତା ପ୍ରାଣ ମୀନ ।
ଜଳଦ, ନାସ୍ତି ରତନ ମୋର ପ୍ରାଣ,
ନବକୃଷ୍ଣ ଘନ ବାରିତ ହେଲି ମୁଁ ସଖା ସମୂହ ମରୁଚିଣ ।୫।

ରୂରୁ ଚମ୍ପକ ବରବରମାଳ ଜାତପଣ୍ଡ ରୁଚିଲୋଚନା,
ଚତୁସ୍ସବର ବରଅଙ୍ଗେ ବିରଙ୍ଗେ ନକର ସେ ବେଶ ରଚନା,
ଜଳଦ, ଚରୁଥିବ ନଖେ ଧରଣୀ,
ରୂଚେ ଚକୁର ଫିଟି ପଡ଼ୁଥିବ ନବେଣିଥିବ ଗଣ୍ଡେ ପାଣି ।୬।

Source: KC Dash, Digitized by PPRACHIN, SOA

ଛିତିମଣ୍ଡନା ମଣ୍ଡନାର ହୃଦୟ ଦେଶର ସରସିଜମୂର୍ତ୍ତି,
ଗୁଡ଼ିଥାଇ ନିଜ ଜୀବନ ଜୀବନ ଜୀବନଧରବୃନ୍ଦ ଗୃହି ।
ଜଳଦ, ଛୀଣ ଅଙ୍କଚନ୍ଦ୍ର ଲଗନା,
ଗୁଡ଼ ସକଳଭବ ଭାବବତୀ ମୋ ମୋତେ କରୁଥିବ ଭାବନା ।୭।

ଯାମିନୀ ଅନ୍ତେ ଅନ୍ତଃପୁରେ ଦିନେ ସେ ଜବାଧରୀ ଧନିଲୋକରେ,
ଯାହା ସେ କଲ୍ଲ କଳାକର କରରେ ଲେଖାହୋଇ ଅଛି ହୃଦରେ ।
ଜଳଦ, ଯେତେ ଲାବଣ୍ୟ ପୂଳକର
ଯତନେ ବିଧାତା ନିର୍ମାଣିଲ୍ କଳାବତୀ ସୁନ୍ଦର କୃଶୋଦରୀ ।୮।

ଝଟ ଝଟ ଗଣ୍ଡ ମୁକୁରେ ମକସ୍ମ ନକର ଇନ୍ଦୀବରଦୃଶୀ,
ଝିଉପ୍ରିୟଭାଷୀ ଜୀବରଖିଥିବ କେବଳ ମୋର ନାମ ଘୋଷି ।
ଜଳଦ, ଝଟକ ହାଟକବରଣୀ
ଝସକେତୁ ଶରେ ଝାମ ଯାଉଥିବ ନିରତେ ଦିବସ ରଜନୀ ।୯।

ନ ଥିବ ଶାତକୁମ୍ଭ କୁମ୍ଭପ୍ରତିମ କୁଚତଟରେ ପତ୍ରାବଳୀ,
ନଥିବ ଯେନ ମୃଗମଦତିଳକ ଭାଳଫଳକେ କଣ୍ଠେ ମାଳୀ ।
ଜଳଦ, ନବଶିରୀଷ ସୁକୁମାରୀ
ନବଢ଼ ନବଢ଼ ସରୁ ମଧ୍ୟା କ୍ଷୀଣଜୀବ ଥିଲେ ନୁହେଁ ପାସୋର ।୧୦।

ଟେକ କୁସୁମ ଗୁଚ୍ଛ ତାର ନିନ୍ଦଇ କମନୀୟ ଭୂରୁ ସୁଷମା,
ଟେକ ନୟନେ ଅନାଇଲେ ହରିବ ବିଧୁ ଅବତଂସ ଗାରିମା,
ଜଳଦ, ଟିକାଏ ଦୟାକର ମୋତେ,
ଟହକହାସୀ ଟେକ ମୃଦୁଭାଷୀକ କହିବୁଟି କର୍ଣ୍ଣ କୁହରେ ।୧୧।

ଠେଣ ବନିତାବତଂସ ପାସବତ ବନ ବଢ଼ିଥି ମୋ ଉଚିତ ।
ଠ ଠିକ ରମଣୀ ରମଣୀ ବିନୁମୋ ରହିଛି କେମନ୍ତେ ଜୀବିତ,
ଜଳଦ, ଠିକ ମତ୍ତହଂସଗାମିନୀ
ଠ.ଠିକେ ଭୁଜ ବଲ୍ଲୀରେ ଭିଡ଼ ମୋତେ ବାରେ କ ହେବ ଚ ମୂଦାମୀ
।୧୨।

Source: KC Dash, Digitized by PPRACHIN, SOA

ଡେରି ଶ୍ରବଣ ଶ୍ରାବଣ ଅଭିରାମ ବଚନ ମୋତେ କରି ଆଶା,
ଡଙ୍ଗର କାମ ପ୍ରକାମ ଶରେ ଝାମ ଯାଉଥିବ ମୋ ମୃଗଦୃଶା,
ଜଳଦ, ଡୋଳାପିଞ୍ଚୁଳୀ ମୋର ରାମା,
ଡହ ଡହକ ଭସ୍ମାନ୍ତ ବିମ୍ବାଧର ଧରିଥିବ ଅତି କାଳିମା ।୧୩।

ଢଳ ଢଳ ଚକ୍ଷୁ କମଳ କମଳ ପ୍ରବାହ ନଦୀ ପ୍ରତି ମଣ୍ଡୁ,
ଢାଳେହେଁ ପ୍ରାଣ ବନ୍ଧୁର ମୁଖ ତାର ଝଲ୍ଲସି ହୋଇଥିବ ଗଣ୍ଡୁ,
ଜଳଦ, ଢୋକୁଥିବ ମୋ ପ୍ରାଣରସ,
ଢାଳୁଥିବେ ଆଳିଗଣ ତାମରସ ପଳାଶ ବ୍ୟଞ୍ଜନେ ସରସ ।୧୪।

ଅଖିଳ ରାମା ଅବତଂସ ଭୂଷା ମୋ ସୁରତରଙ୍ଗୀ ତରଙ୍ଗିଣୀ
ଅତନୁ ଅତନୁ ଶରେ ତାପିତ ମୋ ମାନସ ମାନସ ଗୃହିଣୀ,
ଜଳଦ, ଅଳି ବ୍ୟାକୁଳା କୁନ୍ତଳାର
ଅନନ୍ତ ଅନନ୍ତ ପଦ ସେବିଥିଲେ ମୁଖ ଦେଖିବ ଏକବାର ।୧୫।

ତଳୁ ଗତି ରାମା ନୟନ ମୁଦ୍ରିତ ଯେବେ ଅଳିଗଣ ଦେଖିବେ,
ତିଳ ନାସା ପୁଟେ ପବନ ସଞ୍ଚାର ଅବକଳିତ କରୁଥିବେ,
ଜଳଦ, ତେଜିଥିବ ପାନ ଅଶନ,
ତନୁ ପ୍ରତିପ କଳାକର ପରାଏ ହୋଇଥିବ ତା ତନୁ କ୍ଷୀଣ ।୧୬।

ସ୍ଥୂଳ ନିତମ୍ବିନୀ ବନିତା ବଚନ ମୋ ଅଙ୍କତଳେ ଲୀନ ହୋଇ,
ଥର ଥରୁ ତନୁ ତମକୁ ଥାଇ ମୋ ହୃଦୟେ ହୃଦୟ ଲଗାଇ,
ଜଳଦ, ଥିବ ଯେତେଦିନ ଜୀବତ,
ଥଳ ସରସିଜ ରୁଚିର ଚରଣ ରାମା ରତନର ମୁଁ ହିତ ।୧୭।

ଦ୍ୱିରଦଦନ୍ତ ପଲଙ୍କେ ଅଙ୍କେ ମୋତେ ପୀନ ସ୍ତନତଟେ ଲଗାଇ,
ଦୃଢ଼େ ଭିଡ଼ି ହୃଦେ ଶତେ ବାର ଚୁମ୍ବ ଦେଇ ସନ୍ତୋଷ ନଭଜଇ,
ଜଳଦ, ଦଣ୍ଡେ ନୁହେଁ ମନ୍ଦ ମୁ ରୁଚିଛି,
ଦନ୍ତବାସ ପାନ ଦାନ ଦେଇ ପ୍ରିୟା ଦାସ କରି ମୋତେ କିଣିଛି ।୧୮।

Source: KC Dash, Digitized by PPRACHIN, SOA

ଧନ୍ୟ ଚଞ୍ଚଳା କାମକଳା କୁଶଳା ମୋ ଗଳାମାଳା ପ୍ରେମଶୀଳା,
ଧାତା କପଟେ ଘଟନା କରିଅଛି ଯୋଗୀନ୍ଦ୍ର ଇନ୍ଦ୍ରଜାଲ ମାଳା,
ଜଳଦ, ଧୃତ ଖଣ୍ଡମ ମୋ ନାୟିକା,
ଧନ୍ୟମଣ୍ଡନ ମଣ୍ଡିତା ମୋର ମନ ଚକୋରକୁ ସେ ଚନ୍ଦ୍ର ରାକା ।୧୯।

ନବବୟସୀ ବର୍ଷି ଜାନୁମ୍ୟରେ ମୋ ନବ ସଙ୍ଗମେ ଲଜ୍ଜାପାଇ,
ନୀରଜନେତ୍ରୀ ନେତ୍ର ବେଗେ ଲୁଚିଲ ଲାବଣ୍ୟଲପନ ନୁଆଇଁ,
ଜଳଦ, ନ ଛୁଇଁ ଛୁଇଁବାକୁ ଆଶ,
ବୋଲେ ସମାନ ଭ୍ରବବଷ୍ଟି ଭ୍ରବକୁ ବଳାରିତ ପଦ ସଦୃଶ ।୨୦।

ପ୍ରମଦା ପ୍ରେମ ଦାୟିନୀ ରସିକନୀ ମଦନ ଜ୍ୱର ବଢ଼ ଦେଖି,
ପ୍ରିୟ ସହଚରୀ ବୋଲୁଥିବେ ସତେ ଖାଇବ ନକ ଚନ୍ଦ୍ରମୁଖୀ
ଜଳଦ, ପୋଛୁଥିବ ନେତ୍ର ସଲିଳ
ପୟୋଧର ନୀର କେବେ ଅଙ୍ଗ ଦିଅନ୍ତେ ହେଉଥିବ ଅତି ଆକୁଳ ।୨୧।

ଫୁଲ୍ଲ ପଦ୍ମ ନେତ୍ରା କମନୀୟ ଗାତ୍ରୀ ପ୍ରେମପୂର୍ଣ୍ଣ ପତ୍ନୀ ସୁଶୀଳା ।
ଫୁଲ କାର୍ମୁକ ଶିଳୀମୁଖ ଗଣକୁ ଲକ୍ଷ ହୋଇଥିବ ଅବଳା,
ଜଳଦ, ପୂର୍ଣ୍ଣଚନ୍ଦ୍ର ଚନ୍ଦ୍ରହାସିନୀ,
ଫାଟି ଯାଉଅଛି ଜୀବନ ମୋହର ଗୁଣି ଗୁଣି ମତ୍ତକାଶିନୀ ।୨୨।

ବିଷମ ବିଶିଖ ଶର ଶରଗନ୍ଧ ରାଜୀବ ନେତ୍ରୀ ଅଙ୍ଗେ ପଡ଼ି,
ବହଳ ତର ତୁଷାରେ ତାମରସ ପରାଏ ତନୁଥିବ ଜଡ଼,
ଜଳଦ, ବନ୍ଧୁକ ଅଧର ବାମାର,
ବିଦ୍ରୁମକୁ ବିଡ଼ମ୍ବନ କରି ଯେ ନା ହୋଇଥିବ ଜମ୍ବୁ ଆକାର ।୨୩।

ଭଜିଥିଲେ ସେ କୁରଙ୍ଗୀ ନୟନାକୁ ନୀର କ୍ଷୀର ଯେସନେ ଏକତ୍ର,
ଭଲ ଦଇବର ଚଣ୍ଡାଳପଣ ଏବେ ହେଲା ମୋ ହିତ ଅହିତ,
ଜଳଦ, ଭାବିନୀ ମୋ ସର୍ବ ସମ୍ପଦ
ଭୁଜଯୁଗେ ଭିଡ଼ି ହୃଦୟେ ଛଟେ ମୋ ଆଉକେ ଦେବ ନଖ ପଦ ।୨୪।

ରାକା—ପୂର୍ଣ୍ଣିମା   ବଳାରିତ—ଇନ୍ଦ୍ର   ପୟୋଧର—ପଇଡ଼

Source: KC Dash, Digitized by PPRACHIN, SOA

ମଣ୍ଡି ମଣ୍ଡ୍ରମ ମୋ ମାନସ ମାନସ ସଦାର ଲୀଳା ରାଜହଂସୀ,
ମକର କେତନ କେତନ ଭୁବନସ୍ୱ ବଜସ୍ୱ ଶୁଦ୍ଧବଂଶୀ,
ଜଳଦ, ମୋଧନ ମଦନ ବଡ଼ଶି
ମୃନ ମୋହନ ମୋହ ମାଝରେ ବୃନ୍ତ ଝୁରୁଥିବ ପ୍ରାଣବଲ୍ଲଭି ।୨୫।

ଯୁବତୀ ହୃଦୟ ଦେଶରେ ଥାଇ ଯେ କଣ୍ଠରେ କଣ୍ଠକୁ ଲଗାଇ,
ଜୀବନ ଚେତ ବନଜମୁଖୀ ସେ ମୋ ଭୂମି ଶପୁନେ ଥିବ ଶୋଇ,
ଜଳଦ, ଯାବତ ସୁଖ ନେଲ ବାଳା,
ଜୀବ କେବଳ ପ୍ରୟାଣ କରନାହିଁ ଜପି ତା ନାମ ମନ୍ତ୍ରମାଳା ।୨୬।

ରସିଲା ରସି କାମ କାମ ଲଳସେ ଅଳସେ ବସି ମୋ ପାଶରେ,
ରତି ରସରେ ସାତ୍ତ୍ୱିକ ଭାବେ କମ୍ପି ହସ ହସ ପ୍ରେମ ବଶରେ,
ଜଳଦ, ରଙ୍ଗେ କରଇ କେତେ ଲୀଳା,
ରଭସ ବଶେ ଆଲିଙ୍ଗନ କରଇ ହୃଦରୁ କାଢି ମୋତିମାଳା ।୨୭।

ଲଭି ସନ୍ତାପ ସଙ୍କଟେ ଶିବସଟେ ଲକ୍ଷ ମୋ ରୂପ ରୂପରାଶି,
ଲଳିତା ଲଳିତାକୁଳେ ଆକୁଳିତା ହୃଦତଟେ ଥିବ ନବେଶି;
ଜଳଦ, ଲଳିତ ଲପନ ଲୁଳିତ,
ଲାବଣ୍ୟ ବନ ଦହୁଥିବ ରାମାର ମାର ଅନଳ ଅବିରତ ।୨୮।

ବାମାକ୍ଷୀ କାମଃକ୍ଷିତ ଫଳ ମୋହର ବିପରୀତ ରମ୍ଭା ଜଘନ,
ବରାଙ୍ଗନା ଅଙ୍ଗ ବିହୀନେ ମୋ ଅଙ୍ଗ ଦହୁଛି ଅନଙ୍ଗ ଦହନ,
ଜଳଦ, ବାହୁ ବଲ୍ଲରୀ କଣ୍ଠେ ଦେଇ,
ବାଳା ମାଳା ଦେଇ ଯାହା ବୋଲିଅଛି ମନ ତା ପାସୋରିବ ନାହିଁ ।୨୯।

ସେ ଘନଜଘନା ଘନାଘନ କାଳେ କାଳେ ଥାଇ କମ୍ପେ କାତରେ,
ସୁରତରଙ୍ଗିଣୀ ସୁର ତରଙ୍ଗିଣୀ ଧର ଅଶର ବାଧାରେ,
ଜଳଦ, ସଘନ ଘନ ନାଦ ଶୁଣି,
ସ୍ୱକାମୀ ସୁବର୍ଣ୍ଣାକୃତି କୃଷ୍ଣ ରମା ଜୀବ ତେଜିବ ସେହିକ୍ଷଣି ।୩୦।

ଘନାଘନ—ବର୍ଷାକାଳ
ସୁର ତରଙ୍ଗିଣୀଧର ଅରି—କାମଦେବ

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ସେ ମୋର ଜୀବ ପରମର ପରମ ରସବତୀ ନେହସମ୍ପତ୍ତି,
ସଙ୍କେତ ଦିବସ ଅନ୍ତରେ ଅବଶ୍ୟ ଜୀବନ୍ତ ଦେଖିବ ଯୁବତୀ ।
ଜଳଦ, ସନ୍ଦେଶ ବେଗ ଶୁଣାଇବ,
ଶିଳୀମୁଖକେଶୀ ଶିଳୀମୁଖଦୃଶୀ ବାରେ ଜୀବନ ଦାନ ଦେବ ।୩୧।

ସେ ମୋର ସକଳା ରସବତୀ କଳା ରତିରଙ୍ଗ ତୀକ୍ଷ୍ଣ କୁଠାର,
ହନ୍ତ ତାର ହୃଦୟ ଘନବନ କାଟୁଅଛି ଅତି କଠୋର ।
ଜଳଦ, ସତେହେଁ ଦଇବ ସହିବ,
ସୁନ୍ଦର ଶରଦ ଶୀତକରମୁଖୀ ବାରେ ଦରଶନ ହୋଇବ ।୩୨।

ଦାରୁଣ ଦାରୁଣନୟନା ନୟନେ ହରଷ ହରଶନ୍ଦୁଖଣ୍ଡି,
ହୃଦୟ ଦହନ୍ତେ ଧରାତଳେ ମଣ୍ଡି ହୋଇ ସେ ଥିବ ବର୍ମିଣ୍ଡି ।
ଜଳଦ, ହୋଇଥିବ ହତ ଚେତନା,
ହୃଦସାର ହାର ଗରୁଡ଼ମଣ୍ଡୁଥିବ କନକ କେତକୀ-ବରନା ।୩୩।

କ୍ଷୀଣ ଉଦରୀ ଉଦରୀ ପଞ୍ଚବାଣ ଅନଳେ ନୋହୁ ବେଗେ ନାଶ,
କ୍ଷିତି ମଣ୍ଡଳେ ଜୀବନଦ ନାମ ତୋ ହେଉ କୀର୍ତ୍ତି କର୍ଣ୍ଣାବତଂସ ।
ଜଳଦ, ଛେଦ ଏ ବିଷୟ ଦୁର୍ଗତି,
କ୍ଷମେ କୃଷ୍ଣ ପଦ ସରୋଜେ ମଧୁପ ପୁରୁଷୋତ୍ତମ ଦାସ ମତି ।୩୪।

ଶିଳୀମୁଖ—ଭ୍ରମର, ଶୀତକର ମୁଖୀ—ଚନ୍ଦ୍ରମୁଖୀ

Source: KC Dash, Digitized by PPRACHIN, SOA

ପବନ-ଦୂତ ଚଉତିଶା

(ରାଗ-ଆହାରୀ)

କେବଣ ବିଦେଶୀ ରହି ବିଦେଶରେ ଦିନେ ଦିନେଶ ଅବସାନେ,
କୁନ୍ଦରଦନୀର ନିରନ୍ତରେ ଗୁଣଗଣ ଗଣନା କରି ଘେନେ ।
ଘନହେ, ଗମନ ମନ ଦେଇ କର,
କହିବ ଏକାନ୍ତ କାନ୍ତ କାନ୍ତ କରି କରୀଗମନାକୁ ଉତ୍ତର ।୧।

ଖଞ୍ଜନ ସଦୃଶୀ ଦୃଶୀ ଦିନୁ ଦିନୁ ତନୁ ତନୁ ମୋ ବିନୁ ହେବ,
ଖଳ ଦର୍ପକ ଦର୍ପ କରି ପ୍ରବଳ ମାର୍ଗଣଗଣ ପ୍ରେରିଥିବ ।
ଘନହେ; କ୍ଷଣେ ଧୈର୍ଯ୍ୟ ସହି ନ ପାରି,
କ୍ଷୀରଜକର କରମ୍ଲାନ ଜଳେ କେଉଁ ମାର୍ଗରେ ପଡ଼ିବ ମାରି ।୨।

ଗୁଣର ମଣି ରମଣୀ ଲକ୍ଷଲକ୍ଷ ଅଂଶ ସମ କାହିଁ ଜଗତେ,
ଗୁଣୁଥିବ ମୋ ସଙ୍ଗୀତ ଗୀତ ରଚମାନ ସେ ମାନସେ ସନ୍ତତେ ।
ଘନହେ, ଗଜଗିଆଳି ଆଳି ଦୁଃଖୀ,
ଗାଢ଼େ ଦେଉଥିବ ଶତମନ୍ତ୍ର ମନ୍ଦ ଅଙ୍ଗ ଅଙ୍ଗନାଙ୍କନ ଚାପ ଦେଖି ।୩।

ଘନଜଘନା ମୋ ଭାବ ଭାବନ ରେ ଦିନାନ୍ତକ ଯୁଗ ଯୁଗତେ,
ଘୋଷି ବସିବ ବସି ବହୁ ଚିନ୍ତାରେ କାରେଶମ୍ମୁଖୀ ଅବିରତେ ।
ଘନହେ, ଘନକାଳ କାଳ ବୁଝିବ,
ଘନ ଘନରସ ସ୍ତନ ତେଜି ପିବ ଜୀବନବନ୍ଧୁକୁ କହିବ ।୪।

ଙନ (ନବ) ବିକାଶ କାଶ ହାସୀ ଭାବେ ବନପ୍ରାନ୍ତେ ପ୍ରତେ କରିବ,
ନିର୍ମଳ ନିଶାକର କର ପ୍ରଚଣ୍ଡ ଚଣ୍ଡକର କର ମଣିବ,
ଘନହେ, ନିରତେ ମାର ତେଜ ତେଜ,
ନତ୍ୟେ ମୋ ଅବଧାନ ବିଧାନ କର ବିରହେ ଥିବ ମନ୍ଥି ।୫।

ଦର୍ପକ—କାମଦେବ, କ୍ଷୀରଜକର—ଚନ୍ଦ୍ର

Source: KC Dash, Digitized by PPRACHIN, SOA

ଚନ୍ଦ୍ର ସୁବର୍ଣ୍ଣ ବର୍ଣ୍ଣିକାର ଚଉଦିଗ ଚଉଦିଗପନ୍ତି ଯୋଗନାଶି,
ଚଣ୍ଡାଳ ମଞ୍ଜନଶର ଶର ମେଣ୍ଟି ଅବଧି ବଧିବ ସୁକେଶୀ,
ଘନଦେ, ଚଳବ ନଚସୁନେର ମନ୍ତ୍ରୀ
ଚମକ୍ ଥିବ ତାଳ ତାଳ ତାହାର ହାର ଏକା ତାହାର ଗୃହିଁ ।୬।

ଛାଡ଼ ଲକ୍ଷଣ ନୟନ ମଙ୍କ ଦେଖି ସଂସାର ମାଟ ସୁକେଶୀ,
ଛନ୍ଦାଇ ଦେମନ୍ତ ପଦେ ବା ମାଣର ବଶ ବଶବ ଏବେ ମନ,
ଘନଦେ; ଦେହ ଦୋଷ ଦେବ କରୁଣା
ଛନ୍ଦେ ଦେଖି ପାରୁ ଏବେ କବି କଷ୍ଟ ମଙ୍କ ଲକ୍ଷଣା ।୭।

ଜୀବନ ଜୀବନଜମୁଖୀ ମୋହନ ଲକ୍ଷଣେ କ୍ଷଣେ ଯେ ଦେଖିବ,
ଜଗତେ ନରେନ୍ଦ୍ରଙ୍କ ଯେତେ ନାଗରୀ ଗଣନ୍ତୁ ଏ ବୋଲି ଲେଖିବ,
ଘନଦେ, ପାଞ୍ଚ ଶିବ ଶିବ କଳେଚ,
ଯେତେ ବସନ୍ତି ପଣ୍ଡିତ ଜନଗଣ ମଥନେ ଥରେକ ତାଣବେ ।୮।

ଝସନପୁମା ରୂପର ଶର ଆଣ୍ଡି ବିଷ ଆଶୀବିଷ ଆମନ,
ଝରି ହେବନ ବନତା ଛନ୍ଦ କ୍ରକା କଳାପକ୍ଷେ କ୍ଷୀଣ ଯେମନ,
ଘନଦେ, ଝରି ଲୋଚକ ନମ୍ବନନ୍ତୁ,
ଝଙ୍କବରମା ବରନତମ୍ୱିମା ବନଦ୍ୟ ନେସୀ ଶୋକ ଭରୁ ।୯।

ମାରଡ ନେଶୀ ମୃଦନ ଉରଦ୍ୱାସୀ ଆନେନ ଆନନ ନ ଗଣ୍ଡର,
ନେଷ୍ଟ ନସାନ ଶଦା ଦେପାନ ଶାଦେଦ ଦେଉ ଦ୍ୱନଳନା ନରଳ,
ଘନଦେ, ମାଳେନ୍ଦୀବର ନରଧ୍ୱଶୀ
ନରେଖିବ ପ୍ରଭୁ ଆଶା ପ୍ରଭୁଆଶା ମନେନ ମନେହ ଭଗନ୍ତ ବସି ।୧୦।

ଟେକ ବୃଷ ବୃଷକେତୁ ମେ ବଚନେ ବରବର୍ଣ୍ଣିକ ଥିଲା ମାନ୍ଦ,
ଟିକାଏ କାସର ସରଳ ନାହିଁତା ବନା ବନାଶକ୍ ନନ୍ଦର,
ଘନଦେ, ଟିକାଏ କ ଏ ମନ୍ଦ୍ରାପନ,,
ଟଙ୍କକର କଟପ୍ଲେକ ଟେକନ ଦୋହ୍ଲିଁପିବ କାକୁ ଦେଖନ ।୧୧।

ଚଣ୍ଡକର—ସୂର୍ଯ୍ୟ, ଜୀବନଜ—ପଦ୍ମ

Source: KC Dash, Digitized by PPRACHIN, SOA

ଠୂଳ ଉଚ୍ଚକୁଚ ଶାତକୁମ୍ଭ କୁମ୍ଭ ମନୁ ମନ୍ଥ ଯାଏ ନମିବ,
ଠାବ କଲେ ଅସୁର ସୁର କନ୍ନର ନର କା ହୃଦୟେ ରହିବ,
ଘନଦେହ, ଠଣାକ୍ଷୀ ଟୂଭ ସୁରତରେ,
ଠିକେ କଳାକର କଳା କରଇ ସେ ରସେ ରସେ ନାନା ଗତରେ ।୧୨।

ଡେଣି ବସ୍ତ୍ର ବର୍ଣ୍ଣବତୀ ମୋର ଡଦନ୍ତକୁ ଦନ୍ତକୁନ୍ଦ ଶୋଭିନୀ,
ଡଙ୍ଗର ଗନ୍ଧଳ ଫଳ ମରମ ଦେଖେ ମାନିକ ଶାନ୍ତ ଘେନ,
ଘନଦେହ, ଡୋଳ ମିନ ଜୀବ ଛାଡାର
ଡାକ କା ବଚନ ଗୃହମୁଖ କଲ କଳାକରକୁ ଏତେ ଦୂର ।୧୩।

ଢମ ମୃଦଙ୍ଗ ଟଙ୍କରଣ ରଣରେ ଘୁମ୍ବନୀ ଘୂନନ ଏ ନସ,
ଢାଳୁଥାଇ ଟାଳ ଢାଳବା ନେନେ ନମ କଲେ ଭଉଛ ଢାର ପାଶ,
ଘନଦେହ, ଢାଳେ ଢଳଳକ ନୋଳ କରୁ,
ଢୋଳ ଖଣ୍ଡ ଖଣ୍ଡପୃନ ସୁନପୂନୀ ଲାଗି ମୋର ଏ ଦେହ ସରୁ ।୧୪।

ଏଣୀ ଲକ୍ଷଣୀ ଚନ୍ଦ୍ର ଚନ୍ଦ୍ରଭାମିନୀ ସନ୍ନିଧେ ମିଳ ଜୀବନଦ,
ଏଣୀ ଉତ୍ତର ଚଟଳାକ୍ଷୀକୁ କହିବ ବସ୍ତ୍ରାନ ନାହିଁବ ବିଷାଦ,
ଘନଦେହ, ଏଣାକ୍ଷୀ ଜୀବନ ଜୀବନୀ
ଅତି ପରାଭବ ଭାବ ଫନ୍ଦ ଦେଇ କାତରତର ନରବେନା ।୧୫।

ତରୁଣୀ ତନନ ରତନ ସନବ ସୁମନ୍ତ୍ର ମରବାଁର ଯାଏ,
ତାର ସଙ୍ଗରୁ ଗରୁ ଦୂରେ ରଖିଲ ବିଧି ବିଧି କଲ ନଷ୍ଟଯେ ।
ଘନଦେହ, ତନ୍ତେ କୋପଦା କୋପ ନାହିଁ,
ତେଜିଲ ଧନରୁ ନରୁଚେ କଞ୍ଚନ ଚଗେ ଯେତେ ସୁଖ ଅଛଇ ।୧୬।

ଥିରଗମନା ମନାସିବ ନାଶିବ ଶିବଦେଇ ପତି ବିପତ୍ତି,
ଥୟେ ନ ଜାଣିବା ମନ ମନମଥ ମଥନ କରୁଥିବ ନିତି ।
ଘନଦେହ, ଥିବାରେ ବାରେ କ ଦେଖିବ,
ସ୍ଥୂଳପୟୋଧର ଧରି ମୋ ଅଙ୍କରେ କନ୍ଦର୍ପ ଦର୍ପ ଉପେକ୍ଷିବ ।୧୭।

ବାସର—ଦିନ   ରଣରଣ—କାମଦେବ   ଶାତକୁମ୍ଭ—ସୁନା

Source: KC Dash, Digitized by PPRACHIN, SOA

ଦହନ ଚନ୍ଦ୍ର ମାନସ ମାନସ ହୋଇ କ୍ରୋଧରେ ଧରି ନେଇ ଟଙ୍କ,
ଦୁଃଖରେ ଖରେ ଲଖରେ ଲେଖିଥିଲ ବସୁମତୀ ମନ୍ତ ବିଠଙ୍ଗ ।
ଘନହେ, ଦରଦର ହାସ ଶୋଭନା,
ଦେଖି ବପଦେ ପଦେକର ଦଅନ୍ତ ହସି ଧଇଲ୍ଲ କରବେନ ।୧୮।

ଧରି ସନ୍ଦେହରେ ଦେହରେ ଜୀବନ ମୋର ଯିବାର ବାରତାକୁ,
ଧ୍ୟାନ କଷ୍ଟିରେ ଚିତ୍ତେ କରି ସେ ଚନ୍ଦ୍ରାଚନ୍ଦ୍ରା ତେଜ ଭଜ ନାମକୁ ।
ଘନହେ ଧରଧର ପକ୍ଷ ହେବନ,
ଧରିଣ ଅଙ୍କରେ କରେ ମାଧବୀ ନବଡ଼ ବନ୍ଧନ ତାର ହରିବନ ।୧୯।

ନରେଖି କଟିକ ଜଠୀ କ କେଶଗ୍ରୀ ସରତନାନ୍ତ ଶିବା ସେବଇ,
ନେତ୍ର ସମନୋଜ୍ଞ ମୀନ ମୀନକେତୁ ଶର ଶରଣକୁ ଯିବଇ ।
ଘନହେ, ନାଗସ୍ତ୍ରୀ ବଶେଷା ବଶେଷା
ନ ରଖିଣ କ୍ଷୀଣ କର ମୃଢ଼ ବନ୍ଧ ବହ୍ନୀନ କଲମୋର ଆଶା ।୨୦।

ପକ୍ୱ ବିମ୍ବାଧରୀ ଧରିଥିଲେ ବାସବର ବାସବଲ ନୁହଇ,
ପୀନ୍ନତ କୁଚ ତମ୍ବୁଲେ ଛିଳ ହେଲେ ଦେହେ ନକ ନୈଧର୍ଯ୍ୟ ରହଇ,
ଘନହେ, ପଦ୍ମ ବାସଙ୍କ ସନ୍ନିଧାନ
ପ୍ରତେ ଜପୁଜାର ଯାଇ କହ ଆସିବେ ଶିବେ ତୋ ମନ୍ତ ସଦନ ।୨୧।

ଫୁରୁଣା ହୃଦୟ୍ବା ଦୟାରେ ସମାନ ମାନବ ପୃଥେ ନାହିଁ ଟେକହ୍ନି,
ଫାଶ ରତିରେ ରତିରସକଳାସକଳାନ୍ତ ଶୟ୍ୟରେ ସେ ନଜଣାଇ,
ଘନହେ, ସ୍ଫୁରିଲ ବିଷୟ୍ୟ ହୋଇବ,
ଫିଟି କୁନ୍ତଳ ତଳରେ ମତ ଅସମ୍ଭାଳେ ଖେଳେଣି କରୁଥିବ ।୨୨।

ବାମା ନକର କର ଦେଇ ନାସାରେ ବାଇବେ ପବମାନ ମାନ,
ବୋଲିବେ ହରି ହରିବେ ଏ ବପତ୍ତି ପନ୍ତକ ଦେଇ ସନ୍ନିଧାନ,
ଘନହେ, ବଧିର ଧୀର ବୁଦ୍ଧି ନାହିଁ
ବଗୁରିଥିଲ ମନୀଷାରେ ବଶାରେ କୋଳର କରମ ମୋ ପାଇଁ ।୨୩।

Source: KC Dash, Digitized by PPRACHIN, SOA

ଭବନ ରତରେ ଭବ ନରତରେ ବଗ୍ରହ ବଗ୍ରହ କରୁଛୁ,
ଭବ ଅରାତି ଗତି ବାସର ଶର ପେଶି ତହିଁ ପୁଣ ଦହୁଛୁ,
ଘନଦେ, ଭଲ ବରଞ୍ଜି ବରଚଲ
ଭଳ କଦାଚିତେ ଚିତ୍ତ ବା ନଥିଲ ସେ ସଙ୍କଟ କଷ୍ଟ ଲେଖିଲ ।୨୪।

ମଣିମ ମଣିମୟ ଦେହାଭରଣ ଭରଣ ଠାରୁ ସମ ସର,
ମତ୍ତକାଶିନୀ ଏ ନଷ୍ଟପ୍ରୟ ପିତାମହ ମହତ ଅଛୁ କର,
ଘନଦେ, ମୋର ପୂର୍ବର ବର ରସ
ମତ୍ତ ବନପ୍ରିୟ ପ୍ରିୟଭାଷୀ ମାନ ସରୁ ନ ସରୁଥିବ ଲେଶ ।୨୫।

ଯେବେ ଯିବ ପୂର ପୂରତ ଗମାର ମାର ବେଦନା ଜଣାଇବ,
ଯେତେ କାମନା କାମ ଅଛୁ ବୁଦ୍ଧିରେ ଧୀରେ ଧୀରେ ସଙ୍ଗେ କରିବ
ଘନଦେ, ଯିବ କା ଚିତ୍ତରେ ତରୁଣୀ,
ଯେତେକ ବନ୍ଧକୁ ବନ୍ଧଜାଷୀ ରତେ ଗୁଣ ଗୁଣରେ ଥିବଗୁଣି ।୨୬।

ରମଣୀ ରମଣୀୟକୁ ବଳ ବଳ ସୁରଜାଳେ ନାହିଁ ଯୁବଣା,
ରତି ନାୟକ ଏକାବାରେ ଝଳେକ କଲେ କେତକ ରତି ରତି
ଘନଦେ, ରଜୀବରଜ ସୁମୁଖୀ,
ରହିବେ ବଳ ବଳ ବକ୍ରେ ଥିବପେ ଯିବା ଜୀବାତ୍ମି ହୋଇ ଦୁଃଖୀ ।୨୭।

ଲପନ ସୁଷମା ସମାନ ଅବମା ଅବଜ କନ୍ଦର୍ପ ଦର୍ପଣ,
ଲେଶ ତା ଦେଖି ଅପଘନ ଘନରେ ରହେ ଚପଳା ପଳାଇଣ ।
ଘନଦେ, ଲାବଣ୍ୟାମ୍ବୁଧି ବୁଦ୍ଧିଦାୟୀ,
ଲୟେ କରଣ କରଣୀ କୁମ୍ଭ ସଂକୋଚକୁ କୁଚକୁ ଅନ୍ତପାଇ ।୨୮।

ବହୁତ ହୁତଭୁକ ଦାହ କନକ ନକର ଚାରୂପକୁ ଲକ୍ଷ୍ୟ,
ବର ବରତୁଳ ପୟୋଧର ତାର ଧରଣୀ ସଙ୍ଗେ ସମକକ୍ଷ ।
ଘନଦେ, ବଧୂ ବନ୍ଧୁର ମୋହତ କଲେ,
ବନ୍ଧୁମ ଦଶନବସନା ସନ୍ଧି ଆଣି ଆଣି ମୋର ହଙ୍କିଲେ ।୨୯।

ନାକ—ସ୍ୱର୍ଗ, ବଳବନେ—ବଳଭ୍ୱବରେ, ବନ୍ଧୁମଦଶନ ବସନା—ପଲ୍ଲବାଧରା

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଶିରୀଷ ପୁଷ୍ପ ସୁକୁମାରୀ କୁମାରୀ ସମସ୍ତ ମସ୍ତକ ମଣ୍ଡନା,
ସନ୍ନିଧେ ଥିଲେ ସେ ଲେଶେ ସୁମନସ ଷଣ୍ଡ ସମ୍ପତ୍ତିକି ଖଣ୍ଡନା ।
ଘନହେ, ସ୍ମର ସମର ସମରଥା,
ସଖୀ ପାଖରେ ଖଟରେ ଯିବାନୁସରି ସଖି କହଗୋ ମୋର କଥା ।୩୦।

ସାର ସାରସନେତ୍ରୀ ମୋତେ ସୁରତ ରତନ ଦେଇଣ କିଣିଛି,
ସେ ଯେବେ ତାର ଭରସାରେ ରସାରେ ନାହିଁ ତହିଁତ ମୁଁ ମଣୁଛି,
ଘନହେ, ସୁନାସା ତିଳ ସମ ସମ
ସରୁ ଚୁମ୍ବନ ବନଜ ମୁଖେ ଦେଇ ପୂର୍ଣ୍ଣ କରିବ କାମ କାମ ।୩୧।

ସବଳେ ଅବଳା ବଳାଇ ଥିବ ତାର ତତ୍ତ୍ୱ ରଚିତ ମୋର ତି,
ସୁଖପ୍ରଦଠର ବରେନ୍ଦୁହାସୀ ବାଳା ମତେ ମୋତେ ସେ କରେ ଶାନ୍ତି,
ଘନହେ, ଭାନୁ ସମ୍ପଦ ପଦମୋର
ସେବ ସେବ ପଦ କବା ନ ପାଇଲି ବଧିର ଏ କେଉଁ ବସ୍ତୁର ।୩୨।

ହରଷେ ବସ୍ତ୍ରପ୍ରଦ ବସ୍ତ୍ରୁ ପଦରୁ ଧ୍ୟାନ ଆନେ ନ କରିବ,
ହର ବଦନ ବଦନ ଦୁଃଖ ହରଣ ହରିଣନେତ୍ରୀକି ବହିବ,
ଘନହେ, ହର ହରନ୍ତୁ ତୋ ବେଦନା
ହଂସଗମନା ମନାଇ କହ ଯାଇ ହଜାଇ ନଥାଉ ଚେତନା ।୩୩।

କ୍ଷଣଦା କର ଲପନ ପନଗାସନାଶନ ନାଶନ ଅସୁର;
କ୍ଷଣେ ଭଜନ ଜନମ କର କର ହେବ ଭବକୁ ପାର ପାର,
ଘନହେ, କ୍ଷେମେ ହରିଣ ରସ ରସ
କ୍ଷପେ କଲି ଯେବେ ଦାସ ଦାସ ହୋଇ ଜନ୍ମ ସକଳ କଲ୍ମଷ ।୩୪।

Source: KC Dash, Digitized by PPRACHIN, SOA

ପିକବର ଚଉତିଶା

ଶ୍ରୀ ରାଧାକୃଷ୍ଣାଭ୍ୟାଂ ନମଃ

କୃଷ୍ଣର ବିଚ୍ଛେଦ ହୋଇ ବିରହ ବ୍ୟାକୁଳ ହୋଇ
କହନ୍ତି ପିକକୁ ଶୋକେ ଜଡ଼,
କଳାନିଧି ଯେହ୍ନେ କାଳ ମଳୟେ ଉଷେ ଗରଳ
କହୁଁ କହୁଁ ଯୁଗ ପଡ଼େ ମାଡ଼ିରେ,
ପିକବର ।
କୁହୁ କୁହୁ କରୁଛରେ କମ୍ପାଇଁ,
ଆପଣା ବାଳକ ନେଇ କା କୋଳେ ଦେଲୁ ଛଡ଼ାଇ
ପର ପ୍ରାଣେ ତୋର ଦୟା ନାହିଁରେ ।୧।

ଖେଳ କଉତୁକ ରସ ଖଣ୍ଡିଗଲେ ପୀତବାସ
କ୍ଷଣେ ଗୋପୀ ହୋଇଲୁ ନିରାଶ,
କ୍ଷୀର ସିନ୍ଧୁ ଅଛୁ ବେଢି ଅବଶ୍ୟ ମରିବୁ ବୁଡ଼ି
କ୍ଷଣେ ରଖ ଆମ୍ଭ ଦୁଃଖ ନାଶରେ ।୨।

ଗୋପୀନାଥ ଗୋପ୍ୟ ଗଲେ ଗୋପୀଙ୍କି ଅନାସ୍ତ କଲେ
ଗରବ ହାରିଲେ ନିଜ ମାତା,
ଗୋପାଳେ ଗଲେ ପଳାଇ ଗହନେ ପଶିଲେ ଯାଇ
ଗରବ ଗଞ୍ଜିଲେ ଆମ୍ଭ ଧାତାରେ । ପିକବର ।୩। ;

ଘେନ ବଞ୍ଚୁଥିଲୁ ଦିନ ଘଟିବ ତା କଲ୍ୟ ହୀନ
ଘଡ଼ି ସରିଲା ଆମ୍ଭ ଦୁଃଖ ସୁଖ,
ଘୂମାଇ ହୋଇଛୁ ଅଙ୍ଗ ଅନ୍ତରେ ଦହେ ଅନଙ୍ଗ
ଘର ମଣୁ ଘୋର ବନବାସରେ, । ପିକବର ।୪।

ଅକାଳେ ବସନ୍ତ କାଳ ଉନ୍ମତ୍ତ ପକ୍ଷୀ ସକଳ
ଆମ୍ବ ଜାମ୍ବକ ବକୁଳଲି ବନେ,
ଏକାଳେ କାନ୍ତ ବିଦେଶ କାଳେ ଏ ଯୁବା ବୟସ
ବିରହିଣୀ ବଞ୍ଚିବୁ କେସନରେ । ପିକବର ।୫।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଚଉ ଛନ୍ନ ଛନ୍ନ ହୋଇ   ମରୁଅଛୁ ସବ୍ବ ଯୋଗ
ଏ ଚୋଦ୍ଦର ଜନମ ଯୌବନ,
ଚୁମ୍ବିଁବା ଚୁଳବା ଠାଣି   ହୃଦୟୁ ଚେଉଛୁ ହାଣି
ଚନ୍ଦ୍ରାଦେଲେ ଯେତ୍ତେ ଉତପନରେ । ପିକବର ।୬।

ଛଇଳଙ୍କ ଗୁଣମଣି   ଛଇଳଙ୍କ ଶିରୋମଣି
ଛାଡ଼ିଲେ ଛାଡ଼ିଲୁ ଗୃହବାସ,
ଛାର ଏ ଜୀବନ ଯାଉ   ଯୁଗେ ଯୁଗେ କଥା ଥାଉ
ଛାଡ଼ିଗଲେ ପ୍ରଭୁ ପୀତବାସରେ । ପିକବର ।୭।

ଯାର ଲାଗି ଜାତି କୁଳ   ତେଜିଲୁ ବନ୍ଧୁ ସକଳ
ଜଳନ୍ତାରେ ଦେବୁ ଜୀବଦାନ,
ଯେବେ ସେ ଆମ୍ଭଙ୍କୁ ଏଡ଼ି   ଗୋପପୁରୁ ଗଲେ ଛାଡ଼ି
ଜୀବ ଆମ୍ଭର ମନ୍ତର ସମାନରେ । ପିକବର ।୮।

ଝୁରି ଝୁରି ତନୁ କ୍ଷୀଣ   ଝରଇ ବେନି ନୟନ,
ଝଗଡ଼ି ମଣଇ ତୋ ବଚନ,
ଝିଙ୍କଇ ଛାଡ଼ି କୁସୁମ   ଝାମଣ୍ଟେ କରଇ କ୍ଷୀଣ
ଝମକଇ ତମ୍ଭ ଫୁଲ ବାଣରେ । ୯ ।

ଞ୍ୟୁମ କରଣ ଗଲେ   ନ ଆସି ତହିଁ ରହିଲେ
ଞଗଣ ବଚନ ନ ଜାଣିଲୁ,
ଞଜତନ ପ୍ରୀତି କାହିଁ   ପଛେ କ ଲେଉଡ଼ିଲେ ଯାଇ
ଆସିବେ ବୋଲିଣ ନଜାଣିଲୁ ।୧୦।

ଟୋକା ଗୋଠା ବେଢ଼ୁ ଠାଣ   ଶୋଷିଲେ ପୂତନା ପ୍ରାଣ
ଟେକ କରୁଛିଲେ ଷଣ୍ଢାସୁର,
ଟେକି ଗିରି ବାମେ ଧରି   ରଖିଲେ ଗୋପର ଶିଶୁ
ଏବେ କେ କରିବ ଦୁଷ୍ଟକାରରେ ।୧୧।

Source: KC Dash, Digitized by PPRACHIN, SOA

ଠାବ କଲୁ ଗୋପୀନାଥ ଅମ୍ଭଙ୍କୁ କଲେ ଅନାସ୍ତ
ଠୂଳେହେଁ ଜୀବନ ଗଲା ନାଶ
ଠୂଳ ହୋଇ ସର୍ବ ଗୋଇ ମରିବୁ ଗରଳ ଖାଇ
ଠିକେ କହେ ଗୋବର୍ଦ୍ଧନ ଦାସରେ ।୧୨।

ଡେଇଁଣ ପଡ଼ିବୁ ଜଳେ ପଶିବୁ ଘୋର ଅନଳେ
ଡାକ ଆଉ ନ ଶୁଣିବୁ ତୋର,
ଡିମ୍ବ ପାରି ଗୁଡ଼ି କର ତୁ ଯେବେ ନ ଗୃହୁଁ ଫେର
ସେହି ମନ୍ତ କଲେ ବେଣୁଧରରେ ।୧୩।

ତମ ତୁ ନକର ପିକ ଆମ୍ଭର ବଚନ ରଖ
ତାଳେ ଗୋପୁ ଗଲେ ସେ ଅଯୋଗେ,
ତାଳେ ସେ ସନ୍ଧ୍ୟା କର ଗୋପପୁରେ ଗଲେ ହରି
ଡୋକବୁ ଗରଳ ତୋର ଆଗେରେ । ପିକବର ।୧୪।

ଅଣହେଲା ବେଳୁ କଲୁ ଆପ୍ତଭାରୁ ଗୁଡ଼ଦେଲୁ
ଅନ୍ଧ ହୋଇଅଛୁ ସର୍ବ ଗୋଇ
ଜଡ଼ିଲ ପୋଷିଲ ସାଗ୍ଗ କେ ତାହା ପାରବ ଧର
ଆସଇକ ପିଞ୍ଜରା ସୁମରରେ । ପିକବର ।୧୫।

ଭୁମ୍ଭର କୁହୁଳ ଧ୍ୱନ ଭୁରତେ ଜଠେ ତରୁଣୀ
... ...ଶୂନ୍ୟ ଜଡ଼ିଗଲ
ତହୁଁ ତତ ପରେ ଯାଇ ତରୁକୁ ଦେଲ ଅନାଇ
ତରକେ ଅଙ୍କୁର ଘେନ ଗଲରେ । ପିକବର । ୧୬ ।

ସ୍ତମ୍ଭନ ମୋହନ କର ରଖିଲେ ଗୋପର ସ୍ତିସ୍ତ
ସ୍ଥାନ ଭଲ ପାଇଣ ରହିଲେ,
ଥିଲ ଆମ୍ଭରୁ ଜପାର ନେଲ ସେ କୃଷ୍ଣଙ୍କୁ ଧର
ଏବେ ଅଣ ଆପ୍ତ ହୋଇଲେ ରେ । ପିକବର । ୧୭ ।

Source: KC Dash, Digitized by PPRACHIN, SOA

ଦିନସକୁ ଯେ ଦିବସ   ମାସକୁ ମାସ ବରଷ
ଦେଖି ନ ପାରିଲୁ ପଦ୍ମମୁଖ,
ଦେଇଣ ହସ୍ତରେ ନିଧି   ଏତେ ଅବିବେକ ବିଧି
କାଆଗେ କହିବା ଆମ୍ଭ ଦୁଃଖରେ । ୧୮ ।

ଧ୍ରୁବମଣ୍ଡଳରେ ବୃନ୍ଦ   ଦେଇକେ ପାଡ଼ିଲ ଫାନ୍ଦ
ଧର୍ମ ଥିଲେ ଆସିବେ ସେ ଭଲେ,
ଧନ୍ୟ ସେ ମଥୁରା ନାରୀ   ଧ୍ୟାନେ କରିଥିଲେ ହରି
ମାଧବଙ୍କ ମନ ସେ ମୋହିଲେ ରେ ।୧୯।

ନବ ଅବତାର ଶେଷ   ଦଶମ ହୋଏ ପ୍ରବେଶ ·
ନଷ୍ଟେ ଆମ୍ଭେ ନ ରହିବୁ ଘରେ,
ମଳ ବସନ ପକାଇ   ବିଭୂତି ଅଙ୍ଗେ ଲଗାଇ
ବୈରାଗ୍ୟେ ଭ୍ରମିବୁ ଦେଶାନ୍ତରେ ରେ । ପିକବର ।୨୦।

ପକ୍ଷୀଜନ୍ତୁ କେତେ କାହିଁ   ଏମନ୍ତେ ରହିବେ କାହିଁ
ପାପିଷ୍ଠ ହୋଇଲ ରେ କୋକିଳ,
ପରଭୋଗ୍ୟେ ଯେ ବର୍ତ୍ତିଇ   ତାହାର ଯେ ଥଏ ନାହିଁ
ପରମାନନ୍ଦ କଲେ ଯଦୁକୁଳରେ । ପିକବର । ୨୧ ।

ଫୁଲରେ ଥିଲେ ବାସନା   ଆଦର କରଇ ସିନା
ଫୁଲ ସରିଗଲେ କି ଆଦର,
ଫୁଟି ପାରିଲ ସତି   ପକ୍ଷୀ ବୃକ୍ଷ ଗଲ ଉଡ଼ି
ସେଇମତି କଲେ ବେଣୁଧରରେ । ପିକବର । ୨୨ ।

ବେଦ ମନ୍ତ୍ର ନ ପଢ଼ିଲୁ   ବେନକୁଳ ହରାଇଲୁ
ବେଶରେ ନ କଲୁ ଆମ୍ଭେ ଛଳେ,
ବନେ ଫୁଟିଲା ମାଳତୀ   ସେ ଯେହ୍ନେ ନ ଲଭେ ଗନ୍ଧ
ସେହିମତି ଚକ୍ରଧର କଲେରେ । ପିକବର । ୨୩ ।

Source: KC Dash, Digitized by PPRACHIN, SOA

ଭାବେ ଭଜୁଥିଲୁ ଗୋଇ ଭକ୍ତଜନ ପ୍ରାପ୍ତ ହୋଇ
ଭାବ ନ ରଖିଲେ ଭଗବାନ,
ଭୃଙ୍ଗ ମଧୁପାନ କରି ଯେସନେ ନଗୃହେଁ ଫେରି
ସେହିମତ କଲେ ନନ୍ଦକାହ୍ନୁରେ । ପିକବର । ୨୪ ।

ମଥୁରା ନଗର ଗଲେ ମନ ବାଞ୍ଛା ସିଦ୍ଧକଲେ
ମାତା ପିତା ଦେଖିବୁ ବୋଇଲେ,
ମଥୁରା ନାଗରୀ ଯେତେ ତପ କରିଛନ୍ତି କେତେ
ମାଧବଙ୍କ ମନ ସେ ମୋହିଲେ ରେ । ପିକବର । ୨୫ ।

ଯେହୁ ସେ ମଥୁରା ନାରୀ ତପେ ପାଇଛନ୍ତି ହରି
ଜାଣନ୍ତି ବିବିଧ ରତିରଙ୍ଗ,
ଯାଅଗୋ ଦଣ୍ଡେ ନରହ ଏବାଣୀ ହରିଙ୍କି କହ
ଯହିଁ ମିଳିଛନ୍ତି ଶିରୀ ରଙ୍ଗରେ । ପିକବର । ୨୬ ।

ରତିରସେ ଜଗଜ୍ଜିତା ଅଟନ୍ତି ରାଜ ଦୁହିତା
ଆମ୍ଭ ଛାର ଦାଣ୍ଡ ଗୁଆଳୁଣୀ,
ରସିକ ହୋଇ କହ୍ନାଇଁ ଯେବେ ସେ ଭ୍ରଷ୍ଟଙ୍କୁ ଯାଇ
ରାଜ୍ୟ କି ବୋଲିବେ ତାହା ଶୁଣିଲେ । ପିକବର । ୨୭ ।

ନୟନ ନିଦ୍ରା ନ ଟଳେ ନ ଦେଖି ଶ୍ରୀମୁଖ ଭଲେ
ଅମୃତ ଲାଗଇ ବିଷପିତା,
ଲକ୍ଷେ ଯୁଗ ମଣୁ ନିଶି ଖୋଜୁ ଘରେ ଘରେ ପଶି
ଦେଖ ଏହା କଲଟି ବିଧାତାରେ । ପିକବର । ୨୮ ।

ବଡ଼ସୁଖ ଭାଙ୍ଗି ଗଲା ବିଧାତା ଏ ଯୁଗ କଲା
ସ୍ମରଣେ ସୁମନେ ବଡ଼ କଷ୍ଟ
ଜାତି ମାତି ଖ୍ୟାତି ନାଶ କର୍ମରେ ଅଛୁ ନିରାଶ
ଯେହ୍ନେ ରଖିଗଲା ଡିମ୍ବସେ କମଠରେ । ପିକବର ।୨୯।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଶୁଣ ତୁମ୍ଭେ କଳକଣ୍ଠ   ଶୂନ୍ୟ ହଭୂତିରେ କଣ୍ଠ
ଧରି ଯେହ୍ନେ ରଖିଲେ କମଠେ,
ସେ ଗୋପ ନାଗରବର   ରମିଲେ କାହା ସଙ୍ଗର
ସେ ରସେ ରସିଲେ ତାଙ୍କ ସଙ୍ଗେ ରେ । ପିକବର ।୩୦।

ଶ୍ରୀମୁଖ ନଦେଖି ଯେବେ   ମରିବୁ ନିଶ୍ଚିନ୍ତେ ଏବେ
ଶ୍ରୀହରିଙ୍କି କହନ୍ତୁ ବଦନ,
ଶ୍ରୀଚରଣେ ତଳେ ଯାଇଁ   ଅବଶ୍ୟ କହିବୁ ତୁହି
ଅନାସ୍ଥା ହୋଇଲୁ ଗୋପୀଜନରେ । ପିକବର । ୩୧ ।

ସତେଯୁଗ ବେଦ ମତେ   ସେବାକଲୁ ଯେତେ ଯେତେ
ସେ କି ନଜାଣନ୍ତି ନନ୍ଦ କାହ୍ନ
ସତ୍ୟ କରିଥିଲେ ଯାହା   ସେ କି ପାସୋରିଲେ ତାହା
ଧିକ ହେଉ ଆମ୍ଭର ଜୀବନରେ । ପିକବର । ୩୨ ।

ସରସ ବୟସ ରସେ   ରସିବେ ତା ସଙ୍ଗେରସେ
ଭବରେ ସେ ଅନ୍ତସ୍ନେହ ହୋଇ,
ଶ୍ରୀମଧ୍ୟାଳେ ଜରଜର   ସରିଲେ ହିଆ କାତର
ଏତେ ବୋଲି ବାହାର ସେ ହୋଇରେ । ପିକବର ।୩୩।

ହରିରସ ଗୁଣମାନ   ହୃଦରେ କରି ଭୂଷଣ
ଘେନ ପିକବର ଚଳିଗଲା
ହରିଣୀନୟନା କହି   ହରିଙ୍କି ଦୁଃଖ ମଣାଇ
ଗୋପୀଙ୍କ ବେଦନା ଜଣାଇଲା ସେ । ପିକବର ।୩୪।

କ୍ଷୋଭ ବାଣୀ ଗୋପୀଙ୍କର   ଶୁଣି ତରଙ୍ଗ ସାଗର
ଛି ଛନ୍ଦେଣ ପିକ ଚଳିଗଲା,
କ୍ଷମାନନ୍ଦ ପାଶେ ଯାଇ   କହିଲେ ଦୁଃଖ ମଣାଇ
ଛଛନ୍ଦେ ଗୋବର୍ଦ୍ଧନ ରହିଲା ସେ । ପିକବର ।୩୫।

Source: KC Dash, Digitized by PPRACHIN, SOA

ମଧୁପ ଚଉତିଶା

ରାଗ – ଆହାରୀ

କୁସୁମ କାର୍ମୁକ କାଣ୍ଡ କୋଟି ଘାତେ କୃଶକାୟ କେଉଁ ବିଦେଶୀ,
କୁସୁମ କାଳେ କେଳିବନେ ଭୃଙ୍ଗକୁ କହଇ କାନ୍ତାକୁ ଉଦ୍ଦେଶି
ମଧୁପ, କରୁଣ କୃପାଳୁ ମୋହରେ,
କହିବୁ ମୋର ଉଦନ୍ତ ଦନ୍ତଜିତ କୁନ୍ଦ ଚନ୍ଦ୍ରମୁଖୀ ଆଗରେ ।୧।

ଖେଦଭରେ ଭଜ ସଖୀ ସଙ୍ଗ ତେଜି ଏକା ହୋଇଥିବ ସୁମୁଖୀ,
ଖଞ୍ଜନ ଗଞ୍ଜନ ନୟନରୁ ଅଞ୍ଜନ ଲୋତକ ମୁଞ୍ଚି ପ୍ରାଣସଖୀ,
ମଧୁପ, ଖର ନିଶ୍ୱାସ ଗୁଡ଼ୁଥିବ,
ଖଣ୍ଡି ସକଳ ସୁଖ ମୋର ଭେଟକୁ କେବଳ ରଖିଥିବ ଜୀବରେ ।୨।

ଗଜଗମନା ଗୁଣମଣି ଗଜଘ ଭୂମିଶୟନେ ଥିବ ଶୋଇ,
ଗାଢ ବିରହ ଜଳନିଧି ମଧ୍ୟରେ ଥିବ ସତତ ମଗନ ହୋଇ,
ମଧୁପ, ଗୃରୁ ନିତମ୍ବବକ୍ଷ ଗଣ୍ଡ,
ଗଳିତ ଲୋତକ ଖଣ୍ଡୁଥିବ କାନ୍ତି ଯେସନେ ପାଣ୍ଡୁର ଶଶୀଖଣ୍ଡ ।୩।

ଘେନିଥିବ ନାହିଁ ଚନ୍ଦନ ତିଳକ ଘଟଣ ଲଲାଟେ ସୁକେଶୀ,
ଘୋଷୁଥିବ ମୋର ନାମ ନିରନ୍ତରେ ଘନଜଘନୀ ପିକଭାଷୀ,
ମଧୁପ, ଘଟଣ ଚନ୍ଦ୍ରମୁଖୀ ଅଙ୍ଗ,
ଘୋର ବିରହେ ପାଣ୍ଡୁର ଭାବ ଭଜି ଦିଶୁଥିବ ଅତି ବିରଙ୍ଗ ।୪।

ନବୀନ ବୟସୀ ନୟନ ଯୁଗରୁ ଗଳୁଥିବ ନୀର ସତତେ,
ନବ କିଶୋରୀ ସୁକୁମାରୀ ସୁନ୍ଦରୀ ବଞ୍ଚୁଥିବ ଦିନ କେମନ୍ତେ,
ମଧୁପ, ନିଶାରେ ନିର୍ମଳ ଶଶାଙ୍କ
ନିରେଖି ନ ଭଣିମାରେ ନିରନ୍ତରେ ଲଭୁଥିବ ମନେ ଆତଙ୍କ ।୫।

ଚଞ୍ଚଳ କୁଟିଳ ପ୍ରଲମ୍ବ କୁନ୍ତଳେ କରି ନ ଥିବ ସେ କବର,
ଚଣ୍ଡ ପୁଷ୍ପ କାଣ୍ଡ କାଣ୍ଡେ ଖଣ୍ଡ ଖଣ୍ଡ ହୋଇଥିବ ତାର ଶରୀର
ମଧୁପ, ଗୃରୁ ଚନ୍ଦନ ପଙ୍କ ଦେଖି
ଚମକୁଥିବ ଚମ୍ପକ ସୁବରଣା କଳଙ୍କହୀନ ଚନ୍ଦ୍ରମୁଖୀ ।୬।

Source: KC Dash, Digitized by PPRACHIN, SOA

··ଛେଉଥିବ କଳାକର କଳା ପ୍ରାପ୍ୟକ
ଷଣକେ ରୋମକେ ଲକ୍ଷେ କାଣ୍ଡ ତାକୁ ବନ୍ଧୁଥିବ ପୁଷ୍ପସାୟକ
ମଧୁପ, ଛାଡ଼ି ମନରୁ ସର୍ବସୁଖ
ଷିତିବଳୟମଣ୍ଡିତା ନିଶିଦିନେ ହୋଇଥିବ ଅତି ବିମୁଖ ।୭।

ଜଳଜ ପଲ୍ଲବ ତଳ୍ପ କରି ସଖୀ ଶୁଆଇଥିବେ ତାକୁ ନେଇ
ଯତ୍ନେ ସଜଳ ଜଳଜ ନାଳଜାଳ ସର୍ବ ଅଙ୍ଗରେ ତାର ଦେଇ
ମଧୁପ, ଯାମିନୀ ଜାଗର ହୋଇ,
ଜୀବ କେବଳ ସନ୍ଦେହେ ରଖିଥିବ ସେ ମୋର ଦରଶନ ପାଇ ।୮।

ଝୁର ଝୁରି ତନୁ କ୍ଷୀଣ କରିଥିବ ଅତନୁଶରେ ହୋଇ ଦୁଃଖୀ,
ଝାମ ଯାଉଥିବ ମୋ ଗୁଣ ସୁମରି ଶରଦ ସୁଧାକରମୁଖୀ,
ମଧୁପ, ଝରୁଥିବ ନୀର ନୟନୁ,
ଝଳ ଘଉଥା ମୋ ଦରଶନ ପାଏ ନ ଉଠିବ କ୍ଷିତି ଶୟନୁ ।୯।

ନୟନ ବେନି ଲଲାଟ ପଟେ ଖୋସି ଅଞ୍ଜନ ହୋଇ ପିକଭାଷୀ,
ନିଶ୍ଚଳ ଅଙ୍ଗେ ନରେନ୍ଦ୍ରେ ପଡ଼ିଥିବ ମୁନିଜନ ଧୈର୍ଯ୍ୟ ବିନାଶି
ମଧୁପ, ନିଶ୍ୱାସ ପବନ ତାହାର,
ନାସା ପୁଟରେ ଲୀନ ହୋଇଥିବ ସେ ବାହ୍ୟରେ ନ କରି ପ୍ରଚାର ।୧୦।

ଟେକିଥିବ ନାସା ମୋହର ସଙ୍କେତ ଶବଦକୁ ଶଶୀବଦନୀ,
ଟଳିବନି ତାର ଯେତେ ଧୈର୍ଯ୍ୟ ଥିବ ଟାଣ ପ୍ରହାରେ ଚନ୍ଦ୍ରଯୋନି,
ମଧୁପ, ଟଳୁଥିବ ତାର ଶରୀର,
ଟାଙ୍କେଇଥିବ କେବଳ ମୋର ନାମ ଶୁଣି ଗଣ୍ଡରୋମ ନିକର ।୧୧।

ଠଣ ନିର୍ମଳ ନୀରରୁହ ବଦନ ଦିଶୁଥିବ ଅତି ଧୂସର,
ଠିକ ସୁନ୍ଦର କୁରୁବିନ୍ଦ ଶୋଭାକୁ ଠେଳିବନି ତାର ଅଧର,
ମଧୁପ,··· ···ମଦନ
ଠାବ କରିଣ ତାର ମର୍ମ ସ୍ଥାନକୁ କରିଥିବ ଶର ସନ୍ଧାନ ।୧୨।

ଡେରିଥିବ କର୍ଣ୍ଣ ମୋର ସନ୍ଦେଶକୁ ଅମଳ କମଳ ବଦନୀ,
ଡରୁଥିବ ନିଶାକର ଦରଶନ କରିବାକୁ ମୀନନୟନୀ,
ମଧୁପ, ଡୋଳାରୁ ନୀର ନିରନ୍ତରେ
ଡମ୍ବରୁମଧ୍ୟା ଢେଳୁଥିବ ସୁତୁଙ୍ଗ ଉଚ୍ଚ ଘଞ୍ଚକୁଚ ଯୁଗରେ ।୧୩।

Source: KC Dash, Digitized by PPRACHIN, SOA

ଢଳ ପଡ଼ିଥିବ ସଜନୀ ଅଙ୍କରେ କ୍ଷଣେ କ୍ଷଣେ ମୃଗଲୋଚନା,
ଢାଳେ ପ୍ରିୟତର ପ୍ରାଣ ପ୍ରତି ଆଶା ତେଜିବନି ପିକବଚନା,
ମଧୁପ, ଢମ ନୁହଇ ଏ ରଚନା,
ଢଳୁ ନଥିବ ନଷ୍ଟ ହେଲେ ରହିଥିବ ତରଳ ତୋୟଜଲୋଚନା ।୧୪।

ଅତନୁ ଶରେ ସୁତନୁ ଦିବ୍ୟତନୁ ହୋଇଣ ଥିବ ଅତି ତନୁ,
ଏଣୀ ନୟନୀ ମୋ ଗତଦିନ ଭାବ ତେଜୁ ନଥିବ କ୍ଷଣେ ମନୁ,
ମଧୁପ, ଏଣୁ କେବଳ ଥିବ ଜୀବ,
ଅତି ସୁନ୍ଦରୀ ସୁକୁମାରୀ କିଶୋରୀ କେତେ ଅବା ଦୁଃଖ ସହିବ ।୧୫।

ତାପି ହେଉଥିବ ସନ୍ତତ ବିଷମ ବିଶିଖ ବିଶିଖଜାଳରେ,
ତଗତି ନୟନ ପଡ଼ିଥିବ ବାଳା କମଳସ୍ତୁ ତଳ୍ପ ଉପରେ ।
ମଧୁପ, ତେଜିବ ନାହିଁ ସେ ଜୀବନ,
ତରୁଣୀ ରତନ ଧରଣୀ ମଣ୍ଡନ ସନ୍ତତ ଦେଇ ମୋରେ ମନ ।୧୬।

ସ୍ଥୂଳ ନିତମ୍ବିନୀ ପୃଥୁଶ୍ରୋଣୀମଣ୍ଡିନୀ ତେଜିଥିବ ସର୍ବ ସୁବେଶ,
…………………………ଥିବ ଅତି ନୀରସ ।
ମଧୁପ, ଥିବ ସେ ଅଜ୍ଞାନ ହୋଇଣ,
ଥର ଥର ହେଉଥିବ କଷ୍ଟେ ମଷ୍ଟେ ସମ୍ଭାଳି ଥିବ ପ୍ରାଣଗଣ ।୧୭।

ଦିନୁ ଦିନୁ ବାଳା… … … …ନୀରେ,
ଦିନ ହୋଇଥିବ ଦିନ ହିଁ ଦୁର୍ଦ୍ଦିନ ହୋଇଥିବ ନଷ୍ଟ ତାହାରେ ।
ମଧୁପ, ଦିନେ ନ ଥିବ ହାସ ମୁଖେ,
ଦମ୍ଭନାଶିନୀର ଦମ୍ଭନାଶିବନ ବିଷମ ବିଶିଖ ବିଶିଖେ ।୧୮।

ଧୀରଗମନୀ ଚନ୍ଦ୍ରାନନୀ ସ୍ୱର୍ଣ୍ଣବରଣୀ ସୁରଙ୍ଗ ଅପାଙ୍ଗୀ,
ଧରିଥିବ ଶିବ ନାମ କାମଭୟେ ସ୍ୱୟମ୍ଭୂ ମହାମନ୍ତ ଭଙ୍ଗୀ ।
ମଧୁପ, ଧବଳକର ମୁଖୀ ସଖୀ,
ଧୈର୍ଯ୍ୟ ହରାଇ ବସିଥିବ ନିକଟେ ନୀରରେ ପୂର୍ଣ୍ଣ କରି ଆଖି ।୧୯।

ନିରତେ କର୍ପୂର ଘନସାର ଉଶୀର ପାଟୀର ସଙ୍ଗତେ ମିଶାଇ,
ନିର୍ମଳମୁଖୀ ଅଙ୍ଗେ ଦେଉଥିବ ସେ କନ୍ଦର୍ପ ତାପ ନାଶପାଇଁ
ମଧୁପ, ନିରେଖ ଲୋକ ପ୍ରାପ୍ତ ହୋଇ,
ନିତନୁ ନିର୍ମଳ ନିଶିତ ନାସ୍ତେ ଶୀଘ୍ର ହୋଇବ ମୋର ସହି ।୨୦।

Source: KC Dash, Digitized by PPRACHIN, SOA

ପଟ୍ଟ ପଙ୍କଜ ପଲଶ ଅଙ୍ଗେ ଦେଲେ ପାବକ ପ୍ରାୟେ ମଣୁଥିବ,
ପରପୁଷ୍ଟବାଣୀ ବଜ୍ରଘାତ ଜାଣି କ୍ଷଣ କ୍ଷଣକେ ମୋହ ଯିବ ।
ମଧୁପ, ପୁଷ୍ପଶୟନ ଦେଖି ବାଳା,
ପାଉଥିବ ପୀଡ଼ା ଯେସନେ ନିଦାଘ ଦାବ ଦହନ ଜ୍ୱାଳାମାଳା ।୨୧।

ଫୁଲଶର ଶର ସଞ୍ଚର ହୋଇ ଯେ ସୁମୁଖୀ ଅଙ୍ଗେ ବିନ୍ଧୁଥିବ,
ସ୍ଫୁଟ ଚନ୍ଦ୍ରମୁଖୀ ଯେତେବେଳେ ମୋତେ ମନେ ଘେନି ଦୁଃଖ କରିବ ।
ମଧୁପ, ଫୁରୁଣା ନଥିବ ମନରେ,
ଫୁଟୁଥିବ ତାର ହୃଦ ଅତି ଘୋରତର ସୁ ବିରହ ଜ୍ୱରରେ ।୨୨।

ବିଷମ ବିଶିଖ ନାରାୟଣ ନର ଶାଖା ଶ୍ରବକୁ ଭଜୁଥିବ,
ବିଧୁବଦନୀ ରସିକନୀ ସଜନୀ ମହାବ୍ରତ ଭୁକ୍ତି ପାଇବ ।
ମଧୁପ, ବରାଙ୍ଗୀ ଚଞ୍ଚଳ ଅପାଙ୍ଗୀ,
ବୁଲିବା ଖେଳିବା କହିବା ଗୃହ୍ନିଁବା ଭୁଲି ନଥିବ ଯୋଗଭଙ୍ଗୀ ।୨୩।

ଭ୍ରମ ହୋଇ ନୀଳ ନଳିନ ନୟନ ବେନି ଉପରେ ମୋତେ ଲେଖି,
ଭାଳୁଥିବ ଚିତ୍ତେ ଅନବରତରେ ସୁଧାଂଶୁମୁଖୀ ପ୍ରାଣସଖୀ ।
ମଧୁପ, ଭର୍ମବର୍ଣ୍ଣୀ ପିକବଚନୀ,
ଭୂମିଶୋଭିନୀ କାଳପର୍ବ ବଞ୍ଚୁଥିବ ସୁଯଚନ୍ଦ୍ର ଯାମିନୀ ।୨୪।

ମୋହେ ପଡ଼ୁଥିବ ଚେତନା ନଥିବ ଚମକ ପଡ଼ି କମ୍ପୁଥିବ,
ମନ୍ଦହାସୀ ପିକଭାଷୀ ଚିକୁରକେଶୀ ଭ୍ରମେ ହେ ମୋତେ ଲୋଡ଼ୁଥିବ ।
ମଧୁପ, ମଦାଳସୀ ବେନି ନୟନ,
ମହାମେଘ ପ୍ରାୟେ ସନ୍ତତେ ବରଷୁଥିବ ଲୋତକ ନୀରମାନ । ୨୫ ।

ଜାଡ଼ୀବାମ୍ବୀ ତୁଣ୍ଡ ବଚନ ଭଳିହେ ହେବ ସଦନ ବନ ତାକୁ,
ଯୁବତୀ ମଣି ମଣୁଥିବ ପ୍ରତ୍ୟେକ ଭାନୁସମ ଉଡୁଗଣଙ୍କୁ ।
ମଧୁପ, ଜପୁଥିବ ବାଳୀ ମୋହରେ,
ଯାବନମାନେ ଯିବାକୁ ଅନୁକୂଳ କରି ରହିଥିବେ କଣ୍ଠରେ । ୨୬ ।

ରମଣୀରତ୍ନେ ରାଜୀବ ପଦରଙ୍ଗେ··· ···,
ରକ୍ତପଣ୍ଡ ଅତି ଉଚ୍ଚରୁ ଚଞ୍ଚଳ ହୋଇବ ଚଞ୍ଚଳ କଟାକ୍ଷ ।
ମଧୁପ, ରସବତୀ ଅତି କୋମଳା,
ରସବତୀ ସତୀ ସୁକୁନ୍ତଳା ବାଳା କାମସିନ୍ଧୁ ବେଳା ସୁଶୀଳା ।୨୭।

Source: KC Dash, Digitized by PPRACHIN, SOA

ଲାବଣ୍ୟ ସଦନ ଲଳିତ ଲପନ··· ··· —,
···ଅଙ୍ଗ ଯେସନେ ତରଙ୍ଗ ଦିଶଇ ସମ୍ପୂର୍ଣ୍ଣ ଚନ୍ଦ୍ରମା ।
ମଧୁପ, ଲଳନା ଛନ୍ଦ ଆଗେ ଯାଇ,
ଲଳିତ ବଚନ ଯେନାଇ ତା ମନ ସନ୍ଦେଶ କହିବ ବୁଝାଇ । ୨୮ ।

ବୈଶାଖ ମାସ ପୌର୍ଣ୍ଣମାସୀ ଦିବସ ଲଂଘିବେ ନାହିଁ ତୁମ୍ଭ କାନ୍ତ,
ବୋଲିବୁ ବିଧୁବଦନୀ ଏତେଦିନ ତରଳ ନ କରିବୁ ସ୍ୱାନ୍ତ ।
ମଧୁପ, ବିରହ ବେଦନା ଜଳଧି,
ବୁଡ଼ି ନୋହିବାକୁ ଏ ମୋର ବଚନଯେ ଧୈର୍ଯ୍ୟ ବୁଦ୍ଧିକ ଏ ଔଷଧି ।୨୯।

ସାରସସାର ସର୍ବଶୋଭା ଗର୍ବକୁ ଖର୍ବ କରେ ଯେଉଁ ନୟନ,
ସେ ନୟନ ପ୍ରାନ୍ତେ ସଲିଳ ଗଳନ୍ତେ ଦିଶିବନି ଅତି ବିବର୍ଣ୍ଣ ।
ମଧୁପ, ଶଶାଙ୍କମୁଖୀ ଆଗେ କହ
ସଲିଳଲୋଚନୀ ନକରେ ତୋ କାନ୍ତ ଆସିବେ ଗୁଢ଼ ତୁ ସନ୍ଦେହ ।୩୦।

ସାହିତ୍ୟପଠନୀ କନକବରଣୀ କମନୀୟ କଞ୍ଜବଦନୀ,
ସୁକୁନ୍ଦଦଶନୀ ମଧୁରହାସିନୀ ଗୁରୁସ୍ତନୀ ଘନଜଘନୀ ।
ମଧୁପ, ସୁକୁମାରୀ ଏକ ଦିବସ,
ଶତେକ ଯୁଗ ଯାଏ ମଣୁଥିବ ଗୋରୀ ସୁନ୍ଦରୀ ମୋ ପ୍ରାଣ ପୁରୁଷ ।୩୧।

ସାନ୍ଧ୍ୟନାକର ବହୁତ ରୂପେ ତାଙ୍କୁ ବୋଲିବୁ ନାମ ଧରି ମୋର,
ସର୍ବେଜନପୂଜ୍ୟା ଘନସ୍ତନୀ କାନ୍ତ ସଙ୍ଗେ ଭେଟ ହେବ ତୋହର ।
ମଧୁପ, ସୁମନକାଳ ସମ୍ପାଦନ,
ସରିବାକୁ··· ···ପୂର୍ଣ୍ଣ ହୋଇବ ନଷ୍ଟଯେ ସେଦିନ ।୩୨।

ହୋଇବ ପ୍ରବେଶ ସେ ସକା ଦିବସ ଗଜଗମନୀ ତୋର ପାଶ
ହୁଅ ହରଷ ହରିଣନେତ୍ରା ହରପର ତାପ ହତ ସୁହାସ ।
ମଧୁପ, ହାଟକବରନୀ ଗୁମୁରେ,
ହରଷ ହୋଇ ଜଣାଇବୁ ତୋ ଆଗେ କହିଲି ମୁଁ ଯେତେ ପ୍ରକାରେ ।୩୩

ଛଛନ୍ଦେ ଅଳି କାମିନୀ ପାଶେ ମିଳି କାମୀର ବାରତା କହିଲା,
କ୍ଷିତିମଣ୍ଡନୀକ ବିଷମ ବିରହ ପାରାବାରରୁ ଉଦ୍ଧରିଲା ।
ସୁଜନେ ! କ୍ଷମେ ହୋଇଲା ଗୀତ ଶେଷ,
କ୍ଷୀରସିନ୍ଧୁସୁତାପତି ପାଦ କଞ୍ଜେ ଭ୍ରମର ଗୋକୁଳ ମାନସ ।୩୪।

Source: KC Dash, Digitized by PPRACHIN, SOA

ବଉଳ ଚଉତିଶା

କଦମ୍ବ ରାଧିକା ଦେଖି ରସାଳ ବକୁଳ
କଂସ ପୁରେ ରହିଲେଗୋ ବଉଳ ! କୃଷ୍ଣ କାମପାଳ ଗୋ ବଉଳ !
କହିଥିଲେ ଯେତେ କଥା ତୁମ ମୂଳେ
କେମନ୍ତେ ତା ପାସୋରିଲେ ଗୋ ବଉଳ ! ପଡ଼ି କାନ୍ଦା ମେଳେ ଗୋ !
ବଉଳ ।୧।

କ୍ଷଣେ ନ ଛାଡ଼ନ୍ତି ତୁମ୍ଭ ଅବକାଶ କାଳରେ,
ଖଣ୍ଡିଗଲେ ଛେଡ଼େ ସୁଖ ଗୋ ବଉଳ ! ଏକେ ସେକାଳରେ ଗୋବଉଳ,
ଖୋସିଥିଲେ ତୁମ୍ଭକୁ ସେ ଶିରେ ଚୋରି କରି
ଖରେ କାମେ ବଶହେଉ ଗୋ ବଉଳ ! ଦେଖି ଗୋପ ନାରୀ ଗୋ
ବଉଳ ।୨।

ଗଣ୍ଡରେ ଝଟକୁ ଥାଇ ମକର କୁଣ୍ଡଳ
ଗଞ୍ଜଇ ପୂର୍ଣ୍ଣିମୀ ଚନ୍ଦ୍ର ଗୋ ବଉଳ ! ଶ୍ରୀମୁଖ ମଣ୍ଡଳ ଗୋ ବଉଳ
ଗୋରଚନା ଚିତା ଭାଲେ ନାସାରେ ମୁକୁତା,
ଗେଲଇ କହିବା ଭାବଗୋ ବଉଳ ! ହାରଇ ବନିତା ଗୋ,
ବଉଳ ।୩।

ଘଟିଥାଇ କଟିତଟେ ପଠମା କାଛଣୀ
ଘଣ୍ଟି ଘାଗୁଡ଼ିକ ଶୋଭିଗୋ ବଉଳ ! ନେ ଓଡ଼ିଆଣୀ ଗୋ ବଉଳ !
ଘନ ଘନ କରି ଦେଉଥାଇ ବେଣୁସ୍ୱନ
ଘରେ ମନଥିର ନୋହେଗୋ ବଉଳ ଦହଇ ମଦନ ଗୋ
ବଉଳ ।୪।

ନାନା ବର୍ଣ୍ଣେ ବନମାଳ ଲମ୍ବିଥାଇ ଉରେ,
ନିରନ୍ତରେ ନ ଛାଡ଼ନ୍ତି ଗୋ ବଉଳ ! ପାସୋରି ଭ୍ରମରେ ଗୋ ବଉଳ !
ନୀଳମଣି ଅଙ୍ଗେ ଘଷି ଚନ୍ଦନ ଲେପନ
ନାଚୁଆ ଗଞ୍ଜନ ପ୍ରାଏ ଗୋ ବଉଳ ! ଚଞ୍ଚଳ ନୟନ ଗୋ
ବଉଳ ।୫।

Source: KC Dash, Digitized by PPRACHIN, SOA

ଚୂଳ ଝଞ୍ଜ ଥାଇ ଶିରେ ମୟୂର ପୁଚ୍ଛରେ
ଚୁଲିଥାଇ କେତେବେଳେ ଗୋ ବଉଳ ! ଗାଈଙ୍କ ପଛରେ ଗୋ ବଉଳ
ଚମକାଉ ଥାଇ ଚଉ ମନ୍ଦ ମନ୍ଦ ହସି
ଚକ୍ଷୁରେ ସେ ଶୋଭା ଏବେ ଗୋ ବଉଳ ! ଦିଶୁଅଛି ଆସି ଗୋ
ବଉଳ ।୬।

ଛନ୍ଦିଥାଇ ଗୁଞ୍ଜର କାଛଣି ଗୁଞ୍ଜମାଳ
ଛଟକ କରଣ ଥରେଗୋ ବଉଳ ! ଗୁହିଁଥାଇ ତାଳଗୋ ବଉଳ !
ଛଇଳପଣକୁ ତାକୁ ସମାନ କାହିଁଛି
ଛୁଆସିଂହ ଗଲାଦିନୁ ଗୋ ବଉଳ ! ସେ ସୁଖ ଯାଇଛି ଗୋ
ବଉଳ ।୭।

ଯେତେ ଆଭରଣ ଥିଲେ କାଂସ କଙ୍କଣ
ଯତନେହେଁ କରିଥାଇ ଗୋ ବଉଳ ! ଜଗତ ଭୂଷଣଗୋ ବଉଳ !
ଯେତେ ସୁଖ ଆମ୍ଭଙ୍କୁ ସେ ଗୋପରେ ଦେଇଛି
ଯାବତ୍ଥିବା ଯାଏ ତାଙ୍କୁଗୋ ବଉଳ ! ନୁହଇ ମୂରୁଛି ଗୋ
ବଉଳ ।୮।

ଝାଡ଼େ ବୁଲୁଥିଲେ ଝୁରୁଥାଉଁ ଗୋପବାଳୀ
ଝାଳେ ଝଳସାଇଥାଇ ଗୋ ବଉଳ ! ଉଡ଼ ଗୋରୁଧୂଳି ଗୋ ବଉଳ ।
ଝସକେତନ ସଙ୍ଗାତ କାଳେ ତା ସଙ୍ଗରେ
ଝିଙ୍କାରି ଭୃଙ୍ଗ ଝିଙ୍କାରେ ଗୋ ବଉଳ ! କରଇ ଶିଖରେ ଗୋ
ବଉଳ ।୯।

ନେଇ ସବୁ ସୁଖ ଏବେ ମଥୁରା ରହିଲା
ନରେଖ କର ଆମ୍ଭଙ୍କୁଗୋ ବଉଳ ! କାହିଁ ନ ଲେଖିଲାଗୋ ବଉଳ !
ନ ମରଇ ଦିନ ଆଉ ତା ଗୁଣ ସୁମରି
ନଷ୍ଟେ ବଶକଲେ ତାଙ୍କୁଗୋ ବଉଳ ! ମଧୁପୁର ନାରୀ ଗୋ
ବଉଳ ।୧୦।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଜୟନ

ଟେକି ଧଇଲେ ମଦର ଆମ୍ଭର ହୃଦରେ
ଟେକି ପକାଇଲେ ଏବେଗୋ ବଉଳ ! ମଦନ ଟୋପରେ ଗୋ ବଉଳ !
ଟାଣପଣ ଯେତେ ଟାହିଁ ଟମାଳହିଁ ତେତେ
ଟିକାଏ ନସହେ ମାନଗୋ ବଉଳ ! ଅଭାବ ସଙ୍ଗତେ ଗୋ
ବଉଳ ।୧୧।

ଠାକୁରପଣକୁ ତାଙ୍କ ପଗ ସେହି ସିନା
ଠକ ସଙ୍ଗେ ପଡ଼ି ଏବେ ଗୋ ବଉଳ ! ହେଲେ ଏତେ ଅନା ଗୋ ବଉଳ
ଠିଆ ହୋଇଥାଇ ତରୁ କଦମ୍ବ ମୂଳରେ
ଠାରୁଥାଇ କି କି କରଗୋ ବଉଳ ! ନୟନ କୋଣରେ ଗୋ
ବଉଳ ।୧୨।

ଡକାଇତପଣେ ଏବେ ଡକାକର ଗଲା
ଡୋଳାରୁ ମର ବହିବା ଗୋ ବଉଳ ! ଆଜ ନରହିଲଗୋ ବଉଳ !
ଡାକିଲେ ଶୁଣନ୍ତା ନାହିଁ କାହାକୁ କହିବୁ,
ଡଙ୍ଗର ମଦନ ଦୁଃଖ ଗୋ ବଉଳ ! କେତେହେଁ ସହିବୁ ଗୋ
ବଉଳ ।୧୩।

ଢାଳେ ଜାଣିଲୁ ଦଇବ ଆମ୍ଭଙ୍କୁ ଗୁଡ଼ିଲା
ଢୋକିଲା ଅମୃତ ଯାଇଁଗୋ ବଉଳ ! କା ହାତେ ପଡ଼ିଲାଗୋ ବଉଳ
ଢ଼ମ କହି ବୁଝାଇଲେ ଗୋପ ଯୁବତୀଙ୍କି
ଢ଼ଗ ମେଲିବାକୁ କଲେଗୋ ବଉଳ ! ମଥୁରା ନାରୀଙ୍କିଗୋ
ବଉଳ ।୧୪।

ଏହିକଥା ଆମ୍ଭଠାରେ ଅସାର ସେ କଲେ
ଅମୃତ ଖୁଆଇ ଏବେଗୋ ବଉଳ ! ପଛେ ବିଷ ଦେଲେଗୋ ବଉଳ !
ଏହି ହେନ ସିନା ପ୍ରାଣ ନ ଯାଇ ରହିଛି,,
ଅନୁ ବରତରେ ଏକାଗୋ ବଉଳ ! ଆକୁଳ ହେଉଛି ମୋ
ବଉଳ ।୧୫।

Source: KC Dash, Digitized by PPRACHIN, SOA

ତେତେ ତେତେ ସଙ୍କଟରୁ ନ ରଖି ରଖିଲେ
ତାହାଙ୍କୁ କି ବୋଲିବୁଗୋ ବଉଳ ! ତାଙ୍କର ସେ କଲେଗୋ ବଉଳ !
ତପହର ବୋଲି ତାଙ୍କୁ ବୋଲୁଥାନ୍ତି ଲୋକେ
ତାହା ପ୍ରତକ୍ଷେ ସେ କଲେଗୋ ବଉଳ ! ଦେଇ କାମ ଶୋକେଗୋ
ବଉଳ ।୧୬।

ଥଣ୍ଟ ଚରି ବକାକୁ ମାଇଲା ଦନୁ ତାଙ୍କୁ
ଥେଣ୍ଟର ଉପରେ ଥେଣ୍ଟଗୋ ବଉଳ ! ବୋଲି ତାଙ୍କୁ ଶଙ୍କୁଗୋ ବଉଳ !
ଥଳ ବୋଲି ଅଥଳେ ପଡ଼ିଲେ ମରିଯାଇଁ
ଥାଉଁ ଥାଉଁ ବୁଦ୍ଧି କେହ୍ନେଗୋ ବଉଳ ! ଅଥଳେ ପଡ଼ଇ ଗୋ
ବଉଳ ।୧୭।

ଦୟାନିଧି ବୋଲି ବଡ଼ କରିଥିଲୁ ଆଶ
ଦୟାପାଙ୍କ କେଣେ ଗଲାଗୋ ବଉଳ ! ହୋଇଲୁ ନିରାଶଟା ବଉଳ
ଦଣ୍ଡେ ଯେ ଯାହାକୁ ଘେନିଥାଇ ବଡ଼କରି
ଦୋଷ ଥିଲେ ନଥିଲେ ଗୋ ବଉଳ ! ତାକୁ ଦୂର କରିଗୋ
ବଉଳ ।୧୮।

ଧର୍ମକୁ ସେବି ଗୁଡ଼ିଲେ ଆତ୍ମର କି ଗଲା
ଧନ୍ୟପଣ ଆତ୍ମରଗୋ ବଉଳ ! ଲୋକରେ ରହିଲା ଗୋ ବଉଳ ।
ଧର୍ମଶୀଳ ବୋଲି ବୋଲୁଥାଆନ୍ତି ଜଗତେ
ଧରଣୀରେ ଥାଇ ତାଙ୍କୁଗୋ ବଉଳ କେ ଯିବ ପରତେଗୋ
ବଉଳ ।୧୯।

ନଷ୍ଟେ ତାଙ୍କ ଗୁଣ ଗୁଣି ଆମ୍ଭେ ନାଶ ଗଲୁଁ
ନଳ ଧର ଶୁଆ ପ୍ରାୟେ ଗୋ ବଉଳ । ବେଗରେ ହୋଇଲୁ ଗୋ ବଉଳ
ନ ଆସିବେ ବୋଲି ଯା ଲଗାଇଲେ ପୀରତି
ନିତି ସେ ଆଶ କରନ୍ତେ ଗୋ ବଉଳ । ହେଉଛୁ କରତି ଗୋ
ବଉଳ ।୨୦।

Source: KC Dash, Digitized by PPRACHIN, SOA

ପ୍ରୀତିଠାରେ ଅପ୍ରୀତି କରିବା ନୋହେ ଭଲ
ପ୍ରଭୁ ହେଲେକି ହେବଗୋ ବଉଳ ! ମିଛ ଯେବେ ବୋଲଗୋ ବଉଳ !
ପୃଚ୍ଛନା ପ୍ରାଣ ଯେନିକି ବନ୍ଧୁ ତାଙ୍କୁ ଜାଣୁଁ
ପାପ ପୁଣ୍ୟ ଦୁଇ କଥାଗୋ ବଉଳ ! ବିଚାରିବା ଗୁଣୁଁ ଗୋ
ବଉଳ ।୨୧।

ଫଳେ ସିନା ଜାଣୁ ସବୁ ଭଲମନ୍ଦ କଥା
ଫେଡ଼ି କେତେ କହିବୁ ଗୋ ବଉଳ ! ଫୁଲଶର ବଥାଗୋ ବଉଳ !
ଫୋଡ଼ି ଅର୍ଦ୍ଧାସୁର ଯେହ୍ନେ ବାହାର ହୋଇଲା
ଫୁରୁଣା ଯେହ୍ନ ଆମ୍ଭର ଗୋ ବଉଳ ! ନସିହ୍ନ ରୂପେ ଗଲାଗୋ
ବଉଳ ।୨୨।

ବୁଝୁ ହେଉଛି ବିଦାରି ସୁମତି ତାହାଙ୍କୁ
ବାଇ ପ୍ରାୟେ ହେଉ ନାହିଁଁଗେ ବଉଳ! କହିବୁ କାହାକୁଗୋ ବଉଳ !
ବିବେକ ପଣ ଘୁଞ୍ଚିଲୁ ଚିତ୍ତ ବିଭ୍ରମରେ
ବିପକ୍ଷିତ ବୁଦ୍ଧି ହେଲାଗୋ ବଉଳ ! ପ୍ରୀତି କଥାଠାରେ ଗୋ
ବଉଳ ।୨୩।

ଭ୍ରସିଗଲା ଭେଳା ସେପେ ଲଗାନ୍ତି କୂଳରେ
ଭସାଇଛ ଏବେ ଦେଲେଗୋ ବଉଳ ! ତରଙ୍ଗ ଜଳରେ ଗୋ ବଉଳ !
ଭବଗ୍ରାହୀ ଭରସାରେ ତାହାଙ୍କୁ ଭଜିଲୁ
ଭଗାରି ହସାଇବାକୁଗୋ ବଉଳ ! ଲାଜକୁ ଚେଜିଲୁ ଗୋ
ବଉଳ ।୨୪।

ମଉଳାକୁ ମାରିଲେ ଯେ ଧର୍ମକୁ ନଗଣି
ମାନ କରିଥାଉ ଆମ୍ଭେ ଗୋ ବଉଳ ! ତାଙ୍କଠାରେ ପୁଣିଗୋ ବଉଳ !
ମହାସୁଖ ଏବେ କୁବୁଜାକୁ ସବୁଠାରୁ
ମରିବାର ବଡ଼ ସୁଖଗୋ ବଉଳ ! ଏହା ଶୁଣିମାରୁ ଗୋ
ବଉଳ ।୨୫।

Source: KC Dash, Digitized by PPRACHIN, SOA

ଜୀଇଥିଲେ ସବୁ ଦେଖୁଥାଇ ଶୁଣୁଥାଇ
ଯାଉଚ ନାହିଁ ଜୀବନ ଗୋ ବଉଳ ! ଅଛୁ କାହିଁ ପାଇଁ ଗୋ ବଉଳ !
ଯେମନ୍ତେ ସବୁ କୁସୁମ ଭ୍ରମରକୁ ସର
ଜାଣିଲୁ ସେହି ମନଗୋ ବଉଳ ! ପୁରୁଷଙ୍କୁ ନାଶ ଗୋ
ବଉଳ ! ୨୬ ।

ରସିକ ଭ୍ରମର ହବୁ ଭାବ ଘେନୁଥାଇ
ରସସିନା ସବୁଠାରେ ମୋ ବଉଳ ! ମନକୁ ରସଇଗୋ ବଉଳ !
ରଙ୍କ ରାଜା ହୋଇଲେ ସବୁହିଁ କରେ ଭୋଗ
ରାଜା ହୋଇ ହେଲେଗୋ ବଉଳ ! ହୋଏ ସେହୁ ଯୋଗ ଗୋ
ବଉଳ ! ।୨୭।

ଲପ୍ୟେକର ଯାହାକୁ ନ ପାନ୍ତି ବ୍ରହ୍ମାଶିବ
ଲୋଖିହେଲେ ତାଙ୍କଠାରେ ଗୋ ବଉଳ ! ଆମ୍ଭର କି
ହେବ ଗୋ ବଉଳ !
ଲୋଡି ଯାହାପାଦ ସେବା ନପାଇ କମଳା
ଲୀଳାରେ ସେ କୁବୁଜାକୁ ଗୋ ବଉଳ ! କଲେ କଣ୍ଠମାଳା ଗୋ
ବଉଳ ! ।୨୮।

ବଡ଼ଲୋକମାନଙ୍କର ବଡ଼ ଅବେଭାର
ବୃଷଭ ଚଢ଼ିଲେ ହର ଗୋ ବଉଳ ! ଛେବେହେଁ ସୁନ୍ଦର ଗୋ ବଉଳ !
ବୋଲି ଯାହା ଯାଉଥିଲେ ତାହା ତ ସେ କଲେ,
ବଢ଼ି ନଖ ନୋଇଲ ସ୍ତ୍ରୀଏଗୋ ବଉଳ ! ଗୋପନାଶ ହେଲେ ଗୋ
ବଉଳ ।୨୯।

ସବୁହିଁ ସୁନ୍ଦର ଏକା ପ୍ରଭୁପଣଥିଲେ,
ସୁନା ବନ୍ଧି ହେଲେ ନାକ ଗୋ ବଉଳ ! ନ ଢଳାଇ ଢଳେ ଗୋ ବଉଳ !
ସବୁ କହିପାରୁଁ ଆମ୍ଭେ ନ ବୋଲିବା କିଛି
ସବୁରୂପେ ସେ ଆମ୍ଭର ଗୋ ବଉଳ ! ଜୀବନ ନେଇଛି ଗୋ
ବଉଳ ! । ୩୦ ।

Source: KC Dash, Digitized by PPRACHIN, SOA

ସାନବଡ଼ ହୋଇ ଏ ଯେତେକ ବ୍ରଜବାସୀ
ସହସ୍ରେ କୋଶରେ ଥିଲେ ଗୋ ବଉଳ ! ଆମ୍ଭେ ତାଙ୍କ ଦାସୀ ଗୋ ବଉଳ
ସବୁଠାରେ ଅଛନ୍ତି ସେ ସବୁର ଠାକୁର
ସେ କପାଁ ସେବକଠାରେ ଗୋ ବଉଳ ! କରବେ ଅନ୍ତର ଗୋ
ବଉଳ ! । ୩୧ ।

ଷାଠିଏ ଦଣ୍ଡ ତାହାଙ୍କ ନାମ ଜପୁଥିବୁ
ଶରୀରେ ଜୀବନ ଥିଲେ ଗୋ ବଉଳ ! ତାଙ୍କୁ ନ ମୂର୍ଚ୍ଛିବୁ ଗୋ ବଉଳ !
ସବୁକଥା ଭୁଲ ଏକା କଥାକେ ଢଣିବ
ଶ୍ରୀହରି ଶ୍ରୀହରି ବୋଲି ଗୋ ବଉଳ ! ଜୀବଯେବେ ଯିବ ଗୋ
ବଉଳ ।୩୧।

ହରିକୃପା କଲେ ସେ କଥାଇ ହେବ ପୁଣି
ହରଷ ହୋଇ ଥାଅଗୋ ବଉଳ ! ହରିଙ୍କୁ ମେଲାଣି ଗୋ ବଉଳ !
ହୃଦରେ ଆମ୍ଭଙ୍କୁ ଏକା ଦୟା କରିଥିବ,
ହରିଙ୍କି ଦେଖିଲେ ଏକା ଗୋ ବଉଳ ! ବାରତା କହିବ ଗୋ
ବଉଳ ।୩୩।

କ୍ଷମା କରି ସବୁ ଦୋଷ ସୁଦୟା କରିବେ,
କ୍ଷୋଭ ଛଡ଼ାଇ ସଂସାରେ ଗୋ ବଉଳ ! ପାଦ ସେଇ ଦେବେ
ଗୁଣ୍ଡ଼ ଗଲୁଟି ବଉଳ କ୍ଷୋଭ ନ କରିବ
କ୍ଷେମେ ଧାନକୃଷ୍ଣ ବୋଲେ ଗୋ ବଉଳ ! କୃଷ୍ଣ ଭଜୁଥିବ ଗୋ
ବଉଳ ।୩୪।

Source: KC Dash, Digitized by PPRACHIN, SOA

କୃଷ୍ଣବିଚ୍ଛେଦ ଚଉତିଶା

କୃଷ୍ଣ କଥା ମନେ ଗୁଣି
କାମେ ଅଶକତ ବ୍ରଜ-ତରୁଣୀ ଯେ
କହନ୍ତି କାକୁସ୍ଥ ବାଣୀ
ମୋ କୃଷ୍ଣ ଯେ ।୧।

ଖଞ୍ଜିଥିଲୁଁ ଶ୍ରୀଚରଣେ
ଖୋଜ ବୁଲୁଥିଲୁ ଶ୍ରୀ ବୃନ୍ଦାବନେ ଯେ
କ୍ଷଣେ ନପଡ଼ିଲୁ ମନେ
ମୋ କୃଷ୍ଣ ଯେ ।୨।

ଗୁଣର ମଣି ଗୋବିନ୍ଦ
ଗେଲେ ଆସୁଥାନ୍ତି ଘେନି ଗୋବୃନ୍ଦ ଯେ
ଗୋକୁଳ-ନାୟକ ଗୃନ୍ଦ
ମୋ କୃଷ୍ଣ ଯେ ।୩।

ଘର ଘୋରବନ ହେଲା
ଘନ-ବରନାକୁ କେ ଘେନିଗଲା ଯେ
ଘେଷ୍ଟୁ ଦିନ ନ ସହିଲା
ମୋ କୃଷ୍ଣ ଯେ ।୪।

ଙବଶ କରଣ ଗଲେ
ନେଉଟି ସନ୍ଦେଶ କହୁ ନ ଦେଲେ ଯେ
ଙାର ବିନୁ ମୀନ ମଲେ
ମୋ କୃଷ୍ଣ ଯେ ।୫।

ଚନ୍ଦ୍ରମା ବଦନ ଚାରୁ
ଚତୁର-ନାଗଙ୍କ ଜୀବ ଆଧାର ଯେ
ଚୌର କରିନେଲେ ଚୌର
ମୋ କୃଷ୍ଣ ଯେ ।୬।

ଅଶକତ—ଅବଶ; କାକୁସ୍ଥ—କାତର

Source: KC Dash, Digitized by PPRACHIN, SOA

ଛଇଳ ସୁନ୍ଦର କାହ୍ନୁ
ଛୁଆ ମୃଗ ପ୍ରାଏ ବେନି ନୟନ ଯେ
କ୍ଷଣେ କ୍ଷଣେ ଅଚେତନ
ମୋ କୃଷ୍ଣ ଯେ ।୭।

ଯେତେ ଅଇଲେ ଅସୁର
ଯଶୋଦା-ନନ୍ଦନ କଲେ ସଂହାର ଯେ
ଯଶ ଥୋଇ ତିନିପୁର
ମୋ କୃଷ୍ଣ ଯେ ।୮।

ଝମଣେ ତାଙ୍କୁ ନ ଦେଖି
ଝୁରୁଥାଇ ଆମ୍ଭ ଏ ବେନି ଆକ୍ଷି ଯେ
ଏବେ କି କରିବା ସଖୀ ?
ମୋ କୃଷ୍ଣ ଯେ ।୯।

ଞିର୍ମଳ ବଦନ ତାର
ଞିରେ ବରଷିବ ଆମ୍ଭ ଶରୀର ଯେ
ଞାଶିବେ ଖଳ ଅସୁର
ମୋ କୃଷ୍ଣ ଯେ ।୧୦।

ଟାଣୁପଣ ଯେତେ ଥିଲା
ଟେକି ଗୋବର୍ଦ୍ଧନ ଗିରି ଧରିଲା ଯେ
ଟମ୍ବକର ଏବେ ହେଲା
ମୋ କୃଷ୍ଣ ଯେ ।୧୧।

ଠାବ କରି ନ ପାରିଲୁ
ଠିକେ ଗେଛି ଆମ୍ଭେ ଅନାସ୍ତ ହେଲୁଁ ଯେ
ଠୂଳ ନଧି ହରଇଲୁ
ମୋ କୃଷ୍ଣ ଯେ ।୧୨।

ଡାକନ୍ତି ମୁରଲୀ ସ୍ୱନେ
ଡଙ୍କଗାରଡ଼ିଆ କି ମନ୍ତ୍ର ଜାଣେ ଯେ
ଡେଇଁ ଯାଇଁ ବୃନ୍ଦାବନେ
ମୋ କୃଷ୍ଣ ଯେ ।୧୩।

ଅଚେତନ—ଢ଼ୋଳାଚଳା, ଠାରଅନାସ୍ତ—ଅନାଥ, ଢ଼ମିଆ—ବାହାଦୁରିଆ

Source: KC Dash, Digitized by PPRACHIN, SOA

ତମପଣେ ସେବୁଥିଲୁ
ତମିଆ ପୁରୁଷ ତୁମେ ଭୁଲିଲୁ ଯେ
ତାଳେ ନିଧି ହରାଇଲୁ
ମୋ କୃଷ୍ଣ ଯେ ।୧୪।

ଆଗୋ ସଖୀଜନେ ମିତ ।
ଆକୁଳ ହୋଉଛି ଆମ୍ଭର ଚିତ୍ତ ଯେ
ଆସି କର କୋଳାଗ୍ରତ
ମୋ କୃଷ୍ଣ ଯେ ।୧୫।

ତ୍ରିଭଙ୍ଗୀ ରୂପ ଗୁହାଣୀ
ତରଳ ହୋଏ ନବଯଉବନୀ ଯେ
ତନ୍ଦ୍ରଇ ଅଙ୍ଗ ପଦ୍ମିନୀ
ମୋ କୃଷ୍ଣ ଯେ ।୧୬।

ଥିଲି ଦିନେ ବୃନ୍ଦାବନେ
ଥିର ନୋହେ ମନ ନିଜ ସଦନେ ଯେ
ଥକିତ ମୁରଲୀ ସ୍ଵନେ
ମୋ କୃଷ୍ଣ ଯେ ।୧୭।

ଦଇବ କି ଦୁଃଖ ଦେଲା
ଦରିଦ୍ର-ନିଧିକି କେ ଛେନିନେଲା ଯେ
ଦିବାସ ଅନ୍ଧାର ହେଲା
ମୋ କୃଷ୍ଣ ଯେ ।୧୮।

ଧରାଇ ନେଲା ରାଜନ
ଧରିଥିଲୁ ତାଙ୍କ ଦ୍ଵନ୍ଦ୍ଵ ଚରଣ ଯେ
ଧାତା କଲା ଭିନ୍ନାଭିନ୍ନ
ମୋ କୃଷ୍ଣ ଯେ ।୧୯।

ନବୀନ ସୁନ୍ଦର ଶ୍ୟାମ
ନବ ଯୁବତୀଙ୍କ ନୂଆ ମଦନ ଯେ
ନ ଦେଖି ଗଲା ଜୀବନ
ମୋ କୃଷ୍ଣ ଯେ ।୨୦।

Source: KC Dash, Digitized by PPRACHIN, SOA

ପୀରତି ଅନଳ ହେଲ
ପତଙ୍ଗ ଯେସନେ ଜଡ଼ି ପଡ଼ିଲି ସେ
ପ୍ରାଣ ତ ତହିଁ ନଗଲା
ମୋ କୃଷ୍ଣ ସେ ।୨୧।

ଫୁଟିଥାଇ ପଦ୍ମବନ
ଫୁରୁଣା ହୋଅଇ ଭ୍ରମର ମନ ସେ
କରୁଥାଇ ସୁଧା ପାନ
ମୋ କୃଷ୍ଣ ସେ ।୨୨।

ବେଦନା ଜାଣେ ଅପାର
ବନେ ବୁଲୁ ଥିଲୁଁ ଧେନୁ ସଙ୍ଗର ସେ
ବଶ ହୋଇଥିଲୁଁ ତାର
ମୋ କୃଷ୍ଣ ସେ ।୨୩।

ଭଲ କଣ୍ଠ କରି ଗଲେ
ଭଲ ଭୁଷା ଦେଇ ଯାଇ ରହିଲେ ସେ
ଭଲ ଭୁଲାଇଣ ଗଲେ
ମୋ କୃଷ୍ଣ ସେ ।୨୪।

ମଥୁରା ସମସ୍ତେ ଯିବା
ମହାପ୍ରଭୁ ପଣ କିଏର ଥୋଇବା ସେ
ମରମ କଥା କହିବା
ମୋ କୃଷ୍ଣ ସେ ।୨୫।

ଜାଣିଲୁ ମଥୁରା-ନାରୀ
ଯତନେ ଆଣିବା ଶ୍ରୀଭୁଜ ଧରି ସେ
ଯଶ ଥିବ ତିନ ପୁରୀ
ମୋ କୃଷ୍ଣ ସେ ।୨୬।

ରସିକ ନାଗର ମଣି
ରସ କଉତୁକ ମନରେ ଗୁଣି ସେ
ଶୋଚେ ନ ଆସନ୍ତି ପୁଣି
ମୋ କୃଷ୍ଣ ସେ ।୨୭।

Source: KC Dash, Digitized by PPRACHIN, SOA

ଲଜ ଭୟ ଦୂର କର
ଲବଣ୍ୟ-ନିଧିକ ଆଣିବା ଧର ଯେ
ଲୋକେ ଦେଖୁଥିବେ ପୂର
ମୋ କୃଷ୍ଣ ଯେ ।୨୮।

ବଳେ ଯେବେ ନ ଆସିବେ
ବନମାଳା ଦେଇ ବର ଆଣିବେ ଯେ
ବଜେ କଗଳବା ଶୁଭେ
ମୋ କୃଷ୍ଣ ଯେ ।୨୯।

ସତେ ଆସିବେ ଶ୍ରୀଧର
ଶତେ ଚମ୍ପା ଦେବ ଶମ୍ଭୁ ଶିରର ଯେ
ସାକ୍ଷୀ ହୁଅ କନା ମୋର
ମୋ କୃଷ୍ଣ ଯେ ।୩୦।

ସତେ ଆସିବେ କହ୍ନାଇ
ଶରଦ-ଚନ୍ଦ୍ରମା ଆସିବେ ଉଇଁଯେ
ଶତେ ଚମ୍ପା ଫୁଟିବଇଁ
ମୋ କୃଷ୍ଣ ଯେ ।୩୧।

ସଖୀଏ ଥାଇ ବୋଇଲ
ସୁଫଳ ଏକଥା ହଉ ବୋଇଲ ଯେ
ଛଛନ୍ଦ କରିବା ଲୀଳା
ମୋ କୃଷ୍ଣ ଯେ ।୩୨।

ହରଷ ହୋଇଣ ଗୋଷ୍ଠ
ହରଷେ ଯେ ଯାହା ଭୁବନେ ଯାଇ ଯେ
ହରି ହରି ନାମ ଧାଇ
ମୋ କୃଷ୍ଣ ଯେ ।୩୩।

କ୍ଷୀଣ ହେଲା ତନୁମନ
ଛଛନ୍ଦେ ଭଣଇ ଗୋପ ଜୀବନ ଯେ
ଛଇଳ ନିଧିର ଗୁଣ
ମୋ କୃଷ୍ଣ ଯେ ।୩୪।

Source: KC Dash, Digitized by PPRACHIN, SOA

ରାଧାଦର୍ଶନ ଚଉତିଶା

କୃଷ୍ଣ କହନ୍ତି ଦୂତୀକି କର ଗମନ କତିକି
କୁହ ମୋତେ ଗଲା କାହା ନନ୍ଦିନୀ ସେ ରୂପ ନୟନ୍ତୁ ରହିକି
ଆରେ ସଖୀ ।୧।

ଖେଳାଇ ଖଞ୍ଜନ ଆଖି ଖରେ ଲେଉଟାଇ ରଖି
କ୍ଷୀଣଉଦରୀ ମୋ ମନ ନୟନକୁ କଲା ଅତି ମହାସୁଖୀ
ଆରେ ସଖୀ ।୨।

ଗତି ଗଜରାଜ ଜାଣି ଗୁଣୁଛି ସେ ଗୁଣମଣି
ଗଙ୍ଗାଧରରିପୁ-ମହାନଦୀ କି ସେ ଅଖିଳ ହେମ ତରଣୀ
ଆରେ ସଖୀ ।୩।

ଘାଗୁଡି ବଳା ନୂପୁର ଘନଘନ ନାଦ ତାର
ଘୂଞ୍ଚାଇ ଦେଉଛି ମହାମଦ କଳ ମଗଳ ଡାକ ଡମ୍ବର
ଆରେ ସଖୀ ।୪।

ନୋହିଲ ପିଙ୍ଗୁଡ଼ ଅଖି ନାଃକ୍ଷମଣିକି ଦେଖି
ନୀଳକଣ୍ଠକୁ କେ କେତେ ସେବା କରି ପାଉଛି ସେ ଚନ୍ଦ୍ରମୁଖୀ
ଆରେ ସଖୀ ।୫।

ଚାରୁ ଚମ୍ପକବରଣୀ ଚତୁରୀ ଚିତ୍ତମୋହିନୀ
ଚନ୍ଦ୍ରାର୍ଦ୍ଧଭାଲେ ଗନ୍ଧ ଊର୍ଦ୍ଧ୍ୱ ତିଳକ କି କରିଅଛି ସେ ଧେନ
ଆରେ ସଖୀ ।୬।

ଛାଡ଼ିବେ ଯୋଗୀ ସମାଧି ଛଟକେ ତା ଦେଖିବେ ଯଦି
ଛଟଛଟ ହୋଇ ରତିପତି ଶରେ କର୍ମରେ ହେବେ ଅବାଧି
ଆରେ ସଖୀ ।୭।

ଗଙ୍ଗାଧରରିପୁ—କାମଦେବ
ଗନ୍ଧ ଊର୍ଦ୍ଧ୍ୱ ତିଳକ—ସୁବାସ ଚନ୍ଦନର କଲି

Source: KC Dash, Digitized by PPRACHIN, SOA

ଜାମ୍ବୁନଦ କଳେବର ଜଳ ଉଠୁଅଛି ତାର
ଯାହା ବୋଲି ବୋଲି ସଜନୀ ତାହାକୁ ଜନ୍ମେ'ଅଛି ସେବର
ଆରେ ସଖୀ ।୮।

ଝଟକେ ତାଟଙ୍କ ଗଣ୍ଡେ ଝିମିଣ୍ଟକେ ଦୁଃଖ ଖଣ୍ଡେ
ଝଟକି ଦେଖିଲେ ଫୁଲଶର ଶର ଦଅଇ ଫୁଲ କୋଦଣ୍ଡେ
ଆରେ ସଖୀ । ୯ ।

ନାହିଁ ତାହା ସମାନରେ ନବ ପଞ୍ଚ ଭୁବନରେ
ନଷ୍ଟେ ଜାଣିଲି ସେ କାମଜୟରଥ ଜନମିଛି କପଟରେ
ଆରେ ସଖୀ ।୧୦।

ଟେକ କୁଚ-କୁମ୍ଭ ଦୁଇ ଟାଣଭରେ ଟେକା ହୋଇ
ଟିକାଏ ଦୃଷ୍ଟି-ସୂର୍ଯ୍ୟଙ୍କୁ ଚକ୍ରବାଡ଼ ପ୍ରାୟେ ନ ଦେଖାଇ ମହୀ
ଆରେ ସଖୀ ।୧୧।

ଠାବ କଲି ଏତେ କାଳେ ଠିକ ରାଜ ଯୋଗବଳେ
ଠଣପଦ୍ମକୋଳେ ଖଞ୍ଜନ ଯୁଗଳ ଖେଳିବା ଦେଖିଲି ଭୋଳେ
ଆରେ ସଖୀ ।୧୨।

ଡାଳିମ୍ବବୀଜ-ଦଶନୀ ଡମ୍ବରୁ-ମଧ୍ୟା-ଶୋଭିନୀ
ଡମ୍ବର କରି ଡାଳିମ୍ବନେତ ପିନ୍ଧି ମଣ୍ଡି ଯାଉଛି ମେଦିନୀ
ଆରେ ସଖୀ ।୧୩।

ଢମ କହୁନାହିଁ ତୋତେ ଢାଳ ଅନାକଲ ମୋତେ
ଢାଳ ଗୃହିଣୀ ଭବ ଦେଇ ମନକୁ ନେଲା ସଙ୍ଗତେ ସଙ୍ଗତେ
ଆରେ ସଖୀ ।୧୪।

ଆହା ସେ ରଙ୍ଗ ଅଧର ଅନଙ୍ଗ ଅମୃତ ଘର
ଅରୁଣ କୋଳେ ଚନ୍ଦ୍ରକଳା ରହିଲା ପ୍ରାୟେ ହସରେ ସୁନ୍ଦର
ଆରେ ସଖୀ ! । ୧୫ ।

ଜଗନ୍ନାଥ—ଏଠି କୃଷ୍ଣ ଅର୍ଥରେ; ଜାମ୍ବୁନଦ—ସୁନା; ତାଟଙ୍କ—କାନର କାପ
କାମଜୟରଥ—କନ୍ଦର୍ପର ବିଜୟରଥ ସ୍ତ୍ରୀ ରୂପରେ ଜାତ

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ତରୁଣୀମଣି ସେ ରମା   ତିନଲୋକ-ସୁଖ-ସୀମା
ତାହାକୁ ଦେବ ଉପମା ଯାହା ଘେନ କାମର ମହା ଗରିମା
ଆରେ ସଖୀ ।୧୬।

ଥରକୁ ଥର ବଳବା   ଥିରେ ତା କେତେ କଳିବା
ଥଳ ପଦ୍ମ ତୋଳି ବଞ୍ଚିଲ ପରାଏ ଦିଶଇ ପାଦ ତଳିବା
ଆରେ ସଖୀ ।୧୭।

ଦିଶୁଥିଲା ବନ୍ଧୁ ଦୂରେ   ଦେଖୁ ଦେଖୁ ହେଲା ପୁରେ
ଦେହ ଅଦେହ ଦେହ କରଗଲା ସେ ଅନାଇବା ମାତ୍ରକରେ
ଆରେ ସଖୀ ।୧୮।

ଧନ୍ୟ ସେ ଭୂରୁଭଙ୍ଗିମା   ଧନ୍ୟ ନେତ୍ର ସୁରଙ୍ଗିମା
ଧନୁଶର ଧରି ମଦନ ତର୍ଜିଲା ପରାଏ ସେ ତରଙ୍ଗିମା
ଆରେ ସଖୀ ।୧୯।

ନୟନେ ମୋର ରହିଲା   ନିର୍ମଳ ସୁଖ ସେ ଦେଲା
ନାନା ସୁବିଦ୍ୟା ଅଙ୍ଗରେ ଥିବ ପ୍ରାୟେ ଲେଶେ ତ ଦିଶି ନୋହିଲା
ଆରେ ସଖୀ ।୨୦।

ପରମାନନ୍ଦ ସମ୍ପତ୍ତି   ପାଇଲା ପରାୟେ ମତି
ପରମେଶ୍ୱରିଙ୍କ ମହିମାରୁ ଆଜ ପାଇଲି କି ଯୋଗେ ରତି
ଆରେ ସଖୀ ।୨୧।

ଫୁଲ୍ଲ-ତିଳ-ଫୁଲ ନାସା   ଫୁଲଇ କହିବା ଭାଷା
ଫେଡ଼ି କି କହିବ ଶୁଣିଲରୁ ମୋର ହେଲା ସୁରଗୁରୁ ଦଶା
ଆରେ ସଖୀ ।୨୨।

ବଡ଼ ଲୋକ ତାକୁ କଲି   ବିକି ହେଲି ପ୍ରାୟେ ହେଲି
ବିଷମଶର ଏତେକେ ବାନ୍ଧି ଘେନ ଅଇଲା ଏଠାକୁ ବୋଲି
ଆରେ ସଖୀ ।୨୩।

ତର୍ଜିବା;—ଧମକାଇବା; ଦେହ ଅଦେହ ଦେହ—ଦେହକୁ କାମବିକାରଗ୍ରସ୍ତ କରିଦେଲେ

Source: KC Dash, Digitized by PPRACHIN, SOA

ଭାଗ୍ୟ ଥିଲା ମୋର ଯେତେ   ଭଲେ ଅଣାଇଲି ମୋତେ
ଭବ ରିପୁ ଭୟ ଭାବିବାକୁ ତାହା ଭରସା କରିଛି ଚିତେ
ଆରେ ସଖୀ ।୨୪।

ମହା ଯୋଗେ ଯୋଗୀ ଥିବ   ମୁହୂର୍ତ୍ତେ ତାକୁ ଦେଖିବ
ମହତ କରି କହୁଛି ମହାଦେବ ସତ୍ୟ ମୁଖୁଁ ନ ବର୍ତ୍ତିବ
ଆରେ ସଖୀ ।୨୫।

ଯୁବତୀ ଜନଙ୍କ ସଙ୍ଗେ   ଯାଉଥିଲି କଥାରଙ୍ଗେ
ଜାତି ପଦ୍ମିନୀ ଅଙ୍ଗ ସଉରଭକୁ ବେଢ଼ିଥିଲେ ପାଶେ ଭୃଙ୍ଗେ
ଆରେ ସଖୀ ।୨୬।

ରମଣୀ-ମଣି ସୁଶ୍ରୋଣୀ   ରଚିଛି ରୁଚିର ବେଣୀ
ରଣରଣଙ୍କ ରଣ-ରଥଶିରେ କି ନୀଳ ପତାକା ମଣ୍ଡଣି
ଆରେ ସଖୀ ।୨୭।

ଲେଖିଛି କସ୍ତୁରୀରେଖ   ଲଲାଟର ଦୁଇପାଖ
ଲଳିତ ଅଳକାବଳି କି ଘେନି ସେ ମୁଖ ଦେଉଛି କି ସୁଖ
ଆରେ ସଖୀ ।୨୮।

ବିଧାତା ବଡ଼ ହୁଡ଼ିଲା   ବିବେକମଣି ଗୁଡ଼ିଲା
ବସୁଦେବ ପୁଅ ବାସୁଦେବକୁ ତ ବେଳୁ ଏହା ନ ଯୋଡ଼ିଲା
ଆରେ ସଖୀ ।୨୯।

ସବୁ ଅଙ୍ଗେ ଶୋଭା ଶିରୀ   ସମ ହୋଇଅଛି ପୁରି
ସର୍ବାଙ୍ଗ ଅଳଙ୍କାରକୁ ସୁନ୍ଦରତା କରି ଅଛି ସେ ସୁନ୍ଦରୀ
ଆରେ ସଖୀ ।୩୦।

ସତେ ହେ ଏମନ୍ତ ହେବ   ଶୁଭ ଯୋଗ ଯୋବ ଥିବ
ଶଶୀ-ଶେଖର ଦୟାକଲେ ଅବା ସେ ଶଶୀମୁଖୀ ଦେଖାଦେବ
ଆରେ ସଖୀ ।୩୧।

ରଣରଣ—କାମଦେବ

Source: KC Dash, Digitized by PPRACHIN, SOA

ଶୁଣି ହସି କହେ ଦୂତୀ   ସେ ବୃଷଭାନୁ ଦୁହିତା
ସେହିତ ତୁମ୍ଭଙ୍କୁ ଦେଖିବା ନିମନ୍ତେ ମନ କରିଥାଇ ନିତ
ଆରେ କାହ୍ନୁ ।୩୨।

ଦୂର ଗଜଗ ପୂଜଇ   ହୃଦେ ତୁମ୍ଭଙ୍କୁ ଭଜଇ
ହଂସଗମନୀ ତୁମ୍ଭ କଥା ଶୁଣିଲେ ସମସ୍ତ କଥା ତେଜଇ
ଆରେ କାହ୍ନୁ ।୩୩।

କ୍ଷେମେ ବଜେ କର ଧୀରେ   କ୍ଷୋଭ ନଧର ମନରେ
କ୍ଷେମେ ଦୀନକୃଷ୍ଣ ବୋଲେ ଭେଟ ଦେବ ଗୁମ୍ଫାପତ୍ର-ସୁତାଠାରେ
ଆରେ କାହ୍ନୁ ।୩୪।

ଗୁମ୍ଫାପତ୍ର ସୁତାଠାରେ— ଯମୁନା କୂଳରେ

Source: KC Dash, Digitized by PPRACHIN, SOA

ରାଧିକା ସ୍ମରଣ ଚଉତିଶା

କମଳ ନୟନ କଂସ କଣ୍ଟକରେ କରନ୍ତୁ ବିଚାର,
କି କରୁଥିବ ସେ କଳକଣ୍ଠ କଣ୍ଠୀ ରାଧିକା ମୋହର,
କଣ୍ଠର ଅମୂଲ୍ୟ ନକ୍ଷତ୍ରକଣ୍ଠୀ ମୋ ନୟନ ପ୍ରତିମା
କି ବିଚାରୁ ଥିବ କେଉଁ ବାଞ୍ଛୁଥିବ ଆହାରେ ମୋ ରାମା ।୧।

ଖୋଜିଲେ ସକଳ ବ୍ରହ୍ମାଣ୍ଡେ ଯାହାକୁ ନ ପାଇ ସମାନ,
ଜାକ ଦଇବ ବଶରୁ ଛାଡ଼ି ତାକୁ କଲି ମୁଁ ଗମନ,
ଖଣ୍ଡ ଖଣ୍ଡ ହୋଇ ଫାଟି ତ ନ ଯାଇ ହୃଦୟ ମୋହର,
ଖଞ୍ଜନନେତ୍ରୀ ବିନୁ ଯାହା ରହିଛି ଥିବ ଏ ଶରୀର ।୨।

ଗଜେନ୍ଦ୍ରଗମନୀ ଗୋରୀ ସୁକୁମାରୀ ମୋ ପ୍ରାଣେଶ୍ୱରୀ
ଗାଉଥିବ ମୋର ଗୁଣ ନିରନ୍ତରେ ସୁମରି ସୁମରି
ଗୁଣି କେତେବେଳେ ଅବଧି ବଚନ ଛାଡ଼ିବ ନିଃଶ୍ୱାସ
ଗୁଆଁରଠାରୁ ଗୁଣବନ୍ତ ପରସ୍ୱ ହେବନ ନିରାଶ ।୩।

ଘନ ଘନ ହୋଇ ଯେନ ଉଠୁଥିବ ବିରହ ଅନଳ
ଘେନିବାରୁ ମୋର ଅତିଶୟ ଘନ ସେନେହ ପ୍ରବଳ,
ଘର ବାହାର ସମାନ ମଣୁଥିବ ରମଣୀ ରତନ,
ଘେନୁଥିବ ନାହିଁ ସଜନୀମାନଙ୍କ ଶୀତଳ ବଚନ ।୪।

ନବୀନବୟସୀ ପ୍ରାଣ ବାନ୍ଧବୀ ମୋ ପାଇଲା ବେଦନା,
ନିର୍ଲଜ୍ଜ ଜୀବନ ନ ଯାଇ କିନା ତା କରୁଛୁ ଭାବନା,
ନାହିଁ ଯାହାକୁ ସପନେ ଦୁଃଖ ଭେଟ ତାହାକୁ ଏଦଶା
ନଷ୍ଟେ ନାଶ ଯାଇ ନିଷ୍ଠୁର ତାହାକୁ କଲେହେଁ ଭରସା ।୫।

ଚନ୍ଦ୍ରକର ଚନ୍ଦ୍ରମଣିକି ଆର୍ଦ୍ର କରଇ ଯେମନ୍ତ
ଚଣ୍ଡକର ଚଣ୍ଡମଣିକି ଆଜ ସେ ନକର ତେମନ୍ତ,
ଚନ୍ଦନ ଶୀତଳ ଦ୍ରବ ଯେନ ଦ୍ରବ୍ୟ ତାପକୁ ହରଇ
ଚୂର୍ଣ୍ଣ କର୍ପୂର ଅନଳେ ଦେଲେ ସବୁ ପ୍ରକାରେ ସରଇ ।୬।

କଳକଣ୍ଠ—କୋକିଳ ଗୁଆଁର—ମୂର୍ଖ

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଜୀବନ

ଛୁର କଂସ ନୃପ ବୋଲେଣ ଛୁଡ଼ ମୁଁ ଅଇଲି ତାହାକୁ
ଛୁରି ମାରିଦେଲି ଆପଣା ଇଚ୍ଛା ପ୍ରେ କଣ୍ଟକ କାହାକୁ,
ଛୁଇ ପ୍ରାୟେ ହୋଇ ନିରନ୍ତରେ ଲଗିଥାଇ ମୋ ସଙ୍ଗରେ
ଛୁଡ଼ ତାକୁ ଛୁର ଜୀବନ ରକ୍ଷଣ ଅଛି ମୋ ଅଙ୍ଗରେ ।୭।

ଯେତେ ପ୍ରକାରେ ସୁଖ ମୋତେ ଦେଉଛି ମୋ ପ୍ରାଣ ବନିତା
ଜପାମାଳି କରି ଜପିଲେ କେ ତାହା କରିବ ଗଣିତା ।
ଜୀଇ ଥିବା ଯାଏ ଯିବ କି ମନରୁ ତାହାର ସେନେହ
ଯାବତ ପ୍ରକାରେ ଜମ୍ବୁନଦଗୋଷ୍ଟ କଣିଛି ଏ ଦେହ ।୮।

ଝୁରୁ ଯେ ଥିବା କୁରଙ୍ଗ ପକ୍ଷୀ ପ୍ରାୟେ ହରାଇ ବିବେକ
ଝର ପ୍ରାୟେ ଝରଝର ବହୁଥିବ ନୟନୁ ଲୋତକ ।
ଝାମ ଯାଉଥିବ ଝଷକେତୁ-ଶରେ ଝଲକବଦନୀ
ଝାଳ ଅଙ୍ଗେ ଝଳ ଯାଉଥିବ ଝୀନ ସୁରଙ୍ଗ ପଟନୀ ।୯।

ନ ରୁଚୁଥିବ କର୍ପୂର ଚନ୍ଦନାଦି ଲେପନ ବିଧାନ
ନାନାରତ୍ନ ଆଭରଣ ହୋଉଥିବ ଦୂଷଣ ସମାନ ।
ନେତ୍ରମାରେ ଲୁଚିଯିବା ଡରେ ନିଦ୍ରା ଆସିବ କାହିଁକି
ନ କଲ୍ପ ବିଧାତା ଆଉ କେନ୍ହେ ଗତି ବିରହୀ ଦେହୀଙ୍କ ।୧୦।

ଟଳ ଟଳ ହୋଇ ଟଳି ପଡ଼ୁଥିବ ଅନଙ୍ଗ ଅବଶେ
ଟେକି ଲାବଣ୍ୟ ଟାଣ ମାତ୍ର ଥିବ ତା ସେ କୁଚ-କଳସେ ।
ଟେକି କେତେବେଳେ ସଖୀମାନେ ସ୍ନେହେ ପକାଇ ଅଙ୍କରେ
ଟେକସ୍ୱର ହୋଇ ଡାକୁଥିବେ ଟଙ୍କଧରକୁ ଉଚ୍ଚରେ ।୧୧।

୪-୪-ଘେନୁ ନଥିବ ସେ (ଗ)
୫-୧-ନବୀନ ବୟସେ (ଗ)
୫-୨-ନ ଯାଇ ଜୀବନ କର୍ମା ରୁହି ତାହା କରୁଛି ଘିବନା (ଖ)
୭-୨ ଚଣ୍ଡକର ଚନ୍ଦ୍ରମଣିକି (ଗ)
୯-୩—ଝଲକ ବଦନୀ (ଗ)
୯-୪— ଝାଳେ ଝଳ ଯାଉଥିବ ଝୀନ ନୀଳ ବସନ୍ତ ପଟନୀ (ଗ)
୧୦-୨—ମଣୁଥିବ ଦୂଷଣ ସମାନ (ଗ)
୧୧-୧ —ଟଳି ପଡୁଥିବ ଅନଙ୍ଗ ଅନଳେ (ଖ)
୧୧-୨—ଲାବଣ୍ୟ ଟାଣ ଥିବ କେବଳ ଉରଜ ଯୁଗଳେ (ଖ) ଲାବଣ୍ୟ କେବଳ ଥିବ ତାଙ୍କ (ଗ)
୧୧-୪ —ଡାକୁଥିବେ ଟଙ୍କଧରକୁ (ଖ) ଟେକସ୍ୱରେ ଡାକ ଦେଉଥିବ (ଗ) ଉଚ୍ଚେ ଭ
ଜମ୍ବୁନଦ—ସୁନା, ଝାମ ଯାଉଥିବ—ଝାଉଁ ମାରୁଥିବ

Source: KC Dash, Digitized by PPRACHIN, SOA

ଠାକୁରାଣୀ ପଣ ଲକ୍ଷଣ ତାହାର ଅପାରୁ ଅପାର
ଠାଠିକ କରି ତାହାଠାରେ କଲି ମୁଁ ଠକଙ୍କ ବେଭାର ।
ଠିଆ ହୋଇ ଯେ ଗୃହୁଁ ଥାଇ ଗୋଧନ ବାହୁଡ଼ା ସମୟେ
ଠାଠିକ ଆଷାଢ଼ ମେଘକୁ ତୃଷିତ ଚାତକ ପରାୟେ ।୧୨।

ଡେରିଥାଇ ନେତ୍ର ଶ୍ରବଣ ମୋହୋର ମୁରଲୀ ଧ୍ୱନିକି
ଡୋଳେ ଦେଖୁ ଦେଖୁ ଗୁଡ଼ୁ ମୁଁ ଅଇଲି ଜୀବନ-ଧନିକି ।
ଡେରି ଶ୍ରବଣ ନେତ୍ର ଏବେ କାହାକୁ କରିବ ଭରସା
ଡକା ତ ହେଲ ନମା ଡାଳମ୍ବଦନ୍ତୀକି ଥିଲ ଯେ ଯେ ଦଶା ୧୩।

ଢାଳି କରେ ଗଣ୍ଡପାଳୀ ଢଳୁଥିବ ମୋହୋର ପ୍ରସଙ୍ଗ
ଢଳୁଥିବ ତାର ସୁରଙ୍ଗ-କୁରଙ୍ଗ-ନୟନ-ତରଙ୍ଗ ।
ଢାଳେ ମୋର ଦୟା ଉଦ୍ରୋଧ ନାହିଁ ମୁଁ ଅତିହିଁ ଦାରୁଣ
ଢୋକିଲି ଅମୃତ ଢାଳି ଦେଇ ଏବେ କରୁଛି କାରୁଣ ।୧୪।

ଆହାରେ ଅଜନ୍ମସୁଖୀ ! ଶଶୀମୁଖୀ ! ଆହାରେ ସଜନୀ !
ଏହା ଅରଜିଲି ତୋ ବିନୁ ବଞ୍ଚିଲି ଏ ମଧୁ ରଜନୀ ।
ଏମନ୍ତେ କରି ମୋ କର୍ମରେ ହେଁ ଲେଖିଥିଲା ସେ ଦଇବ
ଅଧପ୍ରାଣ ଯାଇ ଅଧ ପ୍ରାଣ ଥାଇ ଏ ଦେହ ସମ୍ଭବ ।୧୫।

ଣାଟ-ତଟିନୀ ତଟ ତରୁ ହୋଇଛି ହୃଦୟ ମୋହୋର
ତହିଁ ପୁଣି କାମ କରୁଅଛି ଶର ବରଷା ପ୍ରଖର ।
ତାହା ଦୁଃଖେ ଦୁଃଖୀ ତାହା ସୁଖେ ସୁଖୀ ଯିନା ଏ ଶରୀର,
ତଥି ପି ତରୁଣୀମଣି କଥାକୁ ମୋ ହୋଉଛି ବଧିର ।୧୬।

ଥରୁ ଯେ ଥିବ ମଦନ ଟଙ୍କଶରେ ଥରର ହୃଦୟା
ଥରେ ଥରେ ବୋଲୁଥିବ ପ୍ରାଣବନ୍ଧୁ ଅତିହିଁ ନିଦୟା
ଥିବ ନ କି ତାର ସେ ଚନ୍ଦ୍ରବଦନେ ସେ କାଳ ପ୍ରସନ୍ନ
ଥିବାକାଳେ ତାହା ପାଶେ ଯାହା ଦେଖିଥିଲି ଏ ନୟନ ।୧୭।

୧୩-୩—ଡେରିଣ ଶ୍ରବଣ ନୟନ କାହାକୁ (ଗ)
୧୩-୪—ଥିଲି ଏତେ ଦଶା (ଗ)
୧୫-୨—ଏହା ଅର୍ଜିଥିଲି ତୋ ବିନା ବଞ୍ଚିଲି ଏ ଚନ୍ଦ୍ର ରଜନୀ (ଗ)
୧୬-୧—ତାପ ତଟିନୀ ତଟତରୁ ପରାୟେ ଜୀବନ (ଖ)
ଗଣ୍ଡପାଳୀ—ଗଣ୍ଡସ୍ଥଳ

Source: KC Dash, Digitized by PPRACHIN, SOA

ଦୂର କରିଥିବ ଦରହାସକୁ ସେ ବନ୍ଧୂକ-ଅଧର
ଦଣ୍ଡେ ନିଃଶ୍ୱାସ ରଖି ନ ଥିବ ତା ସୁରଙ୍ଗ କେଶର ।
ଦିବ୍ୟ କନକ କେତକୀ ଦେହ ଗୁଡ଼ିଥିବ ତା ଝଳକ
ଦୁର୍ବଳଶବରୁ ବହୁ ନ ଥିବ ସେ ମୁକୁତା ମାଳିକ ।୧୮।

ଧୀରେ ପକ୍ଷୀମାନେ ଅନାଇଁ ଧରଣୀମଣ୍ଡନ ମୂର୍ତ୍ତିକି
ଧୈର୍ଯ୍ୟ ହରାଇ ଧିକ୍କାରୁଥିବେ ମୋ ପ୍ରମାଦ ପ୍ରୀତିକି ।
ଧ୍ରୁବ ହୋଇ ଧ୍ରୁବ ଲୋକେ ଯେଉଁ ପ୍ରୀତି କରିଛି ପ୍ରକଟ
ଧାତା ହଠ ଦେଖି ତହିଁ ପୁଣିକଲା ଏମନ୍ତ କପଟ ।୧୯।

ନ କରଇ କାଳ କେତେବେଳେ କାହା କି ନୋହେ ଏଦେହ
ନେତ୍ର ପଲକ ଯେ ନ ସହେ ସହିଲା ସେ ଏତେ ବିରହ
ନୃପତି ସମ୍ପତ୍ତି କେତେବେଳେ କେତେବେଳେହେଁ ଧନତା
ନଥିବା ଥିବା ଥିବା ନଥିବା କରେ ଦଇବ ବିଧାତା ।୨୦।

ପ୍ରାଣବାନ୍ଧବୀ ମୁଖ କାହିଁ ଗୃହିଁବ କାହିଁ ଏ ସନ୍ତାପ
ପଡ଼ିଲା ଅମୃତ ଦୃଷ୍ଟିରେ ବରଷା ପାଷାଣ କଳାପ ।
ପୀତବସନା ମତ୍ତପିକବଚନା ଚମ୍ପକବରନୀ
ପୁଷ୍ପକାଳ ପ୍ରାପ୍ୟେ ସୁଖଦ ପଲ୍ଲବ ଦଶନ ବସନା ।୨୧।

ଫୁରଣାରେ ଫୁଲ୍ଲ କୁସୁମ ଦେଖି ଯେ ହୁଅଇ ଅଥିର
ଫୁଲୁଥାଇ ଫୁଲ୍ଲ କଦମ୍ବ ଫଗଲ୍ଫୁ କେତକୀ ଶରୀର ।
ଫାଟି ଯାଉଥିବ ହୃଦୟୁ ଏବେ ଯେ ଅନାଇଁ ଏ ମନ
ଫୁଲଶର ଶରେ ଫୁଟିଥିବ ମୋର ଜୀବର ଜୀବନ ।୨୨।

୧୮-୩.୪—ଦୂରକରି ଦେଇଥିବ ଦରହାସକୁ ବନ୍ଧୁକ ଅଧରୁ, ଦଣ୍ଡକେ ନିଶ୍ୱାସ ରଖି ନ ଥିବେ ସେ କୁସୁମ ନାସାରୁ
୧୯-୩—ହୋଇଛୁ ପ୍ରକଟ (ଗ)
ବନ୍ଧୂକ—ବନ୍ଧୂଲିଫୁଲ
୧୮ ପଦର ୧ମ ଓ ୨ୟ ପାଦ (ଗ) ପୋଥିରେ ୩ୟ ଓ ୪ର୍ଥ ପାଦରୂପେ ପଠିତ
୨୦-୪—ନଥିବା ଥିବା କରିଥିବା ନକରେ ଦଇବ ଅହନ୍ତା (ଖ) ନଥିଲା ଥିଲା କରି ନ କରେ ଦଇବ ବିଧାତା (ଗ)
୨୧-୧—ସୁଖ କାହିଁ ପାଇବା (କ)

Source: KC Dash, Digitized by PPRACHIN, SOA

ବଡ଼ କର ଲୋକେ ଗ୍ରୀଷମେ ହେମନ୍ତ କର୍ପୂର ଚନ୍ଦନ
ବିଧୁବଦନୀ ଅଙ୍ଗସଙ୍ଗ ଲୋଡ଼ା ମୋ ନ ଥାଇ ସେମାନ ।
ବଞ୍ଚାଇବ କଉଁ ପ୍ରକାରେ ବିରଞ୍ଚି ଅଇଲେ ସେ କାଳ
ବିରହ ଅଗ୍ନିରେ ଘୃତ ସମ ଦେଲେ ଜଳଇ ପ୍ରବଳ ।୨୩।

ଭାଗିଲା ସବୁ ଭରସା ଏକା ଭୂରୁ ଶେ ଭାମା ବହୁନେ,
ଭୂପତି ନ ଥିଲେ ସମ୍ପତ୍ତି ଯେସନ୍ତେ ସୁଖକୁ ନ ଘେନେ ।
ଭାବଗ୍ରାହୀ ଭରସାରେ ଭାବେ ମତେ ଭଜିଲା କମଳା
ଭାସିଲା ଅଗାଧ ଜଳଧିରେ ଭେଳା ଲଗାଅ ଅବଳା ।୨୪।

ମୋତେ ମେଘ କଲା ବିଜୁଳି ହୋଇ ସେ ଝଟକେ କୋଳରେ
ମରାଳଗମନୀ କରୂପେ ବଞ୍ଚିବ ଏ ଘନ କାଳରେ ।
ମୟୂର ଡାକରେ ମେଘ ଦମକରେ ଚଢ଼ିବ ଚମକ
ମଲି ତ ନାହିଁ ମୋ ପ୍ରାଣବନ୍ଧୁ କେତେ ସହିବ ଆତଙ୍କ ।୨୫।

ଜୀବ ଥିବ କିକ ଶରଦ ଶଶୀର ହେମନ୍ତ ସରିକ
ଯାବତ ପ୍ରକାରେ ଦୁଃଖ ଦେଲା ବିଧି କନକଗୋରୀକି ।
ଜାଣିଲି ସଂସାରେ ନାହିଁ ନାହିଁ ଧାତା ସମାନେ ଦାରୁଣ
ଯାହାକୁ ଦେଖିଲେ ପଶୁ ବଶ ହୋଏ ତାକୁ ଏ କଷଣ ।୨୬।

ରତିପତିକି କି ବୋଲିବା ଗତି ଯେ ନ କରେ ବିଚ୍ଛେଦ
ରଖିଛି ସେ ଏବେ ଜୀବନେ ତାହାଙ୍କୁ ସେନେହ ପ୍ରମାଦ
ରସବତୀ ରସେ ରସିକ ହୋଇ ମୁଁ ରହିଲି ନିଶ୍ଚିନ୍ତ
ରହିଲେ ଯେସନ୍ତେ ଜଳରେ ଉତ୍ପଳ ହୃଦୟ ନ ତିନ୍ତେ ।୨୭।

ଲୋକେ ତାହାକୁ ଯେ ଲେଖନ୍ତି ଆଗରେ ଉତ୍ତମ ଚତୁର
ଲୋଡ଼ା ଏହି କଥା ଲଗିଛି ବାରତା ପଛରେ ମୋହର ।
ଲକ୍ଷ ପ୍ରକାରେ ଅପରାଧ କଲେ ସେ ନୋହଇ ବିମନା
ଲଳିତଲପନୀ କ୍ଷମା-ଜଳନିଧି ଦୟାରେ ସୁମନା ।୨୮।

୨୩-୨—ବିଧୁ ବଦନୀ ଅଙ୍ଗ ସଙ୍ଗ ଲୋଡ଼ା ମୋ (ଖ)
୨୬-୨—ଯାବତ ପ୍ରେମରେ ଦୁଃଖ ଦେଲି (କ)
୨୬-୩—ଜାଣିଲି ବିଧାତା ପରାୟେ ସଂସାରେ ନାହିଁଟି ଦାରୁଣ (ଖ)
୨୭-୪—ରହିଛି ଜଳରେ ଉତ୍ପଳ ଯେସନ୍ତେ ତା ହୃଦୟ ନ ତିନ୍ତେ (ଗ)
୨୮-୧—ଲେଖନ୍ତି ଆହାରେ (ଗ)
୨୮-୨—ଲୋଡ଼ା ଏହି କଥା ଲାଗିଥିବାକୁ ତା ପଛରେ ମୋହର (ଗ)
ଉତ୍ପଳ—ପଦ୍ମ

Source: KC Dash, Digitized by PPRACHIN, SOA

ବାଳା କୋମଳା ସୁଶୀଳା ସେ ଲେଶେହେଁ ନ ଗ୍ଲୁଚେ ଲୀଳାକୁ
ବଡ଼ ଆଦରଣ କରିଥିବ ଏବେ ଲୋଚକ ମାଳାକୁ ।
ବାହୁଡ଼ି ଆଉ ଦେଖିବ ନାହିଁ ବିଧୁବଦନୀ ବଦନ
ବିଧାତା ଏହା ସତେ କରିବ ଯିବ ମଦନ କଦନ ।୧୯।

ସବୁ ସହଇ ଏ ଦେହ ବସୁମତୀ ପରାୟେ ପ୍ରମାଣ
ଶଶୀମୁଖୀକି ଦୁଃଖ ସୁଖ ଦେବାକୁ ମୁଁ ଅଟେ କାରଣ
ଶୀର୍ଣ୍ଣ ହୋଇବ ପୂର୍ଣ୍ଣିମୀ ଚନ୍ଦ୍ରକଳା ପରାଏ ଏଣିକି
ଶିବ ଶିବ ଶିବ ରଖ ରଖ ରଖ ମୋ ପ୍ରାଣ ମଣିକି ।୩୦।

ଶକଳ ଚନ୍ଦ୍ରମା ହେଲେ ତୁମ୍ଭ ଶିର ମଣ୍ଡନ ଯେମନ୍ତ
ସକଳ ରୂପେ ସକଳ ଚନ୍ଦ୍ରମୁଖୀ ମୋହର ତେମନ୍ତ
ଶେଷ ନୋହେ ମନୋଭବ ନବଦଶା ଭିତରେ ଥିଲେହେଁ
ଶଙ୍ଖ ଚକ୍ରପାଣି ରଖିବେ ମୋ ଗୁଣମଣିକି ଭଲେହେଁ । ୩୧ ।

ସୁମରି ଏହି ପ୍ରକାରେ ସୁନ୍ଦରୀକି ପକାଇ ନିଶ୍ୱାସ
ସଜଳ ନୟନା ହୋଇ ହେଲେ ହେନ୍ତି କଥାରେ ପ୍ରବେଶ
ସୁମରି ସୁମନ ସୁପୁରୁଷେ ସନ୍ଧି ହୁଅଇ ହୀନତା
ସୁମନସ ଶର ସରସ୍ୱତୀ ଧିକ ଧିକ ସେ ବିଧାତା ।୩୨।

ହୃଦରେ ଏହା ବିଚାରି ଉଦ୍ଧବକୁ କହିଲେ ସନ୍ଦେଶ
ହଂସଗମନୀ ଗୋପୀଙ୍କି ତୁମ୍ଭେ ଯାଇ କରାଅ ସନ୍ତୋଷ
ହୋଇ ଅଛନ୍ତି ସେ ମୋ ସଙ୍ଗ ବିହୁନେ ସାରସ ସଦୃଶ
ହରଷ କରାଇ ତାଙ୍କୁ ତୁମ୍ଭେ ଯାଇ ହୋଇବ ହରସ ।୩୩।

କ୍ଷମାସାଗର ଆଜ୍ଞା ଘେନି ଉଦ୍ଧବ ଗୋକୁଳେ ପ୍ରବେଶ
କ୍ଷପାକରମୁଖୀ କ୍ଷିତିମଣ୍ଡନୀଙ୍କ କହିଲେ ସନ୍ଦେଶ
କ୍ଷୋଭ ଗୁଡି ଗୋପୀ ନ ଗୁଡିଲେ କେତେବେଳେହେଁ ଆଶକୁ
କ୍ଷେମେ ଦୀନକୃଷ୍ଣ ବୋଲେ ବଚନ କି ଦରିଦ୍ର ନାଶକୁ ।୩୪।

କଦନ—କଷ୍ଟ, ଶକଳ ଚନ୍ଦ୍ରମା—ଚନ୍ଦ୍ର ଖଣ୍ଡେ, ସୁମନସ—ଫୁଲ
ଗ ପୋଥିରେ ୨୯ ପଦର ୩ ଓ ୪ ପାଦ ୧ ଓ ୨ ପାଦରୂପେ ଏବଂ ୧ ଓ ୨ ପାଦ ୩ ଓ ୪ ପାଦରୂପେ ପଠିତ
୩୩ ୪—ହକରାଇ ରାଈ ତାଙ୍କୁ ତୁମ୍ଭେ ଏବେ ହୁଅ ଯାଇ ହଂସ (ଗ)

Source: KC Dash, Digitized by PPRACHIN, SOA

ଅମୃତନିଧି ଚଉତିଶା

କାଳନ୍ଦୀକୂଳେ   ରାଧାଙ୍କୁ ଦେଖି
କୃଷ୍ଣ ବୋଲନ୍ତ ରେ ପ୍ରିୟସଖୀ !
କେ ବୋଲଇ ତୋତେ ପ୍ରଫୁଲ୍ଲ କମଳ
କନକ ଦର୍ପଣ ଚନ୍ଦ୍ରମୁଖୀ ରେ
ପ୍ରାଣସଖୀ !
କି ତାହାର ଆକନ୍ଧରୁ ନାହିଁ ଆଖି ରେ ?
କି ତୋ ଭ୍ରୂଭଙ୍ଗୀ ସୁହାଣୀ ନାହିଁ ଦେଖି ରେ ?
କର୍ଣ୍ଣେ ଏହା ଶୁଣି ହୋଉଥାଇ ଦୁଃଖୀ ରେ ।୧।

ଖଳ ଲୋକଙ୍କର ଖଳ ବୋଲ
କ୍ଷଣେ ହେ ସଂସାରେ ନୋହେ ଭଲ
ଖଞ୍ଜନ୍ତ ପଣ୍ୟ ତୋହୋର ପ୍ରାପ୍ୟେ କାଚ
କାଞ୍ଚନ ସଙ୍ଗତେ କରି ଭୁଲ ରେ
ଜୀବଧନ !
ଖୋଜ କହିବି କେତେ ମୁଁ ସେ ବଚନ ରେ
ଖେଦ ଲଭୁଥାଇ ଏହି ଘେନି ମନ ରେ
ଖୀଣୋଦରି ! ତୋ ମୁଖକୁ କେ ସମାନ ରେ ।୨।

ଗୁରୁ ସଉରମ ! ଏବେ ଶୁଣ
ଗୁଣିଲେ ତାହାଙ୍କ ଅବଗୁଣ
ଗଗନ-ନକ୍ଷତ୍ର ପ୍ରାପ୍ୟେ ନ ସରବ
ଅଧିକ କହିବା କି କାରଣରେ
ଗୁଣନିଧି !
ଗୁଣି କହିବି ତାହାଙ୍କ ଗତିବିଧି ରେ
ଗଲା ଜଳକୁ ଯେ ପଦ୍ମ ତପ ସାଧି ରେ
ଗାଢ଼େ ଶିଶିର ତାହାକୁ ଦେଲା ବାଧିରେ ।୩।

ଘର୍ମକର-କର-ତାପ ସହି,
ଘୋର ତପସ୍ୟା କଲରୁ ସହି

କାଳନ୍ଦୀ—ଯମୁନା, ଘର୍ମକର—ସୂର୍ଯ୍ୟ

Source: KC Dash, Digitized by PPRACHIN, SOA

ଘଟଣ-ଆନମ୍ର ଶ୍ରୀଅଙ୍ଗ-ସୁବାସ
ଦେଲୁ କଷ୍ଟ ଏବେ ଅଷ୍ଟ ବହ୍ନିରେ
ଘନସ୍ତନୀ !
ଘନେ୍ର ବିକାଶ ହୁଅନ୍ତ ଏତ୍ତ ଘେନରେ
ଘୁଞ୍ଚି ଯାଇ ଶୋଭା କାହିଁ ନଶିଥିମାରେ
ଘଡ଼ି ଛ ନ ରହଇ ତା ଘେନାଘେନରେ । ୪ ।

ଙକଷରେ ଅଙ୍ଗ କଷି ହୋଇ
ଙଆଁରେ ଝାସେ ସୁବର୍ଣ୍ଣ ଯାଇଁ
ଙରହାଥେ ପଡ଼ି ଦର୍ପଣ ହୋଇ ତ
ମନକୁ ତର୍ପଣ କଲୁ ନାହିଁରେ
ଙତମ୍ବିନୀ !
ଙଷ୍ଟ ନାଶ ଯାଇ ହେଲେ ଅଭିମାନୀ ରେ
ଙସ୍ତରିଲୁ ତୋହୋ ମୁଖ ଗ୍ରାସୁ ଘେନରେ
ନୋହୁ କଉଁ କାଳରେ ତୁ ସୁଖଦାମରେ । ୫ ।

ଚତୁରୀ ମଣି ! ତୁ ଶୁଣ ଏବେ
ଚନ୍ଦଧର ବେଶ ଧରି ପୂର୍ବେ
ଚ୍ୟୁତ ହେଲା ପୁଣ୍ଡ୍ରକ ବାସୁଦେବ
ଚଗ୍ରଏ ହୋଇଲା ଚନ୍ଦ୍ର ଏବେଟରେ
ଚଞ୍ଚଳାକ୍ଷି !
ଚନ୍ଦ୍ର ବଦନକୁ ହେବ ବୋଲି ଲଷ୍ଟୁରେ
ଚକ୍ଷୁଆଗେ ହରଣକୁ ବନ୍ଧୁ ଅଛୁ ରେ
ଚିତ୍ତ ମୋହିବା ଚତୁରୀ ନାହିଁ କଷ୍ଟୁରେ । ୬ ।

ଛଟକ ଗୃହାଣୀ ଭାବ ଚୋର
ଛଇଳ ମୋହନ ସୁଖଘର
ଛୁର କରଇ ଯେ ମଦନ ଶରକୁ
ଆଜ୍ଞ କଥା ଅବା କେତେ ଦୂରରେ
ଛୀଣୋଦରୀ !
ଛଳ କଷ୍ଟ ବସିଲେ ତୋ ନେହଶିରେ
ଛୁଡ଼ିଯିବ ସିନା ଚନ୍ଦ୍ର କଥା ତୋ ଶିରେ
ଛୀରେ ଘୃତ ପରଯ୍ୟେ ଯେ ଅଛୁ ପୂରରେ । ୭ ।

ଘନେ୍ର—ବନରେ, ପୁଣ୍ଡ୍ରକ ବାସୁଦେବ—ସେ କପଟରେ ବିଷ୍ଣୁଙ୍କ ରୂପ ଧରିଥିଲା, ·ମରଣ ଦଶା ପ୍ରାପ୍ତ ହେଲା

Source: KC Dash, Digitized by PPRACHIN, SOA

ଯାହା ଚନ୍ଦ୍ର ପକ୍ଷେ କ୍ଷୀଣ ହୋଏ
ଜାଣିଲେ ସେହ୍ନଟି ଦଣ୍ଡ ପାଏ
ଯାମିନୀ ଜ୍ୟୋଛ ଦିବସରେ ନଥାଇ
ତଥି ଭେଦେ ରାହୁ ଘାତ ପାଏ ରେ
ଜାଣୁମଣି !
ଜଳ ନିଃସୃତ ପଣେ ବହ୍ନି ଆଣିରେ
ଯାଇଁ ମହାଦେବ ଶିରେ ହୋଏ ମଣିରେ
ଯୋଗ୍ୟ ନୋହିଲେ ନେମାକୁ ମୁଖଠାଣିରେ ।୮।

ଝସକେତୁସଖା ଭାବେ ଥାଇ,
ଝିମନ୍ତେ ଉପ୍ରୋଧ କରେନାହିଁ
ଝାଡ଼ି ଅନଳ ଚନ୍ଦନକୁ ଦହିଲା
ପ୍ରାୟେ ପଦ୍ମିନୀଙ୍କ ନ ତେଜଇ ରେ
ଝଳଗୋସ୍ତ !
ଝୁରୁଥାଇ ତୋ ମୁଖକୁ ନୋହି ସର ରେ
ଝାସଇଛି ପ୍ରତିଦିନେ ସିନ୍ଧୁବାନି ରେ,
ଝରଉଛି ତାମନକୁ ଅନୁସର ରେ ।୯।

ନିରନ୍ତରେ ଏକା ଭ୍ରମୁଥାଇ,
ନର ହଇ କାହିଁ ଥିର ହୋଇ ।
ନଷ୍ଟ ଜାଣିଲେ ଜନମୁଁ ଜଟିଳ
ନତଅଙ୍ଗୀ !
ନତ ବ୍ରତ ହିନୁଁ ତୋର ମୋର ସଙ୍ଗୀରେ
ନାନା ଭାବେ ତୁ ମୋତେ କରିବୁ ରଙ୍ଗୀରେ
ନୃତ୍ୟଯାଚକନା ତୋର ଭ୍ରୂଭଙ୍ଗୀରେ ।୧୦।

ଟେକ ତୁ ଗୃହିଁଲେ ଭ୍ରୂଲତା
ଟଳିଯିବେ ମହା ଊର୍ଦ୍ଧ୍ୱରେତା
ଟେକେ କହୁଛି ଦମ୍ଭ ଅବଲମ୍ବ
କରିବ କେ ଏଡ଼େ ବିବେକତାରେ
ଟେକସ୍ତନା !
ଟାଣ କହିମାନେ ହୋଇ ଦୁଷ୍ଟମନାରେ
ଟେକଥାନ୍ତି କାମଦେବ ଧନୁ ସିନାରେ
ଟାହି ପ୍ରାୟେ ତାଙ୍କ ବୋଲ ନୋହେ କନା ରେ ।୧୧।

Source: KC Dash, Digitized by PPRACHIN, SOA

ଠାବ କଲି ଏତେ କାଳେ ଆସି
ଠିକେ ଯେ ଜଳରେ ଯାଏ ଭାସି ।
ଠୂଳ ଭୟେ ସବୁ ଅବଲମ୍ବ କଲି
ପ୍ରାୟେ କଷ୍ଟ ହେଲେ ସବୁ ଭାଷୀରେ
ଠାକୁରାଣୀ !
ଠାବକର ତୋ ଅଙ୍ଗକୁ ପୁଣ ପୁଣିରେ
ଠେସି ପକାଇଲି ଏବେ ତାଙ୍କ ବାଣୀରେ
ଠିଆ ହେବାକୁ ତାଙ୍କର ନାହିଁ ଆଣିରେ ।୧୨।

ଡକାଇତ ପ୍ରାୟେ କବଳିତ
ଡୋଳେ ଦେଖୁ ଦେଖୁ ନ ଚିହ୍ନନ୍ତି
ଡାକୁଥାନ୍ତି ମୋର ଡୋଳା ପ୍ରତିମାକୁ
ଖଞ୍ଜନ ହରିଣ ମୀନ ନେତ୍ରୀରେ
ଡୋଳେଶ୍ୱରୀ !
ଡେର ହୋଏ ସେମ ଏହାଶୁଣି କରିରେ
ଡହେ ଅଙ୍ଗକୁ ସେ ବୋଲି ଯେଡ଼େ କରିରେ
ଡଙ୍କ ଲଖିଲେ ନୋହିବ ଏତେ ସରିରେ ।୧୩।

ଢମ କରି କହୁନାହିଁ ସଖୀ !
ଢ କ ଅନାଇଲେ ଯଉଁ ଆଖି
ଢୋ'କଲି ଅମୃତ ଆସ୍ୱାଦିଲି ପ୍ରାୟେ
ମନକୁ କରଇ ମହାସୁଖୀରେ
ଢାଳନେତ୍ରୀ !
ଢାଲେ ଚୋହୋ ଯେଣ ସିନା କାମ ଛଟୀରେ
ଢମପଣେ ଧରିଥାଇ ଫୁଲପରୀରେ'
ଢାଳିବାକୁ ଦମ୍ଭକୁ ସେ ମହାମନ୍ତ୍ରୀରେ ।୧୪।

ଏ କଥା ନୋହଇ ଅପ୍ରମାଣ
ଆନନ୍ଦଦାୟିନୀ ! ଏବେ ଶୁଣ
ଅଭିସାର ତୋର ନୋହିଥିଲାକୁଟି
ମହାଦେବଠାରେ ଗଲା ପ୍ରାଣରେ
ଅଳକନ !
ଏବେ ତୁ ତାହାର ମୃତ୍ୟୁସଞ୍ଜୀବନୀରେ

Source: KC Dash, Digitized by PPRACHIN, SOA

ଏହି ନୟନ ଦ୍ୱାରେଟି ତାହା ଚିହ୍ନିରେ
ଆଉ ଅଛି ନାକ ନୋଇପର ଦାମ୍ଭରେ ।୧୫।

ତୋ ନେତ୍ର ତରଙ୍ଗ ହାବଭାବ
ଭୁଞ୍ଜିବ ଗୁଣ କାହୁଁ ହେବ ?
ତେରଛେ ଚିହ୍ନିଁଣ କ କହିବା ଯହିଁ
ବ୍ରହ୍ମାପାଏ କାମ ପରାଭବରେ
ନିବଳମ୍ମା !
ତୋହୋ ନୟନର ଯହୁଁ ଯେନାଯେନରେ
ତାହା କହିବ କଉଁ ଯୋଗ୍ୟତା ଯେନରେ
ତେଡ଼େ ଭାଗ୍ୟ ମୋର କାହିଁ ଅଛି ଧନ୍ୟ ! ରେ ।୧୬।

ଥିର ମଧ୍ୟେ ଦମ୍ଭ ହାତ ବାନା
ଥିବ ତ ନାହିଁ ଏ ନେତ୍ର ଛନା
ଥମ୍ଭନ ମୋହନ ବଶ ଉଚ୍ଚାଟନ
ଜାତ କରିବାକୁ ଏହି ସିନାରେ
ଥିରଗତି !
ଥରେ ଥରେ କହଇ ଏ ଯହୁଁ ଗତିରେ
ଆଣ୍ଟୁ ଦେଖି କାମେ ହେବ ଛତିବନ୍ତରେ
ଥାଉ ଥାଉ ଲୋକର ବା କେତେ ଥାନ୍ତିରେ ।୧୭।

ଦେଖିଲେ ଯେ ହୋଏ ସୁଖକର
ଦେଇ ସିନା ତାକୁ ପଟାନ୍ତର
ଦୂରେ ଥାଇ କହ ବଚନ କହୁଛି
ତୋନେତ୍ର ନଷ୍ଟେ ବୈକୁଣ୍ଠ ପୁରରେ
ଦନଗୋଷ୍ଠ !
ଦଇବେହେଁ ତ ବସ୍ତୁର ମନୋହାରିରେ
ଦୟାନିଧି ଦୟା ଥିଲେ ଦେଖି ପାରିରେ
ଦୁଃଖ ଅଛି ବୋଲି ମନେ ନ ବିଚାରି ରେ ।୧୮।

ଧଳା କଳା ରଙ୍ଗେ ଶୋଭା ପାଏ
ଧାତା ହରି ହର ସଙ୍ଗ ପ୍ରାପ୍ତେ

ଥିର – ପୃଥ୍ୱୀ

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଜୟନ

ଧନ୍ୟ ଧନ୍ୟ ତାର ଜନମର ଭାଗ୍ୟ
ଯାହାର ଏ ଦରଶନ ହୋଏରେ
ଧୃତି ଧ୍ୱଂସୀ !
ଧରଣୀରେ ତୋର ନେତ୍ର ପରଶଂସିରେ
ଧୀର ହୋଇ ଏହା ଗୃହୁଁ ଥିବା ବସେରେ
ଧର୍ମ-ଅର୍ଥ-କାମ-ମୋକ୍ଷ ଫଳଦ୍ରୁଣୀରେ ।୧୯।

ନରତେ ବଢ଼ାଇ ପ୍ରେମ ପ୍ରୀତି
ନଚ୍ଛୁଡ଼ଇ ଅନୁରାଗ ଘାତି
ନଷ୍ଟେ ଜାଣିଲେରେ ନୟନ-ପ୍ରତିମା
ତୋ ନେତ୍ର ନାଗରୀ ରସବନ୍ତୀରେ
ନବଯୁବା !
ନାନା ଗତରୁ ଏ ନୃତ୍ୟକାରୀ ଅବାରେ
ନୀଳକଣ୍ଠୁଠାରେ କର ପୂର୍ତ୍ତି ସେବାରେ
ନିରନ୍ତରେ ଏଣ୍ଡ୍ରି ଶୋଭା ଦେଖୁଥିବାରେ ।୨୦।

ପଡ଼ିଲେ ଏ ନେନେ ନେତ୍ରଗତେ
ପ୍ରତେ ହୋଉଥାଉ ମନେ ଏତେ
ପାକ ଶାସନ-ସମ୍ପତ୍ତି କ ପ୍ରଶଂସା
କରୁଥାନ୍ତି ଲୋକେ କ ନିମନ୍ତେରେ
ପ୍ରାଣପଣ !
ପରମାନନ୍ଦ ସୁଖକୁ ଦେବା ଆଣିରେ
ପ୍ରତି ଅଙ୍ଗ କ୍ଷଣେ ଦହଇ ଏ ନେତ୍ର ଠାଣିରେ
ପ୍ରତି ଅଙ୍ଗ ପୁଲକାଇ ପୁଣ ପୂଣିରେ ।୨୧।

ଫୁରୁଛି ମନରେ ଆସି ଯେତେ
ଫେଡ଼ି ତା ଅବା କହିବ କେତେ
ଫାଇ ଲମ୍ବ ପାଇ ତରଙ୍ଗ ଭାବରୁ
କ୍ଷୀର ସିନ୍ଧୁ ପ୍ରାଏ ହୋଏ ପ୍ରତେରେ
ସ୍ଫୁଟ ମୁଖୀ !
ଫୁଲ୍ଲ ଅରବନ୍ଦେ ଫୁଲଲଠ ଦେଖିରେ
ଫୁରୁଣାରେ ଲକ୍ଷେ କଷ୍ଟ ହୋଏ ସୁଖୀରେ
ଫଳ ଏ ବାହାରେ ଅଉ ନାହିଁ ସଖୀ ରେ ।।୨୨।

ପାକ ଶାସନ — ଇନ୍ଦ୍ର

Source: KC Dash, Digitized by PPRACHIN, SOA

ବଟବକ ଗୁଡ଼ାଇ ଯେଉଁ ଜନ
ବଡ଼ ହେଲେ ତାକୁ ବୋଲି ସାନ
ବଗୃର ବଗୃର ବୋଲନ୍ତି ତୋ ନେତ୍ର
ଖଞ୍ଜନ ଚକୋର ମୃଗ ମୀନରେ
ବରାଙ୍ଗନା !
ବୁକୁ ହାଣି ହୋଏ ଏହା ଶୁଣି ସିନାରେ
ବ୍ରହ୍ମା ହାହା ଦେଖି ହେବ ହତମନାରେ
ବଚନରେ ତାହା କହ ଏତେ ଅନାରେ । ୨୩ ।

ଭାବ ନଜାଣଇ ଯେଉଁ ଲୋକ
ଭଲ ମନ୍ଦ ତାର ହୋଏ ଏକ
ଭେଖୀ ଭ୍ରମର ଠାରୁ ଜଣାଗଲା ସେ
ଅଧିକ କହିବା କେଉଁ ଟେକରେ
ଭାବ ନିଧି !
ଭାବୁଥାଇ ଏହିକଥା ନିରବଧିରେ
ଭ୍ରମ ହେଲା କାହିଁପାଇଁ ଧ ତା ବୁଦ୍ଧିରେ
ଭଲ କଥାରେ ଅଭଲ କଲା ସିଦ୍ଧିରେ ।୨୪।

ମଦାଳସୀ ମୁଖ ନେତ୍ର ଛବି
ମୋହୋ ବୃଦ୍ଧି କେତେ ମୁଁ କହିବି ?
ମହାଯୋଗୀ-ମହା-ଦମ୍ଭ-ଧରାଧର
ମର୍ଦ୍ଦିବାକୁ ଯେହ୍ନୁ ମହା ପବରେ
ମଦହାସୀ !
ମନେ ଏମନ୍ତ ଫପ୍ରରେ ହୋଏ ଆସିରେ
ମନ୍ଦାକିନୀରେ ଯମୁନା ବହେ ମିଶିରେ
ମହାସୁଖ ଜମରେ ଏ ସୁଖରାଶି ରେ ।୨୫।

ଯେମନ୍ତ ମୋ ସଙ୍ଗେ ରାମ ଥିଲେ
ଜଗତ ଆନନ୍ଦ ହୋଏ ଭଲେ
ଜଗମୋହିନୀ ! ମୋ ନେତ୍ରକୁ ତୋ ନେତ୍ର
ସେହିରୂପେ ଆଜ ସୁଖ ଦେଲେରେ
ଜୀବଧନ
ଯାହା ହୋଇଛି ଏବେହେଁ ମୋହୋ ମନରେ

Source: KC Dash, Digitized by PPRACHIN, SOA

ଯେବେ ସର୍ବଦା ହେବ ତୋ ଦରଶନରେ
ଯଦୁବଂଶେ ସମ୍ଭବବା ମୋର ଧନ୍ୟରେ ।୨୬।

ରମଣୀମଣି ତୋ ସ୍ନିଗ୍ଧବାଣୀ
ରଙ୍ଗିମା ଅଧର ଦନ୍ତ ଶ୍ରେଣୀ
ରୁଚି ରୁଚିର ଉଚ୍ଚକୁଚ ପ୍ରଶଂସା
ରୁନ୍ଧାଇ ନଦେଲ ନେତ୍ର ଆଣିରେ
ରସିକମଣି !
ରାଗବନ୍ତ କୃଷ୍ଣ ଗୁଣଭାବ ଧେନରେ
ରତ୍ତ ପକ୍ଷପାତେ ସିନା ହୋଇ ମାମାରେ
ରାତ୍ର ଦିବସ ଏ ମୋର ସୁଖଦାମାରେ ।୨୭।

ଲଳିତ ଲୋକ ମଣ୍ଡମା ଯେତେ
ଲକ୍ଷିବାକୁ ଦିଶୁନାହିଁ ମୋତେ
ଲୋଭକର ମୃଗତୃଷ୍ଣା ତଡ଼ିତକୁ
ବୋଲିବା କଥାହିଁ ଅବା କେତେରେ
ଲୀଳାବନ୍ତ !
ଲାଗିଥାଉ ମୋତେ ଏ ନୟନ ପ୍ରୀତିରେ
ଲୋକନାଥ କରିଥାଉ ଏହି ମନ୍ତରେ
ଲଭ ଏ ବାଦାରେ ଆଉ ନାହିଁ ଭ୍ରାନ୍ତିରେ ।୨୮।

ବାସୁଦେବ ସ୍ନେହବାଣୀ ଶୁଣି
ବୋଲେ ବ୍ରଜବଧୂ ଶିରୋମଣି
ବେଭାରେ ରସିକ ନାଗର ରସନ୍ତ
ଗୁଣବନ୍ତ ନାରୀ ଭାବ ଆଣି ଦେ
ବନମାଳୀ !
ବଡ଼କର ଯେତେ ସ୍ତ୍ରିଏ ଫୁଲ ପାଳହେ
ବଢ଼େ ତେତେ ରୂପେ ସୁଖ ଭୋଗ କେଳହେ
ବଳ କହିବ ଅବା ତା କେତେ ଭଲହେ ।୨୯।

ସୁମନା ସୁମନ ସୁମନସ
ସବୁରୂପେ ଯେବେ କର ଦୋଷ

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଜୀବନ

ସୁଖ ସମ୍ପତ୍ତି ବହୁତ କର ଭୋଗ
କରନ୍ତି ବିବେକ ସୁପୁରୁଷହେ
ଶ୍ୟାମଘନ !

ସବୁଦିନେ ଥିବ ଏହି ଅବଧାନ ହେ
ସପନେ ହେଁ ମନେ ନ କରିବ ଆନ ହେ
ସବୁକର ମାଗୁଛି ମୁଁ ଏହି ଦାନ ହେ । ୩୦ ।

ସରସ ସନ୍ଦର୍ଭ ଗର୍ଭ ଶୁଣିବ
ସନ୍ତୋଷେ ମେଲଣି ହୋଅ ଏବେ
ଶ୍ରୀହରି ବୋଲନ୍ତି ସେବକ ହେବା ତ
ଉଚିତ ନୋହଇ ପ୍ରଭୁ ଠାବେ ରେ
ସୀମନ୍ତିନୀ !
ସଙ୍ଗଭଙ୍ଗ ବଡ଼ ହୋଇ ନାହିଁ ହାନିରେ
ସତ ନ ବଳେ, ନଚଳେ ପାଦ ବେନିରେ
ସୁଧା ବରଷି ବଚନ ସୁଖ ଘେନିରେ ।୩୧।

ଶ୍ୟାମଶ୍ୟାମା ଏକ ଠାବେ ଦେଖି
ସଖୀ ଡାକନ୍ତିରେ ପ୍ରାଣ ସଖୀ
ଶ୍ୟାମ ମେଘରେ ତ ଅପୂର୍ବ ଥକିତ
ବିଜୁଳି ଗବାକ୍ଷେ ଅଛି ଲଖିରେ
ସହଚରି !
ଶ୍ୟାମ ଅଭୟପଞ୍ଜର ଆଶ୍ରେ କରରେ
ସବୁ ଭୟକୁ ଦେଲୁ କି ଦୂର କରିରେ
ଶୀଘ୍ରେ ଆସ ମୁଁ ଗଲିଟି ପରିହରି ରେ ।୩୨।

ହରି ବୋଲନ୍ତିରେ ଗୋପାଙ୍ଗନା
ହେଲୁ ତୁ ପବନ ପ୍ରାପ୍ୟେ ସିନା
ହରିକଲୁ ଘନରସ ବର୍ଷିବା
କଉଁ କାରଣରୁ ବନ୍ଧମନାରେ
ହାରବଳି !
ହାଥ ନେଲୁ ମୋ ଅମୃତ ରସାବଳୀରେ
ହୃଦେ ଏହିକଥା ନକି ଥିଲୁ କଳିରେ
ହର ବଇରି ଶରେ ତୁ ହୋଅ ଦଳିରେ ।୩୩।

Source: KC Dash, Digitized by PPRACHIN, SOA

କ୍ଷଇଳ ଗୋପୀ ହରଷେ ଗଲେ
କ୍ଷେମେ ଗୋପ ପରବେଶ ହେଲେ
କ୍ଷଣଦାକାଳେ ଛଛନ୍ଦେ କୁତୂହଳେ
କନ୍ଦର୍ପ-ଦର୍ପକୁ ବନାଶିଲେ ସେ
କ୍ଷମାନଧି
କ୍ଷଦ୍ର ଗୋପୀ ଅଧେ ଆଭରଣ ବଧି ସେ
କ୍ଷିତିମଣ୍ଡନା ମୋହନା ମନ ବୋଧି ସେ
କ୍ଷେମେ ଦୀନକୃଷ୍ଣ ମନକାମ ସିଦ୍ଧିରେ ।୩୪।

କ୍ଷଣଦା—ରାତ୍ର

Source: KC Dash, Digitized by PPRACHIN, SOA

ରାଧାମୋହନ ଚଉତିଶା

କେବଣ ଦୁର୍ଜନ ଜନ
କର ଯୋଡ଼କରି ହୋଇ ନନ୍ଦନ ହେ
ରାଧାମୋହନ !
କହୁଛି ବନସ୍ଥ ଯେନ ହେ ।୧।

ଖଗେନ୍ଦ୍ର ପଛରେ ରହି
ଖେଦ ଆରତ ସଧୀରେ ଜଣାଇ ହେ
ରାଧାମୋହନ
ଖେଦ ରଖି ହେଉ ନାହିଁ ହେ ।୨।

ଗରସ୍ତୁ ଗାଢ଼ ବିପତ୍ତି
ଗନ୍ଧ କରି ସାର ଦେଲ ସମ୍ପତ୍ତି ହେ
ରାଧାମୋହନ !
ଗଞ୍ଜିମାରେ ଦ୍ଵାରନ୍ତ ହେ ।୩।

ଘାଟ ନେବ ବୋଲି ଆସି
ଘୋଟି ରହିଅଛି ବିପଦ ନିଶି ହେ
ରାଧାମୋହନ !
ଘୋର ଆର୍ତ୍ତି ହେଲି ଆସ୍ପି ହେ ।୪।

ନନ୍ଦସୁତ ବଂଶୀଧାରୀ
ନାହିଁ କେହି ଆଉ ସାହା ମୋହର ହେ
ରାଧାମୋହନ !
ନ ରଖିଲେ ଗଲି ସରି ହେ ।୫।

ଚିନ୍ତାମଣି ନାମ ବହି
ଚିତ୍ତେ ଚିନ୍ତାକଲେ ଦ୍ରୌପଦୀସାଇଁ ହେ
ରାଧାମୋହନ !
ଚିନ୍ତାରୁ ନେଲ ବଞ୍ଚାଇ ହେ ।୬।

Source: KC Dash, Digitized by PPRACHIN, SOA

ଛୁଡ଼ିଲା ସକଳ ଆଶା
ଛନ୍ଦାଚରଣକୁ କଲି ଭରସା ହେ
ରାଧାମୋହନ !
ଛୁଡ଼ି ନଗଲା ଦୁର୍ଦ୍ଦଶା ହେ ।୭।

ଜଳନ୍ତା ଅନଳ ଗିଳି
ଯଶୋଦା ସୁତହେ ଅଛ ସମ୍ଭାଳିହେ
ରାଧାମୋହନ !
ଯତ୍ନେ ବ୍ରଜବାଳ ପାଳି ହେ ।୮।

ଝୁରେ କପୋଣ୍ଡ ଯେସନ
ଝୁରୁଅଛି ମୁହିଁ ରଜନୀ ଦିନହେ
ରାଧାମୋହନ !
ଝୁରୁଝୁରୁ ତନୁ କ୍ଷୀଣ ହେ ।୯।

ନିଃଶ୍ୱାସ ଛୁଡ଼ିଲି ଆସି
ନିରପକ୍ଷ ହେଲ କରୁଣାରାଶି ହେ
ରାଧାମୋହନ !
ନୟ ସ୍ରୋତେ ଗଲି ଭାସିହେ ।୧୦।

ଟଳିଲା ବିଟପୀ ପ୍ରାୟେ
ଟାଣ ନାହିଁ ଶୂନ୍ୟେ ରହିଛି କାୟେ ହେ
ରାଧାମୋହନ !
ଟଳିବ ନଶ୍ଚୟେ କାୟେହେ ।୧୧।

ଠଉରିବାକୁ ମୋ ଆଶ
ଠିକଣା ନ ଦିଶେ ହେ ପୀତବାସ ହେ
ରାଧାମୋହନ !
ଠାକୁର କଲେ ନିରାଶ ହେ ।୧୨।

ଡରରେ ଗର୍ଭୀ ମୃଗୁଣୀ
ଡାକଦେଲା ରଖ ସାରଙ୍ଗପାଣି ହେ
ରାଧାମୋହନ !
ଡାକ ଶୁଣି ସେହିକ୍ଷଣି ହେ ।୧୩।

Source: KC Dash, Digitized by PPRACHIN, SOA

ଢାଳେ ବହ୍ନୁ କେତୁ ଉରେ
ଢଳରତ୍ନ ଚନ୍ଦ୍ର ଶଶୀ ମିହରେ ହେ
ରାଧାମୋହନ !
ଢକ୍କା ବାଜେ ଜଗତରେ ହେ ।୧୪।

ଅକର୍ମ କର୍ମଦାୟକ
ଅଘୋର ପାତକ ବୃନ୍ଦ ତାରକ ହେ
ରାଧାମୋହନ !
ଅଖିଳେ ପଡ଼ୁଛି ଡାକ ହେ ।୧୫।

ତୁମ୍ଭେ ପତିତପାବନ
ତୁମ୍ଭ ବିନା ନାହିଁ ମୋ ପରିତ୍ରାଣହେ
ରାଧାମୋହନ !
ତାରିବାକୁ ତ୍ରିଭୁବନ ହେ ।୧୬।

ଥଣ୍ଟକଠା ପକ୍ଷୀପରି
ଥୟେ ନାହିଁ ହୃଦୟରେ ମୋହରିହେ
ରାଧାମୋହନ !
ଥାଉଁ ଥାଉଁ ଗଲ ସରିହେ ।୧୭।

ଦରିଦ୍ର ସୁଦାମା ଦୁଃଖ
ଦଣ୍ଡକେ ସାରିଲ ପଙ୍କଜ ମୁଖହେ
ରାଧାମୋହନ !
ଦେଇଛ ଅଶେଷ ସୁଖହେ ।୧୮।

ଧରଣୀ ଧରନ୍ତା ଅଗ୍ରେ
ଧ୍ରୁବଙ୍କୁ ଦେଖିଲ ନିଶ୍ଚଳ ସ୍ୱର୍ଗେହେ
ରାଧାମୋହନ !
ଧ୍ରୁବ ଶୂନ୍ୟ ଦେବମାର୍ଗେ ହେ ।୧୯।

ନୃସିଂହ ମୂରତି ଧରି
ଦେଲ ହିରଣ୍ୟର ବକ୍ଷ ବିଦାରିହେ
ରାଧାମୋହନ !
ନାହିଁ ସମ ତିନପୁରୀ ହେ ।୨୦।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ପତିତ ପାବନ ହରି
ପତକା ଉଡ଼ୁଛି ଚଉଦ ପୁରରେ ହେ
ରାଧାମୋହନ !
ପ୍ରହ୍ଲଦ ହିତକାରୀ ହେ ।୨୧।

ଫୁଲ୍ଲେନ୍ଦୀବର ଈକ୍ଷଣ
ଫୁଟଇ ହୃଦୟ ଆରତ ଜଣ ହେ
ରାଧାମୋହନ !
ଫେଡ଼ ମୋ ହୃଦ କଷଣ ହେ ।୨୨।

ବେଳକୁ ବେଳ ପ୍ରବଳ
ବ୍ୟାଧ ରୂପେ ବ୍ୟାଧି ସାରିଲ ବଳ ହେ
ରାଧାମୋହନ !
ବିଷମ ସଙ୍କଟ ହର ହେ ।୨୩।

ଭୃତ୍ୟ ଜନ ପିବ ନାଶ
ଭାବଗ୍ରାହୀ ଅରଜବ କ ଯଶ ହେ
ରାଧାମୋହନ !
ଭାବନା କର ମାନସ ହେ ।୨୪।

ମଲ୍ଲ କୁମର ବଞ୍ଚାଇ
ମହିମା ସାଗର ଗୁରୁଙ୍କୁ ଦେଇ ହେ
ରାଧାମୋହନ !
ମନୁ ସନ୍ତାପ ଛଡ଼ାଇ ହେ ।୨୫।

ଜଗତ ପ୍ରଳୟ କାଳେ
ଜନ୍ତୁ ମାରକଣ୍ଡ ଚାହିଲ ହେଲେ ହେ
ରାଧାମୋହନ !
ଯଶ ରଖି ମହୀତଳେ ହେ ।୨୬।

ରମା ସଙ୍ଗେ ଖେଳରତେ
ରଖ ଡାକ ଦେଲ ଗଜ ଆରତେ ହେ
ରାଧାମୋହନ !
ରଖିଲ ତାକୁ ତୁରିତେ ହେ ।୨୭।

Source: KC Dash, Digitized by PPRACHIN, SOA

ଲଗିଣ ପଦ୍ମଚରଣ
ଲଦ୍ଧଣ ହେଲା ଅହଲ୍ୟା ଭୂଷଣହେ
ରାଧାମୋହନ !
ଲଭିଲ ସେହୁ କାରଣ ହେ ।୨୮।

ବ୍ରହ୍ମାଣ୍ଡ ମାତଙ୍ଗ ମଲ୍ଲ
କଂସ ଅଜାମିଳ ବେଶ୍ୟା ପିଙ୍ଗଳାହେ
ରାଧାମୋହନ !
ବୁଝି ମୋ ସଂଶୟ ତୋଳା ହେ ।୨୯।

ଶ୍ରୀବତ୍ସ ଲାଞ୍ଛିତ ଚିହ୍ନ
ଶ୍ରୀଅଙ୍ଗେ ବହିଛ ଭକ୍ତ ଭାବେଣ ହେ
ରାଧାମୋହନ !
ଶ୍ରୀମୁଖେ କହ ଆପଣହେ ।୩୦।

ସତ୍ୟବାଦୀ ନାମ ଯାର
ଶରଣବତ୍ସଳ ଦୟାସାଗର ହେ
ରାଧାମୋହନ !
ଶୋକ ସିନ୍ଧୁ ପାରକର ହେ ।୩୧।

ଶୁକ ସନକାଦ୍ଧ ଶେଷ
ସ୍ମରୁଛନ୍ତି ଯାକୁ ରାତ ଦିବସହେ
ରାଧାମୋହନ !
ସେହ୍ନ ନ ପାଇଲେ ଲେଶହେ ।୩୨।

ହୀନକର୍ମୀ ବୁଦ୍ଧି ମୋର
ହଠ ବଗ୍ଧ ମୁଢ଼ କର୍ଣ୍ଣକୁହର ହେ
ରାଧାମୋହନ !
ହୃଦୟ ବଡ଼ ଅସ୍ଥିର ହେ ।୩୩।

କ୍ଷୀରବ୍ଧି ତନୟା ଈଶ
କ୍ଷମାକର ନିତ୍ୟ ନନ୍ଦର ଦୋଷହେ
ରାଧାମୋହନ !
କ୍ଷିତି ଭୀତି କର ନାଶ ହେ ।୩୪।

Source: KC Dash, Digitized by PPRACHIN, SOA

କମଳ ଦଳ ଚଉତିଶା

ରାଗ–କେଦାର କାମୋଦୀ

କମଳ ଦଳ ନେତ୍ରୀ ବିଚ୍ଛେଦ ଦିନୁଁ
କରୁଛୁ କ୍ଷୀଣ ମତେ କୁସୁମ ଧନୁରେ
କୋଟି ଲାବଣ୍ୟ ଗାତ୍ରୀ ସଙ୍ଗ ବିହୁନେ
କଶେଃଖ ବିନୁ ମନ ନାହିଁ ମୋ ଆନ ରେ ।୧।

ଖଣ୍ଡିଣ ଏଡ଼େ ସୁଖ ଗଲୁରେ ପ୍ରିୟା
କ୍ଷଣେ ତ ବନ୍ଧୁ ମତେ ନ କଲୁ ଦୟାରେ
ଖଟି ଯେ ଥିଲି ବନ୍ଧୁ ! ତୋର ଚରଣ
ଖଣ୍ଡ ଖଣ୍ଡ କରୁଛୁ ପ୍ରାଣ ମୟାଣରେ ।୨।

ଗୁପତ ରତିକାଳେ ଚୁମ୍ବନ ଦେଇ
ଗାଢ଼ ସୁରତି କାଳେ ଅଧର ଦେଇ ଯେ
ଗଜଗମନା ! ଗାଢ଼ ସ୍ନେହ ତେଜିଲୁ,
ଗତ ପୀରତି ତୋ ମନୁ ବିସୋରିଲୁ ।୩।

ଘଡ଼ିକ ଲକ୍ଷଯୁଗ ହୋଇଲା ମତେ
ଘର ବିପିନ ସଖୀ ! ହଉଛି ଚିତେରେ
ଘଟଣ ଗୁରୁନେତ୍ରୀ ! ତରୁଣୀମଣି !
ଘାର ହେଉଛି ପ୍ରାଣ ପ୍ରାଣନିଛଣୀରେ ।୪।

ନଗ୍ରେ ନବନାଗରୀ ଅଛନ୍ତି ଯେତେ
ନିଶ୍ଚୟେ ସରସମ ନୋହିବେ ତୋତେରେ
ନ କର ନିରାଶ ଗୋ ମୀରଜମୁଖୀ !
ନ ରହିବ ଜୀବ ଯିବ ତତେ ନ ଦେଖିରେ ।୫।

ଚଞ୍ଚଳ ନୟନରେ ଚାହିଲ ଚାହିଁବା
ଚାହିଁଲେ ଚକିତ ହୋଇବେ ମଘବାରେ
ଚନ୍ଦ୍ରାର୍ଦ୍ଧ ଭାଲ ପଟେ ଅଳକା ଶୋଭି
ଚରୁଛନ୍ତି ଚକୋର ନିଚଳେ ରହିରେ ।୬।

ମୟାଣ—କାମଦେବ, ମଘବା—ଇନ୍ଦ୍ର

Source: KC Dash, Digitized by PPRACHIN, SOA

ଛନ୍ଦଣ ଭୂଜଯୁଗେ ଗୁଡ଼ ନ ଦେଉ
ଗୁଡ଼ିବ ନାହିଁ ବୋଲି ହସିଣ କହୁ ରେ
କ୍ଷୀରୋଦ୍ରସୁତାପତିସୁତ କୋପରେ
ଛଛନ୍ଦେ ହୋଇ ଯାଇଁ ରହିଲୁ ଦୂରେ ରେ ।୭।

ଜପୁଣ ତୋର ନାମ ଯାଉ ଏ ଜୀବ
ଯିବାର କେବଳ ସେ ପ୍ରିୟା ଜାଣିବରେ
ଜଗତେ ଅପଯଶ ହଉ ତାହାକୁ
ଜାଣୁ ଜାଣୁ ଏ ଯଶ ଦେଲୁ କାମକୁରେ ।୮।

ଝଟକ ଗଣ୍ଡେ ତାର ତାଟଙ୍କ ଶୋଭା
ଝସକେତନ ଶର ଶାଣ ତା ପ୍ରଭାରେ
ଝମଣ୍ଡେ ନ ଯାଇ ମୋ ମନୁ ତୋ ସୁଖ
ଝାମ୍ପି ମଦନ ଏବେ ଦେଲୁ ଏ ଦୁଃଖରେ ।୯।

ଞଷ୍ଟେ ଜାଣିଲ ତୋର ଞଠୁର ହିଆ
ଞମିଷେ ବନ୍ଧୁ ! ମୋତେ ନକଲୁ ଦୟାରେ
ଞର୍ମଳ ଞଶାକର ପୂର୍ଣ୍ଣ ଆନନ
ନ ଦେଖି ଛନ ଛନ ଚକୋର ମନରେ ।୧୦।

ଟଙ୍କାରେ ଟାଣେ ଟାଣି ମାରୁଛୁ ମାର
ଟଳଲଟି ପରାଣ ଏଥୁ ଉଦ୍ଧର ରେ
ଟାହି ନୁହଇ ସତ ଶପଥ ତୋର
ଟସକରପଟେଣ ତୁ ଏଥୁ ଉଦ୍ଧରରେ ।୧୧।

ଠାଠିକ ଉଚ୍ଚ କୁଚ ମର୍ଦ୍ଦନ କାଳେ
ଠିକାରେ କାହିଁ ନାହିଁ କରୁ ବିହ୍ୱଳରେ
ଠାକୁର ଅଟୁ ବନ୍ଧୁ ! ଯୁବା ଉପରେ
ଠୁଳ କାମ ଅନଳୁ ଉଦ୍ଧର ବାରେ ରେ ।୧୨।

ଡମ୍ବରୁଧର ବାରେ ଏମନ୍ତ କର
ଡୋଳା ପିଙ୍ଗୁଳା ଦେଇ ସନ୍ତାପ ହରରେ
ଡଙ୍ଗର ଡକାଇତ ଡକା କରୁଛି
ଡୋଳେ ତୋତେ ନ ଦେଖି ତନୁ ରହୁଛି ରେ ।୧୩।

କ୍ଷୀରୋଦ୍ରପତି ସୁତାସୁତ—କନ୍ଦର୍ପ, ଛଛନ୍ଦେ—ସ୍ୱଛନ୍ଦେ

Source: KC Dash, Digitized by PPRACHIN, SOA

ତୋକ ମରବ ବିଷ କେ ଆଣି ଦେବ,
ତିଗ ବ୍ରହ୍ମ କୀରତି ତାକୁ ରହିବରେ
ତମ ଯେତେକ ସବୁ ସରିଣ ଗଲ
ତଳ ହଳ ଅଧରୁ ସୁଧା ଗଳିଲ ରେ ।୧୪।

ଅତନୁ ଧନୁ ମତେ ତନୁ କରିବ,
ଅବଳା ବାରେ ଅବା ଏଥୁ ରଖିବ ରେ
ଅଙ୍ଗନା ଅଙ୍ଗ ନାଶ ନ ଯାଉ ଆସି
ଅନାଥ ନାଥ ହୋଇ ରଖ ସୁକେଶୀ ! ରେ ।୧୫।

ତରୁଣୀମଣି ଯୋଗ ବଶରେ ଥିଲ
ତମେ ପାଇଣ ଥିଲ ବନ୍ଧ ହରିଲ ରେ
ତପନାଶିନୀ ପ୍ରିୟା ବିମୁଖ ହେଲ
ତପନ ସୂତ ମତେ କମ୍ପା ନ ନେଲରେ ।୧୬।

ଥୋଇ କୀରତି କରି ପୁରୁଷ ବଧ
ଥୋଇଲ ନାହିଁ ଯେତେ ଥିଲ ବମା ସଧରେ
ଥବିର ଜ୍ଞାନ ଆଉ ନାହିଁ ମୋ ଦେହ
ଥରିଲଟି ପରାଣ ଶୁଣ ସନ୍ଦେହରେ ।୧୭।

ଦଇନ ହୋଇବାରେ କରୁଣାକର
ଦାସ ଦେଖ ସୁନ୍ଦରୀ ! ମନେ ନ ଧରରେ,
ଦୁଃଖନାଶିନୀ ପାଇଁ ହୋଇଲି ଦୁଃଖୀ
ଦୁଃଖ ତ ନ ଦେଖିଲୁ ଚନ୍ଦ୍ରମାମୁଖୀ ! ରେ ।୧୮।

ଧରିଛି ଜୀବ ଧନ ଆସିବା ପାଇଁ,
ଧରଣୀମଣ୍ଡନୀ ! ତୁ କର ସଦୟେ ରେ
ଧରି କହୁଛି ପାଦ ଏମନ୍ତ କର,
ଧୀରଗମନା ! ବାରେ ମୋତେ ଝଙ୍କରରେ ।୧୯।

ନିରନ୍ତରେ ତୋ ରୂପ କରୁଛି ଧ୍ୟାନ
ନିଶି ଦିବସେ ବନ୍ଧୁ ପଡ଼ୁଛି ମନରେ
ନିଶାପତି ତୋ ବିନୁ ତନୁ ଦହୁଛି
ନିରେଂନେବ ପରାଣ ବରୁରୁଅଛି ରେ ।୨୦।

ତପନ ସୁତ—ଯମ ଥଧ— ଇଚ୍ଛା

Source: KC Dash, Digitized by PPRACHIN, SOA

ପ୍ରିୟା ପୀରତ୍ତ ପରମାଦ ହୋଇଲା
ପଥେ ବସାଇ ମୋତେ ଅନାସ୍ଥ କଲରେ
ପରମାନନ୍ଦ ବାରେ ଏମନ୍ତ କର
ପଦ୍ମପଳାକ୍ଷୀ ଦେଇ ସନ୍ତାପ ହର ହେ ।୨୧।

ଫୁଲ୍ଲାରବିନ୍ଦ ମୁଖେ ଚୁମ୍ବନ ଦେବ
ଫାଇ ପୁ ରୁଣା ହୋଇ ଦୁଃଖ ତେଜିବ ହେ
ଫଣୀକୁଣ୍ଡଳପୁ ଶପୁ ହୋଇଲ
ଫାନ୍ଦ କୁରଙ୍ଗ ପ୍ରାୟେ ମୋ ମନ ନେଲରେ ।୨୨।

ବିଧୁବଦନୀ ହନେ ବସନ୍ତକାଳେ
ବସନ୍ତ ଋତୁ ତଳେ ବସାଇ କୋଳେରେ
ବୋଲିଲୁ ଯାହା ମୋତେ ପରାଣସନ୍ଧ ।
ହସୋଇଲୁ ଏବେ ତା ହଦେଶେ ରନ୍ଧ୍ର ରେ ।୨୩।

ଭେଳା ଶୋକ ସମୁଦ୍ରେ ଭସାଇ ଦେଲୁ,
ଭାବ ଦେଇ ଭାବିନି ! ଅଭାବ କଲୁରେ,
ଭଗତ ନ ଘେନିଲୁ ଥରେ ମୋହର
ଭଲେ ଅଯଶ ହେବ ଜଗତେ ତୋରରେ ।୨୪।

ମଞ୍ଜୁମଣ୍ଡନା ! ମନେ ସୁଦୟା କର
ମଦନ ଅନ୍ଧକାରୁ ବାରେ ଉଦ୍ଧରରେ
ମଦନ ମସ୍ତାଣ ପସ୍ତାଣ କରୁଛି
ମାରିନେବ ପରାଣ ହୃଦୁରୁ ଅଛିରେ ।୨୫।

ଯୁବତୀ ଶିରୋମଣି ! କୁଟିଳକେଶୀ
ଜାଣୁମଣି ! ଏବର ମତେ ହଉସିରେ
ଜନ୍ମେ ଜନ୍ମେ ତୋ ପଦେ ଖଟିଣ ଥିବ
ଯାବକ ହୋଇ ତୋ ଚରଣେ ଲାଗିବରେ ।୨୬।

ରସିକଜନଙ୍କର ଅଟେ ତୁ ବନ୍ଧୁ
ରମଣୀ ଶିରୋମଣି ! ଅମୃତ ସିନ୍ଧୁରେ !
ରଜନୀ ବଞ୍ଚିଥିଲି ରଙ୍ଗେ ତୋ ସଙ୍ଗ
ରଚିଲୁ ନାନା ଦୁଃଖ କଲୁ ହୃଦଭଙ୍ଗରେ ।୨୭।

ଯାବକ—ଅଲତା।

Source: KC Dash, Digitized by PPRACHIN, SOA

ଲଳିତ ଚରଣେ ତୋ ଦିନେରେ ସନ୍ଧି !
ଲକ୍ଷା ଲେଖନ୍ତେ ଯାହା ଅଛନ୍ତି କଳ୍ପରେ
ଲଖିଛି କୋନ୍ତ ହୋଇ ଅଙ୍ଗେ ସେ କଥା
ଲବଣ୍ୟନିଧି ! ମନେ ଲଗିଛି ଦଥାରେ ।୨୮।

ବଜ୍ରସମ ହୋଇଲା ମନ୍ଦ ପବନ
ବିଷସମ ହୋଇଲା ଅଶନ ପାନ ରେ
ବିଷମ ପ୍ରାଣ ଘେନ ଅଛି ମଦନ
ବାନ୍ଧବୀ ! ତୋର ବିନୁ ନାହିଁ ମୋ ଆନରେ ।୨୯।

ସୁଦୟା କର ମୋତେ ଉମାରମଣ
ସପନେ ସଖୀର ଧରିବି ଚରଣ ହେ
ସୁମୁଖୀ ସନ୍ତୋଷରେ ସୁଦୟା କରୁ
ଶୋକସାଗରୁ ବାରେ ଉଦ୍ଧରି ଧରୁରେ ।୩୦।

ଶଶଧର ତୋବିନୁ ତାପୁଛି ମୋତେ
ସତେହେଁ ଦୟା ସଖୀ ! ନାହିଁ ତୋ ଚିତ୍ତେରେ
ଶଶୀବଦନା ! ଏତେ କଠୋର ହେଲୁ
ଶରଣ ପଶିଥିଲି ନଷ୍ଟେ ତେଜିଲୁ ରେ ।୩୧।

ଶରଣ ପଶିଥିଲି ତୋର ସଜନୀ ।
ସେ କଥା ନ ରଖିଲୁ ମୃଗଲୋଚନୀରେ
ସରିଲା ଭରସା ମୋ ହେଲି ନିରେଖ
ସୁରଙ୍ଗ ବିମ୍ବାଧରୀ ! ବାରେକ ରଖରେ ।୩୨।

ହର ଚନ୍ଦ୍ରମା ଶୁଣ୍ଡ ଚତୁରାନନ,
ହେମଗାତ୍ରୀ ହରିବୁ ସକଳ ମନରେ
ହରିବଇରି ନଷ୍ଟେ ପ୍ରାଣ ନାଶିଲା
ହାଟକଗାତ୍ରୀ ! ମତେ ଏମନ୍ତ କଲରେ ।୩୩।

କ୍ଷୀରୋଦାସୁତାପତି ବେନିଚରଣ
ଛଛନ୍ଦେ ନରଇନ୍ଦ୍ର ପଶେ ଶରଣ ଯେ
କ୍ଷମା ସାଗର ପ୍ରଭୁ ମାଳାଦ୍ରିପତି
କ୍ଷମେ ଦର୍ଶନେ ନରେ ଲଭ ମୁକତି ଯେ ।୩୪।

କୋନ୍ତ—କୁନ୍ତ

Source: KC Dash, Digitized by PPRACHIN, SOA

ରାଧାମାଧବ ଚଉତିଶା

କୃପାନିଧିଙ୍କି ମୁ ଧ୍ୟାୟି
କାକୁସ୍ତ କାର୍ପଣ୍ୟ ହୋଇ ଜଣାଇଦେ
ରାଧାମାଧବ
କଳୁଷ ଖଣ୍ଡିବା ପାଇଁଦେ ।୧।

ଖଗେନ୍ଦ୍ର ପଛରେ ରହ୍ବ
ଖେଦଆରତରେ କାନ୍ଦୁଛି ମୁହିଁଦେ
ରାଧାମାଧବ !
ଖେଦରୁ କରବ ସାନ୍ତ୍ବଦେ ।୨।

ଗଙ୍କକର ମୋ ଛପତ୍ତି
ଗଞ୍ଜି ମାଗୁଛି କ ଏ ଦବା ରାନ୍ତଦେ
ରାଧାମଧବ !
ଗୁହାରି ଯେନ ଛଡ଼ନ୍ତ ଦେ ।୩।

ଘନକୁ ଗୃତକ ପରି
ଘୃଣା ନ ଗଲା ଚତ୍ତରେ ମୋହର ଦେ
ରାଧାମାଧବ !
ଘୋଟୁଛି ଦବା ଶଙ୍କା ଦେ ।୪।

ଉଦ୍ଧାର ହୋଇବା ପାଇଁ
ଆଶ କରୁଛି ତ୍ରୈଲୋକ୍ୟ ଗୋସାଇଁ ଦେ
ରାଧାମାଧବ !
ଆଶା ପୂର୍ଣ୍ଣ ହେଉନାହିଁ ଦେ ।୫।

ଚନ୍ଦ୍ରକୁ ଚକୋର ପରି
ଚରଣାରବିନ୍ଦେ ଆଶ୍ରା ମୋହର ଦେ
ରାଧାମାଧବ
ଛନ୍ଦାରୁ କରବ ପାର ଦେ ।୬।

Source: KC Dash, Digitized by PPRACHIN, SOA

ଛନ୍ଦାଚରଣକୁ ଧ୍ୟାୟି
ଛାର ମୋ ବିପତ୍ତି ଘୁଞ୍ଚିଲା ନାହିଁ ହେ
ରାଧାମାଧବ !
ଛନ୍ଦ ନମଣ ମୋ ଠାଇଁ ହେ ।୭।

ଜଗତଜନ ଠାକୁର
ଜୀବ ଯିବାକାଳେ ମାଗୁଣି ମୋର ହେ
ରାଧାମାଧବ !
ଜାଣି ହେବ ଭବୁଁ ପାର ହେ ।୮।

ଝୁରେ କପୋତୀ ଯେମନ୍ତ
ଝୁରୁଅଛି ମୁହିଁ ଏ ଭବା ଘର ହେ
ରାଧାମାଧବ !
ଝୁରି ହୋଇଲି ଅନାଥ ହେ ।୯।

ଞିଷ୍ଠୁର ନୁହ ମୋ ଠାଇଁ
ଞିଧ୍ୟା ହେଲେ ନ ବର୍ତ୍ତିବି ମୁହିଁ ହେ
ରାଧାମାଧବ !
ଞିରାଶ୍ରୟ ଜନ ଠାଇଁ ହେ ।୧୦।

ଟୋପକୁ ନ ଦଅ ପେଲି
ଟାଳି କରି ଜନେ ମାରିବେ ତାଳି ହେ
ରାଧାମାଧବ !
ଟାଣ ପଣ ଯିବ ଟଳି ହେ ।୧୧।

ଠାବ ମୁଁ ପାଇଲି ନାହିଁ
ଠାକୁର ବୋଲି ତୁମ୍ଭରେ ଜଣାଇଁ ହେ
ରାଧାମାଧବ !
ଠିକେ ମଦନେ କହଇ ହେ ।୧୨।

ଡାକ ମୃଗୁଣୀ ବନର
ଡେରି ଶ୍ରବଣ ଶୁଣିଲି ଯନ୍ତ୍ର ହେ
ରାଧାମାଧବ !
ଡରରୁ କଲି ନିସ୍ତାର ହେ ।୧୩।

Source: KC Dash, Digitized by PPRACHIN, SOA

- ତୋକ କ୍ଷୀର ସଙ୍ଗେ ବିଷ
ତାଳେ ପୂତନାକୁ କଲ ବିନାଶ ହେ
ରାଧାମାଧବ !
ତମପଟଣେ କଂସ ନାଶ ହେ ।୧୪।

ଅର୍ଘାସୁର ବଧ କଲ
ଆକାଶ ମାର୍ଗରେ ହେଲେ କ୍ଷିଣିଲହେ
ରାଧାମାଧବ !
ଅରକ୍ଷ ଜନ ରଖିଲ ହେ ।୧୫।

ତେଣୁ ଭରସା ପାଇଲି
ତରିବ ବୋଲି ମୁଁ ଆଶ୍ରୟ କଲି ହେ
ରାଧାମାଧବ !
ତାପରେ ମୁଁ ପଡ଼ିଗଲି ହେ ।୧୬।

ଥୋପମୀନ ପ୍ରାୟେ ହୋଇ
ଥକତେ ନଷ୍ଟପ୍ରାୟେ ରହିଲ ମୁହିଁହେ
ରାଧାମାଧବ
ଥୟେ ଆଜ ବଶୁ ନାହିଁ ହେ ।୧୭।

ଦୟାନିଧି ନାମ ବହି
ଦୟା ଯଦ ତୁମ୍ଭ ହୃଦରେ ନାହିଁହେ
ରାଧାମାଧବ !
ଦରିଦ୍ର ଜନଙ୍କ ଠାଇଁ ହେ ।୧୮।

ଧରି କୁବୁଜା ମନରେ
ଧାସ୍ପି ଚନ୍ଦନ ଲିପିଲ ହୃଦରେ ହେ
ରାଧାମାଧବ !
ଧାନ କଲ ନିରନ୍ତରେ ହେ ।୧୯।

ନୃସିଂହ ମୂରତି ଧରି !
ନୁହେ ହିରଣାକ୍ଷ ବକ୍ଷ ବିଦାରି ହେ
ରାଧା ମାଧବ !
ନିଦାନ ବିପତ୍ତି ତାରି ହେ ।୨୦।

Source: KC Dash, Digitized by PPRACHIN, SOA

ପ୍ରହ୍ଲାଦ ରକ୍ଷାକାରୀ !
ପାପୀ ଅଜାମିଳ ହୋଇଲା ପାରହେ
ରାଧା ମାଧବ !
ପାଦ ପଦ୍ମେ ଆଶ୍ରେ କର ହେ ।୨୧।

ଫେଡ଼ ମୁଁ କହିବ କେତେ
ଫନ୍ଦା କରିଅଛୁ ଚରଣାଗ୍ରତେ ହେ
ରାଧାମାଧବ !
ଫାନ୍ଦ ଛିଡ଼ିବା ନିମନ୍ତେ ହେ ।୨୨।

ବ୍ରହ୍ମାବତ୍ସା ହରିନେଲ
ବତ୍ସରେ ରୂହାଇ ସମର୍ପି ଦେଲହେ
ରାଧା ମାଧବ !
ବସ୍ତ୍ରକ୍ଷେ ହୋଇ ରହିଲ ହେ ।୨୩।

ଭାବ ବିନୋଦିଆ ହରି !
ଭାବନା ନିରତେ ଅଛୁ ମୋହରି ହେ
ରାଧା ମାଧବ !
ଭବଜଳୁ କର ପାରି ହେ ।୨୪।

ମର୍ତ୍ତ୍ୟରେ ଜନମ ହୋଇ
ମଧୁସୂଦନ ହେ ଭଜିଲି ନାହିଁ ରେ
ରାଧା ମାଧବ !
ମହିମା ରହିଲା କାହିଁ ହେ ।୨୫।

ଜାଣିଲି କର୍ମ ମୋହର
ଜଗବନ୍ଧୁ କଲ ମୋତେ ଅନ୍ତର ହେ
ରାଧା ମାଧବ !
ଯାବେ ଆଶାନାହିଁ ମୋର ହେ ।୨୬।

ରସିକ ନାଗର ବର !
ରଙ୍ଗେ ବେଣୁ ବାଇ ବୃନ୍ଦାବନରୁ ହେ
ରାଧାମାଧବ !
ରମଣୀଙ୍କ ସଙ୍ଗଚର ହେ ।୨୭।

Source: KC Dash, Digitized by PPRACHIN, SOA

ଲଳିତ ଲାବଣ୍ୟ ମୂର୍ତ୍ତି
ଲୀଳା ଆରମ୍ଭିଲେ ଗୋପ ଯୁବତୀ ହେ
ରାଧାମାଧବ !
ଲମ୍ପେ କର ଉବାରନ୍ତି ହେ ।୨୮।

ବଜାଇ ବେଣୁ ବଂଶୀ
ବ୍ରଜାଙ୍ଗନାଙ୍କର ମନକୁ ଲୋଭିଦେ
ରାଧାମାଧବ !
ବୋଲେ ହେଉ ବ୍ରହ୍ମ ନଶି ହେ ।୨୯।

ଶ୍ରବଣେ ଶୁଣିଛୁ ମୁହିଁ
ଶରଣ ରଖିଛ ରାବଣ ଭାଇ ହେ
ରାଧାମାଧବ !
ଶିଶ୍ୱ ଥାହାଠାରେ ଦେଇ ହେ ।୩୦।

ସେହି ଭରସା ପାଇଲି
ଶ୍ରିୟାବଲ୍ଲଭ ହେ ଆଶ୍ରୟ କଲି ହେ
ରାଧାମାଧବ !
ଶୋକରେ ମୁଁ ସରଗଲି ହେ ।୩୧।

ଶୁକ ସନକାଦ୍ୟ ଯେତେ
ସେବା କରଛନ୍ତି ସେ ଅନୁବ୍ରତେ ହେ
ରାଧାମାଧବ !
ସିଦ୍ଧ ହୋଇବା ନିମନ୍ତେ ହେ ।୩୨।

ହୃଦରେ ଅଛି ମୋହର
ହୃଷିକେଶ ! ମୋତେ କରିବ ପାରହେ
ରାଧାମାଧବ !
ହେତୁ ହେଉନାହିଁ ମୋର ହେ ।୩୩।

କ୍ଷମାନିଧି ନାମ ବହି
ଖେଦ ଆରତେ ମଦନ ଜଣାଇ ହେ
ରାଧାମାଧବ !
ଖେଦରୁ କରିବ ଶାନ୍ତି ହେ ।୩୪।

Source: KC Dash, Digitized by PPRACHIN, SOA

ବାନ୍ଧବୀ ଚଉତିଶା

କମଳଲୋଚନ କଂସ କଟକରେ ଥାଇ
କଶୋଷ୍ଣ ରତନ ସୁଧା ଚରିତ ଶଢୋଇ
ଆହା ବାନ୍ଧବୀରେ ।୧।

କ୍ଷଣେ ଯେ ପାଶରୁ ମୋତେ ନ କରୁ ଅନ୍ତର
ଖଳ ଦଇବ ବଶରୁ ହେଲ ଏତେ ଦୂର
ଆହା ବାନ୍ଧବୀରେ ।୨।

ଗଳାରେ ବାହୁବଲ୍ଲରୀ ବେଢ଼ାଇ ମୋହର
ଗେଲଇ ଯେ ବୋଲୁଥାଅ ନୋହିବା ଅନ୍ତର
ଆହା ବାନ୍ଧବୀରେ ।୩।

ଘର କରିଥାଇ ବନେ ତୋହ ପ୍ରୀତି ଯୋଗ
ଘର ଏବେ ଘୋର ହେଲା ଘନ-ଘୀନ-ଧାମ
ଆହା ବାନ୍ଧବୀରେ ।୪।

ନେତ୍ର ପଲକ ପଡ଼ିବା ନ ସହଇ ଦେହ
ନିଷ୍ଠୁର ଦଇବ ଭୁଞ୍ଜାଇଲା ଏ ବିରହ
ଆହା ବାନ୍ଧବୀରେ ।୫।

ଚରଇ ବୃନ୍ଦାବନରୁ ନେଉଥିଲେ ଧେନୁ
ଛତ୍ରରେ ଦଣ୍ଡେକ ପ୍ରତେ କୋଟିକୋଟି ମନୁ
ଆହା ବାନ୍ଧବୀରେ ।୬।

ଛାଇ ସେ ଅନ୍ତର ହୋଏ ତୁ ନୋହୁ ଅନ୍ତର
ଛାଡ଼ି ତେତେ ସେନେହ ରହିଲୁ ଦୂରାନ୍ତର
ଆହା ବାନ୍ଧବୀରେ ! ୭ ।

ଯାଉନାହିଁ ଜୀବନ ରହିଛି କାହିଁପାଇଁ ?
ଯାତନାବନ୍ତ ଲୋକକୁ ଯମ ନ ନିଅଇ
ଆହା ବାନ୍ଧବୀରେ ! ।୮।

Source: KC Dash, Digitized by PPRACHIN, SOA

ଝୁରୁଛି ମୁଁ ଏଣେ, ତେଣେ ଝୁରୁଅଛୁ ତୁହି
ଝଲକବଦନୀ ଆହା କରନ୍ତା କେ ନାହିଁ,
ଆହା ବାନ୍ଧବୀରେ ।୯।

ନେତ୍ରକୁ ମୋହର ଆଜ ନିଦ୍ରା ନ ଆସଇ
ନାଗରୀ ରତନ ତୋର ରୂପ ଗୁଣ ଧ୍ୟାୟି
ଆହା ବାନ୍ଧବୀରେ ! ।୧୦।

ଟଳିପଡ଼ୁଥାଇ ଅଙ୍ଗ ଅନଙ୍ଗ ଅବଶେ
ଟେକସ୍ତନୀ କି ହୋଇଥିବୁ ତାହାର ହାସେ
ଆହା ବାନ୍ଧବୀରେ ! ।୧୧।

ଠିଆ ହେଲି ପ୍ରେମ ପ୍ରାୟେ ଲାଗିଅଛି ଶର
ଠଣ ଚନ୍ଦ୍ରମୁଖୀ ଯେବେ ଶଲ୍ଲକୀ-ଶରୀର
ଆହା ବାନ୍ଧବୀରେ ।୧୨।

ଡେର ହୋଇ ବସିବାକୁ ନାହିଁ ମୋ ଭରସା
ଡମ୍ବରୁମଧ୍ୟା କି ହୋଇଥିବ ତୋର ଦଶା
ଆହା ବାନ୍ଧବୀରେ ! ।୧୩।

ଢାଳେ ସ୍ୱଚ୍ଛ ଦୁହିଁଙ୍କ ଯା ଅନ୍ତର ରଖିଲି
ତମ କାମ ସବ୍ୟସାଚୀ ସାଧନା ଶିଖିଲି
ଆହା ବାନ୍ଧବୀରେ ।୧୪।

ଅଙ୍ଗେ ଅନୁଭବ କରିଥିଲେ ଜାଳାବଳୀ
ଏତେକ ବିଯୋଗୀ ଅଙ୍ଗ ଦହଇ ସେ ଜାଳି
ଆହା ବାନ୍ଧବୀରେ ।୧୫।

ତହିଁ ଉପରେତ ହେଲି ସହଜେ ନିଷ୍ଠୁର
ତୋହର କଥାକୁ ମୋର ହେଉଛି ବିଧୁର
ଆହା ବାନ୍ଧବୀରେ ।୧୬।

ଥାଉ ଥାଉ ମୋର ପାଶେ ଥରୁ ତାର ଭୟେ
ଅଥିର ହୃଦୟା ଏବେ କରିବ ଅଥୟେ !
ଆହା ବାନ୍ଧବୀରେ ।୧୭।

Source: KC Dash, Digitized by PPRACHIN, SOA

ଦ୍ୱିରଦରାଜଗମନା ଦ୍ୱିଜରାଜମୁଖୀ
ଦୁଷ୍ଟ କାମ ବାଣେ ତୋତେ କରାଇଲା ଦୁଃଖୀ
ଆହା ବାନ୍ଧବୀରେ ।୧୮।

ଧିକ ମୋର ଧଇର୍ଯ୍ୟ ମୁଁ ଧରିଛି ପରାଣ
ଧରଣୀମଣ୍ଡନୀ ! ତୁ ପାଇଲୁ ଏ କଷଣ
ଆହା ବାନ୍ଧବୀରେ ।୧୯।

ନଷ୍ଠୁର କାହାକୁ ଯେଉଁ ନାହିଁ କରେ ଆଶ
ନଷ୍ଟେ ନାଶ ଯାଇ ଯେହ୍ନେ ଶଶୀରେ ସାରସ
ଆହା ବାନ୍ଧବୀରେ ! ।୨୦।

ପରାଣରେ ଯେବେ ଅଛି ତୋତେ ପରିହରି
ପ୍ରାଣମଣି ତୋତେ ଏବେ କହିବି କି କରି
ଆହା ବାନ୍ଧବୀରେ ।୨୧।

ଫାଟି ଯାଉ ନାହିଁ ହିଆ କହୁଅଛି ଏହା
ଫୁଲଶର ପାଶେ ତୋତେ ପକାଇଲା ଯହା
ଆହା ବାନ୍ଧବୀରେ ! ।୨୨।

ବିରହ ବ୍ୟାଧିକି ବିଧି ନକଲା ଔଷଧି
ବିବେକୀ ନୋହଇ ସେ ବୋଲଇ କମ୍ପା ବିଧି
ଆହା ବାନ୍ଧବୀରେ ! ।୨୩।

ଭୋଜନ ଆଦରୁ ଅଙ୍ଗ ଭୋଗ ସୁଖ ଯେତେ
ଭୁଜଙ୍ଗ ବିଷ ପରାୟେ ହୁଅଇ ପଛତେ
ଆହା ବାନ୍ଧବୀରେ ! ।୨୪।

ମଳୟ ପବନ ମଳୟଜ ଶିଶି ଆଦି
ମହାଭୀତି କଥାମାନେ ହୁଅନ୍ତି ବିବାଦି
ଆହା ବାନ୍ଧବୀରେ ! ।୨୫।

ଜନମ ହୋଇ ମନରୁ ମରଇ ମଦନ
ଯେ ଯାହା କଲେହେଁ କଲା ପରରେ ବିମାନ
ଆହା ବାନ୍ଧବୀରେ ! ।୨୬।

Source: KC Dash, Digitized by PPRACHIN, SOA

ଲିଖିଲା ବିଧାତା ଆମ୍ଭ କପାଳେ ଏତକ
ରଥାଙ୍ଗ ରଜନୀ ଦଶା ହେବ କାଳଯାକ
ଆହା ବାନ୍ଧବୀରେ ! ।୨୭।

ଲୀଳାବତୀ ମୋହଲାଗି ଛାଡ଼ିଲୁ ଲୀଳାକୁ
ଲୋଚନେ ଏକା ମଣ୍ଡିଲୁ ଲୋତକମାଳାକୁ
ଆହା ବାନ୍ଧବୀରେ ! ।୨୮।

ବେପଥୁ ସ୍ତମ୍ଭ ରୋମାଞ୍ଚ ସ୍ୱର ବିବର୍ଣ୍ଣ
ବେଶରେ ସ୍ୱେଦ ପ୍ରଳୟ ହୋଇଲୁ ମଣ୍ଡନ
ଆହା ବାନ୍ଧବୀରେ ! ।୨୯।

ଶୀତ, ଖରା, ବରଷା, ଏ ବାରମାସଯାକ
ଶ୍ରୀ ଅଙ୍ଗରେ କଷ୍ଟ ଭୋଗ ହୋଇଲା ଏତେକ
ଆହା ବାନ୍ଧବୀରେ ! ।୩୦।

ସହଜେ ଆଶ୍ରେ ନ ଥିଲେ ବନିତା ସେ ଲତା
ଶୀର୍ଣ୍ଣ ହୋଇ ହୁଅନ୍ତି ମହୀଶୟନରତା
ଆହା ବାନ୍ଧବୀରେ ! ।୩୧।

ସବୁ ଦୋଷ ମୋର କ୍ଷମା କରିବୁ ମୃଗାକ୍ଷି
ଶ୍ରୀକର ଧରି ତୋତେ ମୁଁ ଏତେ କହୁଅଛି,
ଆହା ବାନ୍ଧବୀରେ ! ।୩୨।

ହସ୍ତରେ ଏତେକ ଲେଖି ମୁଦ୍ରା ମୁଦ ଦେଇ
ହସିବୋଇଲେ ଉଦ୍ଧବ ଯିବ ବେଗେ ହୋଇ
ଆହା ବାନ୍ଧବୀରେ ! ।୩୩।

କ୍ଷପାକରବଦନୀ ରାଧାକୁ ଏହା ଦେବ,
କ୍ଷେମେ ଦୀନକୃଷ୍ଣ ବୋଲେ ମୋ ଦୁଃଖ କହିବ
ଆହା ବାନ୍ଧବୀରେ ! ।୩୪।

Source: KC Dash, Digitized by PPRACHIN, SOA

ଚନ୍ଦ୍ରାବଳୀ ଚଉତିଶା

କୃଷ୍ଣ ଗୁଣ ଗୁଣି ଚନ୍ଦ୍ରାବଳୀ
କରେ ଚିନ୍ତା, ସଙ୍ଗ ଗୋପୀ ମିଳି
କହିଗଲେ କୃଷ୍ଣ ଆସିବେ ବୋଲିଣ
କିପାଇଁ ନଇଲେ କହ ସଖି ।୧।

ଖଳ ଲୋକଙ୍କ ପରାପ୍ତେ ହୋଇ
ଖଣ୍ଡିଲେ ଏ ସୁଖ କାହାପାଇଁ ?
ଖୁଆଇ ପ୍ରେମ ମହୁରା-ରସଇଁ
ଖାସୋଶଲେ ମଧୁପୁରରେ ରହି ।୨।

ଗୁଣମଣି ଗୁଣ ମନେ ଧ୍ୟାଇ
ଗଲାଦିନୁ ଦିନ ସରୁ ନାହିଁ
ଗୁପତ ପ୍ରୀତି ସୁରତି ରସ ଯେତେ
ହୃଦରେ ପଡ଼ିଲେ ହାଣି ହୋଇ ।୩।

ଘଣ୍ଟଣ ଶ୍ରୀମୁଖ ନ ଦେଖିଲେ
ଘଡ଼ିଏ ମୂରୁଚ୍ଛି ନୋହେ ଭଲେ,
ଘନଶାମଳିଆ ସଙ୍ଗେ ଯେତେ ପ୍ରୀତି
ମୂରୁଚ୍ଛି କେ ପିଣ୍ଡେ ପ୍ରାଣଥିଲେ ।୪।

ନଥିବ ଏମନ୍ତ ହୋଇ କାହିଁ
ନିଧନ ଧନଆ ପ୍ରାପ୍ତେ ହୋଇ
ନୟନେ ଠାର ନାଗରୀ ନାରୀଙ୍କର
ମନକୁ ଓଟାର ବଳେ ନେଇ ।୫।

ଚତୁରଶେଖର ବର କାହ୍ନୁ
ଚତୁଷ ସ୍ତବକ ନବଘନ
ଚିନ୍ତାସାଗରେ ଭସାଇ ଦେଇପାଇଁ
ନଇଲେ ଜୀବର ଜୀବଧନ ।୬।

ମହୁରା — ବିଷ

Source: KC Dash, Digitized by PPRACHIN, SOA

ଛନ୍ଦ ଶିରୋମଣି ପ୍ରଭୁ ହୋଇ
ଛାଡ଼ିଲେ ଏସୁଖ କାହିଁ ପାଇଁ ?
ଛାର କରମ ଏଡ଼େ ହୀନ ଅମ୍ଭର
ଦେଇ ଧନ ବସ୍ତ୍ର ନେଲ ଫେଇ ।୭।

ଜାଣିଥିଲୁ ଜୀବ ଯିବାଯାଏଁ
ଯିବେ ନାହିଁ ଥିବେ ଯଦୁରାୟେ
ଜାଣିଲୁଁ ଏଡ଼େ ନିର୍ଦ୍ଦୟା ବୋଲକର
ପାଷାଣୁଁ କଠିନ ତାଙ୍କ କାୟେ ।୮।

ଝୁଲଥିଲା ମନ ତାଙ୍କ ତହିଁ
ଝିମଣ୍ଟେ ଅନ୍ତର ନାହିଁ ସହି
ଝୀନବସନା ଆମ୍ଭେ, ଏଡ଼େ ଦାରୁଣ
ରହିଲେ ନିର୍ମାଷୀ କରିଯାଇଁ ।୯।

ଞରନ୍ତରେ ପ୍ରୀତି ମନେ ଥାଇ
ଞମିଷେ ନୟନେ ନିଦ୍ରା ନାହିଁ
ଦପଡ଼ିଲୁଁ ମନେ ମାପମୂଳିଆର
ଞର୍ମାଷୀ କରି ରହିଲେ ଯାଇଁ ।୧୦।

ଟେକ ଛୁନାଳିଆ ଚକ୍ରପାଣି
ଟମାଳେ କେ ତାଙ୍କୁ ପାରେ ଜାଣି ?
ଟାଙ୍କ ଥାଉ ତାଙ୍କ ଗୋଧନ ବାହୁଡ଼ା
ଲେଉଟି ଆସିବା ବେଳ ଜାଣି ।୧୧।

ଠେକ ଟେସନେହ ଲଗାଇଥିଲେ
ଠକ ପଣ ପ୍ରଭୁ କପଟ କଲେ
ଠିକେଣ ଭ୍ରମରବର ରାସ୍ତେ କହେ
ଭଲ ଠାବ ଦେଖି ଭଣ୍ଡି ଗଲେ ।୧୨।

ଡାଙ୍କ ଲଗିଲା ପ୍ରାୟେକ ହୋଇ
ଡହ୍ମ ଡହ୍ମ ଅଙ୍ଗେ ପ୍ରାଣସଖୀ ।
ଡକା ଯଳ ତାଙ୍କ ପୂର୍ବ ପୀରତି
ତା ବିନୁ ନଜାଣୁ ଆନ କେହି ।୧୩।

Source: KC Dash, Digitized by PPRACHIN, SOA

ତମିଆ ପୁରୁଷ ରୂପ ଦେଖି
ତାକି ନୋହେ ଆକ୍ଷି ରହେ ଲାଖି
ତମପଣ ଗୁଡ଼ ତନୁ ଜରଜର
କେ ପାରିବ ପିଣ୍ଡେ ପ୍ରାଣରଖି ।୧୪।

ଅଣହେଲା କରି ଗଲେ ହରି
ଆଶ କରିଥିଲୁ ବଡ଼କରି
ଅଦୋଷେ ଦଣ୍ଡିବା କପାଳେ ନଇଲେ
କଉଁ ଦୋଷ ପ୍ରଭୁ ମନେ ଧରି ।୧୫।

ତ୍ରିଭଙ୍ଗିମା ରୂପ ଦେଖି ତାର
ତରଳ ହେବ ହେଲେ ପଥର
ତସ୍ତ ଗୁର ସିନା କେତେକ ମାତର
ତରଳ ନୋହିବ କେଉଁ ନର ।୧୬।

ଥିବ ନାହିଁ ଆଉ ତିନ ପୁଷ୍ପ
ଥୋଇଥିଲି ବକ୍ଷ ଯତ୍ନକରି
ଥୋଇଲି ଧନକେ ଫେଇ ଘେନିଗଲି
ଅନାସ୍ତ କରିଣ ଏତେ ନାସ୍ତି ।୧୭।

ଦୂଖୀ ଲୋକଙ୍କର ବନ୍ଧୁ ହୋଇ
ଦୁଖ ବଢ଼ିବା ଉଚିତ ନୋହି
ଦେଖୁ ଦେଖୁ ଏବେ ଯାଉଛି ପରାଣ
ଦୟା ନ ବସିଲା କାହିଁ ପାଇଁ ।୧୮।

ଧନଜନ ପତି ସୁତ ଏଡ଼ି
ଧରିଥିଲୁ କୋଳେ ହରି ଘଡ଼ି
ଧଇର୍ଯ୍ୟ ପଣ ସଙ୍ଗତେ ଘେନିଗଲେ
ପିଣ୍ଡୁ ଯାଉଅଛି ପ୍ରାଣ ଗୁଡ଼ି ।୧୯।

ନବରେ ତହିଁ ନାଗସ୍ତ ନାସ୍ତି
ନୂଆଭାବ ଦେଇ ବଶ କରି
ନାନା ରସରେ ରସାଇଲେ ତାହାଙ୍କୁ
ଘାସୋରିଲେ ଭକ୍ତ ମଧୁପୁରୀ ।୨୦।

Source: KC Dash, Digitized by PPRACHIN, SOA

ପୁରୁଷରତନ ଶିଶୁରଙ୍ଗ
ପୁରରେ ରହିଁ ନାଗରୀ ସଙ୍ଗ
ପୂରୁବ ପୀରତି ତେଜି ଏବେ ମଜ୍ଜି
ରହିଲେ କଉଁ ପୀରିତି ସଙ୍ଗ ।୨୧।

ଫାଇ ସୁଖ ପାଇଁ ତାଙ୍କୁ ମଜ୍ଜି
ଫୁରୁଣା ହୋଇ ତା ଥିଲୁଁ ଭଜି
ଫାନ୍ଦକରି ତାଙ୍କ ସେନେହ ଦଉଡ଼ି
ଗଳାରେ ଲଗାଇ ଗଲେ ଛନ୍ଦି ।୨୨।

ବହୁତ ପାତକୀ ଏତେ ନାରୀ
ବହ୍ନି ଦଣ୍ଡ ଅଛୁ ଏଣୁ କରି
ବନମାଳୀ ପ୍ରୀତି ଗୁଡ଼ି କପାଁ ପ୍ରାଣ
ନଯାଇ ରହିଛୁ ଯମପୁରୀ ? ।୨୩।

ଭାବର ବନ୍ଧୁ ବୋଲନ୍ତି ହରି
ଭାବିଲକୁ ନିକି ଏତେ ଧରି ?
ଭରାନ୍ତ କରି ଭ୍ରମରବର କହେ
ଭାବିଲେ ଏ ଦୁଃଖ ହେବ ପାର ।୨୪।

ମନ ମୋହନଆ ପ୍ରଭୁ ଭଲି
ମାରି ଦୁଷ୍ଟ ସନ୍ଥ ପାଳୁଥିଲ
ମନେ ନ ପଡ଼ିଲୁ ମାନମୂଳଆର
ଅନାଥ କରଣ ଛାଡ଼ିଗଲ ।୨୫।

ଯାରଲଗି ଆମ୍ଭେ ଏତେ ସରି
ଜାଣିଥିଲୁଁ ଆମ୍ଭେ ବଡ଼ କରି
ଜଗତଯାକ ଜାଣନ୍ତି ଜଗବନ୍ଧୁ
ଲାଗିପ୍ରାଣ ଦେଲେ ବ୍ରଜନାରୀ ।୨୬।

ରସିଆ ରସକ ମନୁଯିବ
ରହୁ ଯେତେଦିନ ପ୍ରାଣଥିବ
ରହୁ ନଥାନ୍ତା ଜୀବନ ଆଜ ଯାଏଁ
ଉଠାରି ରଖିଛୁ ତାଙ୍କ ଭାବ ।୨୭।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଜୀୟୂନ

ଲାବଣ୍ୟନିଧି ଛାମୁକୁ ଲେଖ
ଲିଖିଦେବା ଆମ୍ଭେ ଯେତେ ଦୁଖ
ଲେଖ ଲେଉଣ୍ଠା ନରଶ ବାଣୀ ଶୁଣି
ଲୁମର ଢେଳିବ ପଦ୍ମମୁଖ ।୨୮।

ବିସ୍ମୟ ହୋଇଣ ଏତେ ନାରୀ
ବିଷାଦ ମନେ ବଚନ ଫୁରି
ବିଳମ୍ବ ନକର ଚଳ ମଧୁପୁରୀ
କୃଷ୍ଣଙ୍କୁ ଆଣିମ ହସ୍ତଧରି ।୨୯।

ଶ୍ରୀବନ୍ତ ସୁନ୍ଦରୀ କହେ ରାଧା
ସହି ନପାରଇ କାମ ବାଧା
ସତ୍ୟର କରି ଦୁତିକା କହୁଅଛି
ଶ୍ରୀକୃଷ୍ଣ ପ୍ରାଣ ଅଟନ୍ତି ରାଧା ।୩୦।

ଶ୍ୟାମ ସୁନ୍ଦରଙ୍କୁ ଯେତେବେଳେ
ସମସ୍ତେ ହୋଇ ଆଣିବା ବଳେ
ମଥୁରା ନଗର ନାରୀ ଗୃହୁଁ ଥିବେ
କଥାରହିଥିବ କାଳେ କାଳେ ।୩୧।

ଶରଦଚନ୍ଦ୍ର ବଦନାରାମା
ଶଶୀ-ମୁଖୀ ଦୂତୀଆଗେ କହି
ଶ୍ରୀକୃଷ୍ଣ ଏବେ ଦହିଦୁଧ ଲବଣୀ
ଘରେ ଘରେ ପଶି ଚୋରିଖାଇ ।୩୨।

ହରିନାମ ପଦଦ୍ବନ୍ଦେ ଧର
ହରିଙ୍କି ପାଇଲେ ହନୁମାର
ହଂସଚଢ଼ାଇ ଶୂନ୍ୟରେ ଯାଉଅଛି
ପଙ୍କରେ ଯେସନ ପଦ୍ମଫୁଲ ।୩୩।

କ୍ଷନ୍ଦ ଶିରୋମଣି ପ୍ରଭୁ ମୋର,
କ୍ଷଣେ ଯାଉ ପାପ ଦୂରାନ୍ତର
ଛାଡ଼ିଦେଲେ ସିନା ଛାମୁରେ କହିବ
ବୋଲଇ ଭ୍ରମର ଯୋଡ଼ିକର ।୩୪।

Source: KC Dash, Digitized by PPRACHIN, SOA

ଘନଶ୍ୟାମ ଚଉତିଶା

(ରାଗ-କାମୋଦୀ)

କୃଷ୍ଣ କଂସ ନଗର   ଯିବା ଦେଖି କାତର
ସକଳ ବରଜ ସୁନ୍ଦରୀ
କାକୁସ୍ଥ ହୋଇ ଧୀରେ   କର ନିବେଶି ଶିରେ
କହନ୍ତି କୋମଳତା କରହେ
ଶ୍ୟାମଘନ !
କରୁଣା କୃପଣ ହୋଉଛ
କଂସ ଭୁବନକୁ ଯାଉଛ
କଇତବ ନକର   କହ ଧର୍ମ ବିଗ୍ରହ
ଆମ୍ଭଙ୍କୁ କାହାକୁ ଦେଉଛ ହେ ।୧।

ଖଳ ରାହୁ ବଦନେ   ଅମୃତ ଦେଲ ପ୍ରାୟେ
କାମ ମୁଖେ ଆମ୍ଭଙ୍କୁ ଦେଇ
ଖଣ୍ଡି ସମସ୍ତ ସୁଖ   ମଣ୍ଡନକର ଦୁଃଖ
ସଜ ହୋଉଛ ଯିବା ପାଇଁହେ
ଘନଶ୍ୟାମ !
ଖାଇ ମରନ୍ତୁ ଅବା ବିଷ
ଖଣ୍ଡି ନ ଅଛ ତାହା ଦୋଷ
ଖୁଆଇ ସୁଧାକର   ଅମୂଲ୍ୟ ମନୋହର
ରଙ୍ଗିମା ଅଧରୁ ପୀୟୂଷ ହେ ।୨।

ଗଳା ମର୍କତ ମାଳ   ଗଳାରେ ଥାଇ ଯେବେ
ସର୍ପ ପାଲଟି ପ୍ରାଣ ନେବ
ଗଣ୍ଡି ସୁବର୍ଣ୍ଣ ଯେବେ   ଆରକୂଟ ହୋଇବ
ତେବେକେ କାହାରେ କହିବ ! ହେ
ଘନଶ୍ୟାମ !

Source: KC Dash, Digitized by PPRACHIN, SOA

ଗାଢ଼ ସଙ୍କଟ-ମୁଖୁଁ ରଖି
ଗୋକୁଳ କରିଅଛ ସୁଖୀ
ଗୁରୁକଣ୍ଠ ହୋଇଲ ଯାଗ ପଶୁ ପରାଏ
ଅନ୍ତର୍ଦଶାହିଁ ଦେଉଅଛ ହେ ।୩।

ଘଡ଼ିଏ ନଦେଖିଲେ ଘନଶ୍ୟାମ ବଦନ
ଘର ହିଁ ହୋଏ ବନପ୍ରାଏ
ଘାରି ହୁଅଇ ଅଙ୍ଗ ଅନଙ୍ଗ ଭୁଜଙ୍ଗମ
ଘାଉଡ଼ି ଲଗିବା ପରାଏ ହେ,
ଘନଶ୍ୟାମ !
ଘେନଇଁ ନାହିଁ ମନେ ସୁଖ
ଘେନଗଲେ ତୁମ୍ଭଙ୍କୁ କଂସଦୂତ ଆମ୍ଭଙ୍କୁ
ହଂସସୁତ କରିବ ପାଖହେ ।୪।

ନଷ୍ଟେ ଜାଣିଲୁ ଆମ୍ଭେ ରସାଳ ପ୍ରାଏ ତୁମ୍ଭେ
ଜଗତ ଜନମନ ତୋଷ
ନାନାରୂପେ ମଧୁର ନୟନ ପ୍ରିୟକର
ହୃଦରେ ଅତ୍ୟନ୍ତ କର୍କଶ
ଘନଶ୍ୟାମ !
ନାହିଁ ତୁମ୍ଭର ଦୟା ଲେଶେ
ନାଶୁଛ ଆମ୍ଭଙ୍କୁ କି ଦୋଷେ
ନୋହୁଁ ଆମ୍ଭେ ପୂତନା ପ୍ରାଏ କୁଟିଳ ମନା
ସ୍ତନ ହିଁ ମଣ୍ଡି ନାହୁଁ ବକ୍ଷେ ହେ ।୫।

ଚନ୍ଦ୍ର ଚକୋର ନବ- ଘନେ ଚାତକ ପ୍ରାଏ
ତୁମ୍ଭ ବିନୁ ନଜାଣୁ କିଛି
ତତ୍ରେ ତଚାଇ ସବୁ- ପ୍ରକାରେ ବରିଚଲେ
ଏହି ଦୋଷଟି ମାତ୍ର ଅଛି ହେ
ଶ୍ୟାମଘନ !

୪-୨—ଘର ଯେ ମଣୁ (ଖ)
୪-୪—ଘନ ଘାଉ ଲଗିଲା ପ୍ରାଏ (ଖ)
୪-୯—ହଂସଦୂତ କରିବ (କ)
୫-୩—ନାନାରସେ (ଖ) ନୟନ ସୁଖକର (ଖ)

Source: KC Dash, Digitized by PPRACHIN, SOA

ଚଣ୍ଡାଳ ଦଇବ କଷଣ
ଚଉଦ ଲୋକର ଭୂଷଣ
ଚିନ୍ତାମଣିକି ଦେଇ ଚିନ୍ତାମନେ ଦେଉଛି
ଏକଉଁ ଅବିବେକପଣ ହେ ।୬।

କ୍ଷଣ କ୍ଷଣକ କଥା ପ୍ରସଙ୍ଗ ପ୍ରାୟେ ବ୍ୟଥା
ହୋଇଲା ଆମ୍ଭର ଅଥୟେ
କ୍ଷୋଭ ସାଗରେ ମନ ପଡ଼ିଲେ ଚଇତନ
ମରିବାକୁ କରିଛି ଭୟେ ହେ
ଶ୍ୟାମଘନ !
କ୍ଷୁଧା ମାରିଲା ପ୍ରାୟେ ଦେହ
କ୍ଷଣ କ୍ଷଣକେ ହୋୟେ ମୋହ
ଗ୍ରୀଷ୍ମାପତି ହିଁ ଥାଉଁ ଅନ୍ଧାର ହୋଉଅଛି
ଏକଉଁ ବିପରୀତ କଥା ହେ ।୭।

ଯେଉଁ ଶ୍ୟାମରତନ କରି ଅତି ଯତନ
ରଖିଲୁ ହୃଦ ସଂପୁଟକେ
ଜାଣୁ ଜାଣୁ ଅକ୍ରୂର ନାମକୁ ବଳି କ୍ରୂର
ପ୍ରାୟେ ତା ନେଉଛି ଛଟକେ ହେ
ଘନଶ୍ୟାମ !
ଯହିଁ ନୃପତି ଅବିବେକ
ଜାଣିଲୁଁ ସେ ନଗର ଲୋକ
ଜୀବନ ଧନ ଦୁଇ ଥିଲେହେଁ ସୁଖ ନାହିଁ
ମହାଭୟରେ ଧକ ଧକ ହେ ।୮।

ଝାଡ଼େ ମଧୁ ମକ୍ଷିକା ମଧୁ ସଞ୍ଚିଲା ପ୍ରାୟେ
ଯତନେ ତୁମ୍ଭଙ୍କୁ ସଞ୍ଚିଲୁ
ଝିମିଣ୍ଟେ ହେଁ ନଛାଡ଼ି ମଧୁର ରସେ ବୁଡ଼ି
ରଜନୀଦିନ ବଞ୍ଚୁଥିଲୁ ହେ
ଘନଶ୍ୟାମ !

୭-୭—କ୍ଷୋଭ ହୋଇ ହେଉଛି (ଖ) ଗ୍ରୀଷ୍ମାପତି—ସୂର୍ଯ୍ୟ
୮-୧—ସ୍ୱାମୀରତନ (କ) ସଂପୁଟକ—ସଫୁଆ

Source: KC Dash, Digitized by PPRACHIN, SOA

ଝାଡ଼ କାସୀ ପଗସ୍ୟେ ଆସି
ଝାମ୍ପି ଅଙ୍କୁର ଅଛୁ ବସି
ଝଟତି ଯେମନଶିବ　　　　ଆମ୍ଭ ଭାଗରେ ହେବ
ଝସକେତୁ ଅନଳବର୍ଷି ହେ ।୯।

ନାନାଶ୍ରମେ କୃଷକ　　　　କୃଷିକର ଅନେକ
ପ୍ରକାରେ କରଥାଇ ଆଶ
ନୃପତି ଲୋକ ଆସି　　　　ଫଳମୁଖରେ ବସି
ସବୁ ଆଶ କରଇ ନାଶହେ
ଘନଶ୍ୟାମ !
ଞରେଖ ବରଜ ଯୁବତୀ
ଞଷ୍ଟେ ହୋଇଲୁ ସେହ୍ନମତ
ଆଶା କରେଯେ ଯାହା　　　　ନାଶ କରେ ସେ ତାହା
ପାଏ ତା ସକଳ ସଂପତ୍ତି ହେ ।୧୦।

ଟିକାଏ ନ ଦେଖିଲେ　　　　ଟାଣ କୁସୁମ ଶରେ
ଶରୀରେ ପାଉଥାଉଁ ବ୍ୟଥା
ଟେକ ଯାଚକ ଆଗେ　　　　କୃପଣ ଲୋଭୀ ପ୍ରାୟେ
ମଥା ନ ଟେକ କହ କଥାହେ
ଘନଶ୍ୟାମ !
ଟଳ ସେନେହେ ଗଲ କାହିଁ
ଟିକାୟେ ଏବେ ଦୟା ନାହିଁ
ଟେକ କରୁଣା ବୃକ୍ଷ　　　　ନଗଣ ଫଳାଇଲ
ବିଧାତା ବଡ଼ପଣ ଏଥିହେ ।୧୧।

ଠାବ ନକର ଥିଲୁ　　　　ଏବେ ସେ ଠାବ କଲୁ
ଠାକୁରମାନଙ୍କର ସ୍ଥିତ
ଠାଠିକ କରଯେତେ　　　　ଯେତେ କହନ୍ତି. ଛେତେ
ରକ୍ଷା ତ ନ କରନ୍ତ ମାତ ହେ
ଘନଶ୍ୟାମ !

୯-୮—ଝପଟି ଯେନଶିବ (ଖ) ଝାଡ଼—ଜଙ୍ଗଲ
୧୦-୪—ସବୁଆଣ୍ଠ (ଖ) ଝଟଢ—ଶୀଘ୍ର

Source: KC Dash, Digitized by PPRACHIN, SOA

ଠାଠିକ ଭାଗ୍ୟ ଆମ୍ଭ ଯେତେ
ଠିକ ଅଭାଗ୍ୟ ପୁଣି ତେତେ
ଠୁଳନଧିଙ୍କି ଦେଇ   ଧେନ ଯାଉଛୁ ବନ୍ଧୁ
ଆଉ କହିବୁ ଅବା କେତେହେ ।୧୨।

ଡୋଳେ ଦେଖି ଶ୍ରବଣେ   ଶୁଣିବା ଯେତୁ ସୁଖ
କାଳେ ହୁଅଇ ଦୁଃଖକର
ଡାକ କହୁଛୁ ତୁମ୍ଭ   ଦର୍ଶନ ବଂଶୀ ଧ୍ୱନ
ଧେନ ଆମ୍ଭର ଏତେ ଦୂର ହେ
ଘନଶ୍ୟାମ !
ଡକାଇତର ତୁମ୍ଭେ ଗୁରୁ
ଡକା କରୁଛୁ କଂସ ଦୂରୁ
ଡକାଇତରେ ପଡ଼ି   ଗଲ ଡକା କି ନୋହେ
ଡକା ଇତରେ ଆଡ଼ କରୁହେ ।୧୩।

ଢାଳେ ତୁମ୍ଭ ମୂରତି   ମଧୁର ବଂଶୀଗୀତ
ଦେଖି ଯା ଶ୍ରବଣେ ଶୁଣିଲୁ,
ଢମ ନୋହେ ହରିଣୀ-   ପ୍ରାୟେ ଗୋପ ତରୁଣୀ
ମଦନ ଟୋପରେ ପଡ଼ିଲୁ ହେ
ଘନଶ୍ୟାମ !
ଢଳ ନ ଯାଇଥିଲ ଜୀବ
ଢାଳେ ସେ କଥା ଏବେ ହେବ
ଢଳିଲିଣି କମଳ   ଦଳଗତ କମଳ
ପରାୟେ ଏବେ ତୁମ୍ଭ ଭାବ ହେ ।୧୪।

ଆହେ ଶ୍ୟାମ ସୁନ୍ଦର   ବୃନ୍ଦାବନର ଚନ୍ଦ୍ର
ଆରତ ଜନ ପରିତ୍ରାଣ
ଅନାଥ ଗୋପୀନାଥ   କରି ତୁମ୍ଭଙ୍କୁ ପାଇ
ଯେବେ ହୋଇଛୁ ଅକାରଣହେ
ଘନଶ୍ୟାମ !

୧୩_୩ — ବଂଶୀସ୍ୱନ ଅଧର (ଖ)

Source: KC Dash, Digitized by PPRACHIN, SOA

ଆଉକ କହିବୁ ବରର
ଯେମନ୍ତେ ଅଭାଗ୍ୟ ଆମ୍ଭର
ଅଙ୍ଗ ବସନ ଆଶୀ- ବିଷ ହୋଇଲା ଯେବେ
ତହିଁକି ମନ୍ତ୍ର ଉପଚାର ହେ ।୧୫।

ତୁମ୍ଭ ପ୍ରଭୁପଣକୁ ତୁମ୍ଭେହେଁ ପଞ୍ଚାନ୍ତର
ତୁମ୍ଭର ଅବା କେଉଁ ଦୋଷ
ତଥାପି ହିଁ ପଇଡ଼ କର୍ପୂର ଲେମ୍ବୁ ଯୋଗୁ
ପ୍ରତେକେ ହୋଉଅଛି ବିଷ ହେ
ଘନଶ୍ୟାମ !
ତୁମ୍ଭେ ତ ଜାଣ ସବୁଶାନ୍ତ
ତହିଁ କ ଆମ୍ଭର ଯୁଗତ
ତୁମ୍ଭ ଆମ୍ଭ ପୀରତି କ୍ଷୀର ନୀରକୁ ପ୍ରତି
ଅକ୍ରୂର ତୃଷ୍ଣା ହସ ମୂର୍ତ୍ତି ହେ । ୧୬ ।

ସ୍ଥାପନ କର ବିଷ- ବୃକ୍ଷ ନ କର ନାଶ
ଯେମନ୍ତ ବୋଲନ୍ତି ସଂସାରେ
ଥୋଇଛ ଯେତେରୂପେ ଯଶ ତୁମ୍ଭେ ଯେ ଗୋପେ
ଚନ୍ଦ୍ରମା ଯେମନ୍ତେ ନିଶାରେ ହେ
ଘନଶ୍ୟାମ !
ଥିଲେ କ ହେବ ପ୍ରଭୁପଣ
ଥାଇ ଯେବେ ସମସ୍ତ ଗୁଣ
ସ୍ଥିର ବିବେକ କ୍ଷମା ଦୟା ଧର୍ମ ଗାରିମା
ଦାନ ଏ ଉତ୍ତମ ଲକ୍ଷଣହେ ।୧୭।

ଦେଖ ଯଉଁ ସଭାରେ ଭଲ ଲୋକ ବେଭାରେ
ନାମ ଅକ୍ରୂର ଖଳ ବୁଦ୍ଧି
ଦୁଃଖ ଦେଲେ କେବଳ ନାମ ହେବ ମଙ୍ଗଳ
ଗ୍ରହନାମ ତ ପରସିଦ୍ଧି ହେ
ଘନଶ୍ୟାମ !

୧୫-୨—ଆରତ ଜନଙ୍କ ଶରଣ, ଆଶୀବିଷ—ସାପ
୧୭-୯—ସ୍ୱେଚ୍ଛିକ ଉତ୍ତମ ଲକ୍ଷଣ (ଖ)

Source: KC Dash, Digitized by PPRACHIN, SOA

ଦୁଷ୍ଟଙ୍କୁ କଁପା ଏଥି ବାଞ୍ଛା
ଦୂରୁ ସେ ନାମକୁ ପ୍ରତ୍ୟକ୍ଷ
ଦେଖିବାକୁ ସ୍ଥିର ସେ   ଚନ୍ଦ୍ର ସୂର୍ଯ୍ୟ ଖସନ୍ତୁ
ଗତାଗତରେ ତାକୁ ଲକ୍ଷ୍ୟ ହେ ।୧୮।

ଧରି ତୁମ୍ଭ ଚରଣ   କହୁଛୁ ଆମ୍ଭେ ପ୍ରାଣ-
ବନ୍ଧୁ ଆମ୍ଭ ବଚନ ଶୁଣ
ଧନୁଯାତ୍ରା କପଟେ   ଧରାଇ ନେଉଅଛୁ
ଧ୍ରୁବକର ଏ କଥା ଜାଣ ହେ
ଘନଶ୍ୟାମ !
ଧାତା ସନ୍ଥଲେ ସବୁପଣ
ଧାର୍ମିକ ବିବେକ ଲକ୍ଷଣ
ଧର୍ମ କି କର୍ମଅନୁ-   ରୂପେ ହୋଅନ୍ତୁ ପ୍ରସନ୍ନ
ଧଇର୍ଯ୍ୟନିଧି ତୁମ୍ଭେ ଜାଣହେ ।୧୯।

ନଷ୍ଟେ ଦଇବ ପ୍ରତି-   କୂଳ ହୋଇଲେ ମତି
ଅମିତ ଦୁଃଖର ପ୍ରମାଣ
ନନ୍ଦ ଯଶୋଦା ଲେଶେ   ନ ଗୁଣ୍ଡନ୍ତି ଏବେ ସେ
ହୃଦକୁ କଲେ ତ ପାଷାଣ ହେ
ଘନଶ୍ୟାମ !
ନିଆଁରେ ଘୃତ ଦେଲା ପ୍ରାୟେ
ନିରନ୍ତରେ ଜଳୁଛୁ କାୟେ
ନଷ୍ଟଯେ ଇଛାପ୍ରାଣ   ହୋଇଥିଲେ ପ୍ରମାଣ
ନ ଥାନ୍ତା ଏତେ ବେଳ ଯାଏ ହେ ।୨୦।

ପୂତନା ଅଘା ବକା   କେଶୀ ଆଦି ଧେନୁକା
ଷଣ୍ଢ ଶକଟା ତୃଣାସୁର
ପ୍ରାଣେ ଏହାଙ୍କୁ ମାର   ପ୍ରାଣକୁ ରକ୍ଷାକର
ଆମ୍ଭଙ୍କୁ କର ପ୍ରତିକାର ହେ
ଘନଶ୍ୟାମ !

୧୮-୮—ଦୂରୁହୁଁ ସ୍ଥିର ହୋଯେ (ଖ)

Source: KC Dash, Digitized by PPRACHIN, SOA

ପ୍ରବଳ ଦାବାନଳ ପୋଡ଼
ପ୍ରତାପୀ ପୁରନ୍ଦର ଧାଡ଼
ପ୍ରଚେ ହୋଇଛନ୍ତି ଏବେ   ସମସ୍ତେ ଏକ ହୋଇ
ବାହୁଡ଼ ଆସୁଛନ୍ତି ମାଡ଼ ହେ । ୨୧ ।

ଫୁଲ୍ଲାରବିନ୍ଦ ମୁଖ   ଦେଖୁଥିବାର ସୁଖ
ଦୁଃଖ କେ କରିବାକୁ ନାହିଁ,
ଫୁଲଧନୁରେ ଫୁଲ-   ଶର ବସାଇ ଫୁଲ-
ଧନୁ କି ଅଛି ବାଟ ଚାହିଁ ହେ
ଘନଶ୍ୟାମ !
ଫୁଟି ହେଉଛି ମନେ ଯାହା
ଫେଡ଼ି କହିବି କେତେ ତାହା
ଯାଇ କାଳେ ତୁମ୍ଭଙ୍କୁ   ଆଶ୍ରେ କରିବି ବୋଲି
ହେଉଥିଲୁଁ ଅତି ଉଗ୍ରାହା ହେ ।୨୨।

ବୃନ୍ଦାବନରେ ଥିଲେ   ବିକଳ ହୋଇଥାଉଁ
ଯୁଗ ସମାନ ମଣୁ ଦିନ
ରାଧାଙ୍କ ବିରହ ହିଁ   କି ବୁଝିଅଛ ତାହା
କରିବାକୁ ବସିଛି ଭିନ୍ନ ହେ
ଘନଶ୍ୟାମ !
ବିହିକି ବୋଲିବା ବ୍ୟର୍ଥ
ବିଧିରେ ତୁମ୍ଭେ ସବୁ ଅର୍ଥ
ବସ୍ତ୍ର ବାଳକ ହରି-   ନେବା କାଳରେ ତାହା
ସଙ୍ଗେ କି ନ କଲ ଅନର୍ଥ ହେ ।୨୩।

ଭ୍ରମର ଫୁଲେ ବସି   ବିହରୁଥିଲେ ହସି
କରୁଯେ ଥାଉଁ ଉପବାସ
ଭଲ ଭଲ୍ଲ ପୀରତି   ଦଣ୍ଡକେ ଆନ ସ୍ଥିତି
ଭଲ୍ଲ ଆମ୍ଭର ପୀତବାସ ହେ
ଘନଶ୍ୟାମ !

୨୪-୯— ମହାକ୍ଷପଣ ଦୋଷ (ଖ)

Source: KC Dash, Digitized by PPRACHIN, SOA

ହଗିଲ୍ଲ ସେ ଗରବ ଏବେ,
ଭଗାଣ ପ୍ରାୟେ ସେ ହସିବେ
ଭବଗ୍ରାହ୍ମୀ ହୋଇ ସେ   ଅଗ୍ରେବେ ବଢ଼ୁଅଛୁ
ଜଗତେ କ ବୋଲି ବୋଲିବେ ।୨୪।

ମହା ଆହାର ଲୋଭେ   ମହନ୍ତ ହସ୍ତୀମାନେ
ମହନ୍ତ ଫାପରେ ପଡ଼ନ୍ତି
ମହାତୃଷ୍ଣା ଆଉତେ   ମୃଗମାନେ ହେଁ ମୃଗ-
ତୃଷ୍ଣାରେ ଜୀବନ ଛାଡ଼ନ୍ତି ହେ
ଘନଶ୍ୟାମ !
ମହାପଣ୍ଡିତ ଗୁଣଥିଲେ
ମାୟାରେ ଭ୍ରମ ହୋଇ ଭଲେ
ମହା ଆଶାରେ ମହା-   ଦୁଃଖ ଭୋଗ କରନ୍ତି
ମହା ମୂର୍ଖ କୃପଣ ବୋଲେ ହେ ।୨୫।

ଜନ୍ମ କାଳରୁ ଯେତେ   ଯେତେ ଦୁଷ୍ଟ ଗୁପତେ
ଅଭଲେ ତାହାଙ୍କୁ ମାଇଲ,
ଜଗତ ଯନ୍ତ୍ରକାର   ହୋଇ ଏବେ ଅଙ୍କୁର
କର ଯନ୍ତ୍ର ପ୍ରତିମା ହେଲ ହେ
ଘନଶ୍ୟାମ !
ଯେମନ୍ତ ସୂତ୍ରଧାର ବୋଲେ
ଯବନିକା ଅନ୍ତରେ ଥିଲେ
ଯବମାରୁ ବାହାର   ହୁଅଇ ନଟବର
ସେ ରୂପେ ତୁମ୍ଭଙ୍କୁ ସେବ କଲେ ହେ ।୨୬।

ରାଜାମାନେ ହାସରେ   ମାତଙ୍ଗ ଘରଶରେ
ସର୍ପ ଆଘ୍ରାଣରେ ନାଶନ୍ତି
ରକ୍ତ ଅଗ୍ନି ବିଷରୁ   ତୃଷାରେ ମହାଗୁରୁ
ମୁଖେ ଯା ସ୍ତୁତିରେ ଭାଷନ୍ତି ହେ
ଘନଶ୍ୟାମ !

Source: KC Dash, Digitized by PPRACHIN, SOA

ରଙ୍ଗସଭାକୁ ଯାହା ଭୂଷି
ରଥରେ ଯାଉଅଛ ବସି
ରଙ୍ଗରାଜୀବ କରେ   ଘେନ ଅସି ଫଳରେ
ଆମ୍ଭର ଗଳଳଦ୍ଧଅ ଘଷି ହେ ।୨୭।

ଲାବଣ୍ୟ ନିଧି ହସି   ରଥୁଁ ଓହ୍ଲାଇ ଆସି
ବୋଲନ୍ତି ଆଗୋ ଗୋପୀମାନେ !
ଲକ୍ଷ୍ୟ ନାହିଁ ତୁମ୍ଭଙ୍କୁ   ଯେତେ ରୂପେ ଆମ୍ଭଙ୍କୁ
ଭଜିଲ ଅଛ ହିଁ ଯତନେ ଗୋ
ଗୋପୀମାନେ !
ଲୀଳାରେ ଯେ ଯାହାକୁ ଜଣେ
ଲୋଭ ତାଠାରେ ଅନୁକ୍ଷଣେ
ଲକ୍ଷେ କୋଶରେ ଥିଲେ   ସେହୁ ତାହାର ଭଲେ
କେବଳ ରାଜା ଆଜ୍ଞା ଏଣେ ଗୋ ।୨୮।

କେଶରେ ତ ତୁମ୍ଭର   ଗୁଣେ ମନ ଆମ୍ଭର
ଭାବରେ ବନ୍ଧନ ହୋଇଛି
ବଡ଼ କରଣ ଯେତେ   ମନରେ ଘେନଥିବ
ତେତେହେଁ ତୁମ୍ଭ ପାଶେ ଅଛି ଗୋ
ଗୋପୀମାନେ !
ବିଚାର କର ଏହା ମନେ
ବିଦେଶ କରିଥିଲେ ଜନେ
ବଢ଼ାଇ ଯେ ଯାହାର   କାର୍ଯ୍ୟ ପୁଣି ତୋଷର
ପ୍ରବେଶ ହୋଅନ୍ତି ସଦନେ ଗୋ ।୨୯।

ସଂସାରେ ଏହିମନ୍ତ   ଦୁଃଖ ସୁଖ ସଂପତ୍ତି
ଚିରହୋଇ ନ ରହେ କେହି
ଶୁଭ ଅଶୁଭ ଯୋଗ   ଲଭ ହାନ ଅଯୋଗ
ଶରୀର ହେଲେ ସବୁ ବହିଗୋ
ଗୋପୀମାନେ !

Source: KC Dash, Digitized by PPRACHIN, SOA

ସମସ୍ତ ହୋଇ ଜୀବ ଥିଲେ
ସବୁ ସରଇ ଜୀବ ଗଲେ
ଫଣସ୍ୱମନା ନୋହୁ ଆନନ୍ଦେ ଥିବ ରହି
ଅଧିକ କି ହେବ କହିଲେ ଗୋ ।୩୦।

ଶୁଣିଥିବ ସମସ୍ତେ ଯେତେରୂପେ ଶ୍ରୀହସ୍ତେ
ଲେଖି ଅଛନ୍ତି ଭୋଜପତ୍ର
ସହଜେ ରଜା ଆଜ୍ଞା କରନୋହେ ଅବଜ୍ଞା
କଲେ ରହି ନ ପାରୁ କ୍ଷିତି ଗୋ
ଗୋପୀମାନେ !
ସେ ହେଉଁ ଶ୍ରୀକର ସନ୍ତକ
ସାକ୍ଷାତ ହୁଅଇ ଅନ୍ତକ
ସମ୍ଭାବନା କଲେ ସେ ସକଳ ଦୁଃଖ ନାଶେ
ସୁଖ ହିଁ ହୁଅଇ ଅନେକ ଗୋ ।୩୧।

ସନ୍ତୋଷ ହୋଇ ଏବେ ବୋଲିବ ଯେବେ ତେବେ
ରଜାକୁ ଦର୍ଶନ କରିବୁ
ଶୁଦ୍ଧେ ଧନୁ ଉତ୍ସବ- ଯାହା ବଢ଼ାଇ କରି
ସବୁରି ସନ୍ତାପ ହରିବୁ ଗୋ
ଗୋପୀମାନେ !
ସ୍ନେହ ଆମ୍ଭଙ୍କୁ କରିଥିବ
ସ୍ଫଟିକ ପରାୟେ ନୋହିବ,
ସେ ଯେମନ୍ତ ପାଖରେ ଥିଲେ ରଙ୍ଗକ ଧରେ
ଅନ୍ତର ହେଲେ ଆନଭାବ ଗୋ ।୩୨।

ହରଷ ଶୋକଭରେ ଏକ ଗୋପୀୟେ ଧୀରେ
ବୋଇଲା ଆହେ ବ୍ରଜରାୟେ
ହୃଦଭିତରେ ଅମ୍ଭେ ତୁମ୍ଭଙ୍କୁ ଘେନିଅଛୁ
ଜଳରେ କମଳପରାୟେ ହେ
ଘନଶ୍ୟାମ !

Source: KC Dash, Digitized by PPRACHIN, SOA

ହରଷରେ ବଚନ କହି
ହୃଦୟରେ କପଟ ବହି
ହରିଲ ଆମ୍ଭ ଚିତ୍ତ ଧନ୍ୟ ଲୋଭେ ମୋହିତ
ତୁମ୍ଭର ଚିତ୍ତେ ସବୁ ଏହି ହେ ।୩୩।

କ୍ଷମା ସାଗର କ୍ଷୋଭ- ଛଡ଼ାଇ ଆଶା ଲୋଭ
ଦେଖାଇ ଗୋପୀଙ୍କି ମୋହିଲେ
କ୍ଷକ୍ଷନ୍ଦେ ରଥେ ବସି ଅକ୍ରୂର ମନ ତୋଷି
ମଥୁରକୁ ବିଜୟେ କଲେ ସେ
ଘନଶ୍ୟାମ !
କ୍ଷପାକର ବଦନ ଦେଖି
କ୍ଷଣକେ ହେଲେ ଜନେ ସୁଖୀ
ଛଛନ୍ଦେ ଘାନକୃଷ୍ଣ ବୋଲେ ତାଙ୍କ ନୟନ
ନୟନ କରିସିନା ଲେଖି ହେ ।୩୪।

Source: KC Dash, Digitized by PPRACHIN, SOA

ଗୋପଜୀବନ ଚଉତିଶା

କନକ ସୁନ୍ଦର ରଥ   ମଧ୍ୟେ ବିଜେ ଗୋପୀନାଥ
ଗୋପୀମାନେ ଦେଖିଲେ ତା ଯାଇଁ,
କଂସଦୂତ ସଙ୍ଗତର   କାମପାଳ ହିଁ ଆବର
କରିବ ମଥୁରା କଟକାଇ
ହେ ଗୋପଜୀବନ !
କାହା ଭୁଲେ କଲ ଏ ବିଗୁର
କାକେ ସ୍ନେହେ ବେଗେ ହୋଇଲ ବାହାର ହେ
କହେ କୃଷ୍ଣ ମୃଦୁରସ   କୋମଳ କରି ସମ୍ଭାଷ
ଶୁଣ ତୁମ୍ଭେ କୁରଙ୍ଗୀଲୋଚନୀ !
କ କାର୍ଯ୍ୟେ ମଥୁରା ଯିବୁ   କ ଲୋଭେ ଗୋପ ତେଜିବୁ
କଲ ବିପରୀତ ବନ୍ଧ ପୁଣି
ଗୋ ଗୋପୀମାନେ !
କାଲି ଗୋପେ ଅକ୍ରୂର ଅଇଲା
କଂସ ଆଜ୍ଞା ବୋଲି ନନ୍ଦକୁ କହିଲା ।୧।

ଖଳଲୋକଙ୍କର ବୋଲ   କେବେହେଁ ନୁହଁଇ ଭଲ
ଖାଆନ୍ତି ଅମିୟ ବୋଲି ବିଷ
ଖେଳ କଉତୁକ ରସ   ଗୋପପୁରେ ଯିସ ଯିସ
ମଥୁରାରେ କରିବ ତା' କିସ
ହେ ଗୋପୀଜୀବନ !
କ୍ଷଣେ ନ ଦେଖିଲେ ତୋ ଶ୍ରୀମୁଖ
ଖମ୍ବ ପ୍ରତିମା ପ୍ରାୟେକ ମଣୁ ସବୁ ସୁଖ ହେ ।
ଖେଦ କଲୁ ତୁମ୍ଭ ତହିଁ   ଖଟିଲୁ ନମଗ୍ନ ହୋଇ
କ୍ଷଣେ ମନୁ ନ ପାରୁ ପାସୋରି
ଖେଳିଲେ ଖାଇଲେ ମନେ   କ୍ଷୁଦ୍ର ବଳାରଖୁ ବନେ
କ୍ଷଣେ କ୍ଷଣେ ଚିତ୍ତେ ତୁମ୍ଭ ଧରି
ଗୋ ଗୋପୀମାନେ !
ଖଳ ଲୋକ ପାରୁଶେ ନ ଥାଅ
ଖେଳେ ଅନ୍ଧକୁ ଲୋଚନ ଦାନ ଦେଇ ଗୋ ।୨।

୧-୬ — କାହାସଙ୍ଗେ (କ) କାମପାଳ—ବଳରାମ

Source: KC Dash, Digitized by PPRACHIN, SOA

ଗିରିଛତ୍ର ବାମେ ଧରି   ରଖିଲ ଗୋପର ଶିରି
ଗଲା ସୁରପତି ଗର୍ବହାରି
ଗାଢ଼ ଅପମାନ ପାଇ   ଅଛି ସେ ଅମର ସାଇଁ
ଗାଢ଼େ ସେ ଧ୍ୱଂସିବ ଗୋପପୁରି
ହେ ଗୋପଜୀବନ ।
ଗାଢ଼ପଣ ସରିଲା ଆମ୍ଭର
ଗାଢ଼େ ନୟନୁ ବହଇ ଅଶ୍ରୁ ବାରି ହେ ॥

ଗୋପିକାଙ୍କ ବୋଲ ଶୁଣି   ଗିରିଧର କହେ ବାଣୀ
ଗତକଥା ଇନ୍ଦ୍ର ପାସୋରିବ,
ଜ୍ଞାନ କ ନାହିଁ ତାହାର   ଗଲେ ସେ ମଥୁରାପୁର
ନେଉଛି ସେ ଗୋପ ବିଧ୍ୱଂସିବ
ହେ ଗୋପୀମାନେ !
ଗାଢ଼ କ୍ରୋଧ କପାଇଁ କରୁଛ
ଗୋପ ନ ରଖିଲେ ନୋହୁ ନନ୍ଦବଛ ଗୋ ।୩।

ଘର ବାହାର ଅନ୍ଧାର   ହରିଲ ଗୋପ ନଗର
ଚନ୍ଦ୍ର ବିନୁ ଯାମିନୀ ଯେସନ
୭ ଘୁଞ୍ଚିଲା ସୁଖ ବାସର   ଘୋଟିଲା ଦୁଖ ସାଗର
ପଲକେ ବିଚ୍ଛେଦ ଖେଦ ମନ
ହେ ଗୋପଜୀବନ !
ଘାଟ କଲ ଯେତେ ସୁଖ ଦେଲ
ଘାଟ କ ବାସର ସ୍ନେହା ଆରମ୍ଭିଲ ହେ ।

ଘେନ ପ୍ରୀତି କହେ ହରି   ଶୁଣ ଗୋ ବ୍ରଜସୁନ୍ଦରୀ !
ଘଟେ ଅନ୍ତର ତ କରୁଁ ନାହିଁ
ଘଟାଇଛୁ ଧାତା ତାକ   ଘୋଟିଛୁ ଅକ୍ରୂର ଦେଖ
ଘେନିଯିବ ରଜା, ଆଜ୍ଞା ପାଇ
ଗୋ ଗୋପୀମାନେ !
ଘେନାଇ କହିବୁ ଗୋପ ପାଇଁ
ଘଟ ନ ପଡ଼ ନିଶ୍ଚିନ୍ତେ ଥିବ ରହି ଗୋ ।୪।

୩-୭—ଗାଢ଼ପଣ ସରିଲା ଆମ୍ଭର । ଗାଢ଼େ ନୟନରୁ ବହଇ ନୀରଧାର । ଯିସ ଯିସ—ଯାହା ଯାହା

Source: KC Dash, Digitized by PPRACHIN, SOA

ନ ମଣିଲୁ ବେଦକୂଳ   ଦେଖି ତୋ ମୁଖକମଳ
ମଧୁଜୀବ ପ୍ରାୟେ ବନ୍ଦୀ ହେଲୁ
ନିଶି ଦିବା ନିରନ୍ତର   ତୋ ରୂପ ଥାଇ ମନର
ତୋହ ବିନୁ ଅନ୍ୟ ନ ଭାବିଲୁ
ହେ ଗୋପଜୀବନ !

ନିରାଶ କି କରିବ ଆମ୍ଭଙ୍କୁ
ନେବ ନ ଗଲେଣ ସେଥୁ କେ ତୁମ୍ଭଙ୍କୁ ହେ,
ନିରାଶ ନକରୁ ଆମ୍ଭେ   ନ ଜାଣକି ଗୋପୀ ତୁମ୍ଭେ
ନାନା ଖେଳ ଏଣ୍ଡ ଗୋପପୁର
ମାତ କାମିନୀ ପ୍ରାୟେ ଗୋପୀ   ଧଇଲୁ ମନ୍ଦର କୋପି
ନ ଧଇଲେ କେ ଥାନ୍ତା ଗୋପର
ଗୋ ଗୋପୀମାନେ
ନିଆଁ ଗିଳା ପୁଅଙ୍କୁ ରଖିଲୁ
ନାନା ଦୁଃଖ ଗୋପେ ପାଇଣ ରହିଲୁ ଗୋ ।୫।

ନିର୍ମଳ ଚନ୍ଦ୍ରବଦନ   ନ ଦେଖି ମନ ଯେସନ
ବଚନେ ତା ନ ନୁହଇ କଣ୍ଠ
ନିଦ୍ରା ସ୍ୱପନ ଯୋଗରେ   ତୋ ରୂପ ଶୋଇ ହୃଦରେ
ତୃଷିତ ଗୃଢକ ପ୍ରାୟେ ହୋଇ
ହେ ଗୋପଜୀବନ !
ନିରାଶ କି କରିବ ଆମ୍ଭଙ୍କୁ
ନେବ ନ ଟଳେ କେ ଏଥୁଁ ବା ତୁମ୍ଭଙ୍କୁ ହେ ।୫।

ଗୃହ ଯେତେ କଂସଗଣ   ବରଗିଲେ ପୁଣପୁଣ
ଘୋରରୂପେ ସମସ୍ତେ ଅଇଲେ
ଚତୁର ଜାଣି ତାହାନ୍ତ   ଶତ୍ରୁ ଜାଣି କଲ ହତ
ପ୍ରାଣ ଘେନି ଜଣେ ହେଁ ନ ଗଲେ
ହେ ଗୋପଜୀବନ !
ଚତୁର କି ତୁମ୍ଭଙ୍କୁ ଅକ୍ରୂର
ଶତ୍ରୁ କେମନ୍ତେ ସେ ହରିଲା ତୁମ୍ଭର ହେ ।

୫-୬.୭—ନେବ ଜୀବ ଯେତେବେଳେ । ନାହିଁ ରଖିବାକୁ ଏ ମହୀମଣ୍ଡଳେ ହେ (ଖ) ମଧୁଜୀବ—ଭ୍ରମର
୬.୩—ଚତୁର ମିଣ (ଖ)   ୬.୪—ଗୋଷ୍ଠାଏ ନ ଗଲେ (ଖ)   ୬-୬—ଚତୁର ଏ ତୁମ୍ଭଠୁ (ଖ)

Source: KC Dash, Digitized by PPRACHIN, SOA

ଚକ୍ରେ ଚକୋଇଣ ଯିବ   ଚରଣୁ ହୋଇଣ ଥିବ
ଚପଳ ହୋଇବ ଚିନ୍ତା ଗୁଡ଼ି
ଚୂର ସଙ୍ଗେ ମଧୁବନ   ମଣ୍ଡଳ କରି ଗମନ
ଚିତ୍ର ଦେଖି କଂସର ନଗରୀ
ଗୋ ଗୋପୀମାନେ !
ଚିତ୍ତ ଶୁଦ୍ଧ ସଫଳ ଭ୍ରମର
ଚିହ୍ନ ଯିବେ ଗୋଚକଲା ସେ ଆମ୍ଭର ଗୋ ।୬।

ଛଡ଼ାଇ ଗୋପ ମୁହାଁସ   ମଣାଇ ମଥୁରା ଦେଶ
ଛୋଭ ବଢ଼ାଇନ୍ତ ସ୍ନେହେ କରି
ଛାଡ଼ ମାଟି ପିତାକଲ   ସୁହୃଦ ବନ୍ଧୁ ସକଳ
ଛାଡ଼ାନ ହୋଇନ୍ତ ମଧୁପୁରୀ
ହେ ଗୋପଜୀବନ !
ଛାଡ଼ିଲେ ନ ଆସନ୍ତ ନ ଛାଡ଼ିବ
ଛାଡ଼ିଗଲେ ଆଗ ପଛେ ଗୋଡ଼ାଇବୁ ହେ ।
ଛନ୍ଦ-ଶିରୋମଣି ଶ୍ରେଣୀ   ଛଛନ୍ଦେ ନିର୍ମଳ ବାଣୀ
କ୍ଷମାଶୀଳ-ହୃଦୟ ନନ୍ଦନ
କ୍ଷଣେ ସେହେ ନଶାକଲ   ଛନ୍ଦେ ମିଶ୍ର ରଭ ମେଳ
ଛାଡ଼ି କି ସେ କାରଣ ହସନ୍ତ
ଗୋ ଗୋପୀମାନେ !
ଛାଡ଼ିବୁ କେମନ୍ତେ ରାଜ ମାନ
କ୍ଷମେ ଦେଖିଣ ଆସିବୁ ଧନୁଯାଗ ଗୋ ।୭।

ଯଶୋଦାକୁ କି ବୋଲିବା   କେମନ୍ତେ ମୁର୍ଚ୍ଛିଲେ ଅବା
ଜନ୍ମ କରି ସ୍ନେହେ ଅନୁରାଗୀ
ଯେ ହୋଇବ ହେଉ ବୋଲି   ନ ରୁହାଇ ଦେଲେ ଛାଡ଼ି
ଲୁବ୍ଧମ୍ନା ଗୋପୀ ମନଭାଗୀ
ହେ ଗୋପଜୀବନ !
ଜୀବ ଦାନ ଦେଉଛ ଆମ୍ଭକୁ
ଜୀବଗଲେ ହେଁ ନ ଛାଡ଼ିବୁ ତୁମ୍ଭକୁ ହେ ।

୭-୧—ଛଡ଼ାଇ ଗୋପସୁହାଗ, ମଣାଇ ମଥୁରା ଲଭ (ଖ)   ୭-୨—ବଣଇର ଏତେ (ଖ)
୭-୩—ଛାଡ଼ିମାଣ ବନ୍ଧୁଗଣ ସକଳ ଯୋଗେହ୍ୱା ଜନ (ଖ)   ୭-୪—ହୋଇଲୁ ଆଗସର (ଖ)

Source: KC Dash, Digitized by PPRACHIN, SOA

ଜନ୍ମକର ନନ୍ଦ ରାଣୀ   ଯତନେ ପାଳିଲେ ପୁଣି
ଯାହାକଲେ ବରଜ-ରାଜନ
ଜୀବ ଥିଲେ ଯାଇ ନାହିଁ   ବ୍ରଜେ ପ୍ରୀତି କଲ ସନ୍ଧି
ଯତନେ ଛେଡ଼ିଲ କୁଳ ବର୍ଣ୍ଣ
ହେ ଗୋପୀମାନେ !
ଜୀବଗଲେ ନ ଛାଡ଼େ ସ୍ନେହ ଭାବ;
ଯୁଗ ଜଗତେ ସ୍ନେହ ଭାବ ଅସମ୍ଭବ ଗୋ ।୮।

ଝାଡ଼ି ଅଗ୍ନି ପାନକର   ଜୀବନ ନେଇ ସବୁର
ଝଟକିଲା ହୃଦରେ ସେ ଚରିତ
ଝଳିଲା ଲୌହ ଯେସନ   ପରଶ ଲାଗି ସୁବର୍ଣ୍ଣ
ତୁମ୍ଭ ଦରଶନ ସେହିମତ
ହେ ଗୋପ ଜୀବନ !
ଝିମିଟେ ହେଁ ନ ଯାଇ ମନରୁ ହେ ।
ଝାଡ଼ି ଜୀବନ ଯେହ୍ନେ ନ ଯାଇ ବନରୁ ହେ
ନ ଯାଅ ନ ବୋଲ ଗୋପୀ !   ନୃପ କଂସ ଅଛି କୋପି
ନ ଗଲେ ନାଶ କରିବ ଗୋପ
ନ ଧର ମନେ ଭ୍ରମନ   ନୟନେ ଦେଖୁ ରାଜନ
ନ ଦେଖୁଛୁ କଂସର ସ୍ୱରୂପ
ଗୋ ଗୋପୀମାନେ !
ନ ଆସିବା ପାଦେକ ନ ମଣ
ନିତି ହେବା ସ୍ମର- ଭାବନା ହୃଦୟରେ ଗୁଣ ଗୋ ।୯-୧୦।

ଠାଣ ହୋଇ ଥିଲୁ ପୂର୍ବେ   ଜାଣନ୍ତି ସକଳ ଦେବେ
ଠେଲିଲ ସେ ଗରବ ଆମ୍ଭର
ଠାଣ ଅନଙ୍ଗ ହୋଇବ   ଠଣେ ଆମ୍ଭଙ୍କୁ ଦହିବ
ଅପଯଶ ହୋଇବ ତୁମ୍ଭର
ହେ ଗୋପଜୀବନ !
ଠାଣପଣ ସକଳି ଆମ୍ଭର,
ଠାଣେ ନୟନୁ ବହୁଛି ଅଶ୍ରୁ ଧାର ହେ ।

୮-୪—ଲୁବ୍ଧୁମ୍ନ ଆମ୍ଭେ (ଖ)   ରୁହାଇ—ଅଟକାଇ,   ଲୁବ୍ଧୁମ୍ନ—ଲୋଭମା
୯-୩—ଝଲିଲେ ପରଶେ ଲୌହ । ଯେସନେ ସୁବର୍ଣ୍ଣ ହୁଅ (ଖ)
୯-୬-୭—ନେବ ଜୀବ ଯିବ ଯେତେବେଳେ । ନାହିଁ ରଖିବାକୁ ଏ ମହୀ ମଣ୍ଡଳେ ହେ । ଲୌହ—ଲୁହା ;

Source: KC Dash, Digitized by PPRACHIN, SOA

ଟମାଳ ଟିକାଏ ନାହିଁ   ଟାଙ୍କ ମନେ ଧର ସଖି !
ଟମାଳ ଟିକାକେ ମାର ମଲି
ଟମାଳ ଟଳୁଛି ଅଙ୍ଗ   ଟମାଳ ମନ ଅନଙ୍ଗ
ଟାକଇ ଟାକନାଟା ନ ଦେଲି (?)
ଟହ ଗୋପୀମାନେ !
ଟୀକା ମୋର ଗୁଣ ଘୋଷୁଥିବ
ଟେକ ଧରଛି ହୃଦରେ ତୁମ୍ଭ ଭାବ ଗୋ ।୧୧।

ଠାକୁର ହୋଇ ନନ୍ଦସୁତା   ଶୁଣିଲକ ନାହିଁ ସେହୁଡା
ଠାବକଲୁ ଆମ୍ଭେ ସେତେ କାଳେ
ଠିକେ ପୂତନାର ପ୍ରାଣ   ଖାଇଲ ବନା ଦୋଷେଣ
କାଳୀକ ଦଳିଲ କାଳନ୍ଦୀରେ
ହେ ଗୋପ ଜୀବନ !
ଠାବ କଲୁ ତୁମ୍ଭର ଚରିତ
ଠିକେ ଭଦ୍ରବୋଲି ବୋଲୁଛ ସମସ୍ତହେ,
ଠାକୁର ପ୍ରମାଣ ଅଟ   ଠିକେ·ଘେନଛ ଆମ୍ଭଙ୍କୁ
ଠିକ ଭାବେ ଠେକିଲ ଆମ୍ଭକୁ
ଠିକେ ଗୋପାଳ-ତନୟ   ଠାଠିକେ ପ୍ରାଣ ହୃଦୟ
ଠୂଳେ ହୋଇଲୁ ଠକଙ୍କ ଜୀବନଙ୍କୁ
ହେ ଗୋପୀମାନେ !
ଠିକେ କକେ କରୁଅଛ କୋହ
ଠିକେ ଦୁଇରୂର ହୋଇ ତୁଟମ୍ଭ ରହ ଗୋ ।୧୨।

ଡକାକର ଦେଲ ସୁଖ   ବିକଚ କମଳ ମୁଖ
ଦହୁଛି ବିଚ୍ଛେଦ ଅଗ୍ନି ଅନ୍ତେ
ଡୋଳେ ମୁଖ ଡାଳ ରହୁଁ   ଆହେ ସ୍ୱାମୀ ! ବୋଲକହୁଁ
ସେତେଡ଼େ ଭାବ ମୂର୍ଚ୍ଛିବ କେମନ୍ତେ
ହେ ଗୋପଜୀବନ !
ଡାକ ଧେନୁ ଗୋଧନ ବାହୁଡ଼ା
ଡଙ୍କ ଖାଉ କଂସ କଲି କପାଁ ଲେଡ଼ା ହେ ।

୧୩_୩—ଡୋଳେ ପୂର୍ଣ୍ଣକର ଦେଖ, ଆହେ ଶ୍ୟାମ କାହ୍ନୁ ଯାଦୁ । ଡୋଳାଇ—ଘୁଡ଼

Source: KC Dash, Digitized by PPRACHIN, SOA

ତେଇଁ ରଥୁ ବନମାଳୀ ଗୋପୀଙ୍କ ସନ୍ନିଧେ ମିଳି
ତାଙ୍କ ସ୍ନେହେ ଆଉକେ କହନ୍ତି
ତକାଇଲ୍ କଂସରଣ ଧନୁ ଉଚ୍ଛବ କରଣ
ତୋଳେ ଦେଖି ଆସିବୁ ତତ୍କ୍ଷଣ
ଗୋ ଗୋପୀମାନେ !
ତୋଳାଇ କି ପାରିବୁ ତୁମ୍ଭଙ୍କୁ
ତୋଳେ ତୁମ୍ଭବନୁ ନ ଦେଖୁ ଆନଙ୍କୁ ଗୋ । ୧୩ ।

ତମ କହୁନାହୁ ଆମ୍ଭେ ତାଳେ ନ ଆସିବ ତୁମ୍ଭେ
ତଳ ତଳ ବଶୁଛୁ ସ୍ନେ କଥା
ତଳଦଳ ଚନ୍ଦୁଆଖି ତ କି ଗୃହ୍ଣି ହୋଇ ସୁଖୀ
ତାଳେ ସୁଖ ଝଣ୍ଡୁଛି ବ୍ୟାଧା
ହେ ଗୋପଜୀବନ !
ତମ କଥା ଆସିବ ବୋଲୁଛ
ତାଳେ ତ ଧରିଛ ମଥୁରାପୁର ପଥ ହେ ।
ତାଳେ ମୁହୁଛି ତୁମ୍ଭଙ୍କୁ ଯିବୁ ମଥୁରା ପୁରକୁ
ପିତାମାତା ସୁହୃଦଜନଙ୍କୁ
ତାଳେ ଚନ୍ଦ୍ର ଅସ୍ତ ହୋଇ ପୁଣ କି ଉଦେ ନୁହଇ
ଯାସୋରେ କି କୁମୁଦ ବନକୁ
ଗୋ ଗୋପୀମାନେ !
ତାଳେହେଁ ତ ମୁରୁଛିବୁ ନାହିଁ
ତାଳେ ତୁମ୍ଭେ ନ ଗୁଡ଼ିଲେ ଯିବୁ କାହିଁ ଗୋ । ୧୪ ।

ଅଣ ଅପରାଧୀ ଗୋପୀ ଅତିବଡ଼ ମହାପାପୀ
·ଅଣହେଲା ତୁମ୍ଭେ ତ କରୁଛ
ଅତ ବଳଆଇଲୁଣି ଅପାରହିଁ ବୋଇଲୁଣି
ଅବଧି ଯିବାରେ ବଗୃହଛ
ହେ ଗୋପଜୀବନ !
ଆଣି ବନ୍ଧୁ ବପଶତ କଲ
ଅତ ପ୍ରୀତି ସେ ଆମ୍ଭର ଛଡ଼ାଇଲ ହେ ।

୧୩_୩ — ତୋଳେ ପୂର୍ଣ୍ଣ କରି ଦେଖ, ଆହେ ଶ୍ୟାମ କାହ୍ନୁ ଯାଦୁ, ତୋଲଇ—ଗୁଣ୍ଡ
ଅଣଅପରାଧୀ — ନିର୍ଦ୍ଦୋଷ

Source: KC Dash, Digitized by PPRACHIN, SOA

ଅଣିମାଦ୍ୱ ଅଇଶ୍ୱର୍ଯ୍ୟ   ଲଭିଲେହେଁ ଯଉଁଠିଙ୍କ
ହୋଇବ କି ଧ୍ୟାନ ଯେ ଭୁବନ
ଅଣିକରି ଧାତା ବାନ୍ଧୁ   ସକଳ ଗଣ ଥୋଇଛନ୍ତି
ଗୋପାଳ ଯେ ଗୋପୀ ବୃନ୍ଦାବନ
ଗୋ ଗୋପୀମାନେ !
ଅଣଦେଖା କେମନ୍ତେ କରିବୁ
ଅଡ଼ ନଶି ତୁମ୍ଭ ଭାବ ଭାବୁଥିବୁ ଗୋ । ୧୫ ।

ତୁମ୍ଭର ମହିମା ଯେତେ   ତୁଣ୍ଡରେ କହିବୁ କେତେ
ତୁଲ୍ୟ ପୁଣ କାହିଁ ଯେ ଆମ୍ଭର
ତୃପୁତ ମନ ହୋଇବ   ତୁମ୍ଭରେ କଂସ [illegible]
ତାରତି ରହିବ ତିନପୁର
ହେ ଗୋପଜୀବନ !
ତଥ୍ୟବାଣୀ ଏ ଆମ୍ଭର ହୋଉ
ତୁମ୍ଭ ଦେଖନ୍ତେ କଂସକୁ କାଳ ନେଉ ।
ତୁମ୍ଭବିନୁ ଆମ୍ଭ ମନ   ହୁଅଇ ଅବା ଯେସନ
ବଚନେ ତା ନୁହଇ ନା କହି
ତଳେକ କୋଟିଏ ଯୁଗ   ପ୍ରାପ୍ତେ ମଣୁ ସୁଖ ଭୋଗ
ତୃଷିତ ଚାତକ ପ୍ରାପ୍ତେ ହୋଇ
ଗୋ ଗୋପୀମାନେ !
ତହିଁକି ମଦନ ଏକା ସାକ୍ଷୀ
ତାକୁ ଆନ ନ ପାରଇ ଦୁଃଖ ଦେଖି ଗୋ । ୧୬ ।

ଥିବ ମଧୁବନେ ତୁମ୍ଭେ   ଥପ୍ପେ ଜାଣିଥିଲୁ ଆମ୍ଭେ
ଥଳେ ଭେଳା ଭସିଲା ଆମ୍ଭର
ଥିବୁ ବୋଲି ଜାଣିଥିଲୁ   ଆଉ ଧନ ହରାଇଲୁ
ଥିଲ ଅବେଭର ପ୍ରେ ତୁମ୍ଭର
ହେ ଗୋପଜୀବନ !
ଥାପିତ ରହିବ ସ୍ନେହୁ କାର୍ତ୍ତି
ଥାଉ ଥାଉ କୃଷ୍ଣ ନାଶିଲେ ଗୋପୀଙ୍କି ହେ,

୧୬-୧—ତୁଣ୍ଡେଣ (ଖ) ୧୬-୨—ତେତେ ପୁଣ (ଖ) ୧୬-୬—ତଥ୍ୟ ଏ ଆମ୍ଭ ବଚନ ହେଉ (ଖ) ୧୬-୩—ଥିବ କଥା ସବୁଦିନେ, ଗୋପ ତେଜ ମଧୁବନେ (ଖ) ୧୬-୪—ଅପଯଶ ହୋଇବ ତୁମ୍ଭର ହେ (କ) ତୃପୁତ—ତୃପ୍ତି

Source: KC Dash, Digitized by PPRACHIN, SOA

ଥୋଇ ତୁମ୍ଭ ଚହ୍ନିଁ ମନ ଯିବୁ ଆସିବୁ ବଦନ
ଥିର ଜଳେ ମୀନ ଚହଟଇ
ଥାବର ଥାଉ ନକଟେ ଆକାଶେ କି ଫୁଲ ଫୁଟେ
ତେସନ ଯେ ଆମ୍ଭେ ତୁମ୍ଭ ଚହ୍ନିଁ
ଗୋ ଗୋପୀମାନେ !
ଥିବା ବୋଲି ମନେ ମଣିଥିବ
ଥିର ନୋହିଲେ କି ଆମ୍ଭଙ୍କୁ ପାଇବ ଗୋ । ୧୭ ।

ଦୟାନିଧି ବୋଲ ଶୁଣି ବୋଲନ୍ତି ଗୋପ-ତରୁଣୀ
ଧଇର୍ଯ୍ୟ ବିଚ୍ଛେଦ ବନ ଅନଙ୍ଗ ଦହଇ ପ୍ରାଣ
ଧରଣୀ ଛପତି ପଡ଼ିଅଛୁ
ଧନ୍ୟ ସେ ବ୍ରାହ୍ମଣ ନାରୀ ଦର୍ଶନେ ଯାହା ଉଦ୍ଧାର
ସେହି କଥା ମନରେ ପଡ଼ୁଛି
ହେ ଗୋପ ଜୀବନ !
ଧାତା ନ ସହିଲା ଆମ୍ଭ ଠାୟେ
ଧରିଥିବୁ ଦେହ ତୁମ୍ଭ ଯିବା ଯାୟେ ହୋ
ଧନ୍ୟ ତୁମ୍ଭେ ଗୋପୀ ଯେତେ ....
ଧୀର ଭାବେ ଉଚଳ ମୁହାଁସ ଗୋ
ଗୋପୀମାନେ
ଧଇର୍ଯ୍ୟ ଧର ସଦନେ ଥିବ
ଧୀର ହୋଇଥିଲେ ଆମ୍ଭଙ୍କୁ ପାଇବ ଗୋ । ୧୯ ।

ନୋହିଲେ କି ଗୋପୀନାଥ ଗୋପ କରଣ ଅନାଥ
ସେତେ ବେଗେ ହୋଇଲ ବାହାର
ନ ସହଇ କଂସ ଘ୍ରାଣ ନଷ୍ଟେ ଜାଣ ତ ଆପଣ
ଜାଣୁ ଜାଣୁ ବିଷ କରେ କେ ଆହାର
ହେ ଗୋପ ଜୀବନ !
ନିରନ୍ତରେ ଭାବୁ ସେ କଥାକୁ
ନେଉଅଛୁ ଧାତା କହିବୁ କାହାକୁ ହେ ।
ନକର ଶୋଚନା ଚୋଇ ! ନ ଭାଳ ଗୋ ଆମ୍ଭ ପାଇଁ
ନ କର ଗଜାର ତୁଳେ ବାଦ

୧୯-୧-୨—ଧଇର୍ଯ୍ୟ ବନ ଅନଳ ବିଚ୍ଛେଦ ଦହୁଛି ପ୍ରାଣ, ଧରଣୀକି ଆକୁଳ କରୁଛି (ଖ)
୨୦-୨—ଯିବ ବୋଲି ହୋଇଲ ବାହାର (ଖ)

Source: KC Dash, Digitized by PPRACHIN, SOA

ନାଶ କଲୁ ଗ୍ରହଗଣ ଷଣ୍ଢା ବକା ଅର୍ଘା.ତୃଣ
କୃଷ୍ଣ ଦେଖି ଭୁଆଇଲେ ଦ୍ୱନ୍ଦ୍ୱ
ଗୋ ଗୋପୀମାନେ !
ନାହିଁ ଭୟ ଭ୍ରାନ୍ତ ଏ କଥାକୁ
ନଷ୍ଟେ ଅପ୍ରତେ କରୁଛ ଆସିବାକୁ ଗୋ । ୨୦ ।

ପଶିଲେ ମଥୁରାପୁରେ ଗୋପୀ କି ଥିବୁ ମନରେ
ଚତୁର୍ଭୁଜଙ୍କ ବଚନ ଶୁଣିଲେ
ପ୍ରତ୍ୟକ୍ଷେ ମିଳିଲୁ ଯାହା ଠାକୁରେ କହିଲେ ତାହା
ପଛେ ପ୍ରତେ ଯିବ ତ ରହିଲେ
ହେ ଗୋପ ଜୀବନ !
ପରତେ ନ ଯାଇ ମନକୁ
ପୁଣି ପାଲଟି କି ଆସିବ ଗୋପକୁ ହେ
ପତିତପାବନ ଭଲେ ପଦ୍ମମୁଖେ ହସି ବୋଲେ
ଶୁଣ ତୁମ୍ଭେ ପଙ୍କଜଲୋଚନ ।
ପାଳିଲ ଗୋପରେ ଥିଲୁ ପରମ ସୁଖ ଲଭିଲୁ
ପାଇଥିଲୁ ଯଶୋଦା ଜନନୀ
ଗୋ ଗୋପୀମାନେ !
ପଶୁଁଥରେ ମଥୁରା ନଗରେ
ପତି ସୁଖ ଲଭ ତୁମ୍ଭେ ଥିବ ଗୋପପୁରେ ଗୋ ।। ୨୧ ।।

ଫଳ ପାଚିଲେ କି ପୁଣ ପାଲଟି ହୋଇବ ତରୁଣ
ଫଳିଲ ଆମ୍ଭ କରମ ଫଳ
ଦେଖିବାକୁ ଶୁଣିମା ଅନ୍ତର
ଦର ହାସ ମୁଖେ ଶୋଭା କସ ଗୁହିଁବା କହିବା
ଦେଖୁ ଶୁଣୁଥିଲୁ ନିରନ୍ତର
ହେ ଗୋପୀଜୀବନ !
ଦେଉଥିବ ଆଶା ଆସିବାକୁ
ଦେହ ଧଇଲୁ ଏ ଦୁଃଖ ସହିବାକୁ ହେ ।
ଦାମୋଦର ଭାବଗ୍ରାହୀ ବୋଲନ୍ତି ଗୋପୀଙ୍କି ଗୁହିଁ
ଦୁଃଖୀ ନୁହ ଦୃଢ଼ କର ଚିତ୍ତ

୨୨-୭-୭—ଫାଇ କସ କହିବୁ ତୁମ୍ଭଙ୍କୁ । ଫାଇଧନ ଦେଇ କିଣିଛ ଆମ୍ଭଙ୍କୁ ହେ (ଖ)

Source: KC Dash, Digitized by PPRACHIN, SOA

ଦେଖିଥାଇ ଦୂର କଥା   ଦୂତ ମନେ କରିଚନ୍ତା
ଦୂର ଭାବ ନକର୍ନ୍ତ ପ୍ରାପତ
ଗୋ ଗୋପୀମାନେ !
ଦମ୍ଭପଣ କମାଇଁ ଗୁଡ଼ୁଛ
ଦଣ୍ଡେ ନ ଗୁଡ଼ୁ ତୁମର ଭାବ ପକ୍ଷ ଗୋ । ୧୮ ।

ଫାଇ କେତେହେଁ କହିବା   ଫୁରୁଣାମାନ ସରିଲ
ଶୋକ ଘନ ବରଷେ ପ୍ରବଳ—
ହେ ଗୋପଜୀବନ !
ଫାଇ କସ କହିବୁ ତୁମ୍ଭଙ୍କୁ
ଫାଇ ସୁଖ ଦେଇ ଦହିଲ ଆମ୍ଭଙ୍କୁ ହେ ।
ଫୁରୁଣା ହୁଅ ମୃଗାକ୍ଷି   ଫାଇ ଚିନ୍ତା ଗୁଡ଼ ସଖି !
ଫୋଫୋଡ଼ାଇ ହୁତାଶନ ଦେଇ
ଫୁଟିକ ସୁଧା-ଅଧର   ଫାଇ ହସ ହସ ଭାବ
ଫାଇ ସୁଧା ମୁଖରେ ସେ ହୋଇ
ଗୋ ଗୋପୀମାନେ !
ଫୁଟିବ ହୃଦରେ ଚିନ୍ତାକଲେ
ଫଳ ନାହିଁଟି ଧଇର୍ଯ୍ୟ ନ ଭଜିଲେ ଗୋ ।୨୨।

ବଡ଼ ଭରସା ତ ଦେଲ   ବଡ଼ ବେଗେ ଛିଣ୍ଡାଇଲ
ବଡ଼ ଶୋକ-ଜଳେ ତ ଭସିଲ
ବକ୍ରରୁ ସେ କଠିନତା   ଆମ୍ଭ ହୃଦ କଲ ଧାତା
ଜାଣି ଏଡ଼େ ଦାରୁଣ ହୋଇଲ
ହେ ଗୋପଜୀବନ !
ବୋଲୁ ବୋଲୁ ବେଳ ଖସୁଅଛୁ
ବଡ଼ ଶୋକ-ଜଳ ହୃଦରେ ପୂରିଛୁ ହେ ।
ବରହ ପୁଚ୍ଛିଆ ସ୍ନେହେ   ମନ୍ଦହାସେ ବଡ଼ି କହେ
ବରଜ ବନିତା ବାଣୀ ଶୁଣି
ବହୁତ ଯେ ବେଳୁବେଳ   କରୁଛ ଶୋକ ପ୍ରବଳ
ବଗୁନ୍ଲେ ତୁମ୍ଭର ଏ ହାନ
ଗୋ ଗୋପୀମାନେ !
ବବେକୀ ଆମର ବୋଲ ଶୁଣ
ବେଳୁ ବେଳ ଯେ ଉଛନ୍ନ କଲ ମନ ଗୋ ।୨୩।

୨୩-୧ ମ— ବଡ଼ ଆଶାରଜ୍ଜୁ ଆମ୍ଭ ବଡ଼ ବେଗେ ଛିଣ୍ଡାଇଲ ବିପତ୍ତି ସିନ୍ଧୁରେ ଖୋଲି ଦେଲ (ଖ)

Source: KC Dash, Digitized by PPRACHIN, SOA

ଭାବଗ୍ରାହୀ ବୋଲି ଆମ୍ଭେ   ଭରସାରେ ଭଜିବାସ୍ତେ
ଛାଡ଼ିଲୁ କୁଳର ଲଜମାନ
ଭୁଲିଲୁ ଯେସନେ ମୃଗୀ   ମୃଗତୃଷ୍ଣା ଜଳ ଦେଖି
ଆମ୍ଭ ଆଶା ହୋଇଲା ତେସନ
ହେ ଗୋପଜୀବନ !
ଭଲ ଲୋକେ ନ ବୋଲିବେ ଭଲ
ଭାବ ଦେଇ ଏତେ ଅଭାବ ତ କଲ ହେ ।
ଭାବେ କହୁଅଛୁ ଆମ୍ଭେ   ଭାବରେ ତୁମ୍ଭଙ୍କୁ ଖୋଜୁ
ଭଜିଥିବ କାଳନ୍ଦୀ ସ୍ନାହାନେ
ଗୋ ଗୋପୀମାନେ !
ଭାବେ ବସ୍ତ୍ର ଆମ୍ଭେ ଚୋର କଲୁ
ଭାବେ ବୃନ୍ଦାବନେ ଘଟକ୍ଷି ଥାପିଲୁ ଗୋ ।୧୪।

ମଧୁପ ଯେ ମକରନ୍ଦ-   ମଧପାନେ ହୋଇ ବନ୍ଦ
ମନରେ ତା ଲୋଡ଼େ ଅନ୍ୟ ଫୁଲ
ମନୋହର ଯେତେ କେଳି   କଲ ଆମ୍ଭ ସଙ୍ଗେ ମିଳି
ଏବେ ମନ ମଥୁରାକୁ ଦେଲ
ହେ ଗୋପ ଜୀବନ !
ମଣିଲୁ ତୁମ୍ଭର ସୁବଗୃଭ
ମାୟା ହୃଦେ ପୂରି ଶ୍ରୀ ମୁଖ ମଧୁର ହେ ।
ମନୋହର ମୁଖେ ମନ୍ଦ   ହସି କହନ୍ତି ଗୋବିନ୍ଦ
ମାୟା କେବେ ତୁମ୍ଭଙ୍କୁ କରିବୁଁ
ମୋହର ପ୍ରୀତି ନିମନ୍ତେ   ମାତା ପିତାଦି ସମସ୍ତେ
ମନ ମଜାଇଲ ତେଜିସବୁ
ହେ ଗୋପୀମାନେ !
ମଧୁପ କୁସୁମ ଚୁମ୍ବି ଗଲା
ମଧୁର ସ୍ୱଭାବ ଅନ୍ତରେ ଘେନିଲା ଗୋ ।୧୫।

ଯିବ ଯେବେ ଯାଅ କନା   ସ୍ନେହେ ଜାଣିଥିବ କନା
ଜୀଇବୁ ନାହିଁ ନା ତୁମ୍ଭ ଗଲେ
ଯେତେ କପଟି ପଣିଲା   କେହି ସ୍ନେହେ ନ ବାଧିଲା
ଜୀବ ଥିବ କି ତା ସୁମରିଲେ
ହେ ଗୋପ ଜୀବନ !

୧୩_୩—ବଜ୍ରହୁଁ ଅଧିକ ଆମ୍ଭ ହୃଦୟ ଗଢ଼ିଲା ଧାତା (ଖ) ୧୩_୬.୭ – ବଡ଼ ଅଭିଦଳା ଗୋପନାରୀ ବଷ ପରଷି ଯାଉଛୁ ଗୋପପୁରୀ (ଖ) ୧୪_୧ – ଭରସା କରି ଭଜିଲୁ (ଖ) ବରହ.ପୁଛିଆ—ମୟୂର ଚୂଳିଆ

Source: KC Dash, Digitized by PPRACHIN, SOA

ଜାଣ ଯାହା କହୁଅଛୁ ଆମ୍ଭେ
ଜାଣି ମାୟା କରୁଅଛ ତୁମ୍ଭେ ହେ ।
ଯାହା କହୁଅଛୁ ସଖି ! ଜାଣନ୍ତ ସର୍ବ ମୃଗାକ୍ଷି
ଯାଅ ବୋଲି ବୋଇଲେ ସେ ଯିବୁ
ଜୀବନ ଯାଉଟ ଷନ୍ତ ଯେତେ ଭାବେ ହେଲା ପ୍ରୀତି
ଜଗତରେ କଥା ରୁହାଇବୁ
ହେ ଗୋପଜୀବନ !
ଜାଣିଲେ ଜଗତ ଜନ ଯେହ୍ନା
ଯହିଁଥିଲେ କୃଷ୍ଣ ଗୋପୀଙ୍କର ସ୍ନେହା ଗୋ ।୨୬।

ରସଇ କି ମନ ତହିଁ ରସ ଶେଷ ହୋଏ ନାହିଁ
ରସ ବିନୁ ରସିକ କି କରେ
ରସେ କି ଚକୋର ପକ୍ଷୀ ନିଶିବିନୁ ଶଶୀ ଦେଖି
କୁମୁଦିନୀ ବିକାଶ ପ୍ରଖରେ
ହେ ଗୋପିଜୀବନ !
ରବି ପ୍ରାୟେ ଅକ୍ରୂର ଆଇଲା
ରସ ସିନ୍ଧୁ ଶୋଷି ନୀରସ ସେ କଲା ହେ ।
ରାଜୀବଲୋଚନ ସ୍ନେହେ ରଙ୍ଗେ ହସି ବନ୍ଧେ ଗୃହେଁ
ରମଣୀ ଗୋପୀଙ୍କି କହେ ଗୀର
ରସ ସେ ଅନ୍ତରେ ଘେନ ରହେ ଦୂରେ ନିଶାମଣି
ରମଣୀଏ ଅଟେ କୁମୁଦର
ହେ ଗୋପୀମାନେ !
ରବି ସମ ଅକ୍ରୂର ନୁହଇ
ରାଜା କଂସ ବୋଲେ ଆସିଛି ସେ ନେଇ ଗୋ ।୨୭।

ଲୋଡ଼ିଲେ କି ସୁଖ ପାଇ ଦୁଖ କି ହୋଏ ଯେଉଁଠାଇ
ଲିଖିଅଛି ବିଧାତା ଯେମନ୍ତ
ଲମ୍ବିହୁଁ ଅଧିକ ଯେହୁ ପୁରାତନ ଗୁଡ଼ ସେହୁ
ପ୍ରୀତି ପୁରାତନ ସେହିମତ
ହେ ଗୋପଜୀବନ !
ଲାଜ ତେଜି କାର୍ଯ୍ୟ ନ ପାଇଲୁ
ଲାଭ ଲୋଭେ ମୂଳଧନ ହରାଇଲୁ ହେ ।

୨୭-୨-୪ – ରସ ବିନୁ ରସିକ କି ରସେ + + + +କୁମୁଦିନୀବନ କି ବିକାଶେ (ଖ) ଚ:ମ: ୩
୨୭-୭--ରସସିନ୍ଧୁ ଏ ଗୋପ ନୀରସ କଲା (ଖ)

Source: KC Dash, Digitized by PPRACHIN, SOA

ଲଳିତ ବାଣୀ ସରସ କହନ୍ତି ଯେ ପୀତବାସ
ଲଲିତ ଲେଖନ କଥା ସତ
ଲାଗିଲେ ସୁଜନ ମେଳ "ଧନକୁ ଧନ ଉଜ୍ଜ୍ୱଳ
ଲଘୁ ସଙ୍ଗ ନିମ ଗୁଡ ମତ
ହେ ଗୋପୀମାନେ !
ଲେଖିଛୁଁ ହୃଦୟେ ମଣିଥିବ
ଲସ୍ତ ଲଗାଇଲେ ଲଭ ତ ବୁଝିବ ଗୋ ।୨୮।

କ୍ଷଣ୍ଣରୁ ଯେ ପଦ୍ମମୁଖ ବାଳ କାଳେ ଯେତେ ସୁଖ
ବଡ଼ ହେଲେ ବଡ଼ ସୁଖ ଦେବ,
କ୍ଷଧାତା ସେ ନ ସହିଲ ଘନ ବଜ୍ର ପ୍ରାୟେ କଲା
କ୍ଷଧି କୂଟକେ ଆନ କରିବ
ହେ ଗୋପଜୀବନ !
ବଡ଼ ଅଭାଗିନୀ ଗୋପନାରୀ
କ୍ଷତ ଭୁଞ୍ଜାଇ ଯାଉଛ ଦୂର କରି ହେ ।
କ୍ଷରସ ବଚନ ଗୋପୀ ନ ବଚୁର କପଁା କୋପୀ
ବେଶର ଯେ ନୁହଇ ଭ୍ରମର
ବସି କ୍ଷଚୁର କରିବ ବୃନ୍ଦାବନ ରାସ ଭାବ
ବଂଶୀ ବଜା ନରିଦସ୍ୟା ପର
ହେ ଗୋପୀମାନେ !
ବସିଣ କ୍ଷବେକ କ୍ଷଚୁରିବ
କେବଳ ଶୁଷ୍କଶୁଷ୍କ ପ୍ରୀତି ନ ଗୁଡିବ ଗୋ ।

ଶିରୀଷ କୁସୁମ ଅଙ୍ଗ ସୁଢଳ ଚାହିଁ ଅପାଙ୍ଗ
ଶ୍ରୀ ମୁଖକୁ ଚାହିଁ ସେ ବୋଲନ୍ତି
ସୁଧାରସ ବାଣୀ ଶୁଣି ସୁଖୀ ହେଉ ଗୋପାଙ୍ଗଣୀ
ସୁଲୋଚନ ଦେଖି ହେଉ ଶାନ୍ତ
ହେ ଗୋପ ଜୀବନ ।
ସରିବ କି ଭବେ ଦିବା ନିଶି
ସବୁ କି ଭବେ ଗୁଡ଼ୁଛ ସୁଖ ରାଶି ହେ

୨୯-୩—ବିଧି ତାହା ନ ସହିଲା (ଖ) ଘନ ପ୍ରାୟେ କଲା (କ)
୨୯-୬-୭ – ବେଳୁବେଳ ସରୁଅଛୁ । ବଢ଼ୁ ଶୋକଜଳ ହୃଦରେ ପୂରିଛୁ (ଗ)

Source: KC Dash, Digitized by PPRACHIN, SOA

ଶ୍ରୀ ପତି ବୋଲନ୍ତି ବାଣୀ   ଶୁଣ ଗୋ ପ୍ରାଣସିତଣି
ଶଶୀ କି ଅନଳ ବରଷଇ
ସେ ଷଟପଦ କମଳ   ମକରନ୍ଦ ପାନେ ଭୋଳ
ଫଳ ମୂଳ ଡାଳ କି ଗ୍ରାସଇ
ଗୋ ଗୋପୀମାନେ !
ଶଶୀ କି ନକ୍ଷତ୍ର ଯେହ୍ନେ ଶୋଭି
ସମ ତୁମ୍ଭ ଆମ୍ଭ ପ୍ରୀତି କସ ଦେବା ଗୋ । ୩୦ ।

ଶୋଭା ପାଉଥିଲ ଗୋପ   ସୁନ୍ଦର ବରଜ ରୂପ
ଦେଖି ସୁଖୀ ନୋହୁବ କେ ଅବା
ଶରଧା ବଳଲା ଦେଖି   ସେ କେଞ୍ଚ୍ ସଙ୍ଗ ଉପେକ୍ଷି
ଯେବେ ଦେଖୁ ମଥୁରାକୁ ଯିବ
ହେ ଗୋପ ଜୀବନ !
ସୁଖ ଛଡାଇଣ ଦେଲ ଦୁଖ
ସୁଧା ଭଳେ ଦେଖୁଥିଲ ଯେ ଶ୍ରୀମୁଖ ହେ ।
ସାରଣିରେ ଚକ୍ଷୁ ଜଳ   କରେ ଧରି ଦେଇ ଫିଙ୍ଗି
(ସେ) କର ତନୁ ଆନେ କି ଆସଇ
ସାଗରେ ବୋଇତ ମେଲି   କର ବଶ ହେବ ବୋଲି
ତହୁଁ ଆନ ଆଶ୍ରେ ନ ଜାଣଇ
ଗୋ ଗୋପୀମାନେ !
ସନ୍ଦେହଟି ନ କର ମନକୁ
ସ୍ନେହ ଧନ ଦେଇ କିଣିଛ ଆମ୍ଭଙ୍କୁ ଗୋ ॥ ୩୧ ।

ଶୁଣୁଛ ସକଳ କଥା   ସୁହୃଦେ ନ ଦେଇ ବ୍ୟଥା
ଶିଶୁକାଳେ ସେବାରେ ଅଇଲୁ
ଶୁଭଶୁଭେ କହ ବାର୍ତ୍ତା   ସବୁଠାରେ ଏହି କଥା
ସୁଖ ଫଳ ପାଇ ହରଷିଲୁ
ହେ ଗୋପ ଜୀବନ
ସତ କହ ଆସିବ କି ବାରେ
ଶୁଣି ଶାନ୍ତ ଆମ୍ଭେ ଭଜିବୁ ମନରେ ହେ
ସଙ୍ଗେ ଯିବେ ଗୋପଜନେ   ଗୋପାଳ ତନୟମାନେ
ତାତ ମାତ ଯିବେ ଆମ୍ଭ ସଙ୍ଗେ

୩୦-୬ — ସାଶରୁ କି ଭବେ (ଖ)
୩୧-୧ — ନୀଳେନ୍ଦ୍ର ସୁନ୍ଦର ରୂପ (କ)

Source: KC Dash, Digitized by PPRACHIN, SOA

ଯାର ଧନୁ ଯାହା ଶେଷ   ମନୋରଥ କର ତୋଷ
ଲେଉଟି ଆସିବୁ ଯାଇଁ ବେଗେ
ଗୋ ଗୋପୀମାନେ !
ସମସ୍ତେ ହରଷେ ବୋଲ ଯାଅ
ଶୀଘ୍ରେ ଯାଇ ଆସ ଯଶ ଗୁଣ ଗାଅ ଗୋ । ୩୨ ।

ହୋଉ ବୋଲି ନ ବୋଇଲେ   ହସ୍ତ କପୋଳେ ମାଇଲେ
ହରିଣ ନୟନୁ ଲୁହ ପୋଛି
ହୋଇବ ଯେ ହୋଉ ଅଛି   ତାହାକୁ ସେ ନାହିଁ କଛି
ଧାତା ଘଟାଇଣ ଅଛି ବାଛି
ହେ ଗୋପ ଜୀବନ !
ହୋଉ ଆମ୍ଭ ମାନଚନ୍ଦ୍ର ପରକାଶ ହେ
ହରଷ ହୋଇଣ ହରି   ହାକନ୍ତି ବ୍ରଜ ସୁନ୍ଦରୀ
ହୋଇ ଏକ ଆରକେ ପିରତି
ହୃଦରେ ସୁଭାବ ଥିବ   ହରଷେ ଦିନ ବଞ୍ଚିବ
ହୋଇ ସଙ୍ଗ କରିବ ପିରତି
ଗୋ ଗୋପୀମାନେ !
ହୃଦେ ଆମ୍ଭ ମାଳା ତୁମ୍ଭେମାନେ
ହୋଉ ଆଜ୍ଞା ଯାଅ ଯା ସଦନେ ଗୋ ॥ ୩୩

କ୍ଷୁଣ୍ଣାଳ ବଶ୍ୟ ନାଗର   ଅଶେଷ ଗୁଣ-ସାଗର
କୃପାସିନ୍ଧୁ କ୍ଷୁଆଳ କହ୍ନା
କ୍ଷମାଶୀଳ ପ୍ରଭୁ ଯେହୁ   କ୍ଷୁଦ୍ରେ ନନ୍ଦ ସୁତ ସେହୁ
କ୍ଷମେ ହଳଧର ସାନ ଭାଇ
ହେ ସାଧୁଜନେ !
କ୍ଷମା ମାଗେ ଦୀନ ଯେ ଶ୍ରୀକର
କ୍ଷିତି ଅଧରୁ କରି ତାକୁ ପାର ହେ ।
କ୍ଷନ-ଶିରୋମଣି କ୍ଷନ୍ଦ   କ୍ଷକ୍ଷନ୍ଦେ ଗୋପୀଙ୍କି ବନ୍ଧ
କ୍ଷମ ଅନୁରୂପେ ରଖାଇଲେ,
କ୍ଷକ୍ଷନ୍ଦେ ରଥେ ବସିଲେ   ମଥୁରାକୁ ବିଜେ କଲେ
ସେ ଗୋପଜୀବନ !
କ୍ଷମାକର ମୋହୋର ସେ ଦୋଷ
କ୍ଷମେ କରଲଇଁ ଗୋପଲୀଳା ରସ ସେ ।୩୪।

୩୬-୧--ହେଉ ବୋଲି ଶଶୀ ମୁଖୀ ସନମତ କଲେ ଦେଖି ନୟନୁ ଲୋତକ ଧାରା ପୋଛି (କ)

Source: KC Dash, Digitized by PPRACHIN, SOA

ନବଘନ ଚଉତିଶା

କୃଷ୍ଣ କଲ ପ୍ରୀତି ଚନ୍ତ
କହଇ ଘନକୁ ଗୋପ ଯୁବତୀ
ନବଘନ !
ନଇଲେ ସୁଖ ସମ୍ପତ୍ତି
ନବଘନ । ୧ ।

ଖାଇବା ଖେଳିବା ସୁଖ
କ୍ଷଣକେ ଦେଖିଲେ ପଙ୍କଜମୁଖ
ନବଘନ !
ଦେଇ ଗଲେ ନାନା ଦୁଃଖ
ନବଘନ । ୨ ।

ଗୋବର୍ଦ୍ଧନ ଇନ୍ଦ୍ର ଛଳରେ
ଗିରିକି ତୋଳିଲେ ବାମ ଭୁଜରେ
ନବଘନ !
କେ କରି ପାରେ ସଂସାରେ
ନବଘନ । ୩ ।

ଘନଶ୍ୟାମଳିଆ କାହ୍ନୁ
ଘନଘନ କରି ବଜାନ୍ତି ବେଣୁ
ନବଘନ !
ଘଡ଼ିଏ ନ ଯାଏ ମନୁ
ନବଘନ । ୪ ।

ନୟନେ ନ ଦେଖୁ ଦଣ୍ଡେ
ନ ରହେ ଜୀବନ ଆମ୍ଭର ପିଣ୍ଡେ
ନବଘନ !
ବଜ୍ର କି ପଡ଼ିଲା ମୁଣ୍ଡେ
ନବଘନ । ୫ ।

Source: KC Dash, Digitized by PPRACHIN, SOA

ଚନ୍ଦ୍ରାମଣି ଆମ୍ଭ ପ୍ରୀତି
ଚଉଦ ଭୁବନ ଲୋକେ ଜାଣନ୍ତି
ନବଘନ !
ଅପ୍ରୀତିରେ କଲେ ପ୍ରୀତି
ନବଘନ । ୬ ।

ଘୁଡ଼ଗଲ ବନୁ ବଳି
ଘୁଡ଼ଲେ ମଳିବୁ ଗୋପଗୁଆଳି
ନବଘନ !
ପ୍ରୀତି କଲେ ଛଳଛଳ
ନବଘନ । ୭ ।

ଯଶୋଦା ନନ୍ଦନ କାହ୍ନୁ
ଜୀବ ଥିବା ଯାକେ ନ ଯିବେ ମନୁ
ନବଘନ !
ଜୀବ ଗଲେ ଯିବେ ମନୁ
ନବଘନ । ୮ ।

ଝୀଉସଙ୍ଗିଆର ସଙ୍ଗେ
ଝସକେତନର ଅମିୟ ରଙ୍ଗେ
ନବଘନ !
ମିଶିଯିବୁ ତାଙ୍କ ସଙ୍ଗେ
ନବଘନ । ୯ ।

ନ ରୁଚଇ ଘର ବର
ନବଘନଆର ମୁରଲୀ ସ୍ୱର
ନବଘନ !
ଶୁଣି ହେଲୁ ଜରଜର
ନବଘନ । ୧୦ ।

ଟାଣେ ବାନ୍ଧି ଥାଇ ଜୁଡ଼ା
ଟିକଏ ଟିକଏ ମଲ୍ଲୀ ପାଖୁଡ଼ା
ଖୋସିବାରୁ ଘରବୁଡ଼ା
ନବଘନ । ୧୧ ।

ଖଣ୍ଡେ ଦୂର—କଛୁ ଦୂର

Source: KC Dash, Digitized by PPRACHIN, SOA

ଠାଉ ଅଛୁ କାହୁଁ ଶିଖି
ଠାରୁଥାଉ ଖଣ୍ଡ ଦୂରରୁ ଆଖି
ନବଘନ !
ଧଇର୍ଯ୍ୟ ନ ପାରୁ ରଖି
ନବଘନ ।୧୨।

ଡର ନ ଥାଉ କାହାକୁ
ଡେଇଁ ପଡୁଥାଉ ତାର ବୋଲକୁ
ନବଘନ !
ଧାଇଁଥାଉ ଅରଣ୍ୟକୁ
ନବଘନ ।୧୩।

ତାଳେହେଁ ଆମ୍ଭେ ସାହାସୀ
ତମପ୍ରଣେ ହେଲୁ ବାକ୍ତତବଶୀ
ନବଘନ !
ଏବେ ତ ମରୁକୁ ଭସି
ନବଘନ ।୧୪।

ଅଳପ ସେନେହ କଲ
ଅଧରୁ ଅମିୟ ଚଖାଇଦେଲ।
ନବଘନ ।
ମୋହ୍ନିମା ଲଗାଇ ଗଲ।
ନବଘନ ।୧୫।

ତ୍ରୁଟି ବୋଲୁଥାଉ ଯେତେ
ତହିଁକି ଶୋଚନା ନ ଥାଉ ଚିତ୍ତେ
ନବଘନ !
ତ୍ରୁଟି କହୁଥାଉ କେତେ
ନବଘନ ।୧୬।

ଥେଣ୍ଟପତି ଶିରୋମଣି
ଥଣ୍ଟା ଚର ବକା ମାଇଲେ ପୁଣି
ନବଘନ !
ତରକୁ ସେ କଥା ଶୁଣି
ନବଘନ ।୧୭।

ଅମିୟ—ଅମୃତ   ଥେଣ୍ଟପତି—ଦୁର୍ଦ୍ଦାନ୍ତ ଶ୍ରେଷ୍ଠ

Source: KC Dash, Digitized by PPRACHIN, SOA

ଦୁଷ୍ଟ ନାଶି ପାଳେ ସନ୍ଥ
ଦାରୁଣ ଦସ୍ୟୁଙ୍କୁ ସେ ଗୋପୀନାଥ
　　ନବଘନ !
ଖଣ୍ଡ ହୋଇଲୁ ଅନାୟୁ
　　ନବଘନ ।୧୮।

ଧର୍ମ କେମନ୍ତେ ସହୁଛି ?
ଧାସ ନେଇ ଆମ୍ଭ ମାର ଗଳୁଛି
　　ନବଘନ !
ମଙ୍ଗଳ ତାର ହୋଉଛି
　　ନବଘନ ।୧୯।

ନୟୂମ କରିଣ ଗଲେ
ନରନ୍ତ ଆସିବୁ ବୋଲି ବୋଇଲେ
　　ନବଘନ !
ସେ କଥାଇଁ ପାସୋରିଲେ
　　ନବଘନ ।୨୦।

ପାଇଲେ ନଗରନାରୀ
ପକାଇଲେ ବେଗେ ମୋତେ ପାସୋରି
　　ନବଘନ !
ନୂଆ ପ୍ରୀତି ପରା କରି
　　ନବଘନ ।୨୧।

ଫେଡ଼ ନ କହୁଁ କାହାକୁ
ଫୁଲ ତୋଳି ନେଲେ ବୃନ୍ଦାବନକୁ
　　ନବଘନ !
ସେ ଦିନୁ ଜାଣିଲୁ ତାଙ୍କୁ
　　ନବଘନ ।୨୨।

ବୟସ ଗରବେ ପଡ଼ି
ବୃନ୍ଦାବନଆକୁ ସେ ରସେ ଲୋଡ଼ି
　　ନବଘନ !
କୁଳ ଶୀଳ ଲଜ୍ଜା ଛାଡ଼ି
　　ନବଘନ ।୨୩।

ମଣ୍ଡୂକ—ବେଙ୍ଗ

Source: KC Dash, Digitized by PPRACHIN, SOA

ଭଙ୍ଗିଲେ ସବୁ ଭରସା
ଭବବନୋଦ୍ଧଆ ହେଲେ କି ଦଶା
ନବଘନ !
ଭଣିଗଲେ ଲୋକଦସା
ନବଘନ ।୨୪।

ମତ୍ତ ମୟୂର ଡାହୁକ
ମେଘ ଘଡ଼ିଘଡ଼ି ମଣ୍ଡୂକ ଡାକ
ନବଘନ !
କାମକୁ ନଥାଇ ଦକ
ନବଘନ ।୨୫।

ଜଳୁ ଅଛି ଆମ୍ବ ଗ୍ରନ୍ଥି
ଯାଉଥାଇ ପାନ୍ଥ ରଜନୀ ଗନ୍ତି
ନବଘନ !
କୃଷ୍ଣ ସଙ୍ଗେ ରଙ୍ଗେ ମାତି
ନବଘନ ।୨୬।

ରଙ୍ଗେ ଆସୁଥାନ୍ତି ବନ୍ଧୁ
ପଛେ କଳା ଧଳା ଆଗରେ ଧେନୁ
ନବଘନ !
ସ୍ମୃହିଁ ନମକଇ ଚନ୍ଦୁ
ନବଘନ ।୨୭।

ଲଲାଟେ କସ୍ତୁରୀଚିତା
ଲୋଳୁଥାଇ ନାସେ ଗଜମୁକୁତା
ନବଘନ !
ଭଙ୍ଗ ହେବେ ପତିବ୍ରତା
ନବଘନ ।୨୮।

ବ୍ୟାଘ୍ର ଲଖ ହେମ ଗଣ୍ଡି
ବ୍ରତୁଳ ମୁକୁତା ଗୋଟିକ ଗୋଟି
ନବଘନ !
କଣ୍ଠ ତଟେ ଥାଇ ଘୋଟି
ନବଘନ ।୨୯।

ବ୍ରତୁଳ—ବର୍ତ୍ତୁଳ

ଚଉତିଶା ସଞ୍ଚୟନ

ଶ୍ରବଣେ ମଣି କୁଣ୍ଡଳ
ସୁନ୍ଦର ଦିଶଇ ସରୁ କଜ୍ଜଳ
ନବଘନ !
ନାଶଇ ବିବେକ ବଳ
ନବଘନ । ୩୦ ।

ସେ ଯେଉଁ ଅପୂର୍ବ ରସ
ସାରସ ବଦନ ଅମିୟ ରସ
ନବଘନ !
ବରଷଇ ରସ ରସ
ନବଘନ । ୩୧ ।

ସମସ୍ତେ କହନ୍ତି ବାଣୀ
ସତେକି ଆସିବେ ମୋ କମ୍ବୁପାଣି
ନବଘନ !
ସେବକ ଛା ମନ ଜାଣି
ନବଘନ । ୩୨ ।

ହରି ଗୁଣମାନ ଗୁଣି
ହତ ହୋଇବେ କି ଗୋପକାମିନୀ
ନବଘନ !
ହଟିଆ ମୁରଲୀପାଣି
ନବଘନ । ୩୩ ।

କ୍ଷମେ ପାଇ ପଦ୍ମପାଦ
ଛଛନ୍ଦେ ଭଣିଲେ ପରମାନନ୍ଦ
ନବଘନ !
କରମ ମୋ ବଡ ମନ୍ଦ
ନବଘନ । ୩୪ ।

Source: KC Dash, Digitized by PPRACHIN, SOA

କିଶୋରୀ ଚଉତିଶା

(ପୀତାମ୍ବର ଭଞ୍ଜ)

ସଖି ! ଶୁଣିଥା ଗୋ ! ଶ୍ୟାମ ଘେନ ମୁଁ ସହୁଛି ଯେତେ । ଘୋଷା ।

କ ଯୋଗେ କମଳନେତ୍ରକୁ କାଳନ୍ଦୀ
ପୁଳନେ ଦେଖିଲି ଯବେ
କି କରିବି ସେହି ଦିନୁ ସେହି ରୂପ
ଦିଶେ ଶୟନେ ସ୍ୱପନେ । ୧ ।

ଖରେ ସେ ମୋତେ କଟାକ୍ଷେ ଅନାଇଲେ
ଅଳ୍ପ ହସ ହସ ହୋଇ
ଖାଇବା ଖେଳିବା ସେ ଦିନୁ ଗୁଡ଼ିଲି
ଏକା ଦିଶୁଛନ୍ତି ସେହି । ୨ ।

ଗଣ୍ଡ ଦେଶେ ତାଙ୍କ ମକର କୁଣ୍ଡଳ
ନିନ୍ଦୁଥାଇ କୋଟି ରବି
ଗଳିନ ସରି ମୋ ହୃଦୟ-ଗୃହକ
ଭରି ନୀଳମଣି-ଛବି । ୩ ।

ଘନଶ୍ୟାମ ଯବେ ଦେଖି ଥିଲେ ମୋତେ
ଯେତେ ଘେନାଘେନ କରି
ଘାଉଆ ହରିଣୀ ପ୍ରାଏ ମୁଁ ହଉଛି
ନୋହୁଛି ତାଙ୍କୁ ନିବାରି । ୪ ।

ନବ ଘନେ ଚନ୍ଦ୍ର ସ୍ଥିତ ହେଲା ପ୍ରାଏ
କପୋଳେ ଚନ୍ଦନ ଗନ୍ଧ ।
ନାହିଁ ନାହିଁ କାହିଁ ବଧୂଲି ଅଧରେ
ହସୁଥାନ୍ତି ମନ୍ଦ ମନ୍ଦ । ୫ ।

ଚତୁରବର-ଶ୍ରୀମୁଖ ନ ଚାହିଁବି
ବୋଲି ମୁଁ ନିୟମ କଲି
ଚାହିଁଲା ବେଳରୁ ଶତ ବୁଡ଼ ଗଲା
ଏବେ ଝୁରି ଝୁରି ମଲି । ୬ ।

Source: KC Dash, Digitized by PPRACHIN, SOA

ଛଟକରେ ଏକା ଥରେ ସେ ମୋହନ
ଭଙ୍ଗୀକି ଦେଲା ଅନାଇଁ
ଛନ୍ଦୁ କନ୍ଦୁ ନାହିଁ କେହ୍ବ ମୁଁ ବଞ୍ଚିବ
ଏବେ ଗୁଡ଼ି ପାରୁ ନାହିଁ । ୭ ।

ଜଗତଯାକ ମନ୍ଦ ମନ୍ଦ ବୋଇଲେ
ଜନେ ଦେଲେ ନାନା ଗାଳି
ଜାଣି ମୁଁ ଯତନେ ଗୁନ୍ଥି ଲମ୍ବାଇଲି
ଗଳାକୁ କଳଙ୍କ-ମାଳି । ୮ ।

ଝଟଡ଼ି ହୋଇ ନଣନ୍ଦ ଯେତେ ବୋଲେ
ଅସର ନ ଥାଇ ତାର
ଝଞ୍ଜା ବାତ ପ୍ରାଏ ଝାଡ଼ି ପକାଉଛି
ତନୁ ବଲ୍କଳକ ମୋର । ୯ ।

ନୃପ ନନ୍ଦନୀ ହୋଇଣ ସଖୀ ମୋର
ଲଲାଟେ ଥିଲା ଏ ଦଶା
ନାହୁଁ ସେ ପ୍ରୀତି ପ୍ରସଙ୍ଗ ବେଳୁ ବେଳ
ହେଲାନ ଭଗାରି ହସା । ୧୦ ।

ଟାଳି ଦେଲି ସବୁ ସୁଖ ବେହାରକୁ
କଉଜକୁ ସାର କଲି
ଟାଣେ ଡ଼ାକଇ ପଡ଼ାଟାକୁ ଜରଣି
ରମାକୃଷ୍ଣ ଏକା ବୋଲି । ୧୧ ।

ଠାରୁ ଥାଇ ନେହ କେତେ ଭଙ୍ଗୀ କରି
ସୁବେଶ ହେବ ମୁ ଯେବେଁ
ଠଉରିବେ କେହ୍ବ ସେ ମନ୍ଦ ବଚନ
ଭସୁ ଥାନ୍ତି ଯେତେ ଭବେ । ୧୨ ।

ଡରିକରି ଏକାଦ୍ଧିନ ନେଇଅଛି
ଶ୍ୟାମ ସଙ୍ଗେ ପ୍ରୀତି କରି
ଡୋଳା ପ୍ରତିମାକୁ କଣ୍ଠବୁଟି ସେ ଯେ
ବୋଲନ୍ତି ଦେଲା ପାସୋରି । ୧୩ ।

Source: KC Dash, Digitized by PPRACHIN, SOA

ତମ କହୁ ନାହିଁ ତାଙ୍କ ଯେନ ଯେତେ
ଦୁଃଖ ସହୁଚ ମୋ ଦେହି
ଡୋକବ ଗରଳ ନଷ୍ଟେଟି ଏ ଖଳ
ବାଣୀ ମୁଁ ସହିବ ନାହିଁ । ୧୪ ।

ଆରତ ହୋଇ ଅରୁଣ ମୁଁ ପୂଜଲି
ତାଙ୍କ ସଙ୍ଗ ଭେଟ ପାଇଁ
ଅମୂଲ୍ୟ ନୀଳମଣିକି ମୋ ଦରିଦ୍ର
ଜୀବନ ପାଇବ କାହିଁ । ୧୫ ।

ତରୁଣୀ କୁଳରେ ଜନମି ସଜନି
ତପସ୍ୟାହୀନ ହୋଇଲି ।
ତିନି ଭୁବନରେ ଘୋଷଣା ବାଜିଲା
ରାଧା କଳଙ୍କିନୀ ବୋଲି । ୧୬ ।

ଥୋପ ହୋଇ କୃଷ୍ଣ କଟାକ୍ଷ ମୋ ଜୀବ-
ମୀନକୁ ଦେଲା ଉଟାରି
ଥିଲି କେ ଜାଣି ପିରତିରେ ଏ ଘୋର
ଦୁଃଖ ହେବ ବୋଲି କରି । ୧୭ ।

ଦଣ୍ଡେ ନ ଦେଖିଲେ ପ୍ରାଣ ତ ନ ରହେ
ଦେଖିବି ମୁଁ ତାଙ୍କୁ କେବେ
ଦିନୁ ଦିନୁ ତ ଜୀବନ ଟାଣ ହେଲା
ଅଙ୍ଗୁ ଗୁଣ୍ଡ ଯାଉ ନାହିଁ । ୧୮ ।

ଧିକ କଳନ ଜୀବନକୁ ମୋହର
ଶ୍ୟାମ ସଙ୍ଗେ କରି ପ୍ରୀତି
ଧୂଷଣ କଥା ଭୂଷଣ ହେଲାଠାରେ
ତୋଷ ନୋହିଲା ମୋ ମତି । ୧୯ ।

ନିଦାଘ କାଳେ ନବଲତା ପଳିଲା
ପ୍ରାଏ ହେଲାଣି ମୋ ତନୁ
ନ ସରଇ ନିଶି ଦିବା ବସି ବସି
କୃଷ୍ଣ ନ ଗଲେ ମୋ ମନୁ । ୨୦ ।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଜୀବନ

ପ୍ରକୃତ ପ୍ରତିଷ୍ଠା ଦୂରନ୍ତୁଁ ତେଜିଲି
ପ୍ରୀତି କଥା ମୂଳ କଲି
ପଦ୍ମକୁ ଶିଶିର ପରଶ ପରାଏ
ଦିନୁଁ ଦିନ ସରିଗଲି । ୨୧ ।

ଫାଇ ଅନୁରାଗ-ସିନ୍ଧୁ ଯା ବଢ଼ିଲା
ସେହି ଦିନରୁ ଜାଣଇ ।
ଫୁଟି ମରିବା କଥାଇ ସାର୍ଥ ହେବ
ଫୁରୁଣା ରହିବ ନାହିଁ । ୨୨ ।

ବଟ୍ରଜ ନାଗରୀ ଯେତେକ ଅଛନ୍ତି
ସୁଖେ ନେଉଛନ୍ତି ଦିନ
ବିଶ୍ୱର ତ ଥରେ ମୋ ସମ ପାତକୀ
ନାହିଁ ଯେ ତିନି ଭୁବନ । ୨୩ ।

ଭଜିଲି ବୋଇତ ପ୍ରାୟେ ମୋ ଭରସା
ବେଳୁ ବେଳ ଗଲା ଖସି
ଭୁଞ୍ଜୁଛି ଦୁଃଖେ କୃଷ୍ଣ ସୁଖ ନ ଦେଖି
ଝପୁଡି ଯାଉଛି ଆଖି । ୨୪

ମଦନ ମୋହନ ଏକା ମୋ ନୟନେ
ବାସ କଲେ ଯେଉଁ ଦିନୁ
ମନ ନୟନ ତାହାଙ୍କର ହେଲାକ
ଗୁଣ୍ଡ କରି ମୋର ତନୁ । ୨୫ ।

ଜନମ କାନ୍ତୁ ଜପାମାଳ କରି ମୁଁ
ବଢାଇ ସନ୍ତାପ ଶ୍ରେଣୀ
ଜପୁଛି କ କରି ଦ' ଗୃରି ଅକ୍ଷର
ମନ୍ତ୍ରକୁ ଯତନେ ଆଣି । ୨୬ ।

ରଖିଲି ଯତ୍ନେ ସେହି ଦିନୁ ଜୀବନ
ଦେହରେ ରହିଲା ନାହିଁ
ରାତ୍ରି ଦିବସ କଣ୍ଠରେ ସ୍ୱର ସ୍ଥାନ
କରି ଅଛି ବାଟ ଗୃହିଁ । ୨୭ ।

Source: KC Dash, Digitized by PPRACHIN, SOA

ଲେଖି ଲେଖିଣ ମଧ୍ୟରେ ମୁଁ ଗାରକୁ
ଛୁରି କଲି କରଜକୁ
ଲଜ ଓଜ ଧୈର୍ଯ୍ୟ ସବୁ ଦୂର କଲି
ଆଶା ଛୁଡ଼ି ଜୀବନକୁ । ୨୮ ।

ବଳାଇଲି ବୁଦ୍ଧି କୃଷ୍ଣ ପାଦେ ଦାସୀ
ହେବି ବୋଲି ପ୍ରାଣ ସଖୀ
ବୃଷ ସମ କରି ମୋହର ଏ ଖଳ
ବାଣୀ ବଜ୍ରପାତ ସହି । ୨୯ ।

ସହଜକ ବୋଲି ପ୍ରୀତିକି କଲି ସେ
ବେଳକୁ ହେଲା ବିଷମ
ସ୍ୱାର୍ଥ କଲି ପୁରୁଷାର୍ଥ ଦୂର କରି
ଜନ ମୁଖେ ମନ୍ଦ ନାମ । ୩୦ ।

ସହିଲି ନାନା ଧିକ୍କାର ବଚନକୁ
ହୋଇଲି ପାଷାଣ ପରି
ସୁପର୍ଣ୍ଣକୁ ସର୍ପ ପରି ଖଳ ଜନ
ଦେଖି ହୋଇଲିନି ଡରି । ୩୧ ।

ସଖ୍ୟ ନ ଥାଇ ବଚନ କହିବାକୁ
ଦେଖିଲେ ଶ୍ୟାମ ବଦନ
ଶ୍ୟାମ ପଛ ଡୋରି ଗଲେ ଲମ୍ବାଇଲେ
ଆଜି କି ରହେ ଜୀବନ । ୩୨ ।

ହରଷ ଶୋକରେ ଶ୍ରୀ କିଶୋରୀ ସଖୀ
କର ଧରି ଏବେ କହି
ହୋଇ ସତ୍ୱରେ ଚଳି ଶ୍ୟାମ ପାଶକୁ
କହିବୁ ସବୁ ମଣାଇ । ୩୩ ।

କ୍ଷିତି ମଣ୍ଡନ ଶ୍ରୀ କିଶୋରୀ-କିଶୋର
ବେନି ବେଶ ମନୋହର
କ୍ଷେମେ ପୀତାମ୍ବର ଭଞ୍ଜ ବୋଲେ ସତେ
ଦେଖୁଥିବ ନେତ୍ର ମୋର । ୩୪ ।

ସୁପର୍ଣ୍ଣ--ଗରୁଡ଼, କ୍ଷେମେ – ସର୍ବଶୁଭରେ

Source: KC Dash, Digitized by PPRACHIN, SOA

ଉଦ୍ଧବ ଚଉତିଶା

(ରାଗ – ଶନ୍ତ୍ରା ଦେଶାକ୍ଷ)

କହନ୍ତି ସକଳ ଗୋପୀ ଉଦ୍ଧବକୁ ଚାହିଁ
କେବେହେଁ କୃଷ୍ଣଙ୍କୁ ଅଉ ବିଶ୍ୱାସ ନ ଯାଇ
ଉଦ୍ଧବ ହେ ।
କର୍ମ ଆମ୍ଭ ହୀନ
କୃଷ୍ଣ ଆଦେଶ କରି ଗୋପୀ ବଞ୍ଚୁଥିଲୁ ଦିନ ।୧।

ଖଟିଥିଲୁ ଗୋପୀ ଆମ୍ଭେ ଅଙ୍ଗସଙ୍ଗ ହୋଇ
କ୍ଷଣେକର ସୁଖ ନ ରଖିଲେ ଭବଗ୍ରାହୀ
ଉଦ୍ଧବ ହେ ।
ଖଣ୍ଡିତପୀ ଗୋଷ୍ଠି
ଖଗପତି-ନାଥଙ୍କର ଜନ୍ମେ ଜନ୍ମେ ଦ୍ରୋହୀ ।୨।

ଗୋବର୍ଦ୍ଧନର ଗୁଣ ଗୁଣି ଜୀବନ ଥାଇକି
ଗୋପୀନାଥ ନାଥ ଆଜ ବନ୍ଧିଲେ କାହିଁକି ?
ଉଦ୍ଧବ ହେ ।
ଗରବ ସହିଲ
ଗିରିଧର ଯେଉଁ ଦିନୁ ମଥୁରା ରହିଲ ।୩।

ଘୋଷୁ ଥାଉଁ କୃଷ୍ଣ ନାମ ଘନ ଦିବା ବସି
ଘାଉଆ ହରିଣୀ ପ୍ରାଏ ହେଲୁ ବ୍ରଜବାସୀ
ଉଦ୍ଧବ ହେ !
ଘଟଣା ମୂରତି
ଘେନ କ୍ରୀଡ଼ା କରୁଥିବେ ମଥୁରା ଯୁବତୀ ।୪।

ନାନା ରସେ ରସାଇଲୁଁ ନନ୍ଦ-ନନ୍ଦନଙ୍କୁ
ନାଗରୀଙ୍କ ସଙ୍ଗ ପାଇ ମୁର୍ଚ୍ଛିଲେ ଆମ୍ଭକୁ
ଉଦ୍ଧବ ହେ ।
ନାରାୟଣ ସ୍ୱାମୀ
ନୋହିଲେ କେମନ୍ତେ ସେ ହୋଇଲେ ଅନ୍ତର୍ଯାମୀ ।୫।

Source: KC Dash, Digitized by PPRACHIN, SOA

ଚିର ପଣେ ପୂତନା ସ୍ତନରେ ବିଷ ଲାଇ
ଚତୁର୍ଦ୍ଧା ମୂରତି କୃଷ୍ଣ କୋଳରେ ବସାଇ'
ଉଦ୍ଧବ ହେ ।
ଚଖାଇଲା ସ୍ତନ
ଚୁମ୍ବିବା ମାତ୍ରକେ ତାର ଶୋଷିଲେ ପରାଣ ।୬।

ଛୁଡ଼ିଲୁଁ ସକଳ ଲଜ୍ଜା ଭଜିଲୁଁ ତାହାଙ୍କୁ
ଛିନାଇ ଗଲେ ମୁହାଁସ କହିବୁ କାହାକୁ
ଉଦ୍ଧବ ହେ !
ଛଳ ନ କରିବ
ଛନ୍ଦୁଆଳ ଶ୍ରୀକୃଷ୍ଣଙ୍କୁ ବିଶ୍ୱାସ ନଯିବ ।୭।

ଯାଉ ଏ ଜୀବତ ଯେବେ ନଇଲେ ମାଧୋଇ
ଜୀବ ଥାଇ କି କରିବୁଁ ଗୋପପୁର-ଗୋଇ ?
ଉଦ୍ଧବ ହେ ।
ଯୋଗିନୀ ହୋଇବୁ
ଜଗନ୍ନାଥ ନାମ ଧରି ତୀର୍ଥାନ୍ତର ଯିବୁ ।୮।

ଝାଡ଼େ ଫୁଟି ମାଳତୀ ଲଭିଲା ଯେତେ ଗତି
ଝାଡ଼ବାସୀ ଗୋପୀ ଆମ୍ଭ କର୍ମ ସେହିମତି
ଉଦ୍ଧବ ହେ !
ଝାସିବୁ ଯମୁନା
ଝମ ଟେକ ରହି ତୁମେ ଦେଖି ଯାଅ କନା ।୯।

ନୟମ କରାଇ ଆନନ୍ଦନ କଣ୍ଠକରି
ନଷ୍ଟପ୍ୟେ ଆସିବୁ ବୋଲି ବେନି କରୁ ଧରି
ଉଦ୍ଧବ ହେ !
ନଇଲେ କପାଇଁ
ନଟେଁ ସ୍ତ୍ରୀ ହତ୍ୟା ସେ ଲଭିବେ ଭାବଗ୍ରାହୀ ।୧୦।

ଟାଣ ପଣେ ଯେତେ ଯେ ଆସଇ କଂସ ଗୃହ
ଟୋକା ଗୋଟି ବେଳୁ ତା ମାଇଲେ ଚକ୍ରଧର
ଉଦ୍ଧବ ହେ ।
ଟାଣପଣ ଗଲା
ଟେସକର ପଣେ ସେ ଅକ୍ରୂର ଭଣ୍ଡି ନେଲା ।୧୧।

ଛୁପଇ—ଛିଣ୍ଡାଇ   ମୁହାଁସ—ମମତା   ଜୀବତ—ଜୀବନ

Source: KC Dash, Digitized by PPRACHIN, SOA

ଠିଆ ହୋଇଥିଲୁ ଆମ୍ଭେ ଷୋଳସସ୍ର ଗୋଈ
ଠଣାଏ ମାତ୍ର ଯଶୋଦା କୋଳରେ ଖଟାଇ
ଉଦ୍ଧବ ହେ !
ଠାରଲେ ଶ୍ରୀଧର
ଠେସି ଯଶୋଦାଙ୍କୁ ଫେଡ଼ି ଦେଲେ ଚକ୍ରଧର ।୧୨।

ଡାକ ଯାହା ବୋଇଲେ ତା ବଚନେ ହେଁ ପାଳି
ଡୋଳା ପୂରାଇଣ ନ ଦେଖିଲୁ ବନମାଳୀ
ଉଦ୍ଧବ ହେ !
ଡଙ୍କ ଗାଈଡଆ
ଡର ଭାବେ ଲକ୍ଷ୍ମୀ ଖଟି ନପାଇଲେ ହୁଆ ।୧୩।

ଢୋକିଲୁ ଅମୃତ ଯେହ୍ନେ ଉଦ୍‌ଗାର ଯତନେ
ଢାଳେ ହେଁ ଗୋପୀଙ୍କି ତେହ୍ନେ କଲେ ଭଗବାନେ
ଉଦ୍ଧବ ହେ !
ଢମେ ନାଶ ଯାଇ
ଢାଳେ ନାଶଗଲୁ ଆମ୍ଭେ ଗୋପପୁର ଗୋଈ ୧୪।

ଅନୁଭବୀ ହୋଇ ନଜାଣି ଗୋପିଙ୍କ ଦୁଃଖ
ଆଶାଭଗ୍ନ ପକ୍ଷୀ ପ୍ରାଏ କଲେ ପଦ୍ମମୁଖ
ଉଦ୍ଧବ ହେ !
ଅନଙ୍ଗର ଜାଳା
ଅନ୍ତୁରେ ଦହୁଅଛୁ ପ୍ରଭୁ ନନ୍ଦବଳା ।୧୫।

ତନପୁରେ କେତେ କେତେ ପୁରୁଷ ନାହାନ୍ତି
ତରୁଣ ତନୟ ଶ୍ୟାମ କେହ୍ନ ନ ଦିଶନ୍ତି
ଉଦ୍ଧବ ହେ
ତପ ଯେତେବ ଥାନ୍ତା
ତୁଳସୀ ବଲ୍ଲଭ କପଁା ଗୋପରୁ ଯାଆଁନ୍ତା ।୧୬।

ଥିଲେ ଯେତେ ଜନ କୃଷ୍ଣ ଗୋପପୁରେ ରହି
ଥିଲୁ ଯାକ ଲକ୍ଷ୍ମୀ ଥିଲୁ ଚତୁର୍ବର୍ଗ ହୋଇ
ଉଦ୍ଧବ ହେ !
ଥାନ ଝଗଉଛି
ଥାବର ବନ ପର୍ବତ ମାଡ଼ି ପଡୁଅଛି ।୧୭।

Source: KC Dash, Digitized by PPRACHIN, SOA

ଦସ୍ୟାଙ୍କୁ ହୋଇଣ କୃଷ୍ଣ ଦାରୁଣ ହୋଇଲେ
ଘାନବନ୍ଧୁ ଯଶୋଦାଙ୍କୁ ଛାଳେ ମୁରୁଛିଲେ
ଉଦ୍ଧବ ହେ !
ଘାନବନ୍ଧୁ କେହ୍ନେ ?
ଦୁହିତା ଭଉଣୀ ଆମ୍ଭେ ନ ପଡ଼ିଲୁ ମନେ ।୧୮।

ଧୂର ନୁହେଁ ମଧୁବନ ଯମୁନା ସେପାର
ଧାଇଁ ଯାଇଁ ଗୋପୀ ଆମ୍ଭେ ଆସି କ ନ ପାର
ଉଦ୍ଧବ ହେ !
ଧର୍ମ ନ ଲଙ୍ଘୁଁ
ଧରଣୀ ସତର ଆଜ୍ଞା ପ୍ରତ ପାଳୁଅଛୁ ।୧୯।

ନାମ ରୂପ ଗୁଣକର୍ମ ଏମନ୍ତର ଭଣ୍ଡାର
ନିରନ୍ତରେ ଆଶ୍ରେ କର ହୋଇଲୁ ଅନ୍ତର
ଉଦ୍ଧବ ହେ !
ନିର୍ଦ୍ଦୟ କରୁଣା
ନାରଦାଦ୍ୟ ମୁନିମାନେ କହୁ କହୁ କଣା ।୨୦।

ପରମ ପୁରୁଷ ପ୍ରୀତି କଲେ ଏବେ ମାୟା
ପ୍ରେମାନନ୍ଦ ପ୍ରଭୁ ଗଲେ କରୁଣା ନଦ୍ଦୟା
ଉଦ୍ଧବ ହେ !
ପ୍ରମାଣ ବଚନ
ପଞ୍ଚ ଅଗ୍ନି ମୋଡ଼ୁଥାଇ ହୃଦସ୍ଥ ଚେତନ ।୨୧।

ଫେଡ଼ିଲୁଁ ଅନ୍ତର ଲଜ୍ଜା ଭଜିଲୁ ତାହାଙ୍କୁ
ଫାଟିଲା ଆମ୍ଭ ଅଦୃଷ୍ଟ କହିବୁଁ କାହାକୁ
ଉଦ୍ଧବ ହେ ।
ଫରୁଣା ହଗିଲା
ଫେଡ଼ଣ କହିଲୁଁ କୃଷ୍ଣ ନଚଏଁ ଗୁଡ଼ିଲା ।୨୨।

ବେଣୁଧର ଯେଉଁ ଦିନ ଜାତ ନନ୍ଦ ଘରେ
ବ୍ରହ୍ମାଦ୍ୟ ଦେବତା ଥିଲେ ଏହି ଗୋପପୁରେ
ଉଦ୍ଧବ ହେ !

ଧୂର—ଦୂର

Source: KC Dash, Digitized by PPRACHIN, SOA

ବଡ଼ ଆଶା ଥିଲା
ବହୁର ବିଯୋଗେ ଧାତା ଦେଖାଇ ହରିଲା ।୨୩।

ଭୃତ୍ୟ ହେଲେ ଅପରାଧୀ ପ୍ରଭୁ କ୍ଷମାନିଧି
ଭୃତ୍ୟର ଭାବନା ନରଖିଲେ ଦୟାନିଧି
ଉଦ୍ଧବ ହେ !
ଭଜନଙ୍କୁ ଭଜ
ଭଜିଲେ କେମନ୍ତେ ନଭଜିବେ ଦୟାନିଧି ।୨୪।

ମାଧବ ଯେ ଫେଡ଼ିପାରେ ମନ ଅଭିମାନ
ମନେ ଯାହା କଲେ ତାହା ଜାଣେ ଭଗବାନ
ଉଦ୍ଧବ ହେ !
ମନରୁ କି ଯାଇ
ମନୋରମ ହୋଇ ସର୍ବ ଘଟେ ପୂରିଥାଇ ।୨୫।

ଯେତେ ଦିନେ ବିଚ୍ଛେଦ ସେ ଯେମନ୍ତ ବେଭାର
ଜଗନ୍ନାଥ ଦୟା ଆଉ ନାହିଁ ଗୋପପୁର
ଉଦ୍ଧବ ହେ !
ଯାର ଏକ ମନ
ଯେତେବେଳେ ଇଚ୍ଛା ତେତେବେଳେ ଦରଶନ ।୨୬।

ରଇଜରେ ଜାଣିଲେ କୃଷ୍ଣଙ୍କୁ ପ୍ରତେ ନାହିଁ
ରସ ଭଗ୍ନ କର ଦୋଷ ଗଲେ ଉପୁଜାଇ
ଉଦ୍ଧବ ହେ !
କର୍ମେ ନାହିଁ କିଛି
ରାଧିକାକୁ ଭଣ୍ଡି କପାଁ ନଇଲେ ଶ୍ରୀହରି ।୨୭।

ଲକ୍ଷ୍ମୀପତି ଆଜ୍ଞାମତେ ସ୍ୱୟଂ ଆତ୍ମାରାମ
ଲକ୍ଷ୍ୟେ ଭୂତେ ତୁମ୍ଭଙ୍କୁ ଦେଖିଲୁ କୃଷ୍ଣସମ
ଉଦ୍ଧବ ହେ !
ଲଭିଲୁଁ କାରଣ
ଲଗିଲା ଅହଲ୍ୟା ପାଦ କଲୁଁ ସୁମରଣ ।୨୮।

Source: KC Dash, Digitized by PPRACHIN, SOA

ବାସୁଦେବର ତ ବାସୁଦେବ ନନ୍ଦସୁତ
ବଚନେ ବୋଇଲେ ଯେ ଯଶୋଦା ଆମ୍ଭମାତ
ଉଦ୍ଧବ ହେ !
ବନ୍ଧୁ ଆମ୍ଭ ଗୋଇ
ବଚନରୁ ଫିଟିଲେ ବକାର ନୋହେ କେହି । ୨୯।

ଶ୍ରୀବତ୍ସ ଲାଞ୍ଛନ ଦେଖି ମନେ ଭକ୍ତି ଥାଇ
ଶିରଗତ କରଣ ହୃଦରେ ଛନ୍ତି ବହି ।
ଉଦ୍ଧବ ହେ !
କ୍ଷୀରେ ଯୋଡ଼ି କର
ସାନନ୍ଦ ମନରେ ତାଙ୍କୁ ମାଗୁଅଛୁଁ ବର ।୩୦।

ଶୁଣିଣ ଗୋପୀଙ୍କ ଭକ୍ତି ବଗ୍ଭର ଉଦ୍ଧବ
ଶୋକେ ଗଦଗଦ ହୋଇ ପୁଲକିତ ଭାବ ।
ଗୋପୀମାନେ ଗୋ !
(ଶୁଣ) ବରଜ ସୁନ୍ଦର !
ଶ୍ରୀମୁଖ ସମ୍ବାଦ ଯାହା କହିଛନ୍ତି ହରି ।୩୧।

ସକଳ ଗୋପୀନ୍ତି ଘାଇ କହିବୁ ଏମନ୍ତ
ସବୁ ହୋଇ କନ୍ଦ ଆମ୍ଭ ଜାଣିଭଲ ଅର୍ଥ
ସେ ଆମ୍ଭର
ନିଜ ଜର୍ମ ଗୋଇ
ସଖୀଙ୍କର ନାମ ଗୋପୀନାଥ ନାମ ବହି ।୩୨।

ହରଷ ହୋଇଲେ ଗୋପୀ ପ୍ରବୋଧ ବଚନେ
ହରି କରୁଣା ଉଦ୍ଧବ ଅଛି ଆମ୍ଭ ମନେ
ଉଦ୍ଧବ ହେ !
ହରଷ ବଚନ
ହରଷେ ମେଲାଣି ଦେଲୁ ଯାଅ ମଧୁବନ ।୩୩।

ଷମେଣ ସକଳ ଗୋଇ କରନ୍ତି ମଙ୍ଗଳ
ଛନ୍ଦେ ଉଦ୍ଧବ ତୁମ୍ଭେ କର ଅନୁକୂଳ ।
ଉଦ୍ଧବ ହେ !
ସ୍ୱାମୁରେ କହିବ
କ୍ଷୁଦ୍ର ବୁଦ୍ଧି କୃଷ୍ଣି ଆଲୁ ଜ ଆଜ୍ଞା ହୋଇବ ।୩୪।

ଗୋପୀନ୍ତି—ଗୋପୀମାନଙ୍କୁ

Source: KC Dash, Digitized by PPRACHIN, SOA

ଉଦ୍ଧବ ଚଉତିଶା

କୃଷ୍ଣ ଗୁଣ ଗୁଣି ବ୍ରଜ ତରୁଣୀ ଉଦ୍ଧବେ କହନ୍ତି ଏକ
କଳା ଲୋକଙ୍କର ସଙ୍ଗତେ ପୀରତି କଲା ଲୋକେ ଅବିବେକ
ଉଦ୍ଧବ ହେ !
କସ୍ତୁରୀ, ଭୃଙ୍ଗ, କୋକିଳ
କୃଷ୍ଣ କେଶ, ଫଣୀ ରାହୁ ଯମ ଶନି କାଳିଆ କେଉଁଠା ଭଲ ।୧।

ଖଣ୍ଡ, ଶାକର, ଦୁଧ, ଶର, ଖୁଆଇ ଖେଳାଉଣ୍ଡ ବଢ଼ାଇଲୁ,
ଖଣ୍ଡ ଚମ୍ପୁଁ ଆମ୍ଭେ କୃଷ୍ଣଫଳ ଲଭି ରମ୍ଭା ତରୁ ପ୍ରାୟେ ହେଲୁ,
ଉଦ୍ଧବ ହେ,
ଖୀଣ ହେଲୁ ବଡ଼ କାୟେ
ଖଣ୍ଡେ ପରତେ ପରମାନନ୍ଦ ପ୍ରୀତି ପ୍ରାଣ ରଖିବା ସଂଶୟେ ।୨।

ଗରୁ ଯଉବନୀ ଗରବେ ଆମ୍ଭେ ଯେ ମତ୍ତସିଂହ ପ୍ରାୟେ ହେଲୁ,
ଗମ୍ଭୀର କୂପ ଗୋବିନ୍ଦ ପ୍ରତିବିମ୍ବ ପ୍ରେମରେ ବୁଡ଼ି ପଡ଼ିଲୁଁ;
ଉଦ୍ଧବ ହେ !
ଗତ ମଧୂମାଛି ପ୍ରାୟେ
ଗିରି ଗହନ ବନଲତା ଖୋଜିଣ ନ ଭେଟୁ ମୋହର ଗୟେ ।୩।

ଘନସାର ବିନୁ ଚାତକୀର ଯେସନେ ଅନ୍ୟ ନୀର ନୋହେ ପାନ
ଘନଶ୍ୟାମ ବିନୁ ଘରେ କି ବାହାରେ ନୟନେ ନ ଦେଖୁ ଆନ,
ଉଦ୍ଧବ ହେ !
ଘୋଟିଅଛି ଚଉପାଶେ
ଘଟେଣ ମୁକୁର ପ୍ରତିବିମ୍ବ ଯେସନେ ଆଲିଙ୍ଗନକୁ ନ ଆସେ ।୪।

ଆକ୍ଷିରୁ ଆମ୍ଭର ପ୍ରତିଚକ୍ଷୁ ପ୍ରାୟେ ଶ୍ରୀକୃଷ୍ଣ ଅନ୍ତର ହେଲା,
ଅକ୍ଷର ମାତ୍ରା ଅନୁସ୍ୱାର ସନ୍ଧିତେ ପ୍ରେମ ପୁସ୍ତକ ହୋଇଲା
ଉଦ୍ଧବ ହେ !
ଅନୁଭବ କରୁଁ କରୁଁ
ଆମ୍ଭେ କି କୃଷ୍ଣ କୃଷ୍ଣ ଆମ୍ଭ ଶରୀର ଦ୍ୱିଧାୟେ ଭାବ ପାସୋରୁଁ ।୫।

Source: KC Dash, Digitized by PPRACHIN, SOA

ଚନ୍ଦ୍ରେ କଳଙ୍କ ପରାୟେ ଜାଗିଅଛୁ ଜାଗ୍ରତ ନିଦ୍ରା ସ୍ୱପନେ,
ତେଜିଲୁ ସମ୍ପଦ ଭୋଗକୁ ନଆସେ ଚଷ ଫଳ ପୁଷ୍ପ ଯେସନ୍ତେ
ଉଦ୍ଧବ ହେ !
ଗୃଧ୍ନୁରେ ଷୀର କୁମର
ଗୃହ୍ନିଁ ଚତ୍ତେ ବୋଧ କରି ନ ପାରଇ ଚକୋର ପ୍ରାୟେ ଭ୍ରମର ।୬।

ଛଳି ଭୁଜ ଭୁଜେ ପ୍ରେମ ଆଲିଙ୍ଗନ ଚୁମ୍ବନ ପାନ ଅଧରୁ
ଛଛନ୍ଦେ କନ୍ଦର୍ପ କୁବେର ଭଣ୍ଡାର ରତିରତ୍ନ ଜୁରକରୁ
ଉଦ୍ଧବ ହେ !
ଷଣେ ହେଲେ ଦେଖା ଦେଖି
ସ୍ଥିର ପ୍ରାୟେ କରି ବ୍ରହ୍ମାରୁଦ୍ର ଇନ୍ଦ୍ରପଦ ସଂପଦକୁ ଲେଖି ।୭।

ଯୋଗସାଧ ବୋଲି ବୋଲି ହେ ଉଦ୍ଧବ ! ଯଦୁନାଥ ଆଜ୍ଞା ଦେଲେ,
ଜାଣିଲୁ କୁବୁଜା ଯୋଗେଶ୍ୱରୀ ତାଙ୍କୁ ଯୋଗମାର୍ଗ ଶିଖାଇଲେ ।
ଉଦ୍ଧବ ହେ !
ଯଦୁନାଥ ବଡ଼ ଯତି
ଯୋଗ ଶିଖିଲୁ ଏକାଗ୍ରହେ ତାଙ୍କଠୁଁ ଷୋଳ ସହସ୍ର ଯୁବତୀ ।୮।

ଝୁଲିଲା ମନ ତାଙ୍କ ମଧୁନଗରରେ ନାଗରୀମାନଙ୍କ ଭୁଲେ
ଝାଡ଼ି ପିକ ଯେସନ୍ତେ କାକ କୁଳେ ବଢ଼ି ମିଳଇ ତା ନିଜ ଘରେ,
ଉଦ୍ଧବ ହେ !
ଝୁରୁଅଛୁଁ ତନ୍ୱୀ ପାଇଁ
ଝଳି କି ଶୋଭା ଶରଦ ପୂର୍ଣ୍ଣଚନ୍ଦ୍ର କାନ୍ତି ରଖିଛି ଲୁଚାଇ ।୯।

ନିର୍ମଳ ପ୍ରେମ ପ୍ରଶଂସିବା ଉଦ୍ଧବ ଦଶରଥ ରାଜାଙ୍କର,
ନୟନୁଁ ଅନ୍ତର ହେବାମାତ୍ରେ ରାମ ପ୍ରାଣ ଛାଡ଼ିଲା ଶରୀର
ଉଦ୍ଧବ ହେ !
ନିଲଜ୍ଜ ଜାଣିଛୁଁ ଆମ୍ଭେ
ନନ୍ଦସୁତ ଛାଡ଼ି ନଗରୀର ଧନ ଶୁଣିଲୁଁ କହୁଛ ତୁମ୍ଭେ ।୧୦।

ଟାଣି ଚେଲାଞ୍ଚଳେ ଉରଜ ଅଞ୍ଚଳେ ଅଣି କୃଷ୍ଣଙ୍କୁ ବସାଉଁ,
ଟେକ ଟେକ ବାମ୍ବ ଅଧରେ ଅଧର ମିଶାଇ ଚୁମ୍ବନ ଦେଉଁ
ଉଦ୍ଧବ ହେ !
ଟଙ୍କଧର ନୋହୁ ଆମ୍ଭେ
ଟେକ ହୃଦୟୁ କମଳ ଛଡ଼ାଇ ଭେଦ କହୁଅଛ ତୁମ୍ଭେ ।୧୧।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଠାବ ନକଲ ଏତେକ ହେ ଉଦ୍ଧବ ! ସଖାଭାବେ ସଙ୍ଗେଥାଇ
ଠିକେ ଭଗତର ଭାବ ଗୋଇଠା ସେ ହୃଦପଦ୍ମେ ଛନ୍ତି ବସି
ଉଦ୍ଧବ ହେ !
ଠୂଳ ବ୍ରହ୍ମ ତେବେ ଜାଣି
ଠାଠିକେ ଭକତ ପାଦପଦ୍ମ ଚିହ୍ନ ହୃଦପ୍ରଦେଶରେ ଆଙ୍କି ।୧୨।

ତାଙ୍କ କହୁଅଛୁଁ ଜଗତେ ବିଦିତ ଲଗୁ ଗ୍ରେଗ କଥା ନୋହି
ତୋଳେ ଦେଖିଅଛୁଁ ବ୍ରହ୍ମାଦି ଇନ୍ଦ୍ରାଦି ଗୋପୁରଲେ ଜ୍ଞାନ ପାଇ
ଉଦ୍ଧବ ହେ !
ତାଙ୍କ ମୁରଲୀରେ ହରି
ତରାଇ ଆମ୍ଭଙ୍କୁ କହୁ ଧର୍ମକଥା ନପାରିଲେ ଆନ କରି ।୧୩।

ତାଳ ରବଣଶୀ ମଣ୍ଡଳ ମଧ୍ୟରେ ହୁତାଶନେ ହେମ ଶନ
ତାଙ୍କି ମନଚକ୍ଷୁ ପବନ ନିରୋଧି ବନ୍ଧିଲେ ଯେ କୃଷ୍ଣଧ୍ୟାନ
ଉଦ୍ଧବ ହେ !
ତମ ନୋହେ କଥା ସେହି
ତଳଦଳ କଥା ଫଣୀ ଯା ନକଟେ ସେ କ ପାରେ ଆନେ ଗୃହିଁ ।୧୪।

ଅନେକ ତପ ଜପ ତୀର୍ଥ ବ୍ରତରେ ନପାରନ୍ତି ମୁନି ଧରି
ଅନୁମାନ ଅନୁଭବ ହିଁ କଳନ ଅନୁରାଗ ବଶ ହରି
ଉଦ୍ଧବ ହେ !
ଅତି ପ୍ରେମ ହେମରଙ୍କ
ଆଶା ପୂର୍ଣ୍ଣ କଲେ ଗାଈ ଗୋପୀଙ୍କର ହୋଇ ସେ ବତ୍ସ ବାଳକ ।୧୫।

ତାଙ୍କ ଭୁଲେ ଆମ୍ଭେ ମାନବତୀ ହେଲେ ଗୁଞ୍ଜା ଫଳ ପ୍ରାୟେ ହସୁଁ
ତନୁଯାକ ଦ୍ରବ୍ୟ ଅନୁରାଗ ପୂରି ମୁଖରେ ତମ ପ୍ରକାଶୁଁ
ଉଦ୍ଧବ ହେ !
ଲୁଟି ଦେଉ ଥାଉଁ ଗାଳି
ତରଣ ଧରି ଚରଣ ତଳେ ପଡ଼ି ଗୃହି କହେ ବନମାଳୀ ।୧୬।

ଥୋକାଏ ଲଜ ଫେଡ଼ି ଏଣୁ କହିଲୁ ତୁଯେଣୁ ତାଙ୍କ ବିଶ୍ୱାସ
ଥିଲୁ କୁଞ୍ଜରେ ଅଳେକତ ରସରେ ଦୁଇତନୁ ଦିଗବାସ
ଉଦ୍ଧବ ହେ !

ଗୁଞ୍ଜାଫଳ—କାଇଞ୍ଚ

Source: KC Dash, Digitized by PPRACHIN, SOA

ଥୋଇଲେ ଅନେକ ଚିହ୍ନ
ଥୟେ ନପାଇ ମଦନ ଜଳଧିରେ ପଡ଼ିଲେ ଚହ୍ନିଁ ନୟନ ।୧୭।

ଦେହ ଦେଖିବା ପାଇଁ ବସ୍ତ୍ର ହରଣ ବଗୁର କଲେ ମାଧୋଇ
ଦହନ କଲୁଁ ବୋଲେ ଆସ କୂଳକୁ ଦୁଇ କର ଶିରେ ଦେଇ
ଉଦ୍ଧବ ହେ !
ଦିଗମ୍ବର ପ୍ରାୟେ ହେଲୁଁ
ଦେଖିଲୁ ଲଜ୍ଜ ମରଣହୁଁ ବଳିଲ ମୁଦ୍ରିତ ଲୋଚନେ ଗଲୁଁ ।୧୮।

ଦୂରୁଁ ଦେଖି ବୋଲେ ମିଶିଛୁ ବସନ ଚିହ୍ନି ନିଅ ଯେ ଯାହାର
ଧରଣୀ ଦ୍ୱିଭାଗ ହେବ ପଶିମ୍ବୁଁ ଏମନ୍ତ ହେଲା ଶରୀର
ଉଦ୍ଧବ ହେ !
ଯାଇଁ ସମସ୍ତେ ମିଳିଲୁଁ
ଧରାଧରି କରି ପିନ୍ଧିଣ ବସନ ଯେ ଯାହାର ଚିହ୍ନି ନେଲୁ ।୧୯।

ନଷ୍ଟେ ଜାଣିଲୁ ପୁରୁଷ ଦୂତ ବୋଲି ମରମ ବାରଣ ନାହିଁ
ନିଜ ନିକର ତାଙ୍କ ଆମ୍ଭ ଭିତର ତୁମ୍ଭଙ୍କୁ କହିବେ କାହିଁ
ଉଦ୍ଧବ ହେ !
ନିଜ ଲୋକ ତୁମ୍ଭେ ତାର
ନନ୍ଦସୁତ ସଙ୍ଗେ ପୀରତି ଆମ୍ଭର ଦେବଙ୍କୁ ହିଁ ଅଗୋଚର ।୨୦।

ପ୍ରେମ ପରଶ ପାଇଥିବା ଯାକେ କାଞ୍ଚନେ ଥାଇ ମୁହାଁସ
ପ୍ରବେଶ ଖୁଣ୍ଟୁଡ଼ା ନୋହିଥିବା ଯାକେ ମାଭୁଲମାନେ ସର୍ବସ୍ୱ
ଉଦ୍ଧବ ହେ !
ପିତାପୁରେ କନ୍ୟାଗଣ
ପତି ସୁରତି ନ ପାଇଥିବା ଯାକେ ପିତୁଳୀ ଧୂଳିରେ ମନ ।୨୧।

ଫଳ ଭ୍ରମେ ଫୁଲ ଖାଇଥିବା ଯାକେ ନାନାବିଧ ଜ୍ଞାନ କଥନ
ଫୁଙ୍କା ଶବଦ ଶୁଭିଲ ଶଙ୍ଖେ ପ୍ରାପ୍ତ କର୍ମଚିହ୍ନ ପ୍ରେମଶୂନ୍ୟ ।
ଉଦ୍ଧବ ହେ !
ଫେଡ଼ି ଜହ୍ନୁକୁ କହିବ
ଫୁଲବନେ କାହେ ଯାହାକୁ ନେଲେ ସେ କହିଛି ଆସିବ ।୨୨।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ବଡ଼ କଥା କଲ ଆଇଲ ଉଦ୍ଧବ କହିଲ କୃଷ୍ଣ ସନ୍ଦେଶ
ବାରତା ପାଇଲୁଁ ତୁମ୍ଭକୁ ଦେଖିଲୁ ଏ ଆମ୍ଭ ଲାଭ ବିଶେଷ
ଉଦ୍ଧବ ହେ !
ବୋଲିବ ଏତେ ମାତର
ବିନୟ ହୋଇ ଗୋପୀଏ ମାଗିଛନ୍ତି ପ୍ରେମ-ପାସୋରା ମନ୍ତର ।୨୩।

ଭାବେ ଗଦଗଦ ବିହ୍ୱଳ ବଚନ ନୟନ ଜଳ ଝଳକା
ଭଗତି ଭାବରେ କଣ୍ଠ ତା କୁଣ୍ଠିତ ପୁଲକେ ରୋମମାଳିକା
ଉଦ୍ଧବ ଯେ
ଭାବେ ଗୋପୀ ପ୍ରଶଂସିଲେ
ଭଲ କରି ରତ୍ନମାଳା ଏ ବାଛୁଣି ଉଦ୍ଧବେ ମେଲାଣି ଦେଲେ ।୨୪।

ମଣ୍ଡାଇ ରଥ ସଜକରି ଉଦ୍ଧବ ନନ୍ଦ ଦୁଆରେ ମିଳିଲା
ମହାପ୍ରଭୁଙ୍କୁ ମୁଁ କି କୋଳ ବୋଲିବି ଯଶୋଦା'ଙ୍କୁ ଜଣାଇଲା
ଉଦ୍ଧବ ହେ !
ପିତା ପୁତ୍ର ସ୍ନେହ ବନ୍ଧ
ମହାପ୍ରଭୁ ବୋଲି ବୋଲୁ ଯେ ତୁଣ୍ଡରେ ବସୁସରେ ବଡ଼ ତୁଣ୍ଡି ।୨୫।

ଜନମ କାଳରୁ ଅନେକ ପ୍ରମାଦୁ ରଖିଲେ ତାଙ୍କୁ ଅମ୍ବିକା
ଯହିଁଥିଲେ ତହିଁ ସାତ ପାଞ୍ଚ ନାହିଁ ରୁକ୍ମୁଣୀ ଧନ ମୋ ଏକା
ଉଦ୍ଧବ ହେ !
ଯାଇ ତୁ ନ ପାସୋରିବୁ
ଯଶୋଦା-ଅନ୍ଧୁଣୀ ଯଷ୍ଟିର କୁଶଳ ବାରତା ହିଁ ଦେଉଥିବୁ ।୨୬।

ରତନ ବସନ ଅଳଙ୍କାରମାନ ଉଦ୍ଧବେ ମେଲାଣି ଦେଲେ
ରଥ ପଛେ ପଛେ ସୁଦାମ ସୁବଳ ଗୋପାଳ ପାଞ୍ଚେଟି ଗଲେ
ଉଦ୍ଧବ ଯେ
ଗଜ ଦାଣ୍ଡରେ ରହିଲେ
ରଥୁଁ ଓହ୍ଲାଇଣ ସ୍ନାହାନ ସାରିଣ ଜଟି ଶିରେ କରି ଦେଲେ ।୨୭।

ଲାଗିଲା ରଥ ସିଂହଦ୍ୱାରେ ଉଦ୍ଧବ କୃଷ୍ଣଙ୍କୁ ଦର୍ଶନ କଲେ
ଲମ୍ବ ହୋଇ ପଦ୍ମ ଚରଣେ ପଡ଼ିଣ ଜଟି ଶିରେ କରି ଦେଲେ
ଉଦ୍ଧବ
ଲଜ୍ଜା ପାଇ ପ୍ରଭୁ ଗଲେ
ଲକ୍ଷ୍ମୀପତି ପୁଣ ପୁଣ ପଚାରନ୍ତି ନୟନୁ ଅଶ୍ରୁ ସଞ୍ଚରେ ।୨୮।

Source: KC Dash, Digitized by PPRACHIN, SOA

ବ୍ରଜେ ବଧୂଭାବ ସୁମରି ଉଦ୍ଧବ ଆନନ୍ଦ ଲୋଚନ କଲା
ବେଳକୁ ବେଳ ବିଭଳିତ ବଚନ କଣ୍ଠ ତା କୁଣ୍ଠିତ ହେଲା
ଉଦ୍ଧବ ହେ
ବିହ୍ୱଳ ଦଶାକୁ ଭଜି
ବକ୍ଷ ଝର ଝର ନୟନରୁ ଲୋତକ କାନ୍ଦେ ଲାଜ ଭୟ ତେଜି ।୨୯।

ଶ୍ରୀକୃଷ୍ଣ ଶୋକସିନ୍ଧୁ ମଧ୍ୟେ ବୁଡ଼ିଲେ ଉଦ୍ଧବ ଦଶାକୁ ଦେଖି
ସସ୍ନେହ ସୁମରି ବୋଇଲେ ବୃନ୍ଦାବନେ ବୃନ୍ଦାବଣି ପ୍ରିୟସଖୀ
ଉଦ୍ଧବ ହେ
ଶ୍ରୀକୃଷ୍ଣ ଧ୍ୟାନେ ଜାଣିଲେ
ସଜଳ ଲୋଚନ ସକମ୍ପ ଅଧର ଉଦ୍ଧବେ ଧରି କାନ୍ଦିଲେ ।୩୦।

ସଚେତ ହୋଇଣ କହଇ ଉଦ୍ଧବ ସନ୍ଦେଶ ଗୋପପୁରର
ସବୁ ଗୋପୀଏ ମାଗିଛନ୍ତି ଗୋସାଇଁ ପ୍ରେମପାସୋରା ମନ୍ତ୍ର
ମହାପ୍ରଭୁ !
ସଦା ଭକ୍ତିଭାବ ଶୁଣି
ସମ ନୋହନ୍ତି ସେ ବଗ୍ରରେ ଗୋପୀକା ଗୋଟିକ ଗୋଟିରମୁନା ।୩୧

ଟଙ୍କାଶ୍ୱ ଭଣ୍ଡାଶ୍ୱ ରଜକ ତାମ୍ବୁଳୀ ମାଳୀ ଗୋପ୍ୟ ଗୁଡ଼ିଗଲେ
ସୁବର୍ଣ୍ଣ ରତନ ବନାଣି କାପେଡ଼ୀ ବାନ୍ଧ ବୁଣା ପଳାଇଲେ
ମହାପ୍ରଭୁ !
ସନ୍ଧ୍ୟାବେଳେ ଗୋପପୁରେ
ଶିବ ଶିବ ବାଣୀ ଉଚ୍ଚସ୍ୱରେ ଶୁଣି ସବୁ ଗୋପୀଙ୍କର ଘରେ ।୩୨।

ହାହା କୃଷ୍ଣ ବୋଲି ଗଳା ଧରାଧରି କାନ୍ଦି ଏକକୁ ଆରେକ
ହଜାଇ ଜ୍ଞାନ ଶୋକସିନ୍ଧୁ ମଧ୍ୟରେ ବୁଡ଼ାଇ ତର୍କିଁ ବିବେକ
ମହାପ୍ରଭୁ !
ହତ୍ୟାହେବେ ସିନା ମଲେ
ଘାଗରୁ କଠିଣ ହୃଦୟ ତୁମ୍ଭର ବୋଲିବା ବାକ୍ରେ ନଗଲେ ।୩୩।

କ୍ଷମାନିଧି କହେ ଶୁଣ ହେ ଉଦ୍ଧବ ! ନଇଛେ ଅଛୁ ଗୋପରେ
ଛାଡ଼ି ନିଦ୍ରାଭାବ ସ୍ୱପନେ ଯେସନ ମନ ଖେଳେ ସନ୍ଧ ପୁରେ
ଉଦ୍ଧବ
କ୍ଷଣେ ଗୋପୀଲୀଳା ଶୁଣି
ଗୁରୁ ପ୍ରାୟେ ମୋତେ ଦେବ ଶ୍ରୁତି ପ୍ରଚାର କର ଭୂପତି ପ୍ରେମେ ଭଣି ।୩୪

କାପେଡ଼ୀ—ଯେ କପଡ଼ା ବା ଲୁଗା ବ୍ୟବସାୟ କରେ

Source: KC Dash, Digitized by PPRACHIN, SOA

ଉଦ୍ଧବ ଚଉତିଶା

କହୁଛନ୍ତି ବ୍ରଜବାଳୀ ଉଦ୍ଧବଙ୍କୁ ହେ ବେଢ଼ି
କେଉଁ ଅପରାଧେ ହେ ଉଦ୍ଧବ ଶ୍ରୀକୃଷ୍ଣ ଗଲେ ଛାଡ଼ି । ହେ ଉଦ୍ଧବ ।୧।

ଖଗପତିନାଥଙ୍କ ସଙ୍ଗେ ହେ ନବୀନ ପୀରତି,
ଖଣ୍ଡି ନେଲା କେବଣ ବିଧାତା ହେ ଆମ୍ଭ ନିଜ ପତି ।୨।

ଗରବ ଗଞ୍ଜନ ବାନା ଦୂର ହେ କଲେ ଦାରୁକୁ,
ଗଞ୍ଜି ଆମ୍ଭଙ୍କୁ ଉଦ୍ଧବ ରଞ୍ଜିଲେ କୁବୁଜାକୁ ।୩।

ଘାରି ହେଉ ଅଛୁ ଆମ୍ଭେ କୃଷ୍ଣ ହେ ଗୁଣ ଗୁଣି
ଘେନି ଗଲା କେବଣ ଦଇବ ହେ ଆମ୍ଭର ଗୁଣମଣି ।୪।

ନନ୍ଦନନ୍ଦନ ଜରି ଆମ୍ଭେ ସର୍ବ ଦିନେ ହେ ଗୋଇ
ନଗଣ ଚ କରଣ ଉଦ୍ଧବ ଗଲେ ସେ ବେନିଭାଇ । ୫ ।

ଚତୁର ଅକ୍ରୂର ଆମ୍ଭର ଚିତ୍ତ ହେ ଚୋରି କଲା
ଚିତ୍ର ରଥେ ବସାଇ ଉଦ୍ଧବ ଶ୍ରୀକୃଷ୍ଣଙ୍କୁ ଘେନି ଗଲା ।୬।

ଛଣେ ନ ଦେଖିଲେ ନନ୍ଦ ଯଶୋବନ୍ତୀ ହେ ଅନ୍ଧ,
ଛନ୍ଦ କରି ନେଲା ଉଦ୍ଧବ ଅକ୍ରୂର ବଡ଼ ମନ୍ଦ ହେ ।୭।

ଯାହା ଦେଖି ଯିବେ କୃଷ୍ଣ କରିଥିଲେ ହେ କଣ୍ଠ,
ଜୀଇ ନକ ଥିବା ହେ ଉଦ୍ଧବ ଦେଖିବା ନନ୍ଦ ଗୃଠ ।୮।

ଝଞ୍ଜିକା ମଣିଲୁ ଆମ୍ଭେ ପତି ସୁତ ହେ ଗୃହ,
ଝୁରୁ ଅଛୁ ନୟନ ଲୋତକ ହେ କୃଷ୍ଣଙ୍କୁ ଯାଇ କହ ।୯।

ନଆଁ ଗିଳ ବନେ କୃଷ୍ଣ ପୁଅଙ୍କୁ ହେ ରଖିଲେ,
ନରକାରି ପୁରୁଷ ଉପୃତି ଗୋପରେ ହୋଇଥିଲେ ।୧୦।

ଟୋକା ଗୋଠା ବେଳେ କୃଷ୍ଣ କରିଥିଲେ ଯାହା ହେ,
ଟାଣି ହୃଦେ ଭେଦଇ ଉଦ୍ଧବ ତା ଆଗେ କହ ତାହା ।୧୧।

Source: KC Dash, Digitized by PPRACHIN, SOA

ଠାବ କରି ନ ପାରିଲେ ବ୍ରହ୍ମାଦି ହେ ଈଶ୍ୱର,
ଠିକେ ଜାତ ବାଳୁଙ୍ଗି ବାଳକ ଉଦ୍ଧବ ଧଇଲେ ଗିରିଧର ।୧୨।

ଡର ଲଜ୍ଜା ଗୁଡ଼ିଲୁଚ୍ଛେ ବସ୍ତ୍ର ଚୋରି ଦାନୁ,
ଡାଳେ ବାନ୍ଧି ବସନ ଉଦ୍ଧବ ଦୋଳି ସେ କଲେ କାହ୍ନୁ ।୧୩।

ଢୋକିଲେ ପୂତନା ପ୍ରାଣ ମର୍ଦ୍ଦିଲେ ନାଗକୁ,
ଢାଳେ ସେ ମୂର୍ଚ୍ଛିଲେ ହେ ଉଦ୍ଧବ ନନ୍ଦ ଯଶୋଦାଙ୍କୁ ।୧୪।

ଏଣୀ ନୟନୀଙ୍କ ଆଗେ ଉଦ୍ଧବ କହୁ ଅଛୁ,
ଆସିବେ ଗୋପକୁ ଗୋ ଗୋପୀଏ ନ ଭାଳ ତୁମ୍ଭେ କଛୁ ।୧୫।

ତପ କରି ପାଇଥିଲ ଯଦୁକୁଳ ଗୋ ମଣି,
ତନ୍ହିଁକ ମୋତେ ଗୋ ଗୋପୀଏ ପେଷିଲେ କମ୍ବୁପାଣି ।୧୬।

ସ୍ଥାବର ଜଙ୍ଗମ କୀଟ ପତଙ୍ଗାଦି ଯେତେ,
ସ୍ଥିତି ସବୁ ଠାବରେ ଗୋପୀଏ, ବୁଝ ଗୋ ଯେଝାମତେ ।୧୭।

ଦୟାକରି ଥିବ ତୁମ୍ଭେ ନ କରିବ ଗୋ ମାୟା,
ଦୟାଳୁ ପୁରୁଷ ସେ ଗୋପୀଏ ଅଟନ୍ତି ନିରମାୟା ।୧୮।

ଧନ୍ୟ ବ୍ରଜ ନାରୀ ତୁମ୍ଭେ ଧନ୍ୟ ଏ ବ୍ରଜପୁରୀ,
ଧନ୍ୟ ତପ ତୁମ୍ଭର ଗୋପୀଏ, ଲଭିଲ ନରହରି ।୧୯।

ନିରନ୍ତରେ ଥାଅ ତୁମ୍ଭେ ଗୋ ହରି ହୃଦଗତେ
ନମସ୍କାର ମୋହର ଗୋପୀଏ, ତୁମ୍ଭର ପାଦଗତେ ।୨୦।

ପାଇଣ ବାରତା ନନ୍ଦ ଯଶୋବନ୍ତୀ ଗୋ ଆଈ ।
ପୁଣି କି ଆସିଛୁ ହେ ଉଦ୍ଧବ କାହାକୁ ନେବା ପାଇଁ ।୨୧।

ଫୁରଇ ନୟନ କନ୍ଦଉର ଗଦଗଦରେ ବାଣୀ ।
ଫେରିକି ଆସିବ ହେ ଉଦ୍ଧବ ଆମ୍ଭର ପ୍ରାଣମଣି ।୨୨।

ବୋଲନ୍ତି ଉଦ୍ଧବ ଶୁଣ ବୃଷଭାନୁ ଗୋ ସୁତା
ବୋଲଛନ୍ତି ଏଥକୁ ଆସିବେ ପ୍ରଭୁ ସେ ଗୋପୀନାଥା ।୨୩।

Source: KC Dash, Digitized by PPRACHIN, SOA

ଭାଗ୍ୟ ସେ ମଥୁରାନାରୀ ତପ ସେ କରିଥିଲେ
ଭଗବାନ ଭୁଲେ ହେ ଉଦ୍ଧବ, ଆନନ୍ଦେ ବିହରିଲେ ।୨୪।

ମନେ ନ ପଡ଼ିଲେ ତାଙ୍କର ଗୋପପୁର ହେ ବାଳୀ
ମୂର୍ଚ୍ଛା ଆମ୍ଭମାନଙ୍କୁ ଉଦ୍ଧବ ନଇଲେ ନେମାଳୀ ।୨୫।

ଯଶୋଦାନନ୍ଦନ ତାଙ୍କର କଠିଣ ହେ ହିଆ
ଜଗତ ଜୀବନ ସେ ଉଦ୍ଧବ ଆମ୍ଭର ନିଜ କାୟା ।୨୬।

ରସିଲେ ମଥୁରାନାରୀ ନନ୍ଦ ହେ ଯଶୋଦାଙ୍କୁ
ନଇଲେ ହେ ଉଦ୍ଧବ ହେଳରେ ଜଳବାକୁ ।୨୭।

ଲକ୍ଷ୍ମୀ ସରସ୍ୱତୀ ଯା ପାଦରେ ଖଟିଥାନ୍ତି
ଲମ୍ପେ କରିଅଛନ୍ତି ହେ ଉଦ୍ଧବ ନଇଲେ ଶିରୀପତି ।୨୮।

ବ୍ରହ୍ମାଣ୍ଡ ଠାକୁର ହରି ବଶ୍ୟକୁ ହେ ମାୟା
ବାଇ ହୋଇ ସହୁଛୁ ଉଦ୍ଧବ ଆମ୍ଭରେ ନାହିଁ ଦୟା ।୨୯।

ଶ୍ରୀପତି ଚରଣ ତଳେ ଆମ୍ଭର ହେ ବଡ଼ ଆଶ
ସେ ଯେ ମଥୁରାନାରୀଙ୍କ ସଙ୍ଗତେ କଲେ ହେ କେଳିରସ ।୩୦।

ସଞ୍ଚିଣ ଗୋପ ଗୋପୀଙ୍କି ହସ୍ତେ ହେ ନ ମାଇଲେ
ଶୁଷ୍କ କାଷ୍ଠ ପ୍ରାୟେକ ଉଦ୍ଧବ ସମସ୍ତେ ହୋଇଗଲେ ।୩୧।

ସକଳ ଗୋପର ଶିରୀ ଅକ୍ରୂର ହେ ଲାଗି
ଶ୍ୟାମବନ୍ଧୁ ତେଜିଲେ ଉଦ୍ଧବ, ମଥୁରା ନାରୀ ଲାଗି ।୩୨।

ହରି ଆମ୍ଭ ତୋପୁ ପ୍ରଭୁ ଗଲେ ଯେଉଁଦିନୁ
ହରି କି ଆସିବେ ଉଦ୍ଧବ, ପାଇବୁ ନିଜତନୁ ।୩୩।

କ୍ଷମା ଶିରୋମଣି ପ୍ରଭୁ ଦୟାଳୁ ସେ ଠାକୁର
ସ୍ଥିର ବଇଁଶୀ ଭଣେ ଧ୍ୟାନ ଶ୍ରୀକୃଷ୍ଣ ଚରଣର ।୩୩।

Source: KC Dash, Digitized by PPRACHIN, SOA

ରାମ କୋଇଲି ଚଉତିଶା

କୋଇଲି ଲୋ କହ ମୋତେ କୁଶଳ ବାରତା,
କାହିଁ ସେ ଅଛନ୍ତି ରାମ ଲକ୍ଷ୍ମଣ ସୀତା ।୧।

କୋଇଲି ଲୋ ଖଳବୋଲେ ଅଯୋଧ୍ୟା ରାଜନ
ଖେଡ଼ିଆଳ ପୁତ୍ରକୁ ପେଷିଲେ ଘୋରବନ ଲୋ ।୨।

କୋଇଲିଲୋ ଗଲାବେଳୁ ଗଲା ସବୁ ଶିରୀ,
ଗ··· ··· ···ପଡ଼ଇ ମୋର ଶ୍ରୀରାମ ସୁମରିଲେ ।୩।

କୋଇଲିଲୋ ଘୋର ଏ ବରଷା ଋତୁମାସ
ଘର ଛେଜ୍ୟା କରିଗଲେ ରାମ ବନବାସ ଲୋ ।୪।

କୋଇଲିଲୋ ନବୀନ ସୁନ୍ଦର ମୋ ମାଧୋଇ
ନିର୍ମାଣି ପୁତ୍ରକୁ ମୋର କେନେଲ ରେଖାଇ ଲୋ ।୫।

କୋଇଲିଲୋ ଚଲକ ବୟସେ ରଘୁରାୟେ,
ଚଉଦ ବରଷ ରାମ କାହିଁ ନିଦ୍ରା ଯାଏ ଲୋ ।୬।

କୋଇଲିଲୋ ଛଣେ ନିଦ୍ରା ନ ମାଡ଼ଇ ମୋତେ,
କ୍ଷଣେ କ୍ଷଣେ ଅଚେତନ ରାମ ହୃଦଗତେ ଲୋ ।୭।

କୋଇଲିଲୋ ଜନ୍ମ ମୋର ଖଣ୍ଡ ଖଣ୍ଡ ଗଲା
ଜନ୍ମରୁ ବିଧାତା ତାକୁ ବନେ ବୁଲାଇଲାଲେ ।୮।

କୋଇଲିଲୋ ଝିନ ବସ୍ତ୍ର କାହିଁ ତାଙ୍କ କାୟେ,
ଝାଡ଼ ବନସ୍ତରେ ରାମ କାହିଁ ନିଦ୍ରା ଯାଏ ଲୋ ।୯।

କୋଇଲିଲୋ ନଗ୍ର ମୋର ଅଯୋଧ୍ୟାର ଗ୍ରାମେ,
ନ ଶୋହଇ ଘର ମୋର ଶ୍ରୀରାମ ବିହୁନେ ଲୋ ।୧୦।

କୋଇଲିଲୋ ଟମକ ନିଶାଣ ବାଜୁଥାନ୍ତା,
ଟିକାଧାର ପୁତ୍ରମୋର ରାଜ୍ୟେ ରାଜା ହୋନ୍ତାଲେ ।୧୧।

Source: KC Dash, Digitized by PPRACHIN, SOA

କୋଇଲିଲୋ ଠାକୁର ମୋ ଦଶରଥ ରାଜା
କେ ବୋଲେ ପୁତ୍ରକୁ ମୋର କଲେ ରାଜ୍ୟ ତେଜ୍ୟା ଲୋ ।୧୨।

କୋଇଲିଲୋ ଡେଙ୍ଗା ଜଗତିରେ ରାମ ସ୍ଥାନ,
ଡାଳ କୁଡିଆକୁ ରାମ ହୋଇଲେ ଭଜନ ଲୋ ।୧୩।

କୋଇଲିଲୋ ଢାଳେ କର୍ମା ନ ଯାଏ ମୋ ପ୍ରାଣ,
ଢାଳେ ହରାଇଲି ମୁଁ ଯେ ଅମୂଲ୍ୟ ରତନ ଲୋ ।୧୪।

କୋଇଲିଲୋ ଅରଣ୍ୟରେ ରାମ କରେ ବାସ ।
ଅଯୋଧ୍ୟା ନଗରୁ ପୁଣ ହୋଇଲ ନିରାଶ ଲୋ ।୧୫।

କୋଇଲିଲୋ ତପସିରୁ ଶ୍ରୀରାମେ ଧଇଲେ,
ହାଣ୍ଡୁରେ ସେ ଜଟା ବାନ୍ଧି ବନସ୍ତକୁ ଗଲେ ଲୋ ।୧୬।

କୋଇଲିଲୋ ଥାଏ ବନେ ସବୁ ମତ୍ତହସ୍ତୀ
ଥାବର ଜଙ୍ଗମ ସ୍ଥଳେ ରାମ ନିଦ୍ରାଯାନ୍ତି ଲୋ ।୧୭।

କୋଇଲିଲୋ ଦଇବ ଲେଖନ ନୋହେ ଆନ,
ଦଇବ ଯୋଗରେ ରାମ ବୁଲୁଛନ୍ତି ବନ ଲୋ ।୧୮।

କୋଇଲିଲୋ ଧିକ କର୍ମା ନ ଯାଏ ମୋ ପ୍ରାଣ,
ଧନୁର୍ଦ୍ଧର ପୁତ୍ରକୁ ପେଷିଲେ ଘୋର ବନ ଲୋ ।୧୯।

କୋଇଲିଲୋ ନୀଳ ମେଘ ପ୍ରାୟେ ରାମଚନ୍ଦ୍ର,
ନଜରୂପ ଧରିଛନ୍ତି ସୁମିତ୍ରା ନନ୍ଦନ ଲୋ ।୨୦।

କୋଇଲିଲୋ ପାଟଛତ୍ର ତେଜ ସିଂହାସନ,
ପାଦରେ କେମନ୍ତେ ରାମ କରନ୍ତି ଗମନ ଲୋ ।୨୧।

କୋଇଲିଲୋ ଫାଟି ଜକେ ନ ଯାଏ ମୋ ପ୍ରାଣ,
ଫଳଖାଇ ସୀତା ସଙ୍ଗେ ଶ୍ରୀରାମ ଲକ୍ଷ୍ମଣ ଲୋ ।୨୨।

କୋଇଲିଲୋ ବଧାତା ନିର୍ମାଣ କଲା ଯାହା,
ବନସ୍ତେ ରହିଲେ ଯାଇ ଜାନକୀର ନାହା ଲୋ ।୨୩।

Source: KC Dash, Digitized by PPRACHIN, SOA

କୋଇଲଲୋ ଭାଗ୍ୟବନ୍ତ କୈକୟୀ ଯେ ରାଣୀ,
ଭରତକୁ ରାଜ୍ୟ ଦେଇଣ ବନେ ତିନି ପ୍ରାଣୀ ଲୋ ।୨୪।

କୋଇଲଲୋ ମଗୁଶିରେ ହିମ ଗଲ ବହି
ମହାସୀତେ ରାମ ମୋର କାହିଁ ନିଦ୍ରା ଯାଇ ଲୋ ।୨୫।

କୋଇଲଲୋ ଯାର ନାମ ମୁନିମାନେ ଧ୍ୟାୟି,
ଯୁବା ବୟସରେ ରାମ ବନେ ଦୁଃଖ ପାଇ ଲୋ ।୨୬।

କୋଇଲଲୋ ରାମ ମୋର ସୁକୁମାରଦେହୀ
ରାମକୁ ନ ଦେଖି ପ୍ରାଣ ହେଉଅଛି ଦହିଲୋ ।୨୭।

କୋଇଲଲୋ ଲେଉଡ଼ ଖୋଜ ଆଣିଦେବ ପୁଅ,
ଲୋଚକେ ନ ଦିଶେ ମୋ ଅଦୃଶ୍ୟ ହେଲ ପଥଲୋ ।୨୮।

କୋଇଲଲୋ ବାରବର୍ଷ ଯେତେବେଳେ ଯିବ,
ବନବାସ ସାରି ରାମ ଘରକୁ ଆସିବ ଲୋ ।୨୯।

କୋଇଲଲୋ ଶ୍ରୀରାମ ମହିମା ଅଗୋଚର,
ଶିବର ଗାଣ୍ଡିବ ଭାଙ୍ଗି ସୀତସ୍ୱାର ବର ଲୋ ।୩୦।

କୋଇଲଲୋ ସାବତ ଜନନୀ ହିଂସା କଲେ,
ସତ୍ୟ ଆଚରିଣ ରାମ ବନବାସ ଗଲେ ଲୋ ।୩୧।

କୋଇଲଲୋ ଶୋକ ମୋର କେ ପାରିବ ଲେଖି,
ସୁବୁଦ୍ଧି ପୁଅକୁ ମୋର କେ କଲ ସନ୍ନ୍ୟାସୀ ଲୋ ।୩୨।

କୋଇଲଲୋ ହସି ମୋତେ କହୁକନା ବାଣୀ,
ହୃଦରୁ ବେଦନା ଯାଉ ଶ୍ରୀରାମ କଥା ଶୁଣିଲେ ।୩୩।

କୋଇଲଲୋ କ୍ଷଣେ ସୁସ୍ଥ ନ ରହେ ମୋ ମନ
କ୍ଷମେ ବଳରାମ ଦାସ ଶ୍ରୀରାମ ଶରଣ ଯେ ।୩୪।

Source: KC Dash, Digitized by PPRACHIN, SOA

କୁମ୍ଭ କାମୋଦୀ ଚଉତିଶା

(ରାଗ—କୁମ୍ଭ କାମୋଦୀ)

କାମୁକ ନର କିଶୋର କୁନ୍ଦଦନ୍ତୀ ରାଧିକା ବଖାଣେ ।
କାନ୍ତ କଂସ ପୁରେ କଳାକର କରେ କାମ ··· ···।
··· ···
କରିଥିଲି ମୁଁ କି ପାପ ।୧।

ଖୁରୁ ଦେଲି କାହା ଗଳାରେ କଳରେ ପୂରେଇ ପୀୟୂଷ ।
ଖଣ୍ଡିଲି ଧୂଳି ପକାଇବା କାହାର ଖାଇବା .... ଗରସ ।
... .।
ଖେଳି .... ବାଳକମାନଙ୍କ ଖେଳିବା ଭାଙ୍ଗିଲି ।୨।

ଗୋପଥ ପାଡ଼ିଲି କି ଅବା ବ୍ରାହ୍ମଣମାନଙ୍କୁ ହୁଡ଼ିଲି ।
ଗୃହସ୍ଥ ଗରବରେ କିବା ଗୁରୁଜନ ବଚନ ଏଡ଼ିଲି ।
ଗଳରିକ ଗୋସ୍ୱପାଶ ସେହ୍ନ ପାପ ବଶରୁ ଗୁଡ଼ିଲି ।
ଗୋହାଇଛି ହୃଦୟ ଏବେ ମହାପ୍ରମାଦେ ପଡ଼ିଲି ।୩।

ଘଟଣ ବଦନା ଘେନଣ ବେଦନା କି ମନେ ପାଞ୍ଚିବ ।
ଘାରି ହେଉଥିବ ଅଙ୍ଗ ଏକା ହୋଇ କେହ୍ନେ ସେ ବଞ୍ଚିବ ।
ଘଟ ପ୍ରତି ଜଳସ୍ତନା ହୋଇଥିବ ଅବନୀ ଶୟନା ।
ଘେନୁଥିବ ମନେ ଘେନା ଘେନ ମୋର ଘୂର୍ଣ୍ଣିତ ନୟନା ।୪।

ଙରନ୍ତରେ ମାର ବନ୍ଧୁ ଥିର ହୋଇ ଥିବ ତା ନୟନ ।
ଙିଷ୍ଠୁର ଭାବୁ କୁଣ୍ଠିତେ କଣ୍ଠୁ ଫିଟୁ ନଥିବ ବଚନ ।
ଙତନୁ ଶର ଯାଗରେ ଭାସୁଥିବ ନୂତନ ··· ··· ।
ଙନ୍ଦ .... ଥିବ ମୋ ପ୍ରାଣ ।୫।

.... ଆଜ ସେତେକ ଶୀତଳ ।
ଚୂର୍ଣ୍ଣି ଚମକ ବୋଲୁଥିବ ମୋ ପାଶୁ ନଅ ଏ ଅନଳ
ଚନ୍ଦ୍ରକର ଚଣ୍ଡକର ମଣୁଥିବ ··· ··· ରମଣୀ ରତନ ।
··· ··· ନଥିବ ଯତନ ।୬।

Source: KC Dash, Digitized by PPRACHIN, SOA

... ... ନ ବେଡ଼ାଇ
ଛନ୍ଦି ହୋଇଥିବ ଛବ ଛୁଡ଼ଥିବ ବଦନ ଚାହାଁର ।
ଛୁଡ଼ ଶ୍ୱାସ ସଖୀମାନେ ବେଢି ବୋଲୁଥିବେ ଏ ଛଇଲା
ଦଶା ପଇଲା ।୭।

ଯାଉଥିବ ବୁଡ଼ି ଚେତନା ଯାତନା ଜଳଧି ମଧ୍ୟରେ
ଜଡ଼ଥିବ ହାହା ଶବଦ ବ୍ୟାଧି ମହାକଷ୍ଟ ସାଧ୍ୟରେ ।
ଯେତେବେଳେ ଜଳ ସିଞ୍ଚିଲେ ବଞ୍ଚିଲେ ହୋଇବ ସେ ମୋହ
ଯାଇବ ଏ .... ବୋଲୁଥିବେ ସଜନୀ ସନ୍ଦେହ ।୮।

ଝାଞ୍ଜି ବାଜଲା ପଦ୍ମଲତା ପ୍ରାୟେ ହୋଇଥିବ ବରଙ୍ଗ
ଝଳ ଝଡ଼ଯାଇ କୃଶତର ହୋଇବ ତା ଶ୍ରୀଅଙ୍ଗ
ଝିଣି ଉଠିବାରେ କ୍ଷଣେ ଲଭ୍ୟ ନଥିବ କୃଷ୍ଣ ସୀମାକୁ ।
ଝଗଡ଼ୁଥିବ ... ... ।୯।

× × ×

ଟୋପରେ ଡେଇଁ ପଡ଼ିଲ ଜାଣୁ ଜାଣୁ ବବେକ ହରାଇ,
ଟଳୁ ନାହିଁ କର୍ମା ଯିବ ଏବେ ଯାବେଶ୍ୱରାକ ମରାଇ ।
ଟେକ ।
।୧୧

ଠାଣ ଗୃହିଁ ନ ଗୃହିଁ ଭୁରୂ ନଗ୍ଭଇ ବଞ୍ଚାଇ କହବା
ଠାଠିକ କର ଗ୍ରୀବା ମୋଡ଼ ପାଲଟି ଅନାଇ ରହବା ।
ଠିଆ ହୋଇ ଥାଇ ଯେଉଁ କନ୍ଥେ ... ...।
ମଣ୍ଡଳେ ମୋ ବନା ସେ ଭଙ୍ଗୀ ।୧୨।

ଡାକୁ ଯେ ଥାଇ ସଜନୀଙ୍କି ସଙ୍କେତ କରନେ ରସିକା ।
ଡୋଳା ନେଇ ଅନ୍ତେ ବୁଲାଇ ଫୁଲାଇ ସୁମନ ନାସିକା ।
ଡେର ଥାଇ କର୍ଣ୍ଣ ମୋ ଉତ୍ତର ଗିର କର୍ଣ୍ଣଙ୍କୁ ଉଦ୍ଦେଶି।
ଡ଼କା ତ ହେଲ ତାକୁ ତେଜ ଏବେ ମୁଁ ହୋଇଲ ବଦେଶୀ ।୧୩

ଢଗ ପଢନୀ ପୀଡ଼ତ ହୋଇ ଘୋର କୁସୁମ କାଣ୍ଡରେ,
ଢଳ ପଡ଼ବାକୁ କଥାସିନା ରହିଥିବ ତା ପିଣ୍ଡରେ ।
ଢୋକରେ କା ପୁଣି ବଶ ସୁକୁମାରୀ ନ ସହ୍ବ ବେଦନା,
ଢାଳେହେଁ ଏ ପାଳ ସରଲ ସେ କୁନ୍ଦକଳିକା ରଦନା ।୧୪।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଆଶ୍ୱାସନା କର୍ କସ୍ତି ଗମନାକୁ କେ ଅବା କହିବ,
ଅଛୁକେ ଏମନ୍ତ ମୋ ପରି ତା ଦୁଃଖେ ଦୁଃଖିତ ହୋଇବ ।
...　...　...　...　...,
...।୧୫।

ତୋଳ ହେଉଥିବ ତଳେ ପଡ଼ି ମୋର ତରୁଣୀ ତିଳକ,
ତଥାପି ତୁଳ ତଳ୍ପରେ ତାର...　... ।
...　...　...,
....　...ହାର ।୧୬।

ଥୋଇବନ ନେଇ ପ୍ରସ୍ତାବ ବାନ୍ଧବୀ ଦଶମ ଦଶାକୁ,
ଥରୁଥିବ ଯେଣୁ ଫଣୀ ଶିରୋମଣି ଦଶମ ଦଶାକୁ ।
ଥାଣୁପର ପରାଭବ ଏଥି...　...ବା କାହିଁକି,
ଥିଲି ଏତେ ଦଶା ଭୋଗ କରିବାକୁ ଆମ୍ଭର ଦୁହିଁକୁ ।୧୭।

ଦରହାସିନୀ ଦେବଦନ୍ତ ନାଶିନୀ ଦୂରରେ ରହିଲା,
ଦାରୁ ଦୃଶଦପରି ହୋଇ ଏ ଦେହ ଏ ଦଣ୍ଡ ସହିଲା ।
ଦଶୁନାହିଁ ମୋତେ ବୁଦ୍ଧି ତରିବାକୁ ଏ ଦୁଃଖ ସବୁତ,
ଦଣ୍ଡିକୁ ଦଣ୍ଡ ପଡ଼ୁଅଛି ମନରେ ତାହାର ତରତ ।୧୮।

ଧରାଯାଏକ ଧୃତ ଧ୍ୱଂସ ହେବା ହେତୁ ତାହାର ମହିମା,
ଧିକ୍କାର ହେଉ ଧୂର୍ଜଟିପରଧନୁ ଧରିବା ଗାରିମା,
...　....　...　...　... ।
ଧ୍ୱସ୍ତ କରିବାକୁ ନିଜଗତ ସାହା କରଛି ଯାହାକୁ ।୧୯।

ନେହ୍ ନୀର ବହିଯାଇ ଥିଲା ମୋର ଆସିବା ବେଳକୁ
ନବ ବୟସୀ କେଡ଼େ ନୀରସେ ଅନାଇଥିଲା ତଳକୁ ।
...　...　...
...ଦେଖି ଆସି ପଡ଼ିଲା ବଧିରେ ।୨୦।

ପୁଣିହିଁ ହୋଇଲା କାତର ନୟନେ ଅନାଇ ମୁଖକୁ,
...　...　...　... ।
...ଜନରେ,　...
...　...ଯାଉଛି କ ପାଞ୍ଚ ହୃଦରେ ।୨୧।

Source: KC Dash, Digitized by PPRACHIN, SOA

ଫାଟି ନଗଲା ହୃଦୟ ଶୁଣି ତାର କାତର ବଚନ,
ଫୁଟି ନ ଗଲା ନୟନ.... ... ।
... ...
ଫୁଟିଲେ ଜୀବନ ନ ଛୁଟନ୍ତ ଏ ଶଠ ଫୁଲମାର୍ଗ ତାର ।୨୨।

ବନ୍ଧ ହେଲେ ବନ୍ଧୁ ସମସ୍ତ ପ୍ରକାରେ ବିପତ୍ତି ପଡ଼ଇ,
ବୁଦ୍ଧିମନ୍ତ ହିଁ ବିବେକ ଥାଇ ଥାଇ ବିଗୁରୁ ହୁଡଇ ।
ବୋଲି ନ ଯେନ ଯେତେବେଳେ ବାହାର ହେଲ ବିଦେଶକୁ
ବୋଲୁଥିଲ ବନ୍ଧୁ ନ ଯାଅ ନ ଯାଅ ବଇରି ବଶକୁ ।୨୩।

ଭବ ଯାକରେ ଭାବବନ୍ତ ସମାନ ଭାବିନୀ ପାଇକା,
ଭାନ୍ତୁଅଛୁ ସିନା ସେହି କାରଣରୁ ତାହାର ପାଇଁକ ।
ଭଙ୍ଗୁର ଅଙ୍ଗୀର ଭଙ୍ଗୀମାନ ଭାବ ବସିଲେ ମନରେ,
ଭାଜି ଯମସ୍ତ ଭରସା ଆଶା ରହୁନାହିଁ ଜୀବନରେ ।୨୪।

ମନ୍ଦ ଆଦର ତା ବଚନରେ କରି କଲି ଗମନକୁ,
ମହିଳାମଣି ବିସ୍ମର ସିନା ଏବେ ଆସୁଛି ମନକୁ ।
... ...,
ମାରି କରିବଟି ଜସ୍ଥ ।୨୫।

ଯମ ସଦନକୁ ଯାହା ଯୋଗ ଜୀବ ଏବେହେଁ ଖୋଜୁଛି,
ଯମରୁ ଅଧିକ ହୋଇ କରି ଯନ୍ତ୍ରଁ ମଦନ... ।
ଜୀବ ଯିବ ପଛେ ମଦନ ବିଚ୍ଛେଦ କେବେହେଁ...,
... ...ଏ ଦୁରନ୍ତ ଯାତନା ସହିବ ।୨୬।

ରତି ନ ଥିବ ବିଧାତା ତା ପରି ପରି ଚତୁର୍ଦ୍ଦଶରେ,
ରତ ପ୍ରସଙ୍ଗ ଗୃତ୍ତୁସ୍ଥମାନ ତାର ଚିନ୍ତିଲେ ନ ସରେ ।
ରତିଜା...ରି ହୋଇଥାଇ ମଦନ ବଶରେ,
ରସବନ୍ତି ମୋରେ ରସିଥାଇ ମତ୍ତେ ରଖାଇ ରସରେ ।୨୭।

ଲୁଗା ସନ୍ଥିରେ ମୁଁ ଦୂର କରିଥାଇ ସଜ ସମାଜକୁ,
ଲାବଣ୍ୟ ଅଙ୍ଗୀ ମୋ ଭାଗ୍ୟ ତେତେବେଳେ ନ ଲୋଡ଼େ ଲଜ୍ଜାକୁ ।
ଲୀଳା କରୁଥାଇ ଲୋଡି ମୁଁ ହୋଇଲେ ଅଧର ପାନରେ,
ଲାଗି ଯାଇଅଙ୍ଗେ ଅଗ୍ରସର ହୋଇ ଚୁମ୍ବନ ଦାନରେ ।୨୮।

Source: KC Dash, Digitized by PPRACHIN, SOA

ବଢ଼ ଚଞ୍ଚଳ ହୋଇଥାଇ ବାଳକଙ୍କୀ ପୁରୁଷାୟିତରେ,
ବେକୁ ବେଳବଢ଼ି ବ୍ରହ୍ମ ପଦଙ୍କା ରଖୁଥାଇ ଇଚରେ ।
ବସୋରିବା ଆଶେ ବେଳେ ବେଳେ ମୋର ଉପରେ ପଡ଼ଇ,
ବୋଇଲେ ବଦନେ ଚୁମ୍ବ ଦେଇ ପରିରମ୍ଭରେ ଜଡ଼ଇ ।୨୯।

ଶ୍ରଦ୍ଧାବନ୍ତ ହୋଇଥାଇ ତ ସହଜେ ମଦନ ଜସ୍ତରେ,
ଶୋଭା ବଶୁଥାଇ···   ···   ···।
ଶେଷ ହିଁ ଶେଷ ହି କରି ପାରିବେକି ସହସ୍ର ବଦନେ,
ଶରୀର ବନ୍ଧ କେ କହିବ ତା ସରି ନ ଯାଇ ମଦନେ ।୩୦।

ଷୋଳ ଦୁଗୁଣ ଲକ୍ଷଣ···   ···,
···   ···   ···ପଞ୍ଚଶର···।
ଶାଣିଲା ପଗ୍ର ପତ୍ରଏ କରଜ ସେ ସରି ଅପାଙ୍ଗ,
ଶିଳା ସମ ସ୍ତନ ଶିଖିଷ ସୁମନ ସମାନ ଶ୍ରୀଅଙ୍ଗ ।୩୧।

ସମସ୍ତ ଅଙ୍ଗ ସୁନ୍ଦରପଣ ଗୁଣ ସେ କାଳେ ଜାଣଇ,
···   ···   ···   ··· ।
ସବୁ ଶରଧା ସରିଲା ଏକାବେଳେ ମଦନ କାତରେ,
ସୁନ୍ଦରୀ ଦୁଃଖ ପାଇଲା ମୁଁ ପଡ଼ିଲି କ ପରମାଦରେ ।୩୨।

ହରି ହରି ହର ବଇରିରେ ହରି ହେଲେଟି ଏମନ୍ତ,
ହାଥ ଧରି ତାଙ୍କୁ ମାଗୁଛୁ ଯେ ହେବ ରସିକ ଧୀମନ୍ତ ।
ହାଟକବରନା ପାଶରୁ ଯେବେ ହେଁ ନୋହିବ ଅନ୍ତର,
ହେଲେ ହୃଦରେ ଘୋଷୁଥିବ ହରିଣନୟନା ମନ୍ତର ।୩୩।

କ୍ଷିତି ଆଦି ସମସ୍ତ ଯାହାର ମହା ମାୟାରେ ମୋହିତ,
କ୍ଷୋଭ ତାଙ୍କୁ ପାର ପାରକୁ ଯାହାର ଚରଣ ବୋଇତ ।
କ୍ଷଣେ ହେଁ ମନରୁ ଅନ୍ତର ନ କରି ସେହି ଗୀର୍ବାଣଙ୍କୁ,
କ୍ଷମାଗୀର୍ବାଣ ନାରାୟଣ ନଷ୍ଟେ ଲଭିବ ନର୍ବାଣକୁ ।୩୪।

Source: KC Dash, Digitized by PPRACHIN, SOA

କୃଷ୍ଣବିରହ ଚଉତିଶା

(ରାଗ-କାମୋଦୀ)

କମଳ ନୟନ କଂସ କଟକରେ କରନ୍ତି ବିହାର
କି କରୁଥିବ ସେ କଳକଣ୍ଠକଣ୍ଠୀ ରାଧିକା ମୋର
କଣ୍ଠର ଅମୂଲ୍ୟ ନକ୍ଷତ୍ର କଣ୍ଠ ମୋ ନୟନ ପ୍ରତିମା
କି ବିହୁରୁ ଥିବ କେଣ୍ଟେ ବଞ୍ଚୁ ଥିବ ହା ହା ମୋର ରାମା । ୧ ।

ଖୋଜିଲେ ସକଳ ବ୍ରହ୍ମାଣ୍ଡେ ଯାହାଙ୍କୁ ନ ଥାଇ ସମାନ
ଖଳ ଦଇବ ବଶରେ ତାଙ୍କୁ ଛାଡ଼ି କଲି ମୁଁ ଗମନ
ଖଣ୍ଡ ଖଣ୍ଡ ହୋଇ ଫାଟିତ ନ ଯାଇ ହୃଦୟ ମୋହର
ଖଞ୍ଜନନେତ୍ରୀ ବିନୁ ଯାହା ରହିଛି ଧିକ ଏ ଶରୀର । ୨ ।

ଗଜେନ୍ଦ୍ର ଗମନୀ ଗୋରୀ ସୁକୁମାରୀ ମୋ ପ୍ରାଣ ଈଶ୍ୱରୀ
ଗାଉଥିବ ଗୁଣମଣି କେତେବେଳେ ସୁମରି ସୁମରି
ଗୁଣି ଯେତେବେଳେ ଅବଧି ବଚନ ଛାଡ଼ଇ ନିଶ୍ୱାସ
ଗୁଣ ରହିଣ ଗୁଣବାନ ପରାୟେ ହେବନି ବିରସ । ୩ ।

ଘନ ଘନ ହୋଇ ଯେଣି ଉଠୁଥିବ ବିରହେ ଅନଳ
ଯେଣିମାନ୍ତୁ ମୋହ ଅନ୍ତରସ୍ତୁ ଘନ ସେନେହ ପ୍ରବଳ
ଘର ବାହାର ସମାନ ମଣୁଥିବ ରମଣୀ ରତନ
ଘେନିଥିବ କାହିଁ ସଜନୀମାନଙ୍କ ଶୀତଳ ବଚନ । ୪ ।

ନବୀନବୟସୀ ପ୍ରାଣ ବାନ୍ଧବୀ ମୋ ପାଇଲେ ବେଦନା
ନଯାଇ ଜୀବନ କମ୍ପାଇ ରହିଛି କରୁଛି ଭାବନା
ନାହିଁ ଯାହାର ସପନେ ଦୁଃଖରେ ଭେଟ ତାହାଙ୍କୁ ଏ ଦଶା
ନିଶ୍ଚେ ନାଶ ଯାଇ ନିଷ୍ଠୁର ନାହାଙ୍କୁ କଲେକି ଭରସା । ୫ ।

ଚନ୍ଦ୍ରକର ଚନ୍ଦ୍ରମଣିକି ଆଦର କରଇ ଯେମନ୍ତ
ଚଣ୍ଡିଖର ତାର ରମଣୀକି ଆଜ ଯେ ନକରେ ତେମନ୍ତ
ଚନ୍ଦନ ଶୀତଳ ତାପ ଯେଣି ଦ୍ରବ୍ୟ ତାପକୁ କରଇ
ଚୁନ କର୍ପୂର ଅନଳେ ପକାଇଲେ ସବୁ ପ୍ରକାରେ ସରଇ । ୬ ।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଛଳ ପ୍ରାୟେ ହୋଇ ନିରନ୍ତର ଲାଗିଥାଇ ମୋ ଅଙ୍ଗରେ
ଛାର ଜୀବନ ନଯାଇ କମ୍ପା ଆଉ ଅଛି ଏ ଶରୀରେ
ଛାର ନୃସିଂହ କଂସ୍ପ ଘେନ ଛାଡ଼ି ମୁଁ ଅଇଲି ତାହାକୁ
ଛୁରି ମାରି .... । ୭ ।

× × × ×

ସୁମନ ସୁନା ସୁପୁରୁଷ ଯେବେ ହୋଇବ ବନିତା
ସୁମନ ସରସ୍ୱତୀ ଧିକ ସେ ··· ··· ଦଇବ ବିଧାତା । ୩୨ ।

ହୃଦରେ ଏହା ବିଚାରି ଉଦ୍ଧବଙ୍କୁ କହିଲେ ସନ୍ଦେଶ
ହଂସଗମନା ଗୋପୀଙ୍କ ଯାଇ ତୁମ୍ଭେ କରାଅ ହରଷ
ହୋଇ ଅଛନ୍ତି ମୋ ସଙ୍ଗ ବିଚ୍ଛେଦରେ ସାରସ ସଦୃଶ
ହରଷ କରାଇପରେ ପଚାରିବ ତାହାଙ୍କୁ ସନ୍ଦେଶ । ୩୩ ।

× × ×

କ୍ଷୋଭ ଛାଡ଼ି ଗୋପୀ ନଚ୍ଛିଡିଲେ ହେ କେତେବେଳେ ନାମକୁ
କ୍ଷେମେ ଦୀନକୃଷ୍ଣ ବୋଲେକ ବଚନ ଦରିଦ୍ର ଜନକୁ । ୩୪ ।

Source: KC Dash, Digitized by PPRACHIN, SOA

ଯମକରାଜ ଚଉତିଶା

(ରାଗ—କୌଶିକ)

କୁମୁଦ କାନ୍ତ କାନ୍ତବଦନ ବିମ୍ବ ବିମ୍ବାଧରୀ ଚାହିଁଲା,
କଳାପ କଳାପ ବିଭଙ୍ଗ କୁଙ୍କୁମ କାନ୍ତିକାନ୍ତେ ବାଦ କରିଲା ।
କୁଟିଳ ଅନାଇ, ନିଶିର ଚେତର ତୋ ଲୋଚନ
କରି ସରାଗ ସରାଗ କରିଅଛୁ ଅଧର ଧରଇ ଅଞ୍ଜନ ।୧।

ଖଗପତି ପତି ତନୁ ତନୁ ତନୁ ସ୍ମରତ ସଙ୍କେତ ବିଶେଷି
ଖଣ୍ଡିତା ଭାବ ଖଣ୍ଡିତାଭାବ କରୁଁ ବସୁନ୍ଧରାକୁ ଚାହିଁ ବସି
ଖସେ ନୟନୁ, ଅୟନୁ ବାରି ଘନଘନ
ଖର ତରତର ନିଶ୍ୱାସ ପବନ ବନ ହୁତାଶନ ସମାନ ।୨।

ଗଣ୍ଡ ସୁଧାକର କରକମଳରେ ନିଧାନ କରି କରୀଗତି
ଗାଢଶ୍ୱାସଧର ଅଧର ବିରଙ୍ଗ ରଙ୍ଗ ହିଣେ ମୁଖ ସୁଜ୍ୟୋତି
ଗଦ୍‌ଗଦବଚନ, କହି କହିବା ପ୍ରକାର
ଗୁରୁ ଉରଜ କୁମ୍ଭୀ କୁମ୍ଭ ସଦୃଶ ଦୃଶ ଜଳରେ ଜରଜର ।୩।

ଘଟ ଘଟଣ ପୟୋଧର ଶିଖରେ ଖରେ ପଡନ୍ତେ ନୀର ଧାର,
ଘନଗଙ୍ଗା ଗଙ୍ଗାଧର ଶିରରେ କି ବରଷେ ସୁଧା ସୁଧାକର ।
ଘନ କ୍ରୋଧରୁ, ପୁନପୁନ କମ୍ପେ ବିରହୀ
ଘୋଟିଲା ମାନ ମାନସ ଅନୁରାଗ ବିଧୁକୁ ବିଧୁନ୍ତୁଦ ହୋଇ ।୪।

ନୟନ ଚଞ୍ଚଳ ଚଳନ୍ତେ ଯେସନ କୁରଙ୍ଗରଙ୍ଗଗତି କରେ,
ନମ୍ରମୁଖୀ ମୁଖ ମୃଗଧରାଧର ଯୁଗ ମଧ୍ୟରେ କି ସଞ୍ଚରେ ।
ନିଷ୍ଠେ ଗଜକୁ, ଗଜରିପୁ ବଳବନ୍ତରେ,
ନିଜ କୁମ୍ଭୀ କୁମ୍ଭ ସ୍ଥଳକରି କିବା ବିହମି ହମିଲା ନିର୍ଭରେ ।୫।

ଚାରୁ କେଶୀ କେଶୀ ମଥନ ମନ୍ମୁଖେ ମୁଖେ ହସ୍ତଦେଇ ବସନ୍ତେ
ଚାପ ଧରିଣ ପଞ୍ଚ ପଞ୍ଚସାୟକ ଓଟାରି ବିନ୍ଧେ ରୋଷଚିତ୍ତେ ।
ଚୂତ ମାର୍ଗଣ, ଗଣବାଣ ବକ୍ଷେ ଶରୀର
ଚମକି ଥର ଥର ଥରି କାତର ତରଳ ବାଣୀ ଚକ୍ରଧାର ।୬।

Source: KC Dash, Digitized by PPRACHIN, SOA

ଛନଛନ ମନ ବେକ୍ର ବେଳ ଜ୍ଞାନ କୃଶତରତର ହେଉଛି,
ଛିଦ୍ରପାଇ ମାର ମାରଇ ନାରାଚ କ୍ଷଣେ କ୍ଷଣେ କ୍ଷୋଭ ଦେଉଛି
କ୍ଷୀଣ ଉଦରୀ, ଦରିଦ୍ର ନଧିଙ୍କି ଗୃହିଁଲେ,
ଛୁଡଣ ଦର୍ପ ଦର୍ପକ ବଶେ ହର ହରିଣାକ୍ଷୀ ଆଗେ କହିଲେ ।୭।

ଯୁବତୀମଣି ମଣିଲ ଚୋର ମନ ମନସିଜ କଲା ଘଟନା,
ଯତନେ ଦାରୁଣ ଦାରୁଣ ସେ ଘେନ ଘେନବାକୁ ନାହିଁ ବେଦନା
ଯାହା ମଦନେ, ଶବର ବର ସମ୍ମୁଖରେ ।
ଜାଣୁ ଜାଣୁତା ଲକ୍ଷଲକ୍ଷ ବିଶିଖ ବିଶିଖ ଲକ୍ଷ୍ୟକର ମୋତେ ।୮।

ଝର ଝର ଝରେ ନୟନରୁ ଅମ୍ବୁ ଅମ୍ବୁଧର ଜାତ ସଂଘାତ,
ଝାଟକାରେ ମୀନ କେତନ କେତନ ତଟ ନରୋଧିଲା ସଂଘାତ ।
ଝାମ୍ପି ରହିଛି, ମକର ମକର କେତନ
ଝସଦୃଶୀ ଘନ ଜଘନଜ କୋଳାହଳ କରିରଖ ଜୀବନ ।୯।

ନିଃଶ୍ୱାସ ପବନମାନ ମାନବଶେ ଛୁଞ୍ଚୁ ବେଗ ବେଗ କରି
ନତନୁ ଦହନ ଦହନ କଲା ମୋ ଜୀବନ ବନ କୃଶୋଦରୀ
ନବ ସଲିଳ, ସଲିଳ ଲକ୍ଷଣ ଲକ୍ଷଣ
ନକଲେ ଶୋଚନା ନାଶ ଯିବ ଜୀବ କଥାଥିବ କାଳ କାଳେଣ ।୧୦

ଟେକ ବଦନ ବଦନକମଳମା କାମୀ ବିସ୍ତାରଣ ବଚନ,
ଟଙ୍କଧର ରିପୁ ରିପୁ ଭବହର ହରଷ ନକର ଲୋଚନ ।
ଟଳଟଳ ଗୋ, ଟଳଇ ପରାଣ ପରାଣ
ଟିକାଏ ମନ୍ଦମନ୍ଦ ହସି ଜନାଶ ଶରଣରଙ୍କ ଟାଣପଣ ।୧୧।

ଠାବ ଠାବ କୋଟି କୋଟି କୁସୁମ ନାଗର କୁସୁମ ନାଗର,
ଠାବ କରି ସନ୍ଧି ସନ୍ଧିଲ ସୁମୁଖୀ ସୁମୁଖୀଭାବ ମୋତେ ଭଜ ।
ଠାବ କରିଣ, ମୋ ଦୋଷ ସଂଘାତ ସଂଘାତ,
ଠଣ ପଦ୍ମରାଗ ଦଶନ ବଶନେ ଦ୍ରୋଦଣ୍ଡ ଦଣ୍ଡଦାଅ ମିତ ।୧୨।

ଡାଳମ୍ବ ଦଶମାର ମରଦ ମାଳ ଜଳରୁହ ସୁବାସ,
ଡୋଳାରେ ଦେଖି ଲୋକେଶ କେଶ ପାଶ ପାଶରେ ହୋଇଥିବ ଦାସ ।
ଡମ୍ବୁରୁଧର ପରକାଶ ଆକାର,
ଡମ୍ବରୁ ସୁମନ ସୁମନସ ବାଳ ଜାଲ ଅଚ୍ଛାଦିଲା ଉପର ।୧୩।

Source: KC Dash, Digitized by PPRACHIN, SOA

ତଳ ତଳ ମୋତି ସଞ୍ଚୟ ସଞ୍ଚୟ ସୀମନ୍ତ ସୀମନ୍ତମା ବର,
ତାଳେହେ କୁସୁମ ମାର୍ଗଣ ମାର୍ଗଣ ମାର୍ଗଣ ସୁରୁଚି ରୁଚିର ।
ତାକଇ କ୍ଷଣ ଇକ୍ଷଣ ବଂଶୁ କ୍ଷଣେ କ୍ଷଣେ
ତଳୁଛି ଅଙ୍ଗେ ଅଙ୍ଗେ ଭେଦି ଗରଳ ଗରଳଧର ପର ବାଣେ ।୧୪

ଅଳକାଳି କାଳି କି ଦାସ ବାସରେ ବାସକଲ୍ପ ତାମରସରେ,
ଅଥବା ଦିନମଣି ମଣିଗ୍ରଥିତ କନ୍ଦର୍ପ ଦର୍ପଣ ପାଶରେ ।
ଅଥବା ଚକୋର ମଣ୍ଡଳ ପାଶରେ,
ଅମୃତ କିରଣ କରଣ ପାନରେ ରହେ ମତ୍ତ ମତ୍ତ ନର୍ଭରେ ।୧୫

ତିଳେକ ଶ୍ରୀଖଣ୍ଡ···ଶଶୀ ଖଣ୍ଡ ଖଣ୍ଡ ଭାଲରେ,
ତହିଁ ମଧ୍ୟେ ବିନ୍ଦୁ ଶଶୀର ସୁନ୍ଦରୀ ସୁନ୍ଦର ମାନ ଭ୍ରମାମୀରେ ।
ତେଣୁ ବଚନ, ଚନ୍ଦକେ ସମାନ ସମାନ,
ଭୁବନ ଭାନୁକୁ କୋଳେ ଧରି ଉଦେ ହେବ ହେବ ଯେଉନ ।୧୬

ସ୍ଥୂଳ ଇନ୍ଦୀବର ବରନ ସୁପକ୍ଷ ନେତ୍ର ଚଞ୍ଚଳ ସ୍ୱଭାବରେ,
ଥକିତ ହରିର ହରିଣଧରର ଅଙ୍କ ଅଙ୍କ ଅଙ୍କ ଅନ୍ତରେ ।
ସ୍ଥିତ ସୁରେଖଞ୍ଜନ ଜନମାନରଞ୍ଜନ
ଥୋଇଛୁ କଞ୍ଜବାସ କଞ୍ଜବାସ ମଧ୍ୟରେ ସଖଞ୍ଜ ଖଞ୍ଜନ ।୧୭।

ଦର୍ପକ ଦର୍ପକର ପାଶ ସମାନ ମାନମା ଶ୍ରବଣ ଯୁଗଳ,
ଦଇବରେ ତୋଷେ ସୁବର୍ଣ୍ଣ ସୁବର୍ଣ୍ଣ ଅମଳ କମଳ କମଳ ।
ଦୃଷ୍ଟି ବଶରେ ବଶରେ ବସଇ ତାହାର,
ଦମ୍ଭୋଳି ଦମ୍ଭୋଳି ଦେଖି ତାକୁ ସତୀ କୁମତି ନୋହିବ କାହାର ।

ଧନ୍ୟ କସ୍ତୂରିକା ପଙ୍କ ପଙ୍କଜାକ୍ଷୀ ମକରୀ କଟିରୁ ଗଣ୍ଡରେ,
ଧରି ମୀନଧ୍ୱଜ ମୋର ଧୃତି ଧ୍ୱଂସେ ପଞ୍ଚ କାଣ୍ଡ ପଣ୍ଡ କାରେଣ୍ଡି
ଧରାମଣ୍ଡଳୀମଣ୍ଡନ ଜଘନ ଜଘନ,
ଧରି ଦୟାଦୟାନିଧି ମୋ ଜଘନେ ହର ହର ଶଯୁଦଳନ ।୧୯

ନବ ମୋତିରେ ବରମା ନାଶେକ ତାରା ତାରାପତି କୋଳରେ,
ନାଶିବ ଶିବ ଶିବ ଯୋଗବଶରେ ଅବଶରେ ଦୃଷ୍ଟି ବଶରେ ।
ନବ ନରନ୍ନୁ ଚନ୍ଦ୍ରପୁର ଦନ୍ତ ଦନ୍ତାଳ
ନଷ୍ଟେ ସୁଧାକର ସୁଧାକର ଧରି ଉଦ୍ଧରିବ ବୋଲି ଅଇଲ ।୨୦।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଜୀବନ

ପଦ୍ମରାଗ ମଣି ମଣିମୟ କର୍ଣ୍ଣେ ତାଟଙ୍କ ଟଙ୍କଧର ପର
ପୂର ଡର ଦର ଜୟକୁ ବଶିଖ ବଶିଖ ଶଣ କଲ ତାର
ପାଇଛେ ମୁଖ ରତ୍ନବର ବର ଥୋଇଲା
ପାଶରେ ପାଶରୁ ଜଗଶରସନ ଆନନ ଶଶାଙ୍କ ମୋହିଲା ।୨୧।

ଫଣୀଯୁଗ କବା ସୁଭ୍ରୂବ ଭ୍ରୂବନ ଶୋଭାବନ ବନରୁହରେ
ଫୁଲ ରୂପ ରୂପ କଟାକ୍ଷ ମାର୍ଗଣ ଗଣ ସନ୍ଧାନ କବାକରେ
ଫୁଟି ହୃଦୟ, ହୃଦୟରେ ଜାତ ବେଦନା
ଫେଡ଼ ଏ ଦୁର୍ଗତି ଅଗତି ଗତିମୋ ମକର କେତନ କେତନା ।୨୨।

ବଷମ ସାୟକ ସାୟକ ତୂଣୀର ସୁଷମା ସମାନ ନାସିକା
ବନ୍ଧୁକ ବନ୍ଧୁ କାନ୍ତିଧର ଅଧର ବିମ୍ବ ବିମ୍ବଫଳ ଅଧିକା
ବ୍ରଜ ବାରଜ ବାରଜ ସରାଜିତ ଦନ୍ତ
ବଚନ କଥନ ବେଳେ ବେଳେ ଯେବେ ବଶିବ ବସିବ ହେ ମିତ ।୨୩।

ଭଲ କର କର ସର ସର ମୋତି କମ୍ବୁ କଣ୍ଠେ କଣ୍ଠି ଖଞ୍ଜିଲୁ
ଭୂଷଣ ଦେଇ ଜରେ ଭବ ଭବ ସୁସାତ୍ତ୍ୱିକ ଭପୁଜ ପୂଜିଲୁ
ଭାବ ଭାବମା ବନଦତ କଲୁ ବଦନ
ଭୁଜଙ୍ଗ ଅଙ୍ଗନ କଞ୍ଜ କଞ୍ଜ ବନ୍ଧନ ମୃଗ ମୃଗ ଧର ଧରଣା ।୨୪।

ମୃଣାଳ ଗଣ୍ଡ ଖଣ୍ଡନ ଭୁଜଦଣ୍ଡ ଦଣ୍ଡଇ ଦୃଷ୍ଟିକ ଦୃଷ୍ଟିରେ
ମଞ୍ଜୁ ମରକତ ମଣି ମଣିବନ୍ଧ କଙ୍କଣ କଣ କଣ କରେ
ମଞ୍ଜୁ ଅଙ୍ଗୁଳି ଅଙ୍ଗୁଷ୍ଠ ଗଣେ ଘଟଣ
ମଦନ ମହାପଣ୍ଡ ଲତର ପଞ୍ଚଶିଖ ପଞ୍ଚ ଶିଖ ଦେ ମନ ।୨୫।

ଜମ୍ବୁନଦଜିତି ତନୁ କୃଶତନୁ ଜଳ
ଜଘନଘନ ସୁବିପୁଳ କଦଳୀ ଜମ ନାହିଁ ତିନ ଭୁବନ
ଜାଣି ଶମ୍ବର, ଚାରଣ ବାହନ ଭବନ
ଜଗତ ଜାଗିବ ଶିବ ଶିବକଣ୍ଠକ ମୃତ୍ୟୁଞ୍ଜୟ ଜୟ ସଦନ ।୨୬।

ଭଣ ଭଣ ରଥ ଚକ୍ର ଚକ୍ରବାକ ଯୁଗ କବା କୁମ୍ଭୀ କୁମ୍ଭକ
ଭଟ୍ଟ କଙ୍କଣୀ ନିତମ୍ବେ କ୍ୱଣ କ୍ୱଣ ତୋରଣ ଶୋଣ ଆରମ୍ଭକ
ତମ୍ୟ ମଧୁ ଛେ ସୁକଟୀ କର୍ଣ୍ଣୀରବ ସମ
ଭତ ରମଣ ରମଣୀୟ ଡ଼ମ୍ବରୁ ଡମ୍ବରୁଧରକୁ ଜଣିମ ।୨୭।

ବନରୁହ—ପଦ୍ମ, ଅଙ୍ଗୁଷ୍ଠ—ମୁଦ୍ଧ   ମୃତ୍ୟୁଞ୍ଜୟ—ଶିବ, ରଣରଣ—କାମଦେବ

Source: KC Dash, Digitized by PPRACHIN, SOA

ଲାବଣ୍ୟ ଝରୁ ଝରୁ ସ୍ମରୁ ଆରମ୍ଭ ରମ୍ଭାଙ୍କରୁ ଦମ୍ଭ ହରନ୍ତା
ଲିପ୍ସୁ କରି ସଦାଶିବ ସର୍ବାଶିବ ଦାସ୍ତ୍ରିମା ବଶରେ ବସନ୍ତା
ଲାସ୍ୟ ଲକ୍ଷିତ ଲକ୍ଷିତ ନାହିଁ ତ୍ରିଭୁବନ
ଲଳିତ ଚରଣେ ରଣିତ ହଂସକ ହଂସ କଳ କଳ ଯେସନ ।୨୮।

ବାରିଜ ରାଗ ନଖ ପଦାନ୍ତରାଜ ରାଜୀବ ସୁନ୍ଦର ଚରଣ
ବାଜେଣି ମଣି ନୂପୁର ପୁରନ୍ଦର ହରପରଶର ଶରଣ
ବର ଅବଳା, ବଳରେ ବିଶ୍ୱ ବିଶ୍ୱକେତୁ
ବିଜୟ କରି କରିବ ମୋରେ ବାମ ବାମନୟନା କାମହେତୁ ।୨୯।

ଶିବ ଶିବଦା ଶମ୍ବରାରି ଶରଣ ଶରଣ ଜନ ଉଦ୍ଧାରଣ
ଶରଣ ପଶିଲି ରମଣୀ ମଣି ହେ ସାରସ ସାରସ ଚରଣ
ଶୋକ ସଂହର, ହରଶପ୍ତ ଡରେ ପଳାଇ
ସୁକେଶୀ ପଦ ବିପଦ ବିଭଞ୍ଜନ ଭଜନେ ଜୀବନ ନ ଯାଉ ।୩୦।

ସାରଙ୍ଗପାଣି ସାରଙ୍ଗ ପାଣିଯୁଗ ଯୁଗଳ କରି ପହୁଁ ହସି
ଶୁଣି ସରୋଜାକ୍ଷୀ ସରୋଜାକ୍ଷି କୋଣେ ଚାହିଁଲ ମନ୍ଦ ମନ୍ଦ ହସି
ଶ୍ୟାମସୁନ୍ଦର, ସୁନ୍ଦର ସୁନ୍ଦରୀ ବଦନ
ଶଶୀ ଦେଖି ପ୍ରୀତି କାମ କାମ ତମ ଦୂରିତ ହୋଇଲେ ମୋଚନ ।୩୧।

ସାନନ୍ଦ ମନ ମନସିଜ ରସରେ ନେଲ୍ ନେଲ୍ ନନ୍ଦ ନନ୍ଦନ
ଶୁଭ୍ର ମୁଖୀ କରତଳ କରତଳେ ଧରି କଲେ ଅଙ୍ଗେ ନିଧାନ
ସୁଧା ଅଧର, ଅଧର ଚୁମ୍ବନେ ପଡ଼ିଲ
ସହଜେ ଭୁଜ ଭୁଜରେ ପଦେ ପଦ ପ୍ରବନ୍ଧ ବନ୍ଧନ ପଡ଼ିଲ ।୩୨।

ହୋଇ ଏକାନ୍ତ କାନ୍ତ କାନ୍ତ କାନ୍ତା ସୁହୃଦ ହୃଦସ୍ଥିର ପୀଡ଼ା
ହରି ହରିଣାକ୍ଷୀ ସହିତ ସଙ୍ଗରେ ହରି ଅଙ୍ଗତ ମନେ କ୍ରୀଡ଼ା
ହୃଦର ସ୍ଫୁଟିତ କଳା କଳାପ ବିସ୍ତାରିଲେ
ହଂସ ଗତି ମତି ବିଭୂଷଣ ବିଭୂଷଣ କରି ହରି ହରିଲେ ।୩୩।

କ୍ଷାଡ଼ଣ ଗ୍ରାମାର ଗାଣ ମାର ପାଶ ବିମୋଚନ ହୋଇ ଚଳିଲେ
କ୍ଷେମେଣ ତ[illegible] ନିକଟରେ କଦମ୍ବ କଦମ୍ବ କାନନେ ମିଳିଲେ
କ୍ଷମା ସାଗର, ମାରସଜୀବର ଚରଣ
ଛେଦନ ବିଷୟ ଆଶୀ ବିଷ ବିଷ ଗୋପୀ ଦାସ ପଶେ ଶରଣ ।୩୪।

Source: KC Dash, Digitized by PPRACHIN, SOA

ଆଦ୍ୟ ଭ୍ରାନ୍ତ ସମାନ ବର୍ଣ୍ଣନା ଚଉତିଶା

(ରାଗ ବରାଡ଼ି)

କାନ୍ତାମୋ କାନ୍ତ ତେଜତ କେତକୀ
କଟାକ୍ଷ ତୀର ମାର ନକେତ କ
କାଳ ଜାଣି ସେବଥିଲ ସେ ତାକୁ
କହୁଛି ଏତେକ
କହ ସୁଦକ୍ଷିକ ଦୁଷ୍ଟ କାରେକ । ୧ ।

କ୍ଷିତ ମଣ୍ଡଳ ମଣ୍ଡଳ ମୃଗାକ୍ଷୀ
କ୍ଷମା କରୁ ମୋ ଦୋଷ କ୍ଷୀଣକୁକ୍ଷି
କ୍ଷୋଭ ନ ଦେଲୁ ତରଳ କଟାକ୍ଷ
କ୍ଷଣେ ତା ବନ୍ଧୁ ମୋର କାହିଁ ରକ୍ଷା
କ୍ଷୁଦ୍ରଶର ଲକ୍ଷ
କ୍ଷଣେ କ୍ଷଣେ ମାରେ ହର ବିପକ୍ଷ । ୨ ।

ଖଞ୍ଜନନେତ୍ରା ଦେଇ ତେତେ ସୁଖ
ଖଳ ବୁଦ୍ଧିରେ ହୋଇଲ ବିମୁଖ
ଖେଦ ବଶରେ ମୁଁ ହୋଇଛି ଦୁଃଖୀ
ଖଣ୍ଡିଲ ପ୍ରେମ ଶଶଧର ମୁଖୀ
ଖୋଜ ମର୍ମ ଦେଖ
ଖରେ ମାର ମାରୁଅଛି ବିଶିଖ । ୩ ।

ହସ୍ତ ଧରୁଛି ତୁ କ୍ଷଣେ ନ ରହ
ହାଟକଗାତ୍ରୀ ଆଗେ ବେଗେ କହ
ହୋଇଲ ତା ବନ୍ଧୁ ଘୋର ବିରହ
ହର ପରଶରେ ଶୀର୍ଣ୍ଣ ମୋ ଦେହ
ହେଲଣି ଦୁଃସହ
ହରିଣନୟନା ନ ତେଜୁ ସ୍ନେହ । ୪ ।

ଗତକାଳେ ହନେ ମୋତେ ଅପାଙ୍ଗେ
ଗଜଗମନା ରହିଁଲ ବିଭଙ୍ଗେ

Source: KC Dash, Digitized by PPRACHIN, SOA

ଗାଢ଼େ ଆଶ୍ଳେଷ ତାର ମାଗୁ ମାଗୁ
ଗଲ ଅନ୍ତର ହୋଇ କ୍ଷଣେ ଆଗୁ
... ...
ଗଲ ତା ମନୁ କ୍ଷଣେ ଏତେ ବେଗ । ୫ ।

ସର୍ବେଜନସ୍ତମ୍ନା ହନେ ମୋ ପାଶେ
ସଭ୍ୱରେ ମିଳିଲ ମନ ହରଷେ
ସାତ୍ତ୍ୱିକ ବିକାରେ ହୋଇ ଅବଶ
ସ୍ନେହ ଭରେ ମୋତେ କଲ ଆଶ୍ଳେଷ
ସେ ହବସ ରସ
ସୁ ମୁଖୀ । ୬ ।

ଘର୍ମ-କର କର ଯେତେ ନଦାଘେ
ଘୋର ତାପ ମୋର ବଢ଼ିଲ ଘାଘେ
ଘେନ ଘନସ୍ତ ମାନ କରି ଲଘୁ
ଘନସ୍ତନୀ ମୋତେ ରଖୁ ଏ ଅଘୁ
ଘନକାମ ମେଘ
ଘୋର ବରଷେ ଶରମାର ଫଘ । ୭ ।

ଶଶୀକର ଶୀତ ଶରଦ ନଶି
ସଙ୍କେତ କରି ହନେ ଚୂରୁକେଶୀ
ସମୀପେ ମୋର ହୋଇଲ ପ୍ରବେଶ
ସିତ ବସନ ଚନ୍ଦନେ ସୁବେଶ
ସେ ମୋ ମନ ତୋଷି
ସ୍ନେହେ କେତେ ମୋତେ କହିଲ ହସି । ୮ ।

ନ ଘେନଇ କି ଲିତାଏ ତା ମନେ
ନଶିରେ ନଶାନାଥ-କର ହନେ
ନଳନାକ୍ଷୀକି କଲି ହବସନ
ନାନା ପ୍ରକାରେ କରି ରତମାନ
ନ ଘେନୁ ସେ ମାନ
ନବ କଶୋଷ୍ଣ ହେଉ ପରସନ । ୯ ।

କ୍ଷୀଣକୁକ୍ଷି — ଖୀଣୋଦରୀ; ଆଶ୍ଳେଷ — ଆଲିଙ୍ଗନ; ଅଘ - ପାପ; ସିତ—ଧଳା

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଜୟୁନ

ସୁମନଶରେ ପାଉଅଛୁ ତ୍ରାସ
ସାନ୍ତ୍ୱନା ପଠମା କରୁ ଆଶ୍ୱାସ
ସୁମୁଖୀ ମୋହର ପ୍ରାଣ ପରଶ
ସୁନ୍ଦର ପାଦଯୁଗେ ତା ମୁଁ ଦାସ
ସତେ ଯେନ ବେଷ
ସାଉଳ ସୁଖ ନବଗୃହ ଦୋଷ । ୧୦ ।

ଚୀନ କୁଟିଳ ପ୍ରଲମ୍ବ ସୁକଚ
ଚଉ ହର ଭୃଙ୍ଗ ପୃଥୁଳ କୁଚ
ଚଟାଇ ତା ଘନ ଦିବସ ବଞ୍ଚି
ଚନ୍ଦ ଚନ୍ଦ ଥାଇ କପୋଳେ ରଞ୍ଜି
ଗୁରୁ ମାଳା ସଞ୍ଚେ
ଚଭୁଜାମଣି ବାନ୍ଧିଥାଇ ଘଞ୍ଚେ । ୧୧ ।

ବାଳା ଯେ ମୋତେ ବେଷ ଯେନଥିବ
ହନନ୍ତ ଯାବେ ତା ଆଗେ କହିବ
ବୋଲିବୁ ନୋହିବୁ ପ୍ରସନ୍ନ ଯେବେ
ବାମା ତୋ କାନ୍ତ ଜାବ ଯିବ ତେବେ
ବେଗ ହୋଇ ଯିବ
ବୋଲଛୁ ଆଜ ନଷ୍ଟେ ଯେହି ହେବ । ୧୨ ।

ସ୍ଥିର କ କଥା ବାଳା ଯେନଅଛୁ
ଗୁଡ଼ୁଅଛୁ ମୋତେ ମନୁ ମୁରୁଛୁ
କ୍ଷଣ ମୋତେ ତା ହନୁ ଯୁଗ ଲକ୍ଷ
କ୍ଷମା ସିନ୍ଧୁ କରୁ ଦୁଃଖରୁ ମୋକ୍ଷ
କ୍ଷୁଦ୍ର ହଳଣାକ୍ଷୀ
ଛଇଳମଣି ସେ ରହୁ ଉପେକ୍ଷି । ୧୩ ।

ଲଜ ଗୁଡ଼ି ହନେ ଚୀନ କୁନ୍ତଳା
ଲପନ ଧରି ମୋର ଚୁମ୍ବ ଦେଲା
ଲଳିତଭୁଜେ ଆଲିଙ୍ଗନ କଲା
ଲଳନା ମଦନରସେ ମଜ୍ଜିଲା
ଲଜାଏ ତା ବୋଲୁ
ଲଭ ନ ପାରଇ ମୁଁ ଶିଶୁ କାନ୍ତୁଁ । ୧୪ ।

Source: KC Dash, Digitized by PPRACHIN, SOA

ଜାଣୁ ମଣି ବଦନେ ମଦନେ ମଜ୍ଜି
ଯେତେ ଭାବ କଲା ସାତ୍ତ୍ୱିକଭଜ
ଜମ୍ବୁନଦ କୁମ୍ଭ ସମ ଉରଜ
ଯତ୍ନେ ଦେଖାଇ ପୋଛି ମୁଖାମ୍ବୁଜ
ଯେତେ ପାଏ ଲଜ
ଜାଣଇ ଏକା ତାହା ମନସିଜ । ୧୫ ।

ରତିଲାଳସେ ବଦନେ କୃଶୋଦରୀ
ରମଣୀ ମଣି ମୋ ହୃଦୟୁ ହାରି
ରଜନୀ କାଳେ ଦେଖି ଚନ୍ଦ୍ରକର
ରତି ପତି ଶରେ ହୋଇ ଅଥିର
ରୁଚିର ଚତ୍ୱରେ
ରସିଲା ବିବିଧ ବନ୍ଧ ପ୍ରକାରେ । ୧୬ ।

ଝିଲ ନୟନୀ ମୋ ଦୋଷ ନ ବୁଝି
ଝାସିଲା କମ୍ପା ଯୋଉସିନ୍ଧୁ ମଝି
ଝାଡ଼ି ଯେସନେ ଲାଗି ବାତ ଝଞ୍ଜା
ଝି ଉଠୁ ମୋ … …
ଝମଣ୍ଟେ ସେ ଶିଝି
ଝିଲକ ଗୋଷ୍ଠୀ ପଛେ ଦୋଷ ବୁଝି ।୧୭।

ଯୁବତୀ ବଦନେ ଓଷ୍ଠ କରି ଗୋଜ
ଯାଚିଲା ଚୁମ୍ବ ଦୂର କରି ଲଜ
ଜାଣି ତା ମନ ମୁଁ ପୀନ ଉରଜେ
ଯତ୍ନେ କଲି ଘାତ ତୀକ୍ଷ୍ଣ କରଜେ
ଯାଅ ଦୂତୀ ଆଜ
ଜୀବ ବନ୍ଧୁରି ଧରି ପଦାମ୍ବୁଜ ।୧୮।

ନିକଟେ ନ ଦେଖିଲେ ତା ବଦନ
ନିମିଷେ ଥିର ନୁହଇ ନା ମନ
ନ ବୁଝି ମୋ ଦୋଷ ହେମ ବରଣୀ
ନିରାଶ ବଢ଼ିଲା କରୀ ଗମନୀ
ନ ସରଇ ଦିନ
ନିଷ୍ଠୁର ଶର ହାଣଇ ମଦନ ।୧୯।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ମୁନି ମୋହିନୀ ମାନ ଘନତମ
ମନନଭେ ଆଛାଦେ ସୁଖ ସୋମ
ମୋର ଅଳ୍ପ ଦୋଷ ନ କରି କ୍ଷମା
ମୋତେ ମନରୁ ଦୂର କଲ ରମା
ମୃଦୁହାସୀ ବାମା
ମନ୍ଦ ଗମନୀ ମୋ ନେତ୍ର ପ୍ରତିମା ।୨୦।

ଟାଣ କଟାକ୍ଷୀର ନୋହିଲେ ଭେଟ
ଟିକାଏ ମୋର ନ ଯିବନା କଷ୍ଟ
ଟଳିବ ଜୀବନ ଏହି ନିକଟେ
ଟାକି ତା ଭେଟ ଅଛି କଣ୍ଠତଟେ
ଟାଣେ କାମେ ଦୁଷ୍ଟ
ଟଙ୍କାର ଧନୁ ବିନ୍ଧେ ରେଷ ପୃଷ୍ଟ ।୨୧।

ଭୁରୁ ଶୋଭନୀର ବଦନ ଶୋଭା
ଭଗ୍ନ କରଇ ପୂର୍ଣ୍ଣ ଶଶୀ ପ୍ରଭା
ଭୁଜ ଯୁଗ ଜିତୁ ମୃଣାଳ ନଭ
ଭୂଶ ତୁଙ୍ଗ ସ୍ତନ କନକ କୁମ୍ଭ
ଭ୍ରମତନୁ ଆଭା
ଭାବିନୀ ଊରୁ ବିପଶିତ ରମ୍ଭା ।୨୨।

ଠଣ କନକ କମ୍ବୁ ସମ କଣ୍ଠ
ଠିକ ବିଦ୍ରୁମ ଖଣ୍ଡ ତୁଲ ଓଷ୍ଠ
ଠାଣି ନିତମ୍ବ ଜଘନାପ୍ତ ପୀଠ
ଠୂଳ ସବୁ ଶୋଭା ତା ପ୍ରଭା ପୃଷ୍ଠ
ଠିକେ ସ୍ଥାନ ଶ୍ରେଷ୍ଠ
ଠାବ କରିଅଛି ସ୍ମର ଗରିଷ୍ଠ ।୨୩।

ବିଧୁ ବଦନୀଙ୍କ ଯେବେ ଦେଖିବି
ବିଷମ ଶର ଦୁଃଖ ଉପେକ୍ଷିବି
ବିବିଧ ପ୍ରକାରେ ସୁଖ କରିବି
ବସନ୍ତେ ତାର ସଙ୍ଗେ ବିହରିବି
ବନ କେଳି ଭାବ
ବନଜନେତ୍ରା ଭେଟ୍ଟେ ପ୍ରବର୍ତ୍ତିବ ।୨୪।

Source: KC Dash, Digitized by PPRACHIN, SOA

ଡକାକର କାମ ଅତି ପ୍ରଚଣ୍ଡ
ଡ଼ାକ ଚନ୍ଦଣ କରେ ଖଣ୍ଡଖଣ୍ଡ
ଡମ୍ବରୁଧର ଶଶୀଖଣ୍ଡ ମୁଣ୍ଡ
ଡରେ ଡାକଇ ଅନଙ୍ଗେ ମୋ ଭୁଣ୍ଡ
ଡୋଳେ ବାଳା ଗଣ୍ଡ
ଡଗତେ ଯିବ ଦେଖି ଶୋଭାରୁଣ୍ଡ ।୧୫।

ଫାଟୁଛି ତନୁ ମୋ କାମାଗ୍ନି ବାମ୍ପେ
ସ୍ଫୁଟ ନୁହେ ବାଣୀ ଯେ ମନେ କମ୍ପେ
ସ୍ଫୁଟିତ ସଢ଼ଧ ଯେହ୍ନେ କଠୀ ଶିଫା
ଫୁଟିଛି ବାଳା ମୋ ହୃଦୟୁ ଗୁମ୍ଫା
ସ୍ଫୁଟ ତୋର ଗୁଲ୍ଫ
ସ୍ଫୁରେ ଭାବନ୍ତେ ତା ନେତ୍ର ଦ୍ୱିରେଫ ।୧୬।

ତମ କନ୍ତୁ ନାହିଁ ଅତ୍ୟନ୍ତ ପ୍ରୌଢ଼େ,
ତାଳ ବଢ଼ୁଛି ମାର ଶର ଗାଢେ
ତନୁଛି ଅଙ୍ଗମୋର ନୋହି କ୍ଷତ
ତାଳେ ବରହେ ମୁଁ ହୋଇଲି ମୃତ
ତାଳେରସ ଚୂତ
ତାଳେ ତେଜିଲ୍ଲ ଯେନ ଶ୍ରେଷବାଡ଼ ।୧୭।

ପଦ୍ମଳ ନେତ୍ରା ନାମ ଜପୁ ଜପୁ
ପୀଡ଼ାକରେ ମୋତେ ଶମ୍ବରରିପୁ
ପଙ୍କଜବଦନା କଲେ ଅନୁକମ୍ପା
ପାଇବ ଦେଖି ତାର ତନୁଶମ୍ପା
ପୂର୍ବେ କରି ତପ
ପାଇଛି ତ କୁ ସେ ନ କରୁ କୋପ ।୧୮।

ଏଣୀ ନୟନା ବନୁ କାମ ବାଣ
ଅନଙ୍ଗେ ବନ୍ଧମୋ ଘେନୁଛି ପ୍ରାଣ
ଅନ ଆପ୍ତ ମୁଁ ହୋଇଛି ଏଣେ
ଅମଳ ମୁଖୀ ସୁଖେ ଅଛି ତେଣେ
ଏହା ତୁ ନ ଜାଣୁ
ଅଧିକ ମୋତେ କରଥିଲ୍ଲ ପ୍ରାଣୁ ।୧୯।

Source: KC Dash, Digitized by PPRACHIN, SOA

ନିତ୍ୟ ତା ବଦନ କରଇ ଧ୍ୟାନ
ନ ସୁହାଇ ମୋତେ ଅଶନ ପାନ
ନିଶ୍ଚଳ ନୁହଇ କ୍ଷଣେ ହେଁ ମନ
ନିବିଡ଼ ବନ ସମାନ ସଦନ
ନିଷ୍ଠେ ତା ବଦନ
ନ ଦେଖିଲେ ଜୀବ ଯିବ ବହନ ।୩୦।

ତରୁଣୀ ମଣି ମୋ ମନେ ସନ୍ତତ
ତାପ ନ ହରୁଚ ଥାଇ ନିୟତ
ତପମାସ୍ମୁ ଗୋଷ୍ପ ଶୀତଳ ତତ୍ତ୍ୱେ
ତୃଟିଏ କମ୍ପା ନରଖଇ ମୋତେ
ତାକୁ କହ ଏତେ
ତନୁ ମୋ ବେଦନା ସହିବ କେତେ ।୩୧।

ଧରଣୀ ମଣ୍ଡନା କ ଅପରାଧ
ଧରିଛି ଦୁଃଖ ତା ଚଉକୁ ଶୋଧ
ଧରି ଚରଣ କରି ତାକୁ ବୋଧ
ଧୈର୍ଯ୍ୟ ନାଶମାର ଛଡ଼ାଅ କ୍ରୋଧ
ଧୀରାଧର ସୁଧା
ଧୀରେ ପାନ କରି ଛେଦିବ ବାଧା ।୩୨।

ସ୍ଥିରେ ଦେଖିଲେ ତାକୁ ନେତ୍ର ପଥେ
ସ୍ଥାନରେ ମୋ ଚିତ୍ତ ରହିବ ସୁସ୍ଥ
ସ୍ଥୂଳ ନିତମ୍ବିନୀ ମୁଖରୁ କଥା
ସ୍ଥିରେ ଶୁଣିଲେ ଛୁଟିବ ଏ ବ୍ୟଥା
ସ୍ଥୂଳେ ମୋ ଅବସ୍ଥା
ଥରେ ତାକୁ କହ ··· ··· ।୩୩।

ଦୁଃଖ ମୁଁ ତାର ଧରୁଅଛି ପାଦ
ଦମ୍ଭ ଧ୍ୱଂସନୀ ତେଣୁ ସେ ବିଷାଦ
ଦୁଷ୍ଟ ମଦନ ଶରୁ ଅପ୍ରମାଦେ
ଦେହ ମୁଁ ରଖଇ ବାଳା ପ୍ରସାଦେ
ଦୀନବନ୍ଧୁ ପାଦ
ଦିବ୍ୟ ରସରେ ଗୋକୁଳ ଆସ୍ୱାଦ ।୩୪।

ଦ୍ୱିରେଫ—ଭ୍ରମର, ଶମ୍ବରରିପୁ—କାମଦେବ

Source: KC Dash, Digitized by PPRACHIN, SOA

ଯମକ କଳ୍ପତରୁ ଚଉତିଶା

(ରାଗ– କଉଶିକ)

କାମିନୀ କଞ୍ଜକର ବରଦେ କଞ୍ଜକର ସୁମନକଟେ ବୃନ୍ଦାବନେ,
କହନ୍ତି କମଳଦ କୁନ୍ତଳା କମଳଦ ନିରେଖି କୋମଳ ବଚନେ,
ହେ ନବଘନ, କରଗମନ ମଧୁଦେଶ
କୃଷ୍ଣଙ୍କୁ କହିବୁ ସନ୍ଦେଶ
କାଳାନିଧି ବଦନ ନ ଦେଖି ରାଧାମନ ଘେନଇ କି ହରଷ ଲେଶ ।୧।

କ୍ଷଣକୁ କ୍ଷଣପ୍ରଭା ନାଶିଲା କ୍ଷଣପ୍ରଭା ପ୍ରିୟ ଏ ତୋର ପ୍ରଭା ଦେଖି
କ୍ଷଣକେ ସୀମନ୍ତିନୀ ହେଲେ ମତ୍ତ ମନ୍ଥିନୀ ଅଶ୍ରୁ ପୂରିତ ବେନି ଆଖି
ହେ ନବଘନ ! ଖରେ ଯାହାଙ୍କରୁ ନିନାଦ
ଖଣ୍ଡିବୁ ଆମ୍ଭର ଆନନ୍ଦ
କ୍ଷଣେ ଆମ୍ଭର ପ୍ରାଣ ନରଖିବୁ ପ୍ରମାଣ ଯେଣୁ ତୋ ନାମ ଜୀବାନନ୍ଦ ।୨।

ଗଙ୍ଗାଧର ଅହିତ ରୁଚିଧର ଅହିତ ମହା ବିବାଦରୁ ଛାଡିଲେ
ଗୋକୁଳ କୁଳପତି ଲାଗିଣ କୁଳପତି ତେଜିଲେ ସୁଦୟାନୋହିଲେ
ହେ ନବଘନ, ଗର୍ବ ବହୁଅଛୁ ଦୁର୍ଜନ,
ଗାଢ଼େ କରୁଅଛୁ ଗର୍ଜନ
ଗହନ ପ୍ରିୟ କଣ୍ଠ ନାଶିବାରେ ପ୍ରକଟ ଆଜ ରଖିବୁ କେଉଁ ଜନ ।୩।

ଘଟଣ ଘନସାର ଶ୍ରୀଅଙ୍ଗ ଘନସାର ସ୍ମିତ ନ ଦେଖି ମଲୁଁ ଝୁରି,
ଘଡ଼ିକ ଯୁଗଶତ ତା ପାଦ ଯୁଗଶତ ପଦ୍ମ ମଧୁପ ବ୍ରଜ ନାରୀ
ହେ ନବଘନ, ଘାଣ୍ଟି ହେଉଅଛୁ ବିଗ୍ରହ
ଘନରୁ କରୁଛୁ ନିଗ୍ରହ
ଘନଘନରୁ ଯେଣୁ ପ୍ରାଣ ନାଶିବା ଜାଣୁ କ୍ଷମା କରିବୁ ଅନୁଗ୍ରହ ? ।୪।

ନବ ପୁଷ୍କର ଧର ଆହେ ପୁଷ୍କରଧର ଯୋଡିଛୁ ପ୍ରତାପ ଦେଖାଇ
ନବ ପୁଷ୍କର ରୁଚି କର ପୁଷ୍କରରୁଚି ନେତ୍ରକୁ କହ ଆମ୍ଭ ପାଇଁ
ହେ ନବଘନ, ନିବାରିକଲେ ନାରାୟଣ
ନୃହରୁ ଆମ୍ଭରେ ଦାରୁଣ
ନିଶ୍ଚେ ଜଗତ ପ୍ରାଣ ଯେଣୁ ତୋ ଗତି ଜାଣ ତେଣୁ ତୁ ନେବୁ ଆମ୍ଭ ପ୍ରାଣ ।୫।

କମଳଦ—ମେଘ, ଗହନ ପ୍ରିୟ କଣ୍ଠ—କୋକିଳ କଣ୍ଠ

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଚଳଚଞ୍ଚଳାପ୍ରିୟ ପାଶେ ଚଞ୍ଚଳା ପ୍ରିୟ ତା ତନୁ କରୁଛି ଶରୀର,
ଚନ୍ଦନ ସୁଧାକର ଗରଳ ସୁଧାକର ଅନଳ ବିଷ ବିଷଧର
ହେ ନବଘନ,···ହେ ଅଚିନ୍ତ ଶ୍ରୀବତ୍ସି
ଚୁମ୍ବିଲେ ନ ଦିଶଇ କାନ୍ତି
ଚନ୍ଦ୍ରଧର ନୟନ ଗୁଣ୍ଡ୍ରଶାକ ସମାନ ତେଣୁ ତନୁକୁ ବିଦାରୁଛି ।୬।

ଛୁଡ଼ନ୍ତୁ ଘନରସ ଛୁଡ଼ନ୍ତୁ ଘନରସ ତେଣୁ ଆମ୍ଭର ହେଲୁ ପ୍ରୀତି
ଛଦ୍ମ ଭୁବନ ନିଧି ସର୍ବ ଭୁବନ ନିଧି ଛାମୁରେ କହ ଆମ୍ଭ ସ୍ତୁତି
ହେ ନବଘନ, ଛଇଳବର ଉପକାରୀ
ଛୁଡ଼ିଲେ କମ୍ପାଇ ବିକାରି
ଛେଦିବେ ଆମ୍ଭତନୁ କାଳନ୍ଦୀ ବନ୍ଧୁ ଯେଣୁ ପ୍ରାଣ ନେବାକୁ ଅଧିକାରୀ ।୭

ଯାଅ ସାରଙ୍ଗ ପ୍ରିୟ ପାଶେ ସାରଙ୍ଗ ପ୍ରିୟ ଆମ୍ଭ ବିନୟ ବାଣୀ ଘେନ,
ଯତନେ କମ୍ବୁଧର ଛାମୁରେ ଅମ୍ବୁଧର ଜଣାଅ ମରିବେ ଗୋପିମାନ
ହେ ନବଘନ, ଜଗବନ୍ଧୁ ତେଜିଲେ ଭାବ,
ଜୀବ ଥିବାର ପରାଭବ,
ଯେଣୁ ସେ ମଧୁପୁର ପ୍ରୀତିରେ ସୁନ୍ଦରୀର ଗତି ନଥିବା ତା ସ୍ୱଭାବ ।୮।

ଝମଟେ ଶ୍ରୀନିବାସ ବଦନ ଶ୍ରୀନିବାସ ଦରଶନ ଦେବାକୁ କହ
ଝିଙ୍ଗିବ ରତିନାଥ ଶର୍ବ ସୁରତି ନାଥ ନିକଟକୁ ଚଳ ନ ରହ
ହେ ନବଘନ, ଝାଡ଼ିରସିକ ନଗିରିକରି
ଝଳ ବରନଗଲ ଝରି
ଝଗଡ଼ାରେ ଅବଶ୍ୟ ତନୁ କରିବୁ ନାଶ ଧାରାଧର ଶୁଣ ବିସ୍ତାରି ।୯।

ନବ ଅମୃତ ପଦ ଛବି ଅମୃତ ପଦ ସକାଶୁ ସରିବୁ ଯୁବତୀ
ନାରାୟଣ ମୋହ ପାଶ ତେଜିଲେ ମୋହ ପାଶ ପ୍ରାପ୍ୟେ ତାରକପଟ ପ୍ରୀତି
ହେ ନବଘନ,··· ··· ···ହାର
ନାହାନ୍ତି ହୃଦୟ ବାହାର
ମାରଦ ଯେଣୁ ଅସମର୍ଥ କୋମଳତନୁ ନିଷ୍ଠୟେ କରିବୁ ଆହାର ।୧୦।

ଟାଣ ଦରଖଣ୍ଡନ ମହା ଦରଖଣ୍ଡନ କମ୍ପା ଏଡ଼େ ନିଷ୍ଠୁର ହେଲେ
ଟାଳିଲେ ରସହରି ନେଲେ ହରଷ ହରି କଂସ କଟକରେ ରହିଲେ
ହେ ନବଘନ, ଟଙ୍କାର ପ୍ରାୟେ···,
ଟେକରଣ ପାଞ୍ଚିରୁ ଘନ,
ଟିକାଏ ନ ରଖିବୁ ନିଶ୍ଚେ ଜୀବନ ନେବୁ ନଗ୍ନଜନ୍ତୁ କବନ୍ଧମାନ ।୧୧।

ପ୍ରଦର୍ଶକ — ଶ୍ୱେତପଦ୍ମ

Source: KC Dash, Digitized by PPRACHIN, SOA

ଠାକୁର ବୃନ୍ଦାରକ ବନ୍ଦନ ବୃନ୍ଦାରକ ବନ୍ଦନ କସୁଖ ନ ଦେଲେ
ଠିକେ ସେବକ ଜନ ଥିଲେ ସେବକ କର ଖଣ୍ଡନ ଘଟଣ ନ ଘେନଲେ
ହେ ନବଘନ, ଠିକ ନୋହିଲୁ ତୁ ବାରଦ
ଠକ ବଗୁର ଛୋ ଧର୍ମଦ
ଠିକ ପଦ୍ମିନୀ ବନ୍ଧୁ ଗିଳିଲୁ ଯେଣୁ କର ବନରେ ତେଣୁ ତୁ ଦୁଃଖଦ । ୧୨ ।

ଡକାଇତ ମନ୍ମଥ କେତନ ସ୍ମରକର ପ୍ରିୟ ନାଶୁଅଛୁ ଶରୀର,
ଡାକ କୁଟିଳ କେଶୀ ନନ୍ଦେ କୁଟିଳ କେଶୀ ରିପୁକୁ କହ ଆମ୍ଭ ଗିର
ହେ ନବଘନ, ଡରଡ଼ର ସେବିଲୁ ଭଲେ
ଡୋଳା ପ୍ରତିମା ଏହାକଲେ,
ଡଙ୍କଂବେ ଆମ୍ଭ ପ୍ରାଣ ଚନ୍ଦ୍ରୀନାମ ପ୍ରମାଣ ପ୍ରକାଶ ଅବମ୍ପ ମଣ୍ଡଳେ ।୧୩।

ଢଳୁଛି ଅପଘନ ଢାଳୁଛୁ ଅପଘନ ଆମ୍ଭର ନଦେନ୍ଦୁ ଶରଣ
ଢାଳଲେହେଁ ବନ୍ଧୁଜୀବ ଅଧର ବନ୍ଧୁଜୀବନକ ନେଇ ହେଲେ ଦାରୁଣ
ହେ ନବଘନ, ଢୋଳନ୍ତୁ ଅଧର ପୀୟୂଷ
ତମ ନୂହଇ ଅବଶ୍ୟାସୀ ଅଟଇ ମହାଭୋଗୀ ହେବାରୁ ପୀତବାସ ।୧୪।

ଅଚ୍ୟୁତ ବସୁମଣ୍ଡ ସୁଖପ୍ରଦ ସୁମନ୍ତ ଚଉରେ ଥିଲେ ଆମ୍ଭ ପ୍ରାଣ,
ଅପରାଧ ତିଳକ କରିଥିଲେ ତିଳକ କରନ୍ତେନ ଜୀବନ ନାଶ,
ହେ ନବଘନ, ଅନ୍ତନସ୍ତୁର ସଦୁଷାର
ଅସୁର କରିବେ ସଂହାର
ଅରରେ ମ୍ରିୟବନ୍ତ ତେଣୁ ସେ ମିତ୍ରଜନେ କମ୍ପା କରିବେ ଉପକାର ।୧୫।

ତରୁଣୀ କୁନ୍ଦଦନ୍ତୀ ପ୍ରିୟ କୁମୁଦ ଦନ୍ତୀ ବର ନିସ୍ତାରଣ ଚତୁର,
ତ୍ରିଭୁବନ ସାରସ ଦସ୍ୟାତନୁ ସାରସ ଭକ୍ଷଣ ଅମ୍ଭରେ ନିସ୍ତୁର,
ହେ ନବଘନ, ତାର ତାମରସ ଚରଣ
ସ୍ତନର ଅମୂଲ୍ୟ ଭୂଷଣ
ତେତେଡକରି ଭଜଲେ ହରିଶର ହୋଇଲେ ଯେଣୁ ସେ ବିପକ୍ଷ ପ୍ରମାଣ ।୧୬।

ସ୍ଥାଣୁତପ ଭଞ୍ଜନ ସାପୁକ ପ୍ରଭଞ୍ଜନ ଶାଖା ପ୍ରାପ୍ୟେକ ଦାହକର
ସ୍ଥିର ମନ୍ତରେ ସୁର ନନ୍ଦମାର୍ଗରେ ସୁର ସୁନ୍ଦର ସଙ୍ଗ ଯେଣୁ ଦୂର

ସାରଙ୍ଗ ପ୍ରିୟ---ବଂଶୀପ୍ରିୟ ଶ୍ରୀକୃଷ୍ଣ   ବନ୍ଧୁଜୀବ---ବଧୁଲି

Source: KC Dash, Digitized by PPRACHIN, SOA

ହେ ନବଘନ, ଥୟ ହୋଇ ଚିତ୍ତ ଆମ୍ଭର
ଥୋଣ୍ଟ ଗ୍ରନ୍ଥ ହେଲେ ଅନ୍ତ
ସ୍ଥୂଳ ଲାବଣ୍ୟ ଅଙ୍ଗ ଲଗିଜଳ ଯାଉଛି ଯେଣୁ ସେ ସରସିଜ ଜର ।୧୭।

ଦେଖି ବାଣ ଛାନ୍ଦଙ୍ଗ ତରବାରି ତରଙ୍ଗ କରୁଅଛି କୁସୁମ ଗୁପ
ଦୂତୀତେହେଁ ସାଧାରଣ କରୁଛି ସାଧାରଣ ନୁହଇ ତାହାର ପ୍ରତାପ
ହେ ନବଘନ, ଦାରୁଣ ବିଷମ ବିଶିଖ
ଦେଉଛି ଅତିଶୟେ ଦୁଃଖ
ଦେଖିବ କମ୍ପା ଆମ୍ଭ ଶୁଭରତ ବଲ୍ଲଭ ଶିବ ଅପ୍ରୀତି ସେ ପ୍ରତ୍ୟକ୍ଷ ।୧୮।

ଧିକ ଦୁର୍ବଳତନୁ ଯେମନ୍ତ ବଳତନୁ ବଳ ଅନୁଜଙ୍କୁ ନ ଦେଖି,
ଧନ୍ୟହେ ଫୁଲଶର ବନ୍ଧୁଛି ଫୁଲଶର ଅରକ୍ଷିତ ଅବଳା ଦେଖି,
ହେ ନବଘନ, ରାଧିକା ଫୁଲଯେ କାର୍ମୁକ,
ଧଣରୁ ଅବଧ ପାତକ
ଧାତା ଘଟନ ସର୍ବ ଅଶ କରୁଛି ତୋତେ ପ୍ରିୟ ତୋ ହୋଇ କେଉଁଲୋକ ।୧୯।

ନୁହ ମୀନକେତନ ଦୁଃଖଦ କେତନ ଆମ୍ଭଙ୍କୁ ଗହନ ସମାନ,
ନାଶିବୁ ଅପସର ପାଉଛୁ ଅପସର ପାଶରୁ ନକର ବନ୍ଧନ,
ହେ ଫୁଲଶର, ନବାଶ ନୁନ ପଞ୍ଚବାଣ
ନନ୍ଦ······,
ନଷ୍ଟେ ତୁ ବଧୂପ୍ରିୟ ଯେଣୁ ତୋର ହୃଦୟ ଆମ୍ଭ ବିଷୟରେ ଦାରୁଣ ।୨୦।

ପରମ ପ୍ରୀତି ଆଶା ନଧିକ ପ୍ରତିଆଶା ମଣ୍ଡନ କହ ଯାଇ ବେଗ
ପ୍ରମାଦ ପଞ୍ଚଶର କର୍ତ୍ତ ପ୍ରପଞ୍ଚ ଶର ମଥ କଣ ଆମ୍ଭର ଅଙ୍ଗ,
ହେ ନବଘନ, ପ୍ରତି ମଣ୍ଡନ ଥିଲୁ କଣ
ପ୍ରାଣ ସମ··· ··· ···,
ପ୍ରିୟ କର ଭଜଲେ ଧନ୍ୟା କମ୍ପା କରିବେ ଯେଣୁସେ ଅଟନ୍ତି ସଭଙ୍ଗ ।୨୧।

ଫୁଲ କୋଦଣ୍ଡ ଧର ସକାଶୁ ଦଣ୍ଡଧର ନେବାର ହେଲନ୍ତ ନୟୂତ
ଫାଉଲେ ବ୍ରଜବର କର୍ଣ୍ଣିମ ବ୍ରଜବନ ଛନ୍ଦୁ ବଚନରେ ଅତ୍ୟନ୍ତ,

ସଦାଗତ—ପବନ, ଆଭୀରୀ—ଗୋପୀ ତ୍ରିବିଷ୍ଟପ—ସ୍ୱର୍ଗ, ଝଷ—ମୀନ

Source: KC Dash, Digitized by PPRACHIN, SOA

ନବଘନ, ଫୁରୁଣା ହାଟଲୁ ଆଭରଣ
ଫଳେ ଦୁଃଖ ଲଭିଲୁ ନାରୀ
ଫୁଲ୍ଲ କମଳ ମୁଖ ଚନ୍ଦ୍ରହାସ ସକାଶୁ ଶରୀର ହେଉଛି ହାର ।୨୨।

କଳା ବିପିନ ବାସ ଅନ୍ତର ମୀନବାସ ଖଣ୍ଡିଲେ ନ ଛାଡ଼ିଲ ଦୋଷ,
ଖଧୂ ବନ୍ଧୁର ଛଦ ସଙ୍ଗ ବନ୍ଧୁକ ଛଦ ଆମ୍ଭ ନୟନ ସୁଖ ବାସ
ହେ ନବଘନ, ବନମାଳୀ ନୟନ ଅନ୍ତ
ବାମା କୁଳକୁ ହେଲା କୃତ
ବିନାଶ କରୁଅଛି ତନୁକୁ ଶ୍ୟେନମତ ଅପାଙ୍ଗ ହୋଇଛି ଉଚିତ ।୨୩।

ଭଗ୍ନ ଅଞ୍ଜନରୁଚି ସୁଜନଜନ ରୁଚି କୃଷ୍ଣ ବିରହେ ନାରୀକୁଳ;
ଭ୍ରମର କଳ କଳ ଶୁଣି ସକଳ କଳକଣ୍ଠ ବାଣୀ ଅତି ବ୍ୟାକୁଳ,
ସେ ଗୋପୀମାନେ, ଭୟରେ ହୋଇ ଛନଛନ,
ଭୃଙ୍ଗକୁ କହନ୍ତି ବଚନ,
ଛଳେ ଜାଣିଲୁ ଶିଳୀମୁଖ ତନୁକୁ ଦୁଃଖ ଦେବାର ଉଚିତ ବିଧାନ ।୨୪

ମିଳନ୍ଦ ସରସ୍ୱତୀ ଶୁଣି ତା ସରସ୍ୱତୀ ପନ୍ଥ ବିରହେ ବାମା ଦୁଃଖୀ
ମଦା ବିପତ୍ତି ଯେଣୁ କହନ୍ତି ପନ୍ଥ ଯେଣୁ ଏଦଶା ଲଭିଲୁ ସୁମୁଖୀ ।
ହେ ମଧୁକର, ମଧୁ ରସରେ ମତ୍ତ ହୋଇ
ମରୁ···ବା ବାଳ ହେଉଛ,
ମଧୁବ୍ରତକୁ ଯେଣୁ ତୋର ବଚନ ତେଣୁ ନଷ୍ଟ ଗୁଣ୍ଠିବା ନ ଯୋଗାଇ ।୨୫।

ଯାନ୍ତି ଜଗତ ପ୍ରାଣ ଲଗନ୍ତେ ଗତପ୍ରାଣ ପ୍ରାୟେ ହୋଇ କହନ୍ତି ଗିର
ଜାଣିଛୁ ସଦାଗତି ଯେଣୁ ସଦାଗତି ଆମ୍ଭରେ ନିବାଶ ନକର,
ହେ ଗନ୍ଧବହ, ଜଳୁଛି ମଦନ ଅନଳ,
··· ··· ···ଅନିଳ,
ଜାଣିଲୁ ନାରୀକୁଳ ଆଶୁଗ ନାମତୋର କଥା ନକରିବୁ ନିର୍ମୂଳ ।୨୬।

ରସିକ ଶୃଙ୍ଗାରମଣି ମଣି ରୁଚିର ମଣି ମୋହନ ରମଣୀୟ ଅଙ୍ଗ
ରସାଧର କଣ୍ଟକ ତେଜ ମଧୁକଣ୍ଟକ ନାଶରେ ହୋଇଲେ ସଙ୍ଗ
ହେ ଗନ୍ଧବହ, ରମଣ ବିହୀନେ ଆଭରଣ,
ଗ୍ରହ ବନ ମରୁଛୁ ଘୂର
ରସାତଳେ ଆମ୍ଭଙ୍କୁ ନରଖିବୁ ନିଷ୍ଠୁରେ ଅଛୁ ତୁ ମନ୍ଦଗୁଣ ଧର ।୨୭।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଲଳିତ ଶିଖାନଳ ବାଣରେ ଶିଖାନଳ ମଦନେ ବଢ଼ାଇଲେ ନାଥ
ଲକ୍ଷ୍ମୀଭବନ ଭବବଦନ ବନଭବ ଚରଣ ମନେ ଧ୍ୟାନ କରି
ହେ ନୀଳକଣ୍ଠ, ଲାବଣ୍ୟନିଧି ହେଲେ ଦୂର,
ଲଳନା ଚିନ୍ତାରେ ବିଧୂର
ଲଘୁବିଗ୍ରହ ଶିଖି ଅଛୁ ତୁ କାହୁଁ ଶିଖି ହେବାର ଦହୁଛୁ ଶରୀର ।୨୮।

ବାମା ସକଳେବର ଚିନ୍ତାରେ କଳେବର ନିରତେ ହୋଇଅଛି ଦଗ୍ଧ
ବିଷମ ସମ୍ଭାରତି ତୋହର ପ୍ରଭାରତି ରୋଗକୁ ଜଣାଅ ବିରସ୍ତି
ହେ ନୀଳକଣ୍ଠ, ବଚନେ କରୁଛି ନିସଣ
ବଡ଼ ବ୍ୟାକୁଳ ନାଥ ହଂସ
ବେଦନା ନ ଦେଖିବୁ ନଶୁଣିବୁ ନିପୂତ ଚକ୍ଷୁ ଶ୍ରବଣ କଲୁ ଗ୍ରାସ ।୨୯।

ଶୁଣ ସର୍ବତୋମୁଖ ଧରି ସର୍ବତୋ ମୁଖ ଅତି ହରିଲ ସର୍ବସୁଖ
ସର୍ବ ହତେ ଶୀକର ଦେଉଛୁ ରଶ୍ମି କରି ପ୍ରୀତି ଦେଲୁ ଆମ୍ଭରେ ଦୁଃଖ
ହେ ନବଘନ, ସୁହୃଦୟ ନୋହୁଁ ତୁ ଘନ ।
ଶୁଣି............ବଚନ
ସର୍ବ ଜାଣିଲୁ ଯେଣୁ ଅନନ୍ତ ଲୁଚାଇଲୁ ନିଷ୍ଠେ ନାଶିବୁ ଗୋପୀଜନ ।୩୦।

ସକଳ ଦିବିଷଦ ପଥ ଯେଣୁ ବିଷଦ ହୋଇ ନାଥ ସସ୍ପୃହରେ
ଶ୍ୟାମଘନ ବିଷଦ ପଦ୍ମନେତ୍ର ବିଷଦ ଆତ୍ମା ଥିଲେ କି ଏ କାଳରେ
ହେ ନବଘନ, ସବୁ ହୃଦେ ଯାଇଛୁ ବ୍ୟାପି
ସଦାଶିବୁ ନିଷ୍ଠୁରେ...... ।
ସକଳ ଉପୁଖିରୁ କଳରେ ତେଜ ଅଛୁ ଯେଣୁ ହୋଇଛୁ କାମରୂପୀ ।୩୧।

ସୁମନସ ରଞ୍ଜନ ସୁମନସ ଭଞ୍ଜନ ପକାଇଲେ ଚିନ୍ତାସାଗରେ
ସତ୍ୟଭାମା ମଣ୍ଡନ ସତ୍ୟଭାମା ମଣ୍ଡନ ମିଥ୍ୟା ଭାଷୀ ହେଲେ ଆମ୍ଭରେ ।
ହେ ନବଘନ, ସଂସାର ମାରୁ ନନ୍ଦବାଳ
ସବୁ ବିପତ୍ତି କଲେ ଠୁଳ ।
ଶ୍ରୀଧରଙ୍କୁ ବିଶ୍ୱାସ ହେଲୁ ସ୍ନେହ ବଢ଼ାଇ କ୍ଷେମ ପାଇଲୁ ପ୍ରତିଫଳ ।୩୨।

ହରିତ ଆଚ୍ଛାଦନ ହରିତ ଆଚ୍ଛାଦନ ଶତ୍ରୁ ହାତରେ ଗଲେ ଦେଇ
ହରଷରେ ଅତନୁ କରେ ସରେ ଅତନୁ ଯେଣୁ ତାଙ୍କର ଦୟା ନାହିଁ,

Source: KC Dash, Digitized by PPRACHIN, SOA

ହେ ନବଘନ, ହଳୀ ଅନୁଜ ଜେତା ଦୂର
ହୃଦୟ ହୋଉଛି ଅଥିର
ହରି ଆଜ କାହାରେ ଦୟା କରିବେ ସେତ ଅନନ୍ତ ପୁଣ୍ୟଜନ ହର ।୩୩

କ୍ଷମାନିଧି ନବଘନ ଚନ୍ଦ୍ରା ଯାମିମାରସ ହୃଦୟ ହେଉଛି ବଦାର
କ୍ଷଣେ ହେଁ ଦରଶନ ନାହିଁ ନ ଦରଶନ କଲେ ନାଶକୁଳରେ ହର
ହେ ମହାପ୍ରଭୁ, କ୍ଷମା କରିବା ମୋର ଦୋଷ
କ୍ଷୁଦ୍ର ଦୁର୍ଗତି ରାମଦାସ
କ୍ଷଣକୁ କ୍ଷଣ ଆଶ କରୁ ଅଛି ମାନସ ହଂସ ମୋର ମାନସହଂସ ।୩୪।

Source: KC Dash, Digitized by PPRACHIN, SOA

ଯମକଶେଖର ଚଉତିଶା

(ରାଗ—ଚେହୁଗୀ)

କୃଷ୍ଣ ଅଧରେ ଅଞ୍ଜନ   ଦେଖିଣ ଝୁରୁ ଖଞ୍ଜନ
ଲୋଚନା ହସନ୍ତି ସ୍ୱର୍ଣ୍ଣ ବରଣା ରାଧା
କୁଚମାନ ପ୍ରଭଞ୍ଜନ   ହରଷ ଚରୁ ଭଞ୍ଜନ
ଗୃହିଁ ଜଗତରଞ୍ଜନ ବହିଲେ ବାଧା
କନ୍ଦର୍ପରେ ମନ ଝଛନ୍ତି
କହନ୍ତି ହୋଇ ନମ୍ର ବିନମ୍ର ବଚନ ।୧।

ଖଣ୍ଡ ମୋହଠାରେ ଦୟା   କି ଦୋଷରେ ସୁହୃଦୟା
ମଜ୍ଜନ ହୋଇଛୁ ଦୟାନିଧି ସଙ୍ଗାତ
ଖଚନ୍ଦ୍ରେନ୍ଦୁ ଶେଖର ବାମ   ଦହେ ତନୁ କର ବାମ
ଦୈବଯୋଗ ହାସ୍ୟ ବାମ ନେତ୍ରାନ୍ତପାତ
ଖଳ କାମ କାଣ୍ଡର ଭୟେ
ଖଣ୍ଡିବ ଚନ୍ଦ୍ରବଦନା ବେଦନାଚୟେ ।୨।

ଗୁଣମଣି ରମାବର   ପୂଜନ୍ତ ଗଜସ୍କନ୍ଧର
ମାଗୁଛି ମୁଁ ତୋତେ ବରକରି ଯୁବତୀ
ଗତର ତୋ ଯେତେ ରତ୍ନ   ସେ ଜନତରେ କାରନ୍ତ
ପକାଉଛି ରତ୍ନ ରଚ ରଖ ସୁଗନ୍ଧ
ଗାଢ଼ମାନ ଝରୁ ଭୁ ଘୁଞ୍ଚ
ଗଳାର ମୋ ରତ୍ନମାଳ ମାଣିକ୍ୟ ମୁଞ୍ଜ ।୩।

ଘଟଣ ସ୍ୱଘନ ସାର   କେଶୀ କନ୍ଦ ଘନଧାର-
ହାସୀ ଘନଘନ ସାର ଗତି ସୂଚନ୍ତୁ,
ଘେନିବାକୁ ତୋର ମାନ   ମୋ ଅଙ୍ଗେ ନିର୍ଭର ମାନ
କରି ଖଣ୍ଡ ଶରମାନ କୁସୁମ ଧନୁ
ଘୋଡ଼ାଅ ତୋ ସ୍ନେହେ ମୋ ଅଙ୍ଗ
ଘେନିଲେ କବଚ କରି କରିବ ଭଙ୍ଗ ।୪।

ଖଚନ୍ଦ୍ରେନ୍ଦୁ ଶେଖରବାମ — କାମଦେବ

Source: KC Dash, Digitized by PPRACHIN, SOA

ନିର୍ମଳ ଚନ୍ଦ୍ର ବଦନା		ବରକ ବୀଜ ରଦନା
କନ୍ଦର୍ପ କେଳି ସଦନା ଶ୍ୟାମା ରମଣୀ
ନତନୁ ସୁଖ ଆକରେ		ପ୍ରିୟେ ନିଜ ସେବକରେ
ଥିଲେ ଦୋଷ କ୍ଷମାକର ସୁବର୍ଣ୍ଣମଣି
ନିଜ ଦାସ ମନରେ ଖେଦ
।୫।

ଚାରୁ ଚନ୍ଦ୍ର ଗୋଷ୍ଠଭାନୁ		ସୁତ ବିମ୍ବାଧର ଭାନୁ
ମିଶ୍ର ନେତ୍ରୀ ବୃଷଭାନୁ ପୁତ୍ରୀ ସ୍ୱଭାବେ
ଚନ୍ଦ୍ର ମୁଖୀ ଦେଖି ଚନ୍ଦ୍ର		ନାଡ଼ ହୋଇଅଛି ଚନ୍ଦ୍ର
ନ ରୁଚେ ବଚନ ଚନ୍ଦ୍ର ତୋର ଅଭାବେ
।୬।

ଛଇଳ ବରଣୀ ବର		କର୍ଣ୍ଣିକୁ ମୋତେ ଆଦର
କରି ତେଜ ମାନଦର ହାସିମା ମନୁ
ଛଳ ନୁହେଁରେ ସୁତନୁ		ଟିକି ଟିକି କରି ତନୁ
କାଟୁଛି ମୋର ଅତନୁ ତୋର ବିମନୁ
ଛନ୍ଦ ଭୁଜେ କିଶୋର ଚାପ
ଛାଡ଼ୁ ମୋ ମନରୁ ମନରୁ ହଂସ ଚାପ ।୭।

ଜାଣୁ ମଣି ମୋ ଜୀବନ		ପୂର୍ଣ୍ଣ ପ୍ରଫୁଲ୍ଲ ଜୀବନ
ଜୁହ ବଦନୀ ଜୀବନଧର ସୁକେଶୀ
ଯେସନ୍ତ ମୀନର ଜୀବନ		ବିନା ବିକଳ ଜୀବନ
ମୁଁ ତେସନ୍ତେ ଶଶୀ ଜୀବନ ରଖ ସୁବେଶୀ
ଯେବେ ଦୋଷ କଲି ଉପେଖି
ଜାତ କନକ ବରଣୀ କରୁଣା ରଖ ।୮।

ଝିନ ବସନୀ ସାରଙ୍ଗ		ବଦନ ଶୋଭ ସାରଙ୍ଗ
ସମ ଦେଖି ତା ସାରଙ୍ଗ ଦହେ ମୋ ଚିତ୍ତ
ଝଷନେତ୍ରୀ ବିମ୍ବାଧରୀ		ଝନା ଦୋଷେ ମାନ ଧରି
ନିଜ ଦାସ ନ ଉଦ୍ଧର ସ୍ନେହ ଉଚିତ
ଝଟିତି ମୋ ଘେନ ଦଇନ
ଝଳା ଗଉସି ଗଉସି ପତି ମୋହିମା ।୯।

ଦରକଣ୍ଠୀ—ଶଙ୍ଖକଣ୍ଠୀ

Source: KC Dash, Digitized by PPRACHIN, SOA

ନାୟକ ଠାରେ ବିମୁଖ   ହୋଇ ଯେ ନଚେଁକୁ ମୁଖ
କିସେ ପଞ୍ଚଶିଳୀ ମୁଖ ଛୋଟେ ନ ବାଧେ
ନାଗରୀ ନାସି ରତନ   ନ ଯେନୁ ଗଲେ ରତନ
ହାର ଭୁଜ କେ ରତନ ଛନ୍ଦୁରେ ଗାଧେ
ନ କଲେ ତୋ ଦୟା ହୃଦରେ
ନ ରଖି ପାରିବ ତନୁ ବିତନୁ ଶରେ ।୧୦।

ଚେକ କାନ୍ତରେ ଚଞ୍ଚଳା—   ଜିତା ନେହାନ୍ତ ଚଞ୍ଚଳା
ତୁ ମୋର ସର୍ବ ଚଞ୍ଚଳା ରମଣୀବର,
ଟାକ ମାନସରୁ··· ···   ··· ···ସରୁ
ବସନ୍ତ ମଦନ ସରୁ ରକ୍ଷା ତୁ କର
ଟିକାଏ ତୋ ସେନେହ ବହ
ଚେକ ତୋ ସରସ ରସ ବଦନ କହ ।୧୧।

ଠାଠିକ ତୋ କୁଚଯୁଗ   ବସିକର କେତେ ଯୁଗ
ନିର୍ମାଣ କରିଛୁ ଯୁଗ ମୁଖ ମୋ ପାଇଁ
ଠିକ ମୋ ସୁକୃତ ଫଳ   ଆକୃତରେ ତାଳଫଳ
ତୁ ତା ନ କର ବିଫଳ ଉରେ ବସାଇ
ଠିକେ ମୋତେ ପ୍ରଦାନକର
ଠୁଳେ ମଦନ ମଦନଦରୁ ଉଦ୍ଧର ।୧୨।

×   +   +   ×

ଢାଳ ବିମ୍ବାଧରୁ ସୁଧା   ନ ଦେବାରୁ ତୁ ବସୁଧା
ମଣ୍ଡନ୍ତି ସମ୍ପୂର୍ଣ୍ଣ ସୁଧାକର ବଦନୀ
ଢାଳ ମୋ ଅଙ୍ଗକୁ ଲକ୍ଷ୍ୟ   କରିବା ତା ଲକ୍ଷଲକ୍ଷ
ବିନ୍ଧଇ କାମ ଅଲକ୍ଷ ଲକ୍ଷ୍ମୀ ସଜନୀ
ଢଳମୋ ନ ଯାଉ ଜୀବନ
ଢାଳ ତୋ ଅମୃତ ରସ ରସବଚନ ।୧୪।

ଏଣୀ ନୟନୀ ସୁରତ   ପଣ୍ଡିତା କେଳି ସୁରତ
ରୁଚ ରୁଣିରେ ସୁରତଜତ ମୋହିନୀ,
ଅଣ ଦୋଷରେ ସଂଘାତ   ମଦନଶର ସଂଘାତ
କରୁଛି ମୋତେ ସଂଘାତ ଯେନ ଦୟିନୀ,

ଜୀବନଧର—ମେଘ, ପଞ୍ଚଶିଳୀମୁଖ—କାମଦେବ

Source: KC Dash, Digitized by PPRACHIN, SOA

ଅଣଅନୁ ତାପୁଁ ମୋ ଜୀବ,
··· ···ଆନମି ଆ··· ···ଖିଦ ।୧୫।

ତାର ଚରଣେ କୁରଙ୍ଗ-　　ଧର ବଦନ କୁରଙ୍ଗ
କରିବାରୁରେ କୁରଙ୍ଗନେତ୍ରୀ ବମନେ,
ତତକ୍ଷଣ ପଞ୍ଚଶର　　ବନ୍ଧେ ମୋତେ ପଞ୍ଚଶର
ଦହେ ପ୍ରାଣ ପଞ୍ଚ ସରସିଜ ଲୋଚନେ
ତେଜ ମନୁ ମାନକଳାପ,
··· ···· ··· ··· ···।୧୬।

ଥିବ ମଣ୍ଡନ ସୁମନ　　ବର ମୋହିନୀ ସୁମନ
ପ୍ରଫୁଲ୍ଲହାରୀ ସୁମନ ହୁଅ ମୋଠାରେ,
ସ୍ଥିର ତୋ ପ୍ରେମ ସୁରସ　　ଦେଇ ମୋ ମନ ବିରସ
ତରୁକୁ ଛେଦ ସରସ ସ୍ନେହ କୁଠାରେ,
ସ୍ଥାଣୁ ପରମୁଖୁ ଉଦ୍ଧର
ସ୍ଥୂଳ ମାନ ମାନିନୀ ମନରେ ନଧର ।୧୭।

ଦୋଷକୁ ଉଚିତ ଦଣ୍ଡ　　କର ତୁ ଫୁଲ କୋଦଣ୍ଡ
ରୁଚିର ତର କୋଦଣ୍ଡ ଭ୍ରୂରୁ ଶୋଭିନୀ
ଦୂର କରି ମନୁ ଛନ୍ଦ　　ବେନି ଭୁଜେ ମୋତେ ଛନ୍ଦ
ଆନନ୍ଦ ହୋଇ ସ୍ୱଚ୍ଛନ୍ଦ ଭାବେ ସଜନୀ
ଦନ୍ତଘାତ କରଜ କ୍ଷତ
ଦିଅଯେତେଣେ ତୋଷ ହେବୁ ହେ ବୁଦ୍ଧିମନ୍ତ ।୧୮।

ଧନୁକ କୁସୁମ କର　　ଶରକୁ ତା ପ୍ରତିଶର
ତୋ ନେତ୍ର କଟାକ୍ଷଶର କରି ସଜନୀ
ଧୀରେ ମୋତେ କୋଳେ ଧରି　　ମଦନଶରୁ ଉଦ୍ଧରି
ମାନକୁ ମନେ ନଧରି ରଖନ୍ତୁ ଧନୀ,
ଧ୍ୟାନକରୁକରୁ ତୋ ରତି
ଧରି ନେଇଛୁ ଜୀବନ ଜୀବନ ପତି ।୧୯।

ନାୟକକୁ ନାରୀମାନ　　କରଇ ଅଛୁଏ ମାନ
ଏବେ ମାନବତୀ ମାନ ମୁଞ୍ଚ ମନରୁ
ନିଜ ଜନେ ଅବଧାନ　　କରିବାର ସୁବିଧାନ
କର ରତିକୁ ନିଧାନ କରିଜ ଉରୁ

Source: KC Dash, Digitized by PPRACHIN, SOA

ନଥିବାରୁ ଦୟା ତୋହର
ନତନୁ ତନୁ ତନୁତା ଦରୁଛି ମୋର ।୨୦।

ପ୍ରଫୁଲ୍ଲ କର କମଳ   ମୁଖକୁ ଶିଶୁ କମଳ
ଲୋଚନ ଭଣ କମଳ ଭବ ବିଧାନେ,
ପୂଜଲେ ତୋ କୁଚ··· ···   ··· ···ସବୁ ବିଭବ
କାମଦେବ ପରାଭବ ତୋ ଅବଧାନେ
ପଣ୍ଡ କି ନକର ନିରାଶ
ପିଉ ସୁରସ ସରସ ବଚନ ଭାଷ ।୨୧।

ଫୁଲ ଶରରେ ବିଦେହ   ଦହୁଛି ବାନ୍ଧବୀ ଦେହ
ତୋ କେତକୀ ଛବି ଦେହ ସଙ୍ଗ ବିହୀନେ
ସ୍ଫୁଟ ବଚନ ଅମୃତ   ସେଚନ କର ଅମୃତ
ଚନ୍ଦ୍ର ମୋହିନୀ ଅମୃତ କର ହାସିନେ
ଫେଡ଼ ମନୁ ମାନ ତଡ଼ିତ
ଫୁଲ ସରସିଜ ମୁଖୀ ମୁଁ ଖିନ୍ନ ଅତି ।୨୨।

ବର୍ଣ୍ଣୀ ରଜନୀ କର   ବିଶେଷ ରଜନୀକର
ପାଟୀର ରଜନୀକର ପଟୀର ନୀର
ବପୁକୁ ମୋର ଦହନ   ସମାନ କରେ ଦହନ
ମାନସ ତାପେ ଦହନ ନେଇ ବଇର,
ବାଳା ଅଙ୍ଗ ସଙ୍ଗରେ ଏବେ
ବଡ଼ ସୁଖକର ହେବ ହେ ବରଦେହୀ ।୨୩।

ଭଜିଲି ଦିନରୁ ଭବ   ଭବରେ ମୁଁ ତୋତେ ଭବ
ନଥିଲି ମୋ ମନୋଭବ ଭବନ ହାସୀ
ଭୃତ୍ୟ ତୋ ଆଗରେ ଭବ   ଭଗାରିର ପରାଭବ
କବି ଏବେ ଅନୁଭବ ଯାଉଛି ଭାସି
ଭ୍ରମେ ଦୋଷ ଥିଲେ ନ ଧର
ଭବାରି ବାରିଧି ମଧ୍ୟୁ ମୋତେ ଉଦ୍ଧର ।୨୪।

ମୋ ଠାରେ ତାପ ନକର   ପୂର୍ବ ଅବଧାନକର
ମୁଁ ତୋର ନଳନକର ଧରି କହୁଛି

Source: KC Dash, Digitized by PPRACHIN, SOA

ମଞ୍ଜୁଳଗଣ୍ଡେ ମକରୀ   ଲେଖି ମନୋରମ କରି
ଗୁମ୍ଫି ମି ଉତ୍ତମ କରି ଏତେ ମାଗୁଛି
ମୃଦୁଭାଷୀ ତେଜ ମଜନ
ଦର୍ପକ ... ।୨୫।

ଜାଣି ତୁ ମୋତେ ସୁରତେ   କଣିଛୁ ନବ ସୁରତେ
କମ୍ପାଇଁ ନବସୁରତେ ନାହିଁକି ମନେ
ଯୁବତୀ ହଂସ ମାନସେ   ପ୍ରୀତି ପଗ ମୋ ମାନସେ
ଅଛି ସେ କଥା ମାନସେ ଅଛି ନୟନେ
ଜାଣି ଏହା ମାରୁଛୁ ମାର
ଜାଣୁ ମଣି ମଦନ୍ତୀ ମୋତେ ତୁ ତାର ।୨୬।

ରସିକମା ବରମଣି   ନ ଦେଉ କମ୍ପା ରମଣୀ
କ ଦୋଷ ମୋହର ମଣି କ୍ଷମା ତୁ କର
ରଙ୍ଗ ତୋର ସରୁଚିର   ପିନ୍ଧିବା ବେଶ ରୁଚିର
ଦେଖାଇ ମନରୁ ଚର ସନ୍ତାପ ହର,
ଗାଢ ଦବା ରସିକ ତୋତେ
ରମଣୀ ରମଣ ଦେଇ ତୋଷ ତୁ ମୋତେ ।୨୭।

ଲେଶେ ଅନ୍ତର ବରଷେ   ମଣୁ ରସୁ ନବରସେ
ଯେମନ୍ତ ପ୍ରୀତି ବରଷେ ତେଜଲୁ ମନୁ
ଲଳନା ତୋ ବରଷରେ   ମତ୍ତ ଅଛି ହରଷରେ
ଦୁଷ୍ଟ କାମ ବରଷରେ ଦହେ ମୋ ତନୁ,
ଲାଭିବ ଏ ଘୋର ବିପତ୍ତି
ଲାଗିଲେ ଅଙ୍ଗକୁ ଅଙ୍ଗ କୁଞ୍ଜରଗତି ।୨୮।

ବାମା ତୋତେ ବେନକର   ଯୋଡ଼ି କହୁଛି ନକର
ମୋତେ ରଖ ସନକର ଘରେ ନରତେ
ଗାର ବିଷମ ବିଶିଖ   ଝକ୍ଷଣ କଟିବ ଶିଖ
ବାନ୍ଧି ଛୁଟି ସେ ଛବ ଶିଖର ଦନ୍ତୀ ରତେ
ବସାଅ ତୋ କୋଳେ କେବଳ
ବଇରତା ବିସଶିବ ସରିବ ବଳ ।୨୯।

କୁଞ୍ଜର-ହସ୍ତୀ

Source: KC Dash, Digitized by PPRACHIN, SOA

ସନ୍ତତେ ତୋତେ ଭଗତି   ଭାବେ ଭଜ ଶୁଭଗତି
ନ ଲଭିଲି ରେ ଭଗତି ଏ ସ୍ଥିତି କସେ
ସତେ ମୋ ମନୁ ଗଞ୍ଜାବ   ନେଶୀ କାମ ତୋ ହଜବ
ସେ ଯେମନ୍ତ ପର ଜୀବ ଧନ ନ ଦିଶେ
ସବୁକାଳେ ମୁଁ ତୋର ସିନା
ସେନେହର ସେ ହରଷେ ଉଦ୍ଧରୁ କନା ।୩୦।

ଶୁଣ ସରସ ବଚନେ   କଣି ତୋ ରସ ବଚନେ
ଏତେ କମ୍ପା ଅବଚନେ ତେଜୁ ପୀରତି
ସୁରତେ ମୋତେ କେସର   କର ତୋ ଶିବ କେଶରୀ
ମଧ୍ୟ ତୋ ହନୂ କେଶରୀ ରୂପୁ ସୁଗତି
ସଖୀ ସଖୀଜନେ ପରୁର
ଶରଣଜନ ଶରଣଜନ ବେଭର ।୩୧।

ସରିତ କାମ ବିପଦ   ବୋଲସେ ବାନ୍ଧବପଦ
ଧରନ୍ତେ କରେ ବିପଦ ନାଶନହରି
ସମ୍ପୂର୍ଣ୍ଣ ଚନ୍ଦ୍ର ସମାନ   ବଦନ ହରଷ ମାନ
ତେଜ ଭାବ ରସମାନ ବଗୁର କରି
ସ୍ମିତହାସୀ କାନ୍ତେ ରସିଲ
ସାରସୁ ସରସ ନେନେ ଗୃହିଁ ହସିଲ ।୩୨।

ହରିଣୀ ନୟନା ରତେ   ରସିଲେ ହରି ନରତେ
ଯେମନ୍ତ କ୍ଷୀରନୀର ତେମନ୍ତ ପ୍ରକାର
ହୋଇଲେ ବେନି ହରଷ   ବଢିଲା ସୁସ୍ନେହ ରସ
ରତି ପତି ବିହରସ ହେଲା ସେଠାରେ
ହସେ ଶଶୀ ଅରୁଣେ ମିଶି
ହୁଅଇ ନିଶି ଦିବସ ଦିବସ ନିଶି ।୩୩।

କ୍ଷିତି ନାୟକ ଦେବେଶ   କୋଳେ ରାଧାକୁ ନବେଶ
କରି ସେ ଲଖନ୍ତେ ବେଶ ରଚି ହସିଲେ
କ୍ଷୀରବର୍ଦ୍ଧିରେ ଯେତେ ରସ   ତହିଁରୁ ଅତି ସରସ
ମନୋରଥ ରତିରସ ସୁଖେ ରସିଲେ
କ୍ଷେମେ ମର୍ଦ୍ଦରାଜ ନୃପତି
କ୍ଷମା ସିନ୍ଧୁ ସିନ୍ଧୁଜା ଚରଣେ ଭଗତି ।୩୪।

Source: KC Dash, Digitized by PPRACHIN, SOA

ଯମକ ରତ୍ନାକର ଚଉତିଶା

(ରାଗ—ବଙ୍ଗଳାଶ୍ରୀ)

କୃଷ୍ଣ ଘନରମ୍ୟ କୃଷ୍ଣ ଘନରମ୍ୟ ଜଘନା ପ୍ରିୟାକୁ ବଚନ,
କାଳିକା କାନ୍ତ କାଳିକାକାନ୍ତ କେଶ ଗୁହ୍ନି କହନ୍ତ୍ର ଘନେ ।୧।

ଖଞ୍ଜନାକ୍ଷୀ ଦେଖ ରସେ ଗୁରୁ ସ୍ତନବଧୂଁ ଏ ଘନସୁଚରେ
ଖେଦନାଶ କରେ ଅମ୍ଭ ଶୋଷକୁ ବନ୍ଧୁ ଏ ଘନରୁଚରେ ।୨।

ଗୁଣମଣି କେଳି କଳାଃ ଚ୍ଛଦେ ସଂଘାତ ଅଭ୍ର ରାଗରେ,
ଗୁରୁ ସୁଖଦ ଦେଖନ୍ତେ ତୋ କୁନ୍ତ ସଂଘାତ ଅଭ୍ର ରାଗରେ ।୩।

ଘଟ ଘଟ ଘନରବରେ ପଥିକ କାନ୍ତାରେ ନଲଭ ରତ,
ଘଡକ ଘଡ ମୂର୍ଚ୍ଛିତ ହେବେ କାମ କାନ୍ତାରେ ନଲଭି ରତ ।୪।

ଅଚନୁ ବଶ୍ୟ ଜଣିଲ ଯେନ ଏକା ସୁମନରେ କୋଦଣ୍ଡ,
ନଜାଣି ଏବେ ଏ କରିବ ଲଭିଏ ସୁମନରେ କୋଦଣ୍ଡ ।୫।

ଚଞ୍ଚଳା ଲୀଳାରେ ବେଢ଼ାର କରଇ ପ୍ରିୟ ଜୀମୂତ ଅନ୍ତରେ,
ଚଞ୍ଚଳାପାଙ୍ଗୀ ଏ ମତ୍ତ କେଙ୍କାନାଦେ ପ୍ରିୟ ଜୀମୂତ ଅନ୍ତରେ ।୬।

ଛଳିଲ ଦେଖଏ ମତ୍ତ ରାଜହଂସ ସମାନ ଶରଭସ ଭବେ,
ଛଟକନୟନୀ ହରଇ ନୟନ ମାନସ ସରସ ଭବେ ।୭।

ଜଳଦ ସଜଳେ ଆଚ୍ଛାଦ ରୁଚିର ଜୀବନ ପ୍ରତି ଆଶାରେ,
ଜାଣି ଚାତକ ସାନନ୍ଦେ ବନ୍ଦରନ୍ତ ଜୀବନ ପ୍ରତିଆଶାରେ ।୮।

ଝସକେତୁଶରେ ଛନ୍ନହୋଇ ପାନ୍ଥ ନିଜ ବନିତାର ହିତ,
ଝଟତି ସଦନେ ମିଳିଲ ଛନ୍ତି ତା ନିଜ ବନିତାର ହିତ ।୯।

ମାରବେ ଜାଳା ହୋଇ ମନ୍ଦ ଗନ୍ଧରେ ବାଳାବଳ କାମଦରେ,
ନିରେଖି ଜୀବକ ଧରନ୍ତେ ବରହୀ ବଳାବଳ କାମଦରେ ।୧୦।

କାଳିକାକାନ୍ତ—ଶିବ, ମେଘ ଝସକେତୁ—କାମଦେବ,

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଟାଣେ ପ୍ରିୟ ସଙ୍ଗେ ସ୍ତନକରେ କେଳୀ ବାଳିକା ମଦରଞ୍ଜନ,
ଟେକ ଟୋ କେଶ ରୁଚିଏ ଘନବ୍ରୁ ବାଳିକା ମଦରଞ୍ଜନ ।୧୧।

ଠଣ ଅମୃତଦ ଘନ ପ୍ରିୟତର ବସ୍ତ୍ର ପଦ ଭଜନରେ,
ଠିକ ନାରାୟଣ ମଙ୍ଗରାଜ ଭଣେ ବସ୍ତ୍ର ପଦ ଭଜନରେ ।୧୨।

ଡାହୁକ ଡକେ ଡାକନ୍ତି ଶୁଣି ବରଷା ଘନରସ ଘନର,
ଡେରା ଦେଖ ଭୃଙ୍ଗୀ ସନ୍ତତ ମାଳତୀ ମଧୁପର ମଧୁପର ।୧୩।

ଢାଲ ନେନ୍ତ ଦେଖ ପ୍ରଭବନେ ଫୁଲ ସୁମନରେ ସୁମନରେ,
ଢଳ ଢଳରୁଚ ବିକାଶ କୁସୁମ କଦମ୍ବରେ କଦମ୍ବରେ ।୧୪।

ଅତନୁ ରଚଦ ସଦୟେ ମଧୁପ ରାଗେ ଦୃଷ୍ଟି ସୁଖକର,
ଅତନୁ ରତ୍ତଦ ସଦୟେ ମଧୁପ ରାଗେ ଦୃଷ୍ଟି ସୁଖକର ।୧୫।

ତନୁତଳ ହୋଇ ତପକାନ୍ତୁବର ତନୁ ତରଣୀ କରରେ,
ତରଙ୍ଗିଣୀଚୟ ଜଳଚରେ ସୁରତରଙ୍ଗିଣୀ ତାପ କରେ ।୧୬।

ସ୍ଥିତି ଗତି ଲେକ ସୁରକ୍ଷଣକର ଘନ ଏ କ୍ଷଣ କର,
ସ୍ଥୂଳଆଶାରେ ଏହାଙ୍କ କ୍ଷଣକର ହେବ ମଧ୍ୟେ କ୍ଷଣକର ।୧୭।

ଦିବସକ ରତ୍ନ କଳାନିଧି ପ୍ରିୟେ ମ୍ଳାନ ହେଲା ଦେଖି ଘନେ,
ଦିବସକ ରତ୍ନ କଳାନିଧି କାମିନୀଜନେ ରମିଲେ ମଦନେ ।୧୮।

ଧବଳକର ମୁଖୀ ଚନ ମୂର୍ତ୍ତି ଦେଖ ମାସ ଗନ୍ଧ ବଳ,
ଧବ ଲମ୍ପଟ କାମିନୀ ସୁଖକର କେତକୀ ବିଶେ ଧବଳ ।୧୯।

ନଳିନ ନୟନା ପ୍ରତିକଳକୁ ଭରେ କଳ୍କଭରେ ଭୃଙ୍ଗୀ ସଙ୍ଗେ,
ନାନା ଲୀଳା କଲେ ଶ୍ୱାସ ବିଭ୍ରମ ଭବ ଭ୍ରମର କର ସଙ୍ଗେ ।୨୦।

ପୁନ୍ନାଗୀ ନକରେ ରୁଚିର ମଦମ୍ ଘନଘନ ରସମୟ
ପ୍ରୟେମା କରେ ରୁଚିର ସଦୟ ଘନଘନ ରସମୟ ।୨୧।

ଫରୁଣା ଆନମା ଆନ ନିରନ୍ତର ହୁଅଇ ବିୟୋଗୀ ମନ,
ଫୁଲ ମାପବନ ପବନ ଧାଡ଼କ କସ୍ତୁରୀ ପାନ ଜୀବନ ।୨୨।

ସୁରତରଙ୍ଗିଣୀ— ସ୍ୱର୍ଗଗଙ୍ଗା,

Source: KC Dash, Digitized by PPRACHIN, SOA

ବନ୍ଧୁଚୋର ଏ ପୟୋଧର ଶଙ୍କର ଅନନ୍ତ ଭରଣ ରୂପେ,
ବନ୍ଧୁଚୋର ଏ ପୟୋଧର ଶଙ୍କର ଅନନ୍ତାଭରଣ ରୂପେ ।୨୩।

ଭବେ ଘନମାଳ ଗୋବ ପ୍ରଭୁପଦ ନାଗପୂଣ ମଙ୍ଗଗଜ
ଭବେ ଘନମାଳ ଗୋଧ ପ୍ରଭୁପଦ ସୁଜନେ ଅନଶେ ଭଜ ।୨୪।

ମଦକଳପର ପୃଷ୍ଟବାଣୀ ଚନ୍ଦ୍ର କରଣ·········ଣ,
ମଦ କଳପର ପୃଷ୍ଟ ବାଣୀଚନ୍ଦ୍ରମୁଖୀ ହୋଇଲେ ମଉନ ।୨୫।

ସୂକ୍ତ ଏ ଗଣ୍ଡିକା ସଗଗ ଲ୍ଲବ ପଲ୍ଲବାରୁଣ ଅଧରା,
ଯେଣୁ କଡ଼ାଉନ୍ତି ମଧୁପ୍ର ଚୁମ୍ବି ଏ ରୁଚିର କ୍ଷଣ ଚତୁରା ।୨୬।

ରଜନୀକର ମୁଖୀ ଦେଖ ମଧୁପ ତେଜ ମାରଜ ନକର,
ରଜନୀ କରମେ କୁମୁଦେ ହୋଇଲେ ବିକାଶ ରଜନୀ କର ।୨୭।

ଲୀଳାଗଜ ହଂସ ଗତି ରାଜହଂସ ଗତି ବଞ୍ଚିତ ନୋହିଲା,
ଲଭି ନବଜଳଧର ନବଜଳ ଧରଣୀ ତାପ ତେଜିଲା ।୨୮।

ବନିତା ରଞ୍ଜିତ ରଞ୍ଜିତ ନୂହଇ ଏକାଳ କାଳ ସମାନ,
ବଲ୍ଲଭ କାମିନୀ କାମିନୀ କରଇ ସୁମନ ମନମୋହନ ।୨୯।

ସରୋଜ ଶୋଭା ନାଶିଲା ଦେଖଏ ରଜନୀକର କର କର,
ସପକ୍ଷ କେତକ କଳିକା ମାରଇ ଦ୍ୱିରଦରଦ ଉଦର ।୩୦।

ସୁମୁଖୀ କାନ୍ତାଳ କାନ୍ତାଳିଙ୍ଗନାରେ କବନ୍ଧ ସଞ୍ଚାରେଦୟେ,
ସମରମାର ଉଦାର ମମତାକୁ ଭଜିଲେ ବାହିନୀ ତପେ ।୩୧।

ସୁମନଶରର ଶର ସରକ ଏ ନରନ୍ତରେ ନରନ୍ତରେ,
ଧାରସ ସାରସ ସାରସଦୃଶ ଦୃଶ ଭୁବନ ଉରେ ଭୁବନରେ ।୩୨।

ହରଣ ହରଣ ନୟନା ହୃଦୟ ହୃଦୟଙ୍ଗମ ଉକ୍ତିରେ,
ହରି ମଣିରୁ ଏକାନ୍ତ କାନ୍ତ ହରି ରମିଲେ ନାନା ଭାବରେ ।୩୩।

କ୍ଷମା ଶରଣ ଅଶରଣ ଶରଣ ରାଧାକୃଷ୍ଣ କେଳିରସ,
କ୍ଷଣେ କ୍ଷଣେ ଭାବ ନୂତନେ ନାଗପୂଣ ନାଗପୂଣ ହୋଇ ତୋଷ ।୩୪।

ଦ୍ୱିରଦରଦ—ହାତୀଦାନ୍ତ

Source: KC Dash, Digitized by PPRACHIN, SOA

ପାଦାନ୍ତ ଯମକ ଚଉତିଶା

(ଆଷାଢ଼ ଶୁକ୍ଳ ବାଣୀରେ ଗାଇବ)

କୃଷ୍ଣ ଦୁଷ୍ଟଙ୍କ କଲେ ନିବେଦନା
କନ୍ଦର୍ପ ବାଧା ଆଗେ ମୋ ବେଦନା
କୁରଙ୍ଗ ନୟନୀ ଚନ୍ଦ୍ର ବଦନା
କା··· ଶ୍ରୀଘାଷା କୁନ୍ଦ ରଦନା
କାମିନୀ ବଦନା
କମ୍ପା କ୍ରୋଧ କଲ୍ପ କେଳି ସଦନା ।୧।

କ୍ଷୀରୋଦଶୀ ମୋର ମନରଞ୍ଜିନୀ
ଖଣ୍ଡେନ୍ଦୁ ଶେଖର ଧୈର୍ଯ୍ୟ ଭଞ୍ଜିନୀ
ଖଦ୍ୟୋ ତା ପାଦେ ଦିବା ରଜନୀ
ଖେଳ ନୟନେ ଖଞ୍ଜନ ଗଞ୍ଜନୀ
କ୍ଷମାକର ଧନୀ
କ୍ଷିତ ମଣ୍ଡନୀ ମୋ ଜୀବ ସଜନୀ ।୨।

ଗଜ ଗମନୀ ମୋ ଗଳାର ହାର
ଗଜଶୀ ହବୁଛି ଗତ ବେହାର
ଗଲ କ୍ଷଣୁ ପାଶୁ ପ୍ରାଣ ସାହାର
ଗୁରୁତରେ କାମ କରେ କୁହାର
ଗରଳ ଆହାର
ଗାଢ଼େ କରିବ ବହ୍ନିନେ ତାହାର ।୩।

ଘନ ଜଘନୀ ମୋ ଦୁଃଖ ତାରିଣୀ
ଘୋର ପୁଷ୍ପଶର ସଙ୍ଘ ବାରିଣୀ
ଘଟ ସ୍ତନୀ କାମ ସିନ୍ଧୁ ତରଣୀ
ଘେନୁ ମୋ ବନନ୍ତ ରସ ସରଣୀ
ଘଟଜ ଜାରିଣୀ
ଘଟଣ ବଦନ ସୁଖ କାରିଣୀ ।୪।

ଖଣ୍ଡେନ୍ଦୁ ଶେଖର—ଶିବ

Source: KC Dash, Digitized by PPRACHIN, SOA

ନାସା ପାଶେ ଥିଲି ଦିନେ ନିଶ୍ଚିନ୍ତେ
ନେଉଥିଲି ଦିନ ଯଥା ଜଗତେ
ନବବାଳା ଏବେ ଭଜ ତା ଚିତ୍ତେ
ନ ଧରୁ ରୋଷ ମୋହରେ କଞ୍ଚିତେ
ନଏ ମନ ଚିନ୍ତେ
ନବୀନା କଲ୍ଲ କାଉଞ୍ଚର ଚିତ୍ତେ ।୫।

ଚିର ମୋ ମୀନର ମଣି ଜୀବନ
ଚନ୍ଦ୍ରଶାଳା ତାର ବସ୍ତ୍ରନେ ବନ
ଚୂରୁ··· ବନ୍ଧୁ ଦହେ ପବନ
ଚନ୍ଦ୍ରମୁଖୀ ଦୋଷ କରୁ ଲବନ
ଚଭୂଷ ସେବନ
ଚିର ନୋହିବାରୁ ଯିବ ଜୀବନ ।୬।

କ୍ଷିତିମଣ୍ଡଳ କାମିନୀ ରତନ
କ୍ଷପାକର ମୁଖୀ କାମ କେତନ
କ୍ଷମେ କାମ ନଦେ ହେଲା ପତନ
ଛୁଇଲ ରଖ···   ··· ତନ
ସ୍ଥୂଳ ଲକ୍ଷୀ ସ୍ତନ
ଛଟକ ପୃଥୁ କାମ ନିକେତନ ।୭।

ଯୋଷା ବସ୍ତ୍ରେନେ ନଳସୂ ଗହନ,
ଯତନେ ମାଲ କରୁଛି ଦହନ,
ଜୀବରେ ନୁହଇ ଏହା ସହନ,
ଜାଣ ଏ କଷ୍ଟ ନୁହଇ କହନ,
ଜୀବନ ମୋହନ
।୮।

ଝିନବସନା ଲାବଣ୍ୟ ଆକର,
ଝୁରୁଛି ଗୁଣି ତା ଗୁଣ ନିକର
ଝଲକ ହାସେ ମୋହୁଛି ଶଙ୍କର,
ଝଳ ଉଠୁ ତା ଜଣେ କଶାବର,
ଝସାକ୍ଷୀ କଙ୍କର
ଝଟତି କରୁ ମୁଁ ଧରୁଛି କର ।୯।

Source: KC Dash, Digitized by PPRACHIN, SOA

ଝଷ୍ଟୁର କାମ ତନୁ ଦହୁଛି,
ଝରଖି ଚେତନା ଶୀଘ୍ରେ ମୋହୁଛି
ଝସାନା ଜନୁ ଏ ଦୁଃଖ ସହୁଛି,
ଝମ୍ପ ନାଭି କମ୍ପା ପ୍ରେମ ବହୁଛି
ଝଷ୍ଟେ ମୁଁ କହୁଛି
ନାଗରକ କେ ସବସ୍ଥା ହୋଇଛି ।୧୦।

ଟାଣ ସଙ୍ଗୀ ଯଦ ବକ୍ଷେ ଗୃହ୍ଣିବ,
ଟଙ୍କଧର ଧୃତି ହେଲେ ମୋହିବ,
ଟଙ୍କାର କାମ ମୋତେ ନ ଦହିବ,
ଟିକାଏ ଯଦ ତା ଦୟା ହୋଇବ,
ଟେକ ମୋ ରହିବ
ଟାଣଜୀବ ତା ଜନୁ ନ ରହିବ ।୧୧।

ଠାଠିକା ମୋର ଜୀବନ ଚଳିବ,
ଠାକୁରାଣୀ ଯେବେ ହୃଦେ ଶୋଭିବ
ଠିକାଙ୍ଗୀ ମୋତେ ନର୍ଦ୍ଦୟା ନୋହିବ,
ଠକୁରମାନଙ୍କ ମୋ ଦୁଃଖ ସହିବ
ଠାଠିକେ କହିବ
ଠଣାକ୍ଷୀ ଯେମନ୍ତେ ଦୟା ବହିବ ।୧୨।

ଡୋଳା ପିଢୁଳା ପାଦକ ଧରନ୍ତ,
ଡଙ୍ଗର କାମ ବାଧାରୁ ତରନ୍ତ,
ଡଢ ସୁର୍ଣ୍ଣାଙ୍ଗୀକ ମାଳା କରନ୍ତ,
ଡ଼ହା କାମରେ ଅଣଶ କରନ୍ତ,
ଡର ପୋଯୋରିନ୍ତ
ଡ଼ମ୍ବରୁମଧ୍ୟା ଜହ୍ନେ ମରିବ ।୧୩।

ଢମିଆ କାମ ତା ଜନୁ କ ପାଇ
ଢମେ ଆସେ ମୋତେ ଦହିବା ପାଇଁ
ଢୋକନ୍ତ ଜଷ ତା ସଙ୍ଗ ନପାଇ,
ଢାକ ଗୃହ୍ଣିଲେ ସେ ତୃଷ କମ୍ପାଇ
ଢାଳେ ତାହା ପାଇଁ
ଢଳ ମୋ ଜୀବନ ଗଳ କମ୍ପାଇ ।୧୪।

ଟଙ୍କଧର—ଶିବ

Source: KC Dash, Digitized by PPRACHIN, SOA

ନୋହିଲ ଦନୁ ରମଣୀ ପରଶ,
ନଗଶ କାମ କରେ ଅମରସ
ନବବାଳା ମୋରେ ନୋହ୍ନ ନଗଶ,
ନାଗଶ୍ର ରଖୁ ହୋଇଣ ସରସ
ନାଶ୍ରଗତ ରସ
ନେଲ୍ଲ ମୋ ମନ କଶ ଆକରଷ ।୧୫।

ତରୁଣୀ ବହ୍ନେନ ରବ ଶିଶିର,
ତରଳାକ୍ଷୀ ବନୁ ଶୁଚ ଜଣୀର
ତୈଲୋକ୍ୟମୋହନୀ ସୁଖରାଶିର,
ତୁଙ୍ଗ ସ୍ତନ ମନ ହରେ ଋଷିର,
ତମାଳକେଶୀର
ସ୍ତୀଶ ମଣିପାଦ ମଣ୍ଡ ମୋ ଶିର ।୧୬।

ସ୍ଥୂଳତର ସ୍ତନୀ ସୋମ ହାସୀର,
ସ୍ଥିର ଗମନୀ ମନ ଉଲ୍ଲାସୀର
ସ୍ଥିଗ ମନ୍ତ୍ରନୀ ମଦନ ପାଶୀର,
ସ୍ଥାଣୁ ଅଷ୍ଟତର ତପନାଶୀର
ସ୍ଥବିରଭାଷୀର
ଥିବକ ମନେ ମୋ ଦବା ନଶିର ।୧୭।

ଦୁର୍ଲ୍ଲଭ ସେବା କଶ ସୁନାଶିର,
ଦେଖିଥିଲ ମୁଖ ହୃଦବାସୀର
ହତ ସଙ୍ଗ ଜନୁ ଝୀନବାସୀର,
ଦାତେ ପଡିଲ ମୁଁ କାମ ଅସିର
ଦେଖି ସୁବାସୀର
ଦସ୍ତା ହାସ ଗର୍ବ ଗଲ ସଞ୍ଚର ।୧୮।

ଧୀର ଧୀହରଣୀ ମୃଗଲୋଚନା,
ଧନ୍ୟ ମଣ୍ଡନୀ ମୋ ଦୁଃଖମୋଚନା
ଧୀରେ କହିଲୁ ଧବକୁ ମୁଞ୍ଜନା,
ଧୈର୍ଯ୍ୟ ନାଶିନୀ······ରଚନା,
ଧୀର ସୁବଚନା
ଧରୁଛି ପାଦ ନକରୁ ଶୋଚନା ।୧୯।

Source: KC Dash, Digitized by PPRACHIN, SOA

ନୀରଜ ନୟନା ସଙ୍ଗେ କେମନ୍ତେ,
ନରଖିଲା ଧାତା କାହିଁକ ମୋତେ
ନିଶା ନାୟକ ଆନନ୍ଦ ନିମନ୍ତେ,
ନାଖିବି ଗଙ୍ଗାରେ ଦେହ ମୋ ମତେ,
ନଟନୁ ଯେମନ୍ତେ
ନ ନାଶିବ ବନ୍ଧୁ ଦୁଖୁ ତେମନ୍ତେ ।୨୦।

ପିକବଚନା ନୋହିଲୁ ବିମନା,
ପଦ୍ମାକ୍ଷୀ ପୂର୍ଣ୍ଣ କରୁ ମୋ କାମନା
ପୀନସ୍ତନା ଶିରେ ଦେଖି ସୁମନା,
ପୁଷ୍ପଶରେ ବଶ ହେବେ ସୁମନା,
ପ୍ରାଣ ମୋ ସୁମନା
ପାରିକରୁ ଦୁଃଖୁ ହଂସ ଗମନା ।୨୧।

ଫୁ[illegible]ାସୀ ଯେବେ ଦୁଃଖ ଦେଖିବ,
ଫୁରୁଣାଙ୍ଗୀ ମୋ ଦୋଷ ଉପେକ୍ଷିବ,
ଫେଡ଼ି ଦୁର୍ଗତି ଯେବେ ନିରଖିବ,
ଫୁଲ ଶର ଶର ହୃଦେ ଲାଗିବ,
ଫୁଟେ ସେ ଦେଖିବ
ପାଇ ସୁଜନରେ ମୋତେ ଯୋଖିବ ।୨୨।

ବନ୍ଧୁ କରିଥିଲୁ ମୋତେ ନିଧନ,
ବିଧିଏବେ ତାହା କଲୁ ବିଧନ
ବରବର୍ଣ୍ଣିନୀ କେଶ ଜିତ ଘନ,
ବାଳା ଭିଡ଼ୁ ମୋତେ କରି ସଘନ
ବାନ୍ଧିବ ଜଘନ,
ବିଶେଷ ଶୋଭା କରଇ ଲଂଘନ ।୨୩।

ଭଙ୍ଗୁଛି ବପୁ ମୋର ମନୋଭବ,
ଭଲେ ସେ ମୋତେ ଦେଲୁ ପ୍ରଗଭବ,
ଭାବିନୀ ବିନୁ ହେଲୁ ଅନୁଭବ,
ଭବେ ଶରଣ ଦେଉ କୁଚ ଭବ,
ଭ୍ରୂବନଜ ଭବ,
ଭଙ୍ଗି ତା ସଙ୍ଗ ନାଶେ ମୋ ବିଭବ ।୨୪।

Source: KC Dash, Digitized by PPRACHIN, SOA

ମଜ୍ଜି ଥିଲ ମୁହିଁ ରମଣୀ ଭାବେ,
ମନ୍ଦରନେତ୍ରୀର ଯେବେ ଅଭାବେ,
ମଦନେ ବଶ ମୁଁ ହେଲି ସ୍ୱଭାବେ,
ମୋହ ଯାଉଛି ତା ରସ ପ୍ରଭାବେ,
ମଞ୍ଜୁଳା ବିଭବେ
ମୋର ସେବାରେ ତା ମନ ନଭାବେ ।୨୫।

ଯୋଷା ଯେଣୁ ନରଖିଲ ପ୍ରାଣରେ,
ଜଞ୍ଜାଳ କରୁଛି କାମ ପ୍ରଖରେ
ଜୀବନ ରଖିଛି ଅତି ଦୁଃଖରେ,
ଜୀବଧନ ତେଜି ପ୍ରସନ୍ନ ଖରେ
ଜଣି ମୁଁ ଖରେ
ଜଳଜ ଚନ୍ଦ୍ର ମୁଖୀର ସୁଖରେ ।୨୬।

ରମଣୀ ହସ୍ତିନେ ହୋଇ ପ୍ରବଳ,
ରୋଷେ କାମକରେ ଦେହତରଳ,
ରତିଦା ବିଚ୍ଛେଦେ ପ୍ରାଣ କେବଳ,
ରକ୍ଷା କରିଛି ଆଶ୍ୱାସି ସୁବଳ,
ରାମା ହନୁ ବଳ
ରାମ ମଧୁବାତ କରେ କବଳ । ୨୭ ।

ଲୀଳାଧିକା ରାମା ପ୍ରାଣ ବନ୍ଧୁର,
ଲଭିଲି ନାହିଁ ମୁଁ ଓଷ୍ଠ ମଧୁର,
ଲପନେ ଗର୍ବ ଚର୍ଚ୍ଚିଛି ବଧୂର,
ଲଂଘିଛି ମଦଗଣ୍ଡରେ ସିନ୍ଧୁର,
ଲାବଣ୍ୟ ସିନ୍ଧୁର,
ଲୀଳାବନୁ କାମ କରେ ବିଧୁର ।୨୮।

ବନଜାନନା ଗୁରୁ ପୟୋଧର,
ବର୍ତ୍ତୁଳ ତୁଙ୍ଗେ ନିନ୍ଦେ ମହୀଧର,
ବଶ ହୋଇବେ ଦେଖି ଶୂଳଧର,
ବାମା କୁନ୍ତଳ ଷଣେ ଜଳଧର,
ବାଳିକା ଅଧର
···ମ୍ବିମ୍ମା କଲେ କୁଶଧର ।୨୯।

Source: KC Dash, Digitized by PPRACHIN, SOA

ଶଶିମୁଖୀ ମୋର ଦୋଷ ନ ଧରୁ,
ସର୍ବ ଶାସ୍ତ୍ର ଜାଣି ବଳେ ବୁଦ୍ଧିରୁ
ସରୋଜ ନେତ୍ର ମୋତେ ଦୟାଧରୁ,
ସୁଶ୍ରୋଣୀ ରଖୁ ମଦନ ଡରୁ
ସୁହାସ୍ୟ କ୍ରୋଧରୁ
ସ୍ନେହସ୍ଥାନ ନୋହୁ ମୋତେ ଉଦ୍ଧରୁ ।୩୦।

ସଜନୀ ରମଣୀ ଶଶୀ ସୁତନୁ,
ଶ୍ୟାମର ଜାତ ରୂପଜିତ ତନୁ
ସୁନ୍ଦର ମୂର୍ତ୍ତି ଦେଖିଅଛୁ ତନୁ,
ସନ୍ତୋଷେତ ମୋତେ ନାଶେ ଅତନୁ
ସୁଶୀଳା ଯତନୁ
ସସ୍ମି ରଖୁ ଦେଇ ରସ ଅତନୁ ।୩୧।

ସୁକେଶୀକି କହ ଏ ମୋ ଉତ୍ତର,
ସେ ମୋର ରକ୍ଷା କେବଳ ମାତର,
ସଖୀ ବେଷକୁ ମୁଁ ହେଁକ ପାତର,
ସବୁ ପ୍ରକାରେ ମୁଁ ପ୍ରାଣ ମିତର,
ଶଙ୍କର କାତର
ଶୀଘ୍ର ହୁଏ ଶରେ ରତିକାନ୍ତର ।୩୨।

ସ୍ମିତବଦନୀକି ମୋ ପାଶେ ଆସିବ,
ହଂସ ଗତିକ ମୋ କୋଳେ ବସିବ,
ହେମାଙ୍ଗୀ ମୋତେ କି ରୁଷି ହସିବ,
ହୃଦହାସ କି ମୋ ମନ ତୋଷିବ
ହେବ ମୋର ଶିବ
ହରଷେ ଏହା କରିବେକି ଶିବ ।୩୩।

କ୍ଷଣକ ହାସୀକି ଗଲ ଶରଣ,
କ୍ଷମା ସିନ୍ଧୁ ନାଶୁ କାମ ମାରଣ
କ୍ଷୋଭ ନାଶି ଗତଜତ କାରଣ
କ୍ଷୁଣ୍ଣ ଦେଷ ଦୁଃଖ କରୁ ତାରଣ
କ୍ଷେପିକି ଚରଣ
କ୍ଷମେ ଚନ୍ଦ୍ରେ ଭୂଞ୍ଜ ହର ଶରଣ ।୩୪।

ଧନଜାନନୀ—ପଦ୍ମମୁଖୀ

Source: KC Dash, Digitized by PPRACHIN, SOA

ଶୃଙ୍ଖଳା ଯମକ ଚଉତିଶା

(ରାଗ – ବରାଡ଼ି)

କରିବେସ ଥିଲି କଷ୍ଟ ନକର, କରଟେ ତନୁ ରଙ୍ଗ ସୁଖକର
କରଇ ବିଧାତା ଏତେ ଦୁଷ୍କର, କରବୋହୁଁକୁ କଲ ଦୁଃଖାକର
କରଜ ନକର
କରକରଦନାକୁ ରକ୍ଷାକର ।୧।

ଖରଶ୍ୱାସ ଛେକ ମନ୍ଦି ଦୁଃଖର, ଖରତରେ କ୍ଷିତ ଲେଖି ନଖର,
ଖର ଶରଜ ପୀଡ଼ନେ ପ୍ରଖର, ଖରରେ ଶନ୍ତ୍ରବ ଚନ୍ଦ୍ରଶେଖର
ଖର ମୟୂଖର
ଖରନ୍ନ ମୁଦ ମଣିବ ଶୋଖର ।୨।

ଗରୁ ଯଜବମା ବନା ସଙ୍ଗରୁ, ଗରୁ ଦେଲ ଜୀବ ଯିବ ଅଙ୍ଗରୁ,
ଗଜଉ ମଣି କେଶୀ ଅଗ୍ରେଗରୁ ଗରୁତର ଦୁଃଖ ବଏ ଅଗରୁ,
ଗରୁତା ଜାଗାରୁ
ଗରୁତା ସଙ୍ଗ ଲଭିବୁ ଯୋଗରୁ । ୩ ।

ଘନକେଶିମା ଗୃହୁ ଅପଘନ, ଘନବାନୁ ଶୋଭ୍ର କଣି ସଘନ,
ଘନରସଦ ଦେଖି ଘନାଘନ, ଘନରସ ମୋ ତନ୍ତୁର ସଘନ
ଘନ ତା ଜଘନ,
ଘନସାର ଶୀତଳତା ଲଂଘନ ।୪।

ଙରବଧି ଲୋଟିଣ ଅବମାର, ଙାରସ ଅଙ୍ଗ ଦେବ ସଜମାର
ଙାରଜ ଜ୍ୟୋତ୍ସ୍ନା ଜଚ କେଶୀମାର, ଙାରସ ଦେଖି ସିଞ୍ଚିବେ ପମାର
ଙରଟେ ଧମାର
ଙାର ପୃଥିବ ନେଷ ବେଙ୍ଗର ।୫।

ଚରମାଚଳ ବିଜିତ କୁଚର, ଚରମ ଶୋଭି ହୋଇଲି ଗୋଚର
ଚର ଅଚର ପତି ସଞ୍ଚର, ଚରଣ ତଳେ ହେବେ ଅନୁଚର,
ଚର ପ୍ରତିଚର
ଚରନ୍ତ ହୃଦେ ତା ବିନୁ ଖଚର ।୬।

ଦୁଃଖାକର – ଦୁଃଖର ଖଣି, ଖରମୟୂଖ – ସୂର୍ଯ୍ୟ, ଘନସାର – କର୍ପୂର

Source: KC Dash, Digitized by PPRACHIN, SOA

ଛଇନାଥର ଅସ୍ତକୁ ଗଛଇ, ଛଇବ ତାର ଅଙ୍ଗେ ସରଛଇ,
ଛଇ ସ୍ନାନ ଦେଖି ତା ଅଙ୍ଗ ଛୁଇ, ଛଇରେ ଶୋଇବ ଦଳ ବଛଇ,
ଛଇରେ ଅଛଇ
ଛଇ ଶେଷରେ ଜୀବ ନଉଛଇ ।୭।

ଜନକ ନନ୍ଦନୀ ନେତ୍ର ଖଞ୍ଜନ, ଜନଙ୍କ ମଦନ ଧୈର୍ଯ୍ୟ ଭଞ୍ଜନ
ଜନରଞ୍ଜିନୀ ମୋ ମନରଞ୍ଜନ ଜନମ ସୁଫଳ ସେ ମୋ ଅର୍ଜନ,
ଜନଙ୍କ ରଞ୍ଜନ,
ଜନ ନକର ତା ସଙ୍ଗ ସର୍ଜନ ।୮।

ଝଟକୁ ଥାଇ ଦେହ ଝଲଝଟ, ଝଟକ ବିଜୁଳି ଜାଣି ପ୍ରଝଟ,
ଝଟତି ଚନ୍ଦ୍ରାକଲେ ଝଟ ଝଟ, ଝଟକାଇ ମାର ମାରେ ଅଝଟ,
ଝଟ ଝଟ ଝଟ
ଝଟକାଇ ତାର ମୁଖ ଉଝଟ ।୯।

ନତ ଭ୍ରୂକୁଟ ଯୁଗ ସମୁନ୍ନତ, ନତ କରଇ ଭୂଧର ଉନ୍ନତ
ନତ ବ୍ରତରେ କର ମୋତେ ନତ, ନ ତନୁରେ ମୋହୁଛି ମୋ ମନତ
ନତ ଅଙ୍ଗୀ ନତ
ନତଇ ଲୋକେ ନାହିଁ ସମାନତ ।୧୦।

ଟେକସ୍ତନା ମୁଖମଣ୍ଡଳ ଟେକ ଟେକରେ ନବ କମଳୀକ ଟେକ
ଟେକନ୍ତ ହେବ ମୁକୁଟ ଝଟକ ଟେକତାର ନାହିଁ ଭଙ୍ଗୀ ଛଟକ
ଟେକଇ ସେ ଟେକ
ଟେକ କଥାକୁ ନ ଢଣେ ସ୍ୱଟେକ ।୧୧।

ଠିକ ବରନା ବରନ ଠାଠିକ ଠିକଣା କରବ କେଉଁ ନୈଷ୍ଠିକ
ଠିକ କନକଟଗୋଷ୍ଠିତନୁ ଠିକ ଠିକରେ ବସ୍ଥାନ କଲ୍ଲ ଅଠିକ
ଠିକରୁ ସେ ଠିକ
ଠିକ ଉପମା ହେବ ଅଠାଠିକ ।୧୨।

ଡର ଡଗ ହୋଇ ଚୁମ୍ବି ଗଣ୍ଡର ଡର ଚେଜଇ ମଦନ ଘଟର
ଡର ପର ରତି ରସ ଖେଡ଼ର ଡର ଥାଇ କସେ ଥିଲେ କୋଡ଼ର
ଡରସ ଖେଡ଼ର
ଡରହିଁ ଥାଇଁ ମାରଡ଼ ଦଣ୍ଡର ।୧୩।

ଚରମାଚଳ—ଅସ୍ତାଚଳ, ଛଇନାଥ—ସୂର୍ଯ୍ୟ

Source: KC Dash, Digitized by PPRACHIN, SOA

ଢାଳ ଗୃହାଣୀ ହାସ ସୁଧା ଢାଳ,   ଢାଳଇ ତାର ଅଙ୍ଗଭଙ୍ଗୀ ଢାଳ,
ଢାଳରେ କୁଚ ଯୁଗଳ ସୁଢ଼ାଳ,   ଢାଳ ଶୋଭାକୁ ଢାଳଇ ଅଢାଳ,
ଢାଳପ୍ରଭ ଢାଳ
ଢାଳ କନକ ଶମ୍ଭୁ ଚୁମ୍ବୀ ଢାଳ ।୧୪।

ଅନ୍ତର ହେଲା ତାର ନେହ ଅନ୍ତ,   ଅନ୍ତ ରହିତ କଲା ମୋର ଶାନ୍ତ
ଅନ୍ତରାଳ କରୁଛି ମାର ଅନ୍ତ,   ଅନ୍ତକାଳ ଆସି ହୋଇଲା ଅନ୍ତ,
ଅତନୁ ନୟୁତ,
ଅନ୍ତଗା ରହିତ କଲା ମୋ ଅନ୍ତ ।୧୫।

ତରଙ୍ଗାକ୍ଷୀର ତନ୍ତଲେ ଉତ୍ତର   ତରସ୍ତୁଇଁ କାମ କରେ କାତର,
ତର ତର ଉଡ଼ାଉଡ଼ ବସ୍ତର   ତରକ ତନୁ ହେଲା ତରତର
ତରକେ ଅନ୍ତର,
ତରଳ ଶୋଭା ପଡ଼ଲେ ତତ୍ତ୍ୱର ।୧୬।

ଥରେ ଥରେ ପଡ଼ି ମନମଥରେ,   ଥରେ ଅପଘନ ମନ ପଥରେ,
ଥରକେ ତାହାକୁ ଦେବ ହାତରେ· ଥରେ ବୁଡ଼ିବ ଆନନ୍ଦ ପାଥରେ,
ଥରେ ତା ଅର୍ଥରେ,
ଥରେ ଜୀବ ଧରିବ କି ଅର୍ଥରେ ।୧୭।

ଦରହାସିନୀ ବଦନ ସୁନ୍ଦର,   ଦରପଣୁ ଦୂର କରେ ଆଦର,
ଦରଦାମ ରହିଲା ମୋ ହୃଦରେ,   ଦର ବଢ଼ିଲା ମଦନ ବାଧରେ,
ଦୂର କର ଦର,
ଦରଶନ ଦିଅ ପ୍ରିୟା ପାଦର ।୧୮।

ଧରଣୀ ମଣ୍ଡନାକୁ ଅବଧାନ,   ଧରିଣ କୋଳେ ହୁଅଇ ଉଦ୍ଧାର
ଧରିବ ଆଜ ସତେ ବାମାଧରୀ   ଧରିଛି ସେ ସୁଖ ଦୁଃଖ ନ ଧରି
ଧର ଜବାଧରୀ,
ଧରିଲା ଭାଗ୍ୟେ କେତେ ବସୁନ୍ଧରୀ ।୧୯।

ନର ନାୟକ ସୁତାରତନର,   ନରଖେ ଧୈର୍ଯ୍ୟ କାମ ବୈଶ୍ୱାନର,
ନରସିକ କଣ୍ଠୁ ରସମନର,   ନରସିବ ଅଶନ ବସନର,
ନରହେ ଧ୍ୟାନର
ନ ରଜନୀରେ ନିଦ୍ରା ନୟନର ।୨୦।

Source: KC Dash, Digitized by PPRACHIN, SOA

ପରମାନନ୍ଦଦାୟିନୀ ଉପର, ପରମ ଦଣ୍ଡ ଦେବ ହରପର,
ପରମେଶ୍ୱରୀ ହୋଇ ଚନ୍ଦ୍ରାପର, ପରଶୁଧର ଚନ୍ତ୍ରବ ତମୂର,
ପର ରତ୍ନପର,
ପରତାପ ହର ହେ ପୁରପର ।୨୧।

ଫଳଫୁଲେ ଶିବ ସେବନ୍ତ ଫଳ, ଫଳଫଳଣ କୁଚ ଶ୍ରୀଫଳ,
ଫଳରେ ଅଦୃଷ୍ଟ ଏଡ଼େ ବିଫଳ, ଫଳତ ନୋହୁଛି ଅର୍ଜିଲି ଫଳ,
ଫଳ ଭକ୍ଷ୍ୟ ଫଳ
ଫଳରେ ଏବେ ହୋଇଛି ନିଷ୍ଫଳ ।୨୨।

ବରଣ କରଣ ଘନ ଅମ୍ବର, ବରଷା କଲନ୍ତେ ଘୋର ଶମ୍ବର,
ବରଜବାଳୀ ଚନ୍ଦ୍ର ବିଡମ୍ବର, ବରବରଣୀ ମାଗୁଥିଲି ବର,
ବର ତନୁ ବର,
ବରନ ଶୋଭା ଅତି ଆଡ଼ମ୍ବର ।୨୩।

ଭାବବନ୍ତର ରତି ରସ ଭାବ, ଭାବନାରେ ହେଲି ହତ ପ୍ରଭାବ,
ଭାବନ୍ତ ମୁଖୀ ମୁଖ ଆବିର୍ଭାବ, ଭାବ ମୋ ଭାବ ହେବ ମ୍ଳାନଭାବ,
ଭାବରେ ଅଭାବ
ଭାବରେ ଦୁଷ୍ଟ ମଦନ ସ୍ୱଭାବ ।୨୪।

ମାନସ ବାସ ଚନ୍ଦ୍ର ରତ୍ନମାନ, ମାନସିକରେ କଲେ ଅନୁମାନ,
ମାନସ ସୁଚ କରଣ ଗୁମାନ, ମାନଇ ନାହିଁ କରେ ହତମାନ,
ମାନିନୀ ସମାନ,
ମାନବପୁରେ ନାହିଁ ଉପମାନ ।୨୫।

ଜୀବନଧର ଗାଢ଼େ ଗରଜିବ, ଜୀବବନ୍ଧୁ ଶୁଣି ମୋହ ଭଜିବ,
ଜୀବନ ଯଶର ଗୁଣ ମାଜିବ, ଜୀବନଦକେଶିନୀ କି ତେଜିବ,
ଜୀବନ ମୋ ଯିବ,
ଜୀବନେଶ୍ୱରୀ ଦୁଃଖେ ନ ମଜ୍ଜିବ ।୨୬।

ରସବନ୍ତର ଶତ ଘନରସ, ରସଇ ନାହିଁ ମନେ ଆନରସ,
ରସ ବିହୀନେ ଯେସନେ ସାରସ, ରସକନୀ ତେଜ ହେଲି ବିରସ
ରସ ଆବରଣ,
ରସବନ୍ତର ମୁଖ ଆଦରଣ ।୨୭।

ଜୀବନଦ—ମେଘ, ବନପତି ମଧ୍ୟା—ସିଂହ କଟିପରି କ୍ଷୀଣକଟି ଯାହାର

Source: KC Dash, Digitized by PPRACHIN, SOA

ଲକ୍ଷ ରହିତ ତାହାର ବିଲକ୍ଷ,   ଲକ୍ଷଣାରେ ସୁଦ୍ଧା ହେବ ଆଲକ୍ଷ
ଲକ୍ଷଣହୀନ ଶଶୀ ଲକ୍ଷ ଲକ୍ଷ   ଲକ୍ଷଣେ ତାମୁଖକୁ ନୁହେଁ ଲକ୍ଷ
ଲକ୍ଷଣ ସଲକ୍ଷ
ଲକ୍ଷଣା ମଣ୍ଡନା ହେଲା ଦୁର୍ଲକ୍ଷ ।୨୮।

ବନଜମୁଖୀ ମୋ ଜୀବଜୀବନ,   ବନ ହେଲା ତାର ବିନୁ ଭବନ
ବନପତି ମଧ୍ୟା ବିକାଶେ ବନ,   ବନ ଦହନୁ ବଳିଲା ପବନ,
ବନଜାକ୍ଷୀ ବନ,
ବନମୀନ ପ୍ରାୟେ ସେ ମୋ ଅବନ ।୨୯।

ସରସିଜନେତ୍ରାକୁ ପଞ୍ଚଶର,   ଶର ପେଶୁଥିବ ମର୍ମ ଦେଶର,
ସରସ ମୁଖ ହେବନି ଧୂସର,   ସରସ ରଜନୀ ହେବ ଅସର,
ଶରଣ ଦାସର
ଶରଧା ବଳିଥିବ ମାନସର ।୩୦।

ଶରଦ ବିଧୁମୁଖୀ ଶୋଭା ସାର,   ଶାରଦା ବର୍ଣ୍ଣି ହେବ ହତସାର
ସାରସାକ୍ଷୀ ଜାତ କରି ସଂସାର,   ସାରସ ସୁତ କଲା କେଉଁ ସାର,
ସାରଙ୍ଗ କେ ସାର,
ସାରଙ୍ଗ ନେତ୍ରୁ ଗଳୁଛି ଅସାର ।୩୧।

ଶରଦଶଶୀ ବଦନୀ ହାସର,   ସରଣୀରେ ଦୃଷ୍ଟି କରି ପ୍ରସାର
ସରସ କେଳି ଚିନ୍ତ ମାନସର,   ଶରଧା ନଥିବ କେଶ ଲେଶର,
ସରସିଜ ଶର
ଶରଣ ଗଲେ ଦହିବ ଶେଷର ।୩୨।

ହରନ୍ତା ଏକାଳ ସଂଗେ ମୋହର,   ହଃ ମୋହିନୀ ରତି ମନୋହର,
ହରଷେ ରସ ମଣନ୍ତା ପ୍ରହର,   ହରନ୍ତି ରସେ କରି ପରିହାର,
ହରର ପଦର
ହରଇ ବିବେକ ସୀମା ଦେହର ।୩୩।

କ୍ଷଣପ୍ରଭାଂଗୀର ସେ ବିଚକ୍ଷଣ   କ୍ଷଣ ଦେଶ ପ୍ରିୟୁ ରସ ଲକ୍ଷଣ
କ୍ଷଣମାତ୍ର ଚିନ୍ତ କମଳେକ୍ଷଣ   କ୍ଷଣକେ କହେ ବାଣ ଭୂରକ୍ଷଣ
କ୍ଷଣା ଈକ୍ଷଣ
କ୍ଷଣକେ କରୁଛି ଧର୍ମ୍ମମୋକ୍ଷଣ ।୩୪।

Source: KC Dash, Digitized by PPRACHIN, SOA

ଶୃଙ୍ଖଳା ବନ୍ଧ ଚଉତିଶା

(ରାଗ-ବଙ୍ଗଳାଶ୍ରୀ)

କୁନ୍ଦ କଳିକା ରଦନା ପ୍ରାଣମଣି ତେଜ ତୁ ମାନ ନକର,
କର ଅନୁଗ୍ରହ ମୋରେ ମନ୍ଦହାସୀ ନୋହୁଣ ପ୍ରାୟେ ପ୍ରଖର ।୧।

ଖର ନିଃଶ୍ୱାସ ସନ୍ତତେ ତେଜୁଅଛୁ ମହୀତଳ ନିରେଖିଣ,
କ୍ଷୀଣ ଉଦସ୍ତ କରି ନାହିଁ ମୁଁ ତୋରେ ଜାଣିବାରେ ଦୋଷଗଣ ।୨।

ଗଣନା କଲେ ଅକାରଣେ ମୋ ଦୋଷ ନିଷ୍ଟେ ସଭକ୍ଷି ଗର,
ଗରବ ମୋର ଏତେକ ସହିଲ୍ପନ ବନ୍ଧୁ ତୋ କୋପ ସଂହର ।୩।

ଘର ଘୋରବନ ସମ ମୋତେ ହେଲା ତୋ ବିନୁ ଘନଜଘନା,
ଘନାଘନ ଦେଖି ପ୍ରସନ୍ନ ପ୍ରସନ୍ନ ନୋହୁଛୁ କମ୍ପାରେ ଚନ୍ଦ୍ରାନନା ।୪।

ଙାନା ସୁମଦନ ମୋହନ ଶସ୍ତ୍ର ରକ୍ଷା ବିଧାନ ମନରେ,
ନରେଶନନ୍ଦନା କଲେ ମୁଁ ମଣ୍ଡିବ ହାର ତୋ ବେନି କୁଚରେ ।୫

ଚରେ ମୋ ମୃଗନେତ୍ର ତୋ ତନୁବନେ ସନ୍ତତରେ ସହଚରୀ,
ଚରିତ ତୋର ଚେତାଇ ମାରିବ ଯେ ଘେନିଣ କେତକ ଛୁରୀ ।୬।

ଛୁରିଅନା କେଳି ଉପବନେ ଛନେ ବସିଥିଲୁ ସ୍ୱଚ୍ଛାରେ,
ଛୁର ମଲିଣି ଦେଖି ତୋର ସେ ଶୋଭା ପଦବୀ ସୁରରାଜା ଶରେ ।୭।

ଜାର ରକ୍ଷାରୁ ତାକୁ କାମ ଅନଳ ତୋ ଆଗେ ଦେଉଛୁ ଜାଳି,
ଜାଳି ତା ସମନ୍ତେଁ ରମ୍ଭା ମେନକା ଆଦି ନାରୀଗଣ ଝୁଳ ।୮।

ଝୁଲୁଛି ତୋରୂପ ନୟନରେ ମୋର ତେଣୁ ମୁଁ ହେଉଛି ଝାମ,
ଝାମ ଗୁଳିବ ତୋ ବିନୁ ଆନ ଥିଲେ ହେଲା କାଳରୁ ଜନମ ।୯।

ଞ ମଣି ଦୋଷ ସେବକ ଜନଠାରେ ଏତେ କୋପ କରନକ,
ଞ କଳ ସ୍ୱର···ମୋ ତନୁଗଲେ ତୋ ଦେଖ ସୁନ୍ଦରଟିକ ।୧୦।

ଟିକ ଟିକ କରି କାଟୁଛି ମଦନ ମୋ ତନୁ ବଦନ ଟେକ,
ଟେକ ପୀରତି ଯାରେ କରି ତାଠାରେ ଏ ସେବକକ ଠିକ ।୧୧।

ଗର—ବିଷ, ଝାମ ଗୁଳିବା—ପଣା ସଂକ୍ରାନ୍ତିରେ ରଜ୍ଜ ନିଆଁ ଉପରେ ପାଦୁଆମାନେ ଗୁଳନ୍ତି ।

Source: KC Dash, Digitized by PPRACHIN, SOA

ଠିକ ଶରଣାଗତ ଜନରଖିବା କଥା ଉଚିତ ତୋଠାରେ,
ଠାରେ ନୟନର ମୋତେ ରକ୍ଷାକର ତୁଚ ଗଣିତ ବଡରେ ।୧୨।

ଡରେ ମୁଁ କାତର ତୋ କୁଚ ଶଙ୍କର ସେବନ୍ତୁ ନକର ଡକା,
ଡକାଇ ନେବା ତୋ ଚତୁଆଇ କାମ ନାଶୁଛୁ ବଜାଇ ଢକ୍କା ।୧୩।

ଢକ୍କା ଆବୃ ଦେଶ ବୁଲିବ ତୋ ତନୁ ଯେବେ ପ୍ରୀତି ଦେବୁ ଢାଳ,
ଢାଳ ଅଧର ଅମିୟ ଦେଇଯାକୁ ଚାକୁ ନ ନାଶିଲେ ଆଳ ।୧୪।

ଆଲିଙ୍ଗନ ଦାନ ଦିଅ ପ୍ରାଣଧନ ନ ନାଶୁ କାମ ଗୁଆଁର,
ଆରତ ମୋର ଭାଞ୍ଜିପାରୁ ନବ ଲାବଣ୍ୟ ଉତ୍ତର ।୧୫।

ତରଳାକ୍ଷୀ ଯେବେ ପ୍ରସ[illegible]ନୋହିଲୁ ଯେଣେମୋ ସେବା ମାତର,
ତରସ୍ତ ହେଉଛି ମଦନ ବା[illegible]ର ମୋ ତନୁ ହୁଏ ଅଥିର ।୧୬।

ଥିର ନୁହେଁ ବୁଦ୍ଧି ମୋର କାମକାଣ୍ଡେ ହୃଦ ହୁଏ ଥର ଥର,
ଥରକ ମୋ ଦୋଷ କ୍ଷମାକର ପ୍ରିୟେ ତୁଟିଯାଉ କାମ ଦର ।୧୭।

ଦରହାସିମା ଦରିଦ୍ର ମୂର୍ତ୍ତି ମୋରେ ଦିଅ ରତ୍ନଧନ ଦାନ,
ଦାନବାରିଦ ପାଦ ତୁଚ୍ଛ ମୁଁ ନ ମଣିବି ଲଭିଲେ ତୋ ପ୍ରୀତିଧନ ।୧୮।

ଧମ୍ମଣ୍ଡ୍ରମା ତୁଚ ଜାଣୁ ମଣି ନୟନ୍ତୁ ନ ତେଜ ମାର,
ଧନ ସମ୍ପତ୍ତି ବିପତ୍ତି ମଣିବି ମୋତେ ବାରେ କୋଳେ ଧର ।୧୯।

ନରଙ୍କ ଚନ୍ଦ୍ରମୁଖ ତୋଳ ଦେଖି ମୋ ଭାଗ୍ୟ ଦିଶୁ ନୟନର,
ନରତ୍ନ ନିଷ୍ଠୁରେ ମୋର ଜୀବ ଯିବ ରଖ ହୋଇ ସ୍ନେହପର ।୨୦।

ପରମ ଦୟାଳୁ ତୁଚ ରମାବର ମୋହର ମନ୍ଦ କପାଳ,
ପାଳନା ନକର କାମ ମୁଖେ ଦେଲୁ ତେଣୁ ମୁଁ ହେଲି ବିଫଳ ।୨୧।

ଫଳ ମୋ ତପତରୁର ତୋର ତନୁ କାମ ନାଶି ହେଲା ଫୁଲ,
ଫୁଲ୍ଲାରବିନ୍ଦ ନୟନେ ଢାଳ ମୋତେ ରୁହୁଁ କନା ନବବାଳା ।୨୨।

ବାଳାର୍କ ସମ ତୋ ମୁଖଚନ୍ଦ୍ର ଦେଖି ଯିବଟି ମୋର ଜୀବନ,
ବନଜାନନୀ ବାରେ ମାତ୍ର ପ୍ରସନ୍ନ ହୁଅ ତୁ ନକର ଭିନ୍ନ ।୨୩।

Source: KC Dash, Digitized by PPRACHIN, SOA

ଭିନ୍ନ ଅଞ୍ଜନକେଶୀ ନିଜ ଜନରେ କର କି ଏ ଅବିଚାର,
ଚାର ମୋର ହେଲ ତନୁ ଧରିବାର ଯେଣୁ ନାଶୁଅଛୁ ମାର ।୨୪।

ମାର ମୋ ଦୋଷ ଜାଣି ପ୍ରାଣ ପ୍ରେୟସୀ ତୋ ନେତ୍ର ବିଶିଖ ମୋରେ,
ମୋରେଖା ତୋ ଜନଗଣନାରେ କର ଚନ୍ଦ୍ରା ମୋର ତନୁଜାରେ ।୨୫।

ଯାରେ କେଳିଧନ ଦେଇ ଏଣୀ ଦୃଶୀ ତାରେ ନକର ବିଯୋଗ,
ଯୋଗଭଞ୍ଜିମା ତୁ ଯୋଗୀଜନଙ୍କର ମୋରେ କର ଅନୁରାଗ ।୨୬।

ରାଗବନ୍ତ ନେତ୍ର ନକର ସଜନି କୋପ କର ତୁ ବିରାମ,
ରାମନେତ୍ରୀ ଦୟା ନକଲେ ମୋ ଗତ ରତି କର ତୁ ବିଲୋମ ।୨୭।

ଲୋମଶରୁ ସ୍ଥିର ଦେହ ହେଲେ ତୋତେ ଦେଖିଣ ଯିବ ଉଲ୍ଲସି,
ଲସିଯିବାରକ ମୋ ତନୁ ଅଧିକ ତୋର ବିନ୍ଦୁ ଝୀନବାସୀ ।୨୮।

ବନ୍ଦିବାରେ ତୋର ନିନ୍ଦା କରେ ପଙ୍କଜକୁ ପ୍ରାଣବନ୍ଧୁ,
ବନ୍ଧୁଜୀବାଧରି ହସି କହି ମୋତେ ରଖରେ କରୁଣାସିନ୍ଧୁ ।୨୯।

ସିନ୍ଦୂର ଟମକା ତୋର ବିନ୍ଦୁ ମାର ମାରୁଛୁ ଘୋର ବିଶିଖ,
ଶିଖର ବଦନି ମୁଁ ତୋର ସେବକ ନକର ମୋତେ ବିମୁଖ ।୩୦।

ସୁଖଦାୟିନି ବିନୟ ଘେନ ମୋର ହୁଅ ତୁ ବାରେ ପ୍ରସନ୍ନ,
ସନମତ ବାଣୀ ନକଲେ ମୋହର କରିବ ବିଷ ଅଶନ ।୩୧।

ସନକାଦି ଋଷି ଦେଖି ମୋହ ଯିବେ ଏ ତୋର ବଦନଶଶୀ,
ଶଶୀହାସୀ ତୋର ଚରଣ ଧରୁଛି ଗୃହାଁ ମୋତେ ମନ୍ଦହାସୀ ।୩୨।

ହଂସଗତି ତା ଶୁଣିକାନ୍ତ ସଙ୍ଗତେ ହରଷେ କଲା ବିହାର,
ହାର ଦୂର କର ଭଙ୍ଗାଭଙ୍ଗ ହେଲେ ଯେସନ୍ତ ମିଶେ ନୀର କ୍ଷୀର ।୩୩।

କ୍ଷୀର ସିନ୍ଧୁ ସୁତା ପତି ପାଦପଦ୍ମେ ଦେଇଣ ବେନି ଈକ୍ଷଣ,
କ୍ଷଣକେ ଏ ରସ ଭଞ୍ଜରାଜତନୟ ହର ଶରଣ ।୩୪।

Source: KC Dash, Digitized by PPRACHIN, SOA

କୋକିଳ ଚଉତିଶା

(ରାଗ—ଆହାରୀ)

କୁଞ୍ଜବନ କଳାନିଧି କଳାନିଧି କଳାନିଧି ଦେବ ଶ୍ରୀହରି,
କହନ୍ତି ସେ କଳକଣ୍ଠୀ ପତି ପାଶେ କଳକଣ୍ଠୀ ପ୍ରୀତି ସୁମରି
କୋକିଳ, କି କରୁଥିବ ରାମାମଣି
କୁସୁମ ସାୟକ ସାୟକ ସାୟକ ସାୟକ ବିନ୍ଧୁଥିବ ଟାଣି ।୧।

ଖଞ୍ଜନ ନୟନା କଟକ କଟକ କଟକ କଟକ ଶୋଭିନୀ,
ଖେଦ ନ ଘେନିବ ହାଟକ ହାଟକ ହାଟକ ସୁମନ ମୋହିନୀ ।
କୋକିଳ, କ୍ଷିତି ମଣ୍ଡନା କଞ୍ଜାନନା
ଖଞ୍ଜିଥିଲି ପ୍ରତି କଟକ କଟକ କଟକ ସୁସ୍ତନା ଗମନା ।୨।

ଗଳାମାଳା ମୋର ପ୍ରିୟକ ପ୍ରିୟକ ପ୍ରିୟକ ପ୍ରିୟକ ଦେଖିବ,
ଗଞ୍ଜଣା ନକର ପ୍ରିୟକ ପ୍ରିୟକ ପ୍ରିୟକ ନେଇ ମୋହିଯିବ ।
କୋକିଳ, ଗୁଣମଣି କେବେହେଁ ବଞ୍ଚିବ
ଗରୁ ସମ ମଣି ତରଳ ତରଳ ତରଳ ଡୋଳା ହୋଇଥିବ ।୩।

ଘେନିବ ପୁନ୍ନାଗ ପୁନ୍ନାଗ ପୁନ୍ନାଗ ପୁନ୍ନାଗ ଦେଖି ଚମକିବ ।
ଘନକେଶୀ ଅଙ୍ଗ ପରଶେ ପରଶେ ପରଶେ ପଘଣ ଲଭିବ ।
କୋକିଳ, ଘୋଷୁଥିବ ପ୍ରୀତି ନକର
ଘନେ ନାଶୁଥିବ କଦମ୍ବ କଦମ୍ବ କଦମ୍ବ କାଦମ୍ବ ଗହ୍ଵର ।୪।

ନଗ୍ରହୁଁ ଥିବ ସେ ଗଣିକା ଗଣିକା ଗଣିକା ଗଣିକା ଗାମିନୀ,
ନୟନ ତା ମଳ ନଳିନ ନଳିନ ନଳିନ ହସୁଥିବ ପୁଣି ।
କୋକିଳ, ନରେଖୁଚ ଥିବ ଧରଣୀ
ନ ଘେନି ତିଳକ ତିଳକ ତିଳକ ତିଳକ ତିଳକ ରଞ୍ଜିନୀ ।୫।

ଚତୁର ଚନ୍ଦ୍ରମା ଚନ୍ଦ୍ରମା ଚନ୍ଦ୍ରମା ସଦନ ଭାନୁସମ ଘେନି ।
ଚୁମ୍ବିଲେ କରିବ ମୋ ନାମ ତାରକ ତାରକ ତାରକ ମନ୍ତ୍ରନୀ
କୋକିଳ, ଚନ୍ଦ୍ରମୁଖୀ କେବେହେଁ ସହିବ
ଚୁମ୍ବିଲେ ମଦନ ମଦନ ମଦନ ମଦନ ମଦନ ଦହିବ ।୬।

କଟକ—ରାଜଧାନୀ, ପାଦଭୂଷଣ; ପ୍ରିୟକ—ଭ୍ରମର, କୁଙ୍କୁମ ଚନ୍ଦନମୃଗ, ପିଆଶାଳ, ମହୁମାଛି, ହାତୀ ଦାନ୍ତର ଭୂଷଣ
ପୁନ୍ନାଗ—ନାଗେଶ୍ୱର, ଅଣ୍ଡିରା ହାତୀ; ତିଳକ—ଚିତା, ତିଳବୃକ୍ଷ, ଅଶ୍ୱ ବିଶେଷ, ପୁରୁଷ ଶ୍ରେଷ୍ଠ, ଅଣ୍ଡିରା ସାପ

Source: KC Dash, Digitized by PPRACHIN, SOA

ଛମା ନଧି ମୋର ହାର କଣ୍ଠହାସ କଣ୍ଠହାସ କଣ୍ଠ ବଚନି
ଛଇଳ ଶ୍ରୀକର କୁମୁଦ କୁମୁଦ କୁମୁଦ କୁମୁଦ ହାସିନି ।
କୋକିଳ ଛିତରେ ପଡଥିବ ଧନ
ଛଣେ ଶୁଣି ସୁତକଣ୍ଠ ସୁତକଣ୍ଠ ସୁତକଣ୍ଠ ମୃଦୁ ବଚନ ।୭।

ଜୀବନ ଜୀବନ ଜୀବନ ଜୀବନ ଧର ସୁକୁନ୍ତଳା ତେଜିବ,
ଜଗତ ନଳିନୀ ନଳିନୀ ନଳିନୀ ନଳିନୀ ଯେବେ ନିରେଖିବ ।
କୋକିଳ, ଜବାଧର ଜନରଞ୍ଜନା
ଜଗତ ସୁରଭି ସୁରଭି ସୁରଭି ସୁରଭି ସୁରଭି ବରନା ।୮।

ଝାମ ସିବ କାଳକଣ୍ଠ କାଳକଣ୍ଠ କାଳକଣ୍ଠ ସୁବାଣୀ ଶୁଣି,
ଝଳକ ବୁଧ ଧରିଥିବେ ବୈକୁଣ୍ଠ ବୈକୁଣ୍ଠ ମାନସ ହାରିଣୀ ।
କୋକିଳ, ଝାଳେ ତନ୍ତୁଥିବ ଶରୀର
ଝଡ଼ିଥିବ ତାର ଅଧର ଅରୁଣ ଅରୁଣ ଅରୁଣ ନିକର ।୯।

ଞସ୍ତପ୍ରେ ପନ୍ନଗ ପଳାଶ ପଳାଶ ପଳାଶ ପଳାଶ କରିବ,
ଞରଜ ନାଗର ନାଗର ନାଗର ବରଷା ସମାନ ମାନିବ ।
କୋକିଳ, ଞରଦ କାଳେ କି କରିବ
ଞରତେ କଣ୍ଟକ କଣ୍ଟକ କଣ୍ଟକ କେସର ଜାତ ହେଉଥିବ ।୧୦।

ଟେକେଣ ରମଣୀ ରମଣୀ ରମଣୀ ଏକାନ୍ତେ ଚିନ୍ତୁଥିବ ବସି,
ଟାଣ ଅନଳ ମଣିବ ଘନସାର ଘନସାର ସାର ସୁକେଶୀ ।
କୋକିଳ, ଟଳି ପଡୁଥିବ ମୋ ସଖୀ
ଟାଣ କଟାକ୍ଷୀ ମୋ ଜୀମୂତ ଜୀମୂତ ଜୀମୂତ ଦେଖିହେବ ଦୁଃଖୀ ।୧୧।

ଠିକେଣ ଦେଖିବ ଚଞ୍ଚଳା ଚଞ୍ଚଳା ଚଞ୍ଚଳା ଚଞ୍ଚଳା ଭଜିବ,
ଠାଠିକ ସେବ୍ରତ ସେବ୍ରତ ସେବ୍ରତ ସେବ୍ରତ ତାର ବନାଶିବ ।
କୋକିଳ, ଠକ ଶମ୍ବର ଚଢକ
ଠିକ କୁଚ ଜଳାହକ ବଳାହକ ଦମ୍ଭ ନାଶନେ ଟାଣୁଥିବ ।୧୨।

ଡମ୍ବରୁମଧ୍ୟାର ଅଶୋକ ଅଶୋକ ଅଶୋକ ଅଶୋକ ନାଶିବ
ଡାଳିମ୍ବ ଦଶନ ମଣ୍ଡନ ଅଳକ ଅଳକ ଅଳକ କରିବ ।
କୋକିଳ, ଡୋଳା ପିତୁଳା ଅବଳାକୁ
ଡୋଳାଇଲା ଚଞ୍ଚରିକ ଚଞ୍ଚରିକ ଚଞ୍ଚରିକ ଚମ୍ପା ଶୋକକୁ ।୧୩।

ଚନ୍ଦ୍ରମା — ଚନ୍ଦ୍ର, କର୍ପୂର; କୁମୁଦ - କଇଁ ଫୁଲ, ରୌପ୍ୟ, କର୍ପୂର; ନାଗର—ଶର, ମେଘାଚ୍ଛନ୍ନ ଦିବସ, ନୈଋତ କୋଣର ଦିଗ୍‌ଗଜ ହସ୍ତୀ; ଜୀବନ—ପ୍ରାଣ, ଜଳ; କଳକଣ୍ଠ—କୋଇଲି, ହଂସ, ମଧୁର ସ୍ୱର

Source: KC Dash, Digitized by PPRACHIN, SOA

ଛଳ ଥିବନକ କମଳ କମଳ କମଳ ସମେତ ଶଯ୍ୟାରେ,
ଡାଲେ ଯେନ ପଦ୍ମ କୋରକ କୋରକ କୋରକ ଉରସ ପ୍ରକାରେ ।
କୋକିଳ, ତାଙ୍କ ନଖୁଣ୍ଟିବ ସଧୀରେ
ତାଳେ ବୋଲୁଥିବ ସୁପର୍ଣ୍ଣ ସୁପର୍ଣ୍ଣ ସୁପର୍ଣ୍ଣ ନରଖି ଅଙ୍ଗରେ ।୧୪।

ଏକ କର କୁଚେ କଦନ କଦଳୀ କଦଳୀ କଦଳୀ ନୟନେ
ଏବେ ମଣୁଥିବ ରଙ୍ଗିଣୀ ପାବକ ପାବକ ପାବକ ସମାନେ ।
କୋକିଳ, ...
ଅଙ୍ଗ ନାସାରଙ୍ଗ ସାରଙ୍ଗ ସାରଙ୍ଗ ବଚନ ଶୁଣି ହେବ ଭୋଳା ।୧୫।

ଛା ନେଇ କରିବ ସାରଙ୍ଗ ସାରଙ୍ଗ ସାରଙ୍ଗ ଧର ସୁତବାଣୀ,
ଚରଣୀ ମଣ୍ଡିବ ଅଞ୍ଜନ ଅମୃତ ଅମୃତ ଅମୃତ କନ୍ଦଣୀ
କୋକିଳ, ଭୁଙ୍ଗସ୍ତମ୍ଭ ମୋତେ ଗ୍ରସିବ
ଛାର ରୁନ୍ଧି ହେବ ଶ୍ରୀକଣ୍ଠ ଶ୍ରୀକଣ୍ଠ ଶ୍ରୀକଣ୍ଠ ଭରଣ ଭଣିବ ।୧୬।

ଥିବ ଦୂର କରି ପୁଲକ ପୁଲକ ପୁଲକ ହେବ ଅଙ୍ଗେ ଜାତ
ସ୍ଥିର ଗନ୍ଧ କରେ ମଲ୍ଲିକା ମଲ୍ଲିକା ମଲ୍ଲିକା ଗୃହେଁ ହେବ ହତ ।
କୋକିଳ, ଥିଲା ମେ ତାଙ୍କୁ ଏତେ ଦଶା
ଥିରେ ନାଶୁଥିବ ବବେକ ବବେକ ବବେକ ଗମନ ସୁଦଶା ।୧୭।

ଦୂର କରୁଥିବ ବନବନ ମାଳକା ମାଳକା ମାଳକା ମାଳକା,
ଦହିବ ମଦନ ମାଳକା ମାଳକା ମାଳିକା ନନ୍ଦନେ ବାଳକା ।
କୋକିଳ, ଦର କଣ୍ଟକ ନେ ଦୁଃଖକ
ଦୁଃଖ ଧ୍ୱଂସିନୀ ମଣ୍ଡିବ ଅଳକ ଅଳକ ଅଳକ କରକୁ ।୧୮।

ଧୀରେ ଗୁହ୍ନିଁ ନେଇ କକୁଭ କକୁଭ କକୁଭ କକୁଭ କକୁଭ,
ଧବଳ ସଦନ ଗଦନ ଗଦନ ଗଦନ ପ୍ରାୟେ ଅସୁଲଭ ।
କୋକିଳ, ଧୀରେ ଥିବ କେତେ ଜୀବନ
ଧୀରେ ଶୁଣିକରି ଗହନ ଗହନ ଗହନ ମୁଖୀ ଚେତକ୍ଲାନ ।୧୯।

ନତନୁ ପରିଚା ପରିଧ ମରିଧ ପରିଧ ପ୍ରାୟେ ଥିବ ହୋଇ,
ନେଇ କଳା କଉଶିକ କଉଶିକ କଉଶିକ ଚାହ ଦଶଇ
କୋକିଳ, ନବ ଅଙ୍ଗନା ଶିରୋମଣି
ନୟନ କେଶଶ୍ୱ କେଶଶ୍ୱ କେଶରୀ କଟି ନବେଶି କରମଣି ।୨

ପଲାଶ—ପଲ୍ଲବ, ମାଂସ ଖାଦକ, ଫୁଲ ପାଖୁଡ଼ା;
ଚଞ୍ଚଳା—ଲକ୍ଷ୍ମୀ, ପୃଥିବୀ, ଅସ୍ଥିର; ଅଶୋକ – ବୃକ୍ଷ ବିଶେଷ, ବିଷ୍ଣୁ, ସମ୍ରାଟ ଅଶୋକ, ଦୁଃଖଶୂନ୍ୟ ବ୍ୟକ୍ତି; କମଳ—ଜଳ, ପଦ୍ମ, ମୃଗ ବିଶେଷ, ସାରସ ପକ୍ଷୀ; ସାରଙ୍ଗ—ଚାତକ, ହସ୍ତୀ, ଭ୍ରମର, ବଂଶୀ, ମହୁମାଛି, ବିଷ୍ଣୁଙ୍କ ଧନୁ

Source: KC Dash, Digitized by PPRACHIN, SOA

ପଦ୍ମନେତ୍ର ଟେକ ଚାହିଁଲେ କେଶରୀ କେଶରୀ ଭଜିବ ମଣ୍ଡିକ,
ପଡ଼ିବେ ମୂର୍ଚ୍ଛାରେ ପତଙ୍ଗ ପତଙ୍ଗ ପତଙ୍ଗ ଦେଖିଲେ ସନ୍ତିକ ।
କୋକିଳ, ପୀନସ୍ତନୀ ଏହା ସନ୍ତିଳ
ପଦ୍ମସମ୍ପର୍କର ଲେଉଣ ଆଲୋକ ଆଲୋକ ଆଲୋକ ହୋଇଲା ।୨୧।

ଫୁଟହାସୀ ହେବ ବ୍ୟଳକ ବ୍ୟଳକ ବ୍ୟଳକ ଘାତ ମୋର ଶୁଣି,
ଫେନୋଟି ନରୁହିଁ କାଳକା କାଳକା କାଳକା ପଗ୍ରେୟୂକ ମଣି ।
କୋକିଳ, ଫୁରୁଣା ଗୁଡ଼ିଥିବ ପ୍ରାଣ,
ଫୁଲଲଟପୁଣା କେକୀ କ କଳାପ କଳାପ କଳାପ ଦେଖିଣ ।୨୨।

ବଦନ ତା ସମ ଲକ୍ଷଣ ଲକ୍ଷଣ ଲକ୍ଷଣ ମୋ କାମଜ୍ୱରକୁ,
ବାରେ ହେବ କି ତା ଲକ୍ଷଣ ଲକ୍ଷଣ ଲକ୍ଷଣ ମାର ଜିଣିବାକୁ ।
କୋକିଳ, ବାଳା କୋମଳା ରସିକମା,
ବସି ରହୁଁଥିବ ପଦ୍ମିନୀ ପଦ୍ମିନୀ ପଦ୍ମିନୀ ଗାମାନା ମୋ ଧମା ।୨୩।

ଭଜିଥିବ ଯେବେ ରଜତ ରଜତ ଚଜତ କାମ ମୁଖେ ପଡ଼ି,
ଭଲେ ନରୁହିଁବ ହରତ ହରତ ହରତନେତ୍ରୀ ନେତ୍ର ଫେଡ଼ି ।
କୋକିଳ, ଭବବନ୍ତ ଭବ ଜାଣଇ,
ଭଲ ଦୂର ହେଲ ଭବନୀ ଭବନୀ ଲଜ୍ଜାରେ ଜୀବ ଯାଉ ନାହିଁ ।୨୪।

ମଣିବ ଗରଳ ସମାନ କୁମୁଦ କୁମୁଦ କୁମୁଦ ହୋଇବ,
ମଦାଳସୀ ଦୂର ହୋଇଲ କୁମୁଦ କୁମୁଦ କୁମୁଦ ହୋଇବ ।
କୋକିଳ, ମହା ଘୋର ଭସ୍ମ ପଗଣ;
ମନେ ରଚୁଥିବ କାନନ କାନନ କାନନ କାନନ ମଣିଣ ।୨୫।

ଘୋଷାମଣି ମୀନ କେତନ କେତନ କେତନ କେତନରୁ ଫାଇ,
ଯେବେ ରୁହିଁବେ କାଞ୍ଚନ କାଞ୍ଚନ କାଞ୍ଚନ ତେବେ ମୋହ ଯାଇ ।
କୋକିଳ, ଜଳଜନେତ୍ରା ସଖୀଜନ,
ସୁବର୍ଣ୍ଣ ଶରୀର କାଞ୍ଚନ କାଞ୍ଚନ କାଞ୍ଚନ କରିବେ ଲେପନ ।୨୬।

ରମଣୀ ବନ୍ଧନ ବନ୍ଧନ ବନ୍ଧନ ରହିଁ ଚଳ ଭ୍ରମ ହୋଇବ,
ରଚନ୍ତ ତାହାର ବନ୍ଧନ ବନ୍ଧନ ବନ୍ଧନ ଭାର ତେଜିଥିବ ।
କୋକିଳ, ଲସା ରଶବ ନଖେ ବସି,
ସମା ଅନାଇଣ କୁସୁମ କୁସୁମ କୁସୁମରେ କର ନବେଶି ।୨୭।

ମାଳିକା—ମଲ୍ଲୀଫୁଲ, ଫୁଲହାର, ଦୁହିତା; କକୁଭ—ବଗ, ଅର୍ଜୁନ ବୃକ୍ଷ, କୁଟଜ; ପରଦ—ସୁଜ୍ଞାସ୍ତ୍ର, ତୋରଣ, ପର୍ବତ, ଘଟ; କଉଶିକ—ପେଚକ, ବିଶ୍ୱାମିତ୍ର, ଦେଉଳ, ସାପୁଆ କେଳା; କେଶରୀ—ସିଂହ, କେଶର ବିଶିଷ୍ଟ, ନାଗେଶ୍ୱର; ପତଙ୍ଗ—ସୂର୍ଯ୍ୟ, ବାଣ, ମହୁମାଛି, ଝିଣ୍ଟିକା, ଶର, ପକ୍ଷୀ; ପଦ୍ମିନୀ—ପଦ୍ମ, ପଦ୍ମିନୀ ଜାତୀୟା ସ୍ତ୍ରୀ

Source: KC Dash, Digitized by PPRACHIN, SOA

ଲୀଳା ବଳାସିନୀ ଗଜଗ୍ରି ଗଉଗ୍ରି ଗଜଗ୍ରି ପଗସ୍ପେ ମଣିବ,
ଲଳିତ ଗଜଗ୍ରି ଗଜଗ୍ରି ଗଜଗ୍ରି ରମଣ ନଚ୍ଚ୍ୟ କରୁଥିବ ।
କୋକିଳ, ଲସ୍ପେ ଥିବ ତାର ମୋତନ୍ତି,
ଲାବଣ୍ୟ ଅଧର ଗଜର ଗଉର ଗଜର ହୋଇଥିବ ନାନ୍ତି ।୨୮।

ବ୍ୟଥିତ ହୋଇ ଗୃହୁଁଥିବ ହରଣ ହରଣ ହରଣ ନୟନା,
ବନ୍ଧବ ବଶିଖ କକୁଦ କକୁଦ କକୁଦ ପରବେଷ ହେନ ।
କୋକଳ, ବାଣୀ ନଶୁଣିବ ତାହାର
ବଡ଼ ଦୁଃଖେ ଗୃହିଁଥିବ ବନ୍ଧୁଜୀବ ବନ୍ଧୁଜୀବଜିତ ଅଧର ।୨୯।

ସିଞ୍ଚୁଥିବେ ଏବେ ପୁଷ୍କର ପୁଷ୍କର ପୁଷ୍କରରେ ତାର ସଜନୀ
ସଜନୀ ଧରଥିବେ ଚଣ୍ଡ ପୁଷ୍କର ପୁଷ୍କର ପୁଷ୍କର ଗମନୀ ।
କୋକିଳ, ଶଶୀ ଆନନୀ ହେଲା ଦୁଃଖୀ
ଶୀର୍ଣ୍ଣ ହୋଇଥିବ ଅନାଇ ପୁଷ୍କର ପୁଷ୍କର ଲେଉଟୁଥିବେ ସଖୀ ।୩୦।

ଶଶାଙ୍କ ସଙ୍ଘାତ ସଙ୍ଘାତ ସଙ୍ଘାତ ବଶିଖ କରିବ ହୃଦରେ,
ସୁମନା ସୁମନା ସୁମନା ମନ୍ତ୍ରନା ଦାନ ହେବ ଯମ ଉରରେ ।
କୋକଳ, ସବୁ ନଥିବ ଦିବାରାତ୍ର,
ଶୋକ କରୁଥିବ ଅନାଇ ସୁମନା ସୁମନା ସୁମନସ ଚନ୍ଦ୍ର ।୩୧।

ନକଳ କରିବ ଯମକ ଯମକ ଯମକଅରି ସୁତଶରେ,
ଶୋଇ ନଥିବ ସେ ପଲଙ୍କେ ପଲଙ୍କେ ମୋର କେଳି ଗୁଣି ମନରେ ।
କୋକିଳ, ଶଶୀକଳା ପ୍ରାୟେ ହେବନ,
ଶ୍ରବଣେ ଶୁଣିତା ଅଳସକ ଅଳସକ ଅଳସକ ମଧୁନ ।୩୨।

ହେବନ ତା ମୁଖ ବନଜ ବନଜ ବନଜ ମନ୍ଥନ ପରିଏ,
ହଂସଗତି କରିବାକୁ ଶିବ ଶିବ ଶିବ ଗୁଣୁଥିବ ହୃଦୟେ ।
କୋକିଳ, ହେଳାବଣ୍ଟି ପାଶେ କହିବ,
ହେଲେ ନାଶୁଅଛି ଦର୍ପକ ଦର୍ପକ କେ ଏଥରୁ ମୋତେ ତାରିବ ।୩୩।

କ୍ଷମାସିନ୍ଧୁ ଧାଉଁ ବୃଷାଙ୍କ ବୃଷାଙ୍କ ବୃଷାଙ୍କ ବୃଷାଙ୍କ ଦହୁଛି,
କ୍ଷିତି ମନ୍ତ୍ରନା ମନ୍ତ୍ରନାକୁ କହିବୁ କରଧରି ତେ'ତେ କହୁଛି ।
କୋକିଳ, କ୍ଷଣେ ଆଗମନ ବ୍ରଜକୁ,
କ୍ଷେମେ ରକ୍ଷାକର ଉପେନ୍ଦ୍ର ଉପେନ୍ଦ୍ର କୁଞ୍ଜ ମଙ୍ଗଳଜକୁ ।୩୪।

Source: KC Dash, Digitized by PPRACHIN, SOA

କମଳାକାନ୍ତ ଚଉତିଶା

କମଳାକାନ୍ତ ବାହନ   ଭକ୍ଷ୍ୟଧାଣ୍ଡ ନାଗଯାନ
ତା ସୁତ ତା ରିପୁ ପୂର୍ଣ୍ଣ ମୁଖ ମଳିନ ।
କନକପୁର ଯାହାର   ତା ରିପୁ ଦୂତ ଭଣ୍ଡାର
କରନ୍ତୁ ପାଣି ସଂଯୋଗ ରବ ସୂଚେଣ
କୁଚେ ପଡ଼େ କଙ୍କଳ ପାଣି
କଣ୍ଠ ରିପୁ ପତି ପତି ଶିରେ କ ଜାଣି ।୧।

ଖସିଛୁ କବରୀ ଭାର   ପଡ଼ିଛୁ ରସନାପର
ଖଗରିପୁ ଗଗନରେ ଯେସନେ ଶୋଭ
......ମୃଗମଦ   ଭାଲରେ ଚନ୍ଦନ ବନ୍ଦ
ସମ୍ପୂର୍ଣ୍ଣ ଉଦୟେ ଦ୍ୱିଜରାଜକ ଅବା
ଖଞ୍ଜଣି ତୋ କର୍ଣ୍ଣେ କୁଣ୍ଡଳ
ଖଗପତି ସୁତର ମୁକୁର ମଣ୍ଡଳ ।୨।

ଗଜଶିରେ ମୋତିଫଳ   ପ୍ରବାଳେ ମିଶ୍ରିତ ମାଳ
ଗଳାରୁ କାଢ଼ିକି କୋପେ ଥୋଇଛୁ ତଳେ,
ଗଙ୍ଗାଧର ନାରୀଯାନ   ରିପୁଦନ୍ତ ପଲଙ୍କେଣ
ନଶୋଇ ଶୋଇଛୁ କକେ ସାରଙ୍ଗ ମେଳେ,
ଗୋବନ୍ଦକୁ କଳେକ ମାନ
ଗଙ୍ଗାଧରଧାରୀ ମୁଖୀ ତୁ ମୋ ଜୀବନ ।୩।

ଘୃତ ଭୋଗୀ ରିପୁ ଆଜ   ଘଟେଣ ମୁଖ ବରାଜ
ଘୂର୍ମିତ ବିଶୁଛି ବନ ସୁତ ଲୋଚନ
ଘାତେକ କରି ଅଇରି   ରିପୁ ଅଙ୍ଗେ ଯେହ୍ନେ ଘାରି
ଘନଘନ ହାଇ ଶ୍ୱାସ ମନବମନ
ଘଟେଣ ତୋ ଅଳକା କାନ୍ତ
ଯେନ ବଦରଇ ଚନ୍ଦ୍ର ଚକୋର ପନ୍ତ ।୪।

ନୂତନ ମୁକୁର କାନ୍ତି   ନଦେ ଗଣ୍ଡସ୍ଥଳ ଜ୍ୟୋତି
ନବେଶିଛୁ ଶଶପତି ବାହନ ଛନ୍ଦିଁ

Source: KC Dash, Digitized by PPRACHIN, SOA

ଙଖରେ ସାରଙ୍ଗ ଶର   ଆକଳ ସାରଙ୍ଗଧର
ନୀଳକଣ୍ଠ ଶିରରେକି ସାର ଗଢ଼ଇ
ନୀଳକଣ୍ଠ ସାରଙ୍ଗ ଉରେ
ନଷ୍ଟପ୍ରେ ଧରିଛି ମୁଖ ସାରଂଗ ପରେ ।୫।

ଚନ୍ଦ୍ର ତାତ ସୁତ ନାସେ   ନଷ୍ଟେ ମାର ଫାଶ କିସେ
...............ନିଶ୍ୱାସ ଜାଣି
ଚଣ୍ଡାତପେ ତାପ ନାଶେ   ଦେଖାଗଲା ତିଳ ପୁଷ୍ପେ
ଶୁକ ମୁଖ ନାସାସ୍ପୁର ହରଣ କରି
ରୁରୁ ବିମ୍ବଫଳ ଅଧର
ଛନ୍ଦ ପନ୍ଦ ପଲ୍ଲବକି ଜାଣି ମନ୍ଦାର ।୬।

ଛୀରୋଦ ନନ୍ଦନାମାଳ   ସିନ୍ଦୂରେ କରଣ ମେଳ
ଛନ୍ଦିଲା ଦଶନ ଶ୍ରେଣୀ ସୁସଞ୍ଚ କର
ଛୀଣ କଟିରୂପୁକାନ୍ତ   ତା ଶପୁ ତାହାର ମିତ
ତା ବାଣୀ ବିଧାତା ତୋର ସୁକଣ୍ଠେ ପୂର
ଗୁଡ ତାପ କନ୍ଦ ବଚନ
ଛପେ ଯାଉ ଶୁଣି ମୋ ବିଶିଷ୍ଟ ଲାଞ୍ଛନ ।୭।

ଜଳଜ ବିଧାତା ଆଣି
ଯତନେ ଆନନ ଚକ୍ଷୁ ନିର୍ମାଣ କଲା,
ଯୋଗୀତପ ହତକାର   ରୁଦ୍ରାଣୀ ବିଶିଖ ଶର
ଭ୍ରୂଲତା ରୂପ ଅଞ୍ଜନ ଗୁଣ ରଞ୍ଜିଲା
ଯନ୍ତ୍ର ଯୋଗଧାମ ଦେଖିଲେ
ଯିବ ତା ଧୈର୍ଯ୍ୟପଣ ତୋତେ ରୁହିଁଲେ ।୮।

ଝାଡ଼ପତ୍ର ସୁନ୍ଦରପୁ   ମଣି ବିରାଜଇ ବପୁ
ଝସ କେତନ ଆସନ ମଧ୍ୟେ ବିରାଜେ
ଝଟକ ଜ୍ୟୋତି ବିରାଜ   ନନ୍ଦେ ସୁର ମାର ତେଜ
ହିରଣ୍ୟ ବେନ ଶପୂନ ଅରୁଣ ମାଝେ
ଝଟକଇ ରୋମାଞ୍ଚ ଶ୍ରେଣୀ
ଝରେ ହେମ ଗିରିରୁ କ ନ୍ଦର ଧାରଣୀ ।୯।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ଞୀଳକଣ୍ଠଙ୍କର ବାଦ୍ୟ ଞିନ୍ଦଇ ତୋହୋର ମଧ୍ୟ
କଶରିପୁ ଠାଣିକାଣ ତୋଠାଣି ବାମା
ଞୀଳବସ୍ତ୍ର ଆଭରଣ ସାରଙ୍ଗ ଜ୍ୟୋତି ଯେସନ
ଞିର୍ମଳ ସ୍ୱରଣ୍ୟ ତନୁ ଅଣ ଉପମା
ନବଦ୍ୱଇ ସମୀର ଭୟେ
ଞୀରଜ ନୟନା କଟି ଭାଙ୍ଗିବା ଭୟେ ।୧୦।

ଟୋପ ତୋ ଞିମଗ୍ନ ନାଭି ଦେଖି ମୁନିଯୋଗ ଭଙ୍ଗି
ଟାକ ପଣ କେ କରିବ ନୟନେ ଦେଖି
ଟାଣେଣ ମକର ଧ୍ୱଜ ପୀଡ଼ଇ ଅତ୍ୟନ୍ତ ତେଜ
ଟାଣ ତୋ ସ୍ୱମନ ଦେଖି ମୁହିଁ ଞିର୍ମାଖି,
ଟୋପେ ପଡ଼ି କୁରଙ୍ଗୀ ଯେସନେ
ଟୋପ ନାଭି ରସ କୂପେ ମନ ଞିମଗ୍ନେ ।୧୧।

ଠୁଳ ତୋ ଞିତମ୍ବ ଶ୍ରେଣୀ ନାଗମଣି ଶୋଭା ଜିଣି
ଠୁଳେ ପ୍ରବେଶଇଲା ପିତାମହ ଆସନ
ଠୁଳକର ଲକ୍ଷ୍ୟବାନ ଞିର୍ମଳ ସୁକାଞ୍ଚନ
ଞିର୍ମାଣିଛି ଉମାରମା ତଥି ଚରଣ
ଠାଣ ବାଳ ଅଜ ପୟର
ଠାଠିକେ ରହିଲା କହେ ପଣ୍ଡିତ ପିଅର ।୧୨।

ଡାଳିମ୍ବ କୁସୁମ ଜବା ପଲ୍ଲବ କୁମୁଦ ଆଭା
ପ୍ରବାଳ ଜ୍ୟୋତି ଅଙ୍ଗୁଷ୍ଠି ସ୍ୱରଣ୍ୟ ମୁଦ୍ର,
ଡାହାଣ ସୁହାଗ ରୂପୁ ଞିର୍ମାଣିଲା ମଞ୍ଜୀରକୁ
ଡରେଣ ଶରଣ ଅଳ ବାଣିଜ୍ୟ ଇନ୍ଦ୍ର,
ଡାକ ସୁମାଧୁରୀ ଯେତେକ,
ଡେଶିଲା ବିଧାତା ଆଣି ମଞ୍ଜୁ ତେତେକ ।୧୩।

ଢାଳ ବାନ୍ଧ ନେ...
ଢାଳ ପ୍ରବେଶଇଲା ତହିଁ ସୁର ଆହାର
ଢଳଢଳ ରସାଣରେ ଞିର୍ମାଣିଲା ଧାତାକରେ
ଢାଳେ ନ ହଣଇ ଗାଦ ଶିଖ ଶଶୀର
ଢାଳେ ପଦ୍ମ ପଦେ କି ଜଳ
ଢାଳେ ଜନମିଛୁ ତୁମ୍ଭେ ବରଜକୁଳ ।୧୪।

Source: KC Dash, Digitized by PPRACHIN, SOA

ଅଙ୍ଗ ତୋ ଅରୁଣ ଛବି   ଅନଙ୍ଗ ଦେଖି ନିର୍ଜିବ
ଅନଙ୍ଗ ଉତ୍ପତ୍ତି କାନ୍ତ ଦେଖି ମୋହିତ
ଆଉକେ ଅଛି ଜଗତେ   ନୟନେ ଦେଖିଣ ତୋତେ
ସୁର ନର ମୁନି କେବା ଧରିବ ଚିତ୍ତ,
ଅଣଦେଖା କରୁଛୁ ମୋତେ
ଅଦୋଷେ ଦୋଷିଲେ କ୍ଷମା ଦୋଷିବେ ତୋତେ ।୧୫।

ତ୍ରିଲୋଚନ ଧ୍ୟାନ ଭଙ୍ଗ   କରିଣ ଯାନ୍ତେ ଅନଙ୍ଗ
ତନକ ପିଅର ମୂଳେ ସାରଙ୍ଗ ଥୋଇ,
ନିତି ଏକ ମୁଖ ଯାର   ନିର୍ମାଣିଲା ଧାତା ତୋର
ତୁଙ୍ଗ କୁଚ ଦେନି ସ୍ଥିତି ଯୌବନ ଦୁଇ
ତୋର କଣ୍ଠେ ତ୍ରିଣା ଖଞ୍ଜିଲା
ତୁ ତାଙ୍କୁ ଗୃହାନ୍ତେ ଚନ୍ଦ୍ର ସୁତ ହଜିଲା ।୧୬।

ସ୍ଥାନର କୁଚ ଉପରେ   ସ୍ଥାନ ଦେଖା ତୋ ହୃଦରେ
ହିରଣ୍ୟ ଲିଙ୍ଗ ଯୁଗଳ ହୋଇ ରହିଲା
ଥୋଇଛୁ ଅମିୟ ଚିହ୍ନି   ପ୍ରତ୍ୟକ୍ଷ ମୋତେ ଦିଶଇ
ଥାଣୁ ଶିରେ ଦ୍ୱିଜରାଜ ଚନ୍ଦ୍ର ଉଇଁଲା
ଥୋଇ ସୁଧା ହେମ କୁମ୍ଭରେ
ସ୍ଥିରେ ମୁଦିଲା ବିଧାତା ନୀଳ ମଣିରେ ।୧୭।

ଦଶରଥ ଲୋକ ଗତେ   ଦେବ ସ୍ତ୍ରୀ ସ୍ୱ ମଣି ଯେତେ
ଦୁଇ ପାଦେ ତୁଳନା ତୋ ନୋହିବେ କେହି
ଦୈତ୍ୟ ଦେବ ନାଗନର   ଗନ୍ଧର୍ବ ଯକ୍ଷ କିନ୍ନର
ଦୂରୁ ଚନ୍ଦ୍ର ନଖକୁ ହସଇ ଗ୍ରହିଁ
ଦିନ ମଣି ଦେଖା କୁଣ୍ଡଳ
ଦିବ୍ୟ ତେଜ ତେଜ ଯେହ୍ନେ ଘନ ମଣ୍ଡଳ ।୧୮।

ଧୀର ଗତି ଦେଖି ତୋର   ବନ ତେଜ କରୀବର
ଧାତ ଯାନ ନିରେଖିଣ ଗତି ଗ୍ରୁଡ଼ିଲା
...   ...
ଧିକ୍କାରି ଆପଣା କୁଳ ବାଣୀ ମୂର୍ଚ୍ଛିଲା,
ଧାୟୀ ସାରଙ୍ଗକୁ ବସିଲୁ
ଧିକ ତୋ ସରିଜୀବନ ଯୋତେ ମୂର୍ଚ୍ଛିଲୁ ।୧୯।

Source: KC Dash, Digitized by PPRACHIN, SOA

ଚଉତିଶା ସଞ୍ଚୟନ

ନୟନ ହରିଣୀ ମୀନ   ଖଞ୍ଜନ ଗତି ଲୋଚନ
  ନନ୍ଦଇ ଅଞ୍ଜନରେଖା ଏମନ୍ତ ହସେ
ନୀରଜ କୁସୁମ କାନ୍ତି   ବସିଣ ହୋଇଛି ଦୁଲନ୍ତ
  ନାରାୟଣ ଦୂତ ତାତ ନନ୍ଦନ କସେ
   ନୟନୁ ତୋ କାଶ ଗଳୁଛି
  ନୀରଜ ନନ୍ଦମାକୁ ଖଞ୍ଜନ ଗିଳୁଛି ।୨୦।

ପାଣି ତୋ ପାଣିଜ ମୂଳ   ହିରଣ୍ୟ ଦନ୍ତ ଯୁଗଳ
  କର ଶୁଣ୍ଢ ଜିଣି ଅତି ବଳିତ ଶୋଭା,
ପଦ୍ମରାଜ ଜପାମାଳି   ବାଜୁବନ୍ଧ ବାମେ ଟାଳି
  ପବନ ହରିଣ୍ୟ ଚୂଡ଼ି ତୋ ଭୁଜେ ଶୋଭା
  ପାଣିତୋ କୋକନଦ ମଣ୍ଡନ
  ପଲ୍ଲବ ଅଙ୍ଗୁଷ୍ଠି ନଖେ କଡ଼ି କରଞ୍ଜ ।୨୧।

ପୁଟି ହେମ ତଟ ଭେଦ   ବହୁଛି କାଳନ୍ଦୀ ନଦୀ
  କୁଟିଳ କୁନ୍ତଳ ଲମ୍ବେ ପିଠି ମଧ୍ୟରେ,
ପିଠି କଟି ଶ୍ରେଣୀ ଦେଇ   ସଙ୍ଗମ ହୋଇଛି ତହିଁ
  ରସ ସିନ୍ଧୁ ନୀର ତୋର ନାଭି ଟୋପରେ
   ମରଦର ଘୁରୁଛି ତହିଁ
  ପୁଟି ଖୋଜେ ଗଙ୍ଗା ଭାଗୀରଥୀକି ପହିଁ ।୨୨।

ବଦନ ଟେକି ନଚାହୁଁ   ବଚନ କିକେ ନକହୁ
  ହସ୍ତରିଚ୍ଛୁ ନଷ୍ଟେ ମୋର ପ୍ରାଣ ହରିତେ,
ବୈଦ୍ୟ ହୋଇ କରି ଯେବେ   ମନ୍ତ୍ରକୁ ଚକିତ୍ସା ହବେ
  ବାଇ ପିତେ ଉଷଦେଲେ ଦ୍ରବେ କେମନ୍ତେ
   ବୀଜ ପୋତି ଅଙ୍କୁର କଲୁ
  ବାରି ନଦେଇଣ ଭବ ହାସେ ନାଶିଲୁ

ଭବରେ ଉଜଳ ତୋତେ   ଭାବେ ତୁ କିଣିଲୁ ମୋତେ
  ଭନ୍ନ ତେବେ କିମ୍ପାକରୁ ମୃଗାଙ୍କ ମୁହିଁ
ଭୁଇଁ ଛୁଇଁ ଜଳେ ହାଥ   କରିଛି ତୋରେ ସଂଗାତ
  ଭୁମି ...   ମୋ କେଶ୍ବ
   ଭନ୍ନ ଦେଖ ନିଜ ସେବକ
  ଭୁବନେ ଶୁଣିଲେ କିସ ବୋଲିବେ ଲୋକ ।୨୪।

Source: KC Dash, Digitized by PPRACHIN, SOA